# ଭାରତ-ସମ୍ବିଧାନ

ଅଧ୍ୟାପକ ପ୍ରଭୁ ପ୍ରସାଦ ପାଣିଗ୍ରାହୀ
ଅଧ୍ୟାପକ କୃଷ୍ଣଚନ୍ଦ୍ର ମହାନ୍ତି

ଓଡ଼ିଶା ରାଜ୍ୟ ପାଠ୍ୟ ପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା
ଭୁବନେଶ୍ୱର

Digitized by srujanika@gmail.com

# ଭାରତ-ସମ୍ବିଧାନ

ଲେଖକ ଦ୍ୱୟ :

ଅଧ୍ୟାପକ ଶ୍ରୀ ପ୍ରଭୁପ୍ରସାଦ ପାଣିଗ୍ରାହୀ ଏମ୍. ଏ.

ଜିଲ୍ଲା ଯୁବ ସଂଯୋଜକ,

ନେହେରୁ ଯୁବ ସଂଯୋଜକ,

ନେହେରୁ ଯୁବକ କେନ୍ଦ୍ର, ବ୍ରହ୍ମପୁର, ଗଞ୍ଜାମ

ଓ

ଅଧ୍ୟାପକ ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତ ଏମ୍. ଏ.

ଶିକ୍ଷକ ଗବେଷକ, ରାଜନୀତି ବିଜ୍ଞାନ ବିଭାଗ ଉତ୍କଳ ବିଶ୍ୱବିଦ୍ୟାଳୟ,

ବାଣୀବିହାର ଭୁବନେଶ୍ୱର

୧୯୮୧

ପ୍ରକାଶକ :

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା

ଭୁବନେଶ୍ୱର

# CONSTITUTION OF INDIA

**( For Degree Students )**

Published under the centrally sponsored scheme of production of books and literature in Regional Languages at the University level by the Government of India in the Ministry of Education and Social Welfare ( Department of Education ), New Delhi.

*Written by* :

**Shri Prabhu Prasad Panigrahi, M.A.**
District Youth Coordinator
Nehru Yuvak Kendra, Berhampur. Ganjam

**Shri krushna Chandra Mohanty, M. A.**
Teacher Fellow, Department of Political Science,
Utkal University, Vani Vihar, Bhubaneswar.

*Reviewed by:*

**Dr. Shree Ramchandra Dash. M. A. P.hd** ( Berlin )
Former Professor of Political Science. Utkal University.

*Language Scrutinised by:*

**Dr. Dhaneswar Mohapatra. M. A.** ( Oriya & Sanskrit
Lecturer in Oriya.
Ravenshaw College, Cuttack

**Smt. Haripriya Mohapatra. M. A.** (Oriya & Sanskrit) **B. Ed.**

*Published by* :

**THE ORISSA STATE BUREAU OF TEXT BOOK PREPARATION AND PRODUCTION**
**BHUBANESWAR**

*First Edition* - 1981 / 1100 copies

© All rights reserved by the Publisher. No part of this book may be reproduced in any form or by any means without the written permission from the Publisher.

*Publication No-323*

Paper used for the printing of this book was made available by the Government of Orissa at concessional rate.

*Printed at*:

**Sri Laxmi Printers.**
Bhubaneswar-9

**Price-Rs.17. 00**

# ମୁଖବନ୍ଧ

ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାଦ୍ୱାରା ରାଜନୀତି ବିଜ୍ଞାନର ଅନେକ ବହି ପ୍ରକାଶିତ ହୋଇଛି । ଆଞ୍ଚଳିକ ଭାଷାରେ ଶିକ୍ଷାଦାନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଦିଗରେ ଉକ୍ତ ସଂସ୍ଥାର ଉଦ୍ୟମ ବାସ୍ତବରେ ପ୍ରଶଂସନୀୟ । ମୁଁ ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥାଦ୍ୱାରା ବି.ଏ. ଶ୍ରେଣୀ ସକାଶେ 'ଭାରତ-ସମ୍ବିଧାନ' ପୁସ୍ତକଟି ଲେଖିବାପାଇଁ ମନୋନୀତ ହୋଇଥିବା ଯୋଗୁଁ ଗର୍ବ ଅନୁଭବ କରୁଛି । ନିର୍ଦ୍ଦେଶକ ଶ୍ରୀ ସଙ୍କର୍ଷଣ ମହାପାତ୍ର ଏବଂ ପ୍ରକାଶନ ସହକାରୀ ଶ୍ରୀ ବିଜୟଚନ୍ଦ୍ର କରଙ୍କ ସକ୍ରିୟ ଉଦ୍ୟମ ଯୋଗୁଁ ବହିଟି ପ୍ରକାଶିତ ହେଉଥିବାରୁ ମୁଁ ସେମାନଙ୍କ ନିକଟରେ ହାର୍ଦ୍ଦିକ କୃତଜ୍ଞତା ଜଣାଉଛି ।

ଏହି ପୁସ୍ତକର ଶତକଡ଼ା ପଞ୍ଚାନବେ ଭାଗ ପାଣ୍ଡୁଲିପି ତିନି ଚାରିବର୍ଷ ତଳୁ ଲେଖାସରିଛି । ବିଭିନ୍ନ ଅନିବାର୍ଯ୍ୟ କାରଣବଶତଃ ପୁସ୍ତକ ପ୍ରକାଶନରେ ବିଳମ୍ବ ଘଟିଛି । ମୋ ଦ୍ୱାରା ଲିଖିତ 'ରାଜ୍ୟ ସରକାର' ବିଭାଗର 'ରାଜ୍ୟପାଳ' 'ମନ୍ତ୍ରିପରିଷଦ' ଓ 'ରାଜ୍ୟ ବିଧାନମଣ୍ଡଳ' ପରିଚ୍ଛେଦର ଲେଖାଗୁଡ଼ିକ କୌଣସି କାରଣବଶତଃ ପ୍ରକାଶ କରାନଯାଇ ସେହି ସ୍ଥାନରେ ଅନ୍ୟ ଲେଖା ପ୍ରକାଶ ପାଇଛି । ବହିର ସଂଶୋଧିତ ସଂସ୍କରଣରେ ଉକ୍ତ ପରିଚ୍ଛେଦଗୁଡ଼ିକରେ ମୋ ଲେଖା ପ୍ରକାଶ ପାଇବ ବୋଲି ମୋର ବିଶ୍ୱାସ । ସେ ଯାହାହେଉ ଆଜି ଯେତେବେଳେ ମୋର ପୁସ୍ତକଟି ପ୍ରକାଶିତ ହେବାକୁ ଯାଉଛି ମୁଁ ବିଶେଷ ଆନନ୍ଦ ଉପଲବ୍ଧି କରୁଛି । ଆମ ସମ୍ବିଧାନର କେତେକ ପରିବର୍ତ୍ତିତ ବିଷୟ ପୁସ୍ତକର ଷୋଡ଼ଶ ପରିଚ୍ଛେଦରେ ଦିଆଯାଇଛି । ଭାରତର ସମ୍ବିଧାନ ତ ଏକ ସଦା ପରିବର୍ତ୍ତିତ ଗ୍ରନ୍ଥ । ଅନ୍ୟାନ୍ୟ ପରିବର୍ତ୍ତନ ପୁସ୍ତକର ଦ୍ୱିତୀୟ ସଂସ୍କରଣରେ ସ୍ଥାନ ପାଇବ । 'ଭାରତ ସଂବିଧାନ' ପୁସ୍ତକଟି ଅଧ୍ୟାପକବନ୍ଧୁ ଏବଂ ଛାତ୍ର ଭାଇଭଉଣୀଙ୍କ ଦ୍ୱାରା ଆଦୃତ ହେବ ବୋଲି ମୋର ବିଶ୍ୱାସ ।

'ଭାରତ ସଂବିଧାନ' ପୁସ୍ତକ ପ୍ରଣୟନ ପଛରେ ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ଅବସରପ୍ରାପ୍ତ ପ୍ରଫେସର ଓ ବିଭାଗୀୟ ମୁଖ୍ୟ ଡକ୍ଟର ଶ୍ରୀରାମଚନ୍ଦ୍ର ଦାଶଙ୍କ ଆଶୀର୍ବାଦ ରହିଛି । ଅନେକ ଲବ୍ଧ ପ୍ରତିଷ୍ଠିତ ରାଜନୀତି ବିଶାରଦ ଡକ୍ଟର ଦାଶଙ୍କ ସଂସ୍ପର୍ଶ ଓ ପରାମର୍ଶ ଯୋଗୁଁ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଛନ୍ତି । ମୁଁ ସେହି ଭାଗ୍ୟବାନ ବ୍ୟକ୍ତିମାନଙ୍କ ମଧ୍ୟରୁ ଜଣେ ଯିଏ କି ଡଃ ଦାଶଙ୍କଠାରୁ ପ୍ରେରଣା ଲାଭ କରିଛି ।

ଭଦ୍ରକ ମହାବିଦ୍ୟାଳୟରେ ଅଧ୍ୟାପନା କରୁଥିବା ସମୟରେ 'ଭାରତ ସଂବିଧାନ' ପୁସ୍ତକ ରଚନା କରିବାପାଇଁ ମୋତେ ଆଦେଶ ମିଳିଥିଲା । ଜଣେ ଉତ୍ତମ ଅଧ୍ୟାପକ ଓ ଲେଖକ ହେବାର ପ୍ରେରଣା ମୁଁ ଭଦ୍ରକ ମହାବିଦ୍ୟାଳୟର ତତ୍କାଳୀନ ଅଧ୍ୟକ୍ଷ ଶ୍ରୀ ତ୍ରିଲୋଚନ ମିଶ୍ରଙ୍କଠାରୁ ପାଇଛୁ । ଭଦ୍ରକ ମହାବିଦ୍ୟାଳୟର ମୋର ପ୍ରିୟ ଛାତ୍ରଛାତ୍ରୀଙ୍କ ତତ୍ପରତା ମଧ୍ୟ ମୋର ବହିଲେଖା ଉତ୍ସାହକୁ ଦ୍ୱିଗୁଣିତ କରିଥିଲା ।

ଓଡ଼ିଶାର ଛାତ୍ରଛାତ୍ରୀମାନେ ଆଞ୍ଚଳିକ ଭାଷାରେ ଶିକ୍ଷାଲାଭ କରିବାପାଇଁ ଆଗ୍ରହ ପ୍ରକାଶ କରି ଓଡ଼ିଆ ଭାଷାକୁ ସମୃଦ୍ଧ କରନ୍ତୁ ଏବଂ ଲେଖକ ତଥା 'ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା'କୁ ଉତ୍ସାହିତ କରନ୍ତୁ ଏହାହିଁ ମୋର କାମନା ।

ପ୍ରଭୁପ୍ରସାଦ ପାଣିଗ୍ରାହୀ
ତା ୩୦ । ୩ । ୮୯
ଜିଲ୍ଲା ଯୁବ-ସଂଯୋଜକ
ନେହେରୁ ଯୁବକ କେନ୍ଦ୍ର, ବ୍ରହ୍ମପୁର

●

# ପ୍ରସ୍ତାବନା

ବିଶ୍ୱବିଦ୍ୟାଳୟ ସ୍ତରରେ ମାତୃଭାଷା ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥା ଭାରତ ସରକାରଙ୍କ ଜାତୀୟ ଶିକ୍ଷା କାର୍ଯ୍ୟକ୍ରମରେ ନୀତିଗତ ଭାବେ ଗୃହୀତ ହୋଇଛି; କିନ୍ତୁ ମାତୃଭାଷାରେ ଉପଯୁକ୍ତ ପାଠ୍ୟପୁସ୍ତକର ଅଭାବ ଏହାର ପ୍ରଧାନ ପ୍ରତିବନ୍ଧକ । ତାହା ଦୂର କରିବାପାଇଁ ବିଭିନ୍ନ ରାଜ୍ୟସରକାର ଆଞ୍ଚଳିକ ଭାଷାରେ ପାଠ୍ୟପୁସ୍ତକ ପ୍ରକାଶନର ବ୍ୟବସ୍ଥା କରିଛନ୍ତି । ଓଡ଼ିଶାରେ "ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା" ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକ ପ୍ରକାଶନପାଇଁ ଉଦ୍ଦିଷ୍ଟ । ଏହି ସଂସ୍ଥାର ଆନୁକୂଲ୍ୟରେ ବିଭିନ୍ନ ବିଷୟରେ ଶତାଧିକ ଉପାଦେୟ ପୁସ୍ତକ ପ୍ରକାଶିତ ହେଲାଣି । ସଂଶିତ ଭାରତ-ସମ୍ବିଧାନ ପୁସ୍ତକଟି ବହୁ ବାଧାବିଘ୍ନ ମଧ୍ୟ ଦେଇ ଏବେ ପ୍ରକାଶିତ ହେବାକୁ ଯାଉଛି । ଏହି ପୁସ୍ତକଟି ସ୍ନାତକ ଶ୍ରେଣୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କପାଇଁ ଉଦ୍ଦିଷ୍ଟ ଏବଂ ଏହାର ପ୍ରକାଶନପାଇଁ ବହୁ ଛାତ୍ର ଅନୁରୋଧ କରିଛନ୍ତି । ଉକ୍ତ ପୁସ୍ତକଟିର ଯୁଗ୍ମପ୍ରଣେତା ହେଉଛନ୍ତି ନେହେରୁ ଯୁବକ କେନ୍ଦ୍ରର ଜିଲ୍ଲା ଯୁବ ସଂଯୋଜକ ଅଧ୍ୟାପକ ଶ୍ରୀ ପ୍ରଭୁପ୍ରସାଦ ପାଣିଗ୍ରାହୀ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଶିକ୍ଷକ ଗବେଷକ ଅଧ୍ୟାପକ ଶ୍ରୀ କୃଷ୍ଣଚନ୍ଦ୍ର ମହାନ୍ତି । ଶ୍ରୀ ପାଣିଗ୍ରାହୀ ପୁସ୍ତକଟିର ଶତକଡ଼ା ନବେ ଭାଗ ଲେଖିଥିବା ବେଳେ ଶ୍ରୀ ମହାନ୍ତି ପୁସ୍ତକଟିର ବାକି ରହିଯାଇଥିବା ଅଂଶତକ ରଚନା କରି ପୁସ୍ତକଟିକୁ ଲୋକଲୋଚନକୁ ଆଣିବାରେ ସଂସ୍ଥାକୁ ବିଶେଷ ସାହାଯ୍ୟ କରିଛନ୍ତି । ପୁସ୍ତକଟିକୁ ସମୀକ୍ଷା କରିଛନ୍ତି ସ୍ୱନାମଧନ୍ୟ ଲେଖକ ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ପ୍ରଫେସର ଡକ୍ଟର ଶ୍ରୀରାମ ଚନ୍ଦ୍ର ଦାଶ । ଏହାର ଭାଷାଗତ ତ୍ରୁଟି ସଂଶୋଧନ କରିଛନ୍ତି ରେଭେନ୍‌ସା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡକ୍ଟର ଧନେଶ୍ୱର ମହାପାତ୍ର ଓ ସଂସ୍ଥାର ଭାଷା ବିଶେଷଜ୍ଞା ଶ୍ରୀମତୀ ହରପ୍ରିୟା ମହାପାତ୍ର । ଏହି ଅବସରରେ ଆମେ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରୁଅଛୁ ।

ଏହି ପୁସ୍ତକଟି ଛାତ୍ର, ଛାତ୍ରୀ, ଅଧ୍ୟାପକ ଓ ଅଧ୍ୟାପିକା ମହଲରେ ବିଶେଷ ଆଦୃତ ହେବ ବୋଲି ଆମର ଆଶା ଓ ବିଶ୍ୱାସ ।

ଭୁବନେଶ୍ୱର
ତା ୨୪ । ୩ । ୮୯

ସଙ୍କର୍ଷଣ ମହାପାତ୍ର
ନିର୍ଦ୍ଦେଶକ

# ସୂଚୀପତ୍ର


| ପରିଚ୍ଛେଦ | ବିଷୟ | ପୃଷ୍ଠା |
|---|---|---|
| ପ୍ରଥମ ପରିଚ୍ଛେଦ | | |
| | ଐତିହାସିକ ପୃଷ୍ଠଭୂମି | ୧-୧୯ |
| ଦ୍ୱିତୀୟ ପରିଚ୍ଛେଦ | | |
| | ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ସାମ୍ବିଧାନିକ ଅଗ୍ରଗତି | ୨୦-୩୩ |
| ତୃତୀୟ ପରିଚ୍ଛେଦ | | |
| | ପ୍ରସ୍ତାବନା | ୩୪-୪୪ |
| ଚତୁର୍ଥ ପରିଚ୍ଛେଦ | | |
| | ଭାରତୀୟ ସମ୍ବିଧାନର ପ୍ରଧାନ ଲକ୍ଷଣ | ୪୫-୬୦ |
| ପଞ୍ଚମ ପରିଚ୍ଛେଦ | | |
| | ମୌଳିକ ଅଧିକାର | ୬୧-୮୯ |
| ଷଷ୍ଠ ପରିଚ୍ଛେଦ | | |
| | ରାଷ୍ଟ୍ରର ନିର୍ଦ୍ଦେଶକ ନୀତି | ୯୦-୧୦୦ |
| ସପ୍ତମ ପରିଚ୍ଛେଦ | | |
| | ଭାରତୀୟ ରାଷ୍ଟ୍ରସଂଘର ପ୍ରକୃତି | ୧୦୧-୧୪୧ |
| ଅଷ୍ଟମ ପରିଚ୍ଛେଦ | | |
| | ଭାରତୀୟ ଇଉନିୟନ | ୧୪୨-୧୯୧ |
| ନବମ ପରିଚ୍ଛେଦ | | |
| | ମନ୍ତ୍ରିପରିଷଦ | ୧୯୨-୨୨୨ |
| ଦଶମ ପରିଚ୍ଛେଦ | | |
| | ୟୁନିୟନ୍‌ର ବ୍ୟବସ୍ଥା ବିଭାଗ ବା ବିଧାନ ମଣ୍ଡଳ | ୨୨୩-୨୮୧ |
| ଏକାଦଶ ପରିଚ୍ଛେଦ | | |
| | ଐକିକ ବା ଅଖଣ୍ଡ ନ୍ୟାୟପାଳିକା | ୨୮୨-୩୦୧ |
| ଦ୍ୱାଦଶ ପରିଚ୍ଛେଦ | | |
| | ରାଜ୍ୟ ସରକାର | ୩୦୨-୩୦୯ |

ତ୍ରୟୋଦଶ ପରିଚ୍ଛେଦ

ରାଜ୍ୟ ମନ୍ତ୍ରିପରିଷଦ ୩୧୦–୩୧୪

ଚତୁର୍ଦ୍ଦଶ ପରିଚ୍ଛେଦ

ରାଜ୍ୟ ବିଧାନମଣ୍ଡଳ ୩୧୫–୩୧୭

ପଞ୍ଚଦଶ ପରିଚ୍ଛେଦ

ଉଚ୍ଚ ନ୍ୟାୟାଳୟ ୩୧୮–୩୨୭

ଷୋଡ଼ଶ ପରିଚ୍ଛେଦ

ଭାରତୀୟ ସମ୍ବିଧାନ ସଂଶୋଧନର ତାଲିକା ୩୨୮–୩୪୦

ସପ୍ତଦଶ ପରିଚ୍ଛେଦ

ଭାରତର ରାଜନୈତିକ ଦଳ ୩୪୧–୩୫୨

ଅଷ୍ଟାଦଶ ପରିଚ୍ଛେଦ

ଭାରତୀୟ ଗଣତନ୍ତ୍ରର କାର୍ଯ୍ୟକାରିତା ଓ ସମସ୍ୟା :
ଏକ ସିଂହାବଲୋକନ ୩୫୩–୩୫୫

# ପ୍ରଥମ ପରିଚ୍ଛେଦ

## ଐତିହାସିକ ପୃଷ୍ଠଭୂମି

## (Historical background)

### ଇଷ୍ଟ ଇଣ୍ଡିଆ କମ୍ପାନୀର ଉତ୍ପତ୍ତି

### Rise of East India Company

ଷୋଡ଼ଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ପୂର୍ବାଞ୍ଚଳ ସାଗର ପୃଷ୍ଠରେ ପର୍ତ୍ତୁଗୀଜମାନେ ଆଧିପତ୍ୟ ବିସ୍ତାର କରିଥିଲେ । ପର୍ତ୍ତୁଗୀଜଙ୍କ ଏହି ଅପ୍ରତିଦ୍ୱନ୍ଦ୍ୱୀ ସ୍ଥିତି ଅନ୍ୟାନ୍ୟ ସାମୁଦ୍ରିକ ଶକ୍ତି ( Maritime Power ) ମାନଙ୍କର ଚକ୍ଷୁଶୂଳ ହୋଇଥିଲା । ବିଶେଷକରି ଇଂଲଣ୍ଡ ପୃଥିବୀର ପୂର୍ବାଞ୍ଚଳରେ ବାଣିଜ୍ୟକୋଠି ସ୍ଥାପନ କରିବାପାଇଁ ଅତ୍ୟନ୍ତ ଆଗ୍ରହ ପ୍ରକାଶ କରିଥିଲେ । ବ୍ରିଟିଶ ନାବିକମାନେ ନିଜର ବାଣିଜ୍ୟ ଲିପ୍ସାକୁ ଚରିତାର୍ଥ କରିବାପାଇଁ ନୂତନ ସାମୁଦ୍ରିକ ଗତିପଥ ଆବିଷ୍କାର କରିବା ଦିଗରେ ଏକାଧିକବାର ଚେଷ୍ଟା କରି ବିଫଳ ହୋଇଥିଲେ ।

ଇତି ମଧ୍ୟରେ ୧୫୮୮ ଖ୍ରୀଷ୍ଟାବ୍ଦରେ ବ୍ରିଟିଶ ଲୋକେ ସ୍ପେନ୍‌ର ନୌବେଡ଼ା ( Spanish Armada ) ଉପରେ ଆକ୍ରମଣ କରି ଜୟ କରିବାରୁ ଉତ୍ସାହିତ ହୋଇଥିଲେ । ସେମାନେ ରାଣୀ ଏଲିଜାବେଥଙ୍କ ଚତୁର ଓ ଦୂରଦର୍ଶୀ ନୀତିଦ୍ୱାରା ମଧ୍ୟ ବିଶେଷ ଉଦ୍‌ବୁଦ୍ଧ ହୋଇଥିଲେ । ୧୫୮୧ ଖ୍ରୀଷ୍ଟାବ୍ଦରେ ରାଲ୍‌ଫ୍ ଫିଚ୍ ( Ralph Fitch ) ଭାରତ ଏବଂ ବ୍ରହ୍ମଦେଶ ପର୍ଯ୍ୟଟନ କରି ଫେରିଥିଲେ । ତାଙ୍କର ପ୍ରତ୍ୟାବର୍ତ୍ତନ ଇଂଲଣ୍ଡବାସୀଙ୍କୁ ଏକ ନୂତନ ପ୍ରେରଣା ଯୋଗାଇଥିଲା । ନିଜ ଦୁଃସାହସିକତାର ଗପ ଶୁଣାଇ ଏବଂ ପୂର୍ବାଞ୍ଚଳ ସହିତ ବାଣିଜ୍ୟିକ ସମ୍ପର୍କ ପ୍ରତିଷ୍ଠାର ସମ୍ଭାବନା ବିଷୟ ବୁଝାଇ ସେ ଇଂଲଣ୍ଡରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲେ । ୧୫୯୯ ସେପ୍‌ଟେମ୍ବର ୨୨ ତାରିଖରେ ଇଂଲଣ୍ଡର କେତେ ଜଣ ବଣିକ ବ୍ୟବସାୟୀ ଲର୍ଡ଼ ମେୟରଙ୍କ ଅଧ୍ୟକ୍ଷତାରେ ଫାଉଣ୍ଡର୍‌ସ୍ ହଲ୍ ( Founder's Hall )ରେ ମିଳିତ ହୋଇଥିଲେ । ସେମାନେ ଭାରତ ଏବଂ ଅନ୍ୟାନ୍ୟ ପୂର୍ବାଞ୍ଚଳ ସହିତ ବାଣିଜ୍ୟ ସମ୍ପର୍କ ପ୍ରତିଷ୍ଠା କରିବାପାଇଁ ଅନୁମତି ଭିକ୍ଷାକରି ରାଣୀଙ୍କୁ ନିବେଦନ କରିଥିଲେ । ରାଣୀ ସେମାନଙ୍କ ଅନୁରୋଧ ରକ୍ଷାକରି ରାଜକୀୟ ସନନ୍ଦ ପ୍ରଦାନ କରିଥିଲେ । ଯାହା ଫଳରେ ଇଷ୍ଟଇଣ୍ଡିଆ କମ୍ପାନୀ ( East India Company ) ନାମକ ଏକ ବ୍ୟବସାୟୀ ଅନୁଷ୍ଠାନ ପ୍ରତିଷ୍ଠା କରାଯାଇଥିଲା । ପ୍ରଥମ ଜେମ୍‌ସ୍ ( James I ), ପ୍ରଥମ ଚାର୍ଲସ୍ ( Charles I )

ଏବଂ ଅଲଭର୍ କ୍ରମ୍‌ୱେଲ୍ (Oliver Cromwell) ପ୍ରଭୃତି ଭାରତରେ ଇଷ୍ଟଇଣ୍ଡିଆ କମ୍ପାନୀର ଶକ୍ତି ଓ ପ୍ରଭାବ ବିସ୍ତାର ଦିଗରେ ଯଥେଷ୍ଟ ସାହାଯ୍ୟ କରିଥିଲେ । ଦ୍ୱିତୀୟ ଜେମ୍ସ୍ (James II)ଙ୍କ ଉଦାର ନୀତି ଫଳରେ ନିଜର ସୈନ୍ୟବାହିନୀ ମୁତୟନ କରିବା ଓ କମ୍ପାନୀ ଦ୍ୱାରା ଅଧିକୃତ ଭାରତୀୟ ଅଞ୍ଚଳ ଗୁଡ଼ିକରେ ସାବିଧାନିକ ସରକାର ଗଢ଼ିବାପାଇଁ ଇଷ୍ଟଇଣ୍ଡିଆ କମ୍ପାନୀ ସୁଯୋଗ ପାଇଥିଲା । ଭାରତବର୍ଷରେ ଇଷ୍ଟଇଣ୍ଡିଆ କମ୍ପାନୀର ଦୃଢ଼ ପ୍ରତିଷ୍ଠା ପାଇଁ ଭାରତୀୟ ଶାସକମାନଙ୍କର ବି ଯଥେଷ୍ଟ ଅବଦାନ ରହିଛି । କମ୍ପାନୀ ଚନ୍ଦ୍ରଗିରି ରାଜାଙ୍କଠାରୁ ମାନ୍ଦ୍ରାଜ ଏବଂ ମୋଗଲ ସରକାରଙ୍କଠାରୁ କଲିକତା ଅକ୍ତିଆର କରିଥିଲେ ।

ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତରେ ନିଜର ଆସ୍ଥାନ ପ୍ରତିଷ୍ଠା କରିବା ପରେ ଭାରତୀୟ ରାଜନୀତିରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ବଙ୍ଗଳାରେ କ୍ଲାଇବ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ ଦ୍ୱୈତ ଶାସନକୁ ଏକ ରାଜନୈତିକ କୌଶଳ କୁହାଯାଏ । ଉକ୍ତ କୌଶଳ ପଛରେ ମୌଳିକ ଦାୟିତ୍ୱ ଗ୍ରହଣ କରିବା ପରିବର୍ତ୍ତେ ଲୁଣ୍ଠନ କରିବା ମନୋବୃତ୍ତି ଥିଲା । ଫଳରେ କମ୍ପାନୀ ଅମଳରେ ଅନେକ ଗୁଡ଼ିଏ ଶାସନଗତ ବିଶୃଙ୍ଖଳା ଦେଖାଦେଇଥିଲା । ଇଂଲଣ୍ଡ ସରକାର ୧୭୭୩ରେ କମ୍ପାନୀର କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିବା ଉଦ୍ଦେଶ୍ୟରେ ଶାସନ ନିୟାମକ ଆଇନ (Regulating Act) ପ୍ରଣୟନ କରିଥିଲେ । କମ୍ପାନୀର ସମ୍ବିଧାନ ସଂଶୋଧନ କରି ଅମଲାତନ୍ତ୍ରରୁ କୁସଂସ୍କାର ଦୂର କରି ଏବଂ କଲିକତାରେ ଏକ ଉଚ୍ଚତମ ନ୍ୟାୟାଳୟ ପ୍ରତିଷ୍ଠା କରି ଭାରତରେ ଗୋଟିଏ ଶୃଙ୍ଖଳିତ ସରକାର ଗଠନ କରିବା ଉକ୍ତ ଆଇନର ଉଦ୍ଦେଶ୍ୟ ଥିଲା ।

ଏହାଦ୍ୱାରା ବଡ଼ଲାଟ (Governor-General) ଏବଂ ଆଉ ଚାରିଜଣ ସଦସ୍ୟଙ୍କୁ ନେଇ ଏକ ଶାସନ ପରିଷଦ (Executive Council) ଗଠନ କରାଗଲା ।

କମ୍ପାନୀ ଶାସନରୁ ଦୁର୍ନୀତି ଓ ଦୁର୍ବଳତାକୁ ଦୂର କରିବାପାଇଁ ୧୭୮୪ ମସିହାରେ ପିଟ୍‌ସଙ୍କ ଭାରତ ଆଇନ (Pitt's India Act) ପ୍ରଣୟନ କରାଗଲା । ଏହା ଫଳରେ କମ୍ପାନୀ ଆଂଶିକ ଭାବରେ ଇଂଲଣ୍ଡ ସଂସଦର ନିୟନ୍ତ୍ରଣାଧୀନ ହୋଇଥିଲା । କିନ୍ତୁ ସେତେବେଳେ ବ୍ରିଟିଶ ସରକାର କମ୍ପାନୀକୁ ସଂପୂର୍ଣ୍ଣ ଭାବରେ ନିଜ ଆୟତ୍ତାଧୀନ କରିବାକୁ ଚାହିଁଲେ । ତେଣୁ ୧୭୯୩ରୁ ୧୮୫୩ ମସିହା ମଧ୍ୟରେ ଚାରିଗୋଟି ସନନ୍ଦ ଆଇନ (Charter Act) ପ୍ରଣୀତ ହୋଇଥିଲା । ପ୍ରତ୍ୟେକ ଆଇନଦ୍ୱାରା କମ୍ପାନୀର କ୍ଷମତାକୁ କ୍ରମଶଃ ହ୍ରାସକରି ଉକ୍ତ କ୍ଷମତାକୁ ଇଂଲଣ୍ଡର ସଂସଦ (Parliament)କୁ ହସ୍ତାନ୍ତର କରାଯାଇଥିଲା । ୧୮୫୩ର ସନନ୍ଦ ଆଇନ ଫଳରେ ପ୍ରଥମ ଥର ପାଇଁ ଏକ ବିଧାନ ପରିଷଦ (Legislative Council) ଗଠିତ ହୋଇଥିଲା ।

କିନ୍ତୁ ଇଂଲଣ୍ଡ ଶାସନର ଦୋଷତ୍ରୁଟି ଯୋଗୁଁ ଭାରତୀୟ ଜନସାଧାରଣ ବିଦେଶୀ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ୧୮୫୭ ମସିହାର ଏହି ଜନଜାଗରଣକୁ

ଇତିହାସ ପ୍ରସିଦ୍ଧ ସିପାହୀ ବିଦ୍ରୋହ ( Sepoy Mutiny ) କୁହାଯାଏ । ଗୋଟିଏ ବର୍ଷପରେ ବିଦ୍ରୋହର ଅବସାନ ହୋଇଥିଲେ ସୁଦ୍ଧା ପରବର୍ତ୍ତୀ ଭାରତୀୟ ରାଜନୈତିକ ବିବର୍ତ୍ତନ ଉପରେ ଏହାର ସୁଦୂରପ୍ରସାରୀ ପ୍ରଭାବ ପଡ଼ିଥିଲା । ତେଣୁ ଭାରତରେ ସ୍ୱାଧୀନତା ସଂଗ୍ରାମର ଏହା ପ୍ରଥମ-ପର୍ଯ୍ୟାୟ ବୋଲି କୁହାଯାଏ । ସିପାହୀ ବିଦ୍ରୋହ ଫଳରେ କମ୍ପାନୀ ହାତରୁ ଶାସନ କ୍ଷମତା କାଢ଼ି ନିଆଯାଇ ବ୍ରିଟିଶ ସରକାରଙ୍କଠାରେ ନ୍ୟସ୍ତ ହୋଇଥିଲା । ଇଂଲଣ୍ଡର ରାଣୀ ଭାରତର ସାମ୍ରାଜ୍ଞୀ ରୂପେ ବିବେଚିତ ହେଲେ ।

ଇଂରେଜମାନେ କାଳକ୍ରମେ ଭାରତରେ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ପରିଚାଳନା କରିବା ଦିଗରେ ଚେଷ୍ଟିତ ହୋଇଥିଲେ । ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ ସର୍ବପ୍ରଥମେ ୧୮୬୧ ମସିହାରେ ଭାରତୀୟ ପରିଷଦ ଆଇନ ( Indian Council's Act ) ପ୍ରଣୟନ କରାଯାଇଥିଲା । ଭାରତୀୟକରଣ ଓ କ୍ଷମତାର ବିକେନ୍ଦ୍ରୀକରଣ ଥିଲା ଏହାର ପ୍ରଧାନ ଉଦ୍ଦେଶ୍ୟ । ଏହା ଫଳରେ ଭାରତରେ ଅନ୍ୟୂନ ଦଶବର୍ଷ ରହିଥିବା ବ୍ୟକ୍ତିଙ୍କୁ ଶାସନ ପରିଷଦରେ ଏବଂ ଅଳ୍ପସଂଖ୍ୟକ ଭାରତୀୟଙ୍କୁ ବିଧାନ ପରିଷଦରେ ଅନ୍ତର୍ଭୁକ୍ତ କରାଯାଇଥିଲା । ୧୮୯୨ ମସିହାରେ ଭାରତୀୟ ପରିଷଦ ଆଇନ ଫଳରେ ବିଧାନ ପରିଷଦଗୁଡ଼ିକୁ ବିସ୍ତୃତ ଓ ସେମାନଙ୍କ କ୍ଷମତାକୁ ବର୍ଦ୍ଧିତ କରାଗଲା ।

ଇତିମଧ୍ୟରେ ୧୮୮୫ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ସ୍ଥାପିତ ହୋଇଥିଲା । ଆଲାନ୍ ଅକ୍ଟାଭିୟାନ୍ ହ୍ୟୁମ୍ ନାମକ ଜଣେ ଇଂରେଜ କର୍ମଚାରୀ ଭାରତୀୟ ଜାତୀୟ କଂଗ୍ରେସ ଗଠନ ଦିଗରେ ଅଦ୍ୱିତୀୟ ଭୂମିକା ଗ୍ରହଣ କରିଥିଲେ । ଭାରତୀୟମାନଙ୍କ ଆପତ୍ତି ଅଭିଯୋଗକୁ ବ୍ରିଟିଶ୍ ସରକାରଙ୍କ ନିକଟରେ ଉପସ୍ଥାପିତ କରିବା ଥିଲା ଏହି ଅନୁଷ୍ଠାନର ପ୍ରାରମ୍ଭିକ ଉଦ୍ଦେଶ୍ୟ ।

ଭାରତୀୟମାନେ ୧୮୯୨ ମସିହା ଭାରତୀୟ ପରିଷଦ ଆଇନର ବ୍ୟବସ୍ଥାରେ ସନ୍ତୁଷ୍ଟ ନଥିଲେ । ଭାରତୀୟ ଜାତୀୟ କଂଗ୍ରେସ ଜନସାଧାରଣଙ୍କ ଅସନ୍ତୋଷ ପ୍ରତି ବ୍ରିଟିଶ୍ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇବା ଦିଗରେ ଧାରାବାହିକ ଚେଷ୍ଟା କରିଥିଲେ । ଫଳରେ ୧୯୦୯ ମସିହା ଭାରତୀୟ ପରିଷଦ ଆଇନ ପ୍ରଣୀତ ହୋଇଥିଲା । ଏହି ଆଇନକୁ ମର୍ଲେ-ମିଣ୍ଟୋ ସଂସ୍କାର (Morley-Minto Reforms) କୁହାଯାଏ । ମିଣ୍ଟୋ ଥିଲେ ତତ୍କାଳୀନ ବଡ଼ଲାଟ୍ ଏବଂ ଜନ୍ ମର୍ଲେ ତତ୍କାଳୀନ ଭାରତ ସଚିବ ( Secretary of State ) ଥିଲେ । ୧୯୦୯ ମସିହା ଭାରତୀୟ ପରିଷଦ ଆଇନ ମର୍ଲେ ଓ ମିଣ୍ଟୋଙ୍କ ମିଳିତ ଉଦ୍ୟମ ଥିଲା । ଏହି ସଂସ୍କାର ଫଳରେ କେନ୍ଦ୍ର ଓ ପ୍ରାଦେଶିକ ବିଧାନ ପରିଷଦଗୁଡ଼ିକୁ ବିସ୍ତୃତ କରାଯାଇଥିଲା । ଗୋଷ୍ଠୀ ଉପରେ ଭିତ୍ତିକରି ସୀମିତ ଭୋଟ୍ ଅଧିକାର ଦିଆଯାଇଥିଲା । ଅବଶ୍ୟ ମୁସଲମାନଙ୍କୁ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ଦିଆଯାଇଥିଲା । ଏହି ସଂସ୍କାରର ଅନ୍ୟ ଏକ ଉଲ୍ଲେଖନୀୟ ପଦକ୍ଷେପ ହେଉଛି ଶାସନ ପରିଷଦରେ ଭାରତୀୟଙ୍କ ପ୍ରବେଶ

ସମାଲୋଚକମାନେ ୧୯୦୯ ଆଇନକୁ କ୍ଷତିକାରକ ଆଇନ କହନ୍ତି, କାରଣ ଏହା ଫଳରେ ଭାରତ ବିଭାଜନର ବୀଜବପନ କରାଯାଇଥିଲା ।

ଭାରତରେ ଶାସନ ବ୍ୟବସ୍ଥାର ସଂସ୍କାର ଦିଗରେ ବ୍ରିଟିଶ ସରକାରଙ୍କ ପରବର୍ତ୍ତୀ ପଦକ୍ଷେପ ହେଉଛି ମଣ୍ଟେଗୁ ଚେମ୍ସଫୋର୍ଡ଼ ସଂସ୍କାର ( Montagu-chelmsford Reforms ) ଏହା ପ୍ରତିନିଧିମୂଳକ ଶାସନ ବ୍ୟବସ୍ଥାକୁ ବାସ୍ତବ ରୂପ ଦେଇଥିଲା ବୋଲି କୁହାଯାଏ ।

ଇତିମଧ୍ୟରେ ଭାରତରେ ଜାତୀୟତାବୋଧ କ୍ଷିପ୍ର ଗତିରେ ବୃଦ୍ଧି ପାଇଥାଏ । ୧୯୧୪ ମସିହାରେ ପ୍ରଥମ ବିଶ୍ୱଯୁଦ୍ଧ ଭାରତର ଜାତୀୟ ଆନ୍ଦୋଳନକୁ ତ୍ୱରାନ୍ୱିତ କରିଥିଲା । ଇଂରେଜ ମାନଙ୍କର ହୃଦ୍‌ବୋଧ ହେଲା ଯେ, ଭାରତୀୟମାନେ ଅସନ୍ତୁଷ୍ଟ ରହିଲେ ଯୁଦ୍ଧ ଉଦ୍ୟମରେ ସେମାନଙ୍କଠାରୁ ପୂର୍ଣ୍ଣ ସହଯୋଗ ମିଳିବ ନାହିଁ । ଫଳରେ ଯୁଦ୍ଧରେ ଇଂଲଣ୍ଡର ବିଜୟ ଆଶା କ୍ଷୀଣ ହୋଇପାରେ । ତେଣୁ ହିନ୍ଦୁ ଓ ମୁସଲମାନଙ୍କ ସ୍ୱରାଜ୍ୟ ଦାବୀର ଉତ୍ତର ହିସାବରେ ମଣ୍ଟେଗୁ-ଚେମ୍ସଫୋର୍ଡ଼ ସଂସ୍କାର ଭାରତୀୟମାନଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଇଥିଲା । ଲର୍ଡ଼ ଚେମ୍‌ସ୍‌ଫୋର୍ଡ଼ ଏବଂ ଏଡ଼ୱିନ୍ ମଣ୍ଟେଗୁ ଯଥାକ୍ରମେ ତତ୍କାଳୀନ ବଡ଼ଲାଟ୍ ଓ ଭାରତ-ସଚିବ ଥିଲେ । ଏହି ସଂସ୍କାରକୁ ଏକ ବିପ୍ଳବାତ୍ମକ ଘୋଷଣା କୁହାଯାଏ । ସ୍ୱରାଜ୍ୟ ଦାବୀକରି ଆସୁଥିବା ଭାରତୀୟ ଜାତୀୟ କଂଗ୍ରେସକୁ ଏହା ନୂତନ ନୈତିକ ଶକ୍ତି ଯୋଗାଇଥିଲା ।

୧୯୧୯ ଭାରତ ଶାସନ ଆଇନ୍ ବଳରେ ମଣ୍ଟେଗୁ-ଚେମ୍‌ସ୍‌ଫୋର୍ଡ଼ ବା ମଣ୍ଟଫୋର୍ଡ଼ ଯୋଜନାକୁ କାର୍ଯ୍ୟରେ ପରିଣତ କରିବାର ପ୍ରଥମ ପଦକ୍ଷେପ ନିଆଯାଇଥିଲା । ଭାରତ ପ୍ରଶାସନର ପ୍ରତ୍ୟେକ ବିଭାଗରେ ଭାରତୀୟଙ୍କ ସହଯୋଗ, ସ୍ୱାୟତ୍ତଶାସନର କ୍ରମ ବିକାଶ ଏବଂ ପ୍ରଦେଶ ଗୁଡ଼ିକରେ ଆଂଶିକ ଉତ୍ତରଦାୟୀ ସରକାର ପ୍ରତିଷ୍ଠା.ମଣ୍ଟଫୋର୍ଡ଼ ସରକାରର ଉଦ୍ଦେଶ୍ୟ ଥିଲା ।

୧୯୧୯ ଭାରତ ଶାସନ ଆଇନ କେତେକ ପ୍ରଦେଶରେ ଆଂଶିକ ଉତ୍ତରଦାୟୀ ସରକାର ପ୍ରତିଷ୍ଠା କରିବା ଦିଗରେ ଉଦ୍ଦିଷ୍ଟ ଥିଲା । ସେଥିପାଇଁ କେନ୍ଦ୍ର ଏବଂ ପ୍ରଦେଶ ମଧ୍ୟରେ କ୍ଷମତାର ବିଭାଜନ ହୋଇଥିଲା । କେନ୍ଦ୍ର ପାଇଁ ଉଦ୍ଦିଷ୍ଟ ବିଷୟଗୁଡ଼ିକ କେନ୍ଦ୍ର ତାଲିକା ( Central list ) ଏବଂ ପ୍ରଦେଶ ପାଇଁ ଉଦ୍ଦିଷ୍ଟ ବିଷୟ ସବୁ ପ୍ରାଦେଶିକ ତାଲିକା ( Provincial list ) ରେ ସ୍ଥାନ ପାଇଥିଲା । ପ୍ରାଦେଶିକ ବିଷୟବସ୍ତୁଗୁଡ଼ିକୁ ପୁଣି ଦୁଇ ଭାଗରେ ବିଭକ୍ତ କରାଯାଇଥିଲା, ଯଥା:—ସଂରକ୍ଷିତ ( Reserved ) ଓ ହସ୍ତାନ୍ତରିତ ( Transferred ) । ସଂରକ୍ଷିତ ବିଷୟଗୁଡ଼ିକ ହେଲା ପୋଲିସ୍, ବିଚାର ବିଭାଗ, ଅର୍ଥ, ଭୂରାଜସ୍ୱ, ଜଳସେଚନ, ଶିଳ୍ପ, ସମ୍ବାଦପତ୍ର ନିୟନ୍ତ୍ରଣ ଇତ୍ୟାଦି । ଏ ଗୁଡ଼ିକର ପରିଚାଳନା ରାଜ୍ୟପାଳଙ୍କ ଶାସନ ପରିଷଦର ସଭ୍ୟ (Executive Councillors) ମାନଙ୍କ ହାତରେ ନ୍ୟସ୍ତଥିଲା । ଶିକ୍ଷା, ସାଧାରଣ ସ୍ୱାସ୍ଥ୍ୟ, ସ୍ଥାନୀୟ ସ୍ୱାୟତ୍ତଶାସନ ଓ ଅବକାରୀ ପ୍ରଭୃତି ହସ୍ତାନ୍ତରିତ ବିଷୟ ଥିଲା । ମନ୍ତ୍ରୀପଦରେ ଅଧିଷ୍ଠିତ ଥିବା ଭାରତୀୟ ପ୍ରତିନିଧିମାନଙ୍କ ପରାମର୍ଶକ୍ରମେ

ରାଜ୍ୟପାଳ ଏହି ସବୁ ଜନହିତକର ବିଭାଗ ଗୁଡ଼ିକର ପରିଚାଳନା କରୁଥିଲେ । ଅର୍ଥାଗମ ଉପାୟଗୁଡ଼ିକୁ ମଧ୍ୟ କେନ୍ଦ୍ର ଏବଂ ପ୍ରଦେଶଗୁଡ଼ିକ ମଧ୍ୟରେ ବଣ୍ଟା ଯାଇଥିଲା । ଫଳରେ ପ୍ରଦେଶଗୁଡ଼ିକ ଉପରେ କେନ୍ଦ୍ରର ନିୟନ୍ତ୍ରଣ କେତେକାଂଶରେ କମି ଯାଇଥିଲା ।

କିନ୍ତୁ ୧୯୧୯ ଭାରତ ଆଇନ କେନ୍ଦ୍ରରେ ବଡ଼ଲାଟଙ୍କ ଶାସନ ପରିଷଦର ଆକୃତି ଏବଂ ପ୍ରକୃତିରେ ବିଶେଷ ପରିବର୍ତ୍ତନ ଆଣି ପାରିନଥିଲା । ସାଧାରଣ ( Civil ) ଏବଂ ମିଲିଟାରୀ ବିଭାଗର ନିୟନ୍ତ୍ରଣ ଏବଂ ତତ୍ତ୍ୱାବଧାନ ଉପରେ ବଡ଼ଲାଟଙ୍କ ପ୍ରତିପତ୍ତି ଅକ୍ଷୁଣ୍ଣ ରହିଥିଲା । ପରିଷଦର ସଭ୍ୟମାନଙ୍କ ( Councillors ) କଥାର କିଛି ମୂଲ୍ୟ ନଥିଲା ।

୧୯୧୯ ଭାରତ ଶାସନ ଆଇନ ଅନୁସାରେ କେନ୍ଦ୍ରୀୟ ବିଧାନ ମଣ୍ଡଳକୁ ଦ୍ୱି-କକ୍ଷୀୟ କରାଗଲା, ଯଥା:— ବ୍ୟବସ୍ଥାପକ ସଭା ( Legislative Assembly ) ଏବଂ ରାଷ୍ଟ୍ର ପରିଷଦ ( Council of States ) । ବ୍ୟବସ୍ଥାପକ ସଭାଥିଲା ଏହି ବିଧାନ ମଣ୍ଡଳର ନିମ୍ନ କକ୍ଷ । ଏଥିରେ ଥିବା ମୋଟ ୧୪୩ ଜଣ ସଭ୍ୟଙ୍କ ମଧ୍ୟରୁ ୧୦୩ ଜଣ ନିର୍ବାଚିତ ଓ ୪୦ ଜଣ ମନୋନୀତ ସଭ୍ୟ ଥିଲେ । ମନୋନୀତ ସଭ୍ୟଙ୍କ ମଧ୍ୟରେ ୨୫ ଜଣ ସରକାରୀ କର୍ମଚାରୀ ଏବଂ ୧୫ ଜଣ ବେସରକାରୀ ବ୍ୟକ୍ତି ଥିଲେ । ସାଧାରଣ ନିର୍ବାଚନମଣ୍ଡଳୀରୁ ୫୧ ଜଣ, ସାମ୍ପ୍ରଦାୟିକ ନିର୍ବାଚନ ମଣ୍ଡଳୀରୁ ୩୦ ଜଣ ମୁସଲ୍‌ମାନ୍ ଓ ଦୁଇଜଣ ଶିଖ୍, ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ୨୦ ଜଣଙ୍କ ମଧ୍ୟରୁ ୭ ଜଣ ଜମି ମାଲିକ ଏବଂ ୯ ଜଣ ୟୁରୋପୀୟ ନିର୍ବାଚିତ ହେବାର ବ୍ୟବସ୍ଥା ଥିଲା । ସମ୍ପତ୍ତିଗତ ଯୋଗ୍ୟତା ଉପରେ ମତଦାନ ଅଧିକାର ନିର୍ଭର କରୁଥିଲା । ରାଷ୍ଟ୍ରପରିଷଦ ଥିଲା ସଂସଦର ଉଚ୍ଚତର କକ୍ଷ । ୧୯ ଜଣ ସରକାରୀ କର୍ମଚାରୀ ଏବଂ ୭ ଜଣ ବେସରକାରୀ ମନୋନୀତ ସଭ୍ୟ, ସାଧାରଣ ନିର୍ବାଚନ ମଣ୍ଡଳୀରୁ ୨୦ ଜଣ ଏବଂ ସାମ୍ପ୍ରଦାୟିକ ନିର୍ବାଚନ ମଣ୍ଡଳୀରୁ ୧୧ ଜଣ ନିର୍ବାଚିତ ସଭ୍ୟଙ୍କୁ ନେଇ ରାଷ୍ଟ୍ରପରିଷଦ ଗଠିତ ହେବା ବ୍ୟବସ୍ଥା ଥିଲା । ଜଣେ ସଭ୍ୟଙ୍କୁ ବଡ଼ଲାଟ ଅଧ୍ୟକ୍ଷ ରୂପେ ମନୋନୀତ କରୁଥିଲେ ।

କେନ୍ଦ୍ର ତାଲିକାର ସମସ୍ତ ବିଷୟ ଉପରେ ଏବଂ ପ୍ରାଦେଶିକ ତାଲିକାର କେତୋଟି ବିଷୟ ଉପରେ କେନ୍ଦ୍ର ବିଧାନମଣ୍ଡଳର ବିସ୍ତୃତ କ୍ଷମତା ଥିଲା । ଉଭୟ ସଦନର ସମ୍ମତି ପରେ ସାଧାରଣ ଆଇନ ପ୍ରଣୟନର ବ୍ୟବସ୍ଥା ହୋଇଥିଲା । କିନ୍ତୁ ସାଧାରଣ ରାଜସ୍ୱ ( Public revenue ) ଏବଂ ଋଣ (Debt) ସମ୍ବନ୍ଧୀୟ କୌଣସି ବିଧେୟକ ( Bill ) ଉପରେ ଆଲୋଚନା କରିବାର କ୍ଷମତା ବିଧାନମଣ୍ଡଳର ନଥିଲା । ବଡ଼ଲାଟ ଚାହିଁଲେ ଯେ କୌଣସି ଅବସ୍ଥାରେ ଅନ୍ୟାନ୍ୟ ବିଧେୟକର ଆଲୋଚନାକୁ ବନ୍ଦ ରଖି ପାରୁଥିଲେ । ତେଣୁ ବିଧାନମଣ୍ଡଳ କେନ୍ଦ୍ରରେ ଉତ୍ତରଦାୟୀ ସରକାରକୁ ଆଂଶିକ ଭାବରେ ବି ସଫଳ କରିବାକୁ ଅକ୍ଷମ ହୋଇଥିଲେ ।

୧୯୧୯ ଭାରତ ଶାସନ ଆଇନ ଭାରତରେ ଦ୍ୱୈତ ଶାସନ (Dyarchy) ପ୍ରବର୍ତ୍ତନ କରିଥିଲା । ପ୍ରାଦେଶିକ ଶାସନ ଦୁଇ ଭାଗରେ ବିଭକ୍ତ ହୋଇଥିଲା । ଗୋଟିଏ

ଦଗରେ ରାଜ୍ୟପାଳଙ୍କୁ ଶାସନ କାର୍ଯ୍ୟରେ ସାହାଯ୍ୟ କରିବାପାଇଁ ଏକ ଶାସନ ପରିଷଦ (Executive Council) ଏବଂ ଅନ୍ୟ ଦଗରେ ରାଜ୍ୟପାଳଙ୍କୁ ପରାମର୍ଶ ଦେବାପାଇଁ ଏକ ମନ୍ତ୍ରିମଣ୍ଡଳ ( Council of Ministers ) ଗଢ଼ାଯାଇଥିଲା । ଶାସନ ବିଭାଗଗୁଡ଼ିକୁ ଦୁଇଭାଗ କରି ସଂରକ୍ଷିତ (Reserved) ବିଭାଗ ଗୁଡ଼ିକର ଶାସନ ରାଜ୍ୟପାଳ ଓ ଶାସନ ପରିଷଦ ହାତରେ ଏବଂ ହସ୍ତାନ୍ତରିତ (Transferred) ବିଭାଗ ଗୁଡ଼ିକର ପରିଚାଳନା ରାଜ୍ୟପାଳ ଓ ମନ୍ତ୍ରିମଣ୍ଡଳ ହାତରେ ନ୍ୟସ୍ତ ହେଲା । ଶାସନ ପରିଷଦର ସଭ୍ୟବୃନ୍ଦ ସମ୍ରାଜ୍ଞୀଙ୍କ ଦ୍ୱାରା ମନୋନୀତ ହେଉଥିଲେ ଏବଂ ସେମାନେ ପ୍ରାଦେଶିକ ବିଧାନ ପରିଷଦ ନିକଟରେ ଉତ୍ତରଦାୟୀ ନଥିଲେ ।

ଦୀର୍ଘ ଷୋହଳ ବର୍ଷ କାଳ ଏହି ଶାସନ ଆଇନ କାର୍ଯ୍ୟକାରୀ ହୋଇଥିଲେ ସୁଦ୍ଧା ସେଥିରେ ଅନେକ ଅନ୍ତର୍ନିହିତ ଦୁର୍ବଳତା ରହିଥିଲା । ବିଶେଷ କରି ଶାସନ ବିଭାଗ ଗୁଡ଼ିକର ବିଭକ୍ତୀକରଣ ପ୍ରଶାସନରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା । ଉଭୟ ଶ୍ରେଣୀର ବିଭାଗମାନଙ୍କ ମଧ୍ୟରେ ସହଯୋଗ ନଥିବାହେତୁ ପ୍ରଶାସନିକ ପ୍ରଗତିରେ ବାଧା ସୃଷ୍ଟି ହୋଇଥିଲା । ସାମ୍ପ୍ରଦାୟିକ ଭୋଟ ପ୍ରଥା ଫଳରେ ବିଧାନ ପରିଷଦରେ ଶ୍ରେଷ୍ଠ ବଡ଼ ଦଳ ସୃଷ୍ଟି ହୋଇଥିଲା । ପୁଣି ରାଜ୍ୟପାଳ ସାମ୍ବିଧାନିକ ମୁଖ୍ୟର ଭୂମିକା ଅବଲମ୍ବନ ନକରି ଜଣେ ସାମ୍ବିଧାନିକ ଏକଛତ୍ରବାଦୀର ଭୂମିକା ଅବଲମ୍ବନ କରିଥିଲେ । ବାସ୍ତବ କ୍ଷେତ୍ରରେ ସମସ୍ତ କ୍ଷମତା ମନ୍ତ୍ରିମଣ୍ଡଳ ହାତରେ ନ ରହି ରାଜ୍ୟପାଳଙ୍କ ହାତରେ ଠୁଳ ହୋଇଥିଲା । ପୁଣି ନେସାମରିକ ଶାସକବର୍ଗ ତଥା ଅମଲାଗଣ ମନ୍ତ୍ରୀମାନଙ୍କୁ ଭ୍ରୂକ୍ଷେପ କରୁନଥିଲେ । ଉଭୟଙ୍କ ମଧ୍ୟରେ ବିବାଦ ସମାଧାନ କରିବାକୁ ଯାଇ ରାଜ୍ୟପାଳ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିଲେ ।

ଭାରତୀୟମାନେ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଏବଂ ଖିଲାଫତ ଆନ୍ଦୋଳନ ଫଳରେ ଅତ୍ୟନ୍ତ ଉତ୍ତ୍ୟକ୍ତ ଥିଲେ । ତେଣୁ ଦ୍ୱୈତ ଶାସନ ପ୍ରତି ସେମାନେ ବିଶେଷ ଆଗ୍ରହ ପ୍ରକାଶ କରିନଥିଲେ ।

୧୯୧୯ ଭାରତ ଶାସନ ଆଇନ ବଳରେ ପ୍ରାଦେଶିକ ବିଧାନ ପରିଷଦ ଗୁଡ଼ିକର ସଭ୍ୟସଂଖ୍ୟା ବୃଦ୍ଧି ପାଇଥିଲା । ସେମାନଙ୍କ ମଧ୍ୟରେ ୭୦ ଭାଗ ସଦସ୍ୟ ପ୍ରତ୍ୟକ୍ଷ ନିର୍ବାଚନ ପଦ୍ଧତିଦ୍ୱାରା ନିର୍ବାଚିତ ହୋଇଥିଲେ । କିନ୍ତୁ ଭୋଟଦାତାମାନଙ୍କ ଯୋଗ୍ୟତାରେ ପାର୍ଥକ୍ୟ ଥିବା ହେତୁ କେବଳ ଶତକଡ଼ା ୨.୮ ଭାରତୀୟ ଭୋଟାଧିକାର ପାଇଥିଲେ । ବୃହଦାକାର ନିର୍ବାଚନମଣ୍ଡଳୀ ଫଳରେ ପ୍ରତିନିଧି ଓ ନିର୍ବାଚନମଣ୍ଡଳୀ ମଧ୍ୟରେ ଉପଯୁକ୍ତ ସମ୍ପର୍କ ସ୍ଥାପନ ହୋଇପାରୁ ନଥିଲା । ଆଇନ ପ୍ରଣୟନ ଓ ଆୟବ୍ୟୟ ଅଟକଳ ନିର୍ଦ୍ଧାରଣ ଉପରେ ରାଜ୍ୟପାଳଙ୍କ ବିଶିଷ୍ଟ କ୍ଷମତା ପ୍ରାଦେଶିକ ଆଇନ ପରିଷଦକୁ ପ୍ରଭାବଶାଳୀ ହେବାରୁ ବଞ୍ଚିତ କରିଥିଲା ।

ମଣ୍ଟଫୋର୍ଡ଼ ସଂସ୍କାରକୁ ବିଭିନ୍ନ ଦିଗରୁ ସମାଲୋଚନା କରାଯାଉଥିଲେ ସୁଦ୍ଧା ଏତଦ୍ଦ୍ୱାରା ଶାସନତାନ୍ତ୍ରିକ ସୁବିଧା ହେଉଥିବା କଥା ନିଃସନ୍ଦେହରେ କୁହାଯାଇପାରେ । ଭାରତୀୟ କାରଖାନା ସଂଶୋଧନ ଆଇନ (Indian Factories Amendment Act) ଭାରତୀୟ ଖଣି ଆଇନ (Indian Mines Act) ଏବଂ ଶ୍ରମିକ କ୍ଷତିପୂରଣ ଆଇନ (Workmen's Compensation Act) ପ୍ରଭୃତି ପ୍ରଧାନ ଆଇନଗୁଡ଼ିକ ରାଜ୍ୟ ବିଧାନ ପରିଷଦରେ ପ୍ରଣୀତ ହୋଇଥିଲା । ଏପରିକି ବହୁ ସମାଲୋଚିତ ଦ୍ୱୈତ ପ୍ରଥାକୁ ବି ସାଂବିଧାନିକ ଅଗ୍ରଗତିର ପଥ ପ୍ରଦର୍ଶକ ବୋଲି ମନେ କରାଯାଉଥିଲା ।

## ଭାରତ ଶାସନ ଆଇନ, ୧୯୩୫

## The Government of India Act, 1935

**ଭାରତ ଶାସନ ଆଇନର ପୂର୍ବାବସ୍ଥା**

ସେତେବେଳେ ଉପୁଜିଥିବା ସମସ୍ୟାର ସମାଧାନ ନିମନ୍ତେ ମଣ୍ଟଫୋର୍ଡ଼ ସଂସ୍କାର ଯଥେଷ୍ଟ କିମ୍ବା ସନ୍ତୋଷଜନକ ନଥିଲା । ତେଣୁ ତାହା ଭାରତୀୟଙ୍କ ପକ୍ଷରେ ଗ୍ରହଣଯୋଗ୍ୟ ହୋଇପାରିଲା ନାହିଁ । ଉକ୍ତ ସଂସ୍କାର ବିରୁଦ୍ଧରେ ଭାରତରେ ଜନଜାଗରଣ ସୃଷ୍ଟି ହୋଇଥିଲା । ସେମାନଙ୍କ ଆନ୍ଦୋଳନକୁ ଦମନ କରିବା ନିମନ୍ତେ କେନ୍ଦ୍ର ବିଧାନମଣ୍ଡଳରେ ରାଉଲାଟ୍ (Rowlatt) ଆଇନର ବିଧେୟକ ଆଗତ କରାଗଲା । ଉକ୍ତ କଠୋର ପ୍ରସ୍ତାବକୁ ସ୍ୱୀକୃତ ନ ଦେବା ପାଇଁ ବଡ଼ଲାଟଙ୍କୁ ମହାତ୍ମା ଗାନ୍ଧି ଅନୁରୋଧ କରିଥିଲେ । କିନ୍ତୁ ଉକ୍ତ ଅନୁରୋଧକୁ ବଡ଼ଲାଟ ପ୍ରତ୍ୟାଖ୍ୟାନ କରିଥିଲେ । ଫଳରେ କଠୋର ପ୍ରସ୍ତାବଟି ଆଇନରେ ପରିଣତ ହେଲା ଏବଂ ଉକ୍ତ ଆଇନ ଫଳରେ ଭାରତୀୟଙ୍କ ମୌଳିକ ଅଧିକାର ଲୋପ ପାଇଲା । ରାଉଲାଟ୍ ଆଇନ ବିରୁଦ୍ଧରେ ଭାରତରେ ବିରାଟ ଜନମତ ସୃଷ୍ଟି ହେଲା ଏବଂ ମହାତ୍ମା ଗାନ୍ଧି ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରିଥିଲେ । ଭାରତରେ ବ୍ରିଟିଶ ସରକାରଙ୍କ ଦମନଲୀଳା ସୀମାତୀତ ହୋଇଥିଲା । ୧୯୧୯ ମସିହା ଏପ୍ରିଲ ୧୩ ତାରିଖର ଜାଲିଅନାୱାଲାବାଗ ହତ୍ୟାକାଣ୍ଡ ଏହାର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ । ମହାତ୍ମା ଗାନ୍ଧି ପ୍ରଭୃତି ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ବନ୍ଦୀ କରାଯାଇଥିଲା । କିନ୍ତୁ ଆନ୍ଦୋଳନର ଅବସାନ ହେବା ପରିବର୍ତ୍ତେ ଏହା କ୍ଷିପ୍ରତର ହୋଇଥିଲା । ୧୯୨୧ରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହୋଇ ପରେ ପରେ ପ୍ରତ୍ୟାହୃତ ହୋଇଥିଲା ।

ଭାରତ ଶାସନ ବିଷୟରେ ଅନୁଧ୍ୟାନ କରିବା ନିମନ୍ତେ ୧୯୨୮ ମସିହାରେ ବ୍ରିଟିଶ ସରକାର ସାଇମନ (Simon Commission) ନିଯୁକ୍ତ କରିଥିଲେ । ଉକ୍ତ କମିଶନର ଅଧ୍ୟକ୍ଷ ଥିଲେ ସୁବିଖ୍ୟାତ ଆଇନଜ୍ଞ ସାର୍ ଜନ୍ ସାଇମନ୍ (Sir John Simon) । କିନ୍ତୁ ଉକ୍ତ କମିଶନରେ କୌଣସି ଭାରତୀୟଙ୍କୁ ସଭ୍ୟରୂପେ ନିଆଯାଇ ନଥିବାରୁ ବ୍ରିଟିଶ ସରକାରଙ୍କ ଅଭିସନ୍ଧିମୂଳକ ମନୋବୃତ୍ତି ସ୍ପଷ୍ଟ ପ୍ରମାଣିତ ହୋଇଥିଲା । ଭାରତୀୟମାନେ ଏହି କମିଶନକୁ ବର୍ଜନକରି "ସାଇମନ୍ ଫେରିଯାଅ" ବୋଲି ଧ୍ୱନି ଦେଇଥିଲେ ।

ସାଇମନ୍ କମିଶନ ପ୍ରଦେଶମାନଙ୍କ ଉପରେ କେନ୍ଦ୍ରର ନିୟନ୍ତ୍ରଣ ହ୍ରାସ କରିବାପାଇଁ ଦ୍ୱୈତ ଶାସନର ଅବସାନ ନିମନ୍ତେ ମତ ଦେଇଥିଲେ । ସେ ପୁଣି ଭୋଟଦାତାଙ୍କ ବୟସ ସୀମା କମାଇଦେଇ ସେମାନଙ୍କ ସଂଖ୍ୟା ବଢ଼ାଇବା ସପକ୍ଷରେ ମତ ଦେଇଥିଲେ । ଏକ ସର୍ବଭାରତୀୟ ରାଷ୍ଟ୍ରସଂଘ ଗଠିବା ସପକ୍ଷରେ ମଧ୍ୟ ସେମାନେ ମତବ୍ୟକ୍ତ କରିଥିଲେ । କିନ୍ତୁ ଭାରତୀୟମାନେ ସାଇମନ କମିଶନର ମତାମତ ଉପରେ ଗୁରୁତ୍ୱ ଆରୋପ କରିନଥିଲେ । ଅବଶ୍ୟ ଉକ୍ତ ମତାମତ ସବୁ ୧୯୩୫ର ଭାରତ ଶାସନ ଆଇନ ମଧ୍ୟରେ ସ୍ଥାନ ପାଇଥିଲା ।

ମହାତ୍ମାଗାନ୍ଧିଙ୍କ ଆଇନ ଅମାନ୍ୟ ଆନ୍ଦୋଳନ ତୀବ୍ରରୁ ତୀବ୍ରତର ହୋଇଥିଲା । ସର୍ବସାଧାରଣଙ୍କ ବ୍ୟବହାରରେ ଆସୁଥିବା ଲୁଣପରି ଏକ ପଦାର୍ଥକୁ ନିୟନ୍ତ୍ରଣ କରୁଥିବା ଲବଣ ଆଇନ ( Salt law ) ଭଙ୍ଗ କରି ଆନ୍ଦୋଳନକାରୀମାନେ ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ଦାଣ୍ଡି ଅଭିମୁଖେ ଯାତ୍ରା କରିଥିଲେ । ଭାରତରେ ଉପୁଜିଥିବା ପରିସ୍ଥିତିର ସମାଧାନ ନିମନ୍ତେ ୧୯୩୦ରୁ ୧୯୩୨ ମଧ୍ୟରେ ତିନୋଟି ଗୋଲ୍‌ଟେବୁଲ୍ ବୈଠକ ( Round Table Conference ) ବସିଥିଲା । ପ୍ରଥମ ଗୋଲ୍‌ଟେବୁଲ୍ ବୈଠକକୁ କଂଗ୍ରେସ ବର୍ଜନ କରିଥିଲା । ଶେଷରେ ତତ୍କାଳୀନ ବଡ଼ଲାଟ ଲର୍ଡ଼ ଇରୱିନ୍ ବାଧ୍ୟ ହୋଇ 'ଗାନ୍ଧି-ଇରୱିନ୍ ଚୁକ୍ତି' ମାଧ୍ୟମରେ ମହାତ୍ମାଗାନ୍ଧିଙ୍କ ସହ ରାଜିନାମାରେ ପହଞ୍ଚିବା ଫଳରେ ଆଇନ ଅମାନ୍ୟ ଆନ୍ଦୋଳନ ପ୍ରତ୍ୟାହୃତ ହୋଇ ୧୯୩୧ ମସିହାର ଦ୍ୱିତୀୟ ଗୋଲଟେବୁଲ୍ ବୈଠକରେ ମହାତ୍ମାଗାନ୍ଧି ଯୋଗ ଦେଇଥିଲେ । ତୃତୀୟ ଗୋଲଟେବୁଲ୍ ବୈଠକର ଆଲୋଚନା ଉପରେ ଭିତ୍ତିକରି ବ୍ରିଟିଶ ସରକାର କେତେଗୁଡ଼ିଏ ସଂସ୍କାର ପ୍ରସ୍ତାବ ଆଗତ କରିଥିଲେ । ଉକ୍ତ ପ୍ରସ୍ତାବ ସବୁ ୧୯୩୩ରେ ଏକ ଶ୍ୱେତ ପତ୍ରରେ ପ୍ରକାଶ ପାଇଥିଲା । ତାହା ବ୍ରିଟିଶ ସଂସଦ ଏବଂ ରାଣୀଙ୍କ ସମର୍ଥନ ଲାଭ କରିବା ପରେ ୧୯୩୫ ମସିହା 'ଭାରତ ଶାସନ ଆଇନ'ରେ ପରିଣତ ହେଲା ।

## ୧୯୩୫, ଭାରତ ଶାସନ ଆଇନର ବିଶିଷ୍ଟ ଲକ୍ଷଣ

## Features of the Govt. of India Act, 1935

୧୯୩୫ ମସିହାର ଭାରତ ଶାସନ ଆଇନ ହେଲା ଭାରତରେ ସାମ୍ରାଜ୍ୟବାଦୀ ବ୍ରିଟିଶ ସରକାରଙ୍କ ଶେଷ ଶାସନ ସଂସ୍କାର । ୪୫୧ ଟି ଅନୁଚ୍ଛେଦ ଏବଂ ୧୫ଟି ଅନୁସୂଚୀ ବିଶିଷ୍ଟ ଏହା ଏକ ବିରାଟ ଦଲିଲ ( Document ) । କିନ୍ତୁ ଏହାର ନିଜର ପ୍ରସ୍ତାବନା ନଥିଲା । ୧୯୧୯ ଭାରତ ଶାସନ ଆଇନର ପ୍ରସ୍ତାବନା ୧୯୩୫ ଭାରତ ଶାସନ ଆଇନ ସହିତ ଯୋଗ କରାଯାଇଥିଲା ।

୧ । ସର୍ବଭାରତୀୟ ରାଷ୍ଟ୍ରସଂଘ
( All India Federation )

ଅଂଶ ବିଶେଷ ( Units )— ଉକ୍ତ ଆଇନରେ ଭାରତବର୍ଷରେ ଏକ ରାଷ୍ଟ୍ରସଂଘ ଗଠିବାର ବ୍ୟବସ୍ଥା ଥିଲା । ପ୍ରସ୍ତାବିତ ରାଷ୍ଟ୍ରସଂଘରେ ଏଗାରଟି ରାଜ୍ୟପାଳ-ଶାସିତ ପ୍ରଦେଶ

ଓ ଛଅଟି ମୁଖ୍ୟ ଆୟୁକ୍ତ ( Chief Commissioner ) ଶାସିତ ଅଞ୍ଚଳ ଅନ୍ତର୍ଭୁକ୍ତ ଥିଲା । ଏହାଛଡ଼ା ଇଚ୍ଛା କରୁଥିବା ଦେଶୀୟ ରାଜ୍ୟଗୁଡ଼ିକର ଯୋଗ ଦେବା ବ୍ୟବସ୍ଥା ମଧ୍ୟ ଥିଲା ।

**ଲିଖିତ ଓ ଅନମନୀୟ ସଂବିଧାନ (Written and Rigid constitutiou)**

ପ୍ରସ୍ତାବିତ ରାଷ୍ଟ୍ରସଂଘରେ ୧୯୩୫ ଭାରତ ଶାସନ ଆଇନ ସର୍ବୋଚ୍ଚ ସଂବିଧାନ ଥିଲା । ଭାରତ ଶାସନ ଆଇନ ଲିଖିତ ଏବଂ ଅନମନୀୟ ଥିବାହେତୁ ଏକ ରାଷ୍ଟ୍ରସଂଘର ଆବଶ୍ୟକତା ପୂରଣ କରିବାପାଇଁ ସମର୍ଥ ହୋଇଥିଲା । ସଂବିଧାନ ସଂଶୋଧନର କ୍ଷମତା ବ୍ରିଟିଶ ସଂସଦଠାରେ ନ୍ୟସ୍ତ ଥିଲା । ତେଣୁ ପ୍ରସ୍ତାବିତ ସର୍ବଭାରତୀୟ ରାଷ୍ଟ୍ରସଂଘ ବ୍ରିଟିଶ ସରକାରଙ୍କ ପ୍ରାଧାନ୍ୟ ସ୍ୱୀକାର କରିଥିଲା ।

**କ୍ଷମତା ବଣ୍ଟନ ( Distribution of powers )**

ଭାରତ ଶାସନ ଆଇନ କେନ୍ଦ୍ର-ସରକାର ଓ ପ୍ରାଦେଶିକ ସରକାରଙ୍କ ମଧ୍ୟରେ କ୍ଷମତା ବଣ୍ଟନ କରିଥିଲା । ୫୯ଟି ବିଷୟ ଥିବା ସଂଘୀୟ ତାଲିକା ( Federal list ) କେନ୍ଦ୍ର ସରକାରଙ୍କପାଇଁ ଉଦ୍ଦିଷ୍ଟ ଥିଲା । ଉକ୍ତ ତାଲିକାରେ ପ୍ରତିରକ୍ଷା, ବୈଦେଶିକ ବ୍ୟାପାର, ଗମନା-ଗମନ, ମୁଦ୍ରା ପ୍ରଚଳନ ପ୍ରଭୃତି ଅନ୍ତର୍ଭୁକ୍ତ ଥିଲା । ଏହି ସମସ୍ତ ବିଷୟରେ କେନ୍ଦ୍ର ବିଧାନମଣ୍ଡଳ ଆଇନ ପ୍ରଣୟନ କରିବା କ୍ଷମତା ଥିଲା । ପ୍ରାଦେଶିକ ତାଲିକା ( Provincial list )ରେ ଅନ୍ତର୍ଭୁକ୍ତ ୫୪ଟି ବିଷୟରେ ପ୍ରାଦେଶିକ ବିଧାନ ମଣ୍ଡଳର ଆଇନ ପ୍ରଣୟନ କରିବା କ୍ଷମତା ଥିଲା । ଶିକ୍ଷା, ସାଧାରଣ ସ୍ୱାସ୍ଥ୍ୟ, ଆଇନ ଶୃଙ୍ଖଳା, ପୋଲିସ୍, କୃଷି, ଭୂରାଜସ୍ୱ, ସ୍ୱାୟତ୍ତ ଶାସନ ପ୍ରଭୃତି ବିଷୟ ପ୍ରାଦେଶିକ ତାଲିକାର ଅନ୍ତର୍ଭୁକ୍ତ ଥିଲା । ଏହା ବ୍ୟତୀତ ଏକ ସମବର୍ତ୍ତୀ ବା ମିଳିତ ତାଲିକା ( Concurrent list ) ଥିଲା । ଫୌଜଦାରୀ ବିବାଦ, ଖବର କାଗଜ, ବେକାରୀ ଓ ବୀମା ପ୍ରଭୃତି ୩୬ଟି ବିଷୟ ମିଳିତ ତାଲିକାଭୁକ୍ତ ଥିଲା । ସରକାର ଉଭୟ କେନ୍ଦ୍ର ଓ ପ୍ରାଦେଶିକ ମିଳିତ ତାଲିକାର ବିଷୟଗୁଡ଼ିକ ଉପରେ ଆଇନ ପ୍ରଣୟନ କରିପାରୁଥିଲେ । କିନ୍ତୁ ଉଭୟ ଆଇନ ମଧ୍ୟରେ ଦ୍ୱନ୍ଦ୍ୱ ଉପୁଜିଲେ କେନ୍ଦ୍ର ଆଇନ ବଳବତ୍ତର ରହି ପ୍ରାଦେଶିକ ଆଇନ ଅକାମୀ ହେବାର ବ୍ୟବସ୍ଥା ଥିଲା । ଅବଶିଷ୍ଟ କ୍ଷମତା ( Residuary powers ) ବଡ଼ଲାଟ ( Governor General ) ଙ୍କ ଠାରେ ନ୍ୟସ୍ତଥିଲା ।

**ସଂଘୀୟ ନ୍ୟାୟାଳୟ (Federal Court)**

ସଂଘୀୟ ନ୍ୟାୟାଳୟ ଥିଲା ପ୍ରସ୍ତାବିତ ରାଷ୍ଟ୍ରସଂଘର ଅନ୍ୟ ଏକ ଉପାଦାନ । ଉକ୍ତ ନ୍ୟାୟାଳୟର ମୌଳିକ, ଆବେଦନମୂଳକ ଏବଂ ପରାମର୍ଶଦାୟୀ କ୍ଷେତ୍ରାଧିକାର ଥିଲା ଏବଂ ଏହା ଦିଲ୍ଲୀରେ ଥିଲା । ଏଥିରେ ପ୍ରଧାନ ବିଚାରପତିଙ୍କ ମିଶାଇ ଅନ୍ୟୂନ ଛଅଜଣ ବିଚାରପତି ରହିବା କଥା । କିନ୍ତୁ ସଂଘୀୟ ନ୍ୟାୟାଳୟରୁ କୌଣସି ରାୟ ବିରୁଦ୍ଧରେ ରାଣୀଙ୍କ ପ୍ରିଭି କାଉନ୍‌ସିଲ୍ ନିକଟରେ ଆବେଦନ କରିବା ବ୍ୟବସ୍ଥା ମଧ୍ୟ ଥିଲା ।

୨ । ପ୍ରାଦେଶିକ ସ୍ୱାତନ୍ତ୍ର୍ୟ (Provincial Autonomy) ୧୯୩୫ ଭାରତ ଶାସନ ଆଇନର ଅନ୍ୟ ଏକ ଉଲ୍ଲେଖଯୋଗ୍ୟ ଲକ୍ଷଣ ହେଲା ପ୍ରାଦେଶିକ ସ୍ୱାତନ୍ତ୍ର୍ୟ । ଏହା ଏଗାରଟି ବ୍ରିଟିଶ ଶାସିତ ପ୍ରଦେଶକୁ ଏକ ସ୍ୱାଧୀନ ଓ ସ୍ୱତନ୍ତ୍ର ସ୍ଥିତି ପ୍ରଦାନ କରିଥିଲା । ପୁଣି ସଂସଦୀୟ ବା ମନ୍ତ୍ରୀପରିଷଦୀୟ ସରକାର (Cabinet Government) କୁ ସୁଚାରୁ ରୂପେ କାର୍ଯ୍ୟକାରୀ କରାଇବା ପାଇଁ ଏହା ଏକ ବାସ୍ତବ ବ୍ୟବସ୍ଥା ଥିଲା ( ପ୍ରାଦେଶିକ ସ୍ୱାତନ୍ତ୍ର୍ୟର ବିଶଦ ଆଲୋଚନା ପରେ କରାଯାଇଛି ) ।

୩ । କେନ୍ଦ୍ରରେ ଦ୍ୱୈତ ଶାସନ ( Dyarchy at the Centre ) ଯେଉଁ କଳଙ୍କିତ ଦ୍ୱୈତ ଶାସନ ପ୍ରଦେଶ ଗୁଡ଼ିକରୁ ଲୋପ କରାଯାଇଥିଲା, ୧୯୩୫ ଭାରତ ଶାସନ ଆଇନ ବଳରେ ତାହା କେନ୍ଦ୍ର କ୍ଷେତ୍ରରେ ପ୍ରବର୍ତ୍ତିତ ହେବା ବ୍ୟବସ୍ଥା ହୋଇଥିଲା । ପ୍ରାଦେଶିକ ସ୍ୱାତନ୍ତ୍ର୍ୟକୁ ଫଳପ୍ରଦ କରାଇବା ପାଇଁ ଏହି ନୂତନ ପଦକ୍ଷେପ ନିଆଯାଇଥିଲା । ଏହା ଫଳରେ ସଂଘୀୟ ବିଷୟ ଗୁଡ଼ିକୁ ସଂରକ୍ଷିତ ( Reserved ) ଏବଂ ହସ୍ତାନ୍ତରିତ ( Transferred ) ବିଷୟ ରୂପେ ବିଭକ୍ତ କରାଯାଇଥିଲା । ଦେଶରକ୍ଷା, ବୈଦେଶିକ ବ୍ୟାପାର, ଉପଜାତି ଉନ୍ନୟନ, ଧର୍ମ ସମ୍ବନ୍ଧୀୟ ବିଭାଗଗୁଡ଼ିକ ନେଇ ସଂରକ୍ଷିତ ବିଭାଗ ଥିଲା । ଏହି ସବୁ ବିଷୟ ପରାମର୍ଶଦାତା ( Councillors ) ଙ୍କ ପରାମର୍ଶ କ୍ରମେ ବଡ଼ଲାଟଙ୍କ ଦ୍ୱାରା ପରିଚାଳିତ ହେବାର ବ୍ୟବସ୍ଥା ହୋଇଥିଲା । ବଡ଼ଲାଟ ହିଁ ପରାମର୍ଶଦାତାଙ୍କୁ ନିଯୁକ୍ତ ଦେଉଥିଲେ । ତେଣୁ ସେମାନେ ବଡ଼ଲାଟଙ୍କ ନିକଟରେ ଉତ୍ତରଦାୟୀ ରହୁଥିଲେ । ହସ୍ତାନ୍ତରିତ ବିଭାଗଗୁଡ଼ିକ ମନ୍ତ୍ରୀପରିଷଦର ପରାମର୍ଶକ୍ରମେ ବଡ଼ଲାଟଙ୍କ ଦ୍ୱାରା ପରିଚାଳିତ ହେଉଥିଲା । ମନ୍ତ୍ରିମଣ୍ଡଳର ସଭ୍ୟମାନେ ସଂଘୀୟ ବିଧାନମଣ୍ଡଳର ସଭ୍ୟ ଥିବା ହେତୁ ସେମାନେ ସଂଘୀୟ ସଭା ( Federal Assembly ) ନିକଟରେ ଉତ୍ତରଦାୟୀ ଥିଲେ । ତେଣୁ ଦ୍ୱୈତ ଶାସନ ବ୍ୟବସ୍ଥା କେନ୍ଦ୍ରରେ ଆଂଶିକ ଉତ୍ତରଦାୟୀ ସରକାର ପ୍ରତିଷ୍ଠା କରିଥିଲା ବୋଲି କୁହାଯାଇପାରେ ।

୪ । ସାମ୍ପ୍ରଦାୟିକ ନିର୍ବାଚନ ମଣ୍ଡଳୀ ( Communal Electorates ) ସାମ୍ପ୍ରଦାୟିକ ନିର୍ବାଚନମଣ୍ଡଳୀ ବ୍ୟବସ୍ଥା ଯୋଗୁଁ ମଣ୍ଟଫୋର୍ଡ଼ ସଂସ୍କାରକୁ ସମାଲୋଚନା କରାଯାଇଥିଲେ ସୁଦ୍ଧା ବ୍ରିଟିଶ ସରକାର ୧୯୩୫ ଭାରତ ଶାସନ ଆଇନରେ ଉକ୍ତ ବ୍ୟବସ୍ଥାକୁ ପ୍ରସାରିତ କରିଥିଲେ । ଭାରତୀୟ ନିର୍ବାଚନ ମଣ୍ଡଳୀଗୁଡ଼ିକୁ ହିନ୍ଦୁ, ମୁସଲିମ୍, ଶିଖ୍, ଫିରିଙ୍ଗୀ, ଜମିଦାର, ବଣିକ, ନାରୀ ପ୍ରଭୃତି ନାମରେ ଭାଗ ଭାଗ କରିଥିଲେ ।

ମୂଲ୍ୟାଙ୍କନ—ଭାରତ ଶାସନ ଆଇନର ବିଭିନ୍ନ ଦୁର୍ବଳତା ଯୋଗୁଁ ଏହା ଇଂଲଣ୍ଡ କିମ୍ବା ଭାରତରେ ଉତ୍ସାହ ସୃଷ୍ଟି କରିପାରି ନଥିଲା । ଉଇନଷ୍ଟନ୍ ଚର୍ଚ୍ଚିଲଙ୍କ ଭାଷାରେ ଆଇନଟି ବିରାଟକାୟ ହୋଇଥିଲେ ସୁଦ୍ଧା ଜ୍ୟୋତିର୍ମୟ ନଥିଲା ( Mr. Winston Churchill

denounced the Act as voluminous but not luminous. ) ଏହାଦ୍ୱାରା ପ୍ରସ୍ତାବିତ ଭାରତୀୟ ରାଷ୍ଟ୍ରସଂଘ ଦୋଷମୁକ୍ତ ଥିଲା । ପ୍ରାଦେଶିକ ସ୍ୱାତନ୍ତ୍ର୍ୟ କେବଳ ଏକ ପ୍ରହସନ ମାତ୍ର ଥିଲା । ସମାଲୋଚକମାନଙ୍କ ମତରେ ଏହି ଆଇନ ବଳରେ ସାଂପ୍ରଦାୟିକତାକୁ ପ୍ରଶ୍ରୟ ଦିଆଯାଇଥିଲା । ସର୍ବୋପରି ବ୍ରିଟିଶ ସରକାରଙ୍କର ଏହା ଥିଲା ଏକ ବିଳମ୍ବିତ ସଂସ୍କାରମୂଳକ ପଦକ୍ଷେପ । ସ୍ୱାଧୀନତାର ଉଷାଲୋକ ଦେଖିବାପାଇଁ ବ୍ୟଗ୍ର ହୋଇ ଉଠିଥିବା ଭାରତୀୟ ଜନସାଧାରଣ ଆଉ କୌଣସି ସଂସ୍କାରଜନିତ ପଦକ୍ଷେପ ଗ୍ରହଣ କରିବାପାଇଁ ପ୍ରସ୍ତୁତ ନଥିଲେ ।

**ବଡ଼ଲାଟ ( Governor General )**

ବ୍ରିଟିଶ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ ବ୍ରିଟିଶ ସମ୍ରାଟ ଭାରତରେ ସାଧାରଣତଃ ପାଞ୍ଚବର୍ଷ ପାଇଁ ରାଷ୍ଟ୍ରମୁଖ୍ୟ ହିସାବରେ ଜଣେ ବଡ଼ଲାଟଙ୍କୁ ନିଯୁକ୍ତ କରୁଥିଲେ । ବଡ଼ଲାଟ ଥିଲେ ସଂଘୀୟ ବ୍ୟବସ୍ଥାର ମଧ୍ୟପ୍ରସ୍ତର ( Keystone ) । ତେଣୁ ସେ ବିପୁଳ କ୍ଷମତାର ଅଧିକାରୀ ହୋଇଥିଲେ ।

ବଡ଼ଲାଟ ଅନେକ ସ୍ୱେଚ୍ଛାଧୀନ କ୍ଷମତା ( Discretionary Powers )ର ମାଲିକ ଥିଲେ । ସେ ଉକ୍ତ କ୍ଷମତା ପ୍ରୟୋଗ କଲାବେଳେ ଲୋକପ୍ରିୟ ମନ୍ତ୍ରୀମାନଙ୍କ ସହିତ ପରାମର୍ଶ କରିବାକୁ ବାଧ୍ୟ ନଥିଲେ । ଦେଶରକ୍ଷା, ବୈଦେଶିକ ବ୍ୟାପାର, ଉପଜାତି ଉନ୍ନୟନ ଓ ଧର୍ମ ସଂକ୍ରାନ୍ତୀୟ ବିଷୟ ଉପରେ ସ୍ୱଇଚ୍ଛାରେ କ୍ଷମତା ପ୍ରୟୋଗ କରୁଥିଲେ । ମନ୍ତ୍ରୀମାନଙ୍କୁ ନିଯୁକ୍ତ ଓ ବହିଷ୍କାର କଲାବେଳେ, ମନ୍ତ୍ରୀପରିଷଦରେ ଅଧ୍ୟକ୍ଷତା କଲାବେଳେ ଏବଂ ପରାମର୍ଶଦାତାମାନଙ୍କୁ ନିଯୁକ୍ତ ଦେଲାବେଳେ ମଧ୍ୟ ସେ ନିଜ ବିବେକାଧୀନ ରହୁଥିଲେ । ଉପରୋକ୍ତ ସଂରକ୍ଷିତ ବିଷୟଗୁଡ଼ିକର ଶାସନଭାର ପରାମର୍ଶଦାତା ବା କାଉନ୍‌ସିଲରମାନଙ୍କ ହାତରେ ଥିଲା । ଉପରୋକ୍ତ କ୍ଷମତାକୁ ବାଦ୍ ଦେଲେ ବଡ଼ଲାଟ ସରକାରୀ କାର୍ଯ୍ୟ ପରିଚାଳନା ପାଇଁ ନିୟମ ଧାର୍ଯ୍ୟ କରିବା କ୍ଷମତା ବି ଉପଭୋଗ କରୁଥିଲେ । ସେ ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରୁଥିଲେ ଏବଂ ସେମାନଙ୍କ ଠାରୁ ସରକାରୀ କାର୍ଯ୍ୟକଳାପ ସମ୍ବନ୍ଧରେ ସମ୍ବାଦ ସଂଗ୍ରହ କରୁଥିଲେ ।

ବଡ଼ଲାଟଙ୍କ କେତେକ ସ୍ୱତନ୍ତ୍ର ଦାୟିତ୍ୱ ( Special Responsibility ) ଥିଲା ଯାହା ସେ ନିଜର ବ୍ୟକ୍ତିଗତ ବିଚାର ( Individual Judgement ) ଅନୁସାରେ ତୁଲାଉଥିଲେ । ଏହି କ୍ଷେତ୍ରରେ ସେ ମନ୍ତ୍ରିମଣ୍ଡଳ ସହିତ ପରାମର୍ଶ କରୁଥିଲେ ସତ, କିନ୍ତୁ ଉକ୍ତ ପରାମର୍ଶ ମାନିବାକୁ ସେ ବାଧ୍ୟ ନଥିଲେ । ସଂଖ୍ୟାଲଘୁ ସଂପ୍ରଦାୟର ସ୍ୱାର୍ଥରକ୍ଷା, ରାଷ୍ଟ୍ରସଂଘୀୟ ସରକାରଙ୍କୁ ଦୃଢ଼ କରିବା, ସରକାରୀ କର୍ମଚାରୀ ବା ତାଙ୍କ ଉପରେ ନିର୍ଭର କରୁଥିବା ବ୍ୟକ୍ତିଙ୍କ ସୁରକ୍ଷା ପ୍ରଭୃତି ସ୍ୱତନ୍ତ୍ର ଦାୟିତ୍ୱ ରୂପେ ଥିଲା । ପୁଣି ଭାରତର ଶାନ୍ତି ଶୃଙ୍ଖଳାକୁ ଅବ୍ୟାହତ ରଖିବା ଦାୟିତ୍ୱ ତାଙ୍କ ହାତରେ ଥିଲା । ବଡ଼ଲାଟଙ୍କୁ ସ୍ୱତନ୍ତ୍ର ଦାୟିତ୍ୱର ଅଧିକାରୀ କରାଯାଇ ସଂସଦୀୟ ଗଣତନ୍ତ୍ରର ବ୍ୟତିକ୍ରମ କରାଯାଇଥିଲା ।

ବଡ଼ଲାଟଙ୍କର କେତେଗୋଟି ବୈଧାନିକ କ୍ଷମତା ଥିଲା । ସେ ସଂସଦର ଅଧିବେଶନକୁ ଆହ୍ୱାନ ଏବଂ ସ୍ଥଗିତ କରୁଥିଲେ । ନିମ୍ନ ସଦନକୁ ଭାଙ୍ଗି ଦେବା କ୍ଷମତା ତାଙ୍କର ଥିଲା । ସଂଘୀୟ ସଭା ଚାଲୁନଥିଲା ବେଳେ ସେ ଅଧ୍ୟାଦେଶ ଜାରି କରିପାରୁଥିଲେ । ଉପସ୍ଥିତ ପରିସ୍ଥିତିରେ ସଂଘୀୟ ସରକାର ଚାଲିପାରିବ ନାହିଁ ବୋଲି ତାଙ୍କର ହୃଦ୍‌ବୋଧ ହେଲେ ସେ ସଂବିଧାନକୁ ସ୍ଥଗିତ ରଖି ପାରୁଥିଲେ । ଦେଶରେ ଜରୁରୀକାଳୀନ ପରିସ୍ଥିତି ଉପୁଜିଲେ ସେ ଆପଦକାଳୀନ ଘୋଷଣା କରିପାରୁଥିଲେ । ଏହି ଆପଦକାଳୀନ ଘୋଷଣା ସମୟରେ ସେ ସଂଘୀୟ ନ୍ୟାୟାଳୟର କ୍ଷମତା ବ୍ୟତୀତ ଯେ କୌଣସି ବା ସମସ୍ତ କ୍ଷମତା ନିଜ ହାତକୁ ନେଇପାରୁଥିଲେ ।

ବଡ଼ଲାଟ ନିଜ କ୍ଷମତା ପ୍ରୟୋଗ କଲାବେଳେ ସମ୍ବିଧାନ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ନିର୍ଦ୍ଦେଶ ( Instruments of instructions ) ଗୁଡ଼ିକ ଦ୍ୱାରା ପରିଚାଳିତ ହେଉଥିଲେ । ନିର୍ଦ୍ଦେଶଗୁଡ଼ିକ ବ୍ରିଟିଶ ସରକାରଙ୍କ ଦ୍ୱାରା ସଂସଦର ଅନୁମୋଦନ କ୍ରମେ ବଡ଼ଲାଟଙ୍କୁ ଦିଆଯାଇଥିବା କେତେକ ଅନୁଦେଶ ( Instructions ) ମାତ୍ର ।

ଦେଶରକ୍ଷା, ବୈଦେଶିକ ବ୍ୟାପାର ପ୍ରଭୃତି ଗୁରୁତର ବିଷୟଗୁଡ଼ିକ ବଡ଼ଲାଟଙ୍କ ବ୍ୟକ୍ତିଗତ ଶାସନାଧୀନ ଥିଲା । ସଂରକ୍ଷିତ ବିଭାଗ ଗୁଡ଼ିକର ପରିଚାଳନା କ୍ଷେତ୍ରରେ ସେ ଥିଲେ ସର୍ବଶକ୍ତିମାନ । ସଂଘୀୟ ରାଜକୋଷର ଶତକଡ଼ା ଅଶୀଭାଗ ବିନିଯୋଗ କରିବା ଦାୟିତ୍ୱ ତାଙ୍କରି ହାତରେ ନ୍ୟସ୍ତଥିଲା । ତାଙ୍କର ଯଥେଷ୍ଟ ସ୍ୱତନ୍ତ୍ର ଦାୟିତ୍ୱ ମଧ୍ୟ ଥିଲା । ସଂଘୀୟ ବିଧାନସଭାରେ ଗୃହୀତ ବିଧେୟକଗୁଡ଼ିକ ନାକଚ କରିବା କ୍ଷମତା ବଡ଼ଲାଟଙ୍କୁ ଅଧିକର କ୍ଷମତାଶାଳୀ କରିଥିଲା । ଅର୍ଥନୈତିକ ଉପଦେଷ୍ଟା, ମୁଖ୍ୟ କମିଶନର, ରିଜର୍ଭବ୍ୟାଙ୍କର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ, ସଂଘୀୟ ପବ୍ଲିକ ସର୍ଭିସ୍ କମିଶନର ଅଧ୍ୟକ୍ଷ ଓ ସଭ୍ୟବୃନ୍ଦଙ୍କ ଭଳି କେତେକ ଉଚ୍ଚପଦସ୍ଥ କର୍ମକର୍ତ୍ତାଙ୍କ ନିଯୁକ୍ତି ଦାୟିତ୍ୱ ବଡ଼ଲାଟଙ୍କ ହାତରେ ଥିଲା । ବଡ଼ଲାଟଙ୍କ ନିକଟରେ କାଉନ୍‌ସିଲର୍‌ମାନଙ୍କ ଭୂମିକା ଅତ୍ୟନ୍ତ ନଗଣ୍ୟ ଥିଲା । ମନ୍ତ୍ରୀମାନେ ଲୋକପ୍ରତିନିଧି ହୋଇଥିଲେ ସୁଦ୍ଧା ପ୍ରଭାବଶାଳୀ ନଥିଲେ । ତେଣୁ ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ ବଡ଼ଲାଟଙ୍କୁ ହିଟ୍‌ଲାର ଓ ମୁସୋଲିନିଙ୍କ ସହ ତୁଳନା କରିଥିଲେ । ବଡ଼ଲାଟ ପ୍ରାଦେଶିକ ରାଜ୍ୟପାଳମାନଙ୍କ କାର୍ଯ୍ୟ ଉପରେ ମଧ୍ୟ ପ୍ରଶାସନିକ କ୍ଷମତା ପ୍ରୟୋଗ କରିପାରୁଥିଲେ । ଗଣତାନ୍ତ୍ରିକ ଉତ୍ତର-ଦାୟୀ ଶାସନକୁ ଧ୍ୱଂସ କଲାଭଳି ଯଥେଷ୍ଟ କ୍ଷମତା ବଡ଼ଲାଟଙ୍କ ହାତରେ ଥିଲା ।

**ସଂଘୀୟ ବିଧାନ ମଣ୍ଡଳ ( Federal legislature )** ୧୯୩୫, ଭାରତ ଶାସନ ଆଇନ ବଳରେ କେନ୍ଦ୍ର ସଂସଦକୁ ଦୁଇ କକ୍ଷରେ ବିଭକ୍ତ କରାଗଲେ । ବ୍ରିଟିଶ ସମ୍ରାଟ, ଭାରତର ବଡ଼ଲାଟ ସଂଘୀୟ ସଭା ଏବଂ ରାଷ୍ଟ୍ରସଭାକୁ ନେଇ କେନ୍ଦ୍ର ସଂସଦ ଗଠିତ ହୋଇଥିଲା ।

**ସଂଘୀୟ ସଭା (Federal Assembly)** ସଂଘୀୟ ସଭାଥିଲା କେନ୍ଦ୍ର ସଂସଦର ନିମ୍ନସଦନ । ୩୭୦ ଜଣ ଲୋକ ପ୍ରତିନିଧିଙ୍କୁ ନେଇ ଏହି ସଦନ ଗଠନ

କରାଯାଇଥିଲା । ସେମାନଙ୍କ ମଧ୍ୟରେ ବ୍ରିଟିଶ ଶାସନାଧୀନ ପ୍ରଦେଶରୁ ୨୫୦ ଜଣ ଏବଂ ଦେଶୀୟ ରାଜ୍ୟଗୁଡ଼ିକରୁ ୧୨୫ ଜଣ ନିର୍ବାଚିତ ହୋଇଥିଲେ । ୨୫୦ଟି ଆସନ ମଧ୍ୟରୁ ୪ଟି ଆସନ କୌଣସି ପ୍ରଦେଶକୁ ଦିଆନଯାଇ ଶ୍ରମ, ବାଣିଜ୍ୟ ଓ ଶିଳ୍ପ ପ୍ରତିନିଧିଙ୍କୁ ଦିଆଯାଇଥିଲା । ଅବଶିଷ୍ଟ ୨୪୬ଟି ଆସନକୁ ନିମ୍ନପ୍ରକାରେ ପ୍ରଦେଶଗୁଡ଼ିକ ମଧ୍ୟରେ ବଣ୍ଟାଯାଇଥିଲା ।

| | | | |
|---|---|---|---|
| ମାନ୍ଦ୍ରାଜ | ... ୩୭ | ଓଡ଼ିଶା | ... ୫ |
| ବଙ୍ଗଳା | ... ୩୭ | ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ | ... ୫ |
| ଇଉ. ପି. | ... ୩୭ | ସିନ୍ଧ | ... ୫ |
| ବମ୍ବେ | ... ୩୦ | ବେଲୁଚିସ୍ଥାନ | ... ୧ |
| ପଞ୍ଜାବ | ... ୩୦ | ଦିଲ୍ଲୀ | ... ୨ |
| ବିହାର | ... ୩୦ | | |
| କେନ୍ଦ୍ରୀୟ ପ୍ରଦେଶ ଓ ବେରାର | ... ୧୫ | ଆଜମୀର ମାରଓ୍ୱାର | ... ୧ |
| ଆସାମ | ... ୧୦ | କୁର୍ଗ | ... ୧ |
| | | | ୨୪୬ |

ନିମ୍ନଲିଖିତ ହିସାବ ଅନୁସାରେ ବିଭିନ୍ନ ସମ୍ପ୍ରଦାୟ, ଗୋଷ୍ଠୀ ଓ ସ୍ୱାର୍ଥର ପ୍ରତିନିଧିମାନେ ନିର୍ବାଚିତ ହେଉଥିଲେ—

| | | | |
|---|---|---|---|
| ସାଧାରଣ (ତଫସିଲ ଜାତିର ୧୯ଜଣ ମିଶି) | ...୧୦୫ | ଫିରଙ୍ଗୀ | ... ୪ |
| | | ବାଣିଜ୍ୟ ଓ ଶିଳ୍ପ | ...୧୧ |
| ମୁସ୍‌ଲିମ୍ | ... ୮୨ | ଶ୍ରମ | ...୧୦ |
| ୟୁରୋପୀୟ | ୮ | ଜମିଦାର | ... ୭ |
| ଭାରତୀୟ ଖ୍ରୀଷ୍ଟିୟାନ | ୮ | ମହିଳା | ... ୯ |
| ଶିଖ୍ | ... ୧୦ | | |
| | | | ୨୫୪ |

ଏକକ ହସ୍ତାନ୍ତରଣୀୟ ମତଦ୍ୱାରା ଆନୁପାତିକ ପ୍ରତିନିଧାନ ରୀତି ( Proportional Representation by means of single transferable vote ) ଅନୁସାରେ ଏହି ସଭାର ସଭ୍ୟ ନିର୍ବାଚିତ ହେଉଥିଲେ । ଅଧିକାଂଶ ଭାରତୀୟଙ୍କ ରାଜନୈତିକ ଶିକ୍ଷା ନଥିବା ହେତୁ ସେମାନେ ପ୍ରତ୍ୟକ୍ଷ ନିର୍ବାଚନ ପାଇଁ ଉପଯୁକ୍ତ ନଥିଲେ । ତେଣୁ ପ୍ରଥମାବସ୍ଥାରେ ପରୋକ୍ଷ ନିର୍ବାଚନକୁ ଉଚିତ୍ ପନ୍ଥାବୋଲି ଧରି ନିଆଯାଇଥିଲା । ଦେଶୀୟ

ରାଜ୍ୟଗୁଡ଼ିକରୁ ଉକ୍ତ ରାଜ୍ୟଗୁଡ଼ିକର ଶାସକମାନଙ୍କଦ୍ୱାରା ନିର୍ଦ୍ଧାରିତ ନିୟମଦ୍ୱାରା ବଛାହୋଇ ସଭ୍ୟମାନେ ସଂଘୀୟ ସଭାକୁ ଆସୁଥିଲେ ।

**ରାଷ୍ଟ୍ର ସଭା (Council of States)** କେନ୍ଦ୍ର ସଂସଦର ଉଚ୍ଚସଦନକୁ ରାଷ୍ଟ୍ରସଭା କୁହାଯାଉଥିଲା । ଏହି ସଦନର ସଦସ୍ୟ ସଂଖ୍ୟା ଥିଲା ୨୬୦; ଏମାନଙ୍କ ମଧ୍ୟରେ ବ୍ରିଟିଶ ଶାସନାଧୀନ ପ୍ରଦେଶରୁ ୧୫୬ ଜଣ ଏବଂ ଦେଶୀୟ ରାଜ୍ୟଗୁଡ଼ିକରୁ ୧୦୪ ଜଣ ପ୍ରତିନିଧି ଥିଲେ । ୧୫୬ ଜଣ ପ୍ରତିନିଧିଙ୍କ ମଧ୍ୟରୁ ୧୫୦ ଜଣ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହେଉଥିଲେ ଏବଂ ୬ଜଣ ବଡ଼ଲାଟଙ୍କ ଦ୍ୱାରା ମନୋନୀତ ହେଉଥିଲେ । ୧୫୦ ଜଣ ପ୍ରତିନିଧିଙ୍କ ମଧ୍ୟରେ ୧୦ ଜଣ ଅଣ-ପ୍ରାଦେଶିକ ପ୍ରତିନିଧି ଅନ୍ତର୍ଭୁକ୍ତ ଥିଲେ । ଅନ୍ୟ ୧୪୦ ଜଣ ପ୍ରତିନିଧିଙ୍କୁ ପ୍ରାଦେଶିକ ଭିତ୍ତିରେ ନିମ୍ନପ୍ରକାରେ ବଣ୍ଟାଯାଇଥିଲା ।

| | | | |
|---|---|---|---|
| ମାନ୍ଦ୍ରାଜ | ୨୦ | ଓଡ଼ିଶା | ... ୫ |
| ବଙ୍ଗ | ... ୨୦ | ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ | ... ୫ |
| ଇଉ. ପି. | ୨୦ | ସିନ୍ଧ୍ | ... ୫ |
| ବମ୍ବେ | ... ୧୬ | ବେଲୁଚିସ୍ଥାନ | ... ୧ |
| ବିହାର | ... ୧୬ | ଦିଲ୍ଲୀ | ... ୧ |
| ପଞ୍ଜାବ | ୧୬ | | |
| କେନ୍ଦ୍ରୀୟ ପ୍ରଦେଶ ଏବଂ ବେରାର | ... ୮ | ଆଜମିର ମାରୱାର | ୧ |
| ଆସାମ | ... ୫ | କୁର୍ଗ | ... ୧ |
| | | | ୧୪୦ |

ନିମ୍ନଭାବରେ ବିଭିନ୍ନ ସଂପ୍ରଦାୟ ଏବଂ ଗୋଷ୍ଠୀ ମଧ୍ୟରେ ଆସନଗୁଡ଼ିକ ବଣ୍ଟାଯାଇଥିଲା—

| | | | |
|---|---|---|---|
| ସାଧାରଣ | ...୭୫ | ୟୁରୋପୀୟ | ... ୭ |
| ତଫସିଲଭୁକ୍ତ ଜାତି | ... ୬ | ଫିରିଙ୍ଗୀ | ... ୧ |
| ମୁସ୍ଲିମ୍ | ...୪୯ | ଭାରତୀୟ ଖ୍ରୀଷ୍ଟିଆନ | ... ୨ |
| ଶିଖ୍ | ... ୪ | ମହିଳା | ... ୬ |
| | | | ୧୫୦ |

ଦେଶୀୟ ରାଜାମାନେ ୧୦୪ ଜଣ ପ୍ରତିନିଧିଙ୍କୁ ମନୋନୀତ କରୁଥିଲେ । ରାଷ୍ଟ୍ରସଭା ଏକ ସ୍ଥାୟୀ ସଦନ ଥିଲା ଏବଂ ପ୍ରତି ତୃତୀୟ ବର୍ଷରେ ଏହାର ଏକ ତୃତୀୟାଂଶ ସଦସ୍ୟ ଅବସର ଗ୍ରହଣ କରୁଥିଲେ ।

## କେନ୍ଦ୍ର ବିଧାନମଣ୍ଡଳର କ୍ଷମତା

କେନ୍ଦ୍ର ବିଧାନ ମଣ୍ଡଳର କ୍ଷମତାକୁ ତିନି ଭାଗରେ ବିଭକ୍ତ କରାଯାଇଥିଲା । ଯଥା :—ବୈଧାନିକ, ଶାସନଗତ ଓ ଆର୍ଥିକ ।

ବୈଧାନିକ କ୍ଷମତା—ସଂଘୀୟ ବା କେନ୍ଦ୍ରୀୟ ତାଲିକା ଓ ମିଳିତ ତାଲିକାରେ ଅନ୍ତର୍ଭୁକ୍ତ ସମସ୍ତ ବିଷୟ ଉପରେ ଆଇନ ପ୍ରଣୟନ କରିବା କ୍ଷମତା କେନ୍ଦ୍ର ବିଧାନମଣ୍ଡଳର ଥିଲା । ଏହି ଆଇନଗୁଡ଼ିକ ସମସ୍ତ ବ୍ରିଟିଶ ଶାସନାଧୀନ ରାଜ୍ୟରେ ଲାଗୁ ହେଉଥିଲା । କେନ୍ଦ୍ର ବିଧାନମଣ୍ଡଳ ମୁଖ୍ୟ ଆୟୁକ୍ତଙ୍କ ଦ୍ୱାରା ପରିଚାଳିତ ପ୍ରଦେଶ ଗୁଡ଼ିକ ପାଇଁ ସମସ୍ତ ବିଷୟରେ ଆଇନ ତିଆରି କରିପାରୁଥିଲା । ରାଷ୍ଟ୍ରସଂଘରେ ଯୋଗ ଦେଇଥିବା ଦେଶୀୟ ରାଜ୍ୟମାନେ ଅନୁପ୍ରବେଶ ପତ୍ର ( Instrument of Accession ) ମାଧ୍ୟମରେ ଯେଉଁ ବିଷୟଗୁଡ଼ିକ ରାଷ୍ଟ୍ରସଂଘକୁ ହସ୍ତାନ୍ତର କରିଥିବେ ସେସବୁ ଉପରେ ଆଇନ ପ୍ରଣୟନ କରିବା କ୍ଷମତା ମଧ୍ୟ କେନ୍ଦ୍ର ବିଧାନ ମଣ୍ଡଳଠାରେ ନ୍ୟସ୍ତ ଥିଲା ।

ଶାସନଗତ କ୍ଷମତା —ଶାସନଗତ କ୍ଷମତା ମଧ୍ୟରେ ମନ୍ତ୍ରୀମାନଙ୍କୁ ନିୟନ୍ତ୍ରଣ କରିବା କ୍ଷମତା ହିଁ ଉଲ୍ଲେଖଯୋଗ୍ୟ । ମନ୍ତ୍ରିପରିଷଦକୁ ଅନାସ୍ଥାସୂଚକ ପ୍ରସ୍ତାବ ( No-confidence motion ) ଦ୍ୱାରା ପଦଚ୍ୟୁତ କରିବା କ୍ଷମତା କେବଳ ସଂଘୀୟ ସଭାର ଥିଲା । କିନ୍ତୁ ଉଭୟ ସଦନ ମନ୍ତ୍ରୀମାନଙ୍କୁ ପ୍ରଶ୍ନ ପଚାରିବାରେ ଓ ମୁଲତବି ପ୍ରସ୍ତାବ ( Adjournment motion) ଆଣିବାରେ ସମାନ କ୍ଷମତା ଉପଭୋଗ କରୁଥିଲେ ।

ଆର୍ଥିକ କ୍ଷମତା— ଅର୍ଥ ବିଧେୟକ ( Money Bill ) ପ୍ରଥମକରି ଆଗତ କରିବାର ଅଧିକାର କେବଳ ସଂଘୀୟ ସଭାର ଥିଲା । ଏହି କ୍ଷମତା ରାଷ୍ଟ୍ର ପରିଷଦ ଉପଭୋଗ କରିପାରୁ ନଥିଲା । ଏତଦ୍‌ବ୍ୟତୀତ ଉଭୟ ଗୃହ ସମାନ ଆର୍ଥିକ କ୍ଷମତା ଉପଭୋଗ କରୁଥିଲେ । ଅବଶ୍ୟ ଅର୍ଥ ସଂକ୍ରାନ୍ତୀୟ ଅଟକଳ (Budget)ର କେବଳ ଶତକଡ଼ା ୨୦ ଭାଗ ଉପରେ କେନ୍ଦ୍ର ବିଧାନମଣ୍ଡଳର ହସ୍ତକ୍ଷେପ କରିବା ଅଧିକାର ଥିଲା । କିନ୍ତୁ ଏହାକୁ ବଡ଼ଲାଟ ଇଚ୍ଛାକଲେ ନିଜ କ୍ଷମତା ବଳରେ ପୁନର୍ନବୀକରଣ ( Restoration ) କରାଇ ପାରୁଥିଲେ ।

କେନ୍ଦ୍ର ବିଧାନ ମଣ୍ଡଳର ସମୁହ କ୍ଷମତା ଆଲୋଚନା କଲେ ସ୍ପଷ୍ଟ ଜଣାଯାଏ ଯେ ଏହା ଅତି ଦୁର୍ବଳ ଥିଲା ଏବଂ ଏହା ଶାସନ ବିଭାଗର ଅଧୀନସ୍ଥ ଅନୁଷ୍ଠାନରୂପେ କାର୍ଯ୍ୟ କରୁଥିଲା । ସଂସଦର କାର୍ଯ୍ୟକ୍ରମ ଆଦି ବଡ଼ଲାଟ ନିର୍ଦ୍ଧାରଣ କରୁଥିଲେ ।

**ଭାରତୀୟ ରାଷ୍ଟ୍ର ସଂଘର ସମାଲୋଚନା—** ପ୍ରସ୍ତାବିତ ଭାରତୀୟ ରାଷ୍ଟ୍ରସଂଘ ଏକାଧିକ ଅସମାନ ଅଙ୍ଗ ବିଶେଷର ସମ୍ମିଶ୍ରଣ ଥିଲା । ସେଗୁଡ଼ିକ ଆୟତନ, ଜନସଂଖ୍ୟା, ସମ୍ବିଧାନ, ସରକାର, କ୍ଷମତା, ପ୍ରତିପତ୍ତି ଓ ଦରମାରେ ପରସ୍ପର ଭିନ୍ନ ଥିଲେ । ସମଗ୍ର ଜନସଂଖ୍ୟାର ଏକ ଚତୁର୍ଥାଂଶ ଦେଶୀୟ ରାଜ୍ୟଗୁଡ଼ିକରେ ବସବାସ କରୁଥିଲେ

ଯୁଦ୍ଧା ଉକ୍ତ ରାଜ୍ୟଗୁଡ଼ିକୁ ରାଷ୍ଟ୍ର ପରିଷଦରେ ଶତକଡ଼ା ୪୦ ଭାଗ ସ୍ଥାନ ଓ ସଂଘୀୟ ସଭାରେ ଶତକଡ଼ା ୩୩ ଭାଗ ସ୍ଥାନ ଦିଆଯାଇଥିଲା । ତେଣୁ ବ୍ରିଟିଶ ଶାସନାଧୀନ ରାଜ୍ୟମାନଙ୍କ ଅପେକ୍ଷା ଦେଶୀୟ ରାଜ୍ୟଗୁଡ଼ିକ ଅଧିକ ସୁବିଧା ପାଉଥିଲେ । ସଂଘୀୟ ସରକାରଙ୍କୁ ଏପରି ଭାବରେ ସୀମିତ କରାଯାଇଥିଲା ଯେ ସମସ୍ତ ରାଜନୈତିକ ଓ ଆର୍ଥିକ କ୍ଷମତା ବ୍ରିଟିଶ ସରକାରଙ୍କ ହାତରେ ଠୁଳ ହୋଇଥିଲା । ଭାରତୀୟ ରାଷ୍ଟ୍ରସଂଘରେ ଯୋଗଦେଉଥିବା ଦେଶୀୟ ରାଜ୍ୟମାନଙ୍କୁ ଇଚ୍ଛାନୁରୂପକ କ୍ଷମତା ହସ୍ତାନ୍ତର କରିବାର ସୁଯୋଗ ଦିଆ-ଯାଇଥିବା ହେତୁ ଅଙ୍ଗୀଭୂତ ରାଜ୍ୟ ଗୁଡ଼ିକର କ୍ଷମତାରେ ବିଭିନ୍ନତା ଲକ୍ଷ୍ୟ କରାଯାଉଥିଲା । ତେଣୁ ପ୍ରସ୍ତାବିତ ରାଷ୍ଟ୍ରସଂଘୀୟ ପରିକଳ୍ପନା ଅସୁସ୍ଥ ଏବଂ ବିକୃତ ଥିଲା । ରାଷ୍ଟ୍ର ପରିଷଦକୁ ପୁଣି ଗଠନ ପ୍ରଣାଳୀରେ ଆଭିଜାତ୍ୟପୂର୍ଣ୍ଣ କରାଯାଇଥିଲା । କ୍ଷମତା ବିଭାଜନ ଏବଂ ତିନି-ଗୋଟି ତାଲିକା ମଧ୍ୟରେ କ୍ଷମତା ବଣ୍ଟନ ସ୍ପଷ୍ଟ ନଥିବା । ବଳକା କ୍ଷମତା ( Residuary power) ବଡ଼ଲାଟଙ୍କ ହାତରେ ନ ରହି କେନ୍ଦ୍ର କିମ୍ବା ରାଜ୍ୟମାନଙ୍କ ନିକଟରେ ରହିବା ନିଶ୍ଚିତ ଥିଲା । ତେଣୁ ଗଭୀର ଅନୁଧ୍ୟାନ ପରେ ଜଣାଯାଏ ଯେ ରାଷ୍ଟ୍ରସଂଘୀୟ ଯୋଜନା ସମ୍ପୂର୍ଣ୍ଣ ଭାବରେ ଅପ୍ରାକୃତିକ, ପ୍ରତିକ୍ରିୟାଶୀଳ ଓ କ୍ଷତିକାରକ ଥିଲା ।

## ପ୍ରାଦେଶିକ ସ୍ୱାତନ୍ତ୍ର୍ୟ

**( Provincial Autonomy )**

ଏସ୍. ଏଲ୍. ସିକ୍ରୀଙ୍କ ଭାଷାରେ ୧୯୩୫ ଭାରତ ଶାସନ ଆଇନରେ ଭାରତୀୟଙ୍କୁ ପ୍ରଦତ୍ତ ସର୍ବଶ୍ରେଷ୍ଠ ପୁରସ୍କାର ହେଉଛି ତଥାକଥିତ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ( The Chief prize awarded to the Indians by the Act of 1935 was the so called provincial Autonomy.) ଅବଶ୍ୟ ପ୍ରଦେଶ ଗୁଡ଼ିକୁ କେନ୍ଦ୍ର କବଳରୁ ମୁକ୍ତ କରିବା ଦିଗରେ ୧୯୧୯ ଭାରତ ଶାସନ ଆଇନ ଦ୍ୱାରା ପ୍ରଚେଷ୍ଟା କରାଯାଇଥିଲା; କିନ୍ତୁ ତତ୍‌ସମ୍ପର୍କୀୟ ବ୍ୟବସ୍ଥାଗୁଡ଼ିକ ଯଥେଷ୍ଟ ନଥିଲା । ୧୯୩୫ ଭାରତ ଶାସନ ଆଇନ ବ୍ୟବସ୍ଥା ପ୍ରଦେଶମାନଙ୍କ ଶାସନ ବ୍ୟବସ୍ଥାକୁ ପୁନଃପରିବର୍ତ୍ତିତ ଏବଂ ପୁନଃସଙ୍ଗଠିତ କରିଥିଲା । ଉପସ୍ଥିତ ବ୍ୟବସ୍ଥାନୁଯାୟୀ ପ୍ରଦେଶଗୁଡ଼ିକ ବଡ଼ଲାଟଙ୍କଠାରୁ କ୍ଷମତା ହାସଲ ନକରି ଭାରତ ଶାସନ ଆଇନରୁ କ୍ଷମତା ଆହରଣ କରୁଥିଲେ । ଏହି ଆଇନ କେନ୍ଦ୍ର ଓ ରାଜ୍ୟ ତାଲିକାର ସ୍ପଷ୍ଟ ସୀମାଙ୍କନ କରିଥିଲା । ପ୍ରଦେଶଗୁଡ଼ିକୁ ସେମାନଙ୍କ ବୃଦ୍ଧି ଏବଂ ବିକାଶ ନିମନ୍ତେ ଧନାଗମର କେତେକ ନିର୍ଦ୍ଦିଷ୍ଟ ଉପାୟ ପ୍ରଦାନ କରାଯାଇଥିଲା ।

ପ୍ରାଦେଶିକ ଶାସନ ବିଭାଗ—ରାଜ୍ୟପାଳ ଓ ଗୋଟିଏ ମନ୍ତ୍ରୀପରିଷଦକୁ ନେଇ ପ୍ରାଦେଶିକ ଶାସନ ଗଠିତ ହୋଇଥିଲା । ରାଜ୍ୟପାଳ ଥିଲେ ପ୍ରଦେଶର ମୁଖ୍ୟ ଏବଂ ସେ ସାଧାରଣତଃ ପାଞ୍ଚବର୍ଷ ପାଇଁ ଭାରତ ସଚିବଙ୍କ ପରାମର୍ଶ କ୍ରମେ ରାଜାଙ୍କ ଦ୍ୱାରା ନିଯୁକ୍ତ ହେଉଥିଲେ ।

ପ୍ରଶାସନକ କ୍ଷେତ୍ରରେ ରାଜ୍ୟପାଳମାନେ ବହୁତ ସ୍ୱେଚ୍ଛାଧୀନ ( Discretionary ) କ୍ଷମତା ଉପଭୋଗ କରୁଥିଲେ । ତାଙ୍କର ସ୍ୱେଚ୍ଛାଧୀନ କ୍ଷମତା ଉପଭୋଗ କରୁଥିବା ବିଷୟାବଳି ତାଙ୍କ ଦ୍ୱାରାହିଁ ନିର୍ଦ୍ଧାରିତ ହେଉଥିଲା । ସରକାରଙ୍କୁ ବିତାଡ଼ିତ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗରେ ଅଭିଯୁକ୍ତ ବ୍ୟକ୍ତିଙ୍କ ପାଇଁ ସେ ଦଣ୍ଡବିଧାନ କରୁଥିଲେ । ମନ୍ତ୍ରିପରିଷଦର ଗଠନ ଏବଂ ମନ୍ତ୍ରୀମାନଙ୍କୁ ପଦଚ୍ୟୁତ କରିବା କ୍ଷମତା ଉପଭୋଗ କରୁଥିଲେ । ସେ ମନ୍ତ୍ରି-ପରିଷଦକୁ ଆହ୍ୱାନ ( Summon ) କରୁଥିଲେ ଓ ବୈଠକରେ ସଭାପତି ହେଉଥିଲେ । ଖର୍ଚ୍ଚ ସମ୍ବନ୍ଧୀୟ କୌଣସି ବିଷୟ ଉପରେ ବିଧାନମଣ୍ଡଳର ସ୍ୱୀକୃତି ଦିଆଯିବ କି ନାହିଁ ସେ ବିଷୟରେ ତାଙ୍କ ମତାମତ ଚୂଡ଼ାନ୍ତ ଥିଲା । ରାଜ୍ୟପାଳ ସ୍ୱେଚ୍ଛାରେ କାର୍ଯ୍ୟ କରୁଥିବା ବେଳେ ମନ୍ତ୍ରୀମାନଙ୍କ ସହିତ ପରାମର୍ଶ କରିବା ଆବଶ୍ୟକ ନଥିଲା ।

କେତେକ କ୍ଷମତା ରାଜ୍ୟପାଳ ବ୍ୟକ୍ତିଗତ ବିଚାର ଦ୍ୱାରା ଉପଭୋଗ କରୁଥିଲେ । କୌଣସି ଗୁରୁତର ବିପଦରୁ ପ୍ରଦେଶର ଶାନ୍ତି ଶୃଙ୍ଖଳାକୁ ରକ୍ଷା କରିବା, ସଂଖ୍ୟାଲଘୁଗୋଷ୍ଠୀ ଓ ପ୍ରଶାସନିକ କର୍ମଚାରୀଙ୍କ ସ୍ୱାର୍ଥ ରକ୍ଷା କରିବା, ବାଣିଜ୍ୟ ସମ୍ବନ୍ଧୀୟ ପାର୍ଥକ୍ୟ ଦୂର କରିବା ପ୍ରଭୃତି କ୍ଷମତା ଉକ୍ତ କ୍ଷମତା ପରିସର ଭିତରେ ଅନ୍ତର୍ଭୁକ୍ତ ଥିଲା । ବ୍ୟକ୍ତିଗତ ବିଚାର ଦ୍ୱାରା କାର୍ଯ୍ୟ କଲାବେଳେ ରାଜ୍ୟପାଳ ମନ୍ତ୍ରୀମାନଙ୍କ ସହିତ ପରାମର୍ଶ କରୁଥିଲେ; କିନ୍ତୁ ସେମାନଙ୍କ ପରାମର୍ଶ ନିଶ୍ଚିତ ଭାବରେ ଗ୍ରହଣ କରିବେ ବୋଲି ସେପରି କୌଣସି ବ୍ୟବସ୍ଥା ନଥିଲା ।

ମନ୍ତ୍ରୀମାନେ ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତ ହେଉଥିଲେ ଏବଂ ତାଙ୍କର ମର୍ଜି ଅନୁସାରେ ପଦ ଉପଭୋଗ କରୁଥିଲେ । ତେଣୁ ମନ୍ତ୍ରୀମାନଙ୍କ ପରାମର୍ଶକ୍ରମେ ରାଜ୍ୟପାଳଙ୍କ କାର୍ଯ୍ୟକରିବା କ୍ଷମତା ନିତାନ୍ତ ନଗଣ୍ୟ ଥିଲା ।

ରାଜ୍ୟପାଳ ପ୍ରାଦେଶିକ ବିଧାନମଣ୍ଡଳକୁ ଆହ୍ୱାନ କରିବା, ସ୍ଥଗିତ ରଖିବା ଓ ବିଧାନସଭାକୁ ଭାଙ୍ଗି ପୁନି ନିର୍ବାଚନ ଲାଗି ଆଦେଶ ଦେବା କ୍ଷମତା ଉପଭୋଗ କରୁଥିଲେ । ପୁଣି ଉଭୟ ଗୃହର ମିଳିତ ଅଧିବେଶନ ଆହ୍ୱାନ କରିବା କ୍ଷମତା ତାଙ୍କର ଥିଲା । ପୃଥକ ଭାବରେ ବା ମିଳିତ ଭାବରେ ଉଭୟ କକ୍ଷରେ ସେ ପ୍ରାରମ୍ଭିକ ଅଭିଭାଷଣ ଦେଉଥିଲେ ଓ ଗୃହଗୁଡ଼ିକୁ ନିଜର ବାର୍ତ୍ତା ପଠାଉଥିଲେ ।

ପ୍ରାଦେଶିକ ବିଧାନମଣ୍ଡଳ ଦ୍ୱାରା ଗୃହୀତ ବିଧେୟକ ରାଜ୍ୟପାଳଙ୍କ ସମ୍ମତି ସହ ଆଇନରେ ପରିଣତ ହେଉଥିଲା; କିନ୍ତୁ କେତେକ କ୍ଷେତ୍ରରେ ଏହି କ୍ଷମତାର ଦ୍ୱାହି ଦେଇ ରାଜ୍ୟପାଳ ନିଜ ଇଚ୍ଛାମତେ ସ୍ୱୀକୃତି ପ୍ରଦାନ କରୁଥିଲେ ବା ସ୍ଥଗିତ ରଖୁଥିଲେ । ଏପରିକି ସମ୍ରାଟଙ୍କ ବିଚାର ପାଇଁ ସେଗୁଡ଼ିକୁ ପଠାଇ ଦେଇଥିଲେ । କେତେକ କ୍ଷେତ୍ରରେ ପ୍ରାଦେଶିକ ବିଧାନମଣ୍ଡଳରେ କେତେକ ବିଷୟରେ ଆଲୋଚନା ବନ୍ଦ କରିଦେଇ ପାରୁଥିଲେ । ବାଚସ୍ପତିଙ୍କ ସହିତ ପରାମର୍ଶ କରି ବିଧାନସଭାର ଏବଂ ଅଧ୍ୟକ୍ଷଙ୍କ ସହିତ ପରାମର୍ଶ କରି ବିଧାନ ପରିଷଦର କାର୍ଯ୍ୟବିଧି ନିର୍ଣ୍ଣୟ କରୁଥିଲେ ।

ଅଧ୍ୟାଦେଶ ଜାରି କରିବା ଥିଲା ରାଜ୍ୟପାଳଙ୍କ ଏକ ଶକ୍ତିଶାଳୀ ବୈଧାନିକ କ୍ଷମତା । ଉକ୍ତ ଅଧ୍ୟାଦେଶ ଆଇନର କାମକରେ । ଅବଶ୍ୟ ଅଧ୍ୟାଦେଶଗୁଡ଼ିକ ପରେ ଅନୁମୋଦନ ପାଇଁ ବିଧାନମଣ୍ଡଳରେ ଉପସ୍ଥାପିତ ହୁଏ । ରାଜ୍ୟ ବିଧାନସଭାର ବିଶ୍ରାନ୍ତି ( Recess ) ବେଳେ କିମ୍ବା ନିଜ ଇଚ୍ଛାମୁତାବକ ରାଜ୍ୟପାଳ ଅଧ୍ୟାଦେଶ ଜାରି କରିପାରୁଥିଲେ ।

ପ୍ରାଦେଶିକ ରାଜସ୍ୱର ବ୍ୟୟବରାଦ୍ଦ ଅଟକଳ ରାଜ୍ୟପାଳ କରୁଥିଲେ । ତାଙ୍କର ଅନୁମୋଦନ ବ୍ୟତୀତ ଆର୍ଥିକ ବିଧେୟକ ବିଧାନମଣ୍ଡଳରେ ଆଗତ ହୋଇପାରୁ ନଥିଲା । ବିଧାନମଣ୍ଡଳ ଦ୍ୱାରା ଅଗ୍ରାହ୍ୟ ବା ହ୍ରାସ ହୋଇଥିବା କୌଣସି ଅନୁଦାନ ( Grant )କୁ ସେ ପୁନଃସ୍ଥାପନ କରିପାରୁଥିଲେ ।

## ପ୍ରାଦେଶିକ ବିଧାନମଣ୍ଡଳ

ବଙ୍ଗଳା, ମାନ୍ଦ୍ରାଜ, ବିହାର, ଆସାମ ଓ ଯୁକ୍ତପ୍ରଦେଶରେ ଦ୍ୱିସଦନୀୟ ପ୍ରଥା ପ୍ରବର୍ତ୍ତନ କରାଗଲା । ବିଧାନସଭା ଗୁଡ଼ିକର ସଦସ୍ୟମାନେ ନିର୍ବାଚିତ ହେଉଥିଲେ; କିନ୍ତୁ ବିଧାନ ପରିଷଦର କେତେକ ସଦସ୍ୟ ମନୋନୀତ ହେଉଥିଲେ । ବର୍ତ୍ତମାନ ସୁଦ୍ଧା ସମ୍ପତ୍ତିକୁ ଭିତ୍ତିକରି ଲୋକେ ଭୋଟାଧିକାର ପାଉଥିଲେ ।

ରାଜ୍ୟ ତାଲିକା ଓ ମିଳିତ ତାଲିକା ଉପରେ ଆଇନ ପ୍ରଣୟନ କରିବା କ୍ଷମତା ପ୍ରାଦେଶିକ ବିଧାନ ମଣ୍ଡଳର ଥିଲା । ଭୋଟ ବହିର୍ଭୂତ ବିଷୟବସ୍ତୁକୁ ବାଦ୍ ଦେଇ ଖର୍ଚ୍ଚ ସମ୍ବନ୍ଧୀୟ ଅନ୍ୟାନ୍ୟ ସମସ୍ତ ବିଧେୟକ ପ୍ରାଦେଶିକ ବିଧାନସଭାରେ ଉପସ୍ଥାପିତ ହେଉଥିଲା । କିନ୍ତୁ ବିଧାନମଣ୍ଡଳର କ୍ଷମତା ବଡ଼ଲାଟ ଓ ରାଜ୍ୟପାଳଙ୍କ ଦ୍ୱାରା ଯଥେଷ୍ଟ ସୀମିତ ହୋଇଥିଲା ।

## ପ୍ରାଦେଶିକ ସ୍ୱାତନ୍ତ୍ର୍ୟର ମୂଲ୍ୟାଙ୍କନ

ସମାଲୋଚକମାନଙ୍କ ଦୃଷ୍ଟିକୋଣରୁ ବିଚାର କଲେ ୧୯୩୫ ଭାରତ ଶାସନ ଆଇନ ଦ୍ୱାରା ପ୍ରବର୍ତ୍ତିତ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ଅବାସ୍ତବ ଥିଲା । ଏସ୍. ଏଲ୍. ସିକ୍ରିଙ୍କ ଭାଷାରେ ଏହା କେବଳ ଭାରତୀୟଙ୍କ ପ୍ରତି ଏକ ଉପହାସ । ଏହି ନୂତନ ପରିକଳ୍ପନା ଉଭୟ ଆଭ୍ୟନ୍ତରୀଣ ଓ ବାହ୍ୟ ନିୟନ୍ତ୍ରଣ ଦ୍ୱାରା ସୀମିତ ଥିଲା ।

ଆଭ୍ୟନ୍ତରୀଣ ନିୟନ୍ତ୍ରଣ—ରାଜ୍ୟପାଳ ପ୍ରଦେଶର କେବଳ ସାମ୍ବିଧାନିକ ନାମମାତ୍ର ମୁଖ୍ୟ ନଥିଲେ । ସେ ବିସ୍ତୃତ କ୍ଷମତାର ଅଧିକାରୀ ଥିଲେ । ସେ ବାସ୍ତବରେ ପ୍ରାଦେଶିକ ବିଧାନମଣ୍ଡଳର ନିର୍ଦ୍ଦେଶକ ଓ ନିୟନ୍ତ୍ରଣକାରୀ ଥିଲେ । ସେ ବିଧାନସଭାର କ୍ଷମତାକୁ ରଦ୍ଦ କରିଦେଇ ପାରୁଥିଲେ । ପ୍ରଶାସନିକ କର୍ମଚାରୀବୃନ୍ଦ ଭାରତୀୟ ମନ୍ତ୍ରୀମାନଙ୍କ ଅଧୀନସ୍ଥ ହେଲେ ସୁଦ୍ଧା ସେମାନଙ୍କ ନିୟନ୍ତ୍ରଣ ବାହାରେ ଥିଲେ ।

ବାହ୍ୟ ନିୟନ୍ତ୍ରଣ—ପ୍ରାଦେଶିକ ସରକାରଙ୍କ ଖବରଦାରି କରିବାର କ୍ଷମତା ବଡ଼ଲାଟଙ୍କ ହାତରେ ଥିଲା । ବହୁବିଧ ବିଧେୟକ ଓ ଅଧ୍ୟାଦେଶ ବଡ଼ଲାଟଙ୍କ ଅନୁମତି ବିନା ପ୍ରାଦେଶିକ

ବିଧାନସଭାରେ ଆଗତ ହୋଇପାରୁ ନଥିଲା । ପୁଣି ପ୍ରାଦେଶିକ ବିଧାନମଣ୍ଡଳରେ ଗୃହୀତ ହୋଇଥିବା ବିଧେୟକକୁ ରାଜ୍ୟପାଳ ବଡ଼ଲାଟଙ୍କ ବିଚାର ନିମନ୍ତେ ପ୍ରେରଣ କରିପାରୁଥିଲେ । ଉକ୍ତ ବିଧେୟକକୁ ନାକଚ କରିବା କ୍ଷମତା ବଡ଼ଲାଟଙ୍କର ଥିଲା ।

ରାଷ୍ଟ୍ରସଂଘୀୟ ନିର୍ଦ୍ଦେଶାବଳୀ—ଦେଶର ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ସହିତ ନିମନ୍ତେ କେନ୍ଦ୍ର ଆଇନକୁ କାର୍ଯ୍ୟରେ ପରିଣତ କରିବା ପାଇଁ ପ୍ରାଦେଶିକ ସରକାରଙ୍କୁ ନିର୍ଦ୍ଦେଶ ଦେବାର କ୍ଷମତା ରାଷ୍ଟ୍ରସଂଘୀୟ ସରକାରଙ୍କଠାରେ ନ୍ୟସ୍ତ ଥିଲା । ସାମରିକ ଗୁରୁତ୍ୱ ଥିବା ସଡ଼କପଥ ଓ ରାସ୍ତାଘାଟର ରକ୍ଷଣାବେକ୍ଷଣ ପାଇଁ ପ୍ରାଦେଶିକ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇ ପାରୁଥିଲା । ଆପତ୍‌କାଳୀନ ପରିସ୍ଥିତିରେ ପ୍ରାଦେଶିକ ସରକାର ଶାସନ ବିଭାଗକୁ କିପରି ବିନିଯୋଗ କରିବେ ସେ ସମ୍ବନ୍ଧରେ କେନ୍ଦ୍ର ସରକାର ନିର୍ଦ୍ଦେଶନା ଦେଉଥିଲେ । ଦରକାର ମନେକଲେ ପ୍ରଦେଶିକ ପ୍ରଶାସନରେ କେନ୍ଦ୍ର କର୍ମଚାରୀଙ୍କୁ ମଧ୍ୟ ନିଯୁକ୍ତ କରାଯାଇ ପାରୁଥିଲା ।

ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ଉପରେ ବିଭିନ୍ନ ଦିଗରୁ ଯଥେଷ୍ଟ ହସ୍ତକ୍ଷେପ ହେଉଥିଲା । ଏହିସବୁ କାରଣରୁ ୧୯୩୫, ଭାରତ ଶାସନ ଆଇନ ଭାରତୀୟଙ୍କ ମନରେ ଅସନ୍ତୋଷ ସୃଷ୍ଟି କରିଥିଲା । ଭାରତୀୟ ଜାତୀୟ କଂଗ୍ରେସ ଓ ମୁସ୍‌ଲିମ୍ ଲିଗ୍ ଉଭୟେ ଏହାକୁ ଅଗ୍ରାହ୍ୟ କରିଥିଲେ । କିନ୍ତୁ ନରମପନ୍ଥୀ ( Moderate ) ଗୋଷ୍ଠୀ ଏହାକୁ ସୀମିତ ପରିସର ମଧ୍ୟରେ ପରୀକ୍ଷା କରିବା ସପକ୍ଷରେ ଥିଲେ । ଦେଶରେ ଧାରାବାହିକ ରାଜନୈତିକ ଅଗ୍ରଗତି ଉପରେ ଭରସା ରଖି ସମସ୍ତ ରାଜନୈତିକ ଦଳ ନିର୍ବାଚନ ଲଢ଼ିଥିଲେ ।

୧୯୩୫, ଭାରତ ଶାସନ ଆଇନ ମାଧ୍ୟମରେ ଭାରତବର୍ଷରେ ସଂସଦୀୟ ଗଣତନ୍ତ୍ର ( Parliamentary democracy ) ପ୍ରତିଷ୍ଠିତ ହୋଇଥିଲା । ପ୍ରାଦେଶିକ ସରକାର କେତେକାଂଶରେ ସ୍ୱାତନ୍ତ୍ର୍ୟ ( Autonomy ) ଉପଭୋଗ କରିଥିଲେ । କେନ୍ଦ୍ର ହସ୍ତକ୍ଷେପ ସୀମିତ ହୋଇଥିଲେ ଭାରତୀୟଙ୍କ ଆଶା ବାସ୍ତବରୂପ ନେଇ ପାରିଥାନ୍ତା; କିନ୍ତୁ ଏତେ ଶୀଘ୍ର ଭାରତରେ ଜାତୀୟ ସରକାର ପ୍ରତିଷ୍ଠା କରିବା ଲାଗି ବ୍ରିଟିଶ ସରକାର ପ୍ରସ୍ତୁତ ନଥିଲେ । ଇତିମଧ୍ୟରେ ଦ୍ୱିତୀୟ ମହାଯୁଦ୍ଧ ଆରମ୍ଭ ହୋଇଯିବା ଫଳରେ ଭାରତର ସାମ୍ବିଧାନିକ ଆଗ୍ରଗତି ବାଧାପ୍ରାପ୍ତ ହୋଇଥିଲା ।

# ଦ୍ୱିତୀୟ ପରିଚ୍ଛେଦ

## ଦ୍ୱିତୀୟ ବିଶ୍ୱଯୁଦ୍ଧ ଏବଂ ସାମ୍ବିଧାନିକ ଅଗ୍ରଗତି

## ( Second world war & Constitutional development )

୧୯୩୫ ଭାରତ ଶାସନ ଆଇନ ଭାରତୀୟମାନଙ୍କୁ ସନ୍ତୁଷ୍ଟ କରି ପାରିନଥିବା କଥା ପୂର୍ବରୁ ଉଲ୍ଲେଖ କରାଯାଇଛି । ଉକ୍ତ ଆଇନ ଭିତ୍ତିରେ ଭାରତୀୟ ରାଷ୍ଟ୍ରସଂଘ ପରିକଳ୍ପନାକୁ କାର୍ଯ୍ୟକାରୀ କରାଇବା ଭାରତୀୟଙ୍କ ପକ୍ଷରେ ସମ୍ଭବପର ନଥିଲା । କେବଳ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ କେତେକାଂଶରେ ଫଳପ୍ରଦ ହୋଇଥିଲା । ଠିକ୍ ଏହି ସମୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭାରତର ସାମ୍ବିଧାନିକ ଅଗ୍ରଗତି ଉପରେ କୁଠାରାଘାତ କରିଥିଲା । ବଡ଼ଲାଟ ଲିନ୍‌ଲିଥଗୋ ଯୁଦ୍ଧରେ ଯୋଗ ଦେବା ବିଷୟ ଘୋଷଣା କଲେ । ଏହି ଘୋଷଣା ପୂର୍ବରୁ ସେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କରି ନଥିଲେ । ଭାରତୀୟ ଜାତୀୟ କଂଗ୍ରେସ ବଡ଼ଲାଟଙ୍କ କାର୍ଯ୍ୟକଳାପକୁ ନିନ୍ଦା କରିବା ସଙ୍ଗେ ସଙ୍ଗେ କେତେକ ସର୍ତ୍ତରେ ଯୁଦ୍ଧକୁ ସମର୍ଥନ କରିବା ପାଇଁ ରାଜି ହୋଇଥିଲେ । ଯୁଦ୍ଧ ଶେଷ ହେବାପରେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ଦେବା ପାଇଁ ପ୍ରତିଶ୍ରୁତି ଦେବାକୁ ବ୍ରିଟିଶ ସରକାରଙ୍କ ନିକଟରେ କଂଗ୍ରେସ ଦାବୀ ଉପସ୍ଥାପିତ କଲା । ଯୁଦ୍ଧରେ ସାହାଯ୍ୟ କରିବାପାଇଁ ମୁସ୍‌ଲିମ୍ ଲିଗ୍‌ର ସର୍ତ୍ତଥିଲା କଂଗ୍ରେସ ଶାସିତ ପ୍ରଦେଶ ଗୁଡ଼ିକରେ ସଂଖ୍ୟାଲଘୁ ମୁସଲମାନମାନଙ୍କ ଧନ, ଜୀବନ ଓ ସ୍ୱାତନ୍ତ୍ର୍ୟ ସୁରକ୍ଷା କରିବାପାଇଁ ବ୍ରିଟିଶ ସରକାରଙ୍କ ପ୍ରତିଶ୍ରୁତି ।

କଂଗ୍ରେସ ଦ୍ୱାରା ଉତ୍ଥାପିତ ପ୍ରଶ୍ନଗୁଡ଼ିକୁ ବଡ଼ଲାଟ ପ୍ରତ୍ୟାଖ୍ୟାନ କରିବାରୁ କଂଗ୍ରେସ କାର୍ଯ୍ୟକାରୀ କମିଟିର ନିଷ୍ପତ୍ତି ଅନୁସାରେ ସାତଟି ପ୍ରଦେଶରେ ଶାସନରେ ଥିବା କଂଗ୍ରେସ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇଥିଲେ । ସମ୍ପୃକ୍ତ ପ୍ରଦେଶ ଗୁଡ଼ିକର ରାଜ୍ୟପାଳମାନେ ୧୯୩୫ ଭାରତ ଶାସନ ଆଇନର ୯୩ ଧାରା ଅନୁସାରେ ପ୍ରଦେଶ ଗୁଡ଼ିକରେ ସାମ୍ବିଧାନିକ ବିଫଳତା ଘୋଷଣା କରି ପ୍ରାଦେଶିକ ବିଧାନ ସଭାଗୁଡ଼ିକୁ ଭାଙ୍ଗି ଦେଇଥିଲେ ଏବଂ ପ୍ରାଦେଶିକ ଶାସନକୁ ନିଜ ହାତକୁ ଆଣିଥିଲେ । ଫଳରେ ଏକ ସାମ୍ବିଧାନିକ ଅଚଳାବସ୍ଥା ଦେଖାଦେଲା । ବ୍ରିଟିଶ ସରକାର ବିଭିନ୍ନ ପନ୍ଥା ମାଧ୍ୟମରେ ଉକ୍ତ ଅଚଳାବସ୍ଥାର ସମାଧାନ କରିବାକୁ ଚେଷ୍ଟା ଚଲାଇଥିଲେ ।

### ଅଗଷ୍ଟ ପ୍ରସ୍ତାବ—୧୯୪୦
### ( August offer )

ସେଥି ମଧ୍ୟରୁ ବ୍ରିଟିଶ ସରକାରଙ୍କ ତରଫରୁ ବଡ଼ଲାଟ ଲିନ୍‌ଲିଥଗୋଙ୍କ ଦ୍ୱାରା ଘୋଷିତ ଅଗଷ୍ଟ ପ୍ରସ୍ତାବ ( August offer ) ଥିଲା ଅନ୍ୟତମ । ଉକ୍ତ ପ୍ରସ୍ତାବର ଉଦ୍ଦେଶ୍ୟ

ଥିଲା ଯେ କୌଣସି ପ୍ରକାରେ ଯୁଦ୍ଧ ସମୟରେ ଭାରତୀୟଙ୍କ ସମ୍ପୂର୍ଣ୍ଣ ସହଯୋଗ ହାସଲ କରିବା । ଯୁଦ୍ଧ ଶେଷ ହେବା ପରେ ସ୍ୱାୟତ୍ତ ଉପନିବେଶ ( Dominion ) ଢାଞ୍ଚାରେ ଭାରତରେ ଗୋଟିଏ ପୂର୍ଣ୍ଣ ଉତ୍ତରଦାୟୀ ସରକାର ଗଠନ କରିବାପାଇଁ ବଡ଼ଲାଟ ପ୍ରତିଶ୍ରୁତି ଦେଲେ । ନିଜ ସମ୍ବିଧାନ ପ୍ରଣୟନ କରିବା ପାଇଁ ଭାରତୀୟମାନଙ୍କ ଅଧିକାରକୁ ସ୍ୱୀକାର କରାଯାଇଥିଲା । ପୁନଶ୍ଚ ନୂତନ ସମ୍ବିଧାନ ପ୍ରଣୟନ କରିବାପାଇଁ ଗୋଟିଏ ଶାସନ ବିଧାୟକ ସଭା ଗଢ଼ିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ନୂତନ ସାମ୍ବିଧାନିକ ବନ୍ଦୋବସ୍ତରେ ମୁସଲମାନ ଓ ଅନ୍ୟାନ୍ୟ ସଂଖ୍ୟାଲଘୁ ଗୋଷ୍ଠୀର ସ୍ୱାର୍ଥ ରକ୍ଷା କରିବାପାଇଁ ଆଶ୍ୱାସନା ଦିଆଯାଇଥିଲା ।

ଯୁଦ୍ଧ କାଳ ମଧ୍ୟରେ ଗୋଟିଏ ମଧ୍ୟବର୍ତ୍ତୀ ବ୍ୟବସ୍ଥା ହେବାର ଥିଲା । ଏଥିରେ ବଡ଼ଲାଟଙ୍କ କାର୍ଯ୍ୟପାଳିକା ପରିଷଦରେ କେତେଜଣ ଭାରତୀୟ ପ୍ରତିନିଧିଙ୍କୁ ନେବାଲାଗି ବ୍ୟବସ୍ଥା ହୋଇଥିଲା । ଯୁଦ୍ଧ ପରିଚାଳନା ସଂପର୍କରେ ପରାମର୍ଶ ଦେବାପାଇଁ କେତେଜଣ ପୁରୁଖା ଭାରତୀୟ ନେତାଙ୍କୁ ନେଇ ଗୋଟିଏ ପରାମର୍ଶଦାତା ପରିଷଦ ( Consaltative council ) ଗଢ଼ାଯିବାର ବି ପ୍ରସ୍ତାବ ଥିଲା ।

ବ୍ରିଟିଶ ସରକାରଙ୍କ ପୂର୍ବବର୍ତ୍ତୀ ଘୋଷଣାଗୁଡ଼ିକ ତୁଳନାରେ ଅଗଷ୍ଟ ପ୍ରସ୍ତାବ ନିଶ୍ଚିତ ଭାବରେ ଉତ୍କୃଷ୍ଟତର ଥିଲା । ଗୋଟିଏ ଶାସନ ବିଧାୟକ ସଭା ଗଢ଼ିବାପାଇଁ ଭାରତୀୟମାନଙ୍କ ଦାବୀ ଗୃହୀତ ହେବା ସଙ୍ଗେ ସଙ୍ଗେ ଭାରତକୁ ବ୍ରିଟିଶ ରାଜ୍ୟଗୋଷ୍ଠୀରେ (British comm-onwealth ) ଗୋଟିଏ ସ୍ୱାଧୀନ ଓ ସମଅଧିକାର-ସମ୍ପନ୍ନ ସଦସ୍ୟ ହିସାବରେ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦିଆଯାଇଥିଲା । ଏହି ପ୍ରସ୍ତାବ କଂଗ୍ରେସ ଓ ଇଂଲଣ୍ଡ ମଧ୍ୟରେ ବ୍ୟବଧାନକୁ ପ୍ରସାରିତ କରିଛି ବୋଲି ମହାତ୍ମାଗାନ୍ଧୀ ମତବ୍ୟକ୍ତ କଲେ । ଏହି ପ୍ରସ୍ତାବରେ ଭାରତକୁ କ୍ଷମତା ହସ୍ତାନ୍ତର ବିଷୟରେ ସ୍ପଷ୍ଟ ପ୍ରସ୍ତାବ ନଥିଲା । ସଂଖ୍ୟା ଲଘୁ ଗୋଷ୍ଠୀପାଇଁ ବ୍ରିଟିଶ ସରକାରଙ୍କ ଉଦ୍‌ବେଗ ଦେଶର ସାଂବିଧାନିକ ଅଗ୍ରଗତିକୁ ବାଧାପ୍ରାପ୍ତ କରିବାପାଇଁ ଏକ ସୁଚିନ୍ତିତ ଅନିଷ୍ଟକର ପଦକ୍ଷେପ ରୂପେ ବିବେଚିତ ହୋଇଥିଲା । ତେଣୁ ଅଗଷ୍ଟ ପ୍ରସ୍ତାବକୁ ଜାତୀୟତା ବିରୋଧୀ ବୋଲି ବର୍ଣ୍ଣନା କରାଗଲା । ଏହା କଂଗ୍ରେସ ଓ ମୁସଲିମ୍ ଲିଗ୍ ମଧ୍ୟରେ ଥିବା ମତଭେଦକୁ ଦ୍ୱିଗୁଣିତ କରିଥିଲା । ମୁସ୍‌ଲିମ୍‌ ଲିଗ୍‌ ପ୍ରତିନିଧିତ୍ୱ କ୍ଷେତ୍ରରେ କଂଗ୍ରେସ ସହିତ ସମାନତା ଦାବୀ କରିଥିଲା । ସ୍ୱାୟତ୍ତ ଉପନିବେଶ ବ୍ୟବସ୍ଥାକୁ ଏକ ମୃତ ପଦକ୍ଷେପ ବୋଲି କହି ପଣ୍ଡିତ ନେହେରୁ ଅଗଷ୍ଟ ପ୍ରସ୍ତାବକୁ ଗୋଟିଏ ଅବାଞ୍ଛନୀୟ ଘୋଷଣା ବୋଲି ମତ ଦେଇଥିଲେ ।

## କ୍ରିପସ୍ ମିଶନ—୧୯୪୨

**( Crips Mission )**

ଅଗଷ୍ଟ ପ୍ରସ୍ତାବର ବିଫଳତା ପରେ ଗାନ୍ଧିଜୀଙ୍କ ଡାକରାର ଉତ୍ତରରେ ବିନୋବା ଭାବେ, ପଣ୍ଡିତ ନେହେରୁ ଏବଂ ଅନ୍ୟାନ୍ୟ ବିଶିଷ୍ଟ ନେତୃବର୍ଗ ୧୯୪୦ ଡିସେମ୍ବର ମାସରେ

ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ କରିଥିଲେ । ପରେ ପରେ ସେମାନେ ସମସ୍ତେ ଗିରଫ ହୋଇଥିଲେ । ତଥାପି ସତ୍ୟାଗ୍ରହ ଆନ୍ଦୋଳନ ବନ୍ଦ ନ ହୋଇ ଚରମ ସୀମାରେ ପହଞ୍ଚିଥିଲା ।

୧୯୧୪ରେ ଜାପାନ ବିଶ୍ୱ ଯୁଦ୍ଧରେ ଯୋଗ ଦେଲା ଏବଂ ଭାରତ ଉପରେ ଆକ୍ରମଣ ଆଶଙ୍କା ବୃଦ୍ଧି ପାଇଲା । ୧୯୪୨ରେ ଭାରତ ଭ୍ରମଣରେ ଆସିଥିବା ଚୀନ୍‌ର ରାଷ୍ଟ୍ରପତି ଚିଆଙ୍ଗକାଇ ସେକ୍ ଏପରି ଘଡ଼ିସନ୍ଧି ଅବସ୍ଥାରେ ଭାରତୀୟଙ୍କ ଅଭିଳାଷ ପୂର୍ଣ୍ଣ କରିବାପାଇଁ ବ୍ରିଟିଶ ସରକାରଙ୍କୁ ଅନୁରୋଧ କରିଥିଲେ । ଭାରତୀୟଙ୍କ ସହଯୋଗ ପାଇବା ଲାଗି ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ରୁଜ୍‌ଭେଲ୍‌ଟ ମଧ୍ୟ ବ୍ରିଟିଶ ସରକାରଙ୍କୁ ବୁଝାଇଥିଲେ । ଅଷ୍ଟ୍ରେଲିଆ ସଂସଦ ଭାରତୀୟଙ୍କ ସପକ୍ଷରେ ମତଦାନ କରିଥିଲେ । ଇଂଲଣ୍ଡର ଶ୍ରମିକ ଦଳ ସରକାରଙ୍କ ନୀତିକୁ ଅତ୍ୟାଗ୍ରହୀ ନୀତି ବୋଲି ବର୍ଣ୍ଣନାକରି ଯୁଦ୍ଧରେ ଭାରତୀୟଙ୍କ ସମର୍ଥନ ଲାଭକରିବା ଲାଗି ଏହି ନୀତିରେ ପରିବର୍ତ୍ତନ ଦାବୀ କରିଥିଲେ । ଘନୀଭୂତ ଯୁଦ୍ଧ ବିପଦ, ଅନ୍ୟାନ୍ୟ ରାଷ୍ଟ୍ରଙ୍କ ଚାପ ଏବଂ ଶ୍ରମିକ ଦଳର ଅବିରତ ସମାଲୋଚନା ଫଳରେ ୧୯୪୨ ମସିହାରେ ସାର୍ ଷ୍ଟାଫୋର୍ଡ କ୍ରିପସଙ୍କୁ ଭାରତୀୟ ଜନମତ ସହିତ ଆଲୋଚନା କରି ସମସ୍ୟାର ବାଟ ବାହାର କରିବା ଲାଗି ଭାରତକୁ ପଠାଯାଇଥିଲା ।

ସାର୍ ଷ୍ଟାଫୋର୍ଡ କ୍ରିପସ୍ ଥିଲେ ବ୍ରିଟିଶ ମନ୍ତ୍ରିମଣ୍ଡଳର ଜଣେ ସମାଜବାଦୀ ସଭ୍ୟ, ସେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଉତ୍ତମ ବୁଝାମଣା ସୃଷ୍ଟିକରି ଖ୍ୟାତି ଅର୍ଜନ କରିଥିଲେ । ସୁତରାଂ ଭାରତୀୟ ନେତାଙ୍କ ସହିତ ବିଚାର ଆଲୋଚନା କରିବାପାଇଁ ସେ ଉପଯୁକ୍ତ ବ୍ୟକ୍ତି ବୋଲି ବ୍ରିଟିଶ ସରକାର ମନେ କରିଥିଲେ । କ୍ରିପସ୍ କେତେକ ଦୀର୍ଘ ମିଆଦୀ ଓ ସ୍ୱଳ୍ପ ମିଆଦୀ ବ୍ୟବସ୍ଥା ପାଇଁ ପ୍ରସ୍ତାବ କରିଥିଲେ ।

## ଦୀର୍ଘ ମିଆଦୀ ବ୍ୟବସ୍ଥା

ବ୍ରିଟିଶ ଶାସିତ ପ୍ରଦେଶ ଓ ଦେଶୀୟ ରାଜ୍ୟମାନଙ୍କୁ ନେଇ ଗୋଟିଏ ନୂତନ ଭାରତୀୟ ସଂଘ ଗଢ଼ିବାର ବ୍ୟବସ୍ଥା କ୍ରିପସ୍‌ଙ୍କ ପ୍ରସ୍ତାବରେ ଥିଲା । ଏହି ଭାରତୀୟ ସଂଘ ବ୍ରିଟିଶ ରାଜ୍ୟ ଗୋଷ୍ଠୀର ଏକ ସଭ୍ୟ ହେବ। ଉଭୟ ବ୍ରିଟିଶ ଶାସିତ ପ୍ରଦେଶ ଓ ଦେଶୀୟ ରାଜ୍ୟମାନଙ୍କର ପ୍ରତିନିଧିଙ୍କୁ ନେଇ ଭାରତୀୟ ସମ୍ବିଧାନ ପ୍ରଣୟନ କରିବା ନିମିତ୍ତ ଗୋଟିଏ ଶାସନ ବିଧାୟକ ସଭା ଗଢ଼ାଯିବ । ବ୍ରିଟିଶ ସରକାର ଉକ୍ତ ସମ୍ବିଧାନକୁ ଗ୍ରହଣ କରି କାର୍ଯ୍ୟକାରୀ କରାଇବେ । ଶାସନ ବିଧାୟକ ସଭା ନୂତନ ସମ୍ବିଧାନରେ ଜାତିଗତ ଓ ଧର୍ମଗତ ସଂଖ୍ୟାଲଘୁ ସମ୍ପ୍ରଦାୟର ସ୍ୱାର୍ଥରକ୍ଷା କରିବାଲାଗି ବ୍ୟବସ୍ଥାମାନ ରଖିବାକୁ ବ୍ରିଟିଶ ସରକାରଙ୍କ ନିକଟରେ ଅଙ୍ଗୀକାର କରିବା ବିଷୟ ବି କ୍ରିପସ୍ ପ୍ରସ୍ତାବରେ ଅନ୍ତର୍ଭୁକ୍ତ ଥିଲା । କୌଣସି ଦେଶୀୟ ରାଜ୍ୟ ଇଚ୍ଛା କଲେ ସଂଘ ଠାରୁ ପୃଥକ୍ ରହିପାରେ ଏବଂ ନିଜର ସ୍ୱତନ୍ତ୍ର ସଂବିଧାନ ପ୍ରଣୟନ କରିପାରେ ବୋଲି ପ୍ରସ୍ତାବ ହୋଇଥିଲା ।

## ସ୍ୱଳ୍ପ ମିଆଦୀ ବ୍ୟବସ୍ଥା

ମଧ୍ୟବର୍ତ୍ତୀକାଳରେ ପ୍ରତିରକ୍ଷା ଭାର ସଂପୂର୍ଣ୍ଣ ରୂପେ ବ୍ରିଟିଶ ପ୍ରଧାନ ସେନାପତିଙ୍କ

ବିଶେଷାଧିକାର ଭାବେ ରହିବ; କିନ୍ତୁ ସେନାବାହିନୀର ନୈତିକ ଓ ଭୌତିକ ସାଧନଗୁଡ଼ିକୁ ସଂଗଠିତ କରିବା ଭାର ସଂପୂର୍ଣ୍ଣ ରୂପେ ଭାରତ ସରକାରଙ୍କଠାରେ ନ୍ୟସ୍ତ ହେବ ।

କ୍ରିପସ୍ ପ୍ରସ୍ତାବ ଆକର୍ଷଣୀୟ ହୋଇଥିଲେ ସୁଦ୍ଧା କଂଗ୍ରେସ ନେତାମାନଙ୍କୁ ସନ୍ତୁଷ୍ଟ କରିପାରିନଥିଲା । ଭାରତ ପାଇଁ ସଂପୂର୍ଣ୍ଣ ସ୍ୱାଧୀନତା ବ୍ୟତୀତ ଅନ୍ୟ କୌଣସି ପ୍ରସ୍ତାବ ଗ୍ରହଣ କରାଯିବ ନାହିଁ ବୋଲି କଂଗ୍ରେସ ନେତୃବର୍ଗ ଦୃଢ଼ ଘୋଷଣା କରିଥିଲେ । ପୁଣି କ୍ରିପସ୍ ପ୍ରସ୍ତାବରେ ଭାରତକୁ ସ୍ୱାୟତ୍ତ ଉପନିବେଶ କରିବା ବିଷୟରେ ସମୟ ସୀମାର ଉଲ୍ଲେଖ କରାଯାଇ ନଥିଲା । ଦେଶୀୟ ରାଜ୍ୟଗୁଡ଼ିକୁ ପୃଥକ୍ ରହିବାର ସୁଯୋଗ ଦେବା ଫଳରେ ପ୍ରସ୍ତାବଟି ଭାରତୀୟ ସଂଘକୁ ଦୁର୍ବଳ ଓ ଭାରତୀୟ ଐକ୍ୟକୁ ଧ୍ୱଂସ କରିବା ବ୍ୟବସ୍ଥା ଥିଲା ବୋଲି କଂଗ୍ରେସ ମନେ କରିଥିଲେ । ପରୋକ୍ଷ ଭାବରେ ଏହି ପ୍ରସ୍ତାବ ଏକ ପୃଥକ୍ ପାକିସ୍ଥାନ ପାଇଁ ମୁସଲମ୍ଲୀଗ୍ର ଦାବୀକୁ ଗ୍ରହଣ କରିଥିଲା । ଶାସନ ବିଧାୟକ ସଭାରେ ଭାଗ ନେବାକୁ ଯାଉଥିବା ଦେଶୀୟ ରାଜ୍ୟଗୁଡ଼ିକର ପ୍ରତିନିଧିଗଣ ରାଜାମାନଙ୍କ ଦ୍ୱାରା ମନୋନୀତ ହେବା ବ୍ୟବସ୍ଥା ଯୋଗୁଁ ସେମାନେ ରକ୍ଷଣଶୀଳ ହେବା ସମ୍ଭାବନା ଥିଲା । ତେଣୁ ପ୍ରସ୍ତାବିତ ଶାସନ ବିଧାୟକ ସଭା ଅଗଣତାନ୍ତ୍ରିକ ହେବାର ଆଶଙ୍କା ଥିଲା । ପୁନଶ୍ଚ କ୍ରିପସ୍ ପ୍ରସ୍ତାବ ବର୍ତ୍ତମାନ ଉପରେ ବିଶେଷ ଜୋର ନଦେଇ ଭବିଷ୍ୟତ ପାଇଁ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିଥିଲେ । ଫଳରେ ପ୍ରସ୍ତାବଗୁଡ଼ିକ ସନ୍ତୋଷଜନକ ହୋଇପାରି ନଥିଲା । ମଧ୍ୟବର୍ତ୍ତୀ କାଳରେ ପ୍ରତିରକ୍ଷାର ସମସ୍ତ ଦାୟିତ୍ୱ ବ୍ରିଟିଶ ସରକାରଙ୍କ ହାତରେ ଥିବା ହେତୁ କଂଗ୍ରେସ ମହଲ ଅସନ୍ତୋଷ ପ୍ରକାଶ କରିଥିଲେ ।

ଏକ ନୂତନ ପାକିସ୍ଥାନ ଗଠନ କରିବାପାଇଁ ବ୍ରିଟିଶ ସରକାରଙ୍କ ପରୋକ୍ଷ ପ୍ରସ୍ତାବକୁ ମୁସଲିମଲୀଗ ସ୍ୱାଗତ ଜଣାଇଥିଲା; କିନ୍ତୁ ତାହାକୁ ପ୍ରତିଷ୍ଠା କରିବାପାଇଁ ପ୍ରସ୍ତାବିତ ଅସ୍ପଷ୍ଟ କାର୍ଯ୍ୟବିଧିକୁ ସମାଲୋଚନା କରିଥିଲେ । ପ୍ରସ୍ତାବିତ ମଧ୍ୟବର୍ତ୍ତୀ ବ୍ୟବସ୍ଥାକୁ ବି ମୁସଲମ୍ଲୀଗ ଗ୍ରହଣ କରିନଥିଲା । ଗୋଟିଏ ଶାସନ ବିଧାୟକ ସଭା ଗଢ଼ାଯିବା ପ୍ରସ୍ତାବ ବି ସମାଲୋଚିତ ହୋଇଥିଲା, କାରଣ ଏହା ଫଳରେ ପାକିସ୍ଥାନ ସୃଷ୍ଟିହେବା ପଥରେ ପ୍ରତିବନ୍ଧକ ଦେଖାଯାଇପାରେ ବୋଲି ଲୀଗ୍ ଅନୁମାନ କରିଥିଲେ । ଗୁପ୍ତଭାବରେ ପାକିସ୍ଥାନର ସୃଷ୍ଟି କରାଯାଉଥିବା ବ୍ରିଟିଶ ସରକାରଙ୍କ ଅଭିସନ୍ଧି ମୂଳକ ପରିକଳ୍ପନାକୁ ହିନ୍ଦୁ ମହାସଭା ଘୋର ନିନ୍ଦା କରିଥିଲେ । ଠିକ୍ ସେହି କାରଣରୁ ଶିଖ୍ମାନେ ବି କ୍ରିପ୍ସ୍ ପ୍ରସ୍ତାବକୁ ନିନ୍ଦା କରିଥିଲେ ।

ଉଭୟ ମଧ୍ୟବର୍ତ୍ତୀ ଓ ଦୀର୍ଘମିଆଦୀ ବ୍ୟବସ୍ଥା ପ୍ରସ୍ତାବଗୁଡ଼ିକ ଯଥେଷ୍ଟ ନ ହୋଇଥିବାରୁ ଓ ଇଂରେଜ ସରକାରଙ୍କ ସ୍ୱାର୍ଥପର ଓ ଅନମନୀୟ ମନୋବୃତ୍ତି ଯୋଗୁ ଭାରତରେ ସାଂବିଧାନିକ ସମସ୍ୟାର ଗୁରୁତ୍ୱ କ୍ରିପସ୍ ଉପଲବ୍ଧି କରିପାରି ନଥିଲେ ବୋଲି ପ୍ରମାଣିତ ହେଲା । ପରଦା ଆଢ଼ୁଆଳରେ ପ୍ରସ୍ତାବଗୁଡ଼ିକ ବଡ଼ଲାଟଙ୍କ ବିରୋଧ କଲେ, କ୍ରିପସ୍ ମଧ୍ୟ ପରିସ୍ଥିତିକୁ ଚତୁର ଭାବରେ ପରିଚାଳନା କରିପାରି ନଥିଲେ । ଭାରତର ଜନମତ ପ୍ରତିକୂଳ

ହେଲ ଏବଂ ଭାରତକୁ ତୁରନ୍ତ କ୍ଷମତା ହସ୍ତାନ୍ତର କରିବାପାଇଁ କଂଗ୍ରେସ ଜିଦ୍ କଲାବୋଲି କ୍ରିପ୍ସ୍ ପ୍ରସ୍ତାବ ବିଫଳ ହୋଇଥିଲା ।

## ଭାରତଛାଡ଼ ଆନ୍ଦୋଳନ—୧୯୪୨

ବିଶ୍ୱଯୁଦ୍ଧ ସମୟରେ ସଂପୂର୍ଣ୍ଣ ନୀରବତା କଂଗ୍ରେସ ପକ୍ଷରେ ଆତ୍ମଘାତୀ ପଦକ୍ଷେପ ହେବ ବୋଲି ଆଶଙ୍କା କରି ମହାତ୍ମା ଗାନ୍ଧୀ ଦେଶ ବ୍ୟାପି ଶାନ୍ତିପୂର୍ଣ୍ଣ ଅସହଯୋଗ ଆନ୍ଦୋଳନ କରିବାପାଇଁ ଆହ୍ୱାନ ଦେଇଥିଲେ । ୧୯୪୨ ମସିହା ଜୁଲାଇ ୧୪ ତାରିଖରେ କଂଗ୍ରେସ କାର୍ଯ୍ୟକାରୀ ସମିତି ବିଖ୍ୟାତ ଭାରତ ଛାଡ଼ ପ୍ରସ୍ତାବ ଗ୍ରହଣ କରିଥିଲେ । ଏଥିରେ ବ୍ରିଟିଶ ସରକାର ରାଜି ନ ହେବା ଫଳରେ ଅଗଷ୍ଟ ୮ ତାରିଖରେ "ଅସହଯୋଗ ଆନ୍ଦୋଳନ"କୁ ସମର୍ଥନ ଜଣାଇ ନିଖିଳ ଭାରତ କଂଗ୍ରେସ ସମିତିର ପ୍ରସ୍ତାବ ଗ୍ରହଣ କରାଯାଇଥିଲା । ଉକ୍ତ ପ୍ରସ୍ତାବ ଗୃହୀତ ହେବା ପରଦିନ ବଡ଼ଲାଟ ଲିନ୍‌ଲିଥ୍‌ଗୋ କ୍ଷିପ୍ର ପଦକ୍ଷେପ ନେଇ ମହାତ୍ମାଗାନ୍ଧି ଓ କଂଗ୍ରେସ କାର୍ଯ୍ୟକାରୀ କମିଟିର ଅନ୍ୟାନ୍ୟ ସଦସ୍ୟଙ୍କୁ ଗିରଫ କରିଥିଲେ ।

ମହାତ୍ମାଗାନ୍ଧୀ ଓ ଅନ୍ୟାନ୍ୟ କଂଗ୍ରେସ ନେତାମାନେ ଗିରଫ ହେବା ଫଳରେ ଦେଶସାରା ଆନ୍ଦୋଳନର ବାତ୍ୟା ବହିଲା ଏବଂ ସମସ୍ତଙ୍କ ମୁହଁରେ "ଭାରତଛାଡ଼" ଧ୍ୱନି ପ୍ରତିଧ୍ୱନିତ ହେଲା । ଛାତ୍ର, ଶ୍ରମିକ, ବ୍ୟବସାୟୀ, ପୁରୁଷ, ମହିଳା ପ୍ରଭୃତି ସମସ୍ତେ ରାସ୍ତାରେ ଶୀଘ୍ର ଜାତୀୟ ନେତୃବର୍ଗଙ୍କ ଖଲାସ ଦାବୀ କରିଥିଲେ । ପ୍ରାରମ୍ଭରେ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ହୋଇଥିଲେ ହେଁ ପୋଲିସ୍ ଅତ୍ୟାଚାରକୁ ପ୍ରତିହତ କରିବାପାଇଁ ପରେ ପରେ ଏହା ହିଂସାତ୍ମକ ହୋଇ ଉଠିଥିଲା । ଅଗଷ୍ଟ ବିପ୍ଳବ କ୍ଷଣସ୍ଥାୟୀ ହୋଇଥିଲେ ସୁଦ୍ଧା ଏଥିରେ ଭାରତବାସୀଙ୍କ ରାଜନୈତିକ ସଚେତନତା ପରିସ୍ଫୁଟ ହୋଇଥିଲା ।

ହିନ୍ଦୁ ମହାସଭା ଭାରତ ଛାଡ଼ ଆନ୍ଦୋଳନକୁ ପୂର୍ଣ୍ଣପ୍ରାଣରେ ସମର୍ଥନ କରିଥିଲା । ଜୟପ୍ରକାଶନାରାୟଣ ଏବଂ ରାମମନୋହର ଲୋହିଆଙ୍କ ନେତୃତ୍ୱରେ ସମାଜବାଦୀଦଳ ବ୍ରିଟିଶ ସରକାରଙ୍କୁ ଭାରତରୁ ହଟେଇବା ପାଇଁ ପ୍ରଚ୍ଛନ୍ନ କାର୍ଯ୍ୟକଳାପରେ ଲିପ୍ତଥିଲେ; କିନ୍ତୁ ମୁସଲିମଲୀଗ୍ ଓ କମ୍ୟୁନିଷ୍ଟଦଳ ସେମାନଙ୍କ ଜାତୀୟତା ବିରୋଧୀ ତଥା କଂଗ୍ରେସ ବିରୋଧୀ କାର୍ଯ୍ୟକଳାପ ଯୋଗୁଁ ବ୍ରିଟିଶ ସରକାରଙ୍କ ପୃଷ୍ଠପୋଷକତା ଲାଭକରିଥିଲେ । ୧୯୪୪ ମସିହା ମଇମାସ ୬ ତାରିଖରେ ମହାତ୍ମାଗାନ୍ଧୀ ଜେଲରୁ ଖଲାସ ହେବା ପୂର୍ବରୁ ଉକ୍ତ ରାଜନୈତିକ ଦଳଗୁଡ଼ିକ ନିଜ ନିଜ ସ୍ଥାନ ଯଥେଷ୍ଟ ଭାବରେ ସୁଦୃଢ଼ କରିପାରିଥିଲେ । ତେଣୁ ଗାନ୍ଧିଜୀ କଂଗ୍ରେସର ପୂର୍ବାବସ୍ଥା ଫେରାଇ ଆଣିବାପାଇଁ ବିଫଳ ହୋଇଥିଲେ । ପରିଶେଷରେ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀଙ୍କ ଦ୍ୱାରା ପ୍ରସ୍ତୁତ ସାଂପ୍ରଦାୟିକ ସମାଧାନର ଏକ ସୂତ୍ରନେଇ ଗାନ୍ଧିଜୀ ଲିଗ୍ ନେତା ଜିନ୍ନାଙ୍କ ସହିତ ଆଲୋଚନା କରିଥିଲେ ।

## ଚକ୍ରବର୍ତ୍ତୀ ରାଜଗୋପାଳାଚାରୀଙ୍କ ସୂତ୍ର

ରାଜାଜୀଙ୍କ ସୂତ୍ର ଅନୁସାରେ ମୁସ୍‌ଲିମଲୀଗ୍ କଂଗ୍ରେସ ଦ୍ୱାରା ହେଉଥିବା ସ୍ୱାଧୀନତା-ଦାବୀକୁ ସମର୍ଥନ କରିବ ଓ ଏକ ମଧ୍ୟବର୍ତ୍ତୀ ସରକାର ଗଠିବାପାଇଁ କଂଗ୍ରେସ ସହିତ ସହଯୋଗ କରିବ । ବିଶ୍ୱଯୁଦ୍ଧର ଅବସାନପରେ ଉତ୍ତର ପଶ୍ଚିମ ଓ ପୂର୍ବଭାରତର ମୁସଲମାନ ବହୁଳ ଅଞ୍ଚଳଗୁଡ଼ିକ ଚିହ୍ନଟ କରାଯାଇ ହିନ୍ଦୁସ୍ଥାନରୁ ପୃଥକୀକରଣ ସମ୍ବନ୍ଧରେ ଗଣଭୋଟ ନିଆଯିବ । ଏକ ସ୍ୱାଧୀନ ସାର୍ବଭୌମ ପାକିସ୍ଥାନ ଦାବୀକୁ ଗ୍ରହଣ କରିବାପାଇଁ ଜିନାଙ୍କ ଜିଦ୍‌କୁ ଗାନ୍ଧିଜୀ ଅସ୍ୱୀକାର କରିଥିଲେ । ସୁତରାଂ ଗାନ୍ଧିଜୀ ଓ ଜିନାଙ୍କ ମଧ୍ୟରେ ଆଲୋଚନା ବିଫଳ ହୋଇଥିଲା । କିନ୍ତୁ ଗାନ୍ଧିଜୀ ସମାଧାନ ନିମନ୍ତେ ଜିନାଙ୍କ ଦ୍ୱାରସ୍ଥ ହେବାଫଳରେ ପରୋକ୍ଷରେ ନୀତିଗତ ଭାବରେ ପାକିସ୍ଥାନ ଗଠନଦାବୀକୁ ସ୍ୱୀକାର କରିଥିଲେ ବୋଲି ମତ ପ୍ରକାଶ ପାଇଥିଲା ।

## ୱାଭେଲ ପ୍ରସ୍ତାବ—୧୯୪୫

**( Wavell Plans—1945 )**

ଭାରତରେ ହିନ୍ଦୁ ଓ ମୁସଲମାନମାନଙ୍କ ଅମୀମାଂସିତ ମତପାର୍ଥକ୍ୟ ଓ ସାମ୍ପ୍ରଦାୟିକ ପ୍ରତିଦ୍ୱନ୍ଦିତାର ସମାଧାନ ନିମନ୍ତେ ତତ୍କାଳୀନ ବଡ଼ଲାଟ ଲର୍ଡ ୱାଭେଲ ଏକ ପ୍ରସ୍ତାବ ଦେଇଥିଲେ । କେବଳ ବଡ଼ଲାଟ ଓ ସୈନ୍ୟ ବାହିନୀର ମୁଖ୍ୟଙ୍କୁ ଛାଡ଼ି ଶାସନ ପରିଷଦର ସବୁ ସଭ୍ୟପଦ ଭାରତୀୟ ନେତୃବୃନ୍ଦଙ୍କୁ ଦିଆଯିବ । ବଡ଼ଲାଟଙ୍କ କାର୍ଯ୍ୟପାଳିକା ପରିଷଦର ପୁନର୍ଗଠନ ୱାଭେଲ ପ୍ରସ୍ତାବର ମୂଳ ଉଦ୍ଦେଶ୍ୟ । ଭାରତୀୟ ସଦସ୍ୟମାନଙ୍କ ମଧ୍ୟରେ ହିନ୍ଦୁ ଓ ମୁସଲମାନମାନଙ୍କୁ ସମାନୁପାତିକଭାବେ ରଖାଯିବା ଦାବୀ ମୁସଲିମ୍‌ଲୀଗ କରିଥିଲା । ଇତ୍ୟବସରରେ ଏକ ଶାସନ ବିଧାୟକସଭା ଡକାଯିବା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା କଥା ଥିଲା । ୧୯୪୫ ମସିହା ଜୁନ୍‌ମାସରେ ସିମଲାଠାରେ କାର୍ଯ୍ୟପାଳିକା ପରିଷଦ ନିମନ୍ତେ ସଦସ୍ୟ କରିବାପାଇଁ ବଡ଼ଲାଟ ସମସ୍ତ ରାଜନୈତିକ ଦଳମାନଙ୍କର ଗୋଟିଏ ସମ୍ମିଳନୀ ଆହ୍ୱାନ କରିଥିଲେ; କିନ୍ତୁ ଜିନାଙ୍କ ଅସହଯୋଗୀ ମନୋବୃତ୍ତି ଯୋଗୁଁ ଏହା ଫଳପ୍ରଦ ହୋଇପାରି ନଥିଲା ।

## କ୍ୟାବିନେଟ ମିଶନ ପ୍ରସ୍ତାବ—୧୯୪୬

**( Cabinet Mission Plan —1946 )**

ଦ୍ୱିତୀୟ ବିଶ୍ୱଯୁଦ୍ଧ ଶେଷହେବାର ଅବ୍ୟବହିତ ପୂର୍ବରୁ ବ୍ରିଟେନରେ ରାଜନୈତିକ ପରିବର୍ତ୍ତନ ହୋଇଥିଲା ଓ ଶ୍ରମିକ ଦଳ କ୍ଷମତାକୁ ଆସିଥିଲେ । ତତ୍କାଳୀନ ରକ୍ଷଣଶୀଳ ତଥା ପ୍ରଭାବଶାଳୀ ପ୍ରଧାନମନ୍ତ୍ରୀ ଓ ଟୋରି ଦଳ ନେତା ଚର୍ଚ୍ଚିଲଙ୍କ ବିଦାୟ ଭାରତ ପାଇଁ ସୌଭାଗ୍ୟର ବିଷୟ ଥିଲା । ନୂତନ ଶ୍ରମିକ ସରକାର ଭାରତର ଜଟିଳ ସମସ୍ୟାର ସମାଧାନ

ନିମନ୍ତେ ଆଗ୍ରହ ପ୍ରକାଶ କରିଥିଲେ । ପ୍ରଧାନ ମନ୍ତ୍ରୀ ସି. ଆର. ଅଟଲୀ ୧୯୪୬ ମସିହା ମାର୍ଚ୍ଚ ୧୫ ତାରିଖରେ ଇଂଲଣ୍ଡ ସଂସଦରେ ଏକ ଐତିହାସିକ ଘୋଷଣା ମାଧ୍ୟମରେ ଭାରତୀୟ ସ୍ୱରାଜ୍ୟ ଦାବୀକୁ ସ୍ୱୀକାର କରିଥିଲେ । ମନ୍ତ୍ରିପରିଷଦର ତିନିଜଣ ପୁରୁଖା ସଦସ୍ୟ ଲର୍ଡପେଥିକ ଲରେନ୍ସ୍ ସାର ଷ୍ଟାଫୋର୍ଡ କ୍ରିପସ୍ ଏବଂ ଏ. ଭି ଆଲେକ୍ଜାଣ୍ଡାରଙ୍କୁ ନେଇ ଗଠିତ ଏକ ପରିଷଦ ଭାରତୀୟ ସମସ୍ୟା ସମ୍ବନ୍ଧରେ ଆଲୋଚନା କରିବା ଉଦ୍ଦେଶ୍ୟରେ ଭାରତକୁ ଆସିଲେ । କ୍ୟାବିନେଟ ମିଶନର ପ୍ରସ୍ତାବଗୁଡ଼ିକ ପ୍ରଧାନମନ୍ତ୍ରୀ ଅଟଲୀ ୧୯୪୬ ମଇ ୧୬ ତାରିଖରେ ପ୍ରକାଶ କରିଥିଲେ ।

ଏକ ପୃଥକ୍ ପାକିସ୍ତାନ ଭାରତର ସାଂପ୍ରଦାୟିକ ସମସ୍ୟାର ସମାଧାନ କରିପାରିବ ନାହିଁ ବୋଲି କ୍ୟାବିନେଟ ମିଶନ ପ୍ରସ୍ତାବରେ କୁହାଯାଇଥିଲା । ସୁତରାଂ ଉକ୍ତ ପ୍ରସ୍ତାବ ବ୍ରିଟିଶ ଭାରତକୁ ବିଭାଜନ କରିବା ବିପକ୍ଷରେ ମତଦେଇ ବିଭାଜନର ଫଳାଫଳ ବିଷୟ ବି ସୂଚେଇ ଦେଇଥିଲେ । ଏହା ଫଳରେ ଯୋଗାଯୋଗ ଓ ଡାକତାର ବିଭାଗର ସଂହତି ବାଧାପ୍ରାପ୍ତ ହେବ ଏବଂ ଭାରତୀୟ ସୈନ୍ୟବାହିନୀ ଦୁଇଭାଗ ହୋଇଗଲେ ଉଭୟ ଦେଶର ନିରାପତ୍ତା ବାଧାପ୍ରାପ୍ତ ହେବବୋଲି ଆଶଙ୍କା କରାଯାଇଥିଲା । ପାକିସ୍ତାନର ଦୁଇ ଅଞ୍ଚଳ ମଧ୍ୟରେ ସାତଶହ ମାଇଲ ଭାରତୀୟ ଭୂଭାଗ ଥିବାହେତୁ ଉଭୟ ଯୁଦ୍ଧ ଓ ଶାନ୍ତି ବେଳେ ପାକିସ୍ତାନ ଭାରତ ଉପରେ ନିର୍ଭର କରିବାକୁ ବାଧ୍ୟ ହେବ । ପୁଣି ପଞ୍ଜାବ, ବଙ୍ଗଳା, ଆସାମ ପରି ଅଣମୁସଲମାନ ଥିବା ପ୍ରଦେଶଗୁଡ଼ିକୁ ପାକିସ୍ତାନରେ ମିଶାଇବା ଅଯଥାର୍ଥ ବୋଲି ସେମାନେ ମତ ଦେଇଥିଲେ । ପଞ୍ଜାବକୁ ଦୁଇଭାଗ କରିଦେବା ଫଳରେ ଶିଖ୍ ସଂପ୍ରଦାୟ ବି ଦୁଇଭାଗ ହୋଇଗଲେ ତାହା ଉଭୟ ହିନ୍ଦୁସ୍ଥାନ ଓ ପାକିସ୍ତାନ ପ୍ରତି ଅହିତକର ହେବ । ବିଭାଜନ ଫଳରେ ଦେଶୀୟ ରାଜ୍ୟଗୁଡ଼ିକ ବିଭକ୍ତ ଭାରତରେ ଯୋଗ ଦେଲାବେଳେ ଅସୁବିଧାର ସମ୍ମୁଖୀନ ହେବେ ।

ଏକ ପୃଥକ ପାକିସ୍ତାନ ସୃଷ୍ଟି ହେବା ଫଳରେ ମୁସଲିମ ସଂପ୍ରଦାୟର ଯେଉଁ ସୁବିଧା ଆଶା କରାଯାଉଛି ସେ ସବୁ ଭାରତ ଭିତରେ ରହି ମଧ୍ୟ ସେମାନେ ପାଇପାରିବେ ବୋଲି ମିଶନ ପ୍ରତିଶ୍ରୁତି ଦେଇଥିଲେ । ପ୍ରସ୍ତାବିତ ପାକିସ୍ତାନ ପାଇଁ ମୁସ୍‌ଲିମ ଲିଗ ଦାବୀ କରୁଥିବା ପ୍ରଦେଶଗୁଡ଼ିକୁ ବର୍ଗୀକରଣ ( Grouping ) କରାଯାଇପାରେ । ପ୍ରତ୍ୟେକ ବର୍ଗ ନିଜର ସଂବିଧାନ ପ୍ରଣୟନ କରିପାରିବ ଓ ଯଥେଷ୍ଟ ମାତ୍ରାରେ ସ୍ୱାତନ୍ତ୍ର୍ୟ ଭୋଗ କରିପାରିବ; କିନ୍ତୁ ଉକ୍ତ ବର୍ଗଗୁଡ଼ିକ ଅଖଣ୍ଡ ଭାରତର ଅଂଶ ହୋଇ ରହିବେ । ଏହି ପ୍ରସ୍ତାବ ଉପରେ ଜିନା ସନ୍ତୋଷ ପ୍ରକାଶ କରି ଏହାକୁ ଗ୍ରହଣ କରିବାପାଇଁ ଲିଗ ପରିଷଦକୁ ପରାମର୍ଶ ଦେଇଥିଲେ ।

କ୍ୟାବିନେଟ ମିଶନ ପ୍ରସ୍ତାବ ଏକକ୍ରି ପ୍ରସ୍ତାବୟ ରାଷ୍ଟ୍ର ସଂଘୀୟ ସଂବିଧାନର ପରିକଳ୍ପନା କରିଥିଲେ । କ, ଖ, ଓ ଗ ଏହିପରି ତିନି ଶ୍ରେଣୀର ପ୍ରଦେଶ ଏବଂ ଦେଶୀୟ ରାଜ୍ୟଗୁଡ଼ିକୁ ନେଇ ଏହି ସଂବିଧାନ ପରିକଳ୍ପିତ ହୋଇଥିଲା । କେନ୍ଦ୍ର ସରକାରଙ୍କ ହାତରେ ବୈଦେଶିକ ବ୍ୟାପାର, ଦେଶରକ୍ଷା ଓ ଯୋଗାଯୋଗ ବ୍ୟବସ୍ଥା ରହିବ । କେନ୍ଦ୍ର ସରକାରଙ୍କ

କାର୍ଯ୍ୟପାଳିକା ଓ ବିଧାନମଣ୍ଡଳରେ ପ୍ରଦେଶ ଓ ଦେଶୀୟ ରାଜ୍ୟମାନଙ୍କ ପ୍ରତିନିଧି ରହିବେ । କେନ୍ଦ୍ର ସରକାରଙ୍କଠାରେ ନ୍ୟସ୍ତଥିବା ବିଷୟକୁ ବାଦ୍‌ଦେଇ ଅନ୍ୟାନ୍ୟ ବିଷୟ ଓ ବଳକା ବିଷୟ ପ୍ରଦେଶମାନଙ୍କୁ ଦିଆଯିବା ବ୍ୟବସ୍ଥା ଥିଲା । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଯେ ଦେଶୀୟ ରାଜ୍ୟମାନଙ୍କୁ ରାଷ୍ଟ୍ରସଂଘରୁ ବାହାରିଯିବା ଅଧିକାର ଦିଆଯାଇଥିଲା ।

## ଶାସନ ବିଧାୟକ ସଭାପାଇଁ ବ୍ୟବସ୍ଥା

କ୍ୟାବିନେଟ ମିଶନ ପରିକଳ୍ପନା ଅନୁଯାୟୀ ଏକ ଶାସନ ବିଧାୟକ ସଭା ଗଠନ କରାଯିବା ବ୍ୟବସ୍ଥା ଥିଲା । ୧୯୩୫ ଭାରତ ଶାସନ ଆଇନ ପରିସର ମଧ୍ୟରେ ସୀମିତ ମତାଧିକାର ଦ୍ୱାରା ଗଠିତ ପ୍ରାଦେଶିକ ବିଧାନସଭା ଗୁଡ଼ିକ ଶାସନ ବିଧାୟକ ସଭାପାଇଁ ପ୍ରତିନିଧି ବାଛିବେ । ପ୍ରତି ଦଶଲକ୍ଷ ଲୋକଙ୍କପାଇଁ ଜଣେ ହିସାବରେ ପ୍ରତିନିଧି ବିଧାନସଭାରେ ଥିବା ମୁସଲିମ୍ ଓ ଶିଖ୍ ସଦସ୍ୟମାନେ ସେମାନଙ୍କ ଜନସଂଖ୍ୟା ଅନୁପାତରେ ପ୍ରତିନିଧି ବାଛିବେ ।

### ଶାସନ ବିଧାୟକ ସଭାରେ ପ୍ରତିନିଧାନ ବ୍ୟବସ୍ଥା

#### 'କ' ବିଭାଗ

| ପ୍ରଦେଶ (Province) | ସାଧାରଣ ଆସନ (General Seats) | ମୁସଲିମ୍ ଆସନ (Muslim Seats) | ମୋଟ ଆସନ (Total Seats) |
|---|---|---|---|
| ମାନ୍ଦ୍ରାଜ | ୪୫ | ୪ | ୪୯ |
| ବମ୍ବେ | ୧୯ | ୨ | ୨୧ |
| ସଂଯୁକ୍ତ ପ୍ରଦେଶ | ୪୭ | ୮ | ୫୫ |
| ବିହାର | ୩୧ | ୫ | ୩୬ |
| ମଧ୍ୟପ୍ରଦେଶ | ୧୬ | ୧ | ୧୭ |
| ଓଡ଼ିଶା | ୯ | ୦ | ୯ |
| ସମୁହ | ୧୬୭ | ୨୦ | ୧୮୭ |

#### 'ଖ' ବିଭାଗ

| ପ୍ରଦେଶ | ସାଧାରଣ ଆସନ | ମୁସଲିମ୍ ଆସନ | ଶିଖ୍ ଆସନ | ମୋଟ ଆସନ |
|---|---|---|---|---|
| ପଞ୍ଜାବ | ୮ | ୧୬ | ୪ | ୨୮ |
| ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ | ୦ | ୩ | ୦ | ୩ |
| ସିନ୍ଧ | ୧ | ୩ | ୦ | ୪ |
| ସମୁହ | ୯ | ୨୨ | ୪ | ୩୫ |

'ଗ' ବିଭାଗ

| ପ୍ରଦେଶ | ସାଧାରଣ ଆସନ | ମୁସଲମ୍ ଆସନ | ମୋଟ ଆସନ |
|---|---|---|---|
| ବଙ୍ଗଳା | ୨୭ | ୩୩ | ୬୦ |
| ଆସାମ | ୭ | ୩ | ୧୦ |
| ସମୁହ | ୩୪ | ୩୬ | ୭୦ |

ତେଣୁ ଶାସନ ବିଧାୟକ ସଭାର ସଭ୍ୟସଂଖ୍ୟା ନିମ୍ନ ପ୍ରକାର ହେବାର ଥିଲା । ଯଥା—୧୮୭+୩୫+୭୦ = ୨୯୨ । ଇଂରେଜ ଶାସିତ ପ୍ରଦେଶର ସଭ୍ୟଙ୍କ ସହିତ ୯୩ଜଣ ଦେଶୀୟ ରାଜ୍ୟର ସଭ୍ୟ ଓ ୪ଜଣ ମୁଖ୍ୟ କମିଶନର ଶାସିତ ପ୍ରଦେଶର ସଭ୍ୟ ମୋଟ ୩୮୯ ଜଣ ସଭ୍ୟ ରହିବା ବ୍ୟବସ୍ଥା ହୋଇଥିଲା ।

ଉଲ୍ଲିଖିତ ପ୍ରଣାଳୀରେ ଗଢ଼ାଯାଇଥିବା ଶାସନ ବିଧାୟକ ସଭାଦ୍ୱାରା ପ୍ରଣୀତ ସଂବିଧାନକୁ ଇଂଲଣ୍ଡର ସଂସଦ ସ୍ୱୀକାର କରି କାର୍ଯ୍ୟକାରୀ କରିବେ ବୋଲି ବ୍ରିଟିଶ ସରକାର ପ୍ରତିଶ୍ରୁତି ଦେଇଥିଲେ ।

ସ୍ୱାଧୀନତା ପରେ ମଧ୍ୟ ଭାରତ ରାଜ୍ୟଗୋଷ୍ଠୀରେ ରହିବ ବୋଲି କ୍ୟାବିନେଟ ମିଶନ ଆଶାପୋଷଣ କରିଥିଲେ । ରାଜ୍ୟଗୋଷ୍ଠୀରେ ଭାରତର ଯୋଗଦାନ ସ୍ୱେଚ୍ଛାକୃତ ହୋଇଥିବା ହେତୁ ସେ ଚାହିଁଲେ ସେଥିରୁ ଓହରିଯିବା ବ୍ୟବସ୍ଥା ମଧ୍ୟ ଥିଲା ।

## ପ୍ରସ୍ତାବିତ ମଧ୍ୟବର୍ତ୍ତୀ ସରକାର

ସଂବିଧାନ ପ୍ରଣୟନକୁ ଅପେକ୍ଷା ନକରି ଏକ ମଧ୍ୟବର୍ତ୍ତୀ ସରକାର ଗଢ଼ିବାପାଇଁ ମିଶନ୍ ସୁପାରିଶ କରିଥିଲେ । ଛଅଜଣ କଂଗ୍ରେସ ସଭ୍ୟ, ପାଞ୍ଚଜଣ ମୁସଲମ୍ ଲିଗ ସଭ୍ୟ, ଜଣେ ଭାରତୀୟ ଖ୍ରୀଷ୍ଟିୟାନ, ଜଣେ ଶିଖ୍ ଓ ଜଣେ ପାର୍ସୀ ଏହିପରି ଚଉଦ ଜଣ ସଦସ୍ୟଙ୍କୁ ନେଇ ଉକ୍ତ ସରକାର ଗଠନ କରାଯିବା କଥା ହୋଇଥିଲା ଓ ଯୁଦ୍ଧ ପ୍ରତିରକ୍ଷା ସମେତ ସମସ୍ତ ବିଭାଗ ଉକ୍ତ ସରକାର ହାତରେ ରହିବ ଏବଂ ଭାରତୀୟମାନେ ସବୁ କ୍ଷମତା ଉପଭୋଗ କରିବେ । ଏହିସବୁ ଦୃଷ୍ଟିରୁ ମଧ୍ୟବର୍ତ୍ତୀ ସରକାର ଗଠନ ଲାଗି ବ୍ୟବସ୍ଥାମାନ ବିଶେଷ ଆକର୍ଷଣୀୟ ଥିଲା । ଗଣତନ୍ତ୍ର ପଦ୍ଧତିରେ ବିଶ୍ୱାସ କରି ମିଶନର ସଦସ୍ୟବୃନ୍ଦ ପ୍ରସ୍ତାବଗୁଡ଼ିକୁ ସୁପାରିଶ କରିଥିଲେ । ସ୍ୱତନ୍ତ୍ର ପାକିସ୍ଥାନ ଗଠନ ଦାବୀକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା; କିନ୍ତୁ ମୁସଲମ୍ ଲିଗ୍‌କୁ ସମ୍ମାନ ଦିଆଯାଇଥିଲା । ହିନ୍ଦୁ ଓ ମୁସଲମ୍ ଦୁଇ ପରସ୍ପର ବିରୋଧୀ ଗୋଷ୍ଠୀ ମଧ୍ୟରେ ବୁଝାମଣା ଲାଗି ବ୍ୟବସ୍ଥା ଥିଲା ।

## ପ୍ରସ୍ତାବର ଦୋଷ

କିନ୍ତୁ ଯେପରି ଭାବରେ ପ୍ରଦେଶଗୁଡ଼ିକୁ ବର୍ଗୀକରଣ କରାଗଲା, ତାହା ଅନିଷ୍ଟକାରକ ବୋଲି ବିଚାର କରାଯାଇଥିଲା । ଏହି ବର୍ଗୀକରଣ ବାଧ୍ୟତାମୂଳକ ନା ଇଚ୍ଛାଧୀନ ତାହା

ନିଷ୍ପ ନଥିଲା । ଶକ୍ତିଶାଳୀ ପ୍ରଦେଶଗୁଡ଼ିକ ଦ୍ୱାରା କ୍ଷୁଦ୍ର ପ୍ରଦେଶଗୁଡ଼ିକ ପ୍ରଭାବିତ ହେବାର ଆଶଙ୍କା ଥିଲା । ବଙ୍ଗଳା, ଆସାମ, ସିନ୍ଧୁ ଓ ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶରେ ହିନ୍ଦୁମାନଙ୍କୁ ମୁସଲମାନମାନଙ୍କ ଦୟାର ପାତ୍ର ହେବାକୁ ଛାଡ଼ି ଦିଆଯାଇଥିଲା । ପ୍ରଦେଶଗୁଡ଼ିକର ପ୍ରସ୍ତାବିତ ବର୍ଗୀକରଣ ଶାସନ ବିଧାୟକ ସଭାକୁ ତିନି ଭାଗରେ ବିଭକ୍ତ କରିଥିଲା । ଯାହା ଫଳରେ ପ୍ରତ୍ୟେକ ବର୍ଗ ( Group ) ନିଜର ପୃଥକ୍ ସମ୍ବିଧାନ ଗଢ଼ିବା ପାଇଁ ବ୍ୟବସ୍ଥା ଥିଲା ।

ଶାସନ ବିଧାୟକ ସଭାର ପ୍ରତିନିଧିଗଣ ପ୍ରାପ୍ତବୟସ୍କ ଭୋଟ ଅଧିକାର ଦ୍ୱାରା ନିର୍ବାଚିତ ନ ହୋଇଥିବା ହେତୁ ଶାସନ ବିଧାୟକ ସଭାକୁ ଗଣତାନ୍ତ୍ରିକ ବୋଲି କୁହାଯାଇ ନପାରେ । କ୍ୟାବିନେଟ୍ ମିଶନ ପ୍ରସ୍ତାବର ମୁଖ୍ୟ ଉଦ୍ଦେଶ୍ୟ ଥିଲା ପ୍ରାଦେଶିକ ସ୍ୱାତନ୍ତ୍ର୍ୟ; କିନ୍ତୁ ପ୍ରଦେଶଗୁଡ଼ିକର ବର୍ଗୀକରଣ ଉକ୍ତ ଉଦ୍ଦେଶ୍ୟ ସାଧନ ଦିଗରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା । ଦେଶୀୟ ରାଜ୍ୟଗୁଡ଼ିକ ଭାରତୀୟ ସଂଘରେ ଯୋଗଦେବା ବିଷୟରେ ସ୍ୱାତନ୍ତ୍ର୍ୟ ପାଇଥିବା ହେତୁ ଭାରତର ବିଭକ୍ତୀକରଣ ପାଇଁ ବୀଜ ବପନ କରାଗଲା ।

ଶିଖ୍ ସମ୍ପ୍ରଦାୟ ପ୍ରତି ବୈମାତୃକ ଭାବ ପ୍ରଦର୍ଶନ କରାଯାଇଥିଲା । ଶାସନ ବିଧାୟକ ସଭାରୁ ନ୍ୟାୟ ପାଇବା ଆଶା ସେମାନଙ୍କ ପକ୍ଷେ କ୍ଷୀଣ ଥିଲା । ପ୍ରସ୍ତାବଟି ପଞ୍ଜାବରେ ଶିଖ୍ ଗୋଷ୍ଠୀକୁ ମୁସଲମ୍ମାନଙ୍କ ଅନୁଗ୍ରହର ପାତ୍ର କରିଥିଲା ।

ପ୍ରସ୍ତାବିତ କେନ୍ଦ୍ର ସରକାରଙ୍କ ହାତରେ କେବଳ ବୈଦେଶିକ ବ୍ୟାପାର, ପ୍ରତିରକ୍ଷା ଓ ଯୋଗାଯୋଗ ବିଭାଗ ରହିବ ବୋଲି ବ୍ୟବସ୍ଥା ଥିଲା । କେନ୍ଦ୍ର ସରକାରଙ୍କ ଅର୍ଥନୈତିକ କ୍ଷମତା ବି ସୀମିତ ଥିଲା । ଫଳରେ କେନ୍ଦ୍ର ସରକାର ଦୁର୍ବଳ ହେବ ଓ ଗୋଟିଏ କେନ୍ଦ୍ରୀଭୂତ ଭାରତ ଗଠନର ଆଶା ନଥିଲା ।

## ଶାସନ ବିଧାୟକ ସଭା ପାଇଁ ନିର୍ବାଚନ

କ୍ୟାବିନେଟ ମିଶନ ପ୍ରସ୍ତାବ ଅନୁସାରୀ ୧୯୪୬ ମସିହା ଜୁଲାଇ ମାସରେ ଶାସନ ବିଧାୟକ ସଭା ପାଇଁ ନିର୍ବାଚନ ହୋଇଥିଲା । ନିର୍ବାଚନର ଫଳାଫଳରେ ସମଗ୍ର ୨୯୨ ଆସନରୁ କଂଗ୍ରେସ ୨୧୨ଟି ଆସନ ଓ ମୁସଲମ୍ ଲିଗ ୭୩ଟି ଆସନ ଲାଭ କରିଥିଲେ । ଦେଶୀୟ ରାଜ୍ୟଗୁଡ଼ିକ ପାଇଁ ଉଦ୍ଦିଷ୍ଟ ୯୩ଟି ଆସନ ଖାଲିଥିଲା । ଶାସନ ବିଧାୟକ ସଭାରେ କଂଗ୍ରେସର ପ୍ରାଧାନ୍ୟ ଜିନାଙ୍କ ପ୍ରତି ଅସହ୍ୟ ହୋଇଥିଲା । ସେ ସଭାର ସଫଳତା ଉପରେ ଆଶାବାଦୀ ନଥିଲେ ବୋଲି ମୁସଲମ୍ ଲିଗ ନିଜ ସମର୍ଥନ ପ୍ରତ୍ୟାହୃତ କରି ନେଇଥିଲା ।

## ମଧ୍ୟବର୍ତ୍ତୀ ସରକାର—୧୯୪୬

୧୯୪୬ ମସିହା ଅଗଷ୍ଟ ୧୪ ତାରିଖରେ ମଧ୍ୟବର୍ତ୍ତୀ ସରକାର ଗଢ଼ିବାପାଇଁ ପଣ୍ଡିତ ନେହେରୁ ନିମନ୍ତ୍ରିତ ହେଲେ । ଏହା ଫଳରେ ମୁସଲମ୍ ଲିଗ ପ୍ରତ୍ୟକ୍ଷ ସଂଗ୍ରାମ

( Direct action ) ପାଇଁ ଆହ୍ୱାନ ଦେଇଥିଲେ । ବଙ୍ଗ ପ୍ରଦେଶରେ ହାଣକାଟ ଲଗିଲା । ହଜାର ହଜାର ଲୋକ ମୃତାହତ ହେଲେ । ମୌଲନା ଆଜାଦ ୧୬ ଅଗଷ୍ଟକୁ ଭାରତ ଇତିହାସରେ ଏକ କଳାଦିବସ 'ବୋଲି ବର୍ଣ୍ଣନା କରିଥିଲେ । କଲିକତା, ନୂଆଦିଲ୍ଲୀ, ବିହାର ଓ ଅନ୍ୟାନ୍ୟ ସ୍ଥାନରେ ମୁସଲମ୍ ଲୀଗର ହିଂସାତ୍ମକ କାଣ୍ଡ ଚାଲିଥିବା ଅବସ୍ଥାରେ ସେପ୍ଟେମ୍ବର ୨ ତାରିଖ ଦିନ ମଧ୍ୟବର୍ତ୍ତୀ ସରକାର ଗଠିତ ହେଲା ଓ ଅକ୍ଟୋବର ୨୬ ତାରିଖରେ ମୁସଲମ୍ ଲୀଗ ମଧ୍ୟବର୍ତ୍ତୀ ସରକାରରେ ଯୋଗଦେଲା; କିନ୍ତୁ ଜିନାଙ୍କର ମିଳିତ ଦାୟିତ୍ୱରେ ବିଶ୍ୱାସ ନଥିବା ହେତୁ ଶାସନ ବିଧାୟକ ସଭାରେ ଦୁଇଟି ପରସ୍ପର ବିରୋଧୀ ଗୋଷ୍ଠୀ ଦେଖାଦେଇଥିଲା ।

## ଅଟଲୀଙ୍କ ବିବୃତି—୧୯୪୬

୧୯୪୭ ଫେବୃୟାରି ୨୦ ତାରିଖରେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ମିଷ୍ଟର ଅଟଲୀ ଭାରତର ଦାୟିତ୍ୱ ସଂପନ୍ନ ଲୋକଙ୍କ ହାତକୁ ୧୯୪୮ ମସିହା ଜୁନ ୩୦ ତାରିଖ ପୂର୍ବରୁ କ୍ଷମତା ହସ୍ତାନ୍ତର କରିବା ସମ୍ବନ୍ଧରେ ବ୍ରିଟିଶ ସରକାରଙ୍କ ଇଚ୍ଛା ବିଷୟ ଏକ ବିବୃତି ତାଙ୍କ ସଂସଦରେ ପ୍ରକାଶ କରିଥିଲେ । ଫଳରେ ମହାତ୍ମା ଗାନ୍ଧି ଏବଂ କଂଗ୍ରେସ ମହଲରେ ଆନନ୍ଦର ଲହରୀ ଖେଳି ଯାଇଥିଲା । ଏହି ପରିପ୍ରେକ୍ଷୀରେ ଦୁଇ ଗୋଷ୍ଠୀ ମଧ୍ୟରେ ମିଳାମିଶା ସକାଶେ କଂଗ୍ରେସର ଆମନ୍ତ୍ରଣକୁ ମୁସଲମ୍ ଲୀଗ ଭ୍ରୂକ୍ଷେପ କଲନାହିଁ । ତେଣୁ ଭାରତର ବିଭାଜନ ଅନିବାର୍ଯ୍ୟ ଜଣାଗଲା । ଜିନାଙ୍କ ଅନମନୀୟ ମନୋବୃତ୍ତି ଅଖଣ୍ଡ ଭାରତ ସୃଷ୍ଟି ଦିଗରେ ପ୍ରତିବନ୍ଧକ ସୃଷ୍ଟି କରିଥିଲା । ମୁସଲମ୍ ସଂଖ୍ୟାଗରିଷ୍ଠ ପ୍ରଦେଶ ଗୁଡ଼ିକର ବିଭାଜନ ନିମନ୍ତେ ମୁସଲମ୍ଲୀଗ ପ୍ରସ୍ତୁତ ନଥିଲା । ଅଧିକନ୍ତୁ ଆସାମ ଓ ଉତ୍ତରପଶ୍ଚିମ ସୀମାନ୍ତ ପ୍ରଦେଶ ପାକିସ୍ଥାନରେ ଯୋଗଦେବେ ନାହିଁ ବୋଲି ମୁସଲମ୍ଲୀଗ ପ୍ରତିବାଦ କରିଥିଲା ।

## ମାଉଣ୍ଟବ୍ୟାଟେନଙ୍କ ଯୋଜନା—୧୯୪୭

ଲର୍ଡ ଓ୍ୱାଭେଲଙ୍କୁ ପ୍ରତ୍ୟାହାର କରି ଇଂରେଜ ସରକାର ୧୯୪୭ ମସିହା ମାର୍ଚ୍ଚ ମାସରେ ଲର୍ଡମାଉଣ୍ଟବ୍ୟାଟେନଙ୍କୁ ନୂତନ ବଡ଼ଲାଟ ହିସାବରେ ପଠାଇଲେ । ଭାରତରେ ପହଞ୍ଚିବା ପରେ ପରେ ଲର୍ଡମାଉଣ୍ଟବ୍ୟାଟେନ କଂଗ୍ରେସ୍ ଓ ମୁସଲମ୍ଲୀଗ ନେତାମାନଙ୍କ ସହିତ ଆଲୋଚନା ଆରମ୍ଭ କରିଥିଲେ । ଉଭୟ ଗୋଷ୍ଠୀ ନିଜ ନିଜ ସ୍ଥାନରେ ଦୃଢ଼ ରହିଥିବା ହେତୁ ସେମାନଙ୍କ ମଧ୍ୟରେ ମିଳାମିଶା ଓ ଐକ୍ୟ ପ୍ରତିଷ୍ଠା ସମ୍ଭବପର ନୁହେଁ ବୋଲି ସେ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ମହାତ୍ମା ଗାନ୍ଧୀ, ସର୍ଦ୍ଦାର ପଟେଲ, ପଣ୍ଡିତ ନେହେରୁ ପ୍ରଭୃତି ନେତୃବର୍ଗ ପାକିସ୍ଥାନର ସୃଷ୍ଟି ଅନିବାର୍ଯ୍ୟ ବୋଲି ମନେ କରିଥିଲେ । ତେଣୁ ଭାରତ ବିଭାଜନ ପାଇଁ ମାଉଣ୍ଟବ୍ୟାଟେନଙ୍କ ପ୍ରସ୍ତାବକୁ ଭାରତର ମନ୍ତ୍ରିମଣ୍ଡଳ ତତ୍କ୍ଷଣାତ୍ ଗ୍ରହଣ କରିଥିଲେ ।

## ପ୍ରସ୍ତାବର ପ୍ରଧାନ ବୈଶିଷ୍ଟ୍ୟ

ଭାରତକୁ ହିନ୍ଦୁସ୍ଥାନ ଓ ପାକିସ୍ଥାନ ଏପରି ଦୁଇ ଭାଗରେ ବିଭକ୍ତ କରିବା ମାଉଣ୍ଟବ୍ୟାଟେନ ପ୍ରସ୍ତାବର ଉଦ୍ଦେଶ୍ୟ ଥିଲା । ବିବାଦୀୟ ପ୍ରଦେଶ ବଙ୍ଗଳା, ଆସାମ ଓ ପଞ୍ଜାବକୁ ବିଭକ୍ତ କରିବା ସମ୍ପର୍କରେ ସମ୍ପୃକ୍ତ ପ୍ରଦେଶ ଗୁଡ଼ିକର ବିଧାନ ସଭା ନିଷ୍ପତ୍ତି କରିବେ । ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶ ଓ ଆସାମର ଶ୍ରୀହଟ୍ଟ ଜିଲ୍ଲା ଭାରତ ବା ପାକିସ୍ଥାନରେ ଯୋଗଦେବା ବିଷୟରେ ଜନମତ ନିଆଯିବା ବ୍ୟବସ୍ଥା ଥିଲା । ୧୯୪୮ ମସିହା ଜୁନମାସ ପୂର୍ବରୁ ଭାରତ ଓ ପାକିସ୍ଥାନକୁ ସ୍ୱାୟତ୍ତ ଉପନିବେଶ ( Dominion ) ଢାଞ୍ଚାରେ କ୍ଷମତା ହସ୍ତାନ୍ତର କରିବା ସୂଚନା ଉକ୍ତ ପ୍ରସ୍ତାବରେ ଥିଲା ।

## ପ୍ରସ୍ତାବର କାର୍ଯ୍ୟକାରିତା

ଉଭୟ କଂଗ୍ରେସ ଓ ମୁସଲିମ୍‌ଲିଗ ପ୍ରସ୍ତାବକୁ ଗ୍ରହଣ କରିଥିଲେ । ବଙ୍ଗଳା ଓ ପଞ୍ଜାବ ବିଧାନ ସଭା ବିଭାଜନ ସପକ୍ଷରେ ମତଦାନ କରିଥିଲେ । ଫଳରେ ପଶ୍ଚିମବଙ୍ଗ ଓ ପୂର୍ବ-ପଞ୍ଜାବ ଭାରତରେ ଏବଂ ପୂର୍ବବଙ୍ଗ ( ବର୍ତ୍ତମାନ ବଙ୍ଗଳା ଦେଶ ) ଓ ପଶ୍ଚିମ ପଞ୍ଜାବ ପାକିସ୍ଥାନରେ ଯୋଗଦେବେ ବୋଲି ସ୍ଥିର ହେଲା । ସିଲହଟ୍ଟ ଅଧିବାସୀଗଣ ପୂର୍ବବଙ୍ଗ ସହିତ ମିଶିବା ପାଇଁ ମତଦାନ କରିଥିଲେ । ଉତ୍ତର ପଶ୍ଚିମ ସୀମାନ୍ତ ପ୍ରଦେଶର ମତଦାନକୁ କଂଗ୍ରେସ ବାସନ୍ଦ କରିଥିଲା । ସେଠାରେ ଭୋଟଦାତାମାନେ ପାକିସ୍ଥାନରେ ଯୋଗଦେବା ପାଇଁ ସ୍ଥିର କରିଥିଲେ । ବଙ୍ଗଳା ଓ ପଞ୍ଜାବରେ ଭାରତ ଓ ପାକିସ୍ଥାନ ମଧ୍ୟରେ ସୀମା ନିର୍ଦ୍ଧାରଣ କରିବା ପାଇଁ ଦୁଇଟି ସୀମା କମିଶନ ନିଯୁକ୍ତ କରାଯାଇଥିଲା ।

## ଭାରତୀୟ ସ୍ୱାଧୀନତା ଆଇନ—୧୯୪୭

୧୯୪୭ ମସିହା ଜୁଲାଇ ମାସ ୪ ତାରିଖରେ ଭାରତର ନେତାମାନଙ୍କ ପରାମର୍ଶରେ ପ୍ରସ୍ତୁତ କରାଯାଇଥିବା ଭାରତୀୟ ସ୍ୱାଧୀନତା ବିଧେୟକ ବ୍ରିଟିଶ ସଂସଦରେ ଆଗତ କରାଯାଇଥିଲା । ଏହା ପ୍ରସ୍ତାବଟି ଜୁଲାଇ ୧୬ ତାରିଖ ବେଳକୁ ଉଭୟ ଗୃହ ଦ୍ୱାରା ଗୃହୀତ ହୋଇଗଲା । ଜୁଲାଇ ୧୮ ତାରିଖରେ ରାଜା ଷଷ୍ଠ ଜର୍ଜ ସମ୍ମତି ଲାଭ କରିବା ପରେ ଏହା ପ୍ରସ୍ତାବଟି ଆଇନରେ ପରିଣତ ହେଲା । ଏହା ପୃଥିବୀର ଏକ ଐତିହାସିକ ଘଟଣା । ଏଥି ପୂର୍ବରୁ ଭାରତ ପରି ଏକ ଜନବହୁଳ ବୃହତ୍ତର ଭୂଖଣ୍ଡ ସଂସଦୀୟ ଆଇନ ଦ୍ୱାରା ବିନା ରକ୍ତପାତରେ ଅକ୍ଳେଶରେ ସ୍ୱାଧୀନତା ଲାଭ କରିଥିଲା । ଭାରତୀୟ ସ୍ୱାଧୀନତା ଆଇନଟି ଖୁବ୍ ଛୋଟ ଓ ଏଥିରେ କେବଳ ୨୦ଟି ଧାରା ଥିଲା ।

## ଭାରତୀୟ ସ୍ୱାଧୀନତା ଆଇନର ବ୍ୟବସ୍ଥା

୧୯୪୭ ମସିହା ଅଗଷ୍ଟ ୧୫ ଠାରୁ ଆଇନରେ ଭାରତ ଓ ପାକିସ୍ଥାନ ନାମରେ ଦୁଇଟି ସ୍ୱାୟତ୍ତ ଉପନିବେଶ ଗଠନର ବ୍ୟବସ୍ଥା ଥିଲା । ବ୍ରିଟିଶ ସଂସଦ ଓ ବ୍ରିଟିଶ ଭାରତୀୟ

ସରକାର ଉପଭୋଗ କରୁଥିବା ସବୁ କ୍ଷମତା ଭାରତ ଓ ପାକିସ୍ଥାନର ଦାୟିତ୍ବଶୀଳ ସରକାରଙ୍କ ହାତକୁ ହସ୍ତାନ୍ତର କରାଗଲା । ତେଣୁ ୧୯୪୭ର ୧୫ ଅଗଷ୍ଟକୁ ସ୍ଵାଧୀନତା ଦିବସରୂପେ ଆମେ ପାଳୁଅଛୁଁ । ଭବିଷ୍ୟତରେ ଦୁଇ ରାଷ୍ଟ୍ର ମଧ୍ୟରେ ଦ୍ୱନ୍ଦ୍ୱକୁ ଏଡ଼ାଇବା ପାଇଁ ଭାରତ ଓ ପାକିସ୍ଥାନର ଭୂଖଣ୍ଡକୁ ସ୍ପଷ୍ଟ ଚିହ୍ନଟ କରାଗଲା ।

ପ୍ରତ୍ୟେକ ସ୍ୱାୟତ୍ତ ଉପନିବେଶ ପାଇଁ ଜଣେ ଜଣେ ବଡ଼ଲାଟ ରହିଲେ । ବଡ଼ଲାଟଙ୍କର କୌଣସି ସ୍ୱେଚ୍ଛାଚାରୀ ଓ ବ୍ୟକ୍ତିଗତ କ୍ଷମତା ରହିଲାନାହିଁ । ସେ କେବଳ ସାଂବିଧାନିକ ମୁଖ୍ୟ ହିସାବରେ କାମକରିବେ । ଏମ. ଏ. ଜିନ୍ନା ପାକିସ୍ଥାନର ବଡ଼ଲାଟ ହେଲେ । ପଣ୍ଡିତ ନେହେରୁ ଓ ସର୍ଦ୍ଦାର ପଟେଲଙ୍କର ଅନୁରୋଧ କ୍ରମେ ଭାରତୀୟ ସ୍ୱାଧୀନତାର କର୍ତ୍ତା ଲର୍ଡ଼ମାଉଣ୍ଟବ୍ୟାଟେନ ସ୍ୱାଧୀନ ଭାରତର ପ୍ରଥମ ବଡ଼ଲାଟ ହେଲେ ।

ପ୍ରତ୍ୟେକ ସ୍ୱାୟତ୍ତ ଉପନିବେଶ ବା ଡୋମିନିୟନ ପାଇଁ ଗୋଟିଏ ସାର୍ବଭୌମ ବିଧାନମଣ୍ଡଳ (Sovereign legislature) ଆଇନ ପ୍ରଣୟନ କରିବାର ସମ୍ପୂର୍ଣ୍ଣ କ୍ଷମତା ଉପଭୋଗ କରିବ । ଡୋମିନିୟନ ବିଧାନମଣ୍ଡଳ ଦ୍ୱାରା ଅନୁମୋଦିତ ଯେକୌଣସି ଚିଠା ପ୍ରସ୍ତାବ ଉପରେ ବ୍ରିଟିଶ ସାମ୍ରାଜ୍ଞୀଙ୍କ ନାମରେ ସମ୍ମତି ପ୍ରଦାନ କରିବା କ୍ଷମତା ବଡ଼ଲାଟଙ୍କର ଥିଲା ।

ଶାସନ ବିଧାୟକ ସଭା ଦ୍ୱାରା ପ୍ରଣୀତ ସମ୍ବିଧାନ କାର୍ଯ୍ୟକାରୀ ହେବାପୂର୍ବରୁ ପ୍ରତ୍ୟେକ ପ୍ରଦେଶର ରାଜ୍ୟପାଳ କେନ୍ଦ୍ର ମନ୍ତ୍ରିମଣ୍ଡଳ ସୁପାରିଶରେ ନିଯୁକ୍ତ ହୋଇଥିଲେ । ସାଂବିଧାନିକ ମୁଖ୍ୟ ହିସାବରେ ସେମାନେ ପ୍ରାଦେଶିକ ମନ୍ତ୍ରିମଣ୍ଡଳର ପରାମର୍ଶ ଅନୁଯାୟୀ କାମ କରିବା ବ୍ୟବସ୍ଥା ହେଲା ।

ଭାରତ ବା ପାକିସ୍ଥାନରେ ଦେଶୀୟ ରାଜ୍ୟଗୁଡ଼ିକ ସ୍ୱେଚ୍ଛାରେ ଯୋଗ ଦେଇ ପାରିବେ ବୋଲି ବ୍ୟବସ୍ଥା ହୋଇଥିଲା ।

## ଆଇନର ବୈଶିଷ୍ଟ୍ୟ

ଏତଦ୍ୱାରା ଦୁଇଶତ ବର୍ଷକାଳ ପରାଧୀନ ଥିବା ଭାରତ ସ୍ୱାଧୀନତା ଲାଭକଲା । ଏହାକୁ ବିନା ଯୁଦ୍ଧରେ ଶାନ୍ତିଚୁକ୍ତି ବା ଇତିହାସର ଏକ ଅଦ୍ୱିତୀୟ ଘଟଣା ବୋଲି ଲର୍ଡ଼ ସାମୁଏଲ ବର୍ଣ୍ଣନା କରିଛନ୍ତି ।

ଦୁଃଖ କଷ୍ଟରେ ଗୋଟିଏ ଯୁଗ ଅତିବାହିତହୋଇ ସୁଖ ଓ ସମୃଦ୍ଧିର ଏକ ନୂତନ ଯୁଗ ଆରମ୍ଭ ହେଲା । ବ୍ରିଟିଶ ସରକାରଙ୍କ ପାଇଁ ଏହାଥିଲା ଏକ ଗୌରବମୟ ବିଦାୟ ।

କିନ୍ତୁ ୫୬୪ ଗୋଟି ଦେଶୀୟ ରାଜ୍ୟକୁ ଭାରତ କିମ୍ବା ପାକିସ୍ଥାନରେ ଯୋଗ ଦେବା ପାଇଁ ସ୍ୱାଧୀନତା ଦିଆଯିବା ଫଳରେ ପରବର୍ତ୍ତୀ ସମୟରେ ଅନେକ ଗୁଡ଼ିଏ ଜଟିଳ ସମସ୍ୟା

ସୃଷ୍ଟି ହୋଇଥିଲା । ଏହା ଭାରତର ଜାତୀୟ ଐକ୍ୟ ଓ ସଂହତି ଉପରେ କୁଠାରାଘାତ କରିବାର ଯଥେଷ୍ଟ ସମ୍ଭାବନା ଥିଲା । ତେଣୁ ଚର୍ଚ୍ଚିଲ ଭାରତର ସ୍ୱାଧୀନତାକୁ ଏକ କୁହେଳିକା ବୋଲି କଳ୍ପନା କରି ବ୍ରିଟିଶ ସରକାର ପୁଣି ଶାସନ ପରିଚାଳନା କରିବାପାଇଁ ନିମନ୍ତ୍ରିତ ହେବେ ବୋଲି ଆଶା ପ୍ରକାଶ କରିଥିଲେ । କିନ୍ତୁ ଚର୍ଚ୍ଚିଲ ଓ ତାଙ୍କ ସମର୍ଥନକାରୀଙ୍କ ଆଶା ନିରାଶାରେ ପରିଣତ ହେଲା । ଭାରତୀୟ ନେତୃବର୍ଗ ଦେଶ ଗଠନ ଓ ଶାସନରେ ପାରଦର୍ଶିତା ପ୍ରଦର୍ଶନ କରିଥିଲେ । ୧୯୪୮ ମସିହା ଜୁନମାସ ପୂର୍ବରୁ ଦେଶୀୟ ରାଜାମାନେ ଭାରତ ସରକାରଙ୍କ ନିକଟରେ କ୍ଷମତା ସମର୍ପଣ କରନ୍ତୁ ବୋଲି ପଣ୍ଡିତ ନେହେରୁ ଘୋଷଣା କଲେ । ଭାରତୀୟ ସେନାବାହିନୀ ଜୁନାଗଡ଼କୁ ଭାରତରେ ମିଶାଇଲେ । ପୋଲିସ ହସ୍ତକ୍ଷେପ ଦ୍ୱାରା ହାଇଦ୍ରାବାଦକୁ ରାଷ୍ଟ୍ରସଂଘରେ ମିଶାଗଲା । କାଶ୍ମୀର ରାଜା ହରିସିଂ ଅନୁପ୍ରବେଶ ପତ୍ର ମାଧ୍ୟମରେ କାଶ୍ମୀରକୁ ଭାରତରେ ମିଶାଇଥିଲେ । ଭାରତରେ ଦେଶୀୟ ରାଜ୍ୟମିଶ୍ରଣରେ ଲୌହମାନବ ସର୍ଦ୍ଦାର ପଟେଲଙ୍କ ଭୂମିକା ଚିରସ୍ମରଣୀୟ ହୋଇ ରହିଛି ।

# ତୃତୀୟ ପରିଚ୍ଛେଦ

## ପ୍ରସ୍ତାବନା
## ( The Preamble )

### ସଂବିଧାନ ସହ ପ୍ରସ୍ତାବନାର ସଂପର୍କ
### ( The relation of the Preamble with the Constitution. )

ସମ୍ବିଧାନ ସହିତ ପ୍ରସ୍ତାବନା ( Preamble ) ସଂଯୋଗ କରିବା ଏକ ବିଶ୍ୱବ୍ୟାପି ପଦ୍ଧତି ହୋଇଛି । ପୃଥିବୀର ପ୍ରାୟ ସମସ୍ତ ଲିଖିତ ସମ୍ବିଧାନର ବ୍ୟାଖ୍ୟାପାଇଁ ପ୍ରସ୍ତାବନା ସୂଚକାଠିର କାମ କରିଥାଏ । କିନ୍ତୁ ପ୍ରସ୍ତାବନା ସମ୍ବିଧାନର ଏକ ଅପରିହାର୍ଯ୍ୟ ଅଂଶ ନୁହେଁ । ସୋଭିଏତ୍ ରାଷ୍ଟ୍ରର ସଂବିଧାନରେ ପ୍ରସ୍ତାବନାର ସ୍ଥାନ ନାହିଁ । ସଂବିଧାନ ସହିତ ପ୍ରସ୍ତାବନା ଯୁକ୍ତ କରିବା ବିଷୟରେ ମାର୍କିନ ଯୁକ୍ତରାଷ୍ଟ୍ରର ସଂବିଧାନ ପ୍ରକୃଷ୍ଟ ଦୃଷ୍ଟାନ୍ତ ହୋଇଛି ଓ ପୃଥିବୀର ଅନ୍ୟାନ୍ୟ ପରବର୍ତ୍ତୀ ସଂବିଧାନକୁ ପ୍ରେରଣା ଯୋଗାଇଛି । ଏହି ସଂକ୍ରାନ୍ତରେ ଯୁକ୍ତରାଷ୍ଟ୍ର ଆମେରିକା ହେଉଛି ପୃଥିବୀର ପ୍ରଥମ ରାଷ୍ଟ୍ର ଯାହାର ସଂବିଧାନ ପ୍ରଣେତାଗଣ ପ୍ରଥମେ ସଂବିଧାନରେ ପ୍ରସ୍ତାବନାର ଆବଶ୍ୟକତା ଉପଲବ୍ଧି କରିଥିଲେ । ୧୭୮୭ ମସିହାରେ ସର୍ବପ୍ରଥମେ ସେମାନେ ଯୁକ୍ତରାଷ୍ଟ୍ର ଆମେରିକାର ନୂତନ ସଂବିଧାନରେ ନିମ୍ନଲିଖିତ ପ୍ରସ୍ତାବନା ସଂଯୋଗ କରିଥିଲେ । "ଆମ୍ଭେମାନେ ଯୁକ୍ତରାଷ୍ଟ୍ରର ଜନଗଣ ଅଧିକତର ପୂର୍ଣ୍ଣାଙ୍ଗ ସଂଘ ଗଠନ, ନ୍ୟାୟର ପ୍ରତିଷ୍ଠା, ଆଭ୍ୟନ୍ତରୀଣ ଶାନ୍ତିରକ୍ଷା କରିବା ନିମନ୍ତେ, ସମସ୍ତଙ୍କ ନିରାପତ୍ତା ବଜାୟ ରଖିବା ନିମନ୍ତେ, ମିଳିତ ପ୍ରତିରକ୍ଷା ବ୍ୟବସ୍ଥା, ସମୂହ କଲ୍ୟାଣ ସାଧନ ଏବଂ ନିଜକୁ ଓ ଆମ୍ଭମାନଙ୍କ ବଂଶଧରମାନଙ୍କୁ ସ୍ୱାଧୀନତାର ସୁଫଳ ଦେବା ଉଦ୍ଦେଶ୍ୟରେ ମାର୍କିନ ଯୁକ୍ତରାଷ୍ଟ୍ର ପାଇଁ ଏହି ସଂବିଧାନ ବ୍ୟବସ୍ଥା ଓ ପ୍ରତିଷ୍ଠାନ କଲୁ ।"

"We, the people of the United States, in order to form a more perfect Union, establish justice, insure domestic tranquillity, provide for the common defence, promote the general welfare, and secure the blessings of liberty to ourselves and our posterity, do ordain and establish this constitution for the United States of America."

ପରେ ପରେ ଆୟର୍ଲ୍ୟାଣ୍ଡ, ଜାପାନ, ବ୍ରହ୍ମଦେଶ, ଭାରତ, ବଙ୍ଗଳାଦେଶ ପ୍ରଭୃତି ଅନେକ ଦେଶ ଯୁକ୍ତରାଷ୍ଟ୍ର ଆମେରିକାର ରୀତି ଅନୁସରଣ କରିଛନ୍ତି । ପ୍ରସ୍ତାବନା ସମ୍ବିଧାନର

ଲିଖିତ ବ୍ୟବସ୍ଥାଗୁଡ଼ିକ ସହିତ ନୂତନ ବିଷୟ କିଛି ଯୋଗ କରେନି ଓ ଏହା ସମ୍ବିଧାନର ଅପରିହାର୍ଯ୍ୟ ଅଙ୍ଗ ନୁହେଁ ବୋଲି ଏହାର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ବନ୍ଧରେ ପ୍ରଶ୍ନ ଉଠିବା ସ୍ୱାଭାବିକ କଥା ।

## ପ୍ରସ୍ତାବନାର ଅର୍ଥ ଓ ଉଦ୍ଦେଶ୍ୟ

କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟକୁ ଆଖି ଆଗରେ ରଖି ଯେ କୌଣସି ସମ୍ବିଧାନ ପ୍ରଣୀତ ହୋଇଥାଏ । ସମ୍ବିଧାନ ପ୍ରଣୟନ ପଛରେ ପ୍ରଣେତାମାନଙ୍କର କେତେଗୁଡ଼ିଏ ଲକ୍ଷ୍ୟ ବା ଅଭିଳାଷ ଥାଏ । ସଂବିଧାନ ପ୍ରାରମ୍ଭରେ ପ୍ରସ୍ତାବନା ଶାସନ ବିଧାୟକ ସଭାର ( Constituent Assembly ) ଅଭିଳାଷ ପ୍ରକାଶ କରିଥାଏ । ତାଛଡ଼ା ସଂବିଧାନର ଲିପିବଦ୍ଧ ଆଇନ ଗୁଡ଼ିକର ଉଦ୍ଦେଶ୍ୟ ଓ ନୀତି ସଂବନ୍ଧରେ ସଂକ୍ଷିପ୍ତ ସୂଚନା ମଧ୍ୟ ଦେଇଥାଏ । ବିଶେଷ କରି ପ୍ରସ୍ତାବନାରୁ ତିନୋଟି ବିଷୟରେ ଇଙ୍ଗିତ ମିଳିଥାଏ । (୧) ସମ୍ବିଧାନର ଉତ୍ସ ଅର୍ଥାତ୍ ଏହାର ଉତ୍ପତ୍ତିସ୍ଥଳ, (୨) ଏହାର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ, (୩) ଏହା ଗୃହୀତ ହେବାର ସମୟ । ମ୍ୟାକସ୍‌ୱେଲ୍‌ଙ୍କ ମତରେ ପ୍ରସ୍ତାବନା ହେଲି ଆଇନର ତାତ୍ପର୍ଯ୍ୟ ବୁଝିବାର ପ୍ରକୃଷ୍ଟ ଉପାୟ । ପଣ୍ଡିତ ଠାକୁର ଦାସ ଭାର୍ଗବଙ୍କ ମତରେ ପ୍ରସ୍ତାବନା ହେଉଛି ସଂବିଧାନର ଆତ୍ମା, ଏହାର ଗୋଟିଏ ଅତ୍ୟନ୍ତ ମୂଲ୍ୟବାନ ଅଙ୍ଗ, ଏହାର ଉଦ୍ଦେଶ୍ୟ ଅନୁଧ୍ୟାନ କରିବାର ସୂତ୍ର ଏବଂ ସଂବିଧାନରେ ଖଚିତ ମୁକ୍ତା ସ୍ୱରୂପ ।

କିନ୍ତୁ ପ୍ରସ୍ତାବନା ସଂବିଧାନର କାର୍ଯ୍ୟକାରୀ ଅଙ୍ଗଗୁଡ଼ିକ ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ । ବେରୁବାଡ଼ି ୟୁନିୟନର ହସ୍ତାନ୍ତର ବିଷୟକ ମୋକଦ୍ଦମାରେ ଭାରତର ଉଚ୍ଚତମ ନ୍ୟାୟାଳୟ ( Supreme Court ) ମତ ଦେଇଛନ୍ତି ଯେ, ପ୍ରସ୍ତାବନା ସଂବିଧାନର ସାଧାରଣ ଉଦ୍ଦେଶ୍ୟର ଇଙ୍ଗିତ ହେଲେ ମଧ୍ୟ ତାହା ସଂବିଧାନର ଅଂଶ ନୁହେଁ । ରାଷ୍ଟ୍ରର କାର୍ଯ୍ୟପାଳିକା, ବିଧାୟିକା ବା ନ୍ୟାୟପାଳିକା ଅଙ୍ଗ ସେଥିରୁ କିଛି ବାସ୍ତବ କ୍ଷମତା ସଂଗ୍ରହ କରନ୍ତି ନାହିଁ । ସଂବିଧାନର କାର୍ଯ୍ୟକାରୀ ଭାଗର କୌଣସି ଅଂଶ ଅସ୍ପଷ୍ଟ ରହିଲେ ପ୍ରସ୍ତାବନା ତାର ମୂଳ ଉଦ୍ଦେଶ୍ୟ ସମ୍ବନ୍ଧରେ କିଛି ସୂଚନା ଦେଇପାରେ; କିନ୍ତୁ ପ୍ରସ୍ତାବନା ଦ୍ୱାରା ସଂବିଧାନର ସ୍ପଷ୍ଟ, ଭାବ ବା ଉଦ୍ଦେଶ୍ୟ ସୂଚିତ ହେଉଥିବା କୌଣସି ଅଂଶ ସଂକୁଚିତ ବା ସଂପ୍ରସାରିତ ହୋଇନଥାଏ । ପ୍ରସ୍ତାବନା ଓ କୌଣସି କାର୍ଯ୍ୟକାରୀ ଅଂଶ ଭିତରେ ପରସ୍ପର ବିରୋଧ ଭାବ ଦେଖାଗଲେ କାର୍ଯ୍ୟକାରୀ ଅଂଶର ଭାବହିଁ ଗୃହୀତ ହୁଏ; କିନ୍ତୁ ଅବସ୍ଥା ବିଶେଷରେ କୌଣସି କାର୍ଯ୍ୟକାରୀ ଅଂଶର ଏକାଧିକ ବ୍ୟାଖ୍ୟାର ସମ୍ଭାବନା ଥିଲେ ନ୍ୟାୟାଳୟ ପ୍ରସ୍ତାବନାର ସାହାଯ୍ୟ ନେଇପାରନ୍ତି ।

ପୃଥିବୀରେ ପ୍ରଚଳିତ ଲିଖିତ ସଂବିଧାନ ଗୁଡ଼ିକର ପ୍ରସ୍ତାବନାରେ ବର୍ଣ୍ଣନା ରୀତିରୁ ଭାରି ପାର୍ଥକ୍ୟ ପରିଲକ୍ଷିତ ହୁଏ । କେତେଗୁଡ଼ିଏ ପ୍ରସ୍ତାବନା ଅତି ସଂକ୍ଷିପ୍ତ ହୋଇଥିବା ସ୍ଥଳେ ଅନ୍ୟ କେତୋଟି ଅତି ବିସ୍ତୃତ ହୋଇଥିବାର ଦେଖାଯାଏ । କେତେକ ପ୍ରସ୍ତାବନା ଅତି

ସାଧାରଣ ବର୍ଣ୍ଣନା ହୋଇଥିବା ବେଳେ ଆଉ କେତୋଟିର ତତ୍ତ୍ୱଗତ ଭାବ ଉପରେ ବିଶେଷ ଜୋର ଦିଆଯାଇଥାଏ; କିନ୍ତୁ ପ୍ରସ୍ତାବନାର ଶବ୍ଦାଳଙ୍କାର ବା ବର୍ଣ୍ଣନା ଗୁରୁତ୍ୱ ଉପରେ ଦେଶବାସୀଙ୍କ ସଂବିଧାନ ପ୍ରତି ସମ୍ମାନ ଓ ମର୍ଯ୍ୟାଦା ପ୍ରଦର୍ଶନ ନିର୍ଭର କରେନାହିଁ । ସଂବିଧାନରେ ସମାଜର ଆତ୍ମା ପ୍ରତିବିମ୍ବିତ ହେଲେ ଓ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ନ୍ୟାୟ ପ୍ରଦର୍ଶନର ରାସ୍ତା ପରିଲକ୍ଷିତ ହେଲେ ତାହା ଲୋକମାନଙ୍କ ଦ୍ୱାରା ଆଦୃତ ହୁଏ ।

## ଭାରତୀୟ ସଂବିଧାନର ପ୍ରସ୍ତାବନା

"ଆମ୍ଭେମାନେ ଭାରତର ଜନଗଣ ଭାରତକୁ ଏକ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବାକୁ ଏବଂ ନାଗରିକମାନଙ୍କୁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା, ମତପ୍ରକାଶ, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନ ପ୍ରତିଷ୍ଠା ଏବଂ ସୁଯୋଗର ସମତା ଯୋଗାଇଦେବାପାଇଁ ସମସ୍ତଙ୍କ ମଧ୍ୟରେ ବ୍ୟକ୍ତିର ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ସୁନିଶ୍ଚିତ ଭାବରେ ରକ୍ଷା କରାଇବାପାଇଁ ଭ୍ରାତୃଭାବର ବୃଦ୍ଧି ନିମନ୍ତେ; ସତ୍ୟନିଷ୍ଠାର ସହିତ ସଂକଳ୍ପକରି ଆମ୍ଭର ଏହି ଶାସନବିଧାୟକ ସଭାରେ ଅଦ୍ୟ ୧୯୪୯ ସାଲର ନଭେମ୍ବର ମାସର ୨୬ ତାରିଖରେ ଏତଦ୍ୱାରା ଏହି ସଂବିଧାନ ଗ୍ରହଣ କରି, ବିଧିବଦ୍ଧ ଭାବରେ ନିଜକୁ ଅର୍ପଣ କରୁଛୁ ।"

"WE, THE PEOPLE OF INDIA, having solemnly resolved to constitute India into a SOVEREIGN DEMOCRATIC REPUBLIC and to secure to all its citizens :

JUSTICE, Social economic and political;

LIBERTY of thought, expression, belief, faith and worship;

EQUALITY of status and of opportunity; and to promote among them all,

FRATERNITY assuring the dignity of the individual and the unity of the Nation;

IN OUR CONSTITUENT ASSEMBLY this twenty-sixth day of November, 1949, do HEREBY ADOPT, ENACT AND GIVE TO OURSELVES THIS CONSTITUTION.

## ପ୍ରସ୍ତାବନାର ବିଶ୍ଳେଷଣ

ଭାରତୀୟ ସଂବିଧାନର ପ୍ରସ୍ତାବନା ବିଶ୍ଳେଷଣ କଲାବେଳେ ପ୍ରଥମେ ନିମ୍ନୋକ୍ତ ଶବ୍ଦଉପରେ ଦୃଷ୍ଟିପଡ଼େ । "ଆମ୍ଭେମାନେ ଭାରତର ଜନଗଣ··· ··· ଆମ୍ଭର ଏହି ଶାସନ

ବିଧାୟକ ସଭାରେ··· ··· ଏହି ସମ୍ବିଧାନ ଗ୍ରହଣକରି ବିଧିବଦ୍ଧ ଭାବରେ ନିଜକୁ ଅର୍ପଣ କରୁଛୁ ।'' ଭାରତୀୟ ସଂବିଧାନ ଫ୍ରାନ୍ସ, ବ୍ରହ୍ମଦେଶ, ଜାପାନ ପ୍ରଭୃତି ସଂବିଧାନ ପରି ଜନଗଣଙ୍କଠାରୁ ନିସୃତ ନୁହେଁ । ସମ୍ବିଧାନ ଗଠନପାଇଁ ଲୋକମାନଙ୍କ ଉପରେ ସାର୍ବଭୌମ କ୍ଷମତା ନ୍ୟସ୍ତକରିବା ଦିଗରେ ମୁକ୍ତିରାଷ୍ଟ୍ର ଆମେରିକା ହେଉଛି ସର୍ବପ୍ରଥମ ।

'ଆମେ ଜନଗଣ' ଉକ୍ତିର ତାତ୍ପର୍ଯ୍ୟ ହେଲା ଯେ ଜନସମଷ୍ଟି ହିଁ ସାର୍ବଭୌମତ୍ୱର ଆଧାର । ଏହି ଅଧିକାର ବଳରେ ହିଁ ଜନଗଣ ବା ସେମାନଙ୍କ ପ୍ରତିନିଧି ସଂବିଧାନ ରଚନା କରିବାର କ୍ଷମତା ଉପଭୋଗ କରିଥାନ୍ତି । ସଂବିଧାନର ଆଇନଗତ ଭିତ୍ତି ଆଲୋଚନା କଲେ ଜଣାଯାଏ ଯେ ସଂବିଧାନ ଜନଗଣଙ୍କ ଦ୍ୱାରା ପ୍ରଣୀତ ହୋଇଥିବାରୁ ସାମ୍ବିଧାନିକ ବିଧିଗୁଡ଼ିକୁ ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ ସାଧାରଣ ଆଇନଠାରୁ ଗୁରୁତର ବିବେଚନା କରାଯାଏ । ନୈତିକ ଭିତ୍ତିରୁ ବିଚାରକଲେ ଜଣାଯାଏ ଯେ ରାଷ୍ଟ୍ରର ଐକ୍ୟ ଓ ଜାତୀୟ ସଂହତିକୁ ଆଖିଆଗରେ ରଖି ସଂବିଧାନ ରଚିତ ହୋଇଥାଏ । ତେଣୁ ସାମ୍ବିଧାନିକ ଆଇନକୁ ଅମାନ୍ୟକଲେ ରାଷ୍ଟ୍ରବ୍ୟବସ୍ଥା ଭାଙ୍ଗି ପଡ଼ିବ, ଏବଂ ବିଶୃଙ୍ଖଳା ଓ ଅରାଜକତା ଦେଖାଦେବ । ତା ଛଡ଼ା ଏହା ସର୍ବସାଧାରଣଙ୍କ ଦ୍ୱାରା ପ୍ରଣୀତ ହୋଇଥିବାରୁ ଏହାକୁ ମାନ୍ୟ କରିବା ସମସ୍ତଙ୍କ ନୈତିକ ଦାୟିତ୍ୱ ହେବା ଉଚିତ୍ ।

ଏହି ପରିପ୍ରେକ୍ଷୀରେ ଭାରତୀୟ ସଂବିଧାନର ପ୍ରସ୍ତାବନାରେ ବ୍ୟବହୃତ ''ଆମେ ଭାରତୀୟ ଜନଗଣ·········'' ଉକ୍ତିର ତାତ୍ପର୍ଯ୍ୟ ଅନୁମାନକରିବା ସହଜସାଧ୍ୟ ହୁଏ । ଭାରତୀୟ ସଂବିଧାନର ଆଇନଗତ ଓ ନୈତିକ ମୂଳଭିତ୍ତି ଭାରତର ଜନସାଧାରଣଙ୍କଠାରୁ ଅଦ୍ଭୁତ ହୋଇଛି । ତେଣୁ ଜନସାଧାରଣ ହିଁ ସାର୍ବଭୌମ କ୍ଷମତାର ଆଧାର । ସଂବିଧାନ ହେଲା ଦେଶର ସର୍ବପ୍ରଧାନ ମୌଳିକ ଆଇନ ଏବଂ ତାକୁ ମାନ୍ୟ କରିବାର ଆଇନଗତ ଓ ନୈତିକ ଦାୟିତ୍ୱ ପ୍ରତ୍ୟେକ ଭାରତବାସୀଙ୍କର ରହିଛି ।

ସଂବିଧାନକୁ ଜନସାଧାରଣଙ୍କ ସାର୍ବଭୌମ କ୍ଷମତା ବା ଇଚ୍ଛା ଉପରେ ଆଧାରିତ କରିବାକୁ ହେଲେ ସଂବିଧାନ ରଚନା କାର୍ଯ୍ୟ ସହିତ ଜନସାଧାରଣଙ୍କୁ ସଂଶ୍ଳିଷ୍ଟକରିବା ପ୍ରୟୋଜନ । ଅନେକ କ୍ଷେତ୍ରରେ ଦେଖାଯାଏ ଯେ ଶାସନବିଧାୟକ ସଭା ଗଣତାନ୍ତ୍ରିକ ପଦ୍ଧତିରେ ଗଠିତ ହୋଇଥାଏ । ଏହି ପ୍ରଥା ଅବଲମ୍ବନ କରାନଗଲେ ଶାସନବିଧାୟକ ସଭାର ସଦସ୍ୟମାନଙ୍କୁ ଲୋକପ୍ରତିନିଧି ବୋଲି ଦାବୀ କରାଯାଇ ପାରେନା । ଆଉ କେତେକ କ୍ଷେତ୍ରରେ ନିର୍ବାଚିତ ନ ହୋଇଥିବା ପୁରୁଖା ଆଇନ ବିଶେଷଜ୍ଞ ଓ ନେତୃବୃନ୍ଦଙ୍କ ଦ୍ୱାରା ସଂବିଧାନ ରଚିତ ହୋଇଥିଲେ ଜନଗଣଙ୍କର ଅନୁମୋଦନ ଲାଭକରିବା ଉଦ୍ଦେଶ୍ୟରେ ଗଣଭୋଟ (Referendum)ର ବ୍ୟବସ୍ଥା ହୋଇଥାଏ । ଆୟର୍ଲାଣ୍ଡର ସଂବିଧାନକୁ ଏହିପରି ଗଣଭୋଟ ପରେ କାର୍ଯ୍ୟକାରୀ କରାଯାଇଥିଲା ।

ଭାରତୀୟ ଶାସନବିଧାୟକ ସଭା (Constituent Assembly) ବ୍ରିଟିଶ ମନ୍ତ୍ରିମଣ୍ଡଳର ଗୋଟିଏ ପ୍ରତିନିଧିଦଳର ପ୍ରସ୍ତାବ ଅନୁସାରେ ଗଠିତ ହୋଇଥିଲା ବୋଲି

ବିଧାୟକ ସଭାର ସଦସ୍ୟମାନେ ବୟସ୍କ ମତାଧିକାର ଭିତ୍ତିରେ ପ୍ରତ୍ୟକ୍ଷଭାବରେ ନିର୍ବାଚିତ ହୋଇନଥିଲେ । ପ୍ରଦେଶଗୁଡ଼ିକ ତରଫରୁ ଯେଉଁମାନେ ଗଣପରିଷଦର ସଭ୍ୟ ହୋଇଥିଲେ ସେମାନେ ୧୯୩୫ ସାଲର ଭାରତ ଶାସନ ଆଇନ ଅନୁଯାୟୀ ଗଠିତ ପ୍ରାଦେଶିକ ବିଧାନସଭାଗୁଡ଼ିକଦ୍ୱାରା ପରୋକ୍ଷ ଭାବରେ ନିର୍ବାଚିତ ହୋଇଥିଲେ । କିନ୍ତୁ ୧୯୩୫ର ଭାରତ ଶାସନ ଆଇନ ମାଧ୍ୟମରେ ତତ୍କାଳୀନ ପ୍ରାଦେଶିକ ବିଧାନସଭାକୁ ନିର୍ବାଚିତ ହୋଇଥିବା ସଦସ୍ୟମାନେ ଖୁବ୍ କମ୍ ସଂଖ୍ୟକ ଭୋଟଦାତାଙ୍କଦ୍ୱାରା ବଚ୍ଛାଯାଇଥିଲେ, କାରଣ ସେତେବେଳେ କେବଳ ଶତକଡ଼ା ଚଉଦ ଜଣଙ୍କର ଭୋଟଦେବାର ଅଧିକାର ଥିଲା । ତେଣୁ ସମାଲୋଚକଙ୍କ ମତରେ ଭାରତୀୟ ସଂବିଧାନ ଜନସାଧାରଣଙ୍କ ଦ୍ୱାରା ରଚିତ ହୋଇଛି ବୋଲି କହିବା ଠିକ୍ ହୋଇନାହିଁ । ସଂବିଧାନର ଆଇନଗତ ଓ ନୈତିକ ଭିତ୍ତି ନିର୍ଦ୍ଧାରଣ ନିମନ୍ତେ ଏହି ଯେଉଁ 'ଜନଗଣଙ୍କ' କଥା ଉଲ୍ଲେଖ କରାଯାଇଛି ତାହା କାଳ୍ପନିକ ତତ୍ତ୍ୱ ଭିନ୍ନ ଆଉ କିଛି ନୁହେଁ ବୋଲି ସେହି ସମୟରେ କେତେକ ମହଲରେ ମତ ପ୍ରକାଶ ପାଇଥିଲା । ସେମାନେ ଯୁକ୍ତି କରିଥିଲେ ଯେ ଭାରତୀୟ ସଂବିଧାନର ରଚୟିତା-ଗଣ ସଂବିଧାନ ପ୍ରଣୀତ ହେବା ପୂର୍ବରୁ ନିର୍ବାଚନର ସମ୍ମୁଖୀନ ହୋଇନଥିଲେ, କି ସଂଖ୍ୟା ଗରିଷ୍ଠ ଭୋଟ ଦ୍ୱାରା ନିର୍ବାଚିତ ହୋଇନଥିଲେ । ସଂବିଧାନ ପ୍ରଣୀତ ହେବାପରେ ବି ଗଣଭୋଟ ସାହାଯ୍ୟରେ ତାହା ଲୋକମାନଙ୍କ ଦ୍ୱାରା ଅନୁମୋଦିତ କରାଯାଇନାହିଁ । ଆହୁରି ମଧ୍ୟ ସମାଲୋଚନା କରାଯାଇଛି ଯେ ଶାସନ ବିଧାୟକ ସଭାରେ ଭାରତୀୟ ଜାତୀୟ କଂଗ୍ରେସର ପ୍ରତିନିଧିମାନେ ହିଁ ବିପୁଳ ସଂଖ୍ୟାରେ ସ୍ଥାନ ପାଇଥିଲେ, କିନ୍ତୁ ତତ୍କାଳୀନ ଭାରତରେ କଂଗ୍ରେସ ଭିନ୍ନ ଅନ୍ୟାନ୍ୟ ଦଳ ଥିଲେ ସୁଦ୍ଧା ସେମାନେ ଶାସନ ବିଧାୟକ ସଭାରେ ସ୍ଥାନ ପାଇ ନଥିଲେ । ଏହି ଅବସ୍ଥାରେ ଶାସନ ବିଧାୟକ ସଭାର ସଦସ୍ୟମାନଙ୍କ ପକ୍ଷରେ ସବୁ ଭାରତବାସୀଙ୍କ ପ୍ରତିନିଧିତ୍ୱ ଦାବୀ କରିବା ପଛରେ ଯୁକ୍ତି ଥିବାପରି ମନେ ହୁଏନାହିଁ । ତେଣୁ ସମାଲୋଚକମାନଙ୍କ ମତରେ ଭାରତୀୟ ସମ୍ବିଧାନର ଆଇନଗତ ଭିତ୍ତି ହେଲା ବ୍ରିଟିଶ ସଂସଦ ଦ୍ୱାରା ପ୍ରଣୀତ ପରବର୍ତ୍ତୀ ଭାରତ ସ୍ୱାଧୀନତା ଆଇନ ଭାରତର ସାର୍ବଭୌମ ଜନସାଧାରଣ ନୁହଁନ୍ତି । ତେଣୁ ୨୬ ନଭେମ୍ବର ୧୯୪୯ରେ ରଚିତ ସମ୍ବିଧାନକୁ ଭାଙ୍ଗି ଦେଇ ସାବାଳକ ମତାଧିକାର ବଳରେ ନିର୍ବାଚିତ ପ୍ରତିନିଧିମାନଙ୍କ ଦ୍ୱାରା ଏକ ନୂତନ ସମ୍ବିଧାନ ରଚନା କରିବାକୁ ମୌଲାନା ହସରତମୋହାନୀ ପ୍ରମୁଖ କେତେକ ନେତା ଦାବୀ କରିଥିଲେ; କିନ୍ତୁ କେତେକ କାରଣରୁ ଏହି ଦାବୀକୁ ଗ୍ରହଣ କରାଯାଇ ନଥିଲା । ୧୯୪୬ରେ ଭାରତରେ ସାବାଳକ ଭୋଟ ପ୍ରଥା ନଥିଲା, ତା ଛଡ଼ା ସାବାଳକ ଭୋଟରେ ନିର୍ବାଚନ କରାଇବା ସମୟ ସାପେକ୍ଷ ହୋଇଥାନ୍ତା; ଫଳରେ ସମ୍ବିଧାନ ପ୍ରଣୟନ କ୍ଷେତ୍ରରେ ଅଯଥା ବିଳମ୍ବ ହୋଇଥାନ୍ତା । ସମ୍ବିଧାନ ବିଳମ୍ବରେ କାର୍ଯ୍ୟକାରୀ ହୋଇଥିଲେ ଭାରତୀୟଙ୍କ ପକ୍ଷରେ ଅହିତକର ହୋଇଥାନ୍ତା । ଆହୁରି ମଧ୍ୟ ନୂଆହୋଇ ସ୍ୱାଧୀନତା ପାଇଥିବା ଭାରତବର୍ଷରେ ଗୋଟିଏ ଅତିରିକ୍ତ ନିର୍ବାଚନକରି ଝର୍ଚ୍ଛାନ୍ତକରିବା ଉଚିତ ହୋଇ ନଥାନ୍ତା । ଉପରୋକ୍ତ କାରଣଗୁଡ଼ିକ ପାଇଁ ୧୯୫୦ରେ ଗଣଭୋଟ ସାହାଯ୍ୟରେ ସଂବିଧାନକୁ

ଜନସାଧାରଣଙ୍କ ଦ୍ୱାରା ଅନୁମୋଦିତ କରାଇବା ଦାବୀକୁ ମଧ୍ୟ ଗ୍ରହଣ କରାଯାଇ ନଥିଲା । ଏହାବ୍ୟତୀତ ୧୮କୋଟି ଲୋକଙ୍କୁ ଗଣଭୋଟରେ ତାଲିମ ଦେଇ ଗଣଭୋଟ କରାଇବା ସେତେବେଳେ ସହଜ ବ୍ୟାପାର ହୋଇନଥାନ୍ତା । ପରେ ଅବଶ୍ୟ ୧୯୫୨ ସାଧାରଣ ନିର୍ବାଚନରେ ସାବାଳକ ଭୋଟପ୍ରଥା ପ୍ରଚଳିତ ହୋଇଥିଲା । ସାଧାରଣ ନିର୍ବାଚନ ବେଳେ କେତେକ ବିରୋଧୀଦଳ ଘୋଷଣା କରିଥିଲେ ଯେ ସେମାନେ କ୍ଷମତାକୁ ଆସିଲେ ପ୍ରଚଳିତ ସଂବିଧାନକୁ ରଦ୍ଦ କରି ଏକ ସଂପୂର୍ଣ୍ଣ ନୂତନ ସଂବିଧାନ ପ୍ରଣୟନ କରିବେ; କିନ୍ତୁ ନିର୍ବାଚନର ଫଳାଫଳ ନିଃସନ୍ଦେହରେ ପ୍ରମାଣିତ କରିଥିଲା ଯେ ଶାସନ ବିଧାୟକ ସଭା ପରୋକ୍ଷଭାବରେ ନିର୍ବାଚିତ ହୋଇଥିଲେ ସୁଦ୍ଧା ତାହା ପ୍ରକୃତ ପ୍ରତିନିଧିମୂଳକ ଅନୁଷ୍ଠାନ ଥିଲା ଓ ସଂବିଧାନରେ ଗଣ ଅଭିଳାଷ ପ୍ରତିଫଳିତ ହୋଇଥିଲା । ତାଛଡ଼ା ଶାସନ ବିଧାୟକ ସଭାର ସଦସ୍ୟମାନେ ନିର୍ବାଚନ ଲଢ଼ି ଜୟଲାଭ କରିଥିଲେ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହୁଏ ଯେ, ଶାସନ ବିଧାୟକ ସଭା ପାଇଁ ନିର୍ବାଚନ ହୋଇଥିଲେ ସେହି ସଦସ୍ୟମାନେ ହିଁ ନିର୍ବାଚିତ ହୋଇଥାନ୍ତେ ।

୧୯୪୫ ମସିହା ସିମଲା ସମ୍ମିଳନୀରେ କଂଗ୍ରେସ ଦଳ ଦାବୀ କରିଥିଲେ ଯେ, ଭାରତୀୟ ସଂବିଧାନ ଭାରତୀୟ ଲୋକଙ୍କଠାରୁ ନିସୃତ ହେଉ, କୌଣସି ବାହ୍ୟ ଶକ୍ତି ଦ୍ୱାରା ପ୍ରସ୍ତୁତ ବା ପ୍ରଭାବିତ ନହେଉ । ସେତେବେଳେ ଭାରତୀୟ ନେତୃବୃନ୍ଦ ଜାତୀୟତା ଓ ଜାତୀୟ ମର୍ଯ୍ୟାଦା ଉପରେ ଗୁରୁତ୍ୱ ଆରୋପ କରୁଥିଲେ । ତେଣୁ ୧୯୪୬ ମସିହାରେ ଲୋକମାନଙ୍କ ଶକ୍ତି ଓ କ୍ଷମତା ଉପରେ ଭିତ୍ତିଦେଇ ଯେଉଁ ଶାସନ ବିଧାୟକ ସଭା ଗଠନ କରଯାଇଥିଲା ତାହାହିଁ ପରିଶେଷରେ ଭାରତୀୟ ଲୋକମାନଙ୍କ ପାଇଁ ସଂବିଧାନ ରଚନା କରିଥିଲା । ଶାସନ ବିଧାୟକ ସଭାର ପ୍ରତ୍ୟେକ ସଦସ୍ୟ ବୁଝିଥିଲେ ଯେ, ସଂବିଧାନର ମୂଳ କ୍ଷମତା ଓ ସାର୍ବଭୌମ ଅଧିକାର ଲୋକଙ୍କଦ୍ୱାରା ଅଧିକୃତହେବା ଉଚିତ୍ । ଡଃ ଆମ୍ବେଦକର ସଂବିଧାନର ପ୍ରସ୍ତାବନା ବା ପ୍ରାକ୍‌କଥନ ଉପରେ ମତବ୍ୟକ୍ତ କରି କହିଛନ୍ତି ଯେ, ପ୍ରକୃତରେ ପ୍ରସ୍ତାବନାରେ ଜାତୀୟ ଆଶା ଓ ଆକାଂକ୍ଷା ପ୍ରତିବିମ୍ବିତ ହୋଇଅଛି ।

ବାସ୍ତବରେ ଭାରତୀୟ ଶାସନ ବିଧାୟକ ସଭା ଏକ ଦଳୀୟ ଅନୁଷ୍ଠାନ ଥିଲା । ସେହି ଦଳ ଥିଲା ଭାରତୀୟ ଜାତୀୟ କଂଗ୍ରେସ । ଗ୍ରାନ୍‌ଭିଲ୍ ଅଷ୍ଟିନଙ୍କ ଭାଷାରେ ଏହି ସଭା ଗୋଟିଏ ଲୋକ ପ୍ରତିନିଧିମୂଳକ ଅନୁଷ୍ଠାନ ଥିଲା ଏବଂ ତାହାର ସମସ୍ତ ଆଭ୍ୟନ୍ତରୀଣ କାରବାର ଗଣତାନ୍ତ୍ରିକ ଭିତ୍ତି ଉପରେ ପ୍ରତିଷ୍ଠିତ ଥିଲା । ସେ ପୁଣି କହିଛନ୍ତି ଯେ, ଶାସନ ବିଧାୟକ ସଭା, ଜାତୀୟ କଂଗ୍ରେସ ଓ ସରକାର, ଏହି ତିନିଗୋଟି ଅନୁଷ୍ଠାନ ଗୋଟିଏ ତ୍ରିଭୁଜର ତିନୋଟି ବାହୁ ସ୍ୱରୂପ । ସେମାନେ ପ୍ରତ୍ୟେକ ଗୋଟିଏ ଗୋଟିଏ ଅନୁଷ୍ଠାନ; କିନ୍ତୁ ଯେଉଁମାନେ ଜାତୀୟ କଂଗ୍ରେସର ମୁରୁବୀ ସଭ୍ୟଥିଲେ, ସେମାନେ ହିଁ ଶାସନ ବିଧାୟକ ସଭାର ପ୍ରଭାବଶାଳୀ ସଦସ୍ୟ ଥିଲେ ଓ ସେମାନେ ହିଁ ସରକାର ଗଢ଼ିଥିଲେ । ହୁଏତ ପୃଥିବୀର ଅନ୍ୟାନ୍ୟ ଦେଶରେ ଏକ ଦଳୀୟ ଏକଛତ୍ରବାଦର ସଂକୀର୍ଣ୍ଣ ଓ କର୍କଶ ମନୋଭାବକୁ

ଲକ୍ଷ୍ୟକରି ଭାରତର କେତେକ କ୍ଷେତ୍ରରେ କଂଗ୍ରେସ ଦଳପ୍ରତି ଆକ୍ଷେପ କରାଯାଇଥିଲା; କିନ୍ତୁ ଭାରତରେ ଠିକ୍ ବିପରୀତ ପରିଣତି ଦେଖାଯାଇଥିଲା । ଶାସନ ବିଧାୟକ ସଭା ଭିତରେ ଓ ବାହାରେ କଂଗ୍ରେସର ସଦସ୍ୟମାନଙ୍କ ମଧ୍ୟରେ ଉଭୟ ପ୍ରତିକ୍ରିୟାଶୀଳ ଓ ବିପ୍ଳବୀ ଗୋଷ୍ଠୀର ଲୋକ ଥିଲେ ଏବଂ କଂଗ୍ରେସର ଲକ୍ଷ୍ୟରେ ଦେଶର ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ମନୋଭାବର ପ୍ରତିଫଳନ ହୋଇଥିଲା । ଯେଉଁମାନଙ୍କର ଉଭୟ କଂଗ୍ରେସ ଦଳ ଓ କେନ୍ଦ୍ର ସରକାରରେ ତାତ୍ପର୍ଯ୍ୟପୂର୍ଣ୍ଣ ଭୂମିକା ଥିଲା, ସେମାନେ ଥିଲେ ଜାତୀୟ ବୀର । ସେମାନଙ୍କର ଅସୀମ କ୍ଷମତା ଥିଲେ ସୁଦ୍ଧା ଶାସନ ବିଧାୟକ ସଭାରେ ଗଣତାନ୍ତ୍ରିକ ପଦ୍ଧତିରେ ହିଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ତେଣୁ ଗ୍ରାନ୍‌ଭିଲ ଅଷ୍ଟିନ୍ ମତ ଦେଇଛନ୍ତି ଯେ, ଭାରତୀୟ ସଂବିଧାନ ସ୍ୱଳ୍ପସଂଖ୍ୟକ ଲୋକଙ୍କ ଆବଶ୍ୟକତା ବ୍ୟକ୍ତ ନକରି ବହୁ ସଂଖ୍ୟକ ଲୋକଙ୍କ ଅଭିଳାଷ ବ୍ୟକ୍ତ କରିଛି । କେ. ସାନ୍ତନମ୍ ମନ୍ତବ୍ୟ ଦେଇଛନ୍ତି ଯେ, ଏମିତି କୌଣସି ଲୋକମତ ନଥିଲା ଯାହାକି ଶାସନ ବିଧାୟକ ସଭାରେ ପ୍ରତିଫଳିତ ହୋଇନଥିଲା । କୌଣସି ରାଜନୈତିକ ଦଳ ସରକାରୀ ଭାବରେ ଉପସ୍ଥିତ ନଥିଲେ ସୁଦ୍ଧା ଶାସନ ବିଧାୟକ ସଭାରେ ମାର୍କ୍ସବାଦୀ କମ୍ୟୁନିଷ୍ଟ ସଦସ୍ୟ ଓ ଫରୱାର୍ଡ଼ ବ୍ଲକ୍‌ର ସଦସ୍ୟ ମଧ୍ୟ ଥିଲେ । ବଙ୍ଗଳାରୁ ଜଣେ କମ୍ୟୁନିଷ୍ଟ ସଦସ୍ୟ ଶାସନ ବିଧାୟକ ସଭାକୁ ନିର୍ବାଚିତ ହୋଇଥିଲେ । କିନ୍ତୁ ଦେଶବିଭାଜନ ପରେ ସେ ତାଙ୍କ ଆସନଟି ହରାଇଥିଲେ । ସେ କିନ୍ତୁ ପ୍ରଥମ ତିନୋଟି ଅଧିବେଶନରେ ଉପସ୍ଥିତ ରହିଥିଲେ । ସମାଜବାଦୀ ଦଳ ( Socialist party ) ସରକାରୀ ଭାବରେ ଯୋଗ ନ ଦେଇଥିଲେ ବି ଶାସନ ବିଧାୟକ ସଭାର ଅଧିକାଂଶ ସଦସ୍ୟ ନିଜକୁ ସମାଜବାଦୀ ମନେ କରୁଥିଲେ । ତା' ଛଡ଼ା ୧୯୪୭ ମସିହାରେ ସମାଜବାଦୀ ଦଳର ନେତା ଶ୍ରୀ ଜୟପ୍ରକାଶ ନାରାୟଣ ଶାସନ ବିଧାୟକ ସଭାର କାର୍ଯ୍ୟଦକ୍ଷତା, ସାମର୍ଥ୍ୟ ଓ ଦୃଢ଼ତା ଉପଲବ୍ଧି କରି ପଣ୍ଡିତ ନେହେରୁଙ୍କ ନିକଟକୁ ଲେଖିଥିଲେ ଯେ, ପରିବର୍ତ୍ତିତ ପରିସ୍ଥିତିରେ ସମାଜବାଦୀଦଳର ସଭ୍ୟମାନେ ଯଦି ନିମନ୍ତ୍ରିତ ହୁଅନ୍ତି ତେବେ ବିନା ଦ୍ୱିଧାରେ ସେମାନେ ଶାସନ ବିଧାୟକ ସଭାରେ ଯୋଗ ଦେବେ; କିନ୍ତୁ ସେତେବେଳେ ଶୂନ୍ୟସ୍ଥାନ ନଥିବା ହେତୁ କାହାରିକୁ ଗ୍ରହଣ କରାଯାଇ ପାରିନଥିଲା । ଶାସନବିଧାୟକ ସଭାରେ ହିନ୍ଦୁ ମହାସଭା, ରାଷ୍ଟ୍ରୀୟ ସେବକ ସଂଘ ଆଦି କେତେକ ହିନ୍ଦୁ ସାଂପ୍ରଦାୟିକ ଗୋଷ୍ଠୀର ଅନୁପସ୍ଥିତି ଉପରେ ବିଶେଷ ଗୁରୁତ୍ୱ ଦିଆଯାଇ ନଥିଲା, କାରଣ ସେମାନେ ସଭାର ଆନୁଷ୍ଠାନିକ ପରିସ୍ଥିତିକୁ ସ୍ୱୀକାର କରିଥିଲେ । ତା'ଛଡ଼ା ସେମାନଙ୍କର ସାମ୍ପ୍ରଦାୟିକ ମନୋଭାବ ସଭାରେ କଦାପି ଗ୍ରହଣଯୋଗ୍ୟ ହୋଇନଥାନ୍ତା । ଏହାବ୍ୟତୀତ ପୁରୁଷୋତ୍ତମ ଦାସ ଟଣ୍ଡନ ଓ ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ପରି ନୈଷ୍ଠିକ ହିନ୍ଦୁମାନେ ମଧ୍ୟ ଶାସନବିଧାୟକ ସଭାରେ ଥିଲେ । ତେଣୁ ସମ୍ବିଧାନ କୌଣସି ଗୋଟିଏ ଦଳ ଗୋଷ୍ଠୀଦ୍ୱାରା ରଚିତ ହୋଇଛି ବୋଲି କହିବା ଠିକ୍ ହେବ ନାହିଁ । ଏହା ପଛରେ ନିଶ୍ଚିତ ଭାବରେ ଭାରତୀୟ ଜନଗଣଙ୍କ ସାର୍ବଭୌମତ୍ୱ ରହିଛି । ଯେଉଁମାନେ ଦେଶଶାସନ ଦାୟିତ୍ୱ ଗ୍ରହଣ କରିଥିଲେ, ସେମାନେ ସଂବିଧାନ ରଚନା କରିଥିବା ହେତୁ ଶାସନବିଧାୟକ ସଭାକୁ ସଂବିଧାନ ସଂକ୍ରାନ୍ତୀୟ ବିଷୟ

ବିଷୟଗୁଡ଼ିକ ଉପରେ ଅବଗତଥିଲେ । ସରକାରଙ୍କ ଦୈନନ୍ଦିନ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ସମ୍ବନ୍ଧରେ ବିଶେଷଧାରଣା ଓ ଅନୁଭୂତି ସଂବିଧାନର ବିଷୟବସ୍ତୁ ଓ ପରିସରକୁ ଯଥୋଚିତ ପ୍ରଭାବିତ କରିଥିଲା ।

ଏଠି ଆଉଗୋଟିଏ ବିଷୟ ଉଲ୍ଲେଖ କରାଯାଇପାରେ ଏଚ୍. ଭି. କାମଥ ସମ୍ବିଧାନର ପ୍ରସ୍ତାବନାକୁ "ଆମେ ଭାରତୀୟ ଜନଗଣ········" ( We, the people of India··· ) ଇତ୍ୟାଦି ଶବ୍ଦ ସଂଯୋଜନାରେ ଆରମ୍ଭ ନକରି "ଈଶ୍ୱରଙ୍କ ନାମରେ···" ( In the name of God···) ଉଲ୍ଲେଖ କରି ଆରମ୍ଭ କରିବାପାଇଁ ମତ ଦେଇଥିଲେ । କିନ୍ତୁ ଯେହେତୁ ଭାରତ ଏକ ଧର୍ମନିରପେକ୍ଷରାଷ୍ଟ୍ର ଏଠାରେ ଆସ୍ତିକ ଓ ନାସ୍ତିକ ଉଭୟଙ୍କ ସ୍ଥାନ ରହିଛି । ତେଣୁ ଶ୍ରୀ କାମଥଙ୍କ ମତ ଗ୍ରହଣଯୋଗ୍ୟ ହୋଇନଥିଲା । ତେଣୁ ଲୋକମାନେହିଁ ଭାରତୀୟ ସଂବିଧାନର ରଚୟିତା ବୋଲି ଉଲ୍ଲେଖ ରହିଲା ।

## ପ୍ରାକ୍‌କଥନ ବା ପ୍ରସ୍ତାବନାର ଅନ୍ୟାନ୍ୟ ବିଷୟର ବିଶ୍ଳେଷଣ

ସମ୍ବିଧାନର ପ୍ରସ୍ତାବନାରେ କୁହାଯାଇଛି ଯେ, ଆମ୍ଭେ ଭାରତୀୟ ଜନଗଣ ଭାରତକୁ ଏକ "ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର" ରୂପେ ଗଢ଼ିବାକୁ ଦୃଢ଼ପ୍ରତିଜ୍ଞ ହୋଇଛୁ । 'ସାର୍ବଭୌମ' ଶବ୍ଦଟିର ତାତ୍ପର୍ଯ୍ୟ ହେଉଛି ଯେ ଭାରତ ଆଭ୍ୟନ୍ତରୀଣ ବ୍ୟାପାରରେ ଓ ଆନ୍ତର୍ଜାତିକ କ୍ଷେତ୍ରରେ ମୁକ୍ତ ଓ ସ୍ୱାଧୀନ । ଦେଶ ଭିତରେ ରାଷ୍ଟ୍ରର ସାର୍ବଭୌମତ୍ୱ ସହିତ ପ୍ରତିଦ୍ୱନ୍ଦିତା କରିବା ପାଇଁ କୌଣସି ବ୍ୟକ୍ତି ବା ଅନୁଷ୍ଠାନର କ୍ଷମତା ନଥାଏ । ଏହି ଶବ୍ଦ ପୁଣି ବ୍ୟକ୍ତି ଓ ରାଷ୍ଟ୍ର ମଧ୍ୟରେ ସମ୍ପର୍କକୁ ସୂଚାଇବା ନିମନ୍ତେ ବ୍ୟବହୃତ ହୋଇଥାଏ । ଅର୍ଥାତ ଲୋକମାନଙ୍କଠାରୁ ଆନୁଗତ୍ୟ ପାଇବା ଓ ଆଇନ୍ ଭଙ୍ଗକାରୀଙ୍କୁ ଶାସ୍ତି ପ୍ରଦାନର ଚରମଶକ୍ତିକୁ ବୁଝାଇବାନିମିତ୍ତ ସାର୍ବଭୌମ ଶବ୍ଦଟି ବ୍ୟବହାର କରାଯାଇଛି । ଅନ୍ୟ ଦିଗରେ ବୈଦେଶିକ ବ୍ୟାପାରରେ ବାହ୍ୟଶକ୍ତିର କୌଣସି ପ୍ରକାର ଆଧିପତ୍ୟ, ଆକ୍ରମଣ ବା ପ୍ରଭାବରୁ ଉନ୍ମୁକ୍ତିକୁ ସାର୍ବଭୌମ ଅଧିକାର କୁହାଯାଏ । ଏହି ସମ୍ପର୍କୀୟ ପ୍ରସ୍ତାବ ଗ୍ରହଣ ପୂର୍ବରୁ ଶାସନ ବିଧାୟକ ସଭା ଆଗରେ ଜବାହାରଲାଲ ନେହେରୁ ମତବ୍ୟକ୍ତ କରିଛନ୍ତି ଯେ, "ଏକ ସ୍ୱାଧୀନ ସାର୍ବଭୌମ ଗଣତନ୍ତ୍ର ପ୍ରତିଷ୍ଠା କରିବା ହେଲା ଆମର ଦୃଢ଼ ସଙ୍କଳ୍ପ । ଭାରତ ସାର୍ବଭୌମ ହେବାକୁ ବାଧ୍ୟ, ଏହା ସ୍ୱାଧୀନ ହେବାକୁ ବାଧ୍ୟ ଓ ଏହା ଗଣତନ୍ତ୍ର ହେବାକୁ ବାଧ୍ୟ । "ସମ୍ବିଧାନର ପ୍ରସ୍ତାବନାରେ ଗଣତାନ୍ତ୍ରିକ" ଶବ୍ଦର ବ୍ୟବହାର ପଛରେ ସମ୍ବିଧାନ ରଚୟିତାମାନଙ୍କ ସଂସଦୀୟ ସରକାର ଗଢ଼ିବାର ଉଦ୍ଦେଶ୍ୟ ରହିଛି । ଏଠି କେବଳ ଧନିକଗୋଷ୍ଠୀ ବା ଶିକ୍ଷିତଗୋଷ୍ଠୀଙ୍କୁ ମତାଧିକାର ଦିଆନଯାଇ ସାବାଳକ ଭୋଟପ୍ରଥା ପ୍ରଚଳିତ ହୋଇଛି । ପ୍ରାପ୍ତବୟସ୍କ ଲୋକମାନଙ୍କ ପ୍ରତିନିଧିମାନଙ୍କ ଦ୍ୱାରା ଗଠିତ ସରକାରକୁ ଗଣତାନ୍ତ୍ରିକ ସରକାର କୁହାଯାଏ । ଭୋଟରେ ନିର୍ବାଚିତ ହୋଇ ସରକାର ଗଢ଼ିଥିବା ପ୍ରତିନିଧିଗଣ ଜନସାଧାରଣଙ୍କ ନିକଟରେ ଉତ୍ତରଦାୟୀ ରହନ୍ତି ।

ଗଣତନ୍ତ୍ରରେ ପ୍ରାପ୍ତବୟସ୍କ ମତଦାନ ଅଧିକାର ସହିତ ଜଡ଼ିତ ସମସ୍ତ ବିଷୟବସ୍ତୁର ସ୍ୱୀକୃତିକୁ ସଂବିଧାନରେ ହୃଦୟଗ୍ରାହୀ ଲକ୍ଷଣ ବୋଲି କେ. ଏମ୍. ପାନିକର ବର୍ଣ୍ଣନା

କରିଛନ୍ତି । ନୂତନ ପଦ୍ଧତିରେ ସମାଜକୁ ସଚେତ ଓ ପୁନଃନିର୍ମାଣ କରିବାପାଇଁ ବ୍ୟବସ୍ଥାପକ ସଭା ଯଥା ସମ୍ଭବ ଚେଷ୍ଟା କରିବ ବୋଲି ଭାରତୀୟ ସଂବିଧାନ ପବିତ୍ର ପ୍ରତିଶ୍ରୁତି ଦେଇଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ଶ୍ରୀ ପାନିକର ମତ ଦେଇଛନ୍ତି । ଭାରତର ସାଧାରଣ ଲୋକଙ୍କ ଉପରେ ଓ ଗଣତାନ୍ତ୍ରିକ ଶାସନ ଉପରେ ପ୍ରଭୂତ ବିଶ୍ୱାସ ରଖି ଶାସନ ବିଧାୟକ ସଭା 'ପ୍ରାପ୍ତବୟସ୍କ ଭୋଟାଧିକାର' ପ୍ରବର୍ତ୍ତନ କରିଛନ୍ତି ବୋଲି ଆଲ୍ଲାଡି କୃଷ୍ଣସ୍ୱାମୀ ଆୟାର ମତ ଦେଇଛନ୍ତି ।

ଏହି ସଂକ୍ରାନ୍ତରେ ସଂବିଧାନର ୩୨୬ ଅନୁଚ୍ଛେଦରେ କୁହାଯାଇଛି ଯେ, ୨୧ବର୍ଷ ପୂର୍ଣ୍ଣ ହୋଇଥିବା ପ୍ରତ୍ୟେକ ପ୍ରାପ୍ତବୟସ୍କ ଭାରତୀୟ ନାଗରିକର ଲୋକସଭା ଓ ବିଧାନସଭାର ନିର୍ବାଚନରେ ଭୋଟ ଦେବାର ଅଧିକାର ରହିଛି । ଗଣତନ୍ତ୍ର ସାଧାରଣ ଭାବରେ ରାଜନୈତିକ ଗଣତନ୍ତ୍ରକୁ ବୁଝାଇଲେ ପୁଣି ତାହା ବ୍ୟାପକ ଭାବରେ ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ରକୁ ମଧ୍ୟ ବୁଝାଇ ଥାଏ । ରାଜନୈତିକ ଗଣତନ୍ତ୍ରର ସୁରକ୍ଷା ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ରର ଦୃଢ଼ତା ଉପରେ ନିର୍ଭର କରେ । ଯେଉଁଠି ଜାତି, ବର୍ଣ୍ଣ ଓ ଗୋଷ୍ଠୀ ଉପରେ ଭିତ୍ତିକରି ଭେଦଭାବ ସୃଷ୍ଟି କରାନଯାଏ ଏବଂ ଯେଉଁଠି ଅର୍ଥନୈତିକ ସମତା ପ୍ରତିଷ୍ଠା ଦିଗରେ ପଦକ୍ଷେପ ନିଆଯାଏ, ସେଠାରେ ସାମାଜିକ ଓ ଅର୍ଥନୈତିକ ସାମ୍ୟ ସଂସ୍ଥାପିତ ହୋଇଛି ବୋଲି କୁହାଯାଏ । ଏହିପରି ଅନୁକୂଳ ପରିସ୍ଥିତିରେ ହିଁ ରାଜନୈତିକ ଗଣତନ୍ତ୍ର ଦୃଢ଼ୀଭୂତ ହୁଏ ।

ପ୍ରସ୍ତାବନାରେ କୁହାଯାଇଛି ଯେ, ସଂବିଧାନର ଉଦ୍ଦେଶ୍ୟ ହେଲା, ସବୁ ନାଗରିକ ମଧ୍ୟରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ( Justice, Social, Economic and Political ) ପ୍ରତିଷ୍ଠା, ଚିନ୍ତା, ମତପ୍ରକାଶ, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା (Liberty of thought, expression, belief, faith and worship ) ପ୍ରଦାନ, ଏବଂ ସାମାଜିକ ସ୍ଥିତି ଓ ସୁଯୋଗର ସମତା ( Equality of status and oppurtunity ) ଦାନ । ପ୍ରସ୍ତାବନାରେ କେବଳ ସୂଚିତ ହୋଇଥିବା ଏହି ବିଷୟଗୁଡ଼ିକର ବିସ୍ତୃତ ଆଲୋଚନା ସଂବିଧାନର କଳେବରରେ ସ୍ଥାନ ପାଇଛି । ବିଶେଷ କରି ତୃତୀୟ ଭାଗରେ ସାମ୍ୟର ଅଧିକାର, ସ୍ୱାଧୀନତାର ଅଧିକାର, ଶୋଷଣ ବିରୁଦ୍ଧରେ ଅଧିକାର, ଧର୍ମ ଓ ଉପାସନାର ସ୍ୱାତନ୍ତ୍ର୍ୟ ଇତ୍ୟାଦି ମୌଳିକ ଅଧିକାର ରୂପେ ଦିଆଯାଇଛି । ସଂବିଧାନର ଚତୁର୍ଥ ଭାଗରେ ଯେଉଁଠି ରାଷ୍ଟ୍ରର ନିର୍ଦ୍ଦେଶମୂଳକ ନୀତି ଗୁଡ଼ିକ ଲିଖିତ ହୋଇଛି ସେଥିରେ କର୍ମର ଅଧିକାର, ବେକାର, ବାର୍ଦ୍ଧକ୍ୟ ଓ ପୀଡ଼ିତ ଅବସ୍ଥାରେ ସାହାଯ୍ୟପ୍ରାପ୍ତିର ଅଧିକାର, ବିଶ୍ରାମପାଇଁ ଅଧିକାର ପ୍ରଭୃତି ଅର୍ଥନୈତିକ ଓ ସାମାଜିକ ଅଧିକାର ବର୍ଣ୍ଣିତ ହୋଇଛି । ଏହି ସମସ୍ତ ଉପାଦାନର ମୂଳ ଉଦ୍ଦେଶ୍ୟ ହେଲା, ଭାରତରେ ଏକ ସମାଜବାଦୀ ଢାଞ୍ଚାରେ ସମାଜ ଗଠନ କରିବା । ଗଣତନ୍ତ୍ରକୁ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ନ୍ୟାୟ ଉପରେ ପ୍ରତିଷ୍ଠିତ

କରିବା ହେଲା ଆମର ଆଦର୍ଶ । ନ୍ୟାୟ କହିଲେ ବୁଝାଏ ସମସ୍ତଙ୍କ ମଧ୍ୟରେ ସାମ୍ୟ ଭିତ୍ତିରେ ଅଧିକାର ବଣ୍ଟନ କରିବା ।

ଭାରତୀୟ ସମ୍ବିଧାନର ପ୍ରସ୍ତାବନାରେ ବ୍ୟବହୃତ ସ୍ୱାତନ୍ତ୍ର୍ୟ ( Liberty ) କେବଳ ନାସ୍ତିସୂଚକ ନୁହେଁ, ଯାହାକି ପ୍ରତିବନ୍ଧକ ନଥିଲେ ଉପଭୋଗ୍ୟ ହୁଏ; ଏହା ଅସ୍ତ୍ୟାତ୍ମକ ( Positive ) ମଧ୍ୟ । ଏହା ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ନିମନ୍ତେ ସୁସ୍ଥ ବାତାବରଣ ସୃଷ୍ଟି କରିବାର ସୂଚନା ଦେଇଥାଏ । ସାମାଜିକ ଅଭିବୃଦ୍ଧି ପ୍ରତ୍ୟେକ ବ୍ୟକ୍ତିର ବିକାଶ ଉପରେ ନିର୍ଭର କରିଥାଏ । ସ୍ୱାତନ୍ତ୍ର୍ୟ ଓ ସାମ୍ୟ ପରସ୍ପର ନିର୍ଭରଶୀଳ । ସାମ୍ୟର ଅର୍ଥ ଦୈହିକ ବା ମାନସିକ ନୁହେଁ, ଏହା ସାମାଜିକ ସ୍ଥିତି ( Status ) ଓ ସୁଯୋଗ (Oppurtunity)ର ସାମ୍ୟକୁ ବୁଝାଏ । ସୁଯୋଗ ହେଉଛି ମଣିଷର ଅନ୍ତର୍ନିହିତ ଶକ୍ତିର ବିକାଶ ନିମନ୍ତେ ଉପଯୁକ୍ତ ପରିବେଶର ସୃଷ୍ଟି । ତେଣୁ ସାମ୍ୟ ବ୍ୟତୀତ ସ୍ୱାଧୀନତା ଓ ଗଣତନ୍ତ୍ର ନିରର୍ଥକ ।

ପ୍ରସ୍ତାବନାରେ ପୁଣି କୁହାଯାଇଛି ଯେ ଜାତୀୟ ଐକ୍ୟ ଓ ସଂହତି ଏବଂ ବ୍ୟକ୍ତିର ମର୍ଯ୍ୟାଦା ସୁରକ୍ଷା କରିବା ସଂବିଧାନର କର୍ତ୍ତବ୍ୟ । ଜାତୀୟ ସଂହତି ଅକ୍ଷୁଣ୍ଣ ରଖିବାପାଇଁ କେନ୍ଦ୍ର ସରକାର ହାତରେ ବିଶେଷ କ୍ଷମତା ଦିଆଯାଇଛି । ବ୍ୟକ୍ତିର ବିକାଶ ଓ ଆତ୍ମସମ୍ମାନ ବଜାୟ ରଖିବାପାଇଁ ସଂବିଧାନରେ ମତାମତ ପ୍ରକାଶ ଓ ଧର୍ମଗତ ସ୍ୱାଧୀନତାର ସୁଯୋଗ ଦିଆଯାଇଛି । ତେଣୁ ଆର୍ଥିକ ବୈଷମ୍ୟ ନଥିବା ଏକ ସାମାଜିକ ସଂପର୍କ ସୃଷ୍ଟିକରିବାକୁ ସଂବିଧାନ ଉଦ୍ଦିଷ୍ଟ । ଆର୍ଥିକ ବୈଷମ୍ୟ ସାମାଜିକ ବିଭ୍ରାଟ ସୃଷ୍ଟିକରି ଦେଶର ଐକ୍ୟକୁ ବ୍ୟାହତ କରିଥାଏ । ସମସ୍ତଙ୍କ ମଧ୍ୟରେ ଭ୍ରାତୃଭାବ ସୃଷ୍ଟିହେଲେ ସମସ୍ତପ୍ରକାର ବୈଷମ୍ୟ ଦୂର ହୋଇପାରେ । ଭାରତପରି ଏକ ରାଷ୍ଟ୍ର, ଯେଉଁଠି ସାମ୍ପ୍ରଦାୟିକ, ଜାତିଗତ, ଆଞ୍ଚଳିକ, ଭାଷାଗତ, ସାଂସ୍କୃତିକ କ୍ଷେତ୍ରରେ ବିଭେଦକାରୀ ଶକ୍ତି ସଜାଗ ଅଛନ୍ତି, ସେଠି ଭ୍ରାତୃଭାବ ହିଁ ଜାତୀୟ ଐକ୍ୟ ପ୍ରତିଷ୍ଠା କରିପାରେ । ସମସ୍ତେ ଯଦି ନିଜକୁ ଗୋଟିଏ ମା'ର ସନ୍ତାନ ଓ ଗୋଟିଏ ପରିବାରର ସଭ୍ୟ ବୋଲି ମନେକରନ୍ତି ତେବେଯାଇ ଦେଶର ପୁନର୍ବିଭାଜନକୁ ପ୍ରତିହତ କରିହେବ । ବ୍ୟକ୍ତିଗତ ପ୍ରତିଯୋଗିତା ପରିବର୍ତ୍ତେ ସାମାଜିକ ସହଯୋଗିତା ଦେଖାଦେଲେ ଜନମଙ୍ଗଳ ରାଷ୍ଟ୍ର ଗଠନ ହୋଇପାରେ । ଏକ ଜନମଙ୍ଗଳ ରାଷ୍ଟ୍ର ଗଠନପାଇଁ ସମାଜବାଦହିଁ ପ୍ରକୃତ ପନ୍ଥା ।

ସଂବିଧାନରେ ଭାରତକୁ 'ସାଧାରଣତନ୍ତ୍ର' ( Republic ) ବୋଲି ଅଭିହିତ କରାଯାଇଛି । ବିଭିନ୍ନ ଦେଶରେ ବିଭିନ୍ନ ସମୟରେ 'ସାଧାରଣତନ୍ତ୍ର' ଶବ୍ଦଟି ବିଭିନ୍ନ ଭାବରେ ବ୍ୟବହୃତ ହୋଇଛି । ବିଭିନ୍ନ ଲେଖକ ଏହାର ଭିନ୍ନ ଭିନ୍ନ ସଂଜ୍ଞା ନିରୂପଣ କରିଛନ୍ତି । ଜେଲିନେକ୍ ( Jellinek )ଙ୍କ ମତରେ ସାଧାରଣତନ୍ତ୍ର ରାଜତନ୍ତ୍ରର ବିପରୀତ ରୂପ । ଡୁଗୁ ( Duguit )ଙ୍କ ମତରେ ସାଧାରଣତନ୍ତ୍ରରେ ରାଷ୍ଟ୍ରମୁଖ୍ୟଙ୍କ ପଦ

ବଂଶଗତ ନୁହେଁ, ନିର୍ବାଚନମୂଳକ ହୋଇଥାଏ । ଅନ୍ୟଭାବରେ କୁହାଯାଏ ଯେ ସାଧାରଣତନ୍ତ୍ରରେ ଶାସନ କ୍ଷମତା, ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ କେତେଜଣ ନାଗରିକଙ୍କ ହାତରେ ଥାଏ । ଭାରତକୁ ସାଧାରଣତନ୍ତ୍ର ବୋଲି ଅଭିହିତ କରିବାର ତାତ୍ପର୍ଯ୍ୟ ହେଲାଯେ, ଭାରତରେ ରାଜା ବା ରାଜତନ୍ତ୍ରର କୌଣସି ସ୍ଥାନ ନାହିଁ । ଭାରତ ରାଷ୍ଟ୍ରର ରାଷ୍ଟ୍ରମୁଖ୍ୟ ରାଷ୍ଟ୍ରପତି ପରୋକ୍ଷଭାବରେ ନିର୍ବାଚିତ ହୁଅନ୍ତି । ମ୍ୟାଡ଼ିସିନ କହିଛନ୍ତି ଯେ ଯେଉଁ ଦେଶର ସରକାର ଜନସାଧାରଣଙ୍କଠାରୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ କ୍ଷମତା ପାଏ, ସେହି ଦେଶକୁ ହିଁ 'ସାଧାରଣତନ୍ତ୍ର କୁହାଯାଇଥାଏ' । ଟି. କେ. ଟୋପଙ୍କ ଭାଷାରେ ଭାରତର ଉପସ୍ଥିତ ସାଧାରଣତନ୍ତ୍ର ଆଦିମ ଗ୍ରୀସ୍ ଦେଶୀୟ ଓ ଆଦିମ ଭାରତୀୟ ସାଧାରଣତନ୍ତ୍ରଠାରୁ ଯଥେଷ୍ଟ ଭିନ୍ନ, କାରଣ ସେସବୁ ଥିଲା ସାମନ୍ତବାଦୀ ବା କୁଳୀନବାଦୀ (aristocratic) । ଏହା ଆଧୁନିକ ସୋଭିଏତ୍ ସାଧାରଣତନ୍ତ୍ରଠାରୁ ବି ଭିନ୍ନ ।

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ଭାରତୀୟ ସଂବିଧାନର ପ୍ରାକ୍‌କଥନ ବା ପ୍ରସ୍ତାବନା ପୃଥିବୀର ଶ୍ରେଷ୍ଠ ପ୍ରସ୍ତାବନାଗୁଡ଼ିକ ଭିତରେ ଅନ୍ୟତମ । ଅନ୍ୟାନ୍ୟ ଦେଶର ସଂବିଧାନ ଗୁଡ଼ିକର ପ୍ରସ୍ତାବନା ତୁଳନାରେ ଭାଷା, ଭାବ, ଶବ୍ଦସଂଯୋଜନା ଏବଂ ଆଦର୍ଶ କ୍ଷେତ୍ରରେ ଆମ ପ୍ରସ୍ତାବନା ଅତୁଳନୀୟ ।

# ଚତୁର୍ଥ ପରିଚ୍ଛେଦ

## ଭାରତୀୟ ସଂବିଧାନର ପ୍ରଧାନ ଲକ୍ଷଣ

**( Salient Features of the Indian Constitution )**

ପ୍ରତ୍ୟେକ ସମ୍ବିଧାନରେ କିଛି ନା କିଛି ବିଶିଷ୍ଟ ଲକ୍ଷଣ ଥାଏ । ଏହି ଲକ୍ଷଣ ଗୁଡ଼ିକ ହେଲା ଶାସନ ବ୍ୟବସ୍ଥାର ତୁଳନାତ୍ମକ ଆଲୋଚନାର ଭିତ୍ତି । ଭାରତୀୟ ସଂବିଧାନ ଗୋଟିଏ ଉଦ୍ଭାବିତ ଓ ଲିଖିତ ପ୍ରମାଣପତ୍ର । ଅନ୍ତର୍ନିହିତ ଭାବ ଓ ପ୍ରକୃତିରେ ଆମ ସଂବିଧାନ ଅଦ୍ୱିତୀୟ ଏବଂ ଅନୁପମ । ଏଥିରେ କିଛି କେତେକ ଅର୍ଥବୋଧକ ଓ ହେତୁଗର୍ଭକ ବୈଶିଷ୍ଟ୍ୟ ରହିଛି ।

### (୧) ଏହା ଗୋଟିଏ ଦୀର୍ଘ ଓ ବ୍ୟାପକ ସଂବିଧାନ:

**(The Longest and most Comprehensive Constitution )**

ପୃଥିବୀର ଅନ୍ୟ କୌଣସି ଦେଶର ଲିଖିତ ସମ୍ବିଧାନ ଭଳି ଏତେ ବିଶାଳକାୟ, ବିଷୟବହୁଳ ଏବଂ ଜଟିଳ ନୁହେଁ । ଆଇଭର୍ ଜେନିଙ୍ଗ୍‌ସ୍‌ଙ୍କ ଭାଷାରେ ଭାରତୀୟ ସମ୍ବିଧାନ ପୃଥିବୀରେ ସବୁଠାରୁ ଦୀର୍ଘକାୟ ଓ ଅତି ପ୍ରାଞ୍ଜଳ । ପ୍ରାଥମିକ ଭାବରେ ୩୯୫ଟି ଅନୁଚ୍ଛେଦ ( Article ) ଏବଂ ୮ଟି ପରିଶିଷ୍ଟ (Schedul) ଧାରଣ କରିଥିବା ଏହା ଏକ ଦଲିଲ ( Document ) ୧୯୫୧ ଖ୍ରୀଷ୍ଟାବ୍ଦରେ ନବମ ପରିଶିଷ୍ଟକୁ ଅନ୍ତର୍ଭୁକ୍ତ ହୋଇଥିଲା । ୩୯୫ଟି ଧାରାକୁ ୨୨ଟି ବିଭାଗରେ ବିଭକ୍ତ କରାଯାଇଛି । ପରେ ପରେ ବିଭିନ୍ନ ସଂଶୋଧନ କେତେ ଗୁଡ଼ିଏ ଅନୁଚ୍ଛେଦ ସହିତ କିଛି କିଛି ଅଂଶ ସଂଯୁକ୍ତ କରାଯାଇ ସଂବିଧାନର କଳେବର ବୃଦ୍ଧି କରାଯାଇଛି । ଉଦାହରଣ ସ୍ୱରୂପ, ୩୧(କ), ୩୧(ଖ), ୨୫୮(କ), ୨୯୦(କ), ୩୫୦(କ), ୩୭୨(କ), ୩୭୮(କ), ପ୍ରଭୃତି କେତେକ ଧାରା ପରେ ଯୋଡ଼ାଯାଇଛି । କେତେ ଗୁଡ଼ିଏ ଅଂଶ ଅବଶ୍ୟ ବାଦ୍ ଦିଆଯାଇଛି । ମୋଟ ଉପରେ କହିବାକୁ ଗଲେ, ପରିବର୍ତ୍ତନ ସତ୍ତ୍ୱେ ଭାରତୀୟ ସଂବିଧାନ ଲିଖିତ ସଂବିଧାନମାନଙ୍କ ମଧ୍ୟରେ ବୃହତ୍ତମ ରୂପେ ରହିଛି । ସମ୍ବିଧାନର ବିରାଟତା ସପକ୍ଷରେ କେତେଗୁଡ଼ିଏ କାରଣ ବି ରହିଛି ! (କ) ସମ୍ବିଧାନରେ ମୂଳନୀତି ଗୁଡ଼ିକ ସହିତ ପ୍ରଶାସନ ( Administration )ର ପ୍ରତ୍ୟେକ ସୂକ୍ଷ୍ମ ଉପାଦାନ ବିଶଦଭାବରେ ବର୍ଣ୍ଣିତ ହୋଇଅଛି । (ଖ) କେନ୍ଦ୍ରର ଶାସନ ସମ୍ପର୍କୀୟ ବିଷୟବସ୍ତୁଗୁଡ଼ିକର ଶାସନ ସଂପର୍କୀୟ ବିଷୟକୁ ବି ସ୍ଥାନ ଦିଆଯାଇଛି । ଭାରତର ଭୂଭାଗକୁ

ପ୍ରଥମେ 'କ' ଅଂଶ, 'ଖ' ଅଂଶ, 'ଗ' ଅଂଶ ଓ 'ଘ' ଅଂଶ ଏଭଳି ଚାରିଭାଗରେ ବିଭକ୍ତ କରାଯାଇଥିଲା । ସଂବିଧାନରେ ସ୍ୱାଭାବିକ ଭାବରେ ପ୍ରତ୍ୟେକ ଅଂଶ ପାଇଁ ଅଲଗା ବ୍ୟବସ୍ଥା ରଖାଯାଇଛି । (ଗ) ଭାରତୀୟ ସଂବିଧାନର ରାଷ୍ଟ୍ରସଂଘୀୟ ଋଣକୁ ସୁହାଇଲା ଭଳି, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସଂପର୍କ, କେନ୍ଦ୍ର ଓ ରାଜ୍ୟମାନଙ୍କ ଭିତରେ କ୍ଷମତା ବଣ୍ଟନ ପ୍ରଭୃତି ବିଷୟ ସଂବିଧାନର କଳେବରକୁ ବଢ଼ାଇ ଦେଇଛି । (ଘ) ସୁପ୍ରସାରଣଶୀଳ ମୌଳିକ ଅଧିକାର ଓ ନିର୍ଦ୍ଦେଶକ ନୀତିର ଟିକିନିଖି ଅନୁଧ୍ୟାନ ସଂବିଧାନର ଆକାରକୁ ବଢ଼ାଇଦେଇଛି । (ଙ) ତେର ଗୋଟି ଧାରା ଥିବା ସଂବିଧାନର ଷୋଡ଼ଶଭାଗରେ କେବଳ ଆଙ୍ଗ୍ଲୋ-ଭାରତୀୟ ଏବଂ ତଫସିଲଭୁକ୍ତ ଜାତି ଓ ଉପଜାତିର ସୁରକ୍ଷା ବିଷୟରେ ବ୍ୟବସ୍ଥା ହୋଇଛି । (ଚ) ଜରୁରୀ ପରିସ୍ଥିତିର ମୁକାବିଲା କରିବା ପାଇଁ ନଅଗୋଟି ଧାରାବିଶିଷ୍ଟ ଅଷ୍ଟାଦଶ ଭାଗ ସନ୍ନିବିଷ୍ଟ ହୋଇଛି । (ଛ) ଯେ କୌଣସି ଦେଶର ସମ୍ବିଧାନ ସେ ଦେଶର ଐତିହାସିକ ତଥ୍ୟରୁ ଦୂରେଇ ଯାଇ ନ ପାରେ । ତେଣୁ ଭାରତର ଉପସ୍ଥିତ ସଂବିଧାନ ଉପରେ ବୃହଦାକାର ୧୯୩୫ର ଭାରତ ଶାସନ ଆଇନର ପ୍ରଭାବ ପଡ଼ିଥିବା ସ୍ପଷ୍ଟ ।

ଯେହେତୁ ସଂକ୍ଷିପ୍ତି ଓ ସାରଗର୍ଭିତ ହେଉଛି ଯେ କୌଣସି ଆଦର୍ଶ ସଂବିଧାନର ବିଶାଳତା ସଂବନ୍ଧରେ ସାର ଆଇଭର୍ ଜେନିଙ୍ଗ୍ସ ଓ ପ୍ରଫେସର ବି. ଏମ୍. ଶର୍ମାଙ୍କ ପରି ବିଶିଷ୍ଟ ବ୍ୟକ୍ତିମାନଙ୍କ ସମାଲୋଚନା ବିସ୍ମୟକର ନୁହେଁ । ପ୍ରଫେସର ଶର୍ମାଙ୍କ ମତରେ ଭାରତୀୟ ସଂବିଧାନକୁ ସଂବିଧାନର ଛାତ୍ରଙ୍କ ଆଗରେ ବଳପୂର୍ବକ ରଖାଯାଇଛି । ଏହାର ବୃହତ୍ ଆକାର ଯେ କୌଣସି ପାଠକକୁ ଭୀତତ୍ରସ୍ତ କରିଥାଏ ।

## ୬ ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର

**( A Sovereign Democratie Republic )**

ସମ୍ବିଧାନର ପ୍ରସ୍ତାବନାରେ ଭାରତକୁ ଏକ 'ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର' ବୋଲି ବର୍ଣ୍ଣନା କରାଯାଇଛି । ଏହାଦ୍ୱାରା ସୂଚାଇ ଦିଆଯାଇଛି ଯେ, ଭାରତ ଆଉ ଇଂରେଜ ସାମ୍ରାଜ୍ୟ ତଳେ ପରାଧୀନ ବା ଆଶ୍ରିତ ନୁହେଁ । ନିଜେ ଭାରତ ନିଜ ଭାଗ୍ୟର ନିୟାମକ । ଦେଶର ଅଭ୍ୟନ୍ତରୀଣ କ୍ଷେତ୍ରରେ ବି ଏହାର କ୍ଷମତା ଅସୀମ । ୧୯୪୯ ଖ୍ରୀଷ୍ଟାବ୍ଦ ମଇ ମାସରେ ପଣ୍ଡିତ ନେହେରୁ ନୂଆଦିଲ୍ଲୀରେ କହିଥିଲେ, "ବହୁତ ଦିନ ପୂର୍ବେ 'ପୂର୍ଣ୍ଣ ସ୍ୱରାଜ୍ୟ' ହାସଲ କରିବା ନିମନ୍ତେ ଆମେ ଦୃଢ଼ସଙ୍କଳ୍ପବଦ୍ଧ ହୋଇଥିଲୁ । ତାହା ଆମେ ବର୍ତ୍ତମାନ ପାଇଛୁ । ମୈତ୍ରୀ ଚୁକ୍ତି ଫଳରେ କୌଣସି ଜାତି ନିଜ ସ୍ୱାଧୀନତାକୁ ବଳି ଦିଏ କି ? ସାଧାରଣ ଭାବରେ ଚୁକ୍ତିର ଅର୍ଥ ହେଉଛି ପରସ୍ପର ପ୍ରତିଶ୍ରୁତି ପ୍ରଦାନ । କିନ୍ତୁ ରାଜ୍ୟଗୋଷ୍ଠୀରେ ସାର୍ବଭୌମ ରାଷ୍ଟ୍ରଗୁଡ଼ିକର ମୁକ୍ତ ସହଯୋଗ ଏହି ଭଳିଆ ପ୍ରତିଶ୍ରୁତିରେ ଆବଦ୍ଧ କରେ ନାହିଁ । ତା'ଛଡ଼ା ଅନ୍ୟାନ୍ୟ ଡୋମିନିୟନ (Dominion) ବା ରାଜ୍ୟଗୋଷ୍ଠୀ ଅନ୍ତର୍ଭୁକ୍ତ

ଦେଶଗୁଡ଼ିକ ପରି ଭାରତ ଇଂଲଣ୍ଡର ରାଣୀଙ୍କ ଅନୁଗତ୍ୟ ସ୍ୱୀକାର କରିନାହିଁ । ଜାତିସଂଘରେ ଭାରତର ସଭ୍ୟପଦ ମଧ୍ୟ ଭାରତୀୟ ସ୍ୱାଧୀନତା ବା ସାର୍ବଭୌମତ୍ୱ ଉପରେ ଆଞ୍ଚ ଅଣେନା ।"

ଭାରତ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ର । ଅର୍ଥାତ୍ ସମ୍ବିଧାନ ଏଭଳି ଏକ ସରକାର ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା କରିଛି, ଯାହାର କ୍ଷମତା ଲୋକମାନଙ୍କଠାରୁ ଆସୁଥିବ ହୁଏ । ପୁଣି ଧର୍ମ, ଜାତି, ଗୋଷ୍ଠୀ, ଭାଷା, ଜନ୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ରାଜନୈତିକ ଓ ସାମାଜିକ ସୁବିଧା ସୁଯୋଗ ଦିଆଯାଇଛି । ତା' ଛଡ଼ା ପ୍ରାପ୍ତବୟସ୍କଙ୍କର ମତାଧିକାର ସ୍ୱୀକୃତ ହେବା ଫଳରେ ଶାସନ ବ୍ୟବସ୍ଥା ମଧ୍ୟ ଗଣତାନ୍ତ୍ରିକ ହୋଇଛି । ପ୍ରତ୍ୟେକ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ନ୍ୟାୟ, ସାମ୍ୟ ଓ ସ୍ୱାତନ୍ତ୍ର୍ୟ ଦେବା ପାଇଁ ବ୍ୟବସ୍ଥାମାନ ରଖାଯାଇଛି ।

ପୁଣି ଭାରତୀୟ ରାଷ୍ଟ୍ର ସାଧାରଣତନ୍ତ୍ର ହେବା ଫଳରେ ରାଜତନ୍ତ୍ରକୁ ଅସ୍ୱୀକାର କରାଯାଇଛି । ସମସ୍ତ ଶାସନ କ୍ଷମତା ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ପ୍ରତିନିଧିମାନଙ୍କ ହସ୍ତରେ ନ୍ୟସ୍ତ ହୋଇଛି । ଭାରତର ନିର୍ବାଚିତ ରାଷ୍ଟ୍ରପତି ହେଲେ ଆଇନତଃ ସର୍ବୋଚ୍ଚ ଶାସନ କ୍ଷମତା-ସମ୍ପନ୍ନ ବ୍ୟକ୍ତି । ସେ ବଂଶ ପରମ୍ପରା କ୍ରମେ କ୍ଷମତାକୁ ନ ଆସି ପ୍ରତି ପାଞ୍ଚ ବର୍ଷରେ ଥରେ ପରୋକ୍ଷ ଭାବରେ ନିର୍ବାଚିତ ହୋଇଥାନ୍ତି ।

**୩ ଏକ ଧର୍ମ-ନିରପେକ୍ଷ ରାଷ୍ଟ୍ର (A Secular state)**

'ଧର୍ମନିରପେକ୍ଷ' (Secular) ଶବ୍ଦଟି ସମ୍ବିଧାନରେ କେଉଁଠି ବ୍ୟବହାର କରାଯାଇ ନଥିଲେ ସୁଦ୍ଧା, ଏହାର ପ୍ରଣାଳୀ ଓ ଧାରାଗୁଡ଼ିକରେ ଭାରତକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ରରୂପେ ପ୍ରତିଷ୍ଠା-କରିବାଲାଗି ବ୍ୟବସ୍ଥା ରହିଛି । ପ୍ରସ୍ତାବନାରେ କୁହାଯାଇଛି ଯେ ସମସ୍ତଙ୍କୁ ବିଶ୍ୱାସ, ଓ ଉପାସନାର ସ୍ୱାଧୀନତା ଦିଆଯିବ । ସଂବିଧାନର ତୃତୀୟ ଭାଗରେ ମୌଳିକ ଅଧିକାର ମାଧ୍ୟମରେ କୁହାଯାଇଛି ଯେ ଧର୍ମ, ଜାତି ଓ ଗୋଷ୍ଠୀକୁ ଭିତ୍ତିକରି ନାଗରିକମାନଙ୍କ ମଧ୍ୟରେ ଭେଦଭାବ ସୃଷ୍ଟି କରାଯାଇ ନପାରେ । ପୁଣି ପ୍ରାପ୍ତବୟସ୍କ, ମତାଧିକାର, ଅସ୍ପୃଶ୍ୟତା ନିବାରଣ ଓ ସମପ୍ରକାର ଦେୱାନୀ କାର୍ଯ୍ୟ ସଂହିତା (Uniform civil code) ଭାରତକୁ ଏକ ଧର୍ମନିରପେକ୍ଷ ରାଷ୍ଟ୍ରରେ ପରିଣତ କରିବାପାଇଁ ସହାୟକ ହୋଇଛି । ଭାରତ କୌଣସି ରାଷ୍ଟ୍ରାନୁମୋଦିତ ଧର୍ମପ୍ରଚାର କରେ ନାହିଁ କିମ୍ବା କୌଣସି ଧର୍ମ ବିରୁଦ୍ଧରେ ବିଭେଦ ସୃଷ୍ଟି କରେନାହିଁ । ଶାସନବଳ ଓ କ୍ଷମତାକୁ କୌଣସି ଧର୍ମପ୍ରଚାର ବା ପ୍ରସାର ଦିଗରେ ବିନିଯୋଗ କରାଯାଏ ନାହିଁ । ପ୍ରତ୍ୟେକ ଧର୍ମ ଓ ସମ୍ପ୍ରଦାୟ ପ୍ରତି ଭାରତ ସରକାର ନିରପେକ୍ଷ ନୀତି ଅନୁସରଣ କରନ୍ତି । ସଂଖ୍ୟାଲଘୁ ଗୋଷ୍ଠୀ ବା ସଂପ୍ରଦାୟର ଶିକ୍ଷାଗତ, ଅର୍ଥନୈତିକ, ସାମାଜିକ ଓ ରାଜନୈତିକ ସାମ୍ୟ ଉପରେ ପୂର୍ଣ୍ଣ ଦୃଷ୍ଟି ଦିଆଯାଇଛି । ଭାରତୀୟ ଧର୍ମ ନିରପେକ୍ଷତା କୌଣସି ଈଶ୍ୱର ବା କୌଣସି ଧର୍ମର ବିରୋଧ କରେନାହିଁ । ଭାରତୀୟ ସଂବିଧାନ ଭଗବାନଙ୍କ ସ୍ଥିତିକୁ ବିଶ୍ୱାସ କରେ । ଭାରତର ରାଷ୍ଟ୍ରପତି ଓ ଅନ୍ୟାନ୍ୟ ଉଚ୍ଚପଦସ୍ଥ ବ୍ୟକ୍ତି ଭଗବାନଙ୍କ ନାମରେ ଶପଥପାଠ କରିଥାନ୍ତି । କେ. ସୁବାରାଓଙ୍କ ମତରେ

ଭାରତ ନାନା ଧର୍ମର ଉତ୍ପତ୍ତିସ୍ଥଳ—ଭାରତୀୟମାନେ ଅନେକାଂଶରେ ଧର୍ମଦ୍ୱାରା ପ୍ରଭାବିତ ହୋଇଥାଆନ୍ତି । ତେଣୁ ପାଶ୍ଚାତ୍ୟ ଧର୍ମନିରପେକ୍ଷ ମତକୁ ଆମଦାନୀ କରି ଆମ ଦେଶରେ ପ୍ରୟୋଗ କରିବା ସମ୍ଭବ ନୁହେଁ । ଆମ ଦେଶକୁ ଧର୍ମନିରପେକ୍ଷ ରାଷ୍ଟ୍ରବୋଲି ନକହି ଭାରତ ସର୍ବଧର୍ମପ୍ରତି ଉଦାର ଓ ସହନଶୀଳ ବୋଲି କହିଲେ ଯଥାର୍ଥ ହେବ । ଡଃ ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ମତରେ ଭାରତକୁ ଧର୍ମନିରପେକ୍ଷ ରାଷ୍ଟ୍ର ନ କହି ଅସାଂପ୍ରଦାୟିକ ରାଷ୍ଟ୍ରବୋଲି ଅଭିହିତ କରିବା ହିଁ ଯୁକ୍ତିଯୁକ୍ତ ।

**୪ । ସଂସଦୀୟ ଶାସନ ବ୍ୟବସ୍ଥା** (Parliamentary form of Government) ଭାରତୀୟ ସଂବିଧାନର ଅନ୍ୟତମ ବୈଶିଷ୍ଟ୍ୟ ହେଲା ସଂସଦୀୟ ବା ମନ୍ତ୍ରିମଣ୍ଡଳୀୟ ଶାସନ ବ୍ୟବସ୍ଥା । ଶାସନବ୍ୟବସ୍ଥାର ରାଷ୍ଟ୍ରମୁଖ୍ୟ ହେଉଛନ୍ତି ଜଣେ ଶାସନତାନ୍ତ୍ରିକ ଶାସକ । ତାଙ୍କ ନାମରେ ଶାସନ କାର୍ଯ୍ୟ ପରିଚାଳିତ ହେଲେ ମଧ୍ୟ ପ୍ରକୃତ ଶାସନ କ୍ଷମତା ମନ୍ତ୍ରିମଣ୍ଡଳଠାରେ ନ୍ୟସ୍ତ । ମନ୍ତ୍ରୀମାନେ ଶାସନକାର୍ଯ୍ୟ ପରିଚାଳନା ନିମନ୍ତେ ବିଧାନମଣ୍ଡଳ ନିକଟରେ ବିଶେଷକରି ନିମ୍ନସଦନ (Lower House) ନିକଟରେ ବ୍ୟକ୍ତିଗତଭାବେ ଓ ସାମୂହିକ ଭାବେ ଉତ୍ତରଦାୟୀ ରହନ୍ତି । ଏହି ସାମୂହିକ ଦାୟିତ୍ୱ ଯୋଗୁଁ ସବୁ ମନ୍ତ୍ରୀଙ୍କୁ ମିଳିତ ଭାବରେ କାମ କରିବାକୁ ହୁଏ । ଯେ ହେତୁ ମନ୍ତ୍ରୀମାନେ ପ୍ରାଥମିକ ଭାବରେ ନିମ୍ନତର ସଦନର ସଦସ୍ୟ ଓ ସେମାନେ ପ୍ରତ୍ୟକ୍ଷ ଭାବରେ ଲୋକଙ୍କଦ୍ୱାରା ନିର୍ବାଚିତ ହୁଅନ୍ତି, ସେମାନେ ଲୋକମାନଙ୍କ ନିକଟରେ ଉତ୍ତରଦାୟୀ ରହିବା ସ୍ୱାଭାବିକ କଥା । ଶାସନଭାର ମନ୍ତ୍ରୀମାନଙ୍କଠାରେ ନ୍ୟସ୍ତଥିବା ଦୃଷ୍ଟିରୁ ରାଷ୍ଟ୍ରମୁଖ୍ୟ ପ୍ରାୟ ସବୁ ବିଷୟରେ ମନ୍ତ୍ରୀମାନଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବାକୁ ବାଧ ହୁଅନ୍ତି । ଯେହେତୁ ରାଷ୍ଟ୍ରମୁଖ୍ୟଙ୍କର ପ୍ରକୃତକ୍ଷମତା ନାହିଁ ଏବଂ ଯେହେତୁ ସେ ପରୋକ୍ଷ-ଭାବରେ ନିର୍ବାଚିତ ହୋଇଥା'ନ୍ତି ସେ ନିଜ ଶାସନଗତ କାର୍ଯ୍ୟକଳାପ ପାଇଁ ସଂସଦ ବା ବିଧାନମଣ୍ଡଳ ବା ଲୋକମାନଙ୍କ ନିକଟରେ ଦାୟୀ ରହନ୍ତି ନାହିଁ । ରାଷ୍ଟ୍ରମୁଖ୍ୟ ପ୍ରଥମେ ଲୋକସଭାର ସଂଖ୍ୟାଗରିଷ୍ଠ ଦଳର ବା ଏହା ନଥିଲେ ଗୋଟିଏ ସମ୍ମିଳିତ ଦଳରନେତାଙ୍କୁ ପ୍ରଧାନମନ୍ତ୍ରୀ ହିସାବରେ ନିଯୁକ୍ତ କରନ୍ତି । ଏହିପରି ବ୍ୟବସ୍ଥାରେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ମନ୍ତ୍ରୀପରିଷଦର ପରାମର୍ଶ ମାନିବାକୁ ବାଧ୍ୟ କିନା, ସେ ବିଷୟରେ, ସମ୍ବିଧାନ ନୀରବ ଥିଲେ ସୁଦ୍ଧା ପ୍ରଚଳିତ ପ୍ରଥାନୁସାରେ ସେ ମନ୍ତ୍ରୀପରିଷଦର ପରାମର୍ଶକୁ ଏଡ଼ାଇ ଦେଇ ପାରିବେ ନାହିଁ । କାରଣ ସଂସଦର ଆସ୍ଥାଭାଜନ ମନ୍ତ୍ରୀପରିଷଦର ପରାମର୍ଶ ପ୍ରତ୍ୟାଖ୍ୟାତ ହେଲେ ରାଷ୍ଟ୍ରପତିଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିପାରେ । ଭାରତର ସଂସଦୀୟ ବ୍ୟବସ୍ଥା ଇଂଲଣ୍ଡୀୟ ବ୍ୟବସ୍ଥାର ଅନୁରୂପ ହୋଇଛି । ରାଜ୍ୟଗୁଡ଼ିକରେ ରାଜ୍ୟପାଳମାନେ ମୋଟାମୋଟି ଭାବରେ ରାଷ୍ଟ୍ରପତିଙ୍କ ଭଳି ମନ୍ତ୍ରୀପରିଷଦର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବେ । କାନାଡ଼ାର ଅନୁକରଣରେ ରାଜ୍ୟପାଳମାନେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି କିନ୍ତୁ କେତେକାଂଶରେ ରାଜ୍ୟପାଳମାନଙ୍କୁ ସ୍ୱେଚ୍ଛାମୂଳକ

( discretion ) ଭାବରେ କାର୍ଯ୍ୟ କରିବା କ୍ଷମତା ମଧ୍ୟ ସମ୍ବିଧାନ ଅନୁସାରେ କରାଯାଇଛି । ଏହି କାରଣରୁ ଅନେକେ ଭାବନ୍ତି ଯେ ରାଜ୍ୟଗୁଡ଼ିକରେ ପୂର୍ଣ୍ଣ ଦାୟିତ୍ୱଶୀଳ ସରକାର ପ୍ରବର୍ତ୍ତିତ ହୋଇନାହିଁ । ସାଧାରଣତଃ ମନ୍ତ୍ରୀପରିଷଦର ପରାମର୍ଶ ଅନୁଯାୟୀ କାର୍ଯ୍ୟ କଲେ ମଧ୍ୟ ପ୍ରୟୋଜନ ହେଲେ ରାଜ୍ୟପାଳ ମନ୍ତ୍ରୀମାନଙ୍କ ପରାମର୍ଶ ବିନା କାର୍ଯ୍ୟ କରିବାକୁ ସମର୍ଥ । ଏହା ବ୍ୟତୀତ ସମ୍ବିଧାନରେ ଏକଥା ମଧ୍ୟ କୁହାଯାଇଛି ଯେ ମନ୍ତ୍ରୀମାନଙ୍କ ପରାମର୍ଶ ଅନୁଯାୟୀ ରାଷ୍ଟ୍ରପତି ବା ରାଜ୍ୟପାଳ କାର୍ଯ୍ୟ କରୁଛନ୍ତି କି ନାହିଁ, ଏ ବିଷୟରେ ଅନୁସନ୍ଧାନ କରିବାର କ୍ଷମତା କୌଣସି ନ୍ୟାୟାଳୟର ନାହିଁ ।

୫ **ସଂଘୀୟ ରାଷ୍ଟ୍ର (A Federal Polity)** ଯେ କୌଣସି ଦେଶରେ ସଂଘୀୟ ଶାସନ ବ୍ୟବସ୍ଥାର ପ୍ରଚଳନ ଲାଗି ଏକ ଲିଖିତ ଓ ଦୃଢ଼ ସମ୍ବିଧାନ ଆବଶ୍ୟକ । ଭାରତୀୟ ସମ୍ବିଧାନ ଲିଖିତ ଓ ଅନ୍ୟାନ୍ୟ ସଂଘୀୟ ସମ୍ବିଧାନ ପରି ଭାରତୀୟ ସମ୍ବିଧାନ ବି ଦେଶର ସର୍ବୋଚ୍ଚ ଦଲିଲ । ସଂଘୀୟ ଶାସନ ବ୍ୟବସ୍ଥାର ପ୍ରଧାନ ବୈଶିଷ୍ଟ୍ୟ ହେଲା କେନ୍ଦ୍ର ଓ ସଂଘର ଅଙ୍ଗୀଭୂତ ରାଜ୍ୟଗୁଡ଼ିକ ମଧ୍ୟରେ କ୍ଷମତା ବଣ୍ଟନ । ଭାରତୀୟ ସମ୍ବିଧାନର କେନ୍ଦ୍ର, ରାଜ୍ୟ ଓ ଯୁଗ୍ମ ତାଲିକା ମାଧ୍ୟମରେ କେନ୍ଦ୍ର ଓ ଅଙ୍ଗ ରାଜ୍ୟଗୁଡ଼ିକ ମଧ୍ୟରେ କ୍ଷମତା ବଣ୍ଟନର ବ୍ୟବସ୍ଥା କରାହୋଇଛି । ତା ଛଡ଼ା ଯୁକ୍ତରାଷ୍ଟ୍ର ଆମେରିକାରେ ଯେଉଁଳି ଏକ ଉଚ୍ଚତମ ନ୍ୟାୟାଳୟ ( Supreme Court) ରହିଛି, ଭାରତରେ ବି ସେଉଁଳି ଗୋଟିଏ ଉଚ୍ଚତମ ନ୍ୟାୟାଳୟ ରହିଛି, ଯାହା ସାମ୍ବିଧାନିକ ଆଇନ୍‌ର ଅର୍ଥ କରିବା ସଙ୍ଗେ ସଙ୍ଗେ କେନ୍ଦ୍ର-ରାଜ୍ୟ ଭିତରେ ଓ ରାଜ୍ୟମାନଙ୍କ ଭିତରେ ଉପୁଜିଥିବା କଳହର ମୀମାଂସା କରିଥାଏ । କିନ୍ତୁ ଆଶ୍ଚର୍ଯ୍ୟର କଥା ଯେ ଭାରତର ସମ୍ବିଧାନରେ ସଂଘୀୟ ଶାସନ ବ୍ୟବସ୍ଥାର ସବୁ ଲକ୍ଷଣ ଥିଲେ ସୁଦ୍ଧା 'ରାଷ୍ଟ୍ର ସଂଘ' (Federation ) ଶବ୍ଦଟି ଥରେ ହେଲେ ବ୍ୟବହାର କରାଯାଇନାହିଁ । କାନାଡ଼ାରେ ଯେପରି ସଂଘୀୟ ସରକାର ବୁଝାଇବାପାଇଁ ଇଉନିୟନ୍ ଶବ୍ଦ ବ୍ୟବହାର କରାଯାଇଛି, ଠିକ୍ ସେମିତି ଭାରତରେ ବି 'ସଂଘ' ପରିବର୍ତ୍ତେ ଇଉନିୟନ୍ ବ୍ୟବହାର କରାଯାଇଛି । ଏହାର ତାତ୍ପର୍ଯ୍ୟ ବୁଝାଇବାପାଇଁ ଡ. ଆମ୍ବେଦକର କହିଛନ୍ତି ଯେ ଭାରତୀୟ ସଂଘ ଯୁକ୍ତରାଷ୍ଟ୍ର ଆମେରିକାସ୍ଥ ସଂଘ ପରି ସଂପୃକ୍ତ ରାଜ୍ୟଗୁଡ଼ିକର ଚୁକ୍ତି ଦ୍ୱାରା ସୃଷ୍ଟି ହୋଇନାହିଁ କିମ୍ବା ସ୍ୱଇଚ୍ଛାରେ ଭାରତରୁ ବିଚ୍ଛିନ୍ନ ହେବା କ୍ଷମତା କୌଣସି ରାଜ୍ୟର ନାହିଁ । ତେଣୁ ଭାରତୀୟ ସଂଘ ଯୁକ୍ତରାଷ୍ଟ୍ର ଆମେରିକା ପରି କେନ୍ଦ୍ରପସାରୀ ( Centrifugal ) ନ ହୋଇ କେନ୍ଦ୍ରାଭିମୁଖୀ ( Centripetal ) ହୋଇଛି, ଯେହେତୁ ଏହା ଅବିନାଶୀ ( Indestructible ) । ଭାରତୀୟ ସଂଘକୁ 'ଇଉନିୟନ୍' ଆଖ୍ୟା ଦେବା ଯଥାର୍ଥ ହୋଇଛି ବୋଲି ଡ. ଆମ୍ବେଦକର ମତବ୍ୟକ୍ତ କରିଛନ୍ତି ।

କିନ୍ତୁ ପରେ ପରେ ପ୍ରଶ୍ନ ଉଠେ—ଭାରତୀୟ ସମ୍ବିଧାନ କେତେଦୂର ସଂଘୀୟ ? ଭାରତୀୟ ସଂଘୀୟ ବ୍ୟବସ୍ଥାକୁ କାର୍ଯ୍ୟ କ୍ଷେତ୍ରରେ ତନ୍ନ ତନ୍ନ ବିଚାର କଲେ ଜଣାଯାଏ ଯେ

ଏଦ୍ୱାରା ସଂଘୀୟ ( Federal ) ଲକ୍ଷଣ ଅପେକ୍ଷା ଐକିକ ବା ଏକାତ୍ମକ ( Unitary ) ଲକ୍ଷଣ ବେଶୀ । କେନ୍ଦ୍ର ତାଲିକା (Union list) ଅନ୍ତର୍ଭୁକ୍ତ ବିଷୟ ସମୂହରେ ଆଇନ୍ ପ୍ରଣୟନର କ୍ଷମତା ସମ୍ପୂର୍ଣ୍ଣ ରୂପେ ସଂସଦକୁ ଦିଆଯାଇଛି । ଯୁଗ୍ମ ତାଲିକାର (Concurrent list ) ଅନ୍ତର୍ଭୁକ୍ତ ବିଷୟଗୁଡ଼ିକ ସମ୍ପର୍କରେ ଉଭୟ ସଂସଦ ଓ ରାଜ୍ୟଗୁଡ଼ିକର ବିଧାନ ମଣ୍ଡଳ ( State legislatures ) ଆଇନ୍ ପ୍ରଣୟନ କରିବାକୁ ସମର୍ଥ । କିନ୍ତୁ ଯେଉଁ ସ୍ଥଳରେ ସଂସଦୀୟ ଆଇନ୍‌କୁ ରାଜ୍ୟର ବିଧାନମଣ୍ଡଳ ପ୍ରଣୀତ ଆଇନ୍ ବିରୋଧ କରିବ, ସେହି ସ୍ଥଳରେ ସଂସଦୀୟ ଆଇନ ହିଁ ବଳବତ୍ତର ରହିବ ଏବଂ ରାଜ୍ୟ ଆଇନ୍‌ର ଅସଙ୍ଗତିପୂର୍ଣ୍ଣ ଅଂଶଗୁଡ଼ିକ ଅକାମୀ ହୋଇଯିବ ।

ସାଧାରଣ କ୍ଷେତ୍ରରେ ରାଜ୍ୟ ତାଲିକା ସମ୍ପର୍କରେ ଆଇନ୍ ପ୍ରଣୟନ କରିବାର ପୂର୍ଣ୍ଣ କ୍ଷମତା ରାଜ୍ୟ ବିଧାନ ମଣ୍ଡଳର ଥିଲେ ମଧ୍ୟ ୨୪୯-ଅନୁଚ୍ଛେଦରେ କୁହାଯାଇଛି ଯେ, ଜାତୀୟ ହିତ ସାଧନ ଦିଗରେ ରାଜ୍ୟ ତାଲିକାର ଅନ୍ତର୍ଭୁକ୍ତ ଯେ କୌଣସି ବିଷୟବସ୍ତୁ ଉପରେ ସଂସଦ ଆଇନ୍ ପ୍ରଣୟନ କରିବା ବିଧେୟ ବୋଲି ଉପଲବ୍ଧି କରାଗଲେ ଉପସ୍ଥିତ ସଦସ୍ୟମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ସଭ୍ୟଙ୍କ ମତ ଦ୍ୱାରା ରାଜ୍ୟ ସଭାରେ ସେହି ସଂକ୍ରାନ୍ତୀୟ ପ୍ରସ୍ତାବ ଗୃହୀତ ହେବ । ତା ଛଡ଼ା କେତେକ ପରିସ୍ଥିତିରେ କେନ୍ଦ୍ର ଓ ରାଜ୍ୟ ତାଲିକାର ବହିର୍ଭୂତ ଅବଶିଷ୍ଟ କ୍ଷମତା ( Residuary powers ) ସମ୍ପର୍କରେ ଆଇନ୍ ପ୍ରଣୟନ ଅଧିକାର ସଂସଦକୁ ଦିଆଯାଇଛି । ଏ ଯାବତ୍ କ୍ଷମତା ବଣ୍ଟନ ପ୍ରଣାଳୀ ଆଲୋଚନାରୁ ସ୍ପଷ୍ଟଭାବରେ କୁହାଯାଇ ପାରେ ଯେ, ସମ୍ବିଧାନରେ କେନ୍ଦ୍ରକୁ ଶକ୍ତିଶାଳୀ କରିବା ଦିଗରେ ଅତ୍ୟଧିକ ଚାପ ସୃଷ୍ଟି କରାଯାଇଛି ।

ଅଙ୍ଗ ରାଜ୍ୟଗୁଡ଼ିକ ଉପରେ କେନ୍ଦ୍ରୀୟ ନିୟନ୍ତ୍ରଣ ଯେ ଅତି ବ୍ୟାପକ ତାହା ନିମ୍ନଲିଖିତ ବିଷୟଗୁଡ଼ିକରୁ ପ୍ରତିପନ୍ନ ହୁଏ । ସଂସଦ ଏକ ତରଫା ନିଷ୍ପତ୍ତି ଦ୍ୱାରା, ତୃତୀୟ ଅନୁଚ୍ଛେଦ ଅନୁସାରେ କୌଣସି ନୂଆ ରାଜ୍ୟ ପ୍ରତିଷ୍ଠା କରିପାରେ । କୌଣସି ରାଜ୍ୟର କ୍ଷେତ୍ର ପରିସରକୁ ବା ଭୂଖଣ୍ଡକୁ ( area ) କମେଇ ବା ବଢ଼େଇ ପାରେ; କୌଣସି ରାଜ୍ୟର ନାମକୁ ପରିବର୍ତ୍ତନ କରିପାରେ; ସୀମାରେଖାର ଅଦଳ ବଦଳ କରିପାରେ ଓ କୌଣସି ରାଜ୍ୟକୁ ଅନ୍ୟ ରାଜ୍ୟ ସହିତ ମିଶାଇ ତାର ସତ୍ତା ମଧ୍ୟ ଲୋପ କରି ଦେଇପାରେ । ପି. ବି. ଗଜେନ୍ଦ୍ରଗଡ଼କରଙ୍କ ଭାଷାରେ ସଂସଦର ଏହି କ୍ଷମତା ସଂଘୀୟ ଶାସନ ବ୍ୟବସ୍ଥାର ଅସ୍ତିତ୍ୱ ପକ୍ଷରେ କ୍ଷତିକାରକ । ମାର୍କିନ୍ ଯୁକ୍ତରାଷ୍ଟ୍ର, ଅଷ୍ଟ୍ରେଲିଆ ବା ସୋଭିଏତ୍ ସଂଘରେ ଅଙ୍ଗ ରାଜ୍ୟର ସମ୍ମତି ବ୍ୟତୀତ ତାହାର ସୀମା ପରିବର୍ତ୍ତନ ସମ୍ଭବପର ହୁଏନା । ରାଷ୍ଟ୍ରପତି ରାଜ୍ୟର ରାଜ୍ୟପାଳଙ୍କୁ ନିଯୁକ୍ତ କରନ୍ତି, ରାଜ୍ୟପାଳଙ୍କୁ ଅପସାରଣ କରିବା କ୍ଷମତା ମଧ୍ୟ ତାଙ୍କର ଅଛି । ପୁଣି ରାଷ୍ଟ୍ରପତି ରାଜ୍ୟପାଳଙ୍କ ପ୍ରଦତ୍ତ ବିବରଣୀ ଅନୁସାରେ ବା ଅନ୍ୟ ଭାବରେ କୌଣସି ରାଜ୍ୟର ଶାସନ କାର୍ଯ୍ୟ ସମ୍ବିଧାନ ଅନୁଯାୟୀ ଚାଳିତ ହୋଇ ପାରୁନାହିଁ ବୋଲି ନିଶ୍ଚିତ ହେଲେ ୩୫୬ ଅନୁଚ୍ଛେଦ ଅନୁସାରେ ସେ ନିଜ ହାତକୁ ରାଜ୍ୟ ଶାସନ କ୍ଷମତା

ନେଇପାରନ୍ତି । ରାଜ୍ୟର ବିଧାନ ମଣ୍ଡଳ ଦ୍ୱାରା ଗୃହୀତ ବିଲଙ୍କୁ ନାକଚ କରିବା କ୍ଷମତା ମଧ୍ୟ ରାଷ୍ଟ୍ରପତିଙ୍କ ହସ୍ତରେ ନ୍ୟସ୍ତ କରାଯାଇଛି । କେନ୍ଦ୍ର ରାଜ୍ୟଗୁଡ଼ିକୁ କେତେକ କ୍ଷେତ୍ରରେ ନିର୍ଦ୍ଦେଶ ମଧ୍ୟ ପ୍ରଦାନ କରିପାରେ । ଏହି ନିର୍ଦ୍ଦେଶ ପ୍ରତିପାଳିତ ନହେଲେ ରାଷ୍ଟ୍ରପତି ନିଜ ହସ୍ତରେ ସଂଶ୍ଲିଷ୍ଟ ରାଜ୍ୟର ଶାସନ କ୍ଷମତା ନେଇପାରନ୍ତି ।

ଆର୍ଥିକ ସଂପର୍କ କ୍ଷେତ୍ରରେ ମଧ୍ୟ ସଂବିଧାନ କେନ୍ଦ୍ରକୁ ବେଶୀ ସବଳ କରିଛି । ସଂଘୀୟ ନୀତି ଅନୁସାରେ କେନ୍ଦ୍ର ଓ ଅଂଶରାଜ୍ୟ ଗୁଡ଼ିକ ନିଜର କର୍ତ୍ତବ୍ୟ ସଂପାଦନ ଲାଗି ଆବଶ୍ୟକ ଅର୍ଥପାଇଁ ଅନ୍ୟ ଉପରେ ନିର୍ଭରଶୀଳ ହେବା ଉଚିତ ନୁହେଁ । ଭାରତ କ୍ଷେତ୍ରରେ ଅପେକ୍ଷାକୃତ ଗୁରୁତ୍ୱପୂର୍ଣ୍ଣ ପ୍ରତ୍ୟକ୍ଷ ଓ ପରୋକ୍ଷ କର ଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଦିଆଯାଇଛି । ଅବଶ୍ୟ ସଂବିଧାନରେ କେନ୍ଦ୍ରଠାରୁ ରାଜ୍ୟ ଗୁଡ଼ିକୁ ଅର୍ଥ ସାହାଯ୍ୟର ବ୍ୟବସ୍ଥା ଅଛି । କିନ୍ତୁ ଅର୍ଥ ସାହାଯ୍ୟର ପରିମାଣ କେନ୍ଦ୍ରର ବିବେଚନା ଉପରେ ନିର୍ଭର କରେ । ଏହି ଅବସ୍ଥାରେ ରାଜ୍ୟମାନେ ଆବଶ୍ୟକତା ଅନୁଯାୟୀ ସାହାଯ୍ୟ ପାଇବେ କି ନା ଓ ଏହି କ୍ଷେତ୍ରରେ ରାଜ୍ୟମାନଙ୍କର ସ୍ୱାତନ୍ତ୍ର୍ୟ ଅକ୍ଷୁଣ୍ଣ ରହିବ କି ନାହିଁ ସନ୍ଦେହ ଜନକ । ଏହା ବ୍ୟତୀତ ଜରୁରୀ ଅବସ୍ଥାରେ କେନ୍ଦ୍ର ଓ ରାଜ୍ୟ ଗୁଡ଼ିକ ମଧ୍ୟରେ ରାଜସ୍ୱ ବଣ୍ଟନ ସଂପର୍କିତ ଶାସନତାନ୍ତ୍ରିକ ବ୍ୟବସ୍ଥା ରଦ୍ଦ ହୋଇପାରେ । ଆର୍ଥିକ ଜରୁରୀକାଳୀନ ଅବସ୍ଥା ବେଳେ ରାଜ୍ୟଗୁଡ଼ିକର ଅର୍ଥ ବିଧେୟକ ଗୁଡ଼ିକୁ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ପଠାଇବାକୁ ବାଧ୍ୟ । କାନାଡ଼ା ରାଷ୍ଟ୍ରସଂଘର ଅଂଶ ରାଜ୍ୟ ଗୁଡ଼ିକ ପରି ଭାରତ ରାଷ୍ଟ୍ରର ଅଙ୍ଗ ରାଜ୍ୟଗୁଡ଼ିକର ସଂବିଧାନ ସଂଶୋଧନ କରିବା ବିଷୟରେ କୌଣସି କ୍ଷମତା ନାହିଁ । ଏପରିକି କୌଣସି ରାଜ୍ୟର ବିଧାନ ପରିଷଦକୁ ଲୋପ କରିବାପାଇଁ ସଂସଦରେ ଆଇନ୍ ପ୍ରଣୀତ ହେବା ଦରକାର । ୩୬୮ ଅନୁଚ୍ଛେଦରେ ଲିଖିତ କେତେକ ବିଷୟକୁ ବାଦ୍ ଦେଲେ ଅନ୍ୟ ସବୁ କ୍ଷେତ୍ରରେ ସଂବିଧାନ ସଂଶୋଧନ ବେଳେ ସଂସଦର ଉଭୟ ସଦନର ବୈଠକରେ ଉପସ୍ଥିତ ଥିବା ସଦସ୍ୟଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ଏବଂ ମୋଟ ସଦସ୍ୟ ସଂଖ୍ୟାର ଅର୍ଦ୍ଧାଧିକ ସଭ୍ୟଙ୍କ ସମର୍ଥନ ଆବଶ୍ୟକ । ତେଣୁ ସଂବିଧାନ ସଂଶୋଧନ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟମାନଙ୍କ ଭୂମିକା ସମାନ ନୁହେଁ ।

ଯୁକ୍ତରାଷ୍ଟ୍ର ଆମେରିକାରେ ସିନେଟ୍ ଅର୍ଥାତ୍ ଉଚ୍ଚତର ସଦନରେ ପ୍ରତ୍ୟେକ ଅଂଶ ରାଜ୍ୟରୁ ସମାନ ସଂଖ୍ୟକ ସଭ୍ୟ ପ୍ରତିନିଧିତ୍ୱ କରିଥାନ୍ତି । ଭାରତରେ ସେଭଳି ବ୍ୟବସ୍ଥା ନାହିଁ । ତେଣୁ ସଂସଦରେ ଛୋଟ ବଡ଼ ରାଜ୍ୟମାନଙ୍କ ପ୍ରତିନିଧିତ୍ୱରେ ତାରତମ୍ୟ ରହିଛି, ତାଛଡ଼ା ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ ଓ କାନାଡ଼ାର ଉଚ୍ଚତର ସଦନ ପରି ଭାରତର ରାଜ୍ୟସଭା କେବଳ ରାଜ୍ୟସଭାର ପ୍ରତିନିଧିଙ୍କୁ ନେଇ ଗଠିତ ହୋଇନାହିଁ । ଏହି ସଦନରେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ବାର ଜଣ ସଦସ୍ୟ ବି ସ୍ଥାନ ପାଇଛନ୍ତି । ଯୁକ୍ତରାଷ୍ଟ୍ରୀୟ ପଦ୍ଧତିର ଏହା ଏକ ବ୍ୟତିକ୍ରମ ।

ସର୍ବ ଭାରତୀୟ ସେବା ଓ ରାଜ୍ୟସ୍ତରୀୟ ସେବା ଏହିଭଳି ଦୁଇପ୍ରକାର ସେବାର ବ୍ୟବସ୍ଥା ଥିଲେ ମଧ୍ୟ, ସଂସଦୀୟ ଆଇନ୍ ଓ ରାଜ୍ୟ ବିଧାନମଣ୍ଡଳ ଆଇନ୍ କାର୍ଯ୍ୟ କରିବା କ୍ଷେତ୍ରରେ ପାର୍ଥକ୍ୟ ହୋଇନାହିଁ । ରାଜ୍ୟ ସେବା ଗୁଡ଼ିକ ଉଭୟ କେନ୍ଦ୍ର ଓ ରାଜ୍ୟ ଆଇନ୍ ପ୍ରୟୋଗ କରିଥାନ୍ତି । ୨୫୬ ଅନୁଚ୍ଛେଦରେ ସ୍ପଷ୍ଟ ଲେଖା ହୋଇଛି ଯେ କେନ୍ଦ୍ର ଆଇନ ଗୁଡ଼ିକୁ କାର୍ଯ୍ୟକାରୀ କରିବା ଓ ମାନି ଚଳିବା ପ୍ରତ୍ୟେକ ରାଜ୍ୟର କର୍ତ୍ତବ୍ୟ । ୨୫୭ ଅନୁଚ୍ଛେଦରେ କୁହାଯାଇଛି ଯେ, ରାଜ୍ୟ ଗୁଡ଼ିକର ଶାସନ କ୍ଷମତା ଏପରି ଭାବରେ ପ୍ରୟୋଗ କରାଯିବ, ଯାହାଦ୍ୱାରା କି କେନ୍ଦ୍ର ଶାସନ ଲାଗି ବାଧା ସୃଷ୍ଟି ନ ହେବ । ଯୁକ୍ତରାଷ୍ଟ୍ର ଆମେରିକାର ସଂବିଧାନ ପରି ଭାରତ ସଂବିଧାନରେ ଦ୍ୱୈତ ନାଗରିକ ପ୍ରଥାର ବ୍ୟବସ୍ଥା ନାହିଁ । କାରଣ ତାର ଜନସାଧାରଣଙ୍କ ପରି ଭାରତର ଜନସାଧାରଣଙ୍କୁ ଏକ-ନାଗରିକତା ଦିଆ-ଯାଇଛି । ସମସ୍ତେ ଭାରତବର୍ଷର ନାଗରିକ । ଦରକାର ମନେ କଲେ କେନ୍ଦ୍ର ସରକାର ରାଜ୍ୟସରକାରମାନଙ୍କୁ ବିଭିନ୍ନ ବିଷୟରେ ନିର୍ଦ୍ଦେଶ ଦେଇଥାନ୍ତି । ଜାତୀୟ ସାମରିକ ଗୁରୁତ୍ୱ ଥିବା ରାସ୍ତା ଘାଟ ନିର୍ମାଣ ଓ ପରିଚାଳନା ଦିଗରେ ଇଚ୍ଛା କଲେ କେନ୍ଦ୍ର ରାଜ୍ୟମାନଙ୍କୁ ନିର୍ଦ୍ଦେଶ ଦେଇପାରେ । ରାଷ୍ଟ୍ରପତି ଯେ କେବଳ ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶ ଓ ଅନ୍ୟ ନ୍ୟାୟାଧୀଶମାନଙ୍କୁ ନିଯୁକ୍ତ କରୁଛନ୍ତି, ତାହା ନୁହେଁ; ସେ ମଧ୍ୟ ରାଜ୍ୟ ଉଚ୍ଚ ନ୍ୟାୟାଳୟ ଗୁଡ଼ିକର ମୁଖ୍ୟ ନ୍ୟାୟାଧୀଶ ଓ ଅନ୍ୟ ନ୍ୟାୟାଧୀଶମାନଙ୍କୁ ନିଯୁକ୍ତ କରନ୍ତି । ଭାରତର ପ୍ରଧାନ ନ୍ୟାୟାଧୀଶଙ୍କ ସହ ପରାମର୍ଶ କରି ରାଷ୍ଟ୍ରପତି ଗୋଟିଏ ଉଚ୍ଚ ନ୍ୟାୟାଳୟରୁ ଅନ୍ୟ ଉଚ୍ଚ ନ୍ୟାୟାଳୟକୁ ନ୍ୟାୟାଧୀଶମାନଙ୍କୁ ବଦଳି କରିପାରନ୍ତି ।

ଜରୁରୀକାଳୀନ ପରିସ୍ଥିତିରେ ସଂବିଧାନ ପୂରାପୂରି କେନ୍ଦ୍ରାଭିମୁଖୀ ହୋଇଥାଏ । ଭାରତୀୟ ସଂବିଧାନକୁ ନିଷ୍ଠାପର ସଂଘୀୟ ଛାଞ୍ଚରେ ଗଢାଯାଇନାହିଁ ବୋଲି ଗଣପରିଷଦରେ ଡ଼ଃ ଆମ୍ବେଦକର ସ୍ପଷ୍ଟ ସ୍ୱୀକାର କରିଥିଲେ । ଆମ ସଂବିଧାନ ଏପରି ଭାବରେ ପ୍ରଣୀତ ହୋଇଛି ଯେ, ସାଧାରଣ ଅବସ୍ଥାରେ ଏହାର ସଂଘୀୟ ବ୍ୟବସ୍ଥା ଅକ୍ଷୁଣ୍ଣ ଥାଏ, କିନ୍ତୁ ଯୁଦ୍ଧ ଓ ଅନ୍ୟାନ୍ୟ ଜରୁରୀକାଳୀନ ପରିସ୍ଥିତିରେ ଏହା ଗୋଟିଏ ଐକିକ ରାଷ୍ଟ୍ରରେ ପରିଣତ ହୋଇଯାଏ । ଜରୁରୀକାଳୀନ ପରିସ୍ଥିତିରେ ରାଜ୍ୟ ତାଲିକାରେ ଅନ୍ତର୍ଭୁକ୍ତ ଯେ କୌଣସି ବିଷୟରେ ସଂସଦ ଆଇନ୍ ପ୍ରଣୟନ କରିପାରେ । କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଆବଶ୍ୟକୀୟ ପ୍ରଶାସନିକ ନିର୍ଦ୍ଦେଶମାନ ଦେଇଥାନ୍ତି । ଆର୍ଥିକ ଜରୁରୀକାଳୀନ ପରିସ୍ଥିତିରେ ରାଜ୍ୟ ସେବାରେ ନିଯୋଜିତ ଥିବା କୌଣସି ବ୍ୟକ୍ତିଙ୍କ ଦରମା ଓ ଭତ୍ତା କମେଇ ଦେବାପାଇଁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇପାରନ୍ତି ।

ସମ୍ବିଧାନର ୩୧୫ ଅନୁଚ୍ଛେଦରେ ନିର୍ବାଚନ ଆୟୋଗ କଥା ଉଲ୍ଲେଖ ରହିଛି । ଏହାର ସଭ୍ୟମାନେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି । ହିସାବ ରକ୍ଷକ ଓ ମହାସମୀକ୍ଷକଙ୍କୁ ବି ରାଷ୍ଟ୍ରପତି ନିଯୁକ୍ତ କରନ୍ତି ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ, ଭାରତୀୟ ସଂଘୀୟ ବ୍ୟବସ୍ଥା ପାରମ୍ପାରିକ ସଂଘୀୟ ବ୍ୟବସ୍ଥାର ଅନୁରୂପ ନୁହେଁ । ଭାରତୀୟ ସମ୍ବିଧାନ ପ୍ରକୃତରେ ସଂଘୀୟ ହେଲେ ମଧ୍ୟ ଏଥିରେ ଗୁରୁତର କେନ୍ଦ୍ରିକ ଲକ୍ଷଣ ଦେଖାଯାଏ । ଏହି କାରଣରୁ ଅଧ୍ୟାପକ କେ. ସି. ହୃଏର୍ ମତ ଦେଇଛନ୍ତି ଯେ, ଭାରତୀୟ ସମ୍ବିଧାନକୁ ସଂଘୀୟ କୁହାଯାଇ ପାରିବକ ନାହିଁ । ଏହାକୁ ଅନ୍ତତଃ ଅର୍ଦ୍ଧସଂଘୀୟ କୁହା-ଯାଇପାରେ । ଏହାକୁ କେତେକ ଅଧୀନ ସଂଘୀୟ ଲକ୍ଷଣ ବିଶିଷ୍ଟ ଗୋଟିଏ ଐକିକ ସମ୍ବିଧାନ କୁହାଯାଇପାରେ । ଏହିପରି ବ୍ୟବସ୍ଥା ହେତୁ ସଂଘ ଓ ରାଜ୍ୟ ଗୁଡ଼ିକ ମଧ୍ୟରେ ଥିବା ସଂପର୍କରେ ରାଜନୈତିକ ଅସ୍ପଷ୍ଟତା ଥିବା ହେତୁ କେନ୍ଦ୍ର ଓ ରାଜ୍ୟ ଗୁଡ଼ିକ ଭିତରେ ମତାନ୍ତର ଦେଖାଯିବା ସ୍ୱାଭାବିକ କଥା ବୋଲି ଟି. ଟି. କୃଷ୍ଣମାଚାରୀ ମତ ବ୍ୟକ୍ତ କରିଛନ୍ତି ।

ସଂଘ ଓ ରାଜ୍ୟଗୁଡ଼ିକ ମଧ୍ୟରେ ପ୍ରତିଷ୍ଠିତ ସମ୍ପର୍କରେ ପ୍ରତିଦ୍ୱନ୍ଦ୍ୱିତାମୂଳକ ମନୋବୃତ୍ତି ନରହି ସହଯୋଗିତା ପ୍ରକାଶିତ ହେବା ଉଚିତ । ପାରମ୍ପରିକ ସଂଘୀୟ ବ୍ୟବସ୍ଥା ଆଧୁନିକ ଯୁଗୋପଯୋଗୀ ନୁହେଁ । କେନ୍ଦ୍ରୀକରଣ ହେଉଛି ଏକ ସର୍ବବ୍ୟାପୀ ପ୍ରଥା । ଦ୍ୱୈତ ସାର୍ବଭୌମତ୍ୱ ବିଧି ପୂରାପୂରି ଅସମର୍ଥନୀୟ । ତେଣୁ କେନ୍ଦ୍ରାଭିମୁଖୀ ପ୍ରବୃତ୍ତି ଯେ, କେବଳ ଭାରତରେ ଦେଖାଯାଏ ତା ନୁହେଁ, ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ, କାନାଡ଼ା ଓ ସୋଭିଏତ ଦେଶରେ ବି ଦେଖାଯାଇଛି ।

## ୭ । ଏକ ନାଗରିକତା

## ( Single Citizenship )

ଯୁକ୍ତରାଷ୍ଟ୍ର ସମ୍ବିଧାନରେ ଦ୍ୱି ନାଗରିକତା ପ୍ରଥା ସ୍ୱୀକୃତ ହୋଇଛି ବୋଲି କେତେକ ପଣ୍ଡିତ ଏହାକୁ ଗୋଟିଏ ସଂଘୀୟ ଉପାଦାନ ରୂପେ ଗ୍ରହଣ କରନ୍ତି । ଯୁକ୍ତରାଷ୍ଟ୍ରର ଜଣେ ବ୍ୟକ୍ତି ନିଜେ ବାସ କରୁଥିବା ରାଜ୍ୟର ନାଗରିକ ହେବା ସଂଗେ ସଂଗେ ସଂଘୀୟ ଯୁକ୍ତରାଷ୍ଟ୍ରର ନାଗରିକ ରୂପେ ବିବେଚିତ ହୁଏ । ଭାରତ ସମ୍ବିଧାନ ଏହି ଦ୍ୱୈତ ନାଗରିକତ୍ୱକୁ ଗ୍ରହଣ କରିନାହିଁ । ଶାସନ ବିଧାୟକ ସଭାରେ ଡକ୍ଟର ଆମ୍ବେଦକର କହିଥିଲେ ଯେ, ସମଗ୍ର ଭାରତପାଇଁ ଏକ ନାଗରିକତ୍ୱ ସ୍ୱୀକୃତ । ରାଜ୍ୟର ଅଧିବାସୀମାନଙ୍କୁ ଉକ୍ତରାଜ୍ୟର ନାଗରିକ କୁହାଯାଏ ନାହିଁ । ସମ୍ବିଧାନର ୧୪ ଧାରାରେ କୁହାଯାଇଛି ଯେ, ରାଷ୍ଟ୍ର କାହାରିକୁ ଆଇନ୍ ଦୃଷ୍ଟିରେ ସମତା ଓ ଆଇନଗତ ନିରାପତ୍ତା ଦେବାକୁ ଅସ୍ୱୀକାର କରିପାରିବ ନାହିଁ । ଜାତି, ଧର୍ମ, ବଂଶ, ଗୋଷ୍ଠୀ, ଲିଙ୍ଗ, ଜନ୍ମସ୍ଥାନ ବିଷୟରେ ରାଷ୍ଟ୍ର କୌଣସି ନାଗରିକପାଇଁ ଭେଦଭାବ ସୃଷ୍ଟି କରିବ ନାହିଁ ବୋଲି ସମ୍ବିଧାନର ୧୫ (କ) ଧାରାରେ ଉଲ୍ଲେଖ ଅଛି । ୧୬ ଧାରା ଅନୁସାରେ ନିଯୁକ୍ତି କ୍ଷେତ୍ରରେ ପ୍ରତ୍ୟେକ ନାଗରିକ ସମାନ ସୁବିଧା ସୁଯୋଗ ପାଇବାର ବ୍ୟବସ୍ଥା ରହିଛି । କିନ୍ତୁ ବିଭିନ୍ନ ରାଜ୍ୟରେ ପ୍ରଚଳିତ ନିବାସ ନିୟମ ( domicile rules ) ଅନୁସାରେ ଏକ ନାଗରିକତା ବ୍ୟାଘାତ ହେଉଛି ବୋଲି ଏମ୍. ଭି. ପାଇଲି ମତ ଦେଉଛନ୍ତି ।

**ମୌଳିକ ଅଧିକାର (Fundamental Rights)** ଭାରତୀୟ ସମ୍ବିଧାନର ଗୋଟିଏ ମୌଳିକ ଲକ୍ଷଣ ହେଲା, ମୌଳିକ ଅଧିକାର ସମ୍ବନ୍ଧୀୟ ବ୍ୟବସ୍ଥା । ନ୍ୟାୟପାଳିକା ହେଉଛି ମୌଳିକ ଅଧିକାର ଗୁଡ଼ିକର ସଂରକ୍ଷକ । ନ୍ୟାୟାଳୟ ମାଧ୍ୟମରେ ମୌଳିକ ଅଧିକାର ବାଧ୍ୟକାରୀ ହେବା ବିଧାନ ରହିଛି । ଭାରତୀୟ ସମ୍ବିଧାନରେ ଥିବା ମୌଳିକ ଅଧିକାର ଗୁଡ଼ିକ ହେଲା; (କ) ସମତାର ଅଧିକାର, (ଖ) ସ୍ୱାଧୀନତାର ଅଧିକାର (ଗ) ଶୋଷଣ ବିରୁଦ୍ଧରେ ଅଧିକାର (ଘ) ଧର୍ମୀୟ ସ୍ୱାଧୀନତାର ଅଧିକାର (ଚ) ସମ୍ପତ୍ତିର ଅଧିକାର ଏବଂ (ଛ) ସାମ୍ବିଧାନିକ ପ୍ରତିକାରର ଅଧିକାର ।

ଏହି ମୌଳିକ ଅଧିକାର ଗୁଡ଼ିକ ବ୍ୟକ୍ତିର ଦୈହିକ, ମାନସିକ, ନୈତିକ ବିକାଶଲାଗି ଅଭିପ୍ରେତ । ମଣିଷ ଜୀବନର ସୁରକ୍ଷା ପାଇଁ ଉପଯୋଗୀ ହେବା ମୌଳିକ ସ୍ୱାତନ୍ତ୍ର୍ୟ ଓ ସର୍ତ୍ତାବଳୀ ମୌଳିକ ଅଧିକାର ମାଧ୍ୟମରେ ଦିଆଯାଇଛି । ନ୍ୟାୟ, ନାଗରିକତା, ଆଚରଣ, ମାନବିକ ମର୍ଯ୍ୟାଦା ପ୍ରଭୃତିର ଆଦର୍ଶ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ମୌଳିକ ଅଧିକାର ସ୍ୱାଧୀନତାର ଆଦର୍ଶକୁ ସୁରକ୍ଷିତ କରେ । ତେଣୁ ସେଗୁଡ଼ିକ ମଣିଷର ଅବିଚ୍ଛେଦ୍ୟ ଅଧିକାର ବୋଲି ଧରି ନିଆଯାଏ ।

ଏହି ଅଧିକାରଗୁଡ଼ିକ ଅନିଶ୍ୟ ଅବାଧ ବା ଅସୀମ ନୁହେଁ । ସମ୍ବିଧାନରେ ପ୍ରତ୍ୟେକ ଅଧିକାର ଉପରେ ସୀମା ନିର୍ଦ୍ଦିଷ୍ଟ ହୋଇଛି । ଏହି ସୀମାଗୁଡ଼ିକରୁ କେତେଗୁଡ଼ିଏ ଏଭଳି ବ୍ୟାପକ ଯେ, ସେଗୁଡ଼ିକ ଅନ୍ୟକୌଣସି ରାଷ୍ଟ୍ରର ସମ୍ବିଧାନରେ ନାହିଁ; ଉଦାହରଣ ସ୍ୱରୂପ, ନିରୋଧକ ଅଟକ ( Prevention Detention ) ବ୍ୟବସ୍ଥା ।

ମୌଳିକ ଅଧିକାରଗୁଡ଼ିକ କ୍ଷମତାସୀନ ରାଜନୈତିକ ଦଳର ମର୍ଜିଉପରେ ନିର୍ଭରଶୀଳ ହେବା ଉଚିତ ନୁହେଁ । କିନ୍ତୁ ଭାରତୀୟ ସମ୍ବିଧାନରେ ଲିପିବଦ୍ଧ ମୌଳିକ ଅଧିକାର ଗୁଡ଼ିକ ସଂଖ୍ୟା ଗରିଷ୍ଠ ଶାସକଦଳ ଇଚ୍ଛାନୁସାରେ ନିର୍ଦ୍ଧାରିତ ପ୍ରଣାଳୀରେ ପରିବର୍ତ୍ତନ କରି ପାରନ୍ତି । ଇତି ମଧ୍ୟରେ ବିଳିଷ୍ଠ ବିରୋଧ ସତ୍ତ୍ୱେ ସରକାରୀ ଦଳ ସମ୍ବିଧାନର ମୌଳିକ ଅଧିକାର ସଂକ୍ରାନ୍ତ ଅଧ୍ୟାୟ କେତେଥର ସଂଶୋଧନ କରି ସାରିଛି । ସଂସଦ ମୌଳିକ ଅଧିକାରକୁ ସଂଶୋଧନ କରିବା ଉଚିତ କି ନା ଏହା ଉପରେ କେବେ ମତୈକ୍ୟ ପ୍ରକାଶ ପାଇନାହିଁ । ତେବେ ମୌଳିକ ଅଧିକାର ଉପରେ ସରକାରୀ ହସ୍ତକ୍ଷେପ ଅବାଞ୍ଛନୀୟ ହେଲେହେଁ, ପରିବର୍ତ୍ତନଶୀଳ ଜଗତରେ କୌଣସି ଅପରିବର୍ତ୍ତନୀୟ ମୌଳିକ ଅଧିକାର ଧାରଣା ପ୍ରଗତି ପଥରେ ଅନ୍ତରାୟରୂପେ ବିବେଚିତ ହୋଇପାରେ ।

## ୮ । ନିର୍ଦ୍ଦେଶକ ନୀତି

**( Directive Principles of State policy )**

ମୌଳିକ ଅଧିକାର ବ୍ୟତୀତ ଭାରତୀୟ ସମ୍ବିଧାନରେ ଆୟର୍ଲାଣ୍ଡର ସମ୍ବିଧାନକୁ ଅନୁକରଣ କରି କେତେଗୁଡ଼ିଏ ନିର୍ଦ୍ଦେଶକ ନୀତି ସନ୍ନିବେଶିତ ହୋଇଅଛି । ମୌଳିକ

ଅଧିକାର ଗୁଡ଼ିକ ନ୍ୟାୟାଳୟ ମାଧ୍ୟମରେ ସଂରକ୍ଷିତ ହୋଇପାରେ । କିନ୍ତୁ ନିର୍ଦ୍ଦେଶ ନୀତିଗୁଡ଼ିକୁ କୌଣସି ନ୍ୟାୟାଳୟ ବଳବତ୍ତର କରିପାରିବ ନାହିଁ । ଭବିଷ୍ୟତରେ ଜନମଙ୍ଗଳ ରାଷ୍ଟ୍ର ଗଢ଼ିବାପାଇଁ ଏହି ନୀତିଗୁଡ଼ିକ ସଂବିଧାନ ପ୍ରଣେତାଗଣଙ୍କ ଉପଦେଶାବଳୀ ଭିନ୍ନ ଅନ୍ୟ କିଛି ନୁହେଁ । ଏହି ନିର୍ଦ୍ଦେଶ ନୀତିଗୁଡ଼ିକର ପ୍ରଧାନ ବିଷୟ ବସ୍ତୁ ହେଲା ଜନସାଧାରଣଙ୍କ ଅର୍ଥନୈତିକ ଅଧିକାର ଯଥା, କର୍ମର ଅଧିକାର, ବେକାର, ବୃଦ୍ଧ, ବିକଳାଙ୍ଗ ଓ ପୀଡ଼ିତ ବ୍ୟକ୍ତିମାନଙ୍କର ସରକାରୀ ସାହାଯ୍ୟ ପାଇବା ଅଧିକାର, ପର୍ଯ୍ୟାପ୍ତ ଜୀବନ ଧାରଣ ଉପାୟଲବ୍ଧି ଅଧିକାର, ଜୀବନ ଧାରଣ ଉପଯୋଗୀ ମଜୁରିର ଅଧିକାର ଇତ୍ୟାଦି । ସମାଜବାଦ ପ୍ରତିଷ୍ଠା ହେଲା ଏହି ନୀତିଗୁଡ଼ିକର ଅନ୍ୟ ଏକ ଉଦ୍ଦେଶ୍ୟ । ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ ବିଷୟରୁ ଆରମ୍ଭକରି ବିଚାର ବିଭାଗର ପୃଥକୀକରଣ, କ୍ଷମତାର ବିକେନ୍ଦ୍ରୀକରଣ, ଐତିହାସିକ ସ୍ମୃତିପୀଠ ଗୁଡ଼ିକର ସୁରକ୍ଷଣ, ଆନ୍ତର୍ଜାତିକ ଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରଚେଷ୍ଟା ପ୍ରଭୃତି ନାନାବିଧ ବିଷୟ ଏହି ନିର୍ଦ୍ଦେଶ ନୀତିଗୁଡ଼ିକରେ ଅନ୍ତର୍ଭୁକ୍ତ କରାଯାଇଛି ବୋଲି କେ. ଏମ୍. ସେଲ୍‌ହୋତ୍ କହିଛନ୍ତି । ଏମ୍. ସି. ଚଗଲା ଆଶା ପ୍ରକାଶ କରିଛନ୍ତି ଯେ, ଏହି ନୀତି ଗୁଡ଼ିକ ପୂର୍ଣ୍ଣ ମାତ୍ରାରେ କାର୍ଯ୍ୟରେ ପରିଣତ ହୋଇପାରିଲେ ଭାରତବର୍ଷ ସ୍ୱର୍ଗରେ ପରିଣତ ହୋଇଯିବ ।

## ୯ । ଏକ ଜନମଙ୍ଗଳ ରାଷ୍ଟ୍ର

**( A welfare State )**

ଭାରତୀୟ ସମ୍ବିଧାନର ପ୍ରାକ୍‌କଥନରେ ଯେଉଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ବିଚାର, ଚିନ୍ତା, ମତ ପ୍ରକାଶ, ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା, ସୁଯୋଗର ସମତା, ବ୍ୟକ୍ତିର ମର୍ଯ୍ୟାଦା ଓ ରାଷ୍ଟ୍ରୀୟ ଐକ୍ୟର ସୁରକ୍ଷା, ଭ୍ରାତୃଭାବର ବୃଦ୍ଧି ପ୍ରଭୃତି ଲିପିବଦ୍ଧ ହୋଇଛି, ତାହା ଏକ ଜନମଙ୍ଗଳ ରାଷ୍ଟ୍ର ଗଠନର ସହାୟକ ହୁଏ । ଐହିକ ଓ ପାରତ୍ରିକ ଅସମାନତାକୁ ଦୂର କରିବାର ଅଭିପ୍ରାୟ, ଭାରତୀୟ ସଂବିଧାନରେ ରହିଛି । ସାମ୍ୟ ବିନା ନ୍ୟାୟ ସମ୍ଭବପର ନୁହେଁ । ଗୋଟିଏ ସୁସ୍ଥ, ସାମାଜିକ ବାତାବରଣ ମଧ୍ୟରେ ନିଯୁକ୍ତି କ୍ଷେତ୍ରରେ ମାନବୋଚିତ ପରିସ୍ଥିତି ସୃଷ୍ଟି, ପ୍ରସୂତି ଚିକିତ୍ସା ଓ ସାହାଯ୍ୟ, ଅବସର, ପ୍ରତ୍ୟେକ ବ୍ୟକ୍ତିର ସାଂସ୍କୃତିକ ବିକାଶ, ଶ୍ରମ ଓ କଳକାରଖାନାରେ ଶୋଷଣ ନିରୋଧ ଏବଂ ନିଶୁଳ୍କ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ଆଦି ନିର୍ଦ୍ଦେଶକ ନୀତିରେ ଅନ୍ତର୍ଭୁକ୍ତ । ପରିଶ୍ରମ ପାଇଁ ଯଥାର୍ଥ ମଜୁରି ଦେଲେ, ଅର୍ଥନୈତିକ ନ୍ୟାୟ ପ୍ରତିଷ୍ଠା ହୋଇପାରେ । ଅର୍ଥନୈତିକ ନ୍ୟାୟ ଭିତ୍ତି ଉପରେ ସୁସ୍ଥ ଓ ସୁଦୃଢ଼ ରାଷ୍ଟ୍ର ଗଠିତ ହୋଇପାରିବ । ଉଲ୍ଲିଖିତ ଆଦର୍ଶଗୁଡ଼ିକ ସଫଳ ହେବାପାଇଁ ସମାଜରେ ଭ୍ରାତୃତ୍ୱ, ପରସ୍ପର ସ୍ନେହ, ଶ୍ରଦ୍ଧା ଓ ସହାନୁଭୂତି ଆବଶ୍ୟକ । ପ୍ରତ୍ୟେକ ବ୍ୟକ୍ତିର ସମାନ ଅଧିକାର ଓ ମର୍ଯ୍ୟାଦା ରହିଛି । ଜଣେ ଅନ୍ୟଠାରୁ ଯାହା ଆଶା କରେ, ସେ ନିଜେ ଅନ୍ୟମାନଙ୍କୁ ତାହା ଦେବା ଉଚିତ । ଏହି ଆଦର୍ଶ ଅନୁସାରେ ଏକ ଜନମଙ୍ଗଳ ତଥା ସମାଜସେବୀ ରାଷ୍ଟ୍ର ଗଠନ କରିବା ହେଉଛି ଭାରତ ସମ୍ବିଧାନର ଉଦ୍ଦେଶ୍ୟ । ସଂଖ୍ୟା-

ଲଘୁ ଓ ଦୁର୍ବଳ ସଂପ୍ରଦାୟର ଆକାଂକ୍ଷା ପରାହତ ହେଲେ ଜନମଙ୍ଗଳ ରାଷ୍ଟ୍ର ସମ୍ଭବପର ହେବ ନାହିଁ । ଆମ ଦେଶର ସମ୍ବିଧାନ ପ୍ରଣେତାମାନେ ଏ ବିଷୟରେ ଅବହିତ ଥିଲେ । ତେଣୁ ୪୬ ଧାରାରେ କୁହାଯାଇଛି ଯେ, ଦୁର୍ବଳ ଗୋଷ୍ଠୀର ଶିକ୍ଷାଗତ ଓ ସାଂସ୍କୃତିକ ବିକାଶ ପ୍ରତି ରାଷ୍ଟ୍ର ବିଶେଷ ଦୃଷ୍ଟି ଦେବା ଉଚିତ । ସାମାଜିକ ଓ ଶୈକ୍ଷିକ କ୍ଷେତ୍ରରେ ଅନୁନ୍ନତ ଗୋଷ୍ଠୀକୁ ଅଧିକ ସୁଯୋଗ ଦେବାପାଇଁ ସମ୍ବିଧାନର ୧୫ ଧାରା ସଂଶୋଧିତ ହୋଇ ରାଷ୍ଟ୍ରକୁ ନିର୍ଦ୍ଦେଶ ଦିଆଯାଇଛି । ୨୯ ଧାରାକୁ ସଂଶୋଧିତ କରାଯାଇ ହରିଜନ ଓ ଅନ୍ୟାନ୍ୟ ଅନୁନ୍ନତ ଜାତିମାନଙ୍କଲାଗି ଶିକ୍ଷାନୁଷ୍ଠାନରେ ସ୍ଥାନ ସଂରକ୍ଷଣ କରାଯାଇଛି । ଅନୁନ୍ନତ ଶ୍ରେଣୀର ଲୋକଙ୍କପାଇଁ ଚାକିରି ସଂରକ୍ଷଣ ଦିଗରେ ସଂବିଧାନର ୧୬ ଧାରାରେ ରାଷ୍ଟ୍ରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ୨୯ ଓ ୩୦ ଧାରାନୁଯାୟୀ ସଂଖ୍ୟା ଲଘୁ ଗୋଷ୍ଠୀର ଲୋକେ ନିଜ ଭାଷା, ଲିପି ଓ ସଂସ୍କୃତିକୁ ରକ୍ଷା କରି ପାରିବେ । ଆଙ୍ଗ୍ଲୋ ଭାରତୀୟ ସଂପ୍ରଦାୟରୁ ଜଣେ କେହି ଲୋକସଭାକୁ ନିର୍ବାଚିତ ହୋଇନଥିଲେ ରାଷ୍ଟ୍ରପତି ଉକ୍ତ ସଂପ୍ରଦାୟରୁ ଅନଧିକ ଦୁଇଜଣ ସଦସ୍ୟଙ୍କୁ ମନୋନୀତ କରିପାରନ୍ତି । ଉଲ୍ଲିଖିତ ନୀତିକୁ ଦୃଷ୍ଟିରେ ରଖି ଭାରତୀୟ ସଂବିଧାନ ଭାରତକୁ ଏକ ଜନମଙ୍ଗଳ ରାଷ୍ଟ୍ରରେ ପରିଣତ କରିବା ଦିଗରେ ପ୍ରୟାସୀ ବୋଲି କୁହାଯାଇପାରେ ।

## ୧୦ । ନମନୀୟତା ଓ ଅନମନୀୟତାର ସମନ୍ୱୟ

କେନ୍ଦ୍ର ଓ ଅଙ୍ଗୀଭୂତ ରାଜ୍ୟ ଗୁଡ଼ିକର ସ୍ୱାଧୀନତା ଅକ୍ଷୁଣ୍ଣ ରଖିବାପାଇଁ ରାଷ୍ଟ୍ରସଂଘୀୟ ସଂବିଧାନରେ କ୍ଷମତା ବଣ୍ଟନ ନୀତି ଦୁଷ୍ପରିବର୍ତ୍ତନୀୟ ହେବା ଉଚିତ; ଏହା ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ସମ୍ମତି ବ୍ୟତୀତ ପରିବର୍ତ୍ତିତ ହେବା ଉଚିତ ନୁହେଁ । ଏହି ଦୃଷ୍ଟିରୁ ଆମ ସଂବିଧାନ ଦୁଷ୍ପରିବର୍ତ୍ତନୀୟ ତଥା ଅନମନୀୟ । ଆଇନ୍ ପ୍ରଣୟନ ବିଷୟକ କ୍ଷମତା ବଣ୍ଟନ, ରାଷ୍ଟ୍ରପତିଙ୍କ ନିର୍ବାଚନ ସଂପର୍କୀୟ ୫୪ ଓ ୫୫ ଧାରା, କେନ୍ଦ୍ର ଓ ଅଂଗ ରାଜ୍ୟଗୁଡ଼ିକର କାର୍ଯ୍ୟ ପାଳିବା ଶକ୍ତି (Executive Power) ଇତ୍ୟାଦି ପରିସର ନିର୍ଦ୍ଧାରଣ ସମ୍ବନ୍ଧୀୟ ୭୩ ଓ ୧୬୨ ଧାରା, କେନ୍ଦ୍ର ଶାସିତ ଅଞ୍ଚଳରେ ନ୍ୟାୟାଳୟ ବ୍ୟବସ୍ଥା ଥିବା ୧୪୧ ଧାରା ପରିବର୍ତ୍ତନ କରିବାକୁ ହେଲେ ପ୍ରଥମେ ସଂଶ୍ଳିଷ୍ଟ ବିଧେୟକ ବିଷୟରେ ସଂସଦର ପ୍ରତ୍ୟେକ ସଦନରେ ମତଦାନକାରୀ ସଦସ୍ୟମାନଙ୍କ ମଧ୍ୟରୁ ଅନ୍ତତଃ ଦୁଇ ତୃତୀୟାଂଶ ଏବଂ ମୋଟ ସଦସ୍ୟ ସଂଖ୍ୟାର ଅର୍ଦ୍ଧାଧିକ ସଦସ୍ୟଙ୍କ ସମର୍ଥନ ଥିବା ପ୍ରୟୋଜନ । ତାପରେ ଉକ୍ତ ବିଧେୟକ ଭାରତୀୟ ରାଜ୍ୟଗୁଡ଼ିକ ମଧ୍ୟରୁ ଅନ୍ତତଃ ଅର୍ଦ୍ଧେକ ରାଜ୍ୟର ବିଧାନମଣ୍ଡଳ ଦ୍ୱାରା କେତେଗୋଟି ଧାରାର ଅନୁମୋଦିତ ସମୟରେ ରାଜ୍ୟ ବିଧାନମଣ୍ଡଳ ଗୁଡ଼ିକର ଅନୁମୋଦନ ପ୍ରୟୋଜନ ହୁଏନା । ଅଙ୍ଗୀଭୂତ ରାଜ୍ୟରେ ଦ୍ୱିତୀୟ ପରିଷଦର ପ୍ରତିଷ୍ଠା ବା ବିଲୋପ ସାଧନ ଏବଂ କୌଣସି ରାଜ୍ୟର ନାମ, ଭୂଭାଗ, ସୀମା, ସରହଦ ଆଦି ପରିବର୍ତ୍ତନ ଲାଗି ପାର୍ଲିମେଣ୍ଟ୍ ବା ସଂସଦ ସାଧାରଣ ଆଇନ୍ ପ୍ରଣୟନ ଲାଗି ଅନୁସୃତ ପ୍ରଣାଳୀରେ ସଂବିଧାନକୁ ସଂଶୋଧନ କରିପାରେ । ସୁତରାଂ ଭାରତୀୟ ସଂବିଧାନ ଉଭୟ ନମନୀୟତା ଏବଂ

ଅନମନୀୟତାର ସମ୍ମିଶ୍ରଣ କହିଲେ ଅତ୍ୟୁକ୍ତି ହେବନାହିଁ । ଅଧ୍ୟାପକ କେ. ସି. ହ୍ୱିଅର ଭାରତୀୟ ସମ୍ବିଧାନର ସଂଶୋଧନ ପଦ୍ଧତିକୁ ଅନୁଧ୍ୟାନ କରି ମନ୍ତବ୍ୟ କରିଛନ୍ତି ଯେ, କୌଣସି ସଂବିଧାନର ସଂଶୋଧନ ଲାଗି ଏହି ପ୍ରକାର ଭିନ୍ନ ଭିନ୍ନ ବ୍ୟବସ୍ଥା ଅନୁସୃତ ନ ହେଉଥିଲେ ମଧ୍ୟ ଭାରତର ସାମ୍ବିଧାନିକ ବ୍ୟବସ୍ଥାକୁ ସୁବିବେଚନା ପ୍ରସୂତ କୁହାଯାଇପାରେ ।

ଡ: ବେନିଙ୍ଗସ୍ ମତ ଦେଇଛନ୍ତି ଯେ, ଭାରତରେ ସଂବିଧାନ ସଂଶୋଧନ ପ୍ରଥା ଜଟିଳ ହୋଇଥିଲେହେଁ, ସମ୍ବିଧାନର ପ୍ରତ୍ୟେକ ଅଂଶ ସୂକ୍ଷ୍ମ ଭାବରେ ବର୍ଣ୍ଣିତ ହୋଇଛି ଏବଂ ଏଗୁଡ଼ିକ ଆଇନ୍‌ର ବିସ୍ତୃତ ପରିସରକୁ ବ୍ୟାପକ ଭାବେ ଘେରି ରଖିଛି । ସେହି ହେତୁ ପ୍ରତି ପଦକ୍ଷେପରେ ସାମ୍ବିଧାନିକ ବୈଧତାର ପ୍ରଶ୍ନ ଉଠିବା ସମ୍ଭାବନା ଅଛି । ତେଣୁ ତାଙ୍କ ମତରେ ଭାରତୀୟ ସମ୍ବିଧାନ ଅନମନୀୟ ଅଟେ । କିନ୍ତୁ ଉପରୋକ୍ତ ତିନି ପ୍ରକାର ସମ୍ବିଧାନ ସଂଶୋଧନ ପ୍ରଣାଳୀକୁ ଲକ୍ଷ୍ୟକଲେ ଜଣାଯାଏ ଯେ ଭାରତୀୟ ସଂବିଧାନ ନମନୀୟ । ପୁଣି ସମ୍ବିଧାନ ସଂଶୋଧନ ପ୍ରଣାଳୀ କେବଳ ୩୬୮ ଧାରାରେ ସୀମାବଦ୍ଧ ହୋଇ ରହିନାହିଁ । ପ୍ରକୃତରେ ଏହା ସମ୍ବିଧାନର ଅନ୍ୟାନ୍ୟ ଭାଗରେ କିୟତ୍ ପରିମାଣରେ ରହିଛି । ସଂବିଧାନର ୪ ଏବଂ ୧୬୯ ଧାରାରେ ବି ସଂବିଧାନ ସଂଶୋଧନର ବ୍ୟବସ୍ଥା କରାଯାଇଛି । ଆଙ୍ଗ୍ଲୋ ଭାରତୀୟଙ୍କୁ ଜଣେ କେହି ଲୋକସଭାକୁ ନିର୍ବାଚିତ ନହେଲେ ରାଷ୍ଟ୍ରପତି ଉକ୍ତ ସଂପ୍ରଦାୟରୁ ଅନଧିକ ଦୁଇଜଣ ସଦସ୍ୟଙ୍କୁ ମନୋନୀତ କରିପାରନ୍ତି, ଯାହା ଫଳରେ ଲୋକସଭାର ସଦସ୍ୟ ସଂଖ୍ୟା ନିର୍ଦ୍ଧାରିତ ସୀମା ଟପି ଯାଇପାରେ । ଏଭଳି କ୍ଷମତା ରାଜ୍ୟପାଳଙ୍କର ମଧ୍ୟ ଅଛି । ସେହିପରି ୨୪୯ ଧାରାରେ ମତଦାନକାରୀମାନଙ୍କ ମଧ୍ୟରୁ ଦୁଇ ତୃତୀୟାଂଶ ଚାହିଁଲେ ରାଜ୍ୟ ତାଲିକାର ଯେ କୌଣସି ବିଷୟରେ ଆଇନ୍ ପ୍ରଣୟନ କରିବା କ୍ଷମତା ପାର୍ଲାମେଣ୍ଟଙ୍କୁ ମଧ୍ୟ ଦେଇପାରନ୍ତି । ଏହି ସମସ୍ତ କ୍ଷେତ୍ରରେ ସଂବିଧାନ ସଂଶୋଧନ ହେବା ପ୍ରଣାଳୀ ଆଂଶିକ ଭାବରେ ପରିଲକ୍ଷିତ ହୁଏ । ଡ: ଏମ୍. ପି. ଶର୍ମାଙ୍କ ମତରେ ଔପଚାରିକ ( Formal ) ସଂବିଧାନ ସଂଶୋଧନ ପ୍ରଥା ଅବଲମ୍ବନ ନ କରି ଯେଉଁ ସଂବିଧାନର ବ୍ୟବସ୍ଥାଗୁଡ଼ିକୁ ଉଦଭୂତ ପରିସ୍ଥିତିକୁ ସୁହାଇଲା ପରି ଅଦଳ ବଦଳ କରାଯାଇ ପାରେ, ସେହି ସଂବିଧାନକୁ ନମନୀୟ ସଂବିଧାନ କୁହାଯାଇପାରେ । ସମ୍ବିଧାନ (ଚତୁର୍ବିଂଶ ସଂଶୋଧନ) ଆଇନ୍ ଅନୁସାରେ ସଂବିଧାନର ଏହି ପ୍ରକୃତି ଅଧିକ ସୁସ୍ପଷ୍ଟ ହୋଇଯାଇଛି ।

## ୧୧ । ନ୍ୟାୟିକ ପୁନରାବଲୋକନ

ଅନ୍ୟାନ୍ୟ ସଂଘୀୟ ରାଷ୍ଟ୍ରପରି ଭାରତୀୟ ସଂବିଧାନରେ ବି ଏକ ଉଚ୍ଚତମ ନ୍ୟାୟାଳୟର ବ୍ୟବସ୍ଥା ରହିଛି । ଭାରତର ଉଚ୍ଚତମ ନ୍ୟାୟାଳୟ ( Supreme Court ) ହେଲା ସର୍ବୋଚ୍ଚ ନ୍ୟାୟାଳୟ । ଏହି ନ୍ୟାୟାଳୟର ଦାୟିତ୍ୱ ହେଲା ଏକ ପକ୍ଷରେ ସଂଘ ଓ ଅପର ପକ୍ଷରେ ଏକ ବା ଏକାଧିକ ରାଜ୍ୟ କିମ୍ବା ରାଜ୍ୟମାନଙ୍କ ମଧ୍ୟରେ କ୍ଷମତା ଓ ଅଧିକାର ଲାଗି ପରସ୍ପର ବିବାଦର ମୀମାଂସା ଏବଂ ମୌଳିକ ଅଧିକାର ଗୁଡ଼ିକର

ସୁରକ୍ଷଣ । କ୍ଷମତା ଦୃଷ୍ଟିରୁ ଭାରତର ଉଚ୍ଚତମ ନ୍ୟାୟାଳୟ ଇଂଲଣ୍ଡ ଓ ଯୁକ୍ତରାଷ୍ଟ୍ରରେ ଉଚ୍ଚତମ ନ୍ୟାୟାଳୟ ମଧ୍ୟ ଭାଗରେ ଅବସ୍ଥିତ । ଇଂଲଣ୍ଡର ଉଚ୍ଚତମ ନ୍ୟାୟାଳୟ ପାର୍ଲାମେଣ୍ଟ କର୍ତ୍ତୃକ ପ୍ରଣୀତ କୌଣସି ଆଇନ୍‌କୁ ଅବୈଧ ବୋଲି ଘୋଷଣା କରିପାରିବ ନାହିଁ, କାରଣ ଇଂଲଣ୍ଡର ସଂସଦ ସାର୍ବଭୌମ କ୍ଷମତା ଉପଭୋଗ କରେ । ଭାରତୀୟ ଉଚ୍ଚତମ ନ୍ୟାୟାଳୟ କେତେଗୁଡ଼ିଏ ସୀମାବଦ୍ଧ ବିଷୟରେ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନମଣ୍ଡଳ ଗୁଡ଼ିକର ଆଇନ୍‌ର ବୈଧତାର ବିଚାର କରିପାରେ । କାରଣ ଭାରତୀୟ ସଂସଦ ଏ ପ୍ରକାର ସାର୍ବ-ଭୌମ କ୍ଷମତା ଉପଭୋଗ କରେ । ଭାରତ ସମ୍ବିଧାନରେ ୧୩, ୩୨, ୧୩୧, ୧୩୬ ଓ ୨୪୬ ଧାରା ଗୁଡ଼ିକରେ ନ୍ୟାୟିକ ପୁନରାବଲୋକନର ଆବଶ୍ୟକତା ସୂଚିତ ହୋଇଛି ।

## ୧୬ । ସ୍ୱାଧୀନ ନ୍ୟାୟପାଳିକା

**( Independent Judiciary )**

ଭାରତୀୟ ସଂବିଧାନରେ ସ୍ୱାଧୀନ ନ୍ୟାୟପାଳିକା ଗଠନ ଲାଗି ବ୍ୟବସ୍ଥାମାନ ରହିଛି । ନ୍ୟାୟାଧୀଶମାନଙ୍କ ନିଯୁକ୍ତି କ୍ଷେତ୍ରରେ ସଂବିଧାନ ନିରପେକ୍ଷତା ଅବଲମ୍ବନ ଲାଗି ନିୟମ ଧାର୍ଯ୍ୟ କରିଛି । ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟ ଗୁଡ଼ିକରେ ନ୍ୟାୟାଧୀଶ ନିଯୁକ୍ତିବେଳେ ରାଷ୍ଟ୍ରପତି ଭାରତର ପ୍ରଧାନ ନ୍ୟାୟାଧୀଶଙ୍କ ସହ ପରାମର୍ଶ କରିବାପାଇଁ ବାଧ୍ୟ । ପରମ୍ପରା ରହି ଆସିଛି ଯେ ଉଚ୍ଚତମ ନ୍ୟାୟଳୟର ପ୍ରଧାନ ନ୍ୟାୟାଧୀଶଙ୍କ ନିଯୁକ୍ତିବେଳେ ଅବସର ପ୍ରାପ୍ତ ପ୍ରଧାନ ନ୍ୟାୟାଧୀଶଙ୍କ ସଙ୍ଗେ ପରାମର୍ଶ କରିବା ବାଞ୍ଛନୀୟ । ରାଷ୍ଟ୍ରପତି ଇଚ୍ଛାକଲେ ଅନ୍ୟ ଯେ କୌଣସି ନ୍ୟାୟାଧୀଶଙ୍କ ସଙ୍ଗେ ପରାମର୍ଶ କରି ପାରନ୍ତି । ନ୍ୟାୟାଧୀଶମାନେ ୬୫ ବା ୬୨ ବର୍ଷ ଯାଏ, ନିଜ ଆସନରେ ରହନ୍ତି; କ୍ଷମତା ସୀନ ଦଳ ଚାହିଁଲେ ସେମାନଙ୍କ ଅବସର ପରେ ମଧ୍ୟ ଆଜୀବନ କ୍ଷମତାସୀନ କରିପାରନ୍ତି ବୋଲି କହିଲେ ଅତୁକ୍ତି ହେବ ନାହିଁ ବୋଲି ଏସ୍. ଏଲ୍. සିକ୍ରୀ ମତ ଦେଇଛନ୍ତି । ସେମାନଙ୍କର ସେବା ସର୍ତ୍ତାବଳୀ ସେମାନଙ୍କ କାର୍ଯ୍ୟ ମଧ୍ୟରେ ସେମାନଙ୍କ ସ୍ୱାର୍ଥବିରୋଧୀ ଭାବରେ ପରିବର୍ତ୍ତନ କରିହେବ ନାହିଁ । ସେମାନଙ୍କୁ ଉଚ୍ଚ ଦରମା ଓ ଭତ୍ତା ଦେବାର ବ୍ୟବସ୍ଥା ଅଛି । ସେମାନଙ୍କୁ ବରଖାସ୍ତ କରିବାପାଇଁ ଆବେଦନ ପତ୍ର ଅନ୍ୟ କୌଣସି ସମୟରେ ପାର୍ଲାମେଣ୍ଟରେ ସମାଲୋଚନା ହୋଇ ପାରିବ ନାହିଁ । ଇଚ୍ଛାନୁଯାୟୀ ସେମାନଙ୍କୁ ନିଜ ପଦବୀରୁ ବରଖାସ୍ତ କରାଯାଇ ପାରିବ ନାହିଁ । ସେମାନଙ୍କୁ ବହିଷ୍କାର କରିବାପାଇଁ ସଂବିଧାନରେ କଠୋର ବ୍ୟବସ୍ଥା ରହିଛି । ବିଚାର ବିଭାଗକୁ ମୁକ୍ତ, ସ୍ୱତନ୍ତ୍ର, ସ୍ୱାଧୀନ, ନିରପେକ୍ଷ ଏବଂ ବିଶୁଦ୍ଧ ରଖିବାପାଇଁ, ଉଚ୍ଚରୁ ନିମ୍ନସ୍ତର ଯାଏଁ ଏହାକୁ ଶାସନ ବିଭାଗ ନିୟନ୍ତ୍ରଣରୁ ପୃଥକ୍ ରଖିବାପାଇଁ ସଂବିଧାନରେ ଉଲ୍ଲେଖ ରହିଛି । ପୁଣି ଅବସର ନେବା ପରେ ନ୍ୟାୟାଧୀଶମାନେ ସରକାରଙ୍କ ଅଧୀନରେ କୌଣସି ନୂତନ ଦାୟିତ୍ୱ ନେବେ ନାହିଁ କିମ୍ବା ନିଜେ ନ୍ୟାୟାଧୀଶ ଆସନରେ ଥିବା କୌଣସି ନ୍ୟାୟାଳୟରେ ଅଧିବକ୍ତା ରୂପେ କାର୍ଯ୍ୟକରି ପାରିବେ ନାହିଁ । ଉଚ୍ଚତମ ନ୍ୟାୟା-ଳୟର ନ୍ୟାୟାଧୀଶ ବୃନ୍ଦ ଅବସର ପରେ ଆଦୌ ଅଧିବକ୍ତା ବ୍ୟବସାୟ କରିପାରିବେ ନାହିଁ ।

## ୧୩ । ସାର୍ବଜନୀନ ସାବାଳକଙ୍କ ମତଦାନ ଅଧିକାର

**( Universal Adult Suffrage )**

ଭାରତୀୟ ସଂବିଧାନ ପ୍ରାପ୍ତବୟସ୍କ ବ୍ୟକ୍ତିମାନଙ୍କୁ ମତଦାନ ଅଧିକାର ଦେଇଛି । ୨୧ ବର୍ଷରୁ ଊର୍ଦ୍ଧ୍ୱ ପ୍ରତ୍ୟେକ ଭାରତୀୟ ନାଗରିକର ମତ ଦେବାର ଅଧିକାର ଅଛି । ଇଂଲଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକାରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରାପ୍ତ ବୟସ୍କ ନାଗରିକ କୁହାଯାଏ । ଭାରତରେ ଏହି ବୟସ ସୀମା ୨୧ ବର୍ଷ । ଭାରତୀୟ ନାଗରିକମାନେ ହିନ୍ଦୁ, ମୁସଲମାନ ବା ଖ୍ରୀଷ୍ଟିୟାନ୍ ହିସାବରେ ମତ ନଦେଇ ନାଗରିକ ଭାବରେ ମତ ଦିଅନ୍ତି, କାରଣ ସ୍ୱତନ୍ତ୍ର ମତଦାତା ମଣ୍ଡଳ ଗଠନ କରିବା ବ୍ୟବସ୍ଥା ଉଠି ଯାଇଛି । ଧନୀ, ଗରିବ, ଶିକ୍ଷିତ, ଅଶିକ୍ଷିତ, ସ୍ତ୍ରୀ, ପୁରୁଷ ନିର୍ବିଶେଷରେ ପ୍ରାପ୍ତ ବୟସ୍କ ନାଗରିକ ପ୍ରତ୍ୟେକ ଲୋକସଭା ଓ ବିଧାନସଭା ଲାଗି ହେଉଥିବା ନିର୍ବାଚନରେ ମତଦାନ ଅଧିକାର ଉପଭୋଗ କରନ୍ତି । ଭାରତର ଅନୁନ୍ନତ ଓ ଅଶିକ୍ଷିତ ସମାଜକୁ ଦୃଷ୍ଟିରେ ରଖି ଶାସନ ବିଧାୟକ ସଭାର କେତେଜଣ ସଭ୍ୟ ଏହି ପ୍ରଥାର ବିରୋଧ କରିଥିଲେ ହେଁ, ଆଲ୍ଲାଦି କ୍ରିଷ୍ଣସ୍ୱାମୀ ଆୟାର୍ ମନ୍ତବ୍ୟ ଦେଇଛନ୍ତି "ସାଧାରଣ ଲୋକଙ୍କୁ ବିଶ୍ୱାସ କରି, ଗଣତନ୍ତ୍ରର ଚରମ ସଫଳତାକୁ ଦୃଷ୍ଟି ସମ୍ମୁଖରେ ରଖି, ପ୍ରାପ୍ତବୟସ୍କ ମତାଧିକାର ଉପରେ ନିର୍ଭରଶୀଳ ଗଣତାନ୍ତ୍ରିକ ସରକାର ଜନସାଧାରଣଙ୍କ ଉନ୍ନତି; ସୌଭାଗ୍ୟର ଉଦୟ; ଜୀବନଧାରଣବୋକାଶ; ଶାନ୍ତି, ସ୍ୱାଧୀନତା ଓ ସୁବିଧାର ପରିବର୍ଦ୍ଧନ ଲାଗି ସହାୟକ ହେବେ ବୋଲି ଆଶାକରି ଆମେ ଏହି ପ୍ରଥା ଗ୍ରହଣ କରିଛୁ ।"

## ୧୪ । ଜନତାର ସାର୍ବଭୌମତ୍ୱ

ଭାରତରେ ଜନ ସାଧାରଣ ହେଉଛନ୍ତି ସମ୍ବିଧାନର ଉତ୍ସ । ଭାରତର ଜନ ସାଧାରଣ ସାମୂହିକ ଭାବରେ ସଂବିଧାନ ରଚନା କରିଛନ୍ତି । ମାନ୍ୟବର ବିଶ୍ୱରପତି ପାତଞ୍ଜଳ ଶାସ୍ତ୍ରୀ କହନ୍ତି ଯେ ଭାରତୀୟ ସଂବିଧାନର ପ୍ରାକ୍‌କଥନରେ ଏଭଳି ଏକ ଗଣତାନ୍ତ୍ରିକ ଆଦର୍ଶ ଲିପିବଦ୍ଧ ହୋଇଛି, ଯେଉଁଥିରେ ପ୍ରତ୍ୟେକ ମଣିଷର ମର୍ଯ୍ୟାଦାକୁ ସୁରକ୍ଷିତ କରିବା ସଙ୍ଗେ ସଙ୍ଗେ ମାନବିକ ମୂଲ୍ୟବୋଧକୁ ସମ୍ମାନିତ କରାଯାଇଛି । ତେଣୁ ସଂଘ ସରକାର, ଉଚ୍ଚତମ ନ୍ୟାୟାଳୟ କିମ୍ବା ସଂବିଧାନକୁ ସାର୍ବଭୌମତ୍ୱ ଦିଆ ନଯାଇ, ତାହା ଜନସାଧାରଣଙ୍କ-ଠାରେ ନ୍ୟସ୍ତ କରାଯାଇଛି ।

## ୧୫ । ରାଜ୍ୟଗୁଡ଼ିକର ଏକତ୍ରୀକରଣ ଏବଂ ଗଣତନ୍ତ୍ରୀକରଣ

ସଂବିଧାନର ଆଉ ଗୋଟିଏ ବିଶେଷ ଲକ୍ଷଣ ହେଲା ଯେ, ପୂର୍ବତନ ଦେଶୀୟ ରାଜ୍ୟ ଗୁଡ଼ିକ ଭାରତ ସହିତ ଛିନ୍ନ ଭାବରେ ସଂଯୁକ୍ତ ହୋଇ ଭାରତୀୟ ସଂବିଧାନ ଦ୍ୱାରା ନିୟନ୍ତ୍ରିତ ହେଉଛନ୍ତି । କେତେଗୋଟି ଦେଶୀୟ ରାଜ୍ୟକୁ ପାର୍ଶ୍ୱବର୍ତ୍ତୀ ରାଜ୍ୟ ସହିତ ମିଶାଇ ଦିଆ ଯାଇଛି । ଅବଶିଷ୍ଟ କେତେଗୁଡ଼ିଏ ରାଜ୍ୟ ଏକତ୍ରିତ ହୋଇ ବୃହଦାକାର ଧାରଣ କରିଛନ୍ତି

ବା ପୁରାତନ ସତ୍ତା ବଜାୟ ରଖିଛନ୍ତି । ୧୯୫୬ ରେ ରାଜ୍ୟଗୁଡ଼ିକର ପୁନର୍ଗଠନ ପରେ ପୃଥକ୍ ସତ୍ତା ବଜାୟ ରଖିପାରିଥିବା ଭଳି ରାଜ୍ୟର ସଂଖ୍ୟା ଅତି ଅଳ୍ପ । ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ କାର୍ଯ୍ୟୋପଯୋଗୀ ତୀକ୍ଷ୍ଣବୁଦ୍ଧି, ରାଜନୈତିକ ବିଚକ୍ଷଣତା ଓ ଚତୁର ଶାସନ ପ୍ରଣାଳୀ ବଳରେ ରାଜ୍ୟ ଗୁଡ଼ିକର ଏକତ୍ରୀକରଣ ସଂଭବ ହୋଇଛି ଏବଂ ଭାରତର ରାଜନୈତିକ ଏକତା ସୁଦୃଢ଼ ହୋଇ ପାରିଛି ।

ପରିଶେଷରେ ଏତିକି କୁହାଯାଇ ପାରେ ଯେ, ଯେଉଁମାନେ ସଂବିଧାନ ରଚନା କରିଛନ୍ତି, ସେମାନେ ଏଡ଼ମଣ୍ଡ ବର୍କ, ଏ. ଭି. ଡାଇସି, ଜନ୍ ଷ୍ଟୁଆର୍ଟ ମିଲ୍ ପ୍ରଭୃତି ଲେଖକଙ୍କ ମତ ଦ୍ୱାରା ଅନୁପ୍ରାଣିତ ହୋଇ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଉପରେ ବିଶେଷ ଜୋର ଦେଇଛନ୍ତି । ଅବଶ୍ୟ ଅନ୍ୟ ଦିଗରେ କିଛି କିଛି ସମାଜବାଦୀ ଧ୍ୟାନଧାରଣା ମଧ୍ୟ ସଂବିଧାନରେ ଅନ୍ତର୍ଭୁକ୍ତ କରାହୋଇଛି ।

# ପଞ୍ଚମ ପରିଚ୍ଛେଦ

## ମୌଳିକ ଅଧିକାର

## ( Fundamental Rights )

### ସାଧାରଣ ପ୍ରକୃତି

### ( General Nature )

ମାନବ ଇତିହାସ ଯେତିକି ପୁରୁଣା, ମଣିଷ ଓ ରାଷ୍ଟ୍ର ମଧ୍ୟରେ ସଂଘର୍ଷ ବି ସେତିକି ପୁରୁଣା । ରାଷ୍ଟ୍ର ଓ ବ୍ୟକ୍ତି ମଧ୍ୟରେ ପ୍ରତିଯୋଗିତା ମୂଳକ ଦାବୀର ଏକ ଯଥାର୍ଥ ସମାଧାନ କରିବା ଲାଗି ବହୁ ଶତାବ୍ଦୀଧରି ପ୍ରଚେଷ୍ଟା ହୋଇଥିଲେ ସୁଦ୍ଧା ସମାଧାନର ସୂତ୍ର ଅଜି ସୁଦ୍ଧା ବାହାରିନାହିଁ । ଏଥିପାଇଁ ମୁଖ୍ୟତଃ ମାନବ ସମାଜର ଗତିଶୀଳ ପ୍ରକୃତିହିଁ ଦାୟୀ, କାରଣ ଏପରି ପରିସ୍ଥିତିରେ ପୁରାତନ ଆଦର୍ଶ, ଶକ୍ତି ଓ ମୂଲ୍ୟ ସବୁବେଳେ ନୂତନ ଭାବଧାରା ଆଗରେ ମୁଣ୍ଡ ନୁଆଁଇ ଆସିଛି । ଏହା ସତ୍ୟ ଯେ, ମଣିଷ ନିଜକଥା ଓ କାର୍ଯ୍ୟ ବିଷୟରେ ଅଖଣ୍ଡ ଅଧିକାର ପାଇଲେ ଚାରିଆଡ଼େ ବିଭ୍ରାଟ ଓ ବିଶୃଙ୍ଖଳା ଦେଖାଦେବ । ଅପର ପକ୍ଷରେ ରାଷ୍ଟ୍ର ଯଦି ଅସୀମ ଓ ନିରଙ୍କୁଶ କ୍ଷମତାର ଅଧିକାରୀ ହୁଏ, ତେବେ ପରିଣାମ ହେବ ଦୌରାତ୍ମ୍ୟ ଓ ଅତ୍ୟାଚାର । ତେଣୁ ବ୍ୟକ୍ତିଗତ ସ୍ୱାଧୀନତା ଓ ସାମାଜିକ ନିୟନ୍ତ୍ରଣ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବାପାଇଁ ସମ୍ବିଧାନ ବିଶାରଦ ଓ ଶାସନ କର୍ତ୍ତାମାନେ ସର୍ବଦା ଚେଷ୍ଟିତ । ଗଣତାନ୍ତ୍ରିକ ରାଷ୍ଟ୍ରରେ ଏହି ସମସ୍ୟା ଗୁରୁତର ଆକାର ଧାରଣ କରିଥାଏ, କାରଣ ଗଣତନ୍ତ୍ରର ସଫଳତା ଓ ବିଫଳତା ଲୋକମାନଙ୍କ ସାମାଜିକ ଅଧିକାର ଉପଭୋଗର ମାତ୍ରା ଉପରେ ନିର୍ଭର କରେ । ଗଣତନ୍ତ୍ର ପ୍ରତ୍ୟେକ ମଣିଷର ବ୍ୟକ୍ତିତ୍ୱର ବିକାଶ ଦିଗରେ ଲକ୍ଷ୍ୟ ରଖିଥାଏ, କାରଣ ପ୍ରତ୍ୟେକ ବ୍ୟକ୍ତିର ବ୍ୟକ୍ତିତ୍ୱ ତାର ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ସହିତ ଅବିଚ୍ଛିନ୍ନ ଭାବରେ ଜଡ଼ିତ ।

ରାଷ୍ଟ୍ର ନାଗରିକମାନଙ୍କୁ ନେଇ ଗଠିତ । ନାଗରିକମାନଙ୍କପାଇଁ ସୁନ୍ଦର ଓ ପୂର୍ଣ୍ଣାଙ୍ଗ ଜୀବନ ଯୋଗାଇ ଦେବାରେ ହିଁ ରାଷ୍ଟ୍ରର ଅସ୍ତିତ୍ୱର ସାର୍ଥକତା ପ୍ରତିପାଦିତ ହୁଏ । ରାଷ୍ଟ୍ର ନାଗରିକମାନଙ୍କର ବ୍ୟକ୍ତିତ୍ୱର ବିକାଶ ଓ ସୁଖ ସମୃଦ୍ଧିର ସହାୟକ ହେବ ବୋଲି ଲୋକେ ରାଷ୍ଟ୍ରର ଆନୁଗତ୍ୟ ସ୍ୱୀକାର କରନ୍ତି । ପ୍ରତ୍ୟେକ ବ୍ୟକ୍ତି ତାର ସୁପ୍ତ କ୍ଷମତାକୁ ବିକଶିତ କରି ଏକ ସଂପୂର୍ଣ୍ଣ ସୁଖମୟ ଜୀବନ ଯାପନ କରିବାପାଇଁ ଆଶା ଓ ଆକାଂକ୍ଷା ରଖିଥାଏ । କିନ୍ତୁ କେବଳ ଇଚ୍ଛାକଲେ ସେ ସୁଖୀହେବା ସମ୍ଭବପର ନୁହେଁ । ଏଥିପାଇଁ ଅନୁକୂଳ ପରିବେଶ ଓ ସୁବିଧା ସୁଯୋଗ ପ୍ରୟୋଜନ । ଅନ୍ୟର ଆକ୍ରମଣରୁ ନିଜକୁ ରକ୍ଷା କରିବାପାଇଁ, ନିରାପଦ

ଜୀବନ ଉପଭୋଗ କରିବାପାଇଁ, ଅନ୍ନ, ବସ୍ତ୍ର, ଓ ଆଶ୍ରୟର ସଂସ୍ଥାନ; ଆଧୁନିକ ପୃଥିବୀର ଘଟଣାବଳୀର ଗତିବିଧି ଜାଣିବାପାଇଁ ଶିକ୍ଷାର ଆବଶ୍ୟକତା; ନିଜର ଭାବ ବ୍ୟକ୍ତ କରିବା ପାଇଁ ମତ ପ୍ରକାଶର ସ୍ୱାଧୀନତା; ମିଳିତ କାର୍ଯ୍ୟାନୁଷ୍ଠାନ ପାଇଁ ସଂଘବଦ୍ଧ ହେବାର ସ୍ୱାଧୀନତା ପ୍ରଭୃତି ଅଧିକାର ପ୍ରତ୍ୟେକ ନାଗରିକ ପାଖରେ ରହିବା ଉଚିତ । ଏହା ବ୍ୟତୀତ ନିର୍ବାଚନରେ ମତଦେବା ଏବଂ ଅନ୍ୟର ମତଦାନ ଫଳରେ ନିର୍ବାଚିତ ହେବାର ଅଧିକାର ବି ରହିବା ପ୍ରୟୋଜନ । ଏହି ସକଳ ସୁବିଧାର ଆଧାର ହେଉଛି ରାଷ୍ଟ୍ର, କାରଣ ରାଷ୍ଟ୍ରରେହିଁ ମୌଳିକ ଅଧିକାର ଉପଭୋଗ କରିବାପାଇଁ ଉଚିତ ଓ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରେ । ସମାଜ ଭିତରେ ଅଧିକାରର ଅର୍ଥ ସୁସ୍ପଷ୍ଟ ହୁଏ କାରଣ ସୀମିତ ସ୍ୱାତନ୍ତ୍ର୍ୟ ହିଁ ପ୍ରକୃତ ସ୍ୱାତନ୍ତ୍ର୍ୟ । ମୌଳିକ ଅଧିକାର ରାଷ୍ଟ୍ରଶକ୍ତିକୁ ନୈତିକତା ଦିଏ । ଉତ୍ତମ ଜୀବନ ଯାପନ କରିବାପାଇଁ ମୌଳିକ ଅଧିକାର ଆବଶ୍ୟକ ବୋଲି ସେଗୁଡ଼ିକୁ ପ୍ରାକୃତିକ ଅଧିକାର ( Natural rights ) କୁହାଯାଏ । ବଞ୍ଚି ରହିବାପାଇଁ ଯେପରି ପବନ, ଆଲୁଅ ଓ ଖାଦ୍ୟର ଆବଶ୍ୟକତା ଅଛି, ମୁକ୍ତ ଜୀବନ ଉପଭୋଗ କରିବାପାଇଁ ସେହିପରି ମୌଳିକ ଅଧିକାର ଦରକାର । ରାଷ୍ଟ୍ର ଯେତେବେଳେ ନାଗରିକମାନଙ୍କ ଶରୀର ପୂର୍ତ୍ତି ବିକାଶ ପାଇଁ ପ୍ରୟୋଜନୀୟ ଅଧିକାର ପ୍ରଦାନ ଓ ସଂରକ୍ଷଣର ବ୍ୟବସ୍ଥା କରେ, ସେତେବେଳେ ହିଁ ତାର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୁଏ । କୌଣସି ରାଷ୍ଟ୍ରର ପ୍ରକୃତ ରୂପ କଅଣ, ତାର ବିଚାରର ମାପକାଠି ହେଲା, ସେହି ରାଷ୍ଟ୍ର କେତେଦୂର ପର୍ଯ୍ୟନ୍ତ ନାଗରିକ ଅଧିକାର ପ୍ରଦାନ କରିବାକୁ ସମର୍ଥ ହୋଇଛି । ଲାସ୍କିଙ୍କ ଭାଷାରେ କୁହାଯାଇପାରେ "ରାଷ୍ଟ୍ରରେ ପରିଚୟ ଥାଏ, ରାଷ୍ଟ୍ରରେ ସଂରକ୍ଷିତ ଅଧିକାରରେ ।" ଯେଉଁ ରାଷ୍ଟ୍ର ନାଗରିକର ବ୍ୟକ୍ତିତ୍ୱପାଇଁ ଅପରିହାର୍ଯ୍ୟ ସର୍ତ୍ତଗୁଡ଼ିକ ସଂରକ୍ଷିତ କରେ ନାହିଁ, ସେହି ରାଷ୍ଟ୍ର ଲକ୍ଷ୍ୟ ଭ୍ରଷ୍ଟ ହୋଇଛି ବୋଲି କୁହାଯାଏ । ଟି. ଏଚ. ଗ୍ରୀନ୍ କହିଛନ୍ତି, ମାନବିକ ପ୍ରତିଭାର ବିକାଶୋପଯୋଗୀ ବିଧି ବ୍ୟବସ୍ଥା କରିବା ରାଷ୍ଟ୍ରର ପ୍ରଧାନ କର୍ତ୍ତବ୍ୟ । ମାନବିକ ଅଧିକାରଗୁଡ଼ିକୁ ସାଧାରଣତଃ ତିନି ଭାଗରେ ବିଭକ୍ତ କରାଯାଇପାରେ— ସାମାଜିକ (Civil ), ରାଜନୈତିକ (Political ) ଓ ଅର୍ଥନୈତିକ (Economic) । ଯେଉଁ ସୁବିଧା ସୁଯୋଗ ବ୍ୟତୀତ ସାମାଜିକ ଜୀବନ ନିରର୍ଥକ ହୋଇଥାଏ ମୋଟାମୋଟି ଭାବରେ ସେହିଗୁଡ଼ିକୁ ହିଁ ସାମାଜିକ ଅଧିକାର ବୋଲି ଅଭିହିତ କରାଯାଏ; ଯଥା— ଜୀବନର ଅଧିକାର, ପାରିବାରିକ ଜୀବନର ଅଧିକାର, ଗମନାଗମନ ଅଧିକାର, ଧର୍ମପ୍ରୀତି ଅଧିକାର ଇତ୍ୟାଦି । ରାଜନୈତିକ ଅଧିକାର ହେଲା, ରାଷ୍ଟ୍ରୀୟ ଜୀବନରେ ସକ୍ରିୟ ଅଂଶ ଗ୍ରହଣର ସୁଯୋଗ ସୁବିଧା । ନିର୍ବାଚନରେ ମତ ଦେବାର ଅଧିକାର, ନିର୍ବାଚିତ ହେବାର ଅଧିକାର, ସରକାରୀ କର୍ତ୍ତୃପକ୍ଷଙ୍କୁ ଆବେଦନ କରିବା ଅଧିକାର, ସରକାରୀ କାର୍ଯ୍ୟର ସମାଲୋଚନା କରିବା ଅଧିକାର ପ୍ରଭୃତି ରାଜନୈତିକ ଅଧିକାରରେ ଅନ୍ତର୍ଭୁକ୍ତ । ଯେଉଁ ଅର୍ଥନୈତିକ ସୁବିଧା ସୁଯୋଗ ବ୍ୟତୀତ ମଣିଷ ଅଭାବ, ଅସୁବିଧାରୁ ମୁକ୍ତି ପାଏନା ତାହାକୁ ଅର୍ଥନୈତିକ ଅଧିକାର କୁହାଯାଏ । କର୍ମ କ୍ଷେତ୍ରରେ ଅଧିକାର, ଉପଯୁକ୍ତ ପରିଶ୍ରମ ଲାଗି ଉପଯୁକ୍ତ ମଜୁରି ପାଇବାର ଅଧିକାର ଇତ୍ୟାଦି ଅର୍ଥନୈତିକ ଅଧିକାର ମଧ୍ୟରେ ଯାଏ ।

ରାଜନୈତିକ କ୍ଷେତ୍ରରେ ଏକଦଳୀୟ ଏକଛତ୍ରବାଦକୁ ଏଡ଼େଇବାକୁ ମୌଳିକ ଅଧିକାରଗୁଡ଼ିକ ନିତାନ୍ତ ପ୍ରୟୋଜନ । ଅନେକ ସମୟରେ ଅନନ୍ତ କ୍ଷମତା ସମ୍ପନ୍ନ ରାଜା, ମହାରାଜା ଓ ଏକଛତ୍ର ଶାସକ ଲୋକଙ୍କ ମୌଳିକ ଅଧିକାର ଉପରେ କୁଠାରାଘାତ କରିବାକୁ ପଶ୍ଚାତ୍ପଦ ନାହିଁ । ବେଳେବେଳେ ସଂସଦରେ ବହୁମତ ଧରି କ୍ଷମତା ଉପଭୋଗ କରି ଅଥବା କୌଣସି ରାଜନୈତିକ ଦଳ ଅଯୌକ୍ତିକ ଆଇନ ଦ୍ୱାରା ଆଂଶିକ ଭାବରେ ବା ପୂର୍ଣ୍ଣ ଭାବରେ ଜନସାଧାରଣଙ୍କ ମୌଳିକ ଅଧିକାରକୁ ଛିନ୍ନ କରିପାରେ । ବର୍ତ୍ତମାନ ପ୍ରଶ୍ନ ଉଠେ ଗଣତନ୍ତ୍ର ରାଷ୍ଟ୍ରର ଆତ୍ମା ସ୍ୱରୂପ ଥିବା ପ୍ରୟୋଜନୀୟ ଅଧିକାର ସମୂହକୁ ସଂରକ୍ଷିତ କରିବାର ପନ୍ଥା କଣ ? ସ୍ୱାଧୀନତା ଓ ଅଧିକାର ସଂରକ୍ଷଣ ପାଇଁ ସାଧାରଣତଃ ଯେଉଁ ସବୁ ପନ୍ଥା ନିର୍ଦ୍ଦେଶ କରାଯାଏ, ସେଥିମଧ୍ୟରେ ଆଇନ୍‌ର ଶାସନ ( Ru'e of law ), କ୍ଷମତା ପୃଥକୀକରଣ ଓ ନ୍ୟାୟପାଳିକାର ସ୍ୱାଧୀନତା ଓ ଲିଖିତ ସମ୍ବିଧାନର ଅଧିକାର ସନନ୍ଦର ଘୋଷଣା । ଆଇନ୍‌ର ଶାସନକୁ ଅଧିକାରର ଅନ୍ୟ ଏକ ରକ୍ଷାକବଚ କୁହାଯାଏ । ବିଶେଷ କରି ଆଇନ୍‌ର ପ୍ରାଧାନ୍ୟ ଓ ଆଇନଗତ କ୍ଷମତାକୁ ଆଇନ୍‌ର ଶାସନ କୁହାଯାଏ । ଏହି ଅବସରରେ ଜନସାଧାରଣ କୌଣସି ବ୍ୟକ୍ତି ବା ଅନୁଷ୍ଠାନର ସର୍ବଭୌମତ୍ୱକୁ ସ୍ୱୀକାର କରନ୍ତି । ଲକ୍, ମଣ୍ଟେସ୍କ୍ୟୁ, ମାଡ଼ିସନ୍ ପ୍ରଭୃତି ଅନେକ ବିଦ୍ୱାନ୍ କ୍ଷମତା ପୃଥକୀକରଣ ନୀତିକୁ ସ୍ୱାଧୀନତା ଓ ଅଧିକାରର ଭିତ୍ତି ସ୍ୱରୂପ ବିବେଚନା କରିଥିଲେ । ବର୍ତ୍ତମାନ ପୂର୍ଣ୍ଣ ସ୍ୱତନ୍ତ୍ରୀକରଣ ସମ୍ଭବପର ନହୋଇଥିଲେ ମଧ୍ୟ ଶାସନ ବିଭାଗ ଠାରୁ ବିଚାର ବିଭାଗର ସ୍ୱାଧୀନତାକୁ ପୃଥିବୀର ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ର ସମର୍ଥନ କରୁଛନ୍ତି । ଏହାଛଡ଼ା ଲିଖିତ ସମ୍ବିଧାନ ଗୁଡ଼ିକରେ ମୌଳିକ ଅଧିକାର ଲିପିବଦ୍ଧ ହୋଇଥିବା ସଙ୍ଗେ ସଙ୍ଗେ ଅଧିକାର ସଂରକ୍ଷଣରେ ଉପାୟ ବି ଥାଏ । ମୌଳିକ ଅଧିକାରଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ଉପାୟ ନ ଥିଲେ ସେଗୁଡ଼ିକର ଅର୍ଥ ନ ଥାଏ ।

## ଭାରତରେ ମୌଳିକ ଅଧିକାରର କ୍ରମବିକାଶ

୧୮୮୫ ଖ୍ରୀଷ୍ଟାବ୍ଦରେ ଭାରତୀୟ ଜାତୀୟ କଂଗ୍ରେସ ଗଠିତ ହେଲା । ଭାରତୀୟମାନେ ସେମାନଙ୍କର ବ୍ରିଟିଶ ଶାସକ ଗୋଷ୍ଠୀଠାରୁ ସମାନ ସୁଯୋଗ ଓ ଅଧିକାର ଉପଭୋଗ କରିବାର କ୍ଷମତାକୁ ହୃଦ୍‌ବୋଧ କରିଥିଲେ । ସେମାନେ ସାମ୍ରାଜ୍ୟବାଦୀ ଶାସନରେ ଯବନିକା ଟାଣିବାପାଇଁ ଦୃଢ଼ପ୍ରତିଜ୍ଞ ହୋଇଥିଲେ । ଶ୍ରୀମତୀ ଆନିବେସାନ୍ତ ୧୯୨୫ରେ ଭାରତୀୟ ରାଜ୍ୟଗୋଷ୍ଠୀ ସନନ୍ଦରେ ( Common wealth'of Indian Bill ) ସାତଗୋଟି ମୌଳିକ ଅଧିକାରର ବ୍ୟବସ୍ଥା କରିଥିଲେ । ଯେ କୌଣସି ପରିସ୍ଥିତିରେ ଆମ୍ଭର ମୌଳିକ ଅଧିକାରଗୁଡ଼ିକୁ ସୁରକ୍ଷିତ କରିବା ଓ କୌଣସି ପରିସ୍ଥିତିରେ ସେଗୁଡ଼ିକୁ ପ୍ରତ୍ୟାହାର ନ କରିବାଲାଗି ୧୯୨୮ ଖ୍ରୀଷ୍ଟାବ୍ଦର ମୋତିଲାଲ ନେହେରୁ ରିପୋର୍ଟରେ ସୁପାରିଶ୍ କରାଯାଇଛି । ନେହେରୁ ରିପୋର୍ଟରେ ଉଲ୍ଲିଖିତ ମୌଳିକ ଅଧିକାରଗୁଡ଼ିକ ବର୍ତ୍ତମାନ ସମ୍ବିଧାନର ମୌଳିକ ଅଧିକାରର ଅଗ୍ରଗାମୀ ବୋଲି କୁହାଯାଏ । ୧୯୩୧ରେ

ଭାରତୀୟ ଜାତୀୟ କଂଗ୍ରେସର କରାଚୀ ଅଧିବେଶନରେ ମୌଳିକ ଅଧିକାର ପ୍ରବର୍ତ୍ତନ ଏବଂ ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନ ସମ୍ପର୍କରେ ଗୃହୀତ ପ୍ରସ୍ତାବକୁ ଏକା ସଙ୍ଗରେ ମୌଳିକ ଅଧିକାରର ଘୋଷଣା ଓ ମାନବିକ ସମାଜବାଦୀ ଇସ୍ତାହାର କୁହାଯାଇପାରେ । ମୌଳିକ ଅଧିକାରଗୁଡ଼ିକର ପ୍ରୋତ୍ସାହନ ଦିଗରେ ୧୯୪୫ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ସାପ୍ରୁ ବିବରଣୀ ( Sapru Report ) ହେଲା ଏକ ବଳିଷ୍ଠ ପଦକ୍ଷେପ । ମୌଳିକ ଅଧିକାର ପ୍ରତିଷ୍ଠା ଦିଗରେ ଉକ୍ତ ବିବରଣୀରେ ଏକ ସାଂବିଧାନିକ ଯୋଜନାର ପରିକଳ୍ପନା କରାଯାଇଥିଲା । ଶାସନ ବିଧାୟକ ସଭା ୧କ ଉପଦେଷ୍ଟା କମିଟି ଗଢ଼ି, ମୌଳିକ ଅଧିକାର ବିଷୟରେ ସୁପାରିଶ କରିବାପାଇଁ ନିର୍ଦ୍ଦେଶ ଦେଇଥିଲେ । କମିଟିର ଅଧ୍ୟକ୍ଷ ସର୍ଦ୍ଦାର ପଟେଲ ୧୯୪୭ ଅପ୍ରେଲ ୧୯ ତାରିଖରେ ଶାସନ ବିଧାୟକ ସଭା ନିକଟରେ କମିଟିର ଅସ୍ଥାୟୀ ବିବୃତ ବିବରଣୀ ଉପସ୍ଥାପିତ କରିଥିଲେ । ଉକ୍ତ ରିପୋର୍ଟ ଉପରେ ନିର୍ଭର କରି ଶାସନ ବିଧାୟକ ସଭାର ପ୍ରାରୂପ ସମିତି (Drafting Committee) ସମ୍ବିଧାନରେ ମୌଳିକ ଅଧିକାରର ଉଲ୍ଲେଖ ନିମନ୍ତେ ବ୍ୟବସ୍ଥା କରିଥିଲେ ।

## ଭାରତୀୟ ମୌଳିକ ଅଧିକାରର ବିଶିଷ୍ଟ ଲକ୍ଷଣ

ଭାରତୀୟ ସଂବିଧାନରେ ବର୍ଣ୍ଣିତ ମୌଳିକ ଅଧିକାରଗୁଡ଼ିକର ନିମ୍ନଲିଖିତ ଲକ୍ଷଣ ଅଛି ।

୧ । ମାନବିକ ମୌଳିକ ଅଧିକାର ଘୋଷଣାକୁ ଗ୍ରହଣ କରି ନେଇଥିବା ସମ୍ବିଧାନଗୁଡ଼ିକ ମଧ୍ୟରେ ଭାରତୀୟ ସଂବିଧାନ ଉତ୍କୃଷ୍ଟ ସ୍ଥାନ ଅଧିକାର କରିଛି; ଅବଶ୍ୟ ଏହା ଫଳରେ ସୁବିସ୍ତାର ଓ ଜଟିଳ ରୂପ ଧାରଣ କରିଛି । ୨୪ ଗୋଟି ଧାରାରେ ମୌଳିକ ଅଧିକାରଗୁଡ଼ିକ ଲିପିବଦ୍ଧ ହୋଇଛି । ସେଗୁଡ଼ିକୁ ସାତଗୋଟି ବିଭାଗରେ ବିଭକ୍ତ କରାଯାଇଛି ଓ ସାତ ପ୍ରକାର ଅଧିକାର ନାଗରିକଙ୍କୁ ଦିଆଯାଇଛି ।

୨ । ଭାରତୀୟ ସଂବିଧାନରେ ବର୍ଣ୍ଣିତ ଅଧିକାର କେନ୍ଦ୍ର ସରକାରଙ୍କୁ ନିୟନ୍ତ୍ରିତ କରିବା ସଙ୍ଗେ ସଙ୍ଗେ ରାଜ୍ୟ ସରକାର ଓ ଆଇନ୍ ପ୍ରଣୟନ କରିପାରୁଥିବା କର୍ତ୍ତୃପକ୍ଷଙ୍କୁ ନିୟନ୍ତ୍ରିତ କରେ । ତେଣୁ ସେହି ଅଧିକାରଗୁଡ଼ିକ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକଙ୍କ ସମେତ, ଜିଲ୍ଲା ପରିଷଦ, ନଗର ପାଳିକା, ତାଲୁକା ପରିଷଦ, ଗ୍ରାମ ପଞ୍ଚାୟତ ଓ ଅନ୍ୟାନ୍ୟ ପ୍ରାଧିକାରୀଙ୍କପାଇଁ ଅପରିହାର୍ଯ୍ୟ ।

୩ । ଭାରତୀୟ ମୌଳିକ ଅଧିକାରଗୁଡ଼ିକ ଅସୀମ କିମ୍ବା ନିରଙ୍କୁଶ ନୁହନ୍ତି । ସେଗୁଡ଼ିକର ବ୍ୟତିକ୍ରମ ଓ ସୀମାନିର୍ଦ୍ଧାରଣ ସଂବିଧାନରେ ହିଁ ଲିପିବଦ୍ଧ ହୋଇଛି । ସଂବିଧାନ ସୀମା ନିର୍ଦ୍ଧାରଣ କରି ନଥିଲେ ବିଚାର ବିଭାଗ ମୌଳିକ ଅଧିକାରର ବ୍ୟାଖ୍ୟା କଲାବେଳେ ବା ଭାବ ବ୍ୟକ୍ତ କଲାବେଳେ ସୀମା ନିର୍ଦ୍ଧାରଣ କରିଥାଏ । ଏହି ଦୀର୍ଘ ଓ ଜଟିଳ ପ୍ରଣାଳୀକୁ ଏଡ଼ାଇବା ପାଇଁ ଆମ ଦେଶର ସଂବିଧାନରେ ହିଁ ଅଧିକାରଗୁଡ଼ିକୁ ଯୁକ୍ତିଯୁକ୍ତ ଭାବେ ସୀମିତ

କରାଯାଇଛି ଏବଂ ଭିନ୍ନ ଭିନ୍ନ ଅଧିକାର କିଭଳି ସୀମିତ ହେବ ତାହା ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି ।

୪ । ମୌଳିକ ଅଧିକାର ଉପଭୋଗ କରିବା ସଂକ୍ରାନ୍ତରେ ନାଗରିକ ଓ ବିଦେଶୀଙ୍କ ମଧ୍ୟରେ ଥିବା ପାର୍ଥକ୍ୟକୁ ସଂବିଧାନ ସ୍ୱୀକାର କରିଛି । ଅଭିବ୍ୟକ୍ତିର ସ୍ୱାଧୀନତା ପରି ମାତ୍ର କେତେଗୋଟି ଅଧିକାର କେବଳ ନାଗରିକ ମାନେହିଁ ଉପଭୋଗ କରିପାରନ୍ତି । ସମ୍ପତ୍ତିର ଅଧିକାର ପରି ଅନ୍ୟକେତେକ ଅଧିକାର ନାଗରିକ ଓ ବିଦେଶୀ ଉଭୟ ଶ୍ରେଣୀର ଲୋକେ ସମଭାବରେ ଉପଭୋଗ କରିପାରିବେ ବୋଲି ବ୍ୟବସ୍ଥା ଅଛି ।

୫ । ଯୁକ୍ତରାଷ୍ଟ୍ର ଆମେରିକାର ସମ୍ବିଧାନରେ ନବମ ସଂଶୋଧନ ଫଳରେ ଯୁକ୍ତ ହୋଇଥିବା ବ୍ୟବସ୍ଥା ଭାରତୀୟ ସଂବିଧାନରେ ନାହିଁ । ସେହି ସଂଶୋଧିତ ବ୍ୟବସ୍ଥାନୁସାରେ ସଂବିଧାନରେ ଲିପିବଦ୍ଧ ନ ହୋଇଥିବା ମୌଳିକ ଅଧିକାରରୁ ଆମେରିକୀୟମାନଙ୍କୁ ବଞ୍ଚିତ କରାଯାଇ ନାହିଁ । କିନ୍ତୁ ଭାରତୀୟ ମୌଳିକ ଅଧିକାର ଭାଗରେ ଅନ୍ତର୍ଭୁକ୍ତ ମୌଳିକ ଅଧିକାର ବ୍ୟତୀତ ଅନ୍ୟ କୌଣସି ଅଧିକାର ଉପଭୋଗ କରିବା ଲାଗି କେହି ଦାବୀକରି ପାରିବେ ନାହିଁ । ପୁଣି ଯୁକ୍ତରାଷ୍ଟ୍ର ଆମେରିକାରେ "ପ୍ରାକୃତିକ ନ୍ୟାୟ ନାମରେ ନ୍ୟାୟାଧୀଶମାନେ ସମ୍ବିଧାନର ବ୍ୟାଖ୍ୟା କରିବାକୁ ଯାଇ ଯେ କୌଣସି ମୌଳିକ ଅଧିକାରର ପରିସରକୁ କମାଇ ବା ବଢ଼ାଇ ଦେଇ ପାରନ୍ତି । ସେହି ପ୍ରକାର ବିଚାର ବିଭାଗୀୟ ସମୀକ୍ଷାକୁ ଭାରତୀୟ ସଂବିଧାନ ସୀମାବଦ୍ଧ କରିଛି ।

୬ । ଭାରତୀୟ ମୌଳିକ ଅଧିକାରଗୁଡ଼ିକ ବାସ୍ତବ କ୍ଷେତ୍ରରେ ରାଷ୍ଟ୍ର ଓ ତାର କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକ ସହିତ କେତେକ ବ୍ୟକ୍ତି ଓ ଅନୁଷ୍ଠାନରୁ ବି ଦାବୀ କରାଯାଇ ପାରେ । ଉଦାହରଣ ସ୍ୱରୂପ ଅସ୍ପୃଶ୍ୟତା ମାନୁଥିବା ଯେ କୌଣସି ବ୍ୟକ୍ତି ନ୍ୟାୟାଳୟ ଦ୍ୱାରା ଦଣ୍ଡିତ ହେବା ବ୍ୟବସ୍ଥା ସଂବିଧାନରେ ରହିଛି ।

୭ । ଭାରତୀୟ ସଂବିଧାନରେ ମୌଳିକ ଅଧିକାରଗୁଡ଼ିକର କେବଳ ସ୍ଥୂଳ ବର୍ଣ୍ଣନା ନହୋଇ ପ୍ରତ୍ୟେକ ଅଧିକାରର ସୁରକ୍ଷା ନିମିତ୍ତ ଶାସନତାନ୍ତ୍ରିକ ପ୍ରତିକାରର ବ୍ୟବସ୍ଥା ବି ହୋଇଛି । ଭାରତୀୟ ସଂବିଧାନରେ ବର୍ଣ୍ଣିତ ସାମ୍ବିଧାନିକ ପ୍ରତିକାରର ଅଧିକାର ( Right to Constitutional remedies )କୁ ଭିତ୍ତିକରି ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟମାନେ ଭିନ୍ନ ଭିନ୍ନ ପରିସ୍ଥିତିରେ ଭିନ୍ନ ଭିନ୍ନ ପରମାଦେଶ (writ) ଜାରି କରିବାପାଇଁ କ୍ଷମତା ସମ୍ପନ୍ନ ହୋଇଛନ୍ତି ।

୮ । ସମ୍ବିଧାନ ପ୍ରଣେତାମାନେ ମୌଳିକ ଅଧିକାରକୁ ଦୃଢ଼ୀଭୂତ ଓ ସୁରକ୍ଷିତ କରିବା ଦିଗରେ ଏବଂ ଶାସକ ବର୍ଗଙ୍କ ପ୍ରଭାବ ଓ ହସ୍ତକ୍ଷେପରୁ ସେଗୁଡ଼ିକୁ ରକ୍ଷା କରିବା ଦିଗରେ ବ୍ୟବସ୍ଥା କରିଛନ୍ତି । ତଥାପି ଜରୁରୀକାଳୀନ ପରିସ୍ଥିତିରେ ମୌଳିକ ଅଧିକାରଗୁଡ଼ିକ ସାମୟିକ ଭାବରେ ରହିତ ହେବାର ବ୍ୟବସ୍ଥା ସମ୍ବିଧାନରେ ରହିଛି ।

୯ । ମୌଳିକ ଅଧିକାରଗୁଡ଼ିକର ଅନ୍ୟ ଏକ ବିଶିଷ୍ଟ ଲକ୍ଷଣ ହେଲା ଅଧିକାର ଗୁଡ଼ିକର ସଂଶୋଧନ ପ୍ରଣାଳୀ । ଭାରତୀୟ ସଂବଧାନ ପ୍ରକୃତିରେ ରାଷ୍ଟ୍ରସଂଘୀୟ । ରାଷ୍ଟ୍ରସଂଘୀୟ ସମ୍ବିଧାନରେ ମୌଳିକ ଅଧିକାର ସଂଶୋଧନପାଇଁ ଉଭୟ କେନ୍ଦ୍ର ଓ ଅଙ୍ଗ ରାଜ୍ୟ ଗୁଡ଼ିକର ମିଳିତ ସମ୍ମତି ଆବଶ୍ୟକ ହୁଏ । କିନ୍ତୁ ଭାରତରେ ସଂବଧାନର ମୌଳିକ ଅଧିକାର ଥିବା ଭାଗର ସଂଶୋଧନ ଲାଗି ଏପରି ଦ୍ୱୈତ ସମ୍ମତି ଆବଶ୍ୟକ ହୁଏନାହିଁ । ସୁତରାଂ ପାର୍ଲିମେଣ୍ଟ ହିଁ ମୌଳିକ ଅଧିକାର ସଂଶୋଧନ ଲାଗି ଏକମାତ୍ର କ୍ଷମତାପ୍ରାପ୍ତ ଅନୁଷ୍ଠାନ ।

ବହୁ ବର୍ଷର ଆଲୋଚନା ପରେ ୧୯୭୩ ମସିହା ଏପ୍ରିଲ ମାସ ୨୪ ତାରିଖରେ ମୌଳିକ ଅଧିକାର ଗୁଡ଼ିକର ମୌଳିକ ପ୍ରକୃତି ନଷ୍ଟ ନ କରି, ସେ ଗୁଡ଼ିକୁ ସଂଶୋଧନ କରିବାର କ୍ଷମତା ପାର୍ଲିମେଣ୍ଟର ରହିଛି ବୋଲି ଭାରତର ଉଚ୍ଚତମ ନ୍ୟାୟାଳୟ ରାୟ ଦେଇଛନ୍ତି । ୩୬୮ ଧାରାରେ ବର୍ଣ୍ଣିତ ପ୍ରଣାଳୀରେ ମୌଳିକ ଅଧିକାର ଭାଗର ଯେ କୌଣସି ଅଂଶ ସଂଶୋଧିତ ହୋଇପାରିବ ।

## ଭାରତୀୟ ସଂବଧାନର ମୌଳିକ ଅଧିକାର ସମୂହ

ଭାରତୀୟ ସଂବଧାନରେ ଉଲ୍ଲିଖିତ ଅଧିକାରଗୁଡ଼ିକୁ କେତେଗୁଡ଼ିଏ ଶ୍ରେଣୀରେ ବିଭକ୍ତ କରାଯାଇଛି । ୧) ସମତାର ଅଧିକାର ( Right to Equality ) ୨) ସ୍ୱାଧୀନତାର ଅଧିକାର ( Right to Freedom ) ୩) ଶୋଷଣ ବିରୁଦ୍ଧରେ ଅଧିକାର ( Right against exploitation ) ୪) ଧର୍ମଗତ ସ୍ୱାଧୀନତାର ଅଧିକାର ( Right to freedom of Religion ) ୫) ସଂସ୍କୃତି ଓ ଶିକ୍ଷାଗତ ଅଧିକାର ( Cultural & Educational Rights ) ୬) ସମ୍ପତ୍ତିର ଅଧିକାର ( Right to Property ) ୭) ସାମ୍ବିଧାନିକ ପ୍ରତିକାରର ଅଧିକାର ( Right to Constitutional Remedies )

ମୌଳିକ ଅଧିକାର ପରିଚ୍ଛେଦରେ ବ୍ୟବହୃତ 'ରାଷ୍ଟ୍ର' ଶବ୍ଦର ସଂଜ୍ଞା ୧୨ ଧାରାରେ ନିରୂପଣ କରାଯାଇଛି । ରାଷ୍ଟ୍ର କହିଲେ କେନ୍ଦ୍ର ଶାସନର ସଂସଦ ଓ କାର୍ଯ୍ୟପାଳିକା ଏବଂ ଅଙ୍ଗ ରାଜ୍ୟ ଗୁଡ଼ିକର କାର୍ଯ୍ୟପାଳିକା ଓ ବିଧାନ ମଣ୍ଡଳକୁ ବୁଝାଏ । ତାଛଡ଼ା ଭାରତୀୟ ଭୂଖଣ୍ଡରେ ପ୍ରତ୍ୟେକ ଆଞ୍ଚଳିକ ସରକାର ଓ ଭାରତ ସରକାରଙ୍କ ଦ୍ୱାରା ନିୟନ୍ତ୍ରିତ ପ୍ରତ୍ୟେକ ଅନୁଷ୍ଠାନ 'ରାଷ୍ଟ୍ର' ପରିସର ଭିତରେ ଅନ୍ତର୍ଭୁକ୍ତ । ଜିଲ୍ଲାପରିଷଦ, ଜନପଦ ସଭା, ତାଲୁକ ପରିଷଦ, ଗ୍ରାମପଞ୍ଚାୟତ, ନଗର ପାଳିକା ଆଦି ଆଇନ୍, ବିଧି ବା ଉପବିଧି ପ୍ରଣୟନ କରିବାର କ୍ଷମତା ଥିବା ପ୍ରତ୍ୟେକ ଅନୁଷ୍ଠାନକୁ ଏହି ରାଷ୍ଟ୍ର ପର୍ଯ୍ୟାୟଭୁକ୍ତ କରାଯାଇଛି । ମୌଳିକ ଅଧିକରାଗୁଡ଼ିକ ଅବ୍ୟାହତ ରଖିବା ବିଷୟ ସଂବଧାନର ୧୩ ଧାରାରେ ବର୍ଣ୍ଣିତ

ହୋଇଛି । ଏହାର ଦୁଇଟି ପ୍ରଧାନ ପ୍ରବୃତ୍ତି ରହିଛି । ପ୍ରଥମତଃ ଅଧିକାରଗୁଡ଼ିକ ସହିତ ସାମଞ୍ଜସ୍ୟ ନଥିବା କୌଣସି ଆଇନ୍ କାର୍ଯ୍ୟକାରୀ ହୋଇପାରିବ ନାହିଁ । ଦ୍ୱିତୀୟତଃ ସମ୍ବିଧାନରେ ୧୩ (୧) ଧାରା ଅନୁସାରେ ସଂବିଧାନ ପ୍ରବର୍ତ୍ତିତ ହେବାର ଅବ୍ୟବହିତ ପୂର୍ବରୁ ଭାରତରେ ପ୍ରଚଳିତ ଥିବା ଆଇନ୍‌କାନୁନ୍, ମୌଳିକ ଅଧିକାରଗୁଡ଼ିକ ସହିତ ଅସଂଗତ ହେଲେ ଅସିଦ୍ଧ ହୋଇଯିବ । ଏହା ବ୍ୟତୀତ ସଂବିଧାନରେ ନିର୍ଦ୍ଦେଶ ଅଛି ଯେ, ରାଷ୍ଟ୍ର ମୌଳିକ ଅଧିକାର ଗୁଡ଼ିକୁ କ୍ଷୁଣ୍ଣକରି କୌଣସି ଆଇନ୍ ପ୍ରଣୟନ କରାଯାଇ ପାରିବ ନାହିଁ ଏବଂ ଆଇନ ପ୍ରଣୟନ କଲେ ସୁଦ୍ଧା ତାହା ଅକାମୀ ହୋଇଯିବ । ଏଠାରେ ପୁଣି ପ୍ରଶ୍ନ ଉଠେ ଯେ, ୩୬୮ ଧାରା ଅନୁସାରେ ସଂବିଧାନ ସଂଶୋଧନ କରି ପାର୍ଲିମେଣ୍ଟ ମୌଳିକ ଅଧିକାର ଗୁଡ଼ିକୁ ପରିବର୍ତ୍ତନ କରିପାରିବ କି ନାହିଁ ? ରାଷ୍ଟ୍ର ସାଧାରଣ ଆଇନ୍ ପ୍ରଣୟନ କରି ମୌଳିକ ଅଧିକାର ଗୁଡ଼ିକୁ କ୍ଷୁଣ୍ଣ କରିପାରିବ ନାହିଁ ବୋଲି ସମ୍ପ୍ରତି କାଳ ପର୍ଯ୍ୟନ୍ତ ଉଚ୍ଚତମ ନ୍ୟାୟାଳୟର ଅଭିମତ ଥିଲା । ମାତ୍ର ସମ୍ବିଧାନର ଚତୁର୍ବିଂଶ ସଂଶୋଧନ ପରେ ମୌଳିକ ଅଧିକାର ଗୁଡ଼ିକ ସଂଶୋଧିତ ହୋଇ ପାରିବ ବୋଲି ବ୍ୟବସ୍ଥା ହୋଇଛି ଓ ଉଚ୍ଚତମ ନ୍ୟାୟାଳୟ ଏହାକୁ ମାନି ନେଇଛି । ୧୩ (୨) ଅନୁଚ୍ଛେଦରେ ଲିଖିତ ଆଇନ୍ କେବଳ ସାଧାରଣ ଆଇନକୁ ବୁଝାଇବ ବୋଲି କୁହାଯାଇଛି । ୧୯୬୭ ମସିହାରେ ଗୋଲକନାଥ ମୋକଦ୍ଦମାରେ ଉଚ୍ଚତମ ନ୍ୟାୟାଳୟ ସମ୍ବିଧାନ ସଂଶୋଧନ ଦ୍ୱାରା ମୌଳିକ ଅଧିକାର ଗୁଡ଼ିକୁ କ୍ଷୁଣ୍ଣକରିବା କ୍ଷମତା ପାର୍ଲିମେଣ୍ଟର ନାହିଁ ବୋଲି ରାୟ ଦେଇଥିଲେ । କୌଣସି ଅଂଶକୁ ଶାଶ୍ୱତ ବା ଚିରନ୍ତନ ବା ଅଲଂଘନୀୟ ବୋଲି କହିବା ଅବାସ୍ତବ ବୋଲି ଉକ୍ତ ରାୟ ଅନୁସାରେ ସଂବିଧାନ ସଂଶୋଧିତ ହେଲା । ମାର୍କିନ ଯୁକ୍ତରାଷ୍ଟ୍ର ସମ୍ବିଧାନର (୫) ଧାରା ଉପଧାରାରେ ଲିପିବଦ୍ଧ ହୋଇଛି ଯେ, କୌଣସି ରାଜ୍ୟକୁ ତାର ସମ୍ମତି ବ୍ୟତୀତ ସିନେଟ୍‌ରେ ସମପ୍ରତିନିଧିତ୍ୱ ଅଧିକାରରୁ ବଞ୍ଚିତ କରାଯାଇ ପାରିବନାହିଁ । ଭାରତୀୟ ସଂବିଧାନରେ ଏହିଭଳି କୌଣସି ବ୍ୟବସ୍ଥା ନାହିଁ । ଉଚ୍ଚତମ ନ୍ୟାୟାଳୟ ୧୯୭୩ ମସିହା ଏପ୍ରିଲ୍ ୨୪ ତାରିଖରେ ୧୯୭୧ର ସମ୍ବିଧାନ ( ଚତୁର୍ବିଂଶ ) ସଂଶୋଧନ ଆଇନକୁ ତର୍ଜମା କରି ପାର୍ଲିମେଣ୍ଟକୁ ସମ୍ବିଧାନ ସଂଶୋଧନ କରିବା ଲାଗି ନିରଙ୍କୁଶ କ୍ଷମତା ପ୍ରଦାନ କରିଛନ୍ତି । ଉକ୍ତ ସଂଶୋଧନ ଆଇନରେ କୁହାଯାଇଛି ଯେ, ସଂରକ୍ଷିତ ମୌଳିକ ଅଧିକାର ଗୁଡ଼ିକୁ ପରିବର୍ତ୍ତନ (alter), କ୍ଷୁଣ୍ଣ ବା ହ୍ରାସ (abridge) କିମ୍ବା ରଦ୍ଦ ବା ହରଣ (abrogate) କରିବା କ୍ଷମତା ପାର୍ଲିମେଣ୍ଟଠାରେ ନ୍ୟସ୍ତ ହୋଇଛି । କେବଳ ପାର୍ଲିମେଣ୍ଟ ସମ୍ବିଧାନର ମୌଳିକ ଅଂଶକୁ ସଂଶୋଧନ କରିପାରିବେ ବୋଲି ତେରଜଣ ନ୍ୟାୟଧୀଶଙ୍କ ମଧ୍ୟରୁ ସାତଜଣ ମତ ଦେଇଛନ୍ତି । ସମ୍ବିଧାନ (୨୪ଶ) ସଂଶୋଧନ ଦ୍ୱାରା ୧୩ ଅନୁଚ୍ଛେଦରେ ଏକ ନୂତନ ବ୍ୟବସ୍ଥା ଯୋଗ ହୋଇଛି । ଉକ୍ତ ବ୍ୟବସ୍ଥାନୁଯାୟୀ ଧାରାରେ ବର୍ଣ୍ଣିତ ପ୍ରତିବନ୍ଧକ ଗୁଡ଼ିକ ଏହି ୩୬୮ ଧାରା ଅନୁସାରେ ପ୍ରଣୀତ ହୋଇଥିବା ଆଇନ୍ ପ୍ରତି ପ୍ରଯୁଜ୍ୟ ହେବ ନାହିଁ ।

## ସମତାର ଅଧିକାର

**( Right to Equality )**

ସମତାର ଅଧିକାର ଆଇନର ଶାସନପାଇଁ ଅତ୍ୟାବଶ୍ୟକ । ରାଷ୍ଟ୍ରୀୟ ସୁବ୍ୟବସ୍ଥା ଓ ସୁଶୃଙ୍ଖଳାପାଇଁ ଏହା ମୁଖ୍ୟ ଓ ମୌଳିକ ଅଟେ । ଏହାକୁ ଗଣତନ୍ତ୍ରର ମୂଳଭିତ୍ତି କୁହାଯାଏ । ଏହି ଅଧିକାର ବ୍ୟତୀତ ଅନ୍ୟ ସବୁ ଅଧିକାର ନିରର୍ଥକ ଓ ଅପ୍ରାକୃତିକ । ତେଣୁ ସମତାର ଅଧିକାର ସଂପର୍କରେ ସମ୍ବିଧାନରେ ୧୪ ଧାରାରେ କୁହାଯାଇଛି ଯେ, ଭାରତ ରାଷ୍ଟ୍ରର ଅଞ୍ଚଳ (Territory) ଭିତରେ କୌଣସି ବ୍ୟକ୍ତି "ଆଇନ ଗତ ସମତା" (Equality before law ) ଓ ଆଇନର ସମସଂରକ୍ଷଣ ( Equal protection of law ) ପାଇବାର ଅଧିକାରରୁ ବଞ୍ଚିତ ହୋଇ ପାରିବ ନାହିଁ । ସୁପ୍ରିମ କୋର୍ଟ ଏହି ଧାରାଟିର ବ୍ୟାଖ୍ୟା ପ୍ରସଙ୍ଗରେ କହିଛନ୍ତି ଯେ, ସଂବିଧାନର ପ୍ରସ୍ତାବନାରେ ସମସ୍ତଙ୍କପାଇଁ ବ୍ୟକ୍ତିଗତ ମର୍ଯ୍ୟାଦା ଏବଂ ସୁଯୋଗ ଓ ସୁବିଧାର ସମତା ପ୍ରତିଷ୍ଠା କରିବାର ଆଦର୍ଶ ଘୋଷଣା କରା ହୋଇଛି । ଏହି ମହାନ୍ ଆଦର୍ଶକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ହିଁ ସମତାର ଅଧିକାରକୁ ସର୍ବପ୍ରଥମ ମୌଳିକ ଅଧିକାର ହିସାବରେ ଗ୍ରହଣ କରାଯାଇଛି ।

ମୌଳିକ ଅଧିକାରକୁ ସୁରକ୍ଷିତ କରୁଥିବା ପୃଥିବୀର ପ୍ରାୟ ସମସ୍ତ ଲିଖିତ ସଂବିଧାନରେ "ଆଇନ୍‌ଗତ ସମତାର ଅଧିକାର" ବାକ୍ୟାଂଶ ଉଲ୍ଲିଖିତ ରହିଛି । ଏହା ଇଂଲଣ୍ଡର ସାଧାରଣ ଆଇନ ( Common law )ରୁ ଆସିଛି ; " ଆଇନ୍‌ଗତ ସମଭାବରେ ସଂରକ୍ଷିତ ହେବାର ଅଧିକାର" ବାକ୍ୟାଂଶକୁ ମାର୍କିନ ଯୁକ୍ତରାଷ୍ଟ୍ର ସମ୍ବିଧାନରୁ ଅଣାଯାଇଛି । ଏହି ଦୁଇଟି ଉକ୍ତିରେ ଥିବା ପାର୍ଥକ୍ୟ ସଂବନ୍ଧରେ ଉଚ୍ଚତମ ନ୍ୟାୟାଳୟର ଜଣେ ପୂର୍ବତନ ପ୍ରଧାନ ନ୍ୟାୟାଧିଶ ଶ୍ରୀଯୁକ୍ତ ସୁବାରାଓ କହିଛନ୍ତି ଯେ "ଆଇନଗତ ସମତା" ଉକ୍ତିଟି ହେଲ ନାସ୍ତିବାଚକ ( Negative ) । ଏଥି ଯୋଗୁ କୌଣସି ବ୍ୟକ୍ତିକୁ ବିଶେଷ ସୁବିଧା ଦିଆଯାଇ ପାରିବ ନାହିଁ ଓ ସାଧାରଣ ଆଇନ୍ ( Ordinary law ) ଦୃଷ୍ଟିରେ ସବୁଗୋଷ୍ଠୀ ଓ ସଂପ୍ରଦାୟର ଲୋକେ ସମାନଭାବରେ ଅନୁଗତ ରହିବେ । ଆଇନ୍ କର୍ତ୍ତୃକ "ସମଭାବରେ ସଂରକ୍ଷିତ ହେବାର ଅଧିକାର" ଉକ୍ତିଟି ହେଲ ଅସ୍ତିବାଚକ ( Positive ) । ଏହା ଫଳରେ ସମପର୍ଯ୍ୟାୟଭୁକ୍ତ ବା ସମଅବସ୍ଥାଧୀନ ପ୍ରତ୍ୟେକ ବ୍ୟକ୍ତି ପ୍ରତି ଆଇନ୍ ସମଆଚରଣ କରିବ ଓ ସମସ୍ତଙ୍କୁ ସମାନଭାବରେ ରକ୍ଷା କରିବ ।

ଉପରୋକ୍ତ ଦୁଇଟି ଉକ୍ତିକୁ ବିଶ୍ଳେଷଣ କରିବାକୁ ଯାଇ ଡାଇସି ( Dicey ) ବୁଝାଇଛନ୍ତି ଯେ, କୌଣସିବ୍ୟକ୍ତି ଆଇନ୍‌ର ଉର୍ଦ୍ଧ୍ୱରେ ନୁହେଁ । ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭକରି ସାଧାରଣ ନାଗରିକ ପର୍ଯ୍ୟନ୍ତ ପ୍ରତ୍ୟେକ ବ୍ୟକ୍ତି ଦେଶର ସାଧାରଣ ଆଇନ୍ ଦ୍ୱାରା ନିୟନ୍ତ୍ରିତ ହେବେ ଏବଂ ସାଧାରଣ ନ୍ୟାୟାଳୟ ସମ୍ମୁଖରେ ନିଜ କାର୍ଯ୍ୟପାଇଁ ଦାୟୀ ରହିବେ । କିନ୍ତୁ କେତେକ କ୍ଷେତ୍ରରେ ଇଂଲଣ୍ଡ ଓ ଭାରତରେ ଏହି ନୀତିର ବ୍ୟତିକ୍ରମ

ଦେଖାଯାଏ । ପ୍ରଥମତଃ ଆଇନ୍‌ଗତ ସମତାର ଅର୍ଥ ନୁହେଁ ଯେ, ଦୁଇଜଣ ବ୍ୟକ୍ତିଙ୍କ ମଧ୍ୟରେ କୌଣସି ପ୍ରକାର ପାର୍ଥକ୍ୟ ପରିଲକ୍ଷିତ ହେବ ନାହିଁ । ଉଦାହରଣ ସ୍ୱରୂପ ସାଧାରଣ ନାଗରିକ ତୁଳନାରେ ପୁଲିସ କର୍ମଚାରୀମାନେ ଶାନ୍ତି ଶୃଙ୍ଖଳା ପାଳନ କରିବାପାଇଁ ବ୍ୟାପକ କ୍ଷମତା ଉପଭୋଗ କରିଥାନ୍ତି । ଦ୍ୱିତୀୟ ଭାରତୀୟ ସଂବିଧାନର ୩୬୧ ଧାରା ଅନୁଯାୟୀ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳ ସେମାନଙ୍କର ସରକାରୀ କାର୍ଯ୍ୟପାଇଁ କୌଣସି ଅଦାଲତ ନିକଟରେ ଦାୟୀ ରହନ୍ତି ନାହିଁ । ପଦରେ ଅଧିଷ୍ଠିତ ଥିବା ସମୟରେ ତାଙ୍କ ବିରୁଦ୍ଧରେ କୌଣସି ଫୌଜଦାରୀ ମାମଲା ରୁଜୁ କରାଯାଏ ନାହିଁ ଓ ସେମାନଙ୍କୁ ଗିରଫ କରିବା ନିଷେଧ । ଏପରିକି ସେମାନଙ୍କ ବିରୁଦ୍ଧରେ ଦେଓ୍ୱାନୀ ମାମଲା ଚଳାଇବାକୁ ହେଲେ ବିଶେଷ ପଦ୍ଧତିର ଆଶ୍ରୟ ଗ୍ରହଣ କରିବାକୁ ହୁଏ । ତୃତୀୟତଃ ଆନ୍ତର୍ଜାତିକ ଆଇନ୍ ଅନୁସାରେ ବିଦେଶୀ ଶାସକ ବା ରାଷ୍ଟ୍ରଦୂତ ଏହି ନୀତିର ପ୍ରୟୋଗରୁ ଅବ୍ୟାହତି ପାଇଥାନ୍ତି । ପୁଣି ବର୍ତ୍ତମାନ ସର୍ବସ୍ୱ ଗତିଶୀଳ ଜନମଙ୍ଗଳ ରାଷ୍ଟ୍ରରେ ଡାଇସି ( A. V. Dicey )ଙ୍କ ବିଶ୍ଳେଷଣ ପୁରାପୁରି ପ୍ରଯୁଜ୍ୟ ହୋଇ ପାରିବ ନାହିଁ । ଭାରତ ସମେତ ପ୍ରାୟ ପ୍ରତ୍ୟେକ ଦେଶରେ ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ ସାଧାରଣ ଆଇନ୍ ଛଡ଼ା ଶାସନ ବିଭାଗ ଦ୍ୱାରା ରଚିତ ଓ ପ୍ରବର୍ତ୍ତିତ ବହୁପ୍ରକାର ନିୟମ କାନୁନ୍ ରହିଛି । ଶାସନ-ବିଭାଗ ଦ୍ୱାରା ପ୍ରଣୀତ ଏହି ଆଇନ୍‌ଗୁଡ଼ିକ "ଆଇନ୍‌ଗତ ସମତାର" ନୀତିକୁ କ୍ଷୁଣ୍ଣକରେ ନାହିଁକି ? ଏହାର ଉତ୍ତରରେ କୁହାଯାଏ, ଯେଉଁଠାରେ ଲୋକପ୍ରତିନିଧିମୂଳକ ବିଧାନ ମଣ୍ଡଳ ଶାସନ ବିଭାଗୀୟ ଆଇନ୍ କାନୁନ୍‌ଗୁଡ଼ିକୁ ନିୟନ୍ତ୍ରଣ କରିବାର ସୁଯୋଗ ପାଏ, ସେଠାରେ ଶାସନ ବିଭାଗୀୟ ଆଇନ୍ "ଆଇନ୍ ଗତ ସମତା" ନୀତିକୁ କ୍ଷୁଣ୍ଣ କରେନାହିଁ । ଫରାସୀଦେଶପରି ଆମ ଦେଶରେ ପ୍ରଶାସକୀୟ କର୍ମଚାରୀ ଗୋଷ୍ଠୀଙ୍କ ବିଚାରପାଇଁ ପ୍ରଶାସକୀୟ ନ୍ୟାୟାଳୟ ( Administrative Court ) ନଥିଲେ ମଧ୍ୟ, କେତେକ କ୍ଷେତ୍ରରେ ଶାସନ ବିଭାଗୀୟ ସଂପର୍କୀୟ ବାଦ ବିବାଦକୁ ସାଧାରଣ ଅଦାଲତରେ ବିଚାର କରାନଯାଇ ଶାସନ ବିଭାଗୀୟ କର୍ତ୍ତୃପକ୍ଷ ( Administrative authorities ) ବା ବିଶେଷ ଧରଣର ଟ୍ରିବ୍ୟୁନାଲଙ୍କ ( Special Tribunal ) ଦ୍ୱାରା ମୀମାଂସା କରାଯାଇଥାଏ । ଉଦାହରଣ ସ୍ୱରୂପ, ଶିଳ୍ପ ଅଦାଲତ ( Industrial Tribunal ) ଶିଳ୍ପ ସଂକ୍ରାନ୍ତୀୟ ବିଷୟଗୁଡ଼ିକର ବିଚାର କରିଥାଏ । ତେଣୁ ସାଧାରଣ ନ୍ୟାୟାଳୟ ନିକଟରେ ଦାୟୀହେବେ ବୋଲି ଡାଇସିଙ୍କ ଉକ୍ତି ଏହି ପରିପ୍ରେକ୍ଷୀରେ ସମ୍ଭବପର ମନେହୁଏନା ।

"ଆଇନ୍ ଗତ ସମସଂରକ୍ଷଣ" ବାକ୍ୟାଂଶଟିର ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ ଯୁକ୍ତରାଷ୍ଟ୍ର ସମ୍ବିଧାନରେ ଚତୁର୍ଦ୍ଦଶ ସଂଶୋଧନରେ ଏହି ବାକ୍ୟାଂଶର ପ୍ରୟୋଗ ହୋଇଛି । ଏହି କ୍ଷେତ୍ରରେ ଭାରତୀୟ ସଂବିଧାନ ଯୁକ୍ତରାଷ୍ଟ୍ର ଆମେରିକା ସଂବିଧାନ ଦ୍ୱାରା ପ୍ରଭାବିତ ହୋଇଛି । ଚରଞ୍ଜିତଲାଲ ଚୌଧୁରୀ ବନାମ ଭାରତ ସରକାର ମୋକଦ୍ଦମା ଓ ଅନ୍ୟାନ୍ୟ କେତୋଟି ମୋକଦ୍ଦମାରେ ଏହି ବାକ୍ୟାଂଶଟିର ବ୍ୟାଖ୍ୟାକରି ସୁପ୍ରିମକୋର୍ଟ କହିଛନ୍ତି ଯେ, "ଆଇନ କର୍ତ୍ତୃକ ସମଭାବରେ ସଂରକ୍ଷିତ ହେବା"ର ଅର୍ଥନୁହେଁ ଯେ ଲୋକର ଅବସ୍ଥା

ବା ପ୍ରକୃତିର ବିଭିନ୍ନତା ବିଗ୍ଭର ନକରି ପ୍ରତ୍ୟେକ ଆଇନ୍‌କୁ ପ୍ରତ୍ୟେକ ବ୍ୟକ୍ତିର କ୍ଷେତ୍ରରେ ସମଭାବରେ ପ୍ରୟୋଗ କରିବାକୁ ପଡ଼ିବ । ଏହାର ପ୍ରକୃତ ଅର୍ଥହେଲା ସମଅବସ୍ଥାରେ ଥିବା ବ୍ୟକ୍ତିଙ୍କ ପ୍ରତି ଆଇନ୍ ଭିନ୍ନ ଆଚରଣ ଦେଖାଇବ ନାହିଁ । ବିଭିନ୍ନ ଶ୍ରେଣୀର ସମସ୍ୟା ଭିନ୍ନଭିନ୍ନ । ତେଣୁ ନ୍ୟାୟାଧୀଶ ପାତଞ୍ଜଳ ଶାସ୍ତ୍ରୀ କହିଛନ୍ତି ଯେ ବିଧାନ ମଣ୍ଡଳର ଆଇନ୍‌କୁ ଅବଜ୍ଞା ନ କଲାଭଳି ଯୁକ୍ତିସଙ୍ଗତ ଭିତ୍ତିରେ ରାଷ୍ଟ୍ର ବିଭିନ୍ନ ବ୍ୟକ୍ତିଙ୍କୁ ବର୍ଗୀକରଣ କରି ପ୍ରତ୍ୟେକ ବର୍ଗ ପ୍ରତି ପୃଥକ୍ ଭାବରେ ଗୋଟିଏ ଆଇନ୍‌କୁ ପ୍ରୟୋଗ କରିପାରେ । ଉଦାହରଣ ସ୍ୱରୂପ, ଆୟକର ନିର୍ଦ୍ଧାରଣପାଇଁ ରାଷ୍ଟ୍ର ବ୍ୟକ୍ତି ସମୂହକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରି ବିଭିନ୍ନ ହାରରେ ଆୟକର ଆଦାୟ କରିପାରେ । କୌଣସି ଖଣି ବା କାରଖାନାରେ କୌଣସି ଆଇନ୍‌କୁ ପ୍ରୟୋଗ କରିବାପାଇଁ ଶ୍ରମିକମାନଙ୍କୁ ଦେହର ରଙ୍ଗ ଅନୁସାରେ ବର୍ଗୀକୃତ ନ କରି ବୟସ ଲିଙ୍ଗ ବିଚାରରେ ଶ୍ରେଣୀଭୁକ୍ତ କରାଯାଇପାରେ । କିନ୍ତୁ ଏହି ଶ୍ରେଣୀ ବିଭାଗ ଯୁକ୍ତି-ସଙ୍ଗତ ହେବାପାଇଁ ଦୁଇଟି ସର୍ତ୍ତ ପୂରଣ କରିବାକୁ ହେବ । —୧) ଯେଉଁ ଭିତ୍ତିରେ ଏକ ଶ୍ରେଣୀଭୁକ୍ତ ବ୍ୟକ୍ତିଙ୍କୁ ଅନ୍ୟାନ୍ୟ ଶ୍ରେଣୀଭୁକ୍ତ ବ୍ୟକ୍ତିଙ୍କଠାରୁ ପୃଥକ୍ କରାଯାଏ ତାହା ସହଜବୋଧ ହେବା ଦରକାର ଏବଂ ୨) ଏହି ବୈଶିଷ୍ଟ୍ୟ ସହିତ ଆଇନ ଯୁକ୍ତି ସଙ୍ଗତ ଭାବରେ ସମ୍ପୃକ୍ତ ହେବା ଦରକାର । "ଆଇନ୍‌ଗତ ସମତା" ଏବଂ "ଆଇନ୍‌ଗତ ସଂରକ୍ଷଣ"ର ଅର୍ଥ ହେଉଛି ଯେ ଆଇନ୍ ସମସ୍ତଙ୍କ ପ୍ରତି ସମାନ ଆଚରଣ ଦେଖାଇବ ।

କିନ୍ତୁ ସମଆଚରଣ ଅର୍ଥ ଅଭିନ୍ନ ( Identical ) ଆଚରଣ ନୁହେଁ । ବାସ୍ତବରେ ଅସମାନ ପରିସ୍ଥିତିରେ ( unequal circumstances ) ଅଭିନ୍ନ ଆଚରଣ ଅସମାନତା ( inequality ) ସୃଷ୍ଟି କରିଥାଏ । ଅବଶ୍ୟ ଏହା ସତ୍ୟ ଯେ ସାମାଜିକ ଓ ରାଜନୈତିକ ସ୍ୱତନ୍ତ୍ରତାପାଇଁ ମଣିଷର ପ୍ରବଳ ପ୍ରୟାସ ତାକୁ କ୍ରମାନ୍ୱୟ ସମତାର ଆଦର୍ଶ ଆଡ଼େ ଟାଣି ନେଇ ଯାଇଛି । ସମତା ଓ ସ୍ୱାତନ୍ତ୍ର୍ୟ ହାସଲ କରିବାର ଅଭିଳାଷ ଯୋଗୁ ପୃଥିବୀରେ ଅନେକ ବିଦ୍ରୋହ ଘଟିଯାଇଛି । ପୁରୁଷ ଓ ସ୍ତ୍ରୀମାନଙ୍କର ସମାନ ଅଧିକାର ଉପରେ ବିଶ୍ୱାସ ପୁନଃ ପୁନଃ ପ୍ରତିଷ୍ଠା କରିବାପାଇଁ ସଭ୍ୟ ରାଷ୍ଟ୍ରମାନଙ୍କ ନିଷ୍ପତ୍ତିକୁ ଜାତିସଂଘ ତାଲିକା ଭୁକ୍ତ କରିଛି । ତଥାପି ସବୁ କ୍ଷେତ୍ରରେ ଅର୍ଥନୈତିକ, ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ପୁରୁଷ ଓ ନାରୀମାନଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ସମତା ପ୍ରତିଷ୍ଠିତ ହୋଇପାରିବ ନାହିଁ । କେବଳ ଆଇନ୍‌ଗତ ସମାନତା ପ୍ରଦତ୍ତ ହେବା ପ୍ରତିଶ୍ରୁତି ଦେଇପାରେ । ଭାରତୀୟ ସଂବିଧାନ ପ୍ରଣେତାଗଣ ଏହି ନିଗୂଢ଼ ସତ୍ୟ ହୃଦୟଙ୍ଗମ କରିଥିଲେ ବୋଲି କେବଳ ରାଜନୈତିକ ଓ ଆଇନ୍‌ଗତ ସମାନତାକୁ ମୌଳିକ ଅଧିକାର ପରିଚ୍ଛେଦରେ ସ୍ଥାନ ଦେଇ ସାମାଜିକ ଓ ଅର୍ଥନୈତିକ ସମାନତାକୁ ନିର୍ଦ୍ଦେଶକ ନୀତି ପରିଚ୍ଛେଦରେ ଅନ୍ତର୍ଭୁକ୍ତ କରିଛନ୍ତି । ସମତାର ଅଧିକାର ବିଧାନମଣ୍ଡଳରେ ବିଭେଦ ସୂଚକ ଆଇନ ବିରୁଦ୍ଧରେ ବ୍ୟକ୍ତିକୁ ସୁରକ୍ଷିତ କରିବା ସଙ୍ଗେ ସଙ୍ଗେ ଶାସନ ବିଭାଗର ମନମୁଖୀ ଶାସନ, ପ୍ରଶାସନିକ ନିର୍ଦ୍ଦେଶ ଓ ବିଜ୍ଞପ୍ତି ବିରୁଦ୍ଧରେ ପ୍ରତିଷେଧକ ରୂପେ କାର୍ଯ୍ୟକରେ । ସାଧାରଣତଃ ଶାସନ ବିଭାଗ ଆଇନ୍‌କାନୁନ୍ ବିଧି ଉପବିଧିଆଦି କାର୍ଯ୍ୟକାରୀ କରିଥାଏ । ତେଣୁ ସମତାର ଅଧିକାର ଶାସନ ବିଭାଗର

ମନମୁଖୀ ଶାସନ ହାତରେ ବାଧା ସୃଷ୍ଟି କରିଥାଏ । ଉଦାହରଣ ସ୍ୱରୂପ, କୌଣସି ବ୍ୟବସାୟ ପାଇଁ ଅନୁଜ୍ଞପ୍ତି ( licence ) ଦେବା ଅଧିକାର କର୍ତ୍ତୃପକ୍ଷଙ୍କ ସ୍ୱେଚ୍ଛାଚାରିତା ଉପରେ ଛାଡ଼ି ଦିଆଯାଇ ପାରେନା ।

୧୪ ଧାରା ରାଷ୍ଟ୍ରନୀତିରେ ପକ୍ଷପାତିତାକୁ ବାଧା ଦେଇଥାଏ; କିନ୍ତୁ କୌଣସି ବ୍ୟକ୍ତି ବିଶେଷ ପକ୍ଷପାତିତା କଲେ ତାର ପ୍ରତିଷେଧ ହୋଇ ପାରିନାହିଁ । ଉଦାହରଣ ସ୍ୱରୂପ କୌଣସି ବ୍ୟବସାୟୀ ବ୍ୟକ୍ତିଗତ ଭାବରେ କର୍ମଚାରୀ ବାଛିଲାବେଳେ ପକ୍ଷପାତ ଆଚରଣ ଦେଖାଇଲେ କିମ୍ବା କର୍ମଚାରୀମାନଙ୍କ ପ୍ରତି ଅସମାନ ଆଚରଣ ପ୍ରଦର୍ଶନ କଲେ ଏତଦ୍ୱାରା କ୍ଷତିଗ୍ରସ୍ତ ବ୍ୟକ୍ତି ନ୍ୟାୟାଳୟରୁ ପ୍ରତିକାର ପାଇବ ନାହିଁ । ତଥାପି କେତେକ କ୍ଷେତ୍ରରେ ବ୍ୟକ୍ତିଗତ କାର୍ଯ୍ୟକଳାପକୁ ବି ସଂବିଧାନ ସୀମିତ କରିଛି; ଯଥା—କୌଣସି ବ୍ୟକ୍ତି ଅସ୍ପୃଶ୍ୟତାକୁ ମାନିଲେ ଦଣ୍ଡିତ ହେବ ।

ସମତାର ଅଧିକାର ସମ୍ପର୍କରେ ୧୫ ଧାରାରେ କୁହାଯାଇ ଅଛି ଯେ, ରାଷ୍ଟ୍ର କୌଣସି ନାଗରିକ ପ୍ରତି ଧର୍ମ, ବର୍ଣ୍ଣ, ଜାତି, ଲିଙ୍ଗ ବା ଜନ୍ମସ୍ଥାନ ଉପରେ ଭିତ୍ତିକରି ପକ୍ଷପାତ ଆଚରଣ କରିପାରିବ ନାହିଁ । ଉପରୋକ୍ତ କାରଣ ଗୁଡ଼ିକପାଇଁ କୌଣସି ନାଗରିକକୁ ଦୋକାନ, ଭୋଜନାଳୟ ହୋଟେଲ ବା ମନୋରଞ୍ଜନ ସ୍ଥାନପରି ସାଧାରଣ ସ୍ଥାନରେ ପ୍ରବେଶ ଏବଂ ରାଷ୍ଟ୍ର କର୍ତ୍ତୃକଙ୍କ କୂପ, ପୋଖରୀ, ସ୍ନାନ, ଘାଟ, ଜନସମାଗମ ସ୍ଥାନ ବା ଜନପଥର ବ୍ୟବହାର ବିଷୟରେ ବାଛି ବିଚାର କରାଯାଇ ପାରିବ ନାହିଁ । ଦୋକାନ କହିଲେ ରଜକର କାର୍ଯ୍ୟାଳୟ, କ୍ଷୌରଶାଳା, ଡାକ୍ତରଙ୍କ ଚିକିତ୍ସାଳୟ କିମ୍ବା ଓକିଲଙ୍କ କାର୍ଯ୍ୟାଳୟକୁ ବୁଝାଇପାରେ । ସର୍ବସାଧାରଣ ସମାଗମ ସ୍ଥାନ କହିଲେ ଶ୍ମଶାନ ଭୂମି ବି ବୁଝାଇବ ବୋଲି ଡ. ଅମ୍ବେଦକର ମତବ୍ୟକ୍ତ କରି ଅଛନ୍ତି । କିନ୍ତୁ ୧୫ ଧାରାର ପ୍ରୟୋଗ ବିଷୟରେ ଦୁଇଟି ବିଶିଷ୍ଟ ବ୍ୟତିକ୍ରମ କଥା ସଂବିଧାନରେ ଉଲ୍ଲେଖ ରହିଛି । ନାରୀ, ବାଳକ ବାଳିକା ଓ ସାମାଜିକ କ୍ଷେତ୍ରରେ ଅନୁନ୍ନତ ଶ୍ରେଣୀ କିମ୍ବା ହରିଜନ ବା ଗିରିଜନ ମାନଙ୍କ-ପାଇଁ ବିଶେଷ ବ୍ୟବସ୍ଥା ହୋଇପାରିବ ।

ସରକାରୀ ଚାକିରି କ୍ଷେତ୍ରରେ ବି ଭାରତୀୟ ସଂବିଧାନରେ ୧୬ ଧାରା ଅନୁସାରେ ସମାନ ଅଧିକାର ଦିଆଯାଇଛି । ଧର୍ମ, ଜାତି, ବର୍ଣ୍ଣ, ଜନ୍ମସ୍ଥାନ ବା ଲିଙ୍ଗ ଭେଦରେ ରାଷ୍ଟ୍ର କୌଣସି ବ୍ୟକ୍ତି ପ୍ରତି ପକ୍ଷପାତୀ ଆଚରଣ କରି ପାରିବନାହିଁ । ଚାକିରି ବା ନିଯୁକ୍ତି ସମ୍ପର୍କୀୟ ବ୍ୟାପାରରେ ଏହା ପ୍ରଯୁଜ୍ୟ ହେଲେ ସୁଦ୍ଧା କେତେଗୁଡ଼ିଏ ବ୍ୟତିକ୍ରମ କଥା ସଂବିଧାନରେ ଉଲ୍ଲେଖ କରାଯାଇଛି । ପ୍ରଥମତଃ ସଂଘ, ସରକାରଙ୍କ ଅଧୀନରେ ଚାକିରି ବା ନିଯୁକ୍ତି ବ୍ୟାପାରରେ ବ୍ୟବସାୟିକ ପ୍ରଶ୍ନ ନଥିଲେ ମଧ୍ୟ କୌଣସି ରାଜ୍ୟରେ ଚାକିରି ବା ନିଯୁକ୍ତି କ୍ଷେତ୍ରରେ ପାର୍ଲାମେଣ୍ଟ ଏହି ରାଜ୍ୟର ବାସିନ୍ଦା ହେବା ସମ୍ବନ୍ଧରେ ଆଇନ୍ କରି ପାରନ୍ତି । ବ୍ୟବସାୟିକ ଯୋଗ୍ୟତା ଧାର୍ଯ୍ୟ କରିବା ସମ୍ପର୍କରେ ଡକ୍ଟର ଆମ୍ବେଦକର କହି-ଅଛନ୍ତି, "ଯଦିଓ ଏହା ଭାରତୀୟ ଐକ୍ୟ ଓ ଏକ ନାଗରିକତା ଦୃଷ୍ଟିରୁ ଅସଙ୍ଗତ, ତଥାପି

ଦକ୍ଷତା ଦୃଷ୍ଟିରୁ ବ୍ୟାବସାୟିକ ଯୋଗ୍ୟତା ସ୍ଥିର କରିବା ପ୍ରୟୋଜନ ହୋଇ ପାରେ । କାରଣ ତା ନହେଲେ ଲୋକେ କେବଳ ଚାକିରି ଲୋଭରେ ବିଭିନ୍ନ ରାଜ୍ୟରେ ଘୂରି ବୁଲିବେ । ଏହା ଫଳରେ ରାଜ୍ୟର ସ୍ୱାର୍ଥ କ୍ଷୁଣ୍ଣ ହେବ । ରାଜ୍ୟ ପରିବର୍ତ୍ତେ ସଂସଦ ହସ୍ତରେ ବ୍ୟାବସାୟିକ ଯୋଗ୍ୟତା ସ୍ଥିର କରିବାର କ୍ଷମତା ନ୍ୟସ୍ତ ହେବା ସମ୍ପର୍କରେ ମୂଳ ହେଲା ଯେ, ସବୁ ରାଜ୍ୟରେ ଏକ ପ୍ରକାର ଆଇନ୍ ଚାଲିବ, ଅର୍ଥାତ୍ ବିଭିନ୍ନ ରାଜ୍ୟ ଭିନ୍ନ ଭିନ୍ନ ବୃତ୍ତିଗତ ଯୋଗ୍ୟତା ସ୍ଥିର କରି ପାରିବେ ନାହିଁ । ଦ୍ୱିତୀୟ ବ୍ୟତିକ୍ରମ ହେଲା ଯେ, ଯେଉଁ ଅନୁନ୍ନତ ଶ୍ରେଣୀର ନାଗରିକମାନେ ଚାକିରିରେ ପ୍ରବେଶ କରିବାପାଇଁ ବର୍ତ୍ତମାନ ସୁଦ୍ଧା କମ୍ ସୁବିଧା ପାଉଛନ୍ତି ସେମାନଙ୍କପାଇଁ ରାଷ୍ଟ୍ର କେତେକ ଚାକିରି ସଂରକ୍ଷିତ କରିପାରେ । ଅନୁନ୍ନତ ଗୋଷ୍ଠୀର ସଂଜ୍ଞା ନିର୍ଦ୍ଧାରଣ କରିବା କ୍ଷମତା ରାଜ୍ୟଗୁଡିକୁ ଦିଆଯାଇଛି । ତୃତୀୟ ବ୍ୟତିକ୍ରମ ହେଉଛି ଯେ କୌଣସି ଧର୍ମୀୟ ବା ସଂପ୍ରଦାୟର ଲୋକଙ୍କୁ ନିଯୁକ୍ତି ଦିଆଯାଇପାରେ ।

ଅସ୍ପୃଶ୍ୟତା ନିବାରଣପାଇଁ ସଂବିଧାନ ସମସ୍ତ ପ୍ରକାର ଅସ୍ପୃଶ୍ୟତା ଆଚରଣକୁ ନିଷେଧ କରିଛି । ଅସ୍ପୃଶ୍ୟତା ଦୂରୀକରଣ ଉଦ୍ଦେଶ୍ୟରେ ପ୍ରସ୍ତୁତ ୧୭ ଧାରା ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିଲା । 'ମହାତ୍ମାଗାନ୍ଧି'ଙ୍କ ଜୟଧ୍ୱନି ଦେଇ ସମସ୍ତେ ଏହି ଧାରାଟିକୁ ସ୍ୱାଗତ କରିଥିଲେ । ଏହି ଧାରାଟି କାହାରିକୁ ବିଶେଷ ସୁବିଧା ସୁଯୋଗ ଦେଇନାହିଁ । ତଥାପି ଭାରତର ଜନ ସଂଖ୍ୟାର ଏକ ପଞ୍ଚମାଂଶ ଲୋକଙ୍କୁ ଅବମାନନା ଓ ଲାଞ୍ଛନାରୁ ଊର୍ଦ୍ଧ୍ୱକୁ ଉଠାଇବାପାଇଁ ଏହି ଧାରାଟି ଖଣ୍ଡାହୋଇଛି । ଅସ୍ପୃଶ୍ୟ ଲୋକଙ୍କର ବିପନ୍ନତା ଓ ନୈରାଶ୍ୟରେ ମର୍ମାହତ ହୋଇ ମହାତ୍ମା ଗାନ୍ଧି କହିଥିଲେ ଯେ, "ମୁଁ ପୁନର୍ଜନ୍ମ ନେବାପାଇଁ ଚାହେଁନାହିଁ । ମୁଁ ପୁଣି ଥରେ ଜନ୍ମଲାଭ କଲେ କୌଣସି ହରିଜନ ପରିବାରରେ ଜନ୍ମ ହେବାକୁ ଚାହେଁ । ତେବେଯାଇ ସେମାନଙ୍କ ପ୍ରତି ଏହି ଅତ୍ୟାଚାର ବିରୁଦ୍ଧରେ ଧାରାବାହିକ ଆନ୍ଦୋଳନ କରିପାରିବ ।" ସଂବିଧାନର ବ୍ୟବସ୍ଥା ଅନୁସାରେ କୌଣସି ଦୋକାନୀ ତାର ଜିନିଷପତ୍ର ବିକିବାନେଲେ ବା କୌଣସି ସେବକ ସେବା କଲାବେଳେ ଅସ୍ପୃଶ୍ୟତା ହେତୁ କାହାରିକୁ ମନାକରି ପାରିବେ ନାହିଁ । ୧୯୫୫ ମସିହାରେ ଅସ୍ପୃଶ୍ୟତା ସଂକ୍ରାନ୍ତ ଅପରାଧ ଆଇନ ( The untouchability of offencive Act 1955 ) ଗୃହୀତ ହୋଇ ଅସ୍ପୃଶ୍ୟତା ମାନୁଥିବା ଲୋକମାନଙ୍କପାଇଁ ଦଣ୍ଡବ୍ୟବସ୍ଥା କରାଯାଇଛି ।

ରାଜନୈତିକ, ସାମାଜିକ ଓ ଅର୍ଥନୈତିକ ସମତା ସୃଷ୍ଟି କରିବାକୁ ଇଚ୍ଛୁକ ଗଣତାନ୍ତ୍ରିକ ସମାଜରେ କୌଣସି ପଦବୀ ବା ଆଖ୍ୟାର ( Title ) ସ୍ଥାନ ନାହିଁ । ଗଣତନ୍ତ୍ର କୌଣସି ଉପାଧି ବା ଉପାଧି ସମ୍ବନ୍ଧୀୟ ସମ୍ମାନଉପରେ ବିଶ୍ୱାସ ରଖେନାହିଁ । ତେଣୁ ୧୮ ଧାରାରେ କୁହାଯାଇଛି ଯେ, କାହାରିକୁ କୌଣସି ଉପାଧି ଭାରତ ସରକାର ପ୍ରଦାନ କରିପାରିବେ ନାହିଁ । ଭାରତୀୟ ନାଗରିକମାନେ ବିଦେଶୀ ରାଷ୍ଟ୍ରରୁ କୌଣସି ଉପାଧି ଗ୍ରହଣ କରିପାରିବେ ନାହିଁ । କିନ୍ତୁ କୌଣସି ପୁରସ୍କାର ବା ପ୍ରଶଂସାପତ୍ର ଏଥିରେ ଅନ୍ତର୍ଭୁକ୍ତ ନୁହେଁ । ସରକାରୀ ଚାକିରିରେ ଥିବା ବିଦେଶୀମାନେ ମଧ୍ୟ ରାଷ୍ଟ୍ରପତିଙ୍କ ସମ୍ମତି ନ ନେଇ ବିଦେଶୀ ରାଷ୍ଟ୍ରଠାରୁ

ଉପାଧି ଗ୍ରହଣ କରିପାରିବେ ନାହିଁ । ଏବେ ରାଷ୍ଟ୍ରପତି ଭାରତରତ୍ନ, ପଦ୍ମବିଭୂଷଣ, ପଦ୍ମଭୂଷଣ ଓ ପଦ୍ମଶ୍ରୀ ଉପାଧି ଏବଂ ଅର୍ଜୁନ ପୁରସ୍କାର ଭଳି ପୁରସ୍କାର ଦେଉଛନ୍ତି । କିନ୍ତୁ ଏଗୁଡ଼ିକ ଉପାଧିରୂପେ ବିବେଚିତ ହୁଏନାହିଁ । ଏହାକୁ ବରଂ ଗୁଣୀଲୋକର ରାଷ୍ଟ୍ରୀୟ ସ୍ୱୀକୃତି କୁହାଯାଇପାରେ ।

ଉପସଂହାର—ସବୁ ପ୍ରକାର ଅସମାନତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପ୍ରତ୍ୟେକ ବ୍ୟକ୍ତିର ଅନ୍ତର୍ନିହିତ ପ୍ରକୃତି । ସମତାର ବ୍ୟବସ୍ଥା ସହିତ ଜଡ଼ିତ ହୋଇଥିବା ସୁସ୍ଥ ଗଣତାନ୍ତ୍ରିକ ବାତାବରଣ ହିଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ପ୍ରଦାନପାଇଁ ଅଭିପ୍ରେତ । ସଭ୍ୟମାନଙ୍କ ଭିତରେ ସଫଳ ଭାବରେ ପ୍ରତିଷ୍ଠା କରି ପାରୁଥିବା ସମାଜହିଁ ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ପ୍ରତିଷ୍ଠିତ ବୋଲି କୁହାଯାଇଥାଏ । ତେଣୁ ଭାରତୀୟ ସମ୍ବିଧାନ ସାମ୍ୟର ଅଧିକାରକୁ ମୌଳିକ ଅଧିକାରର ମର୍ଯ୍ୟାଦା ଦେଇଛି । କିନ୍ତୁ ଅର୍ଥନୈତିକ ଓ ସାମାଜିକ ସମତା ପ୍ରତିଷ୍ଠା ହେବା ପର୍ଯ୍ୟନ୍ତ ଆଇନ୍‌ଗତ ସାମ୍ୟର ଅଧିକାର କେବେ ବାସ୍ତବରେ ରୂପାୟିତ ହୋଇପାରିବ ନାହିଁ । ଅର୍ଥନୈତିକ ବୈଷମ୍ୟ ଥିବା ସମାଜରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ଧନିକଶ୍ରେଣୀ ରାଷ୍ଟ୍ରନୈତିକ, ସାମାଜିକ, ଅର୍ଥନୈତିକ, ପ୍ରାଧାନ୍ୟ ବିସ୍ତାର କରିଥାନ୍ତି । ସମାଜର ଏହି ବୈଷମ୍ୟ ସମ୍ବନ୍ଧରେ ଫରାସୀ ଲେଖକ ଆନାତୋଲ ଫ୍ରାଁସେ କହିଛନ୍ତି, "ଆଇନ୍ ଏତେ ଉଦାର ଓ ସମଦୃଷ୍ଟି ସମ୍ପନ୍ନ ଯେ, ଏହା ଧନୀ ଓ ଦରିଦ୍ର ଉଭୟ କ୍ଷେତ୍ରରେ ଅନ୍ନ ସଂସ୍ଥାନ ଉଦ୍ଦେଶ୍ୟରେ ଭିକ୍ଷା ବା ଚୌର୍ଯ୍ୟବୃତ୍ତି ଅବଲମ୍ବନ ନିଷିଦ୍ଧ କରେ ।" ସୁତରାଂ ଭାରତର ଆଇନ୍‌କୁ କାର୍ଯ୍ୟତଃ ସମଦୃଷ୍ଟି ସମ୍ପନ୍ନ କରିବାକୁ ହେଲେ ଦେଶର ଅର୍ଥନୈତିକ ଉନ୍ନୟନ ସହିତ ବିଭବର ସୁସମ ବଣ୍ଟନ ପ୍ରତି ଦୃଷ୍ଟି ଦେବାକୁ ହେବ । କେବଳ ଆଇନ ପ୍ରଣୟନ ଦ୍ୱାରା ସାମାଜିକ ଓ ଅର୍ଥନୈତିକ ସାମ୍ୟ ସୃଷ୍ଟି କରାଯାଇ ପାରିବ ନାହିଁ ।

## ସ୍ୱାଧୀନତାର ଅଧିକାର

**( Right to freedom )**

ରାଷ୍ଟ୍ର ଓ ବ୍ୟକ୍ତି ମଧ୍ୟରେ ସମ୍ପର୍କ ସ୍ଥାପନ କରିବାର ଉଦ୍ଦେଶ୍ୟ ହେଉଛି ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଓ ସାମାଜିକ ନିୟନ୍ତ୍ରଣର ସୀମା ନିର୍ଦ୍ଧାରଣ ଅର୍ଥାତ୍ ବ୍ୟକ୍ତି ଓ ସମାଜ ମଧ୍ୟରେ ଅଧିକାରଗୁଡ଼ିକର ଉଚିତ୍ ବଣ୍ଟନ । ରାଷ୍ଟ୍ର ଓ ବ୍ୟକ୍ତି ମଧ୍ୟରେ ଉପୁଜୁଥିବା ବିବାଦକୁ ଅତି ପୁରାତନ ବୋଲି ମନ୍ତବ୍ୟ ଦେଇ ପ୍ରଫେସର ଉଇଲସ୍ କିଛି ଭୁଲ କରି ନାହାନ୍ତି । ଇତିହାସର ବିଭିନ୍ନ ପର୍ଯ୍ୟାୟରେ ବିଭିନ୍ନ ଦାର୍ଶନିକ ଓ ରାଜନୀତି ବିଶାରଦବୃନ୍ଦ ରାଷ୍ଟ୍ର ଓ ବ୍ୟକ୍ତିର ପ୍ରାଧାନ୍ୟ ଉପରେ ପରସ୍ପର ବିରୋଧୀ ମନ୍ତବ୍ୟମାନ ପ୍ରକାଶ କରିଛନ୍ତି । "ରାଷ୍ଟ୍ର ପ୍ରକୃତିର ସୃଷ୍ଟି, ତେଣୁ ବ୍ୟକ୍ତି ସୃଷ୍ଟିହେବା ପୂର୍ବରୁ ରାଷ୍ଟ୍ରର ସୃଷ୍ଟି ହୋଇଛି । "ମଣିଷ ସ୍ୱଭାବତଃ ଏକ ସାମାଜିକ ଓ ରାଜନୈତିକ ପ୍ରାଣୀ ।" କେବଳ ଜୀବନପାଇଁ ରାଷ୍ଟ୍ର

ଉପଯୋଗୀ ନୁହେଁ । ଉତ୍ତମ ଜୀବନ ଯାପନପାଇଁ ମଧ୍ୟ ଆବଶ୍ୟକ", "ଆଇନ ହେଉଛି ମୁକ୍ତସଙ୍ଗତ ନ୍ୟାୟର ପରିପ୍ରକାଶ, ତେଣୁ ଏହା ପବିତ୍ର ଆଇନ୍ ଓ ସ୍ୱାତନ୍ତ୍ର୍ୟ ମଧ୍ୟରେ କୌଣସି ବିବାଦ ରହିପାରେନାହିଁ । ରାଷ୍ଟ୍ର ଗୋଟିଏ ନୈତିକ ଅବୟବ ହୋଇଥିବାରୁ ପ୍ରତ୍ୟେକ ବ୍ୟକ୍ତିର ସଦାଚାରର ନିଜର କର୍ତ୍ତବ୍ୟ ସମ୍ପାଦନ ଉପରେ ହିଁ ନିର୍ଭର କରେ । ରାଷ୍ଟ୍ର ଭିତରେ ହିଁ ସେ ଉତ୍ତମ ଜୀବନ ଯାପନର ମୂଳସୂତ୍ର ପାଇଥାଏ", "ସମାଜର ସ୍ଥିତି ଏହାର ସଭ୍ୟମାନଙ୍କର ମଙ୍ଗଳ ନିମନ୍ତେ ଅଭିପ୍ରେତ, ସଭ୍ୟମାନଙ୍କର ସ୍ଥିତି ସମାଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ନୁହେଁ । ପରସ୍ପର ବିରୋଧୀ ମତବାଦର ପୃଷ୍ଠଭୂମିରେ ବ୍ୟକ୍ତିଗତ ଅଧିକାର ଓ ରାଷ୍ଟ୍ରୀୟ ନିୟନ୍ତ୍ରଣ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା ପ୍ରତ୍ୟେକ ସମ୍ବିଧାନର କର୍ତ୍ତବ୍ୟ । ଯୁକ୍ତରାଷ୍ଟ୍ର ଆମେରିକାର ପରିସ୍ଥିତିକୁ ବିଚାରକୁ ନେଇ ପ୍ରଫେସର ଉଇଲ୍‌ସି ମତ ଦେଇଛନ୍ତି ଯେ ଆମେରିକାରେ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ଥିଲେ ସୁଦ୍ଧା ନିରଙ୍କୁଶ ବ୍ୟକ୍ତିଗତ ସ୍ୱାତନ୍ତ୍ର୍ୟ ନାହିଁ । ପ୍ରତ୍ୟେକ ବ୍ୟକ୍ତି ଅସୀମ ବ୍ୟକ୍ତିଗତ ଅଧିକାର ଓ ସ୍ୱାତନ୍ତ୍ର୍ୟ ଉପଭୋଗ କଲେ ପରିଣତି ଧ୍ୱଂସ ଛଡ଼ା ଆଉ କିଛି ହେବନାହିଁ । ଇଂଲଣ୍ଡର ପରିସ୍ଥିତି ବିଚାର କରି ପ୍ରଫେସର ଜେନିଙ୍ଗସ୍ ମତ ଦେଇଛନ୍ତି ଯେ ଅଭିବ୍ୟକ୍ତି ସଙ୍ଗଠନ ଓ ସମାଗମ ଅଧିକାର ସୀମାବଦ୍ଧ ନହେଲେ ଉପଭୋଗ କରି ହେବନାହିଁ । ଏହି ଅଧିକାରଗୁଡ଼ିକ ନିରଙ୍କୁଶ ହେଲେ ଶୃଙ୍ଖଳାର ମୌଳିକ ଆବଶ୍ୟକତାକୁ ନଷ୍ଟ କରିଥାଏ ।

ସଂବିଧାନର ସଂରକ୍ଷିତ ଅଧିକାରଗୁଡ଼ିକ ମଧ୍ୟରେ ସ୍ୱାଧୀନତାର ଅଧିକାରଟି ବିଶେଷ ଗୁରୁତ୍ୱପୂର୍ଣ୍ଣ, କାରଣ ଏହାହିଁ ହେଲା ବ୍ୟକ୍ତି ସ୍ୱାଧୀନତା ( Personal liberty ) ଓ ଗଣତାନ୍ତ୍ରିକ ଶାସନବ୍ୟବସ୍ଥାର ମୂଳଭିତ୍ତି । ୧୯ ଧାରାରେ ଅନ୍ତର୍ଭୁକ୍ତ ସାତ ପ୍ରକାର ଅଧିକାର ଏହି ଧାରାଟିକୁ ଗୁରୁତ୍ୱପୂର୍ଣ୍ଣ କରିଛି । ସେହି ସାତ ପ୍ରକାର ଅଧିକାର ହେଲା :—

୧ । ଅଭିବ୍ୟକ୍ତି ଓ ମତ ସ୍ୱାଧୀନତା ( Right to freedom of speech and expression )

୨ । ଶାନ୍ତିପୂର୍ଣ୍ଣ ଓ ନିରସ୍ତ୍ରଭାବରେ ସମବେତ ହେବା ଅଧିକାର ( Right to assembly peaciably and without arms )

୩ । ସମିତି ଓ ସଂଘ ଗଠନରେ ଅଧିକାର ( Right to form union and association )

୪ । ଭାରତର ଯେକୌଣସି ଅଞ୍ଚଳରେ ସ୍ୱାଧୀନ ଭାବରେ ଯାତାୟାତ କରିବାର ଅଧିକାର ( Right to move freely through out the territory of India )

୫ । ଭାରତର ଯେ କୌଣସି ଅଞ୍ଚଳରେ ରହିବାର ଓ ବସବାସ କରିବାର ଅଧିକାର

( Right to reside and settle in any part of the territory of India )

୬ । ସମ୍ପତ୍ତି ଧାରଣ ଅର୍ଜନ ଓ ହସ୍ତାନ୍ତର କରିବାର ଅଧିକାର ( Right to acquire and dispose of property )

୭ । ଯେ କୌଣସି ବୃତ୍ତି ଅବଲମ୍ବନ କରିବା କିମ୍ବା ଯେ କୌଣସି ଉପଜୀବିକା, ବ୍ୟବସାୟ ବା ବାଣିଜ୍ୟ ଚଳାଇବା ଅଧିକାର ( Right to practise any profession or to Carry on any occupation, trade or business. )

## ଅଧିକାର ଗୁଡ଼ିକର ଗୁରୁତ୍ୱ ଓ ତାତ୍ପର୍ଯ୍ୟ

ଉପର ଲିଖିତ ସାତଗୋଟି ଅଧିକାର ମିଳିତଭାବରେ ପ୍ରତ୍ୟେକ ଭାରତୀୟଙ୍କୁ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଦେବାପାଇଁ ଉଦ୍ଦିଷ୍ଟ । ଆଉ ବ୍ୟକ୍ତି—ସ୍ୱାତନ୍ତ୍ର୍ୟ ମଣିଷର ଅଭ୍ୟୁଦୟ, ବିକାଶ ଓ ଆନନ୍ଦ ଉପଲବ୍ଧି ଦିଗରେ ଅତ୍ୟାବଶ୍ୟକୀୟ ଉପାଦାନ ଯୋଗାଇଥାଏ । ଆମେରିକୀୟ ସ୍ୱାଧୀନତା ଘୋଷଣାପତ୍ରରେ କୁହାଯାଇଛି ଯେ ମଣିଷର ଅପରିହାର୍ଯ୍ୟ ଅଧିକାର ଗୁଡ଼ିକ ମଧ୍ୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଜୀବନ, ସ୍ୱାତନ୍ତ୍ର୍ୟ ଓ ଆନନ୍ଦ ଅନ୍ୱେଷଣର ଅଧିକାର । ଅନ୍ୟାନ୍ୟ ଲିଖିତ ସଂବିଧାନର ପ୍ରସ୍ତାବନାପରି ଭାରତୀୟ ସଂବିଧାନର ପ୍ରାକ୍‌କଥନ ମଧ୍ୟ ଚିନ୍ତାର ସତ ପ୍ରକାଶ, ବିଶ୍ୱାସ ଧର୍ମ ଓ ଉପାସନାର ସ୍ୱାଧୀନତାକୁ ସଂବିଧାନର ମୌଳିକ ଲକ୍ଷ୍ୟରୂପେ ଘୋଷଣା କରିଛି ।

ଏଠାରେ ଲକ୍ଷଣୀୟ ବିଷୟ ହେଲ ଯେ, ଭାରତୀୟ ସଂବିଧାନରେ ସାଂବାଦିକ ସ୍ୱାଧୀନତା ପୃଥକ୍‌ଭାବରେ ଉଲ୍ଲିଖିତ ହୋଇନାହିଁ । ଯୁକ୍ତରାଷ୍ଟ୍ର ଆମେରିକାର ସଂବିଧାନର ପ୍ରଥମ ସଂଶୋଧନରେ ସାଂବାଦିକ ସ୍ୱାଧୀନତା ଦିଆଯାଇଛି ଏବଂ ଅଧିକାଂଶ ୟୁରୋପୀୟ ଦେଶମାନଙ୍କରେ ଏହି ସ୍ୱାଧୀନତା ରହିଛି । ତେଣୁ ଭାରତୀୟ ସମ୍ବିଧାନରେ ଏହା ନଥିବାରୁ ଏହାକୁ ଏକ ଗୁରୁତର ଅପବର୍ଜ୍ଜନ ବୋଲି କୁହାଯାଏ । କିନ୍ତୁ ସମ୍ବିଧାନ ପ୍ରଣେତାମାନଙ୍କ ପକ୍ଷରୁ ଡ: ଆମ୍ବେଦକର କହିଛନ୍ତି ଯେ, ସାଂବାଦିକ ସ୍ୱାଧୀନତାକୁ ପୃଥକ୍ ଭାବରେ ଉଲ୍ଲେଖ କରିବାର କୌଣସି ପ୍ରୟୋଜନ ନାହିଁ । କାରଣ ମତାମତ ପ୍ରକାଶର ସ୍ୱାଧୀନତାରେ ମୁଦ୍ରାଯନ୍ତ୍ରର ସ୍ୱାଧୀନତା ନିହିତ ।

ସମ୍ବିଧାନର ସେହି ୧୯ ଧାରାରେ ପ୍ରତ୍ୟେକ ପ୍ରକାର ସ୍ୱାଧୀନତା ଉପରେ ଯୁକ୍ତିସଙ୍ଗତ ପ୍ରତିବନ୍ଧକ ଆରୋପ କରାଯାଇଛି । ଅଭିବ୍ୟକ୍ତି ମତାମତ ପ୍ରକାଶ ସମ୍ପର୍କରେ ସଂବିଧାନ ଦ୍ୱାରା ନିର୍ଦ୍ଦିଷ୍ଟ ପ୍ରତିବନ୍ଧକର କାରଣଗୁଡ଼ିକ ହେଲ—୧) ରାଷ୍ଟ୍ରର ନିରାପତ୍ତା ୨) ଭାରତର ସାର୍ବଭୌମତ୍ୱ ଓ ସଂହତି ରକ୍ଷା ୩) ବୈଦେଶିକ ରାଷ୍ଟ୍ର ସହିତ ମୈତ୍ରୀ ସ୍ଥାପନ ୪) ଆଇନ୍

ଶୃଙ୍ଖଳା ୫-ଶ୍ଳୀଳତା ଓ ସଦାଚାର ୬-ନ୍ୟାୟାଳୟର ଅବମାନନା ୭-ମାନହାନି ଓ ୮-ହିଂସାକାଣ୍ଡ କରିବାଲାଗି ପ୍ରରୋଚନା । ପ୍ରଥମ ବିଧାନରେ ଏତେଗୁଡ଼ିଏ ପ୍ରତିବନ୍ଧକ ବିଷୟ ଉଲ୍ଲେଖ କରାଯାଇ ନଥିଲା । ସେତେବେଳେ ପ୍ରତିବନ୍ଧକର କାରଣଗୁଡ଼ିକ ଥିଲା ଅପମାନ-ଲେଖ( libel ) ଅପମାନ-ବଚନ ( slander ) ମାନହାନି, ବିଚାରାଳୟ ଅବମାନନା, ଶ୍ଳୀଳତା ବା ସଦାଚାର ଏବଂ ରାଷ୍ଟ୍ରର ନିରାପତ୍ତା ବ୍ୟାହତ ହେବା ବିଷୟ । ବର୍ତ୍ତମାନ ଯେଉଁ ପ୍ରତିବନ୍ଧକ ରହିଛି, ସେ ସବୁ ୧୯୫୧ର ସଂବିଧାନ (ପ୍ରଥମ) ସଂଶୋଧନର ଆଇନ୍ ବଳରେ ସଂଯୁକ୍ତ ହୋଇଛି । ରମେଶ ଥପ୍‌ପର ବନାମ ମାଡ୍ରାଜ ରାଜ୍ୟ ମୋକଦ୍ଦମାରେ ଉଚ୍ଚତମ ନ୍ୟାୟାଳୟର ନିଷ୍ପତ୍ତିକୁ ଭିତ୍ତିକରି ଏହି ସଂଶୋଧନ କରାଯାଇଥିଲା । ଏହାପରେ ପୁଣି ୧୯୬୩ ମସିହାରେ ସଂବିଧାନ (ଷୋଡ଼ଶ ସଂଶୋଧନ) ଆଇନ୍ ଦ୍ୱାରା ବାକ୍ୟ ଓ ମତାମତ ପ୍ରକାଶ ଅଧିକାର ସମ୍ପର୍କରେ ଅନ୍ୟ ଦୁଇଟି ପ୍ରତିବନ୍ଧକ ଯୋଡ଼ାଯାଇଛି । ଏହି ସଂଶୋଧନ ଅନୁସାରେ ଭାରତର ସାର୍ବଭୌମତ୍ୱ ଓ ସଂହତି ଦୃଷ୍ଟିରୁ ରାଷ୍ଟ୍ର ମତ ପ୍ରକାଶ ସ୍ୱାଧୀନତା ଉପରେ ଯୁକ୍ତିସଂଗତ ପ୍ରତିବନ୍ଧକ ଆରୋପ କରିପାରିବେ । ଏହିଭଳି ସରକାରୀ କ୍ଷମତାକୁ ଗଣତନ୍ତ୍ର-ବିରୋଧୀ ବୋଲି ସମାଲୋଚନା କରାଯାଏ । ସଂବିଧାନର ପ୍ରଥମ ସଂଶୋଧନରେ ଯୁକ୍ତିସଂଗତ କଥାଟି ଯୋଗ କରିବା ଫଳରେ ମତପ୍ରକାଶ ବା ସାମ୍ବାଦିକତା ଉପରେ ପ୍ରତିବନ୍ଧକ ଯୁକ୍ତିସଙ୍ଗତ ହେବା ପ୍ରୟୋଜନ ।

ମତ ପ୍ରକାଶ ସ୍ୱାଧୀନତା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ରହିଛି ସଂଘ ଗଠନ ଓ ସଭା ସମିତିରେ ମିଳିତ ହେବାର ଅଧିକାର । ସଭା ସମିତି, ତର୍କବିତର୍କ ଓ ଆଲୋଚନାରେ ଭାଗନେବାପାଇଁ ଶାନ୍ତିପୂର୍ଣ୍ଣ ଭାବରେ ଏକତ୍ରିତ ହେବାପାଇଁ ସୁଯୋଗ ଦିଆଗଲେ ହିଁ ଅଭିବ୍ୟକ୍ତିର ସ୍ୱାଧୀନତାକୁ ବାସ୍ତବରେ ଉପଭୋଗ କରି ହେବ । ଅସ୍ତ୍ରଶସ୍ତ୍ର ସହ ଏକତ୍ରିତ ହେବା ଅଧିକାରକୁ ଶାସନ ବିଧାୟକ ସଭାରେ କେତେଜଣ ଦାବୀ କରିଥିଲେ ସୁଦ୍ଧା ତାହା ଗୃହୀତ ହୋଇ ନଥିଲା । ସମିତି ଓ ସଂଗଠନ ଗଢ଼ିବା ଅଧିକାର ଶ୍ରମିକ ଗୋଷ୍ଠୀପାଇଁ ଅତ୍ୟାବଶ୍ୟକ; କିନ୍ତୁ କେତେଗୋଟି ଦେଶରେ ଶ୍ରମିକମାନଙ୍କ ଦ୍ୱାରା ସଂଘ ଗଠନକୁ ଅସାମାଜିକ ବା ରାଷ୍ଟ୍ର ବିରୋଧୀ କାର୍ଯ୍ୟକଳାପ ବୋଲି ବର୍ଣ୍ଣନା କରାଯାଇଥାଏ ।

ସମବେତ ହେବାର ସ୍ୱାଧୀନତା ମଧ୍ୟରେ ସଭା ଓ ଶୋଭାଯାତ୍ରାର ଅଧିକାର ଅନ୍ତର୍ଭୁକ୍ତ । ସଂବିଧାନ ଅନୁସାରେ ସମବେତ ହେବାର ସ୍ୱାଧୀନତା ତିନିପ୍ରକାର ପ୍ରତିବନ୍ଧକ ଦ୍ୱାରା ସୀମିତ । ପ୍ରଥମତଃ, ସଭା ବା ଜନସମାଗମ ଶାନ୍ତିପୂର୍ଣ୍ଣ ହେବ; ଦ୍ୱିତୀୟତଃ, ନିରସ୍ତ୍ର-ଭାବରେ ସମବେତ ହେବାକୁ ହେବ; ତୃତୀୟତଃ, ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ରାଷ୍ଟ୍ର କୌଣସି ଯୁକ୍ତିସଂଗତ ପ୍ରତିବନ୍ଧକ ଆରୋପ କରିପାରେ । ଏହି ପ୍ରସଙ୍ଗରେ ଉଲ୍ଲେଖଯୋଗ୍ୟ ଯେ ଯୁକ୍ତରାଷ୍ଟ୍ର ଆମେରିକାରେ କିମ୍ବା ଇଂଲଣ୍ଡରେ ଶାନ୍ତି ଭଙ୍ଗର ଆସନ୍ନ ବିପଦ ନରହିଲେ ଆଇନ ସଙ୍ଗତ ଜନ ସମାବେଶ ବା ସଭାରେ ଗୋଳମାଳ ସୃଷ୍ଟି ହେବା ଆଶଙ୍କା ହେତୁ ତାହାକୁ ଭାଙ୍ଗି ଦିଆଯାଏ ନାହିଁ ।

ସମିତି ବା ସଂଗଠନ ଗଠନ ସମ୍ପର୍କରେ ରାଷ୍ଟ୍ର ଶାନ୍ତି ଶୃଙ୍ଖଳା ଓ ନୈତିକତା ଦୃଷ୍ଟିରୁ ଯୁକ୍ତିସଙ୍ଗତ ପ୍ରତିବନ୍ଧକ ସୃଷ୍ଟି କରିପାରେ । କୌଣସି ଆଇନ୍ ବିରୋଧୀ ବା ଷଡ଼ଯନ୍ତ୍ରକାରୀ ଅନୁଷ୍ଠାନକୁ ବେଆଇନ ଘୋଷଣା କରାଯାଇପାରେ । ଅପରାଧକୁ ଉତ୍ସାହିତ କରିବା ବିଷୟରେ ମଧ୍ୟ କୌଣସି ଅନୁଷ୍ଠାନ ଗଠନ କରାଯାଇପାରିବ ନାହିଁ । ସୁତରାଂ ନାଗରିକମାନେ କୌଣସି ଅପରାଧ କରିବା ଉଦ୍ଦେଶ୍ୟରେ ମିଳିତ ହେଲେ ବା ଶାନ୍ତି-ଶୃଙ୍ଖଳାକୁ କ୍ଷୁଣ୍ଣକରି ସମିତି ଗଠନ କଲେ ବା କୌଣସି ସଙ୍ଘ ବେଆଇନ ଧର୍ମଘଟ କଲେ ତାହା ନିଷିଦ୍ଧ ହୋଇପାରିବ । ତେବେ ପ୍ରତିବନ୍ଧକ ଯୁକ୍ତିସଙ୍ଗତ କି ନା ତାହା କେବଳ ନ୍ୟାୟାଳୟ ନିର୍ଣ୍ଣୟ କରିବେ । ଯେଉଁ କ୍ଷେତ୍ରରେ କୌଣସି ଆଇନ୍ ଅଦାଲତର ବିଚାର କ୍ଷମତାକୁ କ୍ଷୁଣ୍ଣକରି ଶାସନ ବିଭାଗକୁ ପ୍ରତିବନ୍ଧକ ଆରୋପ କରିବା କ୍ଷମତା ଦିଆଯାଏ ସେ କ୍ଷେତ୍ରରେ ପ୍ରତିବନ୍ଧକ ଯୁକ୍ତିସଙ୍ଗତ ବିବେଚିତ ହୁଏନାହିଁ । କିନ୍ତୁ ସମିତି ବା ସଙ୍ଗଠନ ଗଢ଼ିବା କ୍ଷମତା ସମସ୍ତଙ୍କୁ ସମାନ ଭାବରେ ମିଳେନାହିଁ । ଜଣେ ବେସରକାରୀ ବ୍ୟକ୍ତି ଏହି ସଂକ୍ରାନ୍ତରେ ସୁବିଧା ସୁଯୋଗ ପାଇଲା ପରି ଜଣେ ସରକାରୀ କର୍ମଚାରୀ ଭାରତର ନାଗରିକ ହୋଇଥିଲେ ସୁଦ୍ଧା ଏପରି ସୁବିଧା ପାଏନାହିଁ । ଜଣେ କର୍ମଚାରୀ ହିସାବରେ ସେ ଚାକିରୀ ସଂପର୍କୀୟ ସର୍ତ୍ତାବଳୀ ଓ ନିୟମାବଳୀକୁ ମାନିବାକୁ ବାଧ୍ୟ ।

ପୁଣି ଭାରତୀୟ ସଂବିଧାନରେ ସମସ୍ତଙ୍କପାଇଁ ଏକ ଓ ଅଭିନ୍ନ ନାଗରିକତାର ବ୍ୟବସ୍ଥା କରାଯାଇଛି । ବିଭିନ୍ନ ରାଜ୍ୟରେ ବିଭକ୍ତ ହୋଇଥିଲେ ହେଁ ଭାରତର ଐକ୍ୟ ଓ ଅଭିନ୍ନତା ଉପରେ ଗୁରୁତ୍ୱ ଆରୋପ କରାଯାଇଛି । ସୁତରାଂ ଭାରତରେ ସର୍ବତ୍ର ସମଭାବରେ ଚଳବୁଲ, ବସବାସ ଓ ବ୍ୟବସାୟ ବାଣିଜ୍ୟ କରିବାର ସୁବିଧା ସୁଯୋଗ ଓ ଅଧିକାର ସବୁ ନାଗରିକମାନଙ୍କୁ ଦିଆଯାଇଛି । କିନ୍ତୁ ସାଧାରଣ ସ୍ୱାର୍ଥ ଓ ତଫସିଲଭୁକ୍ତ ଉପଜାତିର ସ୍ୱାର୍ଥ ସଂରକ୍ଷଣପାଇଁ ଏହି ଅଧିକାର ଉପରେ ପ୍ରତିବନ୍ଧକ ଧାର୍ଯ୍ୟ କରାଯାଇପାରେ । ଜନ ସ୍ୱାର୍ଥର ସୁରକ୍ଷାପାଇଁ ସଂକ୍ରାମକ ବ୍ୟାଧିଗ୍ରସ୍ତ ବ୍ୟକ୍ତିମାନଙ୍କ ଚଳବୁଲ କରିବାର ସ୍ୱାଧୀନତା ନିୟନ୍ତ୍ରିତ କରାଯାଏ । ପୁଣି ତଫସିଲଭୁକ୍ତ ଅନୁନ୍ନତ ଉପଜାତିର ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ସେମାନଙ୍କୁ ଏକ ସ୍ୱତନ୍ତ୍ରଗୋଷ୍ଠୀ ରୂପେ ରହି ସ୍ୱତନ୍ତ୍ର ସଂସ୍କୃତି ଓ ସନ୍ନିବିଷ୍ଟନିୟନ୍ତ୍ରିତ କରିବାପାଇଁ ସୁଯୋଗ ଦିଆଯାଇଥାଏ । ଦିଲ୍ଲୀ ଅଞ୍ଚଳରୁ ଭାରତୀୟ ହିନ୍ଦୁ ମହାସଭାର ସଭାପତି ଡକ୍ଟର ଏନ୍.ବି.ଖାରେ ତିନିମାସ ସକାଶେ ବହିଷ୍କାର ଆଦେଶ ପାଇବା ପରେ ସେ ଦାଖଲ କରିଥିବା ମୋକଦ୍ଦମା ଉପରେ ରାୟ ଦେଇ ଉଚ୍ଚତମ ନ୍ୟାୟାଳୟ କହିଥିଲେ ଯେ, ଭାରତର ପ୍ରତ୍ୟେକ ନାଗରିକର ଭାରତ ଭିତରେ—ଯେ କୌଣସି ସ୍ଥାନରେ ଚଳବୁଲ ଓ ବସବାସ କରିବାର ଅଧିକାର ଥିଲେ ସୁଦ୍ଧା ହିନ୍ଦୁ ମହାସଭା ସଭାପତିଙ୍କୁ ବହିଷ୍କାର ଆଦେଶ ଦିଆଯିବାଲାଗି ଯୁକ୍ତିଯୁକ୍ତ କାରଣ ଥିବାରୁ ଆଦେଶନାମାକୁ ଅସଂଗତ କୁହାଯାଇ ନପାରେ । ସେତେବେଳେ ସେ ସେହି ଅଞ୍ଚଳରେ ସାଂପ୍ରଦାୟିକ ଭେଦଭାବ ସୃଷ୍ଟି କରୁଥିବା ଅଭିଯୋଗରେ ଅଭିଯୁକ୍ତ ହୋଇଥିଲେ ।

ସଂବିଧାନରେ ଦିଆଯାଇଥିବା ସମ୍ପତ୍ତିଭୋଗ, ଦଖଲ ଓ ବିକ୍ରୟ କରିବା ଅଧିକାରକୁ ବ୍ୟକ୍ତିତ୍ୱର ବିକାଶ ସମାଜ ବଂଧନର ଅନ୍ୟତମ ସର୍ତ୍ତ ହିସାବରେ ଗ୍ରହଣ କରାଯାଏ । ଅଧିକାର ସମ୍ପର୍କରେ ଦୁଇପ୍ରକାର ମତବାଦ ପ୍ରଚଳିତ ଅଛି; ଯଥା—ସମାଜବାଦ ଓ ବ୍ୟକ୍ତିବାଦ । ସମାଜବାଦ ଅନୁସାରେ ପ୍ରତ୍ୟେକ ନାଗରିକର ନିଜର ଅର୍ଜିତଆୟ ଓ ସଞ୍ଚୟ ଏବଂ ବସବାସ କରିବାର ଘରବାଡ଼ି ଆଦି ବ୍ୟକ୍ତିଗତ ସଂପତ୍ତି ଉପରେ ଅଧିକାର ରହିବ । ସମଗ୍ର ସମାଜ ହେବ ଉତ୍ପାଦନ ସମୂହର ଉପାଦାନର ମାଲିକ । ଅପର କ୍ଷେତ୍ରରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଅନୁସାରେ ସଂପତ୍ତିର ଅଧିକାର ପବିତ୍ର ଓ ଅଲଂଘନୀୟ । ବର୍ତ୍ତମାନ ଅନିୟନ୍ତ୍ରିତ ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ କେହି ପସନ୍ଦ କରନ୍ତି ନାହିଁ । ଦେଖାଯାଏ ଯେ, ଜନମଙ୍ଗଳକାରୀ ରାଷ୍ଟ୍ର ଧାରଣାର ପ୍ରସାର ଓ ଅର୍ଥନୈତିକ ପରିପକ୍ୱତା ପ୍ରତି ଆକର୍ଷଣ ଫଳରେ ବ୍ୟକ୍ତିଗତ ସମ୍ପତ୍ତିର ଅଧିକାର ଉପରେ ନାନା ଭାବରେ ପ୍ରତିବନ୍ଧକ ଆରୋପ କରାଯାଇଛି । ଭାରତରେ ସମ୍ପତ୍ତି ଭୋଗର ଅଧିକାରକୁ କ୍ରମାନ୍ୱୟ ସଂଶୋଧିତ କରାହୋଇଛି ।

ଭାରତର ସମାଜ ବ୍ୟବସ୍ଥାରେ ବୃତ୍ତି, ଉପଜୀବିକା ଓ ବ୍ୟବସାୟ ବାଣିଜ୍ୟ ସଂକ୍ରାନ୍ତ ଅଧିକାରର ବିଶେଷ ପ୍ରୟୋଜନ ରହିଛି । ଏହି ଅଧିକାରଗୁଡ଼ିକର ମୌଳିକତା ସମ୍ବନ୍ଧରେ ଶାସନ ବିଧାୟକ ସଭାରେ ପ୍ରଶ୍ନ ଉଠିଥିଲା । ଅଷ୍ଟ୍ରେଲିଆ ଓ ସୁଇଜରଲାଣ୍ଡ ସମ୍ବିଧାନ ବ୍ୟତୀତ ଅନ୍ୟ କୌଣସି ସଂବିଧାନରେ ଏପରି ବ୍ୟବସ୍ଥା ନାହିଁ । ଭାରତର ଜଟିଳ ସାମାଜିକ ପରିସ୍ଥିତି ଦ୍ୱାରା ପ୍ରଭାବିତ ହୋଇ ବୋଧ ହୁଏ ସଂବିଧାନ ରଚୟିତାମାନେ ଏହି ସବୁକୁ ମୌଳିକ ଅଧିକାର ପରିଚ୍ଛେଦ ଭିତରେ ଅନ୍ତର୍ଭୁକ୍ତ କରିଛନ୍ତି । ଭାରତୀୟ ସମାଜରେ ବର୍ଣ୍ଣ ବା ଧର୍ମର ପ୍ରାଧାନ୍ୟ ବର୍ତ୍ତମାନ ସୁଦ୍ଧା ରହିଛି । ତେଣୁ ଏକ ଗତିଶୀଳ ଏବଂ ଗଣତାନ୍ତ୍ରିକ ସମାଜ ଗଠନପାଇଁ ବୃତ୍ତି, ଉପଜୀବିକା ବା ବ୍ୟବସାୟ ବାଣିଜ୍ୟକୁ ଧର୍ମ ବା ବର୍ଣ୍ଣର କବଳରୁ ରକ୍ଷା କରିବା ନିମିତ୍ତ ଏହି ଅଧିକାରଟି ସୁରକ୍ଷିତ ହୋଇଛି । କିନ୍ତୁ ଜନସ୍ୱାର୍ଥପାଇଁ ବୃତ୍ତି ଉପଜୀବିକା ଓ ବ୍ୟବସାୟ ବାଣିଜ୍ୟର ଅଧିକାର ସଂପର୍କରେ ରାଷ୍ଟ୍ର ଯୁକ୍ତିସଂଗତ ପ୍ରତିବନ୍ଧକ ସୃଷ୍ଟି କରିପାରେ । ରାଷ୍ଟ୍ର ଆଇନଦ୍ୱାରା ବୃତ୍ତିଗତ ବୈଷୟିକ ଯୋଗ୍ୟତା ମଧ୍ୟ ( Professional on technical qualification ) ନିର୍ଦ୍ଦିଷ୍ଟ କରିଦେଇପାରେ । ବ୍ୟକ୍ତିଗତ ବ୍ୟବସାୟ ପରିବର୍ତ୍ତେ ରାଷ୍ଟ୍ରଦ୍ୱାରା ବା ରାଷ୍ଟ୍ରର ନିୟନ୍ତ୍ରଣାଧିନ ଯେ କୌଣସି ପ୍ରତିଷ୍ଠାନ ଦ୍ୱାରା ବ୍ୟବସାୟ ବାଣିଜ୍ୟ ପରିଚାଳନା ବ୍ୟବସ୍ଥା ହୋଇପାରେ । ଏହି ପ୍ରତିବନ୍ଧକ ପଛରେ ଥିବା ଯୁକ୍ତି ସହଜରେ ଉପଲବ୍ଧି କରାଯାଏ । ଉଦାହରଣସ୍ୱରୂପ, ଯୋଗ୍ୟତା ସମ୍ପନ୍ନ ନହୋଇଥିଲେ କୌଣସି ବ୍ୟକ୍ତିକୁ ଚିକିତ୍ସା କରିବାକୁ ଦେବା ବିପଦ ଜନକ । ଯୁକ୍ତିସଂଗତ ପ୍ରତିବନ୍ଧକ ବେଳେବେଳେ ସମ୍ପୂର୍ଣ୍ଣ ନିଷେଧାବସ୍ଥାକୁ ବୁଝାଇପାରେ ବୋଲି ମୋତିଲାଲ ବନାମ ଉତ୍ତର ପ୍ରଦେଶ ପ୍ରସଙ୍ଗରେ ଏଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟର ମୁଖ୍ୟନ୍ୟାୟାଧୀଶ ଶ୍ରୀଯୁକ୍ତ ମାଲ୍ଲିକ ମତଦେଇଛନ୍ତି । କୌଣସି ନିର୍ଦ୍ଦିଷ୍ଟ ସ୍ନାନାଗାର ବା ଅଙ୍ଗମର୍ଦ୍ଦନ ସେବାଳୟ କାର୍ଯ୍ୟକଳାପରେ ବେଆଇନ୍ ବା ଅନୈତିକ କାରବାରରେ ସନ୍ଦେହ ଉପୁଜିଲେ ସାଧାରଣ ପୋଷାକଧାରୀ ପୋଲିସ ମୁତୟନ ଦ୍ୱାରା 'ବୃତ୍ତି ଓ ଉପଜୀବିକାର

ଅଧିକାର ବ୍ୟାହତ ହୁଏନାହିଁ ବୋଲି ଏସ୍. ଟି. ମୁଖାର୍ଜୀ ବନାମ୍ ବ୍ୟାନାର୍ଜୀ ମୋକଦ୍ଦମାରେ କଲିକତା ଉଚ୍ଚନ୍ୟାୟାଳୟ ସର୍ବସମ୍ମତି ମତ ଦେଇଛନ୍ତି ।

୧୯ ଧାରା ପରେ ସଂବିଧାନର ପରବର୍ତ୍ତୀ ତିନି ଗୋଟି ଧାରାରେ ବି ସ୍ୱାଧୀନତାର ଅଧିକାର ବିଷୟ ବର୍ଣ୍ଣନା କରାଯାଇଛି । ୨୦ ଅନୁଚ୍ଛେଦରେ କୁହାଯାଇଛି ଯେ, କୌଣସି ବ୍ୟକ୍ତି ପ୍ରତି ସ୍ୱେଚ୍ଛାଚାରୀ ବା ଅତିରିକ୍ତ ଦଣ୍ଡବିଧାନ ହେବନାହିଁ । ପ୍ରଚଳିତ ଆଇନ ଭଙ୍ଗ କରିଥିଲେ ଯେ କୌଣସି ବ୍ୟକ୍ତିକୁ ଅପରାଧୀ ସାବ୍ୟସ୍ତ କରାଯାଇପାରେ । ଅପରାଧ ଯେଉଁ ସମୟରେ କରାଯାଇଥାଏ ସେହି ସମୟର ଆଇନ୍ ଅନୁସାରେ ଯେଉଁ ଦଣ୍ଡ ଦିଆଯାଇଥାନ୍ତା ତାଠାରୁ ଅଧିକ ଦଣ୍ଡ ଦିଆଯିବ ନାହିଁ । ଏହି ବିଷୟରେ ଭାରତୀୟ ସଂବିଧାନ ଯୁକ୍ତରାଷ୍ଟ୍ର ଆମେରିକାର ସାଂବିଧାନିକ ବ୍ୟବସ୍ଥାକୁ ଗ୍ରହଣ କରିଛି । ସଂବିଧାନରେ ଆହୁରି କୁହାଯାଇଛି ଯେ ପୂର୍ବେ ଅନୁଷ୍ଠିତ କାର୍ଯ୍ୟକୁ ପରବର୍ତ୍ତୀ ଆଇନ ଦ୍ୱାରା ଦଣ୍ଡନୀୟ ବା ଅଧିକ ମାତ୍ରାରେ ଦଣ୍ଡନୀୟ କରାଯାଇ ପାରିବ ନାହିଁ । ଗୋଟିଏ ଦୋଷପାଇଁ କାହାକୁ ଏକାଧିକବାର ଅଭିଯୁକ୍ତ ବା ଦଣ୍ଡିତ କରାଯାଇ ପାରିବ ନାହିଁ । ଯୁକ୍ତରାଷ୍ଟ୍ର ଆମେରିକାର ସଂବିଧାନରେ ମଧ୍ୟ ଅନୁରୂପ ବ୍ୟବସ୍ଥା ରହିଛି ଏବଂ କୁହାଯାଇଛି ଯେ, କୌଣସି ବ୍ୟକ୍ତିକୁ ଗୋଟିଏ ଅପରାଧପାଇଁ ଦ୍ୱିତୀୟବାର ବିପଦର ( Double Jeopardy ) ସମ୍ମୁଖୀନ କରାଯିବ ନାହିଁ । ଏହି ବ୍ୟବସ୍ଥା ପ୍ରଚଳନ କ୍ଷେତ୍ରରେ ବ୍ରିଟେନ ସର୍ବପ୍ରଥମ । ଏକାଧିକାର ଦଣ୍ଡ ନ ଦିଆଯିବା ବ୍ୟବସ୍ଥା ଉପରେ ଭାରତୀୟ ଉଚ୍ଚତମ ନ୍ୟାୟାଳୟଙ୍କ ସିଦ୍ଧାନ୍ତ ହେଉଛି ଯେ, ଅଧିକାରଟି ନ୍ୟାୟାଳୟ ବା ଅନ୍ୟ କୌଣସି ଅଧିକରଣ ବିଚାର କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ।

୨୦ ଅନୁଚ୍ଛେଦରେ ପୁଣି କୁହାଯାଇଛି ଯେ, ଅପରାଧୀ ବୋଲି ଅଭିଯୁକ୍ତ କୌଣସି ବ୍ୟକ୍ତିକୁ ନିଜ ବିରୁଦ୍ଧରେ ସାକ୍ଷ୍ୟ ଦେବାକୁ ବାଧ୍ୟ କରାଯିବ ନାହିଁ । ଏହି ଧାରାର ମିଳିତ ବ୍ୟବସ୍ଥା ଯୋଗୁ ମିଳିତ ଭାବରେ ମଣିଷର ବ୍ୟକ୍ତିଗତ ପ୍ରାଧାନ୍ୟ ରକ୍ଷା ହେବାଲାଗି ବ୍ୟବସ୍ଥା ହୋଇଛି ।

## ଜୀବନର ନିରାପତ୍ତା ଓ ବ୍ୟକ୍ତି-ସ୍ୱାଧୀନତାର ସଂରକ୍ଷଣ

**( Protection of life and Personal liberty )**

ସଂବିଧାନର ୨୧ ଧାରା କ୍ଷୁଦ୍ର ହେଲେହେଁ ଏହା ଉପରେ ଗଣପରିଷଦ ସଭାରେ ବିସ୍ତୃତ ଆଲୋଚନା ହୋଇଥିଲା । ଏଥିରେ କୁହାଯାଇଛି ଯେ ଆଇନାନୁମୋଦିତ ପଦ୍ଧତି ବ୍ୟତୀତ କାହାରିକୁ ତାର ଜୀବନରେ ନିରାପତ୍ତା ଓ ବ୍ୟକ୍ତି ସ୍ୱାଧୀନତାରୁ ବଞ୍ଚିତ କରାଯିବ ନାହିଁ । ଜାପାନର ୧୯୪୭ ସଂବିଧାନର ୩୧ ଧାରାର ଅନୁକରଣ ଆଇନାନୁମୋଦିତ ପଦ୍ଧତି ବ୍ୟତୀତ ବାକ୍ୟାଂଶ ଭାରତୀୟ ସଂବିଧାନରେ ବ୍ୟବହାର କରାଯାଇଛି । ଏ. କେ. ଗୋପାଳନ୍ ବନାମ୍ ମାଦ୍ରାଜ ରାଜ୍ୟ ଏବଂ ଅନ୍ୟ କେତେ ଗୋଟି ମୋକଦ୍ଦମାରେ ସୁପ୍ରିମ-କୋର୍ଟ ଅଭିମତ ପ୍ରକାଶ କରିଛନ୍ତି ଯେ, ଆଇନାନୁମୋଦିତ ପଦ୍ଧତି କଣ ତାହା ନ୍ୟାୟାଳୟ

ନିର୍ଣ୍ଣୟ ହେବ । କିନ୍ତୁ ଆଇନାନୁମୋଦିତ ପଦ୍ଧତି ଯୁକ୍ତିଯୁକ୍ତ କି ନା ତାହା ବିଚାର କରିବାର କ୍ଷମତା ନ୍ୟାୟାଳୟର ନାହିଁ । ଗୋପାଳନ୍ ବନାମ୍ ମାନ୍ଦ୍ରାଜ ରାଜ୍ୟ ମୋକଦ୍ଦମାରେ ବିଚାରପତି ପାତଞ୍ଜଳୀ ଶାସ୍ତ୍ରୀ କହିଛନ୍ତି ଯେ, "ଆଇନ୍ ଦ୍ୱାରା ପ୍ରାକୃତିକ ନ୍ୟାୟର ଅପରି-ବର୍ତ୍ତନୀୟ ଓ ସାର୍ବଜନୀନ ମୂଳତତ୍ତ୍ୱକୁ ମାନିନେବାକୁ ମୁଁ ରାଜି ନୁହେଁ" । ତେଣୁ ୨୧ ଧାରାରେ ଯେଉଁ ଆଇନ୍ କଥା କୁହାଯାଇଛି ତାହା ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ ଆଇନ୍‌କୁ ବୁଝାଏ । ନ୍ୟାୟ ବିଚାର ଦିଗରୁ ଆଇନ୍ ଯେତେ ଅଯୌକ୍ତିକ ହେଉନା କାହିଁକି ସେଥିରେ ଅଦାଲତରେ କିଛି କହିବାର ନାହିଁ । ସୁତରାଂ କୁହାଯାଏ ଯେ ଏହି ଅଧିକାର ଦ୍ୱାରା ଶାସନ ବିଭାଗକୁ ନିୟନ୍ତ୍ରଣ କରିବାର ବ୍ୟବସ୍ଥା ରଖାଯାଇଛି । କିନ୍ତୁ ଏହାଦ୍ୱାରା ସଂସଦ ବା ବିଧାନ-ମଣ୍ଡଳ ନିୟନ୍ତ୍ରିତ ହୋଇପାରିବ ନାହିଁ ।

ପୂର୍ବରୁ କୁହାଯାଇଛି ଯେ "ଆଇନ୍ ଅନୁମୋଦିତ ପଦ୍ଧତି" ବାକ୍ୟାଂଶକୁ ଯୁକ୍ତରାଷ୍ଟ୍ର ସଂବିଧାନରୁ ଅଣା ନ ଯାଇ ଜାପାନ ସଂବିଧାନରୁ ଅଣାଯାଇଛି । ଯୁକ୍ତରାଷ୍ଟ୍ର ସଂବିଧାନରେ ଆଇନ ବିହିତ ପଦ୍ଧତି ( Procedure established by law ) ବାକ୍ୟାଂଶ ବ୍ୟବହାର କରା ନଯାଇ "ଆଇନର ନ୍ୟାଯ୍ୟପ୍ରଣାଳୀ" ( due process of law ) ବାକ୍ୟାଂଶ ବ୍ୟବହାର କରାଯାଇଛି । ଯୁକ୍ତରାଷ୍ଟ୍ରରେ କେନ୍ଦ୍ରୀୟ ସରକାରଙ୍କ କ୍ଷମତାକୁ ସଙ୍କୁଚିତ କରିବାପାଇଁ ପଞ୍ଚମ ସଂଶୋଧନ ଦ୍ୱାରା ଓ ରାଜ୍ୟସରକାରଙ୍କ ଉପରେ ସୀମା ନିର୍ଦ୍ଧାରଣ କରିବାପାଇଁ ଚତୁର୍ଦ୍ଦଶ ସଂଶୋଧନ ଦ୍ୱାରା 'ଆଇନ୍‌ର ନ୍ୟାଯ୍ୟ ପ୍ରଣାଳୀ'କୁ ଯୋଡ଼ା ଯାଇଛି । ଏହି ପ୍ରଣାଳୀ ବ୍ୟକ୍ତିଗତ ସ୍ୱାଧୀନତା, ସାମାଜିକ ନିୟନ୍ତ୍ରଣ, ପଦ୍ଧତି, ( Procedure ) କ୍ଷେତ୍ରାଧିକାର ( Jurisdiction ) ଓ ମୌଳିକ ଆଇନ୍ କ୍ଷେତ୍ରରେ ପ୍ରୟୋଗ କରାଯିବା ପୋଲିସ କ୍ଷମତା ରାଷ୍ଟ୍ରୀୟ ସଂପତ୍ତିଗତ ସ୍ୱତ୍ୱ ( eminent domain ) ଓ କର ନିର୍ଦ୍ଧାରଣ କ୍ଷେତ୍ରରେ ବି ପ୍ରୟୋଗ କରାଯାଏ । ଏହା ଶାସନ ବିଭାଗ, ବିଚାର ବିଭାଗ ଓ ଆଇନ୍ ସଭାକୁ ବି ଲାଗୁ ହୁଏ । 'ଆଇନ୍‌ର ନ୍ୟାଯ୍ୟପ୍ରଣାଳୀ' ବାକ୍ୟାଂଶର ବ୍ୟାଖ୍ୟା ମାଧ୍ୟମରେ ଯୁକ୍ତରାଷ୍ଟ୍ରର ଉଚ୍ଚତମ ନ୍ୟାୟାଳୟ କୌଣସି ଆଇନ ନ୍ୟାୟସଙ୍ଗତ କି ନା ଓ ଆଇନ୍‌ର ପ୍ରୟୋଗ ପଦ୍ଧତି ଯୁକ୍ତିଯୁକ୍ତ କି ନୁହେଁ ତାହା ବିଚାର କରିବାର କ୍ଷମତା ଲାଭ କରିଛି । ଏହି ପ୍ରଣାଳୀର ଦୁଇଟି ଅର୍ଥ ହେଉଛି (୧) ବିଷୟଗତ ପ୍ରଣାଳୀ ( Substantive due process ) ଏବଂ (୨) ପଦ୍ଧତିଗତ ବିହିତ ପ୍ରଣାଳୀ ( Procedural due Process ) ଭାରତୀୟ ସୁପ୍ରିମକୋର୍ଟର ଅଭିମତ ହେଲା ଭାରତୀୟ ନ୍ୟାୟାଳୟ ଗୁଡ଼ିକ ଏଥି ଭିତରୁ କୌଣସି ବିଭାଗ ଆଲୋଚନା କରିପାରିବେ ନାହିଁ ।

## ଗିରଫ ଓ ଅଟକ ସଂପର୍କିତ ଅଧିକାର

ଗିରଫ ଓ ଅଟକ ସମ୍ପର୍କରେ ଭାରତୀୟ ସଂବିଧାନରେ କୁହାଯାଇଛି ଯେ, କାହାରିକୁ ଗିରଫ କରାଗଲେ ଯଥାଶୀଘ୍ର ତାର ଗିରଫର କାରଣ ଜଣାଇବାକୁ ହେବ; ନିଜ ମନୋନୀତ

ଓକିଲ ସହିତ ପରାମର୍ଶ କରି ତାଙ୍କ ଦ୍ୱାରା ନିଜପକ୍ଷ ସମର୍ଥନ କରାଇ ପାରିବେ; ଗିରଫ କରାଯାଇଥିବା ବା ଅଟକ ରଖାଯାଇଥିବା ବ୍ୟକ୍ତିକୁ ନିକଟତମ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଚବିଶ ଘଣ୍ଟା ଭିତରେ ପହଞ୍ଚାଇବାକୁ ହେବ ଏବଂ କେବଳ ଉକ୍ତ ମାଜିଷ୍ଟ୍ରେଟଙ୍କ ଅନୁମତି ନେଲେ ଚବିଶ ଘଣ୍ଟାରୁ ବେଶୀ ଅଟକ ରଖା ଯାଇପାରିବ । ଉପରୋକ୍ତ ବ୍ୟବସ୍ଥାମାନ ୨୨ (୧) ଓ (୨) ଧାରାରେ ରହିଛି । କିନ୍ତୁ ଏହି ଧାରା ଦୁଇଟି କ୍ଷେତ୍ରରେ ପ୍ରୟୋଗ ହୋଇ ପାରିବନାହିଁ ଯଥା—କ) ଶତ୍ରୁ ଦେଶର ନାଗରିକ ଖ) ନିବର୍ତ୍ତନମୂଳକ ଅଟକ ( Preventive detention ) ଆଇନ୍‌ରେ ଗିରଫ ବା ଅଟକ ହୋଇଥିବା ବ୍ୟକ୍ତି ନିବର୍ତ୍ତନମୂଳକ ଅଟକ ସପକ୍ଷରେ ଡ: ଆମ୍ବେଦକର କହିଛନ୍ତି ଯେ, ଭାରତର ଉପସ୍ଥିତ ପରିସ୍ଥିତିରେ କୌଣସି ବ୍ୟକ୍ତି ସାଧାରଣ ଶାନ୍ତି ଶୃଙ୍ଖଳା ବ୍ୟାହତ କରୁଥିବା ସନ୍ଦେହ ହେଲେ ରାଷ୍ଟ୍ରୀୟ ସଂରକ୍ଷଣ ଲାଗି ତାକୁ ନିବର୍ତ୍ତନମୂଳକ ଅଟକ ରଖାଯାଇପାରେ କିନ୍ତୁ ଏହି ଯୁକ୍ତି ଏଚ୍. ଭି. କାମଥ, ବକ୍ସି ଟେକଚାନ୍ଦ୍ ପ୍ରଭୃତି ଶାସନ ବିଧାୟକମାନଙ୍କୁ ସନ୍ତୁଷ୍ଟ କରିପାରି ନଥିଲା । ବକସି ଟେକଚାନ୍ଦ୍ ଡ. ଆମ୍ବେଦକରଙ୍କୁ ପ୍ରଶ୍ନ କରିଥିଲେ "ପୃଥିବୀରେ ଏପରି କୌଣସି ସଂବିଧାନ ଅଛି କି ଯେଉଁଠି ସାଧାରଣ ସମୟରେ ପ୍ରମାଣ ନ ଥାଇ ବା ବିଚାର କରାନଯାଇ ବ୍ୟକ୍ତିମାନଙ୍କୁ ଅଟକ ରଖାଯାଏ ? ଏହାର ଉତ୍ତରରେ ଡ:ଆମ୍ବେଦକର କହିଥିଲେ "ନିବର୍ତ୍ତନ ମୂଳକ ଅଟକ ଆଇନ ବଳରେ କାହାକୁ ଅଟକ କରାଗଲେ ବି ତା ସପକ୍ଷରେ ସଂବିଧାନରେ ଯଥେଷ୍ଟ ରକ୍ଷା କବଚ ରହିଛି ।"

ସଂବିଧାନ ଅନୁସାରେ ଦେଶରକ୍ଷା ବୈଦେଶିକ ବ୍ୟାପାର ଓ ରାଷ୍ଟ୍ରୀୟ ନିରାପତ୍ତା ରକ୍ଷାପାଇଁ ସଂସଦରେ ଏବଂ କୌଣସି ଅଙ୍ଗରାଜ୍ୟରେ ନିରାପତ୍ତା, ଶାନ୍ତିଶୃଙ୍ଖଳା ଅକ୍ଷୁର୍ଣ୍ଣ ରଖିବା ଅତ୍ୟାବଶ୍ୟକ ଯୋଗାଣ ଓ ସେବାକୁ ଅକ୍ଷୁର୍ଣ୍ଣ ରଖିବାପାଇଁ ଉଭୟ ସଂସଦ ଓ ବିଧାନ ମଣ୍ଡଳ ନିବର୍ତ୍ତନମୂଳକ ଅଟକ ଆଇନ ପ୍ରଣୟନ କରିପାରନ୍ତି । ତେବେ ଏହି ନିବର୍ତ୍ତନମୂଳକ ଅଟକ ଆଇନ୍ ବଳରେ ଏକକାଳୀନ ତିନି ମାସରୁ ଅଧିକ ସମୟ ଅଟକ ରଖାଯାଇ ପାରିବ ନାହିଁ । ତିନି ମାସରୁ ଅଧିକ ସମୟ ଅଟକ ରଖିବାକୁ ହେଲେ ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶ ନିଯୁକ୍ତ ହେବାକୁ ଯୋଗ୍ୟତା ସମ୍ପନ୍ନ ବ୍ୟକ୍ତିମାନଙ୍କୁ ନେଇ ଗଠିତ ଗୋଟିଏ ଉପଦେଷ୍ଟା ବୋର୍ଡର ଅଭିମତ ପ୍ରୟୋଜନ । କିନ୍ତୁ ପାର୍ଲାମେଣ୍ଟ ଆଇନ୍ ପ୍ରଣୟନ କରି କେତେକ କ୍ଷେତ୍ରରେ ବୋର୍ଡର ଅଭିମତ ନ ନେଇ ମଧ୍ୟ ତିନି ମାସରୁ ଅଧିକ କାଳ ଅଟକ ରଖିବାର ବ୍ୟବସ୍ଥା କରିପାରେ । କାହାରିକୁ ଅନିର୍ଦ୍ଦିଷ୍ଟ କାଳପାଇଁ ଅଟକ ରଖାଯାଇ ପାରିବ ନାହିଁ । କିନ୍ତୁ ଅଟକ ରଖିବାର ସର୍ବାଧିକ ସମୟ ନିର୍ଦ୍ଧାରିତ କରିବା ଅଧିକାର ପାର୍ଲାମେଣ୍ଟର ରହିଛି । ତା ଛଡ଼ା ଉପଦେଷ୍ଟା ମଣ୍ଡଳୀର କୌଣସି ବିଷୟ ବିଚାର କଲାବେଳେ କିଭଳି ପ୍ରଣାଳୀରେ ବ୍ୟବସ୍ଥାମାନ ଗ୍ରହଣ କରାଯିବ ତାହା ମଧ୍ୟ ଉପଦେଷ୍ଟାମଣ୍ଡଳୀ ଦ୍ୱାରା ନିଷ୍ପତ୍ତି କରାଯାଇପାରେ । ଏଠି ଅଟକ ଥିବା ବ୍ୟକ୍ତିର ସ୍ୱାର୍ଥ ସଂରକ୍ଷଣପାଇଁ ଅଟକକାରୀ କର୍ତ୍ତୃପକ୍ଷ ତାଙ୍କୁ ଯେତେ ଶୀଘ୍ର ସମ୍ଭବ ଅଟକର କାରଣ ଜଣାଇବାକୁ ବାଧ୍ୟ ଏବଂ ସଂପୃକ୍ତ ବ୍ୟକ୍ତି ଏହି ଅଟକ ବିରୁଦ୍ଧରେ ଆବେଦନ କରିପାରିବେ । ଡ: ଆମ୍ବେଦକର କହିଛନ୍ତି ଯେ,

ଅବରୁଦ୍ଧ ବ୍ୟକ୍ତି ସଂପର୍କରେ ଏକ ବଳିଷ୍ଠ ମୁକ୍ତି ହେଉଛି ଯେ, କେବଳ ଆଇନ୍ ଅନୁସାରେ ଅଟକ କରାଯିବ, ଶାସନ ବିଭାଗର ଇଚ୍ଛାନୁସାରେ ନୁହେଁ । ଏହି ସଂକ୍ରାନ୍ତରେ ଭିନ୍ନଭିନ୍ନ ମୋକଦ୍ଦମା ସମ୍ବନ୍ଧରେ ଉପରେ ସୂଚନା ଦିଆଯାଇପାରେ । ଗୁରୁତର ପରିସ୍ଥିତି ଓ ବିପଦଜନକ ଫଳାଫଳର ଆଶଙ୍କା କରାଯାଇଥିବା କୌଣସି ମୋକଦ୍ଦମାରେ ସରକାର ତାଙ୍କ ନିକଟରେ ଥିବା ତଥ୍ୟ ପ୍ରକାଶ କରିବାପାଇଁ ବାଧ୍ୟ ନୁହନ୍ତି । ଏଭଳି ତଥ୍ୟ ପ୍ରକାଶ ପାଇଗଲେ ରାଷ୍ଟ୍ରର ସୁରକ୍ଷା ଓ ସ୍ଥିତି ବିପନ୍ନ ହୋଇପାରେ ।

ଭାରତରେ ୧୯୫୦ ମସିହାରେ ସର୍ବପ୍ରଥମେ ନିବର୍ତ୍ତନ ମୂଳକ ଆଇନ୍ ପ୍ରଣୀତ ହୋଇଥିଲା । ଭାରତରେ ନିବର୍ତ୍ତନମୂଳକ ଅଟକର ଅର୍ଥ ହେଉଛି କୌଣସି ବ୍ୟକ୍ତି ଅପରାଧ କରି ନଥିଲେ ବି ଭବିଷ୍ୟତରେ ଅପରାଧ କରିବେ ବୋଲି ଆଶଙ୍କା ଉପୁଜିଲେ ତାଙ୍କୁ ଅଟକ ରଖାଗଲେ ତାହାକୁ ନିବର୍ତ୍ତନମୂଳକ ଅଟକ କୁହାଯାଏ । ଜରୁରୀ ପରିସ୍ଥିତିର ଉଦ୍ଭବ ହେଉ ବା ନହେଉ ସବୁ ସମୟରେ ନିବର୍ତ୍ତନମୂଳକ ଅଟକ ଆଇନ୍ ପ୍ରବର୍ତ୍ତନର ବ୍ୟବସ୍ଥା କରାହୋଇଛି । ନିବର୍ତ୍ତନମୂଳକ ଅଟକ ବିଷୟରେ ଅଦାଲତର କୌଣସି ଭୂମିକା ନାହିଁ । ଏତଦ୍ଦ୍ୱାରା ବ୍ୟକ୍ତି ସ୍ୱାଧୀନତା କ୍ଷୁଣ୍ଣ ହେବାର ଯଥେଷ୍ଟ କାରଣ ଅଛି କି ନାହିଁ ତାହା ବିବେଚନା କରି ଦେଖିବାର କ୍ଷମତା ଅଦାଲତର ନାହିଁ । ଯେଉଁ ସବୁ ତଥ୍ୟ ଅଟକର କାରଣ ହିସାବରେ ଅଦାଲତରେ ପ୍ରଦର୍ଶିତ ହୁଏ ତାହାର ସତ୍ୟାସତ୍ୟ ମଧ୍ୟ ଅଦାଲତ ବିଚାର କରିପାରିବେ ନାହିଁ । ପୁଣି ଅଟକକାରୀ କର୍ତ୍ତୃପକ୍ଷ ଜନସ୍ୱାର୍ଥ ବିରୋଧୀ କହି କୌଣସି ତଥ୍ୟ ପ୍ରକାଶ ନକଲେ ତାହା ଯୁକ୍ତିଯୁକ୍ତ କି ନା ତାହାର ବିଚାର ମଧ୍ୟ ଅଦାଲତ କରିବା ସମର୍ଥ ନୁହେଁ ।

## ଶୋଷଣ ବିରୁଦ୍ଧରେ ଅଧିକାର

**( Right against Exploitation )**

୨୩ ଧାରା ଦ୍ୱାରା ମଣିଷର କ୍ରୟ ବିକ୍ରୟ ବା ବେଠିବେଗାରିକୁ ଦଣ୍ଡନୀୟ ଅପରାଧ ହିସାବରେ ନିର୍ଦ୍ଦିଷ୍ଟ କରାଯାଇଛି । ଅବଶ୍ୟ ରାଷ୍ଟ୍ରର ସ୍ୱାର୍ଥ ଦୃଷ୍ଟିରୁ ଅର୍ଥନୈତିକ ଶ୍ରମ କରିବା ଲାଗି ସମସ୍ତଙ୍କୁ ବାଧ୍ୟ କରାଯାଇପାରେ । ଦାସତ୍ୱ ବ୍ୟବସ୍ଥା ଓ ଇଚ୍ଛା ବିରୁଦ୍ଧରେ ଉଠେଇଦେବା ସପକ୍ଷରେ ଅନୁରୂପ ବ୍ୟବସ୍ଥା ମାର୍କିନ ଯୁକ୍ତରାଷ୍ଟ୍ର ସଂବିଧାନର ତ୍ରୟୋଦଶ ସଂଶୋଧନରେ କରାଯାଇଛି । ସ୍ୱାଧୀନତା ପୂର୍ବରୁ ଭାରତର କେତେକ ଅଞ୍ଚଳରେ ଗରିବ, ମୂକ, ବଧିର ଓ ଅନୁନ୍ନତ ଗୋଷ୍ଠୀର ଲୋକଙ୍କୁ ଗୋତି ବା ଆଜୀବନ ଚାକର ହିସାବରେ ରଖା ଯାଉଥିଲା । ଗୋଟିଏ ମାଲିକଙ୍କ ଅଧୀନରେ ଖଟୁଥିବାବେଳେ କୌଣସି ବ୍ୟକ୍ତିର ନାନାବିଧ ଅସୁବିଧା ଥିଲେ ବି ସେ ଅନ୍ୟ ଜଣେ ମାଲିକଙ୍କ ନିକଟକୁ କାର୍ଯ୍ୟ କରିବାଲାଗି ଯାଇପାରୁ ନଥିଲା । ଅବୈତନିକ ଶ୍ରମ ଆଦାୟ କରିବା ପ୍ରଥା ( begar ) ମାନବିକତାର ଏକ କଳଙ୍କ ଏବଂ ଏହା ଦ୍ୱାରା ମାନବିକ ସଭ୍ୟତାର ସମସ୍ତ ମହତ ଉଦ୍ଦେଶ୍ୟକୁ ଅସ୍ୱୀକାର କରାଯାଏ । ତେଣୁ ସ୍ୱାଧୀନତାର ଅଧିକାର ଭାଗରେ ଥିବା ୨୩ ଧାରା ଏହାକୁ ସ୍ୱୀକାର କରିଛି ।

ଦାକ୍ଷିଣାତ୍ୟ ଏବଂ ପଶ୍ଚିମ ଭାରତରେ 'ଦେବଦାସୀ' ପ୍ରଥାନୁସାରେ ଧର୍ମ ନାମରେ ମହିଳାମାନଙ୍କୁ ହିନ୍ଦୁ ଦେବଦେବୀଙ୍କ ନିକଟରେ ଉତ୍ସର୍ଗ କରାଯାଉଥିଲା ତାହା ଫଳରେ ଅଧିକାଂଶ କ୍ଷେତ୍ରରେ ପତିତ, ଆତ୍ମସମର୍ପଣ ଓ ତ୍ୟାଗର ଜୀବନଯାପନ କରି ନପାରି ସେମାନେ ଆଜୀବନ କାମନା ଏବଂ ଅପଶ୍ୱରର ସ୍ୱୀକାର ହେଉଥିଲେ । ତେଣୁ ମହିଳା ଓ ଶିଶୁମାନଙ୍କୁ ନେଇ ଅର୍ଥନୈତିକ ବ୍ୟବସାୟ ବିରୁଦ୍ଧରେ ସଂବିଧାନ ରଚୟିତାଗଣ ଏକ ପ୍ରକାର ଯୁଦ୍ଧ ଘୋଷଣା କରିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ଧାରା ହରିଜନମାନଙ୍କୁ ମୁକ୍ତି ପଥରେ ସହାୟକ ହେବବୋଲି ଏସ୍. ନାଗାପ୍ପା ଆନନ୍ଦ ପ୍ରକାଶ କରିଥିଲେ । ଟି. ଟି. କୃଷ୍ଣମାଚାରୀ କହିଛନ୍ତି ଯେ ସଂବିଧାନରେ ସ୍ପଷ୍ଟୀକରଣ ନଥିଲେ ସୁଦ୍ଧା ବନ୍ଦୀଶାଳାରେ କୌଣସି ବନ୍ଦୀଠାରୁ ଅବୈଧାନିକ ବା ଜବରଦସ୍ତ ଶ୍ରମ ଆଦାୟ କରିବା ବିରୁଦ୍ଧରେ ୨୩ ଧାରାଟି ଲାଗୁ ହେବନାହିଁ ।

ରାଷ୍ଟ୍ର ଜନସାଧାରଣଙ୍କ ହିତାର୍ଥେ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ବାଧ୍ୟ କଲାବେଳେ ଧର୍ମ, ଗୋଷ୍ଠୀ, ଉପଜାତି ବା ଶ୍ରେଣୀକୁ ଭିତ୍ତିକରି ପକ୍ଷପାତ ବିଚାର କରି ପାରିବ ନାହିଁ । କିନ୍ତୁ ଯୋଗ୍ୟତା ଅନୁସାରେ ବାଛବିଚାର କରାଯାଇପାରେ । ଜନସାଧାରଣଙ୍କ ପ୍ରୟୋଜନ କହିଲେ ସାମାଜିକ ଓ ଜାତୀୟ ଉଦ୍ଦେଶ୍ୟ ସାଧନାକୁ ବୁଝାଏ ବୋଲି ଡ. ଆମ୍ବେଦକର ମତ ଦେଇଥିଲେ ।

୨୪ ଧାରା ଅନୁସାରେ ୧୪ ବର୍ଷର କମ୍ ଶିଶୁମାନଙ୍କୁ କୌଣସି କାରଖାନା ଖଣି ବା ଅନ୍ୟ କୌଣସି ବିପଦ୍‌ଜନକ କାର୍ଯ୍ୟରେ ନିଯୁକ୍ତ କରାଯାଇ ପାରିବ ନାହିଁ । ବିପଦଜ୍ଜନକ କାର୍ଯ୍ୟ କଣ, ତାହାର ନିଷ୍ପତ୍ତି କରିବାପାଇଁ ଅଦାଲତଠାରେ କ୍ଷମତା ନ୍ୟସ୍ତ କରାଯାଇଛି । ନାଗରିକ ହେବାପାଇଁ ଶୈଶବରେ ସମସ୍ତଙ୍କୁ ସୁଯୋଗ ଦେବା ଧାରାର ଅନ୍ୟତମ ଉଦ୍ଦେଶ୍ୟ ।

## ଧର୍ମୀୟ ସ୍ୱାଧୀନତାର ଅଧିକାର

**( Right to freedom of Religion )**

ପୃଥିବୀର ସବୁ ଧର୍ମ ସାର୍ବଜନୀନ ଭ୍ରାତୃଭାବ ନୀତି ଗ୍ରହଣ କରି ପ୍ରଚାର କରୁଥିଲେ ସୁଦ୍ଧା, ଅତି ଆଶ୍ଚର୍ଯ୍ୟଜନକ ଭାବରେ ସେମାନେ ପରସ୍ପର ବିରୋଧୀ ମନୋଭାବ ପୋଷଣ କରିଥାନ୍ତି । ଦୁର୍ଭାଗ୍ୟବଶତଃ ଗତ ହଜାର ବର୍ଷଧରି ଭାରତ ଧର୍ମ ସଂପର୍କୀୟ କଳହର ପୀଠସ୍ଥଳୀ ହୋଇ ଭାରତର ଐକ୍ୟ ଓ ସଂହତି ଦିଗରେ ବାଧା ସୃଷ୍ଟି କରିଥିଲା । ଭାରତ ବର୍ଷରେ ମୁସଲିମ୍ ସଂପ୍ରଦାୟକୁ ବାଦଦେଲେ ଖ୍ରୀଷ୍ଟିୟାନ୍, ଶିଖ୍, ପାର୍ଶୀ, ଜୈନ୍ୟ, ବୌଦ୍ଧ ଓ ଇହୁଦୀମାନଙ୍କ ସଂଖ୍ୟା ବି କିଛି କମ୍ ନୁହେଁ । ଭାରତ ମୁଖ୍ୟତଃ ଏକ ହିନ୍ଦୁ ରାଷ୍ଟ୍ର ଏବଂ ଏଠାରେ ଶତକଡ଼ା ୮୫ ଭାଗରୁ ବେଶୀ ହିନ୍ଦୁ ବାସ କରନ୍ତି । ତେଣୁ ଧର୍ମ ଉପରେ ଶାସନ କ୍ଷମତା ନିର୍ଭର କଲେ ଧର୍ମୀୟ ସଂଖ୍ୟାନ୍ୟୂନ ଗୋଷ୍ଠୀର ସୁରକ୍ଷା ଅସମ୍ଭବ ହୋଇପଡ଼ିବ । ତେଣୁ ଭାରତୀୟ ସଂବିଧାନରେ ଧର୍ମ ନିରପେକ୍ଷ ରାଷ୍ଟ୍ରର ଆଦର୍ଶ ଗ୍ରହଣ କରାଯାଇଛି ।

ସଂବିଧାନର ପ୍ରାକ୍‌କଥନରେ ବିଶ୍ୱାସ, ଧର୍ମ ଓ ଉପାସନାର ସ୍ୱାଧୀନତା ବିଷୟ ବ୍ୟକ୍ତ କରାଯାଇଛି । ବିଭିନ୍ନ ଧର୍ମ ମଧ୍ୟରେ ନିରପେକ୍ଷତା ବଜାୟ ରଖିବା ହେଉଛି ସଂବିଧାନର ଉଦ୍ଦେଶ୍ୟ । ରାଷ୍ଟ୍ର ଧର୍ମ ଉପରେ ପ୍ରତିଷ୍ଠିତ ନ ହୋଇ ମନୁଷ୍ୟର ସାମାଜିକ ସଂପର୍କ ଉପରେ ପ୍ରତିଷ୍ଠିତ ହେବା ଉଚିତ୍ । ଭାରତର ସବୁ ଧର୍ମାବଲମ୍ବୀ ଲୋକେ ସମାନ ଭାବରେ ଧର୍ମୀୟ ସ୍ୱାଧୀନତା ଭୋଗ କରୁଛନ୍ତି ।

ସମ୍ବିଧାନର ୨୫ (୧) ଧାରାରେ କୁହାଯାଇଛି ଯେ, ସବୁ ବ୍ୟକ୍ତି ସମାନ ଭାବରେ ବିବେକର ସ୍ୱାଧୀନତା ( freedom of Conscience ) ଏବଂ ଧର୍ମ ବିଶ୍ୱାସ, ଧର୍ମାଚରଣ ଓ ଧର୍ମ ପ୍ରଚାରର ସ୍ୱାଧୀନତା ଉପଭୋଗ କରିବେ । ଏହି ଅଧିକାରଟିର ବ୍ୟାଖ୍ୟା ପ୍ରସଙ୍ଗରେ ଉଚ୍ଚତମ ନ୍ୟାୟାଳୟ କହିଛନ୍ତି ଯେ, ପ୍ରତ୍ୟେକ ବ୍ୟକ୍ତି ତାହାର ନିଜ ବିବେକ ଅନୁଯାୟୀ କେବଳ ଧର୍ମାଚରଣ କରେନାହିଁ, ଧର୍ମୀୟ ଅନୁଶାସନ ଅନୁଯାୟୀ ବାହ୍ୟିକ ଆଚାର ଅନୁଷ୍ଠାନ ପାଳନ କରିବାର ଓ ଅନ୍ୟମାନଙ୍କର ନୈତିକ ଉନ୍ନତିପାଇଁ ଧର୍ମୀୟ ମତାମତ ପ୍ରଚାରର ଅଧିକାର ମଧ୍ୟ ତାହାର ଅଛି । ରାଷ୍ଟ୍ର ମୂଳତଃ କୌଣସି ଧର୍ମୀୟ ବିଷୟ ଉପରେ ହସ୍ତକ୍ଷେପ କରେନାହିଁ । ତେଣୁ ସମ୍ବିଧାନରେ ଶିଖ୍‌ମାନଙ୍କୁ କୃପାଣ ଧାରଣ କରିବାର ଅଧିକାର ଦିଆଯାଇଛି । ଏହି ଧାରା ଅନ୍ୟଏକ ବ୍ୟାଖ୍ୟାରୁ ଜଣାଯାଏ ଯେ, ହିନ୍ଦୁ ଶବ୍ଦର ପର୍ଯ୍ୟାୟରେ ଶିଖ୍, ଜୈନ ଓ ବୌଦ୍ଧ ଧର୍ମାବଲମ୍ବୀ ମଧ୍ୟ ଅନ୍ତର୍ଭୁକ୍ତ ।

୨୫ ଧାରା ଉପରେ କେତେଗୋଟି ପ୍ରତିବନ୍ଧକ ବର୍ଣ୍ଣିତ ହୋଇଛି । ଶାନ୍ତି ଶୃଙ୍ଖଳା ନୈତିକତା ଜନସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ମୌଳିକ ଅଧିକାର ଯେପରି କ୍ଷୁଣ୍ଣ ନହୁଏ ସେହି ଦୃଷ୍ଟିରୁ ଧର୍ମୀୟ ସ୍ୱାଧୀନତାକୁ ସୀମିତ କରାଯାଇଛି । ପୁଣି ଧର୍ମାଚରଣ ସହିତ ସଂଶ୍ଳିଷ୍ଟ ଅର୍ଥନୈତିକ ଭୌତିକ ବା ରାଷ୍ଟ୍ରନୈତିକ ଓ ଧର୍ମ ସହିତ ଅସଂଶ୍ଳିଷ୍ଟ କାର୍ଯ୍ୟର ନିୟନ୍ତ୍ରଣ କ୍ଷମତା ରାଷ୍ଟ୍ରର ରହିଛି । ସମାଜ ମଙ୍ଗଳ ସଂସ୍କାର ଉଦ୍ଦେଶ୍ୟରେ ଧର୍ମୀୟ ସ୍ୱାଧୀନତା ଉପରେ ରାଷ୍ଟ୍ର ପ୍ରତିବନ୍ଧକ ସୃଷ୍ଟି କରିପାରେ ।

ଅନ୍ୟ କୌଣସି ସଂବିଧାନରେ ପ୍ରଚାର ( propagation ) ଶବ୍ଦ ବ୍ୟବହାର କରା ନହୋଇଥିବା ହେତୁ ଭାରତୀୟ ସଂବିଧାନରେ ତାର ବ୍ୟବହାରକୁ ସମାଲୋଚନା କରାଯାଇଥିଲା । କିନ୍ତୁ ପ୍ରଚାରକୁ ପ୍ରକାଶର ଅନ୍ୟ ଅର୍ଥ ବୋଲି ଶାସନ ବିଧାୟକ ସଭାରେ କେତେଜଣ ସଦସ୍ୟ ମତ ଦେଇଥିଲେ ।

ଭାରତୀୟ ସଂବିଧାନର ୨୬ ଧାରା ଅନୁଯାୟୀ ଅର୍ଥନୈତିକ ଗୋଷ୍ଠୀକୁ ମଧ୍ୟ କେତେକ ବିଷୟରେ ସ୍ୱାଧୀନତା ଦିଆଯାଇଛି—(କ) ଧର୍ମ ଓ ଦାତବ୍ୟ ଉଦ୍ଦେଶ୍ୟରେ ଅନୁଷ୍ଠାନ ଗଢ଼ିବା ଓ ପରିଚାଳନା କରିବା ଅଧିକାର, (ଖ) ଧର୍ମ ସମ୍ବନ୍ଧରେ ଯାବତୀୟ ବ୍ୟବସ୍ଥା କରିବା, (ଗ) ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଅର୍ଜନ କରି ତାହାର ମାଲିକ ହେବା, (ଘ) ଆଇନ ଅନୁଯାୟୀ ଏହି ସମ୍ପତ୍ତିର ପରିଚାଳନା କରିବା ୨୬ ଧାରା ଅନୁସାରେ କୌଣସି ଧର୍ମ ବା

ସଂପ୍ରଦାୟର ପ୍ରସାର ବା ପୋଷଣପାଇଁ କୌଣସି ବ୍ୟକ୍ତିକୁ କର ଦେବାକୁ ବାଧ କରାଯାଇ ପାରିବନାହିଁ ବୋଲି ବ୍ୟବସ୍ଥା ହୋଇଛି । ଧର୍ମ ସଂପ୍ରଦାୟମାନଙ୍କର ପୂଜାପାଠ, ଧର୍ମାଚରଣ, ଶାଦ ଓ ଉତ୍ସବ ଆଦିର ବ୍ୟବସ୍ଥାରେ କୌଣସି ବାହ୍ୟ ଅନୁଷ୍ଠାନର ହସ୍ତକ୍ଷେପକୁ ନିଷେଧ କରାଯାଇଛି । ଅବଶ୍ୟ ପ୍ରତ୍ୟେକ କ୍ଷେତ୍ରରେ ରାଷ୍ଟ୍ର, ଶାନ୍ତି ଶୃଙ୍ଖଳା, ନୈତିକତା ଓ ଜନ ସ୍ୱାସ୍ଥ୍ୟ ବିଚାରରେ ଧର୍ମ-ସଂପ୍ରଦାୟର ଉଲ୍ଲିଖିତ ଅଧିକାରକୁ ସୀମାବଦ୍ଧ କରିବାକୁ ହକ୍‌ଦାର । ୨୮ ଧାରା ଅନୁଯାୟୀ ସମ୍ପୂର୍ଣ୍ଣ ଭାବରେ ସରକାରୀ ପରିଚାଳିତ ଶିକ୍ଷାନୁଷ୍ଠାନଗୁଡ଼ିକରେ ଧର୍ମଶିକ୍ଷା ଦିଆଯିବନାହିଁ । ଶିକ୍ଷାନୁଷ୍ଠାନଗୁଡ଼ିକ ରାଷ୍ଟ୍ରର ସ୍ୱୀକୃତି ବା ଅର୍ଥ ସାହାଯ୍ୟ ପାଉଥିଲେ ବିଦ୍ୟାର୍ଥୀମାନଙ୍କର ନିଜର ବା ସେମାନଙ୍କର ଅଭିଭାବକମାନଙ୍କର ଅନୁମତି ବ୍ୟତୀତ କୌଣସି ଧର୍ମ ଶିକ୍ଷାରେ ଯୋଗଦାନ କରିବା ନିମିତ୍ତ ବାଧ କରାଯିବ ନାହିଁ । ସଂସ୍କୃତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଇତ୍ୟାଦିରେ ଗୀତା ଉପନିଷଦ କିମ୍ବା ଶାସ୍ତ୍ର ଅଧ୍ୟାପନା ହେଉଥିଲେ ସେହିଠାରେ ଧର୍ମଶିକ୍ଷା ଦିଆଯାଉଛି ବୋଲି କହିବା ଠିକ୍ ହେବନାହିଁ ବୋଲି ଡ: ଆମ୍ବେଦକର ଏବଂ ଅନ୍ୟାନ୍ୟ ସଦସ୍ୟମାନେ ମନ୍ତବ୍ୟ ଦେଇଥିଲେ । ଅନ୍ୟାନ୍ୟ ଧର୍ମରେ ବିଶ୍ୱାସ କରୁଥିବା ଛାତ୍ର ବି ସଂସ୍କୃତ ଶିକ୍ଷା ଦିଆଯାଉଥିବା ଅନୁଷ୍ଠାନ ଗୁଡ଼ିକରେ ଯୋଗ ଦେଇପାରନ୍ତି ।

## ସାଂସ୍କୃତିକ ଓ ଶିକ୍ଷାବିଷୟକ ଅଧିକାର
**( Cultural and Educational Rights )**

ଭାରତୀୟ ସଂବିଧାନରେ ଦେଶର ଯେ କୌଣସି ଭାଗରେ ବସବାସ କରୁଥିବା ନାଗରିକମାନଙ୍କୁ ନିଜର ଭାଷା, ଲିପି, ସଂସ୍କୃତିର ସଂରକ୍ଷଣ ଲାଗି ସୁଯୋଗ ଦିଆଯାଇଛି ଏବଂ ସେଗୁଡ଼ିକୁ ୨୯ ଧାରାଦ୍ୱାରା ସୁରକ୍ଷିତ କରାଯାଇଛି । ଉକ୍ତ ଧାରାରେ ପୁନଶ୍ଚ କୁହାଯାଇଛି ଯେ ସରକାରୀ ସାହାଯ୍ୟରେ ପରିଚାଳିତ କୌଣସି ଶିକ୍ଷାନୁଷ୍ଠାନରେ ପ୍ରବେଶ କଲାବେଳେ ଧର୍ମ, ଗୋଷ୍ଠୀ ବା ସଂପ୍ରଦାୟ, ଭାଷା ବା ଜାତି ଉପରେ ଭିତ୍ତି କରିବାରେ ଅନ୍ତର କରାଯାଇ ପାରିବନାହିଁ । ୩୦ ଧାରା ଅନୁଯାୟୀ ଧର୍ମ ବା ଭାଷା ଭିତ୍ତିକ ସଂଖ୍ୟାନ୍ୟୁନ ଗୋଷ୍ଠୀ ନିଜ ଇଚ୍ଛାନୁସାରେ ଶିକ୍ଷାନୁଷ୍ଠାନ ସ୍ଥାପନ କରିବା ଓ ପରିଚାଳନା କରିବାର ଅଧିକାର ଉପଭୋଗ କରଥାନ୍ତି । କୌଣସି ଶିକ୍ଷାନୁଷ୍ଠାନକୁ ଆର୍ଥିକ ସାହାଯ୍ୟ ଦେଲାବେଳେ ରାଷ୍ଟ୍ର ଧର୍ମ ବା ଭାଷା ଭିତ୍ତିରେ ଭେଦଭାବ ରଖିବେ ନାହିଁ । ଭାରତୀୟ ସଂବିଧାନରେ ଏହି ସମସ୍ତ ବ୍ୟବସ୍ଥାର ଉଲ୍ଲେଖ ଅଦ୍ୱିତୀୟ । ଯୁକ୍ତରାଷ୍ଟ୍ର ଆମେରିକାର ଅଧିକାର ସନନ୍ଦରେ ଏହା ସହିତ ସମକକ୍ଷ ହେଲାଭଳି କୌଣସି ବ୍ୟବସ୍ଥା ନାହିଁ । କେବଳ ବ୍ରହ୍ମଦେଶ ଓ ଆୟାରଲଣ୍ଡ ସଂବିଧାନରେ ଆଲୋଚିତ ଦୁଇଟି ଧାରା ବିଷୟ କେତେକାଂଶରେ ଦେଖାଯାଏ । ଏହି ଧାରା ବିଷୟରେ କେ: ସାନ୍ତନମ କହିଛନ୍ତି ଯେ, ସାଂପ୍ରଦାୟିକ ସଂଖ୍ୟା ଲଘୁତା ଓ ତଫସିଲଭୁକ୍ତ ଜାତି ପ୍ରଥା ଅତୀତରୁ ଚାଲିଆସିଛି । ସମୟ ଅତିବାହିତ ହେବା ସଙ୍ଗେ ସଙ୍ଗେ ତାହା ସବୁ ସମାଜରୁ ଦୂରେଇ ଯାଇପାରେ । କିନ୍ତୁ ଭାଷାଗତ ଭେଦଭାବ ଆଗାମୀ କେତେ

ଦଶନ୍ଧି ପର୍ଯ୍ୟନ୍ତ ଭାରତରେ ସମସ୍ୟା ସୃଷ୍ଟି କରିପାରେ । ତେଣୁ ସେ ସବୁ ସମସ୍ୟାର ସମାଧାନ ପାଇଁ ଏହି ଦୁଇଟି ଧାରା ଯଥେଷ୍ଟ ସହାୟକ ହେବ । ଶିକ୍ଷାନୁଷ୍ଠାନ ସ୍ଥାପନ ଓ ପରିଚାଳନା କରିବା ଲାଗି ସଂଖ୍ୟା ଲଘୁ ସଂପ୍ରଦାୟର କ୍ଷମତା ଥିଲେ ସୁଦ୍ଧା ଶିକ୍ଷାର ଆଦର୍ଶ ଓ ମାନଦଣ୍ଡ ଅକ୍ଷୁଣ୍ଣ ନିମନ୍ତେ ରାଷ୍ଟ୍ର ସେ ସବୁକୁ ନିୟନ୍ତ୍ରଣ କରିପାରେ ବୋଲି ଅଦାଲତ ମତ ଦେଇଛନ୍ତି ।

## ସମ୍ପତ୍ତିର ଅଧିକାର

**( Right to Property )**

ପ୍ରତ୍ୟେକ ଦେଶରେ ରାଷ୍ଟ୍ର ପ୍ରୟୋଜନ ବୋଧରେ ବିଭିନ୍ନ ଉପାୟରେ ବ୍ୟକ୍ତିଗତ ସମ୍ପତ୍ତି ଉପରେ ହସ୍ତକ୍ଷେପ କରିଥାଏ । ଜନସ୍ୱାର୍ଥ ଦୃଷ୍ଟିରୁ ମାଲିକର ଅନୁମତି ବିନା ତାହାର ସମ୍ପତ୍ତିଗତ ଅଧିକାର ବା ଦଖଲ କରିବାର କ୍ଷମତା ସାର୍ବଭୌମ ଶକ୍ତିର ଥାଏ । ବ୍ରିଟେନ୍, ଯୁକ୍ତରାଷ୍ଟ୍ର ପ୍ରଭୃତି ଦେଶରେ ଏହା ସ୍ୱୀକୃତ ନୀତି ଯେ ରାଷ୍ଟ୍ରର ବ୍ୟକ୍ତିଗତ ସମ୍ପତ୍ତିକୁ ଦଖଲ କରିବାଲାଗି ରାଷ୍ଟ୍ରର ଅଧିକାର ଥିଲେ ସେ ଉପଯୁକ୍ତ କ୍ଷତିପୂରଣ ଦେବା ଦାୟିତ୍ୱ ରହିଛି ।

ଭାରତୀୟ ସଂବିଧାନରେ ୩୧ (୧) ଧାରା ଅନୁସାରେ ଆଇନ୍ କାହାରିକୁ ନିଜ ସମ୍ପତ୍ତିରୁ ବଞ୍ଚିତ କରିବନାହିଁ । ୩୧ (୨)ରେ କୁହାଯାଇଛି ଯେ ରାଷ୍ଟ୍ର କାହାରି ସମ୍ପତ୍ତି ସାଧାରଣ ହିତ ଉଦ୍ଦେଶ୍ୟରେ ଦଖଲ ବା ଅଧିକାର କରିବାକୁ ଚାହିଁଲେ ସଂପୃକ୍ତ ଆଇନ୍‌ରେ କ୍ଷତିପୂରଣ ବ୍ୟବସ୍ଥା କରିବାକୁ ହୁଏ । ସୁତରାଂ ରାଷ୍ଟ୍ରାୟତ୍ତ କରିବାର ତିନୋଟି ପ୍ରଧାନ ସର୍ତ୍ତହେଲା—(କ) ଜନସ୍ୱାର୍ଥ (ଖ) ଆଇନ୍ ପ୍ରଣୟନ ଏବଂ (ଗ) କ୍ଷତିପୂରଣ ବ୍ୟବସ୍ଥା । ୩୧(୩) ଧାରାରେ କୁହାଯାଇଛି ଯେ ବ୍ୟକ୍ତିଗତ ସମ୍ପତ୍ତିର ଦଖଲ ବା ଅଧିଗ୍ରହଣ ଉଦ୍ଦେଶ୍ୟରେ ରାଜ୍ୟ ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ ଆଇନ୍ ରାଷ୍ଟ୍ରପତିଙ୍କ ସମ୍ମତି ବ୍ୟତୀତ କାର୍ଯ୍ୟକାରୀ ହୋଇ ପାରିବ ନାହିଁ । ୩୧ ଧାରାର (୫) ଉପଧାରାରେ କୁହାଯାଇଛି ଯେ କର ଧାର୍ଯ୍ୟ ଅର୍ଥ ଦଣ୍ଡ ବା ଜନସ୍ୱାସ୍ଥ୍ୟର ଉନ୍ନତି କିମ୍ବା ଜୀବନ ବା ସମ୍ପତ୍ତି ଉପରେ ବିପଦ ନିବାରଣ ଲାଗି ଗୃହୀତ ଆଇନ୍‌ରେ କ୍ଷତିପୂରଣ ବ୍ୟବସ୍ଥା ରହିବା ପ୍ରୟୋଜନ ହୁଏନାହିଁ । ସମ୍ପତ୍ତି ଅଧିକାର ନାଗରିକ ଓ ବିଦେଶୀ ଉଭୟ ଶ୍ରେଣୀ ସମାନଭାବେ ଭୋଗ କରନ୍ତି ।

ସଂବିଧାନରେ ବ୍ୟକ୍ତିଗତ ସମ୍ପତ୍ତିର ସୁରକ୍ଷା କରାଯାଇଥିଲେ ସୁଦ୍ଧା (୪) ଏବଂ (୬), ବାକ୍ୟାଂଶରେ କୁହାଯାଇଛି ଯେ, ସମ୍ପତ୍ତି ଅଧିକାରରେ ପରିବର୍ତ୍ତନ ଘଟାଇବା ଭଳି କେତେଗୋଟି ନିର୍ଦ୍ଦିଷ୍ଟ ଆଇନ୍‌ର ବୈଧତା ସଂପର୍କରେ ନ୍ୟାୟାଳୟରେ ପ୍ରଶ୍ନ ଉଠି ପାରିବନାହିଁ । ଏହି ନିର୍ଦ୍ଦିଷ୍ଟ ଆଇନ୍‌ଗୁଡ଼ିକ ହେଲା ଜମିଦାରି, ମାଲିକାନା ସତ୍ତ୍ୱ ଉଚ୍ଛେଦ ଇତ୍ୟାଦି ବିଷୟକ ଆଇନ୍ । ସଂବିଧାନ ପ୍ରବର୍ତ୍ତିତ ହେବା ସଙ୍ଗେ ସଙ୍ଗେ ଉକ୍ତ ଆଇନ୍ ଗୁଡ଼ିକର ଦୃଢ଼ତା ଜମିଦାରମାନେ ନ୍ୟାୟାଳୟରେ ପରୀକ୍ଷା କରିଥିଲେ । ସଂଘର୍ଷର ପ୍ରଥମ ପର୍ଯ୍ୟାୟ ପାଟନା, ଏଲାହାବାଦ ଓ ନାଗପୁର ହାଇକୋର୍ଟ ଗୁଡ଼ିକରେ ଆରମ୍ଭ ହୋଇଥିଲା ।

୧୯୫୦ ମସିହାର ବିହାର ଭୂସଂସ୍କାର ଆଇନକୁ ପାଟ୍‌ନା ହାଇକୋର୍ଟ ଅବୈଧ ଘୋଷଣା କରିଥିଲେ । ଏଲ୍ଲାହାବାଦ ଓ ନାଗପୁର ହାଇକୋର୍ଟ ଗୁଡ଼ିକର ସମ୍ପୃ ରାଜ୍ୟ ଆଇନ୍‌ଗୁଡ଼ିକୁ ସମର୍ଥନ କରିଥିଲେ ପୁଣି ଜମିଦାରମାନେ ସଂଘର୍ଷର ଗତିପଥକୁ ସୁପ୍ରିମ କୋର୍ଟକୁ ନେଇ-ଥିଲେ । ଏହିସବୁ ଅସୁବିଧା ହେତୁ ଭୂସଂସ୍କାର କାର୍ଯ୍ୟ ବିଳମ୍ବିତ ହେଲା । ଏଥିପାଇଁ ୧୯୫୧ ମସିହାରେ ସଂବିଧାନର ପ୍ରଥମ ସଂଶୋଧନ ହୋଇଥିଲା । ଏହା ଫଳରେ ୩୧ (କ) ଏବଂ ୩୧ (ଖ) ଧାରା ସଂବିଧାନରେ ନୂତନଭାବେ ଯୋଗ କରାଯାଇଥିଲା । ସେଥିରେ ଅନ୍ୟ ବିଷୟମାନଙ୍କ ମଧ୍ୟରେ କୁହାଗଲା ଯେ ରାଷ୍ଟ୍ରଦ୍ୱାରା କୌଣସି ଭୂସମ୍ପତ୍ତି ଅଧିକୃତ ଓ ଅର୍ପିତ ହୋଇଥିଲେ କିମ୍ବା କୌଣସି ଅଧିକାରର ଲୋପ ବା ପରିବର୍ତ୍ତନପାଇଁ ଆଇନ୍ ପ୍ରଣୀତ ହେଲେ ମୌଳିକ ଅଧିକାର ସଂକ୍ରାନ୍ତୀୟ ସଂବିଧାନର କୌଣସି ଧାରାକୁ ଭଙ୍ଗ କରୁଛି ବୋଲି ନ୍ୟାୟାଳୟରେ ରଦ୍ଦ ହୋଇପାରିବ ନାହିଁ ।

୧୯୫୫ ମସିହାରେ ରାଷ୍ଟ୍ରର କ୍ଷମତାକୁ ବ୍ୟାପକତର କରିବା ଉଦ୍ଦେଶ୍ୟରେ ସଂବିଧାନର ସମ୍ପତ୍ତି ଅଧିକାର ସଂକ୍ରାନ୍ତ ଧାରାର ଅନ୍ତର ଗୋଟିଏ ପରିବର୍ତ୍ତନ ଚତୁର୍ଥ ସଂଶୋଧନ ଦ୍ୱାରା କରାଯାଇଛି । ୩୧ ଧାରାର ସଂଶୋଧନ କେତେଟି ଆଉ ନ୍ୟାୟାଳୟରେ ଆଲୋଚିତ ହୋଇ-ପାରିବ ନାହିଁ ବୋଲି ଏହି ସଂଶୋଧନରେ କୁହାଯାଇଛି । ରାଷ୍ଟ୍ର ବଳପୂର୍ବକ ସଂପତ୍ତି ଦଖଲ କଲେ ବା ଅଧିଗ୍ରହଣ କଲେ ଭବିଷ୍ୟତରେ କ୍ଷତିପୂରଣ ପୁରାପୁରି ଦିଆଯିବ ନାହିଁ ବୋଲି କହିବା ଏହି ସଂଶୋଧନର ଉଦ୍ଦେଶ୍ୟ ନୁହେଁ । କ୍ଷତି ପୂରଣକୁ ପୁରାପୁରି ଲୋପ କରିଦେବା ବି ଏହାର ଉଦ୍ଦେଶ୍ୟ ନୁହେଁ । ଏଥିରେ କେବଳ କୁହାଯାଇଛି ଯେ କ୍ଷତିପୂରଣର ପରିମାଣ ଅଦାଲତ ଦ୍ୱାରା ନିର୍ଣ୍ଣିତ ନ ହୋଇ ଆଇନ ଦ୍ୱାରା ନିର୍ଣ୍ଣିତ ହେବ । ସଂସ ଧାରଣ ଉଦ୍ଦେଶ୍ୟ ଓ କ୍ଷତିପୂରଣ ପ୍ରଦାନକାରୀ ଆଇନ୍‌ର ଭିତ୍ତି ବ୍ୟତୀତ ରାଷ୍ଟ୍ର କାହାର ସମ୍ପତ୍ତିକୁ ବାଧ୍ୟତା ମୂଳକ ଭାବରେ ଦଖଲ ବା ଅଧିଗ୍ରହଣ କରିପାରିବ ନାହିଁ । ଆଇନ୍‌ରେ ନିର୍ଦ୍ଦିଷ୍ଟ କ୍ଷତିପୂରଣ ବିଷୟ ଉଲ୍ଲେଖ ନାହିଁ ବୋଲି ନ୍ୟାୟାଳୟ ଉକ୍ତ ଆଇନ୍‌କୁ ବାତିଲ୍ କରି ପାରିବ ନାହିଁ । କୌଣସି ବ୍ୟକ୍ତିକୁ ସମ୍ପତ୍ତିରୁ ବଞ୍ଚିତ କଲେ ମଧ୍ୟ ଯଦି ଆଇନ୍ କୌଣସି ସମ୍ପତ୍ତିର ମାଲିକାନା ସତ୍ତ୍ୱ ବା ଭୋଗଦଖଲର ଅଧିକାରକୁ ରାଷ୍ଟ୍ର ବା ରାଷ୍ଟ୍ରାୟତ୍ତ ବା ରାଷ୍ଟ୍ରନିୟନ୍ତ୍ରିତ କୌଣସି ପ୍ରତିଷ୍ଠାନକୁ ହସ୍ତାନ୍ତରିତ ହୋଇ ନ ଥିଲେ ତାହାକୁ ରାଷ୍ଟ୍ରଦ୍ୱାରା ସମ୍ପତ୍ତିର ଦଖଲ ବା ଅଧିଗ୍ରହଣ ବୋଲି ଅଭିହିତ କରାହେବ ନାହିଁ । ଏହାବ୍ୟତୀତ ଜନସ୍ୱାର୍ଥ ବା ସୁପରିଚାଳନାର ଉନ୍ନତି ପାଇଁ ସାମୟିକ ଭାବରେ କୌଣସି ସମ୍ପତ୍ତିର ପରିଚାଳନା ଭାର ରାଷ୍ଟ୍ର ଗ୍ରହଣକଲେ ଜନସ୍ୱାର୍ଥ ବା ଉପଯୁକ୍ତ ପରିଚାଳନାପାଇଁ ଦୁଇ ତତୋଧିକ କମ୍ପାନୀର ଏକତ୍ରୀକରଣ ହେଉଥିଲେ କମ୍ପାନୀର ମ୍ୟାନେଜିଂ ଏଜେଣ୍ଟ, ମ୍ୟାନେଜିଂ ଡିରେକ୍ଟର, ଡିରେକ୍ଟର, ମ୍ୟାନେଜର ବା ଅଂଶୀଦାର ସ୍ୱତ୍ତ୍ୱର ବିଲୋପ ବା ପରିବର୍ତ୍ତନ ସାଧିତ ହେଉଥିଲେ ଖଣି ବା ଖଣିଜ ତୈଳ ସଂପର୍କରେ ଚୁକ୍ତି ବା ଲାଇସେନ୍‌ସ ମାଧ୍ୟମରେ ପ୍ରଦତ୍ତ ଅଧିକାରକୁ ଲୋପ ବା ପରିବର୍ତ୍ତନ କରାଯାଉଥିଲେ ଏଥିପାଇଁ ପ୍ରଣୀତ ଆଇନ୍ କୌଣସି ମୌଳିକ ଅଧିକାରକୁ କ୍ଷୁଣ୍ଣ କରୁଛି ବୋଲି ରଦ୍ଦ ହୋଇପାରିବ ।

୧୯୭୪ ମସିହାରେ ସଂବିଧାନର ସପ୍ତଦଶ ସଂଶୋଧନ ମାଧ୍ୟମରେ 'ଭୂସମ୍ପତ୍ତି' ଶବ୍ଦଟିର ନୂତନ ସଂଜ୍ଞା ଦିଆଯାଇଛି ଏବଂ ବିଭିନ୍ନ ରାଜ୍ୟରେ ପ୍ରଣୀତ ଭୂସଂସ୍କାର ଆଇନ୍-ଗୁଡ଼ିକ ଅବୈଧ ବୋଲି ଘୋଷିତ ନ ହେବା ଲାଗି ବ୍ୟବସ୍ଥା କରାଯାଇଅଛି । ରାଷ୍ଟ୍ର ଯେଉଁ କ୍ଷେତ୍ରରେ କୌଣସି ବ୍ୟକ୍ତିର ଜମିର ସର୍ବୋଚ୍ଚ ସୀମା ଜମିର ଅନ୍ତର୍ଭୁକ୍ତ କୌଣସି ଅଂଶକୁ ଅଧିକାର କରିବ ସେ କ୍ଷେତ୍ରରେ ଅଧିକୃତ ଜମିପାଇଁ କ୍ଷତିପୂରଣ ଦେବାକୁ ପଡ଼ିବ ଏବଂ ଏହି କ୍ଷତିପୂରଣ ବଜାର ମୂଲ୍ୟଠାରୁ କମ୍ ହୋଇ ପାରିବ ନାହିଁ ବୋଲି ସଂଶୋଧନରେ ନିୟମ ରହିଛି । କୁହାଯାଏ ଯେ, ଏହି ବ୍ୟବସ୍ଥା ଭାରତର ଜନମଙ୍ଗଳର ପଥ ପ୍ରଶସ୍ତରେ ହୋଇଛି ।

ସଂବିଧାନ ( ୨୪ ତମ ସଂଶୋଧନ ) ଆଇନ୍ ଅନୁଯାୟୀ ମୌଳିକ ଅଧିକାରଗୁଡ଼ିକ ସହିତ ସମ୍ବିଧାନର ସବୁବ୍ୟବସ୍ଥାକୁ ସଂସଦ ସଂଶୋଧନ କରିପାରିବେ ବୋଲି ବ୍ୟବସ୍ଥା ହୋଇଛି । ( ୨୫ ତମ ) ସଂଶୋଧନ ଆଇନ୍‌ରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବ୍ୟବସ୍ଥା ରହିଛି । ପ୍ରଥମତଃ ୩୧ ( ୨ ) ଧାରାକୁ ସଂଶୋଧନ କରି କୁହାଯାଇଛି ଯେ, କୌଣସି ବ୍ୟକ୍ତିର ସମ୍ପତ୍ତିକୁ ଜାତୀୟ ହିତଦୃଷ୍ଟିରୁ ଅଧିକାର କରାଗଲେ ସରକାରଙ୍କ ଦ୍ୱାରା କ୍ଷତିପୂରଣ ନ ଦିଆଯାଇ କୌଣସି ପରିମାଣ ( amount ) ପ୍ରତିଦାନ ଦିଆଯିବ । ପ୍ରଦତ୍ତ ପରିମାଣ ବଜାର ମୂଲ୍ୟଠାରୁ କମ୍ କି ବେଶୀ ପରିମାଣ ପ୍ରଦାନ କଲେବେଳେ ସରକାର ସ୍ୱେଚ୍ଛାଚାରୀ ବା ଅଯୌକ୍ତିକ ନୀତି ଅବଲମ୍ବନ କରିଛନ୍ତି କି ନା ତାହା ବିଚାର କରିବାର କ୍ଷମତା କୌଣସି ନ୍ୟାୟାଳୟର ରହିବ ନାହିଁ । ଦ୍ୱିତୀୟତଃ ଉକ୍ତ ସଂଶୋଧନ ଫଳରେ ୩୧ (ଗ) ଧାରା ସଂବିଧାନରେ ସନ୍ନିବିଷ୍ଟ ହୋଇଛି । ସେଥିରେ କୁହାଯାଇଛି ଯେ ୩୯ (ଖ) କିମ୍ବା (ଗ) ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ ନିର୍ଦ୍ଦେଶମୂଳକ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ କୌଣସି ଆଇନ୍ ପ୍ରଣୀତ ହେଲେ ତାହା ୧୪, ୧୯ ଓ ୩୧ ଧାରାରେ ମୌଳିକ ଅଧିକାରଗୁଡ଼ିକୁ କ୍ଷୁଣ୍ଣ କରୁଛି ବୋଲି କୁହାଯାଇ ପାରିବ ନାହିଁ ।

## ଶାସନତାନ୍ତ୍ରିକ ପ୍ରତିକାରର ଅଧିକାର

## ( Right to Constitutional Remedies )

ଆମ ସଂବିଧାନରେ ମୌଳିକ ଅଧିକାର ଉପଭୋଗ କରିବାର ସୁଯୋଗ ଦିଆଯିବା ସଙ୍ଗେ ସଙ୍ଗେ ସେ ସବୁକୁ କାର୍ଯ୍ୟରେ ପରିଣତ କରିବାର ବ୍ୟବସ୍ଥାମାନ ରହିଛି । ଉକ୍ତ ବ୍ୟବସ୍ଥା ବ୍ୟତୀତ ମୌଳିକ ଅଧିକାର ଘୋଷଣାରେ କିଛି ଅର୍ଥ ନଥାଏ । ଇଂଲଣ୍ଡରେ ଲିଖିତ ଭାବରେ ମୌଳିକ ଅଧିକାରର ବ୍ୟବସ୍ଥା ନଥିଲେ ସୁଦ୍ଧା ଅଧିକାରଗୁଡ଼ିକ ନ୍ୟାୟାଳୟର ପରମାଦେଶ ସାହାଯ୍ୟରେ ସୁରକ୍ଷିତ ହୋଇଥାଏ । ଯୁକ୍ତରାଷ୍ଟ୍ର ସଂବିଧାନରେ ଧରି ନିଆ-ଯାଇଛି ଯେ ଔପନିବେଶିକ ଶାସନ ସମୟରେ ଲୋକମାନଙ୍କ ମଧ୍ୟରେ ଯେଉଁ ପ୍ରଥାଗତ ଆଇନ୍ ଚଳୁଥିଲା ତଦନୁସାରେ ପରମାଦେଶ ତାହାର କ୍ଷମତା ରକ୍ଷାକରିବ । ତେଣୁ ଯୁକ୍ତରାଷ୍ଟ୍ର

ଆମେରିକାୟ ସଂବିଧାନରେ ଉକ୍ତ ଲେଖଗୁଡ଼ିକ ସମ୍ବନ୍ଧରେ କୌଣସି ବ୍ୟବସ୍ଥା ଉଲ୍ଲେଖ କରାଯାଇନାହିଁ । ଭାରତୀୟ ସଂବିଧାନ ବ୍ରିଟିଶ ପ୍ରଥା ଅବଲମ୍ବନ କରିଛି । କାରଣ ଡ. ଆମ୍ବେଦକରଙ୍କ ମତରେ ସଂବିଧାନରେ ପ୍ରତି ବ୍ୟବସ୍ଥା ନ ରହିଲେ ଅଧିକାରଗୁଡ଼ିକ ବାସ୍ତବ କ୍ଷେତ୍ରରେ ଉପଯୋଗୀ ହେବନାହିଁ । ଯୁକ୍ତରାଷ୍ଟ୍ରରେ ପଦ୍ଧତି ଅବଲମ୍ବନରେ ଭାରତୀୟ ସଂବିଧାନରେ କୁହାଯାଇଛି ଯେ, ମୌଳିକ ଅଧିକାରଗୁଡ଼ିକୁ ବଳବତ୍ତର କରିବାପାଇଁ ଉଚ୍ଚତମ ନ୍ୟାୟାଳୟରେ ( Supreme Court ) ଆବେଦନ କରାଯାଇ ପାରିବ । ୩୨ ଧାରା ଅନୁସାରେ ଉଚ୍ଚତମ ନ୍ୟାୟାଳୟ ମୌଳିକ ଅଧିକାରକୁ ବଳବତ୍ତର ରଖିବାପାଇଁ ବନ୍ଦୀ ପ୍ରତ୍ୟକ୍ଷୀକରଣ ( habeas corpus ) ପରମାଦେଶ (mandamus) ପ୍ରତିଷେଧ ( Prohibition ) ଅଧିକାର ପ୍ରଶ୍ନ ( Quowarranto ) ଓ ଉତ୍ପ୍ରେକ୍ଷଣ ( Certiorari ) ଲେଖ ଦେଇ ପାରନ୍ତି । ସୁପ୍ରିମ କୋର୍ଟର ଅଧିକାରକୁ କ୍ଷୁଣ୍ଣ ନ କରି ପାର୍ଲାମେଣ୍ଟ ଅନ୍ୟ କୌଣସି ଅଦାଲତଙ୍କୁ ନିଜ କ୍ଷେତ୍ରାଧିକାର ମଧ୍ୟରେ ଏହି ଲେଖ ଦେବା କ୍ଷମତା ନ୍ୟସ୍ତ କରିପାରନ୍ତି । ବର୍ତ୍ତମାନ ସୁଦ୍ଧା ସେହିପରି ଅନୁମତି ପାର୍ଲାମେଣ୍ଟ କୌଣସି ଅଦାଲତକୁ ଦେଇ ନାହିଁ । ସଂବିଧାନର ୨୨୬ ଅନୁଚ୍ଛେଦରେ ଅନୁରୂପ କ୍ଷମତା ନିଜ କ୍ଷେତ୍ରାଧିକାର ମଧ୍ୟରେ ଉଚ୍ଚ ନ୍ୟାୟାଳୟଗୁଡ଼ିକୁ ଦିଆଯାଇଛି ।

୩୨ (୪) ଧାରାରେ କୁହାଯାଇଛି ଯେ, କେତେଗୁଡ଼ିଏ ପରିସ୍ଥିତିରେ ଶାସନତାନ୍ତ୍ରିକ ପ୍ରତିବିଧାନ ଅଧିକାରକୁ ସ୍ଥଗିତ ରଖାଯାଇ ପାରେ । ୩୫୯ ଧାରା ବଳରେ ଜରୁରୀ ବା ଆପତ୍‌କାଳୀନ ପରିସ୍ଥିତିର ଘୋଷଣା ହୋଇଥିଲେ ରାଷ୍ଟ୍ରପତି ଆଦେଶ ଦେଇ ଅଦାଲତରେ ଆବେଦନ କରିବା ଅଧିକାରକୁ ସ୍ଥଗିତ ରଖିପାରନ୍ତି । ଯଦି ଭାରତର ରାଷ୍ଟ୍ରପତି ନିଶ୍ଚିତ ହୁଅନ୍ତି ଯେ ଯୁଦ୍ଧ, ବହିଃଆକ୍ରମଣ ବା ଆଭ୍ୟନ୍ତରୀଣ ଗଣ୍ଡଗୋଳ କାରଣରୁ ଅଥବା ଏହାର ଆସନ୍ନ ସଂଭାବନା ଯୋଗୁ ଭାରତ ବା ଭାରତର କୌଣସି ଅଂଶରେ ନିରାପତ୍ତା ବିପନ୍ନ ହୋଇଅଛି, ତେବେ ସେ ୩୫୨ ଧାରା ଅନୁସାରେ ଜରୁରୀ ଅବସ୍ଥା ଘୋଷଣା କରିପାରନ୍ତି । ଏହା ହୋଇଥିଲେ ମୌଳିକ ଅଧିକାର ସଂକ୍ରାନ୍ତ ସାବଧାନିକ ପ୍ରତିବିଧାନ ବ୍ୟବସ୍ଥାକୁ ସ୍ଥଗିତ ରଖିପାରନ୍ତି । ସୁତରାଂ ଦେଖାଯାଉଛି ଯେ ରାଷ୍ଟ୍ରପତିଙ୍କ ସନ୍ତୋଷ ଓ ସିଦ୍ଧାନ୍ତ ହିଁ ଶେଷକଥା । ନ୍ୟାୟାଳୟଗୁଡ଼ିକରେ ଏ ବିଷୟରେ ବିଚାର କରିବାର କୌଣସି କ୍ଷମତା ନାହିଁ ଏବଂ ଯୁଦ୍ଧ ବ୍ୟତୀତ ଅନ୍ୟସମୟରେ ବି ବନ୍ଦୀ ପ୍ରତ୍ୟକ୍ଷୀକରଣ କ୍ଷମତାକୁ ବି ବ୍ୟାହତ କରାଯାଇ ପାରେ । ସଶସ୍ତ୍ରବାହିନୀ ଅଥବା ଶାନ୍ତି ଶୃଙ୍ଖଳା ରକ୍ଷାରେ ନିଯୁକ୍ତ ପୁଲିସ ବା ସାମରିକ ବାହିନୀର କେତେଦୂର ମୌଳିକ ଅଧିକାର ଭୋଗକରି ପାରିବେ ତାହା ପାର୍ଲାମେଣ୍ଟ ଆଇନ୍‌ଦ୍ୱାରା ସ୍ଥିର କରିପାରେ ।

# ଷଷ୍ଠ ପରିଚ୍ଛେଦ

## ରାଷ୍ଟ୍ରର ନିର୍ଦ୍ଦେଶକ ନୀତି

## ( Directive Principles of State Policy )

ମୌଳିକ ଅଧିକାର ପରି ସମ୍ବିଧାନର ନିର୍ଦ୍ଦେଶ ନୀତି ମଧ୍ୟ ସ୍ୱାଧୀନତା ଆନ୍ଦୋଳନରୁ ଉଦ୍‌ଭୂତ ହୋଇଅଛି । ମୌଳିକ ଅଧିକାର ପରିଚ୍ଛେଦରେ କେତେକାଂଶରେ ଥିଲେ ସୁଦ୍ଧା ନିର୍ଦ୍ଦେଶନୀତି ପରିଚ୍ଛେଦରେ ସାମାଜିକ ବିପ୍ଳବର ବ୍ୟବସ୍ଥା ଅତି ପ୍ରାଞ୍ଜଳ ଭାବରେ ଓ ଗୁରୁତର ଭାବରେ ଲକ୍ଷ୍ୟ କରାଯାଏ ; କେବଳ ଭାରତବର୍ଷରେ ନୁହେଁ, ପୃଥିବୀର ସବୁଆଡ଼େ ସମାଜର ବୃହତ୍ତର ସ୍ୱାର୍ଥକୁ ସଂକୀର୍ଣ୍ଣ ବ୍ୟକ୍ତିଗତ ସ୍ୱାର୍ଥଠାରୁ ଉଚ୍ଚରେ ସ୍ଥାନ ଦିଆଯାଇଛି । କେବଳ ସମାଜ ମାଧ୍ୟମରେ ହିଁ ବ୍ୟକ୍ତିର ବିକାଶ ସାଧନ ହୋଇଥାଏ ଏବଂ ସମାଜର ସର୍ବାଙ୍ଗୀନ ମଙ୍ଗଳ ସାଧିତ ହେଲେ ବ୍ୟକ୍ତିର କଲ୍ୟାଣ ସାଧିତ ହୁଏ ।

### ଭାରତୀୟ ସମ୍ବିଧାନଭୁକ୍ତ ନିର୍ଦ୍ଦେଶକ ନୀତିର ପ୍ରକୃତି

ବହୁ ଶତାବ୍ଦୀଧରି ବିଦେଶୀ ଶାସନର କୁପରିଣାମ ଓ ନୀରବ ସହିଷ୍ଣୁତାରୁ ଲୋକମାନଙ୍କୁ ମୁକ୍ତିଦେବା ଉଦ୍ଦେଶ୍ୟରେ ନିର୍ଦ୍ଦେଶ ନୀତି ଲିପିବଦ୍ଧ ହୋଇଅଛି । ପ୍ରାକ୍‌କଥନକୁ ଆଶ୍ରୟ କରି ୩୮ ଧାରାରେ କୁହାଯାଇଛି ଯେ ଜାତୀୟ ଜୀବନର ପ୍ରତ୍ୟେକ ବିଭାଗରେ ସାମାଜିକ ଅର୍ଥନୈତିକ ଓ ରାଷ୍ଟ୍ରନୈତିକ ନ୍ୟାୟର ପ୍ରତିଷ୍ଠା କରିବା ଭଳି ସମାଜ ସଙ୍ଗଠନ ନିର୍ମାଣ କରିବାକୁ ହେବ ଏବଂ ଜନମଙ୍ଗଳର ବିକାଶ ଓ ଅଭିବୃଦ୍ଧି ଦିଗରେ ରାଷ୍ଟ୍ର ନିର୍ଦ୍ଦେଶ ନୀତି ମାଧ୍ୟମରେ ପ୍ରୟାସ କରିବ । ଅର୍ଥନୈତିକ ସୁରକ୍ଷା ବା ନିରାପତ୍ତା ବିନା ବ୍ୟକ୍ତିଗତ ସ୍ୱାଧୀନତା ସମ୍ଭବପର ହୁଏନା । ଦୁରବସ୍ଥାପନ୍ନ ଲୋକ ସାମାଜିକ ସଂସ୍କାର ବିନା ମୁକ୍ତ ହୋଇପାରିବେ ନାହିଁ । ତେଣୁ ଭାରତରେ ଏକପ୍ରକାର ସମାଜବାଦର କଳ୍ପନା ଶାସନ ବିଧାୟକ ସଭାର ସଦସ୍ୟମାନଙ୍କ ମଧ୍ୟରେ ଉଙ୍କି ମାରିଥିଲା । କିନ୍ତୁ ଭାରତରେ କି ପ୍ରକାର ସାମ୍ରାଜ୍ୟ ପ୍ରତିଷ୍ଠିତ ହେବ ସେ ବିଷୟରେ ସେତେବେଳେ ସେମାନଙ୍କ ଚିନ୍ତାଧାରାର ବହିର୍ଭୂତ ଥିଲା । କିନ୍ତୁ ସମସ୍ତେ ଉପଲବ୍ଧି କରିଥିଲେ ଯେ କୌଣସି ରାଷ୍ଟ୍ରର ପ୍ରୟୋଜନୀୟତା ତାର ଜନମଙ୍ଗଳକାରୀ କାର୍ଯ୍ୟକଳାପରୁ ହିଁ ଜଣାପଡ଼େ । ଏହି ଉଦ୍ଦେଶ୍ୟ ସାଧନ ଦିଗରେ ଭାରତୀୟ ସଂବିଧାନରେ ନିର୍ଦ୍ଦେଶନୀତି ପରିଚ୍ଛେଦକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହି ନୀତି-ଗୁଡ଼ିକରେ ବର୍ଣ୍ଣିତ ବିଷୟ କେତେକାଂଶରେ ସାମ୍ରାଜ୍ୟବାଦ—ବିରୋଧୀ ବିପ୍ଳବର ପରିଣତି । ସାମ୍ରାଜ୍ୟବାଦ ଶାସନ କାଳର କେତେଗୋଟି ବିଶେଷ ସୁବିଧା ସୁଯୋଗର ପରିସମାପ୍ତି

ଘଟାଇ ଅର୍ଥନୈତିକ ସ୍ୱାଧୀନତା ପ୍ରତିଷ୍ଠା କରିବା ନିର୍ଦ୍ଦେଶକ ନୀତିର ଅଭିପ୍ରାୟ ବୋଲି ଅଧ୍ୟାପକ ଗ୍ରାନ୍‌ଭିଲ ଅଷ୍ଟିନ୍ ମତ ଦେଇଛନ୍ତି । ଭାରତୀୟ-ଜନତାର ସମ୍ବିଧାନର ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ସାହାଯ୍ୟରେ ଦେଶର ଅର୍ଥନୈତିକ ଓ ରାଷ୍ଟ୍ରନୈତିକ ନିୟନ୍ତ୍ରଣ କରିପାରି-ବାର ବ୍ୟବସ୍ଥା ହୋଇଛି । ତେଣୁ ଭାରତୀୟ ପୁଞ୍ଜିବାଦୀମାନଙ୍କୁ ସାମ୍ରାଜ୍ୟବାଦୀଙ୍କ ଉତ୍ତରାଧିକାରୀ ହେବାକୁ ସୁଯୋଗ ଦିଆଯାଇ ନାହିଁ । ଆଧୁନିକ ସମାଜର ବ୍ୟାଧି ଦୂରୀକରଣ ଦିଗରେ ଯେଉଁମାନେ କାର୍ଲମାର୍କସ୍‌ଙ୍କ ପନ୍ଥା ସହିତ ଏକମତ ହେଉ ନାହାନ୍ତି ଅଥଚ ସାମାଜିକ ଓ ରାଜନୈତିକ ସଂସ୍କାର ପ୍ରଗତି ଆଣିବା ଦିଗରେ ବ୍ରତୀ ହେଉଛନ୍ତି, ସେମାନେ ସାଧାରଣତଃ ଏହି ନୀତିଗୁଡ଼ିକୁ ନିଜ କର୍ତ୍ତବ୍ୟ ସାଧନର ପନ୍ଥା ହିସାବରେ ଗ୍ରହଣ କରିଥାନ୍ତି । ୧୯୩୫ ମସିହା ଭାରତ ଶାସନ ଆଇନର ଅନୁଶାସନ ପତ୍ର ଏବଂ ଆୟରଲାଣ୍ଡ ସମ୍ବିଧାନର ଅନୁ-କରଣରେ ଭାରତ ସମ୍ବିଧାନରେ ନିର୍ଦ୍ଦେଶକ ନୀତିଗୁଡ଼ିକ ସନ୍ନିବିଷ୍ଟ ହୋଇଅଛି । ଜାତିସଂଘର ସନନ୍ଦ ( The Charter of the united of the nations ) ଓ ସାର୍ବଜନୀନ ମାନବିକ ଅଧିକାର ସନନ୍ଦ ( Universal Declaration of Human Rights ) ମଧ୍ୟ ଭାରତର ଏହି ନିର୍ଦ୍ଦେଶକ ନୀତିଗୁଡ଼ିକୁ ପ୍ରଭାବିତ କରିଛନ୍ତି ।

## ଭାରତୀୟ ନିର୍ଦ୍ଦେଶମୂଳକ ନୀତିଗୁଡ଼ିକର ବୈଶିଷ୍ଟ୍ୟ

ଏମ୍, ଏଲ, ସିଂହଙ୍କ ଭାଷାରେ ଏହି ନୀତିଗୁଡ଼ିକ ସାର୍ବଭୌମତ୍ୱ ଉପଭୋଗ କରୁଥିବା ଭାରତୀୟ ଲୋକମାନଙ୍କ ତରଫରୁ ସରକାରଙ୍କ ପ୍ରତି ନିର୍ଦ୍ଦେଶନାମା । ସେଗୁଡ଼ିକ ରାଷ୍ଟ୍ରର ଗତିପଥର ନିର୍ଦ୍ଦେଶକ ଓ ପଥପ୍ରଦର୍ଶକ । ତେଣୁ ବିଧାନମଣ୍ଡଳ ଶାସନ ବିଭାଗ ତଥା ଗ୍ରାମ ପଞ୍ଚାୟତ ସମେତ ପ୍ରତ୍ୟେକ ସର୍ବସାଧାରଣ ସଂସ୍ଥା ଓ ସରକାରୀ ଉଦ୍ୟୋଗ ନିଜର କର୍ତ୍ତବ୍ୟ ସାଧନ କଲାବେଳେ ଏହି ନୀତିଗୁଡ଼ିକୁ ଦୃଷ୍ଟିରେ ରଖିବା ଉଚିତ । ଦେଶର ଶାସନ ପରି-ଚାଳନାରେ ନିର୍ଦ୍ଦେଶମୂଳକ ନୀତିଗୁଡ଼ିକର ମୁଖ୍ୟସ୍ଥାନ ରହିଛି ।

ଶାସନ ବିଧାୟକ ସଭାରେ ସ୍ପଷ୍ଟୀକରଣ କରାଯାଇଛି ଯେ, ଭାରତରେ ସାମାଜିକ ଏବଂ ଅର୍ଥନୈତିକ ଗଣତନ୍ତ୍ର ପ୍ରତିଷ୍ଠା କରିବା ହେଉଛି ନିର୍ଦ୍ଦେଶମୂଳକ ନୀତିର ଉଦ୍ଦେଶ୍ୟ । ବାସ୍ତବରେ ଏକ ଆଧୁନିକ ଗଣତାନ୍ତ୍ରିକ ରାଷ୍ଟ୍ର ଗଢ଼ିବାଲାଗି ଏହି ନୀତିଗୁଡ଼ିକରେ ରାଜନୈତିକ, ସାମାଜିକ ଓ ଅର୍ଥନୈତିକ କାର୍ଯ୍ୟକ୍ରମ ରହିଛି । ମୌଳିକ ଅଧିକାର କେବଳ ରାଷ୍ଟ୍ରନୈତିକ ଗଣତନ୍ତ୍ର ଉପରେ ଗୁରୁତ୍ୱ ଦେଉଥିବା ସ୍ଥଳେ, ନିର୍ଦ୍ଦେଶ ନୀତି ସାମାଜିକ ଓ ଅର୍ଥନୈତିକ ଗଣତନ୍ତ୍ର ଉପରେ ଗୁରୁତ୍ୱ ଆରୋପ କରିଅଛି । ତେଣୁ ନିର୍ଦ୍ଦେଶକ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରା ନଗଲେ ମୌଳିକ ଅଧିକାର ଗୁଡ଼ିକ ବି ନିରର୍ଥକ ହୋଇଯିବାର ଆଶଙ୍କା ରହିଛି ।

ନିର୍ଦ୍ଦେଶକ ନୀତିଗୁଡ଼ିକୁ ପୁରାପୁରି ବାହାର ଦେଶମାନଙ୍କରୁ ଆମଦାନି କରାଯାଇଅଛି ବୋଲି କହିଲେ ଗୁରୁତର ଭୁଲ ହେବ । ବାସ୍ତବରେ ଏଥି ଭିତରୁ ଅନେକ ନୀତି ସଂପୂର୍ଣ୍ଣ ରୂପେ ମୌଳିକ ଓ ଭାରତର ଜାତୀୟ ଆନ୍ଦୋଳନର ଉଦ୍ଦେଶ୍ୟ ରୂପେ ଗୃହୀତ ହୋଇଥିଲା ।

ଗ୍ରାମପଞ୍ଚାୟତ, କୁଟୀରଶିଳ୍ପ, ନିଶାନିବାରଣ, ଗୋହତ୍ୟା ନିଷେଧ, ତଫସିଲ ଜାତି ଓ ତଫସିଲ ଉପଜାତି ଗୁଡ଼ିକର ଉନ୍ନୟନ ବିଷୟ ଅଲୋଚନା କରୁଥିବା ବ୍ୟବସ୍ଥାମାନ ଭାରତର ସଂପୂର୍ଣ୍ଣ ମୌଳିକ ବ୍ୟବସ୍ଥା ।

ନିର୍ଦ୍ଦେଶକ ନୀତି ନ୍ୟାୟାଳୟ ସାହାଯ୍ୟରେ ପ୍ରବର୍ତ୍ତିତ ହୋଇପାରିବ ନାହିଁ । ଭାରତରେ ସୁପ୍ରିମକୋର୍ଟ ସମେତ କୌଣସି ନ୍ୟାୟାଳୟରେ ସେଗୁଡ଼ିକୁ କାର୍ଯ୍ୟକାରୀ ପ୍ରସଙ୍ଗ ଉଠିପାରିବ ନାହିଁ । ସେଗୁଡ଼ିକ କାର୍ଯ୍ୟକାରୀ ନହେଲେ କୌଣସି ଆଇନଗତ ପରିଣାମ ସୃଷ୍ଟି ହୁଏନା । ତଥାପି ୩୭ ଧାରାରେ କୁହାଯାଇଛି ଯେ ସେଗୁଡ଼ିକ ଶାସନ ପରିଚାଳନା କ୍ଷେତ୍ରରେ ଅତ୍ୟନ୍ତ ଗୁରୁତର । ତେଣୁ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ମୌଳିକ ଅଧିକାରଗୁଡ଼ିକୁ ନ୍ୟାୟାଳୟ ସାହାଯ୍ୟରେ ପ୍ରବର୍ତ୍ତିନ କରାଯାଇପାରେ । ମୌଳିକ ଅଧିକାର ଭଙ୍ଗ ହେଲେ ପ୍ରତିବିଧାନ ବ୍ୟବସ୍ଥା ବି ସଂବିଧାନରେ ରହିଛି ଏବଂ ନ୍ୟାୟାଳୟରେ ଆବେଦନ କରିବାର ସୁଯୋଗ ଦିଆଯାଇଛି । ଅଥଚ ନିର୍ଦ୍ଦେଶ ନୀତିକୁ ନ୍ୟାୟାଳୟରେ ଦାବୀ କରି ଯାଇପାରେ ନାହିଁ । ୪୧ ଧାରାରେ ବର୍ଣ୍ଣିତ ହୋଇଛି ଯେ—କର୍ମ ଶିକ୍ଷା ଏବଂ ବେକାରୀ ବାର୍ଦ୍ଧକ୍ୟ ଓ ପୀଡ଼ିତାବସ୍ଥାରେ ସରକାରୀ ସାହାଯ୍ୟ ପ୍ରାପ୍ତିର ଅଧିକାରକୁ କାର୍ଯ୍ୟକାରୀ କରିବାପାଇଁ ରାଷ୍ଟ୍ର ବ୍ୟବସ୍ଥା କରିବ । କିନ୍ତୁ ରାଷ୍ଟ୍ର ଏହିସବୁ କର୍ତ୍ତବ୍ୟ ସମ୍ପାଦନ ନ କଲେ କେହି ନ୍ୟାୟାଳୟ ମାଧ୍ୟମରେ ପ୍ରତିକାର ଲୋଡ଼ି ପାରିବେ ନାହିଁ । ଏଥିରୁ ସହଜରେ ଅନୁମେୟ ଯେ ନିର୍ଦ୍ଦେଶକ ନୀତିଗୁଡ଼ିକୁ ପ୍ରୟୋଗ କରିବାପାଇଁ ଆଇନ୍ ପ୍ରଣୟନ କରାଯାଇ ପାରେ ।

ନିର୍ଦ୍ଦେଶକ ନୀତିସମୂହ ରାଷ୍ଟ୍ର ଉପରେ କେତେଗୁଡ଼ିଏ ଦାୟିତ୍ୱ ନ୍ୟସ୍ତ କରିଥିଲେ ରାଷ୍ଟ୍ର ନିର୍ଦ୍ଦେଶମୂଳକ ନୀତି ଯୋଗୁଁ ଯେ କୌଣସି ଆଇନ ପ୍ରଣୟନ କରିବାର କ୍ଷମତା ପାଏ ନାହିଁ । ଆଇନ୍ ପ୍ରଣୟନ କରିବା କ୍ଷମତା, କେନ୍ଦ୍ର, ରାଜ୍ୟ, ଓ ମିଳିତ ତାଲିକା ମଧ୍ୟରେ ବଣ୍ଟନ କରାଯାଇଛି । ବିଧାନମଣ୍ଡଳ ଗୁଡ଼ିକ ଏହି ସୀମା ଭିତରେ ରହି ଆଇନ୍ ପ୍ରଣୟନ କରିବାକୁ ବାଧ୍ୟ । ନିର୍ଦ୍ଦେଶକ ନୀତିର ଅନୁସରଣରେ ରାଷ୍ଟ୍ର ସଂବିଧାନ ନିର୍ଦ୍ଦିଷ୍ଟ ସୀମା ଲଙ୍ଘନ କରି ଆଇନ ପ୍ରଣୟନ କଲେ ଉକ୍ତ ଆଇନ ଅସିଦ୍ଧ ହୋଇଯିବ ।

ନ୍ୟାୟାଧୀଶ ଶ୍ରୀଯୁକ୍ତ ଏସ୍. ଆର, ଦାସଙ୍କ ମତରେ ମୌଳିକ ଅଧିକାର ପରିଚ୍ଛେଦ ହେଉଛି ମହାପବିତ୍ର । ସଂବିଧାନ ସଂଶୋଧନ ନ କରି କୌଣସି ମୌଳିକ ଅଧିକାରକୁ କୌଣସି ଆଇନ୍ ବା ଶାସନ ବିଭାଗୀୟ ହୁକୁମ ଦ୍ୱାରା ହ୍ରାସ କରାଯାଇ ପାରିବ ନାହିଁ । ନିର୍ଦ୍ଦେଶକ ନୀତିଗୁଡ଼ିକର ଆଇନତଃ ମୌଳିକ ଅଧିକାରଗୁଡ଼ିକ ସହିତ ସାମଞ୍ଜସ୍ୟ ରହିବ । ତେଣୁ ଆଇନାନୁସାରେ ନିର୍ଦ୍ଦେଶକ ନୀତି ମୌଳିକ ଅଧିକାର ଦ୍ୱାରା ସୀମାବଦ୍ଧ ଓ ଏହାର ଅଧସ୍ତନ ବା ଗୌଣରୂପେ ବିବେଚିତ ହୁଏ ।

ସରକାର ମୌଳିକ ଅଧିକାରଗୁଡ଼ିକୁ ମାନି ଚଳିବାକୁ ବାଧ୍ୟ ଥିବା ସ୍ଥଳେ ନିର୍ଦ୍ଦେଶକ ନୀତିଗୁଡ଼ିକୁ ମାନିବାକୁ ବାଧ୍ୟ ନୁହଁନ୍ତି । ଜନହିତ ଦୃଷ୍ଟିରୁ ସରକାର ଚାହିଁଲେ ସେହି

ନୀତିଗୁଡ଼ିକୁ କାର୍ଯ୍ୟରେ ପରିଣତ କରିପାରନ୍ତି । ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ କୌଣସି ନୀତିକୁ କାର୍ଯ୍ୟକାରୀ କରିବେଲେ ସରକାର ଦେଶର ପରିସ୍ଥିତି ଓ ନିଜର ସମ୍ବଳ ମଧ୍ୟରେ ସମନ୍ୱୟ ସ୍ଥାପନ କରିଥାନ୍ତି । ନିର୍ଦ୍ଦେଶକ ନୀତି ଲଂଘନ କରାଯାଇଛି ବୋଲି ନ୍ୟାୟାଳୟ କୌଣସି ଆଇନକୁ ବାତିଲ କରିପାରିବ ନାହିଁ । ଉଦାହରଣସ୍ୱରୂପ ସଂବିଧାନର ୫୦ ଧାରାରେ କୁହାଯାଇଛି ଯେ—ସରକାରୀ କାର୍ଯ୍ୟ କ୍ଷେତ୍ରରେ ଶାସନ ବିଭାଗ ଓ ବିଚାର ବିଭାଗର ପୃଥକୀକରଣ କରିବାକୁ ପଡ଼ିବ । କିନ୍ତୁ କୌଣସି ରାଜ୍ୟରେ ଗ୍ରାମପଞ୍ଚାୟତ ଆଇନ ଦ୍ୱାରା ନିର୍ଦ୍ଦେଶକ ନୀତି ଲଂଘନ ହେଉଥିଲେ ଏହି ଆଇନ ବାତିଲ ହେବ ନାହିଁ ବୋଲି ସୁପ୍ରିମ-କୋର୍ଟ ମତ ଦେଇଛନ୍ତି । କାରଣ ନିର୍ଦ୍ଦେଶକ ନୀତିର କାର୍ଯ୍ୟକାରିତା ସଂବିଧାନରେ କୌଣସି ବାଧ୍ୟତାମୂଳକ ବ୍ୟବସ୍ଥା ନାହିଁ । ଏହାକୁ କେବଳ ନିର୍ଦ୍ଦେଶ ବୋଲି ବିବେଚନା କରାଯିବ ।

ମୌଳିକ ଅଧିକାର ଓ ନିର୍ଦ୍ଦେଶକ ନୀତି ମଧ୍ୟରେ ବିରୋଧ ଘଟିଲେ ମୌଳିକ ଅଧିକାରକୁ ପ୍ରାଧାନ୍ୟ ଦିଆଯାଏ । ମୌଳିକ ଅଧିକାରଗୁଡ଼ିକ ଅଲଂଘନୀୟ ଓ ମୌଳିକ ଅଧିକାର ସଂକ୍ରାନ୍ତ ଅଧ୍ୟାୟରେ ଯେଉଁ ସବୁ ପ୍ରତିବନ୍ଧକ ଲିପିବଦ୍ଧ ହୋଇଛି ତାହା ବ୍ୟତୀତ ଅନ୍ୟଭାବରେ ବିଧାନମଣ୍ଡଳ ଆଇନ ବଳରେ କିମ୍ବା ଶାସନ ବିଭାଗ ହୁକୁମ ବଳରେ କୌଣସି ମୌଳିକ ଅଧିକାରକୁ କ୍ଷୁଣ୍ଣ କରିବାକୁ ସମର୍ଥ ନୁହନ୍ତି । ଅଥଚ ୩୭ ଧାରାରେ କୁହାଯାଇଛି ଯେ ନିର୍ଦ୍ଦେଶକ ନୀତିଗୁଡ଼ିକ ନ୍ୟାୟାଳୟ ମାଧ୍ୟମରେ କାର୍ଯ୍ୟକାରୀ କରାଯାଇ ପାରିବ ନାହିଁ । ଉଦାହରଣସ୍ୱରୂପ ନିର୍ଦ୍ଦେଶକ ନୀତି ପରିଚ୍ଛେଦରେ ସଂବିଧାନରେ ୪୮ ଧାରାରେ ଗୋହତ୍ୟା ନିବାରଣ ବ୍ୟବସ୍ଥା ଥିବା ସ୍ଥଳେ ମୌଳିକ ଅଧିକାର ପରିଚ୍ଛେଦରେ ୧୯ ଧାରାରେ ବ୍ୟବସାୟ ଓ ବାଣିଜ୍ୟର ଅଧିକାର ଦିଆଯାଇଛି ଯାହା ଫଳରେ ଭାରତର ମୁସଲମାନ ସଂପ୍ରଦାୟ ଗୋ ହତ୍ୟାକୁ ନିଜ ବ୍ୟବସାୟ ବୋଲି ମନେ କରନ୍ତି । ତେଣୁ ଏହି କ୍ଷେତ୍ରରେ ନିର୍ଦ୍ଦେଶକ ନୀତି କାର୍ଯ୍ୟକାରୀ ହୋଇ ନପାରି ମୌଳିକ ଅଧିକାର ବଳବତ୍ତର ରହେ । କୌଣସି ଅବସ୍ଥାରେ ବି ନିର୍ଦ୍ଦେଶକ ନୀତିଗୁଡ଼ିକୁ ମୌଳିକ ଅଧିକାରକୁ ଅତିକ୍ରମ କରିପାରିବ ନାହିଁ । କିନ୍ତୁ ନିର୍ଦ୍ଦେଶକ ନୀତିଗୁଡ଼ିକର କାର୍ଯ୍ୟକାରୀ ହେବା ପଥକୁ ସୁଗମ କରିବାକୁ ହେଲେ ସଂବିଧାନ ସଂଶୋଧନ କରି ଏହି ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଭାରତକୁ ଏକ ଜନମଙ୍ଗଳକାରୀ ରାଷ୍ଟ୍ର ହିସାବରେ ଗଠନ କରିବାକୁ ଇଚ୍ଛାକରି ସଂବିଧାନ ପ୍ରଣେତା-ମାନେ ଏହି ନୀତିଗୁଡ଼ିକୁ ପ୍ରଣୟନ କରିଥିଲେ । ତେଣୁ ଏହି ଗୁଡ଼ିକୁ କେବଳ ସେମାନଙ୍କର ପବିତ୍ର ଅଭିଳାଷ କରି ଶୀତଳ ଭଣ୍ଡାରରେ ଅକାମୀ କରି ରଖିବା ଉଚିତ ହେବନାହିଁ ।

## ନିର୍ଦ୍ଦେଶକ ନୀତିସମୂହର ବର୍ଣ୍ଣନା

ନିର୍ଦ୍ଦେଶ ନୀତି ବର୍ଣ୍ଣନାର ଉଦ୍ଦେଶ୍ୟ ୩୮ ଧାରାରେ ବର୍ଣ୍ଣିତ ହୋଇଛି । କୁହାଯାଇଛି ଯେ ଏଥିରେ, ଜାତୀୟ ଜୀବନରେ ସର୍ବତ୍ର ସାମାଜିକ ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ

ପ୍ରତିଷ୍ଠା କରିବାଲାଗି ରାଷ୍ଟ୍ର ଉଦ୍ୟମ କରିବ । ଉପରୋକ୍ତ ଉଦ୍ଦେଶ୍ୟ ସାଧନ ଦିଗରେ ୩୯ ଧାରାରେ କୁହାଯାଇଛି ଯେ, ସମସ୍ତେ ପର୍ଯ୍ୟାପ୍ତ ( adequate ) ଜୀବିକା ନିର୍ବାହର ସୁବିଧା ସୁଯୋଗ ପାଇ ପାରିବେ । ସର୍ବସାଧାରଣଙ୍କ ହିତପାଇଁ ସଂପଦର ମାଲିକାନା ଓ ନିୟନ୍ତ୍ରଣକୁ ବାଣ୍ଟିବାକୁ ପଡ଼ିବ । ଜନସାଧାରଣଙ୍କ ସ୍ୱାର୍ଥହାନୀ କରିଧନ ସମ୍ପତ୍ତି ଓ ଉତ୍ପାଦନର ଉପାୟମାନ କେନ୍ଦ୍ରୀକରଣ ( concentration ) ନ ହେବା ଭଳି ଅର୍ଥନୈତିକ ସଂସ୍ଥା ପ୍ରତିଷ୍ଠିତ ହେବ । ପୁରୁଷ ଓ ସ୍ତ୍ରୀ ଶ୍ରମଜୀବୀମାନଙ୍କୁ ସମାନ କାମ ପାଇଁ ସମାନ ମଜୁରୀଦେବାକୁ ହେବ । ପୁରୁଷ ଓ ନାରୀ ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ଓ ଶକ୍ତି ଏବଂ ବାଳକମାନଙ୍କର କୋମଳ ବୟସର ଅପବ୍ୟବହାର ନ ହେଲି ଭଳି ବ୍ୟବସ୍ଥାମାନ ପ୍ରଣୀତ ହେବ । ନାଗରିକମାନେ ଅର୍ଥନୈତିକ ଚାପ ଯୋଗୁଁ ନିଜ ବୟସ ଓ ସ୍ୱାସ୍ଥ୍ୟ ବିରୋଧୀ କୌଣସି ବ୍ୟବସାୟରେ ଯୋଗ ଦେବେ ନାହିଁ ଏବଂ ବାଲ୍ୟାବସ୍ଥା ଓ ଯୌବନ ଶୋଷଣ ଏବଂ ନୈତିକ ଓ ଭୌତିକ ଦୁର୍ଗତି କବଳରୁ ମୁକ୍ତ ରହିବ ।

ଗ୍ରାମ ପଞ୍ଚାୟତ ଗୁଡ଼ିକୁ ସଂଗଠିତ କରି ରାଷ୍ଟ୍ର ସେମାନଙ୍କୁ ଏହିଭଳି କ୍ଷମତା ଓ ଅଧିକାର ଦେବ, ଯଦ୍ୱାରା ସେମାନେ ସ୍ୱାୟତ୍ତଶାସନର ଅଙ୍ଗରୂପରେ ନିଜ କାର୍ଯ୍ୟ ତୁଲେଇ ପାରିବେ ବୋଲି ସଂବିଧାନର ୪୦ ଧାରାରେ ବର୍ଣ୍ଣିତ ହୋଇଛି ।

୪୧ ଧାରାରେ କୁହାଯାଇଛି ଯେ, ନିଯୁକ୍ତି ଓ ଶିକ୍ଷାର ଅଧିକାର ଏବଂ ବେକାରୀ, ବାର୍ଦ୍ଧକ୍ୟ ରୁଗ୍ଣ-ଅବସ୍ଥାରେ ସରକାରୀ ସାହାଯ୍ୟ ପ୍ରାପ୍ତିର ଅଧିକାରକୁ କାର୍ଯ୍ୟକାରୀ କରିବା ପାଇଁ ରାଷ୍ଟ୍ର ନିଜ ଅର୍ଥନୈତିକ ସମ୍ବଳ ବିନିଯୋଗ କରିବ ।

୪୨ ଧାରାରେ ରାଷ୍ଟ୍ରକୁ ନ୍ୟାୟ ସଂଗତ ଓ ମାନବୋଚିତ କାର୍ଯ୍ୟ ବ୍ୟବସ୍ଥା ଏବଂ ମାତୃମଙ୍ଗଳ ଦାୟିତ୍ୱ ବହନ କରିବାକୁ ପଡ଼ିବ । କୃଷି, ଶିଳ୍ପ ଓ ଅନ୍ୟାନ୍ୟ କାର୍ଯ୍ୟରେ ନିଯୁକ୍ତ ସବୁଶ୍ରେଣୀର ଶ୍ରମିକମାନଙ୍କ ପାଇଁ ଜୀବନଧାରଣୋପଯୋଗୀ ମଜୁରୀ ସୁସ୍ଥ ଜୀବନ ଧାରଣ ମନୋପଯୋଗୀ ଚାକିରିସର୍ତ୍ତ ଅବସର ତଥା ସାମାଜିକ ଓ ସାଂସ୍କୃତିକ ସୁଯୋଗ ଉପଭୋଗ କରିବା ବ୍ୟବସ୍ଥା ଆଦି ଉପଯୁକ୍ତ ଆଇନ୍ ପ୍ରଣୟନ, ଅର୍ଥନୈତିକ ସଙ୍ଗଠନ ବା ଅନ୍ୟପନ୍ଥା ସାହାଯ୍ୟରେ ରାଷ୍ଟ୍ରଯୋଗାଇ ଦେବ ବୋଲି ୪୩ ଧାରାରେ ବ୍ୟବସ୍ଥା ହୋଇଛି । ପୁନଶ୍ଚ ଗ୍ରାମାଞ୍ଚଳ ବ୍ୟକ୍ତିଗତ ଓ ସମବାୟିକ ଭିତ୍ତିରେ କୁଟୀର ଶିଳ୍ପ ପ୍ରସାର କାର୍ଯ୍ୟକୁ ଉତ୍ସାହିତ କରିବାକୁ ହେବ । ୪୪ ଧାରାର ନିର୍ଦ୍ଦେଶାନୁସାରେ ସମଗ୍ରଭାରତ ପାଇଁ ଏକପ୍ରକାର ଦେଓ୍ୱାନୀ ଆଇନ ପ୍ରବର୍ତ୍ତନ କରିବା ଦିଗରେ ରାଷ୍ଟ୍ର ଚେଷ୍ଟା କରିବ । ସମ୍ବିଧାନ ପ୍ରବର୍ତ୍ତିତ ହେବାର ୧୦ ବର୍ଷ ମଧ୍ୟରେ ୧୪ ବର୍ଷରୁ କମ୍ ପ୍ରତ୍ୟେକ ଶିଶୁକୁ ଅବୈତନିକ ଓ ବାଧ୍ୟତା-ମୂଳକ ଶିକ୍ଷାଦାନର ବ୍ୟବସ୍ଥା କରିବା କଥା ସମ୍ବିଧାନର ୪୫ ଧାରାରେ ରହିଛି । ତଫସିଲଭୁକ୍ତ ଜାତି ଓ ଉପଜାତି ଏବଂ ଅନ୍ୟାନ୍ୟ ଦୁର୍ବଳ ଶ୍ରେଣୀର ଶିକ୍ଷାଗତ ଓ ଅର୍ଥନୈତିକ ସ୍ୱାର୍ଥରକ୍ଷା ଲାଗି ସବିଶେଷ ଯତ୍ନ ନିଆଯିବ ଏବଂ ସେମାନଙ୍କୁ ସାମାଜିକ ଅନ୍ୟାୟ ଓ ସର୍ବବିଧ ଶୋଷଣରୁ ରକ୍ଷା କରାଯିବ ବୋଲି ୪୬ ଧାରାରେ ବ୍ୟବସ୍ଥା ହୋଇଛି । ଜନ ସାଧାରଣଙ୍କର

ବୃଦ୍ଧି ଓ ଜୀବନ ଧାରଣରେ ଉନ୍ନତିବିଧାନ କରି ସେମାନଙ୍କ ସାଧାରଣ ସ୍ୱାସ୍ଥ୍ୟରକ୍ଷାର ବ୍ୟବସ୍ଥା କରିବା ରାଷ୍ଟ୍ରର ଅନ୍ୟତମ କର୍ତ୍ତବ୍ୟ । ସ୍ୱାସ୍ଥ୍ୟ ପକ୍ଷରେ ଅନିଷ୍ଟକର ମାଦକ ପାନୀୟ ଓ ଦଫିକାଦିର ବ୍ୟବସାୟର ନିରୋଧ କରିବା, ରାଷ୍ଟ୍ରର କର୍ତ୍ତବ୍ୟ ହେବ ବୋଲି ୪୭ ଧାରାରେ ବର୍ଣ୍ଣନା କରାଯାଇଛି । ଆଧୁନିକ ଓ ବୈଜ୍ଞାନିକ ପ୍ରଣାଳୀରେ କୃଷି ଓ ପଶୁପାଳନର ସଂଗଠନ କରିବାପାଇଁ ବିଶେଷତଃ ଗୋ ଜାତିର ପ୍ରଚଳନ ବ୍ୟବସ୍ଥାକୁ ଉନ୍ନତ ଓ ସଂରକ୍ଷିତ କରି ଗାଈର ବାଛୁରି କ୍ଷୀରଦାୟୀ ତଥା ଭାରବାହୀ ଗୃହପାଳିତ ପଶୁମାନଙ୍କ ହତ୍ୟା ନିରୋଧ କରିବା ରାଷ୍ଟ୍ରର କର୍ତ୍ତବ୍ୟ ହେବ ବୋଲି ୪୮ ଧାରାରେ କୁହାଯାଇଛି । ସ୍ଥାପତ୍ୟକଳା ବା ଐତିହାସିକ ଦୃଷ୍ଟିରୁ ଚିତ୍ତାକର୍ଷକ ଓ ପାର୍ଲାମେଣ୍ଟର ଆଇନ ଦ୍ୱାରା ଜାତୀୟ ସ୍ୱାର୍ଥଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିବେଚିତ ସ୍ମାରକୀ ସ୍ଥାନ ଓ ଦ୍ରବ୍ୟାଦିକୁ ଧ୍ୱଂସ, ବିକଳାଙ୍ଗ, ବିନାଶ ସ୍ଥାନାନ୍ତର ବିକ୍ରୟ ଓ ରପ୍ତାନୀ ସେଥିରୁ ରକ୍ଷାକରିବା ଲାଗି ରାଷ୍ଟ୍ର ବ୍ୟବସ୍ଥା କରିବା ବିଷୟ ସମ୍ବିଧାନର ୪୯ ଧାରାରେ ଲିପିବଦ୍ଧ ହୋଇଛି । ଶାସନ ବିଭାଗଠାରୁ ବିଚାର ବିଭାଗର ପୃଥକୀକରଣ କରିବା ଲାଗି ରାଷ୍ଟ୍ର ପଦକ୍ଷେପ ନେବ ବୋଲି ୫୦ ଧାରାରେ ବର୍ଣ୍ଣିତ ହୋଇଛି । ଆନ୍ତର୍ଜାତିକ ଶାନ୍ତି ଓ ନିରାପତ୍ତା ରକ୍ଷା କରିବା, ବିଭିନ୍ନ ଦେଶ ମଧ୍ୟରେ ନ୍ୟାୟସଂଗତ ଓ ସମ୍ମାନଜନକ ସମ୍ପର୍କ ସ୍ଥାପନ କରିବା, ସଂଗଠିତ ଜନସମାଜ ସେମାନଙ୍କର ପରସ୍ପର ଆଚରଣ କ୍ଷେତ୍ରରେ ଆନ୍ତର୍ଜାତିକ ଆଇନ ଓ ସନ୍ଧିପ୍ରତି ସମ୍ମାନ ପ୍ରଦର୍ଶନ କରାଇବା ଏବଂ ମଧ୍ୟସ୍ଥତା ସାହାଯ୍ୟରେ ଆନ୍ତର୍ଜାତିକ ବିବାଦଗୁଡ଼ିକର ସମାଧାନ କରିବାପାଇଁ ଉତ୍ସାହ ସୃଷ୍ଟି କରିବା ଭାରତୀୟ ରାଷ୍ଟ୍ରର କର୍ତ୍ତବ୍ୟ ହେବ ବୋଲି ୫୧ ଧାରାରେ ବର୍ଣ୍ଣିତ କରାଯାଇଛି ।

## ନିର୍ଦ୍ଦେଶକ ନୀତିର ଶ୍ରେଣୀ ବିଭାଗ

ଭାରତୀୟ ସଂବିଧାନର ନିର୍ଦ୍ଦେଶକ ନୀତିଗୁଡ଼ିକ ସାମାଜିକ, ଅର୍ଥନୈତିକ, ଶିକ୍ଷାଗତ, ଆଇନଗତ ଓ ଆନ୍ତର୍ଜାତିକ ସମସ୍ୟାର ପର୍ଯ୍ୟାଲୋଚନା କରିଥିଲେହେଁ ସେଗୁଡ଼ିକର ଯୁକ୍ତି-ଯୁକ୍ତ ଶ୍ରେଣୀବିଭାଗ ହୋଇନାହିଁ । କିନ୍ତୁ ଅଧିକାଂଶ ଲୋକଙ୍କ ଦୃଷ୍ଟିରେ ସେଗୁଡ଼ିକୁ ୩ ଭାଗରେ ବିଭକ୍ତ କରାଯାଇପାରେ ଯଥା—ସମାଜବାଦୀ (Socialist) ଗାନ୍ଧୀବାଦୀ (Gandhian) ଓ ସାଧାରଣ (General) ।

**ସମାଜବାଦୀ ନୀତି**—ସାମାଜିକ ସୁବ୍ୟବସ୍ଥା ସଂକ୍ରାନ୍ତୀୟ ନୀତିଗୁଡ଼ିକୁ ସମାଜ-ବାଦୀ ନୀତି କୁହା ଯାଇପାରେ । ଜୀବିକା ନିର୍ବାହ ଲାଗି ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା, ସମ୍ପତ୍ତିର ଉଚିତ ବଣ୍ଟନ କରିବା, ନାରୀ ଓ ପୁରୁଷ କର୍ମଚାରୀମାନଙ୍କୁ ସମାନ କାମପାଇଁ ସମାନ ମଜୁରୀ ଦେବା, ବାଳକ ଓ ପ୍ରାପ୍ତବୟସ୍କମାନଙ୍କ ସ୍ୱାର୍ଥର ସୁରକ୍ଷା କରି କର୍ମଯୋଗାଣ ବ୍ୟବସ୍ଥା କରିବା, ବେକାରୀ, ବାର୍ଦ୍ଧକ୍ୟ ରୁଗ୍ଣାବସ୍ଥାରେ ସରକାରୀ ସାହାଯ୍ୟ ଦେବା, କର୍ମ କ୍ଷେତ୍ରର ପରିସ୍ଥିତି ଉନ୍ନତ କରିବା ଏବଂ ସନ୍ତାନ ପ୍ରସବ ସମୟରେ ସାହାଯ୍ୟ ଦେବା, ନିମିତ୍ତ ଉକ୍ତ ନୀତିଗୁଡ଼ିକରେ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଅନ୍ୟାନ୍ୟ ଆଧୁନିକ ଓ ପ୍ରଗତିଶୀଳ

ରାଷ୍ଟ୍ରପରି ଭାରତ ମଧ୍ୟ ସମାଜବାଦୀ ନୀତିଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱଆରୋପ କରିଛି ଏବଂ ସେଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବାପାଇଁ ବିହିତ ବ୍ୟବସ୍ଥା ଗ୍ରହଣ କରୁଛି ।

**ଗାନ୍ଧିବାଦୀ ନୀତି**—ଭାରତର ନୂତନ ସମାଜକୁ ମହାତ୍ମାଗାନ୍ଧିଙ୍କ ଚିନ୍ତାଧାରାରେ ରୂପାୟିତ କରିବାପାଇଁ ଏହି ବିଭାଗରେ ଅନ୍ତର୍ଭୁକ୍ତ ନୀତିଗୁଡ଼ିକର ଲକ୍ଷ୍ୟ । ସ୍ୱାୟତ୍ତଶାସନ ଅଂଶ ହିସାବରେ ଗ୍ରାମପଞ୍ଚାୟତର ସଙ୍ଗଠନ; ଅନୁନ୍ନତ ଶ୍ରେଣୀର ଅର୍ଥନୈତିକ ଓ ଶିକ୍ଷାଗତ ସ୍ୱାର୍ଥର ଉନ୍ନତିବିଧାନ, ଗ୍ରାମାଞ୍ଚଳରେ ବ୍ୟକ୍ତିଗତ ଓ ସମବାୟ ସୂତ୍ରରେ କୁଟୀରଶିଳ୍ପର ବିକାଶ, ଉନ୍ନତ ସନ୍ତାନ ପ୍ରଜନନ ଏବଂ ଗୋଜାତୀୟ ପଶୁମାନଙ୍କ ହତ୍ୟା ନିଷେଧ, ନିଶା ନିବାରଣ ଏବଂ ଶାସନ ବିଭାଗଠାରୁ ବିଚାର ବିଭାଗର ପୃଥକ ଆଦି ସ୍ୱାଧୀନତା ସଂଗ୍ରାମ ବେଳେ ଗାନ୍ଧିଜୀଙ୍କ ନୀତି ଥିଲବୋଲି ସେଗୁଡ଼ିକୁ ଗାନ୍ଧିବାଦୀ ନିର୍ଦ୍ଦେଶ କୁହାଯାଏ ।

**ସାଧାରଣ ନୀତି**—ଭାରତ ସାରା ଏକପ୍ରକାର ଦେଓ୍ୱାନୀ ଆଇନ୍ ପ୍ରଚଳନ ସଂବିଧାନ ପ୍ରବର୍ତ୍ତିତ ହେବାର ଦଶବର୍ଷ ମଧ୍ୟରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ବାଳକ ବାଳିକାମାନଙ୍କୁ ଅବୈତନିକ ଓ ବାଧ୍ୟତାମୂଳକ, ଶିକ୍ଷା ପ୍ରଦାନ ବୈଜ୍ଞାନିକ ପ୍ରଣାଳୀରେ କୃଷି ଓ ପଶୁପାଳନର ସଙ୍ଗଠନ, ଖାଦ୍ୟପୁଷ୍ଟି ବୃଦ୍ଧି, ଜୀବନଧାରଣ ଓଜନ ସ୍ୱାସ୍ଥ୍ୟର ମାନ ଉନ୍ନୟନ ଆନ୍ତର୍ଜାତିକ, ଶାନ୍ତି ଓ ନିରାପତ୍ତା ତଥା ଅନ୍ତଃରାଷ୍ଟ୍ରୀୟ ସ୍ତରରେ ସମ୍ମାନଜନକ ସମ୍ପର୍କ ପ୍ରତିଷ୍ଠା ବିଷୟକ ନିର୍ଦ୍ଦେଶଗୁଡ଼ିକୁ ସାଧାରଣ ନୀତି କୁହାଯାଇପାରେ ।

## ନିର୍ଦ୍ଦେଶକ ନୀତିର ମୂଲ୍ୟାୟନ

ନିର୍ଦ୍ଦେଶକ ନୀତିଗୁଡ଼ିକର ମୂଳ ଲକ୍ଷ୍ୟ ହେଲା ଅର୍ଥନୈତିକ କ୍ଷେତ୍ରରେ ସମାଜବାଦୀ ବ୍ୟବସ୍ଥା କରିବା ଜୀବନଧାରଣ ତଥା ଜନସ୍ୱାସ୍ଥ୍ୟର ମାନ ଉନ୍ନୟନ କରିବା ସାମାଜିକ ନିରାପତ୍ତା ଓ ସାର୍ବଜନୀନ ଶିକ୍ଷା ପ୍ରତିଷ୍ଠା କରିବା ଏବଂ ନାରୀ ଶିଶୁ ଅନୁନ୍ନତ ଶ୍ରେଣୀ ଓ ତଫସିଲଭୁକ୍ତ ଜାତି ତଥା ଉପଜାତିମାନଙ୍କ ଉନ୍ନତି ବିଧାନ କରିବା । କିନ୍ତୁ ଏହି ନୀତି-ଗୁଡ଼ିକର ସମାଲୋଚନା, ଶାସନ ବିଧାୟକ ସଭା ଭିତରେ ଓ ବାହାରେ କରାଯାଇଥିଲା । ପ୍ରଫେସର କେ: ଟି: ସାହା ସେଗୁଡ଼ିକୁ ଭବିଷ୍ୟତରେ ଭଙ୍ଗାଇ ହେବାଭଳି ବର୍ଣ୍ଣନା କରି-ଥିଲେ । ନାସିର-ଉ-ଦ୍ଦିନଙ୍କ ମତରେ ଏହି ନୀତିଗୁଡ଼ିକ ହେଉଛି, ନବବର୍ଷର ପ୍ରତିଜ୍ଞା, ଯାହା ଜାନୁୟାରୀ ଦୁଇ ତାରିଖରେ ଭଙ୍ଗ କରାଯାଏ, ଅନ୍ୟମାନଙ୍କ ମତରେ ଏହି ନୀତି-ଗୁଡ଼ିକ ହେଉଅଛି, ବାଗାଡ଼ମ୍ବର ( High sounding sentiments ) ବା ସଦିଚ୍ଛା ( pious wish ) ବା ଆଲଙ୍କାରିକ ନିରସ ଉକ୍ତି ( Decorative platitude ) ।

ପ୍ରଥମତଃ କୁହାଯାଏ ଯେ ନୀତିଗୁଡ଼ିକ ନ୍ୟାୟାଳୟ ମାଧ୍ୟମରେ ଦାବୀ କରିବା ବ୍ୟବସ୍ଥା ସଂବିଧାନରେ ନଥିବାରୁ ସେଗୁଡ଼ିକ ସମ୍ପୂର୍ଣ୍ଣ ମୂଲ୍ୟହୀନ୍ । ସେଗୁଡ଼ିକ ବାଧ୍ୟତାମୂଳକ

ହୋଇ ନଥିବାରୁ ପ୍ରାଣହୀନ ଅଧିକାର ପତ୍ରରେ ପରିଣତ ହୋଇଛି । ଦ୍ୱିତୀୟତଃ ନୀତି-ଗୁଡ଼ିକ ସଂଖ୍ୟାରେ ଅତ୍ୟଧିକ ହୋଇଥିବାରୁ କାର୍ଯ୍ୟ କ୍ଷେତ୍ରରେ ସେଗୁଡ଼ିକୁ ମାନି ଚଳିବା ଶାସନ କର୍ତ୍ତୃପକ୍ଷଙ୍କ ପକ୍ଷରେ ସମ୍ଭବପର ନୁହେଁ । ତୃତୀୟତଃ ନୀତିଗୁଡ଼ିକର କୌଣସି ସ୍ୱାଧୀନ ଦେଶର ଶାସନ ବ୍ୟବସ୍ଥା ସହିତ ସାମଞ୍ଜସ୍ୟ ନାହିଁ, କାରଣ ଏହିପରି ନିର୍ଦ୍ଦେଶ କୌଣସି ସ୍ୱାଧୀନ ଦେଶର ଲୋକ ପ୍ରତିନିଧିମୂଳକ ଶାସନକୁ ଦିଆଯାଏ ନାହିଁ । ଡଃ:କେ:ସି: ହ୍ୱିଅରଙ୍କ ମତରେ ସ୍ୱାଧୀନ ଦେଶର ନିର୍ଦ୍ଦେଶକ ନୀତି ହେଉଛି ଜନସାଧାରଣଙ୍କ ଇଚ୍ଛା, ଆଶା ଓ ଆକାଂକ୍ଷା ଗୁଡ଼ିକର ବିଜ୍ଞାପନ ପତ୍ର । ତେଣୁ ସେଗୁଡ଼ିକୁ ସଂବିଧାନରୁ ଅଲଗା କରିଦେବା ଠିକ୍ ହେବ । ଅନେକ କହନ୍ତି, ସରଳ ବିଶ୍ୱାସୀ ଭାରତୀୟ ଜନତାକୁ ନିର୍ଦ୍ଦେଶକ ନୀତି ବାହାନାରେ ପ୍ରତାରଣା କରିବାପାଇଁ ଚତୁର ରାଜନୀତିଜ୍ଞମାନେ ଏହି ନୀରସ ଉକ୍ତିଗୁଡ଼ିକ ରଚନା କରିଛନ୍ତି । ପ୍ରଫେସର ଏନ୍. ଶ୍ରୀନିବାସନ କହିଛନ୍ତି ଯେ, ସଂବିଧାନର ପ୍ରଣେତା-ମାନେ ଅସଙ୍ଗତଭାବେ ପୁରାତନ ସହିତ ନୂତନର ମିଳନ କରିବାକୁ ଚାହିଁଛନ୍ତି । ତାଛଡ଼ା ସେମାନେ ଯୁକ୍ତିସଙ୍ଗତ ଓ ବୈଜ୍ଞାନିକ ବ୍ୟବସ୍ଥା ସହିତ ଭାବାବେଗ ଓ ସ୍ୱାଧୀନତା ସଂଗ୍ରାମ ବେଳର ବିଧି ବ୍ୟବସ୍ଥାକୁ ସମ୍ମିଶ୍ରିତ କରିବା ଲାଗି ପ୍ରୟାସ କରିଛନ୍ତି ।

ଏହାର ଉତ୍ତରରେ କୁହାଯାଇପାରେ ଯେ ନିର୍ଦ୍ଦେଶକ ନୀତିଗୁଡ଼ିକୁ ପୂରାପୂରି ମୂଲ୍ୟହୀନ ବୋଲି କହିବା ଠିକ୍ ନୁହେଁ, କାରଣ ଗଣତାନ୍ତ୍ରିକ ରାଷ୍ଟ୍ରରେ ଦଳୀୟ ସରକାର ଶାସନ ପରିଚାଳନା କରୁଥିବାରୁ ସେମାନେ ଜନମତ ଭୟରେ ନୀତିଗୁଡିକୁ କୌଣସି କ୍ଷେତ୍ରରେ ସଂପୂର୍ଣ୍ଣଭାବେ ଉପେକ୍ଷା କରିପାରିବେ ନାହିଁ । ନୀତିଗୁଡ଼ିକୁ ମାନି ନ ଚଳିଲେ ସରକାରଙ୍କ ବିଚାର ନ୍ୟାୟାଳୟରେ ହେବ ନାହିଁ ସତ୍ୟ, କିନ୍ତୁ ପରବର୍ତ୍ତୀ ନିର୍ବାଚନ ବେଳେ ଜନତାର ଅଦାଲତରେ ତାର ବିଚାର ହେବ । ତେଣୁ ଶାସକଦଳ ସବୁବେଳେ ନିର୍ଦ୍ଦେଶକ ନୀତିକୁ ଦୃଷ୍ଟିପାଖରେ ରଖି ଶାସନ କରନ୍ତି ବୋଲି ଲୋକଙ୍କ ଆଗରେ ସଫେଇ ଦିଅନ୍ତି । ପୁନଶ୍ଚ ସ୍ୱାଧୀନତା, ସାମ୍ୟ, ନ୍ୟାୟ, ମୈତ୍ରୀ ପ୍ରଭୃତି ରାଷ୍ଟ୍ରନୈତିକ ଉଚ୍ଚାଦର୍ଶ-ଗୁଡ଼ିକ ନିର୍ଦ୍ଦେଶକ ନୀତି ପରିଚ୍ଛେଦରେ ପୁନରାବୃତ୍ତି ହୋଇଥିଲେ ହେଁ ଏତଦ୍ୱାରା ଜନସାଧାରଣଙ୍କୁ ସେମାନଙ୍କ ଅଧିକାର ଓ ଦାୟିତ୍ୱ ସମ୍ବନ୍ଧରେ ସଚେତନ କରାନ୍ତି । କେ. ଟି. ଶାହ ମତ ଦେଇଛନ୍ତି ଯେ ଯଦି ଲୋକେ ଓ ଲୋକ ପ୍ରତିନିଧିମାନେ ଶାସନ ବିଭାଗର କାର୍ଯ୍ୟକଳାପ ଉପରେ ସତର୍କ ଦୃଷ୍ଟି ରଖିପାରନ୍ତି, ତେବେ ଉକ୍ତ ନୀତିଗୁଡ଼ିକ ବଳରେ ସାମାଜିକ ରାଷ୍ଟ୍ରନୈତିକ ଓ ଅର୍ଥନୈତିକ ସଂସ୍କାର ହୋଇପାରିବ ।

ସାର୍ ବି: ଏନ୍: ରାଓ ମନ୍ତବ୍ୟ ଦେଇଛନ୍ତି ଯେ ମହାସନନ୍ଦ (Magna Carta) ଏବଂ ମାନବିକ ଅଧିକାରର ଘୋଷଣା ପତ୍ର (Declaration of Rights of man) ଭଳି ଇତିହାସର ଅନେକ ନୈତିକ ବିଧି ଅଗଣିତ ଲୋକଙ୍କ ଜୀବନ ପଥକୁ ପ୍ରଭାବିତ କରିଛି । ତେଣୁ ନିର୍ଦ୍ଦେଶକ ନୀତି ପରିଚ୍ଛେଦକୁ ସଂବିଧାନର ଅନାବଶ୍ୟକ ଅଙ୍ଗବୋଲି ଉପେକ୍ଷା କରିବା ଉଚିତ ହେବନାହିଁ । ଏସ୍: ଭି: ପାଇଲିଙ୍କ ଭାଷାରେ ଏହି

ନିର୍ଦ୍ଦେଶଗୁଡ଼ିକ ଜାତୀୟ ବିବେକର ମୌଳିକ ମାନଦଣ୍ଡ ଭଳି କାର୍ଯ୍ୟକରେ ।

ଆହୁରି କୁହାଯାଏ ଯେ ଏହି ନିର୍ଦ୍ଦେଶଗୁଡ଼ିକ ସାଂବିଧାନିକ ପରାମର୍ଶଦାତାର ଭୂମିକା ଗ୍ରହଣ କରନ୍ତି । କାର୍ଯ୍ୟ କ୍ଷେତ୍ରରେ ସଂବିଧାନକୁ ଉପଯୋଗୀ କରିବାପାଇଁ ଏଗୁଡ଼ିକ ସହାୟକ ହୁଅନ୍ତି । କେତେକ ସମୟରେ ଅଦାଲତ ବି ଏହି ନୀତିଗୁଡ଼ିକର ଗୁରୁତ୍ୱ ଉପଲବ୍ଧି କରିଛନ୍ତି । ବମ୍ବେ ରାଜ୍ୟ ବନାମ ଏଫ. ଏସ. ବାଲସରା ମକଦ୍ଦମାରେ ୪୭ ଧାରା ଏବଂ ବିହାର ରାଜ୍ୟ ବନାମ କାମେଶ୍ୱର ସିଂ ମକଦ୍ଦମାରେ ୩୮ ଧାରାକୁ ସୁପ୍ରିମ କୋର୍ଟ ଉଲ୍ଲେଖ କରିଛନ୍ତି ।

ବିଶୁଦ୍ଧ ଗଣତନ୍ତ୍ର ଓ ସମାଜବାଦୀ ଜନମଙ୍ଗଳ ରାଷ୍ଟ୍ର ଗଠନ ଦିଗରେ ନିର୍ଦ୍ଦେଶ ମୂଳକ ନୀତିଗୁଡ଼ିକ ଯଥେଷ୍ଟ ସହାୟକ ହୁଅନ୍ତି । ସମ୍ପତ୍ତିର ସାମାଜିକ ଓ ଅର୍ଥନୈତିକ କେନ୍ଦ୍ରୀକରଣକୁ ପ୍ରତିହତ କରିବା, ବେକାରି ଦୂର କରିବା ଓ ଉତ୍ତମ ଜୀବନଯାପନ ଲାଗି ପରିସ୍ଥିତି ସୃଷ୍ଟି କରିବାପାଇଁ ରାଷ୍ଟ୍ରକୁ ନିର୍ଦ୍ଦେଶ ଦିଆଯାଇଛି । ବିଶେଷ କରି ସରକାର କେଉଁ ପରିମାଣରେ ନିଜ କର୍ତ୍ତବ୍ୟ ସାଧନ କ୍ଷେତ୍ରରେ ଅକୃତକାର୍ଯ୍ୟ ହୋଇଛନ୍ତି ତାହା ନିର୍ଦ୍ଦେଶକ ନୀତି ମାଧ୍ୟମରେ ହିଁ ଜାଣିହୁଏ । ନିର୍ଦ୍ଦେଶକ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବା ବିଷୟରେ ବିଭିନ୍ନ ରାଜନୈତିକ ଦଳର ସରକାରଙ୍କ ଯୋଗ୍ୟତା ଜଣାପଡ଼େ । ଏମ୍. ସି. ଶୀତଲବାଦଙ୍କ ମତରେ ଭାରତୀୟ ସଂବିଧାନ ପ୍ରାକ୍ କଥନର ତତ୍ତ୍ୱଗୁଡ଼ିକୁ ନିର୍ଦ୍ଦେଶକ ନୀତି ସାହାଯ୍ୟରେ ବାସ୍ତବ କରିବା ଲାଗି ଉଦ୍ୟମ ହୋଇଛି ।

## ନିର୍ଦ୍ଦେଶକ ନୀତିଗୁଡ଼ିକର ରୂପାୟନ

ଅନେକ ପଣ୍ଡିତ କଂଗ୍ରେସ ସରକାରକୁ ସମାଲୋଚନା କରି କହନ୍ତି ଯେ ନିର୍ଦ୍ଦେଶକ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ସରକାର ସଫଳ ହୋଇ ନାହାଁନ୍ତି । ଲୋକସଭାରେ ଭୂପେଶ ଗୁପ୍ତା ଏଭଳି ମତ ବ୍ୟକ୍ତ କରିଛନ୍ତି ଯେ, ଭାରତର ଜନସାଧାରଣ ସ୍ୱାଧୀନତା ପୂର୍ବ ଓ ପରର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥା ମଧ୍ୟରେ ପାର୍ଥକ୍ୟ ଉପଲବ୍ଧି କରିପାରୁ ନାହାଁନ୍ତି । ଡଃ: କେ: ଏସ୍ ପାଣିକର ଦୁଃଖ ପ୍ରକାଶ କରି କହିଛନ୍ତି ଯେ ଗାନ୍ଧିବାଦୀ ନୀତିଗୁଡ଼ିକ ମଧ୍ୟ ବିଶ୍ୱାସଯୋଗ୍ୟ ଭାବରେ କାର୍ଯ୍ୟକାରୀ ହୋଇପାରି ନାହିଁ । କେବଳ ଅର୍ଥାଭାବରୁ ନିର୍ଦ୍ଦେଶକ ନୀତିଗୁଡ଼ିକ କାର୍ଯ୍ୟକାରୀ ହୋଇପାରୁ ନାହିଁ ବୋଲି କହିଲେ ସତ୍ୟର ଅପଲାପ ହେବ । କାରଣ ଅକ୍ଟୋବର ବିପ୍ଳବ ପରେ ଦୁଇମାସ ଭିତରେ ସୋଭିଏତ୍ ସଂଘରେ ସାମାଜିକ ନିରାପତ୍ତା ଓ ସାମାଜିକ ବୀମା ପ୍ରଭୃତି ବ୍ୟବସ୍ଥାମାନ କରାଯାଇଥିଲା । ବର୍ତ୍ତମାନ ଜାତୀୟ ଜୀବନରେ ମତାଧିକାର କ୍ଷେତ୍ରରେ ନ୍ୟାୟ ଓ ସାମ୍ୟ ପ୍ରବର୍ତ୍ତିତ ହୋଇଥିଲେ ବି ଅର୍ଥନୈତିକ ନ୍ୟାୟ ଓ ସାମ୍ୟ ପ୍ରତିଷ୍ଠା କରିବା ସମ୍ଭବପର ହୋଇ ନାହିଁ । ବିଭିନ୍ନ ପଞ୍ଚବାର୍ଷିକ ଯୋଜନାରେ ସମାଜବାଦୀ ସମାଜ ପ୍ରତିଷ୍ଠା କରିବା ନିମିତ୍ତ ଆୟ ତଥା ସମ୍ପଦର ବୈଷମ୍ୟ ଦୂରକରି ଅର୍ଥନୈତିକ କ୍ଷମତାର ସମାନ ବଣ୍ଟନ କଥା ଘୋଷଣା କରାଯାଇଥିଲେ

ସୁଦ୍ଧା ପାଞ୍ଚଟି ପଞ୍ଚବାର୍ଷିକ ଯୋଜନା କାର୍ଯ୍ୟକାରୀ ହେବାପରେ ଦେଖାଯାଉଛି ଯେ ଦେଶର ଅର୍ଥନୈତିକ ବୈଷମ୍ୟ ହ୍ରାସ ନ ହୋଇ ବରଂ ବଢ଼ି ଚାଲିଛି । ବହୁ ରାଜ୍ୟରେ ବାଧ୍ୟତା-ମୂଳକ ଅବୈତନିକ ଶିକ୍ଷାର ପ୍ରସାର ସମ୍ଭବପର ହୋଇନାହିଁ ।

ଉପରୋକ୍ତ ସମାଲୋଚନା ଗୁଡ଼ିକ ପୁରାପୁରି ଅମୂଳକ ନୁହେଁ । ତଥାପି ସରକାର ଏ ଦିଗରେ ସମ୍ପୂର୍ଣ୍ଣ ଅକ୍ଷମ ହୋଇଛନ୍ତି ବୋଲି କହିବା ଯୁକ୍ତିସଂଗତ ହେବନାହିଁ । ଗୋ-ଜାତୀୟ ପଶୁମାନଙ୍କ ହତ୍ୟା ନିବାରଣ ଦିଗରେ ଅନେକ ରାଜ୍ୟ ଆଇନ ପ୍ରଣୟନ କରିଛନ୍ତି । ଭାରତର ବିଭିନ୍ନ ଅଞ୍ଚଳରେ ଗୋଷ୍ଠୀ ଉନ୍ନୟନ (Community Development) ଯୋଜନା କାର୍ଯ୍ୟକାରୀ କରାଯାଉଛି । ଏହି ପରିକଳ୍ପନା ମାଧ୍ୟମରେ ଗ୍ରାମ୍ୟ ଅର୍ଥନୀତିରେ ସଂସ୍କାର ଏବଂ କୃଷି ଓ ପଶୁପାଳନର ଉନ୍ନତି ଲାଗି ଚାଲି ରହିଛି । ତଫସିଲଭୁକ୍ତ ଜାତି ଓ ଉପଜାତି ଏବଂ ଅନ୍ୟାନ୍ୟ ଅନୁନ୍ନତ ଶ୍ରେଣୀର ଉନ୍ନତିପାଇଁ ପଞ୍ଚ-ବାର୍ଷିକ ଯୋଜନା ଗୁଡ଼ିକରେ ବିଶେଷ ଗୁରୁତ୍ୱ ଦିଆଯାଇଛି ।

ପ୍ରଥମ ପଞ୍ଚବାର୍ଷିକ ଯୋଜନା ସମୟରୁ ଭୂସଂସ୍କାର ଉପରେ ନଜର ଦିଆଯାଇଛି ଏବଂ ଜମିଦାର ଓ ଅନ୍ୟାନ୍ୟ ମଧ୍ୟସ୍ୱତ୍ତ୍ୱାଧିକାରୀମାନଙ୍କୁ ଅପସାରିତ କରି କୃଷକ ଓ ସରକାର ମଧ୍ୟରେ ପ୍ରତ୍ୟକ୍ଷ ସମ୍ପର୍କ ସ୍ଥାପନ କରାଯାଇଛି । ଏହାଛଡ଼ା ନାଗାଲାଣ୍ଡ ବ୍ୟତୀତ ସବୁ ରାଜ୍ୟରେ ଜମିର ସର୍ବୋଚ୍ଚ ସୀମା ଧାର୍ଯ୍ୟ କରାଯାଇଛି । ଶିଳ୍ପ କ୍ଷେତ୍ରରେ ସରକାରୀ ମାଲିକାନା ଓ ନିୟନ୍ତ୍ରଣର ପ୍ରସାର ହୋଇଛି । ରାଜାରାଜୁଡ଼ାମାନଙ୍କ ହାତଖର୍ଚ୍ଚ ଉଚ୍ଛେଦ, ବ୍ୟାଙ୍କ ଜାତୀୟ-କରଣ ଆଦି ପଦକ୍ଷେପ ସମାଜରୁ ଅର୍ଥନୈତିକ ବୈଷମ୍ୟ ଦୂରୀକରଣ ଉଦ୍ଦେଶ୍ୟରେ ନିଆଯାଇଛି ।

ଅନେକ କର୍ମନିଯୋଗ କ୍ଷେତ୍ରରେ ସର୍ବନିମ୍ନ ମଜୁରୀହାର ସ୍ଥିର କରାଯାଇଛି । ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ ନାରୀ ଓ ପୁରୁଷଙ୍କୁ ସମାନ କାମପାଇଁ ସମାନ ମଜୁରିର ବ୍ୟବସ୍ଥା କରାଯାଇଛି । ଶିଶୁ ଓ ଯୁବକମାନଙ୍କୁ ଶୋଷଣ ମୁହଁରୁ ରକ୍ଷା କରିବାପାଇଁ କେତେଗୁଡ଼ିଏ ଆଇନ୍ ବି ପ୍ରଣୀତ ହୋଇଛି । ବେକାରୀ ଦୂରକରିବା ଦିଗରେ ପଦକ୍ଷେପମାନ ନିଆଯାଉଛି । ଦୁର୍ଘଟଣା ଓ ଅକ୍ଷମତା ସମୟରେ ଶ୍ରମିକମାନଙ୍କପାଇଁ କେତେଗୁଡ଼ିଏ ସୀମିତ ସୁବିଧା ସୁଯୋଗର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯାଇଛି । କର୍ମଚାରୀମାନଙ୍କପାଇଁ ସରକାରୀ ବୀମା ପରିକଳ୍ପନା କଥା ଦୃଷ୍ଟାନ୍ତ ହିସାବରେ ଉଲ୍ଲେଖ କରାଯାଇପାରେ । ଦୁର୍ବଳ ଶ୍ରମିକମାନଙ୍କ ବେତନର ହାର ବିଷୟରେ ବିବାଦର ମୀମାଂସାପାଇଁ ମଜୁରୀ ବୋର୍ଡ଼ (Wage Boards) ମାନ ପ୍ରତିଷ୍ଠା କରାଯାଇଛି । କୁଟୀରଶିଳ୍ପର ପ୍ରସାର ଦିଗରେ ମଧ୍ୟ ବିଶେଷ ଦୃଷ୍ଟି ଦିଆଯାଇଛି । ଏହି ଉଦ୍ଦେଶ୍ୟରେ ସର୍ବଭାରତୀୟ ଖଦୀ ଓ ଗ୍ରାମ୍ୟଶିଳ୍ପ ବୋର୍ଡ (All India Khadi and Village Industries Board) ସର୍ବଭାରତୀୟ ହସ୍ତ-ଶିଳ୍ପ ବୋର୍ଡ଼ (All India Handicraft Board) ରେଶମ ବୋର୍ଡ (Silk

Board ) ପ୍ରଭୃତି ପ୍ରତିଷ୍ଠା ହୋଇଛି । ବ୍ୟାଙ୍କ ଜାତୀୟକରଣ ହୋଇଥିବାରୁ ସହର ଓ ଗ୍ରାମାଞ୍ଚଳମାନଙ୍କରେ କୁଟୀରଶିଳ୍ପର ବିକାଶଲାଗି ଅର୍ଥିକ ସାହାଯ୍ୟ ଦିଆଯାଉଛି ।

ଶାସନ ବିଭାଗ ଓ ବିଚାର ବିଭାଗର ପୃଥକ୍‌କରଣ ସମଗ୍ର ଭାରତବର୍ଷପାଇଁ ଏକ ପ୍ରକାର ଦେଓ୍ୱାନୀ ଆଇନ୍‌ର ପ୍ରଚଳନ ଏକ ସହଜସାଧ୍ୟ ବ୍ୟାପାର ହୋଇ ନଥିଲେ ହେଁ ଏହି ସଂକ୍ରାନ୍ତରେ ଚେଷ୍ଟା ହେଉଛି । ହିନ୍ଦୁମାନଙ୍କର ବିବାହ, ଛାଡ଼ପତ୍ର, ଉତ୍ତରାଧିକାର ସ୍ୱତ୍ୱ ଇତ୍ୟାଦି ବିଷୟରେ ଆଇନ୍ ପ୍ରଣୀତ ହୋଇଛି । ଅକାଳ ମୃତ୍ୟୁହାର ହ୍ରାସ ହୋଇଛି ଓ ଆୟୁକାଳ ବୃଦ୍ଧି ପାଇଛି । ଜନସ୍ୱାସ୍ଥ୍ୟ ଓ ଚିକିତ୍ସା ସଂକ୍ରାନ୍ତୀୟ କର୍ମସୂଚୀପାଇଁ ପାଞ୍ଚଗୋଟି ପଞ୍ଚବାର୍ଷିକ ଯୋଜନା, ମେଲେରିଆ, ବସନ୍ତ, କଲେରା ପ୍ରଭୃତି ବ୍ୟାଧିର ପ୍ରତିରୋଧଲାଗି ନାନା ବ୍ୟବସ୍ଥା ହୋଇଛି । ସ୍ୱାସ୍ଥ୍ୟ ସମ୍ପର୍କରେ ପରାମର୍ଶ ଦେବାଲାଗି ସ୍ୱାସ୍ଥ୍ୟ ବ୍ୟୁରୋ (Health Bureau) ସ୍ଥାପିତ ହୋଇଛି । ଖାଦ୍ୟ ପୁଷ୍ଟିର ଉନ୍ନୟନ ସାଧନପାଇଁ କେନ୍ଦ୍ରରେ ଜାତୀୟ ପୁଷ୍ଟି ପରାମର୍ଶଦାତା କମିଟି ( National Nutrition Advisory Committee ) ନିଯୁକ୍ତ ହୋଇଛି, କିନ୍ତୁ ଉପରୋକ୍ତ ବ୍ୟବସ୍ଥାଗୁଡ଼ିକ ଭାରତର ବିଶିଷ୍ଟ ସମସ୍ୟାଗୁଡ଼ିକର ସମାଧାନ ଦିଗରେ ଯଥେଷ୍ଟ ବିବେଚିତ ହୁଏ ନାହିଁ ।

# ସପ୍ତମ ପରିଚ୍ଛେଦ

## ଭାରତୀୟ ରାଷ୍ଟ୍ରସଂଘର ପ୍ରକୃତି

## ( Nature of the Indian Federation )

ଭାରତୀୟ ସଂବିଧାନକୁ ଅର୍ଦ୍ଧ ରାଷ୍ଟ୍ରସଂଘୀୟ ( quasifederal ) ସଂବିଧାନ ଭିତରେ ଅନ୍ତର୍ଭୁକ୍ତ କରିବା ଉଚିତ୍ ହେବ ବୋଲି କେ. ସି. ହୁଇୟାର ମତବ୍ୟକ୍ତ କରିଛନ୍ତି । ଭାରତୀୟ ସଂବିଧାନ ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ କରିଅଛି । ସୁତରାଂ ଭାରତୀୟ ରାଷ୍ଟ୍ରସଂଘୀୟ ବ୍ୟବସ୍ଥାର ବୈଶିଷ୍ଟ୍ୟ ଜାଣି ଓ ହୁଇୟାରଙ୍କ ମନ୍ତବ୍ୟ କେତେଦୂର ଯୁକ୍ତିଯୁକ୍ତ ତାହାର ଉପଲବ୍ଧିପାଇଁ ରାଷ୍ଟ୍ରସଂଘ କାହାକୁ କୁହାଯାଏ, ରାଷ୍ଟ୍ରସଂଘ କାହିଁକି ଗଠିତ ହୁଏ ଓ କେଉଁ ପଦ୍ଧତିରେ ତାହା ପ୍ରବର୍ତ୍ତିତ ହୁଏ, ସେ ସମ୍ପର୍କରେ ସଂକ୍ଷିପ୍ତ ଆଲୋଚନା କରିବା ପ୍ରୟୋଜନ ।

### ରାଷ୍ଟ୍ରସଂଘର ପ୍ରକୃତି

ରାଷ୍ଟ୍ରସଂଘର ସଂଜ୍ଞା ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ଯଥେଷ୍ଟ ମତଭେଦ ରହିଛି । ହୁଇୟାରଙ୍କ ବ୍ୟାଖ୍ୟା ଅନୁସାରେ ରାଷ୍ଟ୍ରସଂଘୀୟ ସଂବିଧାନରେ ସଂଘୀୟ ସରକାର ଓ ଆଞ୍ଚଳିକ ସରକାରଗୁଡ଼ିକ ମଧ୍ୟରେ ଶାସନ କ୍ଷମତା ଏକ ସ୍ୱତନ୍ତ୍ର ଭାବରେ ବଣ୍ଟନ କରାଯାଏ । ପ୍ରତ୍ୟେକ ସରକାର ନିଜ କ୍ଷେତ୍ରରେ ସମାନ ମର୍ଯ୍ୟାଦା ଭୋଗକରେ ଓ ଆଇନତଃ ସ୍ୱାଧୀନ ଥାଏ । ଉକ୍ତ ବ୍ୟାଖ୍ୟାରୁ ସହଜରେ ବୁଝାଯାଏ ଯେ, କେନ୍ଦ୍ର ଓ ଆଞ୍ଚଳିକ ସରକାର ମଧ୍ୟରେ କ୍ଷମତା ବଣ୍ଟନ ହେଲା ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥାର ପ୍ରଧାନ ବୈଶିଷ୍ଟ୍ୟ । ପ୍ରତ୍ୟେକ ସରକାର ନିଜ ଇଲାକାରେ ସାମାନ୍ୟ ମର୍ଯ୍ୟାଦା ଭୋଗ କରିବାକୁ ସମର୍ଥ ହେବା-ପରି କ୍ଷମତା ବଣ୍ଟନ କରାଯାଏ । କେନ୍ଦ୍ର ସରକାର ଆଞ୍ଚଳିକ ସରକାରର ନିୟନ୍ତ୍ରଣାଧୀନ ହେବନାହିଁ କିମ୍ବା ଆଞ୍ଚଳିକ ସରକାର ନିଜ କ୍ଷମତା ପ୍ରୟୋଗବେଳେ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣାଧୀନ ହେବନାହିଁ ।

ରାଷ୍ଟ୍ରସଂଘର ସଂଜ୍ଞା ନିରୂପଣ କରିବାକୁ ଯାଇ ଏ. ଭି. ଡାଇସି ମତ ଦେଇଛନ୍ତି ଯେ, 'ଏହା ଜାତୀୟ ଐକ୍ୟ ଓ ଶକ୍ତି ସହିତ ରାଜ୍ୟମାନଙ୍କ ସ୍ୱାତନ୍ତ୍ର୍ୟ ଓ ଅଧିକାରର ସମନ୍ୱୟ ପ୍ରତିଷ୍ଠା କରିବାର ଏକ ରାଜନୈତିକ ଉପାୟ ।' କେତେଗୋଟି ସ୍ୱାଧୀନ ରାଷ୍ଟ୍ର ନିଜଶକ୍ତି ବଳରେ ବହୁ ବ୍ୟୟସାଧ୍ୟ ଆଧୁନିକ ପ୍ରଶାସନର ମାନଦଣ୍ଡ ରକ୍ଷା କରିବାପାଇଁ ନିଜକୁ ଅସମର୍ଥ ମନେକଲେ କିମ୍ବା ସେହି ସମସ୍ତ ରାଷ୍ଟ୍ର ସହିତ ଶତ୍ରୁତା କରୁଥିବା ଏକ ସାଧାରଣ

ଶତ୍ରୁ ଆକ୍ରମଣରୁ ନିଜ ସ୍ୱାଧୀନ ସ୍ଥିତିକୁ ରକ୍ଷା କରିବାପାଇଁ ନିଜକୁ ଅକ୍ଷମ ଭାବିଲେ ଓ ସେହି କାରଣରୁ ସେମାନେ ମିଳିତ ଭାବରେ ଗୋଟିଏ ରାଷ୍ଟ୍ରସଂଘ ଗଠନ କରନ୍ତି । ସେମାନେ ଏକତ୍ରିତ ହେବାପାଇଁ ଇଚ୍ଛାପ୍ରକାଶ କଲେ ଏହି ରାଷ୍ଟ୍ରସଂଘ ଗଠନକୁ ତ୍ୱରାନ୍ୱିତ କରିବା ପାଇଁ ଦୁଇଟି ସମ୍ପୂର୍ଣ୍ଣ ବିପରୀତ ଧାରଣାଥିବା ଆବଶ୍ୟକ । ଯେତେଦୂର ସମ୍ଭବ ନିଜ ଅଧିକାର ରକ୍ଷା କରିବାପାଇଁ ପ୍ରତ୍ୟେକ ଅଙ୍ଗରାଜ୍ୟର ଇଚ୍ଛାଥିବା ଆବଶ୍ୟକ, ତତ୍ସହିତ ସେମାନେ ନିଜ ସ୍ଥିତିକୁ ହରାଇବାକୁ ଅନିଚ୍ଛୁକ ଥିବା ଉଚିତ୍ । କିନ୍ତୁ ତତ୍ ସଙ୍ଗେ ସଙ୍ଗେ ସେମାନେ ନିଜ ସରକାରଙ୍କଠାରୁ ଭିନ୍ନ ଏକ ଶକ୍ତିଶାଳୀ ସରକାର ଗଠନର ଅନିବାର୍ଯ୍ୟ ଆବଶ୍ୟକତା ବିଷୟରେ ସଚେତନ ଥିବା ଆବଶ୍ୟକ । ତେବେଯାଇ ରାଷ୍ଟ୍ରସଂଘ ପ୍ରତିଷ୍ଠିତ ହୋଇପାରେ । ଅଙ୍ଗରାଜ୍ୟଗୁଡ଼ିକ ଐକ୍ୟ ( Unity ) ପ୍ରତିଷ୍ଠା ନକରି ଗୋଟିଏ ସଂଘ କରନ୍ତି । ରାଷ୍ଟ୍ରସଂଘ ଗଠନର ଅବ୍ୟବହିତ ପୂର୍ବରୁ ଅଙ୍ଗ ରାଜ୍ୟଗୁଡ଼ିକ ମଧ୍ୟରେ କୌଣସି ସଂରାଷ୍ଟ୍ରୀୟ ବ୍ୟବସ୍ଥା ( Confederation ) ଦ୍ୱାରା ପରସ୍ପର ବନ୍ଧୁତା ଓ ସହଯୋଗର ବାତାବରଣ ସୃଷ୍ଟି ହୋଇଥିଲେ ରାଷ୍ଟ୍ରସଂଘ ଗଠନ ସହଜସାଧ୍ୟ ହୁଏ । ଉକ୍ତ ମିଳିତ ଅନୁଷ୍ଠାନ ଅଙ୍ଗ ରାଜ୍ୟଗୁଡ଼ିକ ମଧ୍ୟରେ ଥିବା ଭିନ୍ନତାକୁ ଲୋପ କରିବାରେ ସମର୍ଥ ହେଲେ ଏବଂ ପରସ୍ପର ସାହାଯ୍ୟ, ସହାନୁଭୂତି ଓ ସହଯୋଗର ଉପକାରିତା ସେମାନଙ୍କ ଭିତରେ ଏକ ଜାଗରଣ ସୃଷ୍ଟିକଲେ ଏକତା ଦୃଢ଼ୀଭୂତ ହୁଏ ଏବଂ ରାଷ୍ଟ୍ରସଂଘ ଗଠନ କରିବାର ପଥ ପରିଷ୍କାର ଓ ସୁଗମ ହୋଇଯାଏ ।

ଅଙ୍ଗରାଜ୍ୟଗୁଡ଼ିକ ମଧ୍ୟରେ ଭୌଗୋଳିକ ସାନ୍ନିଧ୍ୟ ଥିଲେ ଓ ସମ୍ପୂର୍ଣ୍ଣ ସହଯୋଗ ପ୍ରତିଷ୍ଠାପାଇଁ ସେମାନଙ୍କ ମଧ୍ୟରେ ଜାତିଗତ, ସାଂସ୍କୃତିକ ଅର୍ଥନୈତିକ କିମ୍ବା ରାଜନୈତିକ ସମତା ବିଦ୍ୟମାନ ଥିଲେ ବ୍ୟବସ୍ଥାଟି ଷ୍ଟାଟେନ୍‌ବୁନ୍ଦରୁ ବୁନ୍ଦେଷ୍ଟାଟକୁ ରୂପାନ୍ତରିତ ହୁଏ । ସେଥିପାଇଁ କେ.ସି. ହ୍ୱିୟାର ମତବ୍ୟକ୍ତ କରିଛନ୍ତି ଯେ "ସାମରିକ ବିପଦ ଆଶଙ୍କା ଓ ମିଳିତ ସୁରକ୍ଷାର ଉପାଦେୟତା, ବୈଦେଶିକ ଶତ୍ରୁମାନଙ୍କଠାରୁ ସମ୍ପୂର୍ଣ୍ଣ ସ୍ୱାଧୀନ ରହିବାର ଅଭିଳାଷ, ଐକ୍ୟ ବା ମିଳନ ବଳରେ ସ୍ୱାଧୀନତା ରକ୍ଷାକରିବା ଅଭିପ୍ରାୟ, ମିଳନରୁ ଅର୍ଥନୈତିକ ସୁବିଧା ପାଇବାର ଇଚ୍ଛା, ରାଷ୍ଟ୍ରସଂଘ ଗଠନପୂର୍ବରୁ ସଂପୃକ୍ତ ସମାଜରେ ଯୁକ୍ତରାଷ୍ଟ୍ର ଆମେରିକା ବା ସୁଇଜରଲାଣ୍ଡ ପରି ସଂରାଷ୍ଟ୍ର ( Confederation ) କିମ୍ବା କାନାଡ଼ା ବା ଅଷ୍ଟ୍ରେଲିଆ ପରି ଏକ ଐକିକ ସମ୍ରାଜ୍ୟର ଅଂଶ ହିସାବରେ ରାଷ୍ଟ୍ରନୈତିକ ଅନୁଷ୍ଠାନମାନ ଗଠନ, ଭୌଗୋଳିକ ଭାତୃଭାବ ଓ ରାଷ୍ଟ୍ରନୈତିକ ଅନୁଷ୍ଠାନର ସମତା ଉପରେ ଯୁକ୍ତରାଷ୍ଟ୍ର ଗଠନ କରିବାର ଭିତ୍ତି ସ୍ଥାପିତ ହୁଏ ।" କୌଣସି ରାଷ୍ଟ୍ରରେ ଜାତିଗତ, ଧର୍ମଗତ, ଭାଷାଗତ ଓ ଅନ୍ୟାନ୍ୟ ସଂଖ୍ୟାନ୍ୟୂନ ଗୋଷ୍ଠୀଥିଲେ ଏବଂ ସେମାନେ ଅବଶିଷ୍ଟ ଲୋକଙ୍କ ସହ ଏକ ସାର୍ବଜନୀନ ସରକାର ଗଠନ କରିବାର ଇଚ୍ଛାପୋଷଣ କରିବା ସଙ୍ଗେ ସଙ୍ଗେ ନିଜ ବ୍ୟକ୍ତିତ୍ୱ କ୍ଷୁଣ୍ଣ ନକରିବାପାଇଁ ଅଭିମାନ ଓ ଗର୍ବ ଅନୁଭବ କରୁଥିଲେ ରାଷ୍ଟ୍ରସଂଘୀୟ ବ୍ୟବସ୍ଥା ଗୋଟିଏ ସନ୍ତୋଷଜନକ ସମାଧାନରୂପେ ବିବେଚିତ ହୋଇଥାଏ । ଏହାକୁ ବରଂ ଜାତୀୟ

ଆତ୍ମନିୟନ୍ତ୍ରଣ ( Self-determination ) କୁହାଯାଇ ପାରେ । କାନାଡ଼ା, ସୁଇଜରଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା, ସୋଭିଏତ ସଂଘ ଓ ଭାରତ ସମ୍ପର୍କରେ ଗୋଟିଏ ଗୋଟିଏ ଦୃଷ୍ଟାନ୍ତ ମାତ୍ର ।

ଉପରୋକ୍ତ ବ୍ୟାଖ୍ୟାରୁ ଏହା ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ରାଷ୍ଟ୍ରସଂଘୀୟ ଶାସନ-ବ୍ୟବସ୍ଥାରେ ଆତ୍ମନିୟନ୍ତ୍ରଣ ଓ ସ୍ୱାଧୀନତା ଭୋଗ କଲଭଳି କେନ୍ଦ୍ର ଓ ଆଞ୍ଚଳିକ ସରକାର ମଧ୍ୟରେ କ୍ଷମତା ବଣ୍ଟନ କରାଯାଏ । ଏହି ସଂକ୍ରାନ୍ତରେ ରାଜନୀତି ବିଶାରଦମାନେ ଏକ ରାଜନୈତିକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଥାନ୍ତି । ଜନ ଅଷ୍ଟିନଙ୍କ ଆଇନଗତ ସାର୍ବଭୌମତ୍ୱ କଳ୍ପନା ( Juristic theory of Sovereignty ) ଉପରେ ବିଶ୍ୱାସ କରୁଥିବା ରାଜନୈତିକ କଳ୍ପନାବିତ୍‌ମାନେ ରାଷ୍ଟ୍ରସଂଘରେ ସାର୍ବଭୌମତ୍ୱର ସ୍ଥାନ ନିର୍ଦ୍ଧାରଣ କରିବା ବିଷୟରେ ଏକମତ ନୁହଁନ୍ତି । ସାର୍ବଭୌମତ୍ୱର ଅବିଭାଜ୍ୟତା ଓ ଅସୀମତା ରାଷ୍ଟ୍ରସଂଘୀୟ ବ୍ୟବସ୍ଥାରେ କାର୍ଯ୍ୟକ୍ଷେତ୍ରରେ ଦେଖାଯାଏ ନାହିଁ । ସଂବିଧାନ ଦ୍ୱାରା ରାଷ୍ଟ୍ରସଂଘର କ୍ଷମତା ବଣ୍ଟନ ହୋଇଥିବା ହେତୁ ଅଂଶ ଅସୀମ କ୍ଷମତାର ଅଧିକାରୀ ନୁହେଁ । କେତେବେଳେ ସଂବିଧାନକୁ ସାର୍ବଭୌମତ୍ୱର ଆଧାର କୁହାଯାଏ । ଅନ୍ୟବେଳେ ସଂବିଧାନ ପ୍ରଣୟନ କରିଥିବା ଶାସନବିଧାୟକ ସଭା (Constituent Assembly) ମଧ୍ୟ ସାର୍ବଭୌମତ୍ୱର ଅଧିକାରୀ ବୋଲି କୁହାଯାଏ ସତ୍ୟ କିନ୍ତୁ ଏହା ଗ୍ରହଣୀୟ ନୁହେଁ, କାରଣ ସଂବିଧାନ ପ୍ରଣୟନର ପରେ ପରେ ଶାସନବିଧାୟକ ସଭାର ଆବଶ୍ୟକତା ନଥିବା ହେତୁ ତାକୁ ଭାଙ୍ଗି ଦିଆଯାଏ । ତେଣୁ ତାହା କୌଣସି ନିର୍ଦ୍ଦିଷ୍ଟ ସମାଜର ସଂଖ୍ୟାଧିକ ଲୋକଙ୍କଠାରୁ ସ୍ୱଭାବସିଦ୍ଧ ଆନୁଗତ୍ୟ ପାଏ ନାହିଁ । ଡକ୍ଟର ଶ୍ରୀ ରାମଚନ୍ଦ୍ର ଦାଙ୍କ ମତରେ ରାଷ୍ଟ୍ରସଂଘରେ ସାର୍ବଭୌମତ୍ୱର ଆଧାର ନିର୍ଣ୍ଣୟ କରିବା ବିଷୟରେ ଦୁଇଗୋଟି ସିଦ୍ଧାନ୍ତ କରାଯାଇ ପାରେ; ଏକେତ ସାର୍ବଭୌମ ଅଧିକାରର ଅନୁପସ୍ଥିତି ହେତୁ ରାଷ୍ଟ୍ରସଂଘକୁ ରାଷ୍ଟ୍ର କୁହାଯାଇ ନ ପାରେ; ନଚେତ୍ ସାର୍ବଭୌମତ୍ୱକୁ ରାଷ୍ଟ୍ରର ଏକ ଅତ୍ୟାବଶ୍ୟକ ଲକ୍ଷଣ ବୋଲି ଗ୍ରହଣ କରାଯାଇ ନ ପାରେ । ଅଧ୍ୟାପକ ହାରଲଡ୍ ଲସ୍କି କୌଣସି ରାଷ୍ଟ୍ର ସଂଘରେ ଏହି କାରଣରୁ ରାଷ୍ଟ୍ରତ୍ୱ ଆରୋପ କରିବା ଅଯଥାର୍ଥ ହେବ ବୋଲି ଅଦ୍ୱୈତବାଦୀମାନଙ୍କୁ ସତର୍କ କରିଦେଇଛନ୍ତି । ତେଣୁ ଅନେକେ ଏକ ମଧ୍ୟମ ମତ ଗ୍ରହଣ କରିଛନ୍ତି । ତାହା ହେଉଛି ବିଭକ୍ତ ସାର୍ବଭୌମତ୍ୱ ତତ୍ତ୍ୱ । ସୁତରାଂ ରାଷ୍ଟ୍ରସଂଘରେ କେନ୍ଦ୍ର ଓ ଅଂଗ ରାଜ୍ୟଗୁଡ଼ିକ ମଧ୍ୟରେ ସାର୍ବଭୌମତ୍ୱ ଅର୍ଥାତ୍ ରାଜନୈତିକ କ୍ଷମତାର ଏକ ନୂତନ ବଣ୍ଟନର ରୀତି ଦେଖାଯାଏ ନାହିଁ । ଫଳରେ ପ୍ରତ୍ୟେକ ପକ୍ଷ ନିଜନିଜ କ୍ଷେତ୍ରରେ ସ୍ୱାତନ୍ତ୍ର୍ୟ ଉପଭୋଗ କରନ୍ତି । ଫ୍ରିମ୍ୟାନ ସାର୍ବଭୌମତ୍ୱର ସଂପୂର୍ଣ୍ଣ ବିଭାଜନ ବିଷୟ ବର୍ଣ୍ଣନା କରିଛନ୍ତି । କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ପରସ୍ପର ସମାନ କ୍ଷମତାର ଅଧିକାରୀ ହୋଇ ନିଜ ନିଜ ପରିସର ମଧ୍ୟରେ ଲୋକଙ୍କଠାରୁ ସମାନ ଆନୁଗତ୍ୟ ଲାଭକରନ୍ତି । କିନ୍ତୁ ପ୍ରଫେସର କାର୍ଲ ଫ୍ରେଡ୍ରେରିକ୍ ସାର୍ବଭୌମତ୍ୱକୁ ସଂବିଧାନ ପ୍ରଣୟନ ବା ସଂଶୋଧନ କ୍ଷମତା ( Constitueut power ) ବୋଲି ବର୍ଣ୍ଣନା କରିଛନ୍ତି । ସଂବିଧାନରେ ରାଷ୍ଟ୍ରସଂଘରେ ଅନ୍ତର୍ଭୁକ୍ତ ରାଜ୍ୟଗୁଡ଼ିକୁ ସାର୍ବଭୌମ

କ୍ଷମତା ଦିଆଗଲେ ରାଜନୀତି ବିଶାରଦମାନେ ବିବ୍ରତ ହେବାର କୌଣସି କାରଣ ନାହିଁ, କାରଣ ତାହା କେବଳ ରାଷ୍ଟ୍ରସଂଘ ଗଠନର ବିରୋଧ କରୁଥିବା ବ୍ୟକ୍ତିମାନଙ୍କୁ ଏକ ଶାବ୍ଦିକ ସୁବିଧା ଦେଉଛି । ଏହା ପଛରେ କୌଣସି ବାସ୍ତବତା ନ ଥାଏ । ବାସ୍ତବରେ "ଆମେ ଜନଗଣ" ( We the people ) ବା ଅନ୍ୟ କୌଣସି ଅନୁରୂପ ବାକ୍ୟାଂଶ ସମ୍ବିଧାନ ପ୍ରଣୟନ ବା ସଂଶୋଧନ କ୍ଷମତାର ଅଧିକାରୀ ହୋଇ ସମଗ୍ର ଦେଶପାଇଁ ଏକ ସଂବିଧାନ ପ୍ରଣୟନ କରୁଥିବାବେଳେ କୌଣସି ଅଂଶୀଭୂତ ରାଜ୍ୟକୁ କେବେ ହେଲେ ବିଚ୍ଛିନ୍ନ ହେବାଲାଗି ସୁବିଧା ଦେବେ ନାହିଁ ।

ସେ ଯାହାହେଉ କେତେଗୋଟି ରାଜ୍ୟ ସମ୍ପୂର୍ଣ୍ଣ ଭାବରେ ଏକ ନହୋଇ ମଧ୍ୟ ପରସ୍ପର ମିଳିତ ହେଲେ ରାଷ୍ଟ୍ରସଂଘ ସୃଷ୍ଟି ହୁଏ । ଅନ୍ୟଭାବରେ କହିଲେ, ଏମାନେ ଗୋଟିଏ ଦିଗରେ ସମୂହସ୍ୱାର୍ଥ ଓ ଶକ୍ତିପାଇଁ ଗୋଟିଏ ସାଧାରଣ ସରକାର ( Common Government ) ହସ୍ତରେ କେତେଗୁଡ଼ିଏ କ୍ଷମତା ଦିଅନ୍ତି ଏବଂ ଅନ୍ୟ ଦିଗରେ ଅନ୍ୟାନ୍ୟ ବିଷୟରେ ନିଜ ସ୍ୱାତନ୍ତ୍ର୍ୟ ଓ ସ୍ୱାଧୀନତା ବଜାୟ ରଖି କାମକରନ୍ତି । ସ୍ୱାଭାବିକ ଭାବରେ ଏପରି ରାଷ୍ଟ୍ର ଏକ ଐକିକ ରାଷ୍ଟ୍ରଠାରୁ ଭିନ୍ନ । ଗୋଟିଏ ଐକିକ ରାଷ୍ଟ୍ରରେ ଅଞ୍ଚଳ-ଗୁଡ଼ିକ ମିଳିତ ହୋଇ ସଂପୂର୍ଣ୍ଣ ଭାବରେ ଏକ ହୋଇଯାନ୍ତି ଏବଂ ଏମାନଙ୍କ ପୃଥକ ସତ୍ତା କୈନ୍ଦ୍ରିକ ଶକ୍ତି ମଧ୍ୟରେ ବିଲୁପ୍ତ ହୁଏ । ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ ବେଳେ ଦୁଇଟି ବିପରୀତ ଆଭିମୁଖ୍ୟ ଏକସଙ୍ଗରେ କାମ କରନ୍ତି—ଗୋଟିଏ ହେଲା ମିଳନର ଆକାଙ୍କ୍ଷା ( desire for the union ) ଏବଂ ଅନ୍ୟଟି ହେଲା ପୃଥକ ରହିବାର ଇଚ୍ଛା ( desire for separateness ) । ଏହି ଦୁଇଟି ମନୋଭାବର ସମନ୍ୱୟ କରିବାପାଇଁ ରାଷ୍ଟ୍ରସଂଘର ସୃଷ୍ଟି ହୋଇଥାଏ । ସୁତରାଂ କୁହାଯାଏ ଯେ କେତେଗୁଡ଼ିଏ ରାଷ୍ଟ୍ର ବା ଜନସମୂହ ମିଳନ ଚାହିଁଲେ ମଧ୍ୟ ତତ୍‌ସହିତ ସ୍ୱାତନ୍ତ୍ର୍ୟ ରକ୍ଷାକରିବାର ଆକାଙ୍କ୍ଷା ପୋଷଣ କରିଥିଲେ ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥା ଉପଯୋଗୀ ମନେହୁଏ । ବିଭିନ୍ନତା ମଧ୍ୟରେ ସଂହତି ( Unity in diversity ) ହେଲା ରାଷ୍ଟ୍ର ସଂଘୀୟ ଶାସନ ବ୍ୟବସ୍ଥାର ଲକ୍ଷ୍ୟ ।

ଭୌଗୋଳିକ ସାନ୍ନିଧ୍ୟ, ବହିଃଶକ୍ତି ଆକ୍ରମଣର ଭୟ, ବୈଦେଶିକ ଶାସନ କବଳରୁ ସ୍ୱାଧୀନତା ପ୍ରାପ୍ତିର ଆକାଙ୍କ୍ଷା, ଅର୍ଥନୈତିକ ଉନ୍ନତିର ଆଶା; ଗୋଟିଏ ସାମ୍ରାଜ୍ୟର ସାଧାରଣ ଅଧୀନରେ ଥିବା ଯୋଗୁଁ ବା ଅନ୍ୟଭାବରେ ସ୍ଥାପିତ ସଂପର୍କ, ଏବଂ ଗୋଟିଏ ଐତିହ୍ୟ ଥିଲେ ରାଷ୍ଟ୍ରସଂଘ ଗଠନଲାଗି ଆଭିମୁଖ୍ୟ ସୃଷ୍ଟି ହୁଏ । କିନ୍ତୁ ଏହି ଐକ୍ୟ ମନୋଭାବ ଥିଲେ ମଧ୍ୟ ଏମାନେ ନାନା କାରଣରୁ ପୃଥକ ସତ୍ତା ବା ସ୍ୱାତନ୍ତ୍ର୍ୟ ବଜାୟ ରଖିବାକୁ ଚାହାନ୍ତି । ଭାଷା, ଜାତି ଓ ଧର୍ମଗତ ପାର୍ଥକ୍ୟ, ଭୌଗୋଳିକ ବ୍ୟବଧାନ ଓ ଆର୍ଥିକ ସ୍ୱାର୍ଥର ସଂଘାତ ପ୍ରଭୃତି କାରଣରୁ ଆଞ୍ଚଳିକ ଚେତନା ସୃଷ୍ଟି ହୋଇପାରେ । ଏହା ବ୍ୟତୀତ ରାଷ୍ଟ୍ରସଂଘ ଗଠନ ପୂର୍ବରୁ ରାଜ୍ୟଗୁଡ଼ିକ ସ୍ୱାଧୀନ ରାଷ୍ଟ୍ର ହିସାବରେ ଗୋଟିଏ ଔପନିବେଶିକ ସାମ୍ରାଜ୍ୟର

ଅଧୀନରେ ସ୍ୱାତନ୍ତ୍ର୍ୟ ଭୋଗ କରିଥିଲେ, ତେଣୁ ନୂତନ ପରିସ୍ଥିତିରେ ସେମାନେ ନିଜ ପୃଥକ ସତ୍ତା ସଂପୂର୍ଣ୍ଣ ରୂପେ ହରାଇବାକୁ ଚାହାନ୍ତି ନାହିଁ । ସୁତରାଂ ଭିନ୍ନ କାରଣରୁ ସମ୍ମିଳିତ ରାଜ୍ୟଗୁଡ଼ିକ ମଧ୍ୟରେ ସ୍ୱାତନ୍ତ୍ର୍ୟର ମନୋଭାବ ଦେଖା ଯାଇପାରେ । ଅଧ୍ୟାପିକା ଉର୍ସୁଲ କେ. ହିକ୍‌ସଙ୍କ ମତାନୁସାରେ ବୁଝାଯାଏ ଯେ, ସ୍ୱାତନ୍ତ୍ର୍ୟର ଏହି ମନୋଭାବ ଯୋଗୁ ଏମାନେ ରାଜନୈତିକ ଜୀବନରେ ମିଳନ ଚାହିଁଲେ ମଧ୍ୟ ସଂପୂର୍ଣ୍ଣ ଭାବରେ ନିମଗ୍ନ ବା ବିଲୀନ ହୋଇଯିବାକୁ ଚାହାନ୍ତି ନାହିଁ । ସୁତରାଂ ସେମାନେ ଗୋଟିଏ ଐକିକ ରାଷ୍ଟ୍ର ପରିବର୍ତ୍ତେ ରାଷ୍ଟ୍ରସଂଘ ଗଠନ କରିବାକୁ ପସନ୍ଦ କରନ୍ତି ।

ଏହି ବିକାଶ ଧାରାକୁ ଅବଶ୍ୟ ସବୁ ସମୟରେ କାମ୍ୟ ବୋଲି କୁହାଯାଏନା । ବର୍ତ୍ତମାନ ସମୟରେ ବିଜ୍ଞାନ ବା ପରିବହନର ଉନ୍ନତି ଫଳରେ ସମସ୍ତେ ଏକ ଓ ଅଭିନ୍ନ ପୃଥିବୀର ସ୍ୱପ୍ନ ଦେଖୁଛନ୍ତି । ବିଭିନ୍ନ ଦେଶ କ୍ରମଶଃ ଗୋଟିଏ ସାମାଜିକ ଓ ଅର୍ଥନୈତିକ ସୂତ୍ରରେ ଆବଦ୍ଧ ହୋଇ ପଡ଼ୁଛନ୍ତି, ଫଳରେ ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥା ଅସମୟୋଚିତ ଦୁର୍ବଳ ଓ ପ୍ରଗତି ବିରୋଧୀ ବୋଲି ମନେ ହୋଇପାରେ । କାରଣ ଏହା ବିଭିନ୍ନ ଅଞ୍ଚଳର ସ୍ୱାତନ୍ତ୍ର୍ୟ ରକ୍ଷାକରି କ୍ରମବର୍ଦ୍ଧିଷ୍ଣୁ ମିଳିତ ସାମାଜିକ ଐକ୍ୟର ପ୍ରତିବନ୍ଧକ ହିସାବରେ କାର୍ଯ୍ୟ କରିପାରେ । ଆହୁରି ମଧ୍ୟ ଅଭିଯୋଗ କରାଯାଏ ଯେ ଅନୁନ୍ନତ ଦେଶଗୁଡ଼ିକରେ ଏହି ଧରଣର ଶାସନ ବ୍ୟବସ୍ଥା ଅର୍ଥନୈତିକ ପରିକଳ୍ପନା ଓ ଦ୍ରୁତ ଆର୍ଥିକ ପ୍ରସାର ପଥରେ ବାଧା ସୃଷ୍ଟି କରିପାରେ । ଅପରନ୍ତୁ ଯୁକ୍ତରାଷ୍ଟ୍ର ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆ ପ୍ରଭୃତି ଦେଶରେ ଶାସନ ବ୍ୟବସ୍ଥା ଆକୃତିରେ ରାଷ୍ଟ୍ରସଂଘୀୟ ହେଲେ ମଧ୍ୟ ପରିସ୍ଥିତିର ଚାପରେ ସେମାନେ ଐକିକତା ଆଡ଼କୁ ଦ୍ରୁତଗତି ଆରମ୍ଭ କରିଛନ୍ତି ।

ଐକିକ ସଂବିଧାନ ସହିତ ତୁଳନା କଲେ ରାଷ୍ଟ୍ରସଂଘୀୟ ସଂବିଧାନର ଲକ୍ଷଣ ଆହୁରି ସୁସ୍ପଷ୍ଟ ହୁଏ । ଐକିକ ଶାସନ ବ୍ୟବସ୍ଥାରେ ଶାସନ କ୍ଷେତ୍ରରେ କେନ୍ଦ୍ର ସରକାରର ପୂର୍ଣ୍ଣ ପ୍ରାଧାନ୍ୟ ଥାଏ । ଆଇନ ପ୍ରଣୟନ ଲାଗି ଚୂଡ଼ାନ୍ତ କ୍ଷମତା କେନ୍ଦ୍ରୀୟ ବିଧାନମଣ୍ଡଳଠାରେ ନ୍ୟସ୍ତ ଥାଏ । ଶାସନ ପରିଚାଳନାର ସୁବିଧାପାଇଁ ଆଞ୍ଚଳିକ ସରକାରମାନଙ୍କୁ ପ୍ରତ୍ୟର୍ପିତ କ୍ଷମତା ମଧ୍ୟ ପ୍ରଦତ୍ତ ହୁଏ । କିନ୍ତୁ ଏମାନଙ୍କ ଅସ୍ତିତ୍ୱ ଓ କ୍ଷମତା କେନ୍ଦ୍ର ସରକାର ଉପରେ ନିର୍ଭର କରେ । ଇଚ୍ଛାକଲେ କେନ୍ଦ୍ର ସରକାର ଏହି ଆଞ୍ଚଳିକ ସରକାରଗୁଡ଼ିକୁ ପୁନର୍ଗଠିତ କରିପାରନ୍ତି; ସେମାନଙ୍କ କ୍ଷମତାର ହ୍ରାସ ବା ବୃଦ୍ଧି କରିପାରନ୍ତି—ଏଭଳି କି ସେମାନଙ୍କ ଅସ୍ତିତ୍ୱ ମଧ୍ୟ ବିଲୋପ କରିପାରନ୍ତି । ଅତଏବ ସଂକ୍ଷେପରେ କହିବାକୁ ଗଲେ ଐକିକ ଶାସନ ବ୍ୟବସ୍ଥାରେ ଆଞ୍ଚଳିକ ସରକାରଗୁଡ଼ିକ କେନ୍ଦ୍ର ସରକାରଙ୍କ ଅଧୀନରେ ଥାନ୍ତି । ଏହିଭଳି ଶାସନ ବ୍ୟବସ୍ଥାର ପ୍ରକୃଷ୍ଟ ଉଦାହରଣ ହେଲା ଗ୍ରେଟ୍‌ବ୍ରିଟେନ, ଫ୍ରାନ୍‌ସ, ଇଟାଲୀ ପ୍ରଭୃତି । ସୁତରାଂ ରାଷ୍ଟ୍ରସଂଘୀୟ ସଂବିଧାନରେ ଶାସନ କ୍ଷମତା କେନ୍ଦ୍ର ଓ ଆଞ୍ଚଳିକ ସରକାରଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ । ଅପର ପକ୍ଷରେ ଐକିକ ଶାସନ

ବ୍ୟବସ୍ଥାରେ ଶାସନ କ୍ଷମତା କେନ୍ଦ୍ର ସରକାରଙ୍କ ହାତରେ କେନ୍ଦ୍ରୀଭୂତ ହୋଇଥାଏ ଏବଂ ରାଷ୍ଟ୍ରସଂଘୀୟ ବ୍ୟବସ୍ଥାରେ ଆଞ୍ଚଳିକ ସରକାରଗୁଡ଼ିକ ନିଜନିଜ କ୍ଷେତ୍ରରେ ସମମର୍ଯ୍ୟାଦା ସମ୍ପନ୍ନ ରହି କେହି କାହାର ଅଧୀନସ୍ଥ ନ ରହୁଥିବା ସ୍ଥଳେ ଐକିକ ଶାସନ ବ୍ୟବସ୍ଥାରେ ଆଞ୍ଚଳିକ ସରକାର ଗୁଡ଼ିକ ଆଇନତଃ କେନ୍ଦ୍ର ସରକାରଙ୍କର ସଂପୂର୍ଣ୍ଣ ରୂପେ ଅଧୀନସ୍ଥ ରହନ୍ତି ।

ଏଠାରେ ଅନ୍ୟ ଏକ ଜରୁରୀ ବିଷୟର ଆଲୋଚନାର ପ୍ରୟୋଜନ ରହିଛି । ବର୍ତ୍ତମାନ ଜଗତରେ ଯୋଜନା ବଂଶିତ ସମାଜ ଓ ବ୍ୟକ୍ତିର କଲ୍ୟାଣ ସାଧନ କରିବା ସାଧ୍ୟାତୀତ । ଏଭଳି ଯୋଜନାକୁ ସୁପରିଚାଳିତ କରିବାପାଇଁ କେନ୍ଦ୍ର ସରକାରଙ୍କ ହସ୍ତରେ ବ୍ୟାପକ କ୍ଷମତା ଦେବାକୁ ହୁଏ । ତେବେ ସାମାଜିକ ଜୀବନର ସର୍ବବିଧ ବିଭିନ୍ନତାକୁ ବିସର୍ଜନ ଦେଲେ ବି ଐକ୍ୟ ସୃଷ୍ଟି ହୋଇ ନଥାଏ । ସୁତରାଂ ଯେଉଁ କ୍ଷେତ୍ରରେ ଐକ୍ୟ ପ୍ରୟୋଜନ ସେ କ୍ଷେତ୍ରରେ ଐକ୍ୟ ସ୍ଥାପନ କରିବାକୁ ହେବ ଏବଂ ଯେଉଁ କ୍ଷେତ୍ରରେ ବିଭିନ୍ନତା ରକ୍ଷା କରିବା ଆବଶ୍ୟକ ସେ କ୍ଷେତ୍ରରେ ବିଭିନ୍ନତା ରକ୍ଷା କରିବାକୁ ପଡ଼ିବ । ବହୁ ଭାଷାଭାଷୀ, ବହୁ ସଂସ୍କୃତିସମ୍ପନ୍ନ ଜାତି ଓ ଉପଜାତି ଅଧ୍ୟୁଷିତ ଦେଶରେ ଏହି ବ୍ୟବସ୍ଥା ବିନା ଗଣତନ୍ତ୍ରର ଭିତ୍ତି ଦୃଢ଼ ହୋଇପାରିବ ନାହିଁ । ଅତଏବ କୁହାଯାଏ ଯେ ଏଭଳି ଦେଶରେ ଗଣତାନ୍ତ୍ରିକ କୈନ୍ଦ୍ରିକତା ( democratic centralism ) ଭିତ୍ତିରେ ରାଷ୍ଟ୍ରସଂଘ ଗଠିତ ହେଲେ ନାନା ବିଭିନ୍ନତା ମଧ୍ୟରେ ଐକ୍ୟ ପ୍ରତିଷ୍ଠିତ ହୋଇପାରିବ ।

ରାଷ୍ଟ୍ରସଂଘ ବ୍ୟବସ୍ଥା ହେଉଛି ଏକ ପ୍ରକାର ଦ୍ୱୈତଶାସନ ବ୍ୟବସ୍ଥା । ଏଥିରେ ଦୁଇ ପ୍ରକାର ସରକାର ନିଜ ନିଜ ସୀମା ଭିତରେ କାର୍ଯ୍ୟ ସଂପାଦନ କରିଥାନ୍ତି, କିନ୍ତୁ ଉଭୟ ସରକାର ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରିପାରିବେ ବୋଲି ରାଷ୍ଟ୍ରସଂଘର ସଂବିଧାନକୁ ଚରମ ପ୍ରାଧାନ୍ୟ ଦିଆଯାଇ ତାହାକୁ ଲିଖିତ ଓ ଦୁଷ୍ପରିବର୍ତ୍ତନୀୟ କରାଯାଇଥାଏ । ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥାରେ କ୍ଷମତା ବଣ୍ଟନ ବ୍ୟବସ୍ଥାକୁ ବାଧ୍ୟତା ମୂଳକ କରିବାପାଇଁ ସଂବିଧାନର ପ୍ରାଧାନ୍ୟ ରହିବା ପ୍ରୟୋଜନ । ନଚେତ ଏକ ସରକାର ଅନ୍ୟ ସରକାରର କ୍ଷମତା କ୍ଷେତ୍ରରେ ସହଜରେ ହସ୍ତକ୍ଷେପ କରିବାକୁ ସମର୍ଥ ହେବ । ଅନ୍ୟ ଭାବରେ କହିଲେ ଉଭୟ କେନ୍ଦ୍ର ଓ ଆଞ୍ଚଳିକ ସରକାର ସଂବିଧାନ ଅଧୀନରେ କାର୍ଯ୍ୟ କରନ୍ତି । କେହି ହେଲେ କ୍ଷମତା ବଣ୍ଟନର ସୀମାକୁ ଲଂଘନ କରିପାରିବେ ନାହିଁ । ପୁଣି ଲିଖିତ ସଂବିଧାନରେ ହିଁ କ୍ଷମତା ବଣ୍ଟନର ବ୍ୟବସ୍ଥା ନିର୍ଦ୍ଦିଷ୍ଟ ଓ ସୁସ୍ପଷ୍ଟ ହୋଇପାରେ । ଏହି ଦୁଇଟି ବୈଶିଷ୍ଟ୍ୟ ଯୋଗୁ ରାଷ୍ଟ୍ରସଂଘୀୟ ସଂବିଧାନକୁ ଦୁଷ୍ପରିବର୍ତ୍ତନୀୟ କରିବାକୁ ହେବ । ଅଧ୍ୟାପକ ହ୍ୱିୟାରଙ୍କ ମତରେ "ସଂବିଧାନର ଅନ୍ୟାନ୍ୟ ଅଂଶ ସମ୍ପର୍କରେ ଯେଉଁ ବ୍ୟବସ୍ଥା ହେଉନା କାହିଁକି କେନ୍ଦ୍ର ଓ ଆଞ୍ଚଳିକ ସରକାରଙ୍କ ମର୍ଯ୍ୟାଦା ଓ କ୍ଷମତା ସମ୍ପର୍କିତ ଅଂଶଗୁଡ଼ିକ ଯେଭଳି କେନ୍ଦ୍ର ସରକାର ବା ଆଞ୍ଚଳିକ ସରକାର ଏକପକ୍ଷୀୟ ଭାବରେ ପରିବର୍ତ୍ତନ କରିବାକୁ ସମର୍ଥ ନ ହୁଅନ୍ତି ତାହାର ବ୍ୟବସ୍ଥା କରିବାକୁ ହେବ । ଅନ୍ତତଃ କ୍ଷମତା ବଣ୍ଟନ ସୂଚୀରେ

ପରିବର୍ତ୍ତନ ନିମନ୍ତେ କେନ୍ଦ୍ର ଓ ଆଞ୍ଚଳିକ ଉଭୟ ସରକାରଙ୍କ ଅନୁମୋଦନ ରହିବା ପ୍ରୟୋଜନ । ଏହା ନହେଲେ ଉଭୟ ସରକାରର ସ୍ୱାତନ୍ତ୍ର୍ୟ ବା ସ୍ୱାଧୀନତା ରହିବ ନାହିଁ ।" ଯୁକ୍ତରାଷ୍ଟ୍ର ଆମେରିକା, ସୁଇଜରଲ୍ୟାଣ୍ଡ ଅଷ୍ଟ୍ରେଲିଆ ପ୍ରଭୃତି ଦେଶରେ ସଂବିଧାନ ସଂଶୋଧନ ପାଇଁ ଏହିପରି ପଦ୍ଧତିହିଁ ଗ୍ରହଣ କରାଯାଏ । ପୁଣି ସୁଇଜରଲ୍ୟାଣ୍ଡ ଓ ଅଷ୍ଟ୍ରେଲିଆ ସଂବିଧାନରେ ଆଉ ଏକ ନୀତି ମଧ୍ୟ ଅନ୍ତର୍ଭୁକ୍ତ ହୋଇଛି । ତାହା ହେଲା ରାଷ୍ଟ୍ରସଂଘୀୟ ବ୍ୟବସ୍ଥାରେ କେନ୍ଦ୍ର ଓ ଅଞ୍ଚଳଗୁଡ଼ିକ ମଧ୍ୟରେ ସମ୍ପର୍କ ନିର୍ଦ୍ଧାରଣରେ ଜନସାଧାରଣଙ୍କର ଅଂଶ ଗ୍ରହଣର ବ୍ୟବସ୍ଥା । ସୁତରାଂ ଏହି ଦୁଇ ଦେଶରେ ସଂବିଧାନ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ନିମନ୍ତେ ଗଣଭୋଟ ( Referendum ) ମାଧ୍ୟମରେ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରାଯାଏ । ଏହା ବ୍ୟତୀତ ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ ପ୍ରଭୃତି ଦେଶରେ ଅଂଶ ରାଜ୍ୟଗୁଡ଼ିକର ମର୍ଯ୍ୟାଦା ଓ ସତ୍ତ୍ୱା କ୍ଷୁଣ୍ଣ ନ ହେଲାପରି ବ୍ୟବସ୍ଥା ସଂବିଧାନରେ ଅଛି । ଉକ୍ତ ବ୍ୟବସ୍ଥା (ଗ) ଅନୁଯାୟୀ ଅଙ୍ଗ ରାଜ୍ୟଗୁଡ଼ିକର ଅନୁମତି ନନେଇ ସଂପୃକ୍ତ ରାଜ୍ୟଗୁଡ଼ିକର ସୀମା ପ୍ରଭୃତିର ପରିବର୍ତ୍ତନ କେନ୍ଦ୍ର ସରକାର ଏକତରଫା ଭାବରେ କରିପାରିବେ ନାହିଁ ।

ଏହି ପ୍ରସଙ୍ଗରେ ସୋଭିଏତ ସଂବିଧାନର ବ୍ୟବସ୍ଥା ମଧ୍ୟ ଉଲ୍ଲେଖ କରାଯାଇ ପାରେ । ସେହି ଦେଶର ସଂବିଧାନରେ ଅନ୍ୟାନ୍ୟ ରାଷ୍ଟ୍ରସଂଘ ଭଳି କେନ୍ଦ୍ର ସରକାର ଓ ଆଞ୍ଚଳିକ ସରକାରଙ୍କ ମଧ୍ୟରେ କ୍ଷମତା ବଣ୍ଟନ କରି ଦିଆଯାଇଛି ଏବଂ ସଂବିଧାନର ପ୍ରାଧାନ୍ୟ ମଧ୍ୟ ସ୍ୱୀକୃତ ହୋଇଛି । ପୁଣି ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ ପ୍ରଭୃତି ଦେଶଭଳି ସୋଭିଏତ— ଇଉନିୟନରେ ମଧ୍ୟ କୌଣସି ଅଙ୍ଗ ରାଜ୍ୟ ବା ଇଉନିୟନ—ରିପବ୍ଲିକର ସୀମା ପରିବର୍ତ୍ତନ ଉକ୍ତ ରାଜ୍ୟର ସମ୍ମତି ବ୍ୟତୀତ କରାଯାଏନା । କିନ୍ତୁ ସୋଭିଏତ ସଂବିଧାନ ପୁଷ୍ପରିବର୍ତ୍ତନୀୟ ହେଲେ ତାହାକୁ ସୁପ୍ରିମ ସୋଭିଏତର ଦୁଇଟି କକ୍ଷଦ୍ୱାରା ପ୍ରତ୍ୟେକ କକ୍ଷରେ ଦୁଇତୃତୀୟାଂଶ ସଭ୍ୟଙ୍କ ସମର୍ଥନରେ ସଂଶୋଧନ କରାଯାଏ । କେତେକାଂଶରେ ଏଥିପାଇଁ ଡୁସ୍ୱାର ସୋଭିଏତ ଇଉନିୟନକୁ ଠିକ୍ ରାଷ୍ଟ୍ରସଂଘ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ କରିବାକୁ ଦ୍ୱିଧା ପ୍ରକାଶ କରିଛନ୍ତି । ତେବେ ଏଭଳି କରିବାରେ ବିଶେଷ ମୂଲ୍ୟ ନାହିଁ । କାରଣ ରାଷ୍ଟ୍ରସଂଘର ଅସଲକଥା ହେଲା, ଦୁଇପ୍ରକାର ସରକାରର ସ୍ୱାତନ୍ତ୍ର୍ୟ ଯେଭଳି କ୍ଷୁଣ୍ଣ ନ ହୁଏ ଏବଂ କେନ୍ଦ୍ର ଓ ଅଙ୍ଗ ରାଜ୍ୟ ସମୂହର ମତ ବିରୁଦ୍ଧରେ କ୍ଷମତା ବଣ୍ଟନ ଯେପରି ପରିବର୍ତ୍ତିତ ନ ହୁଏ, ସେଥିପାଇଁ ବ୍ୟବସ୍ଥା ରହିବ । ଏହି ଦିଗରୁ ବିଚାର କଲେ ଦେଖାଯିବ ଯେ, ସୋଭିଏତ ସଂବିଧାନରେ ଉକ୍ତ ବ୍ୟବସ୍ଥା ରହିଛି ।

ସୋଭିଏତ ସଂଘର ସୁପ୍ରିମ ସୋଭିଏତର ଦୁଇଟି କକ୍ଷ ହେଲା—(୧) ସଂଘର ସୋଭିଏତ ଏବଂ (୨) ଜାତିସମୂହର ସୋଭିଏତ । ପ୍ରଥମଟି ହେଲା ନିମ୍ନତର କକ୍ଷ ଏବଂ ତାହାର ସଦସ୍ୟମାନେ ପ୍ରାପ୍ତବୟସ୍କ ଭୋଟ ବଳରେ ଜନସଂଖ୍ୟା ଅନୁଯାୟୀ ନିର୍ବାଚିତ ହୁଅନ୍ତି । ଦ୍ୱିତୀୟଟି ହେଲା ଉଚ୍ଚତର କକ୍ଷ ଏବଂ ତାହା ଅଙ୍ଗରାଜ୍ୟଗୁଡ଼ିକରୁ ସମାନ ସଂଖ୍ୟକ

ସଦସ୍ୟମାନଙ୍କୁ ନେଇ ଗଠିତ । ଏହି ଦୁଇକକ୍ଷର ଅଧିକାର ସମାନ ଏବଂ କୌଣସି ଆଇନ ଉଭୟ କକ୍ଷର ଅନୁମୋଦନ ବ୍ୟତୀତ ଗୃହୀତ ହୋଇପାରେନା । ଦୁଇକକ୍ଷ ମଧ୍ୟରେ କୌଣସି ବିଧେୟକ ସମ୍ପର୍କରେ ମତ ବିରୋଧ ହୋଇ ମୀମାଂସା ହୋଇ ନ ପାରିଲେ ନୂତନ ନିର୍ବାଚନର ବ୍ୟବସ୍ଥା ରହିଛି— ଏ ଭଳିକ ଇଉନିୟନ ରିପବ୍ଲିକଗୁଡ଼ିକ କୌଣସି ବିଷୟରେ ରେଫେରେଣ୍ଡ (Referendum) ଦାବୀକଲେ ପ୍ରେସିଡ଼ିୟମ (Presidium)କୁ ତାହାର ବ୍ୟବସ୍ଥା କରିବାକୁ ହୁଏ । ଏହି ଅବସ୍ଥାରେ କୌଣସି ଆଇନ ବା କୌଣସି ସଂଶୋଧନ ଅଙ୍ଗ ରାଜ୍ୟଗୁଡ଼ିକର ସ୍ୱାର୍ଥ କ୍ଷୁଣ୍ଣ କରି ସୁପ୍ରିମ ସୋଭିଏଟ ଦ୍ୱାରା ଗୃହୀତ ହୋଇ ପାରିବ ନାହିଁ । ସୁତରାଂ ଦୁଇପ୍ରକାର ସରକାରଙ୍କ ସ୍ୱାତନ୍ତ୍ର୍ୟ ରକ୍ଷାକରି ସମ୍ବିଧାନ ସଂଶୋଧନ ବ୍ୟବସ୍ଥାହିଁ ରାଷ୍ଟ୍ରସଂଘୀୟ ବ୍ୟବସ୍ଥାର ଏକ ମୌଳିକ ଲକ୍ଷଣ ।

ରାଷ୍ଟ୍ରସଂଘର ସ୍ୱରୂପ ବଜାୟ ରଖିବାପାଇଁ ଅନ୍ୟ ଏକ ବୈଶିଷ୍ଟ୍ୟ ରୂପେ ଗୋଟିଏ ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟାଳୟ ପ୍ରୟୋଜନ ବୋଲି କୁହାଯାଏ । ରାଷ୍ଟ୍ରସଂଘୀୟ ବ୍ୟବସ୍ଥାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ କ୍ଷମତା ବଣ୍ଟନ ଫଳରେ କ୍ଷେତ୍ରାଧିକାର ବିଷୟରେ ବିବାଦ ଉପୁଜିବା ସ୍ୱାଭାବିକ । ଏଭଳି ଅବସ୍ଥାରେ ଦୁଇ ସରକାରର କ୍ଷମତା ଅକ୍ଷୁଣ୍ଣ ଓ ଦୁଇ ସରକାର ମଧ୍ୟରେ ଭାରସାମ୍ୟ ରଖିବାପାଇଁ ସମ୍ବିଧାନର ବ୍ୟାଖ୍ୟାକାରୀ ହିସାବରେ ଉଭୟ ସରକାରଙ୍କ ନିୟନ୍ତ୍ରଣରୁ ମୁକ୍ତ ଗୋଟିଏ ଉଚ୍ଚତମ ସଂଘୀୟ ନ୍ୟାୟାଳୟ ପ୍ରତିଷ୍ଠା କରିବା ପ୍ରୟୋଜନ । ସେଥିପାଇଁ ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ ଓ କାନାଡ଼ାରେ ସମ୍ବିଧାନ ବ୍ୟାଖ୍ୟା କରିବା ଦାୟିତ୍ୱ ଉଚ୍ଚତମ ନ୍ୟାୟାଳୟଠାରେ ନ୍ୟସ୍ତ କରାଯାଇଅଛି । ଅପର ପକ୍ଷରେ ଅବଶ୍ୟ ଏହି ବ୍ୟବସ୍ଥା ସୁଇଜରଲାଣ୍ଡ କିମ୍ବା ସୋଭିଏତ ଇଉନିୟନରେ ଦେଖାଯାଏ ନାହିଁ ।

ସୁଇଜରଲାଣ୍ଡରେ ରାଷ୍ଟ୍ରସଂଘୀୟ ଅଧିକରଣ (Federal tribunal) କ୍ୟାନଟନଗୁଡ଼ିକ ଦ୍ୱାରା ପ୍ରଣୀତ ଆଇନର ବୈଧତା ବିଚାର କରିପାରେ; କିନ୍ତୁ ସଂଘୀୟ ସଭାଦ୍ୱାରା ପ୍ରଣୀତ କୌଣସି ଆଇନର ବୈଧତା ଉପରେ ପ୍ରଶ୍ନ ଉଠାଇ ପାରେ ନାହିଁ । ସେଥିଯୋଗୁଁ ସଂଘୀୟ ସଭା କ୍ୟାନଟନଗୁଡ଼ିକର ସ୍ୱାର୍ଥ ବିରୁଦ୍ଧରେ କୌଣସି ଆଇନ୍ ପ୍ରଣୟନ କରିପାରେନା, କାରଣ ସମ୍ବିଧାନରେ ବ୍ୟବସ୍ଥା ଅଛି ଯେ ତିରିଶ ହଜାର ନାଗରିକ ବା ଆଠଗୋଟି କ୍ୟାନଟନ ଦାବୀକଲେ ରାଷ୍ଟ୍ରସଂଘର ଆଇନକୁ ଜନସାଧାରଣଙ୍କ ନିକଟରେ ରେଫେରେଣ୍ଡ (Referendum)ପାଇଁ ଉପସ୍ଥାପନ କରିବାକୁ ହେବ । ସୁତରାଂ ସୁଇଜର-ଲାଣ୍ଡରେ ସଂଘ ସରକାରଙ୍କ ଆଇନର ଚରମ ବ୍ୟାଖ୍ୟା କରିବା କ୍ଷମତା ଜନ ସାଧାରଣଙ୍କ ହାତରେ ରହିଛି । ଏହି ବ୍ୟବସ୍ଥା ରାଷ୍ଟ୍ରସଂଘୀୟ ନୀତି ସହିତ ଅସଙ୍ଗତ ମନେ ହୁଏନା ।

ସୋଭିଏତ୍ ସଂଘର ଆଇନର ଚରମ ବ୍ୟାଖ୍ୟାକାର ସୁପ୍ରିମକୋର୍ଟ ନୁହେଁ । ସୁପ୍ରିମ ସୋଭିଏତ ଦ୍ୱାରା ଗଠିତ ପ୍ରେସିଡ଼ିୟମ (Presidium) ନାମକ ସଂସ୍ଥା ହାତରେ ଏହି

ଦାୟିତ୍ୱ ନ୍ୟସ୍ତ କରାହୋଇଛି । ପ୍ରେସିଡ଼ିୟମ ସୋଭିଏତ୍ ଇଉନିୟନ ଆଇନର ବିଷୟବସ୍ତୁ ଓ ଉଦ୍ଦେଶ୍ୟର ବ୍ୟାଖ୍ୟା କରେ, କିନ୍ତୁ ଆଇନକୁ ରଦ୍ଦ କରିପାରେନା । କିନ୍ତୁ ଏହା ସଂଘୀୟ ମନ୍ତ୍ରୀପରିଷଦ ଓ ଇଉନିୟନ—ରିପବ୍ଲିକଗୁଡ଼ିକର ମନ୍ତ୍ରୀପରିଷଦର ସିଦ୍ଧାନ୍ତ ଓ ନିର୍ଦ୍ଦେଶକୁ ଅବୈଧ ଘୋଷଣା କରିଦେଇ ପାରେ । ଅନେକେ ଏହି ବ୍ୟବସ୍ଥାକୁ ରାଷ୍ଟ୍ରସଂଘୀୟ ନୀତିର ବିରୋଧୀ ବୋଲି ସମାଲୋଚନା କରନ୍ତି । ଏମାନଙ୍କ ମତରେ ସଂବିଧାନର ଅଭିଭାବକ ଓ ଆଇନର ଚରମ ବ୍ୟାଖ୍ୟାକାର ହେଲା ପ୍ରେସିଡ଼ିୟମ ବା ସଂଘର ଗୋଟିଏ ରାଜନୈତିକ ସଂସ୍ଥା । ସୁତରାଂ ଏହା ନିରପେକ୍ଷ ଭାବରେ ଅଙ୍ଗରାଜ୍ୟଗୁଡ଼ିକର କ୍ଷମତା ବା ସ୍ୱାର୍ଥରକ୍ଷା କରିବା ସନ୍ଦେହଜନକ । ସୋଭିଏତ୍ ଲେଖକଗଣ ଏହି ସମାଲୋଚନାର ପ୍ରତ୍ୟୁତ୍ତରରେ କହନ୍ତି ଯେ, ବହୁ ଜାତି ଅଧ୍ୟୁଷିତ ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥା ସହିତ ସଙ୍ଗତି ରଖି ପ୍ରେସିଡ଼ିୟମ ଗଠନ କରାଯାଏ । ଏହାର ସଦସ୍ୟ ସଂଖ୍ୟା ୩୭ ଜଣ; ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଇଉନିୟନ ରିପବ୍ଲିକରୁ ଜଣେ ଲେଖାଏଁ ଉପସଭାପତି ଅଛନ୍ତି । ସୁତରାଂ ଆଞ୍ଚଳିକ ସ୍ୱାର୍ଥ ଓ ସ୍ୱାତନ୍ତ୍ର୍ୟ କ୍ଷୁଣ୍ଣ ହେବାର କୌଣସି କାରଣ ନାହିଁ । ଏହା ବ୍ୟତୀତ ପୂର୍ବରୁ ଉଲ୍ଲେଖ କରାଯାଇଅଛି ଯେ, କୌଣସି ରିପବ୍ଲିକ ଦାବୀ କଲେ ରିଫରେଣ୍ଡ ନିଆଯାଇପାରେ । ସର୍ବ-ଶେଷରେ କୁହାଯାଏ, ଆଇନ ପ୍ରଣୟନ ହେଲା ଗୋଟିଏ ରାଜନୈତିକ ବ୍ୟାପାର; ସୁତରାଂ ଆଇନକୁ ବ୍ୟାଖ୍ୟା କରିବା ଦାୟିତ୍ୱ, ନ୍ୟାୟାଳୟ ପରିବର୍ତ୍ତେ କୌଣସି ରାଜନୈତିକ ସଂସ୍ଥା ହସ୍ତରେ ରଖିବା ଶ୍ରେୟସ୍କର । ପୁନଶ୍ଚ ଅନେକ ସମୟରେ ଦେଖାଯାଏ ଯେ, ନ୍ୟାୟାଳୟ ଜନସାଧାରଣଙ୍କ ଆଶା ଓ ଆକାଙ୍‌କ୍ଷା ସହିତ ମେଳ ରଖିପାରେନା ।

ଯାହାହେଉ ସବୁ ଦିଗରୁ ଆଲୋଚନା କରି ଏହି ସିଦ୍ଧାନ୍ତରେ ପହଞ୍ଚିବାକୁ ହୁଏ ଯେ ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥାରେ ସଂବିଧାନର ବ୍ୟାଖ୍ୟାକାର ଓ ଅଭିଭାବକରୂପେ ସଂଘୀୟ ନ୍ୟାୟାଳୟକୁ ଅପରିହାର୍ଯ୍ୟ ବ୍ୟବସ୍ଥା ବୋଲି ମନେ କରାଯାଏନା । ସଂଘୀୟ ବ୍ୟବସ୍ଥାରେ ଉଭୟ ସରକାରର ସ୍ୱାତନ୍ତ୍ର୍ୟ ଓ ସ୍ୱାର୍ଥରକ୍ଷା କରିବାଭଳି ଯେ କୌଣସି ବ୍ୟବସ୍ଥା କରାଯାଇ ପାରେ ।

## ଭାରତରେ ରାଷ୍ଟ୍ରସଂଘୀୟ ବ୍ୟବସ୍ଥାର କାରଣ

କୌଣସି ସମାଜରେ ଗୋଟିଏ ଦିଗରେ ଆଞ୍ଚଳିକ ସ୍ୱାତନ୍ତ୍ର୍ୟର ମନୋଭାବ ଓ ଅନ୍ୟ ଦିଗରେ ସମାଜର ବୃହତ୍ତର କ୍ଷେତ୍ରରେ ଐକ୍ୟର ଆକାଙ୍‌କ୍ଷା ଥିଲେ ରାଷ୍ଟ୍ରସଂଘ ଗଠନ କରିବା ସମୀଚୀନ ହୁଏ । ଏହାଛଡ଼ା କୌଣସି ପ୍ରକାର କ୍ଷମତାର ବିକେନ୍ଦ୍ରୀକରଣ ବା ଆଞ୍ଚଳିକ ସ୍ୱାତନ୍ତ୍ର୍ୟ ମଧ୍ୟ ରାଷ୍ଟ୍ରସଂଘୀୟ ବ୍ୟବସ୍ଥା ପ୍ରତି ଅପରିହାର୍ଯ୍ୟ ଅଟେ । ଭାରତ କ୍ଷେତ୍ରରେ ଏହି ମନୋଭାବର ଅସ୍ତିତ୍ୱ ଅସ୍ୱୀକାର କରାଯାଏ ନାହିଁ । ୧୯୩୫ ସାଲର ଭାରତ ଶାସନ ଆଇନରେ ବ୍ରିଟିଶ ଶାସିତ ଭାରତ ଓ ଦେଶୀୟ ରାଜ୍ୟଗୁଡ଼ିକୁ ଏକଶାସନାଧୀନ କରିବା-ଲାଗି ଏକ ରାଷ୍ଟ୍ରସଂଘ ଗଠନର ପରିକଳ୍ପନା କରାଯାଇଥିଲା । ବର୍ଷ ବର୍ଷ ଧରି ଭାରି

ଆସିଥିବା ପ୍ରଶାସନିକ ବିକେନ୍ଦ୍ରୀକରଣ ପ୍ରଥାକୁ ଅନୁକରଣ କରି ୧୯୩୫ ସାଲରେ ଭାରତଶାସନ ଆଇନରେ ପରିକଳ୍ପିତ ରାଷ୍ଟ୍ରସଂଘ ପ୍ରକୃତରେ ଅର୍ଦ୍ଧସଂଘୀୟ ଥିଲା । ଅବଶ୍ୟ ପ୍ରାଥମିକ ଅବସ୍ଥାରେ ନାନାକାରଣରୁ ଦେଶୀୟ ରାଜ୍ୟଗୁଡ଼ିକୁ ଏହି ରାଷ୍ଟ୍ରସଂଘରେ ଯୋଗଦାନପାଇଁ ରାଜି କରାଇବା ସମ୍ଭବପର ହେଲା ନାହିଁ । ଆବଶ୍ୟକ ସଂଖ୍ୟାରେ ଦେଶୀୟ ରାଜ୍ୟଗୁଡ଼ିକର ଅସହଯୋଗ ଓ ଦ୍ୱିତୀୟ ମହାସମରର ଆକସ୍ମିକ ଆରମ୍ଭ ଫଳରେ ୧୯୩୫ ଭାରତ ଶାସନ ଆଇନରେ ଅନ୍ତର୍ଭୁକ୍ତ ରାଷ୍ଟ୍ରସଂଘୀୟ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇପାରିଲେ ନାହିଁ । କିନ୍ତୁ ପରେ ପରେ ରାଷ୍ଟ୍ରସଂଘୀୟ ବ୍ୟବସ୍ଥା ଦିଗରେ ପ୍ରଥମ ପଦକ୍ଷେପ ହିସାବରେ ପ୍ରଦେଶଗୁଡ଼ିକୁ ସ୍ୱତନ୍ତ୍ର୍ୟ ଦିଆଯାଇଥିଲା । ଏବଂ ଉଭୟ କେନ୍ଦ୍ର ଓ ପ୍ରଦେଶମାନଙ୍କ ମଧ୍ୟରେ କ୍ଷମତାବଣ୍ଟନ କରାଯାଇଥିଲା । ଏହି ଶାସନ ଆଇନ ପ୍ରଣେତା ଗଣ ଭାରତର ଅଖଣ୍ଡତା ଏବଂ ଜାତୀୟ ରାଜନୈତିକ ଓ ଅର୍ଥନୈତିକ ବ୍ୟବସ୍ଥାର ଐକ୍ୟକତା ବିରୁଦ୍ଧରେ ଯାଇ ରାଷ୍ଟ୍ରସଂଘ ଗଠନ କରୁଛନ୍ତି ବୋଲି ସଚେତନ ଥିଲେ । ତେଣୁ ଏହି ନୂତନ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବାପାଇଁ କେତେଗୁଡ଼ିଏ ଐକ୍ୟକ ବ୍ୟବସ୍ଥାକୁ ଏଥିସହିତ ସଂଯୁକ୍ତ କରାଯାଇଥିଲା । ଉକ୍ତ ବ୍ୟବସ୍ଥାରେ ରାଷ୍ଟ୍ରସଂଘର କେବଳ ବାହ୍ୟକ ଲକ୍ଷଣଗୁଡ଼ିକ ଥିଲା । ଉକ୍ତ ସଂବିଧାନ ବ୍ରିଟିଶ ପାର୍ଲାମେଣ୍ଟ ଦ୍ୱାରା ପ୍ରଣୀତ ହୋଇଥିବା ହେତୁ ତାହା ବାସ୍ତବରେ ସାର୍ବଭୌମଥିଲା । ଭାରତରେ କେନ୍ଦ୍ର ବା ପ୍ରଦେଶ ବା ଅନ୍ୟକୌଣସି ଅନୁଷ୍ଠାନ ଏହି ଶାସନ ଆଇନକୁ ସଂଶୋଧନ କରିବା କ୍ଷମତା ପାଇନଥିଲେ । କେନ୍ଦ୍ର ଓ ପ୍ରଦେଶଗୁଡ଼ିକ ମଧ୍ୟରେ କ୍ଷମତାର ବଣ୍ଟନ ହୋଇଥିଲା । ମିଳିତ ତାଲିକାରେ ଅନେକଗୁଡ଼ିଏ ବିଷୟଥିବା ହେତୁ ଅବଶିଷ୍ଟ କ୍ଷମତାର ପରିସର କମ୍‌ଥିଲା । ଏହି ସମସ୍ତ କ୍ଷମତା ଯଥାଯଥ ଭାବରେ ଶାସନ ଆଇନ ବା ସଂବିଧାନରୁ ଅଣାଯାଇଥିଲା । ଗୋଟିଏ ରାଷ୍ଟ୍ରସଂଘୀୟ ନ୍ୟାୟାଳୟ ପ୍ରତିଷ୍ଠିତ ହୋଇଥିଲା । ଯେ କୌଣସି ସାମ୍ବିଧାନିକ ସମସ୍ୟାର ବିଚାର କରିବା ଥିଲା ଉକ୍ତ ନ୍ୟାୟାଳୟର କର୍ତ୍ତବ୍ୟ । କିନ୍ତୁ ଉକ୍ତ ନ୍ୟାୟାଳୟକୁ ସଂପୂର୍ଣ୍ଣ କ୍ଷମତାଶାଳୀ କରାଯାଇ ନଥିଲା । କେତେକ କ୍ଷେତ୍ରରେ ଇଂଲଣ୍ଡର ପ୍ରିଭି କାଉନସିଲ (Privy council) ନ୍ୟାୟିକ ସମିତି ନିକଟରେ ଅପିଲ କରିବାପାଇଁ ବ୍ୟବସ୍ଥା ଥିବାରୁ ରାଷ୍ଟ୍ରସଂଘୀୟ ନ୍ୟାୟାଳୟର କ୍ଷମତା କେତେକାଂଶରେ ହ୍ରାସ ପାଇଥିଲା । ତେବେ ୧୯୩୭ ମସିହା ଏପ୍ରିଲ ପହିଲାଠାରୁ ପ୍ରାଦେଶିକ ସ୍ୱାତନ୍ତ୍ର୍ୟର ପ୍ରବର୍ତ୍ତନ ଫଳରେ ବ୍ରିଟିଶ ଭାରତର ଶାସନ ବ୍ୟବସ୍ଥା ଏକ ପ୍ରକାର ରାଷ୍ଟ୍ରସଂଘୀୟ ରୂପ ଧାରଣ କଲା । କେନ୍ଦ୍ର ଓ ପ୍ରଦେଶ ଗୁଡ଼ିକ ମଧ୍ୟରେ କ୍ଷମତାର ବଣ୍ଟନ କରି ଦିଆଗଲା । ପ୍ରଦେଶ ଗୁଡ଼ିକ ସ୍ୱାତନ୍ତ୍ର୍ୟ ଭୋଗ କରିବା ଫଳରେ ଆଞ୍ଚଳିକ ସ୍ୱାତନ୍ତ୍ର୍ୟର ମୂଲ୍ୟ ଓ ଗୁରୁତ୍ୱ ଉପରେ ବିଶେଷ ଚାପ ପଡ଼ିଲା । ରାଷ୍ଟ୍ରସଂଘୀୟ ବ୍ୟବସ୍ଥା ଉଦ୍‌ଘାଟିତ ହୋଇନଥିଲେ ସୁଦ୍ଧା କେତେ ମାତ୍ରାରେ ଉକ୍ତ ବ୍ୟବସ୍ଥାର ବାହ୍ୟକ ବୈଶିଷ୍ଟ୍ୟ କାର୍ଯ୍ୟ ୧୯୩୭ ସାଲରେ ଆରମ୍ଭ ହୋଇଥିଲା । ସେହି ସମୟଠାରୁ ଭାରତର ରାଜନୈତିକ ଚିନ୍ତାଧାରା ରାଷ୍ଟ୍ରସଂଘୀୟ ପ୍ରଣାଳୀରେ ଗତି କରିଛି । ପରବର୍ତ୍ତୀ ସାଂବିଧାନିକ ପରିବର୍ତ୍ତନ ବା ସଂସ୍କାର ଗୁଡ଼ିକ ରାଷ୍ଟ୍ରସଂଘୀୟ ଚିନ୍ତାଧାରାକୁ ଗ୍ରହଣ କରି ନେଇଥିଲେ । ତେଣୁ ମୁସଲିମ୍ ସଂପ୍ରଦାୟ ଜାତୀୟ

ଅଳ୍ପ ନିୟନ୍ତ୍ରଣ, ସ୍ୱଳ୍ପ କ୍ଷମତାଶାଳୀ କେନ୍ଦ୍ର ଓ ଅତିଶକ୍ତ କ୍ଷମତା ସଂପନ୍ନ ରାଜ୍ୟ ସପକ୍ଷରେ ଉଠାଇଥିବା ସ୍ୱରକୁ ପରବର୍ତ୍ତୀ ପଦକ୍ଷେପରେ ନିୟନ୍ତ୍ରଣ ରୂପେ ଗ୍ରହଣ କରାଯାଇଥିଲା । କିନ୍ତୁ ଦୁଃଖର କଥା, କଳ୍ପିତ ରାଷ୍ଟ୍ରସଂଘ ପ୍ରତିଷ୍ଠିତ ହୋଇପାରିଲା ନାହିଁ । କେତେ ବର୍ଷ ପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରାଯାଇଥିଲେ ଭାରତର ବିଭିନ୍ନ ରାଜ୍ୟ ଓ ପ୍ରଦେଶ, ଗୋଟିଏ ସୀମିତ କେନ୍ଦ୍ର ସରକାର, ବିଭିନ୍ନ ସଂପ୍ରଦାୟ ମଧ୍ୟରେ ସହଯୋଗ ଓ ପ୍ରାଦେଶିକ ସ୍ୱାତନ୍ତ୍ର୍ୟରେ ଅଭ୍ୟସ୍ତ ହୋଇଯାଇଥାନ୍ତେ ଏବଂ ଭାରତର ପରବର୍ତ୍ତୀ ବିଭାଜନକୁ ଏଡ଼େଇ ଦିଆଯାଇ ପାରିଥାନ୍ତା । ବାସ୍ତବରେ କଂଗ୍ରେସ ବା ମୁସଲିମ୍ ଲିଗ୍ ଦ୍ୱାରା ଶାସିତ ପ୍ରତ୍ୟେକ ପ୍ରଦେଶ ୧୯୩୭ ଠାରୁ ସମାନ ଭାବରେ ଗତିକରି ସମପ୍ରକାର ସାମାଜିକ ଓ ଅର୍ଥନୈତିକ ବିଧି ପ୍ରଣୟନ କରିଥିଲେ । ଭାରତ ସରକାରଙ୍କ ଦ୍ୱାରା ଆହୂତ ବିଭିନ୍ନ ନିଖିଳଭାରତ ଓ ଆନ୍ତଃ-ପ୍ରାଦେଶିକ ସମ୍ମିଳନୀରୁ ସ୍ପଷ୍ଟ ପ୍ରମାଣିତ ହୋଇଥିଲା ଯେ ସେମାନେ ଜାତୀୟ ସ୍ୱାର୍ଥରକ୍ଷା କରିବାଲାଗି ସମଭାବରେ ସହଯୋଗ କରିବାଲାଗି ପ୍ରସ୍ତୁତ ଥିଲେ । ଏହି ମନୋବୃତ୍ତିକୁ ରକ୍ଷା କରାଯାଇ ପାରିଲା ନାହିଁ । ୧୯୪୬ ର କ୍ୟାବିନେଟମିଶନ ଯୋଜନା ଶାସନ ବିଧାୟକ ସଭା ଦ୍ୱାରା ପ୍ରଣୀତ ହେବାକୁ ଥିବା ସମ୍ବିଧାନର ଏକ ଗ୍ରନ୍ଥ ଦେଇଥିଲେ । ତଦନୁସାରେ କେବଳ ଦେଶ-ରକ୍ଷା, ବୈଦେଶିକ ବ୍ୟାପାର ଓ ଗମନାଗମନ ଏବଂ ସେଥିପାଇଁ ଆବଶ୍ୟକ ପାଣ୍ଠି ସଂଗ୍ରହ କରିବା କ୍ଷମତା କେନ୍ଦ୍ର ସରକାରଙ୍କୁ ଦିଆଯିବା ବ୍ୟବସ୍ଥା ହୋଇଥିଲା । ଅବଶିଷ୍ଟ କ୍ଷମତା ରାଜ୍ୟମାନଙ୍କୁ ଦେବାଲାଗି ବ୍ୟବସ୍ଥା କରାଯାଇଥିଲା । ୧୯୩୫ ଭାରତ ଶାସନ ଆଇନରେ ସ୍ପଷ୍ଟଭାବେ ଗ୍ରହଣ କରାଯାଇଥିଲା ଯେ ପ୍ରସ୍ତାବିତ ରାଷ୍ଟ୍ରସଂଘରେ କେନ୍ଦ୍ର ସରକାର ଓ ପ୍ରାଦେଶିକ ସରକାରମାନେ ସମାନ କ୍ଷମତା ଉପଭୋଗ କରିବେ ନାହିଁ । ପ୍ରଦେଶଗୁଡ଼ିକ କେନ୍ଦ୍ର ତାଲିକାଭୁକ୍ତ ବିଷୟରେ ହସ୍ତକ୍ଷେପ କରିପାରିବେ ନାହିଁ । ଭାରତୀୟ ରାଷ୍ଟ୍ରସଂଘରେ ଯୋଗ ଦେଇଥିବା ଦେଶୀୟ ରାଜ୍ୟଗୁଡ଼ିକ ନିଜ ଶାସକମାନଙ୍କ ଅଧୀନସ୍ଥ ହୋଇ ରହିବେ । ମିଶ୍ରଣ ଚୁକ୍ତିର ସର୍ତ୍ତ ଅନୁସାରେ କେନ୍ଦ୍ର ସରକାର ଅଙ୍ଗୀଭୂତ ଦେଶୀୟ ରାଜ୍ୟଗୁଡ଼ିକୁ ନିୟନ୍ତ୍ରଣ କରିପାରିବେ । କ୍ୟାବିନେଟ ମିଶନ ଯୋଜନା ମୁତାବକ କ୍ଷମତା ବଣ୍ଟନ ବିଷୟରେ ସୁପାରିଶ କରିବାପାଇଁ ଶାସନ ବିଧାୟକସଭା ଗୋଟିଏ ସଂଘ କ୍ଷମତା ସମିତି ଗଠନ କରିଥିଲେ । ଗୋଟିଏ ଦୁର୍ବଳ କେନ୍ଦ୍ର ସୃଷ୍ଟି କରିବାଲାଗି ନୀତି ନିର୍ଦ୍ଧାରଣ ପାଇଁ କଳ୍ପନା ଜଳ୍ପନା ଚାଲିଥିଲା । କିନ୍ତୁ ସମିତି ତାଙ୍କର ପରାମର୍ଶ ଦେବା ପୂର୍ବରୁ ଭାରତର ବିଭାଜନ ହୋଇଥିଲା ଏବଂ ନିରଙ୍କୁଶ ଭାବରେ ଗୋଟିଏ ସଂବିଧାନ ପ୍ରସ୍ତୁତ ନିମିତ୍ତ ଶାସନ ବିଧାୟକ ସଭାକୁ କ୍ଷମତା ମିଳିଥିଲା । ଦେଶ ବିଭାଜନ ଫଳରେ ସଂଘ ସହିତ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ତ୍ୱରାନ୍ୱିତ ହୋଇଥିଲା । ସେମାନଙ୍କ ପ୍ରତିନିଧିମାନେ ଶାସନ ବିଧାୟକ ସଭାରେ ଯୋଗ ଦେଇଥିଲେ ଏବଂ ସଂବିଧାନର ଚିଠା ତିଆରି କରିବାରେ ଭାଗ ନେଇଥିଲେ । ଶାସନ ବିଧାୟକ ସଭାରେ ଅନୁଧ୍ୟାନ ଚାଲିଥିଲା ବେଳେ ଦେଶୀୟ ରାଜ୍ୟଗୁଡ଼ିକର ରୂପ କଳ୍ପନାତୀତ ଭାବରେ ବଦଳି ଯାଇଥିଲା । ପ୍ରତ୍ୟେକ ରାଜ୍ୟର ଶାସକ ନିଜନିଜ କ୍ଷମତା ଭାରତ ସରକାରଙ୍କୁ ହସ୍ତାନ୍ତରିତ କରି ଦେଇଥିଲେ ଏବଂ ବିନିମୟରେ ହାତପାଣ୍ଠି, ସିଂହାସନ ଉପରେ ଉତ୍ତରାଧିକାର ସ୍ୱତ୍ୱ, ବ୍ୟକ୍ତିଗତ ମର୍ଯ୍ୟାଦାର ସ୍ୱୀକୃତି

ନିର୍ଦ୍ଦିଷ୍ଟ କେତୋଟି ବିଷୟ ଉପରେ ଭାରତ ସରକାରଙ୍କଠାରୁ ପ୍ରତିଶ୍ରୁତି ପାଇଥିଲେ । ଏହା ଥିଲା ସେହି ରାଜାମାନଙ୍କର ଏକ ସ୍ୱେଚ୍ଛାମୂଳକ ତ୍ୟାଗ । ୧୯୪୭ର ଭାରତ ସ୍ୱାଧୀନତା ଆଇନ ଅନୁସାରେ ଶାସନ ବିଧାୟକସଭା ସାର୍ବଭୌମ କ୍ଷମତା ଲାଭ କରିଥିଲା । ୧୯୪୭ ସାଲ ଅଗଷ୍ଟ ୨୦ ତାରିଖରେ ଶାସନ ବିଧାୟକ ସଭାରେ ସଂଘ କ୍ଷମତା ସମିତିର ବିବରଣୀ ଉପସ୍ଥାପିତ କରି ଅଧ୍ୟକ୍ଷ ପଣ୍ଡିତ ଜବାହାରଲାଲ ନେହେରୁ ଗୋଟିଏ ଦୁର୍ବଳ କେନ୍ଦ୍ରର ଅସୁବିଧାମାନ ବର୍ଣ୍ଣନା କରିଥିଲେ । ଏକ ଦୁର୍ବଳ କେନ୍ଦ୍ର ସମଗ୍ର ଦେଶ ପକ୍ଷରେ କ୍ଷତିକାରକ, ଶାନ୍ତି ଶୃଙ୍ଖଳା ବଜାୟ ରଖିବା ଦିଗରେ ସର୍ବସାଧାରଣଙ୍କ ସହିତ ସମ୍ପର୍କ ପ୍ରତିଷ୍ଠା କରିହେବନାହିଁ ଏବଂ ଆନ୍ତର୍ଜାତିକ କ୍ଷେତ୍ରରେ ଦୃଢ଼ତା ପ୍ରଦର୍ଶନ କରିବା ଅସମ୍ଭବ ହେବ ବୋଲି ସେ ମତବ୍ୟକ୍ତ କରିଥିଲେ । ସେ ପୁଣି କହିଥିଲେ ଯେ କେତେଗୁଡ଼ିଏ ବିଷୟରେ କ୍ଷମତା ପୂର୍ବପୂରି ରାଜ୍ୟମାନଙ୍କ ହାତରେ ରହିବା ଉଚିତ, ନଚେତ୍ ଏହା ଉଭୟ ରାଜନୈତିକ ଓ ପ୍ରଶାସନିକ କ୍ଷେତ୍ରରେ ପଶ୍ଚାତ୍‌ଗାମୀ ହେବ । ତେଣୁ ଉକ୍ତ ସମିତି ଭାରତପାଇଁ ଗୋଟିଏ କ୍ଷମତାଶାଳୀ ରାଷ୍ଟ୍ରସଂଘ ସୁପାରିସ୍ କରିଥିଲେ । ଇତ୍ୟବସରରେ କେତେଗୋଟି ପରିବର୍ତ୍ତନ ଯୋଗୁଁ ଭାରତରେ ଏକ କେନ୍ଦ୍ରାଭିମୁଖୀ ରାଷ୍ଟ୍ରସଂଘର ପଥ ପରିଷ୍କାର ହୋଇଗଲା । ସାଂପ୍ରଦାୟିକ ଗଣ୍ଡଗୋଳର ପ୍ରଚଣ୍ଡତାର ପୁନରାବିର୍ଭାବ, ଜାତିର ଜନକ ମହାତ୍ମାଗାନ୍ଧିଙ୍କ ହତ୍ୟା, ଆକସ୍ମିକ ସ୍ୱାଧୀନତା ଲାଭ, ଦ୍ୱିତୀୟ ମହାସମରର ପ୍ରତିକ୍ରିୟା, ଦେଶର ବିଭାଜନ, ଉତ୍କଟ ଖାଦ୍ୟାଭାବ ଓ ବିଦେଶୀ ରାଷ୍ଟ୍ରଙ୍କଠାରୁ ଖାଦ୍ୟ ସଂଗ୍ରହ ଏବଂ ଶେଷରେ ଦେଶ ଭିତରେ ଅରାଜକତା ବୃଦ୍ଧି, ଚୀନ୍‌ର ଗୃହଯୁଦ୍ଧରେ କମ୍ୟୁନିଷ୍ଟମାନଙ୍କର ବିଜୟ ଓ ସେଥିପାଇଁ ଭାରତବର୍ଷରେ ସେମାନଙ୍କ ବିଦ୍ରୋହାତ୍ମକ ମନୋବୃତ୍ତି ଯୋଗୁଁ ଭାରତବର୍ଷକୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ହାଇଦରାବାଦ, ମାନ୍ଦ୍ରାଜ ଓ ପଶ୍ଚିମବଙ୍ଗରେ କିଛି ସମୟପାଇଁ ଆଇନ୍ ଶୃଙ୍ଖଳା ସଙ୍କଟାପନ୍ନ ହୋଇଥିଲା । ପାକିସ୍ତାନର ଅହେତୁକ ଆକ୍ରମଣରୁ କାଶ୍ମୀରକୁ ରକ୍ଷା କରିବାପାଇଁ ଅଜସ୍ର ଅର୍ଥ ବ୍ୟୟିତକରିବାକୁ ପଡ଼ିଥିଲା । ଏହି ସମସ୍ୟାର ମିଳିତ ପ୍ରଭାବ, ଆଞ୍ଚଳିକ ସଚେତନତାର ହ୍ରାସ ଓ ଜାତୀୟ ଐକ୍ୟର ଅତ୍ୟାବଶ୍ୟକତା ଯୋଗୁ କେନ୍ଦ୍ରୀୟ ପ୍ରଭାବ ବୃଦ୍ଧିପାଇବା ଦରକାର ଥିଲା । ଜାତି ବିପଦଗ୍ରସ୍ତ ଥିଲା ଓ ଜରୁରୀ ଅବସ୍ଥାର ସ୍ୱର ଭାରତର ଚାରିଆଡ଼େ ଶୁଣା ଯାଇଥିଲା । ସମସ୍ତେ ପ୍ରାୟ ଉପଲବ୍ଧି କରିଥିଲେ ଯେ ଗୋଟିଏ ଦୃଢ଼ କେନ୍ଦ୍ର ସରକାରଙ୍କ ବ୍ୟତୀତ ଜାତିର ଉଦ୍‌ଭୂତ ସମସ୍ୟାଗୁଡ଼ିକର ମୁକାବିଲା କରିହେବ ନାହିଁ । ଏହିଭଳି ବାଧାବିଘ୍ନ ଭିତରେ ଦେଶ ଗଠି କରୁଥିବାବେଳେ ପ୍ରଣୀତ ସଂବିଧାନ କେନ୍ଦ୍ରୀଭୂତ ରାଷ୍ଟ୍ରସଂଘ ଛଡ଼ା ଆଉ କିଛି ସୃଷ୍ଟି କରିନପାରେ । ସଂଘ କ୍ଷମତା ସମିତିର ସୁପାରିଶର ଯଥାର୍ଥତା ତାର ପୂର୍ବବର୍ତ୍ତୀ ଓ ପରବର୍ତ୍ତୀ ଘଟଣାବଳୀ ଦ୍ୱାରା ପ୍ରମାଣିତ ହୋଇଥିଲା । ଦେଶ ବିଭାଜନ ପରେ ସୁଦ୍ଧା ଭାରତର ଆକାର ଏତେ ବିଶାଳ ଥିଲା ଯେ କୌଣସି ଏକ କେନ୍ଦ୍ରିକ ଶାସନ ବ୍ୟବସ୍ଥାଦ୍ୱାରା ଭାରତର ପ୍ରଶାସନକୁ ନିୟନ୍ତ୍ରଣ କରିବା ପ୍ରଶ୍ନ ଉଠୁ ନଥିଲା । ତେଣୁ ଶାସନ ବିଧାୟକ ସଭା ଗୋଟିଏ କ୍ଷମତାଶାଳୀ ରାଷ୍ଟ୍ରସଂଘ ବ୍ୟବସ୍ଥାକୁ ସହଜରେ ଅନୁମୋଦନ

କରିଥିଲା । ଭାରତରେ ରାଷ୍ଟ୍ରସଂଘୀୟ ଶାସନବ୍ୟବସ୍ଥା ବା ଐକିକ ବ୍ୟବସ୍ଥା ପ୍ରଚଳନ କରାଯିବ ଏହି ବିଷୟରେ ଶାସନ ବିଧାୟକ ସଭା ଚିନ୍ତିତ ଥିଲେ । ଭାରତପାଇଁ କି ପ୍ରକାର ରାଷ୍ଟ୍ରସଂଘୀୟ ବ୍ୟବସ୍ଥା ଉପଯୁକ୍ତ ହେବ ତାହା ମଧ୍ୟ ବିବାଦୀୟ ସମସ୍ୟା ଥିଲା । ପୁଣି ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ ଆଂଶିକ ଭାବରେ ରାଷ୍ଟ୍ରସଂଘର ଗଠନରେ ସାହାଯ୍ୟ କଲା । ଯଦି ସଂଘୀୟ ବ୍ୟବସ୍ଥା ପ୍ରଚଳନ କରା ନଯାଇଥାନ୍ତା ଦେଶୀୟ ରାଜ୍ୟଗୁଡ଼ିକ ବ୍ରିଟିଶ ଭାରତ ସହିତ ମିଶ୍ରଣପାଇଁ ରାଜିହୋଇ ନଥାନ୍ତେ ଏବଂ ତାହା ଭାରତର ଜାତୀୟ ସଂହତିକୁ ବ୍ୟାହତ କରିଥାନ୍ତା ।

ଭାରତ କେବଳ ଯେ ଏକ ବିରାଟ ରାଷ୍ଟ୍ର ତାହା ନୁହେଁ, ଏହାର ଅଧିବାସୀମାନଙ୍କ ମଧ୍ୟରେ ଭାଷାଗତ, ସାଂସ୍କୃତିକ, ଧର୍ମୀୟ ଓ ଜାତିଗତ ବିଭିନ୍ନତା ପରିଲକ୍ଷିତ ହୁଏ । ଏହି ବିଭିନ୍ନତା ଯୋଗୁଁ ଆଞ୍ଚଳିକ ଚେତନା ସୃଷ୍ଟିହୁଏ । ଭାଷା ଓ ସାହିତ୍ୟକୁ ଭିତ୍ତିକରି ସାଂସ୍କୃତିକ ଓ ମନୋବୈଜ୍ଞାନିକ ଐକ୍ୟ ସୃଷ୍ଟିହୁଏ । ବିଭିନ୍ନ ଭାଷାଭାଷୀ ଲୋକଙ୍କ ମଧ୍ୟରେ କେବଳ ଏଥିପାଇଁ ପାର୍ଥକ୍ୟ ଦେଖାଯାଏ । ଏହା ସହିତ ଧର୍ମଗତ ଓ ଜନ୍ମଗତ ପାର୍ଥକ୍ୟ ମିଶିଯିବାରୁ ଭାରତରେ ଆଞ୍ଚଳିକ ସ୍ୱାତନ୍ତ୍ର୍ୟ ବିଶେଷଭାବରେ ଦେଖାଦିଏ । ସ୍ୱାଧୀନତା ପୂର୍ବରୁ ଏହି ଆଞ୍ଚଳିକ ବିଭିନ୍ନତା ରାଜନୈତିକ ଜୀବନରେ ବ୍ୟାପକ ଭାବରେ ପ୍ରଭାବ ବିସ୍ତାର କରିପାରିନଥିଲା, କାରଣ ବୈଦେଶିକ ଶାସନ ବିରୁଦ୍ଧରେ ସଂଗ୍ରାମର ପ୍ରଶ୍ନ ଅନ୍ୟସବୁ ସମସ୍ୟାକୁ ଢାଙ୍କି ଦେଇଥିଲା । କିନ୍ତୁ ସ୍ୱାଧୀନତା ପରେ ସ୍ୱାଭାବିକ ଭାବେ ଆଞ୍ଚଳିକ ମନୋଭାବ ଓ ସ୍ୱାତନ୍ତ୍ର୍ୟର ପ୍ରଶ୍ନ ରାଜନୈତିକ କ୍ଷେତ୍ରରେ ବିଶେଷ ଭାବରେ ଦେଖାଦେଲା । ଭାଷା ଆନ୍ଦୋଳନ ଓ ରାଜ୍ୟ ପୁନର୍ଗଠନ ହିଁ ଏହାର ପ୍ରକୃଷ୍ଟ ପ୍ରମାଣ । ଭାଷାଭିତ୍ତିକ ରାଜ୍ୟ ପୁନର୍ଗଠନର ପ୍ରଶ୍ନ କେବଳ ମଣ୍ଟେଗୁ-ଚେମ୍‌ସଫୋର୍ଡ଼ ଏବଂ ସାଇମନ ରିପୋର୍ଟରେ ଯେ ଥିଲା, ସେତିକି ନୁହେଁ, ତାହା କଂଗ୍ରେସଦଳର କର୍ମସୂଚୀରେ ମଧ୍ୟ ଅନ୍ତର୍ଭୁକ୍ତ ହୋଇଥିଲା । ୧୯୨୮ ମସିହାର ନେହେରୁ ରିପୋର୍ଟରେ ଭାଷାଭିତ୍ତିରେ ରାଜ୍ୟ ଗଠନର ପ୍ରୟୋଜନୀୟତା ଉପରେ ବିଶେଷ ଜୋର ଦିଆଯାଇଥିଲା । ସୁତରାଂ ଭାରତୀୟ ସଂବିଧାନ ପ୍ରଣୀତ ହେବାବେଳେ ଭାଷା ଭିତ୍ତିରେ ଭାରତୀୟ ରାଷ୍ଟ୍ରସଂଘର ପୁନର୍ଗଠନ କରାଯାଉ ବୋଲି ଶାସନ ବିଧାୟକ ସଭାରେ ଦାବୀ କରାଯାଇଥିଲା । ଏହାପରେ ପ୍ରଶ୍ନଟିର ବିଚାରପାଇଁ ଏକାଧିକ କମିଟି ନିଯୁକ୍ତ ହୋଇଛି ଏବଂ ପରିଶେଷରେ ୧୯୫୬ ମସିହାରେ ରାଜ୍ୟ ପୁନର୍ଗଠନ ଦାବୀ କେତେକ ପରିମାଣରେ ମାନି ନିଆଯାଇଥିଲା । ଏଥିରୁ ସହଜରେ ବୁଝାଯାଏ ଯେ ଭାରତରେ ଜାତୀୟ ଅନୁରକ୍ତି ଓ ଆଞ୍ଚଳିକ ଅନୁରକ୍ତି ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି, ତେବେ ଭାରତୀୟ ଜନତା ମଧ୍ୟରେ ଗୋଟିଏ ଦିଗରେ ଯେପରି ବିଭିନ୍ନତା ଏବଂ ଆଞ୍ଚଳିକ ସ୍ୱାତନ୍ତ୍ର୍ୟବୋଧ ରହିଛି, ଅନ୍ୟଦିଗରେ ସେହିଭଳି ଐକ୍ୟର ଆକାଂକ୍ଷା ମଧ୍ୟ ଅଛି । ସଂପୂର୍ଣ୍ଣ ଭାବରେ ମିଳିତ ହେବାକୁ ନ ଚାହିଁଲେ ମଧ୍ୟ ରାଜ୍ୟଗୁଡ଼ିକ ମିଳନ ଚାହାନ୍ତି । ଏହି ଐକ୍ୟ ଭାବର ପୃଷ୍ଠ ଭୂମିର ନାନା କାରଣ ବିଦ୍ୟମାନ । ଏଥିଭିତରୁ କେତୋଟି କାରଣ ପୂର୍ବରୁ ବର୍ଣ୍ଣନା କରାଯାଇଛି । ଭୌଗୋଳିକ ଦୃଷ୍ଟିକୋଣରୁ ଭାରତ ଗୋଟିଏ ଉପମହାଦେଶ ହେଲେ ସୁଦ୍ଧା ଏହାକୁ ଅଖଣ୍ଡ ଓ ଅଭିନ୍ନ ବୋଲି ମନେ କରାଯାଏ । ଏହି ଅଖଣ୍ଡ ଭାରତରେ ବହୁଦିନରୁ

ପାଖାପାଖି ବସବାସ କରୁଥିବା ବିଭିନ୍ନ ଅଞ୍ଚଳର ଲୋକଙ୍କ ମଧ୍ୟରେ ଭାରତବାସୀ ବୋଲି ଗୋଟିଏ ଐକ୍ୟବୋଧ ଗଢ଼ି ଉଠିଛି । ବ୍ୟାପକ ଦୃଷ୍ଟିକୋଣରୁ ବିଚାର କଲେ, ଦେଖାଯିବ ଯେ ଧର୍ମଗତ, ଭାଷାଗତ ବା ଜନ୍ମଗତ ପାର୍ଥକ୍ୟ ଥିଲେହେଁ ବିଭିନ୍ନ ଅଞ୍ଚଳ ଲୋକଙ୍କ ମଧ୍ୟରେ ଭାବ, ଚିନ୍ତା ଓ ସଂସ୍କୃତି ମଧ୍ୟରେ ଅତି ନିକଟ ସାଦୃଶ୍ୟ ଦେଖାଯାଏ ।

ରାଜନୈତିକ କ୍ଷେତ୍ରରେ ବୈଦେଶିକ ଶାସନାଧୀନରେ ବହୁଦିନ ଧରି ବସବାସ, ସ୍ୱାଧୀନତାପାଇଁ ଏକ ସଙ୍ଗରେ ସଂଗ୍ରାମ, ଭବିଷ୍ୟତ ସମ୍ପର୍କରେ ସମପ୍ରକାର ଆଶା ଆକାଙ୍‌କ୍ଷା ଏବଂ ଅନ୍ୟାନ୍ୟ ସଦୃଶ କାରଣରୁ ବିଭିନ୍ନ ଅଞ୍ଚଳର ଲୋକଙ୍କ ମଧ୍ୟରେ ଐକ୍ୟର ଚେତନା ସୃଷ୍ଟି ହୋଇଛି । ସ୍ୱାଧୀନତା ପ୍ରାପ୍ତି ପରେ ମଧ୍ୟ ବୈଦେଶିକ ଆକ୍ରମଣର ଭୟ ଓ ସାମ୍ରାଜ୍ୟ-ବାଦୀ ଶାସନର ପୁନଃ ହସ୍ତକ୍ଷେପର ସମ୍ଭାବନା ଯୋଗୁ ଜାତୀୟ ଐକ୍ୟ ପ୍ରସାରିତ ହୋଇଛି । ଅର୍ଥନୈତିକ କ୍ଷେତ୍ରରେ ଯୋଜନା ସାହାଯ୍ୟରେ ସମସ୍ତ ଦେଶରେ ଅର୍ଥନୈତିକ ଉନ୍ନୟନର ଆକାଙ୍‌କ୍ଷା ଐକ୍ୟ ସୃଷ୍ଟି କରିବାରେ କେତେକାଂଶରେ ସହାୟକ ହୋଇଛି ।

ରାଷ୍ଟ୍ରସଂଘ ଗଠନପାଇଁ ଯେଉଁ ଦୁଇଟି ପ୍ରଧାନ କାରଣ ଆବଶ୍ୟକ ସେହି ଦୁଇଟି କାରଣ ଭାରତରେ ଥିବା ହେତୁ ଭାରତରେ ରାଷ୍ଟ୍ରସଂଘୀୟ ବ୍ୟବସ୍ଥା ପ୍ରଚଳନ ସପକ୍ଷରେ ପ୍ରବଳ ଯୁକ୍ତି ରହିଛି । ଗୋଟିଏ ଦିଗରେ ଭାଷାଗତ, ସଂସ୍କୃତିଗତ ଓ ଜନ୍ମଗତ ପାର୍ଥକ୍ୟ ଏବଂ ଅନ୍ୟ ଦିଗରେ ବିଭିନ୍ନ କାରଣରୁ ଐକ୍ୟ ମନୋଭାବ ରହିଛି । ଏହି ଦୁଇ ମନୋଭାବ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବାର ଉପାୟ ହେଲା ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥା ।

ଅପରନ୍ତୁ ଥରେ ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥା ଗ୍ରହଣ କଲାପରେ ତାହାକୁ ଐକିକ ଶାସନ ବ୍ୟବସ୍ଥାରେ ପରିଣତ କରିବା ଏକ ପ୍ରକାର ଅସମ୍ଭବ କହିଲେ ଚଳେ, କାରଣ ଦେଶର ବିଭିନ୍ନ ଅଞ୍ଚଳ ଥରେ ସ୍ୱାତନ୍ତ୍ର୍ୟର ଆସ୍ୱାଦ ପାଇଲା ପରେ ଆଉ ସ୍ୱାତନ୍ତ୍ର୍ୟକୁ କୌଣସିମତେ ପରିତ୍ୟାଗ କରିବାକୁ ଚାହାନ୍ତି ନାହିଁ । ୧୯୩୫ ଭାରତ ଶାସନ ଆଇନ ଦ୍ୱାରା ପରିକଳ୍ପିତ ରାଷ୍ଟ୍ରସଂଘ ପ୍ରବର୍ତ୍ତିତ ହୋଇନାହିଁ ସତ କିନ୍ତୁ ୧୯୩୭ ମସିହାଠାରୁ ପ୍ରଦେଶ ଗୁଡ଼ିକ ସ୍ୱାତନ୍ତ୍ର୍ୟ ଭୋଗକରି ଆସୁଛନ୍ତି । ଏହି ଅବସ୍ଥାରେ ରାଷ୍ଟ୍ରସଂଘ ପରିବର୍ତ୍ତେ ଐକିକ ଶାସନ ବ୍ୟବସ୍ଥା ଗ୍ରହଣର ପ୍ରସ୍ତାବ ନାନା ପ୍ରକାର ଗୋଳମାଳ ସୃଷ୍ଟି କରିଥାନ୍ତା ଏବଂ ଯେଉଁ ଜାତୀୟ ଐକ୍ୟ ଏତେଦିନ ଧରି ଗଢ଼ି ଉଠିଥିଲା ତାହା ବିଶେଷ ଭାବରେ ବ୍ୟାହତ ହେଉଥାନ୍ତା । ସୁତରାଂ ବାସ୍ତବ ଦୃଷ୍ଟିରୁ ମଧ୍ୟ ରାଷ୍ଟ୍ରସଂଘ ପ୍ରବର୍ତ୍ତନ ସମୀଚୀନ ହୋଇଛି ବୋଲି କୁହାଯାଏ ।

ଭାରତୀୟ ରାଷ୍ଟ୍ରସଂଘର ଗଠନ ଯୁକ୍ତରାଷ୍ଟ୍ର ଆମେରିକାର ଗଠନଠାରୁ ଭିନ୍ନ । ଆମେରିକାରେ ତେରଗୋଟି ଉପନିବେଶ ଚୁକ୍ତି କରି ସ୍ୱେଚ୍ଛାମୂଳକ ଭାବରେ ନିଜ ସ୍ୱାଧୀନ-ତାରୁ କିୟଦଂଶ ତ୍ୟାଗକରି ରାଷ୍ଟ୍ରସଂଘ ଗଠନ କରିଥିଲେ । ଭାରତ କ୍ଷେତ୍ରରେ ଇଂରେଜମାନେ ଗୋଟିଏ ଐକିକ ରାଷ୍ଟ୍ରକୁ ଭାଙ୍ଗି ରାଷ୍ଟ୍ରସଂଘରେ ପରିଣତ କରିଥିଲେ । ପରେ

ସେହି ବ୍ୟବସ୍ଥାହିଁ ଗ୍ରହଣକରି ଭାରତୀୟ ଶାସନ ବିଧାୟକସଭା ରାଷ୍ଟ୍ରସଂଘୀୟ ସଂବିଧାନ ପ୍ରଣୟନ କରିଥିଲା । ଏହି କ୍ଷେତ୍ରରେ ରାଷ୍ଟ୍ରସଂଘ ଗଠନ ଲାଗି ପ୍ରଦେଶଗୁଡ଼ିକ ମଧ୍ୟରେ ଚୁକ୍ତି ପ୍ରଶ୍ନ ଉଠି ନଥିଲା । ଜନସାଧାରଣଙ୍କ ପ୍ରତିନିଧିମାନଙ୍କ ଦ୍ୱାରା ଗଠିତ ଶାସନ ବିଧାୟକ ସଭା ରାଷ୍ଟ୍ରସଂଘୀୟ ସଂବିଧାନକୁ ପ୍ରଦେଶ ବା ଅଙ୍ଗରାଜ୍ୟଗୁଡ଼ିକ ଉପରେ ଲଦି ଦେଇଥିଲେ । ତେଣୁ ଦେଖାଗଲା ଯେ ଯୁକ୍ତରାଷ୍ଟ୍ର ଆମେରିକାରେ ଯେଉଁ ପଦ୍ଧତିରେ ରାଷ୍ଟ୍ରସଂଘ ଗଠିତ ହୋଇଥିଲା ତାହାର ବିପରୀତ ପଦ୍ଧତିରେ ଭାରତୀୟ ରାଷ୍ଟ୍ରସଂଘର ସୃଷ୍ଟି ହୋଇଛି । କିନ୍ତୁ ଭାରତରେ ଗୋଟିଏ ଐକିକ ରାଷ୍ଟ୍ରକୁ ଭାଙ୍ଗି ରାଷ୍ଟ୍ରସଂଘରେ ପରିଣତ କରାଯାଇଛି ବୋଲି କହିବା ଅଯୌକ୍ତିକ ହେବ । କୌଣସି ଦେଶର ଅବସ୍ଥା ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥା ଗ୍ରହଣପାଇଁ ଉପଯୋଗୀ ହେଲେ ସେ ଦେଶ ଐକିକ ଶାସନ ପରିବର୍ତ୍ତେ ରାଷ୍ଟ୍ରସଂଘୀୟ ସରକାର ପ୍ରବର୍ତ୍ତନ କଲେ ଗଣତନ୍ତ୍ରର ପଥ ପ୍ରଶସ୍ତ ହୁଏ । ବହୁ ଭାଷାଭାଷୀ, ବହୁ ସଂସ୍କୃତି ସମ୍ପନ୍ନ ଜାତି, ଉପଜାତି ବସବାସ କରୁଥିବା ଭାରତ ପରି ଏକ ବିରାଟ ଦେଶରେ ରାଷ୍ଟ୍ର-ସଂଘୀୟ ଶାସନ ବ୍ୟବସ୍ଥା ପ୍ରଚଳନ ବିନା ଅନ୍ୟ ଉପାୟ ନଥିଲା । ବିଭିନ୍ନ ସଂପ୍ରଦାୟ ମଧ୍ୟରେ ଭାଷା ଭିତ୍ତିରେ ଆଞ୍ଚଳିକ ଚେତନା ଓ ସ୍ୱାତନ୍ତ୍ର୍ୟ ଭୋଗର ଆକାଂକ୍ଷା ଥିବା ବିଷୟ ସ୍ୱାଧୀନତାପରେ ରାଜ୍ୟ ପୁନର୍ଗଠନର ଇତିହାସରୁ ପ୍ରମାଣିତ ହୁଏ । ଏହି ଅବସ୍ଥାରେ ଜାତୀୟ ଐକ୍ୟ ଏବଂ ତତ୍ସଙ୍ଗେ ବିଭିନ୍ନ ଅଞ୍ଚଳରେ ସଂପ୍ରଦାୟର ଆତ୍ମନିୟନ୍ତ୍ରଣ ଓ ଅଧିକାର ସଂରକ୍ଷଣର ବ୍ୟବସ୍ଥା କରିବାର ପ୍ରକୃଷ୍ଟ ପନ୍ଥା ହେଲା ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥା । ତେଣୁ ଯୁକ୍ତରାଷ୍ଟ୍ର ଆମେରିକା ପ୍ରଭୃତି ଦେଶର ରାଷ୍ଟ୍ରସଂଘୀୟ ବ୍ୟବସ୍ଥା କେନ୍ଦ୍ରାଭିମୁଖୀ ( Centrepetal ) ହୋଇଥିବା ସ୍ଥଳେ ଭାରତର ରାଷ୍ଟ୍ରସଂଘୀୟ ବ୍ୟବସ୍ଥା କେନ୍ଦ୍ରା-ପସାରୀ ( Centrefugal ) ହେବାରେ କିଛି ଅଯଥାର୍ଥତା ବା ଅଯୌକ୍ତିକତା ନାହିଁ ।

## ଭାରତୀୟ ରାଷ୍ଟ୍ରସଂଘର ବିଶିଷ୍ଟ ଲକ୍ଷଣ

୧୯୩୫ ମସିହାର ଭାରତଶାସନ ଆଇନ ସହିତ ତୁଳନା କଲେ ଦେଖାଯିବ ଯେ ବର୍ତ୍ତମାନ ସଂବିଧାନର ଏକ ବୈଶିଷ୍ଟ୍ୟ ହେଲା, ସଂଘୀୟ ବ୍ୟବସ୍ଥା ମଧ୍ୟରେ ଦେଶୀୟ ରାଜ୍ୟଗୁଡ଼ିକର ମିଶ୍ରଣ । ଏଥି ପୂର୍ବରୁ ଉଲ୍ଲେଖ କରାହୋଇଛି ଯେ, ସ୍ୱାଧୀନତା ପୂର୍ବରୁ ସମଗ୍ର ଭାରତ ବ୍ରିଟିଶ ଭାରତ ଓ ଦେଶୀୟ ରାଜ୍ୟ ଏପରି ଦୁଇ ଭାଗରେ ବିଭକ୍ତ ଥିଲା । ନଅଟି ଗଭର୍ଣ୍ଣର ଶାସିତ ଓ ପାଞ୍ଚଟି ଚିଫ୍ କମିଶନର ଶାସିତ ପ୍ରଦେଶକୁ ନେଇ ବ୍ରିଟିଶ ଭାରତ ଗଠିତ ହୋଇଥିଲା । ଦେଶୀୟ ରାଜ୍ୟ ସଂଖ୍ୟା ଛଅଶହ ବାଷଠି ଥିଲା । ଏହି ଦେଶୀୟ ରାଜ୍ୟମାନଙ୍କ ଆୟତନ, ଜନସଂଖ୍ୟା, କ୍ଷମତା ଓ ମର୍ଯ୍ୟାଦାରେ ପାର୍ଥକ୍ୟ ଥିଲା । ମହୀଶୂର, କାଶ୍ମୀର, ବରୋଦା ପ୍ରଭୃତି ବଡ଼ବଡ଼ ଦେଶୀୟ ରାଜ୍ୟ ବ୍ୟତୀତ ଅନ୍ୟ କେତୋଟି ଛୋଟ ରାଜ୍ୟ ଓ କେତେ ଏକର ବିଶିଷ୍ଟ ଛୋଟଛୋଟ ଏଷ୍ଟେଟ୍ ( Estate ) ବା ଜାଗିର ( Jagir ) ବି ଥିଲା । ସମସ୍ତେ ଜଣେ ଜଣେ ସାମନ୍ତ, ପ୍ରଧାନ ବା ନୃପତିଙ୍କ ବ୍ୟକ୍ତିଗତ ଶାସନାଧୀନ ଥିଲେ । ବ୍ରିଟିଶ ଅମଳରେ ଭାରତ ସରକାରଙ୍କ ସହିତ ଦେଶୀୟ ରାଜ୍ୟଗୁଡ଼ିକର ସମ୍ପର୍କକୁ ସର୍ବୋଚ୍ଚ କ୍ଷମତା ( paramountcy ) କୁହାଯାଉଥିଲା । ଇଂରେଜମାନେ ଭାରତ ତ୍ୟାଗକରିବା ସଙ୍ଗେସଙ୍ଗେ ସେମାନଙ୍କ ସର୍ବୋଚ୍ଚ କ୍ଷମତା ଲୋପପାଇଲା

ଏବଂ ଦେଶୀୟ ରାଜ୍ୟଗୁଡ଼ିକର ସବୁ ଅଧିକାର ଓ ଦାୟିତ୍ୱ ଶେଷହେଲା । କିନ୍ତୁ ଭୌଗୋଳିକ, ଅର୍ଥନୈତିକ ଓ ରାଜନୈତିକ କାରଣରୁ ସେମାନଙ୍କ ପକ୍ଷରେ ସ୍ୱାଧୀନ ରହିବା ସମ୍ଭବପର ହେଲା ନାହିଁ । ଭୌଗୋଳିକ ଓ ଐତିହାସିକ ଦୃଷ୍ଟିକୋଣରୁ ବିଚାର କଲେ ଭାରତ କିମ୍ବା ପାକିସ୍ତାନ ସହିତ ମିଶିଯିବାପାଇଁ ଭାରତସରକାରଙ୍କ ପ୍ରସ୍ତାବକୁ ଅନେକ ଦେଶୀୟ ରାଜ୍ୟ ଗ୍ରହଣ କରିଥିଲେ । ପ୍ରାୟ ୫୫୬ଟି ରାଜ୍ୟ ଗୋଟିକପରେ ଗୋଟିଏ ଭାରତୀୟ ଡୋମିନିୟନରେ ଯୋଗଦେଲେ । ଫଳରେ ପାକିସ୍ତାନ ବିଚ୍ୟୁତ ହେବା ସତ୍ତ୍ୱେ ଏହି ଦେଶରେ ବହୁ ଶତାବ୍ଦୀ ପରେ ରାଜନୈତିକ ଓ ଶାସନତାନ୍ତ୍ରିକ କ୍ଷେତ୍ରରେ ମହାଭାରତର ଉଦ୍‌ଭବ ହେଲା ।

କିନ୍ତୁ ମହାଭାରତ ସୃଷ୍ଟିହେବା ପୂର୍ବରୁ ଭାରତକୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଯେଉଁ ରାଜ୍ୟଗୁଡ଼ିକ ଭାରତ ଡୋମିନିୟନ ସହିତ ମିଶିଯିବାକୁ ଅସମ୍ମତ ଥିଲେ ସେମାନଙ୍କପାଇଁ ଅନ୍ୟ ଦୁଇଟି ପଥ ଉନ୍ମୁକ୍ତ ଥିଲା । ଅବଶ୍ୟ ସେହି ପଥଗୁଡ଼ିକ ବାସ୍ତବ କ୍ଷେତ୍ରରେ ସମ୍ଭବ ନ ହେଲେ ସୁଦ୍ଧା ସେଗୁଡ଼ିକ ତାତ୍ତ୍ୱିକ ଓ ନ୍ୟାଯ୍ୟୋଚିତ ଥିଲା । ସେଗୁଡ଼ିକ ହେଲା ( i ) କୌଣସି ରାଜ୍ୟ ଚାହିଁଲେ ସେ ନିଜ ସ୍ୱାଧୀନତା ଘୋଷଣା କରିପାରେ ବା (ii) ବ୍ରିଟିଶ ରାଜ୍ୟଗୋଷ୍ଠୀ ଭିତରେ ଏକ ଡୋମିନିୟନ ହୋଇ ରହିପାରେ । କେତେଜଣ ରାଜା ଏହିପ୍ରକାର ଚିନ୍ତାଧାରା ପ୍ରତି ବିମୁଖତା ପ୍ରକାଶ କରି ନଥିଲେ । ତେଣୁ ସ୍ୱାଧୀନ ଭାରତ ପ୍ରତିଷ୍ଠାପାଇଁ ପ୍ରଥମେ ପ୍ରଥମେ କଣ୍ଟକମୟ ପଥ ଦେଇ ଗତି କରିବାକୁ ପଡ଼ିଥିଲା । ହାଇଦରାବାଦ ନିଜେ ଏକ ଡୋମିନିୟନ୍ ହେବାପାଇଁ ଚେଷ୍ଟା କରୁଥିବା ସ୍ଥଳେ ତ୍ରିବାଙ୍କୁଡ଼ ଗୋଟିଏ ସ୍ୱାଧୀନ ରାଜ୍ୟ ହେବାପାଇଁ ଚେଷ୍ଟା କରୁଥିଲା । ଭାରତର ପଶ୍ଚିମ ଉପକୂଳରେ ଥିବା ଜୁନାଗଡ଼ ନାମକ ଏକ କ୍ଷୁଦ୍ର ଭୂଖଣ୍ଡ ପାକିସ୍ତାନ ସହିତ ଯୋଗ ଦେଇଥିଲା । ଉଭୟ ଭାରତ ଓ ପାକିସ୍ତାନର ସମୀପବର୍ତ୍ତୀ ରାଜ୍ୟ କାଶ୍ମୀର ପାକିସ୍ତାନ ଆକ୍ରମଣ କରିବା ପର୍ଯ୍ୟନ୍ତ ଭାରତ ସହିତ ଯୋଗଦାନ ନ କରି ଏକ ଗୁରୁତର ସମସ୍ୟା ସୃଷ୍ଟି କରିଥିଲା । ଅନ୍ୟ କେତେକ କ୍ଷୁଦ୍ରରାଜ୍ୟ ମଧ୍ୟ ଭାରତ ପ୍ରତି ଅସୁବିଧା ସୃଷ୍ଟି କରିବାରେ ପଶ୍ଚାତ୍‌ପଦ ହୋଇ ନଥିଲେ । ଫଳରେ ଜଟିଳ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ଦେଖା ଦେଇଥିଲା । ସୌଭାଗ୍ୟବଶତଃ ନୂଆଦିଲ୍ଲୀରେ ନୂତନ ଭାବରେ ଗଠିତ ମନ୍ତ୍ରିମଣ୍ଡଳରେ ଥିବା ସର୍ଦ୍ଦାର ବଲ୍ଲଭଭାଇ ପଟେଲ୍ ବିସ୍‌ମାର୍କଙ୍କ ପରି ଜଣେ ବାସ୍ତବବାଦୀ ଥିଲେ ଏବଂ ଭାରତର ଏକ ଜାଜ୍ୱଲ୍ୟମାନ ରୂପ ତାଙ୍କ ଆଖି ଆଗରେ ନାଚୁଥିଲା । ଦେଶୀୟ ରାଜ୍ୟଗୁଡ଼ିକୁ ଭାରତର ଏକ ଅବିଚ୍ଛିନ୍ନ ଅଙ୍ଗ ହିସାବରେ ଯୋଡ଼ିବା ପଥରୁ ସେ କେବେ ବିଚ୍ୟୁତ ହୋଇନଥିଲେ ।

ଭାରତୀୟ ଡୋମିନିୟନ ସହିତ ଯୋଗଦାନ ପରେ ସେହିସବୁ ଦେଶୀୟ ରାଜ୍ୟ ସଂପର୍କରେ ଦୁଇଟି ଶକ୍ତି କାର୍ଯ୍ୟ କରିବାକୁ ଲାଗିଲେ । ପ୍ରଥମ ଶକ୍ତି ସେମାନଙ୍କୁ ଏକୀଭୂତ ହେବାର ପ୍ରେରଣା ଦେଲା ଏବଂ ଅନ୍ୟଟି ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପ୍ରବର୍ତ୍ତନର

ସଂଯୁକ୍ତ ହେଲା । ଏହି ଦୁଇଶର୍ତ୍ତର କାର୍ଯ୍ୟଫଳରେ ଅନେକ ଦେଶୀୟ ରାଜ୍ୟ ପାର୍ଶ୍ୱବର୍ତ୍ତୀ ରାଜ୍ୟ ସହିତ ମିଶି ଏକ ହୋଇଗଲେ । ଏହି ପ୍ରଦେଶଗୁଡ଼ିକୁ ସଂବିଧାନରେ 'କ' ଶ୍ରେଣୀର ରାଜ୍ୟ ରୂପେ ଅଭିହିତ କରାଯାଇଥିଲା । ଦ୍ୱିତୀୟତଃ ଅନେକ କ୍ଷେତ୍ରରେ କେତେକ ଦେଶୀୟ ରାଜ୍ୟ ଯଥା, ସୌରାଷ୍ଟ୍ର, ତ୍ରିବାଙ୍କୁଡ଼, କୋଚିନ ପ୍ରଭୃତି ମିଶ୍ରିତ ରାଜ୍ୟ ଗଠନ କଲେ । ହାଇଦରାବାଦ, ଜାମ୍ମୁ ଓ କାଶ୍ମୀର ଏବଂ ମହୀଶୂର ରାଜ୍ୟର ଆୟତନ ବୃହତ୍ ହେବାରୁ ସେମାନଙ୍କ ଅସ୍ତିତ୍ୱ ଅକ୍ଷୁଣ୍ଣ ରହିଲା । ଏହି ମିଶ୍ରିତ ରାଜ୍ୟ ଓ ସ୍ୱତନ୍ତ୍ର ରାଜ୍ୟଗୁଡ଼ିକ ସମ୍ବିଧାନରେ 'ଖ' ଶ୍ରେଣୀୟ ରାଜ୍ୟ ହିସାବରେ ପରିଗଣିତ ହେଲେ । ତୃତୀୟତଃ, ମଣିପୁର, ତ୍ରିପୁରା, ହିମାଚଳ ପ୍ରଦେଶ ପ୍ରଭୃତି କେତେଗୁଡ଼ିଏ କ୍ଷୁଦ୍ର ରାଜ୍ୟକୁ ଶାସନ ପରିଚାଳନାର ସୁବିଧା ଓ ପ୍ରତିରକ୍ଷା କାରଣରୁ 'ଗ' ଶ୍ରେଣୀ ରାଜ୍ୟରେ ପରିଗଣିତ କରାଗଲା ଏବଂ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ରଖାଗଲା । ଏହିଭଳି ବ୍ୟବସ୍ଥା ଫଳରେ ଦେଶୀୟ ରାଜ୍ୟଗୁଡ଼ିକର ସଂଖ୍ୟା ୫୬୨ ରୁ ୧୨ କୁ କମିଗଲା । କେବଳ ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜକୁ 'ଘ' ଶ୍ରେଣୀ ଅଞ୍ଚଳ ବୋଲି କୁହାଯାଉଥିଲା ।

ସଂବିଧାନ ଗୃହୀତ ହେଲାବେଳେ ଭାରତୀୟ ଇଉନିୟନ 'କ', 'ଖ', 'ଗ' ଓ 'ଘ' ଏହି ଚାରିଶ୍ରେଣୀର ରାଜ୍ୟକୁ ନେଇ ଗଠିତ ହୋଇଥିଲା । ସମ୍ବିଧାନର ପ୍ରଥମ ଅନୁଚ୍ଛେଦରେ କୁହାଯାଇଛି ଯେ, (୧) ଭାରତ ରାଜ୍ୟମାନଙ୍କୁ ନେଇ ଏକ ଇଉନିୟନ ହେବ; (୨) ସେଥିରେ ଥିବା ରାଜ୍ୟସମୂହ ଓ ସେମାନଙ୍କର ଅଞ୍ଚଳ (territory) ପ୍ରଥମ ଅନୁସୂଚୀର 'କ' 'ଖ' 'ଗ' ଓ 'ଘ' ଭାଗରେ ଉଲ୍ଲେଖ କରାଯାଇଥିବା ନିର୍ଘଣ୍ଟ ସହିତ ସମାନ ହେବ; (୩) ଭାରତୀୟ ଭୂଖଣ୍ଡ ମଧ୍ୟରେ ନିମ୍ନଲିଖିତ ଅଞ୍ଚଳ ବା ରାଜ୍ୟଗୁଡ଼ିକ ଅନ୍ତର୍ଭୁକ୍ତ ହେବ; (କ) ରାଜ୍ୟଗୁଡ଼ିକର ଅଞ୍ଚଳ (ଖ) ପ୍ରଥମ ନିର୍ଘଣ୍ଟର 'ଘ' ଭାଗ ଅନ୍ତର୍ଗତ ଅଞ୍ଚଳ ଏବଂ (ଗ) ଅନ୍ୟାନ୍ୟ ଅଧିକୃତ ଅଞ୍ଚଳ । ପ୍ରଥମ ଅନୁସୂଚୀରେ 'କ' ଭାଗରେ ଉଲ୍ଲିଖିତ ରାଜ୍ୟଗୁଡ଼ିକ ହେଲା ଆସାମ, ବିହାର, ବମ୍ବେ, ମଧ୍ୟପ୍ରଦେଶ, ମାନ୍ଦ୍ରାଜ, ଓଡ଼ିଶା, ପଞ୍ଜାବ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗ; 'ଖ' ଭାଗରେ ହାଇଦରାବାଦ, ଜାମ୍ମୁ ଓ କାଶ୍ମୀର, ମହୀଶୂର, ପେପ୍ସୁ, ରାଜସ୍ଥାନ, ସୌରାଷ୍ଟ୍ର, ତ୍ରିବାଙ୍କୁଡ଼, କୋଚିନ ଓ ବିନ୍ଧ୍ୟପ୍ରଦେଶ; 'ଗ' ଭାଗରେ ଆଜମୀର, ଭୋପାଳ, ବିଳାସପୁର, କୁଚବିହାର, କୁର୍ଗ, ଦିଲ୍ଲୀ, ହିମାଚଳ ପ୍ରଦେଶ, ମଣିପୁର ଓ ତ୍ରିପୁରା । ୧୯୪୯ ମସିହା ନଭେମ୍ବର ମାସରେ ଗୃହୀତ ସଂବିଧାନରେ ଏହି ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । କିନ୍ତୁ ସଂବିଧାନ ପ୍ରବର୍ତ୍ତିତ ହେବା ପୂର୍ବରୁ ବିନ୍ଧ୍ୟ ପ୍ରଦେଶକୁ 'ଖ' ବିଭାଗରୁ 'ଗ' ବିଭାଗକୁ ସ୍ଥାନାନ୍ତରିତ କରାଯାଇଥିଲା । ବିଳାସପୁର, କୁଚବିହାର ପ୍ରଭୃତି ଅନେକ କ୍ଷୁଦ୍ରରାଜ୍ୟ ପାର୍ଶ୍ୱବର୍ତ୍ତୀ ରାଜ୍ୟମାନଙ୍କ ସହିତ ମିଶିଯାଇଥିଲେ । ତେଣୁ ପ୍ରଥମ ଅନୁସୂଚୀ ଥରକୁ ଥର ପରିବର୍ତ୍ତିତ ହୋଇଥିଲା ।

୧୯୫୬ ମସିହାରେ ରାଜ୍ୟ ପୁନର୍ଗଠନ ଓ ସଂବିଧାନର ( ସପ୍ତମ ସଂଶୋଧନ ) ଆଇନ ଫଳରେ ଏହି ଶ୍ରେଣୀବିଭାଗ ଉଠିଯାଇଥିଲା ଏବଂ ଅଙ୍ଗରାଜ୍ୟର ସଂଖ୍ୟା ୧୪ ହେଲା ।

ଏହାପରେ ବମ୍ବେ ରାଜ୍ୟର ବିଭାଜନ, ନାଗାଲଣ୍ଡ ରାଜ୍ୟଗଠନ ଏବଂ ପଞ୍ଜାବ ରାଜ୍ୟକୁ ପଞ୍ଜାବ ଓ ହରିଆନାରେ ବିଭକ୍ତୀକରଣ ପରେ ମୋଟ ରାଜ୍ୟସଂଖ୍ୟା ୧୭ରେ ପହଞ୍ଚିଲା । ବର୍ତ୍ତମାନ ଭାରତରେ ୨୨ ଗୋଟି ରାଜ୍ୟ ଓ ନଅଗୋଟି କେନ୍ଦ୍ର ଶାସିତ ଅଞ୍ଚଳ ରହିଛି । ସେଗୁଡ଼ିକ ହେଲା:—

**ରାଜ୍ୟ** :—ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ଗୁଜରାଟ, ହିମାଚଳ ପ୍ରଦେଶ, ହରିଆନା, ଜାମ୍ମୁ ଓ କାଶ୍ମୀର, କେରଳ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ମଣିପୁର, ମେଘାଳୟ, ନାଗାଲଣ୍ଡ, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ସିକିମ୍, ତାମିଲନାଡ଼ୁ, ତ୍ରିପୁରା, ଉତ୍ତର ପ୍ରଦେଶ ଓ ପଶ୍ଚିମବଙ୍ଗ ।

**କେନ୍ଦ୍ର ଶାସିତ ଅଞ୍ଚଳ** :— ଦିଲ୍ଲୀ, ଅରୁଣାଚଳ, ମିଜୋରାମ୍, ଅଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ, ଲାକାଡ଼ିଭ ମିନିକୟ ଓ ଅମିନଡ଼ିଭି ଦ୍ୱୀପପୁଞ୍ଜ, ଦାଦରା ଓ ନଗର ହାଭେଲି, ଗୋଆ, ଡାମନ ଓ ଡିଉ, ପଣ୍ଡିଚେରୀ ଓ ଚଣ୍ଡୀଗଡ଼ ।

## ଭାରତୀୟ ରାଷ୍ଟ୍ରସଂଘର ପ୍ରକୃତି

କାନାଡ଼ା ସମ୍ବିଧାନର ଅନୁସରଣରେ ଆମ ସଂବିଧାନରେ ଭାରତକୁ ରାଜ୍ୟସମୂହର ଇଉନିୟନ ବା ରାଜ୍ୟସଂଘ ବୋଲି ବର୍ଣ୍ଣନା କରାଯାଇଛି । ଇଉନିୟନ ଶବ୍ଦଟିର ବ୍ୟବହାର ଯୋଗୁଁ ଭାରତର ଶାସନ ବ୍ୟବସ୍ଥାକୁ ଗୋଟିଏ ଐକିକ ରାଷ୍ଟ୍ରବୋଲି ମନେ କରାଯାଇପାରେ । କିନ୍ତୁ ରାଷ୍ଟ୍ରସଂଘର ଲକ୍ଷଣ ବା ବୈଶିଷ୍ଟ୍ୟଗୁଡ଼ିକୁ ବିଚାର କଲେ ଭାରତକୁ ଗୋଟିଏ ଐକିକରାଷ୍ଟ୍ର ବୋଲି ଅଭିହିତ କରିବା ପରିବର୍ତ୍ତେ ରାଷ୍ଟ୍ରସଂଘ ବୋଲି ଅଭିହିତ କରିବାକୁ ହୁଏ । ତେବେ 'ଇଉନିୟନ' ଶବ୍ଦ ବ୍ୟବହାରର ତାତ୍ପର୍ଯ୍ୟ ଉପରେ ପ୍ରଶ୍ନ ଉଠିପାରେ । ରାଜ୍ୟସମୂହର 'ଇଉନିୟନ' ଶବ୍ଦ ସଂବିଧାନ ପ୍ରଣୟନ ପୂର୍ବରୁ ସାପ୍ରୁକମିଟି କ୍ୟାବିନେଟ୍ ମିଶନକୁ ପଠାହୋଇଥିବା ସ୍ମାରକ ପତ୍ର ମାଧ୍ୟମରେ ବିଭିନ୍ନ ରାଜନୈତିକ ଦଳ ଦ୍ୱାରା ଏବଂ ନାନା ବ୍ୟକ୍ତି ବା ଗୋଷ୍ଠୀ ଦ୍ୱାରା ବ୍ୟବହୃତ ହୋଇଥିଲା । ତେଣୁ ତାହା ସଂବିଧାନର ପ୍ରଥମ ଧାରାରେ ସ୍ଥାନ ପାଇଥିଲା ।

ଶାସନ ବିଧାୟକ ସଭା କେନ୍ଦ୍ର ପାଇଁ ଗୋଟିଏ ଆଦର୍ଶ ସଂବିଧାନ ଗଢ଼ିବାପାଇଁ 'ଇଉନିୟନ ସଂବିଧାନ ସମିତି' (Union Constitution Committee) ନାମରେ ଏକ ସମିତି ନିଯୁକ୍ତ କରିଥିଲେ ସୁଦ୍ଧା ଉକ୍ତ ସମିତି ନିଜ ବିବୃତିରେ କେବେ 'ଇଉନିୟନ' ଶବ୍ଦ ବ୍ୟବହାର ନ କରିବା ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ । ଏହା 'ରାଷ୍ଟ୍ରସଂଘ' ବା 'ରାଷ୍ଟ୍ର ସଂଘୀୟ' ଶବ୍ଦମାନ ବ୍ୟବହାର କରିଥିଲା । ଚଳିତ ସଂବିଧାନର ପ୍ରକୃତି ରାଷ୍ଟ୍ରସଂଘୀୟ ହୋଇଥିବା ହେତୁ ସମିତି 'ରାଷ୍ଟ୍ରସଂଘ' ଶବ୍ଦ ବ୍ୟବହାର କରିବାରେ ଯଥାର୍ଥତା ରହିଛି ବୋଲି ଏହି ସମିତି ବହୁବାର ସ୍ପଷ୍ଟିକରଣ କରିଥିଲା । କିନ୍ତୁ ଏହାଥିଲା ୧୯୪୭ ମସିହାର ଅବସ୍ଥା । ନାମଦ୍ୱାରା ସଂବିଧାନର ଲକ୍ଷଣ ପରିବର୍ତ୍ତନ ହେବ ନାହିଁ ବୋଲି ମତ ଦେବା ସତ୍ତ୍ୱେ ଏବଂ ଚଳିତ ସମ୍ବିଧାନ ଉପରେ ବକ୍ତବ୍ୟ ଦେବାକୁ ଗଲାବେଳେ ଶାସନ ବିଧାୟକ

ସଭାର ସଦସ୍ୟମାନେ ରାଷ୍ଟ୍ରସଂଘ ଶବ୍ଦ ବ୍ୟବହାର କରିଥିବା ସ୍ଥଳେ ୧୯୪୮ ମସିହା ଫେବୃୟାରୀ ମାସରେ ଚଠାକମିଟି ଭାରତପାଇଁ ଏକ 'ଇଉନିୟନ' ଗଠନ କରିବାରେ ବ୍ରତୀ ହୋଇଥିବା ଆଶ୍ଚର୍ଯ୍ୟଜନକ ଜଣାପଡ଼େ । ତେଣୁ ଇତିମଧ୍ୟରେ ମତ ପରିବର୍ତ୍ତନର କାରଣ ଜାଣିବାର ଆବଶ୍ୟକତା ରହିଛି ।

ବାସ୍ତବିକ ଇତ୍ୟବସରରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖାଦେଇଥିଲା । 'ଇଉନିୟନ ସଂବିଧାନ ସମିତି' ବିବରଣୀ ଦେଲାବେଳେ କ୍ୟାବିନେଟ୍‌ମିଶନ ଯୋଜନାର ସର୍ତ୍ତାନୁସାରେ ବିଚାର କରୁଥିଲେ—ପାକିସ୍ତାନର ସୃଷ୍ଟି ହୋଇ ନଥିଲା । ତେଣୁ ଯେ କୌଣସି ମୂଲ୍ୟରେ ଭାରତର ଅଖଣ୍ଡତା ବଜାୟ ରଖିବା ସମିତି ସଭ୍ୟମାନଙ୍କ ଉଦ୍ଦେଶ୍ୟ ଥିଲା ବୋଲି ସେମାନେ 'ରାଷ୍ଟ୍ରସଂଘ' ଶବ୍ଦ ଉପରେ ବିଶେଷ ଜୋର ଦେଇଥିଲେ । ସଂବିଧାନକୁ ବାଧ୍ୟତା-ମୂଳକ କରିବା ଦୃଷ୍ଟିରୁ ଏବଂ ରାଜ୍ୟମାନଙ୍କୁ ବହିର୍ଗମନ ସୁଯୋଗ ନଦେବାପାଇଁ ଏକ ରାଷ୍ଟ୍ରସଂଘର ଆବଶ୍ୟକତା ଥିଲା । ତିନିମାସ ପୂର୍ବରୁ ଉଦ୍ଦେଶ୍ୟମୂଳକ ପ୍ରସ୍ତାବ (Objective Resolution )ରେ ମଧ୍ୟ ଏହି ବିଷୟ ଉପରେ ଜୋର ଦିଆଯାଇଥିଲା । ସେହି ସମୟରେ ପୁଣି ବିଭିନ୍ନ ରାଜନୈତିକ ଦଳ 'ଇଉନିୟନ' ଶବ୍ଦର ବିଭିନ୍ନ ଅର୍ଥ କରୁଥିଲେ । ତେଣୁ ଭବିଷ୍ୟତ ସଂବିଧାନରୁ ଏହି ଭ୍ରମକୁ ଉଠାଇନେବା ବିଧେୟ ବୋଲି ମନେ କରାଯାଇଥିଲା ଏବଂ ରାଷ୍ଟ୍ରସଂଘ ଶବ୍ଦର ଗୁରୁତ୍ୱ ଉପଲବ୍‌ଧି କରାଯାଇଥିଲା ।

କିନ୍ତୁ ଚଠା ସଂବିଧାନ ଉପସ୍ଥାପିତ କରାଗଲାବେଳେ ଭାରତର ରାଜନୈତିକ ବାତାବରଣରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ଦେଖାଯାଇଥିଲା । ଭୟ ଓ ବିଦ୍ରୋହୀଭାବ ପ୍ରକାଶ ପାଇଥିବା ସତ୍ତ୍ୱେ ପାକିସ୍ତାନ ସୃଷ୍ଟି ହୋଇଥିଲା । ଗୋଟିଏ ସୁଦୃଢ଼ କେନ୍ଦ୍ର ଓ ଏକ ଏକୀଭୂତ ଭାରତ ଥିଲା ଭାରତୀୟ ଜନଗଣ ତଥା କଂଗ୍ରେସ ନେତୃବର୍ଗଙ୍କର ଅନେକ ଦିନର ସ୍ୱପ୍ନ । ତେଣୁ ପରେ ପରେ ସଂବିଧାନର କୈନ୍ଦ୍ରିକ ଲକ୍ଷଣ ଉପରେ ଜୋର ଦେବା ହେଲା ସଂବିଧାନ ପ୍ରଣେତାଗଣଙ୍କ ମୁଖ୍ୟ ଉଦ୍ଦେଶ୍ୟ । ଭାରତକୁ ଏକପ୍ରକାର ରାଷ୍ଟ୍ରସଂଘରେ ପରିଣତ କରିବା ସେମାନଙ୍କର ଉଦ୍ଦେଶ୍ୟ ଥିଲେ ସୁଦ୍ଧା, 'ରାଷ୍ଟ୍ରସଂଘ' ଶବ୍ଦର ଅର୍ଥ ଅର୍ଥାନ୍ତର ଯୋଗୁ ଭାରତର ଐକ୍ୟ ପଥରେ ଅନ୍ତରାୟ ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ଥିଲା । ସୁତରାଂ 'ଇଉନିୟନ' ଶବ୍ଦଟି ଉତ୍ତମ ହେବ ବୋଲି ମନେ କରାଯାଇଥିଲା । ଭାରତ ସମେତ କାନାଡ଼ା ଓ ଦକ୍ଷିଣ ଆଫ୍ରିକା ରାଷ୍ଟ୍ରରେ ଇଉନିୟନ ଶବ୍ଦର ବ୍ୟବହାର ଥିବାହେତୁ ସେଠାରେ କେନ୍ଦ୍ର ସରକାର ଅତି ସୁଦୃଢ଼ । ତେଣୁ ୧୯୪୭ ମସିହାରେ 'ରାଷ୍ଟ୍ରସଂଘ' ଶବ୍ଦ ବ୍ୟବହାରର ଯଥାର୍ଥତା ୧୯୪୮ ମସିହାରେ ନଥିଲା ।

କିନ୍ତୁ ଭାରତରେ ଏକପ୍ରକାର ରାଷ୍ଟ୍ରସଂଘ ଗଠିତ ହେଉଛି ବୋଲି ସଂବିଧାନ ପ୍ରଣେତାଗଣ ସଚେତନ ଥିଲେ । କାରଣ ପରିସ୍ଥିତି ଦୃଷ୍ଟିରୁ ତାହା ଅନିବାର୍ଯ୍ୟ ଥିଲା । ତେଣୁ ସଂବିଧାନର ଚଠା ପ୍ରସ୍ତାବର ବିଚାରବେଳେ ଶାସନ ବିଧାୟକ ସଭାରେ ଡ. ଅମ୍ବେଦକର

ଭାଷଣ ପ୍ରସଙ୍ଗରେ କେବଳ ଯେ ଭାରତକୁ ଗୋଟିଏ ରାଷ୍ଟ୍ରସଂଘ ବୋଲି ବର୍ଣ୍ଣନା କରିଥିଲେ ତାହାନୁହେଁ, ସଂବିଧାନରେ ଦ୍ୱୈତ ଶାସନ ଉଲ୍ଲେଖଥିବା କଥା ଏବଂ କେନ୍ଦ୍ର ଓ ଅଙ୍ଗରାଜ୍ୟ-ଗୁଡ଼ିକ ସଂବିଧାନ ଦ୍ୱାରା ପ୍ରଦତ୍ତ ନିଜ ନିଜ କ୍ଷେତ୍ରରେ ସାର୍ବଭୌମତ୍ୱ ଅଧିକାର ପ୍ରୟୋଗ କରିବା ବିଷୟ ମାନି ନେଇଥିଲେ । ଯୁକ୍ତରାଷ୍ଟ୍ର ଆମେରିକାର ବ୍ୟବସ୍ଥା ସହିତ ଭାରତୀୟ ରାଷ୍ଟ୍ରସଂଘକୁ ତୁଳନା କରି ସେ ମତ ଦେଇଛନ୍ତି ଯେ, ଉଭୟଙ୍କ ମଧ୍ୟରେ ସାମଞ୍ଜସ୍ୟ ପରିବର୍ତ୍ତେ ବେଶୀ ବିଭିନ୍ନତା ରହିଛି । ଯୁକ୍ତରାଷ୍ଟ୍ର ଆମେରିକାର ସଂବିଧାନ ରାଷ୍ଟ୍ରସଂଘର ଦୃଢ଼ ବନ୍ଧନରେ ଆବଦ୍ଧ ଥିବାବେଳେ ଭାରତୀୟ ସଂବିଧାନ ସମୟ ଓ ପରିସ୍ଥିତି ବିଚାରରେ ରାଷ୍ଟ୍ରସଂଘୀୟ କିମ୍ବା ଏକକେନ୍ଦ୍ରିକ ହୋଇପାରେ । ଯୁକ୍ତରାଷ୍ଟ୍ର ଆମେରିକାରେ କେନ୍ଦ୍ର ଓ ଅଙ୍ଗରାଜ୍ୟଗୁଡ଼ିକ ଦୃଢ଼ଭାବରେ ଗ୍ରଥିତ ହୋଇ ନଥିବା ସ୍ଥଳେ ଭାରତରେ ଓଲଟା ପ୍ରକୃତି ପରିଲକ୍ଷିତ ହୁଏ । ଅଙ୍ଗରାଜ୍ୟଗୁଡ଼ିକର ଅପସରି ଯିବାର କ୍ଷମତା ନାହିଁ ବୋଲି ତାଙ୍କର ମତ ଥିଲା । ଭାରତରେ ସଂଘୀୟ ବ୍ୟବସ୍ଥାର ପ୍ରଚଳନ ହୋଇଥିଲେ ସୁଦ୍ଧା କେତେକ କ୍ଷେତ୍ରରେ ରାଜ୍ୟ ସରକାରଙ୍କର ସମ୍ପୂର୍ଣ୍ଣ କ୍ଷମତା ଥିବା ସତ୍ତ୍ୱେ ଭାରତୀୟ ସଂବିଧାନ କେତେକ ମୌଳିକ ବିଷୟ ଉପରେ ସାଦୃଶ୍ୟ ରକ୍ଷା କରିବାପାଇଁ ବ୍ୟବସ୍ଥା କରିଛି— ଉଦାହରଣ ସ୍ୱରୂପ, ଦ୍ରଢକାରକ ବ୍ୟବସ୍ଥାରେ ସମସ୍ତ ପ୍ରକାର ବିଭିନ୍ନତା ଦୂର କରିବାପାଇଁ ସମାନ ଦେଓ୍ୱାନୀ ଓ ଫୌଜଦାରୀ ଆଇନ ପ୍ରଚଳନ ଓ ଗୋଟିଏ ସର୍ବଭାରତୀୟ ଉଚ୍ଚତମ ନ୍ୟାୟାଳୟ ( Supreme Court )ର ସୃଷ୍ଟି, ସାମରିକ ଓ ପ୍ରଶାସନିକ କ୍ଷେତ୍ରରେ ସର୍ବଭାରତୀୟ ସେବାସଂସ୍ଥା, ଏକକ ନାଗରିକତ୍ୱ ଇତ୍ୟାଦି ।

ଅନ୍ୟାନ୍ୟ ଦିଗରୁ ବିଚାର କଲେ ବି ଭାରତୀୟ ରାଷ୍ଟ୍ରସଂଘ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରସଂଘ-ଠାରୁ ଭିନ୍ନ । ଯୁକ୍ତରାଷ୍ଟ୍ର ଆମେରିକା ଏକତ୍ରୀକରଣ ପଦ୍ଧତିରେ ସୃଷ୍ଟ, କିନ୍ତୁ ଭାରତୀୟ ରାଷ୍ଟ୍ରସଂଘ ବିଭକ୍ତୀକରଣ ପଦ୍ଧତିରେ ସଙ୍ଗଠିତ ହୋଇଛି । ଭାରତ ଗୋଟିଏ ବୃହତ୍ ରାଷ୍ଟ୍ର ହୋଇଥିବାରୁ ଏଠାରେ ଐକିକ ରାଷ୍ଟ୍ର ସୁଶାସନର ଉପଯୋଗୀ ନୁହେଁ । ଏଠାରେ ବିଭିନ୍ନ ଅଞ୍ଚଳର ଅଧିବାସୀମାନଙ୍କ ମଧ୍ୟରେ ପାର୍ଥକ୍ୟ ଓ ସ୍ୱାତନ୍ତ୍ର୍ୟର ମନୋଭାବ ରହିଛି ଏବଂ ସ୍ୱାୟତ୍ତ-ଶାସନର ଦାବୀ ପ୍ରବଳ ଥିବା ଦୃଷ୍ଟିରୁ ଏହାକୁ ଭାଙ୍ଗି ରାଷ୍ଟ୍ରସଂଘ ଗଠନ କରିବାହିଁ ସମୀଚୀନ ଥିଲା । ତେଣୁ ଭାରତୀୟ ରାଷ୍ଟ୍ରସଂଘକୁ ଅନେକ ସମୟରେ ବିପରୀତମୁଖୀ ରାଷ୍ଟ୍ରସଂଘରୂପେ ମଧ୍ୟ ଅଭିହିତ କରାଯାଏ । ଭାରତରେ ପରସ୍ପର ବିରୋଧୀ ମତବାଦକୁ ନେଇ ରାଷ୍ଟ୍ର-ସଂଘୀୟ ସଂବିଧାନ ପ୍ରଣୀତ ହୋଇଥିବା ହେତୁ ସଂବିଧାନ ପ୍ରଣେତାଗଣଙ୍କ ଭାବ ଓ ଭାଷଣରେ ମଧ୍ୟ ବେଳେବେଳେ ବିଶୃଙ୍ଖଳା ଦେଖାଦେଇଛି । ଡ. ଆମ୍ବେଦକର ଥରେ କହିଥିଲେ "ଅଙ୍ଗରାଜ୍ୟଗୁଡ଼ିକ କେବଳ ଅଙ୍ଗ ବା ପ୍ରତିନିଧି ନୁହଁନ୍ତି, ସେମାନେ କେନ୍ଦ୍ର ସରକାରଙ୍କ ଦ୍ୱାରା ସୃଷ୍ଟ ଏବଂ ପ୍ରତିପାଳିତ ।" କିନ୍ତୁ ସେ ଅନ୍ୟ ଏକ ସ୍ଥାନରେ କହିଛନ୍ତି, "କେନ୍ଦ୍ର ସରକାରଙ୍କ ଅଧୀନସ୍ଥ ଭାବରେ ରାଜ୍ୟ ସରକାରମାନେ କାର୍ଯ୍ୟ କରିବା ଉଚିତ୍ ।" ପଣ୍ଡିତ ନେହେରୁ ସେ'କ ଭାରତୀୟ ସଂବିଧାନ ପ୍ରସଙ୍ଗରେ 'ରାଷ୍ଟ୍ରସଂଘ' ଶବ୍ଦଟିକୁ ବ୍ୟବହାର

ପ୍ରୟୋଗ କରିଥିଲେ, ପରେ ଏକ ଭାଷଣରେ ରାଜ୍ୟଗୁଡ଼ିକୁ କେବଳ 'ପ୍ରଶାସନିକ ଅଙ୍ଗ' ବୋଲି ବର୍ଣ୍ଣନା କରିଛନ୍ତି । ସେହିଭଳି ଆହୁରି ଅନେକ ସଦସ୍ୟ 'ରାଷ୍ଟ୍ରସଂଘ' ଶବ୍ଦଟିକୁ ସ୍ୱେଚ୍ଛାରେ ବ୍ୟବହାର କରିଛନ୍ତି । କେତେକ ଏକ ଦୃଢ଼ କେନ୍ଦ୍ର ଦାବୀ କରୁଥିବାସ୍ଥଳେ ଆଉ କେତେକ ରାଜ୍ୟଗୁଡ଼ିକୁ ପଙ୍ଗୁ କରାଗଲା ବୋଲି ଖେଦ ପ୍ରକାଶ କରିଥିଲେ । ଶାସନବିଧାୟକ ସଭାର ସଭ୍ୟମାନଙ୍କ ମନୋଭାବକୁ ବିଚାର କରି ଡଃ ଦେଶମୁଖ ଜଣେ ସଦସ୍ୟଙ୍କ ସହ ଏକ-ମତ ହୋଇ ବିଶ୍ୱାସ କରିଛନ୍ତି ଯେ, 'ସଂବିଧାନ ରାଷ୍ଟ୍ରସଂଘୀୟ ନୁହେଁ, କିମ୍ବା ଐକିକ ନୁହେଁ, ଶତକଡ଼ା ୭୫ ଭାଗ ଐକିକ ଓ ଶତକଡ଼ା ୨୫ ଭାଗ ରାଷ୍ଟ୍ରସଂଘୀୟ'' ।

ସାଧାରଣତଃ ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥାରେ ତିନୋଟି ବ୍ୟବସ୍ଥା ଥିବାକଥା ଆଗରୁ ଉଲ୍ଲେଖ କରାଯାଇଛି । ଏହି ତିନୋଟି ବୈଶିଷ୍ଟ୍ୟ ହେଲା:—କେନ୍ଦ୍ର ଓ ଅଙ୍ଗରାଜ୍ୟ ମଧ୍ୟରେ ଶାସନକ୍ଷମତା ବଣ୍ଟନ; ଲିଖିତ ଓ ଦୁଷ୍ପରିବର୍ତ୍ତନୀୟ ସଂବିଧାନ ଏବଂ ସଂବିଧାନର ଭାରସାମ୍ୟ ବଜାୟ ରଖିବା ଏବଂ କେନ୍ଦ୍ର ଓ ଅଙ୍ଗରାଜ୍ୟ ମଧ୍ୟରେ କ୍ଷମତାଲାଗି ବିବାଦ ବିସଂବାଦର ମୀମାଂସା କରିବାପାଇଁ ଗୋଟିଏ ସର୍ବୋଚ୍ଚ ନ୍ୟାୟାଳୟ । ଭାରତୀୟ ସଂବିଧାନରେ ଏହି ତିନିଗୋଟି ବୈଶିଷ୍ଟ୍ୟ ରହିଛି । ଏଠାରେ ଶାସନ କ୍ଷମତା କେନ୍ଦ୍ର ଓ ଅଙ୍ଗରାଜ୍ୟମାନଙ୍କ ମଧ୍ୟରେ ସଂବିଧାନ ଦ୍ୱାରା ବଣ୍ଟନ କରାଯାଇଛି; ଭାରତୀୟ ସଂବିଧାନର କ୍ଷମତା ବଣ୍ଟନ ସଂକ୍ରାନ୍ତୀୟ ଅଂଶଟିକୁ ଦୁଷ୍ପରିବର୍ତ୍ତନୀୟ କରାହୋଇଛି ଏବଂ ଭାରତର ରାଷ୍ଟ୍ରସଂଘୀୟ ନ୍ୟାୟାଳୟର ପ୍ରାଧାନ୍ୟ ଏକ ପ୍ରକାର ସ୍ୱୀକୃତ ହୋଇଛି । ସୁତରାଂ ସାଧାରଣତଃ ଭାରତକୁ ରାଷ୍ଟ୍ରସଂଘ କୁହାଯାଏ । କିନ୍ତୁ ସଂବିଧାନର ଧାରା ଗୁଡ଼ିକର ବିଶଦ ବିଶ୍ଳେଷଣ କଲେ ସଂବିଧାନର କେନ୍ଦ୍ରାଭିମୁଖୀ ବୈଶିଷ୍ଟ୍ୟଗୁଡିକ ରାଷ୍ଟ୍ରସଂଘୀୟ ବୈଶିଷ୍ଟ୍ୟ ତୁଳନାରେ ବେଶୀଥିବାରୁ ଏହା ଐକିକ ସଂବିଧାନ ପରି ମନେ ହୁଏ ।

ନିମ୍ନରେ ଭାରତୀୟ ରାଷ୍ଟ୍ରସଂଘର କେନ୍ଦ୍ରପ୍ରବଣତାର ବିଷୟ ବିଶଦ ଆଲୋଚନା କରାଯାଇଛି । ଅବଶ୍ୟ ଏହାର କେତୋଟି ବିଷୟ ସଂବିଧାନର ବୈଶିଷ୍ଟ୍ୟ ଆଲୋଚନା କଲାବେଳେ ଦର୍ଶାଯାଇଛି ।

ବ୍ୟବସ୍ଥାପକ କ୍ଷେତ୍ରରେ କେନ୍ଦ୍ରପ୍ରବଣତା

(୧) ଭାରତୀୟ ସଂବିଧାନରେ କ୍ଷମତା ବଣ୍ଟନରେ ସାମାନ୍ୟ ସ୍ୱାତନ୍ତ୍ର୍ୟ ଅଛି । ରାଷ୍ଟ୍ରସଂଘରେ ସାଧାରଣତଃ ଦୁଇଟି ପଦ୍ଧତିରେ ଶାସନ-କ୍ଷମତା ବଣ୍ଟନ କରାଯାଏ । (କ) କେତେକ ନିର୍ଦ୍ଦିଷ୍ଟ କ୍ଷମତା କେନ୍ଦ୍ରକୁ ଅର୍ପିତହୋଇ ଅବଶିଷ୍ଟ କ୍ଷମତା ଅଙ୍ଗରାଜ୍ୟଗୁଡ଼ିକୁ ଦିଆଯାଏ; କିମ୍ବା (ଖ) କେତେଗୋଟି ନିର୍ଦ୍ଦିଷ୍ଟ କ୍ଷମତା ଅଙ୍ଗରାଜ୍ୟଗୁଡ଼ିକୁ ଅର୍ପିତ ହୋଇ ଅବଶିଷ୍ଟ କ୍ଷମତାକେନ୍ଦ୍ରକୁ ଦିଆଯାଏ । ଯୁକ୍ତରାଷ୍ଟ୍ର ଆମେରିକା ଓ ଅଷ୍ଟ୍ରେଲିଆରେ କେନ୍ଦ୍ର ସରକାରଙ୍କ କ୍ଷମତା ନିର୍ଦ୍ଦିଷ୍ଟ କରିଦିଆଯାଇଛି ଏବଂ ରାଜ୍ୟଗୁଡ଼ିକପାଇଁ ଅବଶିଷ୍ଟ କ୍ଷମତା ସଂରକ୍ଷିତ ରହିଛି । ଅନ୍ୟପକ୍ଷରେ କାନାଡ଼ାରେ ପ୍ରାଦେଶିକ ସରକାରଙ୍କ କ୍ଷମତା ସୀମିତ ହୋଇ ଅବଶିଷ୍ଟ କ୍ଷମତାକୁ

କେନ୍ଦ୍ର ଠାରେ ନ୍ୟସ୍ତ କରାଯାଇଛି । ଅବଶ୍ୟ ଶାସନଗତ ସୁବିଧା ପାଇଁ କେନ୍ଦ୍ରର କେତେଗୁଡ଼ିଏ କ୍ଷମତା ସମ୍ବିଧାନରେ ବର୍ଣ୍ଣନା କରିଦିଆଯାଇଛି ଏବଂ ପ୍ରଦେଶଗୁଡ଼ିକୁ ନିର୍ଦ୍ଦିଷ୍ଟ କ୍ଷମତା ପ୍ରଦତ୍ତ ହୋଇଅଛି । କୃଷି ଓ ବିଦେଶାଗମନ ବ୍ୟବସ୍ଥା ବ୍ୟତୀତ ଅନ୍ୟ କୌଣସି ବିଷୟରେ ଯୁଗ୍ମତାଲିକା ନାହିଁ । ଜର୍ମାନୀର ରାଷ୍ଟ୍ରସଂଘ ବ୍ୟବସ୍ଥାରେ ମଧ୍ୟ କେବଳ କେନ୍ଦ୍ରର କ୍ଷମତାବଳୀକୁ ନିର୍ଦ୍ଦିଷ୍ଟ କରାଯାଇଛି ଏବଂ ଅବଶିଷ୍ଟ ଅନିର୍ଦ୍ଦିଷ୍ଟ କ୍ଷମତାମାନ ଅଙ୍ଗରାଜ୍ୟଗୁଡ଼ିକୁ ପ୍ରଦତ୍ତ ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକାରେ ରାଜ୍ୟଗୁଡ଼ିକର କ୍ଷମତା ପରିସର ବିଷୟରେ ନିଷେଧ ବ୍ୟବସ୍ଥା ଥିବାପରି ଜର୍ମାନୀରେ କେବଳ କେନ୍ଦ୍ର ଆଇନଗୁଡ଼ିକୁ ରାଜ୍ୟ ଆଇନକୁ ଅତିକ୍ରମ କରିପାରିବା ବ୍ୟବସ୍ଥା ହୋଇଛି । ଯୁକ୍ତରାଷ୍ଟ୍ର ଆମେରିକାରେ କଂଗ୍ରେସକୁ ମଧ୍ୟ ଅନୁରୂପ କ୍ଷମତା ଦିଆଯାଇଛି ।

ଭାରତୀୟ ସମ୍ବିଧାନ କ୍ଷମତା ବଣ୍ଟନ ବିଷୟରେ ଉପରୋକ୍ତ ଦୁଇ ପ୍ରକାରର ପଦ୍ଧତି ମଧ୍ୟରୁ କୌଣସି ଗୋଟିକୁ ଅନୁସରଣ କରିନାହିଁ । ୧୯୩୫ ମସିହାର ଭାରତ ଶାସନ ଆଇନକୁ ଅନୁସରଣ କରି ସମ୍ବିଧାନ କ୍ଷମତା ଶୀର୍ଷକଗୁଡ଼ିକୁ ତିନୋଟି ବିସ୍ତୃତ ତାଲିକା— ଯଥା :-ସଂଘ ତାଲିକା, ରାଜ୍ୟ ତାଲିକା ଓ ଯୁଗ୍ମ ତାଲିକା ମାଧ୍ୟମରେ ନିର୍ଦ୍ଦିଷ୍ଟ ଭାବରେ ବାଣ୍ଟି ଦେଇଛି । ଏହି ତିନୋଟି ତାଲିକାର ବହିର୍ଭୂତ ଅବଶିଷ୍ଟ କ୍ଷମତା କାନାଡ଼ା ଭଳି କେନ୍ଦ୍ର ସରକାରଙ୍କଠାରେ ନ୍ୟସ୍ତ ହୋଇଛି । କିନ୍ତୁ ୧୯୩୫ ମସିହା ଭାରତ ଶାସନ ଆଇନରେ ଏପରି ବ୍ୟବସ୍ଥା ପ୍ରଚଳନର କାରଣ ଥିଲା, ସୁଦୃଢ଼ କେନ୍ଦ୍ର ଓ ସୁଦୃଢ଼ ରାଜ୍ୟ-ପାଇଁ ଦାବୀ କରୁଥିବା ହିନ୍ଦୁ ଓ ମୁସଲମ ସଂପ୍ରଦାୟର ପରସ୍ପର ବିରୋଧୀ ମତ ମଧ୍ୟରେ ସମନ୍ୱୟ ପ୍ରଚେଷ୍ଟା କରିବା । ଇଂରେଜ ସରକାର ରାଜ୍ୟମାନଙ୍କ ଉପରେ ପ୍ରାଥମିକ ନିୟନ୍ତ୍ରଣ ବିସ୍ତାର କରି ଭାରତ ଶାସନ ବ୍ୟବସ୍ଥାର ଏକୀକରଣ ପାଇଁ କେନ୍ଦ୍ର ଏବଂ ରାଜ୍ୟଗୁଡ଼ିକ ମଧ୍ୟରେ କ୍ଷମତା ବଣ୍ଟନ କରିବା ସଙ୍ଗେ ସଙ୍ଗେ ଏକ ଯୁଗ୍ମତାଲିକାର ବ୍ୟବସ୍ଥା କରିଥିଲେ । ପୁଣି ଅବଶିଷ୍ଟ କ୍ଷମତା ଗଭର୍ଣ୍ଣର-ଜେନେରାଲଙ୍କ ହାତରେ ନ୍ୟସ୍ତଥିଲା, କାରଣ ସେ ଚାହିଁଲେ ନିଜ ଇଚ୍ଛାମୁତାବକ କେନ୍ଦ୍ର ବା ରାଜ୍ୟଗୁଡ଼ିକୁ ନୂତନ ଦାୟିତ୍ୱ ଦେଇପାରିବେ । ବ୍ରିଟିଶ ସଂସଦର ମିଳିତ କମିଟି (The Joint Parliamentary Se'ect Committee) ୧୯୩୫ ମସିହା ଭାରତ ଶାସନ ଆଇନ ବିଷୟରେ ନିଜ ବିବରଣୀରେ ଯୁଗ୍ମତାଲିକା ସପକ୍ଷରେ ନିମ୍ନଲିଖିତ କାରଣ ଉଲ୍ଲେଖ କରିଥିଲେ, କ-ଉକ୍ତ ତାଲିକା ସାହାଯ୍ୟରେ ସଂଘ ସରକାର (Federal Government) ରାଜ୍ୟ ବିଧାନ ସଭାଗୁଡ଼ିକ ମଧ୍ୟରେ ସାଦୃଶ୍ୟ ପ୍ରତିଷ୍ଠା କରିପାରିବେ, ଖ-ପ୍ରତିଯୋଗୀତାମୂଳକ ଆଇନ ପ୍ରଣୟନ ଦ୍ୱାରା ଆନ୍ତଃ-ପ୍ରାଦେଶିକ ବିଭ୍ରାଟକୁ ଦୂର କରାଯାଇ ପାରିବ ଏବଂ ଗ-ଆଳସ୍ୟପରାୟଣ ରାଜ୍ୟଗୁଡ଼ିକର ନିଦ୍ରାଳୁ ପ୍ରବୃତ୍ତି ଦୂର କରାଯାଇପାରିବ । କମିଟି ଯେଉଁ କେତେକ ବିଷୟ କେନ୍ଦ୍ର ବା ରାଜ୍ୟମାନଙ୍କ ଉପରେ ସମ୍ପୂର୍ଣ୍ଣ ନ୍ୟସ୍ତ କରାଯାଇ ପାରିବନାହିଁ; ସେହି ବିଷୟ-ଗୁଡ଼ିକ ଉପରେ ପ୍ରାଦେଶିକ ବିଧାନ ସଭା ଦ୍ୱାରା ଆଇନ ପ୍ରଣୀତ ହେବାର ଆବଶ୍ୟକତା ଥିଲେ ସୁଦ୍ଧା ସମଗ୍ର ଦେଶରେ ଅନେକ କ୍ଷେତ୍ରରେ ଆଇନର ମୁଖ୍ୟ ନୀତିଗୁଡ଼ିକ ମଧ୍ୟରେ

ସାମ୍ୟ ପ୍ରତିଷ୍ଠା କରିବା ପାଇଁ ଅନ୍ୟ କେତେକ କ୍ଷେତ୍ରରେ ପ୍ରାଦେଶିକ ପଦକ୍ଷେପକୁ ଉତ୍ସାହିତ ଓ ନିୟନ୍ତ୍ରିତ କରିବାପାଇଁ ଏବଂ ଅନ୍ୟ କେତେକ ସ୍ଥଳରେ ଗୋଟିଏ ପ୍ରଦେଶରେ ସୃଷ୍ଟି ହୋଇ ଅନ୍ୟ ପ୍ରଦେଶକୁ ବ୍ୟାପିଥିବା ବା ବ୍ୟାପିବାର ଆଶଙ୍କା ଥିବା ଗଣ୍ଡଗୋଳର ପ୍ରତିକାର ନିମିତ୍ତ କେନ୍ଦ୍ର ବିଧାନ ହସ୍ତରେ ବିଧାୟକ ଅଧିକାର ( Legis'ative Jurisdic-tion ) ରହିବା ପ୍ରୟୋଜନ ବୋଲି ସମିତି ଦର୍ଶାଇଥିଲେ । ତେଣୁ ନୂତନ ସଂବିଧାନ ପ୍ରଣୟନ ହେବା ପୂର୍ବରୁ ଶାସନ ବିଧାୟକ ସଭାରେ ଗୋଟିଏ ବା ଦୁଇଟି ତାଲିକା ରହିବା ସମ୍ପର୍କରେ ଦୀର୍ଘ ସମୟ ତର୍କବିତର୍କ ଲାଗିଥିଲେ ମଧ୍ୟ ପରିଶେଷରେ ପୂର୍ବାବସ୍ଥାକୁ ବଜାୟ ରଖିବା ପାଇଁ ସ୍ଥିର ହୋଇଥିଲା । ତେଣୁ ସଂବିଧାନର କ୍ଷମତା ବଣ୍ଟନ ବ୍ୟବସ୍ଥା ୧୯୩୫ ମସିହା ଭାରତ ଶାସନ ଆଇନର ଅନୁରୂପ ବୋଲି କୁହାଯାଇପାରେ । ସଂବିଧାନର ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ତାଲିକାର ଅନ୍ତର୍ଗତ ୯୭ଟି ବିଷୟ ଉପରେ ଆଇନ ତିଆରି କରିବା ଲାଗି ସଂସଦର ପୂର୍ଣ୍ଣ ଅଧିକାର ରହିଛି । ରାଜ୍ୟ ତାଲିକା ଅନ୍ତର୍ଭୁକ୍ତ ୬୬ଟି ବିଷୟରେ ରାଜ୍ୟ ବିଧାନ ସଭାଗୁଡ଼ିକ ଆଇନ ପ୍ରଣୟନ କରିପାରିବେ । ଅବଶ୍ୟ ବର୍ତ୍ତମାନ ରାଜ୍ୟ ତାଲିକାରେ ୬୫ଟି ବିଷୟ ରହିଛି, କାରଣ '୩୬' ନମ୍ବର ବିଷୟଟିକୁ ସପ୍ତମ ସଂଶୋଧନ ଆଇନଦ୍ୱାରା ସ୍ଥାନାନ୍ତରିତ କରାଯାଇଛି । ମିଶ୍ର ତାଲିକାରେ ଲିଖିତ ୪୭ ଗୋଟି ବିଷୟରେ ଆଇନ ପ୍ରଣୟନ କରିବା କ୍ଷମତା ଉଭୟ ସଂସଦ ଓ ରାଜ୍ୟ ବିଧାନ ସଭାଗୁଡ଼ିକଠାରେ ନ୍ୟସ୍ତ ରହିଛି । ଏହି କ୍ଷମତା ବଣ୍ଟନ ବ୍ୟତୀତ କୌଣସି ରାଜ୍ୟ ଭିତରେ ଅନ୍ତର୍ଭୁକ୍ତ ନ ହୋଇଥିବା ଅଞ୍ଚଳଗୁଡ଼ିକ ପାଇଁ ଆଇନ ପ୍ରଣୟନ କରିବା କ୍ଷମତା ସଂସଦର ଅଛି । ଅଧିକନ୍ତୁ ମଧ୍ୟ ସଂସଦ ନିଜ ଅଞ୍ଚଳ ବହିର୍ଭୂତ ବ୍ୟାପାରରେ ଆଇନ ପ୍ରଣୟନ କରିବା-ପାଇଁ ସମର୍ଥ ।

ରାଜ୍ୟବିଧାନସଭାଗୁଡ଼ିକର ବ୍ୟବସ୍ଥାପିକା ଶକ୍ତି ପାର୍ଲାମେଣ୍ଟଦ୍ୱାରା ନିୟନ୍ତ୍ରିତ ହୁଏ । ଏହି ବ୍ୟବସ୍ଥାଗୁଡ଼ିକ ୧୯୩୫ ଭାରତ ଶାସନ ଆଇନ ଅନୁସରଣରେ କରାଯାଇଛି । ଉକ୍ତ ଆଇନର ସୀମା ନିର୍ଦ୍ଧାରଣ ଶକ୍ତିକୁ ବର୍ଣ୍ଣନା କରିବାକୁ ଯାଇ ଭାରତର ପୁରୁଣା ରାଷ୍ଟ୍ରସଂଘୀୟ ନ୍ୟାୟାଳୟ ମତ ଦେଇଛନ୍ତି ଯେ, କେନ୍ଦ୍ର ବିଧାନସଭାର ପ୍ରଥମ ଓ ତୃତୀୟ ତାଲିକା ଉପରେ ଆଇନ ପ୍ରଣୟନ କରିବାର ସମ୍ପୂର୍ଣ୍ଣ କ୍ଷମତା ରହିଛି । ପ୍ରଥମ ତାଲିକାରେ ଅନ୍ତର୍ଭୁକ୍ତ ବିଷୟ ଗୁଡିକୁ ବାଦ୍‌ଦେଇ ଦ୍ୱିତୀୟ ତାଲିକାରେ ଥିବା ସମସ୍ତ ବିଷୟ ଉପରେ ପ୍ରାଦେଶିକ ବିଧାନସଭାର ପୂର୍ଣ୍ଣକ୍ଷମତା ରହିଛି । ସୁତରାଂ ପ୍ରଥମ ଓ ତୃତୀୟ ତାଲିକା ସମ୍ପର୍କରେ କେନ୍ଦ୍ର ବିଧାନସଭାର ପ୍ରାଧାନ୍ୟ ପ୍ରତିଷ୍ଠା ହୋଇଛି । ଏହି ବିଷୟ ଉପରେ ପ୍ରିଭି କାଉନ୍‌ସିଲ ମତ-ଦେଇଛନ୍ତି ଯେ, କେନ୍ଦ୍ର ଓ ପ୍ରଦେଶମାନେ ବିବାଦର ସମ୍ମୁଖୀନ ହେଲେ, ଦ୍ୱିତୀୟ ଓ ତୃତୀୟ ତାଲିକା ଉପରେ ପ୍ରଥମ ତାଲିକାର ପ୍ରାଧାନ୍ୟ ଏବଂ ଦ୍ୱିତୀୟ ତାଲିକା ଉପରେ ତୃତୀୟ ତାଲିକାର ପ୍ରାଧାନ୍ୟ ସ୍ୱୀକୃତ ହୋଇଥାଏ । କିନ୍ତୁ ଉକ୍ତ ପ୍ରାଧାନ୍ୟ ଯୋଗୁ ପ୍ରାଦେଶିକ ବିଧାନସଭାଗୁଡ଼ିକର ଆଇନ ପ୍ରଣୟନ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୁଏନାହିଁ । ସଂବିଧାନର

୨୪୬ ଧାରାରେ ଭାଷାରେ ଉକ୍ତ ଉପାଦାନ ରହିଛି । ଏଥିରେ କୁହାଯାଇଛି ଯେ, ରାଜ୍ୟ ଓ ଯୁଗ୍ମ ତାଲିକାରେ ଅନ୍ତର୍ଭୁକ୍ତ ବିଷୟଗୁଡ଼ିକ ସମ୍ବନ୍ଧେ କେନ୍ଦ୍ର ତାଲିକାର ପ୍ରାଧାନ୍ୟ ରହିଥିବା ସ୍ଥଳେ ରାଜ୍ୟ ବିଧାନସଭାଗୁଡ଼ିକର ବିଧାୟିକା କ୍ଷମତା କେନ୍ଦ୍ର ଓ ଯୁଗ୍ମ ତାଲିକାର ବିଷୟକୁ କ୍ଷୁଣ୍ଣ ନ କଲାଭଳି ପ୍ରୟୋଗ କରାଯାଇ ପାରିବ । ୧୯୩୫ ମସିହା ଭାରତ ଶାସନ ଆଇନ ଅନୁସାରେ ସଂସଦ ଅବଶିଷ୍ଟ କ୍ଷମତା ଉପଭୋଗ ନ କରୁଥିଲେ ସୁଦ୍ଧା ଅଧିକ ଶକ୍ତିଶାଳୀ ହୋଇଥିଲା । ବର୍ତ୍ତମାନ ପାର୍ଲିମେଣ୍ଟ ହାତରେ ୨୪୮ ଅନୁଚ୍ଛେଦ ଅନୁଯାୟୀ ଅବଶିଷ୍ଟ କ୍ଷମତା ପ୍ରୟୋଗ କରିବା କ୍ଷମତା ଥିବାରୁ ପାର୍ଲିମେଣ୍ଟ ଅଧିକତର ଶକ୍ତିଶାଳୀ ହୋଇଛି ।

ଏହି ବଣ୍ଟନ ବ୍ୟବସ୍ଥା କେନ୍ଦ୍ରକୁ ମହାସ୍ଥାନ କରିଛି । ତାଛଡ଼ା ସଂସଦୀୟ ପ୍ରାଧାନ୍ୟ ପାଇଁ ବିସ୍ତୃତ ପରିସର ସଂବିଧାନରେ ରହିଛି । ସଂବିଧାନର ବିବିଧ ଧାରାରେ ବିଭିନ୍ନ ସମୟରେ ରାଜ୍ୟତାଲିକାଭୁକ୍ତ ବିଷୟଗୁଡ଼ିକ ସଂପର୍କରେ ମଧ୍ୟ ପାର୍ଲିମେଣ୍ଟକୁ ଆଇନପ୍ରଣୟନ କରିବାର କ୍ଷମତା ଅର୍ପଣ କରାଯାଇଛି । ଯଥା—ଆନ୍ତର୍ଜାତିକ ଚୁକ୍ତିକୁ କାର୍ଯ୍ୟକାରୀ କରିବା-ପାଇଁ ପାର୍ଲିମେଣ୍ଟ ଯେ କୌଣସି ବିଷୟରେ ଆଇନ ପ୍ରଣୟନ କରିବାକୁ ସମର୍ଥ । ସମ୍ବିଧାନର ୨୪୯ ଧାରାରେ କୁହାଯାଇଛି ଯେ, ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟତାଲିକାନ୍ତର୍ଭୁକ୍ତ ନିର୍ଦ୍ଦିଷ୍ଟ ବିଷୟ ସଂପର୍କରେ ପାର୍ଲିମେଣ୍ଟ ଆଇନ କରିବାର ପ୍ରୟୋଜନୀୟତା ଉପଲବ୍ଧି କରି ରାଜ୍ୟସଭା ଉପସ୍ଥିତ ଭୋଟ ପ୍ରଦାନକାରୀ ସଦସ୍ୟମାନଙ୍କର ଦୁଇତୃତୀୟାଂଶ ସଭ୍ୟଙ୍କ ସମର୍ଥନରେ ପ୍ରସ୍ତାବ ଗ୍ରହଣ କଲେ ପାର୍ଲିମେଣ୍ଟ ଏହି ବିଷୟରେ ଆଇନ କରିପାରେ । ରାଜ୍ୟ ତାଲିକାରେ ଅନ୍ତର୍ଭୁକ୍ତ ବାଣିଜ୍ୟ, ଯୋଗାଣ, ମାଲପତ୍ର ବଣ୍ଟନ, ଦ୍ରବ୍ୟାଦି ସହିତ ସଂପୃକ୍ତ ୨୬ ଏବଂ ୨୭ ବିଷୟ ଉପରେ ପାର୍ଲିମେଣ୍ଟ ଆଇନ ପ୍ରଣୟନ କରନ୍ତୁ ବୋଲି ଏକ ପ୍ରସ୍ତାବ ଅସ୍ଥାୟୀ ଏକ କକ୍ଷୀୟ ସଂସଦରେ ଗୃହୀତ ହୋଇଥିଲା, ଏବଂ ତାହା ପ୍ରତିବର୍ଷ ପୁନର୍ନବୀକରଣ ପ୍ରଥାଦ୍ୱାରା ୧୯୫୪ ମସିହା ପର୍ଯ୍ୟନ୍ତ ବଳବତ୍ତର ରହିଥିଲା । ଏଠି ସୂଚେଇ ଦିଆଯାଇପାରେ ଯେ ଯେଉଁ କ୍ଷମତା ରାଜ୍ୟ ସରକାରଙ୍କୁ ଦିଆଯାଇଛି, ତାହା କେବଳ ଏକ ବର୍ଷପାଇଁ । ତାକୁ ଅଧିକ ସମୟ ପାଇଁ ବଳବତ୍ତର କରିବାକୁ ପ୍ରତିବର୍ଷ ପ୍ରସ୍ତାବର ନବୀକରଣ ଆବଶ୍ୟକ ହୁଏ ।

ପୁଣି ଜରୁରୀକାଳୀନ ଅବସ୍ଥାରେ ସଂବିଧାନର ୨୫୦ ଅନୁଚ୍ଛେଦ ଭିତ୍ତିରେ ରାଜ୍ୟ ତାଲିକାନ୍ତର୍ଭୁକ୍ତ ଯେ କୌଣସି ବିଷୟ ଉପରେ ସମସ୍ତ ଭାରତବର୍ଷ ପାଇଁ ଆଇନ ତିଆରି କରିବା କ୍ଷମତା ପାର୍ଲିମେଣ୍ଟର ରହିଛି । ସମଗ୍ର ଦେଶ ବା ଏହାର କୌଣସି ଅଂଶ ଯେତେବେଳେ ବାହ୍ୟ ଆକ୍ରମଣ ବା ଆଭ୍ୟନ୍ତରୀଣ ଗଣ୍ଡଗୋଳ ଭଳି ଆପଦ୍‌କାଳୀନ ଅବସ୍ଥାର ସମ୍ମୁଖୀନ ହୁଏ ଓ ସେପରି ହେବାର ଆଶଙ୍କା ଥାଏ ସେତେବେଳେ କେନ୍ଦ୍ରମନ୍ତ୍ରିମଣ୍ଡଳର ପରାମର୍ଶ ଅନୁଯାୟୀ ରାଷ୍ଟ୍ରପତି ଜରୁରୀକାଳୀନ ଅବସ୍ଥା ଘୋଷଣା କରନ୍ତି । ସେତେବେଳେ ରାଜ୍ୟ ତାଲିକାଟି ମିଳିତ ତାଲିକାରେ ସଂଯୁକ୍ତ ହୋଇଯିବା ପରି ଥାଏ ।

ସଂବିଧାନର ବିବିଧ ଧାରାରେ ବିଭିନ୍ନ ସମୟରେ ରାଜ୍ୟତାଲିକାଭୁକ୍ତ ବିଷୟଗୁଡ଼ିକ ସମ୍ପର୍କରେ ଆଇନ ପ୍ରଣୟନ କରିବାର କ୍ଷମତା ପାର୍ଲାମେଣ୍ଟକୁ ଦିଆଯାଇଛି । ଉଦାହରଣ ସ୍ୱରୂପ ଆନ୍ତର୍ଜାତିକ ଚୁକ୍ତିକୁ କାର୍ଯ୍ୟକାରୀ କରିବାପାଇଁ ପାର୍ଲାମେଣ୍ଟ ଯେ କୌଣସି ବିଷୟ ସମ୍ପର୍କରେ ଆଇନ ପ୍ରଣୟନ କରିବାକୁ ସମର୍ଥ ।

ରାଜ୍ୟ ଆଇନସଭା ଗୁଡ଼ିକର ବିଧାୟିକା କ୍ଷମତାକୁ ଏକତରଫାଭାବେ ସୀମିତ କରିବା ବ୍ୟବସ୍ଥାକୁ ବାଦଦେଲେ ସଂବିଧାନରେ ରାଜ୍ୟମାନଙ୍କଦ୍ୱାରା କ୍ଷମତାର ସ୍ୱେଚ୍ଛାକୃତ ସମର୍ପଣର ବି ବ୍ୟବସ୍ଥା ରହିଛି । ୨୫୨ ଅନୁଚ୍ଛେଦରେ କୁହାଯାଇଛି ଯେ, ଯଦି ଦୁଇ ବା ତତୋଧିକ ରାଜ୍ୟର ବିଧାନସଭାର ହୃଦ୍‌ବୋଧ ହୁଏ ଯେ, ରାଜ୍ୟ ତାଲିକାରେ ଥିବା କୌଣସି ବିଷୟରେ ସଂସଦ ଆଇନ ପ୍ରଣୟନ କରିବା ଉଚିତ, ତେବେ ସଂପୃକ୍ତ ବିଧାନ ସଭାରେ ସେହି ବିଷୟରେ ପ୍ରସ୍ତାବ ଗୃହୀତ ହେଲେ ସଂସଦ ଆଇନ ସଙ୍ଗତ ଭାବରେ ତାହା କରିପାରେ । ପରେ ପରେ ଅନ୍ୟାନ୍ୟ ରାଜ୍ୟ ଯଦି ଅନୁରୂପ ପ୍ରସ୍ତାବ ଗ୍ରହଣ କରନ୍ତି ତେବେ ସେହି ସଂସଦୀୟ ଆଇନ ଉକ୍ତ ରାଜ୍ୟଗୁଡ଼ିକରେ ବି ଲାଗୁହେବ । ସଂସଦର ସେହିଭଳି ଆଇନ ରାଜ୍ୟ ଆଇନଦ୍ୱାରା ସଂଶୋଧିତ ହୋଇପାରିବ ନାହିଁ । ରାଷ୍ଟ୍ରସଂଘୀୟ ବ୍ୟବସ୍ଥାକୁ ମୂଲ୍ୟହୀନ କରିବାପାଇଁ ଏହା ଏକ ନିର୍ଦ୍ଧାରିତ ବ୍ୟବସ୍ଥା, କାରଣ ଅଧିକାଂଶ ରାଜ୍ୟରେ ଗୋଟିଏ ରାଜନୈତିକ ଦଳ ଏବଂ ଅଳ୍ପ ସଂଖ୍ୟକ ରାଜ୍ୟରେ ଭିନ୍ନ ରାଜନୈତିକ ଦଳ କ୍ଷମତାସୀନ ଥିଲେ କେନ୍ଦ୍ରରେ କ୍ଷମତାରେ ଥିବା ରାଜନୈତିକ ଦଳ ପ୍ରତି ଅନୁଗତ ରାଜ୍ୟଗୁଡ଼ିକ ସ୍ୱେଚ୍ଛାକୃତ ଭାବରେ ବା କେନ୍ଦ୍ରର ଇଙ୍ଗିତରେ ଏହି ବିଧାୟିକା କ୍ଷମତା ସଂସଦକୁ ଦେଇ ସଂଘୀୟ ବ୍ୟବସ୍ଥାକୁ ବିକଳାଙ୍ଗ କରି ଦେଇପାରନ୍ତି । ଅବଶ୍ୟ ଏହିଭଳି ଆଇନ ଅନୁରୋଧକାରୀ ରାଜ୍ୟଗୁଡ଼ିକ କ୍ଷେତ୍ରରେ ହିଁ ପ୍ରଯୁଜ୍ୟ ହୁଏ ଏବଂ ସଂସଦର ଏହି କ୍ଷମତା ରାଜ୍ୟଗୁଡ଼ିକ ଦ୍ୱାରା ପ୍ରଦତ୍ତ ହୋଇଥିବା ହେତୁ ଏହାକୁ ରାଜ୍ୟତାଲିକା ଉପରେ ହସ୍ତକ୍ଷେପ ବୋଲି ଧରାଯାଏ ନାହିଁ ।

ପୃଥିବୀର ଅନ୍ୟାନ୍ୟ ରାଷ୍ଟ୍ରସଂଘ ଭଳି ଭାରତୀୟ ରାଷ୍ଟ୍ରସଂଘରେ ସ୍ପଷ୍ଟ ପ୍ରଦତ୍ତ ( assigned ) ଓ ପ୍ରାପ୍ତ ( derived ) କ୍ଷମତା ବଳରେ ପ୍ରଣୀତ ସଂସଦୀୟ ଆଇନ ବିଧାନସଭା-ପ୍ରଣୀତ ଆଇନଠାରୁ ଗୁରୁତର ବୋଲି ବିବେଚିତ ହେବା ବ୍ୟବସ୍ଥା ଅଛି । ସଂସଦର ଏହି ଆଧିପତ୍ୟ ନିହିତ ଓ ପ୍ରାସଙ୍ଗିକ କ୍ଷମତା ଉପରେ ପ୍ରତିଷ୍ଠିତ । ଏହା ହେଉଛି ସ୍ୱାଭାବିକ ବ୍ୟବସ୍ଥା, କିନ୍ତୁ କେତେକ କ୍ଷେତ୍ରରେ ବିଶେଷକରି ୩୧ ଧାରାରେ ଥିବା ସମ୍ପତ୍ତିଗତ ଅଧିକାରର ନିୟନ୍ତ୍ରଣ ସଂକ୍ରାନ୍ତରେ, ରାଜ୍ୟ ବିଧେୟକଗୁଡ଼ିକୁ ସ୍ୱୀକୃତ ଦେବା କ୍ଷମତା ରାଜ୍ୟପାଳଙ୍କ ହାତରେ ନରହି ରାଷ୍ଟ୍ରପତିଙ୍କ ହାତରେ ଅଛି । ପାର୍ଲାମେଣ୍ଟର ସବୁ ବିଧେୟକ ରାଷ୍ଟ୍ରପତିଙ୍କ ସ୍ୱୀକୃତି ଫଳରେ ହିଁ ଆଇନରେ ପରିଣତ ହୋଇପାରେ । ପାର୍ଲାମେଣ୍ଟଦ୍ୱାରା ପ୍ରଣୀତ କୌଣସି ଆଇନ ରାଷ୍ଟ୍ରପତିଙ୍କଠାରୁ ସ୍ୱୀକୃତି ପ୍ରାପ୍ତ କୌଣସି ରାଜ୍ୟ ଆଇନର ବିରୋଧ କଲେ ଅସୁବିଧା ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ରାଜ୍ୟ ଆଇନ କେବଳ ସେହି ରାଜ୍ୟ

ପାଇଁ ବଳବତ୍ତର ରହେ । ପରେ ସଂସଦ ସେହି ରାଜ୍ୟ ଆଇନର ସଂଶୋଧନ, ପରିବର୍ତ୍ତନ ବା ପ୍ରତ୍ୟାହାର କରିପାରନ୍ତି ।

୨—ସାଧାରଣତାନ୍ତ୍ରିକ ଭାରତରେ ସଂବିଧାନଦ୍ୱାରା କେବଳ ଯେ କେନ୍ଦ୍ର ହସ୍ତରେ ବ୍ୟାପକ କ୍ଷମତା ଅର୍ପଣ କରାଯାଇଛି ତାହା ନୁହେଁ, ଅନ୍ୟାନ୍ୟ ଉପାୟରେ ମଧ୍ୟ ଅଙ୍ଗରାଜ୍ୟ-ଗୁଡ଼ିକ ଉପରେ କେନ୍ଦ୍ରର ପ୍ରଭୁତ୍ୱ ପ୍ରତିଷ୍ଠିତ ହୋଇଛି । ଭାରତ ପରି ଅନ୍ୟ କୌଣସି ରାଷ୍ଟ୍ରସଂଘରେ କେନ୍ଦ୍ରସରକାର ଅଙ୍ଗରାଜ୍ୟଗୁଡ଼ିକର କ୍ଷମତା ଉପରେ ଏପରି ବ୍ୟାପକ ଭାବରେ ହସ୍ତକ୍ଷେପ କରନ୍ତି ନାହିଁ । କେନ୍ଦ୍ରୀୟ କର୍ତ୍ତୃତ୍ୱର ସୂଚକ ହିସାବରେ ନିମ୍ନଲିଖିତ ବିଷୟଗୁଡ଼ିକ ଉଲ୍ଲେଖ କରାଯାଇପାରେ ।

(କ) ରାଜ୍ୟଗୁଡ଼ିକର ରାଜ୍ୟପାଳଗଣ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି ଏବଂ ରାଷ୍ଟ୍ରପତିଙ୍କ ମର୍ଜି ଅନୁସାରେ ସେମାନେ ନିଜ ନିଜ ପଦରେ ଅଧିଷ୍ଠିତ ଥାଆନ୍ତି । କିନ୍ତୁ ରାଜ୍ୟପାଳଙ୍କର କ୍ଷମତାର ଉତ୍ସ କଅଣ ? ୧୯୩୫ ମସିହା ଭାରତ ଶାସନ ଆଇନାନୁସାରେ ରାଜ୍ୟପାଳଙ୍କ କାର୍ଯ୍ୟନିର୍ବାହକ କ୍ଷମତାର ଉତ୍ସ ଥିଲେ ଇଂଲଣ୍ଡର ରାଜା ବା ରାଣୀ, କେତେ-ଗୁଡ଼ିଏ ବିଷୟରେ ସେ ଭାରତର ଗଭର୍ଣ୍ଣର ଜେନେରାଲଙ୍କ ଅଧୀନସ୍ଥ ଥିଲେ ସୁଦ୍ଧା, ନିଯୁକ୍ତି ବା ବହିଷ୍କାର ଦାୟିତ୍ୱ ତାଙ୍କ ହାତରେ ନଥିଲା । ସଂବିଧାନର ପ୍ରଥମ ଧାରା ଅନୁସାରେ ରାଜ୍ୟଗୁଡ଼ିକର ସ୍ୱାଧୀନ ସ୍ଥିତି ଥିବାହେତୁ ରାଜ୍ୟପାଳଙ୍କ ଶାସନ ବିଭାଗୀୟ କ୍ଷମତାର ଉତ୍ସ ହିସାବରେ ସଂବିଧାନକୁ ନିଆଯାଇପାରେ । ସଂବିଧାନ ରାଜ୍ୟପାଳଙ୍କୁ କୌଣସି ବିଷୟରେ ରାଷ୍ଟ୍ରପତିଙ୍କ ଅଧୀନସ୍ଥ କରିନାହିଁ । ଏଥିରୁ ଜଣାପଡ଼େ ଯେ ସଂବିଧାନରେ ରାଜ୍ୟପାଳ ୧୯୩୫ ମସିହା ଭାରତଶାସନ ଆଇନ ଅଧୀନସ୍ଥ ରାଜ୍ୟପାଳଙ୍କ ତୁଳନାରେ ବେଶୀ କ୍ଷମତାଶାଳୀ ଅଟନ୍ତି । କିନ୍ତୁ ସଂବିଧାନର ୧୫୧ ଧାରାଦ୍ୱାରା ଏହି କଳ୍ପନା ବ୍ୟର୍ଥହୋଇଛି । ଉକ୍ତ ଧାରାରେ ରାଜ୍ୟପାଳଙ୍କୁ ରାଷ୍ଟ୍ରପତିଙ୍କ ସୃଷ୍ଟି ହିସାବରେ ରଖାଯାଇଛି । ତେଣୁ ରାଜ୍ୟପାଳ ଯେ ରାଷ୍ଟ୍ରପତିଙ୍କ ଅଧୀନସ୍ଥ ବ୍ୟକ୍ତି ବା ପ୍ରତିନିଧି ଏଥିରେ ସନ୍ଦେହ ନାହିଁ । ତାଙ୍କ କ୍ଷମତାର ଉତ୍ସ ନିଜ ରାଜ୍ୟ ଭିତରେ ନଥାଇ କେନ୍ଦ୍ର ହାତରେ ଅଛି । ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥାରେ ରାଷ୍ଟ୍ରପତି ହେଉଛନ୍ତି ନାମମାତ୍ରିକ ମୁଖ୍ୟ । ସେ ସାଂବିଧାନିକ ମୁଖ୍ୟ ମାତ୍ର ଏବଂ ମନ୍ତ୍ରିମଣ୍ଡଳର ପରାମର୍ଶାନୁସାରେ କାର୍ଯ୍ୟକରନ୍ତି । ସୁତରାଂ ରାଜ୍ୟପାଳଙ୍କୁ ବାସ୍ତବରେ କେନ୍ଦ୍ରମନ୍ତ୍ରିମଣ୍ଡଳ ନିଯୁକ୍ତ ବା ଅପସାରଣ କରନ୍ତି । ଏପରି ପରିସ୍ଥିତିରେ ରାଜ୍ୟପାଳ କେତେଦୂର ରାଜ୍ୟର ସାଂବିଧାନିକ ଶାସନକର୍ତ୍ତା ହିସାବରେ କାର୍ଯ୍ୟକରିବେ ସେ ବିଷୟରେ ସନ୍ଦେହର ଅବକାଶ ରହିଛି । କାରଣ କେନ୍ଦ୍ରସରକାରଙ୍କ ପ୍ରଭାବରୁ ମୁକ୍ତ ରହିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ଅଷ୍ଟ୍ରେଲିଆ ବା ଯୁକ୍ତରାଷ୍ଟ୍ର ଆମେରିକାରେ କେନ୍ଦ୍ର-ସରକାରଙ୍କର ଏଭଳି କୌଣସି କ୍ଷମତା ନାହିଁ । ଅଷ୍ଟ୍ରେଲିଆର ଗଭର୍ଣ୍ଣରଗଣ ରାଜ୍ୟର ମନ୍ତ୍ରିମଣ୍ଡଳର ପରାମର୍ଶ ଅନୁଯାୟୀ ଇଂଲଣ୍ଡର ରାଜା ବା ରାଣୀଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି । ଯୁକ୍ତରାଷ୍ଟ୍ର ଆମେରିକାରେ ଗଭର୍ଣ୍ଣରଗଣ ଲୋକମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି; କେବଳ କାନାଡ଼ାରେ ଭାରତର ଅନୁରୂପ ବ୍ୟବସ୍ଥା ଅଛି ।

(ଖ) ପୂର୍ବୀ କାନାଡ଼ାକୁ ଅନୁସରଣ କରି ରାଜ୍ୟର ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ କେତେକ ବିଧେୟକ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପାଇଁ ତାଙ୍କ ନିକଟକୁ ପ୍ରେରଣ କରିବାର ବ୍ୟବସ୍ଥା ସଂବିଧାନରେ ଅନ୍ତର୍ଭୁକ୍ତ କରାଯାଇଛି । ରାଜ୍ୟର ବିଧାନମଣ୍ଡଳରେ ଗୃହୀତହେଲେ ରାଜ୍ୟପାଳ ବିଧେୟକଟିକୁ ରାଷ୍ଟ୍ରପତିଙ୍କ ନିକଟକୁ ତାଙ୍କ ସ୍ୱୀକୃତି ନିମନ୍ତେ ପ୍ରେରଣ କରିପାରନ୍ତି, କେତେକ କ୍ଷେତ୍ରରେ ଏହାକୁ ପ୍ରେରଣ କରିବା ରାଜ୍ୟପାଳଙ୍କ ପକ୍ଷରେ ବାଧ୍ୟତାମୂଳକ ହୋଇଛି । ଏଭଳି ବିଧେୟକକୁ ସ୍ୱୀକୃତି ନ ଦେବା ଅଧିକାର ରାଷ୍ଟ୍ରପତିଙ୍କର ରହିଛି । ରାଜ୍ୟ ବିଧେୟକକୁ ନାକଚ କରିବାର ଏହି କ୍ଷମତା ରାଜ୍ୟଗୁଡ଼ିକର ସ୍ୱାତନ୍ତ୍ର୍ୟ ଉପରେ ବାଧାସ୍ୱରୂପ କାର୍ଯ୍ୟକରେ । ଯୁକ୍ତରାଷ୍ଟ୍ର ଆମେରିକା ବା ଅଷ୍ଟ୍ରେଲିଆରେ ସଂଘୀୟ ଶାସନମୁଖ୍ୟଙ୍କୁ ଏଭଳି କୌଣସି କ୍ଷମତା ଦିଆଯାଇ ନାହିଁ ।

(ଗ) ଇଉନିୟନ ଓ ରାଜ୍ୟଗୁଡିକ ମଧ୍ୟରେ ଶାସନକାର୍ଯ୍ୟ ପରିଚାଳନା ସଂପର୍କରେ ସଂବିଧାନରେ କୁହାଯାଇଛି ଯେ, ରାଜ୍ୟ ସରକାରଗୁଡ଼ିକ ସଂସଦୀୟ ଆଇନ ପ୍ରତି ଅନୁରକ୍ତ ରହି ଶାସନକାର୍ଯ୍ୟ ପରିଚାଳନା କରିବେ । ଏହି ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କୁ ରାଜ୍ୟ-ସରକାରମାନଙ୍କୁ ନିର୍ଦ୍ଦେଶ ଦେବାର କ୍ଷମତା ମଧ୍ୟ ଦିଆଯାଇଛି । ଜାତୀୟ ସ୍ୱାର୍ଥ ବା ସାମରିକ କାରଣରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚିତ ରେଳପଥ, ରାଜପଥ ପ୍ରଭୃତିର ସଂରକ୍ଷଣ ନିମନ୍ତେ କେନ୍ଦ୍ର ସରକାର ରାଜ୍ୟସରକାରମାନଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି । ରାଜ୍ୟସରକାରଙ୍କ ସମ୍ମତିକ୍ରମେ ରାଷ୍ଟ୍ରପତି ରାଜ୍ୟର ଶାସନ ବିଭାଗ ବା ରାଜ୍ୟର କର୍ମଚାରୀମାନଙ୍କୁ ଶାସନ ଦାୟିତ୍ୱ ମଧ୍ୟ ଅର୍ପଣ କରିପାରନ୍ତି । ପ୍ରୟୋଜନ ମନେକଲେ ସଂସଦ ଆଇନ କରି ରାଜ୍ୟ ସରକାର ବା ରାଜ୍ୟ କର୍ମଚାରୀମାନଙ୍କଠାରେ ଦାୟିତ୍ୱ ନ୍ୟସ୍ତ କରିପାରନ୍ତି । କୌଣସି ରାଜ୍ୟ କେନ୍ଦ୍ର ସରକାରଙ୍କ ଆଦେଶ ପାଳନରେ ଅବହେଳା କଲେ ରାଷ୍ଟ୍ରପତି ସଂବିଧାନର ୩୫୬ ଧାରା ଅନୁସାରେ ଘୋଷଣା କରିପାରନ୍ତି ଯେ ଉକ୍ତ ରାଜ୍ୟର ଶାସନ ସଂବିଧାନ ଅନୁସାରେ ଚାଲୁନାହିଁ । ଏପରି ଦୃଷ୍ଟାନ୍ତ ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ ପରି ରାଷ୍ଟ୍ରସଂଘମାନଙ୍କରେ ଦେଖିବାକୁ ମିଳେ ନାହିଁ ।

(ଘ) ରାଜ୍ୟଶାସନ ବ୍ୟବସ୍ଥାରେ ଅଚଳ ଅବସ୍ଥା ସୃଷ୍ଟିହେଲେ ଓ ସଂବିଧାନ ଅନୁସାରେ ରାଜ୍ୟଶାସନ ଚାଲି ନ ପାରିଲେ ୩୫୬ ଧାରା ଅନୁସାରେ ରାଷ୍ଟ୍ରପତି ରାଜ୍ୟଶାସନ ଦାୟିତ୍ୱ ହାତକୁ ନେଇ ରାଜ୍ୟର ବିଧାୟକ ଦାୟିତ୍ୱ ସଂସଦ ଦ୍ୱାରା ବା ସଂସଦ ଅଧୀନରେ ପରିଚାଳିତ ହେବ ବୋଲି ଘୋଷଣା କରିପାରନ୍ତି ।

(ଙ) ସମଗ୍ର ଦେଶପାଇଁ ଗୋଟିଏ ମାତ୍ର ନିର୍ବାଚନ କମିଶନ ସଂବିଧାନର ୩୨୪ଧାରା ଅନୁସାରେ ସୃଷ୍ଟି ହୋଇଛି । ଉକ୍ତ କମିଶନ ଦ୍ୱାରା ସଂସଦ, ବିଧାନମଣ୍ଡଳ ଓ ଅନ୍ୟାନ୍ୟ ନିର୍ବାଚିତ ଅନୁଷ୍ଠାନଗୁଡ଼ିକର ନିର୍ବାଚନ ସଂପାଦିତ ହୁଏ । କମିଶନର ଚେୟାରମାନ ଓ ଅନ୍ୟାନ୍ୟ ସଭ୍ୟଗଣ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି । ରାଜ୍ୟ ସେବକ ବା କର୍ମଚାରୀବୃନ୍ଦ

ଉଭୟ କେନ୍ଦ୍ର ଓ ରାଜ୍ୟ ଆଇନକୁ କାର୍ଯ୍ୟକାରୀ କରନ୍ତି । ପୁଣି କେନ୍ଦ୍ର ଓ ରାଜ୍ୟଗୁଡ଼ିକ ପ୍ରମୁଖ କର୍ମଚାରୀମାନଙ୍କୁ ମନୋନୀତ କରିବା ପାଇଁ ଗୋଟିଏ କେନ୍ଦ୍ର ସାଧାରଣ ସେବା ଆୟୋଗ ରହିଛି । ପୁଣି ନିୟନ୍ତ୍ରକ ବା ମହାଲେଖା—ପରୀକ୍ଷକ ( Controller and the Auditor General ) ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି । ଏହିସବୁ ବ୍ୟବସ୍ଥା ଅଙ୍ଗରାଜ୍ୟଗୁଡ଼ିକର ସ୍ୱାତନ୍ତ୍ର୍ୟ ବ୍ୟାହତ କରେ ।

(ଗ) କ—ଗୋଟିଏ ରାଷ୍ଟ୍ରସଂଘକୁ ଦ୍ୱୈତରାଷ୍ଟ୍ର ( Dual Polity ) ବୋଲି ଅଭିହିତ କରାଯାଏ । ଏହି ଦ୍ୱୈତରାଷ୍ଟ୍ର କଳ୍ପନା ଅନୁରୂପ ଯୁକ୍ତରାଷ୍ଟ୍ର ଆମେରିକାରେ ଦ୍ୱୈତ ନାଗରିକତା ରହିଛି । ସେ ଦେଶର ଅଧିବାସୀମାନେ ଯୁକ୍ତରାଷ୍ଟ୍ର ଆମେରିକାର ନାଗରିକ ହେବା ସଙ୍ଗେ ସଙ୍ଗେ ନିଜ ନିଜ ରାଜ୍ୟର ମଧ୍ୟ ନାଗରିକ ଅଟନ୍ତି, ଯେ କୌଣସି ସଂଜ୍ଞାନୁସାରେ ପ୍ରତ୍ୟେକ ରାଷ୍ଟ୍ରର ଚାରୋଟି ବିଶେଷ ଗୁଣ ରହିବା ଆବଶ୍ୟକ ଯଥା:—ଜନସଂଖ୍ୟା, ଭୂଖଣ୍ଡ, ଶାସନ ଓ ସାର୍ବଭୌମତ୍ୱ । ଯୁକ୍ତରାଷ୍ଟ୍ର ଆମେରିକାର ଅଙ୍ଗ ରାଜ୍ୟଗୁଡ଼ିକର ଏହି ସମସ୍ତ ଲକ୍ଷଣ ରହିଛି । ଭାରତବର୍ଷର ଅଙ୍ଗ ରାଜ୍ୟଗୁଡ଼ିକରେ ଏହି ସମସ୍ତ ଲକ୍ଷଣ ଗୁଡ଼ିକ ପରିଲକ୍ଷିତ ହୁଏ ନାହିଁ । ଭାରତର ଅଙ୍ଗ ରାଜ୍ୟଗୁଡ଼ିକରେ ବସବାସ କରୁଥିବା ଲୋକେ ଭାରତୀୟ ନାଗରିକ ହେବା ସଙ୍ଗେ ସଙ୍ଗେ ସଂପୃକ୍ତ ରାଜ୍ୟର ନାଗରିକ ହୋଇ ପାରିବେ ନାହିଁ । ଅବଶ୍ୟ ଆମ ସଂବିଧାନ ଅଙ୍ଗ ରାଜ୍ୟଗୁଡ଼ିକୁ ଷଷ୍ଠଭାଗ ଅନୁସାରେ ଏକ ନିର୍ଦ୍ଦିଷ୍ଟ ଶାସନ, ପ୍ରଥମଅନୁସୂଚୀ ଅନୁସାରେ ନିର୍ଦ୍ଦିଷ୍ଟ ଆୟତନ ଏବଂ ସପ୍ତମଅନୁସୂଚୀ ଓ ୨୪୫, ୨୪୬, ୧୬୨ ଓ ୩୪୪ ଧାରା ଅନୁସାରେ ଆଇନ ପ୍ରଣୟନ କ୍ଷମତା ପ୍ରଦାନ କରିଛି, କିନ୍ତୁ ଅଧିବାସୀମାନଙ୍କୁ ରାଜ୍ୟଗୁଡ଼ିକର ନାଗରିକ ହେବା ଅଧିକାର ଦିଆଯାଇ ନାହିଁ । ଏହି କାରଣରୁ ଅନେକ ସମାଲୋଚକ ମତଦିଅନ୍ତି ଯେ, ଇଂଲଣ୍ଡର ଆଞ୍ଚଳିକ ସ୍ୱାୟତ୍ତ ଶାସନ ସଂସ୍ଥାଗୁଡ଼ିକଠାରୁ ଭାରତୀୟ ରାଜ୍ୟଗୁଡ଼ିକ ଭିନ୍ନ ନୁହନ୍ତି । ଆମ ଦେଶରେ ଏକ ନାଗରିକତ୍ୱ ରହିଛି ଏବଂ ଏଥିପାଇଁ ସଂବିଧାନର ୧୪, ୧୯ ଏବଂ ୩୦୧ ଧାରାରେ ବ୍ୟବସ୍ଥା କରାଯାଇଛି । ୧୪ ଧାରା ଅନୁଯାୟୀ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆଇନର ସମସଂରକ୍ଷଣ ଅଧିକାର ଦିଆଯାଇଛି । ୧୯ ଧାରା ଗମନାଗମନର ସ୍ୱାଧୀନତା, ସମ୍ପତ୍ତି ଅର୍ଜନ ଓ ବୃତ୍ତି ବ୍ୟବସାୟ ଅବଲମ୍ବନର ଅଧିକାର ଦେଇଛି; ୩୦୧ ଧାରା ଯୋଗୁ ଭାରତବର୍ଷର ଯେ କୌଣସି ସ୍ଥାନରେ ବାଣିଜ୍ୟ କରିବା ଓ ଯୋଗାଯୋଗ ସ୍ଥାପନ କରିବାର ଅଧିକାର ପ୍ରତ୍ୟେକ ଭାରତୀୟ ନାଗରିକ ପାଇଛି । ଏହାର ଅର୍ଥ ହେଉଛି ଯେ, ରାଜ୍ୟ ଆଇନଗୁଡ଼ିକ ଅଙ୍ଗ ରାଜ୍ୟରେ ବ୍ୟକ୍ତି ଓ ସଂପତ୍ତି କ୍ଷେତ୍ରରେ ପ୍ରଯୁଜ୍ୟ । ଏହି କାରଣରୁ ଆମ ଦେଶର ଅଙ୍ଗରାଜ୍ୟଗୁଡ଼ିକର ଯୁକ୍ତରାଷ୍ଟ୍ରର ରାଜ୍ୟଗୁଡ଼ିକ ତୁଳନାରେ ଖୁବ୍ କମ୍ ମର୍ଯ୍ୟାଦା ରହିଛି । ଭାରତର ଉଚ୍ଚତମ ନ୍ୟାୟାଳୟ ଏହି ପ୍ରସଙ୍ଗରେ ମତ ଦେଇଛନ୍ତି ଯେ, ଭାରତୀୟ ରାଷ୍ଟ୍ରସଂଘ ପାରମ୍ପାରିକ ରାଷ୍ଟ୍ରସଂଘଠାରୁ ନିଶ୍ଚିତ ଭାବରେ ଭିନ୍ନ ଏବଂ ଏଠାରେ ରାଜ୍ୟଗୁଡ଼ିକର ନିରଙ୍କୁଶ ସାର୍ବଭୌମତ୍ୱ ଅଛି ବୋଲି ମନେ କରିବା ଠିକ୍ ନୁହେଁ ।

(ଖ) ପୁଣି ମୁକ୍ତରାଷ୍ଟ୍ର ଆମେରିକାରେ ଦ୍ୱୈତ ନ୍ୟାୟାଳୟର ବ୍ୟବସ୍ଥା ରହିଛି । ଅର୍ଥାତ୍ ସେଠାକାର ନ୍ୟାୟାଳୟମାନଙ୍କୁ ଦୁଇଭାଗରେ ବିଭକ୍ତ କରାଯାଇଛି । ଗୋଟିଏ ଦିଗରେ ରାଷ୍ଟ୍ରସଂଘୀୟ ନ୍ୟାୟପାଳିକା ସଂସ୍ଥା । ସେମାନେ କେନ୍ଦ୍ରୀୟଆଇନ ଓ ବିବାଦଗୁଡ଼ିକ ସଂକ୍ରାନ୍ତ ମୋକଦ୍ଦମା ବିଚାର କରନ୍ତି । ଅନ୍ୟ ଦିଗରେ ରାଜ୍ୟଗୁଡ଼ିକର ଆଇନକୁ ପ୍ରୟୋଗ କରିବା ପାଇଁ ରାଜ୍ୟର ନ୍ୟାୟପାଳିକା ସଂସ୍ଥା ରହିଛି । ବିଚାର କ୍ଷେତ୍ରରେ ଭାରତରେ ଏଭଳି କୌଣସି ଭାଗବଣ୍ଟନ କରାଯାଇ ନାହିଁ । ପ୍ରତ୍ୟେକ ନ୍ୟାୟାଳୟ ଗୋଟିଏ କେନ୍ଦ୍ରୀଭୂତ ନ୍ୟାୟପାଳକ ସଂଗଠନର ଶୀର୍ଷରେ ରହିଛି ଏବଂ ଏହା ଶୀର୍ଷସ୍ଥାନୀୟ ପ୍ରତ୍ୟାବେଦନ ନ୍ୟାୟାଳୟ ଭାବରେ କାମ କରେ । ତାଛଡ଼ା ଉଚ୍ଚ ନ୍ୟାୟାଳୟ ଓ ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶମାନଙ୍କ ନିଯୋଗ ଓ ଅପସାରଣ କ୍ଷମତା କେନ୍ଦ୍ରଠାରେ ନ୍ୟସ୍ତ ହୋଇଛି ।

(ଗ) ମୁକ୍ତରାଷ୍ଟ୍ର ଆମେରିକାର ସଂବିଧାନ ଭଳି ଆମ ଦେଶର ସଂବିଧାନରେ ମଧ୍ୟ ସଂବିଧାନର ନିରପେକ୍ଷ ବ୍ୟାଖ୍ୟା ଦାୟିତ୍ୱ ନ୍ୟାୟାଳୟଠାରେ ନ୍ୟସ୍ତ କରାଯାଇଛି । ଏହି କ୍ଷେତ୍ରରେ ଆମଦେଶର ସଂବିଧାନ ସ୍ୱିଜରଲାଣ୍ଡ ଓ ସୋଭିୟେତ୍ ସଂବିଧାନଠାରୁ ଅଧିକ ସଂଘୀୟ । ସମଗ୍ର ଦେଶପାଇଁ କେନ୍ଦ୍ରୀଭୂତ ବିଚାର ବ୍ୟବସ୍ଥା ଥିଲେ ବି ରାଜ୍ୟ ସ୍ୱାତନ୍ତ୍ର୍ୟ ଉପରେ କେନ୍ଦ୍ର ହସ୍ତକ୍ଷେପ କରୁ ନ ଥିଲେ ବିଶେଷ ଅସୁବିଧା ହୁଅନ୍ତା ନାହିଁ ।

(ଂ) ରାଷ୍ଟ୍ରସଂଘୀୟ ଶାସନବ୍ୟବସ୍ଥାର ଆଉ ଏକ ନୀତି ହେଉଛି ଯେ, ଜନସଂଖ୍ୟା ଓ ଆୟତନ ନିର୍ବିଶେଷରେ ପ୍ରତ୍ୟେକ ରାଜ୍ୟ ସମାନ ମର୍ଯ୍ୟାଦା ଭୋଗ କରନ୍ତି । ଏହି ସମମର୍ଯ୍ୟାଦାକୁ ରୂପ ଦେବାପାଇଁ ରାଷ୍ଟ୍ରସଂଘୀୟ ବିଧାନମଣ୍ଡଳକୁ ଦ୍ୱିକକ୍ଷିୟ କରାଯାଏ । ଏଥି ମଧ୍ୟରୁ ଜନସଂଖ୍ୟାର ଭିତ୍ତିରେ ନିମ୍ନତର କକ୍ଷ ଗଠିତ ହୁଏ । ଅନ୍ୟ ଦିଗରେ ଉଚ୍ଚତର କକ୍ଷ ଗଠନରେ ଅଙ୍ଗରାଜ୍ୟଗୁଡ଼ିକର ସମମର୍ଯ୍ୟାଦା ନୀତିକୁ ରୂପାୟିତ କରାଯାଏ ଏବଂ ଜନସଂଖ୍ୟା ଓ ଆୟତନ ନିର୍ବିଶେଷରେ ପ୍ରତ୍ୟେକ ଅଙ୍ଗରାଜ୍ୟରୁ ସମାନ ସଂଖ୍ୟକ ସଦସ୍ୟଙ୍କୁ ନେଇ ଏହି କକ୍ଷ ଗଠିତ ହୁଏ । ଉଦାହରଣ ସ୍ୱରୂପ ମୁକ୍ତରାଷ୍ଟ୍ର ଆମେରିକା ଓ ସୋଭିଏତ୍ ଇଉନିୟନର ବ୍ୟବସ୍ଥା ଉଲ୍ଲେଖ କରାଯାଇପାରେ ।

ମୁକ୍ତରାଷ୍ଟ୍ର ଆମେରିକାର କଂଗ୍ରେସର ଦ୍ୱିତୀୟ କକ୍ଷକୁ ସିନେଟ୍ କୁହାଯାଏ । ଏହି କକ୍ଷ ଛୋଟ ବଡ଼ ପ୍ରତ୍ୟେକ ରାଜ୍ୟରୁ ଦୁଇଜଣ ଲେଖାଏଁ ପ୍ରତିନିଧିଙ୍କୁ ନେଇ ଗଠିତ ହୋଇଛି । ଅଷ୍ଟ୍ରେଲିଆରେ ମଧ୍ୟ ଉଚ୍ଚତର କକ୍ଷ ଅଙ୍ଗରାଜ୍ୟର ସମପ୍ରତିନିଧିତ୍ୱ ନୀତି ଭିତ୍ତିରେ ଗଠିତ ହୁଏ । ଏହି ସମପ୍ରତିନିଧିତ୍ୱ ସପକ୍ଷରେ ଆଉ ଗୋଟିଏ ଯୁକ୍ତି ହେଲା, ଏହି ବ୍ୟବସ୍ଥା ଫଳରେ ବୃହତ୍ ଅଙ୍ଗରାଜ୍ୟଗୁଡ଼ିକ ଜନସଂଖ୍ୟା ବଳରେ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟଗୁଡ଼ିକର ସ୍ୱାର୍ଥକୁ କ୍ଷୁଣ୍ଣ କରିପାରନ୍ତି ନାହିଁ । ସୋଭିଏତ୍ ଇଉନିୟନର ବ୍ୟବସ୍ଥା କଥା ଏହି ପ୍ରସଙ୍ଗରେ ଉଲ୍ଲେଖ କରାଯାଇପାରେ । ଏହି ଦେଶରେ ସୁପ୍ରୀମ ସୋଭିଏଟ ଇଉନିୟନର ସୋଭିୟେତ୍ (Soviet of the Union) ଏବଂ ଜାତି ସମୂହର ସୋଭିୟେତ୍

( Soviet of the Nationalities ) ଏହି ଦୁଇଟି କକ୍ଷକୁ ନେଇ ଗଠିତ । ଏହା ମଧ୍ୟରେ ଦ୍ୱିତୀୟଟି ହେଲା ଉଚ୍ଚତର କକ୍ଷ । ପ୍ରତ୍ୟେକ ଇଉନିୟନ ରିପବ୍ଲିକ୍ ଓ ଅନ୍ୟାନ୍ୟ ଭୂଭାଗୀୟ ଏକକମାନଙ୍କରୁ ସମାନ ସଂଖ୍ୟକ ପ୍ରତିନିଧିଙ୍କୁ ନେଇ ଏହି କକ୍ଷ ଗଠିତ ହୁଏ । ଆଇନ ପ୍ରଣୟନ ବ୍ୟାପାରରେ ଉଭୟ କକ୍ଷର ସମାନ ଅଧିକାର ଥିବା ହେତୁ ବୃହତ ରାଜ୍ୟମାନେ ଜନସଂଖ୍ୟା ବଳରେ କ୍ଷୁଦ୍ର ରାଜ୍ୟମାନଙ୍କ ଉପରେ ପ୍ରଭୁତ୍ୱ କରିପାରନ୍ତି ନାହିଁ । କିନ୍ତୁ ଭାରତୀୟ ସଂବିଧାନରେ ସଂସଦର ଉଚ୍ଚତର କକ୍ଷ ଗଠନରେ ଏହି ସମପ୍ରତିନିଧିତ୍ୱ ନୀତି ଗୃହୀତ ହୋଇନାହିଁ । ଭାରତୀୟ ସଂସଦର ଉଚ୍ଚତର କକ୍ଷ - ରାଜ୍ୟସଭା ପ୍ରତ୍ୟେକ ରାଜ୍ୟରୁ ସମାନ ସଂଖ୍ୟକ ପ୍ରତିନିଧିଙ୍କୁ ନେଇ ଗଠିତ ହୁଏନା । ଜନସଂଖ୍ୟା ଓ ଆୟତନ ଭିତ୍ତିରେ ରାଜ୍ୟସଭାର ଆସନଗୁଡ଼ିକ ବିଭିନ୍ନ ଭାବରେ ରାଜ୍ୟମାନଙ୍କ ମଧ୍ୟରେ ବଣ୍ଟନ କରାଯାଇଛି, ତାଛଡ଼ା ରାଷ୍ଟ୍ରପତି ୧୨ ଜଣ ସଦସ୍ୟଙ୍କୁ ମନୋନୀତ କରନ୍ତି । ସୁତରାଂ ଅପେକ୍ଷାକୃତ କ୍ଷୁଦ୍ର ରାଜ୍ୟଗୁଡ଼ିକର ସ୍ୱାର୍ଥକୁ ବୃହତ୍ ରାଜ୍ୟଗୁଡ଼ିକର ହସ୍ତକ୍ଷେପରୁ ସଂରକ୍ଷିତ କରିବା ବ୍ୟବସ୍ଥା ଭାରତୀୟ ସଂବିଧାନରେ ନାହିଁ କହିଲେ ଚଳେ ।

ଯୁକ୍ତରାଷ୍ଟ୍ର ଆମେରିକାରେ ଅଙ୍ଗରାଜ୍ୟଗୁଡ଼ିକର ନିଜର ସଂବିଧାନ ରହିଛି ଏବଂ ସେ ଗୁଡ଼ିକୁ ପରିବର୍ତ୍ତିତ ବା ପରିବର୍ଦ୍ଧିତ କରିବା ଅଧିକାର ସେମାନଙ୍କ ହାତରେ ଅଛି । ପୁଣି ନୂତନ ରାଜ୍ୟ ଗଠିତ ହେଲେ ତାହାର ନିଜପାଇଁ ସଂବିଧାନ ପ୍ରଣୟନ କରିବାର ଅଧିକାର ଥାଏ । ସୋଭିଏତ୍ ଇଉନିୟନରେ ମଧ୍ୟ ଅଙ୍ଗରାଜ୍ୟଗୁଡ଼ିକର ନିଜ ନିଜ ରାଜ୍ୟର ସଂବିଧାନ ପ୍ରଣୟନ ଓ ପରିବର୍ତ୍ତନ କରିବାର ଅଧିକାର ରହିଛି । କିନ୍ତୁ ଭାରତୀୟ ରାଷ୍ଟ୍ର-ସଂଘରେ ଏହି ବ୍ୟବସ୍ଥା ନାହିଁ । ଭାରତୀୟ ସଂବିଧାନର ଷଷ୍ଠଭାଗରେ ରାଜ୍ୟଗୁଡ଼ିକପାଇଁ ସଂବିଧାନ ରହିଛି । ଏହାର ଏକମାତ୍ର ବ୍ୟତିକ୍ରମ ହେଲା ଜାମ୍ମୁ ଓ କାଶ୍ମୀର । ତେଣୁ ଅଙ୍ଗ ରାଜ୍ୟଗୁଡ଼ିକ ନିଜର ଶାସନ ବ୍ୟବସ୍ଥା ପରିବର୍ତ୍ତନ କରିବାକୁ ସମର୍ଥ ହୁଅନ୍ତି ନାହିଁ ।

(୫) ୧୨୩ ଧାରାରେ କୁହାଯାଇଛି ଯେ ଭାରତୀୟ ରାଷ୍ଟ୍ରପତିଙ୍କର ଅର୍ଡିନାନ୍ସ ବା ଅଧ୍ୟାଦେଶ ଜାରି କରିବାର କ୍ଷମତା ଅଛି । ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ଅଥବା ଅଷ୍ଟ୍ରେଲିଆ ବା କାନାଡ଼ାର ବଡ଼ଲାଟଙ୍କର ଏହି କ୍ଷମତା ନାହିଁ । ତେଣୁ ଉକ୍ତ ଦେଶଗୁଡ଼ିକର ସଂଘୀୟ ବ୍ୟବସ୍ଥାଠାରୁ ଆମ ଦେଶର ରାଷ୍ଟ୍ରସଂଘ ନିଶ୍ଚିତ ଭାବରେ ଭିନ୍ନ । ପୁଣି ୨୧୩ ଧାରା ଦ୍ୱାରା ରାଜ୍ୟପାଳମାନଙ୍କୁ ଅର୍ଡିନାନ୍ସ ଜାରି କରିବାର କ୍ଷମତା ଦିଆଯାଇଛି । ରାଜ୍ୟପାଳ ରାଷ୍ଟ୍ରପତିଙ୍କ ପ୍ରତିନିଧି ହୋଇଥିବା ଯୋଗୁଁ ସେ ଜାରି କରିବା ଅର୍ଡିନାନ୍ସ ରାଜ୍ୟର ସ୍ୱାର୍ଥରେ ଆଞ୍ଚ ଆଣିବାର ସମ୍ଭାବନା ମଧ୍ୟ ରହିଛି । ଉପରେ ଦର୍ଶାଯାଇଥିବା ଉଭୟ ଧାରା ଭାରତୀୟ ରାଷ୍ଟ୍ରସଂଘର କେନ୍ଦ୍ରାଭିମୁଖୀତାର ଏକ ନିଦର୍ଶନ ।

(୬) ରାଷ୍ଟ୍ରସଂଘୀୟ ନୀତି ଅନୁସାରେ ଭାରତୀୟ ସଂବିଧାନ ସମଗ୍ର ଭାବରେ ଦୁଷ୍ପରିବର୍ତ୍ତନୀୟ ନୁହେଁ । କ୍ଷମତା ବଣ୍ଟନ, ରାଷ୍ଟ୍ରପତି ନିର୍ବାଚନ, ପାର୍ଲମେଣ୍ଟରେ

ରାଜ୍ୟସମୂହର ପ୍ରତିନିଧିତ୍ୱ ଇତ୍ୟାଦି ବିଷୟ ଛଡ଼ା ଅନ୍ୟାନ୍ୟ କ୍ଷେତ୍ରରେ ଏକ ପ୍ରକାର ଦୁଷ୍ପରିବର୍ତ୍ତନୀୟ । ଏପରିକି ରାଜ୍ୟସୀମା, ଆୟତନ ଓ ନାମର ପରିବର୍ତ୍ତନ ମଧ୍ୟ ପାର୍ଲିମେଣ୍ଟ ଏକତରଫା ଭାବରେ ସମ୍ପାଦନ କରିପାରେ । ତେବେ ଏ ସମ୍ପର୍କରେ ବିଧେୟକ ଆଗତ କରିବା ପୂର୍ବରୁ ରାଷ୍ଟ୍ରପତିଙ୍କୁ ସଂପୃକ୍ତ ରାଜ୍ୟର ମତାମତକୁ ମାଗିବାକୁ ପଡ଼େ । ଏହି ମତାମତ ନ ମିଳିଲେ ମଧ୍ୟ ବିଧେୟକଟି ଆଗତ ହୁଏ । ମତାମତକୁ ସଂପୂର୍ଣ୍ଣ ଉପେକ୍ଷା କରି ରାଜ୍ୟର ସୀମା ପରିବର୍ତ୍ତନ କରାଯାଇ ପାରେ । ଯୁକ୍ତରାଷ୍ଟ୍ର, ଅଷ୍ଟ୍ରେଲିଆ, ସୋଭିଏତ୍ ଇଉନିୟନ ପ୍ରଭୃତି ଦେଶରେ ଅଙ୍ଗରାଜ୍ୟର ସମ୍ମତି ବ୍ୟତୀତ ସେମାନଙ୍କର ସୀମା ରେଖାରେ ପରିବର୍ତ୍ତନ କରାଯାଏ ନାହିଁ । ଏଭଳି ବ୍ୟବସ୍ଥା ଛଡ଼ା ଅଙ୍ଗରାଜ୍ୟର ସଂହତି ଓ ଅସ୍ତିତ୍ୱ ସଂରକ୍ଷିତ ହୁଏନାହିଁ ବୋଲି କୁହାଯାଏ । ସୁତରାଂ ଭାରତୀୟ ସମ୍ବିଧାନ ବହୁଳ ଅଂଶରେ ସୁପରିବର୍ତ୍ତନୀୟ ହେବାଦ୍ୱାରା ପ୍ରୟୋଜନ ଅନୁସାରେ ଏହାକୁ ପରିବର୍ତ୍ତନ କରି ନ୍ୟାୟାଳୟର ନିଷ୍ପତ୍ତିକୁ ରଦ୍ଦ କରି ଦିଆଯାଇପାରେ । ସଂବିଧାନରେ ସମ୍ପତ୍ତିର ଅଧିକାର ସଂକ୍ରାନ୍ତ ଧାରାର ପୁନଃପୁନଃ ପରିବର୍ତ୍ତନ ହେଲା ଏହାର ଦୃଷ୍ଟାନ୍ତ ।

(୭) ରାଷ୍ଟ୍ରପତିଙ୍କ ଜରୁରୀକାଳୀନ କ୍ଷମତା ରାଷ୍ଟ୍ରସଂଘୀୟ ବ୍ୟବସ୍ଥାର ଅପସ୍ୱର ବିବେଚିତ ହୁଏ । ଶାସନତାନ୍ତ୍ରିକ ଅଚଳାବସ୍ଥା ଘୋଷଣା ଦ୍ୱାରା ରାଷ୍ଟ୍ରପତି ଭାରତ ଇଉନିୟନକୁ ଏକ ପ୍ରକାର ଐକିକ ରାଷ୍ଟ୍ରରେ ପରିଣତ କରିପାରନ୍ତି । ଶାସନତାନ୍ତ୍ରିକ ଅଚଳାବସ୍ଥା ସାଧାରଣତଃ ଗୋଟିଏ ଦୁଇଟି ରାଜ୍ୟ ସମ୍ବନ୍ଧରେ ପ୍ରଯୁଜ୍ୟ ହେଲେ ମଧ୍ୟ ଆପଦକାଳୀନ ଜରୁରୀ ଅବସ୍ଥା ସମଗ୍ର ଭାରତପାଇଁ ଘୋଷଣା କରାଯାଏ । ଯୁକ୍ତରାଷ୍ଟ୍ର ଆମେରିକା କିମ୍ବା ଅଷ୍ଟ୍ରେଲିଆରେ ଜରୁରୀ ଅବସ୍ଥା ଦେଖାଦେଲେ ମଧ୍ୟ କେନ୍ଦ୍ର ସରକାର କ୍ଷମତା ବଣ୍ଟନ ବ୍ୟବସ୍ଥା ସ୍ଥଗିତ ରଖିବାର ବା ଅଙ୍ଗରାଜ୍ୟର କ୍ଷମତା ନିଜ ହାତକୁ ନେବାର ବ୍ୟବସ୍ଥା ନାହିଁ । ତେବେ ଏହି ସବୁ ଦେଶରେ ଯୁଦ୍ଧ ପରେ ଜରୁରୀ ଅବସ୍ଥାରେ ଦେଶର ନିରାପତ୍ତା ରକ୍ଷା ବା ଯୁଦ୍ଧ ପରିଚାଳନା ଲାଗି କେନ୍ଦ୍ର ସରକାରଙ୍କ କ୍ଷମତା ସଂପ୍ରସାରିତ ହୁଏ । ଏହିପରି ଭାବରେ କେନ୍ଦ୍ର ସରକାରଙ୍କ ହାତରେ ଅଧିକ କ୍ଷମତା ଦିଆହେଲେ ମଧ୍ୟ କେନ୍ଦ୍ର-ସରକାର ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥାକୁ କ୍ଷୁଣ୍ଣ କରିପାରେନା । ଅତଏବ ଭାରତ ଭଳି ଅନ୍ୟାନ୍ୟ ରାଷ୍ଟ୍ରସଂଘରେ କେନ୍ଦ୍ର ସରକାର ରାଜ୍ୟସରକାରଙ୍କ କ୍ଷମତା ହାତକୁ ନେବାର ଦୃଷ୍ଟାନ୍ତ ମିଳେନା ।

(୮) କୌଣସି ସଂବିଧାନ ସଂଘୀୟ କି ନା ତାହା ଜାଣିବାର ଆଉ ଏକ ଉପାୟ ହେଉଛି, ଅଙ୍ଗରାଜ୍ୟ ନିଜର ବ୍ୟବସ୍ଥାପକମାନଙ୍କ ସ୍ୱାଧିକାର ନିର୍ଦ୍ଧାରଣ କରିବା । ରାଜ୍ୟ ତାଲିକାରେ ଓ ୧୯୮ ଧାରାରେ ଏହି କ୍ଷମତା ଅଙ୍ଗରାଜ୍ୟମାନଙ୍କ ନିକଟରେ ରହିଥିବା ଉଲ୍ଲେଖ ଥିଲେ ସୁଦ୍ଧା ସଂସଦୀୟ ଆଇନର ବିରୁଦ୍ଧାଚରଣ କରି ରାଜ୍ୟ ବିଧାନମଣ୍ଡଳ ନିଜ ବ୍ୟବସ୍ଥାପକମାନଙ୍କ ସ୍ୱାଧିକାର ନିର୍ଦ୍ଦିଷ୍ଟ କରିପାରିବ କି ନା ସେ ସମ୍ବନ୍ଧରେ ସନ୍ଦେହ ପ୍ରକାଶ କରାଯାଇଛି ।

## ଆର୍ଥିକ କ୍ଷେତ୍ରରେ କେନ୍ଦ୍ର ପ୍ରବଣତା
**( Federalism in Finance )**

ରାଷ୍ଟ୍ରସଂଘୀୟ ସଂବିଧାନରେ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟଙ୍କର ଆବଶ୍ୟକତା ଥିବାହେତୁ ସେମାନେ ନିଜ ଖର୍ଚ୍ଚ ତୁଲାଇବା ନିମନ୍ତେ କରଧାର୍ଯ୍ୟ ଏବଂ ଅନ୍ୟାନ୍ୟ ଉପାୟରେ ରାଜସ୍ୱ ସଂଗ୍ରହ କରିବା ସ୍ୱାଭାବିକ କଥା । ଯେ କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ଲୋକ ପ୍ରତିନିଧିମାନଙ୍କ ଦ୍ୱାରା ଗଠିତ ବିଧାନମଣ୍ଡଳ ଦ୍ୱାରା ପ୍ରଣୀତ ଆଇନ ବଳରେ କରଧାର୍ଯ୍ୟ କରାଯାଏ ।

ଶାସନ ସଂଘୀୟ ହେଉ ବା ଐକିକ ହେଉ ଜନସାଧାରଣଙ୍କ ନୈତିକ ଓ ଭୌତିକ ଉନ୍ନତିହିଁ ସାଧାରଣ ପ୍ରଶାସନର ଉଦ୍ଦେଶ୍ୟ । ତେଣୁ ଆଇନସଙ୍ଗତ ଭାବରେ କୌଣସି ରାଷ୍ଟ୍ରସଂଘର ଅଙ୍ଗରାଜ୍ୟଗୁଡ଼ିକ ନିଜ ନିଜ ଭିତରେ ଏବଂ କେନ୍ଦ୍ର ସହିତ ଆର୍ଥିକ କ୍ଷେତ୍ରରେ ସମ୍ପୂର୍ଣ୍ଣ ସମତା ଦାବୀ କରନ୍ତି । ରାଜ୍ୟଗୁଡ଼ିକ ନିଜ ଅଧିକାର ଉପରେ ଗୁରୁତ୍ୱ ଆରୋପ କଲେ ପରସ୍ପର ବିଭେଦ ଦେଖାଦେବ ଏବଂ ସହଯୋଗର ପ୍ରବୃତ୍ତି କ୍ଷୁଣ୍ଣ ହେବ । କିନ୍ତୁ ତଦ୍ୱାରା ପ୍ରଶାସନୀୟ ବୈଷମ୍ୟକୁ ଘୋଡ଼େଇ ହେବନାହିଁ । ଅର୍ଥାଗମର କେତେକ ଉପାୟ ପ୍ରତ୍ୟେକ ରାଜ୍ୟକୁ ଦିଆଯାଇଥାଏ । ରାଜ୍ୟମାନଙ୍କ ମଧ୍ୟରେ ଆୟତନ, ଆୟର ପରିମାଣ ଓ ଅର୍ଥନୈତିକ ସମୃଦ୍ଧିରେ ତାରତମ୍ୟ ଥିବାହେତୁ ସେମାନଙ୍କ ଶାସନରେ ନିଶ୍ଚୟ ପାର୍ଥକ୍ୟ ଦେଖାଦିବ । ସୁତରାଂ ରାଜ୍ୟମାନଙ୍କ ମଧ୍ୟରେ ଆର୍ଥିକ ସମତା ରକ୍ଷା କରିବା ଦିଗରେ ଚେଷ୍ଟା ନକଲେ ସଂଘୀୟ ବ୍ୟବସ୍ଥାକୁ ଦୁର୍ବଳ କଲାଭଳି ପ୍ରଶାସନୀୟ ଅସମତା ଦେଖାଦିବା ସ୍ୱାଭାବିକ । ଆର୍ଥିକ କ୍ଷମତାର ବିଭାଜନ ପରେ ବି କେନ୍ଦ୍ର ହାତରେ ଯଥେଷ୍ଟ ପାଣ୍ଠି ସଂଗ୍ରହର ଉପାୟ ଥିଲେ ଓ କେନ୍ଦ୍ର ଅଭାବଗ୍ରସ୍ତ ରାଜ୍ୟମାନଙ୍କୁ ଯୁକ୍ତିସଙ୍ଗତ ଆର୍ଥିକ ସାହାଯ୍ୟ ଦେଇପାରିଲେହିଁ ଏହି ପ୍ରଚେଷ୍ଟା ଫଳପ୍ରଦ ହୋଇପାରିବ । ତେଣୁ ଡକ୍ଟର ଦାଶ ମତବ୍ୟକ୍ତ କରିଛନ୍ତି ଯେ, କୌଣସି ରାଷ୍ଟ୍ରରେ ବିଧାୟକ କ୍ଷେତ୍ରରେ ସାଧାରଣ ସରକାର ( General Government )କୁ ଦୁର୍ବଳ କରିବାର ଆବଶ୍ୟକତା ଥାଇପାରେ କିନ୍ତୁ ଆର୍ଥିକ କ୍ଷେତ୍ରରେ ଦୁର୍ବଳ ହେଲେ ପ୍ରଶାସନୀୟ ମାନ କ୍ଷୁଣ୍ଣ ହେବ ।

ରାଷ୍ଟ୍ରସଂଘୀୟ ସରକାର ରାଜ୍ୟମାନଙ୍କୁ ଅନୁଦାନ ଦେବା ବ୍ୟବସ୍ଥା ଥାଏ ଯଦିଓ ଏହା ରାଜ୍ୟ ସ୍ୱାତନ୍ତ୍ର୍ୟକୁ କ୍ଷୁଣ୍ଣ କରିବା ଆଶଙ୍କା ଥାଏ । ପୁଣି ଯୁଦ୍ଧ ବା ଅର୍ଥନୈତିକ ସଙ୍କଟ ଉପୁଜିଲେ ତାହାକୁ ସୁଧାରିବା ପାଇଁ ରାଜ୍ୟଗୁଡ଼ିକ ସଂଘୀୟ ରାଜକୋଷ ଉପରେ ବିଶେଷ ନିର୍ଭରଶୀଳ ହୁଅନ୍ତି । ଏହିସବୁ ପରିସ୍ଥିତି ଯୋଗୁଁ ସଂଘୀୟ ଆର୍ଥିକ ବ୍ୟବସ୍ଥାରେ କେତେକ ଅର୍ଥାଗମ ଉପାୟ ମିଳିତ ରାଜସ୍ୱ ସଂସ୍ଥା ଥାଏ । ଏହା କେନ୍ଦ୍ର ଓ ଅଙ୍ଗରାଜ୍ୟମାନଙ୍କ ମଧ୍ୟରେ ଥିବା ମିଳିତ କ୍ଷମତା ବଣ୍ଟନ ତାଲିକା ଅନୁରୂପ । ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ରାଜସ୍ୱ ଆଦାୟ କ୍ଷେତ୍ରରେ ସ୍ୱାଧୀନ ଥିଲେହେଁ କେତେଗୁଡିଏ ମୁଖ୍ୟ ଅର୍ଥାଗମ ଉପାୟର ବି

ବ୍ୟବସ୍ଥା ଥାଏ । ମୂଳ ଉପାୟରୁ ଆଦାୟ ହେଉଥିବା ଅର୍ଥର ବଣ୍ଟନ ସାଧାରଣତଃ ସଂଘୀୟ ସଂସଦଦ୍ୱାରା ନିୟନ୍ତ୍ରିତ ହୋଇଥାଏ । ଯଦି ଏହି ବ୍ୟବସ୍ଥା ରାଜ୍ୟ ସ୍ୱାତନ୍ତ୍ର୍ୟକୁ ବ୍ୟାହତ କରୁଥିବା ଅଭିଯୋଗ ହୁଏ ତେବେ ଏଥିପାଇଁ ଅଷ୍ଟ୍ରେଲିଆର ସଂଘୀୟ ଅନୁଦାନ ଆୟୋଗ ( Federal Grants Commission ) କିମ୍ବା ଭାରତୀୟ ଅର୍ଥ ଆୟୋଗ ( Finance Commission ) ପରି କୌଣସି ସଂସ୍ଥାଦ୍ୱାରା ନିୟନ୍ତ୍ରିତ ହୋଇଥାଏ ।

ଯୁକ୍ତରାଷ୍ଟ୍ର ଆମେରିକା ସଂବିଧାନରେ ରାଷ୍ଟ୍ରସଂଘୀୟ ଆର୍ଥିକ କ୍ଷମତା ଖୁବ୍ କମ୍ ରୂପରେ ବର୍ଣ୍ଣନା କରାଯାଇଛି । ସଂବିଧାନର ପ୍ରଥମ ଧାରାର ଅଷ୍ଟମ ଭାଗରେ କୁହାଯାଇଛି ଯେ, ଋଣ ପରିଶୋଧ କରିବାପାଇଁ ଓ ଯୁକ୍ତରାଷ୍ଟ୍ରର ସାଧାରଣ ସୁରକ୍ଷା ଓ ଜନମଙ୍ଗଳ ବ୍ୟବସ୍ଥା କରିବାପାଇଁ କଂଗ୍ରେସ ବିଭିନ୍ନ ଧରଣର କର, ଶୁଳ୍କ, ମାସୁଲ ଆଦି ଧାର୍ଯ୍ୟ କରିପାରନ୍ତି କିନ୍ତୁ କେଉଁ ବିଷୟରେ କରଧାର୍ଯ୍ୟ କରାଯିବ ସେ ସମ୍ପର୍କରେ ସଂବିଧାନରେ କିଛି ସ୍ପଷ୍ଟ ଭାବରେ ଲେଖାଯାଇନାହିଁ । ଫଳରେ ସଂବିଧାନ କଂଗ୍ରେସ ହାତରେ ଅସୀମ ଆର୍ଥିକ କ୍ଷମତା ଅର୍ପଣ କରିଛି । କିନ୍ତୁ ପ୍ରତ୍ୟେକ ପ୍ରତ୍ୟକ୍ଷ କର ଲୋକସଂଖ୍ୟା ବା ଜନଗଣତି ଅନୁସାରେ ଧାର୍ଯ୍ୟକରିବାକୁ ପଡ଼ିବ । ପୁଣି କୌଣସି ରାଜ୍ୟରୁ ରପ୍ତାନି କରାଯାଉଥିବା ଜିନିଷପତ୍ର ଉପରେ କର ବସାଇବା କ୍ଷମତା କଂଗ୍ରେସର ନାହିଁ । ସଂବିଧାନରେ ରାଜ୍ୟଗୁଡ଼ିକୁ କର ଧାର୍ଯ୍ୟ କରିବା କ୍ଷମତା ଦିଆଯାଇ ନାହିଁ । ବରଂ କଂଗ୍ରେସର ସ୍ୱୀକୃତି ନନେଇ ଆମଦାନି ଓ ରପ୍ତାନି ଜିନିଷ ଉପରେ କର ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ବ୍ୟବସ୍ଥା ରହିଛି । କିନ୍ତୁ ତଦାରଖ ଆଇନ ( Inspection law ) କୁ କାର୍ଯ୍ୟକାରୀ କରିବାପାଇଁ ନିହାତି ଦରକାର ପଡ଼ିଲେ ଅନୁରୂପ କର ଧାର୍ଯ୍ୟ କରାଯାଇପାରେ ।

ଯୁକ୍ତରାଷ୍ଟ୍ର ଆମେରିକା ପରି ଜର୍ମାନୀର ଓ୍ୱାଇମାର ସମ୍ବିଧାନରେ ମଧ୍ୟ ବିଧାୟିକା କ୍ଷମତା ବଣ୍ଟନରେ କରଧାର୍ଯ୍ୟ କରିବା କ୍ଷମତାକୁ ଅନ୍ତର୍ଭୁକ୍ତ କରାଯାଇଛି; କିନ୍ତୁ ନିର୍ଦ୍ଦିଷ୍ଟ ଭାବରେ କିଛି କୁହାଯାଇ ନାହିଁ । ନିଜ ଉଦ୍ଦେଶ୍ୟ ସାଧନ କରିବାପାଇଁ ସଂପୂର୍ଣ୍ଣ ଭାବରେ ବା ଆଂଶିକ ଭାବରେ ଆବଶ୍ୟକତା ଦୃଷ୍ଟିରୁ କେନ୍ଦ୍ର ସରକାର ( Reich ) କରଧାର୍ଯ୍ୟ ବା ଅନ୍ୟ ଉପାୟରେ ଅର୍ଥାଗମ ଲାଗି ଆଇନଗତ ବ୍ୟବସ୍ଥା କରି ପାରିବେ । ସମ୍ବିଧାନର ସପ୍ତମ ଧାରାରେ କୁହାଯାଇଛି ଯେ ନିଜର ଉଦ୍ଦେଶ୍ୟ ସାଧନ ନିମନ୍ତେ ଯେ କୌଣସି କର ଧାର୍ଯ୍ୟ ନିମନ୍ତେ କେନ୍ଦ୍ର ସରକାରଙ୍କର କ୍ଷମତା ରହିଛି । ତାହା ଛଡ଼ା ରାଜ୍ୟଗୁଡ଼ିକର ( Laender ) ଅର୍ଥ ଆଦାୟ କରିବାର ଉପାୟ ଗୁଡ଼ିକ ଉପରେ ବି ହସ୍ତକ୍ଷେପ କରିବାର ଅଧିକାର କେନ୍ଦ୍ରର ରହିଛି । ତେଣୁ ଓ୍ୱାଇମାର ସମ୍ବିଧାନର ଆର୍ଥିକ କ୍ଷମତା ବଣ୍ଟନ ନୀତିର ଅନ୍ତର୍ନିହିତ ତତ୍ତ୍ୱ ହେଲା ଯେ ଯାହା କେନ୍ଦ୍ର ନିଜପାଇଁ ଦାବୀ ନ କରେ, କେବଳ ତାହାହିଁ ମନ୍ତ୍ରୀମାନଙ୍କ ହାତରେ ରହେ ।

କିନ୍ତୁ ଭାରତୀୟ ସମ୍ବିଧାନରେ କେନ୍ଦ୍ର ଓ ରାଜ୍ୟଗୁଡ଼ିକର ରାଜସ୍ୱ ଆଦାୟର ଉପାୟ ଗୁଡ଼ିକୁ ପ୍ରାଞ୍ଜଳ ଭାବରେ ତାଲିକା ଭୁକ୍ତ କରାଯାଇଛି । ନିମ୍ନଲିଖିତ ଉପାୟରେ ସଂଘ ରାଜସ୍ୱ

ଆଦାୟ କରିପାରେ ଯଥା—କୃଷି ସଂକ୍ରାନ୍ତୀୟ ଆୟ ବ୍ୟତୀତ ଅନ୍ୟାନ୍ୟ ଆୟ ଉପରେ କର, ଆମଦାନି ଓ ରପ୍ତାନି ଶୁଳ୍କ, ଅଫିମ, ଗଞ୍ଜେଇ, ଭାଙ୍ଗ ପ୍ରଭୃତି ନିଶା ଦ୍ରବ୍ୟ ଓ ସ୍ୱାସ୍ଥ୍ୟକର ପାନୀୟ ମଦ୍ୟ ଜାତୀୟ ଦ୍ରବ୍ୟ ବ୍ୟତୀତ ଅନ୍ୟାନ୍ୟ ଦ୍ରବ୍ୟ ଉପରେ ଅବକାରୀ କର, ନିଗମ କର ( Corporation Tax ), କମ୍ପାନୀଗୁଡ଼ିକର ପୁଞ୍ଜି ଉପରେ କର, କୃଷି ସମ୍ପର୍କୀୟ ଜମିକୁ ବାଦ ଦେଇ ଭୂସମ୍ପତ୍ତି ଉପରେ ସଂପତ୍ତି କର, କୃଷି ସଂପର୍କୀୟ ଜମିକୁ ବାଦ ଦେଇ ଅନ୍ୟାନ୍ୟ ସମ୍ପତ୍ତିକୁ ଭିତ୍ତି କରି ଉତ୍ତରାଧିକାରୀ କର, ରେଳପଥ, ସମୁଦ୍ର ପଥ ଓ ଆକାଶପଥ ଯାତ୍ରୀ ଏବଂ ମାଲ ଉପରେ ଉପାନ୍ତ ଭଡ଼ା ( Terminal Tax ) ଇତ୍ୟାଦି । ଏହି ସବୁ ବିଷୟରେ ପାର୍ଲାମେଣ୍ଟର ଆଇନ ପ୍ରଣୟନ କରିବାର କ୍ଷମତା ରହିଛି । କାରଣ ଏହି ସବୁ ବିଷୟ କେନ୍ଦ୍ର ତାଲିକା ଅନ୍ତର୍ଭୁକ୍ତ । ଆୟକର ଓ ଅବକାରୀ କର ହେଉଛି ପ୍ରକୃତରେ ମୂଳ ଅର୍ଥାଗମ ଉପାୟ; ତେଣୁ ଏଥିରୁ ସଂଗୃହୀତ ଆଦାୟ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ବଣ୍ଟାଯାଏ । କେତେ ପ୍ରକାର ଦ୍ରବ୍ୟ ଉପରେ ଅବକାରୀ କର ରାଜ୍ୟ-ମାନଙ୍କ ମଧ୍ୟରେ ବଣ୍ଟାଯାଏ, କିନ୍ତୁ ବଣ୍ଟନ ପ୍ରଣାଳୀ ପାର୍ଲାମେଣ୍ଟ ଦ୍ୱାରା ନିର୍ଦ୍ଧାରିତ ହୁଏ । ପୁଣି ଭୂସମ୍ପତ୍ତି ଉପରେ କର, ଉତ୍ତରାଧିକାରୀ କର, ରେଳଯାତ୍ରୀ ଓ ମାଲ ଭଡ଼ା, ସମ୍ବାଦ-ପତ୍ର କିଣା ବିକା ଉପରେ କର ଓ ସେଥିରେ ପ୍ରକାଶିତ ବିଜ୍ଞାପନ ଉପରେ କର ଏବଂ ଆନ୍ତଃରାଜ୍ୟ ବାଣିଜ୍ୟ ମାଧ୍ୟମରେ କିଣା ବିକା ହେଉଥିବା ଜିନିଷ ଉପରେ କର ମଧ୍ୟ ବଣ୍ଟା-ଯାଏ । ପୁଣି ସଂବିଧାନର ଷଷ୍ଠ ସଂଶୋଧନରେ କୁହାଯାଇଛି ଯେ, ପାର୍ଲାମେଣ୍ଟ ନିଜ ପ୍ରଣୀତ ଆଇନାନୁସାରେ ଆନ୍ତଃରାଜ୍ୟ ବାଣିଜ୍ୟ ମାଧ୍ୟମରେ କେତେବେଳେ ଜିନିଷ କିଣା ବିକା ହେବ ତାର ନୀତି ନିର୍ଦ୍ଧାରଣ କରି ପାରିବେ । ତେଣୁ କେନ୍ଦ୍ର ହସ୍ତରେ କେବଳ ରହିଲା, ଆମଦାନି ଓ ରପ୍ତାନି କର, ନିଗମ କର, ଦେଉଳିଆ ବା ମୃତ ବ୍ୟକ୍ତିର ସମ୍ପତ୍ତି ଉପରେ କର, କମ୍ପାନୀ ଗୁଡ଼ିକର ପୁଞ୍ଜି ଉପରେ କର ।

ଅଙ୍ଗ ରାଜ୍ୟଗୁଡ଼ିକର ନିମ୍ନଲିଖିତ ବିଷୟ ଗୁଡ଼ିକ ଉପରେ କର ଧାର୍ଯ୍ୟ କରିବାର କ୍ଷମତା ରହିଛି; ଯଥା—ଭୂରାଜସ୍ୱ, କୃଷି ସଂକ୍ରାନ୍ତୀୟ ଆୟକର, କୃଷି ସଂକ୍ରାନ୍ତୀୟ ଭୂମି ଉପରେ ଉତ୍ତରାଧିକାରୀ କର, ଜମି ଓ କୋଠା ଉପରେ କର, ଖଣିଜ ପଦାର୍ଥ ବା ଧାତୁ-ଦ୍ରବ୍ୟରୁ ରାଜଭାଗ, ଅଫିମ, ଗଞ୍ଜେଇ ଓ ଅନ୍ୟାନ୍ୟ ପାନୀୟ ସୁରା ଉପରେ ଅବକାରୀ କର, ନିଜ ଅଞ୍ଚଳରେ ପ୍ରବେଶ କରୁଥିବା ଜିନିଷ ଗୁଡ଼ିକ ଉପରେ କର, ବିଦ୍ୟୁତଶକ୍ତି ବିକ୍ରି ଓ ବ୍ୟବହାର ଉପରେ କର, ସମ୍ବାଦ ପତ୍ର ବ୍ୟତୀତ ଅନ୍ୟାନ୍ୟ ବିଷୟର କିଣା ବିକା ଉପରେ ବିକ୍ରି କର, ସମ୍ବାଦପତ୍ରରେ ପ୍ରକାଶିତ ବିଜ୍ଞାପନକୁ ବାଦ୍ ଦେଲେ ଅନ୍ୟାନ୍ୟ ବିଜ୍ଞାପନ ଉପରେ କର । ରାସ୍ତାରେ ଯାଉଥିବା ଯାତ୍ରୀ ଓ ମାଲ ଉପରେ କର, ଯାନବାହନ ଓ ପଶୁପକ୍ଷୀ ଉପରେ କର, ବାଣିଜ୍ୟ ଏବଂ ନିଯୁକ୍ତି କର, ଆମୋଦ କର, ବିଚାର ବିଭାଗୀୟ ମୁଦ୍ରାଙ୍କ ଶୁଳ୍କ । ଏହି ସବୁ ସୂତ୍ରରୁ ଆଦାୟ ହେଉଥିବା ଅର୍ଥ ରାଜ୍ୟଗୁଡ଼ିକ ସଂପୂର୍ଣ୍ଣ ଭାବରେ ନିଅନ୍ତି । ଅବଶ୍ୟ ଉପରୋକ୍ତ କର ଗୁଡ଼ିକ ନିୟନ୍ତ୍ରଣ କଲାବେଳେ ରାଜ୍ୟମାନେ ସଂବିଧାନିକ ସୀମା ମଧ୍ୟରେ ରହିବା ବାଧ୍ୟତାମୂଳକ ।

ଭାରତ ସମ୍ବିଧାନରେ ରାଜସ୍ୱ ଆଦାୟର ଉପାୟ ବଣ୍ଟନ ପଦ୍ଧତି ଅନୁଧ୍ୟାନ କଲେ ଆପାତତଃ ଜଣା ପଡ଼େ ଯେ ବ୍ୟବସ୍ଥାଗୁଡ଼ିକ ରାଜ୍ୟମାନଙ୍କ ସପକ୍ଷରେ ଯାଇଛି । କିନ୍ତୁ ପ୍ରତ୍ୟେକ ରାଜ୍ୟ ସମାନ ଭାବରେ ଆର୍ଥିକ କ୍ଷେତ୍ରରେ ସୁଦୃଢ଼ ନୁହନ୍ତି । ରାଜ୍ୟମାନଙ୍କର ମୁଖ୍ୟ ଉପାୟ ହେଉଛି ଭୂରାଜସ୍ୱ ଯାହାକି ସ୍ୱଭାବତଃ ଅପରିବର୍ତ୍ତନୀୟ । ଅଧିକ ପାଣ୍ଠି ଦରକାର ପଡ଼ିଲେ ଭୂରାଜସ୍ୱ ହାର ବଢ଼ାଯାଇ ପାରିବ ନାହିଁ । ପୁଣି କେତେକ ରାଜ୍ୟ ଭୂରାଜସ୍ୱକୁ ପୁରାପୁରି ଉଠାଇ ଦେଇଛନ୍ତି । ଆଉ ଗୋଟିଏ ପ୍ରଧାନ କର ହେଉଛି ଅବକାରୀ କର, କିନ୍ତୁ ଯେଉଁ ରାଜ୍ୟରେ ନିଶାନିବାରଣ କରାଯାଇଛି ସେଠି ଯଥେଷ୍ଟ ଅବକାରୀ କର ଆଦାୟ ହୁଏ ନାହିଁ । ଏହି ଭଳି ବିଭିନ୍ନ କାରଣରୁ କୌଣସି ରାଜ୍ୟ ଆର୍ଥିକ କ୍ଷେତ୍ରରେ ଆତ୍ମ ନିର୍ଭରଶୀଳ ହେବାର ଦେଖାଯାଏ ନାହିଁ । ତେଣୁ ସଂବିଧାନର ୨୭୫ ଧାରା ଅନୁସାରେ ରାଜ୍ୟଗୁଡ଼ିକୁ ଅନୁଦାନ ଦେବାର ପ୍ରୟୋଜନ ଅଛି ବୋଲି ପାର୍ଲାମେଣ୍ଟ ମନେକଲେ ବିଭିନ୍ନ ରାଜ୍ୟର ଆୟକୁ ପୁଷ୍ଟ କରିବାଲାଗି ଅନୁଦାନ ଦେଇପାରେ । ଏହି ଅନୁଦାନ ସାଧାରଣ ଭାବରେ କିମ୍ବା କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ପାଇଁ ଦିଆଯାଏ । ତଫସିଲ୍ଭୁକ୍ତ ଗୋଷ୍ଠୀ ଏବଂ ତଫସିଲ୍ ଜାତିର ଜୀବନର ମାନଦଣ୍ଡ ବଢ଼ାଇବା ଲାଗି କେନ୍ଦ୍ର ସରକାର ଉଦ୍ବୁଦ୍ଧ ଥିବାରୁ ଏହି ଶ୍ରେଣୀର ଅନେକ ଲୋକ ବସବାସ କରୁଥିବା ଆସାମ, ଓଡ଼ିଶା, ବିହାର, ମଧ୍ୟପ୍ରଦେଶ ଆଦି ରାଜ୍ୟକୁ ସ୍ୱତନ୍ତ୍ର ଅନୁଦାନ ଦିଅନ୍ତି । ସେହି ଅନୁଦାନ ସାହାଯ୍ୟରେ କେନ୍ଦ୍ରସରକାରଙ୍କ ଅନୁମୋଦନରେ ଉକ୍ତ ଶ୍ରେଣୀଭୁକ୍ତ ଲୋକଙ୍କପାଇଁ ଅନେକ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରାଯାଇଛି ।

ବର୍ତ୍ତମାନ ଦେଖାଯାଏ ଯେ, ଅଙ୍ଗ ରାଜ୍ୟଗୁଡ଼ିକର କାର୍ଯ୍ୟ ବା ଦାୟିତ୍ୱ ହେଲା, ସମାଜ କଲ୍ୟାଣମୂଳକ ବା ଜାତି ଗଠନମୂଳକ ଏବଂ ଏହି ଦାୟିତ୍ୱ ପୁଣି କ୍ରମ ବର୍ଦ୍ଧିଷ୍ଣୁ । ଏହି ଦାୟିତ୍ୱ ତୁଳନାରେ ରାଜ୍ୟଗୁଡ଼ିକର ଅଧିକାର ଭୁକ୍ତ କରଗୁଡ଼ିକ ସ୍ଥିତିଶୀଳ କିନ୍ତୁ କେନ୍ଦ୍ରର ଅଧିକାର ଭୁକ୍ତ କରଗୁଡ଼ିକ ଅଧିକ ଗୁରୁତ୍ୱ ପୂର୍ଣ୍ଣ ଓ ସମ୍ପ୍ରସାରଣଶୀଳ । ଯଦିଓ ରାଜ୍ୟଗୁଡ଼ିକ କେତେ ଗୁଡ଼ିଏ କେନ୍ଦ୍ରୀୟ ଆୟରୁ କିଛି ଅଂଶ ପାଆନ୍ତି ତଥାପି ତାହା ଅର୍ଥ ଆୟୋଗର ସୁପାରିସ ଉପରେ ନିର୍ଭର କରେ । କେନ୍ଦ୍ରର ଏହି ଅନୁଦାନ ବ୍ୟତୀତ ସମ୍ବିଧାନର ୨୮୩ ଧାରା ଅନୁଯାୟୀ କେନ୍ଦ୍ର ସରକାର ରାଜ୍ୟସରକାରମାନଙ୍କୁ ଯେ କୌଣସି କାର୍ଯ୍ୟପାଇଁ ଅର୍ଥ ସାହାଯ୍ୟ କରିପାରେ । ଅର୍ଥାତ୍ କୌଣସି ବିଷୟ ସମ୍ପର୍କରେ ଆଇନ ପ୍ରଣୟନ କ୍ଷମତା ଥାଉ ବା ନଥାଉ, କେନ୍ଦ୍ର ସରକାର ଇଚ୍ଛା କଲେ ସେହି ବିଷୟ ଉପରେ ଅର୍ଥ ବ୍ୟୟ କରିବାକୁ ସମର୍ଥ । କେନ୍ଦ୍ର ସରକାର ଏହି କ୍ଷମତା ପ୍ରୟୋଗ କରି ରାଜ୍ୟର ଇଲାକାଧୀନ ବିଷୟ ଗୁଡ଼ିକୁ ପରୋକ୍ଷ ଭାବରେ ନିୟନ୍ତ୍ରଣ କରିବାକୁ କ୍ଷମ ହୋଇଛନ୍ତି । କାରଣ ଅର୍ଥ ସାହାଯ୍ୟର ପ୍ରଲୋଭନ ଦେଖାଇ କେନ୍ଦ୍ରସରକାର ନିଜ ନିୟନ୍ତ୍ରଣ ମାନି ନେବାକୁ ରାଜ୍ୟ ଗୁଡ଼ିକୁ ବାଧ୍ୟ କରନ୍ତି ।

ଯାହା ହେଉ ଭାରତୀୟ ସଂବିଧାନ ପ୍ରବର୍ତ୍ତିତ ହେବାର ଦୁଇ ବର୍ଷ ମଧ୍ୟରେ ଓ ପରେ ପ୍ରତ୍ୟେକ ପାଞ୍ଚବର୍ଷ ଅନ୍ତରରେ କେନ୍ଦ୍ର ଓ ରାଜ୍ୟମାନଙ୍କ ମଧ୍ୟରେ ଥିବା ସାମ୍ବିଧାନିକ

ଅର୍ଥ ବ୍ୟବସ୍ଥାକୁ ନିୟନ୍ତ୍ରଣ ଲାଗି ସୁପାରିଶ କରିବା ପାଇଁ ଗୋଟିଏ ଅର୍ଥ ଆୟୋଗ ନିଯୁକ୍ତ ହେବାର ବ୍ୟବସ୍ଥା ଅଛି । କିନ୍ତୁ ଏହି ଆୟୋଗ ବା କମିଶନର ଗଠନ ଓ ନିଯୁକ୍ତି କେନ୍ଦ୍ର ସରକାର କରନ୍ତି । ଏଥିରେ ରାଜ୍ୟ ସରକାରଙ୍କର କୌଣସି କର୍ତ୍ତୃତ୍ୱ ନାହିଁ । ତାହା ଛଡ଼ା ଅର୍ଥ କମିଶନର ସୁପାରିସଗୁଡ଼ିକ ମଧ୍ୟ କେନ୍ଦ୍ର ସରକାରଙ୍କ ପକ୍ଷରେ ବାଧ୍ୟତା ମୂଳକ ନୁହେଁ । ଏଥିରୁ ସହଜରେ ବୁଝାଯାଏ ଯେ, ରାଜ୍ୟଗୁଡ଼ିକ ଅର୍ଥପାଇଁ କେନ୍ଦ୍ର ସରକାରଙ୍କ ଉପରେ ନିର୍ଭରଶୀଳ; ସ୍ୱତଃହିଁ ସେମାନଙ୍କର ନୀତି ଓ କାର୍ଯ୍ୟ ବିଶେଷ ଭାବରେ କେନ୍ଦ୍ର ସରକାର କର୍ତ୍ତୃକ ପ୍ରଭାବିତ ଓ ନିର୍ଦ୍ଦିଷ୍ଟ ହେବାକୁ ବାଧ୍ୟ । ଏହା ବ୍ୟତୀତ ରାଷ୍ଟ୍ରପତି ଜରୁରୀ ଅବସ୍ଥା ଘୋଷଣା କଲେ, ସଂବିଧାନର ରାଜସ୍ୱ-ବଣ୍ଟନ ସମ୍ପର୍କିତ ଅବସ୍ଥା ରଦ୍ଦ ବା ସ୍ଥଗିତ ହୁଏ; ପୁଣି ସେ ଆର୍ଥିକ ଜରୁରୀ ଅବସ୍ଥା ( Financial Emergency ) ଘୋଷଣା କଲେ କେନ୍ଦ୍ର ସରକାର ରାଜ୍ୟ ସରକାର ଗୁଡ଼ିକୁ ନିର୍ଦ୍ଦିଷ୍ଟ ଆର୍ଥିକ ନୀତି ଅନୁଯାୟୀ କାର୍ଯ୍ୟ କରିବାକୁ ଆଦେଶ ଦେଇ ପାରନ୍ତି ।

ଭାରତରେ କୌଣସି ନିର୍ଦ୍ଦିଷ୍ଟ ଅର୍ଥ ନ୍ୟାୟାଳୟ ( Financial Court ) ନାହିଁ । କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ଉଚ୍ଚ ନ୍ୟାୟାଳୟ ପରି ଭାରତୀୟ ଉଚ୍ଚ ନ୍ୟାୟାଳୟର ମଧ୍ୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ବିବାଦର ସମାଧାନ କରିବା ନିମନ୍ତେ ମୌଳିକ ଅଧିକାର ରହିଛି । ନିକଟ ଭବିଷ୍ୟତରେ କୌଣସି କଳହର ଆଶଙ୍କା କରାଯାଇ ନ ଥିଲେ ସୁଦ୍ଧା ସଂବିଧାନ ଏପରି ଭାବରେ ରାଜସ୍ୱର ସମବଣ୍ଟନ କରିଛି ଯେ କେନ୍ଦ୍ର କିମ୍ବା ରାଜ୍ୟ-ଗୁଡ଼ିକରେ କୌଣସି ଯୁକ୍ତିସଙ୍ଗତ ଅଭିଯୋଗ ରହି ପାରେନା ।

## ପ୍ରଶାସନିକ କ୍ଷେତ୍ରରେ କେନ୍ଦ୍ର ପ୍ରବଣତା

## ( Federalism in Administration )

ପ୍ରଶାସନ ହେଉଛି ବିଧାୟନର ( Legislation ) ପ୍ରତ୍ୟକ୍ଷ ପରିଣତି । ଆଇନକୁ କାର୍ଯ୍ୟକାରୀ କରିବାପାଇଁ ବ୍ୟବସ୍ଥା ନ ଥିଲେ ଆଇନ ଗୁଡ଼ିକ ଅର୍ଥହୀନ ହୋଇ-ଯାନ୍ତି । ତେଣୁ ପ୍ରଫେସର ଗୁଡ୍‌ନାଉ ( Goodnow ) ଙ୍କ ଭାଷାରେ ପ୍ରତ୍ୟେକ ସରକାରୀ ସଂସ୍ଥାର ଦୁଇ ପ୍ରକାର କର୍ତ୍ତବ୍ୟ ରହିଛି । ରାଷ୍ଟ୍ର ସ୍ୱାର୍ଥକୁ ବ୍ୟକ୍ତ କରିବା ଓ ରାଷ୍ଟ୍ର ସ୍ୱାର୍ଥକୁ କାର୍ଯ୍ୟକାରୀ କରିବା । ପ୍ରଥମଟି ରାଜନୈତିକ କ୍ଷମତା ଓ ଦ୍ୱିତୀୟଟି ପ୍ରଶାସନିକ କ୍ଷମତା ଅଟେ । ଯେ କୌଣସି ରାଷ୍ଟ୍ରସଂଘରେ ବିଧାୟିକା କ୍ଷମତାର ବଣ୍ଟନ ସଙ୍ଗେ ସଙ୍ଗେ ପ୍ରଶାସନିକ କ୍ଷମତାର ବଣ୍ଟନ ମଧ୍ୟ ଅପରିହାର୍ଯ୍ୟ ହୋଇଥାଏ । ଏହି ବ୍ୟବସ୍ଥା ମାଧ୍ୟମରେ ପ୍ରତ୍ୟେକ ସରକାର ନିଜ ସୀମିତ କ୍ଷେତ୍ର ମଧ୍ୟରେ କାର୍ଯ୍ୟ କରନ୍ତି । ଉଭୟ ସ୍ତରରେ ପ୍ରଣୀତ ଆଇନକୁ କାର୍ଯ୍ୟକାରୀ କରିବାପାଇଁ ଏକ ସାଧାରଣ ( Common ) ପ୍ରଶାସନିକ ସଂସ୍ଥାର ବ୍ୟବସ୍ଥା କରାଗଲେ ରାଷ୍ଟ୍ରସଂଘୀୟ ପଦ୍ଧତି ଭୁସୁଡ଼ି ପଡ଼ିବ । ତେଣୁ ରାଷ୍ଟ୍ରସଂଘୀୟ ସଂବିଧାନରେ ଦ୍ୱୈତ ସରକାରର ବ୍ୟବସ୍ଥା ରହିଥାଏ—ଅବଶ୍ୟ ଉଭୟଙ୍କ ମଧ୍ୟରେ ନିବିଡ଼ ନିର୍ଭରଶୀଳତା ରହିପାରେ ବା ସଂପୂର୍ଣ୍ଣ ପୃଥକ୍ ବ୍ୟବସ୍ଥା ଥାଇପାରେ ।

ଯୁକ୍ତରାଷ୍ଟ୍ର ଆମେରିକାରେ ସମ୍ବିଧାନପ୍ରଣେତାଗଣ ରାଷ୍ଟ୍ରସଂଘୀୟ ବ୍ୟବସ୍ଥାର ଏହି ପ୍ରକୃତ ଉପରେ ବିଶେଷ ଦୃଷ୍ଟିପାତ କରିନାହାନ୍ତି କାରଣ ସେହି ସମୟରେ ପ୍ରଶାସନ ଉପରେ ଯଥେଷ୍ଟ ଗୁରୁତ୍ୱ ନଥିଲା । ତତ୍କାଳୀନ ଅଙ୍ଗ ରାଜ୍ୟଗୁଡ଼ିକର ଶୃଙ୍ଖଳିତ ସରକାର ସମ୍ବିଧାନଦ୍ୱାରା ପ୍ରଦତ୍ତ କ୍ଷମତାକୁ କାର୍ଯ୍ୟକାରୀ କରିବାରେ ଲିପ୍ତ ରହିବେ ବୋଲି ଧରିନିଆ ଯାଇଥିଲା । ତେଣୁ ପ୍ରାରମ୍ଭରେ ଯୁକ୍ତରାଷ୍ଟ୍ରୀୟ ସରକାରର ଆକାର ଅତି ସୀମିତ ଥିଲା । ପରେ ପରେ ଏହାକୁ କଂଗ୍ରେସରେ ଆଇନ ବଳରେ ସୃଷ୍ଟି କରାଯାଇଥିଲା । ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାର କେନ୍ଦ୍ର ମନ୍ତ୍ରୀପରିଷଦରେ ବାରଗୋଟି ବିଭାଗ ରହିଛି । ବିଭାଗୀୟ ମନ୍ତ୍ରୀଗଣ ରାଷ୍ଟ୍ରପତୀୟ ମନ୍ତ୍ରିମଣ୍ଡଳ ( Presidential Cabinet ) ର ସଭ୍ୟ ଅଟନ୍ତି । ବିଭାଗଗୁଡ଼ିକ ଏକ ସମୟରେ ସୃଷ୍ଟି ହୋଇନାହିଁ । ଅବସ୍ଥା ଚକ୍ରରେ ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ବିଭାଗର ସୃଷ୍ଟି କରାଯାଇଛି । ପୁଣି ରାଷ୍ଟ୍ରସଙ୍ଘୀୟ ଶାସନ ବିଭାଗୀୟ କ୍ଷମତାର କିଛି ଅଂଶ ସ୍ୱତନ୍ତ୍ର ବୋର୍ଡ ବା କମିଶନ ହାତରେ ନ୍ୟସ୍ତ କରାଯାଇଛି । ଉପସ୍ଥିତ ଶାସନ ବିଭାଗୀୟ ଅବସ୍ଥା-ଗୁଡ଼ିକ ରାଷ୍ଟ୍ରପତିଙ୍କ ଅଧୀନସ୍ଥ ହୁଅନ୍ତି, କାରଣ ଆଇନ ଗୁଡ଼ିକର ସମ୍ପାଦନର ଦାୟିତ୍ୱ ରାଷ୍ଟ୍ରପତିଙ୍କଠାରେ ନ୍ୟସ୍ତ ରହିଛି । ପ୍ରଥମରୁହିଁ ଯୁକ୍ତରାଷ୍ଟ୍ର ଆମେରିକାରେ ଦୁଇ ପ୍ରକାର ପ୍ରଶାସନିକ ବ୍ୟବସ୍ଥାର ଉଦ୍ଭବ ହୋଇଛି । ଗୋଟିଏ ରାଷ୍ଟ୍ରସଙ୍ଘୀୟ ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଏବଂ ଅପରଟି ରାଜ୍ୟସ୍ତରୀୟ ଆଇନକୁ କାର୍ଯ୍ୟକାରୀ କରିବାପାଇଁ ଉଦ୍ଦିଷ୍ଟ । ଯୁକ୍ତରାଷ୍ଟ୍ର ଆମେରିକାର ପରବର୍ତ୍ତୀ ଇତିହାସରେ ବିଧାୟକ ଓ ପ୍ରଶାସନିକ କ୍ଷେତ୍ରରେ ଉଭୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ମଧ୍ୟରେ ଦ୍ୱନ୍ଦ୍ୱର ଧାରାବାହିକ ଘଟଣାବଳୀ ଦେଖିବାକୁ ମିଳେ । ପ୍ରତ୍ୟେକ ଦ୍ୱନ୍ଦ୍ୱର ସମାଧାନ ଉତ୍ତମ ନ୍ୟାୟାଳୟ ଦ୍ୱାରା ହୋଇଥାଏ । ଏହା ନିଷ୍ପତ୍ତି ନେବା ପୂର୍ବରୁ ଉକ୍ତ ନ୍ୟାୟାଳୟ ଓ ରାଜ୍ୟର ମନୋବୃତ୍ତିକୁ ବିଚାରକୁ ନେଇଥାନ୍ତି ।

ଭାରତୀୟ ସମ୍ବିଧାନ ଅନୁସାରେ ପାର୍ଲାମେଣ୍ଟ ଯେଉଁ ସବୁ ବିଷୟ ଉପରେ ଆଇନ ପ୍ରଣୟନ କରିବାକୁ ସମର୍ଥ ସେହିସବୁ ବିଷୟ ସଂକ୍ରାନ୍ତରେ କେନ୍ଦ୍ର ସରକାରର ଶାସନ କ୍ଷମତା ରହିଛି । ଏହା ବ୍ୟତୀତ ଚୁକ୍ତି ବା ସନ୍ଧି ବିଷୟରେ ଭାରତ ସରକାରଙ୍କ ଯେଉଁ ସବୁ କ୍ଷମତା ଅଛି ସେସବୁ ବିଷୟରେ ମଧ୍ୟ କେନ୍ଦ୍ର ସରକାର ଶାସନ କ୍ଷମତା ପ୍ରୟୋଗ କରନ୍ତି । ଅନ୍ୟ ପକ୍ଷରେ ଯେଉଁସବୁ ସମ୍ପର୍କରେ ରାଜ୍ୟଗୁଡ଼ିକର ଆଇନ ପ୍ରଣୟନର କ୍ଷମତା ରହିଛି ସେ ସବୁ କ୍ଷେତ୍ରରେ ରାଜ୍ୟଗୁଡ଼ିକର ଶାସନ କ୍ଷମତା ବ୍ୟବହୃତ ହେବ । ଯୁଗ୍ମ ତାଲିକାରେ ଥିବା ବିଷୟଗୁଡ଼ିକ ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ଉଭୟଙ୍କର ଆଇନ ପ୍ରଣୟନ କ୍ଷମତା ଥିବାହେତୁ ସମ୍ବିଧାନର ନିର୍ଦ୍ଦେଶ ଅନୁସାରେ ସାଧାରଣତଃ ଯୁଗ୍ମ ତାଲିକାଭୁକ୍ତ ବିଷୟ ଗୁଡ଼ିକ ସମ୍ପର୍କରେ ଶାସନ କ୍ଷମତା ରାଜ୍ୟଗୁଡ଼ିକ ହାତରେ ରହିବ । ତେବେ ପାର୍ଲାମେଣ୍ଟ ଆଇନ କରି ବିଶେଷ କ୍ଷେତ୍ରରେ ଉକ୍ତ ଶାସନ ଦାୟିତ୍ୱ କେନ୍ଦ୍ର ସରକାରଙ୍କଠାରେ ନ୍ୟସ୍ତ ହୋଇପାରେ । ଏହା ବ୍ୟତୀତ ଯେଉଁ ସବୁ କ୍ଷେତ୍ରରେ ସମ୍ବିଧାନ ସଂଘକୁ ସ୍ପଷ୍ଟ ଶାସନ କ୍ଷମତା ଦେଇଛି, ସେସବୁ କ୍ଷେତ୍ରରେ ରାଜ୍ୟର ଶାସନ କ୍ଷମତା ରହିବ ନାହିଁ । ଯୁଗ୍ମ

ତାଲିକା ସମ୍ପର୍କରେ ଭାରତୀୟ ସମ୍ବିଧାନର ଏହି ବ୍ୟବସ୍ଥା କେତେକ ପରିମାଣରେ ଅଷ୍ଟ୍ରେଲିଆ ବ୍ୟବସ୍ଥାର ଅନୁରୂପ ଅଟେ ।

ଶାସନ କାର୍ଯ୍ୟ ପରିଚାଳନା କ୍ଷେତ୍ରରେ ରାଜ୍ୟ ସରକାରମାନେ କେନ୍ଦ୍ର ନୀତି ମାନି ଚଳିବା ବିଷୟ ଅନ୍ୟ ରାଷ୍ଟ୍ରସଂଘୀୟ ବ୍ୟବସ୍ଥାରେ ଦେଖାଯାଏ ନାହିଁ । ବସ୍ତୁତଃ ସମ୍ବିଧାନ ଅଙ୍ଗ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେବାପାଇଁ କେନ୍ଦ୍ର ସରକାରଙ୍କୁ ଯେଉଁ କ୍ଷମତା ଦେଇଛି ତାହା ରାଷ୍ଟ୍ରସଂଘୀୟ ଶାସନ ବ୍ୟବସ୍ଥା ସହିତ ସଙ୍ଗତ ବୋଲି ମନେ ହୁଏନା । ସମ୍ବିଧାନର ୨୫୬ ଧାରାରେ ସ୍ପଷ୍ଟ ଭାବରେ କୁହାହୋଇଛି ଯେ ଶାସନ କ୍ଷମତା ଏପରି ଭାବରେ ପରିଚାଳିତ ହେବା ଉଚିତ; ଯାହାଫଳରେ ପାର୍ଲାମେଣ୍ଟ ପ୍ରଣୀତ ଆଇନ ସହିତ ସଂପୂର୍ଣ୍ଣ ସହଯୋଗ ରହିବ । ଏହି ଦିଗରୁ ପ୍ରୟୋଜନ ହେଲେ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ଯେ କୌଣସି ନିର୍ଦ୍ଦେଶ ଦେଇପାରନ୍ତି । ପୁଣି ୨୫୭ ଧାରା ଅନୁସାରେ କେନ୍ଦ୍ର ସରକାରଙ୍କ ଶାସନ ପରିଚାଳନା କାର୍ଯ୍ୟରେ କୌଣସି ବ୍ୟାଘାତ ନ ଘଟାଇଲା ପରି ରାଜ୍ୟ ସରକାରମାନଙ୍କ ଶାସନ କ୍ଷମତା ପରିଚାଳିତ ହେବା ଉଚିତ । ଦରକାର ହେଲେ ଏହି କ୍ଷେତ୍ରରେ ମଧ୍ୟ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି । ଅଙ୍ଗ ରାଜ୍ୟଗୁଡ଼ିକୁ ଅଧୀନ ସହଯୋଗିତା ( Subordinate Co-operation ) ବନ୍ଧନରେ ବାନ୍ଧିବାକୁ ହେଲେ ଉଭୟ ବ୍ୟବସ୍ଥାର ଉଦ୍ଦେଶ୍ୟ ସମ୍ବିଧାନର ୩୬୫ ଧାରାରେ ପରିଷ୍କାର ଭାବରେ କୁହାଯାଇଛି ଯେ କୌଣସି ଅଙ୍ଗରାଜ୍ୟ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ନ ମାନିଲେ ରାଷ୍ଟ୍ରପତି ସେହି ରାଜ୍ୟରେ ୩୫୬ ଧାରା ଅନୁସାରେ ସାମ୍ବିଧାନିକ ଅଚଳାବସ୍ଥା ଘୋଷଣା କରିପାରନ୍ତି ।

ଉଲ୍ଲିଖିତ ବ୍ୟବସ୍ଥା ବ୍ୟତୀତ ନିମ୍ନଲିଖିତ ବିଷୟରେ ମଧ୍ୟ କେନ୍ଦ୍ର ସରକାର ରାଜ୍ୟ-ସରକାରଙ୍କୁ ନିର୍ଦ୍ଦେଶ ଦେଇପାରନ୍ତି—କ ) ଜାତୀୟ ସ୍ୱାର୍ଥ ବା ସାମରିକ କାରଣରୁ ଗୁରୁତ୍ୱ-ପୂର୍ଣ୍ଣ ବିବେଚିତ ହୋଇଥିବା କୌଣସି ଯୋଗାଯୋଗ ବ୍ୟବସ୍ଥାର ସଂରକ୍ଷଣ ପାଇଁ, ଖ ) ରାଜ୍ୟର ଅଭ୍ୟନ୍ତରରେ ରେଳପଥ ସଂରକ୍ଷଣ ପାଇଁ । ଏହିସବୁ ନିର୍ଦ୍ଦେଶ ପାଳନ ପାଇଁ ରାଜ୍ୟ ସରକାର ଅତିରିକ୍ତ ବ୍ୟୟ କଲେ ତାହା ସଂଘ ସରକାର ବହନ କରିବେ ।

ଭାରତୀୟ ସମ୍ବିଧାନ କେନ୍ଦ୍ର ହସ୍ତରେ ଆଉ କେତୋଟି କ୍ଷମତା ନ୍ୟସ୍ତ କରିଛି । କେନ୍ଦ୍ର ସରକାର ଶାସନ ପରିଚାଳନା ପାଇଁ କେତେଗୁଡ଼ିଏ ଦାୟିତ୍ୱ ରାଜ୍ୟ ସରକାର ଅଥବା ରାଜ୍ୟ ସରକାରଙ୍କ କର୍ମଚାରୀମାନଙ୍କ ହସ୍ତରେ ଅର୍ପଣ କରିପାରେ । କିନ୍ତୁ ଏହି ପ୍ରକାର କର୍ତ୍ତବ୍ୟ ସମର୍ପଣ କରିବା ପୂର୍ବରୁ ରାଷ୍ଟ୍ରପତିଙ୍କୁ ସଂପୃକ୍ତ ରାଜ୍ୟର ସମ୍ମତି ନେବାକୁ ପଡ଼ିବ । କିନ୍ତୁ ସଂସଦୀୟ ଆଇନ କୌଣସି ରାଜ୍ୟରେ ପ୍ରଯୁକ୍ତ ହୋଇଥିଲେ ତାହା ରାଜ୍ୟ ବିଧାନମଣ୍ଡଳର କ୍ଷେତ୍ରାଧିକାର ବହିର୍ଭୂତ ହେଲେ ମଧ୍ୟ ଉକ୍ତ ରାଜ୍ୟ ସରକାର କିମ୍ବା ରାଜ୍ୟ ସରକାରଙ୍କ କର୍ମଚାରୀ ଏହାକୁ କାର୍ଯ୍ୟକାରୀ କରିପାରିବେ । ତେବେ ଏହି ସଂକ୍ରାନ୍ତରେ ଅତିରିକ୍ତ ବ୍ୟୟ ହେଲେ ତାହା କେନ୍ଦ୍ର ସରକାରଙ୍କୁ ବହନ କରିବାକୁ ପଡ଼ିବ । ଅପର

ପକ୍ଷରେ କୌଣସି ରାଜ୍ୟର ରାଜ୍ୟପାଳ କେନ୍ଦ୍ର ସରକାରଙ୍କ ଅନୁମତିକ୍ରମେ କେନ୍ଦ୍ର ସରକାର ବା କେନ୍ଦ୍ର ସରକାରଙ୍କ କର୍ମଚାରୀମାନଙ୍କ ହସ୍ତରେ ରାଜ୍ୟର କୌଣସି ପ୍ରକାର ଶାସନ ଦାୟିତ୍ୱ ଅର୍ପଣ କରିପାରନ୍ତି ।

ଏହା ବ୍ୟତୀତ ଆନ୍ତଃରାଜ୍ୟ ନଦୀ ଓ ନଦୀ ଉପତ୍ୟକାଗୁଡ଼ିକ ସମ୍ବନ୍ଧରେ ବିଭିନ୍ନ ରାଜ୍ୟ ମଧ୍ୟରେ ବିବାଦ ଉପୁଜିଲେ ଏହାର ମୀମାଂସା ଦାୟିତ୍ୱ ପାର୍ଲାମେଣ୍ଟକୁ ଦିଆଯାଇଅଛି । ସାଧାରଣତଃ ଏହି କ୍ଷମତା ରାଷ୍ଟ୍ରସଂଘୀୟ ନ୍ୟାୟାଳୟରେ ରହିବା ଉଚିତ । କିନ୍ତୁ ସମ୍ବିଧାନର ବ୍ୟବସ୍ଥା ଅନୁସାରେ ଆଇନ ପ୍ରଣୟନ କରି ପାର୍ଲାମେଣ୍ଟ ଉଚ୍ଚତମ ନ୍ୟାୟାଳୟ ଓ ଉଚ୍ଚ ନ୍ୟାୟାଳୟଗୁଡ଼ିକୁ ଏହି କ୍ଷମତାରୁ ବଞ୍ଚିତ କରିପାରେ ।

ବିଭିନ୍ନ ରାଜ୍ୟର ଶାସନ କାର୍ଯ୍ୟ ମଧ୍ୟରେ ସଂହତି ପ୍ରତିଷ୍ଠାପାଇଁ ରାଷ୍ଟ୍ରପତି ପ୍ରୟୋଜନ ମନେକଲେ ଗୋଟିଏ ଆନ୍ତଃ ରାଜ୍ୟ ପରିଷଦ ( Inter-State Council ) ନିଯୁକ୍ତ କରିପାରନ୍ତି । ବିଭିନ୍ନ ରାଜ୍ୟ ମଧ୍ୟରେ ଉପୁଜିଥିବା ବିବାଦର କାରଣ ଅନୁସନ୍ଧାନ କରିବା, ସେମାନଙ୍କ ସାଧାରଣ ସ୍ୱାର୍ଥ ବିଶ୍ଳେଷଣ କରିବା ଓ ସେମାନଙ୍କ ମଧ୍ୟରେ ସଂହତି ପ୍ରତିଷ୍ଠା କରିବା ସମ୍ବନ୍ଧରେ ସୁପାରିସ କରିବା ହେଉଛି ଏହିଭଳି ପରିଷଦର କର୍ତ୍ତବ୍ୟ ।

ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଜଣାପଡ଼େ ଯେ ଆଇନ ପ୍ରଣୟନ, କ୍ଷମତା ବଣ୍ଟନ ଓ ଆର୍ଥିକ କ୍ଷମତା ବିଭାଜନ ପରେ କ୍ଷମତା ବଣ୍ଟନରେ ମଧ୍ୟ ସମ୍ବିଧାନରେ କେନ୍ଦ୍ର ପ୍ରବଣତା ସ୍ପଷ୍ଟ ଭାବରେ ସ୍ଥାନ ପାଇଛି ।

## ସହଯୋଗିତାମୂଳକ ସଂଘବାଦ

**(Co-operative Federalism)**

ଭାରତର ସଂଘୀୟ ବ୍ୟବସ୍ଥା ଏହି ପରିଚ୍ଛେଦରେ ଆଲୋଚିତ ହୋଇସାରିଛି । ଏହି ବ୍ୟବସ୍ଥା ଯଦିଓ ଯୁକ୍ତରାଷ୍ଟ୍ର ଆମେରିକା ଯେ କି ପୃଥିବୀର ସର୍ବପ୍ରଥମ ରାଷ୍ଟ୍ରସଂଘ ତା' ଠାରୁ ଭିନ୍ନ ନ ହେଲେ ମଧ୍ୟ ଏହାର ବୈଶିଷ୍ଟ୍ୟ ରହିଛି । ଏହାକୁ ଭାରତୀୟ ସଂଘବାଦ ବୋଲି (Indian Federalism) କୁହାଯାଇଥାଏ । ଯେ କୌଣସି ବିଷୟ ଆଲୋଚନା ହେଉଛି ବେଳେ ତାର ପରିବେଷ୍ଟନୀ, ଭୌଗଳିକ ପରିସ୍ଥିତି ଓ ସାମ୍ପ୍ରତିକ ରାଜନୈତିକ ଦୃଷ୍ଟିକୋଣକୁ ନେଇ ବିଚାର୍ଯ୍ୟ ହୋଇଥାଏ । ସମ୍ବିଧାନ ସଭାରେ ଏହି ବିଷୟ ନେଇ ବିସ୍ତୃତ ଆଲୋଚନା ଚାଲିଥିବା ବେଳେ ବହୁ ଯୁକ୍ତିତର୍କ ହୋଇଥିଲା । ଗୋଟାଏ ପକ୍ଷେ କେନ୍ଦ୍ରକୁ ଶକ୍ତିଶାଳୀ କରିବା ଓ ଅନ୍ୟପକ୍ଷେ ରାଜ୍ୟକୁ ଅଧିକା କ୍ଷମତା ଦେବା ଏ ଦୁଇ ଗୋଷ୍ଠୀର ଭାରସାମ୍ୟ ରକ୍ଷା କରିବା ପାଇଁ ସମ୍ବିଧାନ ପ୍ରଣେତାମାନେ ଆପ୍ରାଣ ଚେଷ୍ଟା କରିଥିଲେ । ଭାରତ ଗୋଟିଏ ବହୁ ଭାଷା ଭାଷୀର ଦେଶ ଓ ବିଚ୍ଛିନ୍ନତାବାଦ

ଠିକ୍ ସେହି ସମୟରେ ମୁଣ୍ଡ ଟେକି ଉଠୁଥାଏ । ସେଇଥିପାଇଁ କେନ୍ଦ୍ରକୁ ଶକ୍ତିଶାଳୀ ନ କଲେ ଭାରତ ଯେ ଅଳ୍ପ ଦିନ ମଧ୍ୟରେ ଖଣ୍ଡ ବିଖଣ୍ଡିତ ହୋଇଯିବ ସେଇଟା ସେମାନଙ୍କ ଭୟ ଓ ଆଶଙ୍କା ଥିଲା । ଅପର ପକ୍ଷରେ ରାଜ୍ୟଗୁଡ଼ିକୁ କିଛିଟା ସ୍ୱାତନ୍ତ୍ର୍ୟ ନ ଦେବା ସଂଘୀୟ ଶାସନର ପରିପନ୍ଥୀ ହେବ ବୋଲି ସେମାନେ ବିଚାର କରୁଥିଲେ । ଆଞ୍ଚଳିକ ସ୍ୱାତନ୍ତ୍ର୍ୟ ସୁରକ୍ଷିତ ହେବା ସଙ୍ଗେ ସଙ୍ଗେ ଜାତୀୟ ସଂହତି ଓ ଐକ୍ୟ ଯେପରି ବିପଦାପନ୍ନ ନ ହୁଏ ସେଥିପ୍ରତି ସେମାନେ ସଜାଗ ରହିଥିଲେ । ସେଥିପାଇଁ ସମ୍ବିଧାନ ସଭାରେ କେନ୍ଦ୍ର-ରାଜ୍ୟ ସମ୍ପର୍କକୁ ବଡ଼ ଓ ସାନ ଭାଇର ସମ୍ପର୍କ ବୋଲି ଅଭିହିତ କରାଯାଇଛି । ସାନଭାଇଗୁଡ଼ିକପ୍ରତି ବଡ଼ଭାଇର ସ୍ନେହ ଓ ସଦିଚ୍ଛା ଯେପରି ରହିଥାଏ ଠିକ୍ ସେହିପରି କେନ୍ଦ୍ରର ମଧ୍ୟ ଦଳମତ ନିର୍ବିଶେଷରେ ରାଜ୍ୟ-ମାନଙ୍କ ପ୍ରତି ସଦିଚ୍ଛା ରହିଛି । ଅଳ୍ପଦିନ ପୂର୍ବେ ସାମ୍ବାଦିକମାନେ ପଶ୍ଚିମବଙ୍ଗର ମାର୍କସପନ୍ଥୀ ସରକାରଙ୍କ କେନ୍ଦ୍ର ସରକାରଙ୍କ ପ୍ରତି ଦୃଷ୍ଟିକୋଣ ବିଷୟ ନେଇ ସ୍ୱରାଷ୍ଟ୍ରମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସେଥିରେ ସ୍ୱରାଷ୍ଟ୍ରମନ୍ତ୍ରୀ ମତ ପ୍ରକାଶ କରିଥିଲେ ଯେ ଗୋଟାଏ ବିଷୟରେ ସମସ୍ତଙ୍କ ମତ ଏକ ହୋଇ ନ ପାରେ । ବିଭିନ୍ନ ଦୃଷ୍ଟିକୋଣରୁ ବିଷୟଟି ଆଲୋଚନା କରାଯାଇଥାଏ ଓ ବିଭିନ୍ନ ଲୋକଙ୍କ ଭିନ୍ନ ପ୍ରକାର ଦୃଷ୍ଟିଭଙ୍ଗୀ ରହିଛି । ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ଗଣତନ୍ତ୍ରରେ ଓ ରାଷ୍ଟ୍ର ସଂଘରେ ସହନଶୀଳତାର ଆବଶ୍ୟକତା ରହିଛି, ଓ କେନ୍ଦ୍ର ସରକାର ରାଜ୍ୟମାନଙ୍କ ମନୋଭାବକୁ ଉପହାସ ନ କରି ସମ୍ମାନ ଦେବା ପାଇଁ ବାଧ । କିନ୍ତୁ ରାଜ୍ୟର ମନୋଭାବ ଯଦି ଭାରତର ଐକ୍ୟ ପ୍ରତି କୁଠାରାଘାତ କରେ ତେବେ କେନ୍ଦ୍ର ତାକୁ ଯେ ଦୃଢ଼ ହସ୍ତରେ ଦମନ କରିବ ଏଥିରେ ସନ୍ଦେହ ନାହିଁ । ଉଦାହରଣ ସ୍ୱରୂପ ଆଇନ୍ ଶୃଙ୍ଖଳା ଯଦିଓ ରାଜ୍ୟ ତାଲିକା ଭୁକ୍ତ କେନ୍ଦ୍ର ସରକାର ଏହାର ଅବନତି ଲକ୍ଷ୍ୟ କଲେ ୩୫୬ ଧାରା ଅନୁଯାୟୀ 'ରାଷ୍ଟ୍ରପତି ଶାସନ' ପ୍ରୟୋଗ କରି ସାଧାରଣ ଧନ ଜୀବନର ସୁରକ୍ଷା କରିଥାନ୍ତି । ଅତଏବ ଭାରତୀୟ ସଂଘୀୟ ବ୍ୟବସ୍ଥା ବହୁ ଭାବରେ ସମାଲୋଚିତ ହୋଇଥିଲେ ହେଁ ଏପରି ବ୍ୟବସ୍ଥା ହିଁ ଠିକ୍ ଓ ସମୟୋପଯୋଗୀ ଏହା ଅନେକେ ମତ ଦେଇଥାନ୍ତି । ଭାରତୀୟ ରାଷ୍ଟ୍ରସଂଘରେ ସଂଘ ବେଶୀ କ୍ଷମତାଶାଳୀ ହୋଇଛି ବୋଲି ଅଧ୍ୟାପକ କେ ସି. ହ୍ୱିଅର (K. C. Wheare) ପରି କେତେକ ସଂବିଧାନବିତ୍ ଭାରତକୁ ଏକ କେନ୍ଦ୍ରୀଭୂତ ରାଷ୍ଟ୍ରସଂଘ କହନ୍ତି । କେତେକ କହନ୍ତି 'ଏହା ରୂପରେ ରାଷ୍ଟ୍ରସଂଘ ହୋଇଥିଲେ ହେଁ ଅସଲରେ ଐକିକ' । ଏପରି କହିବା କିଛି ମାନେ ହୁଏନା ।

ପ୍ରକୃତରେ କହିବାକୁ ଗଲେ ଆମେ ଏକ ସହଯୋଗିତାମୂଳକ ସଂଘବାଦ (Co-operative Federalism) ଗ୍ରହଣ କରିଛୁ । ଯାହାର ଅର୍ଥ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ପ୍ରତିଯୋଗିତା ନ ହୋଇ ସ୍ନେହ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପରିବେଶ ମଧ୍ୟରେ ଜାତୀୟ ଏକତା, ବିକାଶ ଓ ପ୍ରଗତିକୁ ଆଖି ଆଗରେ ରଖି ଆଗେଇଯିବା ଉଚିତ । ୧୯୬୯ରେ ତାମିଲନାଡ଼ୁ ସରକାରଙ୍କ ଦ୍ୱାରା ନିଯୁକ୍ତ ରାଜମାନ୍ନାର କମିଟି କେନ୍ଦ୍ର ଓ ରାଜ୍ୟର ସମ୍ପର୍କ ଅନୁଧ୍ୟାନ କରି ଅର୍ଥନୈତିକ କ୍ଷେତ୍ରରେ ରାଜ୍ୟକୁ ଅଧିକ କ୍ଷମତା ଦେବାପାଇଁ

ମତ ଦେଇଥିଲେ । ଏହାର କାରଣ ଅର୍ଥନୈତିକ କ୍ଷେତ୍ରରେ ଅଧିକାଂଶ ରାଜ୍ୟ ସ୍ୱାବଲମ୍ବୀ ନୁହନ୍ତି ଓ କେନ୍ଦ୍ର ଉପରେ ନିର୍ଭର କରିଥାନ୍ତି । ଅର୍ଥନୈତିକ ପ୍ରଗତି ବିନା ରାଜ୍ୟର ପ୍ରଗତି ଅସମ୍ଭବ । ଭାରତ ସରକାରଙ୍କ ଦ୍ୱାରା ନିଯୁକ୍ତ ଶାସନ ସଂସ୍କାର କମିଶନ (A. R. C.) ମଧ୍ୟ ରାଜ୍ୟଗୁଡ଼ିକର ସ୍ୱାତନ୍ତ୍ର୍ୟକୁ କ୍ଷୁଣ୍ଣ ନ କରିବା ପାଇଁ ମତଦାନ କରିଛନ୍ତି । ପଶ୍ଚିମବଙ୍ଗର ମାର୍କସବାଦୀ ସରକାର ନିଜର ସ୍ୱତନ୍ତ୍ରତା ବଜାୟ ରଖିବାପାଇଁ କେନ୍ଦ୍ର ସଙ୍ଗେ ସବୁବେଳେ ବଳ କଷାକଷି କରି ଚାଲିଛି । ଆସାମର କେତେକ ଗୋଷ୍ଠୀଭଳି ଯଦି କୌଣସି ସରକାର ଜିଦ୍ ଧରି ବସେ ତେବେ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ପରିସ୍ଥିତିକୁ ଜଟିଳ କରିବ ।

କ୍ଷମତା ଜାହିର ନ କରିବାପାଇଁ କେନ୍ଦ୍ର ଓ ରାଜ୍ୟ ଉଭୟେ ସଚେତନ ରହିବା ଉଚିତ । ରାଜ୍ୟର ଦାବି କେନ୍ଦ୍ର କେତେଦୂର ମାନିନେବ ତାହା ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ବିଚାର୍ଯ୍ୟ । ସେଥିରେ ପୁଣି ସଂଖ୍ୟାଲଘୁ ସମ୍ପ୍ରଦାୟକୁ କେନ୍ଦ୍ର କେବେ ଉପେକ୍ଷା ନ କରି ପାରେ । ଏହା କେନ୍ଦ୍ରର ନୈତିକ (moral) ଦାୟିତ୍ୱ । ଏହି ଦୃଷ୍ଟିରୁ ଭାରତବର୍ଷ ଭଳି ଏକ ବିରାଟ ଦେଶରେ ସଂଘୀୟ ଶାସନ ଯେ ତିଷ୍ଠି ରହିଛି ଏହା କିଛି କମ ଗୌରବର କଥା ନୁହେଁ । Unity among diversity—ବହୁଳତାବାଦର କୁଚକ୍ର ମଧ୍ୟରେ ଏକତା ରକ୍ଷା ଆମେ କରିପାରିଛୁ ଏହା ଆମ ସହିଷ୍ଣୁତା ଯୋଗୁଁ ହିଁ ସଫଳ ହୋଇଛି ଓ ସହଯୋଗିତା ଭିତ୍ତିରେ ଆମେ ଆଗେଇ ଚାଲିଛୁ । ଏହାକୁ ହିଁ ସହଯୋଗିତାମୂଳକ ସଂଘବାଦ ବା (Co-operative Federalism) କୁହାଯାଇଥାଏ ।

# ଅଷ୍ଟମ ପରିଚ୍ଛେଦ

## ଭାରତୀୟ ଇଉନିୟନ

### ଇଉନିୟନର ଶାସନ ବିଭାଗ

ଭାରତରେ ଏକ ଗଣତାନ୍ତ୍ରିକ ସଂବିଧାନର ଗଠନ ନିମନ୍ତେ ସଂବିଧାନ ସଭାର ସଦସ୍ୟମାନେ ଅଂଗୀକାର କରିଥିଲେ ଏବଂ ଗଣତନ୍ତ୍ରକୁ ପ୍ରତ୍ୟକ୍ଷ ଏବଂ ଦାୟିତ୍ୱଶୀଳ ସରକାରର ସଂସ୍ଥାଗୁଡ଼ିକ ଦେଇ ପରିପ୍ରକାଶ କରାଇବା ସେମାନଙ୍କ ଲକ୍ଷ୍ୟଥିଲା । ସମ୍ବିଧାନ ସଭା ୟୁରୋପ ଓ ଆମେରିକୀୟ ସାଂବିଧାନିକ ପରମ୍ପରାକୁ ଅନୁଶୀଳନକରି ତିନିଗୋଟି ପ୍ରଧାନ ସଂବିଧାନର ତର୍ଜମା କରିଥିଲେ: — ଯଥା—ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତୀୟ ପ୍ରଥା, ସୁଇଜରଲାଣ୍ଡର ନିର୍ବାଚିତ ଶାସନ ବିଭାଗ ଏବଂ ଇଂଲଣ୍ଡର ସଂସଦୀୟ ଗଣତନ୍ତ୍ର ବା କ୍ୟାବିନେଟ୍ ଶାସନ ବ୍ୟବସ୍ଥା । ଏଥିଭିତରୁ ଯେ କୌଣସି ଗୋଟିକୁ ଗ୍ରହଣ କରାଯିବ କି ତିନୋଟି ବ୍ୟବସ୍ଥାର ଏକ ଚଳନୀୟ ( workable ) ସମନ୍ୱୟ କରାଯିବ ଏହାହିଁ ଥିଲା ସଂବିଧାନ ସଭାର ପ୍ରଧାନ ସମସ୍ୟା । ସମସ୍ୟାର ସମାଧାନ କଲାବେଳେ ଭାରତର ପୂର୍ବ ପରମ୍ପରା, କ୍ୟାବିନେଟ୍ ଶାସନବ୍ୟବସ୍ଥା ସହିତ ତାର ଘନିଷ୍ଠ ପରିଚୟ ଏବଂ ବର୍ତ୍ତମାନ ଓ ଭବିଷ୍ୟତର ଆବଶ୍ୟକତା-ଗୁଡ଼ିକୁ ବିଚାରକୁ ନେବାକୁ ପଡ଼ିଥିଲା । ସାମାଜିକ, ଶିଳ୍ପ ଓ କୃଷିସମ୍ବନ୍ଧୀୟ ବିକାଶ କ୍ଷେତ୍ରରେ ଦୀର୍ଘ ପଦକ୍ଷେପ ନେବାପାଇଁ ଏବଂ ଭାରତର ଅଗଣିତ ଜନତାଙ୍କୁ ନ୍ୟାୟର ଶାସନ ଯୋଗାଇ ମଧ୍ୟ ବିଂଶ ଶତାବ୍ଦୀର ପୃଥିବୀର ଅନ୍ୟ ପ୍ରଗତିଶୀଳ ଦେଶମାନଙ୍କ ସହିତ ସମତାଳରେ ତାଳ ଦେଇ ଚାଲିବାପାଇଁ ଶକ୍ତିଶାଳୀ କାର୍ଯ୍ୟକଳାପ ଏବଂ ଫଳୋତ୍ପାଦକ ପଦକ୍ଷେପ ନେଇପାରିବା ଭଳି ଏକ ଶାସନ ବିଭାଗର ଆବଶ୍ୟକତା ଥିଲା । କିନ୍ତୁ ପ୍ରଶ୍ନଥିଲା କେଉଁ ପ୍ରକାର ଶାସନ ବିଭାଗ ସ୍ଥିର, ଶକ୍ତ କାର୍ଯ୍ୟଦକ୍ଷ ଏବଂ ତତ୍ପର ହେବା ସଙ୍ଗେ ସଙ୍ଗେ ଗଣତାନ୍ତ୍ରିକ ହୋଇପାରିବ ? ସମ୍ବିଧାନ ସଭା ଭାରତ ପାଇଁ ବ୍ରିଟିଶ କ୍ୟାବିନେଟ୍ ପ୍ରଥାର କିଞ୍ଚିତ ପରିବର୍ତ୍ତିତ ପ୍ରଣାଳୀକୁ ଗ୍ରହଣ କରିଥିଲେ ।

"ଭାରତ ଏକ ସାଧାରଣତନ୍ତ୍ର ହେବାପାଇଁ ବାଧ୍ୟ······ଶୂନ୍ୟରୁ ଆମେ ରାଜତନ୍ତ୍ର ସୃଷ୍ଟି କରିପାରିବା ନାହିଁ । ତାହାର ଅବସ୍ଥିତି ନାହିଁ" ବୋଲି ପଣ୍ଡିତ ନେହେରୁ ମତବ୍ୟକ୍ତ କରିଥିଲେ । ସେ ପୁଣି କହିଥିଲେ, "ଯେହେତୁ ଭାରତକୁ ଏକ ସ୍ୱାଧୀନ ଏବଂ ସାର୍ବଭୌମ

ରାଷ୍ଟ୍ର ହେବାକୁ ପଡ଼ିବ, ଆମେ ବାହାରୁ ରାଜତନ୍ତ୍ରକୁ ଆମଦାନୀ କରିବା ନାହିଁ ଏବଂ ଦେଶ ଭିତରେ ଥିବା ଆଞ୍ଚଳିକ ରାଜତନ୍ତ୍ରଗୁଡ଼ିକ ଭିତରୁ ଭାରତବର୍ଷପାଇଁ ଗୋଟିଏ ଆଇନ୍‌ସିଦ୍ଧ (Legal) ଉତ୍ତରାଧିକାରୀ ଖୋଜିବା ନାହିଁ । ତେଣୁ ଭାରତପାଇଁ ଏକ ସାଧାରଣତନ୍ତ୍ର ଅନିବାର୍ଯ୍ୟ" । ବର୍ତ୍ତମାନ ଭାରତୀୟ ଇଉନିୟନର ସଂଶୋଧନମୂଳକ ଇତିହାସ ଅନୁଧ୍ୟାନ କଲେ ଦେଖିବା ଯେ ଏହା ଅତୀତରେ କେବେହେଲେ ଗୋଟିଏ ରାଜାଙ୍କ ଅଧୀନସ୍ଥ ନଥିଲା । କେବଳ ୧୮୫୮ଠାରୁ ଯେତେବେଳେ ବ୍ରିଟିଶ ସମ୍ରାଟ ଭାରତର ଶାସନଭାର ଇଷ୍ଟଇଣ୍ଡିଆ କମ୍ପାନୀଠାରୁ ନିଜ ହାତକୁ ନେଲେ ଏବଂ ସମ୍ରାଟଙ୍କ ପ୍ରତିନିଧିତ୍ୱ କରୁଥିବା ଭାଇସରୟଙ୍କ ଦ୍ୱାରା ଶାସନ ପରିଚାଳନା କରିଥିଲେ ଭାରତରେ ରାଜତନ୍ତ୍ର ପ୍ରତିଷ୍ଠା ହୋଇଥିଲା । ୧୮୭୭ ଖ୍ରୀଷ୍ଟାବ୍ଦରେ ମହାରାଣୀ ଭିକ୍ଟୋରିଆଙ୍କୁ ଭାରତର ସାମ୍ରାଜ୍ଞୀ ଘୋଷିତ କରାଯାଇଥିଲା । ବର୍ତ୍ତମାନ ଭାରତର ଜଣେ ନିର୍ବାଚିତ ରାଷ୍ଟ୍ରମୁଖ୍ୟ ଭାରତୀୟ ସାଧାରଣତନ୍ତ୍ରର ରାଷ୍ଟ୍ରପତି ହିସାବରେ ବିବେଚିତ ହୁଅନ୍ତି । ଇଂଲଣ୍ଡର ରାଜାଙ୍କ ପରି ଭାରତୀୟ ରାଷ୍ଟ୍ରପତି ମଧ୍ୟ ଜଣେ ସାମ୍ବିଧାନିକ ରାଷ୍ଟ୍ରମୁଖ୍ୟ । ସେ ପାଞ୍ଚବର୍ଷପାଇଁ ପରୋକ୍ଷ ଭାବରେ ନିର୍ବାଚିତ ହୁଅନ୍ତି ଏବଂ ନିର୍ଦ୍ଦିଷ୍ଟ ସମୟ ଅତିବାହିତ ହେବାପୂର୍ବରୁ କେବଳ କେନ୍ଦ୍ର ପାର୍ଲିଆମେଣ୍ଟରେ ମହାଭିଯୋଗରେ ହିଁ ତାଙ୍କୁ ବହିଷ୍କାର କରାଯାଇପାରେ । ରାଷ୍ଟ୍ରପତିଙ୍କ ଅକର୍ମଣ୍ୟତା କିମ୍ବା ମୃତ୍ୟୁ ପରେ ରାଷ୍ଟ୍ରମୁଖ୍ୟ ହିସାବରେ କାମ ଚଳାଇବା ପାଇଁ ଭାରତୀୟ ସମ୍ବିଧାନରେ ପରୋକ୍ଷଭାବରେ ନିର୍ବାଚିତ ଜଣେ ଉପରାଷ୍ଟ୍ରପତିଙ୍କ ବ୍ୟବସ୍ଥା ମଧ୍ୟ ରହିଛି । ସେ ରାଜ୍ୟ ସଭାର ଅଧ୍ୟକ୍ଷ କାର୍ଯ୍ୟ ଚଳାନ୍ତି । ଇଂଲଣ୍ଡରେ ଯେଉଁଳି ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ମନ୍ତ୍ରୀପରିଷଦ ରାଷ୍ଟ୍ରମୁଖ୍ୟଙ୍କୁ ସାହାଯ୍ୟ ଓ ପରାମର୍ଶ ଦିଅନ୍ତି ଏବଂ ସଂସଦ ନିକଟରେ ମିଳିତଭାବେ ଦାୟୀ ରହନ୍ତି, ଭାରତରେ ବି ସେହିପରି ବ୍ୟବସ୍ଥା ରହିଛି । ମନ୍ତ୍ରୀପରିଷଦ ଶାସନମୁଖ୍ୟ ହିସାବରେ ଦାୟିତ୍ୱ ଚଳାନ୍ତି । ରାଷ୍ଟ୍ରପତି ନାମମାତ୍ର ମୁଖ୍ୟ ରହିବାସ୍ଥଳେ ପ୍ରଧାନମନ୍ତ୍ରୀ ବାସ୍ତବ କ୍ଷେତ୍ରରେ ସମସ୍ତ କ୍ଷମତାର ଅଧିକାରୀ ହୁଅନ୍ତି । ଆଟର୍ଣ୍ଣି ଜେନେରାଲଙ୍କୁ ବି ଭାରତର ଶାସନ ବ୍ୟବସ୍ଥା ଭିତରେ ଯୁକ୍ତ କରାଯାଇଛି ।

ତେଣୁ ସମ୍ବିଧାନର ୫୨ ଧାରାରେ ବ୍ୟବସ୍ଥା ଅଛି ଯେ "ଭାରତରେ ଜଣେ ରାଷ୍ଟ୍ରପତି ରହିବେ ।" ଇଉନିୟନର ଶାସନକ୍ଷମତା ୫୩ ଧାରାରେ ରାଷ୍ଟ୍ରପତିଙ୍କ ହାତରେ ନ୍ୟସ୍ତ କରାଯାଇଛି । ସେ ଏହି ସବୁ କ୍ଷମତା ପ୍ରତ୍ୟକ୍ଷ ଭାବରେ ବା ତାଙ୍କର ଅଧୀନସ୍ଥ କର୍ମଚାରୀଙ୍କ ମାଧ୍ୟମରେ ସମ୍ବିଧାନ ଅନୁଯାୟୀ ପ୍ରୟୋଗ କରିବେ । ୭୪ ଓ ୭୫ (୩) ଅନୁଚ୍ଛେଦ ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ମନ୍ତ୍ରୀପରିଷଦ ରହିବେ ଯେ କି ରାଷ୍ଟ୍ରପତିଙ୍କୁ ସାହାଯ୍ୟ ଓ ପରାମର୍ଶ ଦେବେ । ତେଣୁ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବିଧାନ ଅନୁଯାୟୀ ଶାସନ କ୍ଷମତା ପ୍ରୟୋଗ ଏବଂ ଦାୟିତ୍ୱଶୀଳ ମନ୍ତ୍ରୀପରିଷଦର ଅସ୍ତିତ୍ୱ ରାଷ୍ଟ୍ରପତିଙ୍କୁ ନିୟମତାନ୍ତ୍ରିକ ଶାସକରେ (Nominal executive) ପରିଣତ କରିଥାଏ । ସେ କେବଳ ରାଷ୍ଟ୍ରମୁଖ୍ୟ ହିସାବରେ ମନ୍ତ୍ରୀପରିଷଦର ପରାମର୍ଶ ପରିସର ଭିତରେ କାର୍ଯ୍ୟ କରିଥାନ୍ତି । ମନ୍ତ୍ରୀପରିଷଦ ଏକ ଅସ୍ଥାୟୀ ରାଜନୈତିକ ତଥା ଶାସନ କ୍ଷେତ୍ରରେ ଅନଭିଜ୍ଞ (Amateur) ଗୋଷ୍ଠୀ ହୋଇଥିବା

ହେତୁ ମନ୍ତ୍ରୀମାନଙ୍କୁ ସାହାଯ୍ୟ କରିବାପାଇଁ ଏବଂ ଦୈନନ୍ଦିନ ଶାସନକାର୍ଯ୍ୟ ସଂପାଦନ କରିବାପାଇଁ ବହୁ ସଂଖ୍ୟକ ସ୍ଥାୟୀ ଏବଂ ବୃତ୍ତିଗତ ( Professionals ) କର୍ମଚାରୀ ରହିଛନ୍ତି । ସେମାନଙ୍କୁ ବେସାମରିକ କର୍ମଚାରୀ (Civil servant) କୁହାଯାଏ । ସୁତରାଂ ପ୍ରଶସ୍ତ ଭାବରେ ବିଚାର କରାଗଲେ ଭାରତୀୟ ସଂଘର ଶାସନ ବିଭାଗ ରାଷ୍ଟ୍ରପତି, ତାଙ୍କର ଅନୁପସ୍ଥିତିରେ ଉପରାଷ୍ଟ୍ରପତି, ମନ୍ତ୍ରୀପରିଷଦ ଏବଂ ସ୍ଥାୟୀ କର୍ମଚାରୀଙ୍କୁ ନେଇ ଗଠିତ ।

## ରାଷ୍ଟ୍ରପତି

**( The President )**

ପଣ୍ଡିତ ଜବାହରଲାଲ ନେହେରୁ ସମ୍ବିଧାନ ସଭାରେ କହିଥିଲେ "ଆମେ ସରକାରଙ୍କ ମନ୍ତ୍ରୀ ପ୍ରାଧାନ୍ୟ (Ministerial) ପ୍ରକୃତି ଉପରେ ଜୋର ଦେବାକୁ ଚାହୁଁ । କ୍ଷମତା ବାସ୍ତବରେ ମନ୍ତ୍ରୀ ପରିଷଦ ଏବଂ ଆଇନସଭା ଉପରେ ନ୍ୟସ୍ତ ରହିଛି, ରାଷ୍ଟ୍ରପତିଙ୍କ ଉପରେ ନୁହେଁ । କିନ୍ତୁ ଫରାସୀ ରାଷ୍ଟ୍ରପତିଙ୍କ ପରି ଆମେ ଆମ ରାଷ୍ଟ୍ରପତିଙ୍କୁ ପୂରାପୂରି କ୍ଷମତାଚ୍ୟୁତ କରିନାହୁଁ ।" ରାଷ୍ଟ୍ରପତିଙ୍କୁ ପ୍ରକୃତ କ୍ଷମତାର ଅଧିକାରୀ କରାଯାଇନାହିଁ ସତ କିନ୍ତୁ ତାଙ୍କ ପଦର ପ୍ରଭୁତ୍ୱ ଓ ମର୍ଯ୍ୟାଦା ରହିଛି । ସଂବିଧାନ ତେଣୁ ରାଷ୍ଟ୍ରପତିଙ୍କୁ ପ୍ରକୃତ ଶାସକ କରିନାହିଁ କି ଅତି ସାଧାରଣ ନିୟମତାନ୍ତ୍ରିକ ଶାସକ କରିନାହିଁ । ସେ ରାଜତ୍ୱ କରନ୍ତି ନାହିଁ କି ଶାସନ କରନ୍ତି ନାହିଁ; ତଥାପି ତାଙ୍କର ପ୍ରଭୁତ୍ୱ, ପଦମର୍ଯ୍ୟାଦା, ଗୌରବ ଓ ଶ୍ରେଷ୍ଠତା ରହିଛି । ତେଣୁ ସେ ରାଜ୍ୟର ସର୍ବଶ୍ରେଷ୍ଠ ଓ ନାମମାତ୍ର ମୁଖ୍ୟ ଅଟନ୍ତି । ଜଣେ ଶ୍ରେଷ୍ଠ ଆକାର-ବିଶିଷ୍ଟ ମୁଖ୍ୟ ( Great figure-head ) । କର୍ତ୍ତୃତ୍ୱ ଯେଉଁଠି କ୍ଷମତା ସେଇଠି । ଉଭୟଠାରୁ ମର୍ଯ୍ୟାଦା ନିଃସୃତ ହୋଇଥାଏ । ତେଣୁ ପ୍ରଭୁତ୍ୱ ଥାଇ କ୍ଷମତା ନଥିବା ବ୍ୟବସ୍ଥା ଏକରକମ ଅସଂଗତ ଏବଂ ଅବାସ୍ତବ ମନେହୁଏ । ରାଷ୍ଟ୍ରପତିଙ୍କୁ ପ୍ରଥମେ ବିଭିନ୍ନ କ୍ଷମତାର ବଶବର୍ତ୍ତୀ କରାଯାଇଛି ଓ ପରେ ସେ କେବଳ ମନ୍ତ୍ରୀମାନଙ୍କର ସାହାଯ୍ୟ ଏବଂ ପରାମର୍ଶ ଦ୍ୱାରା କାର୍ଯ୍ୟ-କରିବା ବିଷୟ ଉଲ୍ଲେଖ କରାଯାଇଛି । ସୁତରାଂ ରାଷ୍ଟ୍ରପତିଙ୍କ ଉପରେ ବିସ୍ତୃତ ଆଲୋଚନାପାଇଁ ରାଷ୍ଟ୍ରପତି ପଦର ପ୍ରକୃତି ( nature ), କ୍ଷମତା ଏବଂ କ୍ଷମତାର ସୀମାବଦ୍ଧକରଣ ଉପରେ ଜାଣିବା ଦରକାର ।

### ନିର୍ବାଚନ—

ଭାରତୀୟ ସଂବିଧାନର ୫୪ ଏବଂ ୫୫ ଅନୁଚ୍ଛେଦରେ ରାଷ୍ଟ୍ରପତି ନିର୍ବାଚନର ପଦ୍ଧତି ଉଲ୍ଲେଖ କରାଯାଇଛି । ଭାରତୀୟ ରାଷ୍ଟ୍ରପତିଙ୍କ ପରୋକ୍ଷ ନିର୍ବାଚନ ବ୍ୟବସ୍ଥା, ଜର୍ମାନୀରେ ପ୍ରଚଳିତ ବ୍ୟବସ୍ଥା ସହିତ ଯଥେଷ୍ଟ ସାମଞ୍ଜସ୍ୟ ରହିଛି । ରାଷ୍ଟ୍ରପତି ଏକ ନିର୍ବାଚନ ମଣ୍ଡଳୀ ( Electoral College ) ଦ୍ୱାରା ନିର୍ବାଚିତ ହୁଅନ୍ତି । ଏହି ନିର୍ବାଚନମଣ୍ଡଳୀ (କ) କେନ୍ଦ୍ର ସଂସଦର ଉଭୟ କକ୍ଷର ନିର୍ବାଚିତ ସଦସ୍ୟଗଣ ଏବଂ (ଖ) ରାଜ୍ୟଗୁଡ଼ିକର ବିଧାନ-ସଭାର ନିର୍ବାଚିତ ସଦସ୍ୟମାନଙ୍କୁ ନେଇ ଗଠିତ । ଜର୍ମାନୀରେ ଲ୍ୟାଣ୍ଡଟ୍ୟାଗ୍ (Landtags)

ସ୍ୱତନ୍ତ୍ର ରାଷ୍ଟ୍ରମାନଙ୍କ୍ୱାରା ନିର୍ବାଚିତ କରିବାପାଇଁ, ରାଷ୍ଟ୍ରସଂଘୀୟ ପ୍ରତିନିଧି ସଭା ( Federal Convention)କୁ ସମାନୁପାତିକ ପ୍ରତିନିଧିତ୍ୱ ଭିତ୍ତିରେ ନିର୍ବାଚିତ କରି ପ୍ରତିନିଧି ପଠାଇ-ଥାନ୍ତି । ଭାରତବର୍ଷରେ ଏହି ଦାୟିତ୍ୱ ରାଜ୍ୟବିଧାନ ସଭାମାନଙ୍କ ବହନ କରିଥାନ୍ତି । ଜର୍ମାନୀର ବୁନ୍ଦେଷ୍ଟାଗ ( Bundestag )ରେ ସମାନଭାବରେ ସଭ୍ୟ ନିର୍ବାଚିତ ହୋଇଥାଏ । କାରଣ ପ୍ରତ୍ୟେକ ଲ୍ୟାଣ୍ଡଷ୍ଟାଗ ବୁନ୍ଦେଷ୍ଟାଗରେ ଥିବା ସମାନ ସଂଖ୍ୟକ ସଦସ୍ୟଙ୍କୁ ପଠାଇବାର ଅଧିକାର ରହିଛି । ଭାରତରେ କିନ୍ତୁ ସମାନଭାବର ବ୍ୟବସ୍ଥା (equality) ରାଜ୍ୟ ବିଧାନସଭା ସ୍ତରରେ ଦେଖାଯାଏ । ଦେଶସାରା ସମସ୍ତ ରାଜ୍ୟ ବିଧାନସଭାମାନଙ୍କର ସଦସ୍ୟମାନଙ୍କର ଭୋଟର ସମଷ୍ଟି ଯେତିକିହେବ ଠିକ୍ ସେହି ସଂଖ୍ୟକ ଭୋଟ ଦେବାର କ୍ଷମତା ପାର୍ଲାମେଣ୍ଟ ହାତରେ ରହିଛି ।

**ପରୋକ୍ଷ ନିର୍ବାଚନ :**

ନିର୍ବାଚନ ପଦ୍ଧତି ଉପରେ କୌଣସି ଏକ ସିଦ୍ଧାନ୍ତରେ ଉପନୀତ ହେବାପୂର୍ବରୁ ସଂବିଧାନ ସଭାରେ ଯଥେଷ୍ଟ ତର୍କବିତର୍କ ହୋଇଥିଲା । ଅନେକ ସଦସ୍ୟ ପ୍ରତ୍ୟକ୍ଷ ନିର୍ବାଚନ ସପକ୍ଷରେ ଯୁକ୍ତି ବାଢ଼ିଥିଲେ । ସେମାନଙ୍କ ମତରେ ଯେଉଁ ରାଷ୍ଟ୍ରପତିଙ୍କ ଉପରେ ସଂବିଧାନ ବିସ୍ତୀର୍ଣ୍ଣ କ୍ଷମତା ନ୍ୟସ୍ତ କରିଛି, ତାଙ୍କର ନିର୍ବାଚନ ପରୋକ୍ଷ ନହୋଇ ପ୍ରତ୍ୟକ୍ଷ ହେବା ଉଚିତ । ତାଛଡ଼ା ପ୍ରତ୍ୟକ୍ଷ ନିର୍ବାଚନ ଭାରତୀୟ ଜନତାଙ୍କ ମଧ୍ୟରେ ଐକ୍ୟ ବୃଦ୍ଧିରେ ସହାୟକ ହେବା ସଙ୍ଗେ ସଙ୍ଗେ ସାଧାରଣ ସ୍ୱାର୍ଥଜନିତ ଆବଶ୍ୟକ ବିଷୟବସ୍ତୁ ଉପରେ ଦୃଷ୍ଟି ନିକ୍ଷେପ କରିବା ପାଇଁ ସମଗ୍ର ଭାରତର ଭାବପ୍ରବଣତାକୁ ଉଦ୍ରେକିତ-ପ୍ରଣୋଦିତ କରିବାରେ ସହାୟକ ହୋଇପାରେ । ଅନ୍ୟ କେତେକଙ୍କ ମତରେ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ରାଷ୍ଟ୍ରପତି ପୃଥିବୀରେ ଅଧିକ ପଦମର୍ଯ୍ୟାଦା ଓ ନୈତିକ ସମ୍ମାନ ପାଇବା ଅବଶ୍ୟମ୍ଭାବୀ । କିନ୍ତୁ ଏହି ସମସ୍ତ ଯୁକ୍ତି କାହାରିକୁ ତୃପ୍ତ କରିପାରିଲା ନାହିଁ । ଅପର ପକ୍ଷରେ ଡ : ଅମ୍ବେଦକର କହିଥିଲେ ଯେ ଭାରତର ବୃହତ୍ତ ଲୋକସଂଖ୍ୟା ପ୍ରତ୍ୟକ୍ଷ ନିର୍ବାଚନ ପଥରେ ପ୍ରତିବନ୍ଧକ ସୃଷ୍ଟି କରିପାରେ । ପ୍ରତ୍ୟକ୍ଷ ନିର୍ବାଚନ ପ୍ରଶାସନିକ କଳ ଉପରେ ଅତ୍ୟଧିକ ଚାପ ପକାଇବ । ଏତଦ୍ ବ୍ୟତୀତ ବାସ୍ତବକ୍ଷେତ୍ରରେ ଶାସନ ବିଭାଗୀୟ କ୍ଷମତା ନଥିବା ଜଣେ ନିୟମତାନ୍ତ୍ରିକ ମୁଖ୍ୟଙ୍କ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ଅନାବଶ୍ୟକ । ପଣ୍ଡିତ ନେହେରୁ କହିଥିଲେ ଯେ ପ୍ରତ୍ୟକ୍ଷ ନିର୍ବାଚନ ଫଳରେ ଅର୍ଥଶକ୍ତି ଏବଂ ସମୟର ବିପୁଳ ଅପଚୟ ହୋଇପାରେ । ପରୋକ୍ଷ ଭାବରେ ନିର୍ବାଚିତ ରାଷ୍ଟ୍ରମୁଖ୍ୟ ନିର୍ଦ୍ଦଳୀୟ ହେବାର ସମ୍ଭାବନା ରହିଛି ବୋଲି କେତେକ ମତବ୍ୟକ୍ତ କରିଥିଲେ । କିନ୍ତୁ ପରୋକ୍ଷ ନିର୍ବାଚନ ସପକ୍ଷରେ ସବୁଠାରୁ ବଳିଷ୍ଠଯୁକ୍ତି ହେଉଛି ଭାରତ ଏକ ସଂସଦୀୟ ରାଷ୍ଟ୍ର, ହୋଇଥିବା ହେତୁ ତାରିପାଇଁ ରାଷ୍ଟ୍ରମୁଖ୍ୟ ପରୋକ୍ଷ ଭାବରେ ନିର୍ବାଚିତ ହେବା ଉଚିତ । କାରଣ ଏଥିରେ ନିୟମତାନ୍ତ୍ରିକ ଶାସନକର୍ତ୍ତା ଓ ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ ମଧ୍ୟରେ ବିରୋଧଭାବ ରହିବାର ଯଥେଷ୍ଟ ସମ୍ଭାବନା ଥାଏ । ଏକ ପକ୍ଷରେ ମନ୍ତ୍ରିବର୍ଗ ଦାବିକରନ୍ତି ଯେ ସେମାନେ ହିଁ ଜନସାଧାରଣଙ୍କ ପ୍ରତିନିଧି । ଅନ୍ୟ ପକ୍ଷରେ

ରାଷ୍ଟ୍ରମୁଖ୍ୟ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହେଲେ ସେହିପରି ଦାବି କରିବାର ସମ୍ଭାବନା ରହିଛି । ଏହିପରି କ୍ଷେତ୍ରରେ ଶାସନବ୍ୟବସ୍ଥାରେ ଅସୁବିଧା ସୃଷ୍ଟି ହୋଇପାରେ । ସଂସଦୀୟ ଗଣତନ୍ତ୍ରରେ ରାଷ୍ଟ୍ରପତି ଯେ କି ନାମକୁ ମାତ୍ର ମୁଖ୍ୟ ଏବଂ ମନ୍ତ୍ରିପରିଷଦ ଯେ କି ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ସଭ୍ୟମାନଙ୍କୁ ନେଇ ଗଠିତ, ରାଷ୍ଟ୍ରପତି ପ୍ରତ୍ୟକ୍ଷ ଭାବେ ନିର୍ବାଚିତ ହେବେ ଏ ପ୍ରକାର ଚିନ୍ତାଧାରାକୁ ସଂବିଧାନ ପ୍ରଣୟନ ସଂସ୍ଥା ଏଡ଼ାଇ ଦେଇଥିଲେ । ଦ୍ୱିତୀୟତଃ, ରାଷ୍ଟ୍ରପତି ଅନ୍ୟ ରାଜନୈତିକ ନେତାଙ୍କପରି ଦେଶଭ୍ରମଣ ହୋଇ ଭୋଟଭିକ୍ଷା କରିବୁଲିଲେ ରାଷ୍ଟ୍ରପତି ପଦର ମର୍ଯ୍ୟାଦା କ୍ଷୁଣ୍ଣ ହେବାର ଏବଂ ରାଷ୍ଟ୍ରପତି ସାଧାରଣ ସମାଲୋଚନାର କେନ୍ଦ୍ର ହେବାର ଆଶଙ୍କା ରହିଛି । ଅତଏବ ଭାରତପରି ବ୍ୟାପ୍ତବିଶାଳ ଦେଶରେ ସମସ୍ତ ଭୋଟଦାତାଙ୍କୁ ନେଇ ନିର୍ବାଚନମଣ୍ଡଳୀଦ୍ୱାରା ରାଷ୍ଟ୍ରପତିଙ୍କ ପ୍ରତ୍ୟକ୍ଷ ନିର୍ବାଚନ ଅତ୍ୟନ୍ତ ଜଟିଳ ଓ ବ୍ୟୟସାପେକ୍ଷ ପଦ୍ଧତି ।

## ନିର୍ବାଚନ ମଣ୍ଡଳୀ—

ପରୋକ୍ଷ ନିର୍ବାଚନକୁ ଉପଯୁକ୍ତ ପ୍ରଥା ବୋଲି ବାଛି ନିଆଯିବାପରେ ନିର୍ବାଚନମଣ୍ଡଳୀ ( Electoral College )ର ଆକାର ଓ ଗଠନ ଉପରେ ବିଭିନ୍ନ ମତ ପ୍ରକାଶ ପାଇଥିଲା । କେତେଜଣ କେନ୍ଦ୍ର ଓ ରାଜ୍ୟମାନଙ୍କ ସମସ୍ତ ବିଧାୟକ ଏବଂ ଆଞ୍ଚଳିକ ବୋର୍ଡ଼-ଗୁଡ଼ିକର ସଦସ୍ୟମାନଙ୍କୁ ନେଇ ଏକ ବଡ଼ଧରଣର ନିର୍ବାଚକମଣ୍ଡଳୀ ଗଠନକରିବାକୁ ପ୍ରସ୍ତାବ ଦେଇଥିଲେ । କିନ୍ତୁ ନେହେରୁଙ୍କ ମତରେ ଏହାଫଳରେ କାହାର ଉପକାର ହୋଇ ନଥାନ୍ତା ଅଥଚ ବିଭ୍ରାଟ ସୃଷ୍ଟି କରିଥାନ୍ତା । ଯୁକ୍ତରାଷ୍ଟ୍ର ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଉଦ୍ଦିଷ୍ଟଥିବା ପ୍ରଣାଳୀକୁ ସୁଦ୍ଧା ସଂବିଧାନ ପ୍ରଣେତାମାନେ ଗ୍ରହଣ କରିନଥିଲେ । କାରଣ ନୂଆକରି ସ୍ୱାଧୀନତାକୁ ହାସଲକରି ଗଣତନ୍ତ୍ରକୁ ଅନୁଭବ କରିବାକୁ ଯାଉଥିବା ଭାରତୀୟଙ୍କ ପାଇଁ ଆମେରିକୀୟ ପ୍ରଣାଳୀ ନିତାନ୍ତ ଜଟିଳ ହୋଇଥାନ୍ତା. ଭୁଲବଶତଃ ହେଉ ବା ଠିକ୍ ହେଉ ସଂବିଧାନ ସଭାରେ ଗୋଟିଏ ଉଚିତ ନିର୍ବାଚନ ମଣ୍ଡଳୀକଥା ଚିନ୍ତା କରାଯାଇଛି । କେବଳ ପାର୍ଲାମେଣ୍ଟର ସଦସ୍ୟମାନଙ୍କୁ ନେଇ ନିର୍ବାଚନମଣ୍ଡଳୀ ଗଠନ ପ୍ରସ୍ତାବକୁ ବି ନେହେରୁ ଅଗ୍ରାହ୍ୟ କରିଥିଲେ । କାରଣ ଏହି ପଦ୍ଧତି ଏକତରଫା ହୋଇ ଯାଇଥାନ୍ତା ।

ଭାରତରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ସମ୍ବିଧାନରେ ନିର୍ଦ୍ଧାରିତ ପଦ୍ଧତିର ଉଦ୍ଦେଶ୍ୟ ହେଲା "ଜ୍ଞାନୀଲୋକମାନଙ୍କ ଦ୍ୱାରା ଶ୍ରେଷ୍ଠ ଲୋକକୁ ବାଛିବା" ଯୁକ୍ତରାଷ୍ଟ୍ର ଆମେରିକାର ପରୋକ୍ଷ ନିର୍ବାଚନର ଉଦ୍ଦେଶ୍ୟ ବି ଠିକ୍ ସେଇଆ । ରାଷ୍ଟ୍ରପତି ଜଣେ ନିର୍ଦ୍ଦଳୀୟ, ସ୍ୱାଧୀନଚେତା ଏବଂ ସୁନାଗରିକ ହେବା ଉଚିତ ବୋଲି ସଂବିଧାନ ପ୍ରଣେତାଗଣ ଇଚ୍ଛାପ୍ରକାଶ କରିଥିଲେ । କିନ୍ତୁ ପୃଥିବୀର ବିଭିନ୍ନ ରାଷ୍ଟ୍ରରେ ପରୋକ୍ଷ ନିର୍ବାଚନ ବାସ୍ତବ କ୍ଷେତ୍ରରେ ପ୍ରତ୍ୟକ୍ଷ ହୋଇଯିବାର ଲକ୍ଷ୍ୟ କରାଯାଇଛି । ଉପସ୍ଥିତ ରାଜନୈତିକ ବାତାବରଣରେ ଯୁକ୍ତରାଷ୍ଟ୍ର ଆମେରିକା ହେଉ ବା ଭାରତ ହେଉ କୌଣସି ନିର୍ଦ୍ଦଳୀୟ ବ୍ୟକ୍ତିପକ୍ଷେ ରାଷ୍ଟ୍ରପତି ନିର୍ବାଚିତ ହେବା ଏକ କଷ୍ଟକର

ବ୍ୟାପାର । ସଂଖ୍ୟାଗରିଷ୍ଠ ଦଳର ମନୋନୀତ ବ୍ୟକ୍ତି ହିଁ ନିର୍ବାଚିତ ହେବାର ସମ୍ଭାବନା ପାଇଥାନ୍ତି । ନିର୍ବାଚକ ମଣ୍ଡଳୀର ସଦସ୍ୟ ନିର୍ବାଚିତ ବିଧାୟକମାନଙ୍କ ଛଡ଼ା ଅନ୍ୟ କେହି ନ ହୋଇଥିବା ହେତୁ ଏବଂ ବିଭିନ୍ନ ରାଜନୈତିକ ଦଳର ଟିକେଟ ପାଇ ଜୟଯୁକ୍ତ ହୋଇଥିବା ହେତୁ ସେମାନେ ରାଷ୍ଟ୍ରପତି ନିର୍ବାଚନ ବେଳେ ବି ଦଳର ଧାରା ଅନୁସାରେ ଭୋଟ ଦେବା ଆଶ୍ଚର୍ଯ୍ୟର ବିଷୟ ନୁହେଁ । ଦଳୀୟ ଭାବଧାରା ନିର୍ବାଚନରେ ପ୍ରଭାବ ବିସ୍ତାର କରିଥାଏ । ଏହି ପରିପ୍ରେକ୍ଷୀରେ ଯେ କେହି ରାଷ୍ଟ୍ରପତି ପଦପାଇଁ ପ୍ରାର୍ଥୀ ହୁଅନ୍ତୁ ନା କାହିଁକି, ତାଙ୍କର ପଛରେ ଏକ ବା ଅଧିକ ରାଜନୈତିକ ଦଳମାନଙ୍କର ଦୃଢ଼ ସମର୍ଥନ ରହିବା ଦରକାର, ନଚେତ୍ ତାଙ୍କର ରାଜନୈତିକ ମୃତ୍ୟୁ ସୁନିଶ୍ଚିତ ।

ଯେ ଯାହା ହେଉନା କାହିଁକି ରାଷ୍ଟ୍ରପତି ନିର୍ବାଚନରେ ସଂବିଧାନ ସର୍ବାଗ୍ରେ ଦୁଇଟି ବିଷୟ ପ୍ରତି ଦୃଷ୍ଟି ଦେଇଛି । ପ୍ରଥମତଃ, ଯଥାସମ୍ଭବ ଭିନ୍ନ ଭିନ୍ନ ରାଜ୍ୟର ପ୍ରତିନିଧିତ୍ୱ ସମାନ ହାରରେ ହେବ । ଦ୍ୱିତୀୟତଃ, ଗୋଟିଏ ପଟରେ ସମଷ୍ଟିଗତ ଭାବରେ ରାଜ୍ୟଗୁଡ଼ିକ ଏବଂ ଅନ୍ୟପଟରେ କେନ୍ଦ୍ର, ଏହି ଦୁଇପକ୍ଷ ମଧ୍ୟରେ ଭୋଟର ସମତା ରକ୍ଷିତ ହେବ । ଅର୍ଥାତ୍ ସବୁ ରାଜ୍ୟର ମୋଟ ଭୋଟସଂଖ୍ୟା ଏବଂ କେନ୍ଦ୍ରର ଭୋଟସଂଖ୍ୟା ସମାନ ରହିବ । ଏହି ଉଦ୍ଦେଶ୍ୟରେ କେନ୍ଦ୍ର ସଂସଦ ଏବଂ ପ୍ରତ୍ୟେକ ରାଜ୍ୟର ବିଧାନସଭାର ପ୍ରତ୍ୟେକ ନିର୍ବାଚିତ ସଦସ୍ୟର କେତେ ସଂଖ୍ୟକ ଭୋଟ ଦେବାର ଅଧିକାର ରହିବ; ତାହା ନିମ୍ନଲିଖିତ ପଦ୍ଧତିରେ ନିର୍ଦ୍ଧାରିତ ହୁଏ । (କ) କୌଣସି ରାଜ୍ୟର ବିଧାନସଭାର ପ୍ରତ୍ୟେକ ନିର୍ବାଚିତ ସଦସ୍ୟଙ୍କର ଭୋଟ ସଂଖ୍ୟା ନିର୍ଦ୍ଧାରଣ ପାଇଁ ପ୍ରଥମେ ସଂଶ୍ଳିଷ୍ଟ ରାଜ୍ୟର ମୋଟ ଜନସଂଖ୍ୟାକୁ ବିଧାନସଭାର ନିର୍ବାଚିତ ମୋଟ ସଦସ୍ୟ ସଂଖ୍ୟାଦ୍ୱାରା ଭାଗ କରିବାକୁ ହୁଏ । ଏହାପରେ ଭାଗଫଳକୁ ପୁନଃ ୧,୦୦୦ ଦ୍ୱାରା ଭାଗ କରିବାକୁ ହୁଏ । ଏହି ଦ୍ୱିତୀୟଥର ଭାଗଦ୍ୱାରା ଯେଉଁ ଭାଗଫଳ ମିଳେ ତାହା ସେହି ରାଜ୍ୟର ବିଧାନସଭାର ପ୍ରତ୍ୟେକ ନିର୍ବାଚିତ ସଦସ୍ୟଙ୍କର ଭୋଟ ସଂଖ୍ୟା । ତେବେ ଏହି ଦ୍ୱିତୀୟଥର ଭାଗଫଳ ସମ୍ବନ୍ଧରେ ଭାଗଶେଷ ୫୦୦ରୁ ଊର୍ଦ୍ଧ୍ୱ ହେଲେ ପ୍ରତ୍ୟେକ ସଦସ୍ୟଙ୍କର ଭୋଟସଂଖ୍ୟା ଅଧିକ ଗୋଟିଏ ବଢ଼ିଯାଏ । ସେହି ଉଦ୍ଭାବନପଟୁ ଗାଣିତିକ ସୂତ୍ର ହେଉଛି :

$$\frac{\text{ରାଜ୍ୟର ମୋଟ ଜନସଂଖ୍ୟା}}{\text{ଉକ୍ତରାଜ୍ୟର ବିଧାନ ସଭାକୁ ନିର୍ବାଚିତ ମୋଟ ସଦସ୍ୟ ସଂଖ୍ୟା} \times \text{୧,୦୦୦}} = \text{ପ୍ରତ୍ୟେକ ନିର୍ବାଚିତ ସଦସ୍ୟଙ୍କର ଭୋଟର ମୂଲ୍ୟ}$$

ଗୋଟିଏ ଉଦାହରଣ ସାହାଯ୍ୟରେ ବ୍ୟବସ୍ଥାଟିକୁ ବୁଝାଇ ଦିଆଯାଇପାରିବ ।

ଓଡ଼ିଶାର ଲୋକସଂଖ୍ୟା ୨୧୯ ଲକ୍ଷ ଓ ଓଡ଼ିଶା ବିଧାନ ସଭାର ମୋଟ ସଦସ୍ୟ ସଂଖ୍ୟା ୧୪୭ । ଅତଏବ ଲୋକସଂଖ୍ୟାକୁ ସଦସ୍ୟ ସଂଖ୍ୟାରେ ଭାଗକଲେ ଭାଗଫଳ ହେଲା ୧୪୯୦୦୦ । ଏହାକୁ ପୁଣି ଏକ ହଜାରରେ ଭାଗକଲେ ୧୪୯ ଭାଗଫଳ ପଡ଼ିବ । ଅତଏବ ରାଷ୍ଟ୍ରପତି ନିର୍ବାଚନବେଳେ ଓଡ଼ିଶା ବିଧାନ ସଭାର ପ୍ରତ୍ୟେକ

ସଭ୍ୟ ୧୪୯ ଭୋଟ ଦେବେ । ଏହାର ଅର୍ଥ ଓଡ଼ିଶାର ଗୋଟିଏ ବିଧାୟକଙ୍କ ମୂଲ୍ୟ ୧୪୯ । ଗାଣିତିକ ସୂତ୍ର ଅନୁଯାୟୀ ଏହା ହେଉଛି—

$$\frac{\text{ଜନସଂଖ୍ୟା}}{\text{ବିଧାନସଭା ସଦସ୍ୟଙ୍କ ସଂଖ୍ୟା}} \div ୧୦୦୦ \text{ ଅର୍ଥାତ୍ } \frac{୨୧,୯୪୪୬୧୫}{୧୪୭} \div ୧୦୦୦ = ୧୪୯$$

(୪) ପାର୍ଲାମେଣ୍ଟର ପ୍ରତ୍ୟେକ ନିର୍ବାଚିତ ସଦସ୍ୟଙ୍କର ଭୋଟସଂଖ୍ୟା ନିର୍ଦ୍ଧାରଣ ପାଇଁ ପ୍ରଥମେ ରାଜ୍ୟ ସମୂହର ବିଧାନସଭାଗୁଡ଼ିକର ସଦସ୍ୟମାନଙ୍କର ମୋଟ ଭୋଟ ସଂଖ୍ୟା ନିର୍ଣ୍ଣୟ କରି ଏହି ସଂଖ୍ୟାକୁ ପାର୍ଲାମେଣ୍ଟ ଉଭୟ କକ୍ଷରେ ନିର୍ବାଚିତ ମୋଟ ସଦସ୍ୟ ସଂଖ୍ୟାଦ୍ୱାରା ଭାଗ କରିବାକୁ ହୁଏ । ଯେଉଁ ଭାଗଫଳ ମିଳେ ତାହାହେଲା ପାର୍ଲାମେଣ୍ଟର ପ୍ରତ୍ୟେକ ନିର୍ବାଚିତ ସଦସ୍ୟଙ୍କର ଭୋଟ ସଂଖ୍ୟା । ଭଗ୍ନାଂଶ ରହିଲେ ଏହାଯଦି ଅଧା ବା ଅଧାରୁ ବେଶୀହୁଏ ତେବେ ଭାଗଫଳ ସହିତ ଯୋଗକରିବାକୁ ହେବ ।

$$\text{ସଂସଦୀୟ ସଦସ୍ୟଙ୍କ ଭୋଟସଂଖ୍ୟା} = \frac{\text{ବିଧାନସଭାଗୁଡ଼ିକର ସମସ୍ତ ସଦସ୍ୟଙ୍କଦ୍ୱାରା ପ୍ରଦତ୍ତ ଭୋଟ}}{\text{ସଂସଦର ମୋଟ ନିର୍ବାଚିତ ସଦସ୍ୟ ସଂଖ୍ୟା}}$$

୧୯୭୭ ରାଷ୍ଟ୍ରପତି ନିର୍ବାଚନରେ ପ୍ରତ୍ୟେକ ସଂସଦର ସଭ୍ୟର ଭୋଟର ଗୁରୁତ୍ୱଥିଲା ୭୦୨ । ଏଥିରୁ ସୂଚିତ ଯେ ସବୁ ରାଜ୍ୟର ବିଧାନ ସଭାର ସଭ୍ୟମାନେ ସର୍ବମୋଟ ଯେତିକି ଭୋଟ ଦେବେ, ସଂସଦର ସମସ୍ତ ସଦସ୍ୟ ସେତିକି ଭୋଟ ଦେବେ । ଏହି ଅବସ୍ଥା ଫଳରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମତା ରକ୍ଷା କରାଯାଇପାରିଛି ।

ଭାରତରେ ରାଷ୍ଟ୍ରପତି ନିର୍ବାଚନ ଏକକ ହସ୍ତାନ୍ତରଯୋଗ୍ୟ ଭୋଟପ୍ରଥା ଅନୁଯାୟୀ ସମାନୁପାତିକ ପ୍ରତିନିଧିମୂଳକ ପଦ୍ଧତି (Proportional Representation by means of single Transferable vote) ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ଏହି ପଦ୍ଧତି ଆୟରଲାଣ୍ଡ ସଂବିଧାନରୁ ଅନୁକରଣ କରାଯାଇଛି । ଏହି ଏକ ହସ୍ତାନ୍ତର ଭୋଟଦ୍ୱାରା ସମାନୁପାତିକ ପ୍ରତିନିଧିତ୍ୱର ନିୟମ କାନୁନଗୁଡ଼ିକ ନିମ୍ନପ୍ରକାର ଅଟେ । ରାଷ୍ଟ୍ରପତିଙ୍କ ନିର୍ବାଚନରେ ଯେତେଜଣ ନିର୍ବାଚନ ପ୍ରାର୍ଥୀ ରହିବେ ସମସ୍ତଙ୍କ ନାମ ବ୍ୟାଲଟ୍ କାଗଜରେ ରହିବ । ପ୍ରତ୍ୟେକ ଭୋଟଦାତା ନିଜ ପସନ୍ଦର କ୍ରମାନୁସାରେ ସେଗୁଡ଼ିକୁ ଦର୍ଶାଇବେ । ରାଷ୍ଟ୍ରପତି ନିର୍ବାଚନପାଇଁ ଯେତେଜଣ ପ୍ରାର୍ଥୀଥିବେ ପ୍ରତ୍ୟେକ ଭୋଟଦାତା ସେତିକି ପସନ୍ଦ ଦେଇ ପାରିବେ । ପ୍ରତ୍ୟେକ ଭୋଟଦାତା ଯେଉଁ ପ୍ରାର୍ଥୀଙ୍କୁ ସର୍ବାପେକ୍ଷା ବେଶି ପସନ୍ଦ (Preference) କରନ୍ତି, ବ୍ୟାଲଟ୍ କାଗଜ (Ballot paper)ରେ ତାଙ୍କ ପାର୍ଶ୍ୱରେ ୧ ଲେଖିବେ । ଏହା ବ୍ୟତୀତ ପସନ୍ଦର ତାରତମ୍ୟ ଅନୁସାରେସେ ଅନ୍ୟାନ୍ୟ ପ୍ରାର୍ଥୀଙ୍କ ନାମ ପାଖରେ ୨,୩,୪ ଇତ୍ୟାଦି ଯେତେଜଣ ପ୍ରାର୍ଥୀ ଅଛନ୍ତି ସେତିକି ସଂଖ୍ୟା ବସାଇପାରନ୍ତି । ଏହି ଦ୍ୱିତୀୟ, ତୃତୀୟ ବା ଅନ୍ୟାନ୍ୟ ପସନ୍ଦ ସେ ମଧ୍ୟ ଜଣାଇ ନ ପାରନ୍ତି । ମାତ୍ର

ପ୍ରଥମ ପସନ୍ଦଟି ସେ ଜଣାଇବାକୁ ବାଧ୍ୟ । ଅନ୍ୟଥା ତାଙ୍କ ବ୍ୟାଲଟ୍ କାଗଜଟି ରଦ୍ଦ ହୋଇଯିବ ।

ବୈଧ ବ୍ୟାଲଟ୍ କାଗଜଗୁଡ଼ିକ ବାଛି ପ୍ରଥମ ପସନ୍ଦର ଭୋଟସବୁ ଗଣିବା ହେଉଛି ଏହାର ପରବର୍ତ୍ତୀ ପଦକ୍ଷେପ । ରାଷ୍ଟ୍ରପତି ନିର୍ବାଚନରେ ଜୟଯୁକ୍ତ ହେବାପାଇଁ ଯେ କୌଣସି ବ୍ୟକ୍ତିକୁ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ଭୋଟ ପାଇବାକୁ ହୁଏ । ରାଷ୍ଟ୍ରପତି ନିର୍ବାଚନରେ ଅନୁପାତିକ ଅଂଶ ହେଉଛି ଅର୍ଦ୍ଧାଧିକ ଭୋଟ ଅର୍ଥାତ୍ ( ୫୦% + ୧ ) । ନିର୍ବାଚିତ ପ୍ରାର୍ଥୀ ଅର୍ଦ୍ଧାଧିକ ଭୋଟ ନ ପାଇଲେ ରାଷ୍ଟ୍ରପତିଭାବେ ନିର୍ବାଚିତ ହୋଇପାରିବେ ନାହିଁ । ତାହାକୁ କୋଟା (quota) କୁହାଯାଏ । ଯଦି ପ୍ରଥମ ପସନ୍ଦ ଭୋଟ ଗଣତିରେ କେହିପ୍ରାର୍ଥୀ କୋଟା ହାସଲକରି ନପାରନ୍ତି ତେବେ ସର୍ବନିମ୍ନ ଭୋଟ ପାଇଥିବା ପ୍ରାର୍ଥୀଙ୍କୁ ନିର୍ବାଚନରୁ ବାଦ୍‌ଦେଇ ( by the process of elimination ) ଉକ୍ତ ପ୍ରାର୍ଥୀଙ୍କୁ ଭୋଟ ଦେଇଥିବା ଭୋଟଦାତାଙ୍କ ଦ୍ୱିତୀୟ ପସନ୍ଦଗୁଡ଼ିକ ଗଣନା କରାଯାଇ ସେଗୁଡ଼ିକୁ ଅନ୍ୟ ପ୍ରାର୍ଥୀମାନଙ୍କ ଭୋଟ ସଂଖ୍ୟାରେ ଯୋଗ କରାଯାଏ । ଯଦି ଦୁଇଜଣ ପ୍ରାର୍ଥୀ ଏକପ୍ରକାର ଅଳ୍ପସଂଖ୍ୟକ ଭୋଟ ପାଇଥାନ୍ତି, ତେବେ କାହାକୁ ବାଦ୍ ଦିଆଯିବ ତାହା ଲଟେରି ସାହାଯ୍ୟରେ ନିର୍ଦ୍ଧାରିତ କରାଯାଏ । ଜଣକୁ ବାଦ୍‌ଦେଇ ତାଙ୍କର ଦ୍ୱିତୀୟ ପସନ୍ଦ ଭୋଟ ବାଣ୍ଟି ଅବଶିଷ୍ଟ ପ୍ରାର୍ଥୀଙ୍କ ପ୍ରଥମ ପସନ୍ଦ ଭୋଟ ସହିତ ଯୋଡ଼ାଯାଇବା ପରେ ବି ଯଦି କେହି ନିର୍ବାଚିତ ନ ହୁଅନ୍ତି, ତେବେ ସେହି ଅବସ୍ଥାରେ ପୁଣି ଯେଉଁ ପ୍ରାର୍ଥୀ ସର୍ବନିମ୍ନ ଭୋଟ ପାଇଥାନ୍ତି ତାଙ୍କୁ ବାଦ୍ ଦେବାକୁ ପଡ଼ିବ । ଏହି କ୍ଷେତ୍ରରେ ଯଦି ଦୁଇଜଣ ପ୍ରାର୍ଥୀଙ୍କ ସମାନସଂଖ୍ୟକ ସର୍ବନିମ୍ନ ଭୋଟ ରହିଥାଏ, ତେବେ ଯାହାଙ୍କର ପ୍ରଥମ ପସନ୍ଦରେ କମ୍ ଭୋଟଥିଲା ତାଙ୍କୁ ବାଦ୍ ଦେବାକୁ ପଡ଼ିବ । ତାଙ୍କୁ ବାଦ୍-ଦେଇ ତାଙ୍କ ବ୍ୟାଲଟ୍ କାଗଜଗୁଡ଼ିକୁ ପରବର୍ତ୍ତୀ ଚିହ୍ନିତ ପସନ୍ଦ ଅନୁସାରେ ଅବଶିଷ୍ଟ ପ୍ରାର୍ଥୀଙ୍କ ନିକଟକୁ ହସ୍ତାନ୍ତରିତ କରାଯାଏ । ଯେ ପର୍ଯ୍ୟନ୍ତ କୌଣସି ପ୍ରାର୍ଥୀ କୋଟା ନ ପାଇଛନ୍ତି ବା ଜଣେମାତ୍ର ପ୍ରାର୍ଥୀ ଅବଶିଷ୍ଟ ନ ରହିଛନ୍ତି ସେ ପର୍ଯ୍ୟନ୍ତ ଏହି ଭାବରେ ପ୍ରାର୍ଥୀ ବିଦାୟ ଓ ବ୍ୟାଲଟ୍ କାଗଜର ହସ୍ତାନ୍ତରକରଣ ଚାଲିରହିବ । ଏକ କାଳ୍ପନିକ ଉଦାହରଣ ସାହାଯ୍ୟରେ ଏହି ନିର୍ବାଚନ ପଦ୍ଧତିର ବ୍ୟାଖ୍ୟା କରାଯାଇପାରେ । ଧରିନିଆଯାଉ ଯେ ରାଷ୍ଟ୍ରପତି ପଦପାଇଁ ପ୍ରାର୍ଥୀଥିଲେ ଚାରି (୪) ଜଣ ।

'କ', 'ଖ', 'ଗ' ଓ 'ଘ' ଓ ବୈଧ ଭୋଟର ସଂଖ୍ୟା ଧରାଯାଉ ୧୨,୦୦୦ । ପ୍ରଥମ ପସନ୍ଦରେ ପ୍ରାର୍ଥୀ ପାଇଛନ୍ତି ।

| | |
|---|---|
| କ... | ... ... ୪,୪୦୦ |
| ଖ... | ... ୩,୧୦୦ |
| ଗ... | ... ୨,୫୦୦ |
| ଘ .. | ... ... ୨,୦୦୦ |

ଏହି କ୍ଷେତ୍ରରେ କୋଟାହେବ $\frac{୧୨,୦୦୦}{୨}+୧=୬,୦୦୧$ । ଯେ କୌଣସି ପ୍ରାର୍ଥୀ ୬,୦୦୧ ଭୋଟ ପାଇଲେ ଯାଇ ନିର୍ବାଚିତ ହୋଇପାରିବେ ।

ଉପରୋକ୍ତ ପ୍ରଥମ ପସନ୍ଦର ଭୋଟ ବଣ୍ଟନରୁ ଜଣାଗଲ ଯେ କେହି ପ୍ରାର୍ଥୀ ୬,୦୦୧ ପାଇ ନାହାନ୍ତି, ଅର୍ଥାତ୍ ନିର୍ବାଚିତ ହୋଇପାରି ନାହାନ୍ତି । ଯେହେତୁ 'ଘ' ସବୁଠାରୁ କମ୍ ଭୋଟ ପାଇଛନ୍ତି ତାଙ୍କୁ ନିର୍ବାଚନରୁ ବାଦ ଦେବାକୁ ପଡ଼ିବ ଓ ତାଙ୍କ ବ୍ୟାଲଟ କାଗଜଗୁଡ଼ିକୁ ଦ୍ୱିତୀୟ ପସନ୍ଦ ଅନୁସାରେ କ, ଖ ଓ ଗ ମଧ୍ୟରେ ହସ୍ତାନ୍ତରିତ କରିବାକୁ ପଡ଼ିବ । ଧରିଯାଉ ହସ୍ତାନ୍ତର ଫଳରେ ଦେଖାଗଲ ଯେ ତାଙ୍କର ମୋଟ ଭୋଟ ସଂଖ୍ୟା ମଧ୍ୟରୁ 'କ' ୪୦୦, 'ଖ' ୬୦୦ ଓ 'ଗ' ୧୦୦୦ ପାଇଛନ୍ତି । ଭୋଟଗୁଡ଼ିକୁ ନିମ୍ନ ପ୍ରକାରେ ବାଣ୍ଟି ଦିଆଗଲ ।

| | ପ୍ରଥମ ପସନ୍ଦର ଭୋଟ ସଂଖ୍ୟା | | ଦ୍ୱିତୀୟ ପସନ୍ଦର ଭୋଟ ସଂଖ୍ୟା | | ମୋଟ ଭୋଟ ସଂଖ୍ୟା |
|---|---|---|---|---|---|
| କ | ୪,୪୦୦ | + | ୪୦୦ | = | ୪,୮୦୦ |
| ଖ | ୩,୧୦୦ | + | ୬୦୦ | = | ୩,୭୦୦ |
| ଗ | ୨,୫୦୦ | + | ୧,୦୦୦ | = | ୩,୫୦୦ |

ବର୍ତ୍ତମାନ ଦେଖାଗଲ ଯେ ଦ୍ୱିତୀୟ ପସନ୍ଦ ଭୋଟ ବାଣ୍ଟି ସାରିବାପରେ ବି କେହି ନିର୍ବାଚିତ ହୋଇପାରିଲେ ନାହିଁ କାରଣ କେହି କୋଟା ପାଇପାରି ନାହାନ୍ତି । ସୁତରାଂ ବର୍ତ୍ତମାନ 'ଗ' ଙ୍କୁ ନିର୍ବାଚନରୁ ବାଦ୍ ଦେବାକୁ ପଡ଼ିବ । ସେ ପାଇଥିବା ପ୍ରଥମ ପସନ୍ଦର ୨,୫୦୦ ବ୍ୟାଲଟ କାଗଜକୁ ଦ୍ୱିତୀୟ ପସନ୍ଦ ଭୋଟ ଅନୁସାରେ 'କ' ଓ 'ଖ' ମଧ୍ୟରେ ଓ 'ଘ' ଠାରୁ ପାଇଥିବା ୧,୦୦୦ ବ୍ୟାଲଟ କାଗଜକୁ ତୃତୀୟ ପସନ୍ଦ ଭୋଟ ଅନୁସାରେ କ ଓ ଖ ମଧ୍ୟରେ ବାଣ୍ଟି ଦିଆଯିବ ।

| | ପ୍ରଥମ ପସନ୍ଦ ଭୋଟ ସଂଖ୍ୟା | | ଦ୍ୱିତୀୟ ପସନ୍ଦ ଭୋଟ ସଂଖ୍ୟା ('ଘ' ଠାରୁ) | | ତୃତୀୟ ପସନ୍ଦର ଭୋଟ ସଂଖ୍ୟା ('ଗ' ଠାରୁ) | | | | ମୋଟ ଭୋଟ ସଂଖ୍ୟା |
|---|---|---|---|---|---|---|---|---|---|
| କ | ୪,୪୦୦ | + | ୪୦୦ | + | ୧,୦୦୦ | + | ୮୦୦ | = | ୬,୬୦୦ |
| ଖ | ୩,୧୦୦ | + | ୬୦୦ | + | ୧,୫୦୦ | + | ୨୦୦ | = | ୫,୪୦୦ |

ବର୍ତ୍ତମାନ ଦେଖାଗଲ ଯେ 'କ' ନିର୍ବାଚିତ ହେବାପାଇଁ ପ୍ରୟୋଜନୀୟ 'କୋଟା' ପାଇଛନ୍ତି । ଅତଏବ 'କ' ରାଷ୍ଟ୍ରପତି ରୂପେ ଘୋଷିତ ହେବେ ।

ରାଷ୍ଟ୍ରପତି ନିର୍ବାଚନର ପଦ୍ଧତିର ସବିଶେଷ ବର୍ଣ୍ଣନା ୧୯୫୨ ରାଷ୍ଟ୍ରପତି ନିର୍ବାଚନ ଆଇନରେ କରାଯାଇଛି । ଡ: ଶ୍ରୀରାମଚନ୍ଦ୍ର ଦାଶଙ୍କ ମତରେ ମୁକ୍ତରାଷ୍ଟ୍ର ଆମେରିକାର

ନିର୍ବାଚନ ମଣ୍ଡଳୀରେ ଭାରତୀୟ ନିର୍ବାଚନ ମଣ୍ଡଳୀ ବି କେବଳ ସାମ୍ବିଧାନିକ ଆବଶ୍ୟକତାକୁ ପୂରଣକରେ । ୧୯୫୨ରେ ଯେଉଁ ମୁହୂର୍ତ୍ତରେ ପାର୍ଲାମେଣ୍ଟ ଏବଂ ରାଜ୍ୟ ବିଧାନସଭାଗୁଡିକର ନିର୍ବାଚନ ଫଳାଫଳ ଘୋଷଣା କରାଯାଇଥିଲା ସଂଖ୍ୟାଗରିଷ୍ଠ ତଥା କଂଗ୍ରେସଦଳର ପ୍ରାର୍ଥୀ ବିଜୟୀ ହେବା କଥା ସ୍ପଷ୍ଟ ଜଣାପଡ଼ିଲା ।

ଡଃ ରାଜେନ୍ଦ୍ର ପ୍ରସାଦ ୧୯୫୨ରେ ପ୍ରଥମ ନିର୍ବାଚନରେ ଶତକଡ଼ା ୬୨.୩୧ ଏବଂ ୧୯୫୭ରେ ଦ୍ୱିତୀୟ ନିର୍ବାଚନରେ ଶତକଡ଼ା ୯୧.୨୪ ଭୋଟପାଇ ନିର୍ବାଚିତ ହୋଇଥିଲେ । ପ୍ରଥମ ନିର୍ବାଚନରେ ଅଧ୍ୟାପକ କେ. ଟି. ଶାହାଙ୍କ ଭଳି ଜଣେ ଖାଣ୍ଟିଆ ଲୋକ ତାଙ୍କୁ ପ୍ରତିଦ୍ୱନ୍ଦିତା କରିଥିଲେ । କିନ୍ତୁ ୧୯୫୭ରେ ଡଃ ରାଜେନ୍ଦ୍ର ପ୍ରସାଦ ଅତି ସହଜରେ ବିଜୟଲାଭ କରିଥିଲେ । ସେ ୧୯୫୨ରେ ୫ ଲକ୍ଷ ୭ ହଜାର ୪ ଶହ ଏବଂ ୧୯୫୭ରେ ୪ ଲକ୍ଷ ୫୯ ହଜାର ୬୯୮ ଭୋଟ ପାଇଥିଲେ । ୧୯୬୨ରେ ଅନୁଷ୍ଠିତ ତୃତୀୟ ନିର୍ବାଚନରେ ତତ୍ପୂର୍ବରୁ ଉପରାଷ୍ଟ୍ରପତି ଥିବା ଡଃ ରାଧାକୃଷ୍ଣନ ୫ ଲକ୍ଷ ୫୩ ହଜାର ୬୭ ବା ଶତକଡ଼ା ୯୭.୯୮ ଭୋଟ ପାଇ ରାଷ୍ଟ୍ରପତି ନିର୍ବାଚିତ ହୋଇଥିଲେ । ୧୯୬୭ରେ ୧୯୬୨ରୁ ଉପରାଷ୍ଟ୍ରପତି ଥିବା ଡଃ ଜାକିର ହୁସେନ ସୁପ୍ରିମ କୋର୍ଟର ପୂର୍ବତନ ପ୍ରଧାନ ବିଚାରପତି ଶ୍ରୀ କେ. ସୁବାରାଓଙ୍କୁ ଏକ ତୀବ୍ର ପ୍ରତିଦ୍ୱନ୍ଦିତାରେ ହରାଇ ରାଷ୍ଟ୍ରପତି ହୋଇଥିଲେ । ସେ ୪ଲକ୍ଷ ୭୧ ହଜାର ୨୪୪ ଭୋଟ ପାଇଥିବା ସ୍ଥଳେ ଶ୍ରୀ କେ. ସୁବାରାଓ ୩ ଲକ୍ଷ ୬୩ ହଜାର ୯୭୧ ଭୋଟ ପାଇଥିଲେ । ଡଃ ଜାକିର ହୁସେନଙ୍କ ଭୋଟ ମୋଟ ଭୋଟର ଶତକଡ଼ା ୫୬.୪ ଭାଗ ଥିଲା ।

ଡଃ ଜାକିର ହୁସେନଙ୍କ ମୃତ୍ୟୁ ଫଳରେ ୧୯୬୯ରେ ରାଷ୍ଟ୍ରପତି ପଦପାଇଁ ଯେଉଁ ପଞ୍ଚମ ନିର୍ବାଚନ ହେଲା, ତାହା ସବୁଠାରୁ ଉତ୍ତେଜନାମୂଳକ ହୋଇଥିଲା । ସେତେବେଳେ ପର୍ଯ୍ୟନ୍ତ ଦ୍ୱିତୀୟ ପସନ୍ଦ (2nd Preference) ଭୋଟ ଗଣତିର ଆବଶ୍ୟକତା ନଥିଲା । କଂଗ୍ରେସ ଦଳର ବିଭକ୍ତ ବିନ୍ଦୁଜନ ମଧ୍ୟରେ ତତ୍ପୂର୍ବରୁ ଉପରାଷ୍ଟ୍ରପତି ଥିବା ଓ ଅସ୍ଥାୟୀ ରାଷ୍ଟ୍ରପତି ଶ୍ରୀ ଭି.ଭି. ଗିରି ସ୍ୱାଧୀନପ୍ରାର୍ଥୀ ଭାବେ, କଂଗ୍ରେସପ୍ରାର୍ଥୀ ଶ୍ରୀ ସଞ୍ଜୀବ ରେଡ଼ିଙ୍କ ବିରୁଦ୍ଧରେ ପ୍ରତିଦ୍ୱନ୍ଦିତା କରି ଦ୍ୱିତୀୟ ଗଣତିରେ ନିର୍ବାଚିତ ହୋଇଥିଲେ । ସେହି ନିର୍ବାଚନରେ ଶ୍ରୀ ଗିରି ଓ ଶ୍ରୀ ସଞ୍ଜୀବ ରେଡ଼ିଙ୍କ ସହ ଶ୍ରୀ ସି.ଡି. ଦେଶମୁଖ ମଧ୍ୟ ପ୍ରାର୍ଥୀ ଥିଲେ । ଭୋଟର ପ୍ରଥମ ଗଣତିରେ ଶ୍ରୀ ଭି.ଭି. ଗିରି ମୋଟ ୪ ଲକ୍ଷ ୨୦ ହଜାର ୭୭୭ ବା ଶତକଡ଼ା ୪୮.୦୧ । ଶ୍ରୀ ରେଡ଼ି ମୋଟ ୪ ଲକ୍ଷ ୫ ହଜାର ୪୨୭ ବା ଶତକଡ଼ା ୩୭ ଦଶମିକ ୪୯ ଓ ଶ୍ରୀ ଦେଶମୁଖ ମୋଟ ୧ ଲକ୍ଷ ୧୨ ହଜାର ୭୬୯ ବା ଶତକଡ଼ା ୧୩ ଦଶମିକ ୪୮ ଭୋଟ ପାଇଥିଲେ । କୌଣସି ପ୍ରାର୍ଥୀ ପ୍ରଥମ ଗଣତିରେ ମୋଟ ଭୋଟର ଶତକଡ଼ା ୫୦ରୁ ଅଧିକ ଭୋଟ ପାଇ ନଥିବାରୁ ଦ୍ୱିତୀୟ ଗଣତି ଆବଶ୍ୟକ ହେଲା ଓ ସେଥିରେ ଶ୍ରୀ ଗିରି ଶ୍ରୀ ସଞ୍ଜୀବ ରେଡ଼ିଙ୍କଠାରୁ ମାତ୍ର ଶତକଡ଼ା ୧ ଦଶମିକ ୮୩ ଅଧିକ ଭୋଟପାଇ ନିର୍ବାଚିତ ହେଲେ । ୧୯୭୪ରେ ଅନୁଷ୍ଠିତ ଷଷ୍ଠ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଶ୍ରୀ ଫକ୍ରୁଦ୍ଦିନ ଅଲି ଅହମ୍ମଦ

ଓ ୮ଟି ବିରୋଧୀଦଳଙ୍କ ପ୍ରାର୍ଥୀ ଶ୍ରୀ ଜିତେନ୍ଦ୍ର କୁମାର ଚୌଧୁରୀଙ୍କ ମଧ୍ୟରେ ଦ୍ୱିଧାବିଭକ୍ତ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା । ଶ୍ରୀ ଫକ୍ରୁଦ୍ଦିନ ଅଲ୍ଲି ଅହମ୍ମଦ ଯେତେ ଭୋଟ ପାଇଥିଲେ, ତାହା କଂଗ୍ରେସ ଦଳର ମୋଟ ଭୋଟସଂଖ୍ୟା ଅପେକ୍ଷା ଶତକଡ଼ା ୧୪ ଭାଗ ବେଶୀ । ଶ୍ରୀ ଅହମ୍ମଦ ମୋଟ ୭ ଲକ୍ଷ ୬୫ ହଜାର ୫୮୭ ଭୋଟ ପାଇଥିବା ସ୍ଥଳେ ଶ୍ରୀ ଚୌଧୁରୀ ୧ ଲକ୍ଷ ୮୯ ହଜାର ୧୯୬ ଭୋଟ ପାଇଥିଲେ । ଦେଶର ରାଷ୍ଟ୍ରପତି ପଦପାଇଁ ଏହା ଷଷ୍ଠ ନିର୍ବାଚନ ହୋଇଥିଲେ ମଧ୍ୟ ଶ୍ରୀ ଫକ୍ରୁଦ୍ଦିନ ଅଲ୍ଲି ଅହମ୍ମଦ ହୋଇଛନ୍ତି ପଞ୍ଚମ ରାଷ୍ଟ୍ରପତି । କାରଣ ପ୍ରଥମ ରାଷ୍ଟ୍ରପତି ଡ: ରାଜେନ୍ଦ୍ର ପ୍ରସାଦ ଦୁଇଥର ନିର୍ବାଚିତ ହୋଇଥିଲେ । ତା ପରେ ଠିକ୍ ଆଠବର୍ଷ ପରେ ଶ୍ରୀଯୁକ୍ତ ନୀଲମ ସଞ୍ଜୀବ ରେଡ୍ଡୀ ଯେକି ଶ୍ରୀଯୁକ୍ତ ଭିଗିଙ୍କଠାରୁ ପରାସ୍ତ ହୋଇଥିଲେ, ୧୯୭୭ରେ ରାଷ୍ଟ୍ରପତି ଆସନ ଅଳଂକୃତ କଲେ ।

ରାଷ୍ଟ୍ରପତି ନିର୍ବାଚନ ପଦ୍ଧତିରେ କେତେଗୁଡ଼ିଏ ଦୁର୍ବଳତା ଦେଖାଯାଏ । ରାଷ୍ଟ୍ରପତି ତାଙ୍କର ସ୍ୱାଭାବିକ ନିର୍ଦ୍ଦିଷ୍ଟ ସମୟ ଅତିବାହିତ ହେବା ପୂର୍ବରୁ ନିର୍ବାଚିତ ହେବାକୁ ପଡ଼େ । ସାଧାରଣ ପରିସ୍ଥିତିରେ ରାଷ୍ଟ୍ରପତି ନିର୍ବାଚନର ଖୁବ୍ କମ୍ ସମୟ ପରେ କାର୍ଯ୍ୟକାଳ ପୂରିଯାଉଥିବା ଗୋଟିଏ ଲ୍ୟାମ-ଡକ୍ (lame-duck) ନିର୍ବାଚନମଣ୍ଡଳୀ ଦ୍ୱାରା ନିର୍ବାଚିତ ହୁଅନ୍ତି । କିନ୍ତୁ ଏହା କେବଳ ସମ୍ଭବ ହୋଇପାରେ ଯେତେବେଳେ ଲୋକସଭା ଓ ସମସ୍ତ ବିଧାନସଭାଗୁଡ଼ିକର ନିର୍ବାଚନ ଏକ ସମୟରେ ହୋଇ ନିର୍ଦ୍ଦିଷ୍ଟ ଏକ ସମୟରେ ସମସ୍ତଙ୍କ କାର୍ଯ୍ୟକାଳ ପୂରିବ ଏବଂ ସମସ୍ତ ଗୃହ ତାଙ୍କର ସ୍ୱାଭାବିକ ସମୟ ଅତିବାହିତ କରିବେ । କିନ୍ତୁ ଏହା ଆରମ୍ଭରେ ସମ୍ଭବ ହୋଇପାରିଥିଲା । ପରେ ପରେ ବିଭିନ୍ନ ସ୍ଥାନରେ ଅସାମୟିକ-ଭାବେ ମନ୍ତ୍ରିମଣ୍ଡଳ ଭାଙ୍ଗିବା ଫଳରେ ଏହି ଯୁକ୍ତିର ଯଥାର୍ଥତା ଥିଲାପରି ଜଣାଯାଏନାହିଁ । କିନ୍ତୁ ଅତୀତରେ କେତେକ ରାଷ୍ଟ୍ରପତି 'ଲ୍ୟାମ-ଡକ୍' ନିର୍ବାଚକଙ୍କ ଦ୍ୱାରା ନିର୍ବାଚିତ ହୋଇ ନିର୍ବାଚନ ପରେ ନୂଆ ବିଧାୟକମାନଙ୍କ ସମ୍ମୁଖୀନ ହେବା ବିଷୟକୁ ପୁରାପୁରି ଏଡ଼ାଇ ଦିଆଯାଇପାରିବ ନାହିଁ ।

ସଂବିଧାନର ୫୪ ଅନୁଚ୍ଛେଦ ଅନୁଯାୟୀ ପାର୍ଲାମେଣ୍ଟ ଏବଂ ସମସ୍ତ ରାଜ୍ୟର ବିଧାନସଭାଗୁଡ଼ିକର ନିର୍ବାଚିତ ସଭ୍ୟଙ୍କୁ ନେଇ ଏକ ନିର୍ବାଚକମଣ୍ଡଳୀ ଗଠନ କରାଯାଏ । କିଛି ବର୍ଷ ପୂର୍ବେ ସମାଲୋଚକମାନେ ଯେଉଁଭଳି ଏକ ପରିସ୍ଥିତିର ଆଶଙ୍କା କରୁଥିଲେ, ଆଜି ଭାରତରେ ସେହି ପରିସ୍ଥିତି ଦେଖାଦେଇଛି । ଗୁଜୁରାଟ ବିଧାନସଭା ଭାଙ୍ଗି ଦିଆଯାଇଥିବାବେଳେ ରାଷ୍ଟ୍ରପତି ନିର୍ବାଚନ ହୋଇପାରିବ ନାହିଁ ବୋଲି ପ୍ରଶ୍ନ ଉଠିଛି । ତା'ଛଡ଼ା ୩୫୬ ଅନୁଚ୍ଛେଦ ଅନୁସାରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଉଥିଲେ ଏବଂ ତା'ର ଫଳରେ କେତୋଟି ରାଜ୍ୟ ବିଧାନସଭା ଅଚଳ ଅବସ୍ଥାରେ ଥିଲେ ନିର୍ବାଚନ ହୋଇପାରିବ କି ନାହିଁ ବୋଲି ପ୍ରଶ୍ନ ଉତ୍ଥାପନ କରାଯାଇଛି । ଭାରତର ଅଡ଼ିସନାଲ ସଲିସିଟର ଜେନେରାଲ ଶ୍ରୀ ଏଫ୍. ଏସ୍. ନରିମ୍ୟାନ ନିର୍ବାଚକମଣ୍ଡଳୀର ଆଇନ ସଭାଗୁଡ଼ିକର ନିର୍ବାଚିତ ବିଧାୟକମାନଙ୍କୁ ନେଇ ଗଠିତ ଆଇନ୍ ସଭାଗୁଡ଼ିକୁ (Legislatures) ନେଇ

ଠିକ ନୁହେଁ ବୋଲି ମତବ୍ୟକ୍ତ କରିଛନ୍ତି । ତେଣୁ କୌଣସି ଏକ ବିଧାନସଭା ଭାଙ୍ଗି-ଯାଇଥିବାବେଳେ ରାଷ୍ଟ୍ରପତି ନିର୍ବାଚନ ହେଲେ ତାହା ଅସିଦ୍ଧ ହେବନାହିଁ । ସମ୍ବିଧାନର ୫୪ ଅନୁଚ୍ଛେଦର ଯଦି ଏହି ବ୍ୟାଖ୍ୟା କରାଯାଏ ତେବେ ପ୍ରଶ୍ନଉଠେ ପାର୍ଲମେଣ୍ଟ ବା ରାଜ୍ୟ ବିଧାନସଭା-ଗୁଡ଼ିକରେ କେତେଜଣ ବିଧାୟକଙ୍କ ଆସନ କୌଣସି କାରଣବଶତଃ ଖାଲି ପଡ଼ିଥିବାବେଳେ ରାଷ୍ଟ୍ରପତି ନିର୍ବାଚନ ହୋଇପାରିବ କି ? କେତେକ ପୁଣି ପ୍ରଶ୍ନ କରନ୍ତି ଯଦି କୌଣସି ବିଧାନସଭା ଭାଙ୍ଗି ଦିଆଯାଇଥାଏ, କେଉଁ କାରଣରୁ ଉକ୍ତ ସଭାର ବିଧାୟକମାନଙ୍କୁ ରାଷ୍ଟ୍ରପତି ନିର୍ବାଚନରୁ ବଞ୍ଚିତ କରାଯିବ ? ଆଟର୍ଣ୍ଣି ଜେନେରାଲ ଶ୍ରୀ ନୀରେନ୍ ଦେ ଉତ୍ତରରେ କହିଛନ୍ତି, ରାଷ୍ଟ୍ରପତି ନିର୍ବାଚନ ଠିକ୍ ସମୟରେ ନ କରାଇ ଅନ୍ୟ ସମସ୍ତ ବିଧାନସଭା ଏବଂ ପାର୍ଲମେଣ୍ଟ ସଭ୍ୟମାନଙ୍କୁ ଭୋଟ ଦେବା ଅଧିକାରରୁ ବଞ୍ଚିତ କରାଇବା ବି ଯୁକ୍ତିଯୁକ୍ତ ନୁହେଁ । ଏହି ବିଷୟ ସୁପ୍ରିମ କୋର୍ଟର ବିଚାର୍ଯ୍ୟ ଥିଲାବେଳେ ଜଷ୍ଟିସ ଚନ୍ଦ୍ରଚୂଡ଼ଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଆଟର୍ଣ୍ଣି ଜେନେରାଲ ଶ୍ରୀ ଦେ କହିଛନ୍ତି ଯେ ଲୋକସଭା ଅନୁପସ୍ଥିତ ଥିଲାବେଳେ ବି ରାଷ୍ଟ୍ରପତି ନିର୍ବାଚନ ହୋଇପାରିବ । ଏହି କ୍ଷେତ୍ରରେ ପାର୍ଲାମେଣ୍ଟର ସ୍ଥାୟୀଗୃହ ରାଜ୍ୟ ସଭାର ସଭ୍ୟମାନେ ନିର୍ବାଚକ ମଣ୍ଡଳୀର ସଭ୍ୟ ହେବେ । ଶ୍ରୀ ନୀରେନ୍ ଦେ ପୁଣି କହିଛନ୍ତି ଯେ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ନିର୍ଦ୍ଦିଷ୍ଟ ଥିବାହେତୁ ଏହି ନିର୍ବାଚନ କରାନଗଲେ ରାଷ୍ଟ୍ର ଦିନଟିଏ ପାଇଁ ବି ଚାଲିପାରିବ ନାହିଁ । କୌଣସି ବିଧାନସଭା ବା ଲୋକସଭା ଭାଙ୍ଗି ଦିଆଯାଇଥିବାବେଳେ ରାଷ୍ଟ୍ରପତି ନିର୍ବାଚନ ନ ହୋଇ ପାରିଲେ କୌଣସି ବିଦ୍ରୋହୀ ଖିଲ ରାଷ୍ଟ୍ରପତିଙ୍କ ପକ୍ଷେ ଜାଣି ଶୁଣି ସମସ୍ତ ଏଡ଼େଇବାପାଇଁ କୌଣସି ନା କୌଣସି ବିଧାନସଭା ଭାଙ୍ଗିବାର ସମ୍ଭାବନା ରହିଛି । ପୁଣି ନିର୍ବାଚନ ଲଢ଼ିବାକୁ ଯାଉଥିବା ରାଷ୍ଟ୍ରପତି ବା ରାଷ୍ଟ୍ରପତି ପଦପାଇଁ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଉଥିବା ଉପରାଷ୍ଟ୍ରପତି ଜାଣିଶୁଣି ଏକ ବା ଅଧିକ ପ୍ରତିକୂଳ ବିଧାନସଭାକୁ ନିଜର ସୁବିଧା ସକାଶେ ଭାଙ୍ଗିଦେଇପାରନ୍ତି । କେନ୍ଦ୍ର ମନ୍ତ୍ରିମଣ୍ଡଳ ନିଜ ମନୋନୀତ ପ୍ରାର୍ଥୀଙ୍କ ବିଜୟର ପଥ ପରିଷ୍କାର କରିବାପାଇଁ କୌଣସି ପ୍ରତିକୂଳ ବିଧାନସଭାକୁ ଭାଙ୍ଗି-ଦେବାପାଇଁ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇପାରନ୍ତି । ଉଭୟ କ୍ଷେତ୍ରରେ ରାଜନୈତିକ କ୍ଷମତାର ଅପବ୍ୟବହାର କରିବାର ସମ୍ଭାବନା ରହିଛି । ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ସମ୍ବିଧାନ ପ୍ରଣେତାଗଣ ପୂର୍ବରୁ ଅନୁମାନ କରିପାରିନଥିଲେ ।

ରାଷ୍ଟ୍ରପତି ନିର୍ବାଚନରେ ସମାନୁପାତିକ ପ୍ରତିନିଧିତ୍ୱ ସପକ୍ଷରେ ଯୁକ୍ତି ଦର୍ଶାଯାଇଛି । ଡକ୍ଟର ଆମ୍ବେଦକର ଯୁକ୍ତି ଦେଖାଇଛନ୍ତି ଯେ, ସଂଖ୍ୟାଲଘୁ ସଂପ୍ରଦାୟକୁ ସୁବିଧା ଦେବାପାଇଁ ରାଷ୍ଟ୍ରପତି ନିର୍ବାଚନରେ ଭୋଟାଧିକାର ନୀତିକୁ (Principle of majority) ପରିହାର କରି ଏକକ ସଂକ୍ରମଣୀୟ ମତଦ୍ୱାରା ସମାନୁପାତିକ ପ୍ରତିନିଧିତ୍ୱର (Proportional representation) ନୀତି ଗ୍ରହଣ କରାହୋଇଅଛି । କିନ୍ତୁ ଏହି ଯୁକ୍ତିରେ ବିଶେଷ ସାରବତ୍ତା ଅଛି ବୋଲି ମନେହୁଏ ନାହିଁ । କୌଣସି ଗୋଟିଏ ଦଳର ଯଥେଷ୍ଟ ସଂଖ୍ୟା-ଗରିଷ୍ଠତା ରହିଲେ ସଂଖ୍ୟାଲଘୁ ଦଳଗୁଡ଼ିକର କୌଣସି ଭୂମିକା ରହୁନଥିବା ବିଷୟ ଏଥିପୂର୍ବରୁ ବର୍ଣ୍ଣନା କରାହୋଇଛି । କେବଳ ଯେତେବେଳେ କୌଣସି ଗୋଟିଏ ଦଳର

ମୋଟ ସଂଖ୍ୟା ମଧ୍ୟରେ ଅର୍ଦ୍ଧେକର ବେଶୀ ଭୋଟ ରହୁନାହିଁ ସେତେବେଳେ ଏକାଧିକ ଦଳ ସମ୍ମିଳିତ ରହି ରାଷ୍ଟ୍ରପତିଙ୍କୁ ନିର୍ବାଚନ କରନ୍ତି । ଏ କ୍ଷେତ୍ରରେ ବି ରାଷ୍ଟ୍ରପତି ନିର୍ବାଚନରେ ସକଳ ସଂଖ୍ୟାଲଘୁ ଦଳର ଭୂମିକା ରହୁନାହିଁ । ଯଦି ଦଳୀୟ ମନୋବୃତ୍ତି ଦ୍ୱାରା ପରିଚାଳିତ ନ ହୋଇ ନିଜ ବିବେକ ଦ୍ୱାରା ପରିଚାଳିତ ହୋଇ ନିର୍ବାଚକମାନେ ଭୋଟ ଦିଅନ୍ତି ତେବେ ପ୍ରତ୍ୟେକଙ୍କ ଭୋଟର କିଛି ମୂଲ୍ୟ ରହିଥାଏ । ତଥାପି ସମାନୁପାତିକ ପ୍ରତିନିଧିତ୍ୱ ପଦ୍ଧତିର ଭୂମିକା ପୁରାପୁରି ମୂଲ୍ୟହୀନ ବୋଲି କୁହାଯାଇ ନପାରେ । ଉକ୍ତ ପଦ୍ଧତି ସପକ୍ଷରେ ପ୍ରଥମ ଯୁକ୍ତି ହେଲା ଯେ କୌଣସି ବ୍ୟକ୍ତି ମୋଟ ବୈଧ ଭୋଟ ସଂଖ୍ୟାର ଅର୍ଦ୍ଧେକରୁ ବେଶୀ ଭୋଟ ନ ପାଇଲେ ରାଷ୍ଟ୍ରପତି ପଦରେ ନିର୍ବାଚିତ ହୋଇପାରିବ ନାହିଁ । ସାଧାରଣ ଭୋଟାଧିକାର ନୀତି (Simple majorty principle) ଅନୁସୃତ ହେଲେ ବହୁ ସଂଖ୍ୟକ ପ୍ରାର୍ଥୀଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚଳେ । ସେଠାରେ କୌଣସି ବ୍ୟକ୍ତି ମୋଟ ଭୋଟ ସଂଖ୍ୟାର ଅର୍ଦ୍ଧେକରୁ ବେଶୀ ଭୋଟ ନ ପାଇ ମଧ୍ୟ ନିର୍ବାଚିତ ହୋଇପାରନ୍ତି । ଉଦାହରଣସ୍ୱରୂପ, ଭୋଟସଂଖ୍ୟା ଯଦି ୧୨,୦୦୦ ହୁଏ ଏବଂ 'କ', 'ଖ', 'ଗ' ଓ 'ଘ' ଚାରିଜଣ ପ୍ରାର୍ଥୀ ଯଥାକ୍ରମେ ୪,୦୦୦; ୩,୫୦୦; ୨,୫୦୦ ଏବଂ ୨,୦୦୦ ଭୋଟ ପାଆନ୍ତି, ୪,୦୦୦ ଭୋଟ ପାଇଥିବା ବ୍ୟକ୍ତି ନିର୍ବାଚିତ ହୋଇଥାଏ । କିନ୍ତୁ ଅର୍ଦ୍ଧେକରୁ ବେଶୀ ଭୋଟ ହେଉଛି ୬,୦୦୧ । ସମାନୁପାତିକ ପ୍ରତିନିଧିତ୍ୱ ପଦ୍ଧତି ଦ୍ୱାରା ଏହି ଅସୁବିଧାରୁ ନିଷ୍କୃତି ମିଳେ । ତେଣୁ କୌଣସି ବ୍ୟକ୍ତି ଶତକଡ଼ା ୫୦ ଭାଗରୁ ଅଧିକ ଭୋଟ ନ ପାଇଲେ ରାଷ୍ଟ୍ରପତି ପଦରେ ନିର୍ବାଚିତ ହୋଇପାରିବେ ନାହିଁ ।

## ଶପଥ ପାଠ

ସମ୍ବିଧାନର ୬୦ ଅନୁଚ୍ଛେଦରେ କୁହାଯାଇଛି ଯେ ନିର୍ବାଚନ ପରେ ଦାୟିତ୍ୱ ଗ୍ରହଣ କରିବାପୂର୍ବରୁ ରାଷ୍ଟ୍ରପତିଙ୍କୁ ଶପଥପାଠ କରିବାକୁ ପଡ଼ିବ । ଶପଥପାଠ ପ୍ରଥା ଖୁବ୍ ପୁରାତନ ହେଲେସୁଦ୍ଧା ପ୍ରାୟ ସମସ୍ତ ସମ୍ବିଧାନରେ ସ୍ଥାନ ପାଇଛି । ଭାରତୀୟ ସମ୍ବିଧାନ-ପ୍ରଣେତାଗଣ ଏହାକୁ ସହଜରେ ଏଡ଼େଇ ଦେଇପାରିଥାନ୍ତେ । କିନ୍ତୁ କେତେକାଂଶରେ ଶପଥ ପାଠର ବି ବୈଧତା ଲକ୍ଷ୍ୟ କରାଯାଏ । ଏହା ଏକ ବାହ୍ୟିକ (formal) ଏବଂ ଆଇନସିଦ୍ଧ (legal) ବ୍ୟବସ୍ଥା । କିନ୍ତୁ ଶପଥପାଠ ନକରି କେହି ଦାୟିତ୍ୱ ତୁଲାଇ ପାରିବେନାହିଁ ବୋଲି ମନେକରିବା ଠିକ୍ ନୁହେଁ । ସାଧାରଣ ଅବସ୍ଥାରେ ଏହି ବ୍ୟବସ୍ଥାର କିଛି ବୈଷମ୍ୟ ଲକ୍ଷ୍ୟ କରାଯାଏନାହିଁ; କିନ୍ତୁ ଜରୁରୀ ଅବସ୍ଥାରେ ଯଦି ରାଷ୍ଟ୍ରପତିଙ୍କ ଆକସ୍ମିକ ମୃତ୍ୟୁ ଘଟେ ବା ମହାଭିଯୋଗ ଦ୍ୱାରା ସେ ବହିଷ୍କୃତ ହୁଅନ୍ତି ଏବଂ ଠିକ୍ ସେହି ସମୟରେ ଉପରାଷ୍ଟ୍ରପତି ବା ସୁପ୍ରିମକୋର୍ଟରେ କୌଣସି ବିଚାରପତି ଉପସ୍ଥିତ ନଥାନ୍ତି, ସେତିକବେଳେ ତତ୍‌କ୍ଷଣାତ୍ ଶପଥପାଠ ହୋଇ ପାରିବନାହିଁ । ସୁତରାଂ ସେହି ଅବସ୍ଥାରେ ରାଷ୍ଟ୍ରରେ ଏପରି ରାଷ୍ଟ୍ରପତି କେହି ନ ଥିବେ ଯାହାଙ୍କ ନାମରେ ଦେଶର ଶାସନ ଚଳିପାରିବ । ଭବିଷ୍ୟତରେ ଏପରି ପରିସ୍ଥିତି ସୃଷ୍ଟି ହୋଇପାରେ ଏବଂ ସେତିକବେଳେ ସୁପ୍ରିମକୋର୍ଟର ରାୟ ଉପୁଜିଥିବା

ସମସ୍ୟାର ସମାଧାନ ସୁପ୍ରିମକୋର୍ଟର ରାୟ ଉପରେ ଛାଡ଼ି ଦିଆଯାଇପାରେ । ଅନ୍ତୁର ମଧ୍ୟ ଲକ୍ଷ୍ୟ କରାଯାଇଛି ଯେ ୬୦ ଅନୁଚ୍ଛେଦ ଯୁକ୍ତରାଷ୍ଟ୍ର ଆମେରିକାର ଶପଥପାଠକୁ ପଦାନୁପଦ ଅନୁକରଣ କରିଛି । ଅଥଚ ଯେତେବେଳେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଉଭୟ ରାଷ୍ଟ୍ରମୁଖ୍ୟ ଏବଂ ଶାସନମୁଖ୍ୟ ହିସାବରେ କ୍ଷମତାଶାଳୀ, ଭାରତର ରାଷ୍ଟ୍ରପତି କେବଳ ଜଣେ ନିୟମତାନ୍ତ୍ରିକ ରାଷ୍ଟ୍ରମୁଖ୍ୟ ।

କାର୍ଯ୍ୟଭାର ଗ୍ରହଣ କରିବାପୂର୍ବରୁ ରାଷ୍ଟ୍ରପତି ମୁଖ୍ୟ ନ୍ୟାୟାଧୀଶଙ୍କ ନିକଟରେ ଶପଥପାଠ କରନ୍ତି । ମୁଖ୍ୟ ନ୍ୟାୟାଧୀଶ (Chief justice)ଙ୍କ ଅନୁପସ୍ଥିତିରେ କ୍ରମାନୁସାରେ ପ୍ରବୀଣତମ ବିଚାରପତି ଉକ୍ତ ଶପଥପାଠ କାମ ଚଳାଇଥାନ୍ତି । ରାଷ୍ଟ୍ରପତି ନିଜର ଦାୟିତ୍ୱ ସତ୍ୟ ନିଷ୍ଠାର ସହ ପାଳନ କରିବାକୁ ଶପଥପାଠ ଦ୍ୱାରା ଈଶ୍ୱରଙ୍କ ନାମରେ ପ୍ରତିଜ୍ଞାବଦ୍ଧ ହୋଇଥାନ୍ତି । ସେ ବିଶ୍ୱସ୍ତତାର ସହିତ ରାଷ୍ଟ୍ରପତିଙ୍କ କାର୍ଯ୍ୟ ସମ୍ପାଦନ କରିବେ; ଯଥାସାଧ୍ୟ ସଂବିଧାନ ଓ ଆଇନ ପରିରକ୍ଷଣ, ସଂରକ୍ଷଣ ଓ ପ୍ରତିରକ୍ଷଣ କରିବେ (Preserve Protect & Defend) ଏବଂ ନିଜକୁ ଭାରତର ଜନଗଣଙ୍କର ସେବା ଓ କଲ୍ୟାଣରେ ନିୟୋଗ କରିବେ ବୋଲି ଶପଥ ନିଅନ୍ତି ।

## କାର୍ଯ୍ୟକାଳ

ଡଃ ଏସ. ସି. ଦାଶଙ୍କ ମତରେ ଅନ୍ୟ ନିର୍ବାଚିତ ପ୍ରତିନିଧି ଏବଂ ସରକାରୀ କର୍ମଚାରୀଙ୍କପରି ନିର୍ଦ୍ଦିଷ୍ଟ ବ୍ୟବଧାନରେ ନିର୍ବାଚିତ ରାଷ୍ଟ୍ରପତିଙ୍କର ବି ବ୍ୟକ୍ତିଗତ ଜୀବନକୁ ଫେରି ଆସିବା ବିଧେୟ । ଅତିଦୀର୍ଘ କାର୍ଯ୍ୟକାଳ, ରାଷ୍ଟ୍ରପତି ପଦାଧିରୂଢ଼ବ୍ୟକ୍ତିଙ୍କୁ ସ୍ୱୀୟ ଶକ୍ତିମତ୍ତା ଉପଲବ୍ଧି କରିବାକୁ ସୁଯୋଗ ଦେଇ ନ ଥାଏ ଏବଂ ଅତି ଦୀର୍ଘ କାର୍ଯ୍ୟକାଳ ରାଷ୍ଟ୍ରପତିଙ୍କର ଏକଚ୍ଛତ୍ରବାଦୀ ହେବାର ଆଶଙ୍କା ସୃଷ୍ଟି କରିଥାଏ । ଭାରତର ରାଷ୍ଟ୍ରପତି ଏକକାଳୀନ ପାଞ୍ଚବର୍ଷପାଇଁ ନିର୍ବାଚିତ ହୋଇଥାନ୍ତି । ତାଙ୍କର କାର୍ଯ୍ୟକାଳର ସୀମା ନିର୍ଦ୍ଧାରଣ ହୋଇନାହିଁ । ତେଣୁ ସେ ଏକାଧିକଥର ନିର୍ବାଚିତ ହୋଇପାରନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ମାର୍କିନ ଯୁକ୍ତରାଷ୍ଟ୍ର ଓ ଆୟରଲ୍ୟାଣ୍ଡରେ ଜଣେ ବ୍ୟକ୍ତି ଦୁଇଥରରୁ ବେଶୀ ରାଷ୍ଟ୍ରପତି ପଦରେ ନିର୍ବାଚିତ ହୋଇପାରିବେ ନାହିଁ । ୧୯୬୧ରେ ରାଜ୍ୟସଭାରେ କମ୍ୟୁନିଷ୍ଟ ଦଳ ତରଫରୁ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ଦୁଇଥରକୁ (୧୦ ବର୍ଷ) ସାମ୍ବିଧାନିକ ଭାବେ ସୀମିତ କରିବାର ପ୍ରଚେଷ୍ଟା କରାଯାଇଥିଲା । କିନ୍ତୁ ଚେଷ୍ଟା ବିଫଳ ହୋଇଥିଲା । ସେତିକିବେଳେ ପଣ୍ଡିତ ନେହେରୁ ମତବ୍ୟକ୍ତ କରିଥିଲେ ଯେ ଏଥିପାଇଁ ସ୍ୱତନ୍ତ୍ର ଆଇନର ଆବଶ୍ୟକତା ନାହିଁ, ଏହା ଏକ ଦୃଢ଼ ପରମ୍ପରା ଦ୍ୱାରା ନିର୍ଦ୍ଧାରିତ ହେବା ଉଚିତ । ଆଜିସୁଦ୍ଧା କୌଣସି ବ୍ୟକ୍ତି ଦୁଇଥରରୁ ବେଶୀ ରାଷ୍ଟ୍ରପତି ପଦଦ୍ୱାରା ଅଳଂକୃତ ହୋଇନାହାନ୍ତି ।

## ଶୂନ୍ୟତା

୧ । କାର୍ଯ୍ୟକାଳ ପୂରଣ ହେବାପରେ ରାଷ୍ଟ୍ରପତି ସ୍ୱତଃ ପଦଶୂନ୍ୟ ହୁଅନ୍ତି ।

୨ । କାର୍ଯ୍ୟକାଳ ଶେଷହେବା ପୂର୍ବରୁ ରାଷ୍ଟ୍ରପତି ପଦତ୍ୟାଗ କରିପାରନ୍ତି ।

୩ । ତାଙ୍କର ଅକାଳମୃତ୍ୟୁ ହେଲେ ରାଷ୍ଟ୍ରପତି ଆସନ ଖାଲିପଡ଼େ ।

୪ । ଅଥବା ପାର୍ଲାମେଣ୍ଟ ସଂବିଧାନ ଭଙ୍ଗର ଅଭିଯୋଗ କରି ତାଙ୍କୁ ପଦଚ୍ୟୁତ କରିପାରେ ।

୫ । ଅନ୍ୟ ପ୍ରକାରରେ ବି ରାଷ୍ଟ୍ରପତି ଆସନ ଖାଲି ପଡ଼ିପାରେ ।

ଏହି ଅନ୍ୟ ପ୍ରକାର ( Otherwise ) ଟି ବୁଝିବା ଭାରି କଷ୍ଟକର । ଏହାର ଅନୁବାଦ ଅନେକ କ୍ଷେତ୍ରରେ ବିବାଦ ସୃଷ୍ଟି କରିପାରେ ।

## ରାଷ୍ଟ୍ରପତିଙ୍କୁ ପଦଚ୍ୟୁତ କରିବାର ପଦ୍ଧତି

ମାର୍କିନ ଯୁକ୍ତରାଷ୍ଟ୍ର, ପୂର୍ବତନ ଜର୍ମାନୀ, ପଶ୍ଚିମ ଜର୍ମାନୀ ପ୍ରଭୃତି ରାଷ୍ଟ୍ରମାନଙ୍କରେ କାର୍ଯ୍ୟକାଳ ପୂରିବା ପୂର୍ବରୁ ରାଷ୍ଟ୍ରପତିଙ୍କୁ ବହିଷ୍କାର କରିବାର ବ୍ୟବସ୍ଥା ରହିଛି । ଏପରିକି ଇଂଲଣ୍ଡରେ ମଧ୍ୟ, ରାଣୀ ଅଥବା ରାଜା ସିଂହାସନ ଆରୋହଣ କରିଥିଲେ ହେଁ, ସେ ପାର୍ଲାମେଣ୍ଟର ଆନ୍ତରିକ ସଦିଚ୍ଛା ନିକଟରେ ନିଜ ମୁକୁଟକୁ ବାଧ୍ୟ ରଖିଥାନ୍ତି ( owes ) । ତାଙ୍କର ଯେ କୌଣସି ଦୁର୍ନୀତି-ମୂଳକ, ଅସାମ୍ବିଧାନିକ ବା ଅସଙ୍ଗତ କାର୍ଯ୍ୟକଳାପ ତାଙ୍କୁ ଗାଦିଚ୍ୟୁତ କରିବାପାଇଁ ବାଧ୍ୟ କରିଥାଏ । ସେହିପରି ଭାରତରେ ପାର୍ଲିଆମେଣ୍ଟ ସଂବିଧାନ ଭଙ୍ଗର ଅଭିଯୋଗ କରି ରାଷ୍ଟ୍ରପତିଙ୍କୁ ପଦଚ୍ୟୁତ କରିପାରେ । ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ସଂବିଧାନ ଭଙ୍ଗର ଅଭିଯୋଗକୁ ମହାଭିଯୋଗ ( impeachment ) କୁହାଯାଏ । ମହାଭିଯୋଗ ପ୍ରସ୍ତାବ ପାର୍ଲାମେଣ୍ଟର ଯେ କୌଣସି ସଦନରେ ଆଗତ ହୋଇପାରେ । ଅଭିଯୋଗ ପ୍ରସ୍ତାବ ଆକାରରେ ଆଣିତ ହୋଇଥାଏ । ପ୍ରସ୍ତାବଟି ଉତ୍ଥାପନ କରିବା ପୂର୍ବରୁ ସଂଶ୍ଳିଷ୍ଟ ସଦନର ମୋଟ ସଦସ୍ୟ ସଂଖ୍ୟାର ଅନ୍ୟୂନ ଏକ ଚତୁର୍ଥାଂଶ ଦ୍ୱାରା ସ୍ୱାକ୍ଷରିତ ହୋଇ ଅନ୍ତତଃ ଚଉଦ ଦିନ ପୂର୍ବରୁ ଏକ ଲିଖିତ ନୋଟିସ୍ ଦ୍ୱାରା ପ୍ରସ୍ତାବ ଉତ୍ଥାପନର ଅଭିପ୍ରାୟ ଜଣାଯାଏ । ଏହାପରେ ପ୍ରସ୍ତାବଟି ସେହି ସଦନର ମୋଟ ସଦସ୍ୟ ସଂଖ୍ୟାର ଅନ୍ତତଃ ଦୁଇ-ତୃତୀୟାଂଶର ସମର୍ଥନ ଦ୍ୱାରା ପାରିତ ହେବା ପ୍ରୟୋଜନ । ଗୋଟିଏ ସଦନରେ ପ୍ରସ୍ତାବ ଗୃହୀତ ହେଲେ ଅନ୍ୟ ସଦନରେ ଅଭିଯୋଗ ସଂପର୍କରେ ଅନୁସନ୍ଧାନ କରାଯାଏ । ଅନୁସନ୍ଧାନ ପରେ ଯଦି ଅନୁସନ୍ଧାନକାରୀ ସଦନର ମୋଟ ସଦସ୍ୟ ସଂଖ୍ୟାର ଅନ୍ତତଃ ଦୁଇ ତୃତୀୟାଂଶ ଭୋଟ ସମର୍ଥନଦ୍ୱାରା, ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ଆଣିତ ଅଭିଯୋଗ ସତ୍ୟବୋଲି ପ୍ରମାଣିତ ହୁଏ, ତେବେ ରାଷ୍ଟ୍ରପତି ପଦରୁ ଅପସାରିତ ହେବେ । ଭାରତ ସଂବିଧାନରେ ରାଷ୍ଟ୍ରପତିଙ୍କୁ ପଦଚ୍ୟୁତ କରିବାର ପଦ୍ଧତି ମାର୍କିନ ଯୁକ୍ତରାଷ୍ଟ୍ରର ପଦ୍ଧତିଠାରୁ ସାମାନ୍ୟ ଭାବରେ ଭିନ୍ନ । ମାର୍କିନ ଯୁକ୍ତରାଷ୍ଟ୍ରରେ କେବଳ ପ୍ରତିନିଧି ସଭାରେ ( House of Representatives )ହିଁ

ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ଅଭିଯୋଗ ପ୍ରସ୍ତାବ ଆଗତ ହୋଇପାରିବ । ସେଠାରେ ଦୁଇ ତୃତୀୟାଂଶ ଭୋଟ ସମର୍ଥନରେ ପ୍ରସ୍ତାବଟି ପାସ୍ ହୋଇଗଲେ ତାହା ଅନୁସନ୍ଧାନ ସକାଶେ ଦ୍ୱିତୀୟ ସଦନ ( Senate )କୁ ଆସେ । ସିନେଟ୍ ଅନୁସନ୍ଧାନକାରୀ ନ୍ୟାୟାଳୟର କାର୍ଯ୍ୟ ସଂପାଦନ କଲାବେଳେ ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଧାନ ବିଚାରପତି ତାହାର ଚେୟାରମ୍ୟାନ ହୋଇଥାନ୍ତି । ରାଷ୍ଟ୍ରପତିଙ୍କ ଅଭିଯୋଗ ସଂପର୍କରେ ଶେଷ ନିଷ୍ପତ୍ତି ନେବାର ଅଧିକାର କେବଳ ସିନେଟର ହିଁ ରହିଛି ଏବଂ ତାହା ଦୁଇ-ତୃତୀୟାଂଶ ଅଧିକ ଭୋଟରେ ନିଆଯାଏ ।

## ରାଷ୍ଟ୍ରପତି ପଦର ଯୋଗ୍ୟତା

ରାଷ୍ଟ୍ରପତି ପଦପାଇଁ ଇଚ୍ଛୁକ ବ୍ୟକ୍ତି ଭାରତୀୟ ନାଗରିକ, ପଞ୍ଚତିରିଶ ବର୍ଷ ବୟସ ଓ ଲୋକସଭାର ସଦସ୍ୟ ହେବାର ଯୋଗ୍ୟତା ଥିବା ଦରକାର । ଏହି ପ୍ରସଙ୍ଗରେ ଉଲ୍ଲେଖ କରାଯାଇପାରେ ଯେ ମାର୍କିନ ଯୁକ୍ତରାଷ୍ଟ୍ରରେ କୌଣସି ବ୍ୟକ୍ତି ଜନ୍ମ ସୂତ୍ରରେ ( natural born ) ନାଗରିକ ନ ହେଲେ ସେ ଦେଶର ରାଷ୍ଟ୍ରପତି ହୋଇପାରନ୍ତେ ନାହିଁ । ରାଷ୍ଟ୍ରପତି ପାର୍ଲାମେଣ୍ଟ କିମ୍ବା ରାଜ୍ୟ ବିଧାନମଣ୍ଡଳୀର ସଦସ୍ୟ ହୋଇପାରିବେ ନାହିଁ କିନ୍ତୁ ଲୋକସଭାକୁ ନିର୍ବାଚିତ ହେବାପାଇଁ ଯୋଗ୍ୟତା ତାଙ୍କର ଥିବା ଉଚିତ । ସେ ଅନ୍ୟ କୌଣସି ଲାଭଜନକ ପଦରେ ଅଧିଷ୍ଠିତ ହୋଇ ନଥିବେ କିମ୍ବା ବିଚାରାଳୟଦ୍ୱାରା ପାଗଳ, ଦେବାଳିଆ ବା ଦୋଷୀ ସାବ୍ୟସ୍ତ ହୋଇ ନ ଥିବେ ।

## ରାଷ୍ଟ୍ରପତିଙ୍କ ବେତନ ଭତ୍ତା

ରାଷ୍ଟ୍ରପତିଙ୍କ ବେତନ, ଭତ୍ତା ଏବଂ ଅନ୍ୟାନ୍ୟ ଅଧିକାର ପାର୍ଲାମେଣ୍ଟ ଆଇନ ଦ୍ୱାରା ସ୍ଥିର କରିପାରିବ । ସଂସଦ ଏହି ସମ୍ପର୍କରେ କୌଣସି ପରିବର୍ତ୍ତିତ ବ୍ୟବସ୍ଥା ଗ୍ରହଣ ନକରିବା ପର୍ଯ୍ୟନ୍ତ ରାଷ୍ଟ୍ରପତି ସଂବିଧାନରେ ବର୍ଣ୍ଣିତ ବେତନ, ସୁବିଧା, ସୁଯୋଗ ଓ ଭତ୍ତା ଲାଭକରିବେ । ରାଷ୍ଟ୍ରପତି ପ୍ରତି ମାସରେ ଟ ୧୦,୦୦୦-୦୦ ( ଦଶ ହଜାର ) ନିର୍ଦ୍ଦିଷ୍ଟ ଦରମା ପାଆନ୍ତି । ସେ ଭାରତର ଅନ୍ୟ ନାଗରିକଙ୍କ ପରି ଆୟକର ଦେଇଥାନ୍ତି । ସେ ନିଷ୍କର ରାଷ୍ଟ୍ରପତିଭବନରେ ବାସ କରନ୍ତି । କୌଣସି ରାଷ୍ଟ୍ରପତିଙ୍କ ରହଣିକାଳ ଭିତରେ ତାଙ୍କର ବେତନ କିମ୍ବା ସୁବିଧା ସୁଯୋଗ ହ୍ରାସ କରାଯାଇପାରିବ ନାହିଁ । ରାଷ୍ଟ୍ରପତି ଅବସର ନେବାପରେ ପ୍ରତିବର୍ଷ ଟ ୧୫,୦୦୦-୦୦ ପେନସନ୍ ପାଆନ୍ତି । ତାଛଡ଼ା ତାଙ୍କର କାର୍ଯ୍ୟାଳୟ ପ୍ରତିଷ୍ଠାନପାଇଁ ବର୍ଷରେ ଟ ୧୨,୦୦୦-୦୦ ପର୍ଯ୍ୟନ୍ତ ପାଆନ୍ତି । ଅବସର ପ୍ରାପ୍ତିପରେ ବି ସେ ଓ ତାଙ୍କ ପରିବାର ମାଗଣା ବୈଦ୍ୟକ ଚିକିତ୍ସା ( medical treatment ) ପାଇଥାନ୍ତି ।

## ଅଦାଲତରେ ଅଭିଯୋଗରୁ ରାଷ୍ଟ୍ରପତିଙ୍କ ଅବ୍ୟାହତି

ରାଷ୍ଟ୍ରପତି ପଦାଧିକାର ବଳରେ ଯେଉଁସବୁ କ୍ଷମତା ପ୍ରୟୋଗ ଓ କର୍ତ୍ତବ୍ୟ ସମ୍ପାଦନ କରନ୍ତି ବା ଏହିସବୁ କର୍ତ୍ତବ୍ୟ ସଂପାଦନ କରିବାପାଇଁ ଯେଉଁସବୁ କାର୍ଯ୍ୟ କରନ୍ତି, ସେଥିପାଇଁ

ତାଙ୍କୁ କୌଣସି ଅଦାଲତ ନିକଟରେ କୈଫିୟତ ଦେବାକୁ ପଡ଼େନାହିଁ । ରାଷ୍ଟ୍ରପତି ପଦରେ ଅଧିଷ୍ଠିତ ଥିଲାବେଳେ ତାଙ୍କ ବିରୁଦ୍ଧରେ କୌଣସି ଅଦାଲତରେ ଫୌଜଦାରୀ ମକଦ୍ଦମା ରୁଜୁ ବା ପରିଚାଳନା କରାଯାଇପାରିବ ନାହିଁ କିମ୍ବା ତାଙ୍କୁ ଗିରଫଦାର ବା କାରାଦଣ୍ଡ ପାଇଁ କୌଣସି ଅଦାଲତ ଆଦେଶ ଦେଇପାରିବ ନାହିଁ । ବ୍ୟକ୍ତିଗତ କାର୍ଯ୍ୟପାଇଁ ମଧ୍ୟ ରାଷ୍ଟ୍ରପତିଙ୍କ ପଦରେ ଅଧିଷ୍ଠିତ ଥିଲାବେଳେ ଦୁଇମାସ ପୂର୍ବରୁ ନୋଟିସ ନଦେଇ କୌଣସି ଅଦାଲତରେ ତାଙ୍କ ବିରୁଦ୍ଧରେ ଦେଓ୍ୱାନୀ ମାମଲା ରୁଜୁ କରାଯାଏ ନାହିଁ ।

## ଅନୁକ୍ରମ

**( Succession )**

ରାଷ୍ଟ୍ରପତିଙ୍କ ମୃତ୍ୟୁ, ଇସ୍ତଫା କିମ୍ବା ବହିଷ୍କାର ଫଳରେ ରାଷ୍ଟ୍ରପତି ଆସନ ଶୂନ୍ୟ ପଡ଼ିଲେ ବା ରାଷ୍ଟ୍ରପତି ଦୀର୍ଘ ଦିନ ଅନୁପସ୍ଥିତ ରହିଲେ ଯେତେଦିନ ପର୍ଯ୍ୟନ୍ତ ନୂତନ ରାଷ୍ଟ୍ରପତି ନିର୍ବାଚିତ ନ ହୋଇଛନ୍ତି, ସେତେଦିନ ପର୍ଯ୍ୟନ୍ତ ଉପରାଷ୍ଟ୍ରପତି ରାଷ୍ଟ୍ରପତିଙ୍କ ଦାୟିତ୍ୱ ତୁଲାଇବେ । କିନ୍ତୁ ରାଷ୍ଟ୍ରପତି ପଦରେ ଅସ୍ଥାୟୀ ଭାବରେ ଆସୀନ ଉପରାଷ୍ଟ୍ରପତି ଯଦି ପଦତ୍ୟାଗ କରନ୍ତି ବା ମୃତ୍ୟୁ ଇତ୍ୟାଦି କାରଣରୁ ଏହି ପଦ ଶୂନ୍ୟ ହୁଏ ତେବେ କିଏ ରାଷ୍ଟ୍ରପତିଙ୍କ କାର୍ଯ୍ୟ ପରିଚାଳନା କରିବେ ସେ ସମ୍ପର୍କରେ ସମ୍ବିଧାନରେ ଉଲ୍ଲେଖ ନାହିଁ । ୧୯୬୯ରେ ପ୍ରଣୀତ ଆଇନରେ ଏହି ବ୍ୟବସ୍ଥା ସ୍ଥାନ ପାଇଛି । ଏହି ଆଇନ ଅନୁସାରେ ଉଭୟ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ଅନୁପସ୍ଥିତିରେ ରାଷ୍ଟ୍ରପତିଙ୍କ କାର୍ଯ୍ୟ ପରିଚାଳନା କରିବାପାଇଁ ପରବର୍ତ୍ତୀ ବ୍ୟକ୍ତି ହେଲେ ଭାରତର ପ୍ରଧାନ ବିଚାରପତି । ୧୯୬୯ ମସିହାରେ ରାଷ୍ଟ୍ରପତିଙ୍କ କର୍ତ୍ତବ୍ୟ ସମ୍ପାଦନକାରୀ ଉପରାଷ୍ଟ୍ରପତି ଶ୍ରୀ ଭି. ଭି. ଗିରି ଇସ୍ତଫା ଦେବାପରେ ଏହି ଆଇନଟି ପାଶ୍ ହୋଇଥିଲା । ଶ୍ରୀ ଗିରିଙ୍କ ସ୍ଥାନରେ ତତ୍କାଳୀନ ପ୍ରଧାନ ବିଚାରପତି ମହମ୍ମଦ ହିଦାୟତୁଲ୍ଲା ରାଷ୍ଟ୍ରପତିଙ୍କ କାର୍ଯ୍ୟ ପରିଚାଳନା ଦାୟିତ୍ୱ ଗ୍ରହଣ କରିଥିଲେ ।

## ଭାରତର ଉପରାଷ୍ଟ୍ରପତି

**( The vice-President of India )**

ଭାରତୀୟ ସମ୍ବିଧାନରେ ଜଣେ ଉପରାଷ୍ଟ୍ରପତିଙ୍କର ବ୍ୟବସ୍ଥା ରହିଛି । ପୂର୍ବେ ବ୍ୟବସ୍ଥା ଥିଲା ଯେ ପାର୍ଲାମେଣ୍ଟର ଉଭୟ ସଦନର ସଦସ୍ୟମାନେ ଏକ ଯୁକ୍ତ ଅଧିବେଶନରେ ମିଳିତ ହୋଇ ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିବେ । ୧୯୬୧ ମସିହାରେ ସମ୍ବିଧାନର ଏକାଦଶ ସଂଶୋଧନ ଫଳରେ ଅଧୁନା ଉପରାଷ୍ଟ୍ରପତି ପାର୍ଲାମେଣ୍ଟର ଉଭୟ ସଦନର ସଦସ୍ୟମାନଙ୍କୁ ନେଇ ଗଠାଯାଇଥିବା ଏକ ନିର୍ବାଚକ ମଣ୍ଡଳୀ ( electoral College ) ଦ୍ୱାରା ନିର୍ବାଚିତ ହୁଅନ୍ତି । ଏହି ନିର୍ବାଚନ ମଧ୍ୟ ଏକକ ସଂକ୍ରମଣୀୟ ମତଦ୍ୱାରା ସମାନୁପାତିକ ପ୍ରତିନିଧିତ୍ୱ ପଦ୍ଧତିରେ ପରିଚାଳିତ ହୁଏ । ଉପରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ମଧ୍ୟ ଠିକ୍ ପାଞ୍ଚବର୍ଷ । କିନ୍ତୁ ଉପରାଷ୍ଟ୍ରପତିଙ୍କୁ ବହିଷ୍କାର କରିବାପାଇଁ ସମ୍ବିଧାନଭଙ୍ଗ ମହାଭିଯୋଗ ପ୍ରଥା

ପ୍ରୟୋଗ କରିବାକୁ ପଡ଼ୁନାହିଁ । ରାଜ୍ୟସଭାର ମୋଟ ସଦସ୍ୟ ସଂଖ୍ୟାର ଅଧିକାଂଶଙ୍କ ଦ୍ୱାରା ଉପରାଷ୍ଟ୍ରପତିଙ୍କ ବହିଷ୍କାର ସମ୍ପର୍କରେ ଗୃହୀତ ଏକ ପ୍ରସ୍ତାବ ଲୋକସଭାର ସମ୍ମତି ପ୍ରାପ୍ତ କଲେ ଉପରାଷ୍ଟ୍ରପତି ପଦଚ୍ୟୁତ ହୁଅନ୍ତି ।

ଉପରାଷ୍ଟ୍ରପତି ହେବାପାଇଁ କୌଣସି ବ୍ୟକ୍ତିର ଯୋଗ୍ୟତା ହେଲା ଯେ ସେ ଭାରତୀୟ ନାଗରିକ ହୋଇଥିବେ, ତାଙ୍କୁ ୩୫ ବର୍ଷ ବା ଅଧିକ ହୋଇଥିବ ଏବଂ ରାଜ୍ୟସଭାର ସଦସ୍ୟରୂପେ ନିର୍ବାଚିତ ହେବାର ସମସ୍ତ ଯୋଗ୍ୟତା ଥିବ ।

ସାଧାରଣ ଭାବରେ ଉପରାଷ୍ଟ୍ରପତି ପଦାଧିକାର ବଳରେ ପାର୍ଲିମେଣ୍ଟର ଉଚ୍ଚତର ସଦନ ଅର୍ଥାତ୍ ରାଜ୍ୟସଭାର ସଭାପତି ରହନ୍ତି । ଏ ବିଷୟରେ ଭାରତୀୟ ସମ୍ବିଧାନ ମାର୍କିନ ଯୁକ୍ତରାଷ୍ଟ୍ରକୁ ଅନୁକରଣ କରିଅଛି । ମାର୍କିନ ଯୁକ୍ତରାଷ୍ଟ୍ରରେ ଉପସଭାପତି ମଧ୍ୟ ପଦାଧିକାର ବଳରେ କଂଗ୍ରେସର ଉଚ୍ଚତର ସଦନର ସଭାପତି ହିସାବରେ କାର୍ଯ୍ୟ ତୁଲାଇଥାନ୍ତି । ଯୁକ୍ତ-ରାଷ୍ଟ୍ର ଆମେରିକା ବା ଭାରତରେ ଉପରାଷ୍ଟ୍ରପତିଙ୍କ ବିଶେଷ କ୍ଷମତା ନଥାଏ । ସେମାନେ ଉଚ୍ଚତର ପରିଷଦର ବିଧିବିଧାନ ଓ ପରମ୍ପରା ଦ୍ୱାରା ସୀମିତ ହୋଇଥାନ୍ତି ।

ଯୁକ୍ତରାଷ୍ଟ୍ର ଆମେରିକାର ଉପରାଷ୍ଟ୍ରପତିଙ୍କ ପରି ଭାରତର ଉପରାଷ୍ଟ୍ରପତିଙ୍କୁ ବି ଅପ୍ରକାଶ ରାଷ୍ଟ୍ରପତି ( President in reserve ) କୁହାଯାଏ । କୌଣସି କାରଣ-ବଶତଃ ରାଷ୍ଟ୍ରପତି ଆସନ ଶୂନ୍ୟ ପଡ଼ିଲେ, ଉପରାଷ୍ଟ୍ରପତିଙ୍କୁ ରାଷ୍ଟ୍ରପତିଙ୍କ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଡାକରା ଆସେ । ସେତେବେଳେ ସେ ତାଙ୍କର ସ୍ଥାୟୀ କାର୍ଯ୍ୟଭାର ରାଜ୍ୟ-ସଭାର ଉପସଭାପତି ହସ୍ତରେ ନ୍ୟସ୍ତ ରଖିଥାନ୍ତି । କିନ୍ତୁ ଏହି କ୍ଷେତ୍ରରେ ଭାରତ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ବ୍ୟବସ୍ଥା ମଧ୍ୟରେ ଭିନ୍ନତା ଦେଖାଯାଏ । ଭାରତରେ ରାଷ୍ଟ୍ରପତି ଆସନ ଶୂନ୍ୟ ହେଲେ ଉପରାଷ୍ଟ୍ରପତି ଅତ୍ୟଧିକେ ଛଅମାସ ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ କାର୍ଯ୍ୟ ତୁଲାଇବେ, କିନ୍ତୁ ସେ ରାଷ୍ଟ୍ରପତି ପଦକୁ ଉନ୍ନୀତ ହୋଇପାରିବେ ନାହିଁ । ଛଅମାସ ପୂର୍ତ୍ତି ହେବା ପୂର୍ବରୁ ନିର୍ବାଚନ କରାଯାଇ ନୂତନ ରାଷ୍ଟ୍ରପତିଙ୍କୁ ବଛାଯାଏ । ସେତେବେଳେ ଉପସ୍ଥିତ ଉପରାଷ୍ଟ୍ରପତି ରାଷ୍ଟ୍ରପତି ପଦପାଇଁ ନିର୍ବାଚନ ଲଢ଼ି ପାରନ୍ତି । ସେ ନିର୍ବାଚିତ ହୋଇପାରନ୍ତି ବା ନହୋଇପାରନ୍ତି । କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାରେ ରାଷ୍ଟ୍ରପତିଙ୍କ ମୃତ୍ୟୁ, ପଦତ୍ୟାଗ ବା ଅନ୍ୟାନ୍ୟ କାରଣରୁ ଆସନ ଖାଲି ପଡ଼ିଲେ ନିର୍ଦ୍ଦିଷ୍ଟ କାର୍ଯ୍ୟକାଳର ଅବଶିଷ୍ଟ ସମୟପାଇଁ ଉପରାଷ୍ଟ୍ରପତି ରାଷ୍ଟ୍ରପତିଙ୍କ ପଦକୁ ଉନ୍ନୀତ ହୁଅନ୍ତି; ସେ ଅସ୍ଥାୟୀ ଭାବେ ରାଷ୍ଟ୍ରପତିଙ୍କ କାର୍ଯ୍ୟ ପରିଚାଳନା କରନ୍ତି ନାହିଁ । ଏହିପରି ଭାବେ ୧୯୪୫ରେ ହେରି. ଏସ୍. ଟ୍ରୁମ୍ୟାନ ଏବଂ ୧୯୬୩ରେ ଲିଣ୍ଡନ୍ ଜନସନ୍ ରାଷ୍ଟ୍ରପତିପଦକୁ ଉନ୍ନୀତ ହୋଇଥିଲେ । ସଂପ୍ରତି ଜେରାଲ୍ଡ଼ ଫୋର୍ଡ଼ ମଧ୍ୟ ସେହି ପ୍ରଣାଳୀରେ ଉପରାଷ୍ଟ୍ରପତି ପଦରୁ ରାଷ୍ଟ୍ରପତି ପଦକୁ ଉନ୍ନୀତ ହୋଇଛନ୍ତି । ତେଣୁ ଭାରତର ଉପରାଷ୍ଟ୍ରପତି ତାଙ୍କ ଆମେରିକାସ୍ଥ ପ୍ରତିକଳ୍ପ ( Counter part )ଙ୍କ ଠାରୁ କମ୍ କ୍ଷମତାଶାଳୀ । ଆମେରିକାର ତତ୍କାଳୀନ

ଉପରାଷ୍ଟ୍ରପତି ଜନ୍ ଆଡ଼ାମସ୍‌ଙ୍କ ଭାଷାରେ "ମୁଁ କିଛି ନୁହେଁ, ମୁଁ କିନ୍ତୁ ସବୁକିଛି ହୋଇପାରେ ।" ଭାରତର ଉପରାଷ୍ଟ୍ରପତି କିନ୍ତୁ ଏହିପରି ଦାବି କରିପାରିବେ ନାହିଁ । ଭାରତର ଉପରାଷ୍ଟ୍ରପତିଙ୍କଠାରୁ ଆମେରିକାର ଉପରାଷ୍ଟ୍ରପତିଙ୍କ ଗୁରୁତ୍ୱ ବେଶୀ ଥିବାରୁ ତାଙ୍କ ବହିଷ୍କାରପାଇଁ ମାର୍କିନ ଯୁକ୍ତରାଷ୍ଟ୍ର ସମ୍ବିଧାନରେ ମହାଭିଯୋଗ ବ୍ୟବସ୍ଥା ରହିଛି । ସେଠିକାର ଉପରାଷ୍ଟ୍ରପତିଙ୍କୁ ଅନେକ ସମୟରେ କ୍ୟାବିନେଟ ସଭାରେ ଯୋଗ ଦେବାପାଇଁ ନିମନ୍ତ୍ରଣ କରାଯାଏ । ଏସବୁ ସତ୍ତ୍ୱେ ଯୁକ୍ତରାଷ୍ଟ୍ର ଆମେରିକାରେ ଉପରାଷ୍ଟ୍ରପତି ପଦକୁ ନିତାନ୍ତ ଗୁରୁତ୍ୱହୀନ ଏବଂ ଅନର୍ଥକ ପଦ କୁହାଯାଏ ଏବଂ ଅନେକ ସମାଲୋଚକ ଉପରାଷ୍ଟ୍ରପତି ଜଣେ ସଂବିଧାନର ଅଦରକାରୀ ଯୋଡ଼ପତ୍ର ( appendix ) ବୋଲି ମତଦିଅନ୍ତି । ଅନ୍ୟପକ୍ଷରେ ଭାରତର ସଂବିଧାନ ଉପରାଷ୍ଟ୍ରପତିଙ୍କ ହସ୍ତରେ ଶାସନ ସମ୍ବନ୍ଧୀୟ କୌଣସି କ୍ଷମତା ନ୍ୟସ୍ତ କରିନାହିଁ । ରାଷ୍ଟ୍ରପତିଙ୍କ ଅନୁପସ୍ଥିତି ସମୟରେ ମଧ୍ୟ, ଅସ୍ଥାୟୀଭାବେ ଶାସନ ସଂବନ୍ଧୀୟ କୌଣସି କାର୍ଯ୍ୟକରିବା ଉପରାଷ୍ଟ୍ରପତିଙ୍କ ପକ୍ଷେ ସମ୍ଭବ ହୁଏ ନାହିଁ । ଯେତେବେଳେ ସଂସଦୀୟ ଗଣତନ୍ତ୍ରରେ ରାଷ୍ଟ୍ରପତି ପଦର ଗୁରୁତ୍ୱ ଉପଲବ୍ଧି କରି ହୁଏନାହିଁ, ତାଙ୍କର ଅସ୍ଥାୟୀ ପ୍ରତିନିଧି ଉପରାଷ୍ଟ୍ରପତିଙ୍କର ବି କିଛି ଗୁରୁତ୍ୱ ନଥାଏ । ଉପରାଷ୍ଟ୍ରପତିଙ୍କ ନିର୍ବାଚନ ଏବଂ ବହିଷ୍କାର ପ୍ରଥା ରାଷ୍ଟ୍ରପତିଙ୍କ ନିର୍ବାଚନ ବା ବହିଷ୍କାର ପ୍ରଥାଭଳି ଜଟିଳ ନହୋଇ ସରଳ ହୋଇଥିବାରୁ ରାଷ୍ଟ୍ରପତି ପଦଠାରୁ ଉପରାଷ୍ଟ୍ରପତିଙ୍କ ପଦ କମ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଧରାଯାଏ । ସୁତରାଂ ଭାରତର ଉପରାଷ୍ଟ୍ରପତି ଭାରତର ରାଷ୍ଟ୍ରପତି ଏବଂ ଯୁକ୍ତରାଷ୍ଟ୍ର ଆମେରିକୀୟ ଉପରାଷ୍ଟ୍ରପତି ଉଭୟଙ୍କଠାରୁ କମ୍ କ୍ଷମତାଶାଳୀ । ତେଣୁ ତାଙ୍କୁ ଅନାବଶ୍ୟକ ମହାମହିମ ( His Superfluous Highman ) କୁହାଯାଏ ।

କିଛିଦିନ ପୂର୍ବେ ଭାରତର ପଦମର୍ଯ୍ୟାଦାରେ ଉପରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ନିମ୍ନରେ ଥିଲେ । ସ୍ୱରାଷ୍ଟ୍ରମନ୍ତ୍ରୀ ଦପ୍ତର ( Home Ministry ) ଦ୍ୱାରା ପ୍ରକାଶିତ ପଦମର୍ଯ୍ୟାଦାର ତାଲିକାରେ ( Warrant of Precedence ) ଉପରାଷ୍ଟ୍ରପତିଙ୍କ ସ୍ଥାନଥିଲା ତୃତୀୟ, ବର୍ତ୍ତମାନ ଅବଶ୍ୟ ଏହି ତାଲିକାରେ ଉପରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ଉପରେ । ସଂପ୍ରତି ଉପରାଷ୍ଟ୍ରପତି ପଦକୁ କିଛିଟା ଗୁରୁତ୍ୱପୂର୍ଣ୍ଣ କରି ତୋଳିବାର ପ୍ରଚେଷ୍ଟା ଚାଲିଛି—ଯଥା : ତାଙ୍କୁ ଦେଶର ପ୍ରତିନିଧି ହିସାବରେ ବିଭିନ୍ନ ଦେଶକୁ ଶୁଭେଚ୍ଛା ସଫରରେ ପଠାଯାଉଛି, ବିଭିନ୍ନ ମିଶନ ଓ ପ୍ରତିନିଧିମାନଙ୍କ ସହିତ ଆଲୋଚନାରେ ତାଙ୍କୁ ଅନ୍ୟତମ ମୁଖପାତ୍ର ନିଯୁକ୍ତ କରାଯାଉଛି, ଇତ୍ୟାଦି ।

## ରାଷ୍ଟ୍ରପତିଙ୍କ କ୍ଷମତାର ବର୍ଣ୍ଣନା

ନିୟମତନ୍ତ୍ର ଶାସନ ପ୍ରଣାଳୀର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରମୁଖ୍ୟ ହିସାବରେ ରାଜାଙ୍କ ହସ୍ତରେ ସମସ୍ତ କ୍ଷମତା କେନ୍ଦ୍ରୀଭୂତ ହୋଇଥିଲା । ତାଙ୍କର ଆଦେଶ ହିଁ ଆଇନ୍ ଥିଲା । କେଉଁମାନଙ୍କଦ୍ୱାରା ଦେଶର ଆଇନ୍ କାର୍ଯ୍ୟରେ ପରିଣତ କରାଯାଇପାରିବ, ତାଙ୍କର ନିଷ୍ପତ୍ତି

ଉପରେ ନିର୍ଭରଥିଲା । ସେ ନିଜେ କିମ୍ବା ତାଙ୍କ ପ୍ରତିନିଧିମାନେ ଆଇନ୍ ଭଙ୍ଗକାରୀମାନଙ୍କୁ ଦଣ୍ଡ ଦେଉଥିଲେ । ଆଇନ୍ ହେତୁରେ ଧାରଣା ପରିବର୍ତ୍ତନ ଫଳରେ କ୍ଷମତାର ବିସ୍ତୃତି ପରିଲକ୍ଷିତ ହୋଇଛି ଏବଂ ରାଜଶକ୍ତି ( Royal authority ) କ୍ରମଶଃ ନିଜର ପୂର୍ଣ୍ଣ ଏବଂ ଅସୀମ କ୍ଷମତାର ହସ୍ତାନ୍ତର କରିବାପାଇଁ ବାଧ୍ୟହେଲେ । ଜେମସ୍ ପ୍ରଥମଙ୍କ ଦୃଢ଼ ଉକ୍ତି ହେଉଛି, "ରାଜା ଭୂପୃଷ୍ଠରେ ଈଶ୍ୱରଙ୍କ ଦୂତ; ସେ ନିଜେ ଈଶ୍ୱରଙ୍କ ସିଂହାସନ ଅଧିରୋହଣ କରିଛନ୍ତି; ଈଶ୍ୱରଙ୍କଦ୍ୱାରା ମଧ୍ୟ ସେ ରାଜାବୋଲି ସ୍ୱୀକୃତ ।" କିନ୍ତୁ ପରବର୍ତ୍ତୀ କାଳରେ ତାଙ୍କ ଉକ୍ତି ନିରର୍ଥକ ମନେହେଲା । ଅନ୍ଧବିଶ୍ୱାସ ଲୋକଙ୍କ ମନରୁ ଦୂରହେଲା । ( ଯେତେବେଳେ ଗ୍ରୋଟେଙ୍କ ବିଶ୍ୱାସ ଅନୁଯାୟୀ ଆଇନ୍‌ଗୁଡ଼ିକ ଯଥାର୍ଥ ହେତୁ ( Right Reason)ର ନିର୍ଦ୍ଦେଶବାଣୀ ସହିତ ଏକାର୍ଥବୋଧକ ବୋଲି ଧରିନିଆଗଲା ଏବଂ ଯେତେବେଳେ ଆଇନ୍‌ଗୁଡ଼ିକ ପରମ୍ପରା ସହିତ ମିଳାମିଶା ହେବାର ଲକ୍ଷ୍ୟ କରାଗଲା । ) ରାଜାଙ୍କଠାରୁ କ୍ରମେ କ୍ରମେ ପାର୍ଲାମେଣ୍ଟ ଏବଂ ବିଚାରପତିମାନଙ୍କ ହାତକୁ କ୍ଷମତାର ହସ୍ତାନ୍ତର ହେବା ଫଳରେ, ତାଙ୍କର ଅସୀମ କ୍ଷମତା କ୍ଷୁଣ୍ଣ ହୋଇଛି । ଭାରତରେ ରାଷ୍ଟ୍ରପତି ଇଂଲଣ୍ଡର କ୍ଷମତାହୀନ ରାଜାଙ୍କର ପ୍ରତିକୃତି ଅଟନ୍ତି ।

ସେ ଯାହାହେଉ ଇଂଲଣ୍ଡରେ ରାଜାଙ୍କର ଦୁଇପ୍ରକାର କ୍ଷମତା ରହିଛି—ମୌଳିକ ଅଧିକାର ( prerogative ) ଏବଂ ବ୍ୟବସ୍ଥାପିକ ( Statutory ) ଅଧିକାର । ଆଇନ୍‌ଦ୍ୱାରା ସ୍ୱୀକୃତ ନହୋଇ କେବଳ ପରମ୍ପରାଦ୍ୱାରା ଉପଭୋଗ କରିଆସୁଥିବା ଅଧିକାରକୁ ମୌଳିକ ଅଧିକାର ( prerogative ) କୁହାଯାଏ । ପାର୍ଲାମେଣ୍ଟ କ୍ଷମତାଶାଳୀ ହୋଇ ଇଚ୍ଛାକଲେ ସେ ସବୁକୁ ଅଦଳବଦଳ କରିଦେଇପାରେ । ପାର୍ଲାମେଣ୍ଟ ଆଇନଦ୍ୱାରା ପ୍ରଦାନ କରିଥିବା ଅଧିକାରକୁ ବ୍ୟବସ୍ଥାପିକ ( statutory ) ଅଧିକାର କୁହାଯାଏ । ମାର୍କିନ ଯୁକ୍ତରାଷ୍ଟ୍ରର ବ୍ୟବସ୍ଥା ଇଂଲଣ୍ଡର ବ୍ୟବସ୍ଥାଠାରୁ ପୂରାପୂରି ଭିନ୍ନ । ସେଠାରେ ଗୋଟିଏ ବ୍ୟକ୍ତିଙ୍କ ଉପରେ ଉଭୟ ରାଷ୍ଟ୍ରମୁଖ୍ୟ ଏବଂ ସରକାର ମୁଖ୍ୟଙ୍କ ଦାୟିତ୍ୱ ନ୍ୟସ୍ତ ରହିଛି । ଇଂଲଣ୍ଡରେ ଯେମିତି ରାଜାଙ୍କର କ୍ଷମତା ମନ୍ତ୍ରିପରିଷଦଦ୍ୱାରା ସୀମିତ ହୁଏ, ଯୁକ୍ତରାଷ୍ଟ୍ର ଆମେରିକାରେ ସେଭଳି ହୁଏନାହିଁ । ତାଙ୍କର ମନମୁଖୀ ଶାସନ ବିରୁଦ୍ଧରେ ଅନ୍ୟାନ୍ୟ ଉପାୟରେ ସୀମାଧାର୍ଯ୍ୟ କରାଯାଇଛି । ଯୁକ୍ତରାଷ୍ଟ୍ର ଆମେରିକାରେ ସଂବିଧାନର ଲିଖିତ ପ୍ରକୃତି ହେତୁ ରାଷ୍ଟ୍ରପତିଙ୍କ ହସ୍ତରେ କେତେକ ନିର୍ଦ୍ଧାରିତ କ୍ଷମତା ହିଁ ରହିଛି । ସାଧାରଣତଃ ଏହି କ୍ଷମତାଗୁଡ଼ିକ ଦୁଇଭାଗରେ ବିଭକ୍ତ କରାଯାଇଥାଏ—ସାମ୍ବିଧାନିକ (Constitutional) ଏବଂ ବ୍ୟବସ୍ଥାପିକ ( Statutory ) । ମାର୍କିନ ଯୁକ୍ତରାଷ୍ଟ୍ରରେ ମଧ୍ୟ ରାଷ୍ଟ୍ରପତି ଅନୁମାନପୂର୍ବକ କେତେକ କ୍ଷମତା ଉପଭୋଗ କରିଥାନ୍ତି; ଯାହାରିକି ସଂବିଧାନରେ କିଛି ଅଭିବ୍ୟକ୍ତ ନଥାଏ ଅଥଚ ଲୋକେ ସେଗୁଡ଼ିକୁ ପ୍ରକାରାନ୍ତର (implied) କ୍ଷମତା ନାମରେ ସ୍ୱୀକାର କରିଛନ୍ତି । ଭାଇମର ସମ୍ବିଧାନ ଆଶାପ୍ରକାଶ କରିଥିଲା ଯେ ଇଂଲଣ୍ଡର ରାଜାଙ୍କପରି ଜର୍ମାନୀ ରାଷ୍ଟ୍ରପତି ମଧ୍ୟ ଶାସକ ହିସାବରେ ନାମମାତ୍ର ଭୂମିକା ଅବଲମ୍ବନ କରିବେ ଏବଂ ସଂସଦୀୟ ସରକାର

ଚଳାଇବା ଢଗରେ ସହାୟକ ହେବେ । ଇଂଲଣ୍ଡଭଳି ଭାରତୀୟ ସମ୍ବିଧାନର ବି ସଂସଦୀୟ ଶାସନ ବ୍ୟବସ୍ଥା ପ୍ରବର୍ତ୍ତନ କରିବା ଉଦ୍ଦେଶ୍ୟ । ଏହିଭଳି ଶାସନ ବ୍ୟବସ୍ଥାରେ ରାଷ୍ଟ୍ରପ୍ରଧାନ ନିୟମତାନ୍ତ୍ରିକ ଶାସକ ହିସାବରେ କାମ କରନ୍ତି । ଆଇନତଃ ତାଙ୍କ ହସ୍ତରେ ବିଭିନ୍ନ କ୍ଷମତା ରହିଲେ ମଧ୍ୟ ସରକାର ପରିଚାଳନାର ଦାୟିତ୍ୱ ବହନ କରନ୍ତି ଆଇନ୍ ସଭା ନିକଟରେ ଦାୟୀ ରହୁଥିବା ମନ୍ତ୍ରୀମାନେ । ଏଥିପାଇଁ ରାଷ୍ଟ୍ରମୁଖ୍ୟଙ୍କୁ ମନ୍ତ୍ରୀମାନଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବାକୁ ପଡ଼େ । ତେଣୁ ନିୟମତାନ୍ତ୍ରିକ ରାଷ୍ଟ୍ରମୁଖ୍ୟଭାବେ ପ୍ରାୟ ସବୁକ୍ଷେତ୍ରରେ ରାଷ୍ଟ୍ରପତି ଇଂଲଣ୍ଡର ରାଜଶକ୍ତିଭଳି ମନ୍ତ୍ରିପରିଷଦର ପରାମର୍ଶ ଅନୁଯାୟୀ ତାଙ୍କ କ୍ଷମତା ପ୍ରୟୋଗ କରନ୍ତି ।

୧୯୫୦ ଖ୍ରୀଷ୍ଟାବ୍ଦପୂର୍ବରୁ ଭାରତ କେବେ ସାଧାରଣତନ୍ତ୍ର ରାଷ୍ଟ୍ର ନଥିଲା । ତା'ର ଇତିହାସରେ ପ୍ରଥମଥର ପାଇଁ ଗୋଟିଏ ରାଷ୍ଟ୍ରପତି ପଦର ସୃଷ୍ଟି କରାଯାଇଛି । ସମ୍ବିଧାନ ପ୍ରଣେତାମାନଙ୍କୁ ପ୍ରଭାବିତ କରିବାପାଇଁ ଭାରତବର୍ଷରେ ଉକ୍ତ ଅଫିସ୍‌ର କୌଣସି ପରମ୍ପରା ନଥିବାହେତୁ ସେମାନେ ପୃଥିବୀର ଅନ୍ୟାନ୍ୟ ଦେଶରୁ ସମାନ୍ତରାଳ ଅଫିସ୍‌ର ବିଶେଷ ବୈଶିଷ୍ଟ୍ୟଗୁଡ଼ିକୁ ଅନୁକରଣ କରିଥିଲେ । ଯେଉଁଭଳି ଭାବରେ ପ୍ରଥମ କେତେଜଣ ରାଷ୍ଟ୍ରପତି ଉକ୍ତପଦର କ୍ଷମତା ଉପଭୋଗ କରିଥିଲେ, ପରବର୍ତ୍ତୀ ପଦାଧିକାରୀମାନେ ମଧ୍ୟ ସେହିପରି କ୍ଷମତା ପ୍ରୟୋଗ କରିବାର ସମ୍ଭାବନା ରହିଯାଏ । ମାର୍କିନ ଯୁକ୍ତରାଷ୍ଟ୍ରର ୨ୟ ଅନୁଚ୍ଛେଦ ପରି ଭାରତୀୟ ସଂବିଧାନର ୫୩ ଅନୁଚ୍ଛେଦରେ ରାଷ୍ଟ୍ରପତିଙ୍କ ଉପରେ ନ୍ୟସ୍ତ କରାଯାଇଥିବା କ୍ଷମତା ସେ ନିଜେ ପ୍ରୟୋଗ କରିପାରନ୍ତି ବା ତାଙ୍କ ଅଧୀନସ୍ଥ କୌଣସି କର୍ମଚାରୀଙ୍କ ଦ୍ୱାରା ପ୍ରୟୋଗ କରାଇପାରନ୍ତି ବୋଲି କୁହାଯାଇଛି । କର୍ମଚାରୀ ଶବ୍ଦର ସଂଯୋଗକୁ ସମ୍ବିଧାନ ସଭା ବିରୋଧକରିଥିଲେ ମଧ୍ୟ ଖସଡ଼ା ପ୍ରସ୍ତାବକାରୀ ସଭା ( Drafting Committee) ସପକ୍ଷରେ ଯୁକ୍ତି ଦେଖାଇଥିଲେ, କାରଣ ଆମେରିକାୟ ସମ୍ବିଧାନରେ ଅସ୍ପଷ୍ଟ ଭାବରେ ଥିବା କ୍ଷମତାର ହସ୍ତାନ୍ତରୀକରଣ ବିଷୟ ଭାରତୀୟ ସମ୍ବିଧାନରେ ସ୍ପଷ୍ଟ କରାଯାଇଛି ।

ସମ୍ବିଧାନର ବିଭିନ୍ନ ଭାଗରେ ରାଷ୍ଟ୍ରପତିଙ୍କ କ୍ଷମତାର ସୂକ୍ଷ୍ମ ଆଲୋଚନା କରାଯାଇଛି ! ସମ୍ବିଧାନରେ ଏକ ଶହରୁ ଅଧିକ ଅନୁଚ୍ଛେଦ ଏବଂ ତିନୋଟି ପରିଶିଷ୍ଟ ରାଷ୍ଟ୍ରପତିଙ୍କ କ୍ଷମତା ବିଷୟ ଚର୍ଚ୍ଚା କରିଛନ୍ତି । ସେ ସମସ୍ତର ସମ୍ମିଶ୍ରଣ ରାଷ୍ଟ୍ରପତିଙ୍କୁ ଏକ ବିରାଟ କ୍ଷମତାର ଅଧିକାରୀ ବୋଲି ଦର୍ଶାଇଥାଏ; କିନ୍ତୁ ଯାହା ଆଗରୁ କୁହାଯାଇଛି ବାସ୍ତବରେ ସେ ସମସ୍ତ କ୍ଷମତା ମନ୍ତ୍ରିପରିଷଦଙ୍କ ସାହାଯ୍ୟ ଏବଂ ପରାମର୍ଶଦ୍ୱାରାହିଁ ବିନିଯୋଗ କରିଥାନ୍ତି ।

ଭାରତବର୍ଷରେ ରାଷ୍ଟ୍ରପତିଙ୍କଦ୍ୱାରା ଉପଭୋଗ୍ୟ କ୍ଷମତାକୁ ଆମେ ତିନି ଭାଗରେ ବିଭକ୍ତ କରିଥାଉଁ—ସାମ୍ବିଧାନିକ, ବ୍ୟବସ୍ଥାପିତ ଏବଂ ସହଜାତ ( inherent ) । ଏହି ସମସ୍ତ କ୍ଷମତା ଶାସନ ସଂକ୍ରାନ୍ତ, ଆଇନ ସଂକ୍ରାନ୍ତ, ଅର୍ଥ ସଂକ୍ରାନ୍ତ ଓ ଜରୁରୀକାଳୀନ କ୍ଷମତା ଆଦି ଶିରୋନାମାରେ ଅଧ୍ୟୟନ କରାଯାଏ । ଶାସନସଂକ୍ରାନ୍ତ, ଆଇନ୍‌ସଂକ୍ରାନ୍ତ ବା ଅନ୍ୟାନ୍ୟ

କ୍ଷମତାର ସଂଜ୍ଞା ନିରୂପଣ ସମ୍ବିଧାନରେ କରାଯାଇନାହିଁ କି ଏଠି କରିବା ବି ସମ୍ଭବ ନୁହେଁ । ଗୋଟିଏ ଦିଗରୁ ବିଚାରକଲେ ରାଷ୍ଟ୍ରପତିଙ୍କ ସମସ୍ତ କ୍ଷମତାକୁ ଶାସନ ସଂକ୍ରାନ୍ତୀୟ କ୍ଷମତା (Executive Powers) କୁହାଯାଇପାରେ । କେବଳ ସ୍ପଷ୍ଟ ଆଲୋଚନାପାଇଁ କ୍ଷମତାଗୁଡ଼ିକୁ ବିଭିନ୍ନ ଶିରୋନାମାରେ ଅନୁଧ୍ୟାନ କରାଯାଇଥାଏ ।

## ଶାସନସଂକ୍ରାନ୍ତୀୟ କ୍ଷମତା
**( Executive Powers )**

ଭାରତର ରାଷ୍ଟ୍ରପତି କୁହାଯାଉଥିଲେ ମଧ୍ୟ, ସମ୍ବିଧାନ ଅନୁସାରେ ରାଷ୍ଟ୍ରପତି କେବଳ କେନ୍ଦ୍ରର ଶାସକ ଅଟନ୍ତି, କାରଣ ରାଜ୍ୟମାନଙ୍କପାଇଁ ସମ୍ବିଧାନରେ ରାଜ୍ୟପାଳମାନଙ୍କ ବ୍ୟବସ୍ଥା ରହିଛି । ଆଇନ୍ ଦ୍ୱାରା ରାଷ୍ଟ୍ରପତିଙ୍କୁ ବାଦ୍‌ଦେଇ ଅନ୍ୟ ଯେ କୌଣସି କର୍ତ୍ତୃବର୍ଗଙ୍କ ହାତରେ ପାର୍ଲାମେଣ୍ଟ କର୍ତ୍ତବ୍ୟ ସଂପାଦନକରିବା ବିଷୟ ୫୩ (୩) (ଖ) ଅନୁଚ୍ଛେଦରେ ଉଲ୍ଲେଖ କରାଯାଇଛି । ପ୍ରଥମ ଦେଖାରେ ମନେହୁଏ ଯେ ପାର୍ଲାମେଣ୍ଟ ଏହି ଅନୁଚ୍ଛେଦ ବଳରେ ରାଷ୍ଟ୍ରପତିଙ୍କ କ୍ଷମତାର ହ୍ରାସ କରିପାରେ । କିନ୍ତୁ ପ୍ରକୃତ କ୍ଷେତ୍ରରେ ଏହା ବାସ୍ତବ ନୁହେଁ । ଏହା ମନେରଖିବା ଉଚିତ ଯେ ପାର୍ଲାମେଣ୍ଟ ନିଜ ପ୍ରସ୍ତୁତ ଆଇନ୍‌ଦ୍ୱାରାହିଁ କାର୍ଯ୍ୟଭାର ତୁଲାଇଥାଏ । କିନ୍ତୁ ଏହାଦ୍ୱାରା ପ୍ରସ୍ତୁତ ପ୍ରତ୍ୟେକ ଆଇନପାଇଁ ରାଷ୍ଟ୍ରପତିଙ୍କ ସମ୍ମତି ଆବଶ୍ୟକ । ତେଣୁ ଏହା କୁହାଯାଇପାରେ ଯେ, ରାଷ୍ଟ୍ରପତି ଯାହାକୁ ସମ୍ମତି ପ୍ରଦାନ କରନ୍ତି, ତାର ଉପରେ କର୍ତ୍ତୃତ୍ୱ ଜାହିର କରନ୍ତି । ତେଣୁ ପାର୍ଲାମେଣ୍ଟ ରାଷ୍ଟ୍ରପତିଙ୍କ କ୍ଷମତା ହ୍ରାସକରିବା ସମ୍ଭବପର ନୁହେଁ । ଆମ ସମ୍ବିଧାନରେ କ୍ଷମତା ପୃଥକୀକରଣ କଠୋର ଭାବରେ ପ୍ରୟୋଗ କରାନଯାଇଥିଲେ ମଧ୍ୟ ପ୍ରତ୍ୟକ୍ଷ ଓ ପରୋକ୍ଷଭାବରେ ରାଷ୍ଟ୍ରପତିଙ୍କ ସହିତ ପାର୍ଲାମେଣ୍ଟ ଶାସନସଂକ୍ରାନ୍ତୀୟ କ୍ଷମତାରେ ଭାଗିଦାର ହୁଏନାହିଁ, କିନ୍ତୁ ସମ୍ବିଧାନ ଶାସନସଂକ୍ରାନ୍ତୀୟ କ୍ଷମତାକୁ କେବଳ ରାଷ୍ଟ୍ରପତିଙ୍କ ଉପରେ ନ୍ୟସ୍ତ କରିନାହିଁ । ଏହାଦ୍ୱାରା ସୃଷ୍ଟ ମନ୍ତ୍ରିପରିଷଦ ରାଷ୍ଟ୍ରପତିଙ୍କୁ ସବୁବେଳେ ସାହାଯ୍ୟ ଓ ପରାମର୍ଶ ଦିଅନ୍ତି ।

ଇଉନିୟନର ସମସ୍ତ କାର୍ଯ୍ୟପାଳିକା ଶକ୍ତି ରାଷ୍ଟ୍ରପତିଙ୍କ ହସ୍ତରେ ନ୍ୟସ୍ତ କରାଯାଇଛି । ସେ ସମ୍ବିଧାନ ଅନୁଯାୟୀ ପ୍ରତ୍ୟକ୍ଷଭାବରେ ହେଉ ବା ନିଜ କର୍ମଚାରୀଙ୍କଦ୍ୱାରା ହେଉ ସେହି କାର୍ଯ୍ୟ ସଂପାଦନ କରିଥାନ୍ତି । ରାଜ୍ୟପାଳଗଣ, ଭାରତର ମହାନ୍ୟାୟବାଦୀ ( Attorney General ) ଇଉନିୟନର ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରିବର୍ଗ, ସର୍ବୋଚ୍ଚ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟର ବିଚାରପତିଗଣ, ଭାରତର ହିସାବରକ୍ଷକ ଏବଂ ମହାପରୀକ୍ଷକ (Comptroller & Auditor General ) ମୁଖ୍ୟ ନିର୍ବାଚନ ଆୟୁକ୍ତ ( Chief Election Commissioner ) ଏବଂ ନିର୍ବାଚନ ଆୟୋଗର ଅନ୍ୟାନ୍ୟ ସଭ୍ୟବୃନ୍ଦ ( Chairman & members of U.P.S.C. ) ଓ ଯୁଗ୍ମ କମିଶନ, ( Joint Commission) ଆନ୍ତଃରାଜ୍ୟ କମିଶନ (Inter-state Commission ) ସର୍ବୀୟ ସେବା ଆୟୋଗର ଅଧ୍ୟକ୍ଷ ଏବଂ ଅନ୍ୟାନ୍ୟ ସଦସ୍ୟଗଣ ପ୍ରଭୃତିଙ୍କୁ ରାଷ୍ଟ୍ରପତି ନିୟୋଗ

କରିଥାନ୍ତି । ରାଜ୍ୟପାଳଗଣ, ଏଟର୍ଣ୍ଣି ଜେନେରାଲ ଓ ଇଉନିୟନ ମନ୍ତ୍ରୀମାନଙ୍କର ପଦଚ୍ୟୁତି କ୍ଷମତା ମଧ୍ୟ ରାଷ୍ଟ୍ରପତିଙ୍କ ହାତରେ ନ୍ୟସ୍ତଅଛି । ରାଷ୍ଟ୍ରପତି ରାଜ୍ୟପାଳମାନଙ୍କୁ ନିୟମିତ ଭାବରେ ନିର୍ଦ୍ଦେଶ ଦିଅନ୍ତି ତା'ଛଡ଼ା ଜରୁରୀ ଅବସ୍ଥାରେ ରାଜ୍ୟପାଳଙ୍କ କାର୍ଯ୍ୟ ସଂପାଦନ ବ୍ୟବସ୍ଥା ରାଷ୍ଟ୍ରପତିଙ୍କ ଉପରେ ନିର୍ଭର କରେ । ରାଜ୍ୟପାଳ ସମ୍ମିଳନୀଗୁଡ଼ିକରେ ରାଷ୍ଟ୍ରପତି ସେମାନଙ୍କୁ ସେମାନଙ୍କ କାର୍ଯ୍ୟ ବିଷୟରେ ଅବହିତ କରନ୍ତି । ଇଉନିୟନର କାର୍ଯ୍ୟ ପରିଚାଳନା ସମ୍ବନ୍ଧରେ ସମ୍ବାଦ ଜାଣିବାର ଅଧିକାର ରାଷ୍ଟ୍ରପତିଙ୍କର ରହିଛି ।

ଭାରତର ରାଷ୍ଟ୍ରପତି ସାମରିକ କ୍ଷମତାର ମଧ୍ୟ ଅଧିକାରୀ । ସେ ଦେଶର ରକ୍ଷାବାହିନୀର ସର୍ବାଧିନାୟକ ( Commander-in Chief ) । ରାଷ୍ଟ୍ରପତିଙ୍କୁ ରକ୍ଷାବାହିନୀର ସର୍ବାଧିନାୟକ କରିବାଦ୍ୱାରା ସଂବିଧାନ ସମସ୍ତ ଅସ୍ତ୍ରଜନିତ ଶକ୍ତିକୁ (Armed forces) ସାଧାରଣ ଶକ୍ତି ( Civil authority )ର ଅଧୀନସ୍ଥ କରିଅଛି । ତେବେ ରାଷ୍ଟ୍ରପତିଙ୍କର ଏହି କ୍ଷମତା ପାର୍ଲାମେଣ୍ଟପ୍ରଣୀତ ଆଇନ୍ ଦ୍ୱାରା ନିୟନ୍ତ୍ରିତ ହୁଏ । କେନ୍ଦ୍ର ସଂସଦ ହସ୍ତରେ ରକ୍ଷାବାହିନୀ, ଯୁଦ୍ଧ ଓ ଶାନ୍ତି ବିଷୟରେ ଆଇନ୍ କରିବାର ଅନନ୍ୟ ( exclusive ) କ୍ଷମତା ରହିଛି । ସୁତରାଂ ସଂସଦର ଅନୁମୋଦନ ବ୍ୟତୀତ ରାଷ୍ଟ୍ରପତି ଯୁଦ୍ଧ ଘୋଷଣା କରିପାରିବେ ନାହିଁ ।

ଆନ୍ତର୍ଜାତିକ କ୍ଷେତ୍ରରେ ବି ରାଷ୍ଟ୍ରପତିଙ୍କ ଭୂମିକା ରହିଛି । ସେ ଅନ୍ୟଦେଶମାନଙ୍କ ପାଇଁ ଉଦ୍ଦିଷ୍ଟ ଭାରତୀୟ କୂଟନୈତିକ ପ୍ରତିନିଧିଙ୍କୁ ନିଯୁକ୍ତ କରନ୍ତି ଓ ଅନ୍ୟାନ୍ୟ ଦେଶର କୂଟନୈତିକ ପ୍ରତିନିଧିମାନଙ୍କୁ ଗ୍ରହଣ କରନ୍ତି । ଆନ୍ତର୍ଜାତିକ କ୍ଷେତ୍ରରେ ରାଷ୍ଟ୍ରମୁଖ୍ୟହିସାବରେ ଭାରତର ପ୍ରତିନିଧିତ୍ୱ କରିବାର ଦାୟିତ୍ୱ ହେଲା ରାଷ୍ଟ୍ରପତିଙ୍କର । ବିଭିନ୍ନ ଆନ୍ତର୍ଜାତିକ ଚୁକ୍ତି ରାଷ୍ଟ୍ରପତିଙ୍କ ନାମରେ ସ୍ୱାକ୍ଷରିତ ହୁଏ ।

ରାଷ୍ଟ୍ରପତିଙ୍କର ନ୍ୟାୟିକ ( Judicial ) କ୍ଷମତା ମଧ୍ୟ ରହିଛି । ଅପରାଧପାଇଁ ଦଣ୍ଡିତ ବ୍ୟକ୍ତିକୁ ସେ କ୍ଷମାପ୍ରଦର୍ଶନ ଅଥବା ତାହାର ଦଣ୍ଡହ୍ରାସ କରିପାରନ୍ତି । ସେ ଦଣ୍ଡାଦେଶକୁ ସ୍ଥଗିତ ରଖିବାକୁ ମଧ୍ୟ ସମର୍ଥ । ଯେଉଁ ସ୍ଥଳରେ ଦଣ୍ଡ ବା ଦଣ୍ଡାଦେଶ ସାମରିକ ଅଦାଲତ ( Court Martial ) ଦ୍ୱାରା ପ୍ରଦତ୍ତ ହୁଏ, ଯେଉଁ ସ୍ଥଳରେ କେନ୍ଦ୍ର ସରକାର ଅଧିକାରଭୁକ୍ତ ବିଷୟ ସଂପର୍କିତ ଆଇନ ଭଙ୍ଗପାଇଁ ଦଣ୍ଡ ବା ଦଣ୍ଡାଦେଶ ପ୍ରଦତ୍ତହୁଏ, ଏବଂ ଯେଉଁଠାରେ ମୃତ୍ୟୁ ଦଣ୍ଡାଦେଶ ଦିଆଯାଏ ସେ ସ୍ଥଳରେ ରାଷ୍ଟ୍ରପତି ଏହି କ୍ଷମତା ପ୍ରୟୋଗ କରିପାରନ୍ତି । ବିଚାର କାର୍ଯ୍ୟର ଦୋଷତ୍ରୁଟିର ସଂଶୋଧନପାଇଁ ଶାସନ ବିଭାଗ ପକ୍ଷରେ ବିଚାର ବିଷୟରେ ହସ୍ତକ୍ଷେପ କରିବାର କ୍ଷମତାର ପ୍ରୟୋଜନ ହୁଏ । ବେଳେବେଳେ ରାଷ୍ଟ୍ରପତିଙ୍କ କ୍ଷମା ପ୍ରଦର୍ଶନର କ୍ଷମତାକୁ ଭୁଲରେ ବିଚାର ବିଭାଗୀୟ କ୍ଷମତା କୁହାଯାଇଥାଏ ; କାରଣ ଏହା ଶାସନକର୍ତ୍ତାଙ୍କର ମୌଳିକ ଅଧିକାର ( Prerogative ) ମଧ୍ୟରେ ଅନ୍ତର୍ଭୁକ୍ତ । ସଂବିଧାନ ସଭାର ଜଣେ ସଭ୍ୟ ରାଷ୍ଟ୍ରପତିଙ୍କ ହାତରେ ମୃତ୍ୟୁଦଣ୍ଡାଦେଶଜନିତ

ସମସ୍ତ କ୍ଷେତ୍ରରେ କ୍ଷମାପ୍ରଦର୍ଶନର ପୂର୍ଣ୍ଣ କ୍ଷମତା ନ୍ୟସ୍ତ କରିବାପାଇଁ ମତ ଦର୍ଶାଇଥିଲେ, କିନ୍ତୁ ଡ: ଆମ୍ବେଦକର ଏବଂ ପରେ ପରେ ସଂବିଧାନ ସଭା ଏହାର ବିରୋଧ କରିଥିଲେ । କାରଣ ମୃତ୍ୟୁଜନିତ ଦଣ୍ଡାଦେଶର ପରିବର୍ତ୍ତନ କରିବା ଅଧିକାର ଉଭୟ ରାଷ୍ଟ୍ରପତି ଏବଂ ରାଜ୍ୟପାଳମାନଙ୍କ ହସ୍ତରେ ନ୍ୟସ୍ତ ରହିଛି । ଅପରାଧ କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ କରାଯାଇଥିଲେ ସେହି ଅଞ୍ଚଳ ସହିତ ଘନିଷ୍ଠ ଥିବା ଏବଂ ସେହି ଅଞ୍ଚଳର ପରିସ୍ଥିତି ସହିତ ଆନ୍ତରିକ ଧାରଣାଥିବା କୌଣସି ରାଜ୍ୟର ମୁଖ୍ୟମନ୍ତ୍ରୀ ହିଁ ସେହି ସଂକ୍ରାନ୍ତରେ ରାଜ୍ୟପାଳଙ୍କୁ ଉଚିତ ପରାମର୍ଶ ଦେଇପାରିବେ । କିନ୍ତୁ ରାଜ୍ୟପାଳଙ୍କ ନିଷ୍ପତ୍ତି ଉପରେ ଅସନ୍ତୁଷ୍ଟ କୌଣସି ବ୍ୟକ୍ତି ରକ୍ଷା ପାଇବାପାଇଁ ମଧ୍ୟ ସଂବିଧାନରେ ପନ୍ଥା ରହିଛି । ସଂପୃକ୍ତ ବ୍ୟକ୍ତି ରାଷ୍ଟ୍ରପତିଙ୍କ ନିକଟରେ ପହଞ୍ଚିପାରିବ ଏବଂ ଦଣ୍ଡର ବିରାମ ( Reprieve ) ପାଇଁ ରାଷ୍ଟ୍ରପତିଙ୍କୁ ଅପିଲ କରିପାରିବ । ଇଂଲଣ୍ଡର ରାଣୀ ଏବଂ ଆମେରିକାର ରାଷ୍ଟ୍ରପତିଙ୍କର ମଧ୍ୟ ଏବଂବିଧ ନ୍ୟାୟିକ କ୍ଷମତା ରହିଛି ।

## ଆଇନ୍‌ସଂକ୍ରାନ୍ତୀୟ କ୍ଷମତା : ( ବୈଧାନିକ କ୍ଷମତା )

**( Legislative powers )**

ଆଇନ୍‌ସଂକ୍ରାନ୍ତୀୟ କ୍ଷେତ୍ରରେ ରାଷ୍ଟ୍ରପତିଙ୍କର ବିଶେଷ କ୍ଷମତା ରହିଛି । ବାସ୍ତବରେ ଦେଖିବାକୁଗଲେ ଇଂଲଣ୍ଡର ରାଜା ଓ ରାଣୀଙ୍କପରି ଭାରତର ରାଷ୍ଟ୍ରପତି କେନ୍ଦ୍ର ସଂସଦର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହି କ୍ଷମତାକୁ ସାଧାରଣତଃ ଦୁଇଭାଗରେ ବିଭକ୍ତ କରାଯାଇଥାଏ । (୧) ସଂସଦର ଗଠନ ଏବଂ କର୍ତ୍ତବ୍ୟ ସହିତ ସଂପୃକ୍ତ । (୨) ପ୍ରକୃତ ଆଇନ୍ ପ୍ରଣୟନ ସହିତ ସଂପୃକ୍ତ । ପ୍ରଥମ କ୍ଷେତ୍ରରେ ରାଷ୍ଟ୍ରପତି ସଂସଦର ଅଧିବେଶନ ଆହ୍ୱାନ କରନ୍ତି । ପାର୍ଲାମେଣ୍ଟ ବା ସଂସଦର ଉଭୟ ସଦନ ବା କୌଣସି ଏକ ସଦନର ଅବସାନ ଏବଂ ଲୋକସଭାକୁ ଭାଙ୍ଗି ଦେବାର କ୍ଷମତା ରାଷ୍ଟ୍ରପତିଙ୍କ ହସ୍ତରେ ନ୍ୟସ୍ତ ରହିଛି । ସେ ସଂସଦର ଯେ କୌଣସି ସଦନରେ ବା ମିଳିତ ଭାବରେ ଉଭୟ ସଦନରେ ଅଭିଭାଷଣ ପ୍ରଦାନ ଏବଂ ଯେ କୌଣସି ସଦନକୁ ବାର୍ତ୍ତା ପ୍ରେରଣ କରିପାରନ୍ତି । ପ୍ରତ୍ୟେକ ସାଧାରଣ ନିର୍ବାଚନ ପରେ ଏବଂ ପ୍ରତ୍ୟେକ ବର୍ଷ ସଂସଦର ପ୍ରଥମ ଅଧିବେଶନ ପ୍ରାରମ୍ଭରେ ସମବେତ ଉଭୟ ସଦନରେ ତାଙ୍କୁ ଅଭିଭାଷଣ ପ୍ରଦାନ କରିବାକୁ ହୁଏ । ଏହି ଉଦ୍‌ବୋଧନୀ ବକ୍ତୃତାରେ ସରକାରୀ ନୀତିର ବର୍ଣ୍ଣନା ଉଲ୍ଲିଖିତ ଥାଏ । ତେଣୁ ଉଭୟ ଗୃହରେ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଦେବାର ପ୍ରସ୍ତାବ ଆଗତ ଏବଂ ଗୃହୀତ ହୋଇଥାଏ । ଏହି ଧନ୍ୟବାଦ ପ୍ରସ୍ତାବ ପ୍ରକାରାନ୍ତରେ କେନ୍ଦ୍ର ମନ୍ତ୍ରିପରିଷଦ ପ୍ରତି ଏକ ଆସ୍ଥାଭାବର ସୂଚନା । ମୌଳିକ ସଂବିଧାନରେ ଏହି ପ୍ରଥା ଉଲ୍ଲିଖିତ ହୋଇଛି । ଏତଦ୍‌ବ୍ୟତୀତ ସ୍ଥଗିତ ବିଲ୍‌ଗୁଡ଼ିକ ଉପରେ ଆଲୋଚନାପାଇଁ କିମ୍ବା ଅନ୍ୟ କାରଣପାଇଁ ରାଷ୍ଟ୍ରପତି ସଂସଦର ଯେ କୌଣସି ସଦନକୁ ବାର୍ତ୍ତା ପଠାଇପାରନ୍ତି । ଡ: ଶ୍ରୀରାମଚନ୍ଦ୍ର ଦାଶଙ୍କ ମତରେ ଏହା ଆମେରିକୀୟ ବ୍ୟବସ୍ଥାର ଏକ ଅସ୍ୱାଭାବିକ ଅନୁକରଣ ଅଟେ । ମାର୍କିନ ଯୁକ୍ତରାଷ୍ଟ୍ରରେ ଏକ ଦାୟିତ୍ୱଶୀଳ ମନ୍ତ୍ରିପରିଷଦର ଅଭାବ ହେତୁ ରାଷ୍ଟ୍ରପତିଙ୍କ

ବାର୍ତ୍ତାଗୁଡ଼ିକହିଁ ରାଜଧାନୀ ଏବଂ ରାଷ୍ଟ୍ରପତିଭବନ (White House) ମଧ୍ୟରେ ସଂଯୋଗ ସ୍ଥାପନ କରିବାର ଏକମାତ୍ର ପନ୍ଥା । ଭାରତ ରାଷ୍ଟ୍ରପତିଙ୍କର ଆଉ ଏକ ବିଶିଷ୍ଟ କ୍ଷମତା ହେଲା ଯେ ସେ ସଂସଦର ଉଚ୍ଚ ସଦନ ବା ରାଜ୍ୟସଭାର ୧୨ଜଣ ସଦସ୍ୟ ମନୋନୀତ କରନ୍ତି । ନିମ୍ନ ସଦନ ବା ଲୋକସଭାରେ ମଧ୍ୟ ଆବଶ୍ୟକ ପଡ଼ିଲେ ଦୁଇଜଣ ଇଙ୍ଗ-ଭାରତୀୟ (Anglo-Indian) ସଦସ୍ୟ ମନୋନୀତ କରିବାର କ୍ଷମତା ତାଙ୍କର ରହିଛି ।

ଦ୍ୱିତୀୟ କ୍ଷେତ୍ର ଆଲୋଚନାରେ ଜଣାପଡ଼େ ଯେ ରାଷ୍ଟ୍ରପତିଙ୍କ ସମ୍ମତି ବ୍ୟତୀତ କୌଣସି ବିଲ୍ ଆଇନରେ ପରିଣତ ହୋଇପାରେନାହିଁ । ସଂବିଧାନର ୧୧୧ ଅନୁଚ୍ଛେଦରେ ଏହାର ଆଲୋଚନା ହୋଇଛି । ସଂସଦର ଉଭୟ ପରିଷଦରେ ପାସ୍ ହେବାପରେ ବିଲ୍ ସମ୍ମତିପାଇଁ ରାଷ୍ଟ୍ରପତିଙ୍କ ନିକଟରେ ଉପସ୍ଥାପିତ କରାଯାଏ । ସେ ଏଥିରେ ସମ୍ମତି ଦେଇପାରନ୍ତି ବା ନ ଦେଇପାରନ୍ତି । ସଂବିଧାନରେ କୁହାଯାଇଛି ଯେ ଅର୍ଥବିଲ୍ ବ୍ୟତୀତ କୌଣସି ବିଲ୍ ରାଷ୍ଟ୍ରପତିଙ୍କ ନିକଟରେ ଉପସ୍ଥାପିତ କରିବାପରେ ଯଥାସମ୍ଭବ ଶୀଘ୍ର ରାଷ୍ଟ୍ରପତି ତାଙ୍କର ବାର୍ତ୍ତାସହ ବିଲ୍‌ଟିକୁ ପରିଷଦଦ୍ୱୟ ନିକଟକୁ ଫେରାଇ ଦେଇପାରନ୍ତି ଏବଂ ତାଙ୍କ ବାର୍ତ୍ତାରେ ବିଲ୍‌କୁ ବା ବିଲ୍‌ର କୌଣସି ଅଂଶକୁ ପୁନର୍ବିବେଚନାପାଇଁ ବା ସଂଶୋଧନପାଇଁ ଅନୁରୋଧ ଜଣାଇପାରନ୍ତି । ଏପରି ଫେରାଇ ଦେବାପରେ ବିଲ୍‌ଟି ଦ୍ୱିତୀୟବାର ଉଭୟ ପରିଷଦରେ ପାସ୍ ହେଲେ ସେ ସେଥିରେ ସମ୍ମତି ଦେବାକୁ ବାଧ୍ୟ । କିନ୍ତୁ ଅର୍ଥସଂକ୍ରାନ୍ତୀୟ ବିଲ୍‌ରେ ସଂସଦ ଗ୍ରହଣ କରିସାରିଲାପରେ ରାଷ୍ଟ୍ରପତି ସ୍ୱୀକୃତି ଦେବାକୁ ବାଧ୍ୟ । କାରଣ ଏହି ବିଲ୍ ଅର୍ଥମନ୍ତ୍ରୀ ରାଷ୍ଟ୍ରପତିଙ୍କ ନାମରେ ଲୋକସଭାରେ ଉପସ୍ଥାପନ କରିଥାନ୍ତି ଓ ରାଜ୍ୟସଭା ନିମ୍ନସଦନ ପଠାଇଥିବା ବିଲ୍‌କୁ ଅନୁମୋଦନ କରିଥାନ୍ତି । ଅର୍ଥ ସଂକ୍ରାନ୍ତୀୟ ବିଲ୍ ଉପରେ ରାଜ୍ୟସଭାର କ୍ଷମତା ସୀମିତ । ସଂବିଧାନ ସଂଶୋଧନ ବିଧେୟକଗୁଡ଼ିକୁ (Amendment) ସ୍ୱୀକୃତି ଦେବାପାଇଁ ମଧ୍ୟ ରାଷ୍ଟ୍ରପତି ବାଧ୍ୟ ଅଟନ୍ତି ।

ଭାରତୀୟ ସଂବିଧାନରେ ରାଷ୍ଟ୍ରପତିଙ୍କର ସାଧାରଣ ବିଧେୟକକୁ ସ୍ୱୀକୃତିପ୍ରଦାନ ସମ୍ବନ୍ଧରେ ଥିବା କ୍ଷମତା କେବଳ ଏକ ସ୍ଥଗିତ ନିଷେଧାଧିକାର (Suspensive veto) ଅଟେ । ସଂସଦରେ ଗୃହୀତ ବିଧେୟକ ରାଷ୍ଟ୍ରପତିଙ୍କ ସ୍ୱୀକୃତିପାଇଁ ପଠାଗଲା ପରେ ରାଷ୍ଟ୍ରପତି ଉକ୍ତ ବିଧେୟକକୁ ଅନୁଧ୍ୟାନ କଲାପରେ ସଂପୂର୍ଣ୍ଣରୂପେ ବା ଆଂଶିକଭାବେ ସଂଶୋଧନ କରିବାପାଇଁ ସୁପାରିଶ କରିପାରନ୍ତି । ପୁନର୍ବାର ଯଦି ସଂସଦରେ ଉକ୍ତ ବିଧେୟକ ଗୃହୀତ ହୁଏ ରାଷ୍ଟ୍ରପତି ସ୍ୱୀକୃତି ଦେବାକୁ ବାଧ୍ୟ । କୌଣସି ବିଧେୟକ ସମ୍ବନ୍ଧରେ ଉଭୟ ଗୃହରେ ଯଦି ମତାନ୍ତର ପ୍ରକାଶ ପାଏ ତେବେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ସୁପାରିଶ କ୍ରମେ ଉଭୟ ସଭାର ମିଳିତ ଅଧିବେଶନ ଆହ୍ୱାନ କରିପାରନ୍ତି । ଏ ପ୍ରକାର ଅଧିବେଶନ ସ୍ୱାଧୀନତା ପ୍ରାପ୍ତିପରେ କ୍ୱଚିତ ଆହ୍ୱାନ କରାଯାଇଛି । ସାଧାରଣତଃ ଉଭୟ ସଭାରେ ସରକାରୀ ଦଳର କର୍ତ୍ତୃତ୍ୱ ରହିଥିବାରୁ ମନୋମାଳିନ୍ୟ ଦେଖାଯାଏ ନାହିଁ । ଯୌତୁକନିଷେଧ ପ୍ରଥା ବିଲ୍ ଉପରେ ଏବଂ ଜନତା ସରକାରଙ୍କ ଅମଳରେ ଏଭଳି

ଅଧିବେଶନ ଡକାଯାଇଥିଲା; କିନ୍ତୁ ଲୋକସଭାର ସଂଖ୍ୟା ଦୃଷ୍ଟିରୁ ସାଧାରଣତଃ ବିଜୟ ହୋଇଥାଏ ।

ରାଜ୍ୟର ଆଇନ୍ ପ୍ରଣୟନ ସଂକ୍ରାନ୍ତରେ ବି ରାଷ୍ଟ୍ରପତିଙ୍କର ସମ୍ମତିର ପ୍ରୟୋଜନ ପଡ଼ିପାରେ । ରାଜ୍ୟର ବିଧାନସଭାରେ ପାସ୍ ହୋଇଥିବା ଯେ କୌଣସି ବିଲ୍‌କୁ ରାଜ୍ୟପାଳ ରାଷ୍ଟ୍ରପତିଙ୍କର ବିବେଚନାପାଇଁ ସଂରକ୍ଷଣ କରିପାରନ୍ତି । ରାଷ୍ଟ୍ରପତି ଏପରି ବିଲ୍‌ରେ ସମ୍ମତି ଦେଇପାରନ୍ତି ବା ନଦେଇ ପାରନ୍ତି । ଏହି ବିଷୟରେ ଭାରତୀୟ ସଂବିଧାନ କାନାଡ଼ା ସଂବିଧାନର ଅନୁରୂପ ବ୍ୟବସ୍ଥା ଅନୁକରଣ କରିଛି । ସେଠାରେ ବି ଗଭର୍ଣ୍ଣର ଜେନେରାଲ୍ ପ୍ରଦେଶଗୁଡ଼ିକର ଆଇନସଭାଦ୍ୱାରା ଗୃହୀତ ବିଲ୍‌କୁ ବାତିଲ୍ କରିଦେଇପାରନ୍ତି ।

ସଂବିଧାନରେ ରାଷ୍ଟ୍ରପତିଙ୍କୁ ଅଧ୍ୟାଦେଶ ( Ordinance ) ଜାରିକରିବାର କ୍ଷମତା ଦିଆଯାଇଛି । ଯଦି ପାର୍ଲାମେଣ୍ଟର କୌଣସି କକ୍ଷର ଅଧିବେଶନ ବସିନଥାଏ ଏବଂ ଯଦି ଏପରି ପରିସ୍ଥିତି ଉପୁଜେ ଯାହା ଜରୁରୀ ଆଇନ ସଂକ୍ରାନ୍ତୀୟ କାର୍ଯ୍ୟପନ୍ଥା ଦାବୀ କରେ, ଏବଂ ରାଷ୍ଟ୍ରପତି ଯଦି ମନେକରନ୍ତି ଯେ ଉକ୍ତ ପରିସ୍ଥିତିର ମୁକାବିଲା କରିବାପାଇଁ ଅବିଳମ୍ବେ ବ୍ୟବସ୍ଥା ଅବଲମ୍ବନକରିବା ପ୍ରୟୋଜନ ତାହାହେଲେ ସେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକ୍ରମେ ଅର୍ଡିନାନ୍‌ସ ବା ଅଧ୍ୟାଦେଶ ଜାରି କରିପାରନ୍ତି । ତାହା ଆଇନପରି କାର୍ଯ୍ୟକାରୀ ହୁଏ । ଏହି ଅର୍ଡିନାନ୍‌ସକୁ ପାର୍ଲମେଣ୍ଟର ଉଭୟ ପରିଷଦରେ ଉପସ୍ଥାପିତ କରିବାକୁ ହୁଏ ଏବଂ ପାର୍ଲମେଣ୍ଟର ପୁନଃମିଳିତହେବା ତାରିଖଠାରୁ ଛଅ ସପ୍ତାହ ପର୍ଯ୍ୟନ୍ତ ତାହାର ମିଆଦ ରହିଥାଏ । ମାତ୍ର ଏହି ସମୟ ଅତିବାହିତ ହେବା ପୂର୍ବରୁ ପାର୍ଲମେଣ୍ଟର ଉଭୟ ପରିଷଦ ତାକୁ ଅନୁମୋଦନ କରିବା ଉଚିତ୍ । ଉକ୍ତ ସମୟ ଅତିବାହିତ ହୋଇଗଲେ ଅର୍ଡିନାନ୍‌ସ କାର୍ଯ୍ୟକାରୀ ହୋଇପାରିବ ନାହିଁ । ଭାରତୀୟ ସମ୍ବିଧାନର ଏହି ବ୍ୟବସ୍ଥା ୧୯୩୫ ମସିହାର ଭାରତ ଶାସନ ଆଇନ ( The Government of Indian Act, 1935 )ରୁ ଅନୁକରଣ କରାଯାଇଛି ।

କିନ୍ତୁ ଅର୍ଡିନାନ୍‌ସ ବା ଜରୁରୀକାଳୀନ ଆଇନ ବ୍ୟବସ୍ଥାର ଅପବ୍ୟବହାର ହେବାର ଯଥେଷ୍ଟ ସମ୍ଭାବନା ରହିଛି, ଯେହେତୁ ରାଷ୍ଟ୍ରପତି ମନ୍ତ୍ରିପରିଷଦର ପରାମର୍ଶରେ କାମ କରନ୍ତି । ପାର୍ଲମେଣ୍ଟ ଭିତରେ ସମାଲୋଚନାକୁ ଏଡ଼ାଇବାପାଇଁ ମନ୍ତ୍ରିପରିଷଦ ଅର୍ଡିନାନ୍‌ସର ଆଶ୍ରୟ ନେଇପାରନ୍ତି । ଅଶୋକ ଚନ୍ଦାଙ୍କ ମତରେ, "ଏହି ବ୍ୟବସ୍ଥାର ଏକ ବିବାଦୀୟ ବୈଶିଷ୍ଟ୍ୟ ହେଲା ଯେ ଏହା ପାର୍ଲମେଣ୍ଟର ଅନୁପସ୍ଥିତିରେ ଶାସନ ବିଭାଗକୁ ଆଇନ ସଂକ୍ରାନ୍ତୀୟ କ୍ଷମତା ଦେଇଥାଏ । ଏହାଦ୍ୱାରା ଶାସନ ବିଭାଗ ଯଦି ଚାହାନ୍ତି, ବିରୋଧି ଦଳ ଏବଂ ଜନସାଧାରଣଙ୍କ ମୌଳିକ ଅଧିକାରକୁ ଏହି ଅର୍ଡିନାନ୍‌ସ ସାହାଯ୍ୟରେ ଦମନ କରିପାରନ୍ତି । ଯେପରି ୧୯୬୭ ମସିହାର ବେଆଇନ କାର୍ଯ୍ୟାଦି ସଂକ୍ରାନ୍ତୀୟ ଅର୍ଡିନାନ୍‌ସ ( The unlawful Activities [ Prevention ] Act,

1966 )ର ସାହାଯ୍ୟରେ ବାକ୍ ଓ ମତାମତ ପ୍ରକାଶର ସ୍ୱାଧୀନତାର ଉପରେ ନୂଆ କେତେଗୁଡ଼ିଏ ବାଧା ନିଷେଧ ଆରୋପ କରିଥିଲେ, ଏପରିକି ଅଦାଲତର ରାୟକୁ ଅତିକ୍ରମ କରିବାର ଉଦ୍ଦେଶ୍ୟରେ ବି ଅର୍ଡିନାନ୍ସର ଆଶ୍ରୟ ଗ୍ରହଣ କରିଥିଲେ । ସମ୍ବିଧାନରେ ବି ଅର୍ଡିନାନ୍ସର ଅପବ୍ୟବହାର ବିରୁଦ୍ଧରେ ଯଥେଷ୍ଟ ସତର୍କତା ଅବଲମ୍ବନ କରାଯାଇନାହିଁ । ବର୍ତ୍ତମାନ କିନ୍ତୁ ଅର୍ଡିନାନ୍ସ ଜାରି କରିବାର କ୍ଷମତାର ଅପପ୍ରୟୋଗ ବନ୍ଦ କରିବାପାଇଁ ଲୋକସଭାରେ ନିୟମ କରାଯାଇଛି ଯେ ଯେଉଁଠାରେ ସନ୍ଦେହର ଅବକାଶ ରହିଛି ସେଠାରେ ସରକାରଙ୍କୁ ପାର୍ଲାମେଣ୍ଟ ସମ୍ମୁଖରେ ଅର୍ଡିନାନ୍ସ ଜାରି କରିବାର କାରଣ ଦର୍ଶାଇବାକୁ ହେବ ।

## ଅର୍ଥ ସଂକ୍ରାନ୍ତୀୟ କ୍ଷମତା
## ( Financial Powers )

ପ୍ରତିନିଧିତ୍ୱ ବିନା କର ଦିଆଯାଇ ପାରେନା ( No taxation without representation ) । ତେଣୁ ସଂସଦୀୟ ସରକାର ପ୍ରଥାରେ ସରକାରୀ ଅପବ୍ୟୟ ଧାର୍ଯ୍ୟ ବା ଅନୁମୋଦନ କରିବାର ପୂର୍ଣ୍ଣ କ୍ଷମତା କେବଳ ଆଇନ ସଭାର । କିନ୍ତୁ ଶାସନ ବିଭାଗ ଦାବୀ ନ ଜଣାଇଲେ କୌଣସି ବ୍ୟୟ ମଞ୍ଜୁର ଏବଂ ଶାସନ ବିଭାଗର ଅନୁମୋଦନ ବ୍ୟତୀତ କୌଣସି କର ଧାର୍ଯ୍ୟ କରାହୁଏ ନାହିଁ ।

ଭାରତୀୟ ସମ୍ବିଧାନରେ ବ୍ୟବସ୍ଥା ରହିଛି ଯେ ପ୍ରତ୍ୟେକ ଆର୍ଥିକ ବର୍ଷ ସମ୍ପର୍କରେ ଉକ୍ତ ବର୍ଷର ଆୟ ଓ ବ୍ୟୟର ଗୋଟିଏ ଅଟକଳ ( Budget ) ସଂସଦର ଉଭୟ ସଦନରେ ଉପସ୍ଥାପିତ କରିବାର ଦାୟିତ୍ୱ ରାଷ୍ଟ୍ରପତିଙ୍କର ରହିଛି । ତାଙ୍କର ସୁପାରିଶ ବ୍ୟତୀତ ବ୍ୟୟ ମଞ୍ଜୁରୀପାଇଁ କୌଣସି ଦାବୀ କରାଯାଏ ନାହିଁ । କର, ଋଣ ଇତ୍ୟାଦି ସଂପର୍କିତ ରାଜସ୍ୱ ବିଧେୟକ ( Financial Bill ) ବା ସଂଶୋଧନ ମଧ୍ୟ ରାଷ୍ଟ୍ରପତିଙ୍କ ସୁପାରିଶ ଛଡ଼ା କରାଯାଇପାରିବ ନାହିଁ । ପୁଣି ଆକସ୍ମିକ ବ୍ୟୟ ତୁଲାଇବାପାଇଁ ଭାରତର ଗୋଟିଏ ଆକସ୍ମିକ ନିଧି ( Contingency Fund of India ) ସୃଷ୍ଟି କରାଯାଇପାରେ । ଉକ୍ତ ନିଧି ରାଷ୍ଟ୍ରପତିଙ୍କ ହାତରେ ନ୍ୟସ୍ତ କରାଯାଏ । ଅକଳ୍ପିତ ବ୍ୟୟ ତୁଲାଇବାପାଇଁ ରାଷ୍ଟ୍ରପତି ସଂସଦର ଅନୁମୋଦନକୁ ଅପେକ୍ଷା କରି ଏହି ନିଧିରୁ ଅଗ୍ରୀମ ଅର୍ଥ ପ୍ରଦାନ କରନ୍ତି । ପ୍ରତି ପାଞ୍ଚ ବର୍ଷରେ ଥରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଆୟକର ଓ ଅନ୍ୟାନ୍ୟ ଆୟର ସୁଷମ ବଣ୍ଟନ ବିଷୟ ବିଚାର କରିବାପାଇଁ ଅର୍ଥ ଆୟୋଗ ନିଯୁକ୍ତ ରାଷ୍ଟ୍ରପତି କରନ୍ତି ।

## ଜରୁରୀ ଅବସ୍ଥାର ସଂକ୍ରାନ୍ତୀୟ ବ୍ୟବସ୍ଥା

ନଅ ଗୋଟି ଅନୁଚ୍ଛେଦ ବିଶିଷ୍ଟ ଜରୁରୀ ଅବସ୍ଥାର ସଂକ୍ରାନ୍ତୀୟ ବ୍ୟବସ୍ଥା ସମ୍ବିଧାନର XVIII ଭାଗରେ ସ୍ଥାନ ପାଇଛି । ସାମ୍ବିଧାନିକ ସଭାରେ ବିଭିନ୍ନ ପକ୍ଷରୁ ଜରୁରୀକାଳୀନ

ଅବସ୍ଥା ବ୍ୟବସ୍ଥାକୁ ସମ୍ବିଧାନରେ ଅନ୍ତର୍ଭୁକ୍ତ ନକରିବାକୁ ଦାବୀ ଉଠିଥିଲେ ସୁଦ୍ଧା ନୂତନ ହୋଇ ଗଢ଼ାହୋଇଥିବା ଭାରତ ରାଷ୍ଟ୍ରକୁ ବିଭିନ୍ନ ପ୍ରକାର ବିଭେଦକାରୀ ଶକ୍ତିଠାରୁ ବଞ୍ଚାଇ ରଖିବାକୁ ସତର୍କତାମୂଳକ ବ୍ୟବସ୍ଥା ରଖିବାପାଇଁ ଅଧିକାଂଶ ସଦସ୍ୟ ଏହାର ଅନ୍ତର୍ଭାବ ସପକ୍ଷରେ ଯୁକ୍ତି ଦେଖାଇଥିଲେ । ଜରୁରୀକାଳୀନ କ୍ଷମତା ଜର୍ମାନୀର ୱାଇମର ସମ୍ବିଧାନରୁ ଗ୍ରହଣ କରାଯାଇଛି । ଉକ୍ତ ବ୍ୟବସ୍ଥା ଅନୁଯାୟୀ ରାଷ୍ଟ୍ରପତିଙ୍କର ତିନିପ୍ରକାର ଜରୁରୀ ଅବସ୍ଥା ଘୋଷଣା କରିବାର କ୍ଷମତା ରହିଛି । (୧) ଜାତୀୟ ଜରୁରୀ ପରିସ୍ଥିତି ( National Emergency ) (୨) ରାଜ୍ୟରେ ସାମ୍ବିଧାନିକ ସଂକଟ ବା ରାଷ୍ଟ୍ରପତି ଶାସନ (Break down of Constitutional Machinery in a State or Presidents Rule ) (୩) ଆର୍ଥିକ ଜରୁରୀ ପରିସ୍ଥିତି ( Financial Emergency ) ।

## ୧ । ଜାତୀୟ ଜରୁରୀ ପରିସ୍ଥିତି

ଜାତୀୟ ଜରୁରୀକାଳୀନ ଘୋଷଣା ସମ୍ବିଧାନର ୩୫୨ ଧାରା ଅନୁଯାୟୀ ଜରୁରୀ ବା ଆପଦକାଳୀନ ଅବସ୍ଥା ଘୋଷଣା କରାଯାଏ । ଉକ୍ତ ଅନୁଚ୍ଛେଦରେ କୁହାଯାଇଛି ଯେ ଯଦି ରାଷ୍ଟ୍ରପତି ତୃପ୍ତ ହୁଅନ୍ତି ଯେ ଯୁଦ୍ଧ ଅଥବା ବହିଃଶତ୍ରୁ ଆକ୍ରମଣ ଅଥବା ଆନ୍ତର୍ଜାତିକ ଶାନ୍ତି ଶୃଙ୍ଖଳା ବ୍ୟାଘାତଜନିତ ପରିସ୍ଥିତି ଉପୁଜେ ଏବଂ ଯାହା ଫଳରେ ଭାରତ ତଥା ଭାରତର କୌଣସି ଅଙ୍ଗ ବିପଦାପନ୍ନ ହୁଏ, ତେବେ ସେ ଏହି ମର୍ମରେ ଆପଦକାଳୀନ ଅବସ୍ଥା ଘୋଷଣା କରିପାରନ୍ତି । ବହିଃ ଆକ୍ରମଣ କିମ୍ବା ଆସନ୍ନ ବିପଦର ଆଶଙ୍କାଥିଲେ ମଧ୍ୟ ରାଷ୍ଟ୍ରପତି ଆପଦକାଳୀନ ଅବସ୍ଥା ଘୋଷଣା କରିପାରନ୍ତି ।

ଆଗରୁ ଆଭ୍ୟନ୍ତରୀଣ ଗଣ୍ଡଗୋଳର ଆଳନେଇ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କରାଯାଇଛି । ସମ୍ବିଧାନ ସଂଶୋଧନପରେ ଏହାକୁ ଉଠାଇନେଇ ସଶସ୍ତ୍ର ବିପ୍ଳବ (Armed conflict) ଯଦି ହୁଏ, ତେବେ ଜରୁରୀପରିସ୍ଥିତି ଘୋଷଣା କରାଯାଇପାରେ ବୋଲି ବ୍ୟବସ୍ଥା ହେଲା । ଆପଦକାଳୀନ ବ୍ୟବସ୍ଥା ଘୋଷଣାକୁ ସଂସଦର ପ୍ରତ୍ୟେକ ପରିଷଦ ନିକଟରେ ଉପସ୍ଥାପିତ କରିବାକୁ ପଡ଼େ । ରାଷ୍ଟ୍ରପତିଙ୍କଦ୍ୱାରା ପ୍ରକାଶିତ ଘୋଷଣାକୁ ଦୁଇମାସ ମଧ୍ୟରେ ସଂସଦ ଅନୁମୋଦନ କରିବା ଆବଶ୍ୟକ । ପରେ ପାର୍ଲାମେଣ୍ଟର ଦୁଇ କକ୍ଷରେ ଏହା ପ୍ରସ୍ତାବିତ ହେଲେ ଏହାର ସ୍ଥାୟିତ୍ୱ ଅସୀମ ହୋଇଯାଏ । ଯଦି ରାଷ୍ଟ୍ରପତି ତାକୁ ପ୍ରତ୍ୟାହାର ନ କରନ୍ତି, ଆପଦକାଳୀନ ଅବସ୍ଥା ଘୋଷଣା ସମୟରେ ଯଦି ଲୋକସଭା ଭଙ୍ଗି ଦିଆଯାଇଥାଏ, ବା ଭାଙ୍ଗିଯାଇଥାଏ ଏବଂ ଭାଙ୍ଗି ଦିଆଯାଇଥିବା ହେତୁ ଲୋକସଭା ଅଧିବେଶନ ବସିବା ସମ୍ଭବପର ହୁଏନାହିଁ, ତାହାହେଲେ ରାଜ୍ୟସଭାର ଅନୁମୋଦନ ସାପେକ୍ଷ । ରାଜ୍ୟସଭାର ଅନୁମୋଦନ ପରେ ନୂତନ ଲୋକସଭାର ପ୍ରଥମ ଅଧିବେଶନ ବସିବାର ଠିକ୍ ୩୦ ଦିନ ପୂର୍ବରୁ ଘୋଷଣା ଓ ତାର ଅନୁମୋଦନ ଲାଭ କରିବାକୁ ହେବ । ଉକ୍ତ ଅବସରରେ ଯଦି ନୂତନ ଲୋକସଭାଦ୍ୱାରା ଅନୁମୋଦିତ, ଆପଦକାଳୀନ ଅବସ୍ଥାର ସୀମା, ରାଷ୍ଟ୍ରପତି ପ୍ରତ୍ୟାହାର ନ କରିବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳପାଇଁ ବଢ଼ିଯାଏ ।

ବର୍ତ୍ତମାନ ଦେଖାଯାଉ ଜରୁରୀ ଅବସ୍ଥା ଘୋଷଣାର ଫଳାଫଳ କଣ ହୁଏ । ୮୩, ୨୫୦, ୩୫୩, ୩୫୪, ୩୫୮, ୩୫୯ ପ୍ରଭୃତି ଅନୁଚ୍ଛେଦ ଆପଦକାଳୀନ ଘୋଷଣା ପରେ ସମ୍ବିଧାନର ସାଧାରଣ କାର୍ଯ୍ୟ କଳାପରେ ପରିବର୍ତ୍ତନ ଆଣିଥାନ୍ତି । ୨୫୦, ୩୫୩, ୩୫୮ ଅନୁଚ୍ଛେଦଦ୍ୱାରା ପ୍ରୟୋଗ କରାଯାଉଥିବା ଫଳାଫଳଗୁଡ଼ିକ ସ୍ୱତଃ ଗତିଶୀଳ (Automatic) କିନ୍ତୁ ଅନୁଚ୍ଛେଦଗୁଡ଼ିକୁ ଫଳୋତ୍ପାଦକ କରିବାପାଇଁ ପରବର୍ତ୍ତୀ ବିଜ୍ଞପ୍ତିର ଆବଶ୍ୟକତା ହୁଏ । ଆପଦକାଳୀନ ଅବସ୍ଥା ଘୋଷଣା କାଳରେ ୨୫୦ ଅନୁଚ୍ଛେଦ ସମଗ୍ର ରାଷ୍ଟ୍ର କିମ୍ବା ତାର ଯେ କୌଣସି ଅଂଶପାଇଁ ରାଜ୍ୟ ତାଲିକାରେ ଅନ୍ତର୍ଭୁକ୍ତ ବିଷୟଗୁଡ଼ିକ ଉପରେ ବି ଆଇନ ପ୍ରଣୟନ କରିବାପାଇଁ ପାର୍ଲମେଣ୍ଟକୁ କ୍ଷମତା ଦେଇଥାଏ । ଘୋଷଣା ବଳବତ୍ତର ଥିବା ସମୟରେ କେନ୍ଦ୍ର ସରକାର ଯେ କୌଣସି ରାଜ୍ୟକୁ ଉକ୍ତ ରାଜ୍ୟର ଶାସନ ସଂକ୍ରାନ୍ତ କ୍ଷମତା କିପରି ପ୍ରୟୋଗକରିବାକୁ ହେବ ସେ ବିଷୟରେ ନିର୍ଦ୍ଦେଶ ଦେଇପାରନ୍ତି । ଘୋଷଣା ବଳବତ୍ତର ଥିବା ସମୟରେ ଲୋକସଭାର କାର୍ଯ୍ୟକାଳ ୧ ବର୍ଷ ବଢ଼ାଇ ଦିଆଯାଇପାରେ ଏବଂ କେନ୍ଦ୍ର ରାଜ୍ୟମଧ୍ୟରେ ପ୍ରଚଳିତ ରାଜସ୍ୱବଣ୍ଟନ ବ୍ୟବସ୍ଥାକୁ ରାଷ୍ଟ୍ରପତି ଆଦେଶଦ୍ୱାରା ପରିବର୍ତ୍ତନ ବା ବ୍ୟତିକ୍ରମ କରାଇ ପାରନ୍ତି । କିନ୍ତୁ ଉକ୍ତ ଆଦେଶକୁ ପାର୍ଲମେଣ୍ଟ ନିକଟରେ ଉପସ୍ଥାପିତ କରିବାକୁ ପଡ଼େ । ୩୫୮, ୫୯ ବଳରେ ଆପଦକାଳୀନ ଅବସ୍ଥା ରହିଥିବା ସମୟରେ ମୌଳିକ ଅଧିକାରମାନଙ୍କରେ ହସ୍ତକ୍ଷେପ କରାଯାଇପାରେ । ଘୋଷଣା ପରେ ୩୫୮ ଅନୁଚ୍ଛେଦ ସ୍ୱତଃ ଲାଗୁହୁଏ । କିନ୍ତୁ ୩୫୯ ଅନୁଚ୍ଛେଦ ପାଇଁ ପରବର୍ତ୍ତୀ ବିଜ୍ଞପ୍ତିର ଆବଶ୍ୟକତା ପଡ଼େ । ୩୫୮ ଅନୁଚ୍ଛେଦ ବଳରେ ସରକାର ୧୯ ଅନୁଚ୍ଛେଦରେ ବର୍ଣ୍ଣିତ ବାକ୍ୟ ସ୍ୱାଧୀନତା, ସମବେତ ହେବାର ଅଧିକାର ଏବଂ ଅନ୍ୟାନ୍ୟ ଅଧିକାରକୁ କ୍ଷୁର୍ଣ୍ଣ କରିପାରେ । ଆପଦକାଳୀନ ଅବସ୍ଥାର ଅବସାନ ସଙ୍ଗେ ସଙ୍ଗେ ରାଷ୍ଟ୍ରର ଅବସାନ ଘଟେ । ତେବେ ସମ୍ବିଧାନରେ ସ୍ପଷ୍ଟଭାବରେ କୁହାଯାଇଛି ଯେ ଆପଦକାଳୀନ ଅବସ୍ଥା ବଳବତ୍ତର ଥିବା ସମୟରେ ରାଷ୍ଟ୍ର ୧୯ ଅନୁଚ୍ଛେଦକୁ ଲଙ୍ଘନକରି ଯେଉଁ କାର୍ଯ୍ୟକରିଛି, ଆପଦକାଳୀନ ଅବସ୍ଥା ଘୋଷଣା ପରେ ସେହି କାର୍ଯ୍ୟଗୁଡ଼ିକର ବୈଧତା ବିଷୟରେ ପ୍ରଶ୍ନ କରାଯିବନାହିଁ । ଏହିତ ବ୍ୟତୀତ ଅନ୍ୟାନ୍ୟ ଅଧିକାର ବଳବତ୍କରଣ ନିଷିଦ୍ଧ କରାଯାଏ । ସମ୍ବିଧାନ ୩୫୯ (୧) ଅନୁଚ୍ଛେଦ ବଳରେ ରାଷ୍ଟ୍ରପତି ଆଦେଶ ପ୍ରଦାନ ଦ୍ୱାରା ଏହି ଆଦେଶରେ ବର୍ଣ୍ଣିତ ମୌଳିକ ଅଧିକାରସମୂହକୁ ଅଦାଲତଦ୍ୱାରା ବଳବତ୍ତର ଅଧିକାରକୁ ଅକାର୍ଯ୍ୟକାରୀ କରି ରଖିପାରନ୍ତି । ଏହି ପ୍ରକାର ଆଦେଶକୁ ପାର୍ଲମେଣ୍ଟର ପ୍ରତ୍ୟେକ କକ୍ଷ ନିକଟରେ ଯଥାସମ୍ଭବ ଉପସ୍ଥାପିତ କରାଯାଏ ।

ଚୀନ ସହ ସୀମାନ୍ତ ସଂଘର୍ଷର ପରିପ୍ରେକ୍ଷୀରେ ୧୯୬୨ ମସିହା ଅକ୍ଟୋବର ୨୬ରେ ଜରୁରୀକାଳୀନ ପରିସ୍ଥିତି ଘୋଷିତ ହୋଇଥିଲା ଏବଂ ୧୯୬୮ ମସିହା ଜାନୁୟାରୀ ୧୦ ତାରିଖ ପର୍ଯ୍ୟନ୍ତ ଏହା ବଳବତ୍ତର ଥିଲା । ଏହାପରେ ରାଷ୍ଟ୍ର ଭାରତ ପ୍ରତିରକ୍ଷା ଅର୍ଡ଼ିନାନ୍ସ ଜାରି କରିଛି ଏବଂ ପରେ ଏହା ଆଇନରେ ପରିଣତ ହୋଇଥିଲା । ଏହି ପ୍ରତିରକ୍ଷା ଆଇନ ଅଧୀନରେ ବିଭିନ୍ନ ନିୟମ କାନୁନ ପ୍ରବର୍ତ୍ତିତ ହୋଇଛି ଏବଂ ଦେଶରକ୍ଷା ପ୍ରଭୃତି ସ୍ୱାର୍ଥରେ

ଅଟକ ଅବସ୍ଥା କରାଯାଇଛି । ଜରୁରୀ ଅବସ୍ଥା ଘୋଷଣା ଜାରିପରେ ରାଷ୍ଟ୍ରପତି ୧୯୬୨ ମସିହାରେ ସମ୍ବିଧାନରେ ୩୫୯ (୧) ଅନୁଚ୍ଛେଦ ବଳରେ ଆଦେଶ ( orders) ଜାରିକରି ୧୪ ଅନୁଚ୍ଛେଦରେ ବର୍ଣ୍ଣିତ ଆଇନ ସମତାର ଅଧିକାର ( Equality before the law ) ଏବଂ ୨୧, ୨୨ ଅନୁଚ୍ଛେଦରେ ବର୍ଣ୍ଣିତ ବ୍ୟକ୍ତି ସ୍ୱାଧୀନତାର ଅଧିକାରକୁ ବଳବତ୍ତର କରିବାପାଇଁ ଅଦାଲତରେ ଆଶ୍ରୟ ନେବାର ଅଧିକାର ରଦ୍ଦହେଲା ବୋଲି ଘୋଷଣା କରିଥିଲେ । ଏହିସବୁ ଆଇନ ପ୍ରବର୍ତ୍ତନ ପରେ ବହୁବ୍ୟକ୍ତିଙ୍କୁ ଭାରତ ପ୍ରତିରକ୍ଷା ଆଇନରେ ଗିରଫଦାର ଓ ଅଟକ କରାଯାଇଥିଲା । ଏହା ଫଳରେ ରାଷ୍ଟ୍ରପତିଙ୍କର ଜରୁରୀ ଅବସ୍ଥା ଘୋଷଣାର ତାତ୍ପର୍ଯ୍ୟ ଓ ବ୍ୟାପକତା ସମ୍ପର୍କରେ ବିତର୍କ ସୃଷ୍ଟି ହୋଇଥିଲା । ଏକାଧିକ ମାମଲାରେ ସୁପ୍ରିମ କୋର୍ଟ ରାଷ୍ଟ୍ରପତିଙ୍କ କ୍ଷମତାର ପ୍ରକୃତ ବିଚାର କରିଥିଲା । ପ୍ରଥମେ ଅଦାଲତର ଦ୍ୱାରସ୍ଥ ହେବାର ଅଧିକାରକୁ ବେଆଇନ୍ ବୋଲି ଯେଉଁ ଘୋଷଣା ହୋଇଥିଲା ତାର୍ ବୈଧତା ସଂପର୍କରେ ପ୍ରଶ୍ନ ଉଠିଥିଲା । ଅଧିକାର ବଳବତ୍ତରକରଣ ଉଦ୍ଦେଶ୍ୟରେ ରାଷ୍ଟ୍ରପତିଙ୍କର କ୍ଷମତା ନାହିଁ ବୋଲି କୁହାଯାଏ । ସୁପ୍ରିମକୋର୍ଟ ଏହାକୁ ଗ୍ରହଣଯୋଗ୍ୟ ବୋଲି ମନେ କରିନଥିଲା ଏବଂ ରାଷ୍ଟ୍ରପତିଙ୍କ ଆଦେଶକୁ ବୈଧ ବୋଲି ଘୋଷଣାକରି ଅଭିମତ ପ୍ରକାଶ କରିଥିଲା ଯେ ରାଷ୍ଟ୍ରପତି ୩୫୯ ଅନୁଚ୍ଛେଦ ବଳରେ ନାଗରିକର ଅଦାଲତର ଦ୍ୱାରସ୍ଥ ହେବାର ଅଧିକାରକୁ ରଦ୍ଦ କରିବାକୁ ସମର୍ଥ । ଏସ୍. ଏମ୍. ସିଂହଙ୍କ ମତରେ ଏକ ସଂଘୀୟ ସମ୍ବିଧାନ ଓ ଜରୁରୀ ପରିସ୍ଥିତି ପରସ୍ପର ବିରୋଧୀ । ଜରୁରୀ ପରିସ୍ଥିତି ଘୋଷଣା ହେବା ପରେ ରାଜ୍ୟର ସ୍ୱାୟତ୍ତ ଶାସନ ( State Autonomy ) କ୍ଷୁଣ୍ଣ ହୁଏ ।

ଉପରୋକ୍ତ ସମାଲୋଚନା ସତ୍ତ୍ୱେ ୧୯୩୫ ମସିହା ଭାରତ ଶାସନ ଆଇନରେ ଉଲ୍ଲିଖିତ ଜରୁରୀକାଳୀନ ପରିସ୍ଥିତିର ଯଥାର୍ଥତା ଯେଭଳି ଇଂଲଣ୍ଡର ପ୍ରିଭି କାଉନ୍ସିଲ (Privy council) ପ୍ରତିପାଦନ କରିଥିଲେ; ଠିକ୍ ସେହି ମାର୍ଗରେ ନୂତନ ସଂବିଧାନର ବ୍ୟବସ୍ଥା ଉପରେ ବି କୁହାଯାଇପାରେ ଯେ, "ଆପଦକାଳୀନ ପରିସ୍ଥିତିର କୌଣସି ନିର୍ଭୁଲ ସଂଜ୍ଞା ଦିଆଯାଇପାରେ ନାହିଁ । ଏହା ଏହିପରି ଏକ ଘଟଣାର ସୂଚନା ଦିଏ ଯେଉଁଥିପାଇଁ ଚରମ କାର୍ଯ୍ୟ ପନ୍ଥାର ଆବଶ୍ୟକତା ପଡ଼େ ଏବଂ ତାହାର ବିଚାର କରିବାର ଅଧିକାର କେବଳ ଜଣକ ହାତରେ ନ୍ୟସ୍ତ କରାଯାଏ ଏବଂ ବାସ୍ତବତଃ ୧୯୩୫ ମସିହା ଭାରତଶାସନ ଆଇନ୍ ଅନୁଯାୟୀ ସେହିବ୍ୟକ୍ତି କେବଳ ଭାରତର ଗଭର୍ଣ୍ଣର ଜେନେରାଲ ହୋଇପାରନ୍ତି ଓ ନୂତନ ସଂବିଧାନ ଅନୁଯାୟୀ କେବଳ ରାଷ୍ଟ୍ରପତି ହୋଇପାରନ୍ତି । ଆପଦକାଳୀନ ପରିସ୍ଥିତିରେ ଅନ୍ୟ ଯେକୌଣସି ସ୍ପଷ୍ଟୀକରଣ ଅନୁପଯୁକ୍ତ ହେବ । ଆପଦକାଳୀନ ଅବସ୍ଥା ତତ୍ପର କାର୍ଯ୍ୟପନ୍ଥା ଦାବୀକରେ ଏବଂ ସମ୍ବିଧାନ ଅନୁସାରେ ଉକ୍ତ କାର୍ଯ୍ୟପନ୍ଥା ଗ୍ରହଣ କରିବା ଭାର ରାଷ୍ଟ୍ରପତିଙ୍କ ହାତରେ ନ୍ୟସ୍ତରହେ ।

ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଅପେକ୍ଷା ରାଷ୍ଟ୍ରର ସୁରକ୍ଷା ଅଧିକ ଦରକାରୀ । ତେଣୁ ସମୂହ ସ୍ୱାର୍ଥ ଦୃଷ୍ଟିରୁ ମୌଳିକ ଅଧିକାରଗୁଡ଼ିକୁ ଖର୍ବ କରିବା ବା ସ୍ଥଗିତ ରଖିବାରେ ଯଥାର୍ଥତା ରହିଛି ।

ସଂବିଧାନ ସଭାରେ ଆଲ୍ଲାଦି କୃଷ୍ଣ ସ୍ୱାମୀ ଆୟାର ମତବ୍ୟକ୍ତ କରିଥିଲେ ଯେ ଆପଦକାଳୀନ ଅବସ୍ଥାରେ ଯଦି ରାଷ୍ଟ୍ରର ହିତଦୃଷ୍ଟିରୁ ମୌଳିକ ଅଧିକାରକୁ ଅଟକ କରାଯାଏ ତେବେ ଶାନ୍ତି ଅବସ୍ଥାରେ ପ୍ରତ୍ୟେକ ବ୍ୟକ୍ତି ସ୍ୱାତନ୍ତ୍ର୍ୟ ଓ ଅଧିକାର ଲାଭ କରିପାରିବେ ।

ଏକ ସଂଘୀୟ ରାଷ୍ଟ୍ରରେ ଜରୁରୀକାଳୀନ ଅବସ୍ଥା ଘୋଷଣା ପଦ୍ଧତି ଅସଙ୍ଗତ ବୋଲି ଯେଉଁ ଯୁକ୍ତି ଦେଖାଯାଉଛି, ତା'ର ଉତ୍ତରରେ କୁହାଯାଇପାରେ ଯେ ପ୍ରତ୍ୟେକ ସଂଘୀୟ ରାଷ୍ଟ୍ର ଜରୁରୀ ପରିସ୍ଥିତିରେ ଏକ କେନ୍ଦ୍ରିକ (Unitary) ରାଷ୍ଟ୍ରର ରୂପ ଧରନ୍ତି । ତେଣୁ ଭାରତବର୍ଷର ବ୍ୟବସ୍ଥାରେ କିଛି ନୂଆ ନାହିଁ । ଜାତିର ସୁରକ୍ଷା ଓ ନିରାପତ୍ତା କେନ୍ଦ୍ରସରକାରଙ୍କ ଦାୟିତ୍ୱ; ସୁତରାଂ ଜରୁରୀ ପରିସ୍ଥିତିରେ ରାଜ୍ୟମାନଙ୍କର କ୍ଷମତା କ୍ଷୁଣ୍ଣ ହେଲେ କିଛି ଭୁଲ ହୁଏ ନାହିଁ । ପୁଣି ସଂଘୀୟ ପ୍ରକୃତିର ସୁରକ୍ଷାଠାରୁ ଜାତୀୟ ନିରାପତ୍ତାର ଗୁରୁତ୍ୱ ଏବଂ ଆବଶ୍ୟକତା ଯଥେଷ୍ଟ ବେଶୀ । ତା'ଛଡ଼ା ସବୁକ୍ଷେତ୍ରରେ ସବୁଗୁଡିକ ମୌଳିକ ଅଧିକାର କେବେ କ୍ଷୁଣ୍ଣ କରାଯାଏ ନାହିଁ । ୧୯୬୨ ଆପଦକାଳୀନ ଅବସ୍ଥା ଘୋଷଣା ବେଳେ ସମ୍ବିଧାନର କେବଳ ୧୪,୧୯,୨୦,୨୧ ଓ ୨୨ ଅନୁଚ୍ଛେଦଗୁଡ଼ିକ ହିଁ ପରିବର୍ତ୍ତିତ ହୋଇଥିଲା ।

୧୯୭୧ ମସିହା ଡିସେମ୍ବର ମାସରେ ବଙ୍ଗଳା ଦେଶ ସଙ୍କଟ ସମୟରେ ପାକିସ୍ଥାନ ଆକ୍ରମଣର ପ୍ରତିରୋଧ କରିବାପାଇଁ ପୁନଶ୍ଚ ଜାତୀୟ ଜରୁରୀ ପରିସ୍ଥିତି ଜାରି ହୋଇଥିଲା । ଆଭ୍ୟନ୍ତରୀଣ ବିଶୃଙ୍ଖଳା ଯୋଗୁଁ ୧୯୭୫ରେ ମଧ୍ୟ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା ହୋଇଥିଲା । ଉକ୍ତ ଘୋଷଣାକୁ ୧୯୭୭ରେ ରଦ୍ଦ କରାଯାଇଥିଲା । ସମ୍ବିଧାନର ୪୪ତମ ସମ୍ବିଧାନ ସଂଶୋଧନରେ ଜାତୀୟ ଜରୁରୀ ଘୋଷଣାପାଇଁ କେତେକ କଟକଣା କରାଯାଇଛି । ଉକ୍ତ ଘୋଷଣାପାଇଁ ରାଷ୍ଟ୍ରପତି ମନ୍ତ୍ରିମଣ୍ଡଳର ଲିଖିତ ପରାମର୍ଶ ପାଇବା ଉଚିତ ବୋଲି ବ୍ୟବସ୍ଥା ଅଛି ।

## ୨ । ରାଜ୍ୟରେ ସାମ୍ବିଧାନିକ ସଙ୍କଟ ବା ରାଷ୍ଟ୍ରପତି ଶାସନ

୩୫୬ ଧାରା ଅନୁଯାୟୀ ରାଷ୍ଟ୍ରପତିଙ୍କର ଯଦି ହୃଦ୍‌ବୋଧ ହୁଏ ଯେ କୌଣସି ରାଜ୍ୟରେ ସାମ୍ବିଧାନିକ ସଂକଟ ଦେଖାଦେଇଛି ତେବେ ସେ ଉକ୍ତ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରିପାରିବେ । କୌଣସି ରାଜ୍ୟ କେନ୍ଦ୍ର ସହିତ ସହଯୋଗ ନ କରିବା, ବା କେନ୍ଦ୍ରଠାରୁ ବିଚ୍ଛିନ୍ନ ହେବା ଉଦ୍ଦେଶ୍ୟରେ କେନ୍ଦ୍ର ବିରୁଦ୍ଧରେ ବିଦ୍ରୋହ କରିବା କିମ୍ବା ଅନ୍ୟ କୌଣସି କାରଣରୁ କୌଣସି ଅଙ୍ଗରାଜ୍ୟର ସଂବିଧାନ କଳ ଭୁଷୁଡ଼ିପଡିବାର ଆଶଙ୍କା ରହିଛି, ତେଣୁ ସଂବିଧାନ ପ୍ରଣେତାଗଣ ଭବିଷ୍ୟତରେ ବିପଦଜନକ ପରିସ୍ଥିତିର ମୁକାବିଲା କରିବାପାଇଁ ସଂବିଧାନର ୩୫୫, ୩୬୫, ୩୫୬ ଏବଂ ୩୫୭ ଅନୁଚ୍ଛେଦଗୁଡ଼ିକରେ ରାଜ୍ୟର ଶାସନ ବ୍ୟବସ୍ଥାର ଅଚଳାବସ୍ଥା ସମ୍ବନ୍ଧରେ ଭିନ୍ନ ଭିନ୍ନ ଆଲୋଚନା କରିଛନ୍ତି ଏବଂ ବ୍ୟବସ୍ଥାମାନ ଯୋଡ଼ିଛନ୍ତି । ଅବଶ୍ୟ ୩୫୫ ଅନୁଚ୍ଛେଦ ସଂବିଧାନ ପ୍ରଣେତାଙ୍କ ଏକ ପଶ୍ଚାତ୍ ଚିନ୍ତା । ରାଜ୍ୟମାନଙ୍କୁ ବାହ୍ୟ ଆକ୍ରମଣରୁ ଏବଂ ଆଭ୍ୟନ୍ତରୀଣ ଗଣ୍ଡଗୋଳରୁ ମୁକ୍ତ ରଖିବାପାଇଁ ଏବଂ

ପ୍ରତ୍ୟେକ ରାଜ୍ୟରେ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ସରକାର ପରିଚାଳନାକୁ ନିଶ୍ଚିତ କରିବାର ଦାୟିତ୍ୱ ଏହି ଅନୁଚ୍ଛେଦ କେନ୍ଦ୍ର ଉପରେ ନ୍ୟସ୍ତ ରଖିଛି ।

୩୫୬ ଅନୁଚ୍ଛେଦ ଅନୁସାରେ ସଂବିଧାନ ରାଷ୍ଟ୍ରପତିଙ୍କୁ ରାଜ୍ୟସମୂହର ଶାସନ ବ୍ୟବସ୍ଥାର ଅଚଳାବସ୍ଥାର ପରିସମାପ୍ତି ଘଟାଇ ଶାସନବ୍ୟବସ୍ଥା ନିଜ ହାତକୁ ନେବା କ୍ଷମତା ଦେଇଛି । ଏହି ଅନୁଚ୍ଛେଦରେ ବ୍ୟବସ୍ଥା ଅଛି ଯେ କୌଣସି ରାଜ୍ୟର ରାଜ୍ୟପାଳଙ୍କ ନିକଟରୁ ସମ୍ବାଦ ପାଇବା ପରେ ଅଥବା ଅନ୍ୟ ଭାବରେ ରାଷ୍ଟ୍ରପତିଙ୍କ ନିକଟରେ ସମ୍ବାଦ ପହଞ୍ଚେ ଯେଉଁଥିରେ ତାଙ୍କର ହୃଦ୍‌ବୋଧ ହୁଏ ଯେ ଏପରି ଅବସ୍ଥାର ଉଦ୍ଭବ ହୋଇଛି ଯାହା ଫଳରେ ଶାସନତନ୍ତ୍ରର ବିଧାନଅନୁଯାୟୀ ଉକ୍ତରାଜ୍ୟର ଶାସନକାର୍ଯ୍ୟ ପରିଚାଳିତ ହେବା ସମ୍ଭବ ନୁହେଁ, ତେବେ ସେ ଏହି ମର୍ମରେ ଘୋଷଣା କରିପାରନ୍ତି ।

ଶାସନ ବ୍ୟବସ୍ଥାର ଅଚଳାବସ୍ଥା ସଂକ୍ରାନ୍ତ ଘୋଷଣାଦ୍ୱାରା ସଂଶ୍ଳିଷ୍ଟ ରାଜ୍ୟର ଶାସନ ସଂକ୍ରାନ୍ତ ପ୍ରତ୍ୟେକ କାର୍ଯ୍ୟ ଏବଂ ରାଜ୍ୟ ବିଧାନସଭା ଓ ମହାଧର୍ମାଧିକରଣ ବ୍ୟତୀତ ରାଜ୍ୟପାଳ ଅଥବା ଯେକୌଣସି ସଂସ୍ଥା ବା କର୍ତ୍ତୃପକ୍ଷଙ୍କ ସମସ୍ତ କ୍ଷମତା ରାଷ୍ଟ୍ରପତି ନିଜ ହାତକୁ ନେଇପାରନ୍ତି । ରାଜ୍ୟ ବିଧାନସଭାର କ୍ଷମତା ମଧ୍ୟ ସେ ପାର୍ଲାମେଣ୍ଟ ହସ୍ତରେ ନ୍ୟସ୍ତ କରିପାରନ୍ତି । ପାର୍ଲାମେଣ୍ଟ ରାଜ୍ୟବିଧାନସଭାର ଆଇନ୍ ପ୍ରଣୟନ କ୍ଷମତାକୁ ରାଷ୍ଟ୍ରପତିଙ୍କ ହାତରେ ନ୍ୟସ୍ତ କରିପାରେ ଏବଂ ତାଙ୍କୁ ଏହି କ୍ଷମତାଗୁଡ଼ିକ ଅନ୍ୟ କୌଣସି କର୍ତ୍ତୃପକ୍ଷଙ୍କୁ ସମର୍ପଣ କରିବାର ଅଧିକାର ପ୍ରଦାନ କରିପାରେ । ଯେତେବେଳେ ଲୋକସଭାର ଅଧିବେଶନ ନଥାଏ ସେତେବେଳେ ରାଷ୍ଟ୍ରପତି ପାର୍ଲାମେଣ୍ଟର ଅନୁମୋଦନ ସାପେକ୍ଷ ଭାରତର ସମ୍ମିଳିତ ନିଧି ( The Consolidated fund of India )ରୁ ଅର୍ଥବ୍ୟୟର ଅନୁମତି ମଧ୍ୟ ଦେଇପାରନ୍ତି ।

ଘୋଷଣାର ଉଦ୍ଦେଶ୍ୟ ସାଧନପାଇଁ ପ୍ରୟୋଜନ ବା କର୍ତ୍ତବ୍ୟ ମନେକଲେ ରାଷ୍ଟ୍ରପତି ମହାଧର୍ମାଧିକରଣ ବ୍ୟତୀତ ରାଜ୍ୟର ଯେକୌଣସି ସଂସ୍ଥା ବା କର୍ତ୍ତୃପକ୍ଷ ସଂକ୍ରାନ୍ତ ଶାସନତନ୍ତ୍ରର ବିଧାନସମୂହକୁ ସଂପୂର୍ଣ୍ଣ ବା ଆଂଶିକଭାବରେ ରଦ୍ଦ କରିପାରନ୍ତି ।

ରାଜ୍ୟର ଶାସନବ୍ୟବସ୍ଥାର ଅଚଳାବସ୍ଥା ଘୋଷଣାକୁ ପାର୍ଲାମେଣ୍ଟର ପ୍ରତ୍ୟେକ କକ୍ଷ ସମକ୍ଷରେ ଉପସ୍ଥାପିତ କରିବାକୁ ପଡ଼େ । ଘୋଷଣାର ସାଧାରଣ କାର୍ଯ୍ୟକାଳ ହେଲା ଦୁଇମାସ । କିନ୍ତୁ ପାର୍ଲାମେଣ୍ଟର ଉଭୟ ପରିଷଦ ଯଦି ପ୍ରସ୍ତାବ ପାସ୍‌କରି ଏହାକୁ ଅନୁମୋଦନ କରନ୍ତି, ତେବେ ଏହା ଆହୁରି ଛଅ ମାସଧରି ଚାଲିପାରେ । ଏହିପରି ପାର୍ଲାମେଣ୍ଟ ବାରମ୍ବାର ପ୍ରସ୍ତାବ ଗ୍ରହଣକରି ଘୋଷଣାକୁ ସର୍ବୋଚ୍ଚ ୩ ବର୍ଷ ରଖିପାରନ୍ତି ।

ବର୍ତ୍ତମାନ ଆଲୋଚନା କରାଯାଇପାରେ ଯେ କେଉଁ କେଉଁ ସମ୍ଭାବ୍ୟ ପରିସ୍ଥିତି ସୃଷ୍ଟିହେଲେ ୩୫୬ ଅନୁଚ୍ଛେଦକୁ ବ୍ୟବହାର କରାଯାଇ ଶାସନତାନ୍ତ୍ରିକ ଅଚଳାବସ୍ଥା ଘୋଷଣା କରାଯାଇପାରିବ । ରାଜ୍ୟର ଆଭ୍ୟନ୍ତରୀଣ ରାଜନୈତିକ ପରିସ୍ଥିତିରେ ସଂକଟ ଉପୁଜିଲେ,

କେନ୍ଦ୍ର ନିର୍ଦ୍ଦେଶନାମାକୁ ଅଙ୍ଗରାଜ୍ୟ ସରକାର ଅମାନ୍ୟ କରିବାଦ୍ୱାରା ଅଚଳାବସ୍ଥା ସୃଷ୍ଟି ହେଲେ; କୌଣସି ରାଜ୍ୟର ସଂଖ୍ୟାଗରିଷ୍ଠ ଦଳ କାର୍ଯ୍ୟଭାର ତୁଲାଇବାପାଇଁ ରାଜି ନହେଲେ କିମ୍ବା ରାଜ୍ୟର ମିଳିତ ମନ୍ତ୍ରିମଣ୍ଡଳ ଦୃଢ଼ ସରକାର ଗଠନ କରିବାପାଇଁ ଅସମର୍ଥ ହେଲେ ସମ୍ବିଧାନର ୩୫୬ ଅନୁଚ୍ଛେଦକୁ ବ୍ୟବହାର କରାଯାଇପାରେ ।

କୌଣସି ରାଜ୍ୟ ଯଦି ବାହ୍ୟ ଆକ୍ରମଣର ସମ୍ମୁଖୀନ ହୁଏ, ତେବେ ୩୫୨ ଅନୁଚ୍ଛେଦ ସାହାଯ୍ୟରେ ଆପଦକାଳୀନ ଅବସ୍ଥା ଘୋଷଣା କରାଯାଏ । କିନ୍ତୁ କୌଣସି ରାଜ୍ୟରେ ଆଭ୍ୟନ୍ତରୀଣ ଗଣ୍ଡଗୋଳ ବ୍ୟାପିଲେ ସେଠାରେ ଅବସ୍ଥା ଭିନ୍ନରୂପ ଧାରଣ କରିଥାଏ । ଉକ୍ତ ରାଜ୍ୟରେ ଶାସକ ଦଳ ଯଦି ଆଭ୍ୟନ୍ତରୀଣ ଗଣ୍ଡଗୋଳକୁ ବିରୋଧ କରୁଥାଏ ତେବେ ସରକାର ସାଧାରଣ ଭାବରେ ସେହି ଗଣ୍ଡଗୋଳକୁ ନିଜ କ୍ଷମତାବଳରେ କିମ୍ବା ସାମରିକ ଆଇନ (Martial Law)ଦ୍ୱାରା ଦମନ କରିଦେଇ ପାରନ୍ତି । କିନ୍ତୁ ଯେଉଁଠି ଗଣ୍ଡଗୋଳ ଉପୁଜେ, ଅଥଚ କ୍ଷମତାରେ ଥିବା ଦଳ ତାଙ୍କୁ ସମର୍ଥନ କରୁଥାଏ ବା ସମବେଦନଶୀଳ ହୋଇଥାଏ, ତେବେ ଉକ୍ତରାଜ୍ୟର ମନ୍ତ୍ରିମଣ୍ଡଳ ଏବଂ ବିଧାନସଭାକୁ ଦମନକରିବା ଉଦ୍ଦେଶ୍ୟରେ ୩୫୬ ଅନୁଚ୍ଛେଦକୁ ପ୍ରୟୋଗ କରିବାକୁ ହୁଏ । ଅଧିକନ୍ତୁ ମଧ୍ୟ ରାଜ୍ୟସରକାର ଯଦି ଉପୁଜିଥିବା କୌଣସି ଗୋଳମାଳ ବା ଉପଦ୍ରବକୁ ଉପଯୁକ୍ତ ଭାବରେ ଦମନ କରିବାରେ ଅକ୍ଷମ ହୁଅନ୍ତି ସେତେବେଳେ ୩୫୬ ଅନୁଚ୍ଛେଦକୁ ପ୍ରୟୋଗ କରାଯାଇପାରେ । କିନ୍ତୁ ଉପରୋକ୍ତ ଘଟଣାଗୁଡ଼ିକରେ ୩୫୨ ଅନୁଚ୍ଛେଦ ଅନୁସାରେ ଯଦି ଆପଦକାଳୀନ ଅବସ୍ଥା ଘୋଷଣା କରା ନଯାଏ, ତେବେ ୩୫୬ ଅନୁଚ୍ଛେଦର ପ୍ରୟୋଗ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ । ଯେଉଁ ମୌଳିକ ଅଧିକାର କ୍ଷୁଣ୍ଣ କରିବା ବିନା କୌଣସି ଆଭ୍ୟନ୍ତରୀଣ ଗୋଳମାଳର ସମାଧାନ ହୋଇପାରେନା ସେ ସବୁ ଅଧିକାର କ୍ଷୁଣ୍ଣ କରିବା ବିଷୟ ୩୫୬ ଅନୁଚ୍ଛେଦରେ ଉଲ୍ଲେଖ ନହୋଇଥିବା ହେତୁ ୩୫୨ ଅନୁଚ୍ଛେଦର ଆଶ୍ରୟ ନେବାକୁ ପଡ଼ିଥାଏ ।

ଯଦି କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ଦଳଠାରୁ କୌଣସି ଅଙ୍ଗରାଜ୍ୟରେ କ୍ଷମତାସୀନ ରାଜନୈତିକ ଦଳର କର୍ମସୂଚୀ ଭିନ୍ନହୁଏ, ସେତେବେଳେ ବି ୩୫୬ ଅନୁଚ୍ଛେଦର ପ୍ରୟୋଗ ହୋଇପାରେ । ଉଦାହରଣସ୍ୱରୂପ ଯଦି ରାଜ୍ୟରେ କୌଣସି-କ୍ଷମତାସୀନ ରାଜନୈତିକ ଦଳ ଜମିଦାରୀ ପ୍ରଥାକୁ ପୁନଃ ସଂସ୍ଥାପନ କରିବାପାଇଁ ଚାହେଁ, ଆଉ କେନ୍ଦ୍ର ଯଦି ଅନୁଭବ କରେଯେ ଉକ୍ତ ପଦକ୍ଷେପ ସର୍ବଭାରତୀୟ ଅର୍ଥନୈତିକ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେବ, ତେବେ କେନ୍ଦ୍ର ସରକାର ଉକ୍ତ ପଦକ୍ଷେପର ବିରୋଧକରି ପରିଶେଷରେ ୩୫୬ ଅନୁଚ୍ଛେଦକୁ ପ୍ରୟୋଗ ( Invoke ) କରିପାରେ ।

ଯଦି କୌଣସି ରାଜ୍ୟର ମନ୍ତ୍ରିମଣ୍ଡଳ ବା ବିଧାନ-ମଣ୍ଡଳ ସାମ୍ବିଧାନିକ ବ୍ୟବସ୍ଥାନୁସାରେ କାର୍ଯ୍ୟକରିବା ପାଇଁ ଅସମର୍ଥ ହୁଅନ୍ତି ବା ଅନିଚ୍ଛା ପ୍ରକାଶ କରନ୍ତି, ପ୍ରଥମେ ରାଜ୍ୟପାଳ ବିଧାନସଭାକୁ ଭାଙ୍ଗି ନୂଆ ନିର୍ବାଚନ କରାନ୍ତି । ଯଦି ଉକ୍ତ ରାଜନୈତିକ ଦଳ ସଂଖ୍ୟା ଗରିଷ୍ଠତା

ହାସଲ କରନ୍ତି, ଅର୍ଥାତ୍ କ୍ଷମତାକୁ ଆସନ୍ତି ରାଜ୍ୟପାଳ ଅନ୍ୟ ଉପାୟ ନ ଦେଖି ରାଷ୍ଟ୍ରପତିଙ୍କୁ ୩୫୬ ଅନୁଚ୍ଛେଦର ପ୍ରୟୋଗ ନିମନ୍ତେ ସୁପାରିଶ କରନ୍ତି ।

ଯଦି କୌଣସି ଏକ ଅଙ୍ଗ ରାଜ୍ୟରେ ଏକ ରାଜନୈତିକ ଦଳ ନିର୍ଦ୍ଦିଷ୍ଟ ସଂଖ୍ୟା ଗରିଷ୍ଠତା ହାସଲ ନ କରନ୍ତି ଏବଂ କେତେଗୁଡ଼ିଏ ରାଜନୈତିକ ଦଳ ମିଶି ମିଳିତ ମନ୍ତ୍ରିମଣ୍ଡଳ ଗଠନ କରନ୍ତି, ଅଥଚ ଦଳତ୍ୟାଗ ଫଳରେ ଏକ ବା ଅଧିକଥର ମନ୍ତ୍ରିମଣ୍ଡଳ ଭାଙ୍ଗି ନୂତନ ମନ୍ତ୍ରିମଣ୍ଡଳ ଗଠନ ହୋଇଥାଏ ସେହି କ୍ଷେତ୍ରରେ ରାଜ୍ୟପାଳ ଯଦି ଏକ ସୁଦୃଢ଼ ସରକାର ଗଠନ କରିବାର କୌଣସି ଆଶା ନ ଦେଖନ୍ତି ସେ ରାଷ୍ଟ୍ରପତିଙ୍କୁ ୩୫୬ ଅନୁଚ୍ଛେଦ ପ୍ରୟୋଗ କରିବାପାଇଁ ରିପୋର୍ଟ ଦେଇ ପାରନ୍ତି—ଯେମିତି କଂଗ୍ରେସର କେତେକ ସଭ୍ୟଙ୍କ ଦଳତ୍ୟାଗ ଏବଂ ଉତ୍କଳ କଂଗ୍ରେସରେ ଯୋଗଦାନ ପରେ ଉତ୍କଳକଂଗ୍ରେସ ଓ ସ୍ୱତନ୍ତ୍ରଦଳକୁ ମିଳିତ ମନ୍ତ୍ରିମଣ୍ଡଳ ଗଢ଼ିବାପାଇଁ ସୁଯୋଗ ନଦେଇ ଓଡ଼ିଶା ରାଜ୍ୟରେ ରାଷ୍ଟ୍ରପତି ଶାସନଜାରି କରାଇଥିଲେ ।

କେଉଁ ଉଦ୍ଦେଶ୍ୟରେ ଏବଂ କିଭଳି ଭାବରେ ବସ୍ତୁତଃ ଅଚଳାବସ୍ଥା ରାଷ୍ଟ୍ରପତିଙ୍କଦ୍ୱାରା ଘୋଷଣା କରାଯାଇପାରେ ତାର ସୂଚନା ଏମ. ଭି. ପାଇଲି ନିମ୍ନରେ ଦର୍ଶାଇଛନ୍ତି ।

୧ । କେନ୍ଦ୍ର ହସ୍ତକ୍ଷେପର ଏକ ଅତ୍ୟାବଶ୍ୟକୀୟ ସର୍ତ୍ତ ହେଲ ରାଜ୍ୟରେ ରାଜନୈତିକ ଅସ୍ଥିରତା ଅର୍ଥାତ୍ ରାଜ୍ୟରେ କାର୍ଯ୍ୟତଃ ସଂସଦୀୟ ସରକାରର ପତନ ।

୨ । କେନ୍ଦ୍ରକୁ ଅତି ସତର୍କତାର ସହିତ ରାଜ୍ୟରେ ଅସ୍ଥିର ଅବସ୍ଥାକୁ ପହରା (Watch), ଦେବାକୁ ପଡ଼ିବ, ଏବଂ ପରିବର୍ତ୍ତିନକ୍ଷମ (ବିକଳ୍ପ) (alternative) ମନ୍ତ୍ରିମଣ୍ଡଳ ଗଠନପାଇଁ ରାଜ୍ୟରେ ସମସ୍ତ ସୁବିଧା ଯୋଗାଇ ଦେବାକୁ ହେବ ।

୩ । ବିଧାନସଭା ଭାଙ୍ଗି ଦିଆଯିବା ପରେ ପରିସ୍ଥିତି ସୁଧାରିବା ଉଦ୍ଦେଶ୍ୟରେ ଯଦି ନୂତନ ନିର୍ବାଚନପାଇଁ ସମସ୍ତ ଧାର୍ଯ୍ୟ କରାଯାଏ, ପୁରୁଣା ମନ୍ତ୍ରିମଣ୍ଡଳକୁ ତତ୍ତ୍ୱାବଧାରକ (Care taker) ସରକାର ହିସାବରେ ସେତେଦିନଯାଏ କାର୍ଯ୍ୟଭାର ତୁଲାଇବା ପାଇଁ ଅନୁମତି ଦିଆଯାଇପାରେ ।

୪ । (କ) ଯଦି ଉପସ୍ଥିତ ମନ୍ତ୍ରିମଣ୍ଡଳ ରାଜ୍ୟରେ ସଂଖ୍ୟାଗରିଷ୍ଠ ଲୋକଙ୍କ ଆସ୍ଥା ହରାଏ, (ଖ) କୌଣସି ବିକଳ୍ପ ସରକାର ଗଢ଼ିବାର ସମ୍ଭାବନା ନଥାଏ ଏବଂ (ଗ) ନୂଆ ନିର୍ବାଚନ ଅନିଷ୍ପନ୍ନ (pending) ଥିବାବେଳେ ମନ୍ତ୍ରିମଣ୍ଡଳ ତତ୍ତ୍ୱାବଧାରକ ସରକାର ରୂପେ କାର୍ଯ୍ୟ କରିବାକୁ ରାଜି ନହୁଏ, ତେବେ ଶେଷ ଉପାୟ ହିସାବରେ ରାଜ୍ୟରେ ଅଚଳାବସ୍ଥା ଘୋଷଣା କରାଯାଇପାରେ ।

୫ । ରାଜ୍ୟରେ ଅଚଳାବସ୍ଥା ଘୋଷଣାକାଳ ମଧ୍ୟରେ ରାଜ୍ୟର ସମସ୍ତ ଆଇନ ସଂକ୍ରାନ୍ତୀୟ କାର୍ଯ୍ୟ କେନ୍ଦ୍ର ପାର୍ଲାମେଣ୍ଟକୁ ହସ୍ତାନ୍ତରିତ କରିବାକୁ ହେବ । କୌଣସି କାର୍ଯ୍ୟ

ନିର୍ବାଚକ ସଂସ୍ଥାକୁ ଉକ୍ତ କାର୍ଯ୍ୟର ଭାରାର୍ପଣ ( delegation ) ଯଥା ସମ୍ଭବ କମାଇ ଦେବାକୁ ପଡ଼ିବ ।

୬ । ଯେଉଁ ମୁହୂର୍ତ୍ତରେ ରାଜ୍ୟରେ ଅନୁକୂଳ ରାଜନୈତିକ ପରିସ୍ଥିତିର ଉଦ୍ଭବ ହୁଏ, ଏବଂ ଦାୟିତ୍ୱପୂର୍ଣ୍ଣ ସରକାର ଗଠନର ବାଟ ଫିଟିଯାଏ, ଏହାକୁ ରାଜ୍ୟକୁ ପ୍ରତ୍ୟାର୍ପଣ କରାଯାଏ ।

ଏପର୍ଯ୍ୟନ୍ତ ବହୁବାର ବିଭିନ୍ନ ରାଜ୍ୟରେ ଶାସନ ବ୍ୟବସ୍ଥାର ଅଚଳାବସ୍ଥା ଘୋଷଣା କରାଯାଇଛି । ସମ୍ବିଧାନ ପ୍ରବର୍ତ୍ତନର କିଛି ଦିନ ପରେ ପଞ୍ଜାବରେ ୧୯୫୧ ମସିହାରେ ଏହି ପ୍ରକାର ଶାସନତାନ୍ତ୍ରିକ ଅଚଳାବସ୍ଥା ଘୋଷଣାକରି ରାଷ୍ଟ୍ରପତି, ଶାସନ ଭାର ନିଜ ହାତକୁ ନେଇଥିଲେ । ତାପରେ ୧୯୫୩ ମସିହାରେ ତତ୍କାଳୀନ 'ଖ' ଶ୍ରେଣୀଭୁକ୍ତ ପେପ୍‌ସୁ ( PEPSU ), ୧୯୫୪ ମସିହାରେ ଆନ୍ଧ୍ର, ୧୯୫୬ରେ ତତ୍କାଳୀନ ତ୍ରିବାଙ୍କୁର-କୋଚିନ୍ ରାଜ୍ୟ ଏବଂ ୧୯୫୯ରେ କେରଳ ରାଜ୍ୟରେ ଶାସନ ବ୍ୟବସ୍ଥାରେ ଅଚଳାବସ୍ଥା ଘୋଷଣା କରାଯାଇଥିଲା । ୧୯୬୪ ମସିହା ସେପ୍ଟେମ୍ବର ମାସରେ କେରଳରେ ସମ୍ମିଳିତ କଂଗ୍ରେସ ମନ୍ତ୍ରିପରିଷଦ ( Co-alition-Congress ministry ) ଭାଙ୍ଗି ପଡ଼ିବାରୁ ତୃତୀୟ ଥରପାଇଁ କେରଳରେ ଅଚଳାବସ୍ଥା ଘୋଷଣା କରି ରାଷ୍ଟ୍ରପତି ରାଜ୍ୟର ଶାସନ ଭାର ନିଜ ହାତକୁ ନେଇଥିଲେ । ଏହି ଅବସ୍ଥାର ଅବସାନପାଇଁ ୧୯୬୫ ମସିହା ମାର୍ଚ୍ଚ ମାସରେ ରାଜ୍ୟରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ନିର୍ବାଚନରେ କୌଣସି ଦଳ ଏକକ ସଂଖ୍ୟା ଗରିଷ୍ଠତା ଲାଭ କରି ନଥିଲା । ତେଣୁ ସେହି ବର୍ଷ ମାର୍ଚ୍ଚ ୨୫ ତାରିଖରୁ କେରଳକୁ ପୁଣି ରାଷ୍ଟ୍ରପତିଙ୍କ ଶାସନାଧୀନ ରଖାଯାଇଥିଲା । ପରେ ପୁଣି ୧୯୬୭ ମସିହାରେ ୪ର୍ଥ ସାଧାରଣ ନିର୍ବାଚନ ଫଳରେ କେରଳରେ କମ୍ୟୁନିଷ୍ଟ ସରକାର ଓ ମନ୍ତ୍ରିପରିଷଦ ଗଠିତ ହୋଇଥିଲା । ୧୯୬୬ ମସିହାରେ ପଞ୍ଜାବ ରାଜ୍ୟର ପୁନର୍ଗଠନ ସମୟରେ ସେଠାରେ ରାଷ୍ଟ୍ରପତିଙ୍କ ଶାସନ ସାମୟିକ ଭାବରେ ପ୍ରବର୍ତ୍ତିତ ହୋଇଥିଲା । ଚତୁର୍ଥ ନିର୍ବାଚନର ଅବ୍ୟବହିତ ପରେ ରାଜ୍ୟପାଳଙ୍କ ରିପୋର୍ଟ ଉପରେ ଭିତ୍ତି କରି ରାଷ୍ଟ୍ର-ପତିଙ୍କ ଶାସନ ପ୍ରବର୍ତ୍ତିତ ହୋଇଥିଲା । ଆଇନସଭାକୁ ଅବଶ୍ୟ ଭାଙ୍ଗି ଦିଆଯାଇ ନଥିଲା । ଏହା ପରେ ପରେ ଉତ୍ତର ପ୍ରଦେଶ, ବିହାର, ପଶ୍ଚିମବଙ୍ଗ, କେନ୍ଦ୍ରଶାସିତ ଅଞ୍ଚଳ ପଣ୍ଡିଚେରି ଓ ଗୁଜରାଟରେ ଶାସନତାନ୍ତ୍ରିକ ଅଚଳାବସ୍ଥା ଘୋଷିତ ହୋଇଥିଲା । ଏହି ଅବସ୍ଥା ମୂଳରେ ଥିଲା ନିର୍ବାଚିତ ସଦସ୍ୟମାନଙ୍କର ଦଳତ୍ୟାଗ ।

୧୯୭୧ ମସିହାରେ ଓଡ଼ିଶା ରାଜ୍ୟରେ କଂଗ୍ରେସ ଓ ଗଣତନ୍ତ୍ର ପରିଷଦ (ବର୍ତ୍ତମାନ ସ୍ୱତନ୍ତ୍ର) ଦଳର ମିଳିତ ମନ୍ତ୍ରିମଣ୍ଡଳ ଅକାର୍ଯ୍ୟକାରୀ ହୋଇପଡ଼ିବାରୁ ମନ୍ତ୍ରିମଣ୍ଡଳ ପଦତ୍ୟାଗ କରିଥିଲା ଏବଂ ରାଷ୍ଟ୍ରପତି ଅଚଳାବସ୍ଥା ଘୋଷଣା କରିଥିଲେ । ୧୯୭୧ ଓ ୭୩ ମସିହାରେ ମଧ୍ୟ ରାଷ୍ଟ୍ରପତି ଶାସନଜାରିର ନଜିର ଅଛି ।

**ସମାଲୋଚନା—**

ରାଜ୍ୟରେ ଶାସନ ବ୍ୟବସ୍ଥାର ଅଚଳାବସ୍ଥା ଘୋଷଣା ଦ୍ୱାରା କେନ୍ଦ୍ରସରକାରଙ୍କୁ ରାଜ୍ୟର ଶାସନ ବ୍ୟବସ୍ଥାରେ ହସ୍ତକ୍ଷେପ କରିବାକୁ ଯେଉଁ ବ୍ୟାପକ କ୍ଷମତା ଦିଆଯାଇଛି ସେଥିରେ ରାଜ୍ୟ ସମୂହର ସ୍ୱାତନ୍ତ୍ର୍ୟ ବା ସ୍ୱାଧୀନତା ବ୍ୟର୍ଥତାରେ ପର୍ଯ୍ୟବସିତ ହୋଇପାରେ ।

ଯେଉଁ କ୍ଷେତ୍ରରେ କେନ୍ଦ୍ରର ସରକାରୀଦଳ ସହ ଅଙ୍ଗରାଜ୍ୟର ସରକାରୀଦଳର ମତବିରୋଧ ଦେଖାଯାଏ, ସେଠାରେ ଏହି ଘୋଷଣା ସାହାଯ୍ୟରେ ରାଜ୍ୟର ଶାସନ ବ୍ୟବସ୍ଥା କେନ୍ଦ୍ର ହାତକୁ ନେଇଯିବାର ସମ୍ଭାବନା ଥାଏ । ୧୯୫୯ ମସିହାରେ କେରଳରେ କମ୍ୟୁନିଷ୍ଟ ମନ୍ତ୍ରିପରିଷଦର ସଂଖ୍ୟା ଗରିଷ୍ଠତା ଥିବା ସତ୍ତ୍ୱେ ସେଠାରେ ଶାସନ ତାନ୍ତ୍ରିକ ଅଚଳାବସ୍ଥା ଘୋଷଣା କରି ରାଷ୍ଟ୍ରପତି ଶାସନ ପ୍ରବର୍ତ୍ତନ କରାଯାଇଥିଲା । ଏହିପରି ଆହୁରି ଅନେକ ଦୃଷ୍ଟାନ୍ତ ରହିଛି । ୧୯୫୪ ମସିହାରେ ଆନ୍ଧ୍ରରେ ଯେତେବେଳେ କଂଗ୍ରେସ ଦଳ ଓ ନିର୍ଦ୍ଦଳୀୟ ସଦସ୍ୟମାନଙ୍କୁ ନେଇ ଗଠିତ ମନ୍ତ୍ରିମଣ୍ଡଳ କମ୍ୟୁନିଷ୍ଟ ଓ ପ୍ରଜା ସୋସାଲିଷ୍ଟ ଦଳଙ୍କ ଦ୍ୱାରା ପରାଜିତ ହୁଏ, ରାଜ୍ୟପାଳ ବିରୋଧୀଦଳ ନେତାଙ୍କୁ ମନ୍ତ୍ରିମଣ୍ଡଳ ଗଢ଼ିବାପାଇଁ ଆହ୍ୱାନ ନ ଦେଇ ଶାସନତାନ୍ତ୍ରିକ ଅଚଳାବସ୍ଥା ଘୋଷଣା କରିବାପାଇଁ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇଥିଲେ । ଓଡ଼ିଶାରେ କେତେକ ସଦସ୍ୟ କଂଗ୍ରେସ ଦଳ ତ୍ୟାଗ କରି ବିରୋଧୀଦଳରେ ଯୋଗ ଦେବାରୁ ବିରୋଧୀଦଳ ନେତା ସଂଖ୍ୟାଗରିଷ୍ଠତା ଦାବୀ କରିଥିଲେ । ଅଥଚ ବିଧାନ ସଭାରେ ଶକ୍ତି ପରୀକ୍ଷା ନ କରି ରାଜ୍ୟପାଳ ରାଷ୍ଟ୍ରପତିଙ୍କୁ ଶାସନତାନ୍ତ୍ରିକ ଅଚଳାବସ୍ଥା ଘୋଷଣା କରିବାକୁ ରିପୋର୍ଟ ଦେଇଥିଲେ ବୋଲି ଅନେକ ମହଲରେ ସମାଲୋଚନା ପ୍ରକାଶ ପାଇଥିଲା ।

ଏସ୍‌: ଏଲ୍‌. ସିଂଘୀଙ୍କ ମତରେ ଯଦି କୌଣସି ଅଙ୍ଗରାଜ୍ୟ କେନ୍ଦ୍ରର ନିର୍ଦ୍ଦେଶନାକୁ ଅମାନ୍ୟ କରେ, ସେହିକ୍ଷେତ୍ରରେ ମଧ୍ୟ କେନ୍ଦ୍ରର ସୁପାରିଶ କ୍ରମେ ଉକ୍ତ ରାଜ୍ୟରେ ରାଷ୍ଟ୍ରପତି ଶାସନତାନ୍ତ୍ରିକ ଅଚଳାବସ୍ଥା ଘୋଷଣା କରିପାରନ୍ତି । ଏହି ସବୁ ଘଟଣା ତାଙ୍କ ମତରେ ନିତାନ୍ତ ଅସଙ୍ଗତ, ଅଯୌକ୍ତିକ ଏବଂ ଅପୂର୍ବ ମଧ୍ୟ ।

ଏହି ସବୁ କାରଣ ଦୃଷ୍ଟିରୁ ଅଙ୍ଗରାଜ୍ୟଗୁଡ଼ିକ କେନ୍ଦ୍ର ସରକାରଙ୍କ ଏଜେଣ୍ଟ ବା ପ୍ରତିନିଧି ଭଳି କାମ କରିବାକୁ ବାଧ୍ୟ ହୁଅନ୍ତି । କେନ୍ଦ୍ରନିୟନ୍ତ୍ରଣ ରାଜ୍ୟର ପ୍ରାୟ ସମସ୍ତକ୍ଷେତ୍ରରେ ବ୍ୟାପିଥାଏ । କେନ୍ଦ୍ରର ଏହିଭଳି ହସ୍ତକ୍ଷେପ ବାସ୍ତବପକ୍ଷେ ରାଜ୍ୟମାନଙ୍କର ସ୍ୱାତନ୍ତ୍ର୍ୟ ଏବଂ ସ୍ୱାୟତ୍ତଶାସନ କ୍ଷମତା ଉପରେ କୁଠାରଘାତ କରେ ବୋଲି ଅନେକେ ମତ ଦିଅନ୍ତି । ଶାସନତାନ୍ତ୍ରିକ ଅଚଳାବସ୍ଥା ଘୋଷଣାକୁ ପ୍ରକୃତ ଅଚଳାବସ୍ଥା ଦୂର କରିବାପାଇଁ ଔଷଧ ରୂପେ ବ୍ୟବହାର ନ କରାଯାଇ, କେନ୍ଦ୍ରସରକାର ଅର୍ଥାତ୍ କେନ୍ଦ୍ରର ଶାସକ ଦଳଙ୍କ ହାତରେ ଦୈନନ୍ଦିନ ଖାଦ୍ୟ ରୂପେ ବ୍ୟବହାର କରିବାର ଆଶଙ୍କା ଅନେକେ କରିଥାନ୍ତି ।

ତେଣୁ ୩୫୬ ଅନୁଚ୍ଛେଦକୁ ସଂବିଧାନର ଅନ୍ୟାନ୍ୟ ଅରାଷ୍ଟ୍ରସଂଘୀୟ ବୈଶିଷ୍ଟ୍ୟମାନଙ୍କ ଭିତରୁ ଗୋଟିଏ ବୋଲି ମତ ବ୍ୟକ୍ତ କରାଯାଏ ।

୩୫୬ ଅନୁଚ୍ଛେଦର ବ୍ୟବହାରକୁ ଅନେକ ସମାଲୋଚକ ଅଗଣତାନ୍ତ୍ରିକ ବୋଲି ବି କହନ୍ତି । ଏଥିଦ୍ୱାରା ରାଜ୍ୟଗୁଡ଼ିକରେ ଉତ୍ତମ ଶାସନ ପରିଚାଳନାପାଇଁ ପରିଶେଷରେ କେନ୍ଦ୍ର ଉପରେ ଦାୟିତ୍ୱ ନ୍ୟସ୍ତ କରାହୋଇଛି । ଗଣତନ୍ତ୍ରର ଅର୍ଥ ହେଉଛି ସ୍ୱାୟତ୍ତ ଶାସନ । ସରକାର ଭୁଲ କଲେ ଉକ୍ତରାଜ୍ୟ ଲୋକେ ଉପଯୁକ୍ତ ପଦକ୍ଷେପ ନେଇ ସରକାରକୁ ସୁଧାରି ପାରନ୍ତି । ଗଣତନ୍ତ୍ରରେ ଆତ୍ମସଂଶୋଧନ ହିଁ ଉତ୍କୃଷ୍ଟ ପନ୍ଥା । କିନ୍ତୁ, ୩୫୬ ଅନୁଚ୍ଛେଦ ଦ୍ୱାରା କେନ୍ଦ୍ରର ପିତୃବତ୍ (Paternal) ହସ୍ତକ୍ଷେପକୁ ଅନେକେ ସମାଲୋଚନା କରନ୍ତି । ବାହ୍ୟ ଅନୁଷ୍ଠାନଗୁଡ଼ିକର ରାଜ୍ୟର ଆଭ୍ୟନ୍ତରୀଣ ବ୍ୟାପାରରେ ଗଣତନ୍ତ୍ରରେ, ପ୍ରଶ୍ରୟ ପାଇବା ଉଚିତ ନୁହେଁ । ଏହି କାରଣ ପାଇଁ ରାଜ୍ୟପାଳଙ୍କୁ ବି ବାହ୍ୟ ଅନୁଷ୍ଠାନ ରୂପେ ନିଆଯାଇ-ପାରେ ଯେହେତୁ ସେ ରାଜ୍ୟବାସୀ ନୁହନ୍ତି କି ରାଜ୍ୟ ପ୍ରତିନିଧି ନୁହନ୍ତି । ରାଷ୍ଟ୍ରପତି, ଯାହାଙ୍କର ରାଜ୍ୟସହିତ କିଛି ସିଧାସଳଖ ସମ୍ପର୍କ ନ ଥାଏ, 'ଅନ୍ୟପ୍ରକାରେ' (even otherwise) ବାକ୍ୟାଂଶ ଦ୍ୱାରା ରାଜ୍ୟପାଳଙ୍କ ବିନା ରିପୋର୍ଟରେ ମଧ୍ୟ ସେ ରାଜ୍ୟରେ ଅଚଳାବସ୍ଥା ଘୋଷଣା କରିପାରନ୍ତି । ତାଛଡ଼ା ମୌଳିକ ଅଧିକାରର ଉଚ୍ଛେଦ ଏକପ୍ରକାର ଅଗଣତାନ୍ତ୍ରିକ ପଦକ୍ଷେପ ।

୩୫୬ ଅନୁଚ୍ଛେଦକୁ ଅଯୌକ୍ତିକ ବା ଅବାଞ୍ଛ ବି କୁହାଯାଇପାରେ । ରାଜ୍ୟର ଉତ୍ତମ ଶାସନପାଇଁ ପରିଶେଷରେ କେନ୍ଦ୍ରକୁ ଦାୟିତ୍ୱଶୀଳ ରଖାଯିବା ଫଳରେ, ରାଜ୍ୟ ସରକାର ନିଜକୁ ଦାୟିତ୍ୱହୀନ ମନେକରି ପାରନ୍ତି । ବାସ୍ତବରେ ଯାହାର କାନ୍ଧଉପରେ ଦାୟିତ୍ୱ ନ୍ୟସ୍ତ ରହେ ସେହିଁ ଦାୟିତ୍ୱଶୀଳଭାବେ କର୍ତ୍ତବ୍ୟ କରି ଚାଲେ । ତାପରେ ପୁଣି ପ୍ରଶାସନିକ କର୍ମଚାରୀଗଣ ( Civil Servants ) ସାଧାରଣ ଅବସ୍ଥାରେ ମନ୍ତ୍ରୀମାନଙ୍କ ଅଧୀନରେ କାମ କରନ୍ତି । ଅଥଚ ରାଷ୍ଟ୍ରପତି ଶାସନରେ ହଠାତ୍ ରାଜ୍ୟପାଳଙ୍କ ଅଧୀନକୁ ଆସିଯାନ୍ତି । ପୁଣି ସାଧାରଣ ଅବସ୍ଥା ଫେରିଆସିଲେ ସେମାନେ ମନ୍ତ୍ରୀମାନଙ୍କ ଅଧୀନକୁ ଆସିଥାନ୍ତି । ଏହା ଫଳରେ ସେମାନଙ୍କ ଆନୁଗତ୍ୟ ପ୍ରଭୁଭକ୍ତି ଏବଂ ନିରପେକ୍ଷତା ଦୁର୍ବଳ ହୋଇଯାଏ ।

୩୫୬ ଅନୁଚ୍ଛେଦ ଅପବ୍ୟବହୃତ ହେବାର ଯଥେଷ୍ଟ ସଂଭାବନା ରହିଛି । ଡଃ ଆମ୍ବେଦକର ନିଜେ ବିଭିନ୍ନ ପ୍ରକାରର ଅପବ୍ୟବହାରର କଳ୍ପନା କରିଥିଲେ । ଯେହେତୁ ସଂବିଧାନ ଅନୁସାରେ ରାଷ୍ଟ୍ରପତି ତୃପ୍ତ ହେଲେ ଯାଇ ରାଜ୍ୟରେ ଅଚଳାବସ୍ଥା ଘୋଷଣା କରିପାରିବେ, ସେଥିପାଇଁ କିଛି ନିର୍ଦ୍ଦିଷ୍ଟ କାରଣର ଆବଶ୍ୟକତା ନାହିଁ । ଭିନ୍ନ ଭିନ୍ନ ରାଷ୍ଟ୍ରପତି ସମାନ ପରିସ୍ଥିତିରେ ଭିନ୍ନଭାବେ ସନ୍ତୁଷ୍ଟ ହୋଇପାରନ୍ତି । ତା ଛଡ଼ା ''ଏହି ସଂବିଧାନର ବ୍ୟବସ୍ଥା ଅନୁଯାୟୀ'' ବାକ୍ୟାଂଶର ପ୍ରକୃତ ସଂଜ୍ଞା ନିରୂପଣ କରିବା କଷ୍ଟକର । ବିଭିନ୍ନ ଅର୍ଥ କରାଗଲେ ୩୫୬ ଅନୁଚ୍ଛେଦର ଅପବ୍ୟବହାର ହେବା ବାଟ ଫିଟିଯାଏ ।

ଇତିହାସରେ ପୁନଃ ପୁନଃ ପ୍ରମାଣିତ ହୋଇଛି ଯେ ଅପରର ବିନା ଇଚ୍ଛାରେ କେହି କାହାର ଉପରେ ଶାସନ ଚଳାଇ ପାରିବେ ନାହିଁ । ରାଜ୍ୟ ଉପରେ ଲାଦିଦେବାଭଳି କୌଣସି ପଦକ୍ଷେପ, ଉକ୍ତ ରାଜ୍ୟର ଲୋକଙ୍କ ଆନ୍ତର ଦୃଢ଼ ପ୍ରତିଜ୍ଞ କରିପାରେ । ଇତିହାସ ଆମ୍ଭର ଶିକ୍ଷା ଦେଇଛି ଯେ ଯେଉଁଠି ସାମ୍ବିଧାନିକ ପ୍ରଥାରେ ନିଜକୁ ବ୍ୟକ୍ତ କରିବାର ଅଧିକାର ଏବଂ ସୁବିଧାଭଳି ଆଇନ ସିଦ୍ଧ ସ୍ୱାର୍ଥକୁ ଅସ୍ୱୀକାର କରାଯାଏ, ସେଠି ଧ୍ୱଂସାତ୍ମକ କାର୍ଯ୍ୟକଳାପ ସୃଷ୍ଟି ହୁଏ, ବିଦ୍ରୋହ ଦେଖାଦିଏ ଏବଂ ଦେଶର ପ୍ରଗତି ପଛେଇଯାଏ ।

କିନ୍ତୁ ଶାସନତାନ୍ତ୍ରିକ ଅଚଳାବସ୍ଥା ଘୋଷଣା ସପକ୍ଷରେ ବି ମୁକ୍ତି ରହିଛି, କୁହାଯାଏ ଯେ ଆଇନ ଓ ଶୃଙ୍ଖଳାକୁ ବ୍ୟାପକ ଅରାଜକତା ହାତରୁ ବଞ୍ଚାଇବା ପାଇଁ ଏପରି କରାଯାଇଥାଏ ।

ଡଃ: ଆମ୍ବେଦକରଙ୍କ ମତରେ ଯେହେତୁ ଆମ୍ଭ ରାଷ୍ଟ୍ର ଏକ 'ନମନୀୟ ଯୁକ୍ତରାଷ୍ଟ୍ର' (flexible Federation), ୩୫୬ ଅନୁଚ୍ଛେଦ ପ୍ରୟୋଗ ଦ୍ୱାରା ଅଯୁକ୍ତରାଷ୍ଟ୍ରୀୟ ଲକ୍ଷଣ ଦେଖାଦେଲେ କୌଣସି ନୂତନ ତ୍ରୁଟି ସୃଷ୍ଟି ହୁଏନାହିଁ । ପୁଣି ସେ କହିଛନ୍ତି ଯେ ଉକ୍ତ ଅନୁଚ୍ଛେଦର ଅପବ୍ୟବହାର ହେବାର ସମ୍ଭାବନା ଥିଲେ ସୁଦ୍ଧା, ଯେହେତୁ ଏହି ଆପତ୍ତି ଅଭିଯୋଗ କେନ୍ଦ୍ର କର୍ତ୍ତୃକ ହେବାଦ୍ୱାରା, ଅଙ୍ଗରାଜ୍ୟ ଗୁଡ଼ିକର ପ୍ରତ୍ୟେକ ଭାଗରେ ପ୍ରୟୋଗ ହୋଇଥାଏ ଏହି ଆପତ୍ତି ଅଭିଯୋଗକୁ ଲୁଚେଇ ଦିଆଯାଇ ନ ପାରେ ।

୧୯୭୬ରେ ଆପଦକାଳୀନ ଜରୁରୀଅବସ୍ଥାବେଳେ କେତେଗୁଡ଼ିଏ ମୌଳିକ ଅଧିକାର ଉପରେ ଆଞ୍ଚ ଆସିଥିଲା । କିନ୍ତୁ ଆଜିଯାଏ କୌଣସି ରାଜ୍ୟରେ ଅଚଳାବସ୍ଥା ଘୋଷଣା କାଳରେ ମୌଳିକ ଅଧିକାରକୁ କ୍ଷୁଣ୍ଣ କରାଯାଇନାହିଁ । ଏହା ଏକ ଉତ୍ତମ ପୂର୍ବଗ (Precedent) ଭାବରେ ରହିଛି ।

ଏକ ଦେଶ, ଏକ ଜାତି, ଏକ ନାଗରିକତ୍ୱ । ସାମାଜିକ ନ୍ୟାୟ ଓ ସାମ୍ୟ ପ୍ରତିଷ୍ଠା କରିବାପାଇଁ ନୂତନ ସଂବିଧାନର ସୃଷ୍ଟି । କେତେକ ଅଙ୍ଗ ରାଜ୍ୟ ସଂବିଧାନର ଲିପି ଏବଂ ଭାବ (letter and spirit) ବିରୁଦ୍ଧରେ ଯିବା କିଛି ଅସମ୍ଭବ ନୁହେଁ । ରାଜ୍ୟଗୁଡ଼ିକର ଏହି ମନୋବୃତ୍ତିର ବିଦ୍ରୋହ କରିବାପାଇଁ ସଂବିଧାନରେ ୩୫୬ ଅନୁଚ୍ଛେଦ ବ୍ୟତୀତ ଅନ୍ୟ କିଛି ବ୍ୟବସ୍ଥା ନାହିଁ ।

## ଆର୍ଥିକ ସଂକଟାବସ୍ଥାର ଘୋଷଣା—

୩୬୦ ଅନୁଚ୍ଛେଦ ସଂବିଧାନ ପ୍ରଣେତାଗଣଙ୍କ ଏକ ପଶ୍ଚାତ୍ ଚିନ୍ତା । ସେମାନଙ୍କ ଦ୍ୱାରା ଏହା ଅତିଶୀଘ୍ର କଳ୍ପନା କରାଯାଇଥିଲା, ଅତି ଶୀଘ୍ର ହୃଦୟଙ୍ଗମ କରାଯାଇଥିଲା, ଅତିଶୀଘ୍ର ଚିଠା ପ୍ରସ୍ତୁତ କରାଯାଇଥିଲା ଏବଂ ଅତିଶୀଘ୍ର ଏହାକୁ ଅନୁମୋଦନ କରାଯାଇଥିଲା ।

ସମାଲୋଚକଙ୍କ ମତରେ ୩୫୬ ଅନୁଚ୍ଛେଦ ଯଦି ଏକ ଅନବସ୍ଥିତ ପରିସ୍ଥିତିରେ ଅନୁମୋଦିତ ହୋଇଥିଲା, ୩୬୦ ଅନୁଚ୍ଛେଦ ନିଜର ଦାୟିତ୍ୱକୁ ଭ୍ରୂକ୍ଷେପ ନକରି ସଂବିଧାନ ପ୍ରଣେତାଗଣ ଅନୁମୋଦନ କରିଥିଲେ ।

ଆର୍ଥିକ ସଂକଟାବସ୍ଥାର ଘୋଷଣା ବିଷୟ ୩୬୦ ଅନୁଚ୍ଛେଦରେ ଉଲ୍ଲେଖ କରାଯାଇଛି । ଯଦି ରାଷ୍ଟ୍ରପତିଙ୍କର ପ୍ରତୀତ ହୁଏ ଯେ ଏପରି ଅବସ୍ଥା ଉଦ୍ଭବ ହୋଇଛି ଯାହାଫଳରେ ଭାରତ କିମ୍ବା ଭାରତର କୌଣସି ଅଂଶର ଆର୍ଥିକ ସ୍ଥାୟିତ୍ୱ ବିପନ୍ନ ହୋଇଛି, ତେବେ ସେ ଏହି ମର୍ମରେ ଘୋଷଣା କରିପାରନ୍ତି । ଏହି ଘୋଷଣାକୁ ପାର୍ଲାମେଣ୍ଟର ପ୍ରତ୍ୟେକ ପରିଷଦ ସମକ୍ଷରେ ଉପସ୍ଥାପିତ କରିବାକୁ ହୁଏ । ଘୋଷଣାର ସାଧାରଣ କାର୍ଯ୍ୟକାଳ ହେଲା ଦୁଇମାସ । କିନ୍ତୁ ପାର୍ଲାମେଣ୍ଟର ଉଭୟ ପରିଷଦ ଯଦି ପ୍ରସ୍ତାବ ଗ୍ରହଣ କରି ଏହାକୁ ଅନୁମୋଦନ କରନ୍ତି ତେବେ ଏହା ଅନିର୍ଦ୍ଦିଷ୍ଟକାଳ ପାଇଁ ଚାଲୁ ରହେ ଯେତେପର୍ଯ୍ୟନ୍ତ ରାଷ୍ଟ୍ରପତି ଏହାକୁ ପ୍ରତ୍ୟାହାର କରିନାହାନ୍ତି । ଆର୍ଥିକ ସଂକଟାବସ୍ଥାର ଘୋଷଣା ବଳବତ୍ତର ଥିବା ସମୟରେ କେନ୍ଦ୍ରୀୟ ସରକାର ଆର୍ଥିକ ସମୀଚୀନତାର ଯେଉଁସବୁ ନୀତି ସ୍ଥିର କରେ ତାହା ପାଳନପାଇଁ ଏହା ଯେ କୌଣସି ରାଜ୍ୟକୁ ନିର୍ଦ୍ଦେଶ ଦେଇପାରେ । ଏହା ବ୍ୟତୀତ ରାଜ୍ୟ ବିଧାନସଭାଦ୍ୱାରା ସ୍ୱୀକୃତ ସବୁ ଅର୍ଥବିଲ ରାଷ୍ଟ୍ରପତିଙ୍କ ବିବେଚନା ପାଇଁ ସଂରକ୍ଷିତ ହେବାପାଇଁ ନିର୍ଦ୍ଦେଶ ରାଷ୍ଟ୍ରପତି ଦେଇପାରନ୍ତି । ଉକ୍ତ ବ୍ୟବସ୍ଥା ଜାରି ସମୟରେ ରାଷ୍ଟ୍ରପତି ନିର୍ଦ୍ଦେଶ ପୂର୍ବକ ଯେ କୌଣସି ଶ୍ରେଣୀ ସରକାରୀ କର୍ମଚାରୀଙ୍କ ଦରମା ଓ ଭତ୍ତାର ପରିମାଣ ହ୍ରାସ କରାଯାଇପାରେ । ଏପରିକି ସୁପ୍ରିମକୋର୍ଟ ତଥା ହାଇକୋର୍ଟର ବିଚାରପତିଙ୍କ ଦରମା ମଧ୍ୟ ହ୍ରାସ କରାଯାଇପାରେ । ଏହି ଆର୍ଥିକ ସଙ୍କଟାବସ୍ଥା ଘୋଷଣା କ୍ଷମତା ମାର୍କିନ ଯୁକ୍ତରାଷ୍ଟ୍ରର ଜାତୀୟ ଶିଳ୍ପ-ସଂରକ୍ଷଣ ଆଇନ ( ଏନ.ଆଇ. ଆର.ଏ. [ନିରା] ୧୯୩୩ ) (National Industrial Recovery Act [NIRA] 1933)ଅନୁକରଣରେ ବିଧିବଦ୍ଧ କରାଯାଇଛି । ବିଗତ ଦ୍ୱିତୀୟ ଦଶନ୍ଧିର ମାନ୍ଦା ବଜାର ସମୟରେ ମାର୍କିନ ଯୁକ୍ତରାଷ୍ଟ୍ର ଯେତେବେଳେ ଆର୍ଥିକ ସଙ୍କଟରେ ପଡ଼ିଥିଲା ସେତେବେଳେ ଏହାର ପ୍ରତିବିଧାନମୂଳକ ବ୍ୟବସ୍ଥା ହିସାବରେ ମାର୍କିନ ରାଷ୍ଟ୍ରପତିଙ୍କୁ ଉକ୍ତ ଆଇନଦ୍ୱାରା ଅର୍ଥସଂବନ୍ଧୀୟ ବ୍ୟାପକ କ୍ଷମତା ପ୍ରଦାନ କରାଯାଇଥିଲା । ଭାରତବର୍ଷରେ ମଧ୍ୟ ଅନୁରୂପ ସଙ୍କଟ କବଳରେ ପଡ଼ିବାର ସମ୍ଭାବନା ରହିଛି ବୋଲି ଆଶଙ୍କାକରି ଆର୍ଥିକ ସଂକଟାବସ୍ଥାର ଘୋଷଣା କ୍ଷମତା ସମ୍ବିଧାନଭୁକ୍ତ କରାଯାଇଛି । କିନ୍ତୁ ମାର୍କିନ ଯୁକ୍ତରାଷ୍ଟ୍ରର ଆଇନ ଏବଂ ଭାରତୀୟ ସମ୍ବିଧାନର ଆର୍ଥିକ ସଂକଟାବସ୍ଥା ସଂକ୍ରାନ୍ତ ବ୍ୟବସ୍ଥା ସମାନ ନୁହେଁ ବୋଲି ଅନେକେ ମତବ୍ୟକ୍ତ କରନ୍ତି କାରଣ ୟୁନିୟନ ତାଲିକା ଏବଂ ଅନ୍ୟାନ୍ୟ ବିଷୟ ସଂପର୍କରେ କେନ୍ଦ୍ର ହସ୍ତରେ ଯେଉଁ ବ୍ୟାପକ କ୍ଷମତା ନ୍ୟସ୍ତ କରାଯାଇଛି ତାହା ମାଧ୍ୟମରେ ଆମର କେନ୍ଦ୍ରୀୟ ସରକାର ଉକ୍ତ ମାର୍କିନଦେଶର ଆଇନ ଉଦ୍ଦେଶ୍ୟ ସାଧନ କରିବାକୁ ସମର୍ଥ ।

ଆର୍ଥିକ ସଂକଟାବସ୍ଥା ଘୋଷଣାର ସମ୍ବିଧାନରେ ପ୍ରବେଶକରଣକୁ ଉଭୟେ କୁଞ୍ଜରୁ ଏବଂ କାମଥ ବିରୋଧ କରିଥିଲେ । ସେମାନଙ୍କ ଧାରଣା ଥିଲା ଯେ ସେହି ଘୋଷଣାକାଳ

ଭିତରେ କେନ୍ଦ୍ର ଅଙ୍ଗରାଜ୍ୟଙ୍କୁ 'ଏହା କରିବାକୁ ହେବ ତାହା କରିବାକୁ ହେବନାହିଁ' ଭଳିଆ ନିର୍ଦ୍ଦେଶନା ଦେଇପାରେ କିମ୍ବା ସେମାନଙ୍କୁ ତାଙ୍କର ବଜେଟକୁ ପୁନର୍ବାର ସଜାଡ଼ିବାପାଇଁ କହିପାରେ । ଯେତେବେଳେ କେନ୍ଦ୍ର କିମ୍ବା କୌଣସି ଅଙ୍ଗରାଜ୍ୟ ପରସ୍ପର ଅମତ ହୁଅନ୍ତି, ତେବେ ରାଜ୍ୟକ୍ଷେତ୍ରରେ ହସ୍ତକ୍ଷେପ କରିବାପାଇଁ କେନ୍ଦ୍ରକୁ ଅଧିକାର ଦିଆଯାଇଛି । ଏହି କ୍ଷେତ୍ରରେ ବି ରାଜ୍ୟ ସ୍ୱତନ୍ତ୍ର୍ୟକୁ ବିପର୍ଯ୍ୟସ୍ତ କରାହୋଇଛି ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି ।

ଯେତେବେଳେ ରାଷ୍ଟ୍ରପତିଙ୍କ ପ୍ରତୀତି ହୁଏ, ସେତେବେଳେ ସେ ଆର୍ଥିକ ସଙ୍କଟାବସ୍ଥାର ଘୋଷଣା କରିପାରନ୍ତି । ତାହା ପାର୍ଲାମେଣ୍ଟର ଅନୁମୋଦନ ଦରକାର କରେ । ଏହି କ୍ଷେତ୍ରରେ ମଧ୍ୟ ଅଦାଲତର କିଛି ଭୂମିକା ନାହିଁ । ତେଣୁ ଉକ୍ତ ଘୋଷଣା ଏକ ରାଜନୈତିକ ଅଭିସନ୍ଧି ହେବାର ବି ସମ୍ଭାବନା ରହିଛି । ୩୫୨ ଓ ୩୫୬ ଅନୁଚ୍ଛେଦମାନଙ୍କଦ୍ୱାରା ଘୋଷିତ ଜରୁରି ଅବସ୍ଥା ଅଳ୍ପ ବହୁତେ ତଥ୍ୟ ସମ୍ବଳିତ ହୋଇଥାଏ, କିନ୍ତୁ ଆର୍ଥିକ ସଂକଟାବସ୍ଥାର ଘୋଷଣା କେବଳ ମତ ଉପରେ ନିର୍ଭର କରେ--ମତ ହେଉଛି କୌଣସି ରାଜ୍ୟ ସୁସ୍ଥ ଅର୍ଥନୈତିକ ନୀତି ଅବଲମ୍ବନ କରୁଛି କି ନାହିଁ । ପୁଣି ଅର୍ଥନୈତିକ ଅବନତି ବିରୁଦ୍ଧରେ ଲଢ଼ିବା ପାଇଁ ସବୁବେଳେ ଦୁଇମତ ଦେଖାଦେଇ ପାରେ । କିନ୍ତୁ ୩୫୭ ଏବଂ ୩୬୦ ଅନୁଚ୍ଛେଦଦ୍ୱାରା କେନ୍ଦ୍ର ରାଜ୍ୟମାନଙ୍କୁ ତାର ନିର୍ଦ୍ଦେଶନା ମାନିବାପାଇଁ ବାଧ୍ୟ କରିପାରେ । ଅର୍ଥସଂକ୍ରାନ୍ତୀୟ ବିଷୟବସ୍ତୁର ଦାୟିତ୍ୱ କେନ୍ଦ୍ରକୁ ହସ୍ତାନ୍ତର କରିବା ଫଳରେ ରାଜ୍ୟସରକାର ଦାୟିତ୍ୱହୀନ ହେବାର ବି ସମ୍ଭାବନା ରହିଥାଏ ।

ଡଃ.କେ.ଭି. ରାଓଙ୍କ ମତରେ ଆର୍ଥିକ ସଂକଟାବସ୍ଥା ଘୋଷଣା ଦେଶ ଭିତରେ ଏବଂ ଦେଶ ବାହାରେ ଲୋକମାନଙ୍କ ଉପରେ ମନସ୍ତାତ୍ତ୍ୱିକ ( Psychological ) ପ୍ରଭାବ ପକାଇପାରେ । ଏହା ଫଳରେ ପୂର୍ବାବସ୍ଥାକୁ ଆନୟନ କରିବାର ଆସ୍ଥା ସ୍ଥାପନ କରିବା ଦୂରର କଥା, ଘୋଷଣା ଆମର ମୂଲ୍ୟ ଏବଂ ସମ୍ମାନକୁ ତଳେ ପକାଇ ଆତଙ୍କ ସୃଷ୍ଟିକରି ସଂକଟାବସ୍ଥାକୁ ଅଧିକତର କରିପାରେ ।

କୁଞ୍ଜ୍‌ରୁ ଏବଂ କାମଥଙ୍କ ଦ୍ୱାରା ହୋଇଥିବା ସମାଲୋଚନାର ଉତ୍ତର ଦେବାକୁ ଯାଇ ଡ: ଆମ୍ବେଦକର ଉପରେ ବର୍ଣ୍ଣିତ ମାର୍କିନ ଯୁକ୍ତରାଷ୍ଟ୍ରର ଜାତୀୟ ଶିଳ୍ପ ସଙ୍କଟତ୍ରାଣ ଆଇନ ( ନିରା ବା ଏନ୍.ଆଇ.ଆର.ଏ. NIRA ) ବିଷୟ ଉଲ୍ଲେଖ କରିଥିଲେ । କିନ୍ତୁ ଆମେ ବୁଝାଇ ଦେଇଛୁ ଯେ ରୁଜ୍‌ଭେଲ୍‌ଟ ପ୍ରଶାସନରେ ଅନ୍ତର୍ଗତ ଉକ୍ତ ଆଇନର ଲକ୍ଷ୍ୟ ସାଧାରଣ ସମୟରେ କେନ୍ଦ୍ର ତାଲିକା, ଯୁଗ୍ମ ତାଲିକା, ସପ୍ତମ ନିର୍ଘଣ୍ଟ ( Schedule ) ଏବଂ ୨୪୯ ଅନୁଚ୍ଛେଦ ଦ୍ୱାରା ହାସଲ କରାଯାଇପାରେ । ତେଣୁ ଡ: ଆମ୍ବେଦକର ମଧ୍ୟ ଆର୍ଥିକ ସଂକଟାବସ୍ଥାର ଘୋଷଣାର ପ୍ରୟୋଜନୀୟତା ବିଷୟରେ ସନ୍ତୋଷଜନକ ଯୁକ୍ତି ଦେଖାଇ ପାରିନାହାନ୍ତି । କେ. ଏମ. ମୁନସିଙ୍କ ଭାଷାରେ ଯେହେତୁ ଦେଶର ଅର୍ଥନୈତିକ ଆକୃତି ଏକ ଏବଂ ଅବିଭକ୍ତ, ଏହି ଚରମ ତଥ୍ୟ ଉପରେ ଭିତ୍ତିକରି କେନ୍ଦ୍ର ଆର୍ଥିକ

ସଙ୍କଟାବସ୍ଥାର ଘୋଷଣା କାଳରେ ରାଜ୍ୟମାନଙ୍କ ଉପଯୁକ୍ତ ଅର୍ଥସମ୍ବନ୍ଧୀୟ ନିର୍ଦ୍ଦେଶନା ଦେଇପାରେ । ୧୯୫୦ ମସିହାରୁ ନୂତନ ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲେ ହେଁ ଆଜିପର୍ଯ୍ୟନ୍ତ ଏହା ପରିସ୍ଥିତି ଭାରତରେ ଜାରି ହୋଇନାହିଁ ।

## ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦା

**( Position of the President. )**

ଭାରତୀୟ ସମ୍ବିଧାନ ବ୍ରିଟେନ୍‌ର ସଂସଦୀୟ ଶାସନ ବ୍ୟବସ୍ଥାର ଅନୁକରଣ କରିଅଛି । ଭାରତରେ ମାର୍କିନ୍ ଯୁକ୍ତରାଷ୍ଟ୍ରପରି ରାଷ୍ଟ୍ରପତୀୟ ଶାସନ ପ୍ରତିଷ୍ଠିତ ହୋଇନାହିଁ । ତେଣୁ ଇଂଲଣ୍ଡର ରାଣୀ ଏବଂ ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତିଙ୍କ ସହିତ ତୁଳନାତ୍ମକ ଭାବେ ଭାରତୀୟ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦା ଆଲୋଚନା କରିବା ଏକାନ୍ତ ଆବଶ୍ୟକ ।

ବ୍ରିଟେନ୍‌ରେ ସଂସଦୀୟ ଶାସନ ବ୍ୟବସ୍ଥାର କେତେଗୁଡ଼ିଏ ବୈଶିଷ୍ଟ୍ୟ ରହିଛି : ଶାସନ ବିଭାଗ ଓ ବ୍ୟବସ୍ଥା ବିଭାଗ ଭିତରେ ନିବିଡ଼ ସଂପର୍କ ରହିଥାଏ; ମନ୍ତ୍ରୀମାନେ ସମରାଷ୍ଟ୍ରନୀତିକ ଦୃଷ୍ଟିସମ୍ପନ୍ନ ହୁଅନ୍ତି; କ୍ୟାବିନେଟ୍ ସଦସ୍ୟଗଣ କମନ୍ ସଭା ନିକଟରେ ( House of Commons ) ଯୌଥ ଭାବରେ ଦାୟୀ ରହନ୍ତି; ରାଜା ବା ରାଣୀଙ୍କୁ ରାଷ୍ଟ୍ରନୈତିକ ଦାୟିତ୍ୱ ବହନ କରିବାକୁ ପଡ଼େନାହିଁ । କାରଣ ଦାୟିତ୍ୱ ଭାର ନ୍ୟସ୍ତଥାଏ ମନ୍ତ୍ରୀମାନଙ୍କ ଉପରେ ; କ୍ୟାବିନେଟ୍‌ରେ ପ୍ରଧାନମନ୍ତ୍ରୀ ନେତୃତ୍ୱ ଦିଅନ୍ତି ଓ ପ୍ରାଧାନ୍ୟ ଭୋଗ କରନ୍ତି । ସୁତରାଂ ଦେଖାଯାଏ ଯେ କମନ୍‌ସ ସଭା ନିକଟରେ ଯୌଥ ଭାବରେ ଦାୟୀ ମନ୍ତ୍ରୀମାନେହିଁ ଇଂଲଣ୍ଡର ପ୍ରକୃତ ଶାସକ । ରାଜା ବା ରାଣୀ ହେଲେ କାର୍ଯ୍ୟପାଳିକା ଶକ୍ତିର ଆଧାର ।

ଆଇନ ପ୍ରଣୟନ, ଶାସନକାର୍ଯ୍ୟ ପରିଚାଳନା, ସମ୍ମାନ ବିତରଣ, ନ୍ୟାୟ ବିଚାର, ଧର୍ମୀୟ ବ୍ୟାପାର, ଯୁଦ୍ଧ ଘୋଷଣା, ସନ୍ଧି ସ୍ଥାପନ, କ୍ଷମା ପ୍ରଦର୍ଶନ, ପାର୍ଲାମେଣ୍ଟ ଆହ୍ୱାନ ଓ ଭଙ୍ଗ, ମନ୍ତ୍ରୀମାନଙ୍କର ନିଯୋଗ ଇତ୍ୟାଦି ସମ୍ପର୍କରେ ପ୍ରଭୂତ କ୍ଷମତା ଆଇନଗତ ଭାବେ ରାଜା ବା ରାଣୀଙ୍କ ହାତରେ ନ୍ୟସ୍ତ ରହିଛି । କିନ୍ତୁ କାର୍ଯ୍ୟକ୍ଷେତ୍ରରେ ସ୍ୱାଭାବିକ ଅବସ୍ଥାରେ ପ୍ରାୟ ମନ୍ତ୍ରୀମାନେ ସମସ୍ତ କ୍ଷମତା ପ୍ରୟୋଗ କରନ୍ତି । ଇଂଲଣ୍ଡରେ ରାଜଶକ୍ତି ହେଲା "କାର୍ଯ୍ୟର ସୁବିଧାପାଇଁ ଏକ କଳ୍ପନା" ( a Convenient working Hypothesis ) ମାତ୍ର । ରାଜା ବା ରାଣୀ ଆନୁଷ୍ଠାନିକ ଭାବେ ରାଷ୍ଟ୍ରମୁଖ୍ୟ କିନ୍ତୁ ସରକାର ପ୍ରଧାନ ( Head of the Government ) ନୁହନ୍ତି । ସେ କେବଳ ଜାତିର ପ୍ରତୀକ କିନ୍ତୁ ଜାତିର ଶାସକ ନୁହନ୍ତି । ତାଙ୍କର ପଦମର୍ଯ୍ୟାଦା ଅଛି କିନ୍ତୁ କର୍ତ୍ତୃତ୍ୱ ନାହିଁ ।

ମାର୍କିନ୍ ଯୁକ୍ତରାଷ୍ଟ୍ରରେ ରାଷ୍ଟ୍ରପତୀୟ ଶାସନ ବ୍ୟବସ୍ଥାର ମଧ୍ୟ କେତେଗୁଡ଼ିଏ ବୈଶିଷ୍ଟ୍ୟ ରହିଛି । ମାର୍କିନ୍ ଯୁକ୍ତରାଷ୍ଟ୍ରର କ୍ଷମତା ପୃଥକୀକରଣ ନୀତିର ପ୍ରୟୋଗ ଫଳରେ ଶାସନ ବିଭାଗରୁ ବ୍ୟବସ୍ଥା ବିଭାଗକୁ ଯଥାସମ୍ଭବ ପୃଥକ୍ କରିବାର ବନ୍ଦୋବସ୍ତ ରହିଛି । ଶାସନ

ବିଭାଗର ସକଳ କ୍ଷମତା ଚୂଡ଼ାନ୍ତଭାବେ ପାଞ୍ଚବର୍ଷପାଇଁ ନିର୍ବାଚିତ ଜଣେ ରାଷ୍ଟ୍ରପତିଙ୍କ ହାତରେ ସମ୍ବିଧାନ ନ୍ୟସ୍ତ କରିଛି । ସମ୍ବିଧାନ ରାଷ୍ଟ୍ରପତିଙ୍କର ଦ୍ୱୈତ ଭୂମିକାର ବ୍ୟବସ୍ଥା କରିଅଛି । ସେ ଏକ ଦିଗରେ ଆନୁଷ୍ଠାନିକ ଭାବରେ ସମଗ୍ର ଜାତିର ଏବଂ ରାଷ୍ଟ୍ରର ମୁଖ୍ୟ ଏବଂ ଅପର ଦିଗରେ ଶାସନ ବିଭାଗର ପ୍ରକୃତ କର୍ତ୍ତା । ଯୁକ୍ତରାଷ୍ଟ୍ର ଆମେରିକାର ମନ୍ତ୍ରୀପରିଷଦ ରାଷ୍ଟ୍ରପତିଙ୍କ ଅଧୀନସ୍ଥ କର୍ମଚାରୀ ମାତ୍ର, ତାଙ୍କର ସହକର୍ମୀ ନୁହନ୍ତି । ସେମାନେ ଆଇନ ସଭାର ସଦସ୍ୟ ନୁହନ୍ତି କି ଆଇନ ସଭା ନିକଟରେ ଦାୟୀ ରହନ୍ତି ନାହିଁ । ସେମାନଙ୍କ ପରାମର୍ଶ ଗ୍ରହଣ କରିବା, ନ କରିବା ରାଷ୍ଟ୍ରପତିଙ୍କ ଇଚ୍ଛା ଉପରେ ନିର୍ଭର କରେ । ରାଷ୍ଟ୍ରପତିଙ୍କ ନିର୍ଦ୍ଦିଷ୍ଟ ମିଆଦ ମଧ୍ୟରେ ରାଷ୍ଟ୍ରଦ୍ରୋହ, ଦୁର୍ନୀତି ମୂଳକ କାର୍ଯ୍ୟ ପ୍ରଭୃତି ଦୋଷରେ ଅଭିଯୁକ୍ତ ହେବା ଛଡ଼ା ଅନ୍ୟ କୌଣସି ଉପାୟରେ ତାଙ୍କୁ ପଦଚ୍ୟୁତ କରାଯାଇପାରିବ ନାହିଁ । ସେ 'ନାମ ମାତ୍ର ଶାସକ' ନୁହନ୍ତି । ସେ ପ୍ରକୃତ କ୍ଷମତାର ଅଧିକାରୀ । ତାଙ୍କର ପଦମର୍ଯ୍ୟାଦା ରହିଛି । ସେ ଜାତିର ପ୍ରତୀକ ଏବଂ ଜାତିକୁ ବି ଶାସନ କରନ୍ତି ।

ଭାରତୀୟ ସମ୍ବିଧାନ ବ୍ରିଟେନ୍‌ର ସଂସଦୀୟ ବ୍ୟବସ୍ଥାର ଅନୁକରଣ କରିଥିବା ହେତୁ, ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦାର, ଅନେକାଂଶରେ ଇଂଲଣ୍ଡ ରାଣୀଙ୍କ ପଦମର୍ଯ୍ୟାଦା ସହିତ ସାଦୃଶ୍ୟ ଥିଲେ ସୁଦ୍ଧା କେତେଗୁଡ଼ିଏ ବିଷୟରେ ମାର୍କିନ ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତିଙ୍କ ମର୍ଯ୍ୟାଦା ସହ ଭାରତର ରାଷ୍ଟ୍ରପତିଙ୍କ ମର୍ଯ୍ୟାଦାର ସାଦୃଶ୍ୟ ରହିଛି । ମାର୍କିନ ଯୁକ୍ତରାଷ୍ଟ୍ର ପରି ଭାରତରେ ମଧ୍ୟ ଶାସନ ବିଭାଗର ଶୀର୍ଷରେ ଅବସ୍ଥିତ ପଦାଧିକାରୀଙ୍କୁ ରାଷ୍ଟ୍ରପତି ଆଖ୍ୟା ଦିଆଯାଇଛି । ଉଭୟ ରାଷ୍ଟ୍ରର 'ନିର୍ବାଚକ ମଣ୍ଡଳୀ' (Electoral college) ଭିନ୍ନ ଭାବରେ ଗଠିତ ହୋଇଥିଲେ ସୁଦ୍ଧା, ଉଭୟ ରାଷ୍ଟ୍ରପତି, ନିର୍ବାଚିତ ମୁଖ୍ୟ ଏବଂ 'ନିର୍ବାଚକ ମଣ୍ଡଳୀ' ଦ୍ୱାରା ନିର୍ବାଚିତ ହୁଅନ୍ତି । ମାର୍କିନ ଯୁକ୍ତରାଷ୍ଟ୍ରରେ ଯେମିତି ମହାଭିଯୋଗ (Impeachment ) ପଦ୍ଧତି ଛଡ଼ା ଅନ୍ୟ କୌଣସି ପଦ୍ଧତି ଦ୍ୱାରା ରାଷ୍ଟ୍ରପତିଙ୍କୁ ପଦଚ୍ୟୁତ କରାଯାଇପାରେନା, ଠିକ୍ ସେହିପରି ଭାରତବର୍ଷରେ ମଧ୍ୟ ମହାଭିଯୋଗ ଛଡ଼ା ଅନ୍ୟ କୌଣସି ପଦ୍ଧତି ଦ୍ୱାରା ରାଷ୍ଟ୍ରପତିଙ୍କୁ ପଦଚ୍ୟୁତ କରାଯାଇପାରିବ ନାହିଁ । ମାର୍କିନ ଯୁକ୍ତରାଷ୍ଟ୍ର ସମ୍ବିଧାନରେ ଯେପରି କୁହାଯାଇଛି ଯେ ଶାସନ କ୍ଷମତା ମାର୍କିନ ଯୁକ୍ତରାଷ୍ଟ୍ରର ରାଷ୍ଟ୍ରପତି ହସ୍ତରେ ନ୍ୟସ୍ତ ରହିବ, ପ୍ରକୃତ ପକ୍ଷରେ ଶାସନ କ୍ଷମତା ମନ୍ତ୍ରୀପରିଷଦ ଉପଭୋଗ କରୁଥିଲେ ସୁଦ୍ଧା ଭାରତୀୟ ସଂବିଧାନରେ ଠିକ୍ ସେହିପରି କୁହାଯାଇଛି ଯେ ଇଉନିୟନର ଶାସନ କ୍ଷମତା ରାଷ୍ଟ୍ରପତି ହସ୍ତରେ ନ୍ୟସ୍ତ ରହିବ । ଭାରତର ରାଷ୍ଟ୍ରପତିଙ୍କ ପରି ମାର୍କିନ ଯୁକ୍ତରାଷ୍ଟ୍ର ରାଷ୍ଟ୍ରପତିଙ୍କର ପରାମର୍ଶ ପାଇଁ ମନ୍ତ୍ରୀପରିଷଦ ଅଛନ୍ତି । ଏହି ରୂପ ସାଦୃଶ୍ୟକୁ ଅନୁଧ୍ୟାନ କରି ଆମେ ଏକ ସିଦ୍ଧାନ୍ତରେ ଉପନୀତ ହେଉ ଯେ ଭାରତର ରାଷ୍ଟ୍ରପତି ଓ ମାର୍କିନ ଯୁକ୍ତରାଷ୍ଟ୍ର ରାଷ୍ଟ୍ରପତିଙ୍କର ପଦମର୍ଯ୍ୟାଦାର ସାମଞ୍ଜସ୍ୟ ରହିଛି ।

କିନ୍ତୁ ଉଭୟ ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦା ସର୍ବତୋଭାବେ ତୁଳନୀୟ ମନେକଲେ ଆମର ଭ୍ରମ ହେବ । ଆମର ସଂବିଧାନ ସଂପୂର୍ଣ୍ଣ ଭାବେ ଏକ ସଂସଦୀୟ ସଂବିଧାନ । ସଂବିଧାନ ପ୍ରଣେତାଗଣ ସ୍ପଷ୍ଟୀକରଣ କରିଛନ୍ତି ଯେ ଭାରତର ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦା

ଠିକ୍ ଇଂଲଣ୍ଡର ରାଜା ବା ରାଣୀଙ୍କ ପଦମର୍ଯ୍ୟାଦା ସଦୃଶ । ଭାରତର ରାଷ୍ଟ୍ରପତି ପାରମ୍ପାରିକ ମୁଖ୍ୟ ନ ହୋଇ ନିର୍ଦ୍ଦିଷ୍ଟ କାଳପାଇଁ ନିର୍ବାଚିତ ହେଉଥିଲେ ମଧ୍ୟ ସେ କେବଳ ଜଣେ ସାମ୍ବିଧାନିକ ବା ଅନୁଷ୍ଠାନିକ ମୁଖ୍ୟ । ସେ ସରକାର ବା ଶାସନ ମୁଖ୍ୟ ନୁହନ୍ତି । ସେ କେବଳ ଇଂଲଣ୍ଡର ରାଣୀଙ୍କ ପରି ଜାତିର ମୁଖ୍ୟ, ଜାତିର ଶାସକ ନୁହନ୍ତି । ପଣ୍ଡିତ ଜବାହାରଲାଲ ନେହେରୁ ସ୍ପଷ୍ଟ ଭାବରେ ଘୋଷଣା କରିଥିଲେ ଯେ ରାଜନୈତିକ ଏବଂ ସାଂବିଧାନିକ କ୍ଷେତ୍ରରେ ଭାରତର ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦା ଇଂଲଣ୍ଡର ରାଣୀଙ୍କ ପଦମର୍ଯ୍ୟାଦା ସହିତ ସମାନ ।

ରାଷ୍ଟ୍ରପତି ରାଷ୍ଟ୍ରର ଉଚ୍ଚତମ ମର୍ଯ୍ୟାଦା ସଂପନ୍ନ ବ୍ୟକ୍ତି ହେବା ସଙ୍ଗେ ସଙ୍ଗେ ଜାତି ଏବଂ ଜାତୀୟ ଐକ୍ୟର ପ୍ରକୃତ ପ୍ରତୀକ ଅଟନ୍ତି । ରାଷ୍ଟ୍ରପତି ଦଳୀୟ ରାଜନୀତିରୁ ଦୂରରେ ରହିଲେ ଭାରତୀୟ ଜନସାଧାରଣଙ୍କ ମଧ୍ୟରେ ଐକ୍ୟ ପ୍ରତିଷ୍ଠା ଦିଗରେ ଏକ ଦୃଢ଼ ଏବଂ ଚିରନ୍ତନ ଶକ୍ତି ହୋଇପାରିବେ । ରାଷ୍ଟ୍ରପତିଙ୍କୁ ସ୍ୱଦେଶଭକ୍ତି ଏବଂ ସ୍ୱଦେଶାନୁରାଗର ଏକ ସମ୍ମିଳିତ ଉତ୍ସ ବୋଲି କୁହାଯାଏ । ସେ ସରକାରଙ୍କ ଅବିଚ୍ଛିନ୍ନତା (continuity) ବଜାୟ ରଖନ୍ତି । ଉପସ୍ଥିତ ସରକାରଙ୍କ ପତନ ଏବଂ ନୂତନ ସରକାର ଗଠନ ମଧ୍ୟରେ ରହିଥିବା ବ୍ୟବଧାନରେ ସେ ଶାସନ ବିଭାଗୀୟ ସମସ୍ତ କ୍ଷମତାର ଅଧିକାରୀ ହୁଅନ୍ତି ।

ରାଷ୍ଟ୍ରପତି ଜାତୀୟ ଗୌରବର ନିର୍ଝର ଅଟନ୍ତି । କଳା, ବିଜ୍ଞାନ, ସାହିତ୍ୟ କ୍ଷେତ୍ରରେ ଏବଂ ସାମରିକ ବାହିନୀରେ ଅସାଧାରଣ କୃତିତ୍ୱ ଏବଂ ସାଫଲ୍ୟ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ଭାରତ ରତ୍ନ, ପଦ୍ମଶ୍ରୀ, ପଦ୍ମଭୂଷଣ, ପଦ୍ମବିଭୂଷଣ, ବିଭିନ୍ନ ପୁରସ୍କାର ଏବଂ ସମ୍ମାନପତ୍ର ପ୍ରଦାନ କରନ୍ତି । ଏହିସବୁ କ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କାମ କରୁଥିଲେ ମଧ୍ୟ ରାଷ୍ଟ୍ରପତି କୌଣସି ବ୍ୟକ୍ତିକୁ ସମ୍ମାନସୂଚକ ପୁରସ୍କାର ପ୍ରଦାନ କରିବାରେ ନିଜର ମତବ୍ୟକ୍ତ କରିଥାଆନ୍ତି ।

ରାଷ୍ଟ୍ରପତି ସାମାଜିକ ସୌଧ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରନ୍ତି । ସମାଜର ବିଭିନ୍ନ କ୍ଷେତ୍ରର ଲୋକ ଏକତ୍ରିତ ହୋଇଥିବା, ସାମାଜିକ ଉତ୍ସବ ଏବଂ ସମାରୋହରେ ରାଷ୍ଟ୍ରପତିଙ୍କ ଉପସ୍ଥିତି ଅତ୍ୟନ୍ତ ଗୁରୁତ୍ୱଜନକ । ତାଙ୍କ ପକ୍ଷରେ ଏହା ଏକ ମହତ୍ତ୍ୱପୂର୍ଣ୍ଣ ଏବଂ ଗୌରବଶାଳୀ କାର୍ଯ୍ୟ ।

ରାଷ୍ଟ୍ରପତି ହେଉଛନ୍ତି ଶାସନ ବିଭାଗ ଏବଂ ଆଇନ ବିଭାଗ ମଧ୍ୟରେ ସଂଯୋଜକ ସଂସ୍ଥା । ଆବଶ୍ୟକ ହେଲେ ଉଭୟସଂସ୍ଥା ମଧ୍ୟରେ ସଦ୍‌ଭାବ ଓ ବୁଝାମଣା ସୃଷ୍ଟି କରିବାପାଇଁ ରାଷ୍ଟ୍ରପତି ହସ୍ତକ୍ଷେପ କରନ୍ତି । ବିଭିନ୍ନ ରାଜନୈତିକ ଦଳର ନେତାମାନଙ୍କ ମଧ୍ୟରେ ମଧ୍ୟସ୍ଥି କରିବାପାଇଁ ସେ ନିଜକୁ ନିୟୋଗ କରନ୍ତି । ଜାତୀୟ ଦୁର୍ଦ୍ଦିନ ବେଳେ ରାଜନୈତିକ ଦଳଗୁଡ଼ିକ ଭିତରେ ମତପାର୍ଥକ୍ୟକୁ ଦୂର କରିବା ଦିଗରେ ରାଷ୍ଟ୍ରପତିଙ୍କ ଭୂମିକା ଅତୁଳନୀୟ ।

ରାଷ୍ଟ୍ରପତି ବିଦେଶରେ ରାଷ୍ଟ୍ରମୁଖ୍ୟ ହିସାବରେ ନିଜରାଷ୍ଟ୍ରକୁ ପ୍ରତିନିଧିତ୍ୱ କରନ୍ତି । ତାଙ୍କର ବିଦେଶ ଯାତ୍ରାଫଳରେ ସଂଶ୍ଳିଷ୍ଟ ରାଷ୍ଟ୍ର ଏବଂ ଭାରତ ମଧ୍ୟରେ ବନ୍ଧୁତା ବୃଦ୍ଧିପାଏ । ସେ, ବିଦେଶରୁ ଆସିଥିବା ମନ୍ତ୍ରୀବର୍ଗ ଏବଂ କୂଟନୈତିକ ପ୍ରତିନିଧିମାନଙ୍କର ପରିଚୟସୂଚକ ପତ୍ର (credentials) ଗ୍ରହଣ କରନ୍ତି । ସ୍ୱାଧୀନତା ଦିବସ ଏବଂ ଗଣତନ୍ତ୍ର ଦିବସପରି ଜାତୀୟ ଉତ୍ସବମୁହୂର୍ତ୍ତରେ ଭୋଜିଉତ୍ସବରେ ଯୋଗ ଦେବାପାଇଁ ସେ ଅନ୍ୟଦେଶମାନଙ୍କର କୂଟନୈତିକ ପ୍ରତିନିଧିମାନଙ୍କୁ ନିମନ୍ତ୍ରଣ କରନ୍ତି । ଏହି ପରମ୍ପରା ମାଧ୍ୟମରେ ଭାରତ ଏବଂ ଅନ୍ୟ ରାଷ୍ଟ୍ରମଧ୍ୟରେ ସୁସଂପର୍କ ସ୍ଥାପନ କରିବାପାଇଁ ଅପୂର୍ବ ସୁଯୋଗ ପାଆନ୍ତି ।

## ରାଷ୍ଟ୍ରପତିଙ୍କର କ୍ଷମତାର ତାତ୍ପର୍ଯ୍ୟ

### ଏବଂ ମନ୍ତ୍ରିପରିଷଦ ସହିତ ରାଷ୍ଟ୍ରପତିଙ୍କ ସମ୍ପର୍କ

ରାଷ୍ଟ୍ରପତିଙ୍କ ପଦମର୍ଯ୍ୟାଦାକୁ ପ୍ରାଞ୍ଜଳ ଭାବରେ ଆଲୋଚନା କରିବାକୁ ହେଲେ ତାଙ୍କର କ୍ଷମତାର ତାତ୍ପର୍ଯ୍ୟ ସମ୍ବନ୍ଧରେ ବି ଆଲୋଚନା କରିବା ଉଚିତ । ସମ୍ବିଧାନରେ ଅବଶ୍ୟ କୁହାଯାଇଛି ଯେ ଇଉନିୟନର ସମଗ୍ର ଶାସନ କ୍ଷମତା ରାଷ୍ଟ୍ରପତିଙ୍କ ହାତରେ ନ୍ୟସ୍ତ ରହିଛି । ସଂବିଧାନରେ ପୁଣି କୁହାଯାଇଛି ଯେ ହୁଏତ ପ୍ରତ୍ୟକ୍ଷ ଭାବରେ ଅଥବା ଅଧସ୍ତନ କର୍ମଚାରୀଙ୍କ ମାଧ୍ୟମରେ (Either directly or through officers subordinate to him.) ରାଷ୍ଟ୍ରପତି ଏହି କ୍ଷମତା ସଂବିଧାନ ଅନୁଯାୟୀ ପ୍ରୟୋଗ କରିବେ । ଲକ୍‌ଙ୍କ (Locke) ଭାଷାରେ ଶାସନ କ୍ଷମତା କହିଲେ ଆଇନକୁ କାର୍ଯ୍ୟକାରୀ କରିବାର କ୍ଷମତା (The Power to execute laws) କିନ୍ତୁ ଆଜିକାଲିକାର ସମାଜ କଲ୍ୟାଣ ରାଷ୍ଟ୍ରପାଇଁ 'ଶାସନକ୍ଷମତା' ଅର୍ଥର ବ୍ୟାପ୍ତି ହୋଇଛି । ଭାରତର ସୁପ୍ରିମ-କୋର୍ଟ ଶାସନ କ୍ଷମତାର ସଂଜ୍ଞା ନିର୍ଦ୍ଦେଶ କରିବାକୁ ଯାଇ କହିଛନ୍ତି ଯେ ଏହା କେବଳ ଆଇନକୁ କାର୍ଯ୍ୟକାରୀ କରିବାର କ୍ଷମତା ନୁହେଁ ଶୃଙ୍ଖଳା ରକ୍ଷା କରିବା, ସାମାଜିକ ଓ ଅର୍ଥନୈତିକ କଲ୍ୟାଣ ସାଧନ କରିବା, ବୈଦେଶିକ ନୀତି ପରିଚାଳନା କରିବା ପ୍ରଭୃତି ବି ତା'ର ଅନ୍ତର୍ଭୁକ୍ତ । ତେଣୁ ଏହି ସଂପ୍ରସାରିତ ଶାସନକ୍ଷମତା ରାଷ୍ଟ୍ରପତି ନିଜେ କିମ୍ବା ତାଙ୍କର ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା ପ୍ରୟୋଗ କରିପାରନ୍ତି । ୧୯୩୫ ମସିହା ଭାରତ ଶାସନ ଆଇନ୍‌ରେ ମଧ୍ୟ ଅଧସ୍ତନ କର୍ମଚାରୀ କଥାଟିର ଉଲ୍ଲେଖ ଥିଲା । ଇଂଲଣ୍ଡର ପ୍ରିଭି କାଉନ୍‌ସିଲ (Privy Council) ଏକ ମାମଲାରେ ଏହି ଅଭିମତ ପ୍ରକାଶ କରେ ଯେ ପ୍ରାଦେଶିକ ମନ୍ତ୍ରୀମାନେ ଗଭର୍ଣ୍ଣରଙ୍କ ଅଧସ୍ତନ କର୍ମଚାରୀ । ବର୍ତ୍ତମାନ ସଂବିଧାନର ମନ୍ତ୍ରୀମାନେ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି ଏବଂ ରାଷ୍ଟ୍ରପତିଙ୍କ ଇଚ୍ଛା ଉପରେ ପଦରେ ଅଧିଷ୍ଠିତ ହୁଅନ୍ତି । ସୁତରାଂ ପ୍ରିଭି କାଉନସିଲର ଉପରୋକ୍ତ ଅଭିମତକୁ ଅନୁସରଣ କରି କୁହାଯାଏ ଯେ ବର୍ତ୍ତମାନ ଭାରତୀୟ ସଂବିଧାନରେ ବି ମନ୍ତ୍ରୀମାନେ ରାଷ୍ଟ୍ରପତିଙ୍କ ଅଧସ୍ତନ କର୍ମଚାରୀ । ଅର୍ଥାତ୍ ରାଷ୍ଟ୍ରପତିଙ୍କ ନାମରେ ଯେଉଁ ସକଳ ଆଦେଶ ଦିଆଯାଏ ବା ଶାସନ କାର୍ଯ୍ୟାଦି

ସମ୍ପାଦିତ ହୁଏ ତାହାର ପ୍ରକୃତ କ୍ଷମତା ଉପଭୋଗ କରନ୍ତି ମନ୍ତ୍ରୀମାନେ ଅଧସ୍ତନ କର୍ମକର୍ତ୍ତା ହିସାବରେ ।

## ରାଷ୍ଟ୍ରପତି ଜଣେ ଏକ ନାୟକ

ଏଥିରେ ଲେଶମାତ୍ର ସନ୍ଦେହ ନାହିଁ ଯେ ଆଇନ ଦିଗରୁ ବିଚାର କରାଗଲେ ଦେଖାଯାଏ ଯେ ଇଉନିୟନର ସମଗ୍ର ଶାସନ କ୍ଷମତା ବା କାର୍ଯ୍ୟପାଳିକା ଶକ୍ତି ରାଷ୍ଟ୍ରପତିଙ୍କର କାରଣ ରାଷ୍ଟ୍ରପତିଙ୍କ ନାମରେ ଦିଆଯାଇଥିବା ଆଦେଶ ବା ସଂପାଦିତ କାର୍ଯ୍ୟାଦି କେଉଁ ଭାବରେ ରାଷ୍ଟ୍ରପତିଙ୍କ ଆଦେଶ ବୋଲି ପ୍ରମାଣିତ ହେବ ସେ ସମ୍ପର୍କରେ ନିୟମ କାନୁନ କରିବାର କ୍ଷମତା ହେଲା ରାଷ୍ଟ୍ରପତିଙ୍କର । ପୁନଶ୍ଚ ଭାରତୀୟ ସମ୍ବିଧାନ ଅନୁଯାୟୀ ରାଷ୍ଟ୍ରପତି ମନ୍ତ୍ରୀମାନଙ୍କର ଅଂଶ ଗ୍ରହଣ ବ୍ୟତୀତ ତାଙ୍କର ସିଦ୍ଧାନ୍ତକୁ ଆଇନତଃ କାର୍ଯ୍ୟକାରୀ କରିବାକୁ ସମର୍ଥ । ସଂବିଧାନ ମନ୍ତ୍ରୀପରିଷଦ ଉପରେ ରାଷ୍ଟ୍ରପତିଙ୍କୁ ତାଙ୍କର କାର୍ଯ୍ୟ ସଂପାଦନାରେ କେବଳ ସାହାଯ୍ୟ କରିବାର ଓ ପରାମର୍ଶ ଦାନର ଦାୟିତ୍ୱହିଁ ନ୍ୟସ୍ତ କରେ । ଏହା ଉପରେ ସଂବିଧାନରେ ଆହୁରି ବି କୁହାଯାଇଛି ଯେ ମନ୍ତ୍ରୀମାନେ ରାଷ୍ଟ୍ରପତିଙ୍କୁ କୌଣସି ପରାମର୍ଶ ଦେଇଥିଲେ କି ନା ଏବଂ ଯଦି ଦେଇଥିଲେ କି ପରାମର୍ଶ ଦେଇଥିଲେ ସେ ସମ୍ପର୍କରେ କୌଣସି ଅଦାଲତ ଅନୁସନ୍ଧାନ କରିପାରିବ ନାହିଁ ।

ସଂବିଧାନ ଅନୁସାରେ ଆପଣା ଆପଣା ପଦରେ ଅଧିଷ୍ଠିତ ରହିବା ରାଷ୍ଟ୍ରପତିଙ୍କ ତୃପ୍ତି (Satisfaction) ଉପରେ ନିର୍ଭର କରେ । କୌଣସି ମନ୍ତ୍ରୀ ଛ ମାସ ଧରି ପାର୍ଲାମେଣ୍ଟର କୌଣସି କକ୍ଷର ସଦସ୍ୟ ନ ରହିଲେ ସେ ମନ୍ତ୍ରୀପଦରୁ ଅପସାରିତ ହେବେ । କିନ୍ତୁ ସଦସ୍ୟ ହେବା ପୂର୍ବର ଛମାସ ପାଇଁ ରାଷ୍ଟ୍ରପତି ଚାହିଁଲେ ପ୍ରଧାନମନ୍ତ୍ରୀଙ୍କ ସୁପାରିଶକ୍ରମେ କୌଣସି ବ୍ୟକ୍ତିକୁ ମନ୍ତ୍ରୀ ହିସାବରେ ଗ୍ରହଣ କରିପାରନ୍ତି । ପୁଣି ଜଣେ ମନ୍ତ୍ରୀ ଲୋକସଭା ବା ରାଜ୍ୟସଭାର ସଦସ୍ୟ ହୋଇପାରନ୍ତି । ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ସଭ୍ୟଙ୍କ ଭିତରୁ ବି ମନ୍ତ୍ରୀ ହୋଇପାରନ୍ତି । ସୁତରାଂ ରାଷ୍ଟ୍ରପତି ଚାହିଁଲେ ସଦସ୍ୟ ନ ହୋଇଥିବା କୌଣସି ବ୍ୟକ୍ତିକୁ ପ୍ରଥମେ ରାଜ୍ୟସଭାରେ ମନୋନୀତ ଏବଂ ପରେ ମନ୍ତ୍ରୀପଦରେ ନିଯୁକ୍ତ କରିପାରନ୍ତି । ଭାରତସରକାରଙ୍କର କାର୍ଯ୍ୟାଦି ସଂପାଦନ ସୁବିଧାପାଇଁ ଏବଂ ମନ୍ତ୍ରୀମାନଙ୍କ ମଧ୍ୟରେ କ୍ଷମତା ବଣ୍ଟନ ପାଇଁ ରାଷ୍ଟ୍ରପତି ନିୟମ କାନୁନ ସ୍ଥିର କରିଥାନ୍ତି । ଭାରତୀୟ ସଂବିଧାନରେ ଆହୁରି କୁହାଯାଇଛି ଯେ ଶାସନ କାର୍ଯ୍ୟ ପରିଚାଳନା ଓ ଆଇନ ସଂକ୍ରାନ୍ତ ପ୍ରସ୍ତାବ ସମ୍ପର୍କରେ ମନ୍ତ୍ରିପରିଷଦର ପ୍ରତ୍ୟେକ ସିଦ୍ଧାନ୍ତ ରାଷ୍ଟ୍ରପତିଙ୍କୁ ଜଣାଇବା ହେଲା ପ୍ରଧାନମନ୍ତ୍ରୀଙ୍କ କର୍ତ୍ତବ୍ୟ । ଏ ସବୁ ସମ୍ପର୍କରେ ରାଷ୍ଟ୍ରପତି ଯେଉଁ ତଥ୍ୟ ଜାଣିବାପାଇଁ ଚାହାନ୍ତି, ତାହା ଯୋଗାଇଦେବା ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କର୍ତ୍ତବ୍ୟ । କୌଣସି ବିଷୟରେ କୌଣସି ମନ୍ତ୍ରୀଙ୍କର ସିଦ୍ଧାନ୍ତ ମନ୍ତ୍ରି-ପରିଷଦରେ ବିବେଚିତ ନ ହୋଇଥିଲେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶକ୍ରମେ ସଂଶ୍ଳିଷ୍ଟ ମନ୍ତ୍ରୀଙ୍କ ସିଦ୍ଧାନ୍ତକୁ ମନ୍ତ୍ରିପରିଷଦ ନିକଟରେ ବିଚାର ବିବେଚନା ପାଇଁ ପେଶ୍ କରିବାକୁ ପଡ଼େ ।

ଉପରୋକ୍ତ ବିଷୟ ଗୁଡ଼ିକ ଆଲୋଚନା କରି ଭାରତର ରାଷ୍ଟ୍ରପତିଙ୍କୁ କେବଳ ଏକ ଶାସନ ତାନ୍ତ୍ରିକ ମୁଖ୍ୟ ନୁହନ୍ତି ବୋଲି ମତବ୍ୟକ୍ତ କରିବା ସ୍ୱାଭାବିକ । ବସ୍ତୁତଃ ସଂବିଧାନର ଆଇନଗତ ବ୍ୟାଖ୍ୟା କରି ଅନେକେ ଏହି ମତ ପ୍ରକାଶ କରିଛନ୍ତି ଯେ ସଂବିଧାନରେ ଯେଉଁଭଳି ଭାବରେ ଶାସନ କ୍ଷମତା ନ୍ୟସ୍ତ କରାଯାଇଛି, ସେଥିରେ ତାଙ୍କ ପକ୍ଷରେ ପ୍ରକୃତ ଶାସକ ହେବାର ଯଥେଷ୍ଟ ସୁଯୋଗ ରହିଛି ।

ଡକ୍ଟର କେ. ଏମ. ମୁନସି ଏବଂ ତାଙ୍କର ସମର୍ଥକମାନେ ରାଷ୍ଟ୍ରପତିଙ୍କୁ ସ୍ୱତନ୍ତ୍ର କ୍ଷମତା ଥିବା ଏବଂ ସ୍ୱତନ୍ତ୍ର କାର୍ଯ୍ୟ ସଂପାଦନ କରୁଥିବା ଏକ ସ୍ୱତନ୍ତ୍ର ଅନୁଷ୍ଠାନ ବୋଲି ମତ ବ୍ୟକ୍ତ କରିଛନ୍ତି । ସେ କେବଳ ଜଣେ ନିୟମତାନ୍ତ୍ରିକ (Constitutional) ମୁଖ୍ୟ ନୁହନ୍ତି କି ସଂବିଧାନପ୍ରଣେତାଗଣଙ୍କ ଉକ୍ତ ଅନୁଷ୍ଠାନକୁ ସେହିପରି ଗଢ଼ିବାର ଉଦ୍ଦେଶ୍ୟ ନ ଥିଲା । ସଂବିଧାନର ଅକ୍ଷରକୁ ଆଇନଗତ ବ୍ୟାଖ୍ୟା କରି ସେମାନେ କହନ୍ତି ଯେ ରାଷ୍ଟ୍ରପତିଙ୍କୁ ସ୍ୱେଚ୍ଛାଚାରୀ ହୋଇ ସ୍ୱେଚ୍ଛାଧୀନ କ୍ଷମତା ଉପଭୋଗ କରିବାପାଇଁ ସଂବିଧାନରେ ଯଥେଷ୍ଟ ସୁବିଧା ରହିଛି । ଏଲେନ୍ ଗ୍ଲେଡ଼ହିଲ୍ ଏବଂ ଅନ୍ୟାନ୍ୟଙ୍କ ମତରେ ସଂବିଧାନର ଅବମାନନା ନ କରି ଜଣେ କ୍ଷମତାଲିପ୍ସୁ ରାଷ୍ଟ୍ରପତି ଏହାକୁ ବାସ୍ତବ ରୂପରେଖ ଦେବାପାଇଁ ଚେଷ୍ଟା କରିପାରେ । ଭାରତର ରାଷ୍ଟ୍ରପତିଙ୍କୁ କେତେକ ସମାଲୋଚକ ସମ୍ଭାବ୍ୟ ଏକଛତ୍ର ଶାସକ (Potential Dictator) ବୋଲି କହିଥାନ୍ତି । ଉପରୋକ୍ତ କାରଣଗୁଡ଼ିକୁ ବାଦ ଦେଲେ ରାଷ୍ଟ୍ରପତି ଏକ ନାୟକରେ ପରିଣତ ହେବାପାଇଁ ଅନ୍ୟାନ୍ୟ କାରଣମାନ ନିମ୍ନରେ ଦର୍ଶାଯାଇଛି ।

ଭାରତରେ ଏକ ଅଧାଅଧି ରାଷ୍ଟ୍ରସଂଘୀୟ (quasi-federal) ରାଷ୍ଟ୍ରହିସାବରେ ଗଢ଼ିବା ଭାରତ ସଂବିଧାନର ଉଦ୍ଦେଶ୍ୟ । ଏଠି କେନ୍ଦ୍ର ଏବଂ ରାଜ୍ୟ ଭିତରେ ସ୍ପଷ୍ଟ ସୀମାଧାର୍ଯ୍ୟକରଣ (demarcation) ହୋଇଛି । ଉଭୟ କେନ୍ଦ୍ର ଏବଂ ରାଜ୍ୟ ବିଧାନ ପରିଷଦ ରାଷ୍ଟ୍ରପତିଙ୍କ ନିର୍ବାଚନରେ ଭାଗ ନିଅନ୍ତି । ତେଣୁ ରାଜ୍ୟମାନଙ୍କୁ କେନ୍ଦ୍ରର ହସ୍ତକ୍ଷେପରୁ ଦୂରରେ ରଖିବା ରାଷ୍ଟ୍ରପତିଙ୍କ ଏକ ବିଶିଷ୍ଟ କର୍ତ୍ତବ୍ୟ । ତେଣୁ ରାଷ୍ଟ୍ରପତିହିଁ ନିୟମ ଅନୁସାରେ ସମସ୍ତ କ୍ଷମତା ଉପଭୋଗ କରିବା ପାଇଁ ଯୋଗ୍ୟ । କେ. ଏମ୍. ମୁନସିଙ୍କ ମତରେ ଯଦି ରାଷ୍ଟ୍ରପତିଙ୍କ କ୍ଷମତା ସମୁଦାୟ ପ୍ରଧାନମନ୍ତ୍ରୀଙ୍କ ହାତକୁ ଚାଲିଯାଏ ଏବଂ ରାଷ୍ଟ୍ରପତି ଯଦି କେବଳ ନାମମାତ୍ର ରାଷ୍ଟ୍ରପତି ହୋଇ ରହନ୍ତି, ତେବେ ସଂବିଧାନର ଅଧାଅଧି ରାଷ୍ଟ୍ରସଂଘୀୟ (quasi-federal) ପ୍ରକୃତି ନଷ୍ଟ ହୋଇଯିବ । ରାଷ୍ଟ୍ରରେ ଏକ କେନ୍ଦ୍ରିକ ଶାସନ ଚାଲିବ ଯାହା ଫଳରେ ଦେଶର ଐକ୍ୟ ବିନଷ୍ଟତଃ ବିପନ୍ନ ହୋଇପାରେ । ଅତଏବ କୌଣସି ରାଷ୍ଟ୍ରପତି ଯିଏ ନିଜର ଶାସନତାନ୍ତ୍ରିକ ଦାୟିତ୍ୱ ଗୁଡ଼ିକ ଉପରେ ସଚେତନ ରହନ୍ତି, ପ୍ରଧାନମନ୍ତ୍ରୀଙ୍କ ହାତକୁ କ୍ଷମତା ହସ୍ତାନ୍ତର କରି ରାଷ୍ଟ୍ରର ରାଷ୍ଟ୍ରସଂଘୀୟ ପ୍ରକୃତିକୁ ନଷ୍ଟ କରିବେ ନାହିଁ କି ସଂବିଧାନକୁ ଲଙ୍ଘନ କରିବା ଦୋଷରେ ଅଭିଯୁକ୍ତ ହେବାପାଇଁ ଅନ୍ୟମାନଙ୍କୁ ସୁଯୋଗ ଦେବେନାହିଁ ।

ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ମହାଭିଯୋଗ (Impeachment) ବିଷୟ ଆଲୋଚନା କରୁଥିବା ସଂବିଧାନର ଏକଷଠି ଅନୁଚ୍ଛେଦରେ ସ୍ପଷ୍ଟ ପ୍ରମାଣିତ ହୋଇଛି ଯେ ସଂବିଧାନକୁ ସୁରକ୍ଷିତ କରିବାର ବ୍ୟକ୍ତିଗତ ଦାୟିତ୍ୱ ହେଉଛି ରାଷ୍ଟ୍ରପତିଙ୍କର । ସମସ୍ତ ଆପଦ ବିପଦରୁ ସଂବିଧାନକୁ ବଞ୍ଚେଇବା ତାଙ୍କର ଧର୍ମ । ରାଷ୍ଟ୍ରପତିଙ୍କ ଏହି ଦାୟିତ୍ୱ ତେଣୁ ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଇପାରେ ନାହିଁ । ସୁତରାଂ ଜଣେ ନାମମାତ୍ର ଶାସକ ହିସାବରେ ରାଷ୍ଟ୍ରପତି ମନ୍ତ୍ରିମଣ୍ଡଳର ପରାମର୍ଶ ମାନିବାପାଇଁ ବାଧ ନୁହନ୍ତି ।

ରାଷ୍ଟ୍ରପତିଙ୍କୁ ପାର୍ଲାମେଣ୍ଟର ସୃଷ୍ଟି କରିବାପାଇଁ, କିମ୍ବା, ଶାସକଦଳର ମନୋନୀତ ପ୍ରାର୍ଥୀ କିମ୍ବା ଫରାସୀ ରାଷ୍ଟ୍ରପତିଙ୍କ ପରି ଜଣେ ନାମମାତ୍ର ଅନୁଷ୍ଠାନ କରିବାକୁ ସଂବିଧାନ-ସଭାର ଉଦ୍ଦେଶ୍ୟ ନ ଥିଲା । ପଣ୍ଡିତ ନେହେରୁ ମଧ୍ୟ ଏହି ମତ ବ୍ୟକ୍ତ କରିଥିଲେ । ସମସ୍ତ ଦେଶକୁ ପ୍ରତିନିଧିତ୍ୱ କରୁଥିବା, ଏବଂ ସ୍ୱତନ୍ତ୍ର କ୍ଷମତା ଉପଭୋଗ କରୁଥିବା ରାଷ୍ଟ୍ରପତିଙ୍କୁ ଏକ ସ୍ୱତନ୍ତ୍ର ଅନୁଷ୍ଠାନ ରୂପେ ଗଢ଼ିବା ସଂବିଧାନ ସଭାର ଉଦ୍ଦେଶ୍ୟ ଥିଲା । ଏସ. ଏଲ, ସିକ୍ରୀ ପ୍ରଭୃତି ସମାଲୋଚକଙ୍କ ମତରେ, ରାଷ୍ଟ୍ରପତି ଜଣେ କେବଳ ନାମମାତ୍ର ମୁଖ୍ୟ ବୋଲି ଡ: ଆମ୍ବେଦକର ଏବଂ ଡ: ଆଲ୍ଲାଦିକୃଷ୍ଣସ୍ୱାମୀ ଆୟାର ଯେଉଁ ପ୍ରତିଶ୍ରୁତି ଦେଇଛନ୍ତି, ସେଗୁଡ଼ିକ ତାଙ୍କର ବ୍ୟକ୍ତିଗତ ମନ୍ତବ୍ୟ । ତାହା କେବେହେଲେ ସଭାର ସର୍ବସମ୍ମତ ମତ ନୁହେଁ । ଅଧିକନ୍ତୁ ଡ: ଆମ୍ବେଦକର ନିଜେ ପରସ୍ପର ବିରୋଧୀ ଏବଂ ଅସ୍ପଷ୍ଟ ମତାମତ ଦେଇଛନ୍ତି । ତର୍କ ଚାଲିଥିଲା ବେଳେ ଡ: ଆମ୍ବେଦକର କହିଛନ୍ତି ଯେ, ସାଧାରଣ ଭାବେ ରାଷ୍ଟ୍ରପତି ମନ୍ତ୍ରୀମାନଙ୍କ ପରାମର୍ଶକୁ ମାନିବାକୁ ବାଧ । ଏଥିରୁ ଜଣାପଡ଼େ ଯେ ଅସାଧାରଣ ପରିସ୍ଥିତିରେ ରାଷ୍ଟ୍ରପତି ସ୍ୱେଚ୍ଛାଧୀନ କ୍ଷମତା ମଧ୍ୟ ଉପଭୋଗ କରିପାରନ୍ତି ।

ରାଷ୍ଟ୍ରପତି ନିଜ ପଦରେ ଅଧିଷ୍ଠିତ ହେବା ପୂର୍ବରୁ ଯେଉଁ ଶପଥପାଠ କରନ୍ତି, ତାହା ତାଙ୍କୁ ସଂବିଧାନକୁ ସମସ୍ତ ସଂଭାବ୍ୟ ବିପଦରୁ ରକ୍ଷା କରିବା ଦାୟିତ୍ୱ ବନ୍ଧନରେ ବାନ୍ଧିପକାଇଥାଏ । ଶପଥପାଠରୁ ପାଇଥିବା ଦାୟିତ୍ୱ ଓ କ୍ଷମତା ପ୍ରୟୋଗ କରିବାକୁ ଯାଇ ରାଷ୍ଟ୍ରପତି ଯଦି ଉପଲବ୍ଧି କରନ୍ତି ଯେ କୌଣସି ପରାମର୍ଶ ସଂବିଧାନର ବ୍ୟବସ୍ଥାର ଖିଲାପ କରୁଛି, ତେବେ ସେ ଆଇନ ସେଲ (legal cell) ଅଥବା ସର୍ବୋଚ୍ଚ ନ୍ୟାୟାଳୟ (Supreme Court)ର ମତାମତ ଲୋଡ଼ିପାରନ୍ତି । ଡ: କେ. ଏମ୍. ମୁନ୍‌ସିଙ୍କ ମତରେ ରାଷ୍ଟ୍ରପତିଙ୍କ କେତେଗୁଡ଼ିଏ କ୍ଷମତା ଅଛି ଯାହା ମନ୍ତ୍ରିପରିଷଦର ପରାମର୍ଶର ଊର୍ଦ୍ଧ୍ୱରେ ଏବଂ ଯାହାପାଇଁ ମନ୍ତ୍ରିପରିଷଦର ପରାମର୍ଶ ଉପରେ ନିର୍ଭର କରିବା ଠିକ୍ ନୁହେଁ : ସେଗୁଡ଼ିକ ହେଲା ଦଳର ନେତୃତ୍ୱ ହରାଇଥିବା ପ୍ରଧାନମନ୍ତ୍ରୀଙ୍କୁ ବହିଷ୍କାର କରିବା କ୍ଷମତା, ପାର୍ଲାମେଣ୍ଟର ଆସ୍ଥାଭାଜନ ନ ହେଉଥିବା କୌଣସି ମନ୍ତ୍ରିମଣ୍ଡଳକୁ ଗାଦିଚ୍ୟୁତ କରିବା କ୍ଷମତା, ଲୋକଙ୍କ ଆସ୍ଥା ହରାଇଥିବା ଲୋକସଭାକୁ ଭାଙ୍ଗି ଦେବାର କ୍ଷମତା, ଏବଂ ଆପଦ-କାଳୀନ ଅବସ୍ଥାରେ ଦେଶରକ୍ଷା କରିବାପାଇଁ ମନ୍ତ୍ରିପରିଷଦ ଅପାରଗ ହେଲେ, ରାଷ୍ଟ୍ରର ସର୍ବପ୍ରଧାନ ସେନାପତି ରୂପେ କାର୍ଯ୍ୟଭାର ତୁଲାଇବା କ୍ଷମତା ।

ମହାବୀର ତ୍ୟାଗୀଙ୍କ ଭାଷାରେ ସର୍ବଭାରତୀୟ ସ୍ତରରେ ନିର୍ବାଚିତ ହୋଇଥିବା ହେତୁ ରାଷ୍ଟ୍ରପତି ହେଉଛନ୍ତି 'ଗଣତନ୍ତ୍ରର ଶ୍ରେଷ୍ଠତମ ପ୍ରତୀକ'। ରାଷ୍ଟ୍ରପତି ଭାରତୀୟ ଜନସାଧାରଣଙ୍କ ସ୍ୱାତନ୍ତ୍ର୍ୟ ଏବଂ ସ୍ୱାଧୀନତାର ସଂରକ୍ଷଣକାରୀ ଦେବଦୂତ ( Guardian angel ) ରୂପେ କାମ କରିବେ ବୋଲି ଅନେକେ ଆଶାପୋଷଣ କରନ୍ତି । ଆହ୍ଲାଦ କହୁଛନ୍ତି ଯେ ରାଷ୍ଟ୍ରପତିଙ୍କ ଜରୁରୀକାଳୀନ କ୍ଷମତା ଗଣତାନ୍ତ୍ରିକ ସଂବିଧାନକୁ ହତ୍ୟା ନ କରି ବରଂ ଗଣତନ୍ତ୍ରକୁ ବିପଦ ଏବଂ ସର୍ବନାଶରୁ ବଞ୍ଚାଇବାପାଇଁ ଉଦ୍ଦିଷ୍ଟ । ସେ ଏହି ଧାରାଟିକୁ ସଂବିଧାନର ଜୀବନ ବୋଲି ମନେ କରିଥିଲେ । କିନ୍ତୁ ମାଡୁସୀ ଏହି ବ୍ୟବସ୍ଥାକୁ ଅତିରିକ୍ତ ବାଷ୍ପ ନିର୍ଗମନର କବାଟ (Safety valve) ବୋଲି ବର୍ଣ୍ଣନା କରିଛନ୍ତି । ଭାରତ ପରି ଏକ ରାଷ୍ଟ୍ରସଂଘୀୟ ସଂବିଧାନରେ ଐକ୍ୟ ବଜାୟ ରଖିବାପାଇଁ ଜରୁରୀକାଳୀନ ବ୍ୟବସ୍ଥାହିଁ ଉତ୍କୃଷ୍ଟ ପନ୍ଥା ବୋଲି ମହାବୀର ତ୍ୟାଗୀ ମତବ୍ୟକ୍ତ କରିଛନ୍ତି ।

ରାଷ୍ଟ୍ରପତିଙ୍କୁ ଜଣେ ନାମ ମାତ୍ର ଶାସନମୁଖ୍ୟ ହିସାବରେ ବର୍ଣ୍ଣନା କରିବା ପାଇଁ ବି ଯଥେଷ୍ଟ କାରଣ ରହିଛି । ଯେଉଁମାନେ ଏହି ଧାରାରେ ମୁକ୍ତି ଦେଖାନ୍ତି, ସେମାନେ ସାଧାରଣତଃ ଆମ ସରକାରର ଢାଞ୍ଚା, ସଂବିଧାନ ସଭାରେ ତର୍କବିତର୍କ ଏବଂ ମନୁଷ୍ୟ ପ୍ରକୃତିର ଆଶାପୂର୍ଣ୍ଣ ଦିଗ ଉପରେ ନିଜ ଚିନ୍ତାଧାରାକୁ ଭରା ଦେଇଥାନ୍ତି ।

ସଂବିଧାନର ସଂକୀର୍ଣ୍ଣ ଆଇନଗତ ବ୍ୟାଖ୍ୟା କରାଗଲେ ଅବଶ୍ୟ ସ୍ୱୀକାର କରିବାକୁ ହେବ ଯେ, ରାଷ୍ଟ୍ରପତିଙ୍କ ପକ୍ଷରେ ମନ୍ତ୍ରିପରିଷଦର ପରାମର୍ଶ ଅନୁଯାୟୀ କାର୍ଯ୍ୟକରିବାର କୌଣସି ବାଧ୍ୟବାଧକତା ନାହିଁ । ଏହାର କାରଣ, ଇଂଲଣ୍ଡର ପାର୍ଲାମେଣ୍ଟୀୟ ଶାସନ ବ୍ୟବସ୍ଥାରେ ଯେଉଁ ସବୁ ରୀତି ନୀତି (conventions) ପ୍ରଥାର ଭିତ୍ତିରେ ଗଢ଼ି ଉଠିଛି ଏଠାରେ ସେଥିରୁ କେତେଗୁଡ଼ିକୁ ବିଧିବଦ୍ଧ କରାହୋଇଛି ଏବଂ ଅବଶିଷ୍ଟକୁ ରୀତିନୀତିର ବିକାଶ ଉପରେ ଛାଡ଼ିଦିଆଯାଇଛି । ଏହି କାରଣରୁ ସଂବିଧାନ ସଭାରେ, 'ରାଷ୍ଟ୍ରପତି ମନ୍ତ୍ରିପରିଷଦର ପରାମର୍ଶ ମାନିବାକୁ ବାଧ୍ୟ' ବାକ୍ୟାଂଶକୁ ନିର୍ଦ୍ଦେଶମୂଳକ ନୀତି (instrument of instruction) ଭିତରେ ସ୍ଥାନ ଦେବା ଦାବୀକୁ ଖଣ୍ଡନ କରାଯାଇଥିଲା ।

ସୁତରାଂ ସଂବିଧାନରେ ଯେଉଁସବୁ ନିୟମ କାନୁନ ବିଧିବଦ୍ଧ କରାଯାଇଛି, ତାହା ସହିତ ପାର୍ଲାମେଣ୍ଟୀୟ ଶାସନ ବ୍ୟବସ୍ଥାର ରୀତିନୀତିକୁ ସଂଯୁକ୍ତ କରି ରାଷ୍ଟ୍ରପତି ପଦର ପ୍ରକୃତି ନିର୍ଦ୍ଧାରଣ କରିବା ଉଚିତ । ଏହି ଭାବରେ ବିଚାର କରାଗଲେ ଦେଖାଯିବ ଯେ ଯଦିଓ ଭାରତର ରାଷ୍ଟ୍ରପତି ନିର୍ବାଚିତ ହୁଅନ୍ତି ଏବଂ ଇଂଲଣ୍ଡର ରାଜା ବା ରାଣୀ ବଂଶାନୁକ୍ରମିକ (hereditary), ଉଭୟଙ୍କର ପଦମର୍ଯ୍ୟାଦା ମୂଳତଃ ସମପ୍ରକୃତିର । ଇଂଲଣ୍ଡର ରାଜଶକ୍ତି ହାତରେ ଆନୁଷ୍ଠାନିକ ଭାବରେ ବହୁକ୍ଷମତା ରହିଛି । କିନ୍ତୁ ଶାସନତାନ୍ତ୍ରିକ ରୀତିନୀତି ଅନୁସାରେ ରାଜଶକ୍ତି ସ୍ୱେଚ୍ଛାରେ କାର୍ଯ୍ୟ କରିବାର ଅବକାଶ ଏକ ପ୍ରକାର ନାହିଁ କହିଲେ ଚଳେ । ପ୍ରାୟ ସବୁ କ୍ଷେତ୍ରରେ ରାଜଶକ୍ତି ମନ୍ତ୍ରିପରିଷଦର ପରାମର୍ଶ ଅନୁଯାୟୀ

କାର୍ଯ୍ୟକରିବାକୁ ବାଧ୍ୟ ଥାଆନ୍ତି । କାନାଡ଼ାର ସଂବିଧାନ ଅନୁସାରେ ମଧ୍ୟ ସେ ଦେଶର ମନ୍ତ୍ରିପରିଷଦର କାର୍ଯ୍ୟ ହେଲା ଗଭର୍ଣ୍ଣର ଜେନେରାଲ୍‌ଙ୍କୁ ସାହାଯ୍ୟ ଓ ପରାମର୍ଶ ଦେବା । ପାର୍ଲାମେଣ୍ଟାରୀ ଶାସନବ୍ୟବସ୍ଥାର ଏହି ରୀତିନୀତିର ପରିପ୍ରେକ୍ଷୀରେ ଭାରତୀୟ ସଂବିଧାନର ମନ୍ତ୍ରିପରିଷଦର ସାହାଯ୍ୟ ଓ ପରାମର୍ଶ ପ୍ରଦାନ କାର୍ଯ୍ୟକୁ ବ୍ୟାଖ୍ୟା କରାଗଲେ ରାଷ୍ଟ୍ରପତିଙ୍କୁ ନିୟମତାନ୍ତ୍ରିକ ରାଷ୍ଟ୍ର ପ୍ରଧାନ ହିସାବରେ ଗଣ୍ୟ କରିବାକୁ ହୁଏ । ଅନ୍ୟ ପ୍ରକାରରେ କୁହାଯାଏ, ପ୍ରକୃତ ପକ୍ଷରେ ଦେଶ ଶାସନ କରିବାର କ୍ଷମତା ହେଲା ମନ୍ତ୍ରିପରିଷଦର ଏବଂ ରାଷ୍ଟ୍ରପତିଙ୍କ କାର୍ଯ୍ୟହେଲା ମନ୍ତ୍ରିପରିଷଦକୁ ସାହାଯ୍ୟ ଓ ପରାମର୍ଶ ପ୍ରଦାନ କରିବା ।

ଏହା ବ୍ୟତୀତ ଭାରତୀୟ ସମ୍ବିଧାନରେ ଏପରି କେତେଗୁଡ଼ିଏ ଅନୁଚ୍ଛେଦ ରହିଛି ଯାହାଫଳରେ କି ନିୟମତାନ୍ତ୍ରିକ ଶାସକ ପ୍ରଧାନ ହିସାବରେ ରାଷ୍ଟ୍ରପତିଙ୍କୁ ପ୍ରାୟ ସବୁ କ୍ଷେତ୍ରରେ ମନ୍ତ୍ରିପରିଷଦର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବାକୁ ହୁଏ । ପ୍ରଥମତଃ ସମ୍ବିଧାନ ଅନୁସାରେ କେନ୍ଦ୍ରରେ ଏକ ମନ୍ତ୍ରିପରିଷଦ ଗଠିତ ହେବ । ସୁତରାଂ ରାଷ୍ଟ୍ରପତି ମନ୍ତ୍ରିପରିଷଦ ବ୍ୟତୀତ କାର୍ଯ୍ୟ କରିପାରିବେ ନାହିଁ । ଦ୍ୱିତୀୟତଃ ଏହି ମନ୍ତ୍ରିପରିଷଦ ଲୋକସଭା ନିକଟରେ ଯୌଥ ଭାବରେ ଦାୟିତ୍ୱଶୀଳ । ତୃତୀୟତଃ ରାଷ୍ଟ୍ରପତି ତାଙ୍କର କାର୍ଯ୍ୟପାଳିକା ଶକ୍ତି (Executive Power) ସମ୍ବିଧାନ ଅନୁଯାୟୀ ପ୍ରୟୋଗ କରିବାକୁ ବାଧ୍ୟ । ସେ ସମ୍ବିଧାନକୁ ପରିରକ୍ଷଣ, ସଂରକ୍ଷଣ ଓ ପ୍ରତିରକ୍ଷଣ କରିବାପାଇଁ ଶପଥ ଗ୍ରହଣ କରନ୍ତି । ସମ୍ବିଧାନରେ ବ୍ୟବସ୍ଥା ରହିଛି ଯେ ପାର୍ଲାମେଣ୍ଟ ରାଷ୍ଟ୍ରପତିଙ୍କୁ ସମ୍ବିଧାନ ଭଙ୍ଗ ଅଭିଯୋଗରେ ବିଚାର କରି ପଦରୁ ଅପସାରିତ କରିପାରେ । ଶାସନତନ୍ତ୍ରରେ ଏହିସବୁ ବିଧାନ ଥିବା ଫଳରେ ଲୋକ-ସଭାର ଆସ୍ଥାଭାଜନ ମନ୍ତ୍ରିପରିଷଦକୁ ଅଗ୍ରାହ୍ୟ କରି କାର୍ଯ୍ୟକରିବା ଅଥବା ମନ୍ତ୍ରିପରିଷଦକୁ ପଦଚ୍ୟୁତ କରିବା ରାଷ୍ଟ୍ରପତିଙ୍କ ପକ୍ଷେ ସହଜସାଧ୍ୟ ହେବ ନାହିଁ ।

ଲୋକସଭାରେ ସଂଖ୍ୟା ଗରିଷ୍ଠ ସଦସ୍ୟମାନଙ୍କର ସମର୍ଥନ ପ୍ରାପ୍ତ ମନ୍ତ୍ରିପରିଷଦକୁ ଯଦି ରାଷ୍ଟ୍ରପତି ଗ୍ରହଣ କରିବାକୁ ଅସ୍ୱୀକାର କରନ୍ତି କିମ୍ବା ପଦଚ୍ୟୁତ କରନ୍ତି, ତେବେ ତାଙ୍କୁ ଏକ ନୂତନ ମନ୍ତ୍ରିପରିଷଦ ଗଠନ କରିବାକୁ ପଡ଼ିବ । ପଦଚ୍ୟୁତ ମନ୍ତ୍ରିପରିଷଦର ଲୋକସଭାରେ ସଂଖ୍ୟାଗରିଷ୍ଠତା ଥିବା ହେତୁ ନୂତନ ମନ୍ତ୍ରିମଣ୍ଡଳ ଲୋକସଭାର ଆସ୍ଥାଭାଜନ ନ ହୋଇ ପାରନ୍ତି । ଏହା ଫଳରେ ଶାସନ ବ୍ୟବସ୍ଥାରେ ଯେଉଁ ସଂକଟ ଦେଖାଦିବ ତାକୁ ଏଡ଼ାଇବା ପାଇଁ ରାଷ୍ଟ୍ରପତି ଲୋକସଭାକୁ ଭାଙ୍ଗିଦେଇ ସାଧାରଣ ନିର୍ବାଚନର ବ୍ୟବସ୍ଥା କରିପାରନ୍ତି । କିନ୍ତୁ ପୂର୍ବତନ ପଦତ୍ୟାଗକାରୀ ବା ପଦଚ୍ୟୁତ ମନ୍ତ୍ରିପରିଷଦର ଦଳ ଯଦି ନିର୍ବାଚନରେ ଜୟଲାଭ କରି ପୁଣି ଲୋକସଭାରେ ସଂଖ୍ୟାଗରିଷ୍ଠତା ଲାଭ କରନ୍ତି ତେବେ ଏହି ଦଳ ସ୍ୱତଃ ପାର୍ଲାମେଣ୍ଟରେ ରାଷ୍ଟ୍ରପତିଙ୍କ ବିରୁଦ୍ଧରେ ସଂବିଧାନ ଲଂଘନ ଓ ଭଙ୍ଗର ଅଭିଯୋଗ ଆଣିବେ । ତେଣୁ ଉପରୋକ୍ତ ଅବସ୍ଥାଗୁଡ଼ିକରେ କୌଣସି ଜାଗାରେ ରାଷ୍ଟ୍ରପତିଙ୍କ ପରିତ୍ରାଣ ନାହିଁ । ଏଠାରେ ସ୍ମରଣ କରିବାକୁ ହେବ ଯେ, ସଂବିଧାନ ଭଙ୍ଗର ଅଭିଯୋଗରେ ପାର୍ଲାମେଣ୍ଟରେ ରାଷ୍ଟ୍ରପତିଙ୍କର ଯେଉଁ ବିଚାର ହେବ ତାହା ବିଚାରାଳୟର ବିଚାର ନୁହେଁ,

ରାଷ୍ଟ୍ରନୈତିକ ବିଷୟ । କୌଣସି ସୁସ୍ଥ ମସ୍ତିଷ୍କ ରାଷ୍ଟ୍ରପତି ଏହିଭଳି ନିଜର ବିପଦ ନିଜେ ଆମନ୍ତ୍ରଣ କରିବେ ବୋଲି ମନେହୁଏ ନାହିଁ ।

ରାଷ୍ଟ୍ରପତିଙ୍କ କ୍ଷମତା ଓ ଭୂମିକା ସମ୍ପର୍କରେ ତର୍କ ବିତର୍କ, ୧୯୭୭ ମସିହାରେ ସମ୍ବିଧାନର ବିୟାଳିଶତମ ଧାରା ସଂଶୋଧନ କରାଯିବାପରେ ଅବସାନ ଘଟିଲାପରି ମନେହୁଏ । ସମ୍ବିଧାନର ୭୪ ଧାରାକୁ ସଂଶୋଧିତକରି ମନ୍ତ୍ରିମଣ୍ଡଳର ପରାମର୍ଶ ଗ୍ରହଣ କରିବା ପାଇଁ ରାଷ୍ଟ୍ରପତି ବାଧ୍ୟ ଅଟନ୍ତି ବୋଲି ବ୍ୟବସ୍ଥା କରାଯାଇଛି । ୧୯୭୮ ମସିହାର ୪୪ ତମ ସମ୍ବିଧାନ ସଂଶୋଧନ ଦ୍ୱାରା କେନ୍ଦ୍ର ମନ୍ତ୍ରିମଣ୍ଡଳର ଲିଖିତ ପରାମର୍ଶ ନ ପାଇଲେ ଜାତୀୟ ଜରୁରୀ ପରିସ୍ଥିତି ଘୋଷଣା କରିପାରିବେ ନାହିଁ ବୋଲି ସ୍ପଷ୍ଟ ଭାବରେ କୁହାଯାଇଛି । ଉକ୍ତ ବ୍ୟବସ୍ଥା ଫଳରେ ରାଷ୍ଟ୍ରପତିଙ୍କ ସ୍ୱେଚ୍ଛାଧୀନ କ୍ଷମତାର ଅବସାନ ଘଟିଲା ବୋଲି କୁହାଯାଇଥାଏ । ତଥାପି ନିମ୍ନଲିଖିତ ଦୁଇଟି ପରିସ୍ଥିତିରେ ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର କ୍ଷମତାକୁ ସଂପୂର୍ଣ୍ଣଭାବେ ସୀମିତ କରାଯାଇ ନପାରେ । ପ୍ରଥମଟି ପ୍ରଧାନମନ୍ତ୍ରୀ ନିଯୁକ୍ତି ଓ ଦ୍ୱିତୀୟଟି ଲୋକସଭା ଭଙ୍ଗ ।

ସଂଖ୍ୟାଗରିଷ୍ଠ ଦଳର ଦଳପତିଙ୍କୁ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ କରିବା ପାରମ୍ପରିକ ପ୍ରଥା । ଯଦି କୌଣସି ଦଳ ସଂଖ୍ୟାଗରିଷ୍ଠତା ହାସଲ ନକରି ପାରିଥାଏ ତେବେ କେଉଁ ଦଳର ନେତାଙ୍କୁ ପ୍ରଧାନମନ୍ତ୍ରୀ ଭାବେ ନିଯୁକ୍ତ କରିବେ ତାହା ତାଙ୍କର ଦାୟିତ୍ୱ । ସେହିପରି ଜଣେ ବିଦାୟୀ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ ନିର୍ଦ୍ଦିଷ୍ଟ ସମୟ ପୂର୍ବରୁ ଲୋକ-ସଭାକୁ ଭଙ୍ଗ କରିବେ କି ନାହିଁ ତାହା ରାଷ୍ଟ୍ରପତିଙ୍କ ଇଚ୍ଛାଧୀନ କାର୍ଯ୍ୟର ଅନ୍ତର୍ଭୁକ୍ତ । ଚରଣ ସିଂହଙ୍କୁ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ କରିବା ଓ ତାଙ୍କ ପରାମର୍ଶ ଅନୁସାରେ ଲୋକସଭା ଭଙ୍ଗ କରିବାଦ୍ୱାରା ରାଷ୍ଟ୍ରପତି ଶ୍ରୀଯୁକ୍ତ ରେଡ୍ଡିଙ୍କ କାର୍ଯ୍ୟ ବିବାଦୀୟ ହେଲେ ମଧ୍ୟ ଏହା ତାଙ୍କର ସ୍ୱେଚ୍ଛାଧୀନ କ୍ଷମତାର ପରିଚୟ ଦିଏ । ସଂସଦୀୟ ଗଣତନ୍ତ୍ରରେ ମନ୍ତ୍ରିମଣ୍ଡଳ ହିଁ ପ୍ରକୃତ କ୍ଷମତାର ଅଧିକାରୀ । ରାଜନୀତି ବିଜ୍ଞାନର ନୀତି ଅନୁସାରେ କ୍ଷମତା ଓ ଦାୟିତ୍ୱ ଏକତ୍ର ରହିବା ଉଚିତ । ଏ ଉଭୟ ମନ୍ତ୍ରିମଣ୍ଡଳ ଗ୍ରହଣ କରିଥାଏ ଓ ସଂସଦ ନିକଟରେ ଦାୟୀ । ମନ୍ତ୍ରିମଣ୍ଡଳର ଯେ କୌଣସି ପ୍ରକାର କାର୍ଯ୍ୟପାଇଁ ସଂସଦ ନିକଟରେ ବିରୋଧୀଦଳର ଅନାସ୍ଥା ପ୍ରସ୍ତାବଠାରୁ ଆରମ୍ଭ କରି ଟେବୁଲ ବାଡେଇବା ପର୍ଯ୍ୟନ୍ତ ସବୁ ସହ୍ୟ କରିବାକୁ ବାଧ୍ୟ । ଅତଏବ ରାଷ୍ଟ୍ରପତି କେବଳ ନାମକୁ ମାତ୍ର ରାଷ୍ଟ୍ରୀୟ ତଥା ସାମ୍ବିଧାନିକ ମୁଖ୍ୟ, ଆଲଙ୍କାରିକ ପଦବୀରେ ଅଧିକାରୀ । ତାଙ୍କର ମନ୍ତ୍ରିମଣ୍ଡଳକୁ ଉତ୍ସାହିତ, ପରାମର୍ଶ ଏବଂ ତାଗିଦ୍ କରିବା କ୍ଷମତା ( **Right to encourage, advices Warn** ) ଥିଲେ ହେଁ ସେ ଜାତୀୟ ଜୀବନର ସଂକେତ ଓ ପ୍ରତୀକ ରୂପେ ବିବେଚିତ ହେବା ଉଚିତ ।

# ନବମ ପରିଚ୍ଛେଦ

## ମନ୍ତ୍ରିପରିଷଦ

### ( THE COUNCIL OF MINISTERS )

ଭାରତୀୟ ସମ୍ବିଧାନର ୭୪ ଧାରାରେ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଏକ ମନ୍ତ୍ରିପରିଷଦ ରହିବା କଥା ଉଲ୍ଲିଖିତ ଅଛି । ପ୍ରଥମେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତ ଦିଅନ୍ତି ଏବଂ ପରେ ତାଙ୍କର ପରାମର୍ଶ ଅନୁଯାୟୀ ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତି ପ୍ରଦାନ କରନ୍ତି । ମନ୍ତ୍ରିପରିଷଦର କୌଣସି ନିର୍ଦ୍ଦିଷ୍ଟ ଆକାର ନାହିଁ । ମନ୍ତ୍ରିପରିଷଦର ସଭ୍ୟ ସଂଖ୍ୟା ଉପରେ ନିଷ୍ପତ୍ତି ନେବା ଦାୟିତ୍ୱ ପ୍ରଧାନମନ୍ତ୍ରୀଙ୍କ ପାଖରେ ନ୍ୟସ୍ତ ରହିଛି । ଚାରି ସ୍ତରର ମନ୍ତ୍ରୀଙ୍କୁ ନେଇ ମନ୍ତ୍ରିପରିଷଦ ଗଠିତ—କ୍ୟାବିନେଟ ପାହ୍ୟା ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, ଉପମନ୍ତ୍ରୀ ଏବଂ ସଂସଦୀୟ ସଚିବ ବୃନ୍ଦ । ମନ୍ତ୍ରିମଣ୍ଡଳ (Cabinet) ମନ୍ତ୍ରିପରିଷଦର କେନ୍ଦ୍ରବିନ୍ଦୁ ଅଟେ । ଏହାକୁ ବୃତ୍ତ ମଧ୍ୟରେ ବୃତ୍ତ ( Inner ring of the Council ) ବୋଲି କୁହାଯାଏ ।

ସଂସଦୀୟ ଗଣତନ୍ତ୍ରର ଏକ ପ୍ରଧାନ ଲକ୍ଷଣ ହେଉଛି ରାଷ୍ଟ୍ରମୁଖ୍ୟ ଏବଂ ଶାସନ-ମୁଖ୍ୟର ଅବସ୍ଥାନ । ରାଷ୍ଟ୍ରପତି ରାଷ୍ଟ୍ରମୁଖ୍ୟର ଭୂମିକା ଅବଲମ୍ବନ କରୁଥିବା ସ୍ଥଳେ ବାସ୍ତବ କ୍ଷେତ୍ରରେ କାର୍ଯ୍ୟପାଳିକାର ସମସ୍ତ ଦାୟିତ୍ୱ ମନ୍ତ୍ରିପରିଷଦ ଉପରେ ନ୍ୟସ୍ତ ରହେ । ଅତଏବ ସଂସଦୀୟ ଗଣତନ୍ତ୍ରରେ ମନ୍ତ୍ରିପରିଷଦର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

କେଉଁ ପ୍ରଣାଳୀରେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତ ଦେବେ, ସେ ବିଷୟରେ ସଂବିଧାନ ନୀରବ ରହିଛି । ପ୍ରଧାନମନ୍ତ୍ରୀ ଲୋକସଭାର ସଭ୍ୟହେବାପାଇଁ ବାଧ୍ୟ କିମ୍ବା ରାଜ୍ୟସଭାର ସଭ୍ୟ ହେଲେ ବି ଚଳିବ. ସେ ବିଷୟରେ ମଧ୍ୟ ସଂବିଧାନରେ କିଛି ଇଂଗିତ ନାହିଁ । ଅବଶ୍ୟ ଏତିକି କୁହାଯାଇଛି ଯେ ସେ ଲୋକସଭାରେ ସଂଖ୍ୟାଗରିଷ୍ଠ ସଦସ୍ୟଙ୍କର ସମର୍ଥନ ଲାଭ କରୁଥିବେ । ସଂବିଧାନର ଆକ୍ଷରିକ ଅର୍ଥ କରାଗଲେ ପାର୍ଲାମେଣ୍ଟର ସଦସ୍ୟ ନ ଥିବା ଏବଂ ତାଙ୍କ ପଛରେ କୌଣସି ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ସମର୍ଥନ ନ ଥିବା କୌଣସି ବ୍ୟକ୍ତିଙ୍କୁ ଛଅମାସରୁ କମ୍ ସମୟ ପାଇଁ ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ କରାଯାଇ ପାରେ । ଅବଶ୍ୟ ଉକ୍ତ ବ୍ୟକ୍ତିଙ୍କୁ ଛଅମାସ ମଧ୍ୟରେ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇ

ଆସିବାକୁ ପଡ଼ିବ । ଭାରତୀୟ ସଂବିଧାନ ବ୍ରିଟିଶ୍ ପ୍ରଥାକୁ ଅନୁକରଣ କରୁଥିବା ହେତୁ ପରମ୍ପରା ଅନୁସାରେ ରାଷ୍ଟ୍ରପତି ଲୋକସଭାରେ ସଂଖ୍ୟାଗରିଷ୍ଠ ଦଳର ନେତୃତ୍ୱ ଲାଭ କରୁଥିବା ନିର୍ବାଚିତ ବ୍ୟକ୍ତିଙ୍କୁ ପ୍ରଧାନମନ୍ତ୍ରୀରୂପେ ନିଯୁକ୍ତ ଦିଅନ୍ତି ।

ବାସ୍ତବ କ୍ଷେତ୍ରରେ ଦେଖିବାକୁ ଗଲେ ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତ କରିବା କ୍ଷମତା ରାଷ୍ଟ୍ରପତିଙ୍କର ଏକ ନାମ ମାତ୍ର କ୍ଷମତା । ଲୋକସଭାରେ ସଂଖ୍ୟାଗରିଷ୍ଠ ଦଳର ନେତାଙ୍କୁ ବାଦ ଦେଇ ଅନ୍ୟ କାହାକୁ ପ୍ରଧାନମନ୍ତ୍ରୀରୂପେ ନିଯୁକ୍ତ କରିବାର ଉପାୟ ରାଷ୍ଟ୍ରପତିଙ୍କର ନାହିଁ । ଆଜି ପର୍ଯ୍ୟନ୍ତ ସମସ୍ତ ପ୍ରଧାନମନ୍ତ୍ରୀ ଲୋକସଭାରୁ ବଛା ଯାଇଥିଲେ ସୁଦ୍ଧା, ସେମାନେ ରାଜ୍ୟସଭାରୁ ବଛାଯାଇ ପାରିବେ ନାହିଁ ବୋଲି ସଂବିଧାନର କୌଣସି ଭାଗରେ କୁହାଯାଇ ନାହିଁ ।

ଅବଶ୍ୟ କେତେଗୋଟି ପରିସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ନିଯୁକ୍ତି ପାଇଁ ରାଷ୍ଟ୍ରପତି ସ୍ୱାଧୀନତା ଉପଭୋଗ କରିଥାନ୍ତି—(୧) ଯଦି କୌଣସି ଗୋଟିଏ ରାଜନୈତିକ ଦଳ ବା ମିଳିତ ସାମୂହିକ୍ୟ ଲୋକସଭାରେ ସଂଖ୍ୟାଗରିଷ୍ଠତା ହାସଲ କରିନଥାନ୍ତି, (୨) ପ୍ରଧାନମନ୍ତ୍ରୀ କ୍ଷମତାରେ ଥାଇ ମୃତ୍ୟୁବରଣ କଲେ ସେହି ପଦପାଇଁ ଯଦି କେହି ଯୋଗ୍ୟ ପରବର୍ତ୍ତୀ ବ୍ୟକ୍ତି ( successor ) ନ ଥାନ୍ତି । ଏଠି ଉଲ୍ଲେଖ କରାଯାଇପାରେ ଯେ ୧୯୬୪ ଖ୍ରୀ: ଅ: ମଇ ମାସ ୨୭ ତାରିଖ ଦିନ ପଣ୍ଡିତ ଜବାହାରଲାଲ ନେହେରୁ ଇହଲୀଳା ସମ୍ବରଣ କଲାପରେ ଶ୍ରୀ ଗୁଲଜାରୀଲାଲ ନନ୍ଦା ପ୍ରଧାନମନ୍ତ୍ରୀରୂପେ ନିଯୁକ୍ତ ହୋଇଥିଲେ, କାରଣ ସେ ଥିଲେ ମନ୍ତ୍ରିପରିଷଦର ସବୁଠାରୁ ପୁରୁଣା ସଦସ୍ୟ ।

ପ୍ରଧାନମନ୍ତ୍ରୀ ନିଯୁକ୍ତ ହୋଇସାରିବା ପରେ ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତ କରିବା ପାଇଁ ସେ ରାଷ୍ଟ୍ରପତିଙ୍କୁ ସୁପାରିଶ କରନ୍ତି । ମନ୍ତ୍ରିପରିଷଦର ଆକାର ନିର୍ଦ୍ଦିଷ୍ଟ କରିବାରେ ଏବଂ ମନ୍ତ୍ରିପରିଷଦକୁ ସଦସ୍ୟ ବାଛି ନେବାରେ ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତି ହିଁ ଚୂଡ଼ାନ୍ତ ହୋଇଥାଏ । ଅବଶ୍ୟ ପ୍ରଧାନମନ୍ତ୍ରୀଙ୍କ ପ୍ରବରଣ ( Selection ) କେତେଗୁଡ଼ିଏ ଉପାଦାନ ଦ୍ୱାରା ସୀମିତ ରହେ । ସେ ବ୍ୟକ୍ତିଗତ, ରାଜନୈତିକ, ଅର୍ଥନୈତିକ, ଶାସନ ଗତ, ଆଞ୍ଚଳିକ ପ୍ରଭୃତି ଉପାଦାନ ପ୍ରଭୃତିକୁ ବିଚାରକୁ ନେଇଥାନ୍ତି । ସାଧାରଣତଃ ନିଜ ଦଳର ନିଷ୍ଠାପର କର୍ମୀମାନଙ୍କୁ ଏବଂ ଶାସନଗତ ଯୋଗ୍ୟତା ଥିବା ପ୍ରବୀଣ ବ୍ୟକ୍ତିମାନଙ୍କୁ ମନ୍ତ୍ରୀବେଳେ ଅଗ୍ରାଧିକାର ଦିଆଯାଏ । ମୁସଲିମ ଏବଂ ଶିଖ ଭଳି ସଂଖ୍ୟାନ୍ୟୁନ ସଂପ୍ରଦାୟ ପ୍ରତିନିଧିଙ୍କୁ ମନ୍ତ୍ରୀପରିଷଦରେ ସ୍ଥାନ ଦେବାପାଇଁ ସେ ଭୁଲିଯାଇ ନ ପାରନ୍ତି । ବର୍ତ୍ତମାନ ପରିପ୍ରେକ୍ଷୀରେ ଆଦିବାସୀ ଏବଂ ହରିଜନ ସଂପ୍ରଦାୟର ପ୍ରତିନିଧିଙ୍କୁ ମନ୍ତ୍ରିପରିଷଦରେ ସ୍ଥାନ ଦେବାପାଇଁ ଅଧିକ ଜୋର ଦିଆଯାଉଛି । ସ୍ୱର୍ଗୀୟ ଲାଲବାହାଦୁର ଶାସ୍ତ୍ରୀଙ୍କ ମନ୍ତ୍ରି-ପରିଷଦ ପାଇଁ ବଛେଇ ବେଳେ ନ୍ୟାୟକର୍ତ୍ତା, ସାଧୁତା ପ୍ରଭୃତି ବ୍ୟକ୍ତିଗତ ଗୁଣ ପ୍ରତି ବିଶେଷ ଜୋର୍ ଦିଆଯାଇଥିଲା ।

ସମ୍ବିଧାନର ୭୫ (୨) ଧାରା ଅନୁଯାୟୀ ମନ୍ତ୍ରୀମାନେ ରାଷ୍ଟ୍ରପତିଙ୍କ ଇଚ୍ଛାଧୀନ ରହି ନିଜ ପଦ ଧାରଣ କରିଥାନ୍ତି । ଏଥିରୁ ଅର୍ଥ କରାଯାଏ ଯେ ରାଷ୍ଟ୍ରପତି ନିଜ ଇଚ୍ଛାନୁସାରେ ମନ୍ତ୍ରୀମାନଙ୍କୁ ମନ୍ତ୍ରିପରିଷଦରୁ ବହିଷ୍କାର କରିପାରନ୍ତି । କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ମନ୍ତ୍ରୀମାନଙ୍କୁ ବହିଷ୍କାର କରିବା ବିଷୟରେ ରାଷ୍ଟ୍ରପତିଙ୍କର ସ୍ୱାଧୀନ ମତ ନ ଥାଏ, ସେ ପ୍ରଧାନମନ୍ତ୍ରୀଙ୍କ ସୁପାରିଶରେ ହିଁ ଏହି କାର୍ଯ୍ୟ ସମ୍ପାଦନ କରିଥାନ୍ତି । ବିଭିନ୍ନ କାରଣ ଯୋଗୁଁ କୌଣସି ମନ୍ତ୍ରୀଙ୍କୁ ମନ୍ତ୍ରିପରିଷଦରୁ ବହିଷ୍କାର କରାଯାଇପାରେ—(କ) ସରକାରଙ୍କ କୌଣସି ନୀତି ଉପରେ ପ୍ରଧାନମନ୍ତ୍ରୀ ଏବଂ ଉକ୍ତ ମନ୍ତ୍ରୀଙ୍କ ମଧ୍ୟରେ ମୌଳିକ ମତ ପାର୍ଥକ୍ୟ ଦେଖାଦେଲେ, (ଖ) ମନ୍ତ୍ରୀଙ୍କ ସାଧୁତା ଏବଂ ଅଖଣ୍ଡତା ଉପରେ ସନ୍ଦେହ ପ୍ରକାଶ ପାଇଲେ, (ଗ) ନିଜ ଅଧୀନରେ ଥିବା ବିଭାଗକୁ ସୁବ୍ୟବସ୍ଥିତରୂପେ ପରିଚାଳନା କରି ନ ପାରିଲେ କିମ୍ବା (ଘ) କୌଣସି ମନ୍ତ୍ରୀଙ୍କ ବିରୁଦ୍ଧରେ ଜନମତ ସୃଷ୍ଟି ହେଲେ । ସାଧାରଣତଃ ପ୍ରଧାନମନ୍ତ୍ରୀଙ୍କଠାରୁ ସୂଚନା ପାଇବା ମାତ୍ରେ ମନ୍ତ୍ରୀମାନେ ଇସ୍ତଫା ଦେଇ କ୍ଷମତାରୁ ଓହରି ଯାଆନ୍ତି । ଯଦି କୌଣସି ମନ୍ତ୍ରୀ ଇସ୍ତଫା ନ ଦିଅନ୍ତି ତେବେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇ ମନ୍ତ୍ରିପରିଷଦରୁ ଉକ୍ତ ମନ୍ତ୍ରୀଙ୍କୁ ବହିଷ୍କାର କରନ୍ତି । ନାପସନ୍ଦ କରୁଥିବା କୌଣସି ଠାଣୁଆ ମନ୍ତ୍ରୀଙ୍କୁ ମନ୍ତ୍ରିପରିଷଦରୁ ହଟାଇବାପାଇଁ ପ୍ରଧାନମନ୍ତ୍ରୀ ଆଉ ଏକ ଉପାୟ ଅବଲମ୍ବନ କରିପାରନ୍ତି । ସେ ପ୍ରଥମେ ଇସ୍ତଫା ଦେଇ ମନ୍ତ୍ରିପରିଷଦକୁ ଭାଙ୍ଗି ଦେଇପାରନ୍ତି । ପୁଣି ନୂତନ ମନ୍ତ୍ରିପରିଷଦ ଗଠନ ବେଳେ ଉକ୍ତ ମନ୍ତ୍ରୀଙ୍କୁ ବାଦ ଦିଅନ୍ତି ।

ପାର୍ଲିମେଣ୍ଟରେ ବିପୁଳ ସଂଖ୍ୟାଗରିଷ୍ଠତାର ଏବଂ ଜନମତର ସମର୍ଥନ ନ ଥାଇ କୌଣସି ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ବହିଷ୍କାର କରିବା ଭଳି ଦୃଢ଼ ପଦକ୍ଷେପ ନେଇପାରିବେ ନାହିଁ । ପ୍ରଧାନମନ୍ତ୍ରୀଙ୍କ ପଛରେ ପାର୍ଲିମେଣ୍ଟରେ ସଂଖ୍ୟାଗରିଷ୍ଠତାର ସମର୍ଥନ ନାହିଁ ବୋଲି ହୃଦ୍‌ବୋଧ ହେଲେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କୁ ବହିଷ୍କାର କରିପାରନ୍ତି । କିନ୍ତୁ ସେହିପରି ପରିସ୍ଥିତି ଉପୁଜିଲେ ଅର୍ଥାତ୍ ପାର୍ଲିମେଣ୍ଟରେ ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ନଷ୍ଟ ହେଲେ ପାର୍ଲିମେଣ୍ଟ ନିନ୍ଦା ପ୍ରସ୍ତାବ ( Vote of censure ) ଦ୍ୱାରା ପ୍ରଧାନମନ୍ତ୍ରୀଙ୍କୁ ବହିଷ୍କାର କରିପାରେ । ଏହି ପରିପ୍ରେକ୍ଷୀରେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଅଦରକାରୀ ମନେହୁଏ ।

ମନ୍ତ୍ରିପରିଷଦ ଭାରତ ସରକାରଙ୍କ ଏକ ସାମୂହିକ ପ୍ରତିରୂପ ( Collective embodiment ) ଅଟେ । କିନ୍ତୁ ସରକାରୀ କାର୍ଯ୍ୟକଳାପକୁ ସୁବିଧାଜନକ ସମ୍ପାଦନପାଇଁ ପ୍ରଧାନମନ୍ତ୍ରୀ ତାଙ୍କ ମନ୍ତ୍ରିପରିଷଦର ବିଭିନ୍ନ ମନ୍ତ୍ରୀଙ୍କ ମଧ୍ୟରେ ବିଭାଗ ବଣ୍ଟନ କରିଥାନ୍ତି । ଅବଶ୍ୟ ରାଷ୍ଟ୍ରପତି ସେ ସବୁ ବଣ୍ଟନକୁ ଆନୁଷ୍ଠାନିକ ସ୍ୱୀକୃତି ଦେଇଥାନ୍ତି । କିନ୍ତୁ ବାସ୍ତବ କ୍ଷେତ୍ରରେ ବିଭାଗ ବଣ୍ଟନପାଇଁ ପ୍ରଧାନମନ୍ତ୍ରୀଙ୍କର ଅସୀମିତ ସ୍ୱାଧୀନତା ନାହିଁ । ସାଧାରଣତଃ ବିଭାଗ ବଣ୍ଟନ ଉପରେ ଶେଷ ନିଷ୍ପତ୍ତି ଦେବା ପୂର୍ବରୁ କୌଣସି ମନ୍ତ୍ରୀଙ୍କ ଦାବୀ ଏବଂ ଅଧିମାନ ( preference ) ଓଜନ କରିଥାନ୍ତି । ବିଭାଗ ବଣ୍ଟନ ସବୁବେଳେ ବିଚାରଶୀଳ ଏବଂ ଯୁକ୍ତିପୂର୍ଣ୍ଣ ହେବା ଉଚିତ୍ ନ ହେଲେ ମନ୍ତ୍ରିପରିଷଦରେ

ଅସନ୍ତୋଷର ବହ୍ନି କୁହୁଳି ଉଠେ । ପଣ୍ଡିତ ଜବାହରଲାଲ ନେହରୁ ସର୍ଦ୍ଦାର ପଟେଲଙ୍କର ସ୍ୱରାଷ୍ଟ୍ର ବିଭାଗପାଇଁ ଦାବୀକୁ ଉପେକ୍ଷା କରିପାରି ନଥିଲେ । ସେହିପରି ଟି. ଟି. କୃଷ୍ଣମାଚାରୀ ମନ୍ତ୍ରିପରିଷଦରୁ ଓହରିଯିବା ଧମକ ଦେବା ଫଳରେ ପଣ୍ଡିତ ନେହେରୁ ତାଙ୍କୁ ଅର୍ଥବିଭାଗ ଦେବାପାଇଁ ବାଧ୍ୟ ହୋଇଥିଲେ । ଅବଶ୍ୟ କୌଣସି ମନ୍ତ୍ରୀଙ୍କ କାର୍ଯ୍ୟ ସମ୍ପାଦନରେ ଅସନ୍ତୋଷ ହେଲେ ପ୍ରଧାନମନ୍ତ୍ରୀ ଉକ୍ତ ମନ୍ତ୍ରୀଙ୍କଠାରୁ ତାଙ୍କ ବିଭାଗ ଛଡ଼ାଇ ନେବାଭଳି ଦୃଢ଼ ପଦକ୍ଷେପ ମଧ୍ୟ ନେଇ ପାରନ୍ତି । ଶ୍ରୀମତୀ ଗାନ୍ଧୀ ମୋରାରଜୀ ଦେଶାଇଙ୍କଠାରୁ ଅର୍ଥବିଭାଗ ବାହାର କରିନେଇଥିଲେ, ଯାହା କଂଗ୍ରେସ ବିଭାଜନ ପାଇଁ ଏକ କାରଣ ହୋଇଥିଲା ।

## ମନ୍ତ୍ରିମଣ୍ଡଳ ଓ ମନ୍ତ୍ରିପରିଷଦ

**( The Cabinet and the Council of Ministers )**

ସରକାରୀ ଦଳକୁ ଧାରାବାହିକ ପୁନର୍ଗଠନ କରାଯିବା ପରେ ବର୍ତ୍ତମାନ ମନ୍ତ୍ରିପରିଷଦର ସଦସ୍ୟଙ୍କୁ ତିନି ଭାଗରେ ବିଭକ୍ତ କରାଯାଏ : କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀ, ( Cabinet Ministers ) ରାଷ୍ଟ୍ରମନ୍ତ୍ରୀ ( Ministers of State ) ଉପମନ୍ତ୍ରୀ ( Deputy Minister ) ।

କ୍ୟାବିନେଟ ପାହ୍ୟା ମନ୍ତ୍ରୀଙ୍କ ମନ୍ତ୍ରିମଣ୍ଡଳ ( Cabinet ) ନାମରେ ଏକ ପୃଥକ ସଙ୍ଗଠନ ଥାଏ । ମନ୍ତ୍ରିମଣ୍ଡଳ ହେଉଛି ମନ୍ତ୍ରିପରିଷଦର କେନ୍ଦ୍ର ବିନ୍ଦୁ । ଏହାକୁ ଚକ ମଧ୍ୟରେ ଚକ କୁହାଯାଏ ( A wheel within a wheel ), ଯାହାର ପ୍ରଥମ ଘେର ( Ring ) ହେଉଛି ମନ୍ତ୍ରିପରିଷଦ ଏବଂ ଦ୍ୱିତୀୟ ଘେର ହେଉଛି ଲୋକସଭାର ସଂଖ୍ୟାଗରିଷ୍ଠ ଦଳ । ସାଧାରଣତଃ ଦଳର ବିଶ୍ୱାସୀ କର୍ମୀ ଏବଂ ରାଜନୈତିକ ଏବଂ ପ୍ରଶାସନିକ କ୍ଷେତ୍ରରେ ପରିଣତ ଏବଂ ସାମର୍ଥ୍ୟ ଲାଭ କରିଥିବା ପୁରୁଣା ଏବଂ ପୁରୁଖା ସଭ୍ୟମାନଙ୍କୁ ମନ୍ତ୍ରିମଣ୍ଡଳକୁ ନିଆଯାଏ । କ୍ୟାବିନେଟ ପାହ୍ୟା ମନ୍ତ୍ରୀମାନେ ଗୁରୁତ୍ୱପୂର୍ଣ୍ଣ ବିଭାଗଗୁଡ଼ିକ ନିଜ ଅଧୀନରେ ରଖିଥାନ୍ତି । ଯଥା : ଅର୍ଥ, ବହିର୍ବ୍ୟାପାର, ପ୍ରତିରକ୍ଷା, ବାଣିଜ୍ୟ, ସ୍ୱରାଷ୍ଟ୍ର, ରେଳବାଇ ପ୍ରଭୃତି ବିଭାଗ । ଗୁରୁତ୍ୱପୂର୍ଣ୍ଣ ବିଭାଗ ବାଣ୍ଟିବାବେଳେ ପ୍ରଧାନମନ୍ତ୍ରୀ ବିଶେଷ କରି ଦଳୀୟ ଏବଂ ରାଜନୈତିକ ତତ୍ତ୍ୱର ଉପରେ ବିଶେଷ ଜୋର ଦେଇଥାନ୍ତି । ଏକ ଆଦର୍ଶ ମନ୍ତ୍ରିମଣ୍ଡଳରେ କମ୍ ସଂଖ୍ୟକ ସଭ୍ୟ ରହିବା ଉଚିତ୍ । ତାହେଲେ, ପରିକଳ୍ପନା, ଯୋଜନା ଏବଂ ପର୍ଯ୍ୟାଲୋଚନାରେ ମନ୍ତ୍ରିମଣ୍ଡଳ ସହାୟକ ହେବ । ମନ୍ତ୍ରିମଣ୍ଡଳରେ ୧୬ ଜଣ ସଭ୍ୟ ରହିବା ଉଚିତ ବୋଲି ପ୍ରଶାସନିକ ସଂଶୋଧନ ଆୟୋଗ ( Administrative Reforms Commission ) ମତ ଦେଇଛନ୍ତି । ମନ୍ତ୍ରିମଣ୍ଡଳ ସଂହତ ( Compact ) ହେଲେ ତାର କାର୍ଯ୍ୟକ୍ଷମତା ସାଦୃଶ୍ୟ, ସମମତାବଲମ୍ବିତା ( Homogeneity ) ଏବଂ କାର୍ଯ୍ୟଦକ୍ଷତାର ବେଗ ବୃଦ୍ଧି ପାଏ । ଗତ

୨୫ ବର୍ଷର ମନ୍ତ୍ରିମଣ୍ଡଳକୁ ଅନୁଧ୍ୟାନ କଲେ ଦେଖାଯାଏ ଯେ ମନ୍ତ୍ରିମଣ୍ଡଳର ସଭ୍ୟସଂଖ୍ୟା ସବୁବେଳେ ୧୨ରୁ ୧୯ ମଧ୍ୟରେ ପରିବର୍ତ୍ତିତ ହୋଇଛି ।

ମନ୍ତ୍ରିମଣ୍ଡଳ ସହିତ ତୁଳନା କଲେ ମନ୍ତ୍ରିପରିଷଦ ନିଶ୍ଚିତ ଭାବରେ ଏକ ବୃହତ୍ତର ସଂସ୍ଥା । ସେଥିରେ ତିନିପ୍ରକାର ମନ୍ତ୍ରୀ ସ୍ଥାନ ପାଇଥାନ୍ତି । ତେଣୁ ଏହାର ସଭ୍ୟସଂଖ୍ୟା ୫୦ ବା ତତୋଽଧିକ ହୋଇଥାଏ । ସରକାରୀ କାର୍ଯ୍ୟ ତୁଲାଇବା ପାଇଁ ମନ୍ତ୍ରିପରିଷଦ ସାଙ୍ଗଠନିକ ଭାବରେ ଏକତ୍ରିତ ହୁଅନ୍ତି ନାହିଁ । ଏହି ସଂସ୍ଥାର ସାମୂହିକ କାର୍ଯ୍ୟକଳାପ ନାହିଁ । ମନ୍ତ୍ରିମଣ୍ଡଳ ହିଁ ସରକାରୀ କାର୍ଯ୍ୟ ତୁଲାଇବା ପାଇଁ ଏକତ୍ରିତ ହୁଅନ୍ତି । ତେଣୁ ଏହା ସାମୂହିକ କାର୍ଯ୍ୟ ତୁଲାଇବା ସଙ୍ଗେ ସଙ୍ଗେ ସମଭାବରେ ଦାୟୀ ରହେ ।

ରାଷ୍ଟ୍ରମନ୍ତ୍ରୀମାନେ ବି କ୍ୟାବିନେଟ ପାହ୍ୟା ମନ୍ତ୍ରୀଙ୍କ ପଦମର୍ଯ୍ୟାଦା ଉପଭୋଗ କରନ୍ତି । କିନ୍ତୁ ସେମାନେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଭ୍ୟ ନୁହନ୍ତି । ଯେତେବେଳେ ସେମାନେ ସଂପୃକ୍ତ ଥିବା ବିଷୟବସ୍ତୁଗୁଡ଼ିକ ମନ୍ତ୍ରିସଭାରେ ଆଲୋଚିତ ହୁଏ ଏବଂ ସେମାନେ ସେଥିରେ ଭାଗ ନେବାପାଇଁ ନିମନ୍ତ୍ରିତ ହୁଅନ୍ତି କିମ୍ବା ସଂପୃକ୍ତ କ୍ୟାବିନେଟ ପାହ୍ୟାମନ୍ତ୍ରୀ ଆଲୋଚନାବେଳେ ଅନୁପସ୍ଥିତ ରହନ୍ତି, ରାଷ୍ଟ୍ରମନ୍ତ୍ରୀମାନେ ମନ୍ତ୍ରିସଭାର ଆଲୋଚନାରେ ଭାଗନିଅନ୍ତି । ସାଧାରଣତଃ ରାଷ୍ଟ୍ରମନ୍ତ୍ରୀମାନେ କ୍ୟାବିନେଟ୍ ପାହ୍ୟା ମନ୍ତ୍ରୀଙ୍କ ତଳପାହ୍ୟାରେ ରହିଥାନ୍ତି ଏବଂ କେବଳ ପ୍ରଶାସନିକ ଦାୟିତ୍ୱ ତୁଲାଇଥାନ୍ତି । ବେଳେବେଳେ ସେମାନେ କମ୍ ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟ ହିସାବରେ କାର୍ଯ୍ୟଭାର ତୁଲନ୍ତି । କେତେକ ସମୟରେ ସେମାନଙ୍କ ଦାୟିତ୍ୱ ଉପମନ୍ତ୍ରୀଙ୍କ ଦାୟିତ୍ୱଠାରୁ ପୃଥକ୍ ( Distinguish ) କରିବା କଷ୍ଟକର ହୋଇଥାଏ ।

ଉପମନ୍ତ୍ରୀମାନେ ଟେକ୍ନ ମନ୍ତ୍ରୀଙ୍କ ପରପାହ୍ୟାରେ ଅବସ୍ଥାନ କରନ୍ତି । ସେମାନେ ସ୍ୱାଧୀନ ଭାବରେ କୌଣସି ବିଭାଗ ଧାରଣ କରିନଥାନ୍ତି । ସେମାନଙ୍କୁ ଇଂଲଣ୍ଡର ସଂସଦୀୟ ସଚିବ କିମ୍ବା ଅଣ୍ଡର ସେକ୍ରେଟାରୀମାନଙ୍କ ସହିତ ତୁଳନା କରାଯାଇପାରେ । କ୍ୟାବିନେଟ ପାହ୍ୟାମନ୍ତ୍ରୀଙ୍କ ଦ୍ୱାରା ହସ୍ତାନ୍ତରିତ ଦାୟିତ୍ୱ ତୁଲାଇବା ହେଉଛି ଉପମନ୍ତ୍ରୀମାନଙ୍କ ଧର୍ମ । ସ୍ୱଭାବିକ ଭାବେ ସେମାନଙ୍କର କାର୍ଯ୍ୟକୁ ନିମ୍ନ ତିନିପ୍ରକାରରେ ବିଭକ୍ତ କରାଯାଇପାରେ— (କ) ସେମାନେ ମନ୍ତ୍ରୀମାନଙ୍କ ତରଫରୁ ସଂସଦରେ ଉଠୁଥିବା ପ୍ରଶ୍ନର ଉତ୍ତର ଦିଅନ୍ତି । ଏବଂ ଗୋଟା ପ୍ରସ୍ତାବ ( Bill )ର କର୍ଣ୍ଣଧାର ହିସାବରେ ସଂସଦରେ ତାର ଉପଯୁକ୍ତ ପଥ ପ୍ରଦର୍ଶନର ଦାୟିତ୍ୱ ନିଅନ୍ତି । (ଖ) ସରକାରଙ୍କ ନୀତି ଏବଂ ଯୋଜନାଗୁଡ଼ିକ ସମ୍ପର୍କରେ ସର୍ବସାଧାରଣଙ୍କୁ ଉଦ୍‌ବୁଦ୍ଧ କରାନ୍ତି ଏବଂ ସଂସଦ, ରାଜନୈତିକ ଦଳଗୁଡ଼ିକର ସଦସ୍ୟମାନଙ୍କ ସହିତ ଏବଂ ସାମ୍ବାଦିକମାନଙ୍କ ସହିତ ମନ୍ତ୍ରଣାରେ ଲିପ୍ତ ରହନ୍ତି । (ଗ) ମନ୍ତ୍ରୀମହୋଦୟଙ୍କ ନିର୍ଦ୍ଦେଶକ୍ରମେ କୌଣସି ଏକ ନିର୍ଦ୍ଦିଷ୍ଟ ସମସ୍ୟା ଉପରେ ତଦନ୍ତ କରନ୍ତି କିମ୍ବା ଅନ୍ୟ କୌଣସି ବିଶେଷ କର୍ତ୍ତବ୍ୟ ତୁଲାଇଥାନ୍ତି । ସେମାନଙ୍କର ମନ୍ତ୍ରିସଭାରେ ଅଂଶ ଗ୍ରହଣ କରିବାର ଅଧିକାର ନଥାଏ ।

କ୍ୟାବିନେଟ୍‌ ଓ ରାଷ୍ଟ୍ରମନ୍ତ୍ରୀମାନଙ୍କ ଦରମା ଓ ଭତ୍ତା ସମାନ । ଏମାନେ ମାସିକ ଟ ୧,୫୫୦.୦୦ ବେତନ ପାଆନ୍ତି । ଉପମନ୍ତ୍ରୀଙ୍କ ଦରମା ମାସିକ ଟ ୧,୨୫୦.୦୦ । ସମସ୍ତ ମନ୍ତ୍ରୀ ବିନା ଭଡ଼ାରେ ସରକାରୀ ବାସଭବନ ଉପଭୋଗ କରିଥାନ୍ତି । ସେମାନଙ୍କର ସମସ୍ତ ଗସ୍ତଖର୍ଚ୍ଚ ସରକାର ବହନ କରନ୍ତି ।

ଉପର ବର୍ଣ୍ଣିତ ତିନି ଶ୍ରେଣୀର ମନ୍ତ୍ରୀଙ୍କୁ ବାଦଦେଲେ ଆଉ ଏକପ୍ରକାରର ମନ୍ତ୍ରୀ ଭାରତ ସରକାରଙ୍କ କାର୍ଯ୍ୟରେ ବୁଲିଥାନ୍ତି । ସେମାନଙ୍କୁ ସଂସଦୀୟ ସଚିବ କୁହାଯାଏ । ସେମାନେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ନିଯୁକ୍ତ । ସେମାନେ ମନ୍ତ୍ରୀ ନୁହନ୍ତି କି ସେମାନଙ୍କର କୌଣସି ବିଶେଷ କ୍ଷମତା ବା ପ୍ରଶାସନିକ ଦାୟିତ୍ୱ ନାହିଁ । ସଂସଦୀୟ କାର୍ଯ୍ୟନିର୍ବାହ କରିବା ପାଇଁ ସାହାଯ୍ୟ କରିବାରେ ହିଁ ସେମାନଙ୍କର କର୍ତ୍ତବ୍ୟ ସୀମିତ ରହେ । ସେମାନେ ଅବୈତନିକ ସଭ୍ୟ ଏବଂ ସଂସଦର ଅନ୍ୟ ସଦସ୍ୟମାନେ ଯେତିକି ଭତ୍ତା ପାଆନ୍ତି ସେମାନେ ବି ସେତିକି ପାଆନ୍ତି ।

## ଭାରତୀୟ କ୍ୟାବିନେଟ ପ୍ରଥାର ବିଶିଷ୍ଟ ଲକ୍ଷଣ
## ( Features of the Indian Cabinet System )

ଇଂଲଣ୍ଡର ରାଜାଙ୍କ ଭଳି ଭାରତର ରାଷ୍ଟ୍ରପତି ଏକ ସାମ୍ବିଧାନିକ ମୁଖ୍ୟ ଅଟନ୍ତି । ସେ ରାଜନୀତିରେ ଅଂଶଗ୍ରହଣ କରନ୍ତି ନାହିଁ କିମ୍ବା ମନ୍ତ୍ରିସଭାରେ ପୌରହିତ୍ୟ ବା ଭାଗ ନିଅନ୍ତି ନାହିଁ । ସମ୍ବିଧାନରେ ମନ୍ତ୍ରିମଣ୍ଡଳ ରାଷ୍ଟ୍ରପତିଙ୍କୁ ସାହାଯ୍ୟ ଏବଂ ପରାମର୍ଶ କରିବା ବିଷୟ ଉଲ୍ଲେଖ ଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ ରାଷ୍ଟ୍ରପତି ଏଥିରୁ ଦୂରରେ ରହିଥାନ୍ତି । ଅବଶ୍ୟ ମନ୍ତ୍ରିସଭାରେ ରାଷ୍ଟ୍ରପତିଙ୍କ ନାମରେ ହିଁ ସମସ୍ତ ନିଷ୍ପତ୍ତି ଗ୍ରହଣ କରାଯାଏ କିନ୍ତୁ କୌଣସି କ୍ଷେତ୍ରରେ ତାଙ୍କର ଦାୟିତ୍ୱ ନଥାଏ । ସରକାରଙ୍କ ଭଲ ମନ୍ଦରେ ସେ ଅଂଶୀଦାର ହୁଅନ୍ତି ନାହିଁ । ତେଣୁ ଇଂଲଣ୍ଡର ରାଜାଙ୍କ ଭଳି ସେ କୌଣସି ବଦ୍‌କର୍ମ କରିପାରିବେ ନାହିଁ (He Can do no Wrong) । ମନ୍ତ୍ରିମଣ୍ଡଳକୁ ନିୟନ୍ତ୍ରଣ କରିବା କ୍ଷମତା ରାଷ୍ଟ୍ରପତିଙ୍କର ନାହିଁ । ସେ ସୀମିତ ପରିସର ମଧ୍ୟରେ ମନ୍ତ୍ରିମଣ୍ଡଳକୁ ପ୍ରଭାବିତ କରିପାରନ୍ତି ।

ମନ୍ତ୍ରିମଣ୍ଡଳ ତାଙ୍କର କାର୍ଯ୍ୟକଳାପ ପାଇଁ ସାମୂହିକ ଭାବରେ ଉତ୍ତରଦାୟୀ ରହନ୍ତି । ମନ୍ତ୍ରିମଣ୍ଡଳର ପ୍ରତ୍ୟେକ ସଭ୍ୟ ମନ୍ତ୍ରିସଭାଦ୍ୱାରା ଗୃହୀତ ନିଷ୍ପତ୍ତିପାଇଁ ଦାୟୀ ରହନ୍ତି ଏବଂ ତାହାଦ୍ୱାରା ଆବଦ୍ଧ ରହନ୍ତି । ସେମାନଙ୍କର ବ୍ୟକ୍ତିଗତ ମତ ଏବଂ ଆବେଗକୁ ଜଳାଞ୍ଜଳି ଦେଇ ମନ୍ତ୍ରିସଭା ସହିତ ଏକମତ ହୁଅନ୍ତି । ମନ୍ତ୍ରୀମାନେ ଯେତେବେଳେ ସାମୂହିକ ଭାବରେ ଲୋକସଭାର ବିଶ୍ୱାସଭାଜନ ହୋଇଥାନ୍ତି ସେତେବେଳଯାଏ କ୍ଷମତାରେ ରହନ୍ତି । କୌଣସି ମନ୍ତ୍ରୀ ଦ୍ୱାରା ନିଆଯାଇଥିବା ବ୍ୟକ୍ତିଗତ ନିଷ୍ପତ୍ତି ପାଇଁ ମଧ୍ୟ ମନ୍ତ୍ରିମଣ୍ଡଳରେ ଦାୟୀ ରହନ୍ତି । ତେଣୁ ଜଣେକ ମନ୍ତ୍ରୀଙ୍କ ଭ୍ରମ ମନ୍ତ୍ରିମଣ୍ଡଳର ପତନପାଇଁ ସହାୟକ ହୋଇପାରେ । ଫଳରେ ସାମୂହିକ ଦାୟିତ୍ୱ-ବୋଧ ମନ୍ତ୍ରୀମାନଙ୍କ ବ୍ୟକ୍ତିଗତ କ୍ଷମତାକୁ ସୀମିତ କରି ମନ୍ତ୍ରିମଣ୍ଡଳର ସାମୂହିକ ପଦକ୍ଷେପକୁ ଦୃଢ଼ୀଭୂତ କରେ ।

ପ୍ରଧାନମନ୍ତ୍ରୀ ହେଉଛନ୍ତି ମନ୍ତ୍ରିପରିଷଦର ଅଧିନାୟକ । ସେ ମନ୍ତ୍ରିପରିଷଦର ଗଠନ ଏବଂ ଜୀବନଦାନ ପ୍ରତି ଯେତିକି ଦାୟୀ, ତାର ପତନପାଇଁ ମଧ୍ୟ ସେତିକି ଦାୟୀ ରହନ୍ତି । ତାଙ୍କୁ କ୍ୟାବିନେଟ ଅଟ୍ଟାଳିକାର ଭିତ୍ତିପ୍ରସ୍ତର ( Key-Stone of the Cabinet arch) ବୋଲି କୁହାଯାଏ । ସେ ମନ୍ତ୍ରିପରିଷଦର ସଭ୍ୟସଂଖ୍ୟା ସ୍ଥିର କରନ୍ତି ଏବଂ ସେମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ କରନ୍ତି । ସେ ମନ୍ତ୍ରିପରିଷଦକୁ ଅନୁପ୍ରାଣିତ କରିବା ସଙ୍ଗେ ସଙ୍ଗେ ତାର ତତ୍ତ୍ୱାବଧାନ କରନ୍ତି । ବିଭିନ୍ନ ବିଭାଗ ମଧ୍ୟରେ ସେ ସମନ୍ୱୟ ପ୍ରତିଷ୍ଠା କରନ୍ତି ଏବଂ ଆନ୍ତଃବିଭାଗୀୟ ସମସ୍ୟାର ସମାଧାନ କରନ୍ତି । ସେ ମନ୍ତ୍ରିସଭାରେ ପୌରହିତ୍ୟ କରିବା ସଙ୍ଗେ ସଙ୍ଗେ ତାର କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତି । ତେଣୁ ପ୍ରଧାନମନ୍ତ୍ରୀଙ୍କୁ ଶାସନ-ମୁଖ୍ୟ କୁହାଯାଏ ।

ଭାରତ ବର୍ଷର କ୍ୟାବିନେଟ ପ୍ରଣାଳୀରେ ରାଜନୈତିକ ସାଦୃଶ୍ୟ (Political Homogeneity) ମନ୍ତ୍ରିମଣ୍ଡଳର ସମସ୍ତ ସଭ୍ୟ ଗୋଟିଏ ରାଜନୈତିକ ଦଳରୁ ଆଗତ ହୁଅନ୍ତି । ତେଣୁ ସେମାନେ ଅଳ୍ପବହୁତେ ସମମତ ଅବଲମ୍ବନ କରିଥାନ୍ତି । ବ୍ୟକ୍ତି ଏବଂ ଦଳ ପ୍ରତି ସେମାନଙ୍କ ଆନୁଗତ୍ୟ ବହୁପରିମାଣରେ ସମାନ ରହିବା ଲକ୍ଷ୍ୟ କରାଯାଏ ।

କେନ୍ଦ୍ର ମନ୍ତ୍ରିପରିଷଦର ସଭ୍ୟମାନେ ପ୍ରଥମତଃ ଲୋକସଭାର ବା ରାଜ୍ୟସଭାର ସଦସ୍ୟ ଅଟନ୍ତି । ତେଣୁ ଶାସନବିଭାଗ (Executive) ଏବଂ ବ୍ୟବସ୍ଥାବିଭାଗ (Legislature) ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା ହୋଇଥାଏ । ଏହି ସମନ୍ୱୟ ବା ଏକତା ଯୋଗୁଁ ଭାରତରେ ମନ୍ତ୍ରିପରିଷଦ ପଦ୍ଧତିରେ କେନ୍ଦ୍ର ସଂସଦର ସଂଖ୍ୟାଗରିଷ୍ଠ ସମର୍ଥନ ରହିଥିବା ହେତୁ ସରକାରଙ୍କ ପକ୍ଷେ ଦୃଢ଼ ପଦକ୍ଷେପମାନ ନେବା ସମ୍ଭବପର ହୁଏ ।

ଇଂଲଣ୍ଡରେ ପ୍ରଧାନମନ୍ତ୍ରୀଙ୍କ କ୍ଷମତା ପରମ୍ପରାରୁ ଉଦ୍ଭୂତ ହୋଇଥିବା ଅବସ୍ଥାରେ ଭାରତ ପ୍ରଧାନମନ୍ତ୍ରୀଙ୍କ କ୍ଷମତା ସଂବିଧାନରେ ପ୍ରାଞ୍ଜଳ ଭାବରେ ଲିପିବଦ୍ଧ ରହିଛି । ବ୍ରିଟିଶ୍ ପ୍ରଧାନମନ୍ତ୍ରୀ କମନ୍ ସଭାର ସଦସ୍ୟ ହେବାପାଇଁ ବାଧ୍ୟ । ସେ ଲର୍ଡ ସଭାର ଆଲୋଚନାରେ ଭାଗନିଅନ୍ତି ନାହିଁ । କିନ୍ତୁ ରାଜ୍ୟସଭାର ସଦସ୍ୟ ପ୍ରଧାନମନ୍ତ୍ରୀ ହୋଇପାରିବେ ନାହିଁ ବୋଲି ସଂବିଧାନରେ ଖୋଲାଖୋଲି ମନାକରାଯାଇ ନାହିଁ । ପୁନଶ୍ଚ ଭାରତୀୟ ପ୍ରଧାନମନ୍ତ୍ରୀ ଉଭୟ ସଦନର ଆଲୋଚନାରେ ଅଂଶଗ୍ରହଣ କରିପାରନ୍ତି ।

ଇଂଲଣ୍ଡରେ ପ୍ରଧାନମନ୍ତ୍ରୀ ସମାନକ୍ଷମତା ଉପଭୋଗ କରୁଥିବା ମନ୍ତ୍ରିମଣ୍ଡଳର ସଭ୍ୟମାନଙ୍କ ମଧ୍ୟରେ ପ୍ରଥମସ୍ଥାନ ଅଧିକାର କରିଥାନ୍ତି ( First among the equals ) । କିନ୍ତୁ ଭାରତରେ ପ୍ରଧାନମନ୍ତ୍ରୀ ମନ୍ତ୍ରିପରିଷଦର ନେତୃତ୍ୱ ନିଅନ୍ତି ଏବଂ ତାଙ୍କର କ୍ଷମତା ମନ୍ତ୍ରିମଣ୍ଡଳର ଅନ୍ୟ ସଭ୍ୟମାନଙ୍କଠାରୁ ବହୁ ସ୍ତରରେ ବହୁ ମାତ୍ରାରେ ବେଶି । ମନ୍ତ୍ରିମଣ୍ଡଳର ଦୃଢ଼ତା କେବଳ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ, ସାମର୍ଥ୍ୟ ଏବଂ ଯୋଗ୍ୟତା ଉପରେ ନିର୍ଭର କରେ ।

ଭାରତରେ କୌଣସି ସଦନର ସଦସ୍ୟ ନଥାଇ ଅନ୍ତତଃ ଛଅମାସ ପାଇଁ କୌଣସି ବ୍ୟକ୍ତି ମନ୍ତ୍ରୀପଦ ଉପଭୋଗ କରିପାରନ୍ତି । କିନ୍ତୁ ଅନୁରୂପ ବ୍ୟବସ୍ଥା ଇଂଲଣ୍ଡ ସଂବିଧାନରେ ଦେଖାଯାଏ ନାହିଁ ।

ଭାରତରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଏବଂ ରାଜ୍ୟ ମୁଖ୍ୟମନ୍ତ୍ରୀ ପଦ ମଧ୍ୟରେ ସଭ୍ୟମାନଙ୍କର ଧାରାବାହିକ ଆଦାନ ପ୍ରଦାନ ହୁଏ । ଶ୍ରୀମତୀ ନନ୍ଦିନୀ ଶତପଥୀ, ଶ୍ରୀ ସିଦ୍ଧାର୍ଥଶଙ୍କର ରାୟ, ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ପ୍ରଭୃତି କେନ୍ଦ୍ରରୁ ଆସି ରାଜ୍ୟ ମୁଖ୍ୟମନ୍ତ୍ରୀ ପଦ ଗ୍ରହଣ କରିଛନ୍ତି । ଅନ୍ୟ ପକ୍ଷରେ କମଲାପତି ତ୍ରିପାଠୀ, ବଂଶୀଲାଲ ପ୍ରଭୃତି ମୁଖ୍ୟମନ୍ତ୍ରୀ ପଦ ତ୍ୟାଗ କରି କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଯୋଗ ଦେଇଛନ୍ତି । ଏହି ବ୍ୟବସ୍ଥା କେନ୍ଦ୍ର ମନ୍ତ୍ରିମଣ୍ଡଳର ଦୃଢ଼ତା ବୃଦ୍ଧି ପାଇଁ ସହାୟକ ହୁଏ ।

## ମନ୍ତ୍ରିମଣ୍ଡଳର କାର୍ଯ୍ୟାବଳୀ

**( Functions of the Cabinet )**

ଦେଶର ଉନ୍ନତି ଏବଂ ପ୍ରଶାସନିକ ଦକ୍ଷତା ବହୁମାତ୍ରାରେ ମନ୍ତ୍ରିମଣ୍ଡଳର କାର୍ଯ୍ୟକ୍ଷମତା ଉପରେ ନିର୍ଭର କରେ । ମନ୍ତ୍ରିସଭା ସାଧାରଣତଃ ସପ୍ତାହରେ ଥରେ ବସେ । କୌଣସି ଅତ୍ୟାବଶ୍ୟକୀୟ ବିଷୟ କିମ୍ବା ଜରୁରୀ ପରିସ୍ଥିତିର ଆଲୋଚନା ପାଇଁ ମନ୍ତ୍ରିସଭା ସପ୍ତାହରେ ଏକାଧିକ ବାର ବସିପାରେ । ମନ୍ତ୍ରିମଣ୍ଡଳର ସଭାଗୁଡ଼ିକ କେନ୍ଦ୍ରୀୟ ସେକ୍ରେଟାରି-ଏଟରେ ବା ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ଅନୁଷ୍ଠିତ ହୁଏ । ସଭାର ସମୟ ସୀମା କାର୍ଯ୍ୟସୂଚୀ ଉପରେ ନିର୍ଭର କରେ । ଦରକାର ବେଳେ ମନ୍ତ୍ରିସଭା ଏକାଧାରରେ ଚାରିଘଣ୍ଟାରୁ ଅଧିକ ସମୟ ପାଇଁ ମିଳିତ ହୁଅନ୍ତି ।

ପ୍ରଧାନମନ୍ତ୍ରୀ ମନ୍ତ୍ରିସଭାରେ ପୌରହିତ୍ୟ କରନ୍ତି । ତାଙ୍କ ଅନୁପସ୍ଥିତିରେ ବୟୋଜ୍ୟେଷ୍ଠ ( Senior most member) ସଭାପତି ଆସନ ଅଳଂକୃତ କରନ୍ତି । ପ୍ରଚଳିତ ପ୍ରଥା ଅନୁସାରେ କେବଳ କ୍ୟାବିନେଟ ପାହ୍ୟା ମନ୍ତ୍ରୀମାନଙ୍କର ମନ୍ତ୍ରିସଭାରେ ଉପସ୍ଥିତ ରହିବା ଅଧିକାର ଅଛି । ନିଜେ ସଂପୃକ୍ତଥିବା ବିଷୟବସ୍ତୁର ଆଲୋଚନା ହେଲାବେଳେ ଏବଂ ନିମନ୍ତ୍ରିତ ହେଲେ ରାଷ୍ଟ୍ରମନ୍ତ୍ରୀମାନେ ମନ୍ତ୍ରିସଭାରେ ଯୋଗଦିଅନ୍ତି । କୌଣସି ରାଜ୍ୟ ସମ୍ପର୍କୀୟ ବିଷୟ ଉପରେ ଆଲୋଚନା ହେଲାବେଳେ ଏବଂ ଉକ୍ତ ଆଲୋଚନାରେ ସଂପୃକ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଯୋଗଦାନ ଆବଶ୍ୟକୀୟ ମନେହେଲେ, ମନ୍ତ୍ରିସଭାରେ ଯୋଗଦେବାପାଇଁ ସଂପୃକ୍ତ ମୁଖ୍ୟମନ୍ତ୍ରୀଙ୍କୁ ନିମନ୍ତ୍ରଣ କରାଯାଇଥାଏ । ବେଳେବେଳେ ଅର୍ଥନୀତି, ବିଜ୍ଞାନ ଏବଂ ସାମରିକ ବ୍ୟାପାର ବିଶେଷଜ୍ଞଙ୍କୁ ମନ୍ତ୍ରିସଭାକୁ ପରାମର୍ଶ ଦେବାପାଇଁ ନିମନ୍ତ୍ରଣ କରାଯାଏ ।

ଭାରତର ମନ୍ତ୍ରିମଣ୍ଡଳର କାର୍ଯ୍ୟବିଧି ଇଂଲଣ୍ଡର ମନ୍ତ୍ରିମଣ୍ଡଳର କାର୍ଯ୍ୟବିଧିର ଅନୁକରଣପୂର୍ବକ ନିର୍ଦ୍ଧାରିତ ହୋଇଛି । ପ୍ରଥମେ କ୍ୟାବିନେଟ୍ ସଚିବାଳୟଦ୍ୱାରା କାର୍ଯ୍ୟସୂଚୀ

ପ୍ରସ୍ତୁତ କରାଯାଏ ଏବଂ ପରେ ତାହା ମନ୍ତ୍ରିମଣ୍ଡଳର ସଭ୍ୟମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଏ । ସେମାନେ କାର୍ଯ୍ୟସୂଚୀ ସହିତ ଚଳନ୍ତି ସମସ୍ତ କାଗଜପତ୍ର ବି ପାଆନ୍ତି । ମନ୍ତ୍ରିମଣ୍ଡଳ ସଭ୍ୟମାନେ ପ୍ରାୟ ସମସ୍ତ ସଭାରେ ଉପସ୍ଥିତ ରହନ୍ତି ଏବଂ ସେଠାରେ ଖୋଲାଖୋଲି ଆଲୋଚନା ଚାଲେ । ସାଧାରଣତଃ ମନ୍ତ୍ରିସଭାରେ ଭୋଟ ଜରିଆରେ ନିଷ୍ପତ୍ତି ନିଆଯାଏ ନାହିଁ । ପରସ୍ପର ଆଲୋଚନା, ବୁଝାମଣା ମାଧ୍ୟମରେ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଏ । ଦରକାର ହେଲେ କାର୍ଯ୍ୟସୂଚୀ ବହିର୍ଭୂତ କୌଣସି ଜରୁରୀ ବିଷୟ ଉପରେ ଆଲୋଚନା କରିବା ପାଇଁ ପ୍ରଧାନମନ୍ତ୍ରୀ ଅନୁମତି ଦେଇପାରନ୍ତି । ମନ୍ତ୍ରିସଭାରେ ନିଆଯାଇଥିବା ନିଷ୍ପତ୍ତିକୁ ଅଣୁ କାର୍ଯ୍ୟକାରୀ କରିବା ପାଇଁ ସଂପୃକ୍ତ ବିଭାଗକୁ ଜଣାଇ ଦିଆଯାଏ । ନିତ୍ୟକାର୍ଯ୍ୟ (Routine) ସମ୍ବନ୍ଧୀୟ ବିଷୟବସ୍ତୁ ଗୁଡ଼ିକ ଉପରେ ବିଭାଗ ସ୍ତରରେ ଆଲୋଚନା କରାଯାଏ । କେବଳ ଅତି ଆବଶ୍ୟକୀୟ ବିଷୟବସ୍ତୁ ଗୁଡ଼ିକୁ ମନ୍ତ୍ରିସଭାକୁ ପଠାଯାଏ । ସମୟ ବିଶେଷରେ ପ୍ରଧାନମନ୍ତ୍ରୀଙ୍କ ସହିତ ପରାମର୍ଶ କରି ବିଭାଗୀୟ ମନ୍ତ୍ରୀ ସମସ୍ୟାର ସମାଧାନ କରିଥାନ୍ତି ।

ମନ୍ତ୍ରିସଭା ଗୋପନୀୟତାର ବାତାବରଣ ମଧ୍ୟରେ କାର୍ଯ୍ୟ ସମ୍ପାଦନ କରିଥାଏ । ଏପରିକି ମନ୍ତ୍ରିମଣ୍ଡଳ ରାଷ୍ଟ୍ରପତିଙ୍କୁ କେଉଁ ପରାମର୍ଶ ଦେଲେ ସେ ବିଷୟରେ ଅନୁଧ୍ୟାନ କରିବା କ୍ଷମତା କୌଣସି ନ୍ୟାୟାଳୟର ନାହିଁ । ମନ୍ତ୍ରିସଭାର ନଥିପତ୍ର ସବୁ ଗୁପ୍ତ ରଖାଯାଏ । ବିଶେଷ ଗୋପନୀୟ ବିଷୟବସ୍ତୁଗୁଡ଼ିକ ଉପରେ ନିଆଯାଇଥିବା ନିଷ୍ପତ୍ତି ଲିପିବଦ୍ଧ କରାଯାଏ ନାହିଁ ।

କାର୍ଯ୍ୟଦକ୍ଷତା ଲାଭକରିବା ପାଇଁ ମନ୍ତ୍ରିମଣ୍ଡଳ କେତେଗୁଡ଼ିଏ ସମିତି ମାଧ୍ୟମରେ କାର୍ଯ୍ୟ ସମ୍ପାଦନ କରିଥାଏ । ସେଗୁଡ଼ିକ ମଧ୍ୟରୁ କେତୋଟି ସ୍ଥାୟୀ ଏବଂ କେତୋଟି ଅସ୍ଥାୟୀ ସମିତି ( ommittee ) ରହିଥାଏ । ଦେଶରକ୍ଷା ସମିତି, ବୈଦେଶିକ ବ୍ୟାପାର ସମିତି, ଅର୍ଥନୈତିକ ବ୍ୟାପାର ସମିତି, ସଂସଦୀୟ ବ୍ୟାପାର ସମିତି ପ୍ରଭୃତି ସ୍ଥାୟୀ ସମିତିରେ ଅନ୍ତର୍ଭୁକ୍ତ । ସେଗୁଡ଼ିକର କାର୍ଯ୍ୟକଳାପ ସେଗୁଡ଼ିକର ନାମକରଣରୁ ହିଁ ବୁଝାଯାଏ । ସମୟ ସମୟରେ ମନ୍ତ୍ରିମଣ୍ଡଳ ସମ୍ମୁଖରେ ଉପସ୍ଥାପିତ ହୋଇଥିବା କୌଣସି ବିଶିଷ୍ଟ ସମସ୍ୟାର ବିଚାର ନିମନ୍ତେ ଅସ୍ଥାୟୀ ସମିତି ନିଯୁକ୍ତ କରାଯାଏ । ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସହକର୍ମୀମାନଙ୍କ ବିରୁଦ୍ଧରେ ଉଠିଥିବା ଦୁର୍ନୀତି ଅଭିଯୋଗର ତଦନ୍ତ ନିମନ୍ତେ ୧୯୪୪ ମସିହାରେ ସେହିପରି ଏକ ଅସ୍ଥାୟୀ ସମିତିକୁ ନିଯୁକ୍ତ ଦିଆଯାଇଥିଲା ।

ସାଧାରଣତଃ ମନ୍ତ୍ରିମଣ୍ଡଳର ପୁରୁଣା ଏବଂ ପ୍ରମୁଖ ସଭ୍ୟମାନେ ସମିତିର ସଭ୍ୟ ଥାଆନ୍ତି ଏବଂ ପ୍ରଧାନମନ୍ତ୍ରୀ ଓ ଅର୍ଥମନ୍ତ୍ରୀ ପ୍ରାୟ ସମସ୍ତ ସମିତିରେ ସ୍ଥାନ ପାଇଥାଆନ୍ତି । ସମିତିଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା କ୍ରମେ ମନ୍ତ୍ରିମଣ୍ଡଳକୁ କେବଳ ଏକ ଅନୁମୋଦନକାରୀ ସଂସ୍ଥାରେ ପରିଣତ କରିଛି ବୋଲି ସି: ଡି: ଦେଶମୁଖ ପ୍ରଭୃତି ମତବ୍ୟକ୍ତ କରିଛନ୍ତି । ସମିତି-ଗୁଡ଼ିକ ଗୁରୁତ୍ୱବିଶିଷ୍ଟ ହୋଇଥିବା ହେତୁ ସମିତିରୁ ବହିର୍ଭୂତ ମନ୍ତ୍ରିମଣ୍ଡଳର ସଭ୍ୟବୃନ୍ଦ

ବ୍ୟଥିତ ଏବଂ ଅସନ୍ତୁଷ୍ଟ ହେବା ସ୍ୱାଭାବିକ । ୧୯୬୨ ମସିହା ଅକ୍ଟୋବର ମାସରେ ଗଢ଼ାଯାଇ-ଥିବା ଜରୁରୀକାଳୀନ ସମିତିରେ ଚୁଅନଣ ସଭ୍ୟଙ୍କୁ ନଆସିବାପରେ ବାଳକା ବାରଜଣ ସଭ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ ।

ଭାରତରେ ମନ୍ତ୍ରିମଣ୍ଡଳର ନିଜର ଏକ ସଚିବାଳୟ ଅଛି । ଏହାର ପାଞ୍ଚଗୋଟି ଶାଖା ରହିଛି—(କ) ମୁଖ୍ୟ ସଚିବାଳୟ ( Main Secretariat ) (ଖ) ସଙ୍ଗଠନ ଏବଂ ପଦ୍ଧତି ବିଭାଗ ( Organisation and Methods Division ) (ଗ) ସାମରିକ ଶାଖା ( Military wing ) (ଘ) ଅର୍ଥନୈତିକ ଶାଖା ( Economic wing ) (ଙ) କେନ୍ଦ୍ର ପରିସଂଖ୍ୟାନ ସଙ୍ଗଠନ ( Central Statistical Organisation ) । ମୁଖ୍ୟ ସଚିବାଳୟ ଦ୍ୱାରା ମନ୍ତ୍ରିସଭାର କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଏ ଏବଂ ମନ୍ତ୍ରୀମାନଙ୍କ ମଧ୍ୟରେ ବଣ୍ଟାଯାଏ । ଏହା ପୁଣି ମନ୍ତ୍ରିସଭାର କାର୍ଯ୍ୟଧାରାର ନଥିପତ୍ର ସଜାଡ଼ି ରଖେ । ସରକାରଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ନିମନ୍ତେ ଉତ୍ତମ କାର୍ଯ୍ୟରୀତି ଉଦ୍ଭାବନ କରିବା ଦାୟିତ୍ୱ ସଙ୍ଗଠନ ଏବଂ ପଦ୍ଧତି ବିଭାଗ ଉପରେ ନ୍ୟସ୍ତ ରହେ । ଏହି ବିଭାଗ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ କାମ କରେ । ମନ୍ତ୍ରିମଣ୍ଡଳ ପ୍ରତିରକ୍ଷା ସମିତିର ଦପ୍ତରୀ କାର୍ଯ୍ୟ ( Secretarial work ) ତୁଲାଇବାପାଇଁ ସାମରିକ ଶାଖାର ସୃଷ୍ଟି । ଅର୍ଥନୈତିକ ଶାଖା ସେହିପରି ଅର୍ଥନୈତିକ ବ୍ୟାପାର ସମିତି ଏବଂ ଉତ୍ପାଦନ ଏବଂ ବଣ୍ଟନ ସମ୍ବନ୍ଧୀୟ ସମିତିଗୁଡ଼ିକୁ ସାହାଯ୍ୟ କରେ । ବିଭିନ୍ନ ବିଭାଗର ପରିସଂଖ୍ୟାନ କାର୍ଯ୍ୟ ମଧ୍ୟରେ ସମନ୍ୱୟ ସ୍ଥାପନ ଏବଂ କେତେଗୁଡ଼ିଏ ସାମୟିକୀର ପ୍ରକାଶନର ଦାୟିତ୍ୱ କେନ୍ଦ୍ର ପରିସଂଖ୍ୟାନ ସଙ୍ଗଠନ ଉପରେ ନ୍ୟସ୍ତ ରହେ ।

'କ୍ୟାବିନେଟ୍' ଶବ୍ଦ ସମ୍ବିଧାନର କୌଣସି ଅଂଶରେ ବ୍ୟବହାର କରାଯାଇ ନାହିଁ, ତେଣୁ ଏହି ଶବ୍ଦର ବ୍ୟବହାରକୁ ଏକ ଅତିରିକ୍ତ ଆଇନସଙ୍ଗତ ( Extralegal ) ବ୍ୟବହାର ବୋଲି କୁହାଯାଏ । ଏହା ଅତିରିକ୍ତ ଆଇନସଙ୍ଗତ ହେଲେ ସୁଦ୍ଧା ରାଷ୍ଟ୍ରରୂପକ ଜାହାଜର ପୋତଚାଳକ ଯନ୍ତ୍ର ( Steering wheel of the ship of the State ) ଅଟେ । ଏହା ପ୍ରଶାସନିକ, ବ୍ୟବସାୟିକ, ଆର୍ଥିକ ପ୍ରଭୃତି ବହୁମୁଖୀ କ୍ଷମତା ଏବଂ ବିପୁଳ ଦାୟିତ୍ୱର ଅଧିକାରୀ ଅଟେ । ଭାରତର ମନ୍ତ୍ରିମଣ୍ଡଳ ତାର ବ୍ରିଟିଶ ନମୁନାର ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ପରେ କିଛି ଅଧିକ କାର୍ଯ୍ୟ ତୁଲାଇଥାଏ । ମନ୍ତ୍ରିମଣ୍ଡଳ ନିମ୍ନଲିଖିତ କାର୍ଯ୍ୟ ସମ୍ପାଦନ କରିଥାନ୍ତି ।

( ୧ ) ଆଇନତଃ କାର୍ଯ୍ୟପାଳିକାର ସମସ୍ତ କ୍ଷମତା ରାଷ୍ଟ୍ରପତିଙ୍କ ହାତରେ ନ୍ୟସ୍ତ ଥିଲେ ସୁଦ୍ଧା ବାସ୍ତବ କ୍ଷେତ୍ରରେ ମନ୍ତ୍ରିମଣ୍ଡଳ ହିଁ ତାହା ଉପଭୋଗ କରିଥାଏ । ମନ୍ତ୍ରୀମାନେ ବିଭିନ୍ନ ବିଭାଗଗୁଡ଼ିକରେ ପୌରହିତ୍ୟ କରନ୍ତି ଏବଂ ରାଷ୍ଟ୍ରପତିଙ୍କ ଦ୍ୱାରା ଯଥାବିଧି ଅନୁ-ମୋଦିତ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରନ୍ତି । ମନ୍ତ୍ରୀମାନେ ମନ୍ତ୍ରିମଣ୍ଡଳର ସିଦ୍ଧାନ୍ତକୁ

ଅନ୍ତର୍ଭୁକ୍ତରେ ଗ୍ରହଣ କରନ୍ତି । ମନ୍ତ୍ରିମଣ୍ଡଳର ନିଷ୍ପତ୍ତିକୁ ଅମାନ୍ୟ କଲେ ଦୃଢ଼ ଦଳୀୟ ଶୃଙ୍ଖଳାକୁ ଭଙ୍ଗ କଲେ ବୋଲି ଧରି ନିଆଯାଏ । ଫଳରେ ଉକ୍ତ ରାଜନୈତିକ ଦଳ ଶୃଙ୍ଖଳା-ଭଙ୍ଗକାରୀଙ୍କୁ ମନ୍ତ୍ରୀପଦରୁ ବହିଷ୍କାର କରି ଦେଇପାରେ । ହସ୍ତାନ୍ତରୀୟ ବିଧାନ ( Delegated legislation ) ର କ୍ରମବୃଦ୍ଧି ଯୋଗୁଁ ମନ୍ତ୍ରିମଣ୍ଡଳର ସ୍ଥାନ ଦୃଢ଼ୀଭୂତ ହୋଇଛି । ପରିବର୍ତ୍ତିତ ପରିସ୍ଥିତିରେ ବିଧାନର ପରିମାଣ ଏବଂ ଜଟିଳତା ବୃଦ୍ଧି ପାଉଥିବା ଯୋଗୁଁ ସଂସଦ ବିଧେୟକଗୁଡ଼ିକର ଗ୍ରନ୍ଥି ହିଁ ( Skeleton ) ତିଆରି କରିଥାଏ । ତେଣୁ ଗୃହୀତ ବିଧାକୁ ପରିପୂର୍ଣ୍ଣ ଭାବେ ପ୍ରୟୋଗ କରି ପ୍ରଶାସନିକ କାର୍ଯ୍ୟରେ ଲଗୁ କରାଇବା ପାଇଁ ମନ୍ତ୍ରିମଣ୍ଡଳ ନିୟମ, ପ୍ରବିଧାନ ( Regulation ) ମାନ ତିଆରି କରିଥାଏ ।

( ୨ ) ସମସ୍ତ ପ୍ରକାର ଅଭ୍ୟନ୍ତରୀଣ ଏବଂ ଆନ୍ତର୍ଜାତିକ ସମସ୍ୟାମୂଳକ ମନ୍ତ୍ରି-ମଣ୍ଡଳ ଦ୍ୱାରା ସମାଧିତ ହୋଇଥାଏ । ସାମୂହିକ ଦାୟିତ୍ୱ ସହିତ ତାଳ ଦେଇପରି ସଂସଦ ଏବଂ ପୃଥିବୀ ସମ୍ମୁଖରେ ମନ୍ତ୍ରିମଣ୍ଡଳ ଏକ ମିଳିତ ନୀତି ଉପସ୍ଥାପିତ କରିଥାଏ । ମନ୍ତ୍ରି-ମଣ୍ଡଳର ସିଦ୍ଧାନ୍ତ ସହିତ କୌଣସି ମନ୍ତ୍ରୀ ଅସମ୍ମତ ହେଲେ ତାଙ୍କୁ ମନ୍ତ୍ରିମଣ୍ଡଳରୁ ଓହରି ଯିବାକୁ ହୁଏ ।

( ୩ ) ମନ୍ତ୍ରିମଣ୍ଡଳ କାର୍ଯ୍ୟପାଳିକା ଏବଂ ବିଧାନମଣ୍ଡଳ ମଧ୍ୟରେ ସଂଯୋଗ ସ୍ଥାପନ କରେ ( The Cabinet is the hyphen that joins and the buckel that binds the legislature with the Executive ) । ସଂସଦରେ ମନ୍ତ୍ରିମଣ୍ଡଳର ସଂଖ୍ୟାଗରିଷ୍ଠ ସମର୍ଥନ ଥିବାଯାଏଁ ମନ୍ତ୍ରିମଣ୍ଡଳ ତାର ସମସ୍ତ ନୀତିକୁ ସେଠାରେ ଅନୁମୋଦିତ କରାଇବାରେ ଅସୁବିଧାର ସମ୍ମୁଖୀନ ହୁଏ ନାହିଁ । ମନ୍ତ୍ରି-ମଣ୍ଡଳକୁ ସଂସଦର ଏକ ସମିତିରୂପେ ବର୍ଣ୍ଣନା କରାଯାଏ । ତେଣୁ ମନ୍ତ୍ରିମଣ୍ଡଳରେ ସମସ୍ତ ବୈଧାନିକ ଏବଂ ସଂସଦୀୟ କାର୍ଯ୍ୟକ୍ରମ ଉତ୍ପାଦିତ ହୁଏ । ଉକ୍ତ ନିର୍ଘଣ୍ଟଗୁଡ଼ିକୁ ସଂସଦରେ ଉପସ୍ଥାପିତ କରିବା ଏବଂ ନିଜ ଦଳର ଚେତକ ( whip ) ଙ୍କ ମାଧ୍ୟମରେ ସେଗୁଡ଼ିକ ସପକ୍ଷରେ ସଂଖ୍ୟାଧିକ ସମର୍ଥନ ଲାଭ କରାଇବାପାଇଁ ମନ୍ତ୍ରୀମାନଙ୍କ ଦ୍ୱାରା ଚେଷ୍ଟା କରାଯାଏ । ମନ୍ତ୍ରୀମାନଙ୍କୁ ବାଦଦେଇ ଅନ୍ୟ କାହାଦ୍ୱାରା ଉପସ୍ଥାପିତ ବିଧେୟକ ସଂସଦରେ ଅନୁମୋଦିତ ହେବାର କୌଣସି ସମ୍ଭାବନା ନଥାଏ । ତେଣୁ ସଂସଦର ପରାମର୍ଶ କ୍ରମେ ମନ୍ତ୍ରିମଣ୍ଡଳ ହିଁ ବୈଧାନିକ କାର୍ଯ୍ୟ ( Legislative Business ) ତୁଲାଏ ବୋଲି ଅନେକ ସମାଲୋଚକ ମତବ୍ୟକ୍ତ କରିଛନ୍ତି ।

( ୪ ) ମନ୍ତ୍ରିମଣ୍ଡଳର ଗୁରୁତର ଆର୍ଥିକ କ୍ଷମତା ମଧ୍ୟ ରହିଛି । ଏହା ଆୟବ୍ୟୟ ଅଟକଳ ( Budget ) ପ୍ରସ୍ତୁତ କରେ । କେଉଁ କେଉଁ କରଧାର୍ଯ୍ୟ କରାଯିବ ଏବଂ କି ଉପାୟରେ ସଂଗୃହୀତ ଆୟକୁ ବିନିଯୋଗ କରାଯିବ ସେ ସମ୍ପର୍କୀୟ ନିଷ୍ପତ୍ତି ମଧ୍ୟ ମନ୍ତ୍ରି-ମଣ୍ଡଳରେ ହିଁ ନିଆଯାଏ । ଅର୍ଥ ବିଧେୟକ ( Money Bill ) ଗୁଡ଼ିକୁ ମନ୍ତ୍ରୀମାନେ ହିଁ

ସଂସଦରେ ଉପସ୍ଥାପିତ କରିଥାନ୍ତି । ଆୟବ୍ୟୟ ଅଟକଳ ସଂସଦରେ ଉପସ୍ଥାପିତ ହୋଇ-ସାରିବା ପରେ ବି ତାର ପରିବର୍ତ୍ତନ ନିମନ୍ତେ ମନ୍ତ୍ରିମଣ୍ଡଳ ଜୋର୍ ଦେଇପାରେ । ତେଣୁ ଏଠି ଉଲ୍ଲେଖ କରାଯାଇପାରେ ଯେ ଆୟବ୍ୟୟ ଅଟକଳ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ମନ୍ତ୍ରିମଣ୍ଡଳର ପରିସର ଭିତରେ ନ ରହି ଅର୍ଥମନ୍ତ୍ରୀଙ୍କ ଅଧୀନରେ ଥାଏ । ଅଟକଳକୁ ଅର୍ଥ ମନ୍ତ୍ରୀ ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ଜଣେ ଦୁଇଜଣ ପୁରୁଣା ମନ୍ତ୍ରୀଙ୍କୁ ହିଁ ଦେଖାଇଥାନ୍ତି । ତା'ର ଉପରେ ସାମୂହିକ ଭାବରେ ଆଲୋଚନା କରିବାର ଅଧିକାର ମନ୍ତ୍ରିମଣ୍ଡଳର ନାହିଁ । ଗୋପ-ନୀୟତାକୁ ବଜାୟ ରଖିବା ପାଇଁ ସମସ୍ତ ପରାମର୍ଶକୁ ତ୍ୟାଗ କରାଯାଏ ।

(୫) ରାଷ୍ଟ୍ରଦୂତ, ( Ambassadors ), ମହାଯୁକ୍ତ ( High Commissioners ), ମହାନ୍ୟାୟବାଦୀ ( Attorney-General ), ମହାଲେଖା ପରୀକ୍ଷକ ( Auditor General ), ରାଜ୍ୟପାଳ ( Governor ) ପ୍ରଭୃତି ପ୍ରଧାନ ପ୍ରଧାନ ନିଯୁକ୍ତିମାନ ମନ୍ତ୍ରିମଣ୍ଡଳର ଅନୁମୋଦନ ପରେ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ପାଦିତ ହୋଇଥାଏ ।

(୬) ମନ୍ତ୍ରିମଣ୍ଡଳ କେନ୍ଦ୍ରସରକାରଙ୍କ ବୈଦେଶିକ ନୀତି ନିୟନ୍ତ୍ରିତ କରନ୍ତି ଏବଂ ଅନ୍ୟାନ୍ୟ ବିଦେଶୀ ରାଷ୍ଟ୍ରଙ୍କ ସହିତ ଭାରତର ସମ୍ପର୍କ ନିର୍ଦ୍ଧାରିତ କରନ୍ତି । ଏହା ବିଦେଶୀ ରାଷ୍ଟ୍ରମାନଙ୍କ ସହିତ କୂଟନୀତି ସମ୍ପର୍କ ସ୍ଥାପନ କରେ । କୌଣସି ରାଷ୍ଟ୍ର ସହିତ ଚୁକ୍ତିବଦ୍ଧ ହେବା ବା ସନ୍ଧିସ୍ଥାପନ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ମନ୍ତ୍ରିମଣ୍ଡଳର ନିଷ୍ପତ୍ତି ଉପରେ ହିଁ ନିର୍ଭର କରାଯାଏ ।

(୭) ଆଭ୍ୟନ୍ତରୀଣ ଶାନ୍ତିଶୃଙ୍ଖଳା ବଜାୟ ରଖିବାପାଇଁ କେନ୍ଦ୍ର ମନ୍ତ୍ରିମଣ୍ଡଳ ପଦକ୍ଷେପମାନ ଗ୍ରହଣ କରିଥାଏ । ଦେଶରେ ଅଖଣ୍ଡତା ଓ ସାର୍ବଭୌମତ୍ୱ, ଐକ୍ୟ ଓ ସଂହତି ସୁରକ୍ଷା କରିବା ମଧ୍ୟ କେନ୍ଦ୍ର ମନ୍ତ୍ରିମଣ୍ଡଳର ଦାୟିତ୍ୱ ।

(୮) ପ୍ରଶାସନିକ ସୁବିଧାପାଇଁ କେନ୍ଦ୍ର ସରକାରଙ୍କ କାର୍ଯ୍ୟକ୍ରମକୁ ବିଭିନ୍ନ ବିଭାଗରେ ବିଭକ୍ତ କରାଯାଇଥିଲେ ସୁଦ୍ଧା ବିଭାଗଗୁଡ଼ିକ ବିପରୀତମୁଖୀ ହୋଇ କାର୍ଯ୍ୟ କରିବା ଅସମ୍ଭବ । ତେଣୁ ବିଭାଗଗୁଡ଼ିକୁ ସଂଯୁକ୍ତ କରି ସେମାନଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା, ଏହାର କାର୍ଯ୍ୟକାରିତା, ପରୀକ୍ଷା ଓ ନିୟନ୍ତ୍ରଣ କରିବାରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଯଦି କୌଣସି ଅବସ୍ଥାରେ ବିଭାଗଗୁଡ଼ିକ ମଧ୍ୟରେ ଉପୁଜିଥିବା ମତଭେଦ ଅସମାଧେୟ ହୁଏ, ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟସ୍ଥ ହିସାବରେ ହସ୍ତକ୍ଷେପ କରିବାକୁ ପଡ଼େ ।

(୯) ଭାରତ ମନ୍ତ୍ରିମଣ୍ଡଳର ଏମିତି କେତେଗୁଡ଼ିଏ କ୍ଷମତା ଅଛି ଯାହା ଇଂଲଣ୍ଡ ମନ୍ତ୍ରି-ମଣ୍ଡଳ ଉପଭୋଗ କରିବାପାଇଁ ସାହସ କରିବ ନାହିଁ । ବିଧାନମଣ୍ଡଳ ଅଧିବେଶନରେ ନଥିବା ଅବସ୍ଥାରେ ରାଷ୍ଟ୍ରପତି ଅଧ୍ୟାଦେଶ ଜାରି କରନ୍ତି । ଉକ୍ତ ଅଧ୍ୟାଦେଶ କେବଳ ମନ୍ତ୍ରିମଣ୍ଡଳ ଦ୍ୱାରା ପ୍ରସ୍ତୁତ ଆଇନ ଛଡ଼ା ଅନ୍ୟ କିଛି ନୁହେଁ । ଜରୁରୀ ପରିସ୍ଥିତିରେ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇ

ମନ୍ତ୍ରିମଣ୍ଡଳ ମୌଳିକ ଅଧିକାର ଏବଂ ସ୍ୱାତନ୍ତ୍ର୍ୟକୁ ବଜାୟ ରଖିଥାଆନ୍ତି ଏବଂ ରାଜ୍ୟଗୁଡ଼ିକର ସୀମାରେଖାର ପରିବର୍ତ୍ତନ କରିପାରନ୍ତି । ମନ୍ତ୍ରିମଣ୍ଡଳର ଲିଖିତ ପରାମର୍ଶ ବିନା ରାଷ୍ଟ୍ରପତି କୌଣସି ଜରୁରୀ ପରିସ୍ଥିତି ଘୋଷଣା କରିପାରିବେ ନାହିଁ । ଅବଶ୍ୟ ଏହି ସବୁ କ୍ଷମତା ସଂସଦର ଅନୁମୋଦନ ଉପରେ ନିର୍ଭର କରେ ।

ସ୍ୱଳ୍ପରେ କହିବାକୁ ଗଲେ ଶାସନ ଏବଂ ଆଇନ ବିଭାଗରେ ମନ୍ତ୍ରିମଣ୍ଡଳର ସ୍ଥାନ ପ୍ରବଳ ପ୍ରଭାବୀ । ଆର୍ଥିକ କ୍ଷେତ୍ରରେ ଏହାର ନିୟନ୍ତ୍ରଣ କିଛି କମ୍ ନୁହେଁ, ତେଣୁ ନିଃସନ୍ଦେହରେ କୁହାଯାଇପାରେ ଯେ ମନ୍ତ୍ରିମଣ୍ଡଳ ଗୋଟିଏ କେନ୍ଦ୍ରବିନ୍ଦୁ ଯାହାର ଚାରିପଟେ ଦେଶର ସମଗ୍ର ପ୍ରଶାସନ ଘୂରିବୁଲେ ।

(୧୦) ମନ୍ତ୍ରିମଣ୍ଡଳ ଶାସନ କ୍ଷେତ୍ରରେ ରାଷ୍ଟ୍ରପତିଙ୍କୁ ସର୍ବଦା ପରାମର୍ଶ ଦେଇଥାନ୍ତି । ମନ୍ତ୍ରିମଣ୍ଡଳର ପରାମର୍ଶ ଗ୍ରହଣ କରିବାକୁ ରାଷ୍ଟ୍ରପତି ବାଧ୍ୟ ଅଟନ୍ତି ।

(୧୧) କେନ୍ଦ୍ର ମନ୍ତ୍ରିମଣ୍ଡଳ ମାଧ୍ୟମରେ ହିଁ ଶାସନ ବିଭାଗ, ବ୍ୟବସ୍ଥା ବିଭାଗ ଏବଂ ବିଭିନ୍ନ ସରକାରୀ ଦପ୍ତର ଏକତ୍ରିତରେ ଏବଂ ଏକ ନୀତିଦ୍ୱାରା ସହଯୋଗିତା ବନ୍ଧନରେ ଆବଦ୍ଧ ହୋଇଥାନ୍ତି । ମନ୍ତ୍ରିମଣ୍ଡଳ ଯେଉଁ ସାଧାରଣ ନୀତି ସ୍ଥିର କରେ ତାହା ସଂସଦୀୟ ଆଇନ ଏବଂ ବିଭିନ୍ନ ଦପ୍ତରର ନୀତି ଏବଂ କାର୍ଯ୍ୟକ୍ରମରେ ପ୍ରତିଫଳିତ ହୁଏ । ବର୍ତ୍ତମାନର ସମାଜ କଲ୍ୟାଣର ରାଷ୍ଟ୍ର ସବୁ ଦିଗରେ କର୍ମମୁଖର ହୋଇ ଉଠିଛି । ଏହିସବୁ ଜନକଲ୍ୟାଣ ଏବଂ ସମାଜକଲ୍ୟାଣ କାର୍ଯ୍ୟ, ବୈଦେଶିକ ବ୍ୟାପାର, ପ୍ରତିରକ୍ଷା, ଆଭ୍ୟନ୍ତରୀଣ ଶୃଙ୍ଖଳା ଇତ୍ୟାଦି ବିଷୟ ସମ୍ବନ୍ଧରେ ମନ୍ତ୍ରିମଣ୍ଡଳ ନୀତି ନିର୍ଦ୍ଧାରଣ କରେ ଏବଂ ଚରମ ସିଦ୍ଧାନ୍ତ ଗ୍ରହଣ କରେ । ଉକ୍ତ ନୀତିକୁ ଆଇନରୂପେ ପରିଣତ କରିବାକୁ ହେଲେ ତାହା ପ୍ରସ୍ତୁତ, ସଂସଦରେ ବିଧେୟକ ଉପସ୍ଥାପନ ଇତ୍ୟାଦି ମନ୍ତ୍ରୀମାନଙ୍କ କର୍ତ୍ତବ୍ୟ । ବସ୍ତୁତଃ ଆଇନ ପ୍ରଣୟନ କ୍ଷମତା କ୍ୟାବିନେଟ ହାତରେ ନ୍ୟସ୍ତଥିବା କଥା ଆଗରୁ ବର୍ଣ୍ଣନା କରାଯାଇଛି । ତାହାଛଡ଼ା ସଂସଦ ଅଧିବେଶନର ପ୍ରାରମ୍ଭରେ ରାଷ୍ଟ୍ରପତି ଯେଉଁ ଅଭିଭାଷଣ ପ୍ରଦାନ କରନ୍ତି ସେଥିରେ ମନ୍ତ୍ରି-ମଣ୍ଡଳର କର୍ମସୂଚୀ କଥା ଉଲ୍ଲିଖିତ ଥାଏ ଓ ତାହାକୁ ମନ୍ତ୍ରିମଣ୍ଡଳ ହିଁ ପ୍ରସ୍ତୁତ କରିଥାଆନ୍ତି ।

(୧୨) ସବୁ ଦପ୍ତରର ତତ୍ତ୍ୱାବଧାନ କରିବା ମନ୍ତ୍ରିମଣ୍ଡଳର ଦାୟିତ୍ୱ । ସଂସଦ ଦ୍ୱାରା ଗୃହୀତ ଆଇନକୁ ଯଥାଯଥ ଭାବେ କାର୍ଯ୍ୟକାରୀ କରାଯାଉଛି କି ନା ତାହା ଦେଖିବା ଏବଂ ଆଇନ୍ ନ ଥିବା କ୍ଷେତ୍ରରେ ନୀତି ନିର୍ଦ୍ଧାରଣ କରିବା ହେଲା ମନ୍ତ୍ରିମଣ୍ଡଳର କର୍ତ୍ତବ୍ୟ । ଜାତୀୟ ଯୋଜନା ପ୍ରଣୟନ ଏହାର ଅନ୍ତର୍ଭୁକ୍ତ ।

(୧୩) ପ୍ରଶାସନିକ ଓ ଅର୍ଥନୈତିକ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମ୍ପର୍କ ନିର୍ଣ୍ଣୟ ଓ ରାଜ୍ୟ ସରକାରଗୁଡ଼ିକୁ ଆର୍ଥିକ ସାହାଯ୍ୟ ପ୍ରଦାନ ମନ୍ତ୍ରିମଣ୍ଡଳ ନିର୍ଣ୍ଣୟ କରିଥାଏ ।

କାର୍ଯ୍ୟ ଚାପରେ ଓ ବିଷୟ ସମୂହର ଜଟିଳତା ପାଇଁ ମନ୍ତ୍ରୀମାନଙ୍କୁ ସ୍ଥାୟୀ ସରକାରୀ କର୍ମଚାରୀମାନଙ୍କ (Civil Servants) ଉପରେ ନିର୍ଭର କରିବାକୁ ପଡ଼େ । ତେଣୁ

ଅନେକ ସମାଲୋଚନା କରି କହନ୍ତି ଯେ, ପ୍ରକୃତ ଶାସନ କ୍ଷମତା ସରକାରୀ କର୍ମଚାରୀଙ୍କ ହସ୍ତରେ ନ୍ୟସ୍ତ ଓ ସରକାର ଅମଲାତାନ୍ତ୍ରିକ (Bureaucratic) ହୋଇଯାଉଛି । ମନ୍ତ୍ରୀମାନେ ଲୋକସଭା ନିକଟରେ ଯେଉଁଥିପାଇଁ ଦାୟୀ ଏବଂ ତାହା ନିକଟରେ ସେମାନଙ୍କର ଦପ୍ତର ସମ୍ବନ୍ଧୀୟ କାର୍ଯ୍ୟପାଇଁ ଜବାବ ଦେବାକୁ ପଡ଼େ । ଏହି ଅବସ୍ଥାରେ ମନ୍ତ୍ରୀମାନେ ଯେପରି ପାର୍ଲାମେଣ୍ଟ ଭିତରେ ବା ବାହାରେ କୌଣସି ଅସୁବିଧାରେ ନପଡ଼ନ୍ତି ସରକାରୀ କର୍ମଚାରୀମାନେ ସେଥିପ୍ରତି ନଜର ରଖି କାର୍ଯ୍ୟ କରନ୍ତି । ମନ୍ତ୍ରୀମାନେ ମଧ୍ୟ ରାଜନୈତିକ ଫଳାଫଳ ଆଡ଼କୁ ଦୃଷ୍ଟିରଖି ସ୍ଥାୟୀ ସରକାରୀ କର୍ମଚାରୀମାନଙ୍କୁ ନିୟନ୍ତ୍ରଣ ଓ ପରିଚାଳନା କରନ୍ତି ବୋଲି ଉତ୍ତରରେ କୁହାଯାଏ ।

ଇଂଲଣ୍ଡର ମନ୍ତ୍ରିମଣ୍ଡଳକୁ ମାରିଏଟ୍ "ଏହା ଏକ କେନ୍ଦ୍ର ବିନ୍ଦୁ ଯାହାଚାରିପଟେ ସବୁ ରାଜନୈତିକ ସଂସ୍ଥା ଘୂରି ବୁଲୁଥାଏ" ବୋଲି ମତବ୍ୟକ୍ତ କରିଛନ୍ତି । ଅଧ୍ୟାପକ ଲାସ୍କିଙ୍କ ମତରେ ସଂସଦୀୟ ଶାସନ ବ୍ୟବସ୍ଥାରେ ମନ୍ତ୍ରିମଣ୍ଡଳ ହିଁ ଏକମାତ୍ର ଜୀବନ୍ତ ସଂସ୍ଥା ଯାହାକି ଦେଶର ସମସ୍ତ ପ୍ରଶାସନକୁ ନିୟନ୍ତ୍ରିତ ଓ ପରିଚାଳିତ କରିଥାଏ ।

## ମନ୍ତ୍ରିମଣ୍ଡଳର ପ୍ରାଧାନ୍ୟ

**(Supremacy of the Cabinet)**

ଉପରୋକ୍ତ ଆଲୋଚନାରୁ ସହଜରେ ଉପଲବ୍ଧି କରାଯାଏ ଯେ, ଆଇନ ପ୍ରଣୟନ, ଶାସନକାର୍ଯ୍ୟ ପରିଚାଳନା, ସରକାରୀ ଆୟବ୍ୟୟ ଅଟକଳ ନିର୍ଦ୍ଧାରଣ ପ୍ରଭୃତି ସବୁ କ୍ଷେତ୍ରରେ ମନ୍ତ୍ରିମଣ୍ଡଳର କ୍ଷମତା ଓ ପ୍ରାଧାନ୍ୟ ପରିବ୍ୟାପ୍ତ । ଆଇନ ପ୍ରଣୟନ ମନ୍ତ୍ରିମଣ୍ଡଳର ଉଦ୍ୟୋଗରେ ସମ୍ପାଦିତ ହୁଏ ଏବଂ ଏହାର ସିଦ୍ଧାନ୍ତ ସାଧାରଣତଃ ଚରମ ବୋଲି ଧରିନିଆଯାଏ । ଏହା ବ୍ୟତୀତ ସମୟ ଓ ଉପଯୁକ୍ତ ଜ୍ଞାନର ଅଭାବ ଯୋଗୁଁ ସଂସଦ ଶାସନ ବିଭାଗ ହାତରେ ଆଇନପ୍ରଣୟନ କ୍ଷମତା ନ୍ୟସ୍ତ କରିବାକୁ ବାଧ୍ୟ ହୁଏ । ଏହିସବୁ କ୍ଷମତା ବଳରେ ଶାସନ ବିଭାଗ ନିୟମକାନୁନ ଓ ଆଦେଶ ନିର୍ଦ୍ଦେଶ ପ୍ରବର୍ତ୍ତନ କରେ । ଆର୍ଥିକ କ୍ଷେତ୍ରରେ ମଧ୍ୟ ମନ୍ତ୍ରିମଣ୍ଡଳର କ୍ଷମତା ଓ ପ୍ରଭୁତ୍ୱ ଦୃଢ଼ ସଂପ୍ରସାରିତ ହୋଇଛି । ଯୁଦ୍ଧ ଓ ଶାନ୍ତି, ବୈଦେଶିକ ନୀତି ଓ ଆନ୍ତର୍ଜାତିକ ବ୍ୟାପାରରେ ମନ୍ତ୍ରିମଣ୍ଡଳ ପ୍ରକୃତ କ୍ଷମତାର ଅଧିକାରୀ । ଆଭ୍ୟନ୍ତରୀଣ ଶାସନ କ୍ଷେତ୍ରରେ ମନ୍ତ୍ରିମଣ୍ଡଳ ହେଉଛି ଶାସନ ବିଭାଗର ନିୟନ୍ତ୍ରକ ଓ ପରିଚାଳକ । ରାଷ୍ଟ୍ରପତିଙ୍କ ଜରିଆରେ ଅର୍ଡିନାନ୍ସ ଜାରି କରିବା ଓ ଜରୁରୀ ଅବସ୍ଥା ଘୋଷଣା କରିବା ପ୍ରଭୃତି ବିଶେଷ କ୍ଷମତା ମନ୍ତ୍ରିମଣ୍ଡଳର ଅଛି । ଅଧ୍ୟାଦେଶ ମାଧ୍ୟମରେ ମନ୍ତ୍ରିମଣ୍ଡଳ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରବର୍ତ୍ତନ କରିପାରେ ଏବଂ ନାଗରିକ ଅଧିକାରରେ ହସ୍ତକ୍ଷେପ କରିପାରେ, ଏପରିକି ନ୍ୟାୟାଳୟର ରାୟକୁ ମଧ୍ୟ ଅତିକ୍ରମ କରିପାରେ । ଅନୁରୂପ ଭାବେ ଜରୁରୀପରିସ୍ଥିତି ଘୋଷଣାଦ୍ୱାରା ସରକାର ମୌଳିକ ଅଧିକାର କ୍ଷୁଣ୍ଣ କରିପାରନ୍ତି ଏବଂ ନ୍ୟାୟାଳୟରେ ପ୍ରତିକାରର ରାସ୍ତାମଧ୍ୟ ବନ୍ଦକରି ଦେଇପାରନ୍ତି ।

ମନ୍ତ୍ରିମଣ୍ଡଳର ଏହି ବ୍ୟାପକ ଓ ନିରଙ୍କୁଶ କ୍ଷମତା ଆଡକୁ ଲକ୍ଷ୍ୟକରି ଭାରତରେ ସଂସଦୀୟ ଗଣତନ୍ତ୍ରର ଅନ୍ତରାଳରେ ମନ୍ତ୍ରିମଣ୍ଡଳର ନାୟକତନ୍ତ୍ର (Cabinet Dictatorship) କାର୍ଯ୍ୟକରୁଛି ବୋଲି କେହି କେହି ଅଭିଯୋଗ କରନ୍ତି । ମନ୍ତ୍ରିମଣ୍ଡଳ ତୁଳନାରେ ସଂସଦ କ୍ଷମତାଶୂନ୍ୟ । ଏହା କେବଳ ମନ୍ତ୍ରିମଣ୍ଡଳର ଇଚ୍ଛା ଅନିଚ୍ଛାର ସ୍ୱୀକୃତି ପ୍ରଦାନକାରୀ ହିସାବରେ କାମକରେ । ସଂସଦରେ ହେଉଥିବା ଆଲୋଚନା ସମାଲୋଚନା ସରକାରଙ୍କୁ ବିଶେଷ ସ୍ପର୍ଶ କରେନାହିଁ । ଯୌଥଦାୟିତ୍ୱ ଥିଲେମଧ୍ୟ ସଂଖ୍ୟାଗରିଷ୍ଠତା ଓ ଦଳୀୟ ନିୟମାନୁବର୍ତ୍ତିତା ଯୋଗୁଁ ସରକାରଙ୍କ ପକ୍ଷରେ ସଂସଦକୁ ଭୟକରି ଚଳିବାର କୌଣସି କାରଣ ନାହିଁ ।

ଅବଶ୍ୟ ଇଂଲଣ୍ଡ ଭଳି ଦେଶର ମଧ୍ୟ ମନ୍ତ୍ରିମଣ୍ଡଳ ହାତରେ କ୍ଷମତା ପୁଞ୍ଜୀଭୂତ କରାଯାଇଛି । ଇଂଲଣ୍ଡରେ ବିରୋଧି ଦଳର ସମାଲୋଚନା ଏବଂ ସଦାଜାଗ୍ରତ ସମ୍ବାଦପତ୍ର ଓ ନିର୍ବାଚକମଣ୍ଡଳୀଙ୍କ ଉପରେ ମନ୍ତ୍ରିମଣ୍ଡଳ ବା ସରକାର ନିୟନ୍ତ୍ରିତ ଭାବେ କାର୍ଯ୍ୟ କରିଥାଏ । ଏ କ୍ଷେତ୍ରରେ ଭାରତୀୟ ସଂସଦୀୟ ଗଣତନ୍ତ୍ରରେ ଦୁର୍ବଳତା ଦେଖାଯାଏ । ସ୍ୱାଧୀନତା ପରେ କଂଗ୍ରେସ ଦଳ ବରାବର ବିପୁଳ ସଂଖ୍ୟାଧିକ ଭୋଟରେ ଜୟଲାଭ କରି ଏକକ ଭାବରେ ଶାସନ କ୍ଷମତା ଉପଭୋଗ କରିଆସୁଛି; ଅନ୍ୟାନ୍ୟ ବିରୋଧୀ ଦଳ ଥିଲେ ମଧ୍ୟ ସଂସଦରେ ସେମାନଙ୍କର ସଦସ୍ୟ ସଂଖ୍ୟା ଅତି ନଗଣ୍ୟ । ପୁଣି ସେମାନଙ୍କର କର୍ମସୂଚୀ ଓ ନୀତିମଧ୍ୟ ଅସ୍ପଷ୍ଟ ଅଟେ । ସେମାନଙ୍କ ପକ୍ଷରେ ବିକଳ୍ପ ସରକାର ଗଠନ କରିବାର କୌଣସି ଆଶା ନାହିଁ । ବିରୋଧି ଦଳଗୁଡ଼ିକ ଦାୟିତ୍ୱଶୀଳ ଓ ସଙ୍ଗଠନମୂଳକ ସମାଲୋଚନାର ( Responsible and constructive criticism ) ପ୍ରୟୋଜନୀୟତାର ଅନୁଭବ କରୁନାହାନ୍ତି । ବିରୋଧିଦଳଗୁଡ଼ିକ ଏକଜୁଟ୍ ହୋଇ କାମ କରିବାର ଏବଂ ଶାସକ ଦଳକୁ ଆହ୍ୱାନ ( challenge ) କରିବାର ଦାୟିତ୍ୱବୋଧ ବର୍ତ୍ତମାନ ସୁଦ୍ଧା ଉପଲବ୍ଧି କରିନାହାନ୍ତି ।

ଇଂଲଣ୍ଡଭଳି ଭାରତରେ ନିର୍ବାଚକ ମଣ୍ଡଳୀ (Eloctorate) ଶିକ୍ଷିତ, ସୁସଙ୍ଗଠିତ ଓ ସଦାଜାଗ୍ରତ ନୁହେଁ । ସେମାନଙ୍କ ମଧ୍ୟରେ ଧର୍ମଗତ, ଭାଷାଗତ ଓ ବର୍ଣ୍ଣଗତ ବିଭାଜନ ଦେଖାଯାଏ । ସୁତରାଂ ଜନମତର ପ୍ରଭାବ ସରକାରଙ୍କ ଉପରେ ଯେତିକି ପଡ଼ିବାର କଥା ସେତିକି ପଡ଼େନାହିଁ ।

ଭାରତୀୟ ସଂସଦୀୟ ଗଣତନ୍ତ୍ରର ଉପରୋକ୍ତ ଦୁର୍ବଳତା ସ୍ୱୀକାର କରାଗଲେ ମଧ୍ୟ ଭାରତରେ ମନ୍ତ୍ରିମଣ୍ଡଳ 'ନାୟକତନ୍ତ୍ର' ( Cabinet Dictatorship ) ପ୍ରତିଷ୍ଠିତ ହୋଇଥିବା ଏବଂ ସଂସଦ ସମ୍ପୂର୍ଣ୍ଣ ରୂପେ ଶକ୍ତିହୀନ ହୋଇପଡ଼ିଥିବା ଅଭିଯୋଗ ସ୍ୱୀକାରଯୋଗ୍ୟ ନୁହେଁ । ବର୍ତ୍ତମାନ ଇଂଲଣ୍ଡ ପ୍ରଭୃତି ଦେଶରେ ସଂସଦର ପ୍ରଧାନକାର୍ଯ୍ୟ ହେଲା ଆଲୋଚନା ଓ ବିତର୍କ ଏବଂ ସେସବୁ ମାଧ୍ୟମରେ ସରକାରଙ୍କୁ ନିୟନ୍ତ୍ରିତ କରିବା । ଭାରତରେ ଦଳୀୟ ବ୍ୟବସ୍ଥାର ଦୁର୍ବଳତା ଥିବା ସତ୍ତ୍ୱେ ବିରୋଧିଦଳଗୁଡ଼ିକ ମୋଟାମୋଟି ଦକ୍ଷତାର ସହିତ ସରକାରଙ୍କ ତ୍ରୁଟିର ସମାଲୋଚନା କରିବାରେ ସମର୍ଥ ହୁଅନ୍ତି । ଶାସକଦଳର କ୍ଷମତାର ଉତ୍ସହେଲା ନିର୍ବାଚକ ମଣ୍ଡଳୀ । ବିରୋଧିଦଳଗୁଡ଼ିକ ନିର୍ବାଚକ ମଣ୍ଡଳୀ ନିକଟରେ ଶାସକ ଦଳର ଦୋଷତ୍ରୁଟି ଦେଖାଇ ଜନମତର ଗତିର ପରିବର୍ତ୍ତନ କରିପାରନ୍ତି । ସଂସଦରେ

କାର୍ଯ୍ୟପଦ୍ଧତି ସଂପର୍କରେ ଯେଉଁ ଯେଉଁ ନିୟମକାନୁନ୍ ପ୍ରଚଳିତ ହୋଇଛି ସେଥିରେ ପ୍ରଶ୍ନୋତ୍ତର, ଅର୍ଦ୍ଧଘଣ୍ଟା ପାଇଁ ଆଲୋଚନା, ରାଷ୍ଟ୍ରପତିଙ୍କ ପ୍ରାରମ୍ଭିକ ଅଭିଭାଷଣ ସମ୍ପର୍କରେ ବିତର୍କ, ଅନାସ୍ଥା ଓ ଅନ୍ୟାନ୍ୟ ଧରଣର ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉତ୍ଥାପନ, ମୂଲତବି ପ୍ରସ୍ତାବ ଗ୍ରହଣ ଏବଂ ବଜେଟ୍ ଆଲୋଚନା ପ୍ରସଙ୍ଗରେ ସରକାରଙ୍କ ସାଧାରଣ ନୀତିର ସମାଲୋଚନା କରିବା ପାଇଁ ବ୍ୟବସ୍ଥା ରହିଛି । ଏହା ବ୍ୟତୀତ ସରକାର-ନିୟନ୍ତ୍ରଣ ବ୍ୟାପାରରେ ସଂସଦର ବିଭିନ୍ନ ସମିତିର ଗୁରୁତ୍ୱ ମଧ୍ୟ ରହିଛି । ଏହି ସମିତିଗୁଡ଼ିକ ମଧ୍ୟରେ ସରକାରୀ ହିସାବ ସମିତି ( Public Accounts Committee ), ଅଟକଳ ସମିତି ( Estimates Committee ) ଏବଂ ସରକାରୀ ପ୍ରତିଷ୍ଠାନ ସମ୍ପର୍କିତ ସମିତି (The Committee on public Undertakings ) ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏହି ସଂପର୍କରେ ସରକାରୀ ପ୍ରତିଶ୍ରୁତି ସଂକ୍ରାନ୍ତ ସମିତି (The Committee on Government Assurances ) କଥା ମଧ୍ୟ ଉଲ୍ଲେଖଯୋଗ୍ୟ । ମନ୍ତ୍ରୀମାନେ ଯେଉଁ ପ୍ରତିଶ୍ରୁତି ପ୍ରଦାନ କରନ୍ତି ସେଗୁଡ଼ିକ କେତେଦୂର ପ୍ରତିପାଳିତ ହୋଇଛି ତାହା ଏହି ସମିତି ପରଖି ଲୋକସଭା ନିକଟରେ ରିପୋର୍ଟ ପ୍ରଦାନ କରନ୍ତି ।

ଉପରୋକ୍ତ ପନ୍ଥାଗୁଡ଼ିକ ବ୍ୟତୀତ କଂଗ୍ରେସ ଦଳର ଅଭ୍ୟନ୍ତରୀଣ ବିରୋଧିତା ଓ ସମାଲୋଚନା ମଧ୍ୟ କ୍ଷମତାପ୍ରାପ୍ତ କଂଗ୍ରେସ ସରକାରଙ୍କୁ ସଂଯତ କରିବାରେ ସାହାଯ୍ୟ କରେ । ମନ୍ତ୍ରିମଣ୍ଡଳ ଯେ ସଂସଦର ସମାଲୋଚନା ଏବଂ ଜନମତକୁ ସମ୍ପୂର୍ଣ୍ଣ ଉପେକ୍ଷାକରି ଚଳିପାରେନା ତାହା ଏକାଧିକ ମନ୍ତ୍ରୀଙ୍କ ପଦତ୍ୟାଗ ଦ୍ୱାରା ପ୍ରମାଣିତ ହୁଏ ।

ତନ୍ତ୍ରର ସ୍ୱରୂପ ବଜାୟ ରଖିବାକୁ ହେଲେ ବଳିଷ୍ଠ ଜନମତ ଓ ସୁଶିକ୍ଷିତ ନିର୍ବାଚକ-ମଣ୍ଡଳୀ ଗଢ଼ି ତୋଳିବାକୁ ହେବ । ଏଥିପାଇଁ ବ୍ୟାପକ ଶିକ୍ଷା ବିସ୍ତାର ଓ ଅର୍ଥନୈତିକ ସୀମାଭିତ୍ତିରେ ମାନବିକ ସଂପର୍କର ପ୍ରତିଷ୍ଠା ଆବଶ୍ୟକ ।

## ପ୍ରଧାନମନ୍ତ୍ରୀ
### ( Prime Minister )

ଭାରତୀୟ ଶାସନତନ୍ତ୍ରରେ ପ୍ରଧାନମନ୍ତ୍ରୀଙ୍କ ସ୍ଥାନ ଅତି ଗୁରୁତ୍ୱପୂର୍ଣ୍ଣ । ମନ୍ତ୍ରିପରିଷଦର ଅଧିନାୟକ ହିସାବରେ ସେ ହେଉଛନ୍ତି ପ୍ରକୃତ ଶାସକ । ତୁଳନାତ୍ମକ ଭାବେ ବିଚାରକଲେ ଭାରତର ପ୍ରଧାନମନ୍ତ୍ରୀ, ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିଙ୍କଠାରୁ ମଧ୍ୟ ଅଧିକ କ୍ଷମତାଶାଳୀ ବୋଲି ଅନେକ ମତ ଦିଅନ୍ତି । ଅନ୍ୟାନ୍ୟ ଉଚ୍ଚତର କ୍ଷମତା ବ୍ୟତୀତ ରାଜ୍ୟପାଳ ନିଯୁକ୍ତି ଓ ବିଦେଶକୁ କୂଟନୈତିକ ପ୍ରତିନିଧି ପ୍ରେରଣ ବ୍ୟାପାରରେ ଭାରତୀୟ ପ୍ରଧାନମନ୍ତ୍ରୀ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥାନ୍ତି । ଅନ୍ୟପକ୍ଷରେ ଯୁକ୍ତରାଷ୍ଟ୍ର ଆମେରିକାରେ ଗଭର୍ଣ୍ଣରଗଣ ନିର୍ବାଚିତ ହୁଅନ୍ତି ଏବଂ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ କୂଟନୈତିକ ପ୍ରତିନିଧିମାନେ ସିନେଟ୍‌ଦ୍ୱାରା ସମର୍ଥିତ ହେବା ପ୍ରୟୋଜନ ।

ଏଥିପୂର୍ବରୁ କୁହାଯାଇଛି ଯେ ଭାରତରେ ପ୍ରଧାନମନ୍ତ୍ରୀଙ୍କ ଅଧିନାୟକତ୍ୱରେ ଏକ ମନ୍ତ୍ରିପରିଷଦ ହିଁ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବେ । ରାଷ୍ଟ୍ରପତିଙ୍କ ଅନ୍ୟତମ ଦାୟିତ୍ୱ ହେଲା ପ୍ରଧାନମନ୍ତ୍ରୀଙ୍କୁ ନିଯୁକ୍ତ ଦେବା । କିନ୍ତୁ ଏ ବିଷୟରେ ତାହାଙ୍କୁ ସେ ନିଜ ଇଚ୍ଛାମୁତାବକ ନିଯୁକ୍ତ ଦେଇପାରିବେ ନାହିଁ । ତାଙ୍କୁ ଲୋକସଭାର ସଂଖ୍ୟାଗରିଷ୍ଠ ଦଳର ବା ଅଧିକ ସଦସ୍ୟଙ୍କ ସମର୍ଥନ ପ୍ରାପ୍ତ ଦଳୀୟ ନେତାଙ୍କୁ ପ୍ରଧାନମନ୍ତ୍ରୀରୂପେ ନିଯୁକ୍ତ କରିବାକୁ ହୁଏ । ବ୍ରିଟେନ୍‌ରେ ୧୯୦୨ ମସିହାରେ ଲର୍ଡ଼ ସେଲିସ୍‌ବେରୀ (Lord Salisbury)ଙ୍କ ପଦତ୍ୟାଗ ପରେ ଆଜିପର୍ଯ୍ୟନ୍ତ ଲର୍ଡ଼ସଭାର କୌଣସି ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ପଦରେ ମନୋନୀତ କରାନଯିବା ହେତୁ, ଏହି ପରମ୍ପରା ଏକ ଶାସନତାନ୍ତ୍ରିକ ରୀତିରେ ପରିଣତ ହୋଇଛି । ତେଣୁ ପ୍ରଧାନମନ୍ତ୍ରୀଙ୍କୁ କମନ୍‌ସ ସଭାର ସଦସ୍ୟହିଁ ହେବାକୁ ପଡ଼େ । କିନ୍ତୁ ଭାରତୀୟ ସଂବିଧାନରେ ପ୍ରଧାନମନ୍ତ୍ରୀଙ୍କୁ ଲୋକସଭାରହିଁ ସଦସ୍ୟ ହେବାକୁ ହେବବୋଲି କୌଣସି ବିଧାନ ନାହିଁ । ସେ ରାଜ୍ୟସଭାର ସଦସ୍ୟ ମଧ୍ୟ ହୋଇପାରନ୍ତି । ତେଣୁ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ପକ୍ଷରେ ରାଜ୍ୟସଭାର ସଦସ୍ୟା ହୋଇ ମଧ୍ୟ ପ୍ରଥମଥର ପ୍ରଧାନମନ୍ତ୍ରୀପଦ ଲାଭ କରିବା ସମ୍ଭବ ହୋଇଥିଲା ।

ପ୍ରଧାନମନ୍ତ୍ରୀ ଓ ତାଙ୍କ ଦଳ ପରସ୍ପରର ଅଚ୍ଛେଦ୍ୟ ସୂତ୍ରରେ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ । ସେ ଲୋକସଭାର ସଂଖ୍ୟାଗରିଷ୍ଠ ବା ଅଧିକ ସଂଖ୍ୟକ ସଦସ୍ୟଙ୍କଦ୍ୱାରା ସମର୍ଥିତ ଦଳର ନେତା ବୋଲି ହିଁ ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ ହୁଅନ୍ତି । ସୁତରାଂ ଦଳୀୟ ନେତା ହିସାବରେ ନିଜ ଦଳର ଜନପ୍ରିୟତା ରକ୍ଷା ଓ ବୃଦ୍ଧି କରିବା ତାଙ୍କର ଏକ ଗୁରୁଦାୟିତ୍ୱ । ଜନସାଧାରଣଙ୍କ ସମର୍ଥନ ପାଇବା ସଙ୍ଗେ ସଙ୍ଗେ ନିଜ ଦଳର ସଦସ୍ୟଙ୍କ ସମର୍ଥନ ପାଇବାପାଇଁ ପ୍ରଧାନମନ୍ତ୍ରୀଙ୍କୁ ବିଭିନ୍ନ କୌଶଳ ପ୍ରୟୋଗ କରିବାକୁ ପଡ଼େ । ଏଠି ଉଲ୍ଲେଖ କରାଯାଇପାରେ ଯେ ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ନେହେରୁ କାର୍ଯ୍ୟତଃ (De-facto) ପ୍ରଧାନମନ୍ତ୍ରୀରୂପେ ନିଯୁକ୍ତ ହୋଇଥିଲେ । ସର୍ଦ୍ଦାର ପଟେଲଙ୍କୁ ବାଦଦେଇ ନେହେରୁଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଅଧିଷ୍ଠିତ କରିବାପାଇଁ ମହାତ୍ମାଗାନ୍ଧୀଙ୍କ ଭୂମିକା ଅଧିକ ଗୁରୁତ୍ୱପୂର୍ଣ୍ଣ ଥିଲା । ସ୍ୱାଧୀନତା ପୂର୍ବରୁ କାର୍ଯ୍ୟତଃ ପ୍ରଧାନମନ୍ତ୍ରୀ ଥିବାଯୋଗୁଁ ସ୍ୱାଧୀନତା ପରେ ୧୯୪୭ ମସିହାରେ ନେହେରୁଙ୍କୁ ଆଇନତଃ (De-Jure) ପ୍ରଧାନମନ୍ତ୍ରୀ ହେବା ପାଇଁ କୌଣସି ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିନଥିଲା । ସର୍ଦ୍ଦାର ପଟେଲଙ୍କ ମୃତ୍ୟୁପରେ ନେହେରୁ କଂଗ୍ରେସ ଦଳ ମଧ୍ୟରେ ନିଜକୁ ଅପ୍ରତିଦ୍ୱନ୍ଦ୍ୱୀ ନେତା ହିସାବରେ ପ୍ରମାଣିତ କରାଇଥିଲେ । ୧୯୬୪ ମସିହାରେ ନେହେରୁଙ୍କ ମୃତ୍ୟୁପରେ କଂଗ୍ରେସ ଦଳ ମଧ୍ୟରେ ନେତା ନିର୍ବାଚନ ସହଜସାଧ୍ୟ ହୋଇନଥିଲା । ତାଙ୍କର ଉତ୍ତରାଧିକାରୀ ହେବାପାଇଁ କେତେଜଣ ପୁରୁଣା ଓ ପ୍ରମୁଖ ନେତା ଲାଳାୟିତ ହୋଇପଡ଼ିଥିଲେ । ଉପୁଜିଥିବା ଦଳୀୟ ସମସ୍ୟାର ସମାଧାନ ପାଇଁ ଏବଂ କଂଗ୍ରେସ ଦଳକୁ ଖଣ୍ଡବିଖଣ୍ଡ ହେବାରୁ ବଞ୍ଚାଇବାକୁ ତତ୍କାଳୀନ କଂଗ୍ରେସ ସଭାପତି କାମରାଜଙ୍କ ଭୂମିକା ଅତୁଳନୀୟ । ଲାଲବାହାଦୁର ଶାସ୍ତ୍ରୀ ସର୍ବସମ୍ମତିକ୍ରମେ କଂଗ୍ରେସ ଦଳର ନେତା ନିର୍ବାଚିତ ହୋଇଥିଲେ । ୧୯୬୬ ମସିହା ଜାନୁୟାରୀ ମାସରେ ଶାସ୍ତ୍ରୀଙ୍କ ମୃତ୍ୟୁପରେ

ପୁଣି ନେତା ନିର୍ବାଚନ ପାଇଁ ସମସ୍ୟା ଉପୁଜିଥିଲା । ଏହିଥର ମୋରାରଜୀ ଦେଶାଇ କଂଗ୍ରେସ ଦଳର ନେତୃତ୍ୱ ଲାଭ କରିବାପାଇଁ ଦୃଢ଼ପ୍ରତିଜ୍ଞ ହୋଇଥିଲେ । ଅବଶ୍ୟ ପ୍ରତିଦ୍ୱନ୍ଦ୍ୱିତାରେ କାମରାଜଙ୍କ ଚକ୍ରାନ୍ତ ଫଳରେ ଦେଶାଇ ପରାସ୍ତ ହୋଇଥିଲେ ଏବଂ ଶ୍ରୀମତୀ ଗାନ୍ଧୀ ଦଳର ନେତ୍ରୀ ନିର୍ବାଚିତ ହୋଇଥିଲେ । ସେହି ସମୟଠାରୁ ଆଜିପର୍ଯ୍ୟନ୍ତ ଶ୍ରୀମତୀ ଗାନ୍ଧୀ କଂଗ୍ରେସ ଦଳର ଅପ୍ରତିଦ୍ୱନ୍ଦ୍ୱୀ ନେତ୍ରୀ ହିସାବରେ କାର୍ଯ୍ୟକରୁଛନ୍ତି ଆସିଛନ୍ତି ।

ସଂସଦ, ବିଶେଷକରି ଲୋକସଭା ନିର୍ବାଚିତ ଜନନାୟକଙ୍କୁ ନେଇ ଗଠିତ । ତେଣୁ ସେମାନଙ୍କ ମତାମତକୁ ଭ୍ରୂକ୍ଷେପ ନକରିବା ଅର୍ଥ ନିର୍ବାଚକ ମଣ୍ଡଳୀ (Electorate)ର ମତାମତକୁ ଭ୍ରୂକ୍ଷେପ ନକରିବା । ତେଣୁ ରାଷ୍ଟ୍ରପତି ନିର୍ବାଚକ ମଣ୍ଡଳୀକୁ ସମ୍ମାନ ଦେବାପାଇଁ ସଂଖ୍ୟାଗରିଷ୍ଠ ବିଧାୟକ ଦଳ (Parliamentary Party)ର ନେତାଙ୍କୁ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ କରନ୍ତି । ଅସାଧାରଣ ପରିସ୍ଥିତି ସୃଷ୍ଟିହେଲେ ଅର୍ଥାତ୍ କୌଣସି ଗୋଟିଏ ରାଜନୈତିକ ଦଳ ସଂଖ୍ୟାଗରିଷ୍ଠତା ଲାଭ ନକଲେ ବା କେତେଗୁଡ଼ିଏ ଦଳ ମିଶି ମେଣ୍ଟ ସାମ୍ମୁଖ୍ୟ ଗଠନ କରିବାପାଇଁ ଅସମର୍ଥ ହେଲେ ରାଷ୍ଟ୍ରପତି ନିଜ ଇଚ୍ଛାନୁସାରେ କାହାକୁ ପ୍ରଧାନମନ୍ତ୍ରୀରୂପେ ନିଯୁକ୍ତ ଦେଇପାରନ୍ତି । ୧୯୩୧ ମସିହାରେ ଇଂଲଣ୍ଡର ରାଜା ରାମସେ ମ୍ୟାକ୍‌ଡୋନାଲଡ୍ (Ramsay Mc Donald)ଙ୍କୁ ଠିକ୍ ସେହିପରିଭାବେ ବ୍ରିଟେନର ପ୍ରଧାନମନ୍ତ୍ରୀରୂପେ ନିଯୁକ୍ତ କରିଥିଲେ । ଭାରତର ପୂର୍ବତନ ନ୍ୟାୟାଧୀଶ ମାନ୍ୟବର କେ. ସୁବାରାଓ ମନ୍ତବ୍ୟ ଦେଇଛନ୍ତି ଯେ ଏହିପରି ଅବସ୍ଥା ଉପୁଜିଲେ ରାଷ୍ଟ୍ରପତି ଯାହାଙ୍କୁ ଏକ ସୁଦୃଢ଼ ସରକାର ଗଠନ କରିପାରିବା ପାଇଁ ଉପଯୁକ୍ତ ବୋଲି ମନେ କରନ୍ତି ତାହାଙ୍କୁ ପ୍ରଧାନମନ୍ତ୍ରୀରୂପେ ନିଯୁକ୍ତ କରିପାରିବେ ।

ସ୍ୱାଧୀନତା ପରଠାରୁ ଗୋଟିଏ ପ୍ରଭାବଶାଳୀ ଦଳ ଏବଂ ସାମାନ୍ୟ ବ୍ୟତିକ୍ରମ ସହିତ ନେହେରୁଙ୍କଠାରୁ ଆରମ୍ଭକରି ଇନ୍ଦିରାଗାନ୍ଧୀଙ୍କ ପର୍ଯ୍ୟନ୍ତ ଗୋଟିଏ ପ୍ରଭାବଶାଳୀ ନେତା ରହିଥିବା ଯୋଗୁଁ ରାଷ୍ଟ୍ରପତିଙ୍କ ପକ୍ଷେ ପ୍ରଧାନମନ୍ତ୍ରୀ ମନୋନୟନ ସ୍ୱତଃପ୍ରବୃତ୍ତ (Automatic) ହୋଇଅଛି । ପ୍ରଥମ ରାଷ୍ଟ୍ରପତି ଡକ୍ଟର ରାଜେନ୍ଦ୍ରପ୍ରସାଦ ସ୍ୱତଃପ୍ରବୃତ୍ତ ମନୋନୟନ ନୀତି ଅନୁସରଣ କରି ପଣ୍ଡିତ ନେହେରୁଙ୍କୁ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ ଦେଇଥିଲେ । ତାପରେ ଅବଶ୍ୟ ଡକ୍ଟର ରାଧାକୃଷ୍ଣନଙ୍କୁ ଭିନ୍ନଭିନ୍ନ ପରିସ୍ଥିତିରେ ଭିନ୍ନଭିନ୍ନ ପଦକ୍ଷେପ ନେବାକୁ ପଡ଼ିଥିଲା । ତତ୍କାଳୀନ ମନ୍ତ୍ରିମଣ୍ଡଳର ଜରୁରୀକାଳୀନ ସମିତି (Emergency Committee)ର ସିଦ୍ଧାନ୍ତ ଅନୁସାରେ ସେ ଗୁଲଜାରିଲାଲ ନନ୍ଦାଙ୍କୁ ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀ (Interim Prime Minister)ରୂପେ ନିଯୁକ୍ତ କରିଥିଲେ । ତାପରେ ସେ କଂଗ୍ରେସ ବିଧାୟକ ଦଳର ନିଷ୍ପତ୍ତି କ୍ରମେ ଲାଲବାହାଦୁର ଶାସ୍ତ୍ରୀଙ୍କୁ ଭାରତର ଦ୍ୱିତୀୟ ପ୍ରଧାନମନ୍ତ୍ରୀ ରୂପେ ନିଯୁକ୍ତ ଦେଇଥିଲେ । ପୁଣି ଶାସ୍ତ୍ରୀଙ୍କ ଅକାଳ ମୃତ୍ୟୁପରେ ପୂର୍ବ ଉଦାହରଣକ୍ରମେ ନନ୍ଦାଙ୍କୁ ମଧ୍ୟବର୍ତ୍ତୀକାଳୀନ ପ୍ରଧାନମନ୍ତ୍ରୀରୂପେ ନିଯୁକ୍ତ ଦେଲେ । ଏବଂ ପରେ କଂଗ୍ରେସ ବିଧାୟକ ଦଳର ନିଷ୍ପତ୍ତିକ୍ରମେ ଶ୍ରୀମତୀ ଗାନ୍ଧୀଙ୍କୁ ନିଯୁକ୍ତ କଲେ ।

ଜନତା ସରକାର ଅମଳରେ ଶ୍ରୀ ମୋରାରଜୀ ଦେଶାଇଙ୍କୁ ପ୍ରଧାନମନ୍ତ୍ରୀ କରିବାପାଇଁ ଜୟପ୍ରକାଶଙ୍କ ଦାନ ଅତୁଳନୀୟ । ଜନତା ଦଳରେ କନ୍ଦଳ ହେତୁ ରାଷ୍ଟ୍ରପତି ଶ୍ରୀ ନୀଲମ ସଞ୍ଜୀବ ରେଡ୍ଡି ଦେଶାଇ ସରକାରଙ୍କ ଅମଳରେ ଥିବା ତତ୍କାଳୀନ ସ୍ୱରାଷ୍ଟ୍ର ମନ୍ତ୍ରୀ ଚଉଧୁରୀ ଚରଣ ସିଂହଙ୍କୁ ପ୍ରଧାନମନ୍ତ୍ରୀ ନିଯୁକ୍ତ କଲେ । ଅବଶ୍ୟ ଏଥିପାଇଁ ରାଷ୍ଟ୍ରପତି ବହୁ ଆଲୋଚନା ସମାଲୋଚନାର ପାତ୍ର ହେଲେ । ପ୍ରଥମଥର ପାଇଁ ରାଷ୍ଟ୍ରପତିଙ୍କୁ ନିଜ ଇଚ୍ଛା ଅନୁସାରେ ପ୍ରଧାନମନ୍ତ୍ରୀ ବାଛିବା ସୁଯୋଗ ମିଳିଥିଲା ।

## ପ୍ରଧାନମନ୍ତ୍ରୀ ଏବଂ ମନ୍ତ୍ରିପରିଷଦ

ପ୍ରଧାନମନ୍ତ୍ରୀଙ୍କ ସର୍ବପ୍ରଥମ ଏବଂ ସର୍ବୋପରି କର୍ତ୍ତବ୍ୟ ହେଲା ଅନ୍ୟ ମନ୍ତ୍ରୀମାନଙ୍କ ମନୋନୟନ ବା ମନ୍ତ୍ରିପରିଷଦର ଗଠନ । ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ରାଷ୍ଟ୍ରପତି ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତି ଦେବା କଥା ଆଗରୁ ବର୍ଣ୍ଣନା କରାଯାଇଛି । ଏକଥା ନିଶ୍ଚିତ ହୋଇଛି ଯେ ଏହି କର୍ତ୍ତବ୍ୟ ସମ୍ପାଦନ କଲାବେଳେ ରାଷ୍ଟ୍ରପତି ନିଜର ସ୍ୱାଧୀନତା ବା ସ୍ୱେଚ୍ଛାଚାରିତା କ୍ଷମତା ବିନିଯୋଗ କରିପାରିବେ ନାହିଁ । ବାସ୍ତବ କ୍ଷେତ୍ରରେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରଦତ୍ତ ମନ୍ତ୍ରୀ ତାଲିକାକୁ ଗ୍ରହଣ କରନ୍ତି । ପ୍ରଧାନମନ୍ତ୍ରୀ ସଂଖ୍ୟାଗରିଷ୍ଠ ଦଳର ଦୃଢ଼ ପ୍ରତିଶ୍ରୁତି ଅବ୍ୟାହତ ଭାବରେ ପାଉଥିବା ଯୋଗୁଁ ନିଜ ସହକର୍ମୀ ବାଛିବାର ପରମାଧିକାର (Prerogative) ଉପଭୋଗ କରନ୍ତି ।

ସଂସଦୀୟ ଗଣତନ୍ତ୍ରରେ ମନ୍ତ୍ରିମଣ୍ଡଳର ମତଐକ୍ୟର ଆବଶ୍ୟକତା ରହିଥିବା ଯୋଗୁଁ ସମସ୍ତ ପ୍ରତିଭାସମ୍ପନ୍ନ ଯେ କୌଣସି ମନ୍ତ୍ରିମଣ୍ଡଳ ଅକୃତକାର୍ଯ୍ୟ ହେବ ଏଥିରେ ସନ୍ଦେହ ନାହିଁ । ଏହିପରି ଏକ ମନ୍ତ୍ରିମଣ୍ଡଳ ପ୍ରଧାନମନ୍ତ୍ରୀ ନେହେରୁ ସଂପରୀକ୍ଷା କରିଥିଲେ । ଉକ୍ତ ମନ୍ତ୍ରିମଣ୍ଡଳରେ ଷଣ୍ମୁଖମ୍ ଚେଟ୍ଟି ( Shanmukham Chetty ), ଡ଼: ବି. ଆର୍. ଆମ୍ବେଦକର, ଡଃ ଏସ୍. ପି, ମୁଖାର୍ଜି ଓ ଜନ୍ ମେଥେଇ ପ୍ରଭୃତିଙ୍କ ଭଳି ଅଣକଂଗ୍ରେସ ବିଜ୍ଞ ବ୍ୟକ୍ତିମାନଙ୍କୁ ନିଆଯାଇଥିଲା । କିନ୍ତୁ ସେମାନେ କଂଗ୍ରେସ ଦଳର ମୌଳିକ ନୀତିକୁ ନେଇ ଏକମତ ହୋଇଥିଲେ ମଧ୍ୟ ପରସ୍ପର ମଧ୍ୟରେ ଯଥେଷ୍ଟ ମତ ପାର୍ଥକ୍ୟ ଦେଖା ଦେଇଥିଲା ଫଳରେ ମନ୍ତ୍ରିମଣ୍ଡଳ ବିଫଳ ହୋଇଥିଲା ।

ମନ୍ତ୍ରୀମାନଙ୍କ ମଧ୍ୟରେ ବିଭାଗ ବଣ୍ଟନ ବେଳେ ବି ପ୍ରଧାନମନ୍ତ୍ରୀଙ୍କ ପରମାଧିକାର ରହିଛି । କିନ୍ତୁ ଅନେକ ସମୟରେ କେତେଜଣ ଟାଣୁଆ ମନ୍ତ୍ରୀ ନିଜ ପସନ୍ଦର ବିଭାଗ ପାଇବା-ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଜିଦ୍ କରିଥାନ୍ତି । ପ୍ରଧାନମନ୍ତ୍ରୀ ମଧ୍ୟ ରାଜନୈତିକ ସଙ୍କଟକୁ ଏଡ଼ାଇବାପାଇଁ ସେମାନଙ୍କ ଦାବୀ ସହିତ ଏକମତ ହୁଅନ୍ତି । କାରଣ ଟାଣୁଆ ବ୍ୟକ୍ତିତ୍ୱସମ୍ପନ୍ନ ମନ୍ତ୍ରୀମାନେ ନିଜ ସମର୍ଥକମାନଙ୍କ ସହିତ ଦଳତ୍ୟାଗ କଲେ କିମ୍ବା ନିରପେକ୍ଷ ରହିଲେ ଦଳର ଏକତା ଭଙ୍ଗୁର ହେବାର ଆଶଙ୍କା ଥାଏ । ଆମ ଦେଶରେ ଏହିପରି ଅନେକ ଦୃଷ୍ଟାନ୍ତ ରହିଛି । ସର୍ଦ୍ଦାର ପଟେଲ ସ୍ୱରାଷ୍ଟ୍ର ବିଭାଗ ଦାବୀ କରି ପାଇଥିଲେ । ତୃତୀୟ ସାଧାରଣ

ନିର୍ବାଚନ ପରେ ଟି. ଟି. କୃଷ୍ଣମାଚାରୀ ଅର୍ଥ ବିଭାଗ ଦାବୀ କରି ପାଇଥିଲେ । ୧୯୬୩ ମସିହାରେ ଖାଦ୍ୟ ବିଭାଗ ଗ୍ରହଣ କରିବାକୁ ଏସ୍. କେ. ପାଟିଲ୍ ଅନିଚ୍ଛା ପ୍ରକାଶ କରିଥିଲେ । ପରେ ଅବଶ୍ୟ କାମରାଜ ଯୋଜନା ( Kamaraj Plan ) ଅନୁଯାୟୀ ନେହେରୁ କୌଶଳରେ ପାଟିଲଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେବାପାଇଁ ଚାହିଁଥିଲେ ଏବଂ ପାଟିଲ୍ ଇସ୍ତଫା ଦେଇଥିଲେ । ୧୯୬୭ ମସିହାରେ ଅର୍ଥ ବିଭାଗ ସହ ଉପ ପ୍ରଧାନମନ୍ତ୍ରୀ ହେବାପାଇଁ ମୋରାରଜୀ ଦେଶାଇ ପ୍ରଧାନମନ୍ତ୍ରୀ ଗାନ୍ଧୀଙ୍କ ନିକଟରେ ଜୋର୍ କରିଥିଲେ । ଚରଣ ସିଂହ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପାଇଁ ଶ୍ରୀ ଦେଶାଇଙ୍କ ନିକଟରେ ଜୋର କରିଥିଲେ । ଏହି ସବୁ ଦୃଷ୍ଟାନ୍ତରୁ ଲକ୍ଷ୍ୟ କରାଯାଏ ଯେ ବିଭାଗ ବଣ୍ଟନ ପାଇଁ ପ୍ରଧାନମନ୍ତ୍ରୀଙ୍କ ପରମାଧିକାର ଅସୀମିତ ନୁହେଁ ।

କେତେକ କ୍ଷେତ୍ରରେ ମନ୍ତ୍ରୀମାନଙ୍କ ଦାବୀକୁ ପ୍ରଧାନମନ୍ତ୍ରୀ ମାନିନେଉଥିଲେ ସୁଦ୍ଧା, ଅନ୍ୟ କେତେକ କ୍ଷେତ୍ରରେ ସେ ନିଜ ପସନ୍ଦର ବ୍ୟକ୍ତିମାନଙ୍କୁ ମନ୍ତ୍ରିମଣ୍ଡଳରେ ଇଚ୍ଛାମୁତାବକ ଗ୍ରହଣ କରୁଥିବା ବିଷୟ ଅସ୍ୱୀକାର କରାଯାଇନପାରେ । କେବଳ ବ୍ୟକ୍ତିଗତ ବନ୍ଧୁତା ଯୋଗୁଁ ଶାସ୍ତ୍ରୀ ଟି. ଏନ୍. ସିଂହଙ୍କୁ ଏବଂ ଶ୍ରୀମତୀ ଗାନ୍ଧୀ ଜି.ଏସ୍. ପାଠକଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନ ଦେଇଥିଲେ । ରାଜନୈତିକ ସମର୍ଥନ ଯୋଗୁଁ ଏନ୍. ସଂଜୀବା ରେଡ୍ଡି ଶାସ୍ତ୍ରୀଙ୍କ ଦ୍ୱାରା ଏବଂ ସି. ସୁବ୍ରମନ୍ୟମ୍ ଶ୍ରୀମତୀ ଗାନ୍ଧୀଙ୍କ ଦ୍ୱାରା ମନ୍ତ୍ରୀପଦରେ ଅଧିଷ୍ଠିତ ହୋଇଥିଲେ । ଅନେକ ସମୟରେ ପ୍ରଧାନମନ୍ତ୍ରୀ ରାଜନୀତିରେ ସୁନାମ ଅର୍ଜନ କରିନଥିବା ବା କମ୍ ସୁନାମ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନଦେଇ ସେମାନଙ୍କୁ ରାଜନୀତିରେ ସୁନାମ ଅର୍ଜନ କରିବାର ଏକ ମଉକା ଦେଇଥାନ୍ତି । ଉଦାହରଣ ସ୍ୱରୂପ ଶାସ୍ତ୍ରୀ ଟି.ଏନ୍. ସିଂ ଏବଂ ସଚିନ୍ ଚୌଧୁରୀଙ୍କୁ ଏବଂ ଶ୍ରୀମତୀ ଗାନ୍ଧୀ ମୋହନ କୁମାର ମଙ୍ଗଲମ୍, ଡଃ କରଣ ସିଂ, ଡି.ଏ. ପାଇ, ଦୁର୍ଗାପ୍ରସାଦ ଧର ପ୍ରଭୃତିଙ୍କୁ ସେଇ ସମ୍ମାନ ଦେଇଥିଲେ ।

ବେଳେବେଳେ ପ୍ରଧାନମନ୍ତ୍ରୀ କେତେକ ବଳିଷ୍ଠନେତାଙ୍କ ଦାବୀକୁ ମାନିନେବା ଯେପରି ସ୍ୱତଃସିଦ୍ଧ, ସେହିପରି ଦଳର ବଳିଷ୍ଠ ନେତାମାନେ ଦରଦସ୍ତୁର୍‌କୁ ( Bargain ) ଅମୀମାଂସିତ ଅବସ୍ଥାରେ ପହଞ୍ଚାଇଲେ ମନ୍ତ୍ରିମଣ୍ଡଳରୁ ବିତାଡ଼ିତ ହେବାର ସମ୍ଭାବନା ବି ସ୍ୱତଃସିଦ୍ଧ । ଅବସ୍ଥାଚକ୍ରରେ ପଡ଼ି ପ୍ରଧାନମନ୍ତ୍ରୀମାନେ କୌଣସି ଏକ ବଳିଷ୍ଠନେତାଙ୍କ ଦାବୀକୁ ସ୍ୱୀକୃତି ଦେଇଥିଲେ ସୁଦ୍ଧା ସୁବିଧାମିଳିଲେ ଉକ୍ତ ମନ୍ତ୍ରୀଙ୍କୁ ପ୍ରତ୍ୟକ୍ଷରେ ବା ପରୋକ୍ଷରେ ଶାସ୍ତି ଦେବାକୁ ପଛାନ୍ତି ନାହିଁ । ୧୯୬୭ ମସିହାରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ମୋରାରଜୀ ଦେଶାଇଙ୍କୁ ଅର୍ଥମନ୍ତ୍ରୀ ଏବଂ ଉପପ୍ରଧାନମନ୍ତ୍ରୀ ହିସାବରେ ବାଧହୋଇ ଗ୍ରହଣ କରିଥିଲେ ସୁଦ୍ଧା ୧୯୬୯ ମସିହାରେ ମନ୍ତ୍ରିମଣ୍ଡଳର ଅଦଳ ବଦଳ ବାହାନାରେ ସେ ଦେଶାଇଙ୍କୁ ମନ୍ତ୍ରିମଣ୍ଡଳରୁ ଛୁଟି ଦେଇଥିଲେ ।

ଦକ୍ଷପ୍ରଶାସନ ପାଇଁ ମନ୍ତ୍ରିମଣ୍ଡଳକୁ ଅଦଳ ବଦଳ କରିବାରେ ଏବଂ କୌଣସି ମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳରୁ ବିତାଡ଼ିତ କରିବାରେ ପ୍ରଧାନମନ୍ତ୍ରୀଙ୍କର ଅଖଣ୍ଡ କ୍ଷମତା ରହିଛି ।

ସେ କୌଣସି ବିଭାଗକୁ ନିଜ ଅଧୀନରେ ରଖିପାରନ୍ତି ଏବଂ କୌଣସି ବିଭାଗକୁ ଇଚ୍ଛାକଲେ ଦୁଇଭାଗ ବା ତିନିଭାଗକରି ଭିନ୍ନ ଭିନ୍ନ ମନ୍ତ୍ରୀଙ୍କ ମଧ୍ୟରେ ବାଣ୍ଟିଦେଇ ପାରନ୍ତି । ସେ ପରୋକ୍ଷ ବା ପ୍ରତ୍ୟକ୍ଷ ଭାବରେ କୌଣସି ମନ୍ତ୍ରୀଙ୍କୁ ଇସ୍ତଫା ଦେବାପାଇଁ ପ୍ରବର୍ତ୍ତାଇ ପାରନ୍ତି । ଏହିପରି ପ୍ରବର୍ତ୍ତନା ଫଳରେ ୧୯୭୭ ମସିହାରେ ସର୍ଦ୍ଦାର ସ୍ୱରଣ ସିଂ ଏବଂ ସି. ସୁବ୍ରମନ୍ୟମ୍ ମନ୍ତ୍ରିମଣ୍ଡଳରୁ ଇସ୍ତଫା ଦେବାପାଇଁ ବାଧ୍ୟ ହୋଇଥିଲେ । ପ୍ରଧାନମନ୍ତ୍ରୀଙ୍କ ପ୍ରବର୍ତ୍ତନା ପରେ ବି କୌଣସି ମନ୍ତ୍ରୀ ଇସ୍ତଫା ନ ଦେଲେ ତାଙ୍କୁ ବହିଷ୍କାର କରିବାପାଇଁ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇପାରନ୍ତି । ଅନ୍ୟ ସମୟରେ କୌଣସି ଘଟଣାର ଅନ୍ୟବାଟରେ ସମାଧାନ କରିବାକୁ ଇଚ୍ଛାକଲେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ କୌଣସି ମନ୍ତ୍ରୀଙ୍କ ଇସ୍ତଫାପତ୍ର ଗ୍ରହଣ ନ କରିବାକୁ ପରାମର୍ଶ ଦେଇପାରନ୍ତି । ସମସ୍ତ ସମୟରେ କୌଣସି ମନ୍ତ୍ରୀ ଇସ୍ତଫା ଦେବାପାଇଁ ଅନିଚ୍ଛୁକ ଥିଲେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ସଂକଟାବସ୍ଥାରୁ ନିସ୍ତାରିବାପାଇଁ ଇସ୍ତଫାଦିଅନ୍ତି । ୧୯୬୩ ମସିହାରେ ପ୍ରତିରକ୍ଷା ମନ୍ତ୍ରୀ କୃଷ୍ଣମେନନ୍ ତାଙ୍କ ବିରୁଦ୍ଧରେ ଉଠିଥିବା ଜନମତର ଚାପରୁ ପ୍ରଧାନମନ୍ତ୍ରୀ ନେହେରୁଙ୍କୁ ମୁକ୍ତ କରିବାପାଇଁ ଇସ୍ତଫା ଦେଇଥିଲେ ।

କୌଣସି ବ୍ୟକ୍ତି ପ୍ରଧାନମନ୍ତ୍ରୀଙ୍କ ବିଶ୍ୱାସଭାଜନ ନହେଲେ ମନ୍ତ୍ରୀପଦରେ ଅଧିଷ୍ଠିତ ହୋଇପାରିବେ ନାହିଁ । କିନ୍ତୁ ବିଶ୍ୱାସ ଏକ ଅସ୍ଥାୟୀ ଉପାଦାନ । ପ୍ରଧାନମନ୍ତ୍ରୀଙ୍କ ବିଶ୍ୱାସରେ ଅସ୍ଥିରତା ଦେଖାଦେଲେ ଦିନେଶ ସିଂଙ୍କ ଭଳି ମନ୍ତ୍ରୀଙ୍କ ପରିବର୍ତ୍ତେ ଧରଭଳି ମନ୍ତ୍ରୀ ସ୍ଥାନ ପାଇଥାନ୍ତି । ପୁଣି ଦଳୀୟ ରାଜନୀତିର ଜଟିଳତା ଉପରେ ସଚେତନ ରହି ପ୍ରଧାନମନ୍ତ୍ରୀ ମନ୍ତ୍ରିପରିଷଦର କେତେଜଣ ସଭ୍ୟଙ୍କୁ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ହିସାବରେ ପଠାଇ-ପାରନ୍ତି । ପି. ସି. ସେଠି, ସିଦ୍ଧାର୍ଥଶଂକର ରାୟ, ଶ୍ରୀମତୀ ନନ୍ଦିନୀ ଶତପଥୀ ଏବଂ ଏଚ. ଏନ. ବହୁଗୁଣାଙ୍କୁ ସଂପୃକ୍ତ ରାଜ୍ୟମାନଙ୍କୁ ପଠାଯାଇଛି । ପୁଣି ପ୍ରଧାନମନ୍ତ୍ରୀ ତାଙ୍କର କେତେଜଣ ଅସ୍ୱଚ୍ଛନ୍ଦ (Uncomfortable) ସହକର୍ମୀଙ୍କୁ କୌଣସି ରାଜ୍ୟର ରାଜ୍ୟପାଳରୂପେ ପଠାଇପାରନ୍ତି । କେ. କେ. ଶାହା, କେ. ସି. ରେଡ଼ି ପ୍ରଭୃତିଙ୍କୁ ରାଜ୍ୟପାଳରୂପେ ପଠା-ଯାଇଛି । ଉପରୋକ୍ତ ଦୃଷ୍ଟାନ୍ତଗୁଡ଼ିକରୁ ଅନୁମାନ କରାଯାଏ ଯେ ମନ୍ତ୍ରିମଣ୍ଡଳ ଅଦଳ ବଦଳରେ ପ୍ରଧାନମନ୍ତ୍ରୀଙ୍କ ଅନାପତ୍ତିକୃତ କ୍ଷମତା ରହିଛି ।

ମନ୍ତ୍ରିମଣ୍ଡଳରେ ସଂହତିତ୍ୱ ଏବଂ ନୀତିଗୁଡ଼ିକର ସମନ୍ୱୟ ସାଧନ କରିବା ପ୍ରଧାନମନ୍ତ୍ରୀଙ୍କ ଅନ୍ୟ ଏକ କର୍ତ୍ତବ୍ୟ । ମନ୍ତ୍ରିମଣ୍ଡଳର କର୍ମସୂଚୀ ଏବଂ ବିଭିନ୍ନ ସରକାରୀ କାର୍ଯ୍ୟାଳୟଦ୍ୱାରା ଅନୁସୃତ ନୀତି ମଧ୍ୟରେ ବିରୋଧ ଘଟିଲେ ସେ ତାହାର ମୀମାଂସା କରନ୍ତି । କାର୍ଯ୍ୟାଳୟ (ଦପ୍ତର) ମାନଙ୍କର ଭାରପ୍ରାପ୍ତ ମନ୍ତ୍ରୀମାନେ ଅପେକ୍ଷାକୃତ ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଗ୍ରହଣ କରନ୍ତି । ରାଷ୍ଟ୍ରର କାର୍ଯ୍ୟ ବୃଦ୍ଧି ପାଇଥିବାରୁ ବର୍ତ୍ତମାନ ସବୁକ୍ଷେତ୍ରରେ ପ୍ରଧାନମନ୍ତ୍ରୀଙ୍କ ପକ୍ଷେ ସମସ୍ତ କାର୍ଯ୍ୟାଳୟ ଉପରେ ସୂକ୍ଷ୍ମତତ୍ତ୍ୱାବଧାନ କରିବା ସମ୍ଭବପର ନ ହେଲେ ମଧ୍ୟ ତାଙ୍କୁ ସାମଗ୍ରିକଭାବେ ସରକାରୀ ନୀତି ସମ୍ବନ୍ଧରେ ଦାୟୀ ରହିବାକୁ ପଡେ ଏବଂ ସାଧାରଣ ଭାବରେ ସବୁ ବିଭାଗର

କାର୍ଯ୍ୟ ଉପରେ ଦୃଷ୍ଟି ରଖିବାକୁ ହୁଏ । ଏହି କାରଣରୁ କୁହାଯାଏ ଯେ ପ୍ରଧାନମନ୍ତ୍ରୀ ବିଭାଗୀୟ କାର୍ଯ୍ୟର ଦାୟିତ୍ୱରୁ ଯଥାସମ୍ଭବ ମୁକ୍ତ ରହିଲେ ତାଙ୍କ ପକ୍ଷରେ ସମସ୍ତ ବିଭାଗ ମଧ୍ୟରେ ସମ୍ୟକଭାବେ ସମନ୍ୱୟ ସ୍ଥାପନ କରିପାରିବେ । ଇଂଲଣ୍ଡରେ ପ୍ରଧାନମନ୍ତ୍ରୀ ସାଧାରଣତଃ ରାଜସ୍ୱ ବିଭାଗର ପ୍ରଥମ ଲର୍ଡଙ୍କ ପଦ (Office of the First Lord of the Treasury) ଗ୍ରହଣ କରନ୍ତି । କାରଣ ଏହି ପଦର ବିଭାଗୀୟ କାର୍ଯ୍ୟଭାର ଅତି ସାମାନ୍ୟ । ତାଙ୍କୁ ପ୍ରଧାନତଃ ସମନ୍ୱୟ ସାଧନକାରୀ ଅବିଭାଗୀୟ ମନ୍ତ୍ରୀ ହିସାବରେ ଗ୍ରହଣ କରାଯାଏ ।

## ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି

ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କର ମୁଖ୍ୟ ପରାମର୍ଶଦାତା । ସାଧାରଣତଃ ତାଙ୍କ ମାଧ୍ୟମରେ ମନ୍ତ୍ରିପରିଷଦ ରାଷ୍ଟ୍ରପତିଙ୍କ ସହ ସଂଯୋଗ ସ୍ଥାପନ କରିଥାଏ । ପ୍ରଧାନମନ୍ତ୍ରୀ ରାଷ୍ଟ୍ରପତିଙ୍କୁ ମନ୍ତ୍ରିମଣ୍ଡଳ ଦ୍ୱାରା ନିଆଯାଇଥିବା ସିଦ୍ଧାନ୍ତ ଏବଂ ଦେଶର ପ୍ରଶାସନ ଏବଂ ଅନ୍ୟ ପ୍ରସ୍ତାବଗୁଡ଼ିକ ସଂପର୍କରେ ରାଷ୍ଟ୍ରପତିଙ୍କୁ ଅବହିତ କରାନ୍ତି । ଅନ୍ୟ ମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କ ଅନୁମତି ବିନା ରାଷ୍ଟ୍ରପତିଙ୍କୁ ଦେଖାକରିପାରିବେ ନାହିଁ; ଦେଖାକଲେ ବି ମନ୍ତ୍ରିମଣ୍ଡଳର ନିଷ୍ପତ୍ତି ସଂପର୍କରେ ରାଷ୍ଟ୍ରପତିଙ୍କ ସହିତ କୌଣସି ଆଲୋଚନା କରିପାରିବେ ନାହିଁ । ଫଳରେ କୌଣସି ରାଷ୍ଟ୍ରପତି ଅହିତକର ଉପାୟ ଅବଲମ୍ବନ କରି ମନ୍ତ୍ରିମଣ୍ଡଳର ଏକତାରେ ବାଧାସୃଷ୍ଟି କରିପାରିବେ ନାହିଁ । ଆଇନ ଓ ଶାସନ ପ୍ରସ୍ତାବ ସମ୍ପର୍କରେ ଯେଉଁ ପ୍ରସ୍ତାବ ରାଷ୍ଟ୍ରପତି ଜାଣିବାକୁ ଚାହାନ୍ତି ତାହା ଜଣାଇବା ପ୍ରଧାନମନ୍ତ୍ରୀଙ୍କ କର୍ତ୍ତବ୍ୟ ।

ରାଷ୍ଟ୍ରପତି ମନ୍ତ୍ରିମଣ୍ଡଳରେ ସଭାପତିତ୍ୱ ନ କରୁଥିଲେ ସୁଦ୍ଧା ପ୍ରଧାନମନ୍ତ୍ରୀ ବ୍ୟକ୍ତିଗତ ଭାବେ କିମ୍ବା ଅନ୍ୟ ମନ୍ତ୍ରୀମାନଙ୍କ ଜରିଆରେ ମନ୍ତ୍ରିପରିଷଦର ସମସ୍ତ ସିଦ୍ଧାନ୍ତ ରାଷ୍ଟ୍ରପତିଙ୍କ ଜ୍ଞାତସାରକୁ ଆଣିଥାନ୍ତି । ଅନ୍ୟାନ୍ୟ ମନ୍ତ୍ରୀଙ୍କ ସହ ଆଲୋଚନା କଲେ ରାଷ୍ଟ୍ରପତି ସଂପୃକ୍ତ ବିଭାଗ ଗୁଡ଼ିକର ନିଷ୍ପତ୍ତି ସଂପର୍କରେ ଅବଗତ ହୁଅନ୍ତି । ସେମାନଙ୍କ ସହିତ କୌଣସି ବିଷୟରେ ଏକମତ ନହେଲେ ଉକ୍ତ ବିଷୟକୁ ମନ୍ତ୍ରିପରିଷଦର ବିଚାର ନିମନ୍ତେ ଉପସ୍ଥାପିତ କରିବାପାଇଁ ପ୍ରଧାନମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଅନ୍ତି । ଅନ୍ୟାନ୍ୟ ମନ୍ତ୍ରୀଙ୍କ ସହିତ ବ୍ୟକ୍ତିଗତ ଆଲୋଚନାକଲେ ରାଷ୍ଟ୍ରପତି ବିଭିନ୍ନ ବିଭାଗ ଉପରେ ବ୍ୟକ୍ତିଗତ ପ୍ରଭାବ ପକାଇ ପାରନ୍ତି ଏବଂ ଫଳରେ ମନ୍ତ୍ରିମଣ୍ଡଳରେ ଏକତା କ୍ଷୁଣ୍ଣ ହୋଇପାରେ ବୋଲି କରାଯାଉଥିବା ଆଶଙ୍କା ଯଥାର୍ଥ ନୁହେଁ । ଏହି ବିବାଦାତ୍ମକ ପ୍ରଶ୍ନର ସମାଧାନ ନିମନ୍ତେ ବ୍ୟକ୍ତିଗତ ସମୀକରଣ (Personal Equation)ର ଆବଶ୍ୟକତା ରହିଛି । ପ୍ରାରମ୍ଭରୁ ବର୍ତ୍ତମାନ ପର୍ଯ୍ୟନ୍ତ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ବ୍ୟକ୍ତିଗତ ସଂପର୍କ ଉପରେ ଆଲୋକପାତ କରାଯାଇପାରେ ।

ପ୍ରଗତିବାଦୀ ନେହେରୁ ରାଜେନ୍ଦ୍ରପ୍ରସାଦଙ୍କ ସାମାଜିକ ଦର୍ଶନରେ ବିଶ୍ୱାସ କରୁନଥିଲେ । ହିନ୍ଦୁ କୋଡ଼ ବିଧେୟକ (Hindu Code Bill), ଯୋଜନା, ବ୍ୟକ୍ତିଗତ ସମ୍ପତ୍ତି

ଉପରେ ସୀମା (Ceiling) ନିର୍ଦ୍ଧାରଣ ପ୍ରଭୃତି ଉପରେ ଉଭୟଙ୍କ ମତ ପାର୍ଥକ୍ୟ ଦେଖା ଦେଇଥିଲା । ଏପରି କି ରାଷ୍ଟ୍ରପତି ପ୍ରସାଦ ଯେତିକି ସମ୍ମାନ ପାଇବା ପାଇଁ ଯୋଗ୍ୟ, ବେଳେବେଳେ ପ୍ରଧାନମନ୍ତ୍ରୀ ନେହେରୁ ତାଙ୍କୁ କମ୍ ସମ୍ମାନ ଦେବାପାଇଁ ଇଚ୍ଛା ପ୍ରକାଶ କରିଥିଲେ । କିନ୍ତୁ ରାଜେନ୍ଦ୍ରପ୍ରସାଦ ତାଙ୍କର ଉଦାର ପ୍ରକୃତି ଯୋଗୁଁ ଉଭୟଙ୍କ ମନରେଥିବା ତିକ୍ତତାକୁ ଶିଥିଳ କରାଉଥିଲେ । ସେହିପରି ପ୍ରଧାନମନ୍ତ୍ରୀ ନେହେରୁ ଏବଂ ରାଷ୍ଟ୍ରପତି ରାଧାକୃଷ୍ଣନ୍‌ଙ୍କ ମଧ୍ୟରେ ତୀବ୍ର ମତଭେଦ ଦେଖାଦେଇଥିଲା । ଡଃ ରାଧାକୃଷ୍ଣନ୍, ଜାତୀୟ ରାଜନୀତିରେ ଏକ ସ୍ୱାଧୀନ ଭୂମିକାରେ ଅବତୀର୍ଣ୍ଣ ହେବାପାଇଁ ଅଭିଳାଷ ରଖିଥିଲେ । ଚୀନ୍ ସମ୍ପର୍କୀୟ ନେହେରୁଙ୍କ ବୈଦେଶିକ ନୀତି ବିଫଳ ହେବା ଯୋଗୁଁ ଉଭୟଙ୍କ ମତ ପାର୍ଥକ୍ୟ ଦ୍ୱିଗୁଣିତ ହୋଇଥିଲା । ୧୯୬୨ ମସିହାରେ ଚୀନ ଭାରତ ଆକ୍ରମଣ କଲାପରେ ରାଷ୍ଟ୍ରପତି ରାଧାକୃଷ୍ଣନ୍, ନେହେରୁ ପ୍ରଧାନମନ୍ତ୍ରୀ ପଦରୁ ବିଦାୟ ନେବା ଉଚିତ ବୋଲି ମନେକରିଥିଲେ । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ରାଧାକୃଷ୍ଣନ୍‌ଙ୍କ ଉକ୍ତିଗୁଡ଼ିକରେ ବିରକ୍ତି ପ୍ରକାଶ କରି ଅନେକ ସମୟରେ ରାଷ୍ଟ୍ରପତିଙ୍କୁ ଅନ୍ଧକାର ମଧ୍ୟରେ ରଖିବାପାଇଁ ଇଚ୍ଛା ପ୍ରକାଶ କରିଥିଲେ । ରାଧାକୃଷ୍ଣନ୍ ସରକାରଙ୍କ ନୀତିର ଖୋଲାଖୋଲି ସମାଲୋଚନା ହେବାରୁ ଉଭୟଙ୍କ ମଧ୍ୟରେ ଥିବା ଅମେଳ ବଢ଼ିଥିଲା । ଏକ ପ୍ରତିକୂଳ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ଗତିପଥରେ କି ଅସୁବିଧା ସୃଷ୍ଟି କରିପାରେ ତାହା ଚତୁର୍ଥ ସାଧାରଣ ନିର୍ବାଚନର ଫଳାଫଳରୁ ପ୍ରମାଣିତ ହୋଇଥିଲା । ରାଧାକୃଷ୍ଣନ୍‌ଙ୍କ ବ୍ୟବହାରରୁ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଏକ ଶିକ୍ଷାଲାଭ କରିଥିଲେ ଏବଂ ସେଥିଯୋଗୁଁ ଜଣେ ନିଜ ସମର୍ଥକଙ୍କୁ ନୂତନ ରାଷ୍ଟ୍ରପତିରୂପେ ନିର୍ବାଚିତ କରିବାପାଇଁ ଇଚ୍ଛାପ୍ରକାଶ କରିଥିଲେ । ଫଳରେ ଡଃ ଜାକିର ହୁସେନ ରାଧାକୃଷ୍ଣନ୍‌ଙ୍କ ଉତ୍ତରାଧିକାରୀରୂପେ ନିର୍ବାଚିତ ହୋଇଥିଲେ । ରାଷ୍ଟ୍ରପତି ପଦରେ ଅଧିଷ୍ଠିତ ହେବାର ଦୁଇବର୍ଷପରେ ଡଃ ହୁସେନଙ୍କ ଅକାଳମୃତ୍ୟୁ ପ୍ରଧାନମନ୍ତ୍ରୀଙ୍କୁ ପୁଣି ଏକ ଜଟିଳ ପରିସ୍ଥିତିକୁ ଠେଲି ଦେଇଥିଲା । ନିଜ ଦଳର କେତେଜଣ ପୁରୁଣା ଓ ପୁରୁଖା ନେତା ତାଙ୍କର କ୍ଷମତା ସୀମିତ କରିବାକୁ ଖୁବ୍ ଉଦ୍ୟମ କରୁଥିବାର ସେ ଲକ୍ଷ୍ୟ କରିଥିଲେ । ତେଣୁ ସେ ସେହି ନେତାମାନଙ୍କ ଦ୍ୱାରା ସମର୍ଥିତ କଂଗ୍ରେସ ଦଳର ମନୋନୀତ ପ୍ରାର୍ଥୀ ସଞ୍ଜିବାରେଡ୍ଡିଙ୍କୁ ସମର୍ଥନ ନକରିଣ ସ୍ୱାଧୀନ ପ୍ରାର୍ଥୀ ଭି. ଭି. ଗିରିଙ୍କୁ ସମର୍ଥନ ଜଣାଇଥିଲେ । ଭି. ଭି. ଗିରି ଜୟଯୁକ୍ତ ହେବା-ଫଳରେ କଂଗ୍ରେସ ଦୁଇଭାଗ ହୋଇଥିଲା ଏବଂ ସଂଗଠନ କଂଗ୍ରେସ ଜାତୀୟ କଂଗ୍ରେସଠାରୁ ପୃଥକ ହୋଇଥିଲା ।

ଡଃ ଜାକିର ହୁସେନଙ୍କଠାରୁ ଆରମ୍ଭକରି ଫକରୁଦ୍ଦିନ ଅଲ୍ଲି ଅହମଦଙ୍କ ପର୍ଯ୍ୟନ୍ତ କୌଣସି ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀଙ୍କ ସହିତ ମତପାର୍ଥକ୍ୟରେ ଜଡ଼ିତ ନାହାନ୍ତି । ନେହେରୁ ନିଜ ବ୍ୟକ୍ତିତ୍ୱ, ଆତ୍ମବିଶ୍ୱାସ ଏବଂ ଶକ୍ତ ଦଳରେ, ପ୍ରଧାନମନ୍ତ୍ରୀଙ୍କ ଯୋଜନାକୁ ନାମମାତ୍ର ମୁଖ୍ୟଙ୍କ ପ୍ରତିରୋଧ କରିବା କ୍ଷମତାକୁ ସଫଳତାର ସହ ପ୍ରତିହତ କରିଥିଲେ । କଂଗ୍ରେସ ଦଳର ନୀତି ଉପରେ ଦୃଢ଼ ବିଶ୍ୱାସ ରଖିଥିବା କୌଣସି ବ୍ୟକ୍ତିଙ୍କୁ ରାଷ୍ଟ୍ରପତି ପଦରେ ଅଧିଷ୍ଠିତ କରାଇବା ପାଇଁ ଠିକ୍ ସେହିପରି ଶ୍ରୀମତୀ ଗାନ୍ଧୀ ପ୍ରଚେଷ୍ଟା କରିଛନ୍ତି । ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ

ସର୍ବ ପ୍ରଥମ ଏବଂ ଦ୍ୱିତୀୟ ରାଷ୍ଟ୍ରପତିଙ୍କ ମତଦ୍ୱୈଧ ଥିବା ସତ୍ତ୍ୱେ, ରାଷ୍ଟ୍ରପତିମାନେ ନିଜ ସ୍ୱଗୁଣ ବଳରେ ମତ ପାର୍ଥକ୍ୟକୁ ଗୁରୁତର ଆକାର ଧାରଣ କରିବାକୁ ନ ଦେଇ ରାଷ୍ଟ୍ରପତି ପଦକୁ ସୁଶୋଭିତ ଏବଂ ସମ୍ମାନିତ କରିଥିଲେ ।

## ପ୍ରଧାନମନ୍ତ୍ରୀ ଏବଂ ଲୋକସଭା

**( The Prime Minister and the House of the People )**

ସଂଖ୍ୟାଗରିଷ୍ଠ ଦଳର ନେତା ହୋଇଥିବା ଯୋଗୁଁ ପ୍ରଧାନମନ୍ତ୍ରୀ ଲୋକସଭାର ନେତା ହିସାବରେ ମଧ୍ୟ କାର୍ଯ୍ୟ କରନ୍ତି । ଏହି ସଂପର୍କରେ କେତୋଟି ପରମ୍ପରାର ଉଦ୍ଭବ ହୋଇଛି । ୧୯୬୬ ମସିହାରେ ପ୍ରଥମେ ଗାନ୍ଧୀଙ୍କ ପରି ପ୍ରଧାନମନ୍ତ୍ରୀ ଯଦି ଲୋକସଭାର ସଦସ୍ୟ ହୋଇ-ନଥିଲେ ଲୋକସଭାର ସଦସ୍ୟ ଥିବା ଯେ କୌଣସି ମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀ ଲୋକସଭାର ନେତା ହିସାବରେ ମନୋନୀତ କରିପାରନ୍ତି । ସାଧାରଣତଃ ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କୁ (Minister for Parliamentary Affairs) ଏହି ସୁଯୋଗ ଦିଆଯାଇଥାଏ । ଦ୍ୱିତୀୟରେ ବିଦେଶ ଭ୍ରମଣରେ ଥିବା ଯୋଗୁଁ କିମ୍ବା ଅନ୍ୟ କୌଣସି କାରଣ ପାଇଁ ପ୍ରଧାନମନ୍ତ୍ରୀ କିଛିଦିନ ଧରି ଲୋକସଭାରେ ଅନୁପସ୍ଥିତ ରହିଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରଧାନମନ୍ତ୍ରୀଙ୍କ ସହିତ ପରାମର୍ଶ କରି, ଲୋକସଭାର ନେତା କିଏ ହେବ, ସେ ସଂପର୍କରେ ବାଚସ୍ପତିଙ୍କୁ ସୂଚନା ଦିଅନ୍ତି । ପ୍ରଧାନମନ୍ତ୍ରୀ ଉଭୟ କେନ୍ଦ୍ର ବିଧାୟକ ଦଳ ଏବଂ ଲୋକସଭାର ନେତା ହୋଇଥିବା ଯୋଗୁଁ ସେ ସମସ୍ତ ସଂସଦୀୟ ବ୍ୟାପାରର କେନ୍ଦ୍ରକର୍ତ୍ତା ହିସାବରେ ଖ୍ୟାତି ଅର୍ଜନ କରନ୍ତି ।

ଲୋକସଭାର ନେତା ହିସାବରେ ପ୍ରଧାନମନ୍ତ୍ରୀଙ୍କର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ ଲୋକସଭାର ଅଧିବେଶନ ଆହୂତ ଏବଂ ସ୍ଥଗିତ ରଖାଯିବା ସଂପର୍କରେ ତାରିଖ ନିର୍ଦ୍ଧାରଣ କରି ବାଚସ୍ପତିଙ୍କ ଅନୁମୋଦନ ନିମନ୍ତେ ପ୍ରେରଣ କରନ୍ତି । ସେ, ବିଧେୟକ, ସାଧାରଣ ପ୍ରସ୍ତାବ, ସରକାରଙ୍କ ଗୁରୁତର କାର୍ଯ୍ୟକଳାପ ଉପରେ ଆଲୋଚନା ପ୍ରଭୃତି ସମ୍ବଳିତ କାର୍ଯ୍ୟସୂଚୀ ପ୍ରସ୍ତୁତ କରନ୍ତି । କେଉଁ ବିଷୟକୁ ଆଲୋଚନାରେ ଅଗ୍ରାଧିକାର ଦିଆଯିବ ତାହାର ନିଷ୍ପତ୍ତି ଉପରେ ନିର୍ଭର କରେ । ପ୍ରଧାନମନ୍ତ୍ରୀ କାର୍ଯ୍ୟକ୍ରମ ଉପଦେଷ୍ଟା ସମିତି (Business Advisory Committee)ର ସଭ୍ୟ ଅଟନ୍ତି । ମଝିରେ ମଝିରେ ତାଙ୍କର ପ୍ରଦତ୍ତ ସୂଚନା ଅନୁଯାୟୀ ଉକ୍ତ ସମିତି ସରକାରୀ ବିଧେୟକ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ସମୟ ଧାର୍ଯ୍ୟ କରନ୍ତି । ସମଗ୍ର ଅଧିବେଶନର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇସାରିବା ପରେ ପ୍ରଧାନମନ୍ତ୍ରୀ ଦୈନନ୍ଦିନ ଏବଂ ସାପ୍ତାହିକ କାର୍ଯ୍ୟନିର୍ଘଣ୍ଟ ସ୍ଥିର କରନ୍ତି । ଏକ ସପ୍ତାହ ପୂର୍ବରୁ ସଦନର ଅନ୍ୟାନ୍ୟ ସଦସ୍ୟଙ୍କୁ ଉକ୍ତ ନିର୍ଘଣ୍ଟ ସଂପର୍କରେ ଜଣାଇ ଦିଆଯାଏ । ସେ ବ୍ୟବସ୍ଥାପନାର ଗତିପଥକୁ ସଂପୂର୍ଣ୍ଣଭାବେ ନିୟନ୍ତ୍ରଣ କରନ୍ତି, କାରଣ କେଉଁ ସଂଶୋଧନୀ ପ୍ରସ୍ତାବ ଗୃହୀତ ହେବ, କେଉଁ ବେସରକାରୀ ବିଧେୟକ ସରକାରଙ୍କ ସମର୍ଥନ ଲାଭ କରିବ ଏବଂ

କୌଣସି ପ୍ରଶ୍ନ ଉପରେ ଦଳୀୟ ମତଦାନ ହେବ କିମ୍ବା ମୁକ୍ତ ମତଦାନ ହେବ ସେ ସମସ୍ତ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ସିଦ୍ଧାନ୍ତ ହିଁ ଚୂଡ଼ାନ୍ତ ଅଟେ ।

ସଂସଦର କାର୍ଯ୍ୟନିର୍ଘଣ୍ଟ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ସ୍ଥିରୀକୃତ ହୋଇଥାଏ । ବାଚସ୍ପତିଙ୍କ ଆସନର ଅନ୍ତରାଳରେ ଏହା ନିୟନ୍ତ୍ରିତ ହେଉଥିଲେ ମଧ୍ୟ ଏହା ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଅନୁସାରେ ସମ୍ପାଦିତ ହୋଇଥାଏ । ଲୋକସଭାର ସଂକଟାବସ୍ଥାରେ ପ୍ରଧାନମନ୍ତ୍ରୀ ଉପଦେଶ ଦେଇଥାନ୍ତି । ମନ୍ତ୍ରିପରିଷଦରୁ ଇସ୍ତଫା ଦେବାପରେ କୌଣସି ସଭ୍ୟଙ୍କର ଇସ୍ତଫାର କାରଣ ବ୍ୟକ୍ତିଗତ ମନ୍ତବ୍ୟର ଏକ ଅଗ୍ରିମ ପ୍ରତିଲିପି ପ୍ରଧାନମନ୍ତ୍ରୀଙ୍କୁ ଦିଆଯାଏ । ପ୍ରଧାନମନ୍ତ୍ରୀ ଲୋକସଭାର ଗୁପ୍ତ ଅଧିବେଶନ (Closed Session) ପାଇଁ ତାରିଖ ଧାର୍ଯ୍ୟକରିବା ନିମନ୍ତେ ବାଚସ୍ପତିଙ୍କୁ ଅନୁରୋଧ କରିପାରନ୍ତି କିମ୍ବା ସଂବିଧାନର ୧୦୧ ଧାରା (୪) ଦଫା ଅନୁସାରେ ଉକ୍ତ ସଭ୍ୟଙ୍କର ଆସନ ଶୂନ୍ୟ କରିବାପାଇଁ ପ୍ରସ୍ତାବ ଉପସ୍ଥାପନ କରିପାରନ୍ତି ।

ପ୍ରଧାନମନ୍ତ୍ରୀ ସଂଖ୍ୟାଗରିଷ୍ଠ ଦଳର ନେତା ହୋଇଥିଲେ ସୁଦ୍ଧା, ଲୋକସଭାର ନେତା ହିସାବରେ ଅନ୍ୟ ରାଜନୈତିକ ଦଳର ସଭ୍ୟଙ୍କ ଉପସ୍ଥିତିକୁ ଲକ୍ଷ୍ୟ ରଖନ୍ତି, ତେଣୁ ତାଙ୍କର ମତ ସମଗ୍ର ସଦନର ମତ ହିସାବରେ ଗ୍ରହଣ କରାଯାଏ । ରାଜ୍ୟସଭା ସହିତ ମତ ପାର୍ଥକ୍ୟ ହେଲବେଳେ କିମ୍ବା ବୈଦେଶିକ ବ୍ୟାପାର ସଂକ୍ରାନ୍ତୀୟ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟ ଆଲୋଚନା ବେଳେ ଦଳ ନିର୍ବିଶେଷରେ ଲୋକସଭାର ସମସ୍ତ ସଦସ୍ୟ ପ୍ରଧାନମନ୍ତ୍ରୀଙ୍କୁ ସମର୍ଥନ ଜଣାଇଥାନ୍ତି । ଲୋକସଭାର ନେତା ହିସାବରେ ପ୍ରଧାନମନ୍ତ୍ରୀଙ୍କୁ ବିରୋଧୀଦଳର ବୈଧ ଅଧିକାରଗୁଡ଼ିକର ସଂରକ୍ଷକ ଭାବରେ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପଡ଼େ । ବିରୋଧୀଦଳର ନେତାମାନେ କଣ ଦାବୀ କରନ୍ତି ଏବଂ ସେମାନଙ୍କର ଦାବୀ କେତେଦୂର ମାନିନିଆଯାଇ ପାରିବ ସେ ସମସ୍ତ ବିଷୟ ପ୍ରତି ପ୍ରଧାନମନ୍ତ୍ରୀ ଦୃଷ୍ଟି ଦେବା ଉଚିତ୍ । ତେଣୁ ଅନେକ ସମୟରେ ସେ ବିରୋଧୀଦଳ ନେତାମାନଙ୍କ ସହିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥାନ୍ତି ।

ତେଣୁ ଲୋକସଭାର ନେତା ହିସାବରେ ପ୍ରଧାନମନ୍ତ୍ରୀଙ୍କୁ ଏକ ବହିର୍ମୁଖୀ ଭୂମିକାରେ ଅବତୀର୍ଣ୍ଣ ହେବାକୁ ପଡ଼େ । ସଂସଦୀୟ କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଏବଂ ଲୋକସଭାରେ ଶୃଙ୍ଖଳା ବଜାୟ ରଖିବାପାଇଁ ପ୍ରଧାନମନ୍ତ୍ରୀ ବାଚସ୍ପତିଙ୍କୁ ସାହାଯ୍ୟ କରନ୍ତି । ପୁଣି ସେ ଲୋକସଭାରେ ସରକାରଙ୍କ ପ୍ରତିନିଧିତ୍ୱ କରନ୍ତି ଏବଂ ସରକାରୀ ବିଧେୟକଗୁଡ଼ିକ ଯେପରି ନିର୍ବିଘ୍ନ ଭାବରେ ସଦନରେ ଅନୁମୋଦିତ ହେବ ସେଥିପାଇଁ ପ୍ରଚେଷ୍ଟା କରନ୍ତି ଏବଂ ଲୋକସଭାରେ ମନ୍ତ୍ରିମଣ୍ଡଳର ନୀତିଗୁଡ଼ିକୁ ବ୍ୟାଖ୍ୟା କରିବା ସଙ୍ଗେ ସଙ୍ଗେ ସଦନର ସଦସ୍ୟମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଉନ୍ନୟନ ସମ୍ପର୍କରେ ଅବହିତ କରାନ୍ତି । ତୃତୀୟତଃ ପ୍ରଧାନମନ୍ତ୍ରୀ ସରକାର ଓ ବିରୋଧୀଦଳଗୁଡ଼ିକ ମଧ୍ୟରେ ଥିବା ମତଭେଦକୁ ଦୂର କରିବା ନିମନ୍ତେ ମଧ୍ୟସ୍ଥି କରନ୍ତି ।

ତାତ୍ତ୍ୱିକ ଭାବରେ ବିଚାର କଲେ ମନ୍ତ୍ରିପରିଷଦ ଲୋକସଭା ନିକଟରେ ମିଳିତଭାବରେ ଦାୟୀ ରହୁଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ହିଁ ଲୋକସଭାର ପ୍ରକୃତ କର୍ତ୍ତା । କେବଳ ରାଷ୍ଟ୍ରପତି ହିଁ ଲୋକସଭାକୁ ଭାଙ୍ଗିବାପାଇଁ ସମର୍ଥ । କିନ୍ତୁ ସେ ପ୍ରଧାନମନ୍ତ୍ରୀଙ୍କ ବିନା ପରାମର୍ଶରେ ଏହା କରିପାରିବେ ନାହିଁ । ଲୋକସଭାକୁ ଭାଙ୍ଗିବାଭଳି ଅମୋଘ ଅସ୍ତ୍ର ପ୍ରଧାନମନ୍ତ୍ରୀଙ୍କ ନିକଟରେ ଥିବାଯୋଗୁଁ ସେ ଅକ୍ଲେଶରେ ସଦନର ସଦସ୍ୟ ମାନଙ୍କଠାରୁ ଆନୁଗତ୍ୟ ଲାଭକରିଥାନ୍ତି । ନୂତନ ନିର୍ବାଚନ ପାଇଁ ଶାସକ ଦଳ ପକ୍ଷ ଅନୁକୂଳ ପରିସ୍ଥିତି ସୃଷ୍ଟି ହେଲେ ପ୍ରଧାନମନ୍ତ୍ରୀ ଲୋକସଭା ଭାଙ୍ଗିଦେବାପାଇଁ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇପାରନ୍ତି । ପ୍ରଥମଥରପାଇଁ ୧୯୭୦ ମସିହା ଡ଼ିସେମ୍ବର ୨୭ ତାରିଖରେ ରାଷ୍ଟ୍ରପତି ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ପରାମର୍ଶକ୍ରମେ ଲୋକସଭା ଭାଙ୍ଗିଥିଲେ ଏବଂ ଏକ ଜାତୀୟ ଗଣମତ (National Referendum) ଜରିଆରେ ନିଜ ମତାମତ ପ୍ରକାଶ କରିବାପାଇଁ ଲୋକଙ୍କୁ ଆବେଦନ କରିଥିଲେ ।

କିନ୍ତୁ ଲୋକସଭା ଭାଙ୍ଗିବା ପୂର୍ବରୁ ରାଷ୍ଟ୍ରପତିଙ୍କୁ ଦୁଇଟି ବିଷୟ ପ୍ରତି ଧ୍ୟାନ ଦେବା ଉଚିତ । ପ୍ରଥମେ ଯେତେବେଳେ ପ୍ରଧାନମନ୍ତ୍ରୀ ମନ୍ତ୍ରିପରିଷଦର ସ୍ୱୀକୃତ ନେତା ହୋଇ-ନଥିବେ ଏବଂ ବିକଳ୍ପ ମନ୍ତ୍ରିମଣ୍ଡଳ ଗଠିବାର କୌଣସି ସମ୍ଭାବନା ନଥିବ ସେତେବେଳେ ହିଁ ରାଷ୍ଟ୍ରପତି ଲୋକସଭା ଭାଙ୍ଗିବାପାଇଁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଗ୍ରହଣ କରିବେ । ରାଷ୍ଟ୍ରପତିଙ୍କ ପକ୍ଷେ କୌଣସି ରାଜନୈତିକ ଦଳର ଉଦ୍ଦେଶ୍ୟ ସାଧନପାଇଁ ଏହି କ୍ଷମତାର ଅପବ୍ୟବହାର ହେବା ଉଚିତ ନୁହେଁ ବୋଲି ଲାଓ୍ୱେଲ (Lowell) ମତପ୍ରକାଶ କରିଛନ୍ତି । ୧୯୨୬ ମସିହାରେ କାନାଡ଼ାର ବଡ଼ଲାଟ (Governor-General) ଲିବେରାଲ୍ ଦଳ (Liberal Party)ର ପ୍ରଧାନମନ୍ତ୍ରୀଙ୍କ ପରାମର୍ଶକୁ ଅବଜ୍ଞାକରି ଜାତିଦଳର ନେତାଙ୍କୁ ମନ୍ତ୍ରିମଣ୍ଡଳ ଗଠିବାପାଇଁ ନିମନ୍ତ୍ରଣ କରିଥିଲେ, ଅବଶ୍ୟ ଜାତିଦଳ ( Conservative Party ) ସରକାର ଏକ ସପ୍ତାହ ମଧ୍ୟରେ ପରାସ୍ତ ହୋଇଥିଲେ । କିନ୍ତୁ ବଡ଼ଲାଟ ନିଜ କର୍ତ୍ତବ୍ୟ ମାଧ୍ୟମରେ ବିରୋଧୀଦଳକୁ ସମ୍ମାନ ଦେବା ବିଷୟ ତାଙ୍କର କାର୍ଯ୍ୟରୁ ଲକ୍ଷ୍ୟକରାଯାଏ । ତେଣୁ ଦ୍ୱିତୀୟରେ ରାଷ୍ଟ୍ରପତି ବିରୋଧୀଦଳମାନଙ୍କ ସ୍ୱାର୍ଥପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ । ସଂଖ୍ୟାଲଘୁ ସଦସ୍ୟଙ୍କ ନେତୃତ୍ୱ କରୁଥିବା ଅବସ୍ଥାରେ ରାଷ୍ଟ୍ରପତି ବିରୋଧୀଦଳକୁ ବିକଳ୍ପ ସରକାର ଗଠିବାପାଇଁ ସୁଯୋଗ ନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ପରାମର୍ଶକ୍ରମେ ଲୋକସଭାକୁ ଭାଙ୍ଗିଦେବା କାର୍ଯ୍ୟର ଯଥାର୍ଥତା ଉପରେ ସନ୍ଦେହ ପ୍ରକାଶ କରାଯାଏ । ଅବଶ୍ୟ ସେହି ସମୟରେ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ମନ୍ତ୍ରିପରିଷଦର ସ୍ୱୀକୃତ ନେତ୍ରୀ ନ ହୋଇଥିବା ଯୋଗୁଁ ରାଷ୍ଟ୍ରପତିଙ୍କ କାର୍ଯ୍ୟକୁ ସଂପୂର୍ଣ୍ଣ ଅଯଥାର୍ଥ ବୋଲି ବି କୁହାଯାଇପାରିବ ନାହିଁ ।

### ପ୍ରଧାନମନ୍ତ୍ରୀ ଓ ଜନସାଧାରଣ

ଉପରୋକ୍ତ ବର୍ଣ୍ଣନାରୁ ସହଜରେ ବୁଝାଯାଏ ଯେ ପ୍ରଧାନମନ୍ତ୍ରୀଙ୍କ କ୍ଷମତା ଓ ଦାୟିତ୍ୱ ଅତ୍ୟନ୍ତ ବ୍ୟାପକ । କିନ୍ତୁ ପ୍ରଧାନମନ୍ତ୍ରୀଙ୍କ କ୍ଷମତା ଅନେକ ପରିମାଣରେ ପ୍ରଧାନମନ୍ତ୍ରୀପଦ

ଅଳଂକୃତ କରୁଥିବା ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ଓ ଗୁଣାବଳୀ ଉପରେ ନିର୍ଭର କରେ । ନିଜ ଦକ୍ଷତା, ମନ୍ତ୍ରିପରିଷଦରେ ସଭାପତିତ୍ୱ କରିବା ଏବଂ ଦୃଢ଼ ସିଦ୍ଧାନ୍ତ ଗ୍ରହଣ କରିବା ଓ କାର୍ଯ୍ୟସଂପାଦନ କରିବା ଶକ୍ତି, ବିଭିନ୍ନ ବିଷୟରେ ସମ୍ୟକଜ୍ଞାନ ପ୍ରୟୋଜନୀୟ ଓ ଅପ୍ରୟୋଜନୀୟ ବିଷୟକୁ ପୃଥକ୍ କରିବାର ଦକ୍ଷତା ଏବଂ ଅନ୍ୟମାନଙ୍କ ଉପରେ ଶାସନ କରିବାର କ୍ଷମତା ଇତ୍ୟାଦି ଗୁଣ ସାହାଯ୍ୟରେ ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଓ ମର୍ଯ୍ୟାଦା ମପାଯାଏ । ଏହାବ୍ୟତୀତ ନିଜଦଳ ଓ ମନ୍ତ୍ରିପରିଷଦର ସମର୍ଥନ, ମନ୍ତ୍ରିପରିଷଦର ଅନ୍ୟାନ୍ୟ ମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ, ସଂସଦରେ ନିଜର ଶକ୍ତି ଏବଂ ଅନ୍ୟ କେତୋଟି ବିଷୟ ଉପରେ ମଧ୍ୟ ପ୍ରଧାନମନ୍ତ୍ରୀଙ୍କ କ୍ଷମତା ଅନେକାଂଶରେ ନିର୍ଭର କରେ । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଜାତୀୟ ନେତାରୂପେ ତାଙ୍କର ଅତୁଳନୀୟ ଜନପ୍ରିୟତା ଥିଲା । ଫଳରେ ସେ କଂଗ୍ରେସଦଳ ଓ ମନ୍ତ୍ରିମଣ୍ଡଳ ଉପରେ ନିଜ ପ୍ରାଧାନ୍ୟ ପ୍ରତିଷ୍ଠିତ କରିବାକୁ ସମର୍ଥ ହୋଇଥିଲେ । କିନ୍ତୁ ମନ୍ତ୍ରିମଣ୍ଡଳରେ ତାଙ୍କ ପ୍ରାଧାନ୍ୟ ଥିଲେ ମଧ୍ୟ ସେ ସର୍ବଦା ସହକର୍ମୀମାନଙ୍କର ମତାମତ ଅଗ୍ରାହ୍ୟକରି ଚଳିପାରୁ-ନଥିଲେ । ଉଦାହରଣ ସ୍ୱରୂପ ୧୯୫୭ ମସିହାରେ ନେହେରୁ ରାଜେନ୍ଦ୍ରପ୍ରସାଦଙ୍କ ସ୍ଥାନରେ ରାଧାକୃଷ୍ଣନଙ୍କୁ ରାଷ୍ଟ୍ରପତି କରିବାକୁ ଇଚ୍ଛାପ୍ରକାଶ କରିଥିଲେ । କିନ୍ତୁ ଦଳର ଅନ୍ୟ ନେତା-ମାନଙ୍କ ବିରୋଧିତା ଫଳରେ ତାଙ୍କୁ ନିଜ ସିଦ୍ଧାନ୍ତ ପରିବର୍ତ୍ତନ କରିବାକୁ ପଡ଼ିଥିଲା । ତଥାପି ସାଧାରଣ କ୍ଷେତ୍ରରେ ନେହେରୁଙ୍କ ଅସାଧାରଣ ବ୍ୟକ୍ତିତ୍ୱ ଓ ପ୍ରାଧାନ୍ୟ ଏବଂ ସହକର୍ମୀମାନଙ୍କ ମତାମତ ପ୍ରତି ଅସହିଷ୍ଣୁତା ମନ୍ତ୍ରିମଣ୍ଡଳର ସ୍ୱାଧୀନ ଆଲୋଚନାକୁ ବେଳେବେଳେ ବ୍ୟାହତ କରିଥିଲା । ଲାଲବାହାଦୁର ଶାସ୍ତ୍ରୀ ଓ ଶ୍ରୀମତୀ ଇନ୍ଦିରା ଗାନ୍ଧୀ ନେହେରୁଙ୍କ ବ୍ୟକ୍ତିତ୍ୱର ଅଧିକାରୀ ହୋଇ ନଥିଲେ ମଧ୍ୟ ସେମାନଙ୍କର ସହିଷ୍ଣୁତା ଓ ସହକର୍ମୀମାନଙ୍କ ସହିତ ସହଯୋଗିତା କରିବାର କୁଶଳତା ମନ୍ତ୍ରିମଣ୍ଡଳର ମିଳିତ ଆଲୋଚନାକୁ ସାର୍ଥକ କରିବାରେ ସାହାଯ୍ୟ କରିଛି । ଇନ୍ଦିରା ଗାନ୍ଧୀଙ୍କ ପ୍ରଧାନମନ୍ତ୍ରୀତ୍ୱ ବିଷୟ ଆଲୋଚନା କଲେ ଜଣାଯାଏ ଯେ ସେ ତାଙ୍କର ବ୍ୟକ୍ତିତ୍ୱ, ନାରୀସୁଲଭତା ନିଜ ସପକ୍ଷରେ ଜନମତ ସଂଗ୍ରହର କୁଶଳତା ଏବଂ ଭାରତର ପରିବର୍ତ୍ତିତ ପରିସ୍ଥିତି ସହିତ ସହଯୋଗ କରିଭଳି ନୀତି ନିର୍ଦ୍ଧାରଣ ଯୋଗୁଁ ବିପୁଳ ଲୋକପ୍ରିୟତା ଅର୍ଜନ କରିଛନ୍ତି । ତାଙ୍କର ବଳିଷ୍ଠ ନେତୃତ୍ୱଯୋଗୁଁ କଂଗ୍ରେସ ଦଳର ଏକତା ବଜାୟ ରହିଛି ଏବଂ ଦଳ ପୂର୍ବାପେକ୍ଷା ଅଧିକ ଜନପ୍ରିୟ ହୋଇଛି ।

## ପ୍ରଧାନମନ୍ତ୍ରୀଙ୍କ କ୍ଷମତା

(୧) ପ୍ରଧାନମନ୍ତ୍ରୀ ମନ୍ତ୍ରିମଣ୍ଡଳର ପ୍ରାଣବିନ୍ଦୁ । ମନ୍ତ୍ରିମଣ୍ଡଳ ଗଠନଠାରୁ ଆରମ୍ଭ କରି, ବିଭାଗ ବଣ୍ଟନ ଓ ମନ୍ତ୍ରୀଙ୍କ ବିତାଡ଼ନ ପର୍ଯ୍ୟନ୍ତ ସବୁ କ୍ଷମତା ତାଙ୍କଠାରେ ନିହିତ । ଅବଶ୍ୟ ରାଷ୍ଟ୍ରପତିଙ୍କ ନାମରେ ଏସବୁ ହୁଏ ।

(୨) ସେ ମନ୍ତ୍ରିମଣ୍ଡଳ ବୈଠକରେ ସଭାପତିତ୍ୱ କରନ୍ତି ଏବଂ ତାଙ୍କରି

ନିର୍ଦ୍ଦେଶରେ ସବୁ ପରିଚାଳିତ ହୁଏ । ପ୍ରତ୍ୟେକ ମନ୍ତ୍ରୀ ନିଜ ବିଭାଗର ସୁପରିଚାଳନା ପାଇଁ ତାଙ୍କ ନିକଟରେ ଦାୟୀ ।

( ୩ ) ପ୍ରଧାନମନ୍ତ୍ରୀ ସରକାରଙ୍କ ମୁଖପାତ୍ର । ସେ ମନ୍ତ୍ରିମଣ୍ଡଳ ଓ ରାଷ୍ଟ୍ରପତିଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷା କରିଥାଆନ୍ତି । ତାଙ୍କର ସମ୍ମତି ବିନା କୌଣସି ମନ୍ତ୍ରୀ ରାଷ୍ଟ୍ରପତିଙ୍କ ସଙ୍ଗେ ଆଲୋଚନା କରି ପାରିବେ ନାହିଁ । ସରକାରଙ୍କ ନୀତି, ନିର୍ଦ୍ଦେଶ ବିଷୟରେ ସେ ରାଷ୍ଟ୍ରପତିଙ୍କୁ ଅବଗତ କରିଥାଆନ୍ତି ।

( ୪ ) ସାମ୍ବିଧାନିକ ମୁଖ୍ୟ ହିସାବରେ ସେ ସଂସଦ ନିକଟରେ ଦାୟୀ । ସେ ସଂସଦର କାର୍ଯ୍ୟ ନିର୍ଘଣ୍ଟ ପ୍ରସ୍ତୁତ କରି ଅଧିବେଶନ ଆହ୍ୱାନ କରିବାପାଇଁ ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେଇଥାଆନ୍ତି । ସେ କୌଣସି ସମୟରେ କୌଣସି ମନ୍ତ୍ରୀ ସଂସଦକୁ ସନ୍ତୋଷଜନକ ଉତ୍ତର ନ ଦେଇ ପାରିଲେ ସମନ୍ୱୟକାରୀ ମନ୍ତ୍ରୀ ହିସାବରେ ସେ ଉତ୍ତର ଦେଇଥାଆନ୍ତି ।

( ୫ ) ଆନ୍ତର୍ଜାତିକ ଯୋଜନା, କାର୍ଯ୍ୟ ଓ ଅନ୍ତର୍ଜାତିକ ଘଟଣାବଳୀ ସମ୍ପର୍କରେ ସେ ପ୍ରଧାନ ମତ ପୋଷଣ କରିଥାଆନ୍ତି ଓ ସାଧାରଣତଃ ସେହି ମତ ହିଁ ଜାତିର ହୋଇଥାଏ ।

( ୬ ) ମନ୍ତ୍ରୀମାନଙ୍କ ମଧ୍ୟରେ କ୍ଷମତା ନେଇ ମତଭେଦ ଉପୁଜିଲେ ସେ ତାର ସମାଧାନ କରିଥାନ୍ତି । ହାବର୍ଟ ମରିସନଙ୍କ ଭାଷାରେ ସେ ହେଉଛନ୍ତି 'ମୁଖ୍ୟତଃ ଏକ ସମନ୍ୱୟକାରୀ ମନ୍ତ୍ରୀ' ।

( ୭ ) ପ୍ରଧାନମନ୍ତ୍ରୀଙ୍କ ପତନ ସଙ୍ଗେ ସଙ୍ଗେ ମନ୍ତ୍ରିମଣ୍ଡଳର ମଧ୍ୟ ପତନ ଘଟିଥାଏ । ଅତଏବ ନେତା ହିସାବରେ ସବୁ କିଛି ତାଙ୍କୁ ହିଁ କରିବାକୁ ପଡ଼ିଥାଏ ଓ ଭଲ ମନ୍ଦ ସବୁ ତାଙ୍କ ମୁଣ୍ଡ ଉପରେ ଲଦି ଦିଆଯାଏ ।

( ୮ ) ସେ ମନ୍ତ୍ରିମଣ୍ଡଳର କମିଟିମାନ ଗଠନ କରନ୍ତି ଓ ସେଗୁଡ଼ିକର ତଦାରଖ କରନ୍ତି । ସଭା ସମିତି କରି ଆରେ ସରକାରଙ୍କ କାର୍ଯ୍ୟ ଜନସାଧାରଣଙ୍କୁ ବୁଝାଇଥାନ୍ତି ।

## ପ୍ରଧାନମନ୍ତ୍ରୀ ଭୂମିକାର ମୂଲ୍ୟାୟନ

ଇଂଲଣ୍ଡର ପ୍ରଧାନମନ୍ତ୍ରୀଙ୍କ ଭଳି ଭାରତର ପ୍ରଧାନମନ୍ତ୍ରୀ ମଧ୍ୟ ଏକ ସଂସଦୀୟ ଗଣତନ୍ତ୍ରର ନେତୃତ୍ୱ ନିଅନ୍ତି । ସଂସଦୀୟ ଗଣତନ୍ତ୍ରର ମୂଳଭିତ୍ତି ହେଉଛି ସଂସଦ ଏବଂ ଜନସାଧାରଣଙ୍କ ନିକଟରେ ମନ୍ତ୍ରିପରିଷଦର ଦାୟିତ୍ୱବୋଧ । କିନ୍ତୁ ସ୍ୱାଧୀନତା ପରଠାରୁ ଆଜି ପର୍ଯ୍ୟନ୍ତ ଗୋଟିଏ ରାଜନୈତିକ ଦଳ କ୍ଷମତାସୀନ ହେବା ଫଳରେ ( ଅବଶ୍ୟ ତିନି ବର୍ଷ ପାଇଁ ୧୯୭୭ରୁ ୧୯୭୯ ପର୍ଯ୍ୟନ୍ତ ଜନତା ସରକାର କ୍ଷମତାସୀନ ଥିଲେ ) ବିରୋଧୀ

ଦଳଗୁଡ଼ିକ ମଧ୍ୟରେ ଭିନ୍ନ ଭିନ୍ନ ନୀତି, ଏବଂ ସ୍ୱାର୍ଥ ଯୋଗୁଁ ବିଭିନ୍ନତା ଏବଂ ଦୁର୍ବଳତା ଦେଖାଦେବା ଫଳରେ ଭାରତୀୟ ଗଣତନ୍ତ୍ରରେ ଏକ ଅଦ୍ଭୁତ ପରିସ୍ଥିତି ସୃଷ୍ଟି ହୋଇଛି । ଫଳରେ ଅନେକ ଭାରତରେ ସଂସଦୀୟ ଗଣତନ୍ତ୍ର ପରିବର୍ତ୍ତେ ପ୍ରଧାନମନ୍ତ୍ରୀୟ ଗଣତନ୍ତ୍ର ( Prime Ministerial Democracy ) ଦେଖାଦେଇଛି ବୋଲି ମତ ଦେଉଥିବାବେଳେ, ଅନ୍ୟ କେତେକ ସମାଲୋଚକ ଭାରତ ରାଷ୍ଟ୍ରପତୀୟ ଗଣତନ୍ତ୍ର ( Presidential Democracy ) ଆଡ଼କୁ ଗତି କରୁଛି ବୋଲି ବିଶ୍ୱାସ କରନ୍ତି । ଏହି ସମାଲୋଚନାର ଯଥାର୍ଥତା ସମ୍ପର୍କରେ ନିମ୍ନରେ ଆଲୋଚନା କରାଯାଇଛି ।

ସଂସଦୀୟ ଗଣତନ୍ତ୍ରରେ ସାଧାରଣ ନିର୍ବାଚନରେ ସାଧାରଣତଃ ଦଳଗତ ଲଢ଼େଇ ହୋଇଥାଏ । ଅବଶ୍ୟ ଏହି ଲଢ଼େଇରେ ପ୍ରଧାନମନ୍ତ୍ରୀ ଏବଂ ବିରୋଧୀଦଳ ନେତାମାନେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି । କିନ୍ତୁ ୧୯୭୧ ମସିହା ସାଧାରଣ ନିର୍ବାଚନରେ ଭାରତର ବ୍ୟକ୍ତିତ୍ୱ ( Personality ) ଭିତ୍ତିରେ ନିର୍ବାଚନ ଲଢ଼େଇ ଚାଲିଥିଲା । ସାଧାରଣତଃ ଯୁକ୍ତରାଷ୍ଟ୍ର ଆମେରିକାରେ କେନେଡି ବନାମ ନିକ୍ସନ କିମ୍ବା ନିକ୍ସନ ବନାମ ମ୍ୟାକ ଗଭର୍ଣ୍ଣ ଏହିପରି ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ନିର୍ବାଚନ ଲଢ଼େଇ ଚାଲେ, ରାଜନୈତିକ ଦଳଗୁଡ଼ିକ ପଛପଟରେ ରହିଯାଆନ୍ତି । ୧୯୭୧ ମସିହାରେ ନିର୍ବାଚନ କେବଳ ଗୋଟିଏ ବ୍ୟକ୍ତି ଉପରେ କେନ୍ଦ୍ରୀଭୂତ ହୋଇଥିଲା । ନିର୍ବାଚନର ଦୁଇପକ୍ଷ ବିଶେଷ କରି 'ଇନ୍ଦିରା ବଞ୍ଚାଅ' ଏବଂ 'ଇନ୍ଦିରା ହଟାଅ' ନୀତି ଉପରେ ନିର୍ବାଚନ ଲଢ଼ିଥିଲେ । ୧୯୭୫ ମସିହାରେ ଇନ୍ଦିରାଗାନ୍ଧୀ ବନାମ ଜୟପ୍ରକାଶ ଭିତ୍ତିରେ ଜରୁରୀକାଳୀନ ପରିସ୍ଥିତି ଘୋଷିତ ହୋଇଛି ଏବଂ ୧୯୮୦ ନିର୍ବାଚନରେ ମଧ୍ୟ ଇନ୍ଦିରା କଂଗ୍ରେସ ବନାମ ଅନ୍ୟଦଳ ଲଢ଼ିଥିଲେ । ଇଂଲଣ୍ଡରେ ପ୍ରଧାନମନ୍ତ୍ରୀଙ୍କ ସ୍ଥିତି ତାଙ୍କ ଦଳର ସ୍ଥିତି ଏବଂ ଦୃଢ଼ତା ଉପରେ ନିର୍ଭର କରେ । ଭାରତରେ କିନ୍ତୁ ଦଳର ସ୍ଥିତି ଏବଂ ଦୃଢ଼ତା ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଉପରେ ନିର୍ଭର କରେ ।

ମନ୍ତ୍ରୀପରିଷଦର ଗଠନ ଏବଂ ପୁନର୍ଗଠନ ବେଳେ ଇଂଲଣ୍ଡର ପ୍ରଧାନମନ୍ତ୍ରୀ ଅନ୍ୟ ମନ୍ତ୍ରୀମାନଙ୍କ ଅନୁଭୂତି, ଯୋଗ୍ୟତା, ଦକ୍ଷତା, ଦଳ ପ୍ରତି ଅବଦାନ, ଦଳର ଅନ୍ୟ ନେତାମାନଙ୍କ ଦଳ ମଧ୍ୟରେ ବ୍ୟକ୍ତିତ୍ୱ ପ୍ରଭୃତିକୁ ବିଚାରକୁ ନେଇଥାନ୍ତି । କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ମନ୍ତ୍ରୀପରିଷଦ ରାଷ୍ଟ୍ରପତିଙ୍କ ଇଚ୍ଛା ମୁତାବକ ଗଠିତ ହୋଇଥାଏ । ସେଠାରେ ସଚିବମାନେ ରାଷ୍ଟ୍ରପତିଙ୍କ ନିକଟରେ ଉତ୍ତରଦାୟୀ ରହନ୍ତି ଏବଂ ସେମାନଙ୍କ କାର୍ଯ୍ୟକାଳ ରାଷ୍ଟ୍ରପତିଙ୍କ ଇଚ୍ଛା ଉପରେ ନିର୍ଭର କରେ । ଭାରତରେ ମନ୍ତ୍ରୀପରିଷଦର ଗଠନ ଏବଂ ଅଦଳବଦଳ ଇଂଲଣ୍ଡର ପରମ୍ପରା ଅନୁସରଣ ନ କରି ଯୁକ୍ତରାଷ୍ଟ୍ର ଆମେରିକା ପ୍ରଥା ଅନୁସରଣ କରୁଛି ବୋଲି ସମାଲୋଚକମାନେ ମତ ଦିଅନ୍ତି ।

ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରକୃତ ମନ୍ତ୍ରୀପରିଷଦ ଥିବା ସତ୍ତ୍ୱେ ରାଷ୍ଟ୍ରପତି ଏକ ପାକଶାଳା

ମନ୍ତ୍ରିମଣ୍ଡଳ ( Kitchen Cabinet ) ଉପରେ ପରାମର୍ଶ ପାଇଁ ଅଧିକ ବିଶ୍ୱାସ ଆରୋପ କରିଥାନ୍ତି । ପାକଶାଳା ମନ୍ତ୍ରିମଣ୍ଡଳ ମନ୍ତ୍ରିପରିଷଦର ଏକ ଅଂଶ ସେଥିରେ ରାଷ୍ଟ୍ରପତିଙ୍କ ଅତି ବିଶ୍ୱସ୍ତ ସହକର୍ମୀମାନେ ସ୍ଥାନ ପାଇଥାନ୍ତି । ରାଷ୍ଟ୍ରପତି ରୁଜ୍‌ଭେଲ୍‌ଟ ( Rooscwelt ) ଏବଂ ଟ୍ରୁମ୍ୟାନ ( Truman ) ଯଥାକ୍ରମେ ସେମାନଙ୍କ ବ୍ୟକ୍ତିଗତ ବନ୍ଧୁ ହ୍ୟାରି ହପକିନ୍‌ସ ( Harry Hopikins ) ଏବଂ ଜର୍ଜ ଏଲେନ୍ ( George Allen ) ଉପରେ ବେଶୀ ବିଶ୍ୱାସ ଆରୋପ କରିଥିଲେ । ଠିକ୍ ସେହିପରି ଭାରତର ପ୍ରଧାନମନ୍ତ୍ରୀ ସମଗ୍ର ମନ୍ତ୍ରିପରିଷଦର କେତେ ଜଣ ମୁଷ୍ଟିମେୟ ବିଶ୍ୱସ୍ତ ସହକର୍ମୀଙ୍କ ପରାମର୍ଶ ଅନୁଯାୟୀ ଦଳର ନୀତି ନିର୍ଦ୍ଧାରଣ କରନ୍ତି ବୋଲି କୁହାଯାଏ । ଏହି ନୂତନ ଗତି ପ୍ରଧାନମନ୍ତ୍ରୀଙ୍କ ସ୍ଥାନ ଉନ୍ନୋଳନ କରୁଥିବା ସ୍ଥଳେ ମନ୍ତ୍ରିପରିଷଦର ମର୍ଯ୍ୟାଦା ନଷ୍ଟ କରୁଛି । ଆଲୋଚକ ମନେକଲେ ଦିନେଶ ସିଂ, ମୋରାରଜୀ ଦେଶାଇ, ସ୍ୱରଣ ସିଂ, ସି. ସୁବ୍ରମନ୍ୟମ ପ୍ରଭୃତି ଅଭିଜ୍ଞ ମନ୍ତ୍ରୀମାନଙ୍କୁ ମନ୍ତ୍ରିମଣ୍ଡଳରୁ ବାହାରେଦେବା ପାଇଁ ପ୍ରଧାନମନ୍ତ୍ରୀ କେବେ ଦ୍ୱିଧାପ୍ରକାଶ କରିନାହାନ୍ତି । କେତେଜଣ ସମାଲୋଚକ ଏହାକୁ ପ୍ରଧାନମନ୍ତ୍ରୀଙ୍କ ଏକଚ୍ଛତ୍ରବାଦୀ ମନୋବୃତ୍ତି ବୋଲି ସମାଲୋଚନା କରିଛନ୍ତି ।

ଯୁକ୍ତରାଷ୍ଟ୍ର ଆମେରିକାରେ ମନ୍ତ୍ରିପରିଷଦର ସଚିବମାନଙ୍କୁ ଭ୍ରୁକ୍ଷେପ ନ କରି ବେଳେବେଳେ ବ୍ୟକ୍ତିଗତ ପରାମର୍ଶଦାତାଙ୍କ ( Personal Advisers ) ପରାମର୍ଶ ଗ୍ରହଣ କରି କାର୍ଯ୍ୟ କରୁଥିବା ଯୋଗୁଁ ସଚିବମାନଙ୍କ ସମ୍ମାନ ଉପରେ ଆଞ୍ଚ ଆସେ ଏବଂ ସେମାନେ ଇସ୍ତଫା ଦେବା ସ୍ତରକୁ ଆସି ଯାଆନ୍ତି । ଏହି କାରଣ ପାଇଁ ରାଷ୍ଟ୍ରପତି ନିକ୍ସନଙ୍କ ନିକଟରେ ବ୍ୟକ୍ତିଗତ ଉପଦେଷ୍ଟା ହେନେରି କିସିଞ୍ଜର ( Henry Kissinger ) ଙ୍କ ଭୂମିକା ଫଳରେ ସ୍ୱରାଷ୍ଟ୍ର ସଚିବ ରୋଜର୍ସ ( Rogers ) ପଦ୍‌ତ୍ୟାଗ କରିଯାଇଥିଲେ । ଭାରତରେ ମଧ୍ୟ ପ୍ରଧାନମନ୍ତ୍ରୀ ବେଳେବେଳେ ବିଶ୍ୱସ୍ତ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀଙ୍କ ପରାମର୍ଶ ଗ୍ରହଣ କରନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀ ଡି. ପି. ଧରଙ୍କ ଭଳି ଜଣେ ଅଭିଜ୍ଞ ସରକାରୀ କର୍ମଚାରୀଙ୍କ ପରାମର୍ଶକୁ ବିଶେଷ ଗୁରୁତ୍ୱ ଦେଇଥିଲେ । ସେ ୧୯୭୨ ମସିହା ସିମଳା ସମ୍ମିଳନୀରେ ( Simla Conference ) ଜଣେ ସୁଦକ୍ଷ ବୈଦେଶିକ ବ୍ୟାପାର ମନ୍ତ୍ରୀଙ୍କ ଭୂମିକା ଗ୍ରହଣ କରିଥିଲେ ।

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତିଙ୍କ ପରି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଉକ୍ତି ପ୍ରାୟ ବେଦବାକ୍ୟ ହୋଇ ରହେ । ଅର୍ଥନୈତିକ ବ୍ୟାପାରରେ, ବୈଦେଶିକ ବ୍ୟାପାରରେ, ମୌଳିକ ଅଧିକାର ଉପରେ ବା ସମାଜବାଦ ଉପରେ ପ୍ରଧାନମନ୍ତ୍ରୀଙ୍କ ସିଦ୍ଧାନ୍ତ ହିଁ ଚୂଡ଼ାନ୍ତ ।

ସୁତରାଂ ଭାରତର ପରିବର୍ତ୍ତିତ ପରିସ୍ଥିତିକୁ ଲକ୍ଷ୍ୟକରି ଏସ. ଚଲପତି ରାଓ ୧୯୭୩ ମସିହାରେ କହିଥିଲେ ଯେ, 'ସଂସଦୀୟ ଶାସନତନ୍ତ୍ରରେ ପ୍ରଧାନମନ୍ତ୍ରୀ ଯୁକ୍ତରାଷ୍ଟ୍ର ଆମେରିକାର

ରାଷ୍ଟ୍ରପତି ଭଳି ନୁହନ୍ତି । ସେଠାରେ ରାଷ୍ଟ୍ରପତି ନିର୍ଦ୍ଦୟ ପ୍ରଚାରର ସମ୍ମୁଖୀନ ହୁଅନ୍ତି ଏବଂ ତାଙ୍କର ବ୍ୟାପକ କ୍ଷମତା ସବୁଦିଗରୁ ଆକ୍ରାନ୍ତ ହୁଏ । ବର୍ତ୍ତମାନ କ୍ଷମତାର ଭଣ୍ଡାର ନିଜ-ହାତରେ ରଖିଥିବା ଯୋଗୁଁ ପ୍ରଧାନମନ୍ତ୍ରୀ ପଦ ରାଷ୍ଟ୍ରପତିଙ୍କ ଚରିତ୍ର ଅନୁକରଣ କରୁଛି ।' (The Prime Minister in a Parliamentary system is not like the President of the United States, who is subject to pitiless publicity and whose vast executive power is challenged from every quarter. The Prime Ministership has however, been acquiring a Presidential character because of the reserves of power which a present—day Prime Minister possesses……)

ଆଇଭର ଜେନିଙ୍ଗସଙ୍କ ମତରେ ପ୍ରଧାନମନ୍ତ୍ରୀ ହେଉଛନ୍ତି ସୂର୍ଯ୍ୟ ସ୍ୱରୂପ ଓ ମନ୍ତ୍ରୀମାନେ ଗ୍ରହପୁଞ୍ଜ ରୂପେ ତାଙ୍କ ଚାରିପଟେ ଘୂରୁଥାନ୍ତି । (The Prime Minister is the Sun around which other planets revolve) ତାଙ୍କୁ ମନ୍ତ୍ରିମଣ୍ଡଳର ଚାବିକାଠି ବୋଲି ଆଗରୁ ଅବହିତ କରାଯାଇଛି । (Key stone of the cabinet Arch.)

୧୯୭୧ ମସିହାରୁ ଆଜିପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ ସମସ୍ତ କାର୍ଯ୍ୟକଳାପ ଅନୁଧ୍ୟାନ କଲେ ସ୍ପଷ୍ଟ ପ୍ରମାଣିତ ହେଉଛି ଯେ ତାଙ୍କର ପ୍ରତ୍ୟେକ ପଦକ୍ଷେପ ପ୍ରଧାନମନ୍ତ୍ରୀ ପଦକୁ, ନିଜ ଦଳକୁ ଏକ ଦେଶର ଐକ୍ୟ ଏବଂ ଅଖଣ୍ଡତାକୁ ସୁଦୃଢ଼ କରୁଛି । ତେଣୁ ଏହି ନୂତନ ଦିଗକୁ ଅନେକ ସ୍ୱାଗତ କରନ୍ତି (A Welcome Trend) ।

# ଦଶମ ପରିଚ୍ଛେଦ

## ୟୁନିୟନର ବ୍ୟବସ୍ଥା ବିଭାଗ ବା ବିଧାନ ମଣ୍ଡଳ

## The Union Legislature

## ସଂସଦ ( PARLIAMENT )

ବ୍ୟବସ୍ଥା ବିଭାଗର ସଂଗଠନ ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ପ୍ରକାରର ହୋଇଥାଏ । ଇଂଲଣ୍ଡର ରାଜା ବା ରାଣୀ ପାର୍ଲାମେଣ୍ଟର ଅବିଚ୍ଛେଦ୍ୟ ଅଙ୍ଗ । ଇଂଲଣ୍ଡର ବ୍ୟବସ୍ଥା ବିଭାଗ କହିଲେ ରାଜା ବା ରାଣୀ ସହ ପାର୍ଲାମେଣ୍ଟ ( The King or Queen in Parliament ) ବୁଝାଏ । ସେ ଦେଶରେ ଏହିପରି ବ୍ୟବସ୍ଥାର ଐତିହାସିକ ପୃଷ୍ଠଭୂମି ରହିଛି । ଏକଦା ରାଜା ବା ରାଣୀଙ୍କୁ ଆଇନର ଉତ୍ସ ବା ଆଧାର ବୋଲି ମନେ କରାଯାଉଥିଲା । ବର୍ତ୍ତମାନ ମଧ୍ୟ ଆନୁଷ୍ଠାନିକ ଭାବେ ଅତୀତ ଐତିହ୍ୟର ଧାରାକୁ ରକ୍ଷା କରାଯାଉଛି । ଅପର ପକ୍ଷରେ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ବ୍ୟବସ୍ଥା ବିଭାଗର ଅଂଶ ନୁହନ୍ତି । ସେ ଦେଶରେ ସିନେଟ ( Senate ) ଏବଂ ପ୍ରତିନିଧି ସଭା ( House of Representatives ) ଏହି ଦୁଇଟି କକ୍ଷ ନେଇ ଗଠିତ ବିଧାନମଣ୍ଡଳ ବା କଂଗ୍ରେସ ହସ୍ତରେ ଆଇନ ପ୍ରଣୟନର କ୍ଷମତା ଅର୍ପଣ କରାଯାଇଛି । ଭାରତ କିନ୍ତୁ ବ୍ରିଟିଶ ଶାସନ ବ୍ୟବସ୍ଥାକୁ ଅନୁକରଣ କରିଛି । ଭାରତ ୟୁନିୟନ ବା ଜାତୀୟ ବ୍ୟବସ୍ଥା ବିଭାଗକୁ ସଂସଦ ( Parliament ) କୁହାଯାଏ । ଏହି ସଂସଦ ରାଷ୍ଟ୍ରପତି ଏବଂ ଦୁଇଟି ସଦନ ନେଇ ଗଠିତ । ସଂଘୀୟ ସଂସଦର ଉଚ୍ଚ-ସଦନକୁ ରାଜ୍ୟସଭା ( Council of States ) ଏବଂ ନିମ୍ନ ସଦନକୁ ଲୋକସଭା ( House of the People ) କୁହାଯାଏ ।

### ରାଜ୍ୟ ସଭାର ଗଠନ

### ( Composition of the Council of States )

ରାଜ୍ୟସଭାର ସର୍ବମୋଟ ସଦସ୍ୟ ସଂଖ୍ୟା ହେଲା ୨୫୦ । ଏହା କୌଣସି କାରଣରୁ ନିର୍ଦ୍ଦିଷ୍ଟ ସଂଖ୍ୟାକୁ ଟପିପାରିବ ନାହିଁ । ସଦସ୍ୟମାନଙ୍କ ମଧ୍ୟରୁ ୧୨ ଜଣ ରାଷ୍ଟ୍ରପତିଙ୍କ ଦ୍ଵାରା ମନୋନୀତ ହୁଅନ୍ତି । ସାରୁକଳା, ବିଜ୍ଞାନ, ସାହିତ୍ୟ ଓ ସମାଜସେବାରେ ବିଶେଷଜ୍ଞାନ ବା

ଅଭିଜ୍ଞତା ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ ବାଛି ୧୨ ଜଣଙ୍କୁ ରାଷ୍ଟ୍ରପତି ମନୋନୀତ କରନ୍ତି । ଅବଶିଷ୍ଟ ୨୩୮ ଜଣ ସଦସ୍ୟ ରାଜ୍ୟ (State) ଓ କେନ୍ଦ୍ର ଶାସିତ ଅଞ୍ଚଳ (Union Territory) ଗୁଡ଼ିକର ପ୍ରତିନିଧିତ୍ୱ କରନ୍ତି । ରାଜ୍ୟର ପ୍ରତିନିଧିମାନେ ସଂଶ୍ଳିଷ୍ଟ ରାଜ୍ୟର ବିଧାନସଭାର ସଦସ୍ୟମାନଙ୍କ ଦ୍ୱାରା ଆନୁପାତିକ ପ୍ରତିନିଧିତ୍ୱ ରୀତି ଅନୁସାରେ ଏକକ ମତଦାନ ପଦ୍ଧତିରେ ( Proportional Representation by means of single transferable vote ) ନିର୍ବାଚିତ କରନ୍ତି । କେନ୍ଦ୍ର ଶାସିତ ଅଞ୍ଚଳମାନଙ୍କରୁ ରାଜ୍ୟସଭାକୁ ପ୍ରତିନିଧି ନିର୍ବାଚନ ପଦ୍ଧତି ସଂସଦ ଆଇନ୍ ଦ୍ୱାରା ସ୍ଥିର କରେ । ବର୍ତ୍ତମାନର ଆଇନ୍ ଅନୁସାରେ ରାଜ୍ୟସଭାକୁ ପ୍ରତିନିଧି ନିର୍ବାଚନ ପାଇଁ ପ୍ରତ୍ୟେକ କେନ୍ଦ୍ରଶାସିତ ଅଞ୍ଚଳରେ ଗୋଟିଏ ଲେଖାଏଁ ବିଶେଷ ନିର୍ବାଚନ ସଂସ୍ଥା (Electoral College) ଗଠନ କରାଯାଏ । ଦିଲ୍ଲୀରେ ସେଠିକାର ମେଟ୍ରୋପଲିଟାନ କାଉନ୍‌ସିଲର (Metropolitan Council) ନିର୍ବାଚିତ ସଦସ୍ୟଙ୍କୁ ନେଇ ନିର୍ବାଚନ ସଂସ୍ଥା ଗଠିତ ହୁଏ । ସେହିପରି ଅନ୍ୟାନ୍ୟ କେନ୍ଦ୍ରଶାସିତ ଅଞ୍ଚଳରେ ନିଜ ନିଜ ବିଧାନସଭାକୁ ନିର୍ବାଚିତ ହୋଇ ଆସିଥିବା ସଦସ୍ୟଙ୍କୁ ନେଇ ନିର୍ବାଚନ ସଂସ୍ଥା ଗଠିତ ହୁଏ । କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ମଧ୍ୟ ଆନୁପାତିକ ପ୍ରତିନିଧିତ୍ୱ ରୀତି ଅନୁସାରେ ଏକକ ମତଦାନ ପ୍ରଥାଦ୍ୱାରା ନିର୍ବାଚିତ ହୁଅନ୍ତି । ଏଠି ଉଲ୍ଲେଖ କରାଯାଇପାରେ ଯେ ଯୁକ୍ତରାଷ୍ଟ୍ର ଆମେରିକା ବା ସୋଭିଏତ ୟୁନିୟନ ଭଳି ରାଷ୍ଟ୍ରର ଉଚ୍ଚ ସଦନରେ ଅଙ୍ଗରାଜ୍ୟ ସମୂହର ସମପ୍ରତିନିଧିତ୍ୱର (equal representation) ବ୍ୟବସ୍ଥା ରହିଛି । ଉଦାହରଣ ସ୍ୱରୂପ ଯୁକ୍ତରାଷ୍ଟ୍ର ଆମେରିକାର ଦ୍ୱିତୀୟ ସଦନ ବା ସିନେଟକୁ ପ୍ରତ୍ୟେକ ଅଙ୍ଗରାଜ୍ୟରୁ ୨ ଜଣ କରି ପ୍ରତିନିଧି ନିର୍ବାଚିତ ହେବାର ବ୍ୟବସ୍ଥା ରହିଛି । ଜନସଂଖ୍ୟା ନିର୍ବିଶେଷରେ ଏହି ସଂଖ୍ୟା ନିର୍ଦ୍ଧାରିତ କରାଯାଏ । ଏହିସବୁ କାରଣରୁ ଭାରତରେ ଜନସଂଖ୍ୟା ଅନୁପାତରେ ରାଜ୍ୟସଭାର ପ୍ରତିନିଧିତ୍ୱ ସ୍ୱୀକୃତ ହୋଇଥିବା ପଦ୍ଧତିକୁ ଅଗଣତାନ୍ତ୍ରିକ ଏବଂ ଅଯୌକ୍ତିକ ବୋଲି ସମାଲୋଚନା କରାଯାଏ । ପୁଣି ପରୋକ୍ଷ ନିର୍ବାଚନ ଏବଂ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୟନ ବ୍ୟବସ୍ଥାକୁ ସମାଲୋଚନା କରାଯାଏ । ପରୋକ୍ଷ ନିର୍ବାଚନ ଯୋଗୁଁ ଦୁର୍ନୀତିର ଦ୍ୱାର ଉନ୍ମୁକ୍ତ ହୁଏ । ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୟନ ପ୍ରଥା ଗଣତନ୍ତ୍ର ବିରୋଧୀ ଅଟେ । ରାଜ୍ୟ ସଭା ଏବଂ ଲୋକସଭା ଗୋଟିଏ ପ୍ରଣାଳୀରେ ଗଠିତ ହେବା ସମୀଚୀନ ନୁହେଁ ।

## ଲୋକସଭାର ଗଠନ

## (Composition of the House of the People)

ମୌଳିକ ସମ୍ବିଧାନ ଅନୁଯାୟୀ ଲୋକସଭା ଅନଧିକ ୫୨୫ ଜଣ ସଦସ୍ୟଙ୍କୁ ନେଇ ସମ୍ବିଧାନର ୮୧ ଧାରା ଏକତିରିଶ ସମ୍ବିଧାନ ସଂଶୋଧନ ଆଇନ୍ ଦ୍ୱାରା ପରିବର୍ତ୍ତିତ ହୋଇ ଗଠିତ । ବର୍ତ୍ତମାନ ଏହାର ସଂଖ୍ୟା ୫୪୭କୁ ବର୍ଦ୍ଧିତ କରାଯାଇଛି । ଏମାନଙ୍କ ମଧ୍ୟରୁ ୫୨୫ ଜଣ ସଦସ୍ୟ ୨୧ଟି ରାଜ୍ୟରୁ ପ୍ରତ୍ୟକ୍ଷଭାବେ ନିର୍ବାଚିତ ହୋଇ 'ପ୍ରତିନିଧିତ୍ୱ

କରନ୍ତି । ଏହାଛଡ଼ା ରାଷ୍ଟ୍ରପତି ଯଦି ମନେ କରନ୍ତି ଯେ ଲୋକସଭାରେ ଆଙ୍ଗ୍ଲୋ ଭାରତୀୟ (Anglo Indian) ସଂପ୍ରଦାୟର ଯଥୋଚିତ ପ୍ରତିନିଧିତ୍ୱ ହୋଇପାରିନାହିଁ, ତେବେ ସେ ଉକ୍ତ ସଂପ୍ରଦାୟର ଦୁଇଜଣ ବ୍ୟକ୍ତିଙ୍କୁ ଲୋକସଭାର ସଦସ୍ୟ ରୂପେ ମନୋନୀତ କରିପାରନ୍ତି । ତଫସିଲଭୁକ୍ତ ଜାତି (Scheduled Castes) ଏବଂ ତଫସିଲଭୁକ୍ତ ଗିରିଜନ (Scheduled Tribes)ଙ୍କ ପାଇଁ ଲୋକସଭାରେ ଆସନ ସଂରକ୍ଷଣର ବ୍ୟବସ୍ଥା ରହିଛି । ସଂବିଧାନ ପ୍ରବର୍ତ୍ତନର ୧୦ ବର୍ଷ ପରେ ଅର୍ଥାତ ୧୯୬୦ ମସିହା ଜାନୁୟାରୀ ୨୬ ତାରିଖରେ ଏହି ସଂରକ୍ଷଣ ବ୍ୟବସ୍ଥା ବିଲୋପ କରିବାର ପ୍ରସ୍ତାବ ଥିଲା । କିନ୍ତୁ ୧୯୫୯ ମସିହାର ସଂବିଧାନର ଅଷ୍ଟମ ସଂଶୋଧନ ଦ୍ୱାରା ଏହି ବ୍ୟବସ୍ଥା ଆହୁରି ୧୦ ବର୍ଷ ବା ୧୯୭୦ ମସିହା ୨୫ ଜାନୁୟାରୀ ପର୍ଯ୍ୟନ୍ତ ପ୍ରବର୍ତ୍ତିତ ରଖାହୋଇଥିଲା । କିନ୍ତୁ ସଂବିଧାନର ତ୍ରୟୋବିଂଶ ସଂଶୋଧନ ଦ୍ୱାରା ପୁନରାୟ ଉକ୍ତ ବ୍ୟବସ୍ଥାର ଆୟୁ ୧୯୮୦ ମସିହା ଜାନୁୟାରୀ ୨୫ ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି । ପୁଣି ଏହାର ମିଆଦ ଆଉ ଦଶବର୍ଷ ପାଇଁ ବଢ଼ାଯାଇଛି । ଓଡ଼ିଶାରୁ ମୋଟରେ ୨୧ ଜଣ ସଦସ୍ୟ ଲୋକସଭାକୁ ନିର୍ବାଚିତ ହେବାବେଳେ ସେମାନଙ୍କ ମଧ୍ୟରୁ ୫ଜଣ ତଫସିଲଭୁକ୍ତ ଗିରିଜନ ଏବଂ ୩ ଜଣ ତଫସିଲଭୁକ୍ତ ଜାତିର ପ୍ରତିନିଧି ଅଟନ୍ତି । ଲୋକସଭାର ପ୍ରତ୍ୟେକ ସଦସ୍ୟ ଅନ୍ୟୂନ ପାଞ୍ଚଲକ୍ଷ ଲୋକଙ୍କର ପ୍ରତିନିଧିତ୍ୱ କରିଥାନ୍ତି । ତେଣୁ ଗୋଟିଏ ସଂସଦୀୟ ନିର୍ବାଚନ ମଣ୍ଡଳୀ (Parliamentary Constituency) ଅନ୍ୟୂନ ପାଞ୍ଚଲକ୍ଷ ଲୋକଙ୍କୁ ନେଇ ଗଠିତ । ପ୍ରତି ଦଶବର୍ଷରେ ଥରେ ସୀମା ନିର୍ଦ୍ଧାରଣ ଆୟୋଗ (Delimitation Commision)ଙ୍କ ସୁପାରିଶ କ୍ରମେ ନିକଟତମ ଜନଗଣନାକୁ ଭିତ୍ତିକରି ପ୍ରତି ରାଜ୍ୟର ସଦସ୍ୟ ସଂଖ୍ୟା ନିର୍ଦ୍ଧାରିତ କରନ୍ତି । କାରଣ ପ୍ରତିନିଧିତ୍ୱ ଅନୁପାତର ପରିମାଣ ଥରକୁ ଥର ନ ବଢ଼ିଲେ, ଜନସଂଖ୍ୟା ହୁ ହୁ ହୋଇ ବଢ଼ୁଥିବା ଅବସ୍ଥାରେ ସଂସଦର ସଦସ୍ୟ ସଂଖ୍ୟା ଆଶାତୀତ ଭାବରେ ବଢ଼ିଯିବ । ତେଣୁ ଜଣେ ଜଣେ ସଦସ୍ୟ କେତେଜଣ ନାଗରିକଙ୍କୁ ପ୍ରତିନିଧିତ୍ୱ କରିବେ ତାହା ବି ସୀମା ନିର୍ଦ୍ଧାରଣ ଆୟୋଗଙ୍କ ସୁପାରିଶ କ୍ରମେ ସ୍ଥିର କରାଯାଏ । ନିର୍ବାଚନ ମଣ୍ଡଳୀ ଗୁଡ଼ିକର ଆକାର ନିର୍ଦ୍ଧାରଣ କରିବା ଓ ଅଦଳ ବଦଳ କରିବାର ଭାର ସୀମା ନିର୍ଦ୍ଧାରଣ ଆୟୋଗ ଉପରେ ନ୍ୟସ୍ତ ରହେ । ରାଜ୍ୟଗୁଡ଼ିକୁ ପ୍ରତିନିଧିତ୍ୱ କରୁଥିବା ସଦସ୍ୟଗଣ ପ୍ରତ୍ୟକ୍ଷଭାବେ ପ୍ରାପ୍ତ ବୟସ୍କଙ୍କ ଭୋଟାଧିକାର ଭିତ୍ତିରେ ନିର୍ବାଚିତ ହୁଅନ୍ତି । କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧି-ଗଣଙ୍କ ନିର୍ବାଚନ ପଦ୍ଧତି ସଂସଦ ଆଇନ ପ୍ରଣୟନ କରି ଠିକ୍ କରିଥାଏ । ବର୍ତ୍ତମାନ ଆଇନ୍ ଅନୁଯାୟୀ ସେମାନେ ପ୍ରତ୍ୟକ୍ଷଭାବେ ନିର୍ବାଚିତ ହୁଅନ୍ତି କିନ୍ତୁ ନେଫା (NEFA)ର ପ୍ରତିନିଧି ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ହୁଅନ୍ତି । ଲୋକସଭାର ସଦସ୍ୟମାନେ ପାଞ୍ଚବର୍ଷପାଇଁ ନିର୍ବାଚିତ ହୋଇଥାନ୍ତି ।

## ସଦସ୍ୟ ପଦର ଯୋଗ୍ୟତା
## (Qualification for Membership)

ସଂସଦର ସଦସ୍ୟ ହେବାପାଇଁ କି କି ଯୋଗ୍ୟତା ଆବଶ୍ୟକ ତାହା ସମ୍ବିଧାନରେ ବର୍ଣ୍ଣିତ କରାଯାଇଛି । କୌଣସି ବ୍ୟକ୍ତି ସଂସଦର ସଭ୍ୟପଦ ଲାଭ କରିବାପାଇଁ ଯୋଗ୍ୟ

ବିବେଚିତ ହେବେ ନାହିଁ । ଯଦି ( କ ) ସେ ଭାରତର ନାଗରିକ ନୁହନ୍ତି ବା ସ୍ୱେଚ୍ଛାରେ ବୈଦେଶିକ ରାଷ୍ଟ୍ରର ନାଗରିକତା ଅର୍ଜନ କରିଥାନ୍ତି; ( ଖ ) ତାଙ୍କର ବୟସ ରାଜ୍ୟ ସଭା ଆସନ କ୍ଷେତ୍ରରେ ଅନ୍ୟୂନ ୩୦ ବର୍ଷ ଏବଂ ଲୋକସଭା ଆସନ କ୍ଷେତ୍ରରେ ଅନ୍ୟୂନ ୨୫ ବର୍ଷ ନହୁଏ; ( ଗ ) ସଂସଦ ବିଧାନ ଦ୍ୱାରା ନିର୍ଦ୍ଦିଷ୍ଟ ଅନ୍ୟାନ୍ୟ ଯୋଗ୍ୟତା ନଥାଏ । ନ୍ୟାୟାଳୟ ଦ୍ୱାରା କୌଣସି ବ୍ୟକ୍ତି ବିକୃତ ମସ୍ତିଷ୍କ ବୋଲି ବିବେଚିତ ହେଲେ ଅଥବା ଅନୁନ୍ମୁକ୍ତ ଦେବାଳିଆ ( Undischarged Unsolvent ) ହେଲେ ବା କୌଣସି ବୈଦେଶିକ ରାଷ୍ଟ୍ର ପ୍ରତି ଆନୁଗତ୍ୟ ସ୍ୱୀକାର କରିଥିଲେ ସେହି ବ୍ୟକ୍ତି ସଂସଦର ସଦସ୍ୟ ପଦପାଇଁ ଅଯୋଗ୍ୟ ଘୋଷିତ ହେବେ । ଏହା ବ୍ୟତୀତ କୌଣସି ବ୍ୟକ୍ତି ଭାରତ ସରକାର ବା ରାଜ୍ୟ ସରକାର ଅଧୀନରେ ଲାଭଜନକ ପଦରେ ( office of profit ) ଅଧିଷ୍ଠିତ ଥିଲେ ମଧ୍ୟ ସଦସ୍ୟ ପଦଲାଭ ପାଇଁ ଅଯୋଗ୍ୟ ବିବେଚିତ ହେବେ । ଅବଶ୍ୟ ସଂସଦ ଆଇନଦ୍ୱାରା ଏହି ନିୟମର ବ୍ୟତିକ୍ରମ କରିପାରେ ଏବଂ କେଉଁ କେଉଁ ପଦରେ ଅଧିଷ୍ଠିତ ଥିଲେ ସଂସଦର ସଭ୍ୟ ପଦପାଇଁ ଅଯୋଗ୍ୟ ବିବେଚିତ ହୋଇପାରିବେ ନାହିଁ ତାହା ଘୋଷଣା କରିପାରେ । ବର୍ତ୍ତମାନର ନିୟମ ଅନୁଯାୟୀ ମନ୍ତ୍ରୀ, ଉପମନ୍ତ୍ରୀ, ସଂସଦୀୟ ସଚିବ, ଅଧ୍ୟୟନ କର୍ମ ସଚିବ, ବିଶ୍ୱବିଦ୍ୟାଳୟର କୁଳପତି ( Vice-Chancellor ) ପ୍ରଭୃତି ପଦରେ ଅଧିଷ୍ଠିତ ବ୍ୟକ୍ତିଗଣ ସଂସଦର ସଦସ୍ୟ ହେବାପାଇଁ ଅଯୋଗ୍ୟ ବିବେଚିତ ହୁଅନ୍ତି ନାହିଁ । କୌଣସି ବ୍ୟକ୍ତି ଉଭୟ ରାଜ୍ୟ ବିଧାନସଭା ଏବଂ କେନ୍ଦ୍ରୀୟ ସଂସଦର ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ ଗୋଟିକରୁ ଇସ୍ତଫା ଦେବାକୁ ବାଧ୍ୟ ।

## ସଦନଗୁଡ଼ିକର କାର୍ଯ୍ୟକାଳ

**( Tenure of the Houses )**

ରାଜ୍ୟସଭା ଏକ ସ୍ଥାୟୀ ପରିଷଦ ଅଟେ । ଏହାକୁ ଭାଙ୍ଗି ଦିଆଯାଏ ନାହିଁ । ପ୍ରତ୍ୟେକ ଦୁଇ ବର୍ଷ ଅନ୍ତରରେ ଏହାର ସଦସ୍ୟ ସଂଖ୍ୟାର ଏକତୃତୀୟାଂଶ ସଦସ୍ୟଙ୍କୁ ଅବସର ଗ୍ରହଣ କରିବାକୁ ପଡ଼େ । ଅପର ପକ୍ଷରେ ଲୋକସଭାର କାର୍ଯ୍ୟକାଳ ହେଲା ସାଧାରଣତଃ ପାଞ୍ଚବର୍ଷ । ତେବେ ଏହି ସମୟ ମଧ୍ୟରେ ରାଷ୍ଟ୍ରପତି ଏହାକୁ ଭାଙ୍ଗି ଦେବାପାଇଁ ସମର୍ଥ । ଦେଶର ଜରୁରୀ ବ୍ୟବସ୍ଥାର ଘୋଷଣା ଚାଲୁଥିବା ବେଳେ ସଂସଦ ଆଇନଦ୍ୱାରା ଲୋକସଭାର କାର୍ଯ୍ୟକାଳ ଏକବର୍ଷ ପାଇଁ ବଢ଼ାଇ ଦେଇପାରନ୍ତି ।

ରାଷ୍ଟ୍ରପତି ଉଭୟ କକ୍ଷ ବା କୌଣସି ଏକ କକ୍ଷର ଅଧିବେଶନ ଆହ୍ୱାନ କରିପାରନ୍ତି ବା ଲୋକସଭାକୁ ଭାଙ୍ଗି ଦେଇପାରନ୍ତି । ରାଷ୍ଟ୍ରପତିଙ୍କୁ ସମୟାନ୍ତରରେ ସଂସଦର ପ୍ରତି ଅଧିବେଶନ ଆହ୍ୱାନ କରିବାକୁ ହୁଏ । ଦୁଇଟି ଅଧିବେଶନ ମଧ୍ୟରେ ଛଅ ମାସରୁ ଅଧିକ ସମୟ ଅତିବାହିତ ହୋଇପାରିବ ନାହିଁ ।

ପଦାଧିକାର ବଳରେ ଭାରତର ଉପରାଷ୍ଟ୍ରପତି ହେଲେ ରାଜ୍ୟସଭାର ସଭାପତି । ରାଜ୍ୟସଭାର ଜଣେ ଉପ-ସଭାପତି ମଧ୍ୟ ରହନ୍ତି । ସେ ରାଜ୍ୟସଭାର ସଦସ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି । ଲୋକସଭାର ସଭାପତିତ୍ୱ କରନ୍ତି ବାଚସ୍ପତି ( Speaker ) । ତାଙ୍କର ଅନୁପସ୍ଥିତିରେ କିମ୍ବା ତାଙ୍କ ପଦ ଶୂନ୍ୟ ଥିଲେ ଉପ-ବାଚସ୍ପତି ( Deputy Speaker ) ତାଙ୍କ କାର୍ଯ୍ୟ ସମ୍ପାଦନ କରନ୍ତି । ଦୁହେଁ ଲୋକସଭା ସଦସ୍ୟମାନଙ୍କ ଦ୍ୱାରା ନିଜ ଭିତରୁ ନିର୍ବାଚିତ ହୁଅନ୍ତି ।

## କେନ୍ଦ୍ରରେ ଦ୍ୱିସଦନୀୟତା

**( Bi-cameralism at the Centre )**

ଦ୍ୱିତୀୟ ସଦନ ସମ୍ପର୍କରେ ରାଷ୍ଟ୍ରନୀତି ବିଶାରଦମାନଙ୍କ ମଧ୍ୟରେ ଯଥେଷ୍ଟ ମତଭେଦ ପରିଲକ୍ଷିତ ହୁଏ । ପ୍ରତ୍ୟେକ ରାଷ୍ଟ୍ରର ଆଇନସଭା ଦ୍ୱିସଦନୀୟ ହେବା ଉଚିତ ବୋଲି ଊନବିଂଶ ଶତାବ୍ଦୀରେ ଦୃଢ଼ମତ ପ୍ରକାଶ ପାଇଥିଲା । ବର୍ତ୍ତମାନ ଦ୍ୱିତୀୟ ସଦନର ପ୍ରୟୋଜନୀୟତା ସମ୍ପର୍କରେ ଅନେକ ବିରୁଦ୍ଧମତ ପ୍ରକାଶ ପାଉଛନ୍ତି । ଭାରତ ବର୍ଷରେ ବଙ୍ଗଳା ପ୍ରଭୃତି କେତୋଟି ରାଜ୍ୟରୁ ଦ୍ୱିତୀୟ ସଦନକୁ ଉଠେଇ ଦିଆଗଲା । ଏପରିକି ଯେଉଁଠାରେ ଦ୍ୱିତୀୟ ସଦନ ଅଛି ବା ଦ୍ୱିତୀୟ ସଦନ ପ୍ରତିଷ୍ଠିତ ହୁଏ, ସେଠାରେ ମଧ୍ୟ ଏହି ସଦନର କ୍ଷମତା ସୀମାବଦ୍ଧ କରିବାର ଚେଷ୍ଟା କରାଯାଏ । ତେଣୁ ମନରେ ସ୍ୱତଃ ପ୍ରଶ୍ନ ଉଠେ ଯେ ଭାରତୀୟ ସଂସଦକୁ ଦ୍ୱିସଦନୀୟ କାହିଁକି କରାଯାଇଛି ବା କେନ୍ଦ୍ରରେ ଦ୍ୱିସଦନୀୟତାର ଉପାଦେୟତା ବା ପ୍ରୟୋଜନୀୟତା କଣ ଅଛି ? ଭାରତରେ ଦ୍ୱିସଦନୀୟତାର ସୂଚନା ୧୯୨୯ ଭାରତ ଶାସନ ଆଇନ ( Government of India Act, 1929)ରେ ଦିଆଯାଇଥିଲା । ଇଂଲଣ୍ଡ ନିଜ ସ୍ୱାର୍ଥକୁ ସଂରକ୍ଷିତ କରିବା ଉଦ୍ଦେଶ୍ୟରେ ନିମ୍ନ ସଦନର ପ୍ରତିବନ୍ଧକ ସ୍ୱରୂପରେ ଦ୍ୱିତୀୟ ସଦନର ବ୍ୟବସ୍ଥା କରିଥିଲା । ୧୯୩୫ ଭାରତ ଶାସନ ଆଇନରେ ( Government of India Act, 1935 ) ମଧ୍ୟ ଦ୍ୱିତୀୟ ସଦନକୁ ବଜାୟ ରଖାଯାଇଥିଲା ।

## ସଂଘୀୟ ଶାସନ ବ୍ୟବସ୍ଥାରେ ଦ୍ୱିସଦନୀୟତାର ତାତ୍ପର୍ଯ୍ୟ

**( Significance of Bi- cameralism in Indian Federation )**

ଭାରତୀୟ ସମ୍ବିଧାନ ରଚନା କରାଯାଉଥିବା ବେଳେ ଦ୍ୱିସଦନୀୟତା ସମସ୍ୟା ଉପରେ ବିଶେଷ ଆଲୋଚନା ହୋଇ ନଥିଲା । ତଥାପି ସରକାରଙ୍କ ପକ୍ଷ ନେଇ ଗୋପାଳ ସ୍ୱାମୀ ଆୟେଙ୍ଗାର ଏକ ବଳିଷ୍ଠ ଯୁକ୍ତି ଦର୍ଶାଇଥିଲେ । ସଂଘୀୟ ବ୍ୟବସ୍ଥାରେ ଅଙ୍ଗ ରାଜ୍ୟଗୁଡ଼ିକର ସ୍ୱାର୍ଥହାନିର ସମ୍ଭାବନା ଥାଏ । ତେଣୁ ଅଙ୍ଗ ରାଜ୍ୟଗୁଡ଼ିକର ପ୍ରତିନିଧିତ୍ୱ କରିବାପାଇଁ

ପୃଥିବୀର ପ୍ରତ୍ୟେକ ରାଷ୍ଟ୍ରସଂଘରେ ଏକ ଦ୍ୱିତୀୟ ସଦନର ପ୍ରୟୋଜନୀୟତା ରହିଛି । ଭାରତୀୟ ସମ୍ବିଧାନ ରଚନାର ପରବର୍ତ୍ତୀ ପର୍ଯ୍ୟାୟରେ ଅବଶ୍ୟ ଗୋପାଳସ୍ୱାମୀ ଆୟେଙ୍ଗାର ଦ୍ୱିସଦନୀୟତା ସପକ୍ଷରେ ଅନ୍ୟ ଦୁଇଟି ଯୁକ୍ତିର ଆଶ୍ରୟ ନେଇଥିଲେ— (୧) ନିମ୍ନ ସଦନ ମୁହୂର୍ତ୍ତର ଆବେଗଦ୍ୱାରା ବଶବର୍ତ୍ତୀ ହୋଇ ଆକସ୍ମିକ ଏବଂ ଅବିବେଚିତ ଆଇନ ପ୍ରସ୍ତୁତ କରିପାରେ । ଫଳରେ ଜାତୀୟ ସ୍ୱାର୍ଥ ବ୍ୟାହତ ହେବାର ଆଶଙ୍କା ଥାଏ । କିନ୍ତୁ ଦୁଇଟି ସଦନ ରହିଲେ ପ୍ରଥମ ସଦନରେ ପାସ୍ ହୋଇଥିବା ଗୋଟା ପ୍ରସ୍ତାବ ଉପରେ ଦ୍ୱିତୀୟ ସଦନ ପୁଙ୍ଖାନୁପୁଙ୍ଖ ଆଲୋଚନା କରେ । ଫଳରେ ପ୍ରଥମ ସଦନଦ୍ୱାରା କରାଯାଇଥିବା ଦୋଷତ୍ରୁଟି ଅନାବୃତ ହୁଏ ଏବଂ ଗୋଟା ପ୍ରସ୍ତାବକୁ ପରିମାର୍ଜିତ କରିବା ବାଟ ପରିଷ୍କାର ହୁଏ । (୨) ଦ୍ୱିତୀୟ ସଦନ ରହିଲେ ପ୍ରତ୍ୟକ୍ଷ ନିର୍ବାଚନରେ ଅନିଚ୍ଛା ପ୍ରକାଶ କରୁଥିବା ଗୁଣୀ ଜ୍ଞାନୀ, ଅଭିଜ୍ଞ ବ୍ୟକ୍ତିମାନଙ୍କୁ ଆଇନ ପ୍ରଣୟନ ସହ ସଂଯୁକ୍ତ କରିବା ସମ୍ଭବପର ହୁଏ । ପରୋକ୍ଷ ନିର୍ବାଚନ ବା ମନୋନୟନ ପ୍ରଥା ମାଧ୍ୟମରେ ସେମାନେ ଦ୍ୱିତୀୟ ସଦନରେ ସ୍ଥାନ ପାଇପାରିବେ ।

ପରବର୍ତ୍ତୀ ପର୍ଯ୍ୟାୟରେ ଦେଇଥିବା ଗୋପାଳସ୍ୱାମୀ ଆୟେଙ୍ଗାରଙ୍କ ପ୍ରଥମ ମନ୍ତବ୍ୟକୁ ଅନେକ ସମାଲୋଚକ ଖଣ୍ଡନ କରନ୍ତି । ସେମାନେ କହନ୍ତି ଯେ ମୁହୂର୍ତ୍ତର ଆବେଗରେ କୌଣସି ତ୍ରୁଟିପୂର୍ଣ୍ଣ ଆଇନ୍ ପାସ୍ ହେବାର ସମ୍ଭାବନା ନଥାଏ । କୌଣସି ଆଇନ୍ ଉଚିତ୍ ବିବେଚନା ନକରି ପାସ୍ କରାଯାଏ ନାହିଁ । ପୁଣି ଆଇନ୍ ପ୍ରଣୟନର ସିଦ୍ଧାନ୍ତ ମନ୍ତ୍ରିପରିଷଦହିଁ କରେ । ଅପର ପକ୍ଷରେ ରାଜ୍ୟସଭା ପରୋକ୍ଷ ଭାବରେ ନିର୍ବାଚିତ ସଦସ୍ୟ ଏବଂ ମନୋନୀତ ସଦସ୍ୟଙ୍କୁ ନେଇ ଗଠିତ ହୋଇଥିବା ହେତୁ ଲୋକସଭା ତୁଳନାରେ ଏହା ଅଗଣତାନ୍ତ୍ରିକ ଅଟେ । କାରଣ ଲୋକସଭା ସଦସ୍ୟମାନେ ଜନସାଧାରଣଙ୍କଦ୍ୱାରା ସାର୍ବଜନୀନ ମତଦାନ ଅଧିକାର ଭିତ୍ତିରେ ନିର୍ବାଚିତ ହୁଅନ୍ତି ।

ପୁନଶ୍ଚ ରାଜ୍ୟସଭାକୁ ଦଳୀୟ ରାଜନୀତିରେ ଅସଂଶ୍ଳିଷ୍ଟ ଏବଂ ଅଭିଜ୍ଞ ବ୍ୟକ୍ତିମାନଙ୍କ ନିର୍ବାଚନ ଉପରେ ବି ସନ୍ଦେହ ପ୍ରକାଶ କରାଯାଏ । ବିଧାନସଭା ସଦସ୍ୟମାନେ ଦଳୀୟ ଭିତ୍ତିରେ ସେମାନଙ୍କ ଦଳର ମନୋନୀତ ବ୍ୟକ୍ତିମାନଙ୍କୁ ଏକଜୁଟ ହୋଇ ଭୋଟ ଦିଅନ୍ତି । ସାଧାରଣତଃ ଯେଉଁମାନେ ସାଧାରଣ ନିର୍ବାଚନରେ ସାଫଲ୍ୟ ଅର୍ଜନ କରିବାର ଆଶା ରଖନ୍ତି ନାହିଁ ସେହି ଦଳୀୟ ବ୍ୟକ୍ତିଙ୍କର ରାଜ୍ୟସଭାକୁ ନିର୍ବାଚିତ ହେବାର ସମ୍ଭାବନା ଥାଏ । ସୁତରାଂ ନିରପେକ୍ଷ ଓ ଅଭିଜ୍ଞ ବ୍ୟକ୍ତିମାନେ ହିଁ ରାଜସଭାର ସଦସ୍ୟ ହେବେ ଏପରି ଆଶା କରାଯାଇ ନପାରେ । ମନ୍ତ୍ରିପରିଷଦର ପରାମର୍ଶ ଅନୁଯାୟୀ ରାଷ୍ଟ୍ରପତି ରାଜ୍ୟସଭାକୁ ସଦସ୍ୟ ମନୋନୀତ କରନ୍ତି । ତେଣୁ ମନୋନୀତ ସଦସ୍ୟମାନେ ବି ସଂଖ୍ୟାଗରିଷ୍ଠ ଦଳର ବ୍ୟକ୍ତିବିଶେଷ ହେବା ସ୍ୱାଭାବିକ । ସେହି କାରଣରୁ କୁହାଯାଏ ଯେ ଦ୍ୱିତୀୟ ସଦନ ହସ୍ତରେ ସାମାନ୍ୟ କ୍ଷମତା ରହିଥିଲେ ମଧ୍ୟ ସେଠାରେ ଦଳୀୟ ରାଜନୀତିର ଭୂମିକା କିଛି କମ୍ ନୁହେଁ ।

ଅଙ୍ଗରାଜ୍ୟଗୁଡ଼ିକର ସ୍ୱାର୍ଥ ସଂରକ୍ଷଣ ପାଇଁ ରାଜ୍ୟସଭାର ସୃଷ୍ଟିବୋଲି ମତବ୍ୟକ୍ତ କରାଯାଏ । ସମମର୍ଯ୍ୟାଦାର ନୀତିକୁ କାର୍ଯ୍ୟକାରୀ କରିବାକୁ ହେଲେ ଆୟତନ ଏବଂ ଜନସଂଖ୍ୟା ନିର୍ବିଶେଷରେ ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ, ସୁଇଜରଲାଣ୍ଡ ଓ ସୋଭିଏତ ଯୁକ୍ତରାଷ୍ଟ୍ର ଭଳି ସବୁ ଅଙ୍ଗରାଜ୍ୟକୁ ଦ୍ୱିତୀୟ ସଦନକୁ ସମାନ ସଂଖ୍ୟକ ପ୍ରତିନିଧି ପ୍ରେରଣକରିବା ଅଧିକାର ଦେବା କଥା । ବର୍ତ୍ତମାନ କିନ୍ତୁ ଭାରତରେ ଉଭୟ ରାଜ୍ୟସଭା ଓ ଲୋକସଭା ପାଇଁ ଜନସଂଖ୍ୟା ଭିତ୍ତିରେ ହିଁ ସଦସ୍ୟ ନିର୍ବାଚିତ ହୁଅନ୍ତି । ଫଳରେ ଜନବହୁଳ ରାଜ୍ୟଗୁଡ଼ିକର ଆସନ ସଂଖ୍ୟା ଅପେକ୍ଷାକୃତ କ୍ଷୁଦ୍ର କ୍ଷୁଦ୍ର ରାଜ୍ୟର ପ୍ରତିନିଧି ସଂଖ୍ୟା ତୁଳନାରେ ଅଧିକ ହୋଇଥାଏ । ସୁତରାଂ ଅପେକ୍ଷାକୃତ କ୍ଷୁଦ୍ର ରାଜ୍ୟଗୁଡ଼ିକର ସ୍ୱାର୍ଥକୁ ବୃହତ୍ ରାଜ୍ୟମାନଙ୍କ ହସ୍ତକ୍ଷେପରୁ ସଂରକ୍ଷିତ କରିବାର ବ୍ୟବସ୍ଥା ଭାରତୀୟ ସମ୍ବିଧାନରେ ନାହିଁ । ଏପରି କ୍ଷେତ୍ରରେ ସଂଘୀୟ ଶାସନ ବ୍ୟବସ୍ଥାରେ ଦ୍ୱିତୀୟ ସଦନର ଯେଉଁ ଭୂମିକା ରହିବା ପ୍ରୟୋଜନ ତାହା ରାଜ୍ୟସଭାର ନାହିଁ ।

ସମ୍ବିଧାନର ୨୪୯ ଅନୁଚ୍ଛେଦ ଅନୁସାରେ, ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟତାଲିକା ଅନ୍ତର୍ଭୁକ୍ତ କୌଣସି ବିଷୟ ଉପରେ ସଂସଦ ପକ୍ଷରେ ଆଇନ ପ୍ରଣୟନ କରିବା ପ୍ରୟୋଜନ ବା ସମୀଚୀନ ବୋଲି ଉପଲବ୍ଧି କରି ରାଜ୍ୟସଭା ଦୁଇତୃତୀୟାଂଶ ଭୋଟରେ ଏପରି ପ୍ରସ୍ତାବ ପାସ୍ କରିପାରେ । ଅର୍ଥାତ୍ ରାଜ୍ୟସଭା ଦୁଇତୃତୀୟାଂଶ ଭୋଟରେ କ୍ଷମତା ବଣ୍ଟନ ବ୍ୟବସ୍ଥା ପରିବର୍ତ୍ତନ କରିବାକୁ ସମର୍ଥ । ଅଙ୍ଗରାଜ୍ୟଗୁଡ଼ିକର ସମପ୍ରତିନିଧିତ୍ୱର ଅଧିକାର ନଥିବା ହେତୁ ବୃହତ୍ ରାଜ୍ୟଗୁଡ଼ିକ କ୍ଷୁଦ୍ର ରାଜ୍ୟଗୁଡ଼ିକର ଇଚ୍ଛା ବିରୁଦ୍ଧରେ ସଂଘୀୟ ଶାସନ ବ୍ୟବସ୍ଥାକୁ ପରିବର୍ତ୍ତନ କରିପାରନ୍ତି ।

## ଉପସଂହାର

ସଂସଦର ଦ୍ୱିତୀୟ ସଦନର ସାର୍ଥକତା ସଂପର୍କରେ ଯଥେଷ୍ଟ ମତଭେଦ ରହିଛି, ଏଥିରେ ସନ୍ଦେହ ନାହିଁ । ରାଜ୍ୟସଭାର କର୍ମସଚିବ ଏସ୍. ଏନ୍. ମୁଖାର୍ଜୀ, କେ. ସାନ୍ତାରାମ ପ୍ରଭୃତି କେତେକ ବ୍ୟକ୍ତି ରାଜ୍ୟସଭାର ଗୁଣଗାନ କରିଛନ୍ତି । ଇଂରେଜ ଲେଖକ ମରିସ୍ ଜୋନ୍ସ (Morris Jones)ଙ୍କ ମତରେ ରାଜ୍ୟସଭା ଥିବାରୁ ପ୍ରୟୋଜନୀୟ ସମସ୍ୟା ସଂପର୍କରେ ବିତର୍କର ଅଧିକ ସୁଯୋଗ ମିଳିଥାଏ ଏବଂ ଆଇନସଂକ୍ରାନ୍ତ କାର୍ଯ୍ୟରେ ସମୟ କିଛି ପରିମାଣରେ ଲାଘବ କରାଯାଏ । ତେବେ ସେ ଏହାମଧ୍ୟ ମନ୍ତବ୍ୟ କରିଛନ୍ତି ଯେ ଉଚ୍ଚ କକ୍ଷ ହିସାବରେ ରାଜ୍ୟସଭାର ସଦସ୍ୟମାନଙ୍କର ବା ସେମାନଙ୍କ କାର୍ଯ୍ୟରେ କୌଣସି ବୈଶିଷ୍ଟ୍ୟ ପରିଲକ୍ଷିତ ହୁଏନାହିଁ । ବସ୍ତୁତଃ ଗତ କେତେବର୍ଷ ଧରି ରାଜ୍ୟସଭା କୌଣସି ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିବାକୁ ସମର୍ଥ ହୋଇନାହିଁ । ଅବଶ୍ୟ କେତେକ ଚିଠାପ୍ରସ୍ତାବ ଉତ୍ଥାପନ କରିଛି ଓ କେତେକ ଚିଠାପ୍ରସ୍ତାବ ଉପରେ ସଂଶୋଧନର ସୁପାରିଶ କରିଛି । କିନ୍ତୁ ଏହି ସାମାନ୍ୟ କାର୍ଯ୍ୟପାଇଁ ଜନସାଧାରଣଙ୍କ ଅର୍ଥବ୍ୟୟ କରି ଦ୍ୱିତୀୟସଦନ ରଖିବାର ଯୁକ୍ତି ଅଛି

କି ନାହିଁ ସେ ସମ୍ପର୍କରେ ଘୋର ସନ୍ଦେହ ଉପୁଜେ । ବିତର୍କ ବ୍ୟାପାରରେ ମଧ୍ୟ ରାଜ୍ୟସଭାର ବିଶେଷ ଭୂମିକା ଅଛି ବୋଲି ମନେହୁଏ ନାହିଁ । କାରଣ ଅଧିକାଂଶ ସମୟରେ ଲୋକସଭାର ଯୁକ୍ତିକୁ ରାଜ୍ୟସଭା ପୁନରାବୃତ୍ତି କରିବା ହିଁ ଲକ୍ଷ୍ୟ କରାଯାଏ । ପୁଣି ଉଭୟ ସଦନରେ ଗୋଟିଏ ରାଜନୈତିକ ଦଳର ଦୁଇ-ତୃତୀୟାଂଶରୁ ଅଧିକ ସଦସ୍ୟ ରହିଥିବା ଅବସ୍ଥାରେ ଉଭୟ ଗୃହର ବିତର୍କରେ ପାର୍ଥକ୍ୟ ପରିଲକ୍ଷିତ ନହେବା ନିତାନ୍ତ ସ୍ୱାଭାବିକ କଥା । ଏହି ଅବସ୍ଥାରେ ଦ୍ୱିତୀୟ ସଦନର ବିଲୋପ ବା ସଂଶୋଧନ ହେବା ଉଚିତ ବୋଲି ମନେହୁଏ ।

## ସଂସଦ ଏବଂ ସଂସଦ ସଦସ୍ୟମାନଙ୍କର ସ୍ୱାଧିକାର ଓ ଅବ୍ୟାହତି

## (Privileges and Immunities of Parliament and its Members)

ସଂସଦକୁ ଅବ୍ୟାହତ ଭାବେ ନିଜ କାର୍ଯ୍ୟ ସଂପାଦନରେ ସୁଯୋଗ ଦେବାପାଇଁ ତାର ସଦସ୍ୟମାନଙ୍କୁ କେତେଗୋଟି ସୁବିଧା ସୁଯୋଗ ଦିଆଯାଇଛି । ସଂସଦ ଅଭ୍ୟନ୍ତରରେ ସଦସ୍ୟମାନଙ୍କ ବାକ୍ ସ୍ୱାଧୀନତା ରହିଛି । ସଂସଦ ବା କୌଣସି ସଂସଦୀୟ ସମିତିରେ କିଛି କହିଥିବା ଯୋଗୁଁ ବା ଭୋଟ ପ୍ରଦାନପାଇଁ କୌଣସି ସଦସ୍ୟ ଅଦାଲତରେ ଅଭିଯୁକ୍ତ ହୁଅନ୍ତି ନାହିଁ । ଅବଶ୍ୟ ଏହି ବ୍ୟାପକ ବାକ୍ ସ୍ୱାଧୀନତାର ସୁଯୋଗକୁ ଅପବ୍ୟବହାର କରି ନିଜ ଇଚ୍ଛାନୁଯାୟୀ କିଛି କୁହାଯାଇ ପାରିବନାହିଁ । ସଦସ୍ୟଙ୍କୁ ସଂଶ୍ଳିଷ୍ଟ ସଦନର ଥିବା ନିୟମ-କାନୁନ୍‌କୁ ମାନି ଚଳିବାକୁ ପଡ଼େ । ନିୟମ କାନୁନ୍ ଭଙ୍ଗ କଲେ ସଦନରୁ ବହିଷ୍କାର ଇତ୍ୟାଦି ଶାସ୍ତି ବିଧାନ କରାଯାଏ । ପୁଣି ଉଚ୍ଚ ନ୍ୟାୟାଳୟ ବା ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶଙ୍କ ଆଚରଣ ସଂପର୍କରେ ପଦଚ୍ୟୁତ ପ୍ରସ୍ତାବ ବିନା ଅନ୍ୟ କୌଣସି ପ୍ରକାରର ଆଲୋଚନା କରାଯାଏ ନାହିଁ ।

କାଗଜପତ୍ର ପ୍ରକାଶ କରିବା ସଂପର୍କରେ ମଧ୍ୟ ସଂବିଧାନ ଅଧିକାର ସଂରକ୍ଷଣ ବ୍ୟବସ୍ଥା କରିଛି । ଲୋକସଭା ବା ରାଜ୍ୟସଭାର ମାନ୍ୟବର ସଦସ୍ୟମାନେ କୌଣସି ରିପୋର୍ଟ, ପତ୍ରପତ୍ରିକା, ଭୋଟ ବା କାର୍ଯ୍ୟାବଳି ପ୍ରକାଶ ପାଇଁ ନ୍ୟାୟାଳୟରେ ଅଭିଯୁକ୍ତ ହୁଅନ୍ତି ନାହିଁ ।

ଅନ୍ୟ ଯେଉଁ ସବୁ ଅଧିକାର ଓ ସୁବିଧା ସୁଯୋଗ ସଂସଦର ଦୁଇ ସଦନ ଓ ଏହାର ସଦସ୍ୟଗଣ ଉପଭୋଗ କରିବେ ତାହା ସଂସଦ ଆଇନ୍ ଦ୍ୱାରା ସ୍ଥିର କରେ । ଯେତେବେଳଯାଏ ସଂସଦ ଏହି ସଂକ୍ରାନ୍ତରେ କୌଣସି ନୂତନ ଆଇନ ପ୍ରବର୍ତ୍ତନ ନ କରିଛନ୍ତି, ସେତେବେଳଯାଏ ସଂସଦ ଓ ଏହାର ସଦସ୍ୟଗଣ ସଂବିଧାନ ପ୍ରଣୟନ ବେଳକୁ ଇଂଲଣ୍ଡର କମନସ୍ ସଭା ଓ କମନସ୍ ସଭାର ସଦସ୍ୟଗଣ ବା ସମିତି ଯେଉଁସବୁ ଅଧିକାର ଭୋଗ କରୁଥିଲେ ସେହି ଅଧିକାରଗୁଡ଼ିକୁ ଭୋଗ କରିବେ । ବର୍ତ୍ତମାନଯାଏ ଭାରତରେ ସଂସଦ କିମ୍ବା ରାଜ୍ୟ ବିଧାନମଣ୍ଡଳଗୁଡ଼ିକ ସେମାନଙ୍କର ଅଧିକାର ସଂପର୍କରେ କୌଣସି ଆଇନ ପ୍ରବର୍ତ୍ତନ

କରାନାହାନ୍ତି । ସୁତରାଂ ବର୍ତ୍ତମାନସୁଦ୍ଧା କେନ୍ଦ୍ର ସଂସଦ, ରାଜ୍ୟ ବିଧାନମଣ୍ଡଳ, ସେମାନଙ୍କ ସଦସ୍ୟ ଓ ସମିତିସମୂହ ବ୍ରିଟେନର କମନ୍ସ ସଭା ଏବଂ ତାହାର ସଦସ୍ୟ ଓ ସମିତି ସମୂହର ଅନୁରୂପ ଅଧିକାର ଭୋଗ କରନ୍ତି । ସେଥିରୁ କେତେଗୋଟି ଅଧିକାର ନିମ୍ନରେ ବର୍ଣ୍ଣନା କରାଯାଉଛି—

(କ) ଗିରଫଦାର ନ ହେବାର ସ୍ୱାଧୀନତା : (Freedom from arrest)

ସଂସଦର ଅଧିବେଶନ ଚାଲିଥିବା ଅବସ୍ଥାରେ ଏହାର କୌଣସି ସଦସ୍ୟଙ୍କୁ ଅଟକ ରଖାଯାଏନାହିଁ । ଅଧିବେଶନ ଆରମ୍ଭ ହେବାର ୪୦ ଦିନ ପୂର୍ବ ଏବଂ ୪୦ ଦିନ ପର ସମସ୍ତ ପର୍ଯ୍ୟନ୍ତ ଏହି ଅବ୍ୟାହତି ଦିଆଯାଏ । ଏହି ଅବ୍ୟାହତି ଫୌଜଦାରୀ ଅଭିଯୋଗ ଅଥବା ନିବର୍ତ୍ତନମୂଳକ ଅଟକ (Preventive Detention) ବେଳେ ପ୍ରଯୁଜ୍ୟ ନୁହେଁ । କୌଣସି ସଦସ୍ୟଙ୍କୁ ଜେଲ୍‌ରେ ନିକ୍ଷେପ କରାଗଲେ ବା ଅଟକ ରଖାଗଲେ ଏହି ସଂବାଦ ସଂସଦଙ୍କୁ ଅବିଳମ୍ବେ ପଠେଇ ଦିଆଯାଏ । ଏହା ବ୍ୟତୀତ ସଂସଦର ଅଧିବେଶନ ଚାଲିଥିବାବେଳେ ଜୁରୀ (Jury) ହେବାରୁ ଅବ୍ୟାହତି ପାଇବାର ଅଧିକାର ସଦସ୍ୟମାନଙ୍କର ଅଛି । ସଂସଦ ଅଧିବେଶନର ସ୍ଥିତାବସ୍ଥାରେ ତାହାର ଅନୁମତି ବ୍ୟତୀତ କୌଣସି ସଦସ୍ୟଙ୍କୁ ନ୍ୟାୟାଳୟରେ ସାକ୍ଷ୍ୟ ଦେବାପାଇଁ ଡକାଯାଏ ନାହିଁ ।

(ଖ) ସଦସ୍ୟ ଭିନ୍ନ ବ୍ୟକ୍ତିମାନଙ୍କର ସଂସଦ କକ୍ଷରେ ଉପସ୍ଥିତି ନିଷିଦ୍ଧ କରିବାର ଅଧିକାର : ( Right to exclude strangers )

ଉଭୟ କକ୍ଷରେ ବିତର୍କ ଓ ଆଲୋଚନାର ଗୋପନୀୟତା ରକ୍ଷା ନିମନ୍ତେ ସଦସ୍ୟମାନଙ୍କ ବ୍ୟତୀତ ଅନ୍ୟାନ୍ୟ ବ୍ୟକ୍ତିଙ୍କର ଉପସ୍ଥିତି ନିଷିଦ୍ଧ କରିବାକୁ ସଂସଦ ସମର୍ଥ । ସାଧାରଣତଃ ଯୁଦ୍ଧ ଇତ୍ୟାଦି ସଂକଟାବସ୍ଥାରେ ଏହି ଅଧିକାର ପ୍ରୟୋଗ କରାଯାଏ । ଅନେକ ସମୟରେ ଶୃଙ୍ଖଳା ରକ୍ଷା ନିମନ୍ତେ ସଂଶ୍ଳିଷ୍ଟ କକ୍ଷର ସଦସ୍ୟମାନଙ୍କ ବ୍ୟତୀତ ଅନ୍ୟମାନଙ୍କୁ କକ୍ଷ ତ୍ୟାଗ କରିବାକୁ ଆଦେଶ ଦିଆଯାଇପାରେ ।

(ଗ) ଆଭ୍ୟନ୍ତରୀଣ କାର୍ଯ୍ୟପଦ୍ଧତି ନିୟନ୍ତ୍ରଣ କରିବାର ଅଧିକାର : ( Right to control Internal Proceedings )

ବ୍ରିଟିଶ କମନ୍ସ ସଭା ତାହାର କାର୍ଯ୍ୟପଦ୍ଧତି ନିୟନ୍ତ୍ରିତ ଓ ପରିଚାଳିତ କରିବାର ଅଧିକାର ଭୋଗ କରେ । କମନ୍ସ ସଭାରେ ଯାହାକିଛି କୁହାଯାଏ ବା କରାଯାଏ ତା' ଉପରେ ଅଦାଲତର ହସ୍ତକ୍ଷେପ କରିବାର କୌଣସି ଅଧିକାର ନାହିଁ । ତେବେ ସଂସଦ ମଧ୍ୟରେ ହତ୍ୟାପରି ଗୁରୁତର ଅପରାଧ କଲେ କେହି ଅଦାଲତର ଶାସ୍ତିବିଧାନରୁ ବାଦ୍‌ଯାଇ ପାରିବେ ନାହିଁ ।

(ଘ) ଅବମାନନା ପାଇଁ ଦଣ୍ଡବିଧାନର ଅଧିକାର : ( Right to Commit Contempt )

ବ୍ରିଟେନ୍‌ର କମନସ୍ ସଭାପରି ଭାରତୀୟ ବିଧାନମଣ୍ଡଳଗୁଡ଼ିକ ନିଜ ନିଜର ଅଧିକାରମାନଙ୍କୁ ସୁରକ୍ଷା କରିବାପାଇଁ, କାର୍ଯ୍ୟଧାରା ନିୟନ୍ତ୍ରଣ କରିବାପାଇଁ ଏବଂ ଶୃଙ୍ଖଳା ବଜାୟ ରଖିବା ପାଇଁ ସଂପୃକ୍ତ ବିଧାନମଣ୍ଡଳର ଅଧିକାରର ବିରୋଧ କରୁଥିବା ବ୍ୟକ୍ତିମାନଙ୍କୁ ବାଚସ୍ପତିଙ୍କ ମାଧ୍ୟମରେ ଦଣ୍ଡ ଦେଇଥାନ୍ତି । ଅଦାଲତ ଅବମାନନା ( Contempt of Court ) ଯେପରି ଦଣ୍ଡନୀୟ, ସଂସଦର ସ୍ୱାଧିକାର ଭଙ୍ଗ ମଧ୍ୟ ସେହିପରି ଦଣ୍ଡନୀୟ ଅଟେ ।

ବ୍ରିଟିଶ କମନସ୍ ସଭାପରି ଭାରତୀୟ ସଂସଦ ଓ ରାଜ୍ୟ ବିଧାନମଣ୍ଡଳର ଯେ କୌଣସି ପରିଷଦ ଏହାର ଅଧିକାର ଭଙ୍ଗକାରୀର ବିଚାର କରିବାର ଅଧିକାର ରହିଛି ଏବଂ ଏହି ସଂପର୍କରେ ପରିଷଦ ସିଦ୍ଧାନ୍ତରେ ହସ୍ତକ୍ଷେପ କରିବାର ଅଧିକାର କୌଣସି ନ୍ୟାୟାଳୟର ନାହିଁ । ପ୍ରତ୍ୟେକ ପରିଷଦ ତାର ଅଧିକାର ଭଙ୍ଗ ଓ ଅବମାନନାପାଇଁ ଶାସ୍ତିପ୍ରଦାନ କରିବାକୁ ସମର୍ଥ । ସଂସଦ ଏବଂ ରାଜ୍ୟ ବିଧାନମଣ୍ଡଳଗୁଡ଼ିକରେ ସ୍ୱାଧିକାର ସମିତି ( Privileges Committee ) ଗଠନ କରାଯାଇଛି । ସ୍ୱାଧିକାର ଭଙ୍ଗର ପ୍ରଶ୍ନ ଉଠିଲେ ଏହି ସମିତି ତାହାର ଅନୁସନ୍ଧାନ କରେ, ଅଭିଯୁକ୍ତଙ୍କ ନିର୍ଦ୍ଦୋଷତା ସେ ଦୋଷର ବିଚାର ଆଲୋଚନା କରେ ଏବଂ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ନିମିତ୍ତ ସୁପାରିଶ ପ୍ରଦାନ କରେ । ସଂସଦର କାର୍ଯ୍ୟକ୍ରମ ସମ୍ବନ୍ଧରେ କୌଣସି ବ୍ୟକ୍ତି ଅବାଞ୍ଛିତ ମତପ୍ରକାଶ କଲେ ତାହା ସ୍ୱାଧିକାର ସମିତିରେ ବିଚାର କରାଯାଏ । ୧୯୬୧ ମସିହା ଏପ୍ରିଲ ୧୫ ତାରିଖରେ ବ୍ଲିଜ୍ (Blitz) ପତ୍ରିକାରେ ଲୋକସଭାର ସଦସ୍ୟ ଆଚାର୍ଯ୍ୟ କୃପାଳନୀଙ୍କ ବକ୍ତୃତାର ତୀବ୍ର ସମାଲୋଚନା କରାଯାଇଥିଲା । ଲୋକସଭା ସଦସ୍ୟ ହିସାବରେ କୃପାଳନୀଙ୍କୁ ଅବମାନନା କରାଗଲାବୋଲି ଅଭିଯୋଗ କରାଗଲା । ସ୍ୱାଧିକାର ସମିତି ଏହାର ଅନୁସନ୍ଧାନ କରି ଉକ୍ତ ପତ୍ରିକାର ସମ୍ପାଦକ କରଞ୍ଜିଆଙ୍କୁ ଲୋକସଭାର ଅଧିକାର ଭଙ୍ଗ ଓ ଲୋକସଭାର ଅବମାନନା କରିବା ଦୋଷରେ ସାବ୍ୟସ୍ତ କରିଥିଲେ । ଏହାପରେ ବାଚସ୍ପତି କରଞ୍ଜିଆଙ୍କୁ ଲୋକସଭାରେ ଉପସ୍ଥିତ କରାଇ ତାଙ୍କର ଏଭଳି କାର୍ଯ୍ୟପାଇଁ ନିନ୍ଦା କରିଥିଲେ । ଏହି ଦୃଷ୍ଟିରୁ ବିଚାର କଲେ ସଂସଦ ହେଉଛି ନିଜ ଅଧିକାରର ରକ୍ଷକ । କିନ୍ତୁ ଭାରତୀୟ ସଂସଦ ବ୍ରିଟିଶ ସଂସଦ ଭଳି ସାର୍ବଭୌମ ନୁହେଁ । ତେଣୁ ଭାରତୀୟ ସଂସଦର ସଦସ୍ୟମାନେ ବ୍ରିଟିଶ କମନସ୍ ସଭାର ସଦସ୍ୟମାନଙ୍କ ପରି କେତେଦୂର ଅନୁରୂପ ଅଧିକାର ଉପଭୋଗ କରିପାରିବେ ତାହା ବିଚାର କରିବାର କଥା । ପୁଣି ପ୍ରଶ୍ନ ଉଠେ, ସଂସଦର ଅଧିକାର ବଜାୟ ରଖିବାକୁ ଯାଇ ସଦସ୍ୟମାନେ ସମ୍ବିଧାନଦ୍ୱାରା ସଂରକ୍ଷିତ ମୌଳିକ ଅଧିକାର ଦ୍ୱାରା ସୀମାବଦ୍ଧ ରହିବେ କି ନାହିଁ ? ଏ ବିଷୟରେ ଶର୍ମା ବନାମ୍ ଶ୍ରୀକୃଷ୍ଣ ( Sharma V. Srikrishna [ 1958 ] ) ମାମଲାଟି ଉଲ୍ଲେଖ କରାଯାଇପାରେ । ବିହାର ରାଜ୍ୟ ବିଧାନସଭାରେ ଜଣେ ସଦସ୍ୟଙ୍କ ବକ୍ତୃତାର ଏକ

ଆପତ୍ତିଜନକ ଅଂଶକୁ ବାଚସ୍ପତି ସଭାର କାର୍ଯ୍ୟବିବରଣୀରୁ ବାଦଦେବାର ନିର୍ଦ୍ଦେଶ ଦେଇଥିଲେ । ଏହା ସତ୍ତ୍ୱେ ବିହାରର ସର୍ଚ୍ଚଲାଇଟ ( Search light) ପତ୍ରିକାରେ ଏହି ସଦସ୍ୟଙ୍କର ସମୁଦାୟ ବକ୍ତୃତାଟି ପ୍ରକାଶିତ ହୋଇଥିଲା । ଫଳରେ ପତ୍ରିକାର ସଂପାଦକଙ୍କୁ ବିଧାନସଭାର ସ୍ୱାଧିକାର ଭଙ୍ଗ ଅଭିଯୋଗରେ ଅଭିଯୁକ୍ତ କରାଗଲା । ପରେ ଉକ୍ତ ବ୍ୟାପାର ଉଚ୍ଚତମ ନ୍ୟାୟାଳୟଙ୍କ ବିଚାର ନିମନ୍ତେ ଆସିଲା । ସମ୍ବିଧାନର ୧୯ ଅନୁଚ୍ଛେଦ ଅନୁସାରେ ନାଗରିକଙ୍କ ମତାମତ ପ୍ରକାଶର ସ୍ୱାଧୀନତା ସଂରକ୍ଷିତ ହୋଇଛି ଏବଂ କୌଣସି ବିଧାନମଣ୍ଡଳ ଏହି ମୌଳିକ ଅଧିକାରକୁ କ୍ଷୁଣ୍ଣ କରିପାରିବ ନାହିଁ ବୋଲି ସଂପାଦକଙ୍କ ପକ୍ଷରୁ ଯୁକ୍ତି ଦିଆଗଲା । ଏହି ମାମଲା ଉପରେ ଉଚ୍ଚତମ ନ୍ୟାୟାଳୟ ରାୟଦେଲେ ଯେ ସଂସଦ ବା ରାଜ୍ୟ ବିଧାନମଣ୍ଡଳଗୁଡ଼ିକ ନିଜର ଅଧିକାର ସ୍ଥିର କରିବାପାଇଁ ଯେଉଁ ଆଇନ ପ୍ରଣୟନ କରିବେ ତାହା ମୌଳିକ ଅଧିକାରକୁ କ୍ଷୁଣ୍ଣ କରିପାରିବ ନାହିଁ । କିନ୍ତୁ ଯେ ପର୍ଯ୍ୟନ୍ତ ଏହି ଆଇନ ପ୍ରଣୀତ ନ ହୋଇଛି, ସେ ପର୍ଯ୍ୟନ୍ତ କମନସ୍ ସଭାର ସବୁ ଅଧିକାର ଭାରତୀୟ ସଂସଦ ଏବଂ ରାଜ୍ୟ ବିଧାନମଣ୍ଡଳଗୁଡ଼ିକ ଭୋଗ କରିବାକୁ ସମର୍ଥ ହେବେ ଏବଂ ଏହିସବୁ ସ୍ୱାଧିକାର ମୌଳିକ ଅଧିକାର ଦ୍ୱାରା ସୀମାବଦ୍ଧ ହୋଇ ରହିବ ନାହିଁ ।

ସଂସଦ ଏବଂ ରାଜ୍ୟ ବିଧାନମଣ୍ଡଳମାନଙ୍କୁ କମନସ୍ ସଭାଭଳି ବ୍ୟାପକ କ୍ଷମତା ଦେବା ସମ୍ବନ୍ଧରେ ଦ୍ୱିମତ ପ୍ରକାଶ ପାଏ । ଏକ ଦିଗରେ କୁହାଯାଏ ଯେ ବିଧାନମଣ୍ଡଳଗୁଡ଼ିକର କର୍ତ୍ତବ୍ୟପାଳନ ନିମିତ୍ତ ବାକ୍-ସ୍ୱାଧୀନତା ଭଳି କେତେକ ସୁବିଧା ଦିଆଗଲେ ବିଧାନମଣ୍ଡଳ-ଗୁଡ଼ିକ ସଂପୂର୍ଣ୍ଣ ଅନିୟନ୍ତ୍ରିତ ହୋଇପଡ଼ିବେ । ଗଣତନ୍ତ୍ରରେ ଆଇନସଭାକୁ ମଧ୍ୟ ସମାଲୋଚନାର ସମ୍ମୁଖୀନ ହେବାକୁ ପଡ଼ିବ । ଅନ୍ୟଦିଗରେ କୁହାଯାଏ ଯେ ଭାରତୀୟ ସଂସଦ ଓ ରାଜ୍ୟ ବିଧାନମଣ୍ଡଳଗୁଡ଼ିକ କମନସ୍ ସଭାଭଳି ଅନୁରୂପ ଅଧିକାର ଉପଭୋଗ କରିବା ଉଚିତ । ତେଣୁ ସେମାନେ କହନ୍ତି ଯେ ଲିଖିତ ଆଇନଦ୍ୱାରା ସ୍ଥିରୀକୃତ ହେଲେ ବିଧାନମଣ୍ଡଳଗୁଡ଼ିକର ଅଧିକାର ସଂକୁଚିତ ହୋଇପଡ଼ିବ । ପୁଣି ସଂସଦ ଓ ରାଜ୍ୟ ବିଧାନମଣ୍ଡଳଗୁଡ଼ିକ ଭିନ୍ନ ଭିନ୍ନ ଆଇନ ପ୍ରଣୟନ କରିପାରନ୍ତି । ଅଷ୍ଟ୍ରେଲିଆ ବିଧାନମଣ୍ଡଳର ସଦସ୍ୟମାନେ ବି କମନସ୍ ସଭାର ସଦସ୍ୟମାନଙ୍କ ଅନୁରୂପ ଅଧିକାର ଉପଭୋଗ କରୁଛନ୍ତି । ଏହାସତ୍ତ୍ୱେ ସେଠାରେ ଆଇନଦ୍ୱାରା ଏପର୍ଯ୍ୟନ୍ତ ବିଧାନମଣ୍ଡଳର ଅଧିକାର ନିର୍ଦ୍ଧାରିତ ହୋଇନାହିଁ । ଏହା ବି ଠିକ୍ ଯେ ବିଧାନମଣ୍ଡଳଗୁଡ଼ିକର ସ୍ୱାଧିକାର ଆଇନଦ୍ୱାରା ନିର୍ଦ୍ଧାରିତ ନ ହେଲେ, ଅଧିକାର ସଂପର୍କରେ ସବୁବେଳେ ଅନିଶ୍ଚିୟତା ରହିଯାଏ । ତେଣୁ ଉପସଂହାରରେ କୁହାଯାଇପାରେ ଯେ ସଂସଦ ଓ ରାଜ୍ୟ ବିଧାନମଣ୍ଡଳଗୁଡ଼ିକର ଅଧିକାରସମୂହ ଆଇନଦ୍ୱାରା ସୁନିର୍ଦ୍ଦିଷ୍ଟ କରିବା ସମୀଚୀନ ବୋଲି ମନେହୁଏ । ଏହା ଫଳରେ ସଂସଦ ଓ ବିଧାନମଣ୍ଡଳଗୁଡ଼ିକର ମର୍ଯ୍ୟାଦା କ୍ଷୁଣ୍ଣ ହେବ ବୋଲି ଆଶଙ୍କା କରିବା ଠିକ୍ ନୁହେଁ ।

## ସଂସଦର କ୍ଷମତା ଓ କାର୍ଯ୍ୟାବଳୀ

**( Powers and Functions of the Parliament )**

ଭାରତୀୟ ସମ୍ବିଧାନ ସଂସଦୀୟ ଶାସନ ବ୍ୟବସ୍ଥା ଅବଲମ୍ବନ କରିଅଛି । ଏହିପରି ଶାସନ ବ୍ୟବସ୍ଥାରେ ବ୍ୟବସ୍ଥା ବିଭାଗ ଓ ଶାସନ ମଧ୍ୟରେ ନିବିଡ଼ ସମ୍ପର୍କ ଥାଏ । କାରଣ ଆଇନ ସଭାର ସଂଖ୍ୟାଗରିଷ୍ଠ ଦଳର ନେତା ହିଁ ମନ୍ତ୍ରିପରିଷଦ ଗଠନ କରନ୍ତି ଏବଂ ଶାସନ-ମୁଖ୍ୟ ହୁଅନ୍ତି । ତେଣୁ ମନ୍ତ୍ରିପରିଷଦ ଗଠନ କରିବାରେ ସହାୟତା କରିବା ହେଲା ସଂସଦର ଅନ୍ୟତମ କାର୍ଯ୍ୟ ।

ଆଇନ ପ୍ରଣୟନ, ପାଣ୍ଠି ନିୟନ୍ତ୍ରଣ, ଶାସନ ବିଭାଗ ନିୟନ୍ତ୍ରଣ, ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ, ନ୍ୟାୟପାଳିକା କ୍ଷମତା, ସାମ୍ବିଧାନିକ କାର୍ଯ୍ୟ, ମନୋନୟନ କାର୍ଯ୍ୟ, ଅସୁବିଧା ନିରାକରଣ କାର୍ଯ୍ୟ, ଅଭିଯୋଗ ଜ୍ଞାପନ ଓ ଏହାର ପ୍ରତିକାର ଦାବୀ ଏବଂ ବିତର୍କ ମାଧ୍ୟମରେ ଜନମତ ଗଠନ ହେଲା ସଂସଦର କେତୋଟି ପ୍ରଧାନ ପ୍ରଧାନ କାର୍ଯ୍ୟ ।

### ଆଇନ ପ୍ରଣୟନ କ୍ଷମତା

**( Law making Power )**

ସଂସଦ ଦେଶର ପ୍ରଧାନ ଆଇନ ପ୍ରଣୟନକାରୀ ସଂସ୍ଥା ଅଟେ । ସଂଘ ତାଲିକାଭୁକ୍ତ ( Union List ) ଏବଂ ମିଳିତ ତାଲିକାଭୁକ୍ତ ( Concurent List ) ସମସ୍ତ ବିଷୟ ଉପରେ ସଂସଦ ଆଇନ ପ୍ରଣୟନ କରିବାର କ୍ଷମତା ଉପଭୋଗ କରେ । ମିଳିତ ତାଲିକାର ବିଷୟଗୁଡ଼ିକ ଉପରେ ଆଇନ ପ୍ରଣୟନ କରିବା କ୍ଷମତା ରାଜ୍ୟ ବିଧାନମଣ୍ଡଳ-ଗୁଡ଼ିକର ମଧ୍ୟ ରହିଛି । କିନ୍ତୁ ରାଜ୍ୟ ଆଇନ ଓ କେନ୍ଦ୍ର ଆଇନ ମଧ୍ୟରେ ଅମେଳ ଦେଖାଗଲେ ରାଜ୍ୟ ଆଇନ ଯେତେଦୂର ପର୍ଯ୍ୟନ୍ତ ଅସାମଞ୍ଜସ୍ୟ ରହେ ସେତେଦୂର ପର୍ଯ୍ୟନ୍ତ ବାତିଲ କରି ଦିଆଯାଏ ଏବଂ କେନ୍ଦ୍ର ଆଇନ କାଏମ୍ ରହେ ।

ରାଜ୍ୟ ତାଲିକାଭୁକ୍ତ ( State List ) ବିଷୟ ସମ୍ପର୍କରେ ଆବଶ୍ୟକୀୟ ସ୍ଥଳରେ ସଂସଦ ଆଇନ କରିବାକୁ ସମର୍ଥ । ରାଷ୍ଟ୍ରପତିଙ୍କ ଦ୍ୱାରା ଘୋଷିତ ଜରୁରୀ ଅବସ୍ଥା କାର୍ଯ୍ୟକାରୀ ଥିବା ସମୟରେ ଅଥବା ଆନ୍ତର୍ଜାତିକ ଚୁକ୍ତି ଓ ସନ୍ଧି ପାଳନ କରିବାପାଇଁ ପ୍ରୟୋଜନ ହେଲେ; ପୁଣି ଜାତୀୟ ସ୍ୱାର୍ଥପାଇଁ ରାଜ୍ୟ ତାଲିକା ଅନ୍ତର୍ଭୁକ୍ତ କୌଣସି ବିଷୟରେ ସଂସଦ ଆଇନ ପ୍ରଣୟନ କରିବା ଉଚିତ ବୋଲି ରାଜ୍ୟସଭା ଦୁଇ-ତୃତୀୟାଂଶ ଭୋଟରେ ସ୍ଥିର କଲେ ରାଜ୍ୟ ତାଲିକାର ଯେ କୌଣସି ବିଷୟ ଉପରେ ସଂସଦ ଆଇନ ପ୍ରଣୟନ କରିପାରିବ । ଦୁଇ ବା ତତୋଽଧିକ ରାଜ୍ୟର ଆଇନ ସଭା ପ୍ରସ୍ତାବ ଗ୍ରହଣ କରି ସେମାନଙ୍କ ସ୍ୱାର୍ଥଜଡ଼ିତ

ରାଜ୍ୟ ତାଲିକାର କୌଣସି ବିଷୟରେ ଆଇନ ପ୍ରଣୟନ କରିବାପାଇଁ ଅନୁରୋଧ କରିପାରନ୍ତି । ତାଲିକା ବହିର୍ଭୂତ ଅବଶିଷ୍ଟ ବିଷୟ ଉପରେ ( Residuary Powers ) ଆଇନ ପ୍ରଣୟନ କରିବାର ସମସ୍ତ କ୍ଷମତା ସଂସଦ ହାତରେ ନ୍ୟସ୍ତ ଅଛି ।

ଆଇନ ପ୍ରଣୟନ ନିମିତ୍ତ ଆଗତ ହୋଇଥିବା ସାଧାରଣ ବିଧେୟକ ( Ordinary Bill ) ଗୁଡ଼ିକୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଏ, ଯଥା—ସରକାରୀ ବିଧେୟକ ( Government Bill ) ଏବଂ ବେସରକାରୀ ବିଧେୟକ ( Private Members' Blll ) । ଯେଉଁ ବିଧେୟକଗୁଡ଼ିକ ମନ୍ତ୍ରୀମାନଙ୍କ ଦ୍ୱାରା ଆଗତ କରାଯାଏ ସେଗୁଡ଼ିକୁ ସରକାରୀ ବିଧେୟକ କୁହାଯାଏ । ମନ୍ତ୍ରୀ ନଥିବା ଯେ କୌଣସି ସଦସ୍ୟଙ୍କ ଦ୍ୱାରା ଆଗତ ବିଧେୟକକୁ ବେସରକାରୀ ବିଧେୟକ କୁହାଯାଏ । ଅନ୍ୟ ଏକ ଭାବରେ ମଧ୍ୟ ବିଧେୟକଗୁଡ଼ିକୁ ଦୁଇ ଶ୍ରେଣୀରେ ବିଭକ୍ତ କରାଯାଏ—ଯଥା : ସାର୍ବଜନୀନ ବିଧେୟକ ( Public Bill ) ଏବଂ ଘରୋଇ ବିଧେୟକ ( Private Bill ) । ସର୍ବସାଧାରଣଙ୍କ ବିଷୟ ସମ୍ପର୍କୀୟ ବିଧେୟକକୁ ସାର୍ବଜନୀନ ବିଧେୟକ କୁହାଯାଏ ଓ କୌଣସି ବ୍ୟକ୍ତିଗତ ସମ୍ପର୍କୀୟ ବିଧେୟକକୁ ଘରୋଇ ବିଧେୟକ କୁହାଯାଏ । ପୁଣି ସାଧାରଣ ବିଧେୟକଠାରୁ ଅର୍ଥ ବିଧେୟକକୁ ( Money Bill ) ଭିନ୍ନ କରାଯାଏ ।

ସଂସଦର ଦୁଇ ସଦନରେ ବିଧେୟକ ଅନୁମୋଦିତ ହୋଇସାରିବା ପରେ ରାଷ୍ଟ୍ରପତିଙ୍କ ସମ୍ମତିର ପ୍ରୟୋଜନ ହୁଏ । ମୌଳିକ ସମ୍ବିଧାନ ଅନୁଯାୟୀ ସେ ବିଧେୟକକୁ ସମ୍ମତି ଦେଇପାରନ୍ତି ବା ନଦେଇ ପାରନ୍ତି । ସେ ଅର୍ଥ ବିଲ୍ ବ୍ୟତୀତ ଅନ୍ୟାନ୍ୟ ବିଲ୍‌କୁ ନିଜର ମତାମତ ସହିତ ପୁନର୍ବିଚାର ପାଇଁ ସଂସଦ ନିକଟକୁ ପଠାଇ ଦେଇପାରନ୍ତି । ଦ୍ୱିତୀୟଥର ଅନୁମୋଦିତ ହେବାପରେ ଏହି ବିଧେୟକ ପୁଣି ଯେତେବେଳେ ତାଙ୍କ ନିକଟରେ ଉପସ୍ଥାପିତ କରାଯାଏ ସେତେବେଳେ ସେ ସମ୍ମତିଜ୍ଞାପନ କରିବାକୁ ବାଧ୍ୟ ।

ପୂର୍ବରୁ ଆଲୋଚିତ ହୋଇଛି ଯେ ଆଇନ ପ୍ରଣୟନ କ୍ଷେତ୍ରରେ ମନ୍ତ୍ରିମଣ୍ଡଳ ହେଉଛି ପ୍ରକୃତ ଉଦ୍ୟୋକ୍ତା । ଆଇନ କରିବାର ସିଦ୍ଧାନ୍ତ, ଆଇନର ଖସଡ଼ା ପ୍ରଣୟନ ( Draft Bill ) ଏବଂ ସଂସଦରେ କର୍ଣ୍ଣଧାର ହିସାବରେ ବାଟ କଢ଼ାଇନେବା ଦାୟିତ୍ୱ ମନ୍ତ୍ରିମଣ୍ଡଳ ହାତରେ ରହିଛି । ତେଣୁ ଆଇନ ପ୍ରଣୟନର କ୍ଷମତା କିଛିଅଂଶରେ ଶାସନ ବିଭାଗ ହାତକୁ ସମର୍ପିତ ବା ହସ୍ତାନ୍ତରିତ ( delegate ) ହୁଏ । ସମର୍ପିତ କ୍ଷମତାର ଅପପ୍ରୟୋଗ ଯେମିତି ନ ଘଟେ ସେଥିପ୍ରତି ଦୃଷ୍ଟି ରଖିବାପାଇଁ ଅଧସ୍ତନ ଆଇନ ସଂକ୍ରାନ୍ତ ସମିତି ( Committee on Sub-ordinate Legislation ) ନାମକ ଏକ ସମିତି ରହିଛି ।

## ପାଣ୍ଠି ନିୟନ୍ତ୍ରଣ

**( Control over the Purse )**

ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସରକାରୀ ଆୟବ୍ୟୟ ଉପରେ ବିଧାନମଣ୍ଡଳର ନିୟନ୍ତ୍ରଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସଂସଦଦ୍ୱାରା ଆଇନ ଅନୁମୋଦିତ ନ ହେଲେ କୌଣସି ବ୍ୟୟ ବା କରଧାର୍ଯ୍ୟ ବା କର ସଂଗ୍ରହ କରିବା ସମ୍ଭବ ନୁହେଁ । ସଂସଦର ଏହି କ୍ଷମତା ପ୍ରକୃତ ପକ୍ଷେ ଲୋକସଭାର କ୍ଷମତା । କାରଣ ଅର୍ଥ ବିଷୟକ ସମ୍ପର୍କରେ ରାଜ୍ୟସଭା ଲୋକସଭାର ସିଦ୍ଧାନ୍ତକୁ ଅତିକ୍ରମ କରିପାରେନାହିଁ ।

କିନ୍ତୁ ସଂସଦର ନିୟନ୍ତ୍ରଣ କ୍ଷମତା ନାନା ଭାବେ ସୀମାବଦ୍ଧ ହୁଏ । ସରକାରଙ୍କ ସୁପାରିଶ ବିନା କୌଣସି ଅର୍ଥ ଦାବୀ ( Demand for Grants ) କିମ୍ବା କର ଧାର୍ଯ୍ୟର ପ୍ରସ୍ତାବ ସଂସଦରେ ଆଗତ ହୁଏନାହିଁ । ପୁଣି ଯେଉଁ ଖର୍ଚ୍ଚଗୁଡ଼ିକ ସମ୍ମିଳିତ ନିଧି ( Consolidated Fund ) ଉପରେ ସ୍ଥାୟୀ ଭାର ରୂପେ ଆଧାରିତ ତାହା ଉପରେ ଆଉ ମତଦାନ ଗ୍ରହଣ କରାଯାଏ ନାହିଁ । ଘନୀଭୂତ ନିଧି ( Consolidated Fund ) ରେ ସରକାରଙ୍କର ସବୁ ପ୍ରକାରର ଖଜଣା, ଆୟ ଏବଂ ରାଜସ୍ୱ ଆଦି ଜମା ରହେ । ସରକାରୀ ଆୟବ୍ୟୟ ସମ୍ପର୍କରେ ଲୋକସଭାର କ୍ଷମତା ହେଲା ବ୍ୟୟ ହ୍ରାସ ବା ନାମଞ୍ଜୁର କରିବା ବା କର ହ୍ରାସ ବା ବିଲୋପ କରିବା । କିନ୍ତୁ ବ୍ୟୟ ପରିମାଣ ବଢ଼ାଇବା ସଂସଦର କ୍ଷମତାର ବହିର୍ଭୂତ । ଏ କ୍ଷେତ୍ରରେ ମଧ୍ୟ ଦଳୀୟ ନିୟମାନୁବର୍ତ୍ତିତା ( Party Discipline ), ଆୟବ୍ୟୟ ଅଟକଳର ଜଟିଳତା, ସମୟର ଅଭାବ ଇତ୍ୟାଦି କାରଣପାଇଁ ଶାସନ ବିଭାଗହିଁ ପ୍ରକୃତ ନିୟନ୍ତ୍ରକ ବୋଲି ମନେହୁଏ ।

ଯଦି ଠିକ୍ ସମୟରେ ସଂସଦର ଅଧିବେଶନ ବସି ନପାରେ ବା ଜାତୀୟ ଜରୁରୀ ପରିସ୍ଥିତି ଯୋଗୁଁ ଆୟବ୍ୟୟ ଅଟକଳ ପ୍ରସ୍ତୁତ ହୋଇ ନପାରେ ତେବେ ରାଷ୍ଟ୍ରପତି ସେହି ପରିସ୍ଥିତିରେ କେତେକ ବିଶେଷ ବ୍ୟବସ୍ଥା କରିପାରିବେ । ରାଷ୍ଟ୍ରପତିଙ୍କ ମାର୍ଫତରେ ଏକ ଜରୁରୀ ପାଣ୍ଠି ( Contingency Fund ) ଥାଏ । ଠିକ୍ ସମୟରେ ବଜେଟ୍ ଗୃହୀତ ନ ହୋଇପାରିଲେ ଏହି ପାଣ୍ଠିରୁ ଅର୍ଥନେଇ ଶାସନ କାର୍ଯ୍ୟ ଚଳାଯାଇଥାଏ । ପରେ ବଜେଟ୍ ଆଗତ କରି ସଂସଦରେ ଗୃହୀତ ହେଲାପରେ ନିଆଯାଇଥିବା ଅର୍ଥ ଜରୁରୀ ପାଣ୍ଠିକୁ ଫେରାଇ ଦିଆଯାଏ । ଏହା ଆକସ୍ମିକ ଅର୍ଥ ବ୍ୟବସ୍ଥା ଲାଗି ଉଦ୍ଦିଷ୍ଟ ।

ତଥାପି ସଂସଦ ସରକାରୀ ଆୟବ୍ୟୟକୁ କିଂଚିତ ନିୟନ୍ତ୍ରଣ କରେ । ସଂସଦ କାଟ ପ୍ରସ୍ତାବ ( Cut Motion ) ମାଧ୍ୟମରେ ବ୍ୟୟ ହ୍ରାସପାଇଁ ପ୍ରସ୍ତାବ ଆଣିପାରେ । ସଂସଦର ଦୁଇଟି ସମିତି ଅଛି—ଅଟକଳ ସମିତି ( Estimates Committee ) ଏବଂ ସାଧାରଣ ହିସାବ ସମୀକ୍ଷା ସମିତି (Public Accounts Committee ) ।

ମନ୍ତ୍ରୀମାନେ ଏହି ସମିତି ଦ୍ୱୟର ସଦସ୍ୟ ହୋଇପାରିବେ ନାହିଁ । ସଂସଦର ନିର୍ଦ୍ଦେଶ ଉପେକ୍ଷା କରାଗଲେ, ଅର୍ଥ ଅପଚୟ କରାହେଲେ, ବେଆଇନ ଭାବେ ଅର୍ଥ ବ୍ୟୟ କରାଗଲେ ଏବଂ ବ୍ୟୟକୁ ସଂକ୍ଷିପ୍ତ କରାନଗଲେ ସମିତିଦ୍ୱୟ ଲୋକସଭାର ଦୃଷ୍ଟି ଆକର୍ଷଣ କରନ୍ତି ଏବଂ କି ଉପାୟରେ ଆୟବ୍ୟୟ ସଂକ୍ରାନ୍ତୀୟ ବିଷୟ ପରିଚାଳନା କରିବାକୁ ହେବ ସେ ସମ୍ବନ୍ଧରେ ଲୋକସଭା ତରଫରୁ ଶାସନ ବିଭାଗକୁ ନିର୍ଦ୍ଦେଶ ଦିଅନ୍ତି । ଅଟକଳ କରାଯାଇଥିବା ଅର୍ଥବ୍ୟୟ କରାଗଲାପରେ ସାଧାରଣ ହିସାବ ସମୀକ୍ଷା ସମିତି ବ୍ୟୟିତ ଅର୍ଥର ଯଥାର୍ଥତା ପରୀକ୍ଷାକରି ଦେଖେ । ପୁଣି ବାର୍ଷିକ ଆୟବ୍ୟୟ ଅଟକଳ ଲୋକସଭାରେ ଆଗତ ହେବା ପୂର୍ବରୁ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭକରିବାକୁ ହୁଏ ।

### ଶାସନ ବିଭାଗ ନିୟନ୍ତ୍ରଣ
**( Control Over the Executive )**

ସରକାରକୁ ନିୟନ୍ତ୍ରଣ କରିବା ସଂସଦର ଅନ୍ୟତମ ମୁଖ୍ୟ କାର୍ଯ୍ୟ । ସଂବିଧାନ ଅନୁସାରେ ମନ୍ତ୍ରିପରିଷଦ ଲୋକସଭା ନିକଟରେ ମିଳିତ ଭାବରେ ଦାୟୀ ହୁଅନ୍ତି । ଶାସନ ସମ୍ବନ୍ଧରେ ଯେ କୌଣସି ପ୍ରଶ୍ନ ବା ଅନୁପୂରକ ପ୍ରଶ୍ନ ଉଠାଗଲେ ସଂପୃକ୍ତ ମନ୍ତ୍ରୀମାନେ ଉତ୍ତର ଦେବାପାଇଁ ବାଧ୍ୟ । ପ୍ରଶ୍ନୋତ୍ତର ମାଧ୍ୟମରେ ସରକାରଙ୍କ ନୀତିର ସମାଲୋଚନା ବା ସମର୍ଥନ କରାଯାଏ ଏବଂ ଆବଶ୍ୟକ ହେଲେ ନିର୍ଦ୍ଦିଷ୍ଟ ବିଷୟ ସମ୍ବନ୍ଧରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଏ । ସଂସଦର ମିଳିତ ଅଧିବେଶନ ପ୍ରାରମ୍ଭରେ ରାଷ୍ଟ୍ରପତି ଯେଉଁ ଅଭିଭାଷଣ ଦିଅନ୍ତି ସେଥିରେ କେବଳ ସରକାରଙ୍କ ଭବିଷ୍ୟତ କାର୍ଯ୍ୟସୂଚୀର ସୂଚନା ଦିଆଯାଇଥାଏ । ତେଣୁ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଦିଆଯିବା ପ୍ରସ୍ତାବ ଅନୁମୋଦିତ ହେବାପୂର୍ବରୁ ଯେଉଁ ବିତର୍କ ଚାଲେ ସେଥିରେ ସଂସଦର ସଦସ୍ୟମାନେ ସରକାରଙ୍କ ନୀତିକୁ ସମାଲୋଚନା କରିବାର ସୁଯୋଗ ପାଇଥାନ୍ତି ।

ଲୋକସଭାରେ ଅନାସ୍ଥା ପ୍ରସ୍ତାବ ( No Confidence Motion ) ଗୃହୀତ ହେଲେ ବା କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟରେ ମନ୍ତ୍ରିପରିଷଦର ପରାଜୟ ଘଟିଲେ ମନ୍ତ୍ରିପରିଷଦ କ୍ଷମତାଚ୍ୟୁତ ହୁଏ । କିନ୍ତୁ ବର୍ତ୍ତମାନ ଦୃଢ଼ ଦଳୀୟ ସଂଗଠନ ଏବଂ ଦଳୀୟ ନିୟମାନୁବର୍ତ୍ତିତା ଯୋଗୁଁ ଲୋକସଭାରେ ମନ୍ତ୍ରିପରିଷଦର ପରାଜୟର ସମ୍ଭାବନା ଖୁବ୍ କମ୍ । ତେବେ ସଂସଦ ବିତର୍କ ଏବଂ ସମାଲୋଚନା ମାଧ୍ୟମରେ ମନ୍ତ୍ରିପରିଷଦକୁ ସଂଯତ ରଖିବାକୁ ସମର୍ଥ । ପ୍ରଶ୍ନୋତ୍ତର ଏବଂ ରାଷ୍ଟ୍ରପତିଙ୍କ ଉଦ୍‌ବୋଧନୀ ବକ୍ତୃତା ଉପରେ ବିତର୍କକୁ ବାଦ୍ ଦେଲେ, ମୁଲତବୀ ପ୍ରସ୍ତାବ, ଅନାସ୍ଥାସୂଚକ ପ୍ରସ୍ତାବ, ନିନ୍ଦାସୂଚକ ପ୍ରସ୍ତାବ, ଆୟବ୍ୟୟ ଅଟକଳ ଆଲୋଚନା ଇତ୍ୟାଦି ସାହାଯ୍ୟରେ ସଂସଦ ଅଭିଯୋଗଗୁଡ଼ିକ ଓ ସରକାରଙ୍କ ସମାଲୋଚନା କରେ । କୌଣସି ଜରୁରୀ ଓ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନାର ପ୍ରୟୋଜନ ହେଲେ ଯେ କୌଣସି ସଦସ୍ୟ ମୁଲତବୀ ପ୍ରସ୍ତାବ ( Adjournment Motion ) ଆଣି

ପାରନ୍ତି । ମୂଳତଃ ପ୍ରସ୍ତାବ ସଂପର୍କରେ ଲୋକସଭାକୁ ସତର୍କ ରହିବାକୁ ପଡ଼େ କାରଣ ଏହା ଗୃହୀତ ହେଲେ ଲୋକସଭା ସରକାରଙ୍କ ଉପରୁ ଆସ୍ଥା ହରାଇଛି ବୋଲି ଜଣାପଡ଼େ । ବିଷୟଟି ଜରୁରୀ ନ ହେଲେ ସଂକ୍ଷିପ୍ତ ଆଲୋଚନାପାଇଁ ସଭାର ଦୃଷ୍ଟି ଆକର୍ଷଣ ( Call Attention ) କରାଯାଇପାରେ । ୧୫ ଦିନର ନୋଟିସ୍ ଦେଇ ଜନସାଧାରଣଙ୍କ ସ୍ୱାର୍ଥ ସମ୍ପର୍କିତ ଯେ କୌଣସି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ପ୍ରସ୍ତାବ ଆଣିବାର ଅଧିକାର ସଂସଦର ପ୍ରତ୍ୟେକ ସଦସ୍ୟଙ୍କ ନିକଟରେ ରହିଛି । ଏପରି ପ୍ରସ୍ତାବ ଅନୁମୋଦିତ ହେଲେ ତାହାକୁ କାର୍ଯ୍ୟକାରୀ କରିବାପାଇଁ ବାଚସ୍ପତି ସଂପୃକ୍ତ ମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରନ୍ତି । ସରକାରଙ୍କ ଆୟବ୍ୟୟ ଅଟକଳ ଉପସ୍ଥାପିତ କଲାବେଳେ ମଧ୍ୟ ସଂସଦ, ବିଶେଷ କରି ଲୋକସଭାର ସଦସ୍ୟମାନେ ସରକାରଙ୍କ ଅର୍ଥନୀତିକୁ ସମାଲୋଚନା କରିବାର ସୁଯୋଗ ପାଆନ୍ତି ।

ସରକାରୀ ପ୍ରତିଶ୍ରୁତି ସମିତି ( Committee on Government Assurances )ଦ୍ୱାରା ମଧ୍ୟ ସରକାରଙ୍କୁ ନିୟନ୍ତ୍ରିତ କରାଯାଏ । ମନ୍ତ୍ରୀମାନେ ଲୋକସଭାରେ ଯେଉଁ ପ୍ରତିଶ୍ରୁତି ଦିଅନ୍ତି, ସେସବୁ ଏହି ସମିତି ପରୀକ୍ଷା କରି ଦେଖେ ଏବଂ କେତେଦୂର ସେସବୁ କାର୍ଯ୍ୟକାରୀ ହୋଇଛି ଏବଂ କାର୍ଯ୍ୟକାରୀ ହୋଇଥିଲେ ଠିକ୍ ସମୟରେ ହୋଇଛି କି ନାହିଁ ସେ ସମ୍ପର୍କରେ ଲୋକସଭା ନିକଟରେ ବିବରଣୀ ପ୍ରଦାନ କରେ । ଶାସନ ବିଭାଗକୁ ନିୟନ୍ତ୍ରଣ କାର୍ଯ୍ୟରେ ଅଧସ୍ତନ ବା ଅର୍ପିତ ଆଇନସଂକ୍ରାନ୍ତ ସମିତି ( Committee on Sub-ordinate Legislation ) ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସଂସଦ ଶାସନ ବିଭାଗ ହାତରେ ଯେଉଁ ଅଧସ୍ତନ ଆଇନ ପ୍ରଣୟନ କରିବା କ୍ଷମତା ଅର୍ପଣ କରେ ତାହାର ଯେପରି ଅପବ୍ୟବହାର ନହୁଏ, ସେଥିପ୍ରତି ଦୃଷ୍ଟିଦେବା ଏହି ସମିତିର କର୍ତ୍ତବ୍ୟ ।

ମନ୍ତ୍ରିପରିଷଦକୁ ଏହି ସମସ୍ତ ବିଷୟପ୍ରତି ସତର୍କ ରହି ସଂଯତ ହୋଇ ଚଳିବାକୁ ପଡ଼େ, କାରଣ ନିର୍ବାଚକଙ୍କ ନିକଟରେ ଦଳର ଲୋକପ୍ରିୟତା ହ୍ରାସ ପାଇଲେ ପରିଶେଷରେ ନିର୍ବାଚନରେ ପରାଜୟର ସମ୍ଭାବନା ଦେଖାଦେଇପାରେ ।

## ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ

**( Electoral Functions )**

ସମ୍ବିଧାନର ୫୪ ଏବଂ ୬୬ ଅନୁଚ୍ଛେଦ ଅନୁଯାୟୀ ସଂସଦ କେତେକ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟ ସଂପାଦନ କରିଥାଏ । ଭାରତର ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିବାପାଇଁ କୌଣସି ସ୍ୱତନ୍ତ୍ର ନିର୍ବାଚକ ମଣ୍ଡଳୀ ( Electoral College ) ଗଠନ କରାଯାଏ ନାହିଁ । ସଂସଦର ଉଭୟ ସଦନର ନିର୍ବାଚିତ ସଦସ୍ୟ ମିଳିତ ଭାବରେ ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କ ନିର୍ବାଚନରେ ଭାଗ ନିଅନ୍ତି । ଅବଶ୍ୟ ରାଷ୍ଟ୍ରପତି ନିର୍ବାଚନରେ ରାଜ୍ୟ-ବିଧାନ ସଭାର ସଦସ୍ୟମାନେ ବି ଅଂଶଗ୍ରହଣ କରନ୍ତି । ଲୋକସଭାର ସଦସ୍ୟମାନେ ସଭାଅଧ୍ୟକ୍ଷ ଭାବେ କାର୍ଯ୍ୟ ତୁଲାଇବା ପାଇଁ ବାଚସ୍ପତି ଏବଂ ବାଚସ୍ପତିଙ୍କ ଅନୁପସ୍ଥିତିରେ କାର୍ଯ୍ୟ

ତୁଲାଇବାପାଇଁ ଉପ-ବାଚସ୍ପତିଙ୍କୁ ନିର୍ବାଚିତ କରନ୍ତି । ସେହିପରି ରାଜ୍ୟସଭାର ସଦସ୍ୟମାନେ ଜଣେ ଉପାଧ୍ୟକ୍ଷଙ୍କୁ ( Deputy Chairman )ଙ୍କୁ ନିର୍ବାଚିତ କରନ୍ତି । ଏହାଛଡ଼ା ପ୍ରତ୍ୟେକ ସଦନରେ ଥିବା ଏବଂ ଉଭୟ ସଦନପାଇଁ ଉଦ୍ଦିଷ୍ଟ ସମିତି ଏବଂ ଉପସମିତିର ସଭ୍ୟ ନିର୍ବାଚନରେ ସଂସଦର ସଦସ୍ୟମାନେ ଅଂଶଗ୍ରହଣ କରନ୍ତି ।

## ନ୍ୟାୟପାଳିକା କ୍ଷମତା

**( Judicial Power )**

ରାଷ୍ଟ୍ରପତି ନିର୍ବାଚିତ ହୋଇଥିବା ହେତୁ ମହାଅଭିଯୋଗ ( Impeachment ) ପ୍ରସ୍ତାବ ଆଗତ କରି ସେମାନଙ୍କୁ ବହିଷ୍କାର କରିବାର ଅଧିକାର ମଧ୍ୟ ସଂସଦର ଅଛି । ମହାଭିଯୋଗ ପ୍ରଣାଳୀ ସମ୍ବନ୍ଧରେ ଏଥିପୂର୍ବରୁ ସବିଶେଷ ଆଲୋଚନା କରାଯାଇଛି । ଉପରାଷ୍ଟ୍ରପତିଙ୍କୁ ବହିଷ୍କାର କରିବାପାଇଁ ପ୍ରସ୍ତାବ ରାଜ୍ୟସଭାରେ ଆଗତ ହୁଏ ଏବଂ ଲୋକସଭା ଦ୍ୱାରା ଅନୁମୋଦିତ ହୁଏ । ଅସଦାଚରଣ ( Misbehaviour ) ଏବଂ ଅସାମର୍ଥ୍ୟ ଅଭିଯୋଗରେ ଉଚ୍ଚତମ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଗୁଡ଼ିକର ନ୍ୟାୟାଧୀଶଙ୍କୁ ବହିଷ୍କାର କରିବାପାଇଁ ପ୍ରସ୍ତାବ ସଂସଦର ଉଭୟ ସଦନରେ ଗୃହୀତ ହେବାପରେ ରାଷ୍ଟ୍ରପତି ଆନୁଷ୍ଠାନିକ ଭାବେ ବହିଷ୍କାର କରନ୍ତି । ଲୋକସଭାର ବାଚସ୍ପତି, ଉପବାଚସ୍ପତି ଏବଂ ରାଜ୍ୟସଭାର ଉପାଧ୍ୟକ୍ଷଙ୍କୁ ସଂପୃକ୍ତ ସଦନର ପ୍ରସ୍ତାବ ଗ୍ରହଣଦ୍ୱାରା ପଦଚ୍ୟୁତ କରାଯାଏ ।

## ସାମ୍ବିଧାନିକ କାର୍ଯ୍ୟ

**( Constituent Functions )**

ଇଂଲଣ୍ଡରେ ଅଲିଖିତ ସମ୍ବିଧାନ ଥିବାହେତୁ ସେଠାର ସଂସଦ ଉଭୟ ବ୍ୟବସ୍ଥାପକ ସଭା ଓ ସମ୍ବିଧାନ ସଭାର କାର୍ଯ୍ୟ ସଂପାଦନ କରେ । ଭାରତରେ ସଂସଦ ସମ୍ବିଧାନ ସଭାର କାର୍ଯ୍ୟ ସମ୍ପାଦନ ନକଲେ ମଧ୍ୟ ସମ୍ବିଧାନ ସଂଶୋଧନ (Amendment) କରିଥାଏ । ସଂବିଧାନର ୪, ୧୬୯, ଏବଂ ୩୬୮ ଧାରାରେ ସଂସଦ ସମ୍ବିଧାନ ସଂଶୋଧନ କରିପାରିବା ବିଷୟ ଉଲ୍ଲେଖ କରାହୋଇଛି । କିନ୍ତୁ ୩୬୮ ଧାରା ମାଧ୍ୟମରେ ସମ୍ବିଧାନ ସଂଶୋଧନ କରାଗଲେ କେତେକ କ୍ଷେତ୍ରରେ ଏହା ଅର୍ଦ୍ଧାଧିକ ରାଜ୍ୟ ବିଧାନସଭାମାନଙ୍କର ସମର୍ଥନ ଲାଭ କରିବା ଆବଶ୍ୟକ ।

ସଂସଦ ମୌଳିକ ଅଧିକାରଗୁଡ଼ିକୁ କ୍ଷୁଣ୍ଣକରି ଆଇନ ପ୍ରଣୟନ କରିପାରିବ ନାହିଁ ବୋଲି ଗୋଲକନାଥ ମାମଲାରେ ଉଚ୍ଚତମ ନ୍ୟାୟାଳୟ ରାୟ ଦେଇଥିଲେ । କିନ୍ତୁ ସମ୍ବିଧାନର ମୌଳିକ ନୀତିକୁ ଅପରିହାର୍ଯ୍ୟ ରଖି, ମୌଳିକ ଅଧିକାର ସମେତ ଏହାର ସମସ୍ତ ଭାଗକୁ ବିଧାନମଣ୍ଡଳ ସଂଶୋଧନ କରିପାରିବବୋଲି କେଶବାନନ୍ଦ ଭାରତୀ ମାମଲାରେ ଉଚ୍ଚତମ ନ୍ୟାୟାଳୟ ସିଦ୍ଧାନ୍ତ ପ୍ରକାଶ କରିଛି ।

## ମନୋନୟନ କାର୍ଯ୍ୟ
## (Selective Functions)

ରାଜନୀତିରେ ଉଚ୍ଚାଭିଳାଷ ରଖିଥିବା ବ୍ୟକ୍ତିଙ୍କ ପାଇଁ ସଂସଦ ହେଉଛି ଉପଯୁକ୍ତ କ୍ଷେତ୍ର । ସଂସଦର ସଦସ୍ୟମାନେ ନିଜର ପ୍ରତିଭା ଏବଂ ରାଜନୈତିକ ଦୃଷ୍ଟିକୋଣର ପରିପ୍ରକାଶ କରି ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରନ୍ତି । ଲୋକପ୍ରିୟତା ଅର୍ଜନ କରିବାପାଇଁ ଏହା ଏକ ସୁବିଧା ମାର୍ଗ । ତର୍କ, ବିତର୍କ, ଆଲୋଚନା ଓ ସମାଲୋଚନା, ପ୍ରଶ୍ନକରିବାର କୌଶଳ ମାଧ୍ୟମରେ ସେମାନେ ନିଜର ସୂକ୍ଷ୍ମବୁଦ୍ଧିର ପରିଚୟ ଦେଇଥାନ୍ତି । ସଂସଦ ମାଧ୍ୟମରେ ସେମାନେ ନିଜର ବ୍ୟକ୍ତିତ୍ୱ, କର୍ତ୍ତବ୍ୟନିଷ୍ଠା ଏବଂ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରିଥାନ୍ତି । ସଂସଦରେ ସେମାନଙ୍କ ସୁଦକ୍ଷ ଭୂମିକା ଲାଗି ଅନେକ ସମୟରେ ସେମାନେ ଜନସାଧାରଣଙ୍କ ଦ୍ୱାରା ପ୍ରଶଂସିତ ହୁଅନ୍ତି ଏବଂ ଆତ୍ମବିଶ୍ୱାସ ଲାଭ କରନ୍ତି । ଏହି ସବୁ ଲକ୍ଷଣ ସେମାନଙ୍କୁ ଭବିଷ୍ୟତରେ ଦକ୍ଷହେବା ଦିଗରେ ସାହାଯ୍ୟ କରେ । ପରେ ପରେ ମନ୍ତ୍ରିପରିଷଦରେ ଯୋଗ ଦେବାପାଇଁ ଯୋଗ୍ୟତା ହାସଲ କରନ୍ତି ଏବଂ ଏକ ପରିବ୍ୟାପ୍ତ ପରିସର ମଧ୍ୟରେ ନିଜର ବିଚକ୍ଷଣତା ପ୍ରଦର୍ଶନ କରିବାର ସୁଯୋଗ ପାଆନ୍ତି ।

## ଅସୁବିଧା ନିରାକରଣ କାର୍ଯ୍ୟ
## (Ventilative Functions)

ସଂସଦ ଗୋଟିଏ ସାଧାରଣ ସ୍ଥଳ (Public Forum) ଯେଉଁଠି ସର୍ବସାଧାରଣଙ୍କ ସୁବିଧା ଅସୁବିଧାସବୁ ଉପସ୍ଥାପିତ କରାଯାଏ । ସେମାନଙ୍କ ସମସ୍ୟାଗୁଡ଼ିକର ଆଲୋଚନା କରାଯାଇ ସେଗୁଡ଼ିକର ସମାଧାନ ନିମନ୍ତେ ପଥ ଖୋଜି ବାହାର କରାଯାଏ । ସଦସ୍ୟମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀର ସୁବିଧା ଅସୁବିଧା ସମ୍ବନ୍ଧ ଅବହିତଥିବା ହେତୁ ସେମାନେ ସେଥିପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରନ୍ତି । ସରକାର ଜନସାଧାରଣଙ୍କ ଆପତ୍ତି ଅଭିଯୋଗକୁ କର୍ଣ୍ଣପାତ କରି ସେଗୁଡ଼ିକର ଯଥାସମ୍ଭବ ଆଶୁ ସମାଧାନପାଇଁ ପ୍ରଚେଷ୍ଟା କରନ୍ତି ବା ପ୍ରତିଶ୍ରୁତି ଦିଅନ୍ତି ।

ପୁଣି ସଂସଦରେ ଯେଉଁମାନେ ଦର୍ଶକ ଭାବରେ ଯୋଗଦିଅନ୍ତି ସେମାନେ ସଂସଦର କାର୍ଯ୍ୟକ୍ରମଦ୍ୱାରା ପ୍ରଭାବିତ ହୁଅନ୍ତି ଏବଂ ରାଜନୈତିକ ଜ୍ଞାନବୃଦ୍ଧି ଦ୍ୱାରା ଉପକୃତ ହୁଅନ୍ତି । ସଂସଦ ଏକ ଦର୍ପଣ (mirror) ସଦୃଶ ଯେଉଁଥିରେ ଜନସାଧାରଣଙ୍କ ସୁବିଧା ଅସୁବିଧା ପ୍ରତିଫଳିତ ହୁଏ । ଏହା ଜନସାଧାରଣଙ୍କ ଆବେଗର ଏକ ଶିକ୍ଷାକେନ୍ଦ୍ର । ତେଣୁ ଲୋକଙ୍କ ଉପରେ ସଂସଦର ପ୍ରଭାବ କେବଳ ରାଜନୈତିକ ନୁହେଁ ଶିକ୍ଷାଗତ ମଧ୍ୟ । ସଂସଦର ଶୃଙ୍ଖଳିତ ତର୍କ ବିତର୍କ ସମାଜକୁ ଯଥେଷ୍ଟ ମାତ୍ରାରେ ପ୍ରଭାବିତ କରେ ।

## ଲୋକସଭା
## (House of the People)

ଲୋକସଭାର ଗଠନ, ଏହାର ସଦସ୍ୟ ପଦପାଇଁ ଯୋଗ୍ୟତା ଏବଂ ଏହାର କାର୍ଯ୍ୟକାଳ ସମ୍ବନ୍ଧରେ ପୂର୍ବରୁ ବର୍ଣ୍ଣନା କରାଯାଇଛି ।

## କାର୍ଯ୍ୟାବଳୀ

ସମ୍ବିଧାନ ଅନୁସାରେ ଲୋକସଭାର ଅଧିବେଶନ ଅନ୍ତତଃ କମ୍‌ରେ ବର୍ଷରେ ଦୁଇଥର ଆହୂତ ହେବ ଏବଂ ଦୁଇ ଅଧିବେଶନ ମଧ୍ୟରେ ବ୍ୟବଧାନ ଛଅମାସରୁ ଅଧିକ ହେବ ନାହିଁ । ଲୋକସଭାର ଗଣନ ସଂଖ୍ୟା (Quorum) ସଂସଦ ସଦସ୍ୟ ସଂଖ୍ୟାର ଏକ ଦଶମାଂଶ ଅଟେ । ଏହାର ସଭାଅଧ୍ୟକ୍ଷ ହେଉଛନ୍ତି ବାଚସ୍ପତି ଏବଂ ବାଚସ୍ପତିଙ୍କ ଅନୁପସ୍ଥିତିରେ ଉପ-ବାଚସ୍ପତି ସଭା ଅଧ୍ୟକ୍ଷଙ୍କ କାର୍ଯ୍ୟଭାର ଗ୍ରହଣ କରନ୍ତି । ଉଭୟ ବାଚସ୍ପତି ଏବଂ ଉପ-ବାଚସ୍ପତିଙ୍କ ଅନୁପସ୍ଥିତିରେ କାର୍ଯ୍ୟ ଚଳାଇବା ପାଇଁ ଏକ ଛଅଜଣିଆ ସଭାପତି ତାଲିକା (Panel of Chairmen) ପ୍ରସ୍ତୁତ କରାଯାଇଥାଏ ।

ସଂସଦର କାର୍ଯ୍ୟାବଳୀ ହେଉଛି ଉଭୟ ଲୋକସଭା ଏବଂ ରାଜ୍ୟସଭାର ମିଳିତ କାର୍ଯ୍ୟାବଳୀ । ସଂସଦର କାର୍ଯ୍ୟାବଳୀ ବର୍ଣ୍ଣନା କଲାବେଳେ ଲୋକସଭା ଏବଂ ରାଜ୍ୟସଭାର କାର୍ଯ୍ୟାବଳୀ ହିଁ ଆଲୋଚନା କରାଯାଉଛି ।

ଆଇନ ପ୍ରଣୟନ କରିବା ହେଲା ଲୋକସଭାର ପ୍ରଥମ କର୍ତ୍ତବ୍ୟ । ଏକ ସାଧାରଣ ବିଧେୟକ ସଂସଦର ଯେ କୌଣସି ସଦନରେ ଆତ୍ମପ୍ରକାଶ (Originate) କରିପାରେ । ଉକ୍ତ ବିଧେୟକ ଉଭୟ ଗୃହରେ ଅନୁମୋଦିତ ହେଲେ ହିଁ ସଂସଦଦ୍ୱାରା ଅନୁମୋଦିତ ହେଲାବୋଲି କୁହାଯାଏ । ଉଭୟ ସଦନ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଲେ ରାଷ୍ଟ୍ରପତି ଉଭୟ ସଦନର ଏକ ମିଳିତ ଅଧିବେଶନ ଆହ୍ୱାନ କରନ୍ତି । ମିଳିତ ଅଧିବେଶନରେ ଅଧିକାଂଶ ସମୟରେ ଲୋକସଭାର ଅଭିମତ ହିଁ ଗ୍ରହଣ କରାଯାଏ, କାରଣ ଏହାର ସଦସ୍ୟ ସଂଖ୍ୟା ରାଜ୍ୟସଭାର ସଦସ୍ୟ ସଂଖ୍ୟାଠାରୁ ଦୁଇଗୁଣ ଅଧିକ । ଗୋଟିଏ ଅର୍ଥ ବିଧେୟକ କେବଳ ଲୋକସଭାରେ ହିଁ ଉତ୍ପତ୍ତି (Originate) ହୁଏ । ରାଜ୍ୟସଭା ଅର୍ଥ ବିଧେୟକକୁ କେବଳ ୧୪ ଦିନପାଇଁ ଅଟକ ରଖିପାରେ । ରାଜ୍ୟସଭା ଯଦି ନିଜର ସୁପାରିଶ (recommendation) ସହିତ ଅର୍ଥ ବିଧେୟକକୁ ଲୋକସଭାକୁ ଫେରାଇ ଦିଏ, ଉକ୍ତ ସୁପାରିଶ ଗ୍ରହଣ କରିବା ନକରିବା ଲୋକସଭାର ଇଚ୍ଛା ଉପରେ ନିର୍ଭର କରେ । କୌଣସି ଅବସ୍ଥାରେ ଅର୍ଥ ବିଧେୟକ ଦ୍ୱିତୀୟ ଥର ପାଇଁ ରାଜ୍ୟସଭାକୁ ପ୍ରେରିତ ହୁଏ ନାହିଁ । ଅତଏବ ଅର୍ଥ ସଂକ୍ରାନ୍ତୀୟ ବ୍ୟବସ୍ଥାପନା ଉପରେ ଲୋକସଭାର ସିଦ୍ଧାନ୍ତ ଚୂଡ଼ାନ୍ତ ଅଟେ ।

ଦ୍ୱିତୀୟତଃ ଲୋକସଭା ଶାସନ ବିଭାଗକୁ ନିୟନ୍ତ୍ରଣ କରେ । ସଂବିଧାନ ଅନୁସାରେ ପ୍ରଧାନମନ୍ତ୍ରୀଙ୍କ ଅଧିନାୟକତ୍ୱରେ କେନ୍ଦ୍ର ମନ୍ତ୍ରିପରିଷଦ ଲୋକସଭା ନିକଟରେ ମିଳିତ ଭାବରେ ଦାୟୀ ରହନ୍ତି । ଦୃଷ୍ଟିଆକର୍ଷଣକାରୀ ପ୍ରସ୍ତାବଦ୍ୱାରା, ପ୍ରଶ୍ନୋତ୍ତରଦ୍ୱାରା, ଆଲୋଚନାଦ୍ୱାରା ମୁଲତବୀ ନୋଟିସଦ୍ୱାରା, ଦୃଷ୍ଟିଗ୍ରହଣ ନୋଟିସ୍‌ଦ୍ୱାରା, ଅର୍ଥ ବିଧେୟକ ଆଲୋଚନାଦ୍ୱାରା ଏବଂ ଅନାସ୍ଥା ପ୍ରସ୍ତାବଦ୍ୱାରା ଲୋକସଭା ମନ୍ତ୍ରିମଣ୍ଡଳକୁ ନିୟନ୍ତ୍ରଣ କରିଥାଏ । ଏହିସବୁ ବ୍ୟବସ୍ଥାଦ୍ୱାରା ସରକାରଙ୍କ ସମାଲୋଚନା କରିବାପାଇଁ ବିରୋଧି ଦଳ ଯଥେଷ୍ଟ ସୁବିଧା ପାଆନ୍ତି

ପରିଶେଷରେ ଲୋକସଭା ଅନେକଗୁଡ଼ିଏ ବିବିଧ କ୍ଷମତାର ଅଧିକାରୀ । ରାଷ୍ଟ୍ରପତି ଏବଂ ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ ଏବଂ ପଦଚ୍ୟୁତ କଲାବେଳେ ଲୋକସଭା ରାଜ୍ୟସଭା ସହିତ ସମାନ କ୍ଷମତା ଉପଭୋଗ କରେ । ଏହା ବାଚସ୍ପତି ଓ ଉପବାଚସ୍ପତିଙ୍କୁ ନିର୍ବାଚିତ କରେ ଏବଂ ସେମାନଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ପାସ୍ କରିପାରେ । ଉଚ୍ଚତମ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟମାନଙ୍କର ନ୍ୟାୟାଧୀଶମାନଙ୍କୁ, ମହାନ୍ୟାୟବାଦୀ ଏବଂ ମହାଲେଖା ପରୀକ୍ଷକଙ୍କୁ ଓ ସଂଘୀୟ ସେବା ଆୟୋଗର ସଭ୍ୟବୃନ୍ଦଙ୍କୁ ପଦଚ୍ୟୁତ କଲାବେଳେ ଲୋକସଭା ରାଜ୍ୟସଭା ସହିତ ସମାନ କ୍ଷମତା ଉପଭୋଗ କରେ । ସଦନର କୌଣସି ସଭ୍ୟ ବା ବାହାରର କୌଣସି ବ୍ୟକ୍ତି ଲୋକସଭାର ସ୍ୱାଧିକାର ଭଙ୍ଗ କଲେ ଏହା ଦଣ୍ଡାତ୍ମକ କାର୍ଯ୍ୟବିଧି ( Punitive Action ) ଗ୍ରହଣ କରିପାରେ । ସଂବିଧାନ ସଂଶୋଧନ ସଂପର୍କୀୟ ବିଧେୟକ ଉପରେ ଉଭୟ ଲୋକସଭା ଓ ରାଜ୍ୟସଭାର ସମାନ କ୍ଷମତା ଅଛି । ରାଷ୍ଟ୍ରପତିଙ୍କ ଦ୍ୱାରା ଘୋଷିତ ଜରୁରୀକାଳୀନ ପରିସ୍ଥିତିପାଇଁ ଉଭୟ ସଦନର ଅନୁମୋଦନ ଆବଶ୍ୟକ । ଜରୁରୀକାଳୀନ ପରିସ୍ଥିତିରେ ବେସାମରିକ ବ୍ୟକ୍ତିଙ୍କଦ୍ୱାରା କରାଯାଇଥିବା ଦୋଷର ବିଚାର ନିମନ୍ତେ ଉଭୟ ସଦନ ସାମରିକ ଆଇନ ନ୍ୟାୟାଳୟ ( Martial Law Court ) ଗଠନର ବ୍ୟବସ୍ଥା କରିପାରନ୍ତି । ସଂଘୀୟ ସେବା ଆୟୋଗ (U.P.S.C) ହିସାବ ରକ୍ଷକ ଓ ମହାପରୀକ୍ଷକ, ଅର୍ଥ ଆୟୋଗ ( Finance Commission ), ଭାଷା ଆୟୋଗ ( Language Commission), ତଫସିଲଭୁକ୍ତ ବର୍ଣ୍ଣ ଓ ଉପଜାତି ସଂକ୍ରାନ୍ତୀୟ ଆୟୋଗ (Commission for Scheduled caste and Tribes ) ପ୍ରଭୃତି ସ୍ୱାଧୀନ ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରଦତ୍ତ ବିବରଣୀକୁ ଆଲୋଚନା କରିବା ହେଉଛି ଉଭୟ ସଦନର କର୍ତ୍ତବ୍ୟ ।

**ବାଚସ୍ପତି**

**( Speaker )**

ବାଚସ୍ପତି ହେଉଛନ୍ତି ଲୋକସଭାର ଅଧ୍ୟକ୍ଷ । ସଦନର ଦୈନନ୍ଦିନ କାର୍ଯ୍ୟ ଚଳାଇବା ପାଇଁ ଲୋକସଭାର ସଦସ୍ୟମାନେ ନିଜ ମଧ୍ୟରୁ ଜଣଙ୍କୁ ବାଚସ୍ପତି ଏବଂ ଅନ୍ୟଜଣଙ୍କୁ ଉପବାଚସ୍ପତି ରୂପେ ନିର୍ବାଚିତ କରନ୍ତି । ସଂସଦର ପଦାଧିକାରୀଗଣଙ୍କ ମଧ୍ୟରେ ଲୋକସଭାର ବାଚସ୍ପତିଙ୍କ ପଦ ସର୍ବାପେକ୍ଷା ଗୁରୁତ୍ୱପୂର୍ଣ୍ଣ । ଲୋକସଭାର ନିୟମଶୃଙ୍ଖଳା, ଲୋକସଭାର ସଦସ୍ୟମାନଙ୍କର ସ୍ୱାଧୀନତା ଏବଂ ଲୋକସଭାର ମର୍ଯ୍ୟାଦା ଓ ସୁନାମ ଅନେକାଂଶରେ ବାଚସ୍ପତିଙ୍କ ଦକ୍ଷତା ଓ କର୍ମକୁଶଳତା ଉପରେ ନିର୍ଭର କରେ । ବ୍ରିଟିଶ କମନ୍ସ ସଭାର ବାଚସ୍ପତିଙ୍କ ପରି ଭାରତୀୟ ଲୋକସଭାର ବାଚସ୍ପତି ମଧ୍ୟ ନିରପେକ୍ଷ ଓ ସ୍ୱାଧୀନ ଭାବରେ ତାଙ୍କ କର୍ତ୍ତବ୍ୟ ପାଳନ କରିପାରନ୍ତି । ସେଥିପାଇଁ ସମ୍ବିଧାନରେ କେତେକ ବ୍ୟବସ୍ଥା ରହିଛି । ବାଚସ୍ପତି ଓ ଉପବାଚସ୍ପତିଙ୍କ ବେତନ ଓ ଭତ୍ତା ଭାରତ ସରକାରଙ୍କ ସଞ୍ଚିତ ନିଧି ଉପରେ ଧାର୍ଯ୍ୟ ଅର୍ଥାତ୍ ଏହା ଲୋକସଭାର ଅନୁମୋଦନ ପାଇଁ ଉପସ୍ଥାପିତ କରାଯାଏ ନାହିଁ । ଏମାନଙ୍କୁ ପଦଚ୍ୟୁତ କରିବାକୁ ହେଲେ ଲୋକସଭାର ସଦସ୍ୟମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଦ୍ୱାରା ଏହି ପ୍ରସ୍ତାବ ଗୃହୀତ ହେବା ପ୍ରୟୋଜନ । ଏହି

ପ୍ରସ୍ତାବ ଆଗତ ହେବାର ୧୪ ଦିନ ପୂର୍ବରୁ ନୋଟିସ ଦେବାକୁ ହୁଏ । ଶୃଙ୍ଖଳା ରକ୍ଷା ଓ କାର୍ଯ୍ୟ ପରିଚାଳନାପାଇଁ ପ୍ରୟୋଜନୀୟ ନିରପେକ୍ଷତା ନିମନ୍ତେ ବାଚସ୍ପତି ସଦନର ତର୍କ ବିତର୍କରେ ଅଂଶଗ୍ରହଣ କରନ୍ତି ନାହିଁ । ଯେତେବେଳେ କୌଣସି ବିଷୟର ସପକ୍ଷରେ ଓ ବିପକ୍ଷରେ ପ୍ରାପ୍ତ ଭୋଟ ସମାନ ସଂଖ୍ୟକ ହୁଏ ବାଚସ୍ପତି ତାଙ୍କର ନିର୍ଣ୍ଣାୟକ ଭୋଟ ( Casting Vote ) ପ୍ରଦାନ କରି ଅଚଳାବସ୍ଥାର ( dead lock ) ସମାଧାନ କରନ୍ତି । ଅନ୍ୟ ସମୟରେ ତାଙ୍କର ଭୋଟଦାନର କ୍ଷମତା ନାହିଁ ।

ଲୋକସଭାର ଆଲୋଚନା ଓ ବିତର୍କ ନିୟନ୍ତ୍ରଣ କରିବା ଏବଂ ଶୃଙ୍ଖଳା ବଜାୟ ରଖିବା ବାଚସ୍ପତିଙ୍କ ପ୍ରଧାନ ଦାୟିତ୍ୱ । ଏକ ଦିଗରେ ସଦସ୍ୟମାନଙ୍କର, ବିଶେଷତଃ ସଂଖ୍ୟାଲଘୁ ଦଳର ମତାମତ ପ୍ରକାଶର ସ୍ୱାଧୀନତା ଯେପରି କ୍ଷୁଣ୍ଣ ନହୁଏ ଏବଂ ଅନ୍ୟଦିଗରେ ଯେପରି ସଦନର କାର୍ଯ୍ୟରେ ବାଧା ନ ପଡ଼େ ଅର୍ଥାତ ନିୟମକାନୁନର ଅପବ୍ୟବହାର ଯେମିତି ନହୁଏ ସେଥିପ୍ରତି ବାଚସ୍ପତି ସଦା ଦୃଷ୍ଟି ଦେଉଥାନ୍ତି । ସେ ସଦନର ନେତା ଅର୍ଥାତ୍ ପ୍ରଧାନ-ମନ୍ତ୍ରୀଙ୍କ ସହ ପରାମର୍ଶ କରି ଲୋକସଭାର କାର୍ଯ୍ୟକ୍ରମ ସ୍ଥିର କରନ୍ତି । ରାଷ୍ଟ୍ରପତିଙ୍କ ଉଦ୍‌ବୋଧନୀ ବକ୍ତୃତାର ବିଷୟବସ୍ତୁ ଆଲୋଚନା ପାଇଁ ସମୟ ଧାର୍ଯ୍ୟ କରନ୍ତି ।

ପ୍ରଶ୍ନୋତ୍ତର, ବିଧେୟକ ଉପସ୍ଥାପନ, ସାଧାରଣ ପ୍ରସ୍ତାବ, ମୁଲତବୀ ପ୍ରସ୍ତାବ ଆଦି ଗ୍ରହଣ ଯୋଗ୍ୟତାର ବିଚାର ବାଚସ୍ପତି କରନ୍ତି ଏବଂ ସେ ସମ୍ବନ୍ଧରେ କୌଣସି ବୈଧାନିକ ପ୍ରଶ୍ନ ଉଠିଲେ ବାଚସ୍ପତିଙ୍କ ସିଦ୍ଧାନ୍ତ ହିଁ ଚରମ ବୋଲି ଗ୍ରହଣ କରାଯାଏ ଏବଂ ସେ ହିଁ ତାର ମୀମାଂସା କରନ୍ତି । ଆୟବ୍ୟୟ ଅଟକଳ, ଜରୁରୀ ବିଷୟ ଆଲୋଚନାପାଇଁ ମୁଲତବୀ ପ୍ରସ୍ତାବ ଇତ୍ୟାଦି ସମ୍ପର୍କରେ ବକ୍ତୃତାର ସମୟ ସେ ନିର୍ଦ୍ଧାରଣ କରନ୍ତି । ଅର୍ଥସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକୁ ଯଥା ସମୟରେ ସମାପ୍ତ କରିବାପାଇଁ ସେ ଯେ କୌଣସି ପନ୍ଥା ଅବଲମ୍ବନ କରିପାରନ୍ତି । ଆଲୋଚନା ସ୍ଥଗିତ ରଖିବା ବା ସମାପ୍ତ କରିବାର ଅଧିକାର ତାଙ୍କରି ପାଖରେ ଅଛି । ତାଙ୍କ ନିର୍ଦ୍ଦେଶରେ ଭୋଟ ଗ୍ରହଣ କରାଯାଏ ଏବଂ ମତଦାନର ଫଳାଫଳ ସେ ହିଁ ଘୋଷଣା କରନ୍ତି । ସଦନର ଶୃଙ୍ଖଳା କ୍ଷୁଣ୍ଣ ନକରିବାପାଇଁ ସେ ସର୍ବଦା ସତର୍କତା ଅବଲମ୍ବନ କରନ୍ତି । ଏକାଧିକ ସଦସ୍ୟ ବକ୍ତୃତା ଦେବାପାଇଁ ଚାହିଁଲେ କାହାକୁ ପ୍ରଥମେ ସୁଯୋଗ ଦିଆଯିବ ସେକଥା ସେ ସ୍ଥିର କରନ୍ତି । ବକ୍ତୃତାର ଅପ୍ରାସଙ୍ଗିକ ବା ବିଷୟର ପୁନରୁକ୍ତି ଥିଲେ ସେ ବକ୍ତୃତା ବନ୍ଦ କରିବାକୁ ଆଦେଶ ଦିଅନ୍ତି । କୌଣସି ସଦସ୍ୟଙ୍କ ଆଚରଣ ବିଶେଷ ଭାବେ ବିଶୃଙ୍ଖଳା-ଜନକ ହେଲେ ବାଚସ୍ପତି ତାଙ୍କୁ ବହିଷ୍କାର ଆଦେଶ ଦେଲେ ସଂପୃକ୍ତ ସଦସ୍ୟ ସେ ଦିନର ଅଧିବେଶନରେ ଉପସ୍ଥିତ ରହିପାରିବେ ନାହିଁ । ଉକ୍ତ ସଦସ୍ୟ ସ୍ୱେଚ୍ଛାକୃତ ଭାବେ ସଦନ ପରିତ୍ୟାଗ ନକଲେ ବାଚସ୍ପତି ସଦନର ଶାନ୍ତିଶୃଙ୍ଖଳା ରକ୍ଷକ ( Marshal )ଙ୍କୁ ଆଦେଶ ଦେଇ ତାଙ୍କୁ ବହିଷ୍କାର କରନ୍ତି । କୌଣସି ସଦସ୍ୟ କ୍ରମାଗତ ଏବଂ ଇଚ୍ଛାକୃତ ଭାବେ ସଦନର କାର୍ଯ୍ୟରେ ବାଧା ସୃଷ୍ଟି କଲେ ଏବଂ ସଦନର ନିୟମକାନୁନର ଅପବ୍ୟବହାର କଲେ ଅଥବା ବାଚସ୍ପତିଙ୍କୁ ଅଗ୍ରାହ୍ୟ କଲେ ବାଚସ୍ପତି ଅଧିବେଶନର ଅବଶିଷ୍ଟ ସମୟପାଇଁ ଉକ୍ତ

ସଦସ୍ୟଙ୍କ ନାମ ଉଲ୍ଲେଖ କରିପାରନ୍ତି । ବିଶୃଙ୍ଖଳା ଆୟତ୍ତାଧୀନ ନ ହେଲେ ବାଚସ୍ପତି ସଦନର କାର୍ଯ୍ୟ ସାମୟିକ ଭାବେ ବନ୍ଦ ରଖିପାରନ୍ତି ।

କେଉଁ ବିଧେୟକ ଅର୍ଥ ବିଧେୟକ ଅଟେ, ସେ ବିଷୟରେ ବାଚସ୍ପତି ପ୍ରମାଣପତ୍ର ( Certificate ) ଦେଇଥାନ୍ତି ଏବଂ ଏହି ବିଷୟରେ ତାଙ୍କର ସିଦ୍ଧାନ୍ତହିଁ ଚରମ ସିଦ୍ଧାନ୍ତ ବୋଲି ବିବେଚିତ ହୁଏ । ରାଜ୍ୟସଭାକୁ ପ୍ରେରଣ ସମୟରେ ଏବଂ ରାଷ୍ଟ୍ରପତିଙ୍କ ଅନୁମତିପାଇଁ ଉପସ୍ଥାପିତ କରିବା ସମୟରେ ପ୍ରତ୍ୟେକ ଅର୍ଥ ବିଧେୟକ ସଂପର୍କରେ ବାଚସ୍ପତିଙ୍କୁ ସେହି ମର୍ମରେ ପ୍ରମାଣପତ୍ର ସ୍ୱାକ୍ଷର କରିବାକୁ ହୁଏ ।

ରାଷ୍ଟ୍ରପତି ଏବଂ ସଂସଦ ମଧ୍ୟରେ ଆଦାନପ୍ରଦାନର ମାଧ୍ୟମ ହିସାବରେ ବାଚସ୍ପତିଙ୍କୁ କାର୍ଯ୍ୟ କରିବାକୁ ହୁଏ । ରାଷ୍ଟ୍ରପତି ସଂସଦ ନିକଟକୁ ପଠାଉଥିବା ସମସ୍ତ ସମ୍ବାଦ ବାଚସ୍ପତିଙ୍କ ନିକଟକୁ ପଠାଯାଏ । ଅପର ପକ୍ଷରେ ସଂସଦ ଯାହା ରାଷ୍ଟ୍ରପତିଙ୍କ ନିକଟକୁ ପଠାଇବାକୁ ଚାହେଁ ତାହା ବାଚସ୍ପତିଙ୍କ ମାଧ୍ୟମରେ ହୁଏ । ଏହା ବ୍ୟତୀତ ବାଚସ୍ପତି ବା ଉପବାଚସ୍ପତିଙ୍କ ଅନୁପସ୍ଥିତିରେ ଲୋକସଭାରେ ସଭାପତିତ୍ୱ କରିବାପାଇଁ ଏକ ସଭାପତି ତାଲିକା ପ୍ରସ୍ତୁତ, ବିଭିନ୍ନ ସମିତିର ସଭାପତି ନିଯୁକ୍ତି, ବିଭିନ୍ନ ସମିତିର ଗଠନ ଓ ପଦ୍ଧତିର ସାଧାରଣ ତତ୍ତ୍ୱାବଧାନ, ସଦନରେ ଆଗନ୍ତୁକ ବା ଦର୍ଶକମାନଙ୍କର ଉପସ୍ଥିତି ନିୟନ୍ତ୍ରଣ ଇତ୍ୟାଦି କ୍ଷମତା ବାଚସ୍ପତିଙ୍କର ଅଛି । ସମିତିଗୁଡ଼ିକର ଗଠନ ନିମିତ୍ତ ଆବଶ୍ୟକ ନିର୍ବାଚନ ବା ମନୋନୟନ ବାଚସ୍ପତିଙ୍କ ନିର୍ଦ୍ଦେଶରେ କରାଯାଇଥାଏ । ସେ ନିୟମ ସମିତି ( Rules Committee ) ଏବଂ କାର୍ଯ୍ୟକ୍ରମ ଉପଦେଷ୍ଟା ସମିତି ( Business Advisory Committee )ର ଅଧ୍ୟକ୍ଷ ରୂପେ କାମ କରନ୍ତି ।

ଲୋକସଭାରେ ସଦସ୍ୟମାନେ ମତାମତ ପ୍ରକାଶ କରିବାପାଇଁ ମୁକ୍ତ । ସେମାନେ ଯେଉଁ ମତାମତ ପ୍ରକାଶ କରନ୍ତି ସେଥିପାଇଁ ସେମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ନାହିଁ । ଅତଏବ ସଦସ୍ୟମାନଙ୍କ ସ୍ୱାଧିକାର ( Privileges ) ରକ୍ଷା ବାଚସ୍ପତିଙ୍କ ଅନ୍ୟଏକ ପ୍ରଧାନ କର୍ତ୍ତବ୍ୟ । ବାଚସ୍ପତିଙ୍କ ବିନାନୁମତିରେ ଲୋକସଭାର କୌଣସି ସଦସ୍ୟଙ୍କୁ ସଦନର ସରହଦ ମଧ୍ୟରେ ଗିରଫ କରାଯାଇପାରିବ ନାହିଁ କିମ୍ବା ତାଙ୍କ ବିରୁଦ୍ଧରେ କୌଣସି ମାମଲା ରୁଜୁ କରାଯାଇପାରିବ ନାହିଁ । କୌଣସି ସଦସ୍ୟଙ୍କୁ ଗିରଫ ବା ଜେଲଦ କରାଗଲେ ଶାସକବର୍ଗ ( Executive officer ) ସଙ୍ଗେ ସଙ୍ଗେ ବାଚସ୍ପତିଙ୍କୁ ଜଣାଇଦିଅନ୍ତି । ପରିସ୍ଥିତିରେ ପଡ଼ି ଯଦି କୌଣସି ସଦସ୍ୟ ଅଟକ ରହନ୍ତି ତେବେ ତାଙ୍କର ମୁକ୍ତି ନିମିତ୍ତ ବାଚସ୍ପତି ସମୁଚିତ ବ୍ୟବସ୍ଥା ଗ୍ରହଣ କରନ୍ତି । ଲୋକସଭାର ସ୍ୱାଧିକାର ଭଙ୍ଗକରିଥିବା କୌଣସି ବ୍ୟକ୍ତିଙ୍କୁ ଧରିଆଣିବାପାଇଁ ଗିରଫ ପରୱାନା ( Warrent of Arrest ) ପ୍ରେରଣ କରନ୍ତି ଏବଂ ଦଣ୍ଡବିଧାନ ନିମନ୍ତେ ସଦନର ସିଦ୍ଧାନ୍ତକୁ କାର୍ଯ୍ୟକାରୀ କରନ୍ତି । ଅନ୍ୟପକ୍ଷରେ କୌଣସି ଅପ୍ରାସଙ୍ଗିକ ବକ୍ତବ୍ୟ କରିଥିଲେ ସଂପୃକ୍ତ ସଦସ୍ୟଙ୍କୁ ତାହା ଫେରାଇନେବାପାଇଁ ବାଚସ୍ପତି ବାଧ୍ୟ କରିପାରନ୍ତି, କିମ୍ବା କୌଣସି

ବକ୍ତବ୍ୟକୁ ଅପ୍ରାସଙ୍ଗିକ ବା ଅସାମ୍ବିଧାନିକ ବୋଲି ମନେକଲେ ବାଚସ୍ପତି ତାହାକୁ ସଂପୂର୍ଣ୍ଣ ଭାବରେ ବା ଆଂଶିକ ଭାବରେ ଲୋକସଭାର ବିବରଣୀରୁ ବାଦ ଦେବାପାଇଁ ଆଦେଶ ଦେଇପାରନ୍ତି ।

ଲୋକସଭାରେ ଗଣନସଂଖ୍ୟା (Quorum)ର ଅଭାବହେଲେ ବାଚସ୍ପତି ସଦନକୁ ମୁଲତବୀ ରଖିଥାନ୍ତି । ଆବଶ୍ୟକ ମନେକଲେ ସଦସ୍ୟମାନଙ୍କ ଉପରେ ଅନେକପାତ କରିବା ପାଇଁ କୌଣସି ବିଷୟରେ ବାଚସ୍ପତି ଅଭିଭାଷଣ ଦେଇପାରନ୍ତି । ସଦନର କାର୍ଯ୍ୟକ୍ରମ ଇଂରାଜୀ କିମ୍ବା ହିନ୍ଦୀ ଭାଷାରେ ପରିଚାଳିତ ହୁଏ । କିନ୍ତୁ କୌଣସି ସଦସ୍ୟଙ୍କୁ ନିଜ ମାତୃ-ଭାଷାରେ କହିବା ପାଇଁ ବାଚସ୍ପତି ସୁଯୋଗ ଦେଇପାରନ୍ତି ଏବଂ ତାଙ୍କ ବକ୍ତବ୍ୟକୁ ଇଂରାଜୀ କିମ୍ବା ହିନ୍ଦୀରେ ପ୍ରକୃତ ଅନୁବାଦ କରାଇବାର ବ୍ୟବସ୍ଥା କରିପାରନ୍ତି । ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ କ୍ରମେ, ବାଚସ୍ପତିଙ୍କ ଅନୁମତି ପ୍ରାପ୍ତହେଲେ ଲୋକସଭାର ଗୁପ୍ତ ଅଧିବେଶନ ବସିଥାଏ । ବାଚସ୍ପତିଙ୍କ ବିନା ଅନୁମତିରେ ଲୋକସଭାର ସଦସ୍ୟମାନେ ବ୍ୟକ୍ତିଗତଭାବେ ବା ଦଳୀୟଭାବେ ଆବେଦନ ପତ୍ର (Representation) ଦେଇପାରିବେ ନାହିଁ ।

ବାଚସ୍ପତିଙ୍କ କେତେଗୁଡ଼ିଏ ପ୍ରଶାସନିକ କ୍ଷମତା ମଧ୍ୟ ରହିଛି । ସେ ଲୋକସଭା ସଚିବାଳୟକୁ ନିଜ ନିୟନ୍ତ୍ରଣାଧୀନରେ ରଖନ୍ତି । ସେ ସଦନର ସଦସ୍ୟମାନଙ୍କର ପ୍ରାପ୍ୟ ବାସ ବ୍ୟବସ୍ଥା ଏବଂ ଜୀବନର ଅନ୍ୟାନ୍ୟ ସୁବିଧାର ବ୍ୟବସ୍ଥା କରନ୍ତି । ବାଚସ୍ପତି ଲୋକସଭାର ଉପଗୃହ (Lobby) ଏବଂ ଦର୍ଶକ ଏବଂ ସାମ୍ବାଦିକ ପ୍ରେକ୍ଷମଞ୍ଚ (Gallery) ଗୁଡ଼ିକୁ ନିୟନ୍ତ୍ରଣ କରନ୍ତି । ଲୋକସଭା ଏବଂ ସମିତିଗୁଡ଼ିକର ଅଧିବେଶନ ସଂକ୍ରାନ୍ତୀୟ ସମସ୍ତ ଦାୟିତ୍ୱ ବାଚସ୍ପତିଙ୍କର । କୌଣସି ସଦସ୍ୟଙ୍କ ଜୀବନ (Life & Person) ଯେମିତି ସୁରକ୍ଷିତ ରହେ ଏବଂ ଲୋକସଭାର ସମ୍ପତ୍ତି ଓ କର୍ମଚାରୀମାନେ ଯେମିତି କୌଣସି ବିପଦରୁ ମୁକ୍ତ ରହନ୍ତି, ସେସବୁ ପ୍ରତି ଦୃଷ୍ଟିଦେବା ବାଚସ୍ପତିଙ୍କ କର୍ତ୍ତବ୍ୟ । ୧୯୭୪ ମସିହା ୩୩ତମ ସଂବିଧାନ ସଂଶୋଧନ ଅନୁସାରେ ଅଟକ (Duress) ଅବସ୍ଥାରେ କୌଣସି ସଦସ୍ୟ ଇସ୍ତଫାପତ୍ର ଉପସ୍ଥାପିତ କରିଥିଲେ ତାହା ବାଚସ୍ପତି ଅଗ୍ରାହ୍ୟ କରିବେ ।

ସଂସଦର ଉଭୟ ସଦନର ମିଳିତ ଅଧିବେଶନରେ ବାଚସ୍ପତି ପୌରହିତ୍ୟ କରନ୍ତି । ଲୋକସଭାର କାର୍ଯ୍ୟକାଳ ପୂରିଗଲେ ବା କାର୍ଯ୍ୟକାଳ ପୂରିବା ପୂର୍ବରୁ ଏହାକୁ ଭାଙ୍ଗି ଦିଆଗଲେ ନୂତନ ଲୋକସଭା ଗଠିତ ହେବାପର୍ଯ୍ୟନ୍ତ ବାଚସ୍ପତି କ୍ଷମତାରେ ରହନ୍ତି କାରଣ ସେ ଲୋକସଭା ସଚିବାଳୟର ମୁଖ୍ୟ । ବାଚସ୍ପତି ଲୋକସଭାରେ ସଦନର ମୃତ୍ୟୁକାଳୀନ (Obituary) ସୂଚନା ଦିଅନ୍ତି ଏବଂ ଲୋକସଭାର କାର୍ଯ୍ୟକାଳ ପୂରିଗଲାବେଳେ ବିଦାୟ-କାଳୀନ ଭାଷଣ (valedictory address) ମଧ୍ୟ ଦିଅନ୍ତି । କେତେକ ସମୟରେ ସେ ଆନୁଷ୍ଠାନିକ ଭାବେ ଗୁରୁତ୍ୱପୂର୍ଣ୍ଣ ଆଭ୍ୟନ୍ତରୀଣ ଏବଂ ଆନ୍ତର୍ଜାତିକ ଘଟଣାଗୁଡ଼ିକର ସୂଚନା ଲୋକସଭାର ସଦସ୍ୟମାନଙ୍କୁ ପ୍ରଦାନ କରନ୍ତି । କୌଣସି ବିଧେୟକ ସଦନଦ୍ୱାରା ଗୃହୀତ

ହୋଇପାରିବା ପରେ ମଧ୍ୟ ସେଥିରେ ରହିଯାଇଥିବା ପ୍ରତ୍ୟକ୍ଷ ତ୍ରୁଟି (Patent error) ସଂଶୋଧନ କରିବାର ଅଧିକାର ବାଚସ୍ପତିଙ୍କର ଅଛି । ଦେଶରେ ସଭାଅଧ୍ୟକ୍ଷ (Presiding officer) ମାନଙ୍କ ସମ୍ମିଳନୀରେ ପଦପ୍ରମୁକ୍ତ (Ex-officio) ସଭାପତି ହିସାବରେ କାର୍ଯ୍ୟ କରନ୍ତି । ବିଦେଶ ଭ୍ରମଣପାଇଁ ଯାଉଥିବା ସଂସଦୀୟ ପ୍ରତିନିଧିବର୍ଗଙ୍କୁ ବାଚସ୍ପତି ମନୋନୀତ କରନ୍ତି ।

ବାଚସ୍ପତିଙ୍କ ଉପରୋକ୍ତ ଦାୟିତ୍ୱ ଓ କ୍ଷମତାରୁ ଏହା ସହଜରେ ଅନୁମେୟ ଯେ ଜଣେ ଅତି ସୁଦକ୍ଷ ବ୍ୟକ୍ତିହିଁ ବାଚସ୍ପତି ହେବା ଉଚିତ । ତାଙ୍କର ବ୍ୟକ୍ତିଗତ ଗୁଣାବଳୀ, ବିଚକ୍ଷଣତା, ବୁଦ୍ଧି ବିବେଚନା, କର୍ମକୁଶଳତା ଓ ଅଭିଜ୍ଞତା ଉପରେ ଅନେକ କିଛି ନିର୍ଭର କରେ । ସର୍ବୋପରି ସଂସଦୀୟ ଶାସନ ବ୍ୟବସ୍ଥାରେ ବାଚସ୍ପତିଙ୍କୁ ଦାୟିତ୍ୱଶୀଳ ହୋଇ, ସରକାରୀ ନିୟନ୍ତ୍ରଣରୁ ମୁକ୍ତ ରହି ନିରପେକ୍ଷ ଭାବରେ କାର୍ଯ୍ୟ କରିବାକୁ ପଡ଼େ । ସଂଖ୍ୟାଗରିଷ୍ଠ ଦଳର ଯେପରି ଶାସନକାର୍ଯ୍ୟ ପରିଚାଳନା କରିବାର ଅଧିକାର ଥାଏ ବିରୋଧୀ ଦଳର ସେହିପରି ସଂଖ୍ୟାଗରିଷ୍ଠ ଦଳର ସରକାରକୁ ସମାଲୋଚନା କରିବାର ଅଧିକାର ଥାଏ । ବିରୋଧୀଦଳ ଯେପରି ଅଯୌକ୍ତିକ ଭାବରେ ସରକାରଙ୍କ ଓ ଲୋକସଭାର କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ନକରେ ଏବଂ ବିରୋଧୀଦଳର ସମାଲୋଚନା କରିବାର ଅଧିକାର ଯେପରି କ୍ଷୁଣ୍ଣ ନହୁଏ, ସେଥିପ୍ରତି ସମାନ ଦୃଷ୍ଟି ଦେବା ହେଲା ବାଚସ୍ପତିଙ୍କ ପ୍ରଧାନ କର୍ତ୍ତବ୍ୟ । ବାଚସ୍ପତି ନିରପେକ୍ଷ ରହିଲେ ଲୋକସଭାର ସଦସ୍ୟଙ୍କ ଆଲୋଚନାର ଅଧିକାର, ବାକ୍-ସ୍ୱାଧୀନତା, ମତାମତ ସ୍ୱାଧୀନଭାବେ ବ୍ୟକ୍ତ କରିବାର ଅଧିକାର ସଦା ଅକ୍ଷୁଣ୍ଣ ରହେ । ଫଳରେ ଗଣତାନ୍ତ୍ରିକ ବ୍ୟବସ୍ଥା ସୁଦୃଢ଼ ରହେ ।

କିନ୍ତୁ ବ୍ରିଟିଶ କମନସ୍ ସଭାର ବାଚସ୍ପତିଙ୍କ ପରି ଭାରତୀୟ ଲୋକସଭାର ବାଚସ୍ପତିଙ୍କ ପୂର୍ଣ୍ଣପୂର୍ଣ୍ଣ ନିର୍ଦ୍ଦଳୀୟ ଦୃଷ୍ଟିଭଙ୍ଗୀ ନ ରହୁଥିବା ଯୋଗୁଁ ଭାରତରେ ତୁଳନାତ୍ମକ ଭାବେ ବାଚସ୍ପତି ପଦର ମର୍ଯ୍ୟାଦା କମ୍ ଥିବା ଜଣାପଡ଼େ । ଭି.ଜେ. ପଟେଲ (V.J. Patel) ବାଚସ୍ପତି ପଦର ନିରପେକ୍ଷତାର ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିଥିଲେ । କିନ୍ତୁ ଉକ୍ତ ପରମ୍ପରା ବହୁତଦିନ ପାଇଁ ବଜାୟ ରହିପାରିଲା ନାହିଁ । ପ୍ରଥମ ଜି. ଭି. ମାଭାଲଙ୍କର ( G.V. Mavalankar ) ପ୍ରଭୃତି ପ୍ରବୀଣ କଂଗ୍ରେସ ନେତା ବାଚସ୍ପତି ପଦକୁ ଉପଭୋଗ କଲେ । ସେ ବାଚସ୍ପତି ନିର୍ଦ୍ଦଳୀୟ ହେବା ଚିନ୍ତାକୁ କଠୋର ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ । ଭାରତୀୟ ରାଜନୈତିକ ପରିସ୍ଥିତିରେ କୌଣସି ଦଳ ସହିତ ସଂପର୍କ ନଥାଇ ଏକ ଦ୍ୱୀପଭଳି (insular) ବାଚସ୍ପତି କେବେ ରହିପାରିବେ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଭାରତୀୟ ବାଚସ୍ପତିଙ୍କୁ ସ୍ୱାଧୀନ ଏବଂ ନିରପେକ୍ଷ ହେବାକୁ ହେଲେ ଇଂଲଣ୍ଡର କମନସ୍ ସଭାର ବାଚସ୍ପତିଙ୍କୁ ନେଇ ଯେଉଁ ରୀତିନୀତି ଗଢ଼ି ଉଠିଛି ଭାରତରେ ମଧ୍ୟ

ଅନୁରୂପ ନୀତି ଗଢ଼ିଉଠିବା ପ୍ରୟୋଜନ । ପ୍ରଥମେ ଲୋକସଭାରେ ବାଚସ୍ପତି କିପରି ସର୍ବସମ୍ମତି କ୍ରମେ ମନୋନୀତ ହେବେ, ତାହା ପ୍ରଚେଷ୍ଟା କରିବା ଆବଶ୍ୟକ । ଇଂଲଣ୍ଡରେ କୌଣସି ନୂତନ ବାଚସ୍ପତିଙ୍କ ନିର୍ବାଚନ ଆବଶ୍ୟକ ହେଲେ ସଂଖ୍ୟାଗରିଷ୍ଠ ଦଳ ବିରୋଧୀଦଳଙ୍କ ସହିତ ପରାମର୍ଶ କରି ନାମ ପ୍ରସ୍ତାବ କରେ ଏବଂ ନିର୍ବାଚନ ସାଧାରଣତଃ ସର୍ବସମ୍ମତ ହୁଏ । ଭାରତର ଲୋକସଭାରେ କିନ୍ତୁ ବାଚସ୍ପତି ନିର୍ବାଚନପାଇଁ ଏକ ଭିନ୍ନ ପଦ୍ଧତି ଅବଲମ୍ବନ କରାଯାଏ । ଲୋକସଭାରେ ବାଚସ୍ପତି ପଦପାଇଁ କୌଣସି ସଦସ୍ୟଙ୍କ ନାମ ପ୍ରସ୍ତାବ କରିବାକୁ ପଡ଼େ ଏବଂ ଉକ୍ତ ପ୍ରସ୍ତାବକୁ ଅନ୍ୟ ଜଣେ ସଦସ୍ୟ ସମର୍ଥନ କରନ୍ତି । ଏହିପରି ଏକାଧିକ ପ୍ରସ୍ତାବ ଆସିପାରେ । ଏକାଧିକ ପ୍ରସ୍ତାବ ଆସିଲେ କ୍ରମପର୍ଯ୍ୟାୟରେ ପ୍ରସ୍ତାବଗୁଡ଼ିକ ଉପରେ ଭୋଟ ଗ୍ରହଣ କରାଯାଏ । କୌଣସି ପ୍ରସ୍ତାବ ସଂଖ୍ୟାଧିକ ଭୋଟରେ ଗୃହୀତ ହେଲେ ଅବଶିଷ୍ଟ ପ୍ରସ୍ତାବଗୁଡ଼ିକ ଉପରେ ଆଉ ମତଦାନ ହୁଏନାହିଁ ।

ଏ ପର୍ଯ୍ୟନ୍ତ ଲୋକସଭାର ବାଚସ୍ପତି ଯେଉଁ ପରମ୍ପରା ସୃଷ୍ଟି କରିଛନ୍ତି ତାହା ନିଶ୍ଚିତ ଭାବେ ଦଳରୁ ଊର୍ଦ୍ଧ୍ୱରେ । କିନ୍ତୁ ମାର୍କିନ ଯୁକ୍ତରାଷ୍ଟ୍ରର ବାଚସ୍ପତି ଦଳ ଭିତରେ ରହି ନିଜ କାର୍ଯ୍ୟ ସମ୍ପାଦନ କରିଥାନ୍ତି । ତଥାପି ମଧ୍ୟ ତାଙ୍କ ନିଷ୍ପତ୍ତି ଉଭୟ ଦଳକୁ ସନ୍ତୁଷ୍ଟ କରିଥାଏ । ବ୍ରିଟିଶ୍ ପରମ୍ପରା ଆମେ ଅନୁସରଣ କରିଥିବା ହେତୁ ଆମ ବାଚସ୍ପତିଙ୍କ କର୍ତ୍ତବ୍ୟନିଷ୍ଠା, ସଚ୍ଚରିତ୍ର ଓ ନିରପେକ୍ଷତା ହେତୁ ସେ ପ୍ରଶଂସାଭାଜନ ହୋଇଥାନ୍ତି ।

## ରାଜ୍ୟସଭା

**( The Council of States )**

ରାଜ୍ୟସଭାର ଗଠନ, ସଦସ୍ୟମାନଙ୍କର ଯୋଗ୍ୟତା ଏବଂ ସଦନର କାର୍ଯ୍ୟକାଳ ସଂପର୍କରେ ଆଗରୁ ବର୍ଣ୍ଣନା କରାଯାଇଛି । ସଂସଦ ଏବଂ ଲୋକସଭାର କ୍ଷମତା ବର୍ଣ୍ଣନା କଲାବେଳେ ରାଜ୍ୟସଭାର କ୍ଷମତା ମଧ୍ୟ କିଛିଅଂଶରେ ବର୍ଣ୍ଣିତ ହୋଇଛି ।

## କ୍ଷମତା ଓ କାର୍ଯ୍ୟାବଳୀ

ନିଜ ପଦାଧିକାରବଳରେ ( Ex-officio ) ଭାରତର ଉପରାଷ୍ଟ୍ରପତି ରାଜ୍ୟସଭାର ଅଧ୍ୟକ୍ଷ ଅଟନ୍ତି । ଉପରାଷ୍ଟ୍ରପତିଙ୍କ ଅନୁପସ୍ଥିତିରେ ସଦନରେ ଅଧ୍ୟକ୍ଷତା କରିବାପାଇଁ ସଦନର ସଦସ୍ୟମାନେ ନିଜ ମଧ୍ୟରୁ ଜଣଙ୍କୁ ଉପାଧ୍ୟକ୍ଷ ( Deputy Chairman ) ରୂପେ ନିର୍ବାଚିତ କରନ୍ତି । ସଦନର ସଦସ୍ୟମାନଙ୍କ ଏକ ଦଶମାଂଶ ଉପସ୍ଥିତ ଥିଲେ ଚଳନସଂଖ୍ୟା ( Quorum ) ରହେ ।

ସାଧାରଣ ବିଧେୟକଗୁଡ଼ିକ ଉପରେ ରାଜ୍ୟସଭା ଲୋକସଭା ସହିତ ସମାନ କ୍ଷମତା ଉପଭୋଗ କରେ । ସାଧାରଣ ବିଧେୟକଗୁଡ଼ିକ ଯେ କୌଣସି ସଦନରେ ଉପସ୍ଥାପିତ

କରାଯାଇପାରିବ ଏବଂ ଉଭୟ ସଦନଦ୍ୱାରା ଅନୁମୋଦିତ ନ ହେଲେ ସଂସଦଦ୍ୱାରା ଅନୁମୋଦିତ ହେଲବୋଲି ଧରାନଅଯିବ ନାହିଁ । ଉଭୟ ସଦନ ମଧ୍ୟରେ ମତପାର୍ଥକ୍ୟ ଦେଖାଗଲେ ଅଚଳାବସ୍ଥା ଦୂର କରିବାପାଇଁ ରାଷ୍ଟ୍ରପତି ମିଳିତ ଅଧିବେଶନ ଅହ୍ୱାନ କରନ୍ତି । ଏହି କ୍ଷେତ୍ରରେ ବ୍ରିଟେନ୍‌ର ଲର୍ଡ଼ସଭା ( House of Lords ) ସହିତ ତୁଳନା କଲେ ଭାରତର ରାଜ୍ୟସଭା ଅଧିକ କ୍ଷମତାଶାଳୀ ଅଟେ । କମନସ୍ ସଭାଦ୍ୱାରା ଅନୁମୋଦିତ ବିଧେୟକକୁ କେବଳ ଏକବର୍ଷପାଇଁ ଅଟକାଇ ଦେବାଛଡ଼ା, ଉକ୍ତ ବିଧେୟକକୁ ବାଧାଦେବା-ଭଳି ଅନ୍ୟ କୌଣସି କ୍ଷମତା ଲର୍ଡ଼ସଭାର ନାହିଁ । ଅବଶ୍ୟ ଏହିଦିଗରେ ଭାରତର ରାଜ୍ୟସଭାର କ୍ଷମତା ଯୁକ୍ତରାଷ୍ଟ୍ର ଆମେରିକାର ସିନେଟ ( Senate ) କ୍ଷମତା ଭଳି ସେତେ ପ୍ରଭାବଶାଳୀ ନୁହେଁ । ଯୁକ୍ତରାଷ୍ଟ୍ର ଆମେରିକାରେ କୌଣସି ବିଧେୟକ ଉପରେ ଦୁଇ ସଦନ ମଧ୍ୟରେ ମତପାର୍ଥକ୍ୟ ଦେଖାଦେଲେ ଏକ ମୀମାଂସା ସମିତି (Conciliation Committee) ଦ୍ୱାରା ସମସ୍ୟାର ସମାଧାନ କରାଯାଏ । ଉଭୟ ସଦନରୁ ସମାନସଂଖ୍ୟକ ସଭ୍ୟଙ୍କୁ ନେଇ ଉକ୍ତ ତୋଷଣ ସମିତି ଗଢ଼ାଯାଏ । ସିନେଟ ସଦସ୍ୟମାନେ ବୟୋଜ୍ୟେଷ୍ଠ ଓ ପ୍ରବୀଣ ରାଜନୀତିଜ୍ଞ ହୋଇଥିବା ଯୋଗୁଁ ତୋଷଣ ସମିତିରେ ସିନେଟର ହିଁ ଅଧିକାଂଶ ସମୟରେ ବିଜୟ ହୋଇଥାଏ । ଏହି ଦୃଷ୍ଟିରୁ ବିଚାର କଲେ ଭାରତରେ ରାଜ୍ୟସଭାର ସ୍ଥାନ ଅତି ଦୁର୍ବଳ । ଲୋକସଭା ଏବଂ ରାଜ୍ୟସଭାର ମିଳିତ ଅଧିବେଶନରେ ଲୋକସଭାର ବାଚସ୍ପତି ପୌରହିତ୍ୟ କରନ୍ତି । ପୁନଶ୍ଚ ରାଜ୍ୟସଭା ସଦସ୍ୟଙ୍କ ଅପେକ୍ଷା ଲୋକସଭା ସଦସ୍ୟଙ୍କ ସଂଖ୍ୟା ବେଶୀ ହୋଇଥିବା ଯୋଗୁଁ ମିଳିତ ଅଧିବେଶନରେ ଲୋକସଭାର ସିଦ୍ଧାନ୍ତ ସପକ୍ଷରେ ହିଁ ଅନୁକୂଳ ବାତାବରଣ ସୃଷ୍ଟି ହୁଏ । ପୁଣି ଲୋକସଭା ନିକଟରେ ମିଳିତ ଭାବରେ ଦାୟୀ ରହୁଥିବା ମନ୍ତ୍ରିପରିଷଦହିଁ ମିଳିତ ଅଧିବେଶନ ଆହ୍ୱାନ କରିବା ବା କୌଣସି ବିବାଦୀୟ ବିଧେୟକକୁ ବନ୍ଦ (drop) କରିବାର ନିଷ୍ପତ୍ତି ନିଅନ୍ତି । ଲୋକସଭା ମନ୍ତ୍ରିପରିଷଦ ଦ୍ୱାରା ପରୋକ୍ଷଭାବରେ ପରିଚାଳିତ ହେଉଥିବା ହେତୁ ମନ୍ତ୍ରିପରିଷଦର ସିଦ୍ଧାନ୍ତକୁ ମାନିନେବା ସହଜ । କିନ୍ତୁ ରାଜ୍ୟସଭା କୌଣସି ବିବାଦୀୟ ବିଧେୟକକୁ ଗ୍ରହଣ କରିବାପାଇଁ କେବଳ ଛଅମାସ ପର୍ଯ୍ୟନ୍ତ ବିଳମ୍ବ କରିବାଛଡ଼ା ଅନ୍ୟ ରାସ୍ତା ନାହିଁ ।

ରାଜ୍ୟସଭାର କେତେକ ଶାସନ ବିଭାଗୀୟ କ୍ଷମତା ରହିଛି । ମନ୍ତ୍ରିମଣ୍ଡଳ ମିଳିତ ଭାବରେ ଲୋକସଭା ନିକଟରେ ଦାୟୀ ରହୁଥିଲେ ସୁଦ୍ଧା, ସରକାରଙ୍କୁ ନିୟନ୍ତ୍ରଣ କରିବାରେ ରାଜ୍ୟସଭାର କିଛି କ୍ଷମତା ନାହିଁ ବୋଲି କହିବା ଅସଙ୍ଗତ ହେବ । ଅବଶ୍ୟ ରାଜ୍ୟସଭା ମନ୍ତ୍ରିମଣ୍ଡଳ ବିରୁଦ୍ଧରେ କୌଣସି ଅନାସ୍ଥା ପ୍ରସ୍ତାବ ଆଗତ କରିପାରିବ ନାହିଁ କିନ୍ତୁ ରାଜ୍ୟସଭା ସଦସ୍ୟମାନେ ପ୍ରଶ୍ନୋତ୍ତର, ମୁଲତବୀ ପ୍ରସ୍ତାବ, ସାଧାରଣ ପ୍ରସ୍ତାବ ଓ ଧ୍ୟାନଆକର୍ଷଣକାରୀ ପ୍ରସ୍ତାବ, ଅଧଘଣ୍ଟା ଧାଇଁ ଆଲୋଚନା ମାଧ୍ୟମରେ ସରକାରଙ୍କୁ ନିୟନ୍ତ୍ରଣ କରିପାରନ୍ତି । ତେଣୁ ସରକାରଙ୍କ ନୀତି ଓ କାର୍ଯ୍ୟକଳାପକୁ ସମାଲୋଚନା କରିବା ନିମିତ୍ତ ରାଜ୍ୟସଭାର ଯଥେଷ୍ଟ ସୁଯୋଗ ରହିଛି ।

ଅବଶ୍ୟ ଅର୍ଥସଂପର୍କୀୟ ବ୍ୟାପାରରେ ରାଜ୍ୟସଭାର କ୍ଷମତା ଖୁବ୍ ସାମାନ୍ୟ । କୌଣସି ଅର୍ଥବିଧେୟକ ପ୍ରଥମେ କେବଳ ଲୋକସଭାରେ ଉପସ୍ଥାପିତ ହୁଏ । ରାଜ୍ୟସଭା ଏହାକୁ ୧୪ ଦିନ ମଧ୍ୟରେ ଗ୍ରହଣ କରିବାକୁ ବାଧ୍ୟ । ବିଧେୟକ ଲୋକସଭାକୁ ଫେରନ୍ତ କରିବା ସମୟରେ ବିଧେୟକର ସଂଶୋଧନ ସମ୍ପର୍କେ ରାଜ୍ୟସଭା କୌଣସି ସୁପାରିଶ କରିଥିଲେ, ତାହା ଗ୍ରହଣ କରିବା ନ କରିବା ଲୋକସଭାର ଖୁସି ଉପରେ ନିର୍ଭର କରେ । ତା'ପରେ ଅର୍ଥବିଧେୟକକୁ ଦ୍ୱିତୀୟଥରପାଇଁ ରାଜ୍ୟସଭାକୁ ପ୍ରେରଣ କରିବାର କୌଣସି ଆବଶ୍ୟକତା ନଥାଏ ।

ରାଜ୍ୟସଭା ଲୋକସଭା ସହିତ କେତେଗୁଡ଼ିଏ ବିଷୟ ଉପରେ ସମାନ କ୍ଷମତାର ଅଧିକାରୀ ଅଟେ । ପ୍ରଥମେ ସମ୍ବିଧାନ ସଂଶୋଧନ ବ୍ୟାପାରରେ ଉଭୟ ସଦନ ସମାନ କ୍ଷମତା ଉପଭୋଗ କରନ୍ତି । ସମ୍ବିଧାନ ସଂଶୋଧନୀ ବିଧେୟକର ଅନୁମୋଦନପାଇଁ ଉଭୟ ସଦନରେ ନିର୍ଦ୍ଦିଷ୍ଟ ସଂଖ୍ୟାଗରିଷ୍ଠତାର ଆବଶ୍ୟକତା ରହିଛି । ଉକ୍ତ ପ୍ରସ୍ତାବ ଯେ କୌଣସି ସଦନରେ ପ୍ରଥମେ ଉପସ୍ଥାପିତ କରାଯାଇପାରେ ଏବଂ ଉଭୟ ସଦନ ମଧ୍ୟରେ ମତ ପାର୍ଥକ୍ୟ ଦେଖାଦେଲେ ମିଳିତ ଅଧିବେଶନରେ ତା'ର ସମାଧାନ ହେବା ବିଷୟ ସମ୍ବିଧାନରେ ଉଲ୍ଲେଖ ହୋଇନାହିଁ । ଦ୍ୱିତୀୟରେ ରାଷ୍ଟ୍ରପତିଙ୍କ ନିର୍ବାଚନ ଓ ପଦଚ୍ୟୁତ କରିବାରେ ରାଜ୍ୟସଭା ଲୋକସଭା ସହିତ ସମାନକ୍ଷମତା ଉପଭୋଗ କରେ । ଉଚ୍ଚତମ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଗଣଙ୍କୁ ଏବଂ ମହାନ୍ୟାୟବାଦୀଙ୍କ ପରି କେତେଜଣ ଉଚ୍ଚ କର୍ମକର୍ତ୍ତାଙ୍କୁ ପଦଚ୍ୟୁତ ସଂପର୍କୀୟ ପ୍ରସ୍ତାବ ମଧ୍ୟରେ ଉଭୟ ସଦନରେ ନିଆଯାଏ । ତୃତୀୟରେ ରାଷ୍ଟ୍ରପତିଙ୍କ ଦ୍ୱାରା ଘୋଷିତ ଜରୁରୀ ପରିସ୍ଥିତି ଉଭୟ ସଦନଦ୍ୱାରା ଅନୁମୋଦିତ ହୁଏ । ଚତୁର୍ଥରେ ସଂଘୀୟ ସେବା ଆୟୋଗ, ଅର୍ଥଆୟୋଗ ପ୍ରଭୃତି ସ୍ୱାଧୀନ ସଂସ୍ଥାଗୁଡ଼ିକ-ଦ୍ୱାରା ପ୍ରଦତ୍ତ ବିବରଣୀ ଉପରେ ଆଲୋଚନା କରିବାପାଇଁ ଉଭୟ ସଦନ ସମର୍ଥ । ପଞ୍ଚମରେ କୌଣସି ନିଯୁକ୍ତିକୁ ସଂଘୀୟ ସେବା ଆୟୋଗର ପରିସର ମଧ୍ୟରୁ କାଢ଼ି ନେବାପାଇଁ ସରକାର ନିଷ୍ପତ୍ତି ନେଲେ ତାହା ଉଭୟ ସଦନଦ୍ୱାରା ଅନୁମୋଦିତ ହେବାକୁ ହେବ । ଷଷ୍ଠରେ ଜରୁରୀ ଅବସ୍ଥାବେଳେ ମୌଳିକ ଅଧିକାରଗୁଡ଼ିକୁ ସ୍ଥଗିତ ରଖିବାପାଇଁ ରାଷ୍ଟ୍ରପତିଙ୍କ ଆଦେଶ ଅନୁମୋଦନପାଇଁ ଉଭୟ ସଦନର କ୍ଷମତା ରହିଛି ।

ରାଜ୍ୟସଭାର କେତେଗୁଡ଼ିଏ ବିଶିଷ୍ଟ କ୍ଷମତା ଅଛି ଯାହା ଲୋକସଭାଦ୍ୱାରା ଉପଭୋଗ କରାଯାଏ ନାହିଁ । ସମ୍ବିଧାନର ୨୪୯ ଧାରା ଅନୁଯାୟୀ ଜାତୀୟ ସ୍ୱାର୍ଥପାଇଁ ରାଜ୍ୟ ତାଲିକା ଅନ୍ତର୍ଭୁକ୍ତ କୌଣସି ବିଷୟ ସମ୍ପର୍କରେ ସଂସଦର ଆଇନ ପ୍ରଣୟନ କରିବା ଉଚିତ ବୋଲି ରାଜ୍ୟସଭାର ଦୁଇ ତୃତୀୟାଂଶ ସଦସ୍ୟ ଉପଲବ୍ଧ କରି ମତଦାନ କଲେ ସଂସଦ ସଂଶ୍ଳିଷ୍ଟ ବିଷୟରେ ଆଇନ ପ୍ରଣୟନ କରିପାରିବ । ରାଜ୍ୟସଭାରେ ନିଆଯାଇଥିବା ସେହିପରି ପ୍ରସ୍ତାବ କେବଳ ଗୋଟିଏ ବର୍ଷପାଇଁ କାର୍ଯ୍ୟକାରୀ ହୁଏ କିନ୍ତୁ ରାଜ୍ୟସଭା ବାରମ୍ବାର ଉକ୍ତ ପ୍ରସ୍ତାବକୁ ନବୀକରଣ କରିପାରେ । ପୁଣି ୩୧୨ ଧାରା ଅନୁସାରେ ଜାତୀୟ ସ୍ୱାର୍ଥଦୃଷ୍ଟିରୁ ରାଜ୍ୟସଭା

ଦୁଇତୃତୀୟ ସମର୍ଥନରେ ଏକ କିମ୍ବା ଏକାଧିକ ନୂତନ ସର୍ବଭାରତୀୟ ସେବା ସଂସ୍ଥା (All-India Services) ସୃଷ୍ଟି କରିପାରିବ । ଲୋକସଭାର ଅଧିବେଶନ ବନ୍ଦଥିବା ଅବସ୍ଥାରେ, ରାଜ୍ୟସଭା ରାଷ୍ଟ୍ରପତିଙ୍କ ଦ୍ୱାରା ଘୋଷିତ ଜରୁରୀ ପରିସ୍ଥିତି ପ୍ରତି ଗଣତାନ୍ତ୍ରିକ ପ୍ରତିବନ୍ଧକ ସୃଷ୍ଟି କରିପାରେ । ଉପ-ରାଷ୍ଟ୍ରପତିଙ୍କୁ ବହିଷ୍କାର କରିବାପାଇଁ ପ୍ରସ୍ତାବ ରାଜ୍ୟସଭା ହିଁ ପ୍ରଥମେ ଉପସ୍ଥାପିତ କରିପାରେ ।

## ରାଜ୍ୟସଭାର ସ୍ଥାନ

## (Position of Rajya Sabha)

ରାଜ୍ୟସଭାର କ୍ଷମତାଗୁଡ଼ିକୁ ଅନୁଧ୍ୟାନ କଲାପରେ ଜଣାଯାଏ ଯେ ଏହା ଇଂଲଣ୍ଡର ଲର୍ଡ଼ସଭାପରି ଆଲଙ୍କାରିକ ନୁହେଁ କିମ୍ବା ଯୁକ୍ତରାଷ୍ଟ୍ର ଆମେରିକାର ସିନେଟଭଳି କ୍ଷମତାଶାଳୀ ନୁହେଁ କିନ୍ତୁ ରାଜ୍ୟସଭା ଲୋକସଭାର ଅଧୀନ ସଦନ ହିସାବରେ କାର୍ଯ୍ୟ କରିବାକୁ କେବେ ପସନ୍ଦ କରିନଥିଲେ ମଧ୍ୟ ଆଶାନୁରୂପ ଭାବରେ ସ୍ୱତନ୍ତ୍ର ଭୂମିକା ଉପଭୋଗ କରିପାରିନାହିଁ । ନିମ୍ନଲିଖିତ ଘଟଣାବଳୀରୁ ଏହାର ପ୍ରମାଣ ମିଳେ ।

ପ୍ରଥମତଃ ରାଜ୍ୟସଭାର ଗଠନ ହିଁ ଦୋଷମୁକ୍ତ ଅଟେ । ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଦ୍ୱାରା ମନୋନୀତ ସଦସ୍ୟବୃନ୍ଦ ସଦନର ବିଭାଜନବେଳେ କେନ୍ଦ୍ର ସପକ୍ଷରେ ହିଁ ନିଜମତ ଦାନ ଦେବା ସ୍ୱାଭାବିକ ଏବଂ ଫଳରେ ନିର୍ଣ୍ଣାୟକ କ୍ଷଣରେ (Crucial moment) ସଦନର ଆଲୋଚନାର ଫଳାଫଳ କେନ୍ଦ୍ର ସପକ୍ଷରେ ଓଲଟପାଲଟ ହୋଇଥାଏ । ଜନସଂଖ୍ୟା ଉପରେ ଭିତ୍ତିକରି ରାଜ୍ୟସଭାର ଆସନସଂଖ୍ୟା ରାଜ୍ୟମାନଙ୍କ ମଧ୍ୟରେ ବଣ୍ଟାଯାଇଥିବା ଫଳରେ କେନ୍ଦ୍ରରେ ଶାସନ କରୁଥିବା ରାଜନୈତିକ ଦଳ ଯଦି ବୃହତ୍ତର ରାଜ୍ୟଗୁଡ଼ିକରେ ଶାସନ କରୁଥାଏ ତେବେ କ୍ଷୁଦ୍ରତର ରାଜ୍ୟଗୁଡ଼ିକର ପ୍ରତିନିଧିମାନଙ୍କର ସ୍ଥାନ ରାଜ୍ୟସଭାରେ ଅତି ନଗଣ୍ୟ ହୁଏ । ପୃଥିବୀର ଅନ୍ୟାନ୍ୟ ସଂଘୀୟ ରାଷ୍ଟ୍ରରେ ପ୍ରଚଳିତ ସମପ୍ରତିନିଧିତ୍ୱର ପଦ୍ଧତିକୁ ଭାରତରେ ରାଜ୍ୟସଭା ଗଠନପାଇଁ ପ୍ରଚଳିତ ପଦ୍ଧତି ବିରୋଧ କରେ । ପୁଣି ଆନୁପାତିକ ପ୍ରତିନିଧିତ୍ୱ ରୀତି ଅନୁସାରେ ରାଜ୍ୟସଭାର ସଦସ୍ୟମାନେ ନିର୍ବାଚିତ ହେଉଥିବା ଯୋଗୁଁ ସେମାନଙ୍କୁ ସଂଘୀୟ ରାଜନୀତିର କ୍ରୀଡ଼ନକ ହେବାକୁ ପଡ଼େ । ବିଭିନ୍ନ ରାଜ୍ୟ ବିଧାନସଭାରେ ସଂଖ୍ୟାଗରିଷ୍ଠ ଓ ସଂଖ୍ୟାଲଘୁ ରାଜନୈତିକ ଦଳଗୁଡ଼ିକ ନିଜ ନିଜ ପ୍ରତିନିଧିମାନଙ୍କୁ ରାଜ୍ୟ-ସଭାକୁ ପ୍ରେରଣ କରିବା ନିମନ୍ତେ ପ୍ରଚେଷ୍ଟା କରନ୍ତି । ଅବଶ୍ୟ ସଂଖ୍ୟାଲଘୁ ଦଳଗୁଡ଼ିକ ବିଧାନସଭାରେ ସେଗୁଡ଼ିକର ସଦସ୍ୟ ସଂଖ୍ୟାର ସ୍ଥୂଳ ଅନୁପାତରେ ରାଜ୍ୟସଭାର କେତେଗୋଟି ଆସନ ଲାଭ କରନ୍ତି । ଫଳରେ ରାଜ୍ୟସଭା ନିଜର ନାମର ଯଥାର୍ଥତା ପ୍ରତିପାଦନ କରେ ନାହିଁ ଅର୍ଥାତ୍ ରାଜ୍ୟସଭା ସଦସ୍ୟମାନେ ରାଜ୍ୟଗୁଡ଼ିକର ସ୍ୱାର୍ଥରକ୍ଷା ଉଦ୍ଦେଶ୍ୟରେ ଚେଷ୍ଟିତ ନ ହୋଇ ନିଜ ନିଜ ରାଜନୈତିକ ଦଳର ସ୍ୱାର୍ଥରକ୍ଷା କରିବାପାଇଁ ପ୍ରଚେଷ୍ଟା କରନ୍ତି । ରାଜ୍ୟସଭା ନିର୍ବାଚନ ଶେଷ ହେବାପରେ ରାଜ୍ୟମାନଙ୍କରେ ଯେଉଁ

ସାଧାରଣ ନିର୍ବାଚନ ହୁଏ, ତାହାର ଫଳରେ ଯଦି ରାଜ୍ୟସଭାର ଗଠନରେ ଭିନ୍ନପ୍ରକାର ଦଳୀୟ ଅବସ୍ଥାନ ପରିଲକ୍ଷିତ ହୁଏ, ତେବେ ପୂର୍ବରୁ ନିର୍ବାଚିତ ରାଜ୍ୟସଭାର ସଦସ୍ୟମାନେ ଉକ୍ତ ରାଜ୍ୟକୁ ପ୍ରତିନିଧିତ୍ୱ ନ କରି ନିଜ ନିଜ ଦଳକୁ ପ୍ରତିନିଧିତ୍ୱ କରନ୍ତି ।

ରାଜ୍ୟସଭା ଗଠନ ଏବଂ କାର୍ଯ୍ୟକଳାପ ସଂପର୍କରେ ସଂବିଧାନ ପ୍ରଣେତାଙ୍କର ଯେଉଁ ଅଭିଳାଷ ଥିଲା ତାହା ବର୍ତ୍ତମାନ ଭଣ୍ଡୁର ହୋଇଛି । ରାଜ୍ୟସଭାରେ ପ୍ରବୀଣ ଓ ବିଜ୍ଞ ଏବଂ ଅନୁଭୂତି ସଂପନ୍ନ ବ୍ୟକ୍ତିମାନେ ସ୍ଥାନ ପାଇ ଆଲୋଚନାରେ ଅଂଶ ଗ୍ରହଣ କଲେ ତର୍କ ବିତର୍କର ମର୍ଯ୍ୟାଦା ବର୍ଦ୍ଧିତ ହେବବୋଲି ସେମାନଙ୍କର ଯେଉଁ ଲକ୍ଷ୍ୟ ଥିଲା ତାହା ଆଜି ହୀନ ଦଳୀୟ ରାଜନୀତି ଦ୍ୱାରା ନଷ୍ଟଭ୍ରଷ୍ଟ ହୋଇଛି । ବର୍ତ୍ତମାନ ପ୍ରବୀଣ ବ୍ୟକ୍ତିମାନେ ରାଜ୍ୟସଭାରେ ସ୍ଥାନ ପାଇଥିଲେ ହେଁ ଦୁଃଖର କଥା ଯେ ସେମାନେ ଦଳୀୟ ରାଜନୀତିର କ୍ରୀଡ଼ନକ ହୋଇ ରହିଯାଆନ୍ତି ଏବଂ ଫଳରେ ସଦନର ସମ୍ମାନ ହ୍ରାସ ପାଏ । ଅନେକ ସମୟରେ ନିର୍ବାଚକଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ କରାଯାଇଥିବା ବ୍ୟକ୍ତିମାନେ ପ୍ରଚ୍ଛନ୍ନ ଭାବରେ ରାଜନୈତିକ ଦଳର ପୃଷ୍ଠପୋଷକତା ଦ୍ୱାରା ରାଜ୍ୟସଭାକୁ ନିର୍ବାଚିତ ହୋଇଥାନ୍ତି । ଏହିପରି ନିର୍ବାଚିତ ହେଉଥିବା ନିମ୍ନସ୍ତରୀୟ ନେତାମାନଙ୍କର ଡଃ ଆମ୍ବେଦକର ଏବଂ କୁଞ୍ଜରୁ (Kunzru)ଙ୍କ ଭଳି ସ୍ୱାଧୀନତା ଏବଂ ସ୍ୱତନ୍ତ୍ରତା ନଥାଏ । ତଦନୁସାରେ ରାଜ୍ୟସଭାରେ ତର୍କ ବିତର୍କର ମାନ କମିଆସେ ।

ଆନୁପାତିକ ପ୍ରତିନିଧିତ୍ୱ ରୀତି ଅନୁସାରେ ଏକକମତଦାନ ପ୍ରଥାଦ୍ୱାରା ରାଜ୍ୟସଭା ସଦସ୍ୟମାନେ ନିର୍ବାଚିତ ହେଉଥିବା ଯୋଗୁଁ ଧନାଢ୍ୟ ବ୍ୟକ୍ତିମାନଙ୍କ ପକ୍ଷରେ ନିର୍ବାଚନ ବଜାରରେ ଭୋଟ କିଣିବାପାଇଁ ସହଜ ହୁଏ । ତେଣୁ ଜାତୀୟ ରାଜନୀତିରେ କଳାସଂପତ୍ତି (Black Money)ର ପ୍ରଭାବ ପଡ଼ିବା ସ୍ୱାଭାବିକ କଥା । ତେଣୁ ଯୁକ୍ତରାଷ୍ଟ୍ର ଅମେରିକା ଭଳି ଭାରତରେ ରାଜ୍ୟସଭାପାଇଁ ପରୋକ୍ଷ ନିର୍ବାଚନ ପରିବର୍ତ୍ତେ ପ୍ରତ୍ୟକ୍ଷ ନିର୍ବାଚନ ପ୍ରଚଳନ ପାଇଁ କେତେକ ରାଜନୀତି ବିଶାରଦ ମତବ୍ୟକ୍ତ କରନ୍ତି ।

ଅନେକ ସମୟରେ ବିଶେଷ ଯଥାର୍ଥତା ନଥାଇ ରାଜ୍ୟସଭା ଲୋକସଭାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ହିସାବରେ କାର୍ଯ୍ୟ କରିଛି । ରାଜ୍ୟସଭାର ଏହିଭଳି ପ୍ରକୃତି ଦର୍ଶାଇବା ପାଇଁ ମରିସ୍ ଜୋନସ୍ (Morris Jones) ଦୁଇଟି ଦୃଷ୍ଟାନ୍ତ ଉଲ୍ଲେଖ କରନ୍ତି । ପ୍ରଥମତଃ ୧୯୫୩ ମସିହାରେ ରାଜ୍ୟସଭାର ଆଇନ ସମିତି (Rules committee) ଲୋକସଭାର ସାଧାରଣ ହିସାବ ସମୀକ୍ଷା ସମିତି (Public Accounts Committee)ରେ ଅନ୍ତର୍ଭୁକ୍ତ ହେବାପାଇଁ ୭ ଜଣ ସଦସ୍ୟଙ୍କୁ ପଠେଇବା ପାଇଁ ଅସମ୍ମତ ହୋଇଥିଲା ଏବଂ ଆଇନ (Law) ବିଭାଗ ଉପଭୋଗ କରୁଥିବା ଏବଂ ରାଜ୍ୟସଭାର ନେତୃତ୍ୱ କରୁଥିବା ବିଶ୍ୱାସଙ୍କୁ (Biswas) କୌଣସି ପଦାଧିକାର ବଳରେ ଲୋକସଭାରେ ଅଂଶଗ୍ରହଣ ନ କରିବାପାଇଁ ନିର୍ଦ୍ଦେଶ ଦେଇଥିଲା । ଅବଶ୍ୟ କୌଶଳୀ ନେହେରୁ ମିଳାମିଶାର ଏକ ପନ୍ଥା

ଆବଶ୍ୱାର କର ସାଧାରଣ ହିସାବ ସମୀକ୍ଷା ସମିତିରେ ଯୋଗଦେବାପାଇଁ ରାଜ୍ୟସଭାର ୭ଜଣ ସଦସ୍ୟଙ୍କୁ ପଠାଇବାପାଇଁ ରାଜ୍ୟସଭା ସଦସ୍ୟଙ୍କୁ ରାଜି କରାଇଥିଲେ । ଦ୍ୱିତୀୟତଃ, ୧୯୫୪ ମସିହାରେ ଲୋକସଭାରେ ଏନ. ସି. ଚାଟାର୍ଜି ମନ୍ତବ୍ୟ କରିଥିଲେ ଯେ ଉଚ୍ଚସଦନ ଯାହାକି ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ସଦନଭଳି ବ୍ୟବହାର କରିବା କଥା, ତାହା ଦୁଷ୍ଟ ବାଳକଙ୍କ ଏକ ଦଳଭଳି ଦାୟିତ୍ୱହୀନ ଭାବେ ବ୍ୟବହାର କରୁଅଛି (The Upper House which is supposed to be a body of the elders, seems to be behaving irresponsibly like a pack of urchins).

କ୍ରମଶଃ ରାଜ୍ୟସଭାର ଏକ ପ୍ରତିଷ୍ଠା ସଚେତନ ( Status Consciousness) ବୃଦ୍ଧି ପାଇଛି; ଫଳରେ ଉଭୟ ସଦନ ମଧ୍ୟରେ ଥିବା ସମ୍ପର୍କ ଅଧିକ ତିକ୍ତ ହୋଇଛି । ୧୯୬୩ ମସିହାରେ, ଆୟବ୍ୟୟ ଅଟକଳ ( Budget ) ଲୋକସଭାରେ ଆଲୋଚିତ ନହେବା ପୂର୍ବରୁ ରାଜ୍ୟସଭାରେ ଆଲୋଚିତ ହୋଇ ପାରିବ ନାହିଁ ବୋଲି ଲୋକସଭାରେ ନିଆଯାଇଥିବା ସିଦ୍ଧାନ୍ତ ବିରୁଦ୍ଧରେ ରାଜ୍ୟସଭାରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ଏଚ. ଭି. କାମାଥ (H.V. Kamath )ଙ୍କ ଭଳି ଜଣେ ଲୋକସଭା ସଦସ୍ୟଙ୍କ ମୁହଁରୁ 'ଭାରତର ରାଜ୍ୟସଭା ଇଂଲଣ୍ଡର ଲର୍ଡସଭା ସହିତ ସମାନ' ପରି ଏକ ସାଧାରଣ ମନ୍ତବ୍ୟ ବିରୁଦ୍ଧରେ ରାଜ୍ୟସଭାରେ ଦୃଢ଼ ପ୍ରତିବାଦ କରାଯାଇଥିଲା । ରାଜ୍ୟସଭା ନିଜକୁ ଶକ୍ତିଶାଳୀ ବୋଲି ପ୍ରମାଣିତ କରିବାପାଇଁ ସବୁବେଳେ ଚେଷ୍ଟା କରିଆସିଛି । ୧୯୬୧ ମସିହାରେ ଯୌତୁକ ବିରୋଧୀ ବିଧେୟକ (Dowry Prohibition Bill) ସମ୍ପର୍କରେ ନିଜ ସୁପାରିଶଗୁଡ଼ିକ ଉପରେ ରାଜ୍ୟସଭାର ଅନୁଷଙ୍ଗ ( adherence ) ଏତେ ପ୍ରବଳ ଥିଲା ଯେ, ଯାହା ଫଳରେ ପ୍ରଥମଥର ପାଇଁ ଉଭୟ ସଦନର ମିଳିତ ଅଧିବେଶନ ଆହ୍ୱାନ କରାଗଲା ଏବଂ ରାଜ୍ୟସଭାଦ୍ୱାରା ପ୍ରସ୍ତାବିତ ଦୁଇଗୋଟି ସୁପାରିଶ ମଧ୍ୟରୁ ଗୋଟିଏକୁ ଗ୍ରହଣ କରାଗଲା । ୧୯୭୦ ମସିହାରେ ଭାରତର ପୂର୍ବତନ ରାଜାମାନଙ୍କ ହାତପାଣ୍ଠି ଉଚ୍ଛେଦ ସମ୍ପର୍କୀୟ ସମ୍ବିଧାନ ସଂଶୋଧନ ବିଧେୟକ ( Constitution Amendment Bill )କୁ ନାକଚ କରିଦେବା ଫଳରେ ରାଜ୍ୟ ସଭାର ଦୃଢ଼ନିଷ୍ଠିତ ବିଷୟରେ ଅଳ୍ପବହୁତେ ପ୍ରାୟ ସମସ୍ତେ ଉପଲବ୍ଧି କରିଥିଲେ ।

ଦୁର୍ଭାଗ୍ୟବଶତଃ ରାଜ୍ୟସଭା ଏକ 'ଦେବଦୂତଙ୍କ ସଦନ' ( House of Angels ) ପରି କାର୍ଯ୍ୟସଂପାଦନ କରିନପାରୁଥିଲେ ସୁଦ୍ଧା, ସୌଭାଗ୍ୟବଶତଃ ଏହା ଏକ ପ୍ରତିକ୍ରିୟାଶୀଳ ଏବଂ ଅପ୍ରସ୍ତୁତ ସଦନ ହିସାବରେ କାର୍ଯ୍ୟ କରୁନାହିଁ । କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ମୁକ୍ତଭୂମି, କିମ୍ବା ଆଞ୍ଚଳିକ ଦାବୀଗୁଡ଼ିକର ଏକ ପ୍ରତିଫଳନ କକ୍ଷ ହିସାବରେ ନିଜକୁ ପ୍ରମାଣିତ କରାଇବା ରାଜ୍ୟସଭାର ଉଦ୍ଦେଶ୍ୟ ନୁହେଁ । ତେଣୁ ୧୯୫୩ ମସିହା ମଇ ୭ ତାରିଖରେ ନେହେରୁଙ୍କ ଉକ୍ତିକୁ ରୂପାୟିତ କରିବାପାଇଁ ରାଜ୍ୟସଭା ଇଚ୍ଛୁକ ଥିବା ଜଣାପଡ଼େ । ସେ କହିଥିଲେ ଯେ କୌଣସି ଗୋଟିଏ ସଦନକୁ ନେଇ ସଂସଦ ଗଠନ

ହୋଇ ପାରେ ନାହିଁ; ତେଣୁ ଉଭୟ ସଦନ ପରସ୍ପର ସହିତ ସହଯୋଗ କରି କାର୍ଯ୍ୟ କରିବା ଉଚିତ । ( "The two Houses must act in close co-operation as neither of the two Houses by itself constitutes the Parliament. It is the two Houses together that are Parliament in India. )"

## ସଂସଦର ଆଇନ ପ୍ରଣୟନ ପଦ୍ଧତି

**( Procedure of Legislation in Parliameut )**

ସମ୍ବିଧାନ ଅନୁସାରେ ଅର୍ଥ ବିଧେୟକ ( Money Bill ) ଏବଂ ଅନ୍ୟାନ୍ୟ ଅର୍ଥ ସମ୍ବନ୍ଧୀୟ ବିଧେୟକ ( Other Financial Bills ) ବ୍ୟତୀତ ଅନ୍ୟ ଯେ କୌଣସି ବିଧେୟକ ଗୋଟିଏ ସଦନରେ ଉପସ୍ଥାପିତ କରାଯାଇପାରେ । କୌଣସି ବିଧେୟକ ବିନା ସଂଶୋଧନରେ ବା ସଂଶୋଧନ ସହିତ ଦୁଇ ସଦନ ଦ୍ୱାରା ଗୃହୀତ ନହେଲେ ତାହା ସଂସଦ-ଦ୍ୱାରା ଗୃହୀତ ହୋଇଛି ବୋଲି ଧରାଯିବ ନାହିଁ । ଏ ବିଷୟରେ ଦୁଇସଦନ ମଧ୍ୟରେ ସଂପର୍କ ସଂବନ୍ଧରେ ବିସ୍ତୃତ ନିୟମାବଳୀ ଲିପିବଦ୍ଧ ହୋଇଛି । ଏହି ନିୟମାବଳୀ ଅନୁସାରେ ଅର୍ଥ-ବିଧେୟକ ଏବଂ ଅନ୍ୟାନ୍ୟ ଅର୍ଥ ସଂବନ୍ଧୀୟ ବିଧେୟକ ବ୍ୟତୀତ ଅନ୍ୟାନ୍ୟ ବିଧେୟକ ଗୃହୀତ ହେବା ସଂପର୍କରେ ଉଭୟ କକ୍ଷର କ୍ଷମତା ସମାନ । କୌଣସି ବିଧେୟକ ଗୋଟିଏ ସଦନରେ ଗୃହୀତ ହୋଇସାରିବା ପରେ ତାକୁ ଅନ୍ୟ ସଦନକୁ ପଠାଇ ଦିଆଯାଏ । ବିଧେୟକ ଧାରନା ପରେ ଅପର ସଦନରେ ଆଲୋଚନାପରେ ଗୃହୀତ ହୋଇପାରେ, କିମ୍ବା ବିଧେୟକ ସଂଶୋଧନ ସଂପର୍କରେ ଦୁଇ ସଦନ ମଧ୍ୟରେ ମତବିରୋଧ ଦେଖାଦେଇପାରେ କିମ୍ବା ବିଧେୟକ ପ୍ରେରଣର ଛଅମାସରୁ ଅଧିକ କାଳ ଅତିବାହିତ ହେବା ସତ୍ତ୍ୱେ ଅପର ସଦନ ବିଧେୟକକୁ ପାସ୍ ନକଲେ, ରାଷ୍ଟ୍ରପତି ମୀମାଂସା ନିମନ୍ତେ ଦୁଇ ସଦନର ମିଳିତ ଅଧିବେଶନ ଡକାଇ ବିଜ୍ଞପ୍ତି ଦେଇପାରନ୍ତି । କିନ୍ତୁ ଇତିମଧ୍ୟରେ ଲୋକସଭା ଭାଙ୍ଗିଯିବାଫଳରେ ବିଧେୟକ ବାତିଲ ହୋଇଗଲେ (Lapsed by the disolution of the House of the People) ଏପରି ବିଜ୍ଞପ୍ତି ଦିଆଯାଏ ନାହିଁ । ମିଳିତ ଅଧିବେଶନରେ ଉପସ୍ଥିତ ଏବଂ ମତପ୍ରଦାନକାରୀ ସଦସ୍ୟସମୂହଙ୍କର ମତାଧିକାର ଦ୍ୱାରା ସଂଶ୍ଳିଷ୍ଟ ବିଧେୟକ ସଂପର୍କରେ ସିଦ୍ଧାନ୍ତ ଗ୍ରହଣ କରାଯାଏ ।

ସଂସଦର ସଦନ ଦ୍ୱୟର ଅଧିବେଶନ ବନ୍ଦ (Prorogation) ଥିଲେ ବିବେଚନାଧୀନ କୌଣସି ବିଧେୟକ ଅସିଦ୍ଧ ହେବନାହିଁ । କୌଣସି ବିଧେୟକ ଲୋକସଭାଦ୍ୱାରା ଗୃହୀତ ନହୋଇ ରାଜ୍ୟସଭାର ବିଚାରାଧୀନ ଥିବା ଅବସ୍ଥାରେ ଲୋକସଭା ଭାଙ୍ଗିଗଲେ ମଧ୍ୟ ତାହା ଅସିଦ୍ଧ ହୁଏନାହିଁ । କିନ୍ତୁ କୌଣସି ବିଧେୟକ ଲୋକସଭାର ବିଚାରାଧୀନ ଥିବା ଅବସ୍ଥାରେ କିମ୍ବା ଲୋକସଭା ଦ୍ୱାରା ଗୃହୀତ ହୋଇ ରାଜ୍ୟସଭାର ବିଚାରାଧୀନ ଥିବା

ଅବସ୍ଥାରେ ଲୋକସଭା ଭାଙ୍ଗିଗଲେ ତାହା ସଙ୍ଗେ ସଙ୍ଗେ ଅସିଦ୍ଧ ହୋଇଯାଏ । କିନ୍ତୁ ଉଭୟ ସଦନଦ୍ୱାରା ଗୃହୀତ ହୋଇ ବିଧେୟକ ରାଷ୍ଟ୍ରପତିଙ୍କ ସମ୍ମତି ଅପେକ୍ଷାରେ ତାଙ୍କ ବିଚାରାଧୀନ ଥିବା ଅବସ୍ଥାରେ ଲୋକସଭା ଭାଙ୍ଗିଗଲେ ଅସିଦ୍ଧ ହୁଏ ନାହିଁ । ବିଧେୟକ ଅସିଦ୍ଧ ହେବା ସମ୍ପର୍କରେ ଇଂଲଣ୍ଡରେ କିନ୍ତୁ ଭିନ୍ନ ପ୍ରଣାଳୀ ପରିଲକ୍ଷିତ ହୁଏ । ସେଠାରେ ସଂସଦର ଅଧିବେଶନ ବନ୍ଦ ହେଲେ (Prorogation) ବା କମନ୍‌ସ ସଭା ଭାଙ୍ଗିଗଲେ ସବୁ ପ୍ରକାର ଅସମାପ୍ତ କାର୍ଯ୍ୟ ଓ ବିଚାରାଧୀନ ବିଧେୟକ ଅସିଦ୍ଧ ହୋଇଯାଏ । ଏପରିକି ରାଜା ବା ରାଣୀଙ୍କ ସମ୍ମତି ଅପେକ୍ଷାରେ ତାଙ୍କର ବିଚାରାଧୀନ ରହିଥିବା ବିଧେୟକ ଗୁଡ଼ିକ ବିନଷ୍ଟ ହୋଇଯାଏ ।

## ସଂସଦରେ ବିଧେୟକ ଗୃହୀତ ହେବାର ବିଭିନ୍ନ ପର୍ଯ୍ୟାୟ

**( Different stages in the passing of a Bill in the Parliament )**

ବିଧେୟକ ଉତ୍ଥାପନ ଓ ଗୃହୀତ ହେବା ସମ୍ପର୍କରେ ସଂସଦର ଦୁଇ ସଦନର କ୍ଷମତା ଆଲୋଚନାପରେ ଯେଉଁ ବିଭିନ୍ନ ପର୍ଯ୍ୟାୟ ମଧ୍ୟଦେଇ ଉଭୟ ସଦନର ବିଧେୟକ ଗୃହୀତ ହୁଏ ତାହା ଆଲୋଚନା କରିବା ପ୍ରୟୋଜନ । ମୁଖ୍ୟତଃ ସାଧାରଣ ବିଧେୟକ ଗୁଡ଼ିକ ଦୁଇ ଶ୍ରେଣୀରେ ବିଭକ୍ତ ଯଥା—ସରକାରୀ ବିଧେୟକ (Government Bill ଓ ବେସରକାରୀ ସଦସ୍ୟଙ୍କ ବିଧେୟକ (Private Members Bill) । ଏହି ଦୁଇ ପ୍ରକାର ବିଧେୟକ ଗୃହୀତ ପଦ୍ଧତି ମଧ୍ୟରେ କେତେକ ପାର୍ଥକ୍ୟ ରହିଛି । ମନ୍ତ୍ରୀମାନଙ୍କ ଦ୍ୱାରା ଉତ୍ଥାପିତ ହୋଇଥିବା ବିଧେୟକକୁ ସରକାରୀ ବିଧେୟକ ଏବଂ ସଂସଦର ସାଧାରଣ ସଦସ୍ୟଙ୍କ ଦ୍ୱାରା ଉତ୍ଥାପିତ ବିଧେୟକକୁ ବେସରକାରୀ ସଦସ୍ୟଙ୍କ ବିଧେୟକ କୁହାଯାଏ । ବର୍ତ୍ତମାନ ଅଧିକାଂଶ ଆଇନ ସରକାରୀ ଉଦ୍ୟୋଗ ଓ ତତ୍ତ୍ୱାବଧାନରେ ଉପସ୍ଥାପିତ ଓ ଗୃହୀତ ହୁଏ ।

## ସରକାରୀ ବିଧେୟକ ଗୃହୀତ ପଦ୍ଧତି

ମନ୍ତ୍ରିମଣ୍ଡଳ ହିଁ ପ୍ରସ୍ତୁତ ଏବଂ ଗୃହୀତ ହେବାପାଇଁ ଉଦ୍ଦିଷ୍ଟ ବିଧେୟକଗୁଡ଼ିକର ବିଷୟବସ୍ତୁ ଉପରେ ସିଦ୍ଧାନ୍ତ ଗ୍ରହଣ କରେ । ପ୍ରୟୋଜନ ଅନୁଭବକରି ସଂଶ୍ଳିଷ୍ଟ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦିଷ୍ଟ ବିଷୟରେ ଆଇନ ପ୍ରଣୀତ କରାଇବା ପାଇଁ ପ୍ରସ୍ତାବ ଦିଏ । ଅବଶ୍ୟ ଅଧିକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବଗୁଡ଼ିକ ଦଳୀୟ ନିର୍ବାଚନୀ କର୍ମସୂଚୀ ( Election Manifesto ) ଭିତ୍ତିରେ ଗ୍ରହଣ କରାଯାଏ । ନିର୍ବାଚନ ସମୟରେ ନିର୍ବାଚକମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଥିବା ନୀତିଗୁଡ଼ିକୁ କାର୍ଯ୍ୟରେ ପରିଣତ କରିବା ଶାସକ ଦଳର ପ୍ରଥମ ଦାୟିତ୍ୱ ହେବା ଉଚିତ । ଯେ ଯାହାହେଉ, କୌଣସି ଆଇନ ପ୍ରଣୟନ କରିବାପାଇଁ ପ୍ରସ୍ତାବ ଆସିଗଲେ ଉକ୍ତ ଆଇନର ଆର୍ଥିକ, ରାଷ୍ଟ୍ରନୈତିକ, ଶାସନତାନ୍ତ୍ରିକ ଓ ଅନ୍ୟାନ୍ୟ ଫଳାଫଳ ସମ୍ପର୍କରେ

ସଂଶ୍ଲିଷ୍ଟ ମନ୍ତ୍ରୀ କାର୍ଯ୍ୟାଳୟକୁ ଅନୁଧ୍ୟାନ କରିବାକୁ ହୁଏ । ଏହାଛଡ଼ା ସଂଶ୍ଲିଷ୍ଟ ମନ୍ତ୍ରୀ କାର୍ଯ୍ୟାଳୟକୁ ପ୍ରସ୍ତାବିତ ଆଇନର ଆଇନଗତ ଓ ପ୍ରଶାସନିକ ଫଳାଫଳ ଜାଣିବାପାଇଁ ଆଇନ ସଂକ୍ରାନ୍ତୀୟ ମନ୍ତ୍ରୀ କାର୍ଯ୍ୟାଳୟ ( The Ministry of Law ) ସହିତ ପରାମର୍ଶ କରିବାକୁ ପଡ଼େ । ମନ୍ତ୍ରିମଣ୍ଡଳ ପ୍ରସ୍ତାବକୁ ଅନୁମୋଦନ କରିସାରିବାପରେ ଆଇନ ସଂକ୍ରାନ୍ତୀୟ ମନ୍ତ୍ରୀ କାର୍ଯ୍ୟାଳୟକୁ ପ୍ରସ୍ତାବିତ ଆଇନର ଖସଡ଼ା ରଚନା (Draft Bill) ପ୍ରସ୍ତୁତ କରିବା ପାଇଁ ଅନୁରୋଧ କରାଯାଏ । ଖସଡ଼ା ରଚନା କାର୍ଯ୍ୟ ସମାପ୍ତ ହେଲେ ବିଧେୟକକୁ ଛପାଯାଏ ଏବଂ ସଂସଦରେ ଉତ୍ଥାପନ କରିବାର ବ୍ୟବସ୍ଥା କରାଯାଏ ।

## ବିଧେୟକ ଉତ୍ଥାପନ ଓ ପ୍ରଥମ ପାଠ

ସାଧାରଣ ବିଧେୟକ ଆଗତ କରିବା ନିମିତ୍ତ ଏକମାସ ପୂର୍ବରୁ ନୋଟିସ ଦେବା ଆବଶ୍ୟକ । ପ୍ରଥମେ ବିଧେୟକର ନାମ ପଢ଼ା ହୁଏ ଏବଂ ସଂଶ୍ଲିଷ୍ଟ ମନ୍ତ୍ରୀ ଏହାକୁ ଆଗତ କରିବା ନିମିତ୍ତ ସଦନର ଅନୁମତି ନେଇଥାନ୍ତି । ପ୍ରଚଳିତ ପ୍ରଥା ଅନୁଯାୟୀ ଏହି ପର୍ଯ୍ୟାୟରେ କିଛି ଆଲୋଚନା ହୁଏନାହିଁ । କେବଳ ସଂଶ୍ଲିଷ୍ଟ ମନ୍ତ୍ରୀ ବିଧେୟକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇ ପ୍ରସ୍ତାବିତ ବିଧେୟକକୁ ସଦନରେ ଉପସ୍ଥାପିତ କରନ୍ତି । ଏହାର ଉତ୍ଥାପନ ବିଷୟରେ ବିରୋଧୀ ଦଳ ତରଫରୁ କୌଣସି ବିରୋଧ କରାଗଲେ, ବିରୋଧ କରୁଥିବା ସଦସ୍ୟଙ୍କୁ ତାଙ୍କ ମତ ପ୍ରକାଶ ପାଇଁ ସୁବିଧା ଦିଆଯାଏ । ଅର୍ଦ୍ଧାଧିକ ସଦସ୍ୟଙ୍କ ସମର୍ଥନ ଲାଭ କଲେ ପ୍ରସ୍ତାବିତ ବିଧେୟକଟି ଆଗତଯୋଗ୍ୟ ବୋଲି ଘୋଷିତ ହୁଏ । ତା'ପରେ ଅବିଳମ୍ବେ ଜନସାଧାରଣଙ୍କ ଅବଗତି ପାଇଁ ସରକାରୀ ଇସ୍ତାହାର(Gazette)ରେ ପ୍ରକାଶ କରାଯାଏ । ଏହି ପର୍ଯ୍ୟାୟକୁ ବିଧେୟକ ଉତ୍ଥାପନ ଓ ପ୍ରଥମ ପାଠ (Introduction of the Bill and First Reading) ବୋଲି କୁହାଯାଏ ।

ବିଧେୟକ ଉତ୍ଥାପନ ପରେ ଭାରପ୍ରାପ୍ତ ମନ୍ତ୍ରୀ ପ୍ରସ୍ତାବ କରନ୍ତି ଯେ— (୧) ସଦନ ଏହାର ବିସ୍ତୃତ ଆଲୋଚନା ପାଇଁ ଅନ୍ୟ ଗୋଟିଏ ଦିନ ଧାର୍ଯ୍ୟ କରୁ, ଅଥବା (୨) ଜନମତ ସଂଗ୍ରହପାଇଁ ଏହା ପ୍ରେରିତ ହେଉ, ଅଥବା (୩) ବିଧେୟକକୁ ବାଛନ୍ତା କମିଟି (Select Committee) ନିକଟକୁ ପ୍ରେରଣ କରାଯାଉ । ଏହା ବ୍ୟତୀତ କେତେକ ବିଧେୟକକୁ ଦୁଇ ସଦନର ଏକ ଯୁକ୍ତ କମିଟି (Joint Committee of the Two Houses) ନିକଟକୁ ପ୍ରେରଣର ପ୍ରସ୍ତାବ ସଂଶ୍ଲିଷ୍ଟ ମନ୍ତ୍ରୀ ଉପସ୍ଥାପିତ କରିପାରନ୍ତି । ଏହି ସବୁ ପ୍ରସ୍ତାବ କଲାବେଳେ ଭାରପ୍ରାପ୍ତ ମନ୍ତ୍ରୀ ସଦସ୍ୟମାନଙ୍କୁ ବିଧେୟକର ଉଦ୍ଦେଶ୍ୟ ଓ ପ୍ରୟୋଜନୀୟତା ସମ୍ପର୍କରେ ବ୍ୟାଖ୍ୟା କରନ୍ତି । ଉପରୋକ୍ତ ତିନିଗୋଟି ବ୍ୟବସ୍ଥା ମଧ୍ୟରୁ ଯେ କୌଣସି ଗୋଟିଏ ବ୍ୟବସ୍ଥା ଗ୍ରହଣ କରିବା ବିଷୟରେ ମତଭେଦ ଘଟିଲେ ଭୋଟ ନିଆଯାଇ ସ୍ଥିର କରାଯାଏ । ଅତ୍ୟାବଶ୍ୟକୀୟ ସରକାରୀ ବିଧେୟକଗୁଡ଼ିକୁ ଅତିଶୀଘ୍ର ଆଲୋଚନା ପାଇଁ ଗ୍ରହଣ କରାଯାଏ । ଜନମତ ସଂଗ୍ରହର ପ୍ରୟୋଜନୀୟତା ଉପଲବ୍ଧି କରାଗଲେ

କୌଣସି ବିଧେୟକକୁ ଜନମତ ସଂଗ୍ରହ ପାଇଁ ପଠାଯାଏ । ଭାରପ୍ରାପ୍ତ ମନ୍ତ୍ରୀ ସାଧାରଣତଃ ବିଧେୟକକୁ କୌଣସି ଯାଞ୍ଚ କମିଟି ନିକଟକୁ ପ୍ରେରଣ କରିବାକୁ ପ୍ରସ୍ତାବ କରନ୍ତି । କିନ୍ତୁ ଭାରତୀୟ ସଂସଦରେ ଅନୁସୃତ ହେଉଥିବା ବ୍ୟବସ୍ଥା ଅନୁସାରେ କେବଳ ଅଳ୍ପ ସଂଖ୍ୟକ ବିଧେୟକ ସମିତିକୁ ପଠାଯାଏ । କୌଣସି ବିଧେୟକକୁ ଯାଞ୍ଚ କମିଟି ନିକଟକୁ ପଠାଇବା ପାଇଁ ସ୍ଥିର କରାଗଲେ ଭାରପ୍ରାପ୍ତ ମନ୍ତ୍ରୀ ଯାଞ୍ଚ କମିଟି ସଦସ୍ୟମାନଙ୍କର ନାମ ଉଲ୍ଲେଖ କରନ୍ତି । ବିଧେୟକ ଯୁକ୍ତ କମିଟିକୁ ଗଲବେଳେ ମନ୍ତ୍ରୀ କମିଟିରେ ଥିବା ବିଲ୍-ଉତ୍ଥାପିତ ସଦନର ସଦସ୍ୟମାନଙ୍କର ନାମ ଉଲ୍ଲେଖ କରନ୍ତି ଏବଂ ଅନ୍ୟ ସଦନକୁ ଯୁକ୍ତ କମିଟିର ସଦସ୍ୟମାନଙ୍କର ନାମ ପ୍ରଦାନ କରିବାକୁ ଅନୁରୋଧ କରନ୍ତି ।

## କମିଟି ପର୍ଯ୍ୟାୟ

ଯାଞ୍ଚ କମିଟି ସଂପୃକ୍ତ ସଦନର କେତେଜଣ ସଦସ୍ୟଙ୍କୁ ନେଇ ବାଚସ୍ପତି ବା ଅଧ୍ୟକ୍ଷଙ୍କ ଦ୍ୱାରା ଗଠିତ ହୁଏ । ସଦସ୍ୟମାନେ ନିଜ ମଧ୍ୟରୁ ବୟୋଜ୍ୟେଷ୍ଠ ବ୍ୟକ୍ତିଙ୍କୁ ସଭାପତି ରୂପେ ନିର୍ବାଚିତ କରନ୍ତି, ଅଥବା ବାଚସ୍ପତି ସେମାନଙ୍କ ମଧ୍ୟରୁ ଜଣଙ୍କୁ ସଭାପତି ରୂପେ ନାମିତ କରନ୍ତି । କମିଟି ମଧ୍ୟରେ ବିଧେୟକର ସାଧାରଣ ଆଲୋଚନା କରାଯାଏ ଏବଂ ପରେ ବିଧେୟକର ପ୍ରତ୍ୟେକ ଧାରାର (Clause by Clause) ପୁଙ୍ଖାନୁପୁଙ୍ଖ ବିଚାର ଆଲୋଚନା ହୁଏ । କମିଟି ବିଧେୟକର ସଂଶୋଧନ ପାଇଁ ସୁପାରିଶ ମଧ୍ୟ କରିପାରେ । ସାକ୍ଷୀ ଗ୍ରହଣ, କାଗଜପତ୍ରର ତଦନ୍ତ, ସଂଶ୍ଳିଷ୍ଟ ସ୍ୱାର୍ଥର ବକ୍ତବ୍ୟ ଗ୍ରହଣ ଇତ୍ୟାଦି କରିବାକୁ କମିଟି ସମର୍ଥ ଅଟେ । କମିଟି ବିଧେୟକର ପ୍ରକୃତ ଉଦ୍ଦେଶ୍ୟ ବା ନୀତିର ପରିବର୍ତ୍ତନ କରିବାକୁ ସକ୍ଷମ ନୁହେଁ । ବିଧେୟକର ଭାଷାଗତ ଦୁର୍ବଳତା ଥିଲେ ବା ଏହାର ଉଦ୍ଦେଶ୍ୟସ୍ପଷ୍ଟ ହୋଇ ନଥିଲେ କମିଟି ସଂଶୋଧନ ପ୍ରସ୍ତାବ କରେ । କୌଣସି ପ୍ରଚଳିତ ଆଇନପ୍ରତି ବିଧେୟକ ବିରୋଧ କରୁଛି କି ନାହିଁ, ଏହି କଥା ବି କମିଟିକୁ ଦେଖିବାକୁ ହୁଏ । ଏହି ପର୍ଯ୍ୟାୟକୁ କମିଟି ପର୍ଯ୍ୟାୟ ( Committee Stage) କୁହାଯାଏ । ସେ କ୍ଷେତ୍ରରେ ବିରୋଧ ମତ (Note of Dissent) ମଧ୍ୟ ବିବରଣୀରେ ଲିପିବଦ୍ଧ ହୁଏ । ବିଚାର ଆଲୋଚନା ଶେଷହେବା ପରେ କମିଟି ବିବରଣୀ ପ୍ରସ୍ତୁତ କରେ । କମିଟିର ସଭାପତି ସଂପୃକ୍ତ ସଦନରେ କମିଟିର ବିବରଣୀକୁ ଉପସ୍ଥାପିତ କରିଥାନ୍ତି । ଏହାକୁ ବିବରଣୀ ଉପସ୍ଥାପିତ ପର୍ଯ୍ୟାୟ (Report Stage) କୁହାଯାଏ ।

## ଦ୍ୱିତୀୟ ପାଠ

ଏହାପରେ ପ୍ରସ୍ତାବିତ ବିଧେୟକର ସମସ୍ତ ଧାରା ଓ ଉପଧାରାକୁ କମିଟିର ସଂଶୋଧନ ପ୍ରସ୍ତାବଗୁଡ଼ିକ ସହ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଏ ଏବଂ ପ୍ରତ୍ୟେକ ଧାରା ଉପରେ ପୃଥକ୍ ପୃଥକ୍ ଭୋଟଗ୍ରହଣ କରାଯାଏ । ଏହି ପର୍ଯ୍ୟାୟରେ ସଦନର ସଦସ୍ୟମାନେ

ସଂଶୋଧନ ପ୍ରସ୍ତାବ ଆଗତ କରିପାରନ୍ତି । କେଉଁ କେଉଁ ସଂଶୋଧନୀ ପ୍ରସ୍ତାବ ଆଗତ କରାଯିବ ତାହା ନିର୍ଦ୍ଧାରଣ କରିବା କ୍ଷମତା ବାଚସ୍ପତିଙ୍କର ରହିଛି । ଏହି ପର୍ଯ୍ୟାୟକୁ ଦ୍ୱିତୀୟ ପାଠ ( Second Reading ) କୁହାଯାଏ । ଏହି ପର୍ଯ୍ୟାୟରେ ସଂଶୋଧନ ପ୍ରସ୍ତାବ-ଗୁଡ଼ିକର ଗ୍ରହଣ ଯୋଗ୍ୟତା ସମ୍ପର୍କରେ ନିଷ୍ପତ୍ତି ନିଆଯାଏ ।

## ତୃତୀୟପାଠ

କୌଣସି ବିଧେୟକର ସମସ୍ତ ଧାରା ସମ୍ପର୍କରେ ବିଚାର ଆଲୋଚନା ଓ ଭୋଟ ଗ୍ରହଣ ସମାପ୍ତ ହେବାପରେ ବିଧେୟକର ତୃତୀୟପାଠ ( Third Reading ) ଆରମ୍ଭ ହୁଏ । ବିଧେୟକକୁ ଅଥବା ସଂଶୋଧିତ ବିଧେୟକକୁ ଗୃହୀତ କରିବାପାଇଁ ପ୍ରସ୍ତାବ କରାଯାଏ । ଏହି ପର୍ଯ୍ୟାୟରେ ବିଧେୟକକୁ ସାମଗ୍ରିକ ଭାବେ ଗ୍ରହଣ ବା ପ୍ରତ୍ୟାଖ୍ୟାନ କରିବା ପ୍ରଶ୍ନ ନେଇ ବିତର୍କ ଚାଲେ । ଏହି ସ୍ତରରେ କେବଳ ମୌଖିକ ବା ଆନୁଷ୍ଠାନିକ (Oral or Formal) ସଂଶୋଧନ ପ୍ରସ୍ତାବ ବିନା ଅନ୍ୟ କୌଣସି ସଂଶୋଧନ ପ୍ରସ୍ତାବ ଆଗତ କରାଯାଏ ନାହିଁ । ସମୁଦାୟ ବିଧେୟକ ସପକ୍ଷରେ ସଂଖ୍ୟାଧିକ ସଦସ୍ୟ ସମର୍ଥନ ଜଣାଇଲେ ବିଧେୟକଟି ଗୃହୀତ ହୁଏ ।

## ଅନ୍ୟ ସଦନଦ୍ୱାରା ବିଚାର ଆଲୋଚନା

ବିଧେୟକଟି ଗୋଟିଏ ସଦନରେ ଗୃହୀତ ହୋଇସାରିବା ପରେ ତାକୁ ଅପର ସଦନର ବିଚାର ଆଲୋଚନା ( Consideration by the other House ) ପାଇଁ ପ୍ରେରଣ କରାଯାଏ । ଅପର ସଦନ ମଧ୍ୟ ଅନୁରୂପ ପଦ୍ଧତି ମାଧ୍ୟମରେ ବିଧେୟକ ସଂପର୍କରେ ସିଦ୍ଧାନ୍ତ ଗ୍ରହଣକରେ । ବିଧେୟକଟି ଅପର ସଦନରେ ଗୃହୀତ ହୋଇଗଲା ପରେ ତାହା ରାଷ୍ଟ୍ରପତିଙ୍କ ନିକଟରେ ତାଙ୍କ ସମ୍ମତି ( Assent ) ପାଇଁ ଉପସ୍ଥାପିତ କରାଯାଏ । ରାଷ୍ଟ୍ରପତି ସମ୍ମତି ପ୍ରଦାନ କଲେ ବିଧେୟକଟି ଆଇନ ( Act )ରେ ପରିଣତ ହୁଏ । କିନ୍ତୁ ଅପର ସଦନ ବିଧେୟକଟିକୁ ପ୍ରତ୍ୟାଖ୍ୟାନ କରିପାରେ ବା କୌଣସି ବ୍ୟବସ୍ଥା ନକରି ନୀରବ ରହିପାରେ । ଯେଉଁ କ୍ଷେତ୍ରରେ ବିଧେୟକର ପ୍ରତ୍ୟାଖ୍ୟାନ କରାଯାଏ ବା ଛଅମାସ ଧରି ଅପର ସଦନଦ୍ୱାରା କୌଣସି ବ୍ୟବସ୍ଥା କରାଯାଏ ନାହିଁ ସେ କ୍ଷେତ୍ରରେ ରାଷ୍ଟ୍ରପତି ଉଭୟ ସଦନର ମିଳିତ ଅଧିବେଶନ ଆହ୍ୱାନ କରନ୍ତି । ମିଳିତ ଅଧିବେଶନରେ ସଦସ୍ୟମାନଙ୍କ ସଂଖ୍ୟାଧିକ ଭୋଟରେ ବିଧେୟକ ସିଦ୍ଧାନ୍ତ ଗ୍ରହଣ କରାଯାଏ । ଅପର ସଦନ ବିଧେୟକଟିକୁ ପ୍ରତ୍ୟାଖ୍ୟାନ ନକରି ବା ସେ ବିଷୟରେ ନୀରବ ନରହି ସଂଶୋଧିତ ଆକାରରେ ଗ୍ରହଣ କରିପାରେ । ଏପରି ସ୍ଥଳେ ବିଧେୟକଟି ପ୍ରଥମେ ଉପସ୍ଥାପିତ କରିଥିବା ସଦନ ନିକଟକୁ ପୁନର୍ବିଚାର ( Reconsideration ) ପାଇଁ ଫେରିଆସେ । ଫେରି ଆସିବାପରେ ଉତ୍ଥାପନକାରୀ ସଦନ ପ୍ରସ୍ତାବିତ ସଂଶୋଧନକୁ ଗ୍ରହଣ କରିପାରେ ବା ନକରିପାରେ । ସଂଶୋଧନ ସ୍ୱୀକୃତ ନହେଲେ ବା ଦୁଇସଦନ ମଧ୍ୟରେ ମତଦ୍ୱୈଧ

ରହିଗଲେ ରାଷ୍ଟ୍ରପତି ଉଭୟ ସଦନର ମିଳିତ ଅଧିବେଶନ ଆହ୍ୱାନକରି ବିଧେୟକ ସମ୍ପର୍କରେ ସିଦ୍ଧାନ୍ତ ଗ୍ରହଣର ବ୍ୟବସ୍ଥା କରିପାରନ୍ତି ।

## ବେସରକାରୀ ସଦସ୍ୟଙ୍କ ବିଧେୟକ

**( Private Member's Bill )**

ବେସରକାରୀ ସଦସ୍ୟଙ୍କ ବିଧେୟକ ଗୃହୀତ ହେବା ପଦ୍ଧତି ମୋଟାମୋଟି ଭାବେ ସରକାରୀ ବିଧେୟକ ଗୃହୀତ ପଦ୍ଧତିର ଅନୁରୂପ । ଅବଶ୍ୟ କେତେକ କ୍ଷେତ୍ରରେ ଉଭୟ ମଧ୍ୟରେ ପାର୍ଥକ୍ୟ ପରିଲକ୍ଷିତ ହୁଏ । ମନ୍ତ୍ରୀ ବ୍ୟତୀତ ଅନ୍ୟ କେହି ସଦସ୍ୟ କୌଣସି ବିଧେୟକ ଉତ୍ଥାପନ ନିମିତ୍ତ ଅନୁମତି କାମନା କଲେ ତାଙ୍କୁ ଏହି ମର୍ମରେ ଏକମାସ ପୂର୍ବରୁ ନୋଟିସ୍ ଦେବାକୁ ପଡ଼େ । ବାଚସ୍ପତିଙ୍କ ଅନୁମତି କ୍ରମେ ମାସକରୁ କମ୍ ସମୟ ମଧ୍ୟରେ ନୋଟିସ୍-ଦ୍ୱାରା ବିଧେୟକ ଉତ୍ଥାପନ ପାଇଁ ଅନୁମତି ବୃଦ୍ଧି ପ୍ରସ୍ତାବ କରାଯାଇପାରେ । ବେସରକାରୀ ସଦସ୍ୟଙ୍କ ବିଧେୟକ ଓ ପ୍ରସ୍ତାବ ସଂକ୍ରାନ୍ତ ଏକ କମିଟି ( a Committee on Private Membei's Bills and Resolution) ଅଛି । କମିଟିର ସଦସ୍ୟଗଣ ବାଚସ୍ପତିଙ୍କଦ୍ୱାରା ନାମିତ ହୁଅନ୍ତି । କମିଟିର ବିଭିନ୍ନ କାର୍ଯ୍ୟ ରହିଛି । କୌଣସି ବେସରକାରୀ ସଦସ୍ୟଙ୍କ ବିଧେୟକ ସମ୍ବିଧାନ ସଂଶୋଧନ କରିବାକୁ ଇଚ୍ଛାକଲେ ତାହା ଲୋକସଭାର କାର୍ଯ୍ୟତାଲିକାଭୁକ୍ତ ହେବା ପୂର୍ବରୁ କମିଟି ପରୀକ୍ଷାକରି ଦେଖେ ।

ପୁନଃ ଉତ୍ଥାପିତ ସବୁପ୍ରକାର ବେସରକାରୀ ସଦସ୍ୟଙ୍କ ବିଧେୟକ ଲୋକସଭାଦ୍ୱାରା ବିବେଚିତ ହେବା ପୂର୍ବରୁ ଉକ୍ତ କମିଟି ପରୀକ୍ଷା କରେ ଏବଂ ସେଗୁଡ଼ିକର ଗୁରୁତ୍ୱ ଓ ପ୍ରକୃତି ଅନୁସାରେ 'କ' ଓ 'ଖ' ଶ୍ରେଣୀରେ ବିଭକ୍ତ କରେ । 'କ' ଶ୍ରେଣୀର ବିଧେୟକଗୁଡ଼ିକ 'ଖ' ଶ୍ରେଣୀର ବିଧେୟକ ତୁଳନାରେ ପ୍ରାଧାନ୍ୟ ଲାଭକରେ । ବିଧେୟକର ଆଲୋଚନା ସମୟ ମଧ୍ୟ କମିଟି ସ୍ଥିରକରେ । କୌଣସି ବେସରକାରୀ ସଦସ୍ୟଙ୍କ ବିଧେୟକ ଲୋକସଭାର ଆଇନ ପ୍ରଣୟନ କ୍ଷମତାର ବହିର୍ଭୂତ ବୋଲି ଅଭିଯୋଗ ଉଠିଲେ କମିଟି ବିଧେୟକଟିକୁ ପରୀକ୍ଷା ନିରୀକ୍ଷାକରି ଦେଖେ । କମିଟି, ତାର ବିବରଣୀ ଲୋକସଭା ନିକଟରେ ଉପସ୍ଥାପିତ କରେ । ଉପରୋକ୍ତ ବୈଶିଷ୍ଟ୍ୟମୂଳକ ବ୍ୟତୀତ ବେସରକାରୀ ସଦସ୍ୟଙ୍କ ବିଧେୟକ ସଂକ୍ରାନ୍ତୀୟ ପଦ୍ଧତି ସରକାରୀ ବିଧେୟକ ଗୃହୀତ ହେବା ପଦ୍ଧତିର ଅନୁରୂପ ।

## ରାଷ୍ଟ୍ରପତିଙ୍କ ସମ୍ମତି

ସଂସଦର ଦୁଇ ସଦନଦ୍ୱାରା ବିଧେୟକଟି ଗୃହୀତ ହୋଇସାରିବା ପରେ ତାହାକୁ ସମ୍ମତି ନିମିତ୍ତ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯାଏ । ଏହା ରାଷ୍ଟ୍ରପତିଙ୍କ ସମ୍ମତି ପାଇଲେ ଆଇନ ( Act )ରେ ପରିଣତ ହୁଏ । କିନ୍ତୁ ରାଷ୍ଟ୍ରପତି ଆବଶ୍ୟକ ମନେକଲେ ସଂସଦଦ୍ୱାରା ଗୃହୀତ ହୋଇଥିବା ଯେ କୌଣସି ବିଧେୟକକୁ ପୁନର୍ବିଚାର (Reconsideration) ପାଇଁ

ପଠାଇ ପାରନ୍ତି । ଅବଶ୍ୟ ଫେରନ୍ତ ହୋଇଥିବା ବିଧେୟକ ଦ୍ୱିତୀୟଥର ଦୁଇ ସଦନଦ୍ୱାରା ଗୃହୀତ ହେଲେ ତାହାକୁ ସମ୍ମତି ଦେବାକୁ ରାଷ୍ଟ୍ରପତି ବାଧ୍ୟ ।

## ଅର୍ଥ ବିଧେୟକ

**( Money Bills )**

ସାଧାରଣ ବିଧେୟକ ଗୃହୀତ ହେବାପାଇଁ ପ୍ରଚଳିତ ପଦ୍ଧତି ଅର୍ଥବିଧେୟକ ପାଇଁ ପ୍ରଯୁଜ୍ୟ ନୁହେଁ । ଅର୍ଥବିଧେୟକ ଏବଂ ଅନ୍ୟାନ୍ୟ ଅର୍ଥସମ୍ବନ୍ଧୀୟ ବିଧେୟକ ( other Financial Bills )ପାଇଁ ସମ୍ବିଧାନରେ ବିଶେଷ ବ୍ୟବସ୍ଥା ରହିଛି ।

## ଅର୍ଥ ବିଧେୟକର ସଂଜ୍ଞା

ସମ୍ବିଧାନର ୧୧୦ ଅନୁଚ୍ଛେଦ ଅନୁସାରେ ଯେଉଁ ବିଧେୟକରେ 'ମାତ୍ର' ( କେବଳ ) ନିମ୍ନଲିଖିତ ସମସ୍ତ ବା ଯେ କୌଣସି ବିଷୟରେ ବ୍ୟବସ୍ଥା ଥାଏ, ତାହାକୁ ଅର୍ଥ ବିଧେୟକ କୁହାଯାଏ ଯଥା— ( କ ) କୌଣସି କରଧାର୍ଯ୍ୟ, ବିଲୋପ, ପରିହାର, ପରିବର୍ତ୍ତନ ବା ନିୟନ୍ତ୍ରଣ; ( ଖ ) ଭାରତ ସରକାରଙ୍କଦ୍ୱାରା ଋଣ ଗ୍ରହଣ ବା କୌଣସି ପ୍ରତ୍ୟାଭୂତି ( Guarantee ) ପ୍ରଦାନର ନିୟନ୍ତ୍ରଣ ଅଥବା ଭାରତ ସରକାରଙ୍କଦ୍ୱାରା ଗୃହୀତ ବା ଗ୍ରହଣୀୟ କୌଣସି ଆର୍ଥିକ ଦାୟିତ୍ୱ ସଂପର୍କୀୟ ଆଇନର ସଂଶୋଧନ; (ଗ) ଭାରତର ସଞ୍ଚିତ ନିଧି (Consolidated Fund) ବା ଆକସ୍ମିକତା ନିଧି ( Contingency Fund )ର ଜମା ( Custody ) ଏହିପରି ନିଧିକୁ ଅର୍ଥ ପ୍ରଦାନ ବା ସେଥିରୁ ଅର୍ଥ ନିଷ୍କାସନ; (ଘ) ଭାରତୀୟ ସଞ୍ଚିତ ନିଧିରୁ ଅର୍ଥ ବିନିଯୋଗ, (ଙ) ସଞ୍ଚିତ ନିଧି ଉପରେ କୌଣସି ବ୍ୟୟ ଧାର୍ଯ୍ୟବୋଲି ଘୋଷଣା ବା ଏପରି କୌଣସି ବ୍ୟୟର ବୃଦ୍ଧି; (ଚ) ଭାରତର ସଞ୍ଚିତ ନିଧି ବା ଭାରତର ସରକାରୀ ସାଧାରଣ ହିସାବ ( Public Account )ରେ ଅର୍ଥପ୍ରାପ୍ତି ବା ଏପରି ଅର୍ଥର ଜମା ବା ନିର୍ଗମ ଅଥବା କେନ୍ଦ୍ର ବା କୌଣସି ରାଜ୍ୟର ହିସାବ ପରୀକ୍ଷା; ଅଥବା (ଛ) ଉପରୋକ୍ତ 'କ'ରୁ 'ଚ' ପର୍ଯ୍ୟନ୍ତ କୌଣସି ବିଷୟର ପ୍ରାସଙ୍ଗିକ ( incidental ) କୌଣସି ବିଷୟ ।

ଅର୍ଥବିଧେୟକର ଉପରୋକ୍ତ ସଂଜ୍ଞାରେ 'ମାତ୍ର' **କେବଳ** ଶବ୍ଦଟି ବ୍ୟବହାରର ତାତ୍ପର୍ଯ୍ୟ ମନେରଖିବା ଉଚିତ । ଏହାର ଅର୍ଥ ହେଲା ଯେ, କୌଣସି ବିଧେୟକକୁ ଅର୍ଥବିଧେୟକ ବୋଲି ପରିଗଣିତ ହେବାକୁ ହେଲେ ସେଥିରେ 'କ'ରୁ 'ଛ' ପର୍ଯ୍ୟନ୍ତ ବିଷୟଗୁଡ଼ିକ ବ୍ୟତୀତ ଅନ୍ୟ କୌଣସି ବିଷୟ ରହିବ ନାହିଁ । କୌଣସି ବିଧେୟକରେ ଏହି ବିଷୟଗୁଡ଼ିକ ସହିତ ଅନ୍ୟାନ୍ୟ ବିଷୟ ଜଡ଼ିତ ହେଲେ ତାହାକୁ ଅର୍ଥବିଧେୟକ କୁହାଯିବ ନାହିଁ । ପୁଣି କୌଣସି ବିଧେୟକର ବିଷୟବସ୍ତୁ ମାତ୍ର ନିମ୍ନଲିଖିତ ବିଷୟବସ୍ତୁଗୁଡ଼ିକ ମଧ୍ୟରୁ ଗୋଟିଏ ହେଲେ ତାହାକୁ ଅର୍ଥବିଧେୟକ ବୋଲି ଗଣନା କରାଯିବ ନାହିଁ, ଯଥା—(୧) ଜୋରିମାନା ବା

ଅନ୍ୟ କୌଣସି ଆର୍ଥିକ ଦଣ୍ଡଧାର୍ଯ୍ୟ; (୬) କୌଣସି ଆଞ୍ଚଳିକ କର୍ତ୍ତୃପକ୍ଷ ବା ସଂସ୍ଥାଦ୍ୱାରା ଉକ୍ତ ଅଞ୍ଚଳ ଉଦ୍ଦେଶ୍ୟରେ କରଧାର୍ଯ୍ୟ, ବିଲୋପ, ପରିହାର, ପରିବର୍ତ୍ତନ ବା ନିୟନ୍ତ୍ରଣ; ଇତ୍ୟାଦି ।

## ଅର୍ଥବିଧେୟକ ଗୃହୀତ ହେବାର ପଦ୍ଧତି

ଅର୍ଥବିଧେୟକ କେବଳ ଲୋକ ସଭାରେ ହିଁ ଉତ୍‌ଥାପନ କରାଯାଇପାରିବ । ଏହା ଏକ ଗଣତାନ୍ତ୍ରିକ ପ୍ରଥା କାରଣ ଗଣତନ୍ତ୍ରରେ ଜନପ୍ରିୟ ସଦନ (Popular chamber) ହିଁ ଅର୍ଥ ଏବଂ ସରକାରୀ ଆୟବ୍ୟୟ ସଂକ୍ରାନ୍ତୀୟ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆଗତ କରିବା ସମୀଚୀନ । ଇଂଲଣ୍ଡର ସଂସଦୀୟ ରୀତି ପରି ଭାରତରେ ମଧ୍ୟ କୌଣସି ଅର୍ଥ ବିଧେୟକ ଉତ୍‌ଥାପିତ ହେବାପୂର୍ବରୁ ରାଷ୍ଟ୍ରପତିଙ୍କ ସମ୍ମତି ଦରକାର କରିଥାଏ । ଅର୍ଥବିଧେୟକର ଉଦ୍ୟୋକ୍ତା କେବଳ ସରକାରହିଁ ହୋଇପାରିବେ । ବେସରକାରୀ ସଦସ୍ୟଙ୍କୁ ଅର୍ଥବିଧେୟକ ଉତ୍‌ଥାପନ କରିବାର ସୁଯୋଗ ଦେଲେ ଆୟବ୍ୟୟ ଅଟକଳରେ ବିଶୃଙ୍ଖଳା ସୃଷ୍ଟି ହେବାର ସଂଭାବନା ଥାଏ ।

ଉତ୍‌ଥାପନପରେ ଅର୍ଥବିଧେୟକ ଅନ୍ୟାନ୍ୟ ପର୍ଯ୍ୟାୟ ଦେଇ ଲୋକସଭାରେ ଗୃହୀତ ହୁଏ । ତେବେ, ଉତ୍‌ଥାପନ ପରେ ଦ୍ୱିତୀୟ ପାଠ ବେଳକୁ ଅର୍ଥବିଧେୟକକୁ କୌଣସି ମିଳିତ କମିଟିକୁ ପଠାଇବାର ବ୍ୟବସ୍ଥା କରାଯାଏ ନାହିଁ । ଲୋକସଭାଦ୍ୱାରା ଗୃହୀତ ହୋଇ-ସାରିବା ପରେ ଅର୍ଥବିଧେୟକକୁ ସୁପାରିଶ ପାଇଁ ରାଜ୍ୟସଭାକୁ ପ୍ରେରଣ କରାଯାଏ । ବିଧେୟକ ପାଇବାର ୧୪ ଦିନ ମଧ୍ୟରେ ରାଜ୍ୟସଭାକୁ ତାର ସୁପାରିଶ ସହ ଉକ୍ତ ବିଧେୟକକୁ ଲୋକ-ସଭା ନିକଟକୁ ଫେରାଇଦେବାକୁ ହୁଏ । ରାଜ୍ୟସଭା ବିଧେୟକକୁ ପ୍ରତ୍ୟାଖ୍ୟାନ ବା ସଂଶୋଧନ କରିପାରେ ନାହିଁ । ରାଜ୍ୟସଭାଦ୍ୱାରା କରାଯାଇଥିବା ସୁପାରିଶକୁ ଲୋକସଭା ଗ୍ରହଣ ବା ପ୍ରତ୍ୟାଖ୍ୟାନ କରିପାରେ । ଉଭୟ କ୍ଷେତ୍ରରେ ବିଧେୟକଟି ଉଭୟ ସଦନଦ୍ୱାରା ଗୃହୀତ ହୋଇଛି ବୋଲି ଗଣ୍ୟ ହୁଏ । ପାଇବାର ୧୪ ଦିନ ମଧ୍ୟରେ ରାଜ୍ୟସଭା ବିଧେୟକଟିକୁ ଲୋକସଭାକୁ ନ ଫେରାଇଲେ ମଧ୍ୟ ସଂବିଧାନ ଅନୁଯାୟୀ ବିଧେୟକଟି ଉଭୟ ସଦନଦ୍ୱାରା ଗୃହୀତ ହୋଇଛି ବୋଲି ଧରିନିଆଯାଏ ।

କୌଣସି ବିଧେୟକ ଅର୍ଥବିଧେୟକ କି ନୁହେଁ ସେ ସଂପର୍କରେ ଲୋକସଭାର ବାଚସ୍ପତିଙ୍କ ସିଦ୍ଧାନ୍ତ ହିଁ ଚରମ ବୋଲି ଧରିନିଆଯାଏ । ବାଚସ୍ପତିଙ୍କ ଏହିପରି ସିଦ୍ଧାନ୍ତ ବିରୁଦ୍ଧରେ ସଂସଦର ଦୁଇସଦନରେ କିମ୍ବା କୌଣସି ନ୍ୟାୟାଳୟରେ କିମ୍ବା ଅନ୍ୟକେହି ପ୍ରଶ୍ନ ଉଠାଇ ପାରିବେ ନାହିଁ । ଅର୍ଥବିଧେୟକ ରାଜ୍ୟସଭାକୁ ପ୍ରେରିତ ହେବାବେଳେ ତା ସହିତ ତାକୁ ଅର୍ଥବିଧେୟକ ବୋଲି ଚିହ୍ନଟ କରିବାପାଇଁ ବାଚସ୍ପତିଙ୍କର ଏକ ପ୍ରମାଣ ପତ୍ର (certificate) ମଧ୍ୟ ପଠାଯିବାର ବ୍ୟବସ୍ଥା ୧୧୦ (୪) ଅନୁଚ୍ଛେଦରେ ଲିଖିତ ଅଛି । ଲୋକସଭାଦ୍ୱାରା ଅର୍ଥବିଧେୟକ ପ୍ରେରିତ ହେବା ପରେ ଯଥା ସଂଭବ ଶୀଘ୍ର ବିଷୟର ଆଲୋଚନାପାଇଁ ରାଜ୍ୟସଭାରେ ଉପସ୍ଥାପିତ କରାଯାଏ । ରାଜ୍ୟସଭାର ସଭାପତି ସଦନର

ନେତାଙ୍କ ସହିତ ପରାମର୍ଶ କରି ବିଧେୟକଟି ବିଷୟରେ ଆଲୋଚନା ଓ ଫେରାଇଦେବାପାଇଁ ସମୟ ନିର୍ଦ୍ଧାରଣ କରନ୍ତି । ତାପରେ ବିଧେୟକର ବିଭିନ୍ନ ଧାରା ଅଲୋଚିତ ହୁଏ ଏବଂ ଆବଶ୍ୟକ ହେଲେ ସଂଶୋଧନପାଇଁ ସୁପାରିଶ କରାଯାଏ, ଏହି ପର୍ଯ୍ୟାୟ ଶେଷରେ ବିଧେୟକଟି ଫେରସ୍ତ କରିବା ପାଇଁ ପ୍ରସ୍ତାବ କରାଯାଏ । ବିନା ସୁପାରିଶରେ ଅର୍ଥବିଧେୟକ ଲୋକସଭାକୁ ଫେରିଆସିଲେ ସଦନର ସଂପାଦକ (Secretary) ଲୋକସଭାକୁ ଏହି ସଂବାଦ ଜଣାନ୍ତି ଏବଂ ତାପରେ ବିଧେୟକଟିକୁ ରାଷ୍ଟ୍ରପତିଙ୍କ ହସ୍ତାକ୍ଷର ପାଇଁ ଉପସ୍ଥାପିତ କରାଯାଏ । ରାଜ୍ୟସଭା ବିଧେୟକର ସଂଶୋଧନପାଇଁ ସୁପାରିଶ କଲେ ଲୋକସଭା ଗ୍ରହଣ କରିପାରେ ବା ନ କରିପାରେ; କିନ୍ତୁ ଉଭୟ କ୍ଷେତ୍ରରେ ଏହି ସମ୍ବାଦ ରାଜ୍ୟସଭାକୁ ଜଣାଇଦିଆଯାଏ ।

## ଅର୍ଥବିଧେୟକ ଓ ଅନ୍ୟାନ୍ୟ ଅର୍ଥ ସମ୍ବନ୍ଧୀୟ ବିଧେୟକ ମଧ୍ୟରେ ପାର୍ଥକ୍ୟ

**(Difference between Money Bill and other Financial Bills)**

୧୧୦ ଅନୁଚ୍ଛେଦରେ ବର୍ଣ୍ଣିତ (କ)ରୁ (ଚ) ପର୍ଯ୍ୟନ୍ତ ବିଷୟ ସମ୍ବଳିତ ପ୍ରତ୍ୟେକ ବିଧେୟକକୁ ଅର୍ଥବିଧେୟକ କୁହାଯାଏ । ସଂବିଧାନରେ କିନ୍ତୁ ଅର୍ଥବିଧେୟକ ଏବଂ ଅନ୍ୟାନ୍ୟ ଅର୍ଥ ସଂବନ୍ଧୀୟ ବିଧେୟକ ମଧ୍ୟରେ ପାର୍ଥକ୍ୟ ଦର୍ଶାଯାଇଛି । ଅର୍ଥ ବିଧେୟକ କର କିମ୍ବା ବ୍ୟୟ ବ୍ୟତୀତ ଅନ୍ୟ କୌଣସି ବିଷୟ ସହିତ ସଂପୃକ୍ତ ନୁହେଁ । ଅପର ପକ୍ଷରେ କର କିମ୍ବା ବ୍ୟୟ ବ୍ୟତୀତ ଅନ୍ୟାନ୍ୟ ଅର୍ଥସମ୍ବନ୍ଧୀୟ ବିଷୟ 'ଅନ୍ୟାନ୍ୟ ଅର୍ଥସମ୍ବନ୍ଧୀୟ ବିଧେୟକ'ରେ ଅନ୍ତର୍ଭୁକ୍ତ । ଅନ୍ୟାନ୍ୟ ଅର୍ଥସମ୍ବନ୍ଧୀୟ ବିଧେୟକ ପୁଣି ଦୁଇଭାଗରେ ବିଭକ୍ତ । ପ୍ରଥମ ଶ୍ରେଣୀର ବିଧେୟକରେ ଅର୍ଥ ସମ୍ବନ୍ଧୀୟ ବିଷୟବସ୍ତୁ ଏବଂ ଅନ୍ୟାନ୍ୟ ବିଷୟବସ୍ତୁ ଜଡ଼ିତ ହୋଇଥାନ୍ତି । ଅର୍ଥବିଧେୟକ ପରି ଏହି ଶ୍ରେଣୀର ବିଧେୟକ ରାଜ୍ୟସଭାରେ ଉତ୍ଥାପନ କରାଯାଏ ନାହିଁ ଏବଂ ଲୋକସଭାରେ ଉତ୍ଥାପନ କରାଯିବା ପୂର୍ବରୁ ରାଷ୍ଟ୍ରପତିଙ୍କ ସୁପାରିଶର ପ୍ରୟୋଜନ ହୁଏ । ପୁଣି ସାଧାରଣ ବିଧେୟକପରି ଏହି ଶ୍ରେଣୀର ବିଧେୟକକୁ ରାଜ୍ୟସଭା ସଂଶୋଧନ କରିପାରେ । ଉଭୟ ସଦନ ମଧ୍ୟରେ ମତଭେଦ ଦେଖାଗଲେ ଏହି ବିଧେୟକଗୁଡ଼ିକୁ ଉଭୟସଦନର ମିଳିତ ଅଧିବେଶନରେ ଉପସ୍ଥାପିତ କରାଯାଏ ଏବଂ ସେଠାରେ ସଂଖ୍ୟାଧିକ ସଦସ୍ୟଙ୍କ ମତଦାନଦ୍ୱାରା ବିଧେୟକ ସମ୍ବନ୍ଧରେ ସିଦ୍ଧାନ୍ତ ଗ୍ରହଣ କରାଯାଏ ।

ଯେଉଁ ସାଧାରଣ ବିଧେୟକରେ ଅର୍ଥ ବିଧେୟକର କୌଣସି ବିଷୟବସ୍ତୁ ନଥାଏ, କିନ୍ତୁ ଏଗୁଡ଼ିକୁ ଆଇନରେ ପରିଣତ କରି କାର୍ଯ୍ୟକାରୀ କରାଇଲେ ଭାରତର ସଞ୍ଚିତ ନିଧିରୁ ଅର୍ଥବ୍ୟୟ କରିବାର ପ୍ରୟୋଜନ ଦେଖାଦିଏ ତାହାକୁ ଦ୍ୱିତୀୟ ଶ୍ରେଣୀର ଅନ୍ୟାନ୍ୟ ଅର୍ଥ

ସମ୍ବନ୍ଧୀୟ ବିଧେୟକ ( other Financial Bills ) କୁହାଯାଏ । ଏହି ବିଧେୟକର ଗୃହୀତ ପଦ୍ଧତି ସାଧାରଣ ବିଧେୟକର ଗୃହୀତ ପଦ୍ଧତି ଭଳି ଅର୍ଥାତ୍ ଯେ କୌଣସି ସଦନରେ ଏହି ବିଧେୟକ ଉତ୍ଥାପନ କରାଯାଇପାରେ ଏବଂ ଏହାକୁ ସଂଶୋଧନ ବା ପ୍ରତ୍ୟାଖ୍ୟାନ କରିବାପାଇଁ ରାଜ୍ୟସଭାର ଅଧିକାର ଅଛି କିନ୍ତୁ ଗୋଟିଏ ବିଷୟରେ ଏହି ବିଧେୟକ ସାଧାରଣ ବିଧେୟକ ଠାରୁ ପୃଥକ ଅର୍ଥାତ୍ ଉଭୟ ସଦନ ଏହି ବିଧେୟକକୁ ଉତ୍ଥାପନ କରିପାରିଲେ ମଧ୍ୟ, ଏହାର ବିଚାର ଆଲୋଚନା ପାଇଁ ରାଷ୍ଟ୍ରପତିଙ୍କ ସୁପାରିଶ ଆବଶ୍ୟକ ।

ସଂସଦର ଦୁଇସଦନ ଦ୍ୱାରା ଗୃହୀତ ହୋଇସାରିବା ପରେ ବିଧେୟକକୁ ରାଷ୍ଟ୍ରପତିଙ୍କ ନିକଟକୁ ସମ୍ମତି ଜ୍ଞାପନ ପାଇଁ ପଠାଯାଏ । ଅର୍ଥ ବିଧେୟକ ରାଷ୍ଟ୍ରପତିଙ୍କ ନିକଟକୁ ପଠାଗଲା ବେଳେ ତା ସହିତ ଚିହ୍ନଟ କରିବା ପାଇଁ ବାଚସ୍ପତିଙ୍କ ଏକ ପ୍ରମାଣ ପତ୍ର ରହିଥାଏ । ରାଷ୍ଟ୍ରପତି ଅର୍ଥବିଧେୟକକୁ ପୁନରାଲୋଚନା ପାଇଁ ପଠାଇ ପାରିବେ ନାହିଁ । ସେ ସମ୍ମତି ଦେବା ପାଇଁ ବାଧ୍ୟ ।

## ସଂସଦରେ ଆୟବ୍ୟୟ ଅଟକଳ ଉତ୍ଥାପନ

**( Presentation of Annual Budget in the Parliament )**

ମୋଟାମୋଟି ୪ଗୋଟି ପର୍ଯ୍ୟାୟ ନେଇ ଆୟ ବ୍ୟୟ ଅଟକଳ ଗୃହୀତ ହୋଇଥାଏ । ସଂସଦରେ ଅଟକଳ ଉପସ୍ଥାପିତ କରିବା ହେଲା ପ୍ରଥମ ପର୍ଯ୍ୟାୟ । ଏପ୍ରିଲ ମାସ ପ୍ରଥମ ତାରିଖରୁ ସରକାରଙ୍କ ନୂତନ ଆର୍ଥିକ ବର୍ଷ (Financial Year) ଆରମ୍ଭ ହୁଏ । ଏହି ତାରିଖ ପୂର୍ବରୁ ସରକାରଙ୍କ ଆଗାମୀବର୍ଷ ପାଇଁ ଆୟବ୍ୟୟ ଅଟକଳ ପ୍ରସ୍ତୁତ କରାଯାଏ । ଆନୁମାନିକ ହିସାବ ଉପରେ ଭିତ୍ତି କରୁଥିବା ଆୟବ୍ୟୟ ଅଟକଳ (Budget) ସଂସଦ ନିକଟରେ ଉପସ୍ଥାପିତ କରାଯାଏ । ସଂବିଧାନ ଅନୁସାରେ ରାଷ୍ଟ୍ରପତି ପ୍ରତ୍ୟେକ ଆର୍ଥିକବର୍ଷ ସମ୍ପର୍କରେ ଆନୁମାନିକ ଆୟବ୍ୟୟର ଅଟକଳ ବା ବାର୍ଷିକ ଅର୍ଥ ବିବରଣୀ (Annual Financial Statement) ସଂସଦର ସଦନ ଦ୍ୱୟ ନିକଟରେ ଉପସ୍ଥାପିତ କରିବାର ବ୍ୟବସ୍ଥା କରନ୍ତି । ଏହି ଅର୍ଥ ବିବରଣୀକୁ ଅଟକଳ (Budget) କୁହାଯାଏ । ସ୍ୱୟଂ ଅର୍ଥ ମନ୍ତ୍ରୀ (Finance Minister) ଲୋକସଭାରେ ଆୟବ୍ୟୟର ଅଟକଳ ଉପସ୍ଥାପନ କରନ୍ତି । ଆୟବ୍ୟୟ ଅଟକଳ ଉପସ୍ଥାପନ କଲାବେଳେ ସେ ଅଟକଳର ବ୍ୟାଖ୍ୟା ସହିତ ବକ୍ତୃତା ମଧ୍ୟ ପ୍ରଦାନ କରନ୍ତି ।

ସଂବିଧାନର ନିର୍ଦ୍ଦେଶାନୁସାରେ ଅର୍ଥ ବିବରଣୀରେ ଆନୁମାନିକ ଖର୍ଚ୍ଚର ହିସାବକୁ ଦୁଇ ଭାଗରେ ବିଭକ୍ତ କରି ଦେଖାଯାଏ ଯଥା—(କ) ଭାରତର ସଞ୍ଚିତ ନିଧି ଉପରେ ଧାର୍ଯ୍ୟ ଖର୍ଚ୍ଚ ସମୂହ ନିର୍ବାହ ପାଇଁ ପ୍ରୟୋଜନୀୟ ଅର୍ଥ (the sums required to meet expenditure charged upon the Consolidated Fund) ଏବଂ (ଖ) ପ୍ରଥମ ଶ୍ରେଣୀର ଅନ୍ତର୍ଭୁକ୍ତ ଖର୍ଚ୍ଚ ସମୂହ ସଂସଦର ବାର୍ଷିକ ଅନୁମୋଦନ ପାଇଁ

ପ୍ରତ୍ୟୋଜନ ହୁଏ ନାହିଁ (non-Votable) । ତେବେ ସଂସଦର ଦୁଇ ସଦନରେ ସେମାନଙ୍କ ସମ୍ପର୍କରେ ଆଲୋଚନା ଚାଲିପାରେ । ରାଷ୍ଟ୍ରପତିଙ୍କ ବେତନ, ଭତ୍ତା ଓ ତାଙ୍କର ପଦ ସଂକ୍ରାନ୍ତୀୟ ଅନ୍ୟାନ୍ୟ ଖର୍ଚ୍ଚ, ଲୋକସଭା ଓ ରାଜ୍ୟସଭା ର ସଭାପତି ଓ ଉପ-ସଭାପତିଙ୍କ ବେତନ ଓ ଭତ୍ତା, ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶମାନଙ୍କର ବେତନ ଓ ଭତ୍ତା ଜନିତ ବ୍ୟୟ, ମହା ପରୀକ୍ଷକ ଓ ହିସାବ ରକ୍ଷକଙ୍କ ବେତନ, ଭତ୍ତା ଓ ପେନ୍‌ସନ, କୌଣସି ନ୍ୟାୟାଳୟର ରାୟ ଫଳରେ ଦେୟ ଅର୍ଥ ଇତ୍ୟାଦି ହେଲା ପ୍ରଥମ ଶ୍ରେଣୀରେ ଅନ୍ତର୍ଭୁକ୍ତ ଖର୍ଚ୍ଚ । ଅର୍ଥାତ୍ ଏଗୁଡ଼ିକ ଭାରତର ସମ୍ମିଳିତ ନିଧି ଉପରେ ଧାର୍ଯ୍ୟ ଖର୍ଚ୍ଚ, ଏହା ବ୍ୟତୀତ ସଂସଦ ଆଇନ ଦ୍ୱାରା କୌଣସି ଖର୍ଚ୍ଚକୁ ଭାରତର ସମ୍ମିଳିତ ନିଧି ଉପରେ ଧାର୍ଯ୍ୟ ବୋଲି ଘୋଷଣା କରିପାରେ ।

ପ୍ରଥମ ଶ୍ରେଣୀର ଖର୍ଚ୍ଚ ବ୍ୟତୀତ ଅନ୍ୟାନ୍ୟ ସରକାରୀ ଖର୍ଚ୍ଚ ସବୁ ଦ୍ୱିତୀୟ ଶ୍ରେଣୀଭୁକ୍ତ ଅର୍ଥାତ୍ ଏହି ଖର୍ଚ୍ଚଗୁଡ଼ିକ ପ୍ରତିବର୍ଷ ଲୋକସଭାରେ ଗୃହୀତ ହୁଏ ।

## ଆୟବ୍ୟୟ ଅଟକଳର ସାଧାରଣ ଆଲୋଚନା

## General Discussion of the Budget

ସଂସଦରେ ଆୟବ୍ୟୟ ଅଟକଳ ଉପସ୍ଥାପିତ କରିବାର କିଛି ନିର୍ଦ୍ଦିଷ୍ଟ ଦିନ ପର୍ଯ୍ୟନ୍ତ ସଂସଦର ଉଭୟ ସଦନରେ ଅଟକଳର ସାଧାରଣ ନୀତି ଉପରେ ସାମଗ୍ରିକ ଭାବରେ ଆଲୋଚନା ହୁଏ । ବିଭିନ୍ନ ସରକାରୀ ବିଭାଗର କାର୍ଯ୍ୟର ବିଚାର ଓ ସମାଲୋଚନା ଏବଂ ଜନସାଧାରଣଙ୍କ ଅଭିଯୋଗ ପ୍ରକାଶ ଏହି ଆଲୋଚନା ମାଧ୍ୟମରେ ହୋଇଥାଏ । ଆଲୋଚନା ଶେଷରେ ଅର୍ଥମନ୍ତ୍ରୀ ଉତ୍ତର ଦିଅନ୍ତି ।

## ଲୋକସଭାରେ ବ୍ୟୟ ମଞ୍ଜୁରୀ ଦାବୀ ସଂପର୍କରେ ଭୋଟ ଗ୍ରହଣ

## Voting of Demands for grants in Lok sabha

ଆୟବ୍ୟୟ ଅଟକଳର ସାଧାରଣ ଆଲୋଚନା ପରେ ସଂସଦର ନିମ୍ନ ସଦନ ଲୋକସଭାରେ ସରକାର ଉପରୋକ୍ତ ଖର୍ଚ୍ଚଗୁଡ଼ିକର ମଞ୍ଜୁରୀ ପାଇଁ ଦାବୀ କରେ । ଏଗୁଡ଼ିକ ସମ୍ପର୍କରେ ଆଲୋଚନା ଏବଂ ଭୋଟ ଗ୍ରହଣ କରାଯାଏ । ଆଲୋଚନା ଓ ଭୋଟ ଗ୍ରହଣ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାପ୍ତ କରିବାକୁ ହୁଏ । ଏହି ନିର୍ଦ୍ଦିଷ୍ଟ ସମୟ ବାଚସ୍ପତି ସଦନର ନେତାଙ୍କ ସହିତ ପରାମର୍ଶ କରି ସ୍ଥିର କରନ୍ତି । ଏହି ସମୟ ମଧ୍ୟରେ ଖର୍ଚ୍ଚ ସଂକ୍ରାନ୍ତୀୟ ଆଲୋଚନା ସମାପ୍ତ ନହେଲେ ପୂର୍ବ ନିର୍ଦ୍ଦିଷ୍ଟ ସମୟର ଶେଷ ଦିନରେ ଶେଷ ନହୋଇଥିବା ଖର୍ଚ୍ଚ ଦାବୀର ଅବଶିଷ୍ଟ କାର୍ଯ୍ୟ ଉପରେ ବାଚସ୍ପତି ଗିଲୋଟିନ (Guillotin) ପଦ୍ଧତି ପ୍ରୟୋଗ କରନ୍ତି ଏବଂ ବିନା ଆଲୋଚନାରେ ମତଦାନ ସାହାଯ୍ୟରେ ସିଦ୍ଧାନ୍ତ ଗ୍ରହଣର ବ୍ୟବସ୍ଥା କରନ୍ତି । ବାସ୍ତବିକ, ଅଧିକାଂଶ ବ୍ୟୟ ପ୍ରସ୍ତାବ ଏହିପରି ବିନା ଆଲୋଚନାରେ

ଲୋକସଭାରେ ଗୃହୀତ ହୋଇଥାଏ । ଏହି ପଦ୍ଧତି ମଧ୍ୟ ଇଂଲଣ୍ଡରେ ପ୍ରଚଳିତ ପଦ୍ଧତିର ଅନୁରୂପ । ଇଂଲଣ୍ଡର କମନ୍ସ ସଭାରେ ସରକାରୀ ଖର୍ଚ୍ଚ ସମ୍ପର୍କରେ ଆଲୋଚନା ଓ ଭୋଟ ଗ୍ରହଣ ୨୬ ଦିନ ମଧ୍ୟରେ ଶେଷ କରିବାକୁ ପଡ଼େ ଏବଂ ଶେଷ ତାରିଖ ପୂର୍ବଦିନ ବ୍ୟୟର ଏକ ବିରାଟ ଅଂଶ ବିନା ଆଲୋଚନାରେ ଗୃହୀତ ହୋଇଯାଏ । ଏହା ଫଳରେ ଉଭୟ ଇଂଲଣ୍ଡ ଓ ଭାରତରେ ସରକାରୀ ଖର୍ଚ୍ଚ ଉପରେ ସଂସଦର ନିୟନ୍ତ୍ରଣ ଏକ ପ୍ରକାର ପ୍ରହସନରେ ପର୍ଯ୍ୟବସିତ ହୁଏ ।

ଲୋକସଭା କୌଣସି ପ୍ରସ୍ତାବିତ ଖର୍ଚ୍ଚକୁ ହ୍ରାସ ବା ପ୍ରତ୍ୟାଖ୍ୟାନ କରିପାରେ; କିନ୍ତୁ ଏହା ଖର୍ଚ୍ଚ ବୃଦ୍ଧି କିମ୍ବା ନୂତନ ଖର୍ଚ୍ଚ ପ୍ରସ୍ତାବ କରିବାକୁ ଅସମର୍ଥ । ସରକାରୀ ଖର୍ଚ୍ଚର ଦାବୀ ବାବଦର ଆଲୋଚନା ବେଳେ ଆଗତ ସମସ୍ତ ଖର୍ଚ୍ଚ ହ୍ରାସର ଦାବୀ ସରକାରୀ ନୀତିର ସମାଲୋଚନା ଉଦ୍ଦେଶ୍ୟରେ ହିଁ କରାଯାଏ । ଲୋକସଭାର ନିୟମାବଳୀ ଅନୁସାରେ ୩ ପ୍ରକାର ଶୀର୍ଷକରେ ଖର୍ଚ୍ଚ ହ୍ରାସର ପ୍ରସ୍ତାବ କରାଯାଏ, ଯଥା—(୧) ନୀତି ଅନୁମୋଦନ ଖର୍ଚ୍ଚ ପ୍ରସ୍ତାବ (Disapproval of Policy Cut), (୨) ଖର୍ଚ୍ଚ ସଂକୋଚନ ହ୍ରାସ ପ୍ରସ୍ତାବ (Economy Cut), ଏବଂ ଅଭିଯୋଗର ନିର୍ଦ୍ଦେଶନ ସ୍ୱରୂପ ପ୍ରତୀକ ହ୍ରାସ ପ୍ରସ୍ତାବ (Token Cut) । ପ୍ରଥମ ପ୍ରସ୍ତାବରେ କୌଣସି ସରକାରୀ ଖର୍ଚ୍ଚ ଦାବୀକୁ ହ୍ରାସକରି ଏକ ଟଙ୍କାରେ ପରିଣତ କରିବା ପାଇଁ ପ୍ରସ୍ତାବ ଦିଆଯାଏ (That the demand be reduced to Re. 1/-) । ଏହାର ଅର୍ଥ ହେଲା ସରକାରୀ ଦାବୀକୁ ଅସ୍ୱୀକାର କରିବା ( a refusal of Supplies ) । ଏହି ପ୍ରସ୍ତାବ ମାଧ୍ୟମରେ ସଂଶ୍ଲିଷ୍ଟ ଦାବୀ ସଂକ୍ରାନ୍ତ ସରକାରୀ ନୀତିର ଆଲୋଚନା କରିବା ।

ଦ୍ୱିତୀୟ ଧରଣର ପ୍ରସ୍ତାବରେ ସରକାରଙ୍କ କୌଣସି ଖର୍ଚ୍ଚ ଦାବୀର ନିର୍ଦ୍ଦିଷ୍ଟ ପରିମାଣ ଅର୍ଥ କମାଇବାରେ ପ୍ରସ୍ତାବ କରାଯାଏ । ଯଥା ଖର୍ଚ୍ଚ ଦାବୀର ପରିମାଣର ୫୦,୦୦୦ ଟଙ୍କା ହ୍ରାସ କରାଯାଉ ବୋଲି ପ୍ରସ୍ତାବ ହୋଇପାରେ (That the amount of demand be reduced by Rs.50,000/-) । ଏହିପରି ପ୍ରସ୍ତାବ ମାଧ୍ୟମରେ ସରକାରଙ୍କ କୌଣସି ଦାବୀକୁ ପ୍ରୟୋଜନ ଅଧିକ ମନେକଲେ, ଲୋକସଭା ତାହାକୁ କମାଇବାର ପ୍ରସ୍ତାବ କରି ଖର୍ଚ୍ଚ ସଂରକ୍ଷଣର ଚେଷ୍ଟା କରିପାରେ । କୌଣସି ନିର୍ଦ୍ଦିଷ୍ଟ ଅଭିଯୋଗ ପ୍ରତି ଦୃଷ୍ଟି ଦାବୀର ହ୍ରାସ; ଉଦାହରଣ ସ୍ୱରୂପ ଟ୧୦୦/-ଙ୍କା କରିବାର ପ୍ରସ୍ତାବ କରାଯାଏ । ଏହି ପ୍ରସ୍ତାବ କରାଗଲେ ଲୋକସଭାରେ ନିର୍ଦ୍ଦିଷ୍ଟ ଅଭିଯୋଗ ନେଇ ଆଲୋଚନା ସମାଲୋଚନା ଚାଲେ ।

**ବିନିଯୋଜନ ଆଇନ**

**Appropriation Act.**

ବିଭିନ୍ନ ମନ୍ତ୍ରଣାଳୟ ପାଇଁ ଆଗତ ହୋଇଥିବା ଖର୍ଚ୍ଚଦାବୀ ଆଲୋଚିତ ହୋଇ ଗୃହୀତ ହେଲେ ବିନିଯୋଜନ ବିଧେୟକ ( Appropriation Bill ) ଲୋକସଭାରେ

ଆଗତ ହୁଏ । ଏହା ଅନୁମୋଦିତ ହେଲେ ସରକାର ବାର୍ଷିକ ଆୟବ୍ୟୟ ଅଟକଳ ଅନୁଯାୟୀ ଖର୍ଚ୍ଚ କରିବାର ଅଧିକାର ଲାଭ କରନ୍ତି । ଏହି ଆଇନ ପ୍ରଣୟନ ବେଳେ ମଞ୍ଜୁରିକୃତ କୌଣସି ବ୍ୟୟର ପରିମାଣ ପରିବର୍ତ୍ତନ କରି କୌଣସି ସଂଶୋଧନ ପ୍ରସ୍ତାବ ଅଣାଯାଇ-ପାରିବ ନାହିଁ । ବିନିଯୋଜନ ବିଧେୟକ ଆଲୋଚନା ବେଳେ ଶାସନ ବିଭାଗୀୟ ନୀତି ବା ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରିବାର ସୁଯୋଗ ଥିଲେ ମଧ୍ୟ ତାହା ବିଶେଷ ଭାବେ ସୀମିତ ହୁଏ, କାରଣ ବ୍ୟୟମଞ୍ଜୁରି ଦାବୀ ବିଲର ଆଲୋଚନା ସମୟରେ ପୂର୍ବରୁ ଆଲୋଚିତ ବିଷୟଗୁଡ଼ିକ ପୁଣି ଆଲୋଚନାଯୋଗ୍ୟ ହୁଏ ନାହିଁ । ଇଂଲଣ୍ଡର କମନ୍ସ ସଭାରେ ଅବଶ୍ୟ ବିନିଯୋଜନ ବିଧେୟକ ଆଲୋଚନାବେଳେ ସରକାରଙ୍କ ସମଗ୍ର ପ୍ରଶାସନିକ ନୀତିର ଆଲୋଚନା ଓ ସମାଲୋଚନା କରାଯାଏ ।

## ଲେଖାନୁଦାନ

## Votes on Account

ବାର୍ଷିକ ଆୟବ୍ୟୟ ଅଟକଳ ଏବଂ ବାର୍ଷିକ ବିନିଯୋଜନ ବିଧେୟକ ଆଲୋଚିତ ଏବଂ ଗୃହୀତ ହେଉଥିବା ସମୟରେ ନୂତନ ଆର୍ଥିକ ବର୍ଷ ଆରମ୍ଭ ହୋଇଯାଏ । କିନ୍ତୁ ସମ୍ବିଧାନ ଅନୁସାରେ ଆଇନ ବ୍ୟତୀତ ସରକାର କୌଣସି ଅର୍ଥ ବ୍ୟବହାର କରିବାକୁ ସମର୍ଥ ନୁହନ୍ତି । ସୁତରାଂ ନୂତନ ଆର୍ଥିକ ବର୍ଷ ଆରମ୍ଭ ହେବା ପୂର୍ବରୁ, ସେହି ସମୟଠାରୁ ଆୟବ୍ୟୟ ଅଟକଳ ଆଲୋଚନା ସମାପ୍ତ ହେବା ପର୍ଯ୍ୟନ୍ତ ବା ବିନିଯୋଜନ ବିଧେୟକ ଗୃହୀତ ହେବା ପର୍ଯ୍ୟନ୍ତ, ଲୋକସଭା ସରକାରଙ୍କୁ ଅର୍ଥବ୍ୟୟର ଅନୁମତି ପ୍ରଦାନ କରେ । ଏହାକୁ ଲେଖାନୁଦାନ (Votes on Account) କୁହାଯାଏ । ସଙ୍ଗେ ସଙ୍ଗେ ବିନିଯୋଜନ ଲେଖାନୁଦାନ ଆଇନ [Appropriation (votes on Account) Act] ପ୍ରଣୟନ କରାଯାଏ । ଇଂଲଣ୍ଡର ରୀତି ଅନୁସରଣ କରି ଭାରତୀୟ ସମ୍ବିଧାନ ଲେଖାନୁଦାନ ନୀତି ପ୍ରବର୍ତ୍ତନ କରିଛନ୍ତି । ଏହି ଲେଖାନୁଦାନ ରୀତି ଫଳରେ ବାର୍ଷିକ ଆୟବ୍ୟୟ ଅଟକଳ ଶୀଘ୍ର ଗୃହୀତ ହେବାର ଆବଶ୍ୟକତା ନଥାଏ ଏବଂ ସରକାରୀ ବ୍ୟୟର ସମ୍ୟକ ଆଲୋଚନାପାଇଁ ସମୟ ମିଳିଥାଏ ।

## ଅନୁପୂରକ, ଅତିରିକ୍ତ ବା ଅଧିକ ଅନୁଦାନ

## Supplementary, Additional or Excess grants

ଚଳିତ ବର୍ଷପାଇଁ ଗୃହୀତ ବ୍ୟୟମଞ୍ଜୁରି ଅପ୍ରଚୁର ହେଲେ କିମ୍ବା କୌଣସି ନୂତନ ବିଷୟରେ ଅନୁପୂରକ ବା ଅତିରିକ୍ତ ବ୍ୟୟର ପ୍ରୟୋଜନ ହେଲେ, ଲୋକସଭାରେ ଏହି ବ୍ୟୟର ହିସାବ ଉପସ୍ଥାପିତ କରି ମଞ୍ଜୁରି କରାଇବାକୁ ପଡ଼େ । ଏହାକୁ ଅନୁପୂରକ ବା ଅତିରିକ୍ତ ଅନୁଦାନ ବୋଲି କୁହାଯାଏ । ଅନୁପୂରକ ବ୍ୟୟର ଆନୁମାନିକ ହିସାବ ଲୋକସଭା

ଦ୍ୱାରା ଚଳିତ ଆର୍ଥିକ ବର୍ଷ ମଧ୍ୟରେ ଅନୁମୋଦିତ ହେବା ପ୍ରୟୋଜନ । ଆର୍ଥିକ ବର୍ଷ ମଧ୍ୟରେ କୌଣସି ବିଷୟ ଉପରେ ଅନୁମୋଦିତ ଅର୍ଥର ଅଧିକ ବ୍ୟୟ କରାହୋଇଥିଲେ ଏହି ଅଧିକ ବ୍ୟୟର ( excess grants ) ଦାବୀ ଲୋକସଭା ନିକଟରେ ଉପସ୍ଥାପିତ କରି ଗୃହୀତ କରାଇବାକୁ ହୁଏ ।

ଅନୁପୂରକ ବ୍ୟୟର ଦାବୀ ( Supplementary demands ) ଏବଂ ଅଧିକ ବ୍ୟୟର ଦାବୀ (Excess demands) ମଧ୍ୟରେ ପାର୍ଥକ୍ୟ ରହିଛି । ଅନୁମୋଦିତ ବ୍ୟୟ ଅପେକ୍ଷା ଅଧିକ ବ୍ୟୟ ହୋଇଗଲାପରେ ଏବଂ ଉକ୍ତ ଆର୍ଥିକ ବର୍ଷ ଅତିବାହିତ ହେବାପରେ ଅଧିକ ବ୍ୟୟର ଦାବୀ ଲୋକସଭା ନିକଟରେ ଉପସ୍ଥାପିତ କରାଯାଏ; କିନ୍ତୁ ଲୋକସଭା ନିକଟରେ ଉପସ୍ଥାପିତ ହେବା ପୂର୍ବରୁ ତାହା ହିସାବ ସମୀକ୍ଷା ସମିତି ( Public Accounts Committee ) ଦ୍ୱାରା ଅନୁମୋଦିତ ହେବା ପ୍ରୟୋଜନ । ଅନୁପୂରକ ବ୍ୟୟଦାବୀ ଓ ଅଧିକ ବ୍ୟୟଦାବୀ ସମାଲୋଚନା ଯୋଗ୍ୟ । ଅବଶ୍ୟ ବିଶେଷ ଅବସ୍ଥାରେ ଏହି ଅନୁଦାନ ବ୍ୟବସ୍ଥା ଅପରିହାର୍ଯ୍ୟ ହୋଇପଡ଼େ, କିନ୍ତୁ ଏହି ଧରଣର ଅନୁଦାନର ପରିମାଣ ଅଧିକ ହେଲେ ସରକାରୀ ବ୍ୟୟ ଉପରେ ସଂସଦୀୟ ନିୟନ୍ତ୍ରଣ ଶିଥିଳ ହେବାକୁ ବାଧ୍ୟ ।

## ପ୍ରତ୍ୟୟାନୁଦାନ ଓ ବ୍ୟତିକ୍ରମାନୁଦାନ

**( Votes of Credit and Exceptional Grants )**

ଲୋକସଭା ସରକାରଙ୍କୁ ପ୍ରତ୍ୟୟାନୁଦାନ ( Votes of Credit ) ଏବଂ ବ୍ୟତିକ୍ରମାନୁଦାନ ( Exceptional grant ) ପ୍ରଦାନ କରିପାରେ । ଅପ୍ରତ୍ୟାଶିତ ବା ଅନିଶ୍ଚିତ ବ୍ୟୟ; ଯଥା—ଜରୁରୀ କାଳୀନ ପରିସ୍ଥିତି ଯୋଗୁଁ ବ୍ୟୟ ମେଣ୍ଟାଇବାପାଇଁ ଲୋକସଭା ପ୍ରତ୍ୟୟାନୁଦାନ ମାଧ୍ୟମରେ ସରକାରଙ୍କୁ ଅର୍ଥବ୍ୟୟର କ୍ଷମତା ଅର୍ପଣ କରେ । ଏହା ବ୍ୟତୀତ ଚଳିତ ବର୍ଷର କାର୍ଯ୍ୟାବଳୀପାଇଁ ବ୍ୟୟ ମଧ୍ୟରେ ଉଲ୍ଲିଖିତ ନଥିବା ବିଶେଷ ଉଦ୍ଦେଶ୍ୟର ବ୍ୟୟ ବହନପାଇଁ ବ୍ୟତିକ୍ରମାନୁଦାନ ସାହାଯ୍ୟରେ ଅର୍ଥବ୍ୟୟ କରିବା କ୍ଷମତା ଲୋକସଭା ସରକାରଙ୍କୁ ପ୍ରଦାନ କରିପାରେ ।

## ବିତ୍ତ ଆଇନ

**( Finance Act )**

କରଧାର୍ଯ୍ୟ ବା ସଂଗ୍ରହପାଇଁ ଆଇନ୍‌ର ପ୍ରୟୋଜନ ହୁଏ ଏବଂ ସରକାରଙ୍କ କର ପ୍ରସ୍ତାବ ସମୂହକୁ କାର୍ଯ୍ୟକାରୀ କରୁଥିବା ଆଇନକୁ ବିତ୍ତ ଆଇନ କୁହାଯାଏ । ସୁତରାଂ ରାଜସ୍ୱ ସମ୍ପର୍କିତ ପ୍ରସ୍ତାବଗୁଡ଼ିକୁ ବିତ୍ତ ବିଧେୟକ ( Finance Bill ) ଆକାରରେ ସରକାରଙ୍କୁ ସଂସଦ ନିକଟରେ ଉପସ୍ଥାପିତ କରିବାକୁ ପଡ଼େ । ସଂସଦ ନିକଟରେ ବାର୍ଷିକ ଆୟବ୍ୟୟ ଅଟକଳ ଉପସ୍ଥାପିତ କରାଗଲାବେଳେ ବିତ୍ତ ବିଧେୟକକୁ ମଧ୍ୟ ଉପସ୍ଥାପିତ କରାଯାଏ ।

ବିଭିନ୍ନ ବିଧେୟକର ଆଲୋଚନାପାଇଁ ସଂସଦର ବ୍ୟାପକ ସ୍ୱାଧୀନତା ରହିଛି । ଏହା ମାଧ୍ୟମରେ ସରକାରଙ୍କ ଆର୍ଥିକ ନୀତି ଏବଂ ଅନ୍ୟାନ୍ୟ କାର୍ଯ୍ୟକଳାପକୁ ମଧ୍ୟ ସମାଲୋଚନା କରାଯାଏ ।

## ଆୟବ୍ୟୟ ଉପରେ ସଂସଦର ନିୟନ୍ତ୍ରଣ

**( Control of Parliament over Finance )**

ସଂସଦ ମଧ୍ୟରେ ଅର୍ଥସଂକ୍ରାନ୍ତୀୟ କାର୍ଯ୍ୟପଦ୍ଧତିର ଆଲୋଚନାରୁ ଆୟବ୍ୟୟ ଉପରେ ସଂସଦର ନିୟନ୍ତ୍ରଣର ପ୍ରକୃତି ସହଜରେ ଉପଲବ୍ଧି କରିହୁଏ । ଆଗରୁ କୁହାଯାଇଛି ଯେ ସମ୍ବିଧାନ ଅନୁସାରେ ବିନା ଆଇନ ସାହାଯ୍ୟରେ କୌଣସି କରଧାର୍ଯ୍ୟ ବା ସଂଗ୍ରହ କରାଯାଇପାରିବ ନାହିଁ । ଅର୍ଥାତ୍ ସଂସଦ ଆଇନ ପ୍ରଣୟନକରି ଅନୁମତି ନଦେଲେ ଶାସନ ବିଭାଗ କୌଣସି କରଧାର୍ଯ୍ୟ ବା ସଂଗ୍ରହ କରିପାରିବ ନାହିଁ । ତେବେ ସରକାରୀ ଆୟବ୍ୟୟ ଉପରେ ସଂସଦର ଉପରୋକ୍ତ ନିୟନ୍ତ୍ରଣ ଯଥେଷ୍ଟ ନୁହେଁ । ସରକାରୀ ବ୍ୟୟର ଅପଚୟ ନ ଘଟାଇବାପାଇଁ, ଅର୍ଥର ଅସତ୍-ବ୍ୟବହାର ନ କରିବାପାଇଁ ଏବଂ ସଂସଦଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥିବା ଦରରେ ହିଁ ଅର୍ଥବ୍ୟୟ କରିବାକୁ ସରକାରଙ୍କୁ ପ୍ରବର୍ତ୍ତାଇବାପାଇଁ ସଂସଦ ସକ୍ଷମ ନୁହେଁ, କାରଣ ସଂସଦର ସଦସ୍ୟସଂଖ୍ୟା ବହୁତ ବେଶୀ ଓ ସେମାନେ ଆୟବ୍ୟୟ ଅଟକଳ ଓ ହିସାବର ଜଟିଳତା ମଧ୍ୟରେ ପ୍ରବେଶ କରିବାପାଇଁ ଅକ୍ଷମ । ସୁତରାଂ ସରକାରୀ ଆୟବ୍ୟୟର ନିୟନ୍ତ୍ରଣ ବ୍ୟାପାରରେ ସଂସଦକୁ ସାହାଯ୍ୟ କରିବାପାଇଁ ୩ ପ୍ରକାର ବ୍ୟବସ୍ଥା ରହିଛି— (୧) ଭାରତର ହିସାବ ରକ୍ଷକ ଓ ମହାପରୀକ୍ଷକ ( The Comptroller and Auditor General of India ); (୨) ସାଧାରଣ ହିସାବ ପରୀକ୍ଷା ସମିତି ( Public Accounts Committee ); (୩) ଅଟକଳ ସମିତି ( Estimates Committee. )

## ଭାରତୀୟ ସଂସଦର ଶାସନତାନ୍ତ୍ରିକ ମର୍ଯ୍ୟାଦା

**( The Constitutional Status of the Indian Parliament )**

ଶାସନତାନ୍ତ୍ରିକ ମର୍ଯ୍ୟାଦା ଦୃଷ୍ଟିରୁ ଭାରତୀୟ ସଂସଦ ବ୍ରିଟେନର ସଂସଦୀୟ ବ୍ୟବସ୍ଥା ଏବଂ ଯୁକ୍ତରାଷ୍ଟ୍ର ଆମେରିକା ବ୍ୟବସ୍ଥାର ମଧ୍ୟବର୍ତ୍ତୀସ୍ଥାନ ଅଧିକାର କରେ । ଇଂଲଣ୍ଡ ସମ୍ବିଧାନରେ ସଂସଦର ପ୍ରାଧାନ୍ୟ ବା ସାର୍ବଭୌମତ୍ୱ ( Supremacy or Sovereignty of the Parliament ) ରହିଛି । ସେଠାରେ ସଂସଦ ଉପରେ କୌଣସି ଆଇନଗତ ପ୍ରତିବନ୍ଧକ ନାହିଁ । ଏହା ଯେ କୌଣସି ପ୍ରକାରର ଆଇନ ପ୍ରଣୟନ, ପରିବର୍ତ୍ତନ ବା ରଦ୍ଦ କରିପାରେ । ସେଠାରେ ନ୍ୟାୟାଳୟ ଆଇନର ବ୍ୟାଖ୍ୟା କରିପାରେ; କିନ୍ତୁ କୌଣସିମତେ ସଂସଦଦ୍ୱାରା ପ୍ରଣୀତ ଆଇନର ବୈଧତା ସଂପର୍କରେ ପ୍ରଶ୍ନ କରିପାରେ ନାହିଁ । ସଂସଦର ସମସ୍ତ ଆଇନ ନ୍ୟାୟାଳୟ ନିକଟରେ ବୈଧ । ଅପର ପକ୍ଷରେ ଯୁକ୍ତରାଷ୍ଟ୍ର ଆମେରିକାରେ

ସମ୍ବିଧାନର ପ୍ରାଧାନ୍ୟ ଥିବାଯୋଗୁଁ ସରକାରଙ୍କ ବିଭିନ୍ନ ବିଭାଗକୁ ନିର୍ଦ୍ଦିଷ୍ଟ ସାମ୍ବିଧାନିକ ସୀମା ମଧ୍ୟରେ ରହିବାକୁ ପଡ଼େ । ସୁତରାଂ ଯୁକ୍ତରାଷ୍ଟ୍ର ଆମେରିକାର ବିଧାନ ମଣ୍ଡଳ ସମ୍ବିଧାନ ଦ୍ୱାରା ନିର୍ଦ୍ଦିଷ୍ଟ ପରିସର ମଧ୍ୟରେ ହିଁ ଆଇନ ପ୍ରଣୟନ କରେ, ନଚେତ୍ ଆଇନ ସମ୍ବିଧାନ ନିର୍ଦ୍ଦିଷ୍ଟ-ସୀମା ଲଙ୍ଘନ ଅଭିଯୋଗରେ ଉଚ୍ଚତମ ନ୍ୟାୟାଳୟଦ୍ୱାରା ଅସାମ୍ବିଧାନିକ ବୋଲି ଘୋଷିତ ହୋଇ ବାତିଲ ହୋଇଯାଏ । ଏହି କ୍ଷେତ୍ରରେ ଆମେରିକାରେ ସଂସଦ ପରିବର୍ତ୍ତେ ଉଚ୍ଚତମ ନ୍ୟାୟାଳୟର ପ୍ରାଧାନ୍ୟ ପ୍ରତିପାଦିତ ହୁଏ । ସେଠାରେ ଉଚ୍ଚତମ ନ୍ୟାୟାଳୟର ସିଦ୍ଧାନ୍ତ ହିଁ ଆଇନ ( The Constitution is what the Judges say it is ) ବୋଲି ଧରି ନିଆଯାଏ ।

ଭାରତୀୟ ସମ୍ବିଧାନ, ଇଂଲଣ୍ଡର ସଂସଦୀୟ ପ୍ରାଧାନ୍ୟ ଏବଂ ଆମେରିକାର ନ୍ୟାୟାଳୟର ପ୍ରାଧାନ୍ୟର ମଧ୍ୟବର୍ତ୍ତୀ ପନ୍ଥା ଅବଲମ୍ବନ କରିଛି । ଇଂଲଣ୍ଡ ଭଳି ଭାରତରେ ସଂସଦୀୟ ବ୍ୟବସ୍ଥା ପ୍ରଚଳିତ ହୋଇଛି ଏବଂ କେନ୍ଦ୍ର ମନ୍ତ୍ରୀମାନେ ସେମାନଙ୍କ କାର୍ଯ୍ୟପାଇଁ ସଂସଦ ନିକଟରେ ଦାୟୀ ରହନ୍ତି । ଏହି ସାଦୃଶ୍ୟ ସତ୍ତ୍ୱେ ଏହି ଦୁଇ ସଂସଦ ମଧ୍ୟରେ ମୌଳିକ ପାର୍ଥକ୍ୟ ରହିଛି । ବ୍ରିଟେନରେ ସଂସଦ ଆଇନଗତ ପ୍ରାଧାନ୍ୟ ଉପଭୋଗ କରେ ଏବଂ ଅନିୟନ୍ତ୍ରିତ ଭାବରେ ଆଇନ ପ୍ରଣୟନ କରିବାକୁ ସମର୍ଥ ହୁଏ । ଭାରତୀୟ ସଂସଦ ଏହି ଧରଣର ସାର୍ବଭୌମ ସଂସ୍ଥା ନୁହେଁ କିମ୍ବା ଅବାଧରେ ଆଇନ ପ୍ରଣୟନ କରିବା କ୍ଷମତା ଭୋଗ କରେ ନାହିଁ । ଭାରତୀୟ ସଂସଦର କ୍ଷମତାର ଉତ୍ସ ହେଲା ଲିଖିତ ଭାରତୀୟ ସମ୍ବିଧାନ । ଏହି ସମ୍ବିଧାନର ବିଭିନ୍ନ ଅନୁଚ୍ଛେଦ ଓ ଅନୁସୂଚୀ ମାଧ୍ୟମରେ ସଂସଦର ଆଇନ ପ୍ରଣୟନ କ୍ଷମତାକୁ ନିର୍ଦ୍ଦିଷ୍ଟ କରିଦିଆଯାଇଛି । ଉଦାହରଣସ୍ୱରୂପ, ୨୪୬ ଅନୁଚ୍ଛେଦ ଅନୁଯାୟୀ ରାଜ୍ୟ ତାଲିକାରେ ଅନ୍ତର୍ଭୁକ୍ତ ବିଷୟବସ୍ତୁ ଉପରେ ଆଇନ ପ୍ରଣୟନର କ୍ଷମତା ରାଜ୍ୟବିଧାନମଣ୍ଡଳଗୁଡ଼ିକ ହାତରେ ନ୍ୟସ୍ତ ଥିବା ହେତୁ ସଂସଦର କ୍ଷମତା ରାଜ୍ୟ ତାଲିକା ଦ୍ୱାରା ସୀମିତ ହୋଇଛି । ଅବଶ୍ୟ ଆବଶ୍ୟକୀୟ କ୍ଷେତ୍ରରେ ୨୪୯ ଅନୁଚ୍ଛେଦ ଅନୁଯାୟୀ ସଂସଦ ରାଜ୍ୟତାଲିକା ଉପରେ କ୍ଷମତା ବିସ୍ତାର କରିପାରେ କିନ୍ତୁ ତାହା ସବୁବେଳେ ସମ୍ଭବ ନୁହେଁ । ପୁଣି ତୃତୀୟ ଅନୁଚ୍ଛେଦରେ ବ୍ୟବସ୍ଥିତ ମୌଳିକ ଅଧିକାରଗୁଡ଼ିକୁ ସଂସଦ ସାଧାରଣ ଆଇନ ଜରିଆରେ ଲଙ୍ଘନ କରିପାରିବ ନାହିଁ ।

ସଂସଦ ସମ୍ବିଧାନର ନିର୍ଦ୍ଦେଶ ଅମାନ୍ୟ କରି ଆଇନ ପ୍ରଣୟନ କଲେ ଉକ୍ତ ଆଇନ ସମ୍ବିଧାନ ଲଂଘନ ଦୋଷରେ ଅଭିଯୁକ୍ତ ହୋଇ, ଅସାମ୍ବିଧାନିକ ଏବଂ ଅବୈଧ ବୋଲି ଭାରତର ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ଘୋଷିତ ହୁଏ । କେତେକ କ୍ଷେତ୍ରରେ ସଂସଦ ଦ୍ୱାରା ପ୍ରଣୀତ ଆଇନର ଯୌକ୍ତିକତା ( reasonableness ) ମଧ୍ୟ ବିଚାର କରିବାକୁ ଅଦାଲତ ସମର୍ଥ । ଉଦାହରଣସ୍ୱରୂପ, ସମ୍ବିଧାନର ୧୯ ଅନୁଚ୍ଛେଦରେ ପ୍ରଦତ୍ତ ନାଗରିକ ଅଧିକାରଗୁଡ଼ିକ ବିରୁଦ୍ଧରେ ସଂସଦ ବାଧା ନିଷେଧ ଆରୋପ କଲେ, ନ୍ୟାୟାଳୟ ତାର ଯୌକ୍ତିକତା ସମ୍ପର୍କରେ ବିଚାର କରେ । ଏହି ପରିପ୍ରେକ୍ଷୀରେ

ଭାରତୀୟ ସଂସଦ ବ୍ରିଟେନର ସଂସଦ ଅପେକ୍ଷା ଯୁକ୍ତରାଷ୍ଟ୍ର ଆମେରିକାର ସଂସଦ ସହିତ ଅଧିକ ତୁଳନୀୟ । ଭାରତୀୟ ସଂସଦ ଆମେରିକୀୟ କଂଗ୍ରେସ ଭଳି ଏକ ସାର୍ବଭୌମ ବିଧାନମଣ୍ଡଳ ନୁହେଁ ।

ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟାୟାଳୟ ଭଳି ଭାରତୀୟ ନ୍ୟାୟାଳୟ ସଂସଦ ପ୍ରଣୀତ ଆଇନର ସମୀଚୀନତା ବା ନୀତି ସମ୍ପର୍କରେ ବିଚାର କରିବା କ୍ଷମତା ଭୋଗ କରେନାହିଁ । ସଂସଦ ଏବଂ ରାଜ୍ୟ ବିଧାନ ମଣ୍ଡଳଗୁଡ଼ିକ ସମ୍ବିଧାନ ଦ୍ୱାରା ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ କାର୍ଯ୍ୟ କରିଛନ୍ତି କି ନାହିଁ ସେତିକି କେବଳ ଭାରତୀୟ ନ୍ୟାୟାଳୟ ବିଚାର କରିପାରେ । ସେଥି-ପାଇଁ କୁହାଯାଏ, ସମ୍ବିଧାନ ଦ୍ୱାରା ନିର୍ଦ୍ଦିଷ୍ଟ ସୀମା ବାହାରେ ଭାରତୀୟ ସଂସଦ ନିଜ କ୍ଷେତ୍ରରେ ପ୍ରାଧାନ୍ୟ ଓ ପୂର୍ଣ୍ଣ କ୍ଷମତା ଭୋଗ କରିପାରେ ।

ସଂସଦ ସାଧାରଣ ସଂଖ୍ୟାଗରିଷ୍ଠ ବା ବିଶେଷ ସଂଖ୍ୟାଗରିଷ୍ଠ ମତଦାନ ଫଳରେ ସମ୍ବିଧାନର ଅଧିକାଂଶ ବ୍ୟବସ୍ଥାର ସଂଶୋଧନ ବା ପରିବର୍ତ୍ତନ କରିପାରେ । ଅବଶ୍ୟ କେତେକ କ୍ଷେତ୍ରରେ ସଂସଦ ଅନୁମୋଦନ କରିସାରିବା ପରେ ମଧ୍ୟ ଅର୍ଦ୍ଧାଧିକ ରାଜ୍ୟ ବିଧାନମଣ୍ଡଳର ସମର୍ଥନର ଆବଶ୍ୟକତା ରହିଛି । ଏପରିକି ସଂସଦ ମୌଳିକ ଅଧିକାରଗୁଡ଼ିକୁ ମଧ୍ୟ ସଂଶୋଧନ କରିବାପାଇଁ ସମର୍ଥ ।

## ଭାରତର ହିସାବରକ୍ଷକ ଓ ମହାସମୀକ୍ଷକ

**( The Comptroller and Auditor General of India )**

ସରକାରୀ ଆୟବ୍ୟୟ ଉପରେ ବିଧାନମଣ୍ଡଳର ନିୟନ୍ତ୍ରଣକୁ କାର୍ଯ୍ୟକାରୀ କରିବାପାଇଁ ଜଣେ ହିସାବରକ୍ଷକ ଓ ମହାସମୀକ୍ଷକଙ୍କର ଆବଶ୍ୟକତା ରହିଛି । ସେ ସ୍ୱାଧୀନ ଭାବରେ ସରକାରଙ୍କ ଆୟବ୍ୟୟ ଉପରେ ଦୃଷ୍ଟି ରଖନ୍ତି ଏବଂ ଆୟ ବ୍ୟୟର ହିସାବ ପରୀକ୍ଷାକରି ତାର ବିବରଣୀ ସଂସଦ ସମ୍ମୁଖରେ ଉପସ୍ଥାପିତ କରନ୍ତି । ସଂସଦ ଯେଉଁ ଉଦ୍ଦେଶ୍ୟରେ ଯେଉଁ ଅର୍ଥ ବ୍ୟୟ ମଞ୍ଜୁର କରେ, ଠିକ୍ ସେତିକି ପରିମାଣ ଅର୍ଥ ଯଥାଯଥ ଭାବେ ବ୍ୟୟ ହୋଇଛି କି ନାହିଁ ଦେଖିବା ହେଉଛି ତାଙ୍କର କର୍ତ୍ତବ୍ୟ । ନିଜକୁ ସ୍ୱାଧୀନ ଏବଂ ନିରପେକ୍ଷ ରଖି ଏବଂ ନିର୍ଭୟରେ ସରକାରୀ ହିସାବ ଏବଂ ବ୍ୟୟରେ ତ୍ରୁଟି ଦେଖାଇ ସଂସଦ ନିକଟରେ ବିବରଣୀ ଉପସ୍ଥାପିତ କରିବାପାଇଁ ସୁଯୋଗ ଦେବାପାଇଁ ତାଙ୍କୁ ଶାସନ ବିଭାଗର ନିୟନ୍ତ୍ରଣରୁ ମୁକ୍ତ ରଖିବାକୁ ପଡ଼େ । ତେଣୁ ଭାରତର ହିସାବ ରକ୍ଷକ ଓ ମହାସମୀକ୍ଷକଙ୍କର ନିରପେକ୍ଷତା ବଜାୟ ରଖିବାପାଇଁ ଭାରତୀୟ ସମ୍ବିଧାନରେ କେତେକ ବ୍ୟବସ୍ଥା କରାଯାଇଛି । ସେ ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ହୁଅନ୍ତି ଏବଂ ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶମାନଙ୍କୁ ପଦଚ୍ୟୁତ କରିବା ପଦ୍ଧତିରେ ହିଁ ତାଙ୍କୁ ପଦଚ୍ୟୁତ କରାଯାଏ । ଅସାମର୍ଥ୍ୟ ଏବଂ ଅସଦାଚରଣ ଯୋଗୁଁ ଏହି ମର୍ମରେ ସଂସଦର ଦୁଇ ସଦନର ମୋଟ ସଦସ୍ୟ ସଂଖ୍ୟାର ଅଧିକାଂଶ ଏବଂ ଉପସ୍ଥିତ

ଓ ଭୋଟ ପ୍ରଦାନକାରୀ ସଦସ୍ୟ ସଂଖ୍ୟାର ଦୁଇତୃତୀୟାଂଶ ସମର୍ଥନରେ ପ୍ରସ୍ତାବ ଗୃହୀତହେଲେ ରାଷ୍ଟ୍ରପତିଙ୍କଦ୍ୱାରା ସେ ପଦଚ୍ୟୁତ ହୁଅନ୍ତି । ତାଙ୍କର ବେତନ ଓ ଚାକିରିର ସର୍ତ୍ତ ଆଇନଦ୍ୱାରା ନିର୍ଦ୍ଧାରିତ କରାହୁଏ ଏବଂ ନିଯୁକ୍ତି ପରେ, ଚାକିରିରେ ରହିଥିବାକାଳ ମଧ୍ୟରେ ତାଙ୍କର ସ୍ୱାର୍ଥର ପ୍ରତିକୂଳ ଭାବରେ ସେହିସବୁ ସର୍ତ୍ତର ପରିବର୍ତ୍ତନ କରାଯାଏ ନାହିଁ । ୧୯୫୩ ମସିହାରେ 'ହିସାବ ରକ୍ଷକ ଓ ମହାସମୀକ୍ଷକ ( ଚାକିରିର ସର୍ତ୍ତ ) ଆଇନ' [The Comptroller and Auditor General (Conditions of Service) Act, 1953] ପାସ୍‌କରି ସଂସଦ ହିସାବରକ୍ଷକ ଓ ମହାସମୀକ୍ଷକଙ୍କ ଚାକିରିର ସର୍ତ୍ତ ସ୍ଥିର କରିଦେଇଛନ୍ତି । ପୁଣି ଅବସର ଗ୍ରହଣପରେ ସେ କୌଣସି ସରକାରୀ ପଦ ଗ୍ରହଣ କରିପାରିବେ ନାହିଁ ବୋଲି ସମ୍ବିଧାନରେ କୁହାଯାଇଛି । ହିସାବ ରକ୍ଷକ ଓ ମହାସମୀକ୍ଷକଙ୍କ ବେତନ ଓ ତାଙ୍କ କାର୍ଯ୍ୟାଳୟର ଅନ୍ୟାନ୍ୟ ଖର୍ଚ୍ଚ ସଞ୍ଚିତ ନିଧି ଉପରେ ଧାର୍ଯ୍ୟହୁଏ । ସେଥିପାଇଁ ସଂସଦର ଅନୁମୋଦନର ଆବଶ୍ୟକତା ନାହିଁ ।

କେନ୍ଦ୍ର, ରାଜ୍ୟ ଏବଂ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ହିସାବପତ୍ର ସମ୍ପର୍କରେ ହିସାବରକ୍ଷକ ଓ ମହାସମୀକ୍ଷକଙ୍କୁ କେଉଁ କେଉଁ ଦାୟିତ୍ୱ ତୁଲାଇବାକୁ ହେବ ସେ ସମ୍ପର୍କରେ ସଂସଦ ଆଇନ ପ୍ରସ୍ତୁତ କରି ସ୍ଥିର କରିବେ ବୋଲି ସମ୍ବିଧାନରେ କୁହାଯାଇଛି । କିନ୍ତୁ ଏହିପରି ଆଇନ ପ୍ରଣୀତ ହେବା ପର୍ଯ୍ୟନ୍ତ ବର୍ତ୍ତମାନ ସମ୍ବିଧାନ ଚାଲୁହେବା ପୂର୍ବରୁ ଭାରତର ମହା-ସମୀକ୍ଷକଙ୍କର ଯେଉଁ ଦାୟିତ୍ୱ ଥିଲା, ତାହା ବର୍ତ୍ତମାନର ହିସାବ ରକ୍ଷକ ଓ ମହାସମୀକ୍ଷକ ଉପଭୋଗ କରିବେ ବୋଲି ମଧ୍ୟ ସମ୍ବିଧାନରେ କୁହାଯାଇଛି ।

ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ କ୍ରମେ, ହିସାବରକ୍ଷକ ଭାବେ (As an Accountant) ସେ କେନ୍ଦ୍ର ଓ ରାଜ୍ୟମାନଙ୍କର ହିସାବ ରକ୍ଷିତ ହେବା ପ୍ରଣାଳୀ ଠିକ୍ କରନ୍ତି । ସେ ପ୍ରତି-ରକ୍ଷା ଓ ରେଳବାଇ ହିସାବ ବ୍ୟତୀତ କେନ୍ଦ୍ର ଓ ରାଜ୍ୟମାନଙ୍କର ସମସ୍ତ ହିସାବ ରଖନ୍ତି । ତାହାଛଡ଼ା ବାର୍ଷିକ ସରକାରୀ ହିସାବ ପ୍ରସ୍ତୁତ କରି ତାହା ସଂଶ୍ଳିଷ୍ଟ ସରକାରଙ୍କ ନିକଟକୁ ପଠାଇବା ହିସାବ ରକ୍ଷକ ଓ ମହାସମୀକ୍ଷକଙ୍କ ଦାୟିତ୍ୱ । ମହାସମୀକ୍ଷକ (Auditor General) ଭାବେ ତାଙ୍କ ଦାୟିତ୍ୱ ଅଧିକ ଗୁରୁତ୍ୱପୂର୍ଣ୍ଣ; କାରଣ ସଂସଦ ଏହି ହିସାବ ସମୀକ୍ଷା ମାଧ୍ୟମରେ ସରକାରୀ ବ୍ୟୟକୁ ନିୟନ୍ତ୍ରଣ କରେ । ସଂସଦ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟପାଇଁ ନିର୍ଦ୍ଦିଷ୍ଟ ବ୍ୟୟ ମଞ୍ଜୁର କରେ । ଶାସନ ବିଭାଗ ଯେପରି ସଂସଦଦ୍ୱାରା ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରହି ବ୍ୟୟ କରେ ସେଥିପ୍ରତି ଦୃଷ୍ଟି ଦେବା ହିସାବ ରକ୍ଷକ ଓ ମହାସମୀକ୍ଷକଙ୍କ କର୍ତ୍ତବ୍ୟ । ତାହା ବ୍ୟତୀତ ସରକାରୀ ସମ୍ପତ୍ତିର ଅପଚୟ ପ୍ରତି ମଧ୍ୟ ସେ ଦୃଷ୍ଟି ରଖିଥାଆନ୍ତି । ସମ୍ବିଧାନ ଅନୁଯାୟୀ ହିସାବ ରକ୍ଷକ ଓ ମହାସମୀକ୍ଷକଙ୍କୁ କେନ୍ଦ୍ରପାଇଁ ଉଦ୍ଦିଷ୍ଟ ବିବରଣୀ ରାଷ୍ଟ୍ରପତିଙ୍କ ନିକଟକୁ ଓ ରାଜ୍ୟମାନଙ୍କପାଇଁ ଉଦ୍ଦିଷ୍ଟ ବିବରଣୀ ସଂଶ୍ଳିଷ୍ଟ ରାଜ୍ୟପାଳଙ୍କ ନିକଟକୁ ପ୍ରେରଣ କରନ୍ତି । କେନ୍ଦ୍ରକ୍ଷେତ୍ରରେ ରାଷ୍ଟ୍ରପତି ବିବରଣୀକୁ ସଂସଦ ନିକଟରେ ଏବଂ ରାଜ୍ୟସ୍ତରରେ ରାଜ୍ୟପାଳ ବିବରଣୀକୁ ରାଜ୍ୟବିଧାନମଣ୍ଡଳରେ ଆଲୋଚନା ପାଇଁ ଉପସ୍ଥାପିତ କରନ୍ତି ।

ହିସାବ ରକ୍ଷକ ଓ ମହାପରୀକ୍ଷକଙ୍କ ବିବରଣୀ ଉପରେ ଭିତ୍ତି କରି ହିସାବ ସମୀକ୍ଷା ସମିତି ତାହାର ବିବରଣୀ ଲୋକସଭାରେ ଉପସ୍ଥାପିତ କରେ । ଇଂଲଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକାରେ କିନ୍ତୁ ହିସାବରକ୍ଷକ ନିଜେ ନିଜ ବିବରଣୀ ସଂସଦରେ ଉପସ୍ଥାପିତ କରନ୍ତି ।

ଭାରତରେ ହିସାବରକ୍ଷକ ଓ ମହାପରୀକ୍ଷକଙ୍କ ଦାୟିତ୍ୱ ଜଣେ ହାତରେ ନ୍ୟସ୍ତ ରହିବା ଏକ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା । ହିସାବ ପ୍ରସ୍ତୁତ ଓ ହିସାବ ପରୀକ୍ଷା ଏକ ହାତରେ ରହିବା ସମୀଚୀନ ନୁହେଁ । ତେଣୁ ବର୍ତ୍ତମାନ ସମ୍ବିଧାନ ସଂଶୋଧନ କରାଯାଇ ହିସାବ ରକ୍ଷକ ଓ ମହାପରୀକ୍ଷକଙ୍କୁ ପୃଥକ୍ କରାଯାଇଛି ।

## ହିସାବ ସମୀକ୍ଷା ସମିତି

**( Public Accounts Committee )**

ହିସାବ ସମୀକ୍ଷା ସମିତି ଭାରତପାଇଁ ନୂଆ ନୁହେଁ । ୧୯୨୧ ମସିହାରେ ମଣ୍ଟେଗୁ-ଚେମସ୍‌ଫୋର୍ଡ଼ ସଂସ୍କାର ପ୍ରବର୍ତ୍ତନ ପରେ ଏହା ପ୍ରଥମେ ଗଠିତ ହୋଇଥିଲା । ବର୍ତ୍ତମାନ ସମ୍ବିଧାନ ଅନୁଯାୟୀ ସଂସଦ ଏହାର କାର୍ଯ୍ୟ କ୍ଷେତ୍ର ସ୍ଥିର କରିବା ନିମନ୍ତେ ନିୟମକାନୁନ ରଚନା କରିବା ପାଇଁ ସମର୍ଥ । ଏହା କେନ୍ଦ୍ରରେ ଲୋକସଭାର ଏକ କମିଟି । ପ୍ରତିବର୍ଷ ଲୋକସଭା ଆନୁପାତିକ ପ୍ରତିନିଧିତ୍ୱ ଭିତ୍ତିରେ କମିଟିର ୧୫ ଜଣ ସଦସ୍ୟଙ୍କୁ ନିର୍ବାଚିତ କରେ । ଏହା ବ୍ୟତୀତ ରାଜ୍ୟସଭାର ୭ ଜଣ ସଦସ୍ୟ ଏଥିରେ ସଭ୍ୟପଦରେ ଯୋଗ ଦିଅନ୍ତି । ଇଂଲଣ୍ଡରେ କିନ୍ତୁ ହିସାବ ସମୀକ୍ଷା ସମିତିର ସମସ୍ତ ସଦସ୍ୟ କମନସ ସଭାର ହିଁ ସଦସ୍ୟ ଅଟନ୍ତି । କାରଣ ଲର୍ଡ଼ସଭାର ଅର୍ଥସଂକ୍ରାନ୍ତୀୟ ବ୍ୟାପାରରେ କୌଣସି କ୍ଷମତା ନାହିଁ ।

ବିନିଯୋଜନ ହିସାବ ( Appropriation Accounts ), ସଂସଦରେ ଉପସ୍ଥାପନ ପାଇଁ ଉପଯୋଗୀ ଅନ୍ୟ ସମସ୍ତ ହିସାବ, ଏବଂ ହିସାବରକ୍ଷକ ଓ ମହାପରୀକ୍ଷକଙ୍କ କେନ୍ଦ୍ରସରକାରଙ୍କପାଇଁ ଉଦ୍ଦିଷ୍ଟ ହିସାବ ସଂପର୍କରେ ବିବରଣୀ ପରୀକ୍ଷା କରି ଦେଖିବା ହେଲା ହିସାବ ସମୀକ୍ଷା ସମିତିର ପ୍ରଧାନ କର୍ତ୍ତବ୍ୟ । ସଂସଦ ଯେଉଁ ଉଦ୍ଦେଶ୍ୟରେ ଅର୍ଥ ମଞ୍ଜୁର କରେ ସରକାର ସେହି ଉଦ୍ଦେଶ୍ୟରେ ଅର୍ଥ ବ୍ୟୟ କରନ୍ତି କି ନାହିଁ ଏହି ସମିତି ତଦନ୍ତ କରେ । ସରକାର ସଂସଦ ଦ୍ୱାରା ଅନୁମୋଦିତ ଅର୍ଥ ଅପେକ୍ଷା କମ୍ କିମ୍ବା ବେଶି ବ୍ୟୟ କଲେ ହିସାବ ସମୀକ୍ଷା ସମିତି ତାହାର କାରଣ ଓ ଯୁକ୍ତି ଅନୁଧ୍ୟାନ କରି ନିଜର ସୁପାରିଶ ପ୍ରଦାନ କରେ । ହିସାବରକ୍ଷକ ଓ ମହାପରୀକ୍ଷକଙ୍କ ବିବରଣୀ ସମିତିକୁ ଏହି ଅନୁସନ୍ଧାନ ଦିଗରେ ସାହାଯ୍ୟ କରେ । ସମିତିର ଅନ୍ୟ ଏକ ପ୍ରଧାନ କର୍ତ୍ତବ୍ୟ ହେଲା, ଅପଚୟ, ଅମିତବ୍ୟୟିତା, କ୍ଷତି, ନିଷ୍ଫଳ ବ୍ୟୟ ଇତ୍ୟାଦି ସଂପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ବ୍ୟୟ ସଂକୋଚନର ବ୍ୟବସ୍ଥା କରିବା । ସରକାରୀ ଆୟବ୍ୟୟ କ୍ଷେତ୍ରରେ ନୈତିକ ମାନର ଉନ୍ନତି ନ କରିବା ଏବଂ ଆର୍ଥିକ ସମୀଚୀନତାର ନିୟମକାନୁନ ପ୍ରବର୍ତ୍ତନ କରିବା ହେଲା

ହିସାବ ସମୀକ୍ଷା ସମିତିର ଅନ୍ୟଏକ ଉଦ୍ଦେଶ୍ୟ । ସମିତିର ଏହି ସମସ୍ତ କାର୍ଯ୍ୟରେ ହିସାବରକ୍ଷକ ଓ ମହାସମୀକ୍ଷକ ସହାୟତା କରନ୍ତି । ସମିତିର ମନ୍ତବ୍ୟ ଓ ସୁପାରିଶ ବିବରଣୀ ଆକାରରେ ସଂସଦରେ ଉପସ୍ଥାପିତ ହୁଏ । ହିସାବ ସମୀକ୍ଷା ସମିତିର ସୁପାରିଶକୁ କାର୍ଯ୍ୟକାରୀ କରିବା ସଂଶ୍ଳିଷ୍ଟ ମନ୍ତ୍ରଣାଳୟ, ବିଶେଷକରି ଅର୍ଥ ମନ୍ତ୍ରଣାଳୟର ଦାୟିତ୍ୱ ।

ଏହି ସମିତିର କାର୍ଯ୍ୟପରିସର କେତୁ ସୀମିତ ରହିଛି । ସରକାର ଅର୍ଥ ଅପଚୟ କରିସାରିଲାପରେ ସମିତି ଅନୁଧ୍ୟାନ କରି ମନ୍ତବ୍ୟ ପ୍ରକାଶ କରେ । ସମିତିର ବିବରଣୀକୁ ବିଶ୍ଳେଷଣ କରି ଦେଖିବାର ସମୟ ଓ ସ୍ପୃହା ସଂସଦର ନଥାଏ । ତଥାପି ସମିତିର ସାର୍ଥକତା ନଗଣ୍ୟ ନୁହେଁ, ହିସାବ ସମୀକ୍ଷା ସମିତି ପରୋକ୍ଷ ଭାବରେ ସରକାରଙ୍କ ଉପରେ ପ୍ରଭାବ ବିସ୍ତାର କରିଥାଏ । ବିଭିନ୍ନ ପ୍ରଶ୍ନ ସଂପର୍କରେ ସମିତିର ଅନୁସଂଧାନ ଓ ଆଲୋଚନାର ପ୍ରଶ୍ନର ମୂଲ୍ୟ ରହିଛି । ଏହା ବ୍ୟତୀତ ସମିତିର ସମାଲୋଚନା ସରକାରଙ୍କ କାର୍ଯ୍ୟକଳାପ ଉପରେ ନୈତିକ ଚାପ ସୃଷ୍ଟିକରେ ।

## ଅଟକଳ ସମିତି

## (Estimates Committee)

ସରକାରୀ ବ୍ୟୟ ଉପରେ ବିଧାନମଣ୍ଡଳର ନିୟନ୍ତ୍ରଣକୁ ବ୍ୟାପକ ନ କରିପାରିଲେ ଏହି ନିୟନ୍ତ୍ରଣ ବିଶେଷ ଫଳପ୍ରଦ ହୁଏନାହିଁ । ସରକାରୀ ବ୍ୟୟ ନିୟନ୍ତ୍ରଣ କରିବାପାଇଁ ହିସାବ ସମୀକ୍ଷା ସମିତିର କାର୍ଯ୍ୟ ଯଥେଷ୍ଟ ନୁହେଁ । ସରକାର ବ୍ୟୟ ପ୍ରସ୍ତାବ କଲାବେଳେ ସରକାରଙ୍କ ଆନୁମାନିକ ବ୍ୟୟ ଅଟକଳକୁ ପର୍ଯ୍ୟାଲୋଚନା କରି ବ୍ୟୟ ସଂକୋଚପାଇଁ ସୁପାରିଶ କରୁଥିଲା ଏକ ସଂସ୍ଥା ରହିବା ପ୍ରୟୋଜନ । ଏହି ଉଦ୍ଦେଶ୍ୟ ସାଧନପାଇଁ ସଂସଦ ଏକ ଅଟକଳ ସମିତି ଗଠନ କରିଥାଏ ।

ସଂସଦର ଅଟକଳ ସମିତି ୩୦ ଜଣ ସଦସ୍ୟଙ୍କୁ ନେଇ ଗଠିତ । ଲୋକସଭାର ସଦସ୍ୟମାନେ ନିଜମଧ୍ୟରୁ ସମାନୁପାତିକ ପ୍ରତିନିଧିତ୍ୱ ପଦ୍ଧତି ଦ୍ୱାରା ସମିତିର ସଭ୍ୟମାନଙ୍କୁ ନିର୍ବାଚିତ କରନ୍ତି । କୌଣସି ମନ୍ତ୍ରୀ ଏହି ସମିତିର ସଦସ୍ୟ ରହିପାରିବେ ନାହିଁ । ସମିତିର ସଭାପତି ଲୋକସଭାର ବାଚସ୍ପତିଦ୍ୱାରା ନିଯୁକ୍ତ ହୁଅନ୍ତି । ସଦସ୍ୟମାନଙ୍କ କାର୍ଯ୍ୟକାଳର ସମୟ ହେଲା ଏକ ବର୍ଷ । ସମିତିର ଅବ୍ୟାହତ ଗତି ବଜାୟ ରଖିବାପାଇଁ ପ୍ରତିବର୍ଷ ପୁରାତନ ସଦସ୍ୟମାନଙ୍କ ମଧ୍ୟରୁ ଏକତୃତୀୟାଂଶ ଅବସର ଗ୍ରହଣ କରନ୍ତି ।

ସରକାର ଆନୁମାନିକ ବ୍ୟୟ ଅଟକଳ ପ୍ରସ୍ତାବ କଲାବେଳେ ଭିତ୍ତିକରୁଥିବା ନୀତିକୁ ପ୍ରସ୍ତୁତ କରି ବ୍ୟୟସଂକୋଚ କରିପିବା ବ୍ୟବସ୍ଥା କରେ । ମିତବ୍ୟୟିତା, ବ୍ୟୟସଂକୋଚ ଓ ଦକ୍ଷତା ନିଶ୍ଚିତ କରିବା ଉଦ୍ଦେଶ୍ୟରେ କମିଟି ବିକଳ୍ପ ନୀତିର ( alternative policies) ଇଂଗିତ ମଧ୍ୟ ଦେଇପାରେ । ପ୍ରସ୍ତାବିତ ବ୍ୟୟ ଅଟକଳରେ ବିଭିନ୍ନ ବିଷୟ

ମଧ୍ୟରେ ସରକାର ପୂର୍ବ ଭାବରେ ଅର୍ଥ ବର୍ଣ୍ଣନ କରନ୍ତି କି ନାହିଁ ତାହାର ବିଚାର ଆଲୋଚନା କରିବା ମଧ୍ୟ ସମିତିର ଏକ ପ୍ରଧାନ କର୍ତ୍ତବ୍ୟ । ଚତୁର୍ଥତଃ ଆନୁମାନିକ ବ୍ୟୟ ଅଟକଳ କେଉଁ ଆକାରରେ ଲୋକସଭା ନିକଟରେ ଉପସ୍ଥାପିତ କରାଯିବ ସେ ସମ୍ପର୍କରେ ମଧ୍ୟ କମିଟି ସୁପାରିଶ କରିପାରେ ।

ଲୋକସଭାରେ ଆନୁମାନିକ ବ୍ୟୟ ଅଟକଳ ଉପସ୍ଥାପିତ କରିବାପରେ କମିଟି ତାହାର କାର୍ଯ୍ୟ ଆରମ୍ଭ କରିପାରେ । ସମଗ୍ର ଆର୍ଥିକ ବର୍ଷ ( Financial year ) ସମିତି ତାହାର କାର୍ଯ୍ୟ ଚଳାଏ ଏବଂ କାର୍ଯ୍ୟାନୁସାରେ ଲୋକସଭା ନିକଟରେ ବିବରଣୀ ଉପସ୍ଥାପିତ କରେ । କିନ୍ତୁ କମିଟି ବିବରଣୀ ଉପସ୍ଥାପିତ କରିବା ପୂର୍ବରୁ ଲୋକସଭା ସରକାରଙ୍କ ଅର୍ଥ ଦାବୀ ( Demand for grant ) ଅନୁମୋଦନ କରିପାରେ । କୌଣସି ବର୍ଷର ସମଗ୍ର ଆନୁମାନିକ ବ୍ୟୟ ଅଟକଳ ଆଲୋଚନା କରିବା କମିଟି ପକ୍ଷରେ ସମ୍ଭବ ନୁହେଁ । କମିଟି ବ୍ୟୟ ଅଟକଳରେ ଅନ୍ତର୍ଭୁକ୍ତ ଏକ ବା ଏକାଧିକ ବିଷୟର ଆଲୋଚନା କରିଥାଏ । ବିସ୍ତୃତ ଆଲୋଚନାପାଇଁ ଏହା ସଂପୃକ୍ତ ମନ୍ତ୍ରଣାଳୟରୁ ତଥ୍ୟ ସଂଗ୍ରହ କରେ । ଆଲୋଚନା ବେଳେ ସଂଶ୍ଳିଷ୍ଟ ବିଭାଗର ଭାରପ୍ରାପ୍ତ ମନ୍ତ୍ରୀ ଉପସ୍ଥିତ ରହି ପ୍ରସ୍ତାବିତ ବ୍ୟୟ ସମର୍ଥନରେ ଯୁକ୍ତି ଦର୍ଶାନ୍ତି । ଲୋକସଭା ନିକଟରେ ଉପସ୍ଥାପିତ କରିବା ପୂର୍ବରୁ ତଥ୍ୟଗତ ଯାଥାର୍ଥ୍ୟ ନିର୍ଣ୍ଣୟ ନିମନ୍ତେ ସମିତି ବିବରଣୀକୁ ସଂଶ୍ଳିଷ୍ଟ ମନ୍ତ୍ରଣାଳୟକୁ ପ୍ରେରଣ କରେ । ଉକ୍ତ ମନ୍ତ୍ରଣାଳୟରୁ ତଥ୍ୟାଦି ସଂକ୍ରାନ୍ତ ସମ୍ବାଦ ପାଇବାପରେ କମିଟିର ସଭାପତି ପ୍ରୟୋଜନୀୟ ପରିବର୍ତ୍ତନ କରି ତାକୁ ଲୋକ ସଭାରେ ଉପସ୍ଥାପିତ କରନ୍ତି । ଅଟକଳ ସମିତିର ବିବରଣୀ ଉପରେ କୌଣସି ଆନୁଷ୍ଠାନିକ ତର୍କ ନ କରାଗଲେ ମଧ୍ୟ ଲୋକସଭାର ସଦସ୍ୟମାନେ ଆୟ ବ୍ୟୟ ଅଟକଳ ( Budget ) ଆଲୋଚନା ବେଳେ ବିବରଣୀ କଥା ଉଲ୍ଲେଖ କରିପାରନ୍ତି ।

କମିଟିର କାର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ ଓ କଷ୍ଟସାଧ୍ୟ ହୋଇଥିବା ଯୋଗୁଁ ଏକ ବା ଏକାଧିକ ସବ୍ କମିଟି ( Sub-Committee ) ଗଠନ କରାଯାଏ । ସବ୍ କମିଟି ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ପରୀକ୍ଷା କରି କମିଟିର କାର୍ଯ୍ୟରେ ସହାୟତା କରେ ।

ଇଂଲଣ୍ଡର ଅଟକଳ କମିଟି ତୁଳନାରେ ଭାରତୀୟ ଅଟକଳ କମିଟିର କ୍ଷମତା ବେଶୀ । ଦକ୍ଷତା ଓ ବ୍ୟୟ ସଙ୍କୋଚ ନିମନ୍ତେ କମିଟି ଉଦ୍ଦେଶ୍ୟରେ ଭାରତୀୟ କମିଟି ଯେଉଁ ବିକଳ୍ପ ନୀତିର ( alteranative policy ) ଇଙ୍ଗିତ ଦିଅନ୍ତି, ତାହା ଇଂଲଣ୍ଡର କମିଟି କ୍ଷମତା ମଧ୍ୟରେ ଅନ୍ତର୍ଭୁକ୍ତ ନୁହେଁ ।

## ଭାରତୀୟ ସଂସଦରେ ସମିତି ବ୍ୟବସ୍ଥା

**( The Committee System in Indian Parliament )**

ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ବିଭିନ୍ନ ଦେଶରେ ବିଧାନମଣ୍ଡଳମାନଙ୍କରେ କମିଟି-ବ୍ୟବସ୍ଥା ଦ୍ରୁତ ପ୍ରସାର ଲାଭ କରିଛି । ଅବଶ୍ୟ ବିଭିନ୍ନ ଦେଶରେ ସମିତିଗୁଡ଼ିକର

କ୍ଷମତା ଓ କାର୍ଯ୍ୟାବଳୀରେ ତାରତମ୍ୟ ରହିଛି । ସମିତି ବ୍ୟବସ୍ଥାର ଗୁରୁତ୍ୱ ଓ ପ୍ରୟୋଜନୀୟତା ସମ୍ବନ୍ଧରେ ଉପଲବ୍‌ଧି କରିହୁଏ । ରାଷ୍ଟ୍ରର କର୍ତ୍ତବ୍ୟ ଦିନକୁ ଦିନ ବୃଦ୍ଧି ପାଉଛି ଓ ଜଟିଳ ଅବସ୍ଥା ଧାରଣ କରୁଛି । ଫଳରେ ବହୁସଂଖ୍ୟକ ସଦସ୍ୟ ବିଶିଷ୍ଟ ବିଧାନମଣ୍ଡଳଗୁଡ଼ିକ ପକ୍ଷରେ ବିଭିନ୍ନ ବିଷୟରେ ବିସ୍ତୃତ ଆଲୋଚନା ସମ୍ଭବପର ହେଉନାହିଁ । ଉପସ୍ଥିତ ସମସ୍ୟାର ସମାଧାନ ନିମନ୍ତେ ଏବଂ ଆଇନ ପ୍ରଣୟନର କ୍ଷିପ୍ରତା ବୃଦ୍ଧି ନିମନ୍ତେ ବିଧାନମଣ୍ଡଳଗୁଡ଼ିକରେ ସମିତି ବ୍ୟବସ୍ଥା କରାଯାଇଛି । ପ୍ରସ୍ତାବିତ ଆଇନଗୁଡ଼ିକର ବିସ୍ତୃତ ବିଚାର ଆଲୋଚନାର ଦାୟିତ୍ୱ ଏହି କମିଟିଗୁଡ଼ିକ ଉପରେ ନ୍ୟସ୍ତ ରହେ । ଆଲୋଚନା ପରେ ସମିତିଦ୍ୱାରା ଉପସ୍ଥାପିତ ବିବରଣୀ ଓ ସୁପାରିଶ ଉପରେ ନିର୍ଭର କରି ସଂପୃକ୍ତ ଆଇନସଭାଗୁଡ଼ିକ ସହଜରେ ସିଦ୍ଧାନ୍ତ ଗ୍ରହଣ କରନ୍ତି ।

ସମିତି ବ୍ୟବସ୍ଥା ଫଳରେ ବିଧାନମଣ୍ଡଳର ଦକ୍ଷ ଓ ଅଭିଜ୍ଞ ସଦସ୍ୟଗଣ କମିଟି କାର୍ଯ୍ୟରେ ନିୟୋଜିତ ହେବାର ସୁଯୋଗ ପାଆନ୍ତି । ଦଳୀୟ ଉତ୍ତେଜନା କମ୍ ଥିଲେ ସମିତିଗୁଡ଼ିକ ଶାନ୍ତ ପରିବେଶ ମଧ୍ୟରେ ସଂଶ୍ଳିଷ୍ଟ ବିଷୟଗୁଡ଼ିକ ଉପରେ ସୂକ୍ଷ୍ମ ଆଲୋଚନା କରିବାକୁ ସମର୍ଥ ହୁଅନ୍ତି । ସମିତି ବ୍ୟବସ୍ଥା ମାଧ୍ୟମରେ ବିଧାନମଣ୍ଡଳ ଶାସନବିଭାଗକୁ ନିୟନ୍ତ୍ରଣ କରିବାକୁ ସମର୍ଥ ହୁଏ । ବିଶେଷକରି ଯୁକ୍ତରାଷ୍ଟ୍ର ଆମେରିକାରେ ଶାସନବିଭାଗକୁ ନିୟନ୍ତ୍ରିତ ରଖିବାର ଅନ୍ୟତମ ପ୍ରଧାନ ଉପାୟ ହେଲା କମିଟି-ବ୍ୟବସ୍ଥା ।

ଯୁକ୍ତରାଷ୍ଟ୍ର ଆମେରିକାରେ କଂଗ୍ରେସ ବା ବିଧାନମଣ୍ଡଳ ସରକାରଙ୍କର ଭିନ୍ନ ଭିନ୍ନ କ୍ଷେତ୍ରପାଇଁ ପୃଥକ୍ ପୃଥକ୍ କମିଟି ନିଯୁକ୍ତ କରେ ଯଥା କୃଷି, ଶିଳ୍ପ ଓ ବାଣିଜ୍ୟ, ପ୍ରତିରକ୍ଷା ବିଷୟରେ ସ୍ୱତନ୍ତ୍ର ସମିତି ରହିଛି । ଏହି ବିଷୟଗୁଡ଼ିକ ଉପରେ ବିଧେୟକ ଉପସ୍ଥାପିତ ହେଲେ ଏହା ସଂଶ୍ଳିଷ୍ଟ ସମିତିକୁ ପଠାଯାଏ । ଯୁକ୍ତରାଷ୍ଟ୍ର ଆମେରିକାରେ ସମିତିର କ୍ଷମତା ଅପର୍ଯ୍ୟାପ୍ତ ଭାବେ ବ୍ୟାପକ । ଏହା କୌଣସି ବିଧେୟକର ମୂଳଧାରାର ମଧ୍ୟ ପରିବର୍ତ୍ତନ କରିପାରେ । ବିଧେୟକକୁ ବିଧାନମଣ୍ଡଳ ନିକଟକୁ ନ ଫେରାଇ ସମିତି ସ୍ଥଗିତ ରଖିଦେଇପାରେ । ସମିତିଗୁଡ଼ିକର କାର୍ଯ୍ୟ କେବଳ ବିଧେୟକର ଆଲୋଚନାରେ ସୀମିତ ନଥାଏ । ସମିତିଗୁଡ଼ିକ ସଂପୃକ୍ତ ମନ୍ତ୍ରଣାଳୟର କାର୍ଯ୍ୟାବଳୀର ଅନୁସନ୍ଧାନ କରନ୍ତି । ସମିତି ଶାସନ ବିଭାଗକୁ ପ୍ରଶ୍ନକରେ ଏବଂ ଶାସନ ଓ ଆଇନ ସଂପର୍କରେ ଜନସାଧାରଣଙ୍କ ମତାମତ ଜାଣିବାପାଇଁ ସାକ୍ଷ୍ୟ ଗ୍ରହଣକରେ । ଏହାବ୍ୟତୀତ କୌଣସି ନିର୍ଦ୍ଦିଷ୍ଟ ବିଷୟରେ ଅନୁସଂଧାନ କରିବାପାଇଁ କଂଗ୍ରେସ ଅନୁସନ୍ଧାନ ସମିତି ( Investigation Committee ) ନିଯୁକ୍ତ କରିଥାଏ ।

ବ୍ରିଟିଶ ସମିତି ବ୍ୟବସ୍ଥାର ପ୍ରକୃତି ସାମାନ୍ୟ ଭିନ୍ନ ଧରଣର । ଯୁକ୍ତରାଷ୍ଟ୍ର ଆମେରିକାର ସମିତିଗୁଡ଼ିକ ପରି ଇଂଲଣ୍ଡର ସମିତିଗୁଡ଼ିକରେ ବିଶିଷ୍ଟତା ନାହିଁ । ସେଠାରେ ବିଶେଷ ବିଶେଷ କ୍ଷେତ୍ରପାଇଁ ବିଶେଷ ବିଶେଷ କମିଟିର ବ୍ୟବସ୍ଥା ନାହିଁ । ବିଭିନ୍ନ ବିଷୟ ସଂପର୍କରେ

ବିଧେୟକଗୁଡ଼ିକ କମନ୍ସ ସଭାର ସ୍ଥାୟୀ ସମିତିଗୁଡ଼ିକ ନିକଟକୁ ପ୍ରେରଣ କରାଯାଏ ଏବଂ ଏହି ସବୁ ସମିତି ବିଧେୟକକୁ ସ୍ଥଗିତ ରଖିପାରନ୍ତି ନାହିଁ କିମ୍ବା ମୂଳନୀତିର ପରିବର୍ତ୍ତନ କରିପାରନ୍ତି ନାହିଁ । ଅବଶ୍ୟ ୧୯୬୬ ମସିହାରେ ଇଂଲଣ୍ଡରେ ବିଜ୍ଞାନ ଓ କଳାକୌଶଳ ଏବଂ କୃଷି ବିଷୟ ସମ୍ପର୍କରେ ଯାଞ୍ଚ ସମିତି ( Select Committee ) ନିଯୁକ୍ତିର ବ୍ୟବସ୍ଥା କରାହୁଏ ।

ଇଂଲଣ୍ଡ ଭଳି ଭାରତରେ ମଧ୍ୟ ସଂସଦୀୟ ଶାସନ ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଛି । ସୁତରାଂ ଭାରତର ସମିତି ବ୍ୟବସ୍ଥା ଇଂଲଣ୍ଡର ସମିତି ବ୍ୟବସ୍ଥାର ଅନୁକରଣରେ ଗଠିତ । ଏହା ସତ୍ତ୍ୱେ ଭାରତର ସମିତି ବ୍ୟବସ୍ଥା ଇଂଲଣ୍ଡର ସମିତି ବ୍ୟବସ୍ଥାଠାରୁ କେତେକାଂଶରେ ଭିନ୍ନ ଓ ଯୁକ୍ତରାଷ୍ଟ୍ର ଆମେରିକାର ସମିତି ବ୍ୟବସ୍ଥା ସହିତ କେତେକାଂଶରେ ସାଦୃଶ୍ୟ । ଭାରତୀୟ ସମିତିଗୁଡ଼ିକର କେତେକ କ୍ଷମତା ଓ କାର୍ଯ୍ୟକ୍ରମ ଇଂଲଣ୍ଡର ସମିତିଗୁଡ଼ିକଠାରୁ ବ୍ୟାପକ । ଭାରତର ହିସାବରକ୍ଷକ ସମିତି ଓ ଆଟକଳ ସମିତି ଇଂଲଣ୍ଡର ଅନୁରୂପ ସମିତିଗୁଡ଼ିକଠାରୁ ଅଧିକ କ୍ଷମତା ଉପଭୋଗ କରିବା ବିଷୟ ଆଗରୁ ଉଲ୍ଲେଖ କରାଯାଇଛି । ସରକାରକୁ ନିୟନ୍ତ୍ରିତ କରିବାପାଇଁ ଭାରତର ଲୋକସଭା ସଂପୂର୍ଣ୍ଣ ନୂତନଧରଣର ସମିତି ପ୍ରବର୍ତ୍ତନ କରିଛି, ଉଦାହରଣ ସ୍ୱରୂପ ଲୋକସଭାର ସରକାର ପ୍ରତିଶ୍ରୁତି ସମିତି ( Committee on Government Assurances ) । ଇଂଲଣ୍ଡରେ ଏହି ଧରଣର କୌଣସି ସମିତି ନାହିଁ । ଭାରତୀୟ ସମିତିଗୁଡ଼ିକ ଆମଲାତନ୍ତ୍ରକୁ ନିୟନ୍ତ୍ରିତ କରେ କାରଣ ସମିତିଗୁଡ଼ିକ ବିଭିନ୍ନ ସରକାରୀ କାର୍ଯ୍ୟାଳୟକୁ ସାକ୍ଷ୍ୟ ଦେବାପାଇଁ ଆହ୍ୱାନ ବା କାଗଜପତ୍ର ଉପସ୍ଥାପିତ କରିବାପାଇଁ କହିପାରେ । ସରକାରୀ କାର୍ଯ୍ୟାଳୟ ତରଫରୁ ପଦସ୍ଥ କର୍ମଚାରୀଙ୍କୁ ସମିତି ସମ୍ମୁଖରେ ଉପସ୍ଥିତ ହେବାକୁ ପଡ଼େ ।

ଭାରତରେ ସଂସଦୀୟ ସମିତିଗୁଡ଼ିକୁ ଦୁଇଭାଗରେ ବିଭକ୍ତ କରାଯାଏ— (୧) ସ୍ଥାୟୀ ସମିତି ( Standing Committee ) ଏବଂ (୨) ଅସ୍ଥାୟୀ ସମିତି ( Adhoc Committee ) । ଅସ୍ଥାୟୀ ସମିତିଗୁଡ଼ିକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ଗଠିତ ହୋଇଥାଏ ଏବଂ କାର୍ଯ୍ୟ ସମ୍ପାଦିତ ହେବାପରେ ସେଗୁଡ଼ିକୁ ଭାଙ୍ଗି ଦିଆଯାଏ । ଯାଞ୍ଚସମିତି ( Select Committee ) ଏବଂ ମିଳିତ ସମିତି ( Joint Committee ) ହେଉଛନ୍ତି ଦୁଇଟି ପ୍ରଧାନ ଅସ୍ଥାୟୀ ସମିତି । ଅନ୍ୟପକ୍ଷରେ ସ୍ଥାୟୀସମିତିଗୁଡ଼ିକୁ କାର୍ଯ୍ୟ ସମ୍ପାଦନପରେ ଭାଙ୍ଗି ଦିଆଯାଏ ନାହିଁ । ସ୍ଥାୟୀସମିତିର ଉଦାହରଣ ହିସାବରେ କାର୍ଯ୍ୟକ୍ରମ ଉପଦେଷ୍ଟା ସମିତି, ଆବେଦନ ସମିତି, ସ୍ୱାଧିକାର ସମିତି, ନିୟମାବଳୀ ସଂକ୍ରାନ୍ତ ସମିତି ପ୍ରଭୃତିର ନାମ ଉଲ୍ଲେଖ କରାଯାଇ ପାରେ ।

### ଲୋକସଭାର ସମିତି

ସଂସଦର କାର୍ଯ୍ୟରେ ସାହାଯ୍ୟ କରିବାପାଇଁ ବିଭିନ୍ନ ସମିତି ରହିଛି । ଏହି ସମିତି-ଗୁଡ଼ିକୁ ମୋଟାମୋଟି ଭାବରେ ତିନି ଭାଗରେ ବିଭକ୍ତ କରାଯାଏ । (୧) କାର୍ଯ୍ୟକ୍ରମ ଉପଦେଷ୍ଟା

ସମିତି (Business Advisory Committee) ପରି କେତେକ ସାଧାରଣ ସମିତି (୨) ଗାଷ୍ଠ ସମିତି (Select Committee) ପରି କେତେକ ନିଯୁକ୍ତ ସମିତି ଓ (୩) ସାଧାରଣ ହିସାବ ସମୀକ୍ଷା ସମିତି ଓ ଅଟକଳ ସମିତି ପରି କେତେକ ଅର୍ଥ ବିଷୟକ କାର୍ଯ୍ୟ କରୁଥିବା ସମିତି । ନିମ୍ନରେ ଲୋକସଭାର ସମସ୍ତ ସମିତିର ସଂକ୍ଷିପ୍ତ ଆଲୋଚନା କରାଯାଉଛି ।

## (୧) କାର୍ଯ୍ୟକ୍ରମ ଉପଦେଷ୍ଟା ସମିତି (Business Advisory Committee)

ଲୋକସଭାର ଅଧିବେଶନ ଆରମ୍ଭ ହେବା ସଙ୍ଗେ ସଙ୍ଗେ ବାଚସ୍ପତି ଏହି ସମିତିର ଗଠନ କରିଥାନ୍ତି । ଏହାର ସଦସ୍ୟ ସଂଖ୍ୟା ୧୫ ଜଣରୁ ଅଧିକ ହୁଏ ନାହିଁ । ବାଚସ୍ପତି ନିଜେ ଏହି ସମିତିରେ ସଭାପତିତ୍ୱ କରନ୍ତି । ସରକାରୀ ବିଧେୟକ ଏବଂ ଅନ୍ୟାନ୍ୟ ସରକାରୀ ଆଲୋଚନାପାଇଁ ଧାର୍ଯ୍ୟ କରାଯିବା ସମୟ ନିର୍ଦ୍ଧାରଣ କରିବା ଏହି ସମିତିର ପ୍ରଧାନ କର୍ତ୍ତବ୍ୟ ।

## (୨) ଆବେଦନ ସମିତି (Committee on Petitions)

ଏହି ସମିତି ମଧ୍ୟ ୧୫ ଜଣ ସଦସ୍ୟଙ୍କୁ ନେଇ ଗଠିତ । ସଦସ୍ୟଗଣ ବାଚସ୍ପତିଙ୍କ ଦ୍ୱାରା ମନୋନୀତ ହୁଅନ୍ତି । ନୂତନ ସମିତି ଗଠନହେବା ପର୍ଯ୍ୟନ୍ତ ପୁରାତନ ସମିତି କାର୍ଯ୍ୟ କରୁଥାଏ । ବିଧେୟକ ବା ଅନ୍ୟାନ୍ୟ ବିଷୟରେ ଜନସାଧାରଣଙ୍କ ଦ୍ୱାରା କରାଯାଉଥିବା ଆବେଦନର ବିଚାର ଆଲୋଚନା କରିବା ଓ ଲୋକସଭା ନିକଟରେ ଏହି ସମ୍ପର୍କରେ ବିବରଣୀ ଉପସ୍ଥାପିତ କରିବା ଏହି ସମିତିର କାର୍ଯ୍ୟ ।

## (୩) ନିୟମାବଳୀ ସମିତି (Rules Committee)

୧୫ ଜଣ ସଦସ୍ୟ ବିଶିଷ୍ଟ ଏହି ସମିତି ବାଚସ୍ପତିଙ୍କ ଦ୍ୱାରା ଗଠିତ । ବାଚସ୍ପତି ପଦାଧିକାର (ex-officio) ବଳରେ ଏହି ସମିତିର ସଭାପତି ହୁଅନ୍ତି । ଏହି ସମିତି ଲୋକସଭାର କାର୍ଯ୍ୟକ୍ରମର ପଦ୍ଧତି ନିର୍ଦ୍ଧାରଣ ଓ ପରିଚାଳନା ସମ୍ପର୍କରେ ବିଚାର ଆଲୋଚନା କରେ ଏବଂ ଆବଶ୍ୟକ ମନେ କଲେ ଲୋକସଭାର ନିୟମକାନୁନ୍‌ରେ ପରିବର୍ତ୍ତନ ବା ପରିବର୍ଦ୍ଧନପାଇଁ ସୁପାରିଶ କରେ ।

## (୪) ସ୍ୱାଧିକାର ସମିତି (Committee of Privileges)

ବାଚସ୍ପତିଙ୍କ ଦ୍ୱାରା ଏହି ସମିତି ମନୋନୀତ ହୁଏ ଏବଂ ଏହାର ସଦସ୍ୟ ସଂଖ୍ୟା ମଧ୍ୟ ୧୫ ଜଣ । ଏହି ସମିତି ଲୋକସଭା ଏବଂ ଏହାର ସଦସ୍ୟ ଓ ସମିତିଗୁଡ଼ିକର ସ୍ୱାଧିକାର ପ୍ରଶ୍ନର ଆଲୋଚନା କରେ । ଲୋକସଭା କିମ୍ବା ବାଚସ୍ପତି ସ୍ୱାଧିକାର ଭଙ୍ଗ ପ୍ରଶ୍ନ ଏହି ସମିତି ନିକଟରେ ଉପସ୍ଥାପିତ କରିବା ପରେ, ସମିତି ବିଭିନ୍ନ ତଥ୍ୟାଦି ଉପରେ ଭିତ୍ତି କରି ସିଦ୍ଧାନ୍ତ ଗ୍ରହଣ କରେ, ଏବଂ ଅଧିକାର ଭଙ୍ଗ ହୋଇଛି କି ନାହିଁ ସେ ବିଷୟରେ ସୁପାରିଶ କରେ ।

( ୫ ) ସରକାରୀ ପ୍ରତିଶ୍ରୁତି ସମିତି ( Committee on Government Assurances )

ଏହି ସମିତି ବାଚସ୍ପତିଙ୍କଦ୍ୱାରା ମନୋନୀତ ଏବଂ ୧୫ ଜଣ ସଦସ୍ୟଙ୍କୁ ନେଇ ଗଠିତ । ଏହାର କାର୍ଯ୍ୟକାଳ ମାତ୍ର ଏକ ବର୍ଷ । ଏହି ସମିତି ମନ୍ତ୍ରୀମାନଙ୍କ ଦ୍ୱାରା ଲୋକସଭାରେ ପ୍ରଦତ୍ତ ପ୍ରତିଶ୍ରୁତିକୁ ପରୀକ୍ଷା କରେ ଏବଂ କେତେଦୂର ଏହି ପ୍ରତିଶ୍ରୁତିଗୁଡ଼ିକ କାର୍ଯ୍ୟକାରୀ ହୋଇଛି ଏବଂ କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଠିକ୍ ସମୟରେ କାର୍ଯ୍ୟକାରୀ ହୋଇଛି କି ନାହିଁ ତଦନ୍ତ କରି ସେ ସମ୍ପର୍କରେ ଲୋକସଭା ନିକଟରେ ସୁପାରିଶ ଅର୍ପଣ କରେ ।

( ୬ ) ଅଧସ୍ତନ ଆଇନ ସମିତି ( Committee on Sub-ordinate Legislation )

ଏହି ସମିତି ବାଚସ୍ପତିଙ୍କ ଦ୍ୱାରା ମନୋନୀତ ଏବଂ ଅନଧିକ ୧୫ ଜଣଙ୍କୁ ନେଇ ମାତ୍ର ଏକ ବର୍ଷପାଇଁ ଗଠିତ । ମନ୍ତ୍ରୀମାନେ ଏହାର ସଦସ୍ୟ ହୋଇପାରନ୍ତି ନାହିଁ । ଆଇନ ଦ୍ୱାରା ଶାସନ ବିଭାଗ ହସ୍ତରେ ନ୍ୟସ୍ତ କରାଯାଇଥିବା ଆଇନ ପ୍ରଣୟନ ଓ ପ୍ରବର୍ତ୍ତନର କ୍ଷମତା ଅନୁଯାୟୀ କ୍ଷମତା ପ୍ରଯୁକ୍ତ ହୋଇଛି କି ନାହିଁ ଦେଖିବା ଏବଂ ଲୋକସଭା ନିକଟରେ ବିବରଣୀ ପ୍ରଦାନ କରିବା ଏହି ସମିତିର କର୍ତ୍ତବ୍ୟ ।

( ୭ ) ଲୋକସଭାର ବୈଠକରେ ସଦସ୍ୟମାନଙ୍କ ଅନୁପସ୍ଥିତି ସଂପର୍କିତ ସମିତି ( Committee on Absence of Members from the sitting of th e House )

ଏହି ସମିତିର ସଦସ୍ୟ ସଂଖ୍ୟା ମଧ୍ୟ ୧୫ ଜଣ । ଏମାନେ ବାଚସ୍ପତିଙ୍କ ଦ୍ୱାରା ଏକ ବର୍ଷପାଇଁ ନିଯୁକ୍ତ ହୁଅନ୍ତି । ଲୋକସଭାର ବୈଠକରେ ଅନୁପସ୍ଥିତ ରହିବାପାଇଁ ସଦସ୍ୟମାନଙ୍କ ଦ୍ୱାରା ପ୍ରେରଣ କରାଯାଇଥିବା ଆବେଦନ ପତ୍ରକୁ ପରୀକ୍ଷା କରି ଦେଖିବା, କୌଣସି ସଦସ୍ୟ ୬୦ ଦିନରୁ ଅଧିକ ଲୋକସଭାରେ ଅନୁପସ୍ଥିତ ରହିଲେ ତାଙ୍କର ଅନୁପସ୍ଥିତିର ଉପେକ୍ଷା କରାଯିବ କିମ୍ବା ତାଙ୍କର ଆସନ ଶୂନ୍ୟ ହୋଇଛି ବୋଲି ଘୋଷଣା କରାଯିବ ସେ ସମ୍ପର୍କରେ ସମିତି ସିଦ୍ଧାନ୍ତ ଗ୍ରହଣ କରେ ।

( ୮ ) ସାଧାରଣ ହିସାବ **ସମୀକ୍ଷା** ସମିତି ( Public Accounts Committee )

ପୂର୍ବରୁ ବର୍ଣ୍ଣିତ କରାଯାଇଛି ।

## ( ୯ ) ଅଟକଳ ସମିତି ( Estimates Committee )

ପୂର୍ବରୁ ବର୍ଣ୍ଣନା କରାଯାଇଛି ।

## ( ୧୦ ) ଯାଞ୍ଚ ସମିତି ( Select Committee )

ପୂର୍ବରୁ ବର୍ଣ୍ଣନା କରାଯାଇଛି ।

( କୌଣସି ବିଧେୟକ ସଂପର୍କରେ ଭାରପ୍ରାପ୍ତ ମନ୍ତ୍ରୀ ବା ସଦସ୍ୟ ବିଧେୟକଟିକୁ ଯାଞ୍ଚ ସମିତିକୁ ପଠାଯାଉ ବୋଲି ପ୍ରସ୍ତାବ କଲେ ଯାଞ୍ଚ ସମିତି ଗଠନ କରାଯାଏ । ପ୍ରସ୍ତାବକାରୀ ମନ୍ତ୍ରୀ ବା ସଦସ୍ୟହିଁ ସମିତିର ସଦସ୍ୟମାନଙ୍କ ନାମ ଠିକ୍ କରନ୍ତି । ସଦସ୍ୟମାନଙ୍କ ମଧ୍ୟରୁ ବାଚସ୍ପତିଙ୍କ ଦ୍ୱାରା ସଭାପତି ମନୋନୀତ ହୁଅନ୍ତି । ଏହି ସମିତିରେ ସଂଶ୍ଳିଷ୍ଟ ବିଧେୟକ ଏବଂ ତାହାର ପ୍ରତ୍ୟେକ ଧାରା ଉପରେ ଆଲୋଚନା କରାଯାଏ । ସମିତି ବିଧେୟକର ସଂଶୋଧନ ପାଇଁ ସୁପାରିଶ କରିପାରିଲେ ମଧ୍ୟ ବିଧେୟକର ମୂଳନୀତି ଓ ଉଦ୍ଦେଶ୍ୟ ପରିବର୍ତ୍ତନ କରିପାରେ ନାହିଁ । ଆଲୋଚନା ଉଦ୍ଦେଶ୍ୟରେ ସାକ୍ଷୀ ଗ୍ରହଣ, କାଗଜପତ୍ର ତଦନ୍ତ, ସଂଶ୍ଳିଷ୍ଟ ସ୍ୱାର୍ଥର ବକ୍ତବ୍ୟ ଶ୍ରବଣ ଇତ୍ୟାଦି ସମିତିକୁ କରିବାକୁ ପଡ଼େ । ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମିତି ବିବରଣୀ ପ୍ରସ୍ତୁତ କରି ଲୋକସଭାରେ ଉପସ୍ଥାପିତ କରେ । )

## ( ୧୧ ) ବେସରକାରୀ ସଦସ୍ୟଙ୍କ ବିଧେୟକ ଓ ପ୍ରସ୍ତାବ ସମ୍ପର୍କିତ ସମିତି (Committee on Private Member's Bills and Resolutions )

ପୂର୍ବରୁ ବର୍ଣ୍ଣନା କରାଯାଇଛି ।

## ( ୧୨ ) ସରକାରୀ ଉଦ୍ୟୋଗ ସମିତି ( Committee on Public Undertakings )

ସରକାରୀ ଉଦ୍ୟୋଗାଧୀନ ପ୍ରତିଷ୍ଠାନ ସମୂହର କାର୍ଯ୍ୟକ୍ରମର ଅନୁସନ୍ଧାନ କରିବା-ପାଇଁ ଏହି ସମିତି ୧୯୬୪ ମସିହାରୁ ପ୍ରବର୍ତ୍ତିତ ହୋଇଛି । ସମିତି ଲୋକସଭାର ୧୦ ଜଣ ସଦସ୍ୟ ଓ ରାଜ୍ୟସଭାର ୫ ଜଣ ସଦସ୍ୟଙ୍କୁ ନେଇ ଗଠିତ । ଏହାର କାର୍ଯ୍ୟ ହେଲା : (କ) ନିର୍ଦ୍ଦିଷ୍ଟ ସରକାରୀ ପ୍ରତିଷ୍ଠାନଗୁଡ଼ିକର ବିବରଣୀ ଓ ହିସାବ ପରୀକ୍ଷା କରିବା, (ଖ) ହିସାବ ରକ୍ଷକ ଓ ମହାସମୀକ୍ଷକଙ୍କ ବିବରଣୀ ଆଲୋଚନା କରିବା, (ଗ) ସରକାରୀ ପ୍ରତିଷ୍ଠାନଗୁଡ଼ିକ ସଠିକ ବ୍ୟବସାୟ ଏବଂ ସମୁଚିତ ବାଣିଜ୍ୟିକ ନୀତି ଅନୁଯାୟୀ ପ୍ରଚଳିତ ହେଉଛି କି ନାହିଁ ତାହା ପରୀକ୍ଷା କରିବା, (ଘ) ସାଧାରଣ ହିସାବ ସମୀକ୍ଷା ସମିତି ଏବଂ

ଅଟକଳ ସମିତିର ବିଚାରାଧୀନ ଯେକୌଣସି ସରକାରୀ କାର୍ଯ୍ୟ, ବାଚସ୍ପତିଙ୍କ ନିର୍ଦ୍ଦେଶ କ୍ରମେ ଆଲୋଚନାକରି ଦେଖିବା । କିନ୍ତୁ ଏହି ସମିତି ସରକାରୀ ନୀତି ଓ ପ୍ରତିଷ୍ଠାନ ଗୁଡ଼ିକର ଦୈନନ୍ଦିନ କାର୍ଯ୍ୟ ପରିଚାଳନା ବିଷୟରେ ଅନୁସନ୍ଧାନ ବା ଆଲୋଚନା କରିବାକୁ ସମର୍ଥ ନୁହେଁ ।

## ରାଜ୍ୟସଭାର ସମିତି

ଲୋକସଭା ପରି ରାଜ୍ୟସଭାରେ ମଧ୍ୟ ସମିତି-ବ୍ୟବସ୍ଥାର ପ୍ରଚଳନ ଅଛି । ଅବଶ୍ୟ ଲୋକସଭା ତୁଳନାରେ ରାଜ୍ୟସଭା ସମିତି ସଂଖ୍ୟା ଅଳ୍ପ । ରାଜ୍ୟସଭାରେ ସାଧାରଣ ହିସାବ ସମୀକ୍ଷା ସମିତି, ଅଟକଳ ସମିତି, ସରକାରୀ ପ୍ରତିଶ୍ରୁତି ସମିତି କିମ୍ବା ଅଧସ୍ତନ ଆଇନସମିତି ନାହିଁ । ରାଜ୍ୟ ସଭାରେ ନିମ୍ନଲିଖିତ ସମିତିଗୁଡ଼ିକ ରହିଛି—କାର୍ଯ୍ୟକ୍ରମ ଉପଦେଷ୍ଟା ସମିତି (Business Advisory Committee), ଆବେଦନ ସମିତି (Committee on Petitions ) ସ୍ୱାଧିକାର ସମିତି ( Committee on Privileges ), ନିୟମାବଳୀ ସମିତି ( Rules Committee )ଏବଂ ବିଧେୟକ ସମ୍ପର୍କରେ ବାଛସମିତି ( Select Committee on Bills )

## ଦୁଇ ସଦନର ମିଳିତ ସମିତି

**( Joint Committee of the Two Houses )**

କୌଣସି ବିଧେୟକକୁ ସଂସଦର ଦୁଇ ସଦନର ମିଳିତ ସମିତି ନିକଟକୁ ଆଲୋଚନାପାଇଁ ପଠାଯାଉ ବୋଲି ଭାରପ୍ରାପ୍ତ ମନ୍ତ୍ରୀ ବା ସଦସ୍ୟ ପ୍ରସ୍ତାବ ଆଗତ କଲେ ଏହି ସମିତି ଗଠନର ବ୍ୟବସ୍ଥା କରାଯାଏ । ଭାରପ୍ରାପ୍ତ ମନ୍ତ୍ରୀ ବା ସଦସ୍ୟ ସମିତିନିମନ୍ତେ ଉତ୍ଥାପିତ ସଦନରୁ ସଦସ୍ୟ ନାମିତ କରନ୍ତି । ଅନ୍ୟସଦନକୁ ସମିତିକୁ ସଦସ୍ୟ ପଠାଇବାପାଇଁ ଅନୁରୋଧ କରାଯାଏ । ଏହିପରି ଦୁଇ ସଦନର ସହଯୋଗିତାରେ ମିଳିତସମିତି ଗଠନ କରାଯାଏ ।

## ସଂଘୀୟ ସେବା ଆୟୋଗ

**( Union Public Service Commission )**

ସଂଘର ୩୧୬ ଧାରା ଅନୁଯାୟୀ ରାଷ୍ଟ୍ରପତି ସଂଘୀୟ ସେବା ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ସାଧାରଣତଃ ଛଅବର୍ଷପାଇଁ ନିଯୁକ୍ତ ଦେଇଥାନ୍ତି । ରାଜ୍ୟରେ ମଧ୍ୟ ଏ ପ୍ରକାର ବ୍ୟବସ୍ଥା ରହିଛି । ରାଜ୍ୟର ରାଜ୍ୟପାଳ ମନ୍ତ୍ରିମଣ୍ଡଳର ପରାମର୍ଶରେ ରାଜ୍ୟ ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ନିଯୁକ୍ତ ଦିଅନ୍ତି । କେନ୍ଦ୍ରରେ ସର୍ବୋଚ୍ଚ ବୟସସୀମା ୬୫ ଓ ରାଜ୍ୟରେ ୬୨ ଯଦି ସଦସ୍ୟଙ୍କ ପୂରଣ ହୋଇଯାଏ ତାହାହେଲେ ଛଅବର୍ଷ ନ ପୁରୁଣୁ ମଧ୍ୟ ସେ ଅବସର ନେବାକୁ ବାଧ୍ୟହେବେ । ଅବସର ନେବାପରେ ଆୟୋଗର ଅଧ୍ୟକ୍ଷ ଓ ସଦସ୍ୟ

କୌଣସି ସରକାରୀ ଚାକିରୀ ଗ୍ରହଣ କରିପାରିବେ ନାହିଁ । ପ୍ରତ୍ୟେକ ଆୟୋଗର ଅର୍ଦ୍ଧାଧିକ ସଦସ୍ୟ କେନ୍ଦ୍ର ଓ ରାଜ୍ୟସରକାରଙ୍କ ଅଧୀନରେ ଅନ୍ୟୁନ ୧୦ ବର୍ଷ ଚାକିରୀ କରିଥିବା ଆବଶ୍ୟକ ଓ ସେମାନଙ୍କ ଦରମା ଓ ଭତ୍ତା ସଂପୃକ୍ତ ସଂଚିତ ପାଣ୍ଠିରୁ ( Consolidated Fund of India ) ବ୍ୟୟ କରାଯାଇଥାଏ । ଅଧ୍ୟକ୍ଷ ଓ ସଦସ୍ୟଙ୍କୁ ତାଙ୍କ ପଦବୀରୁ ବାହାର କରିବା ଅତି କଷ୍ଟ । ସେମାନଙ୍କ ବିରୁଦ୍ଧରେ ଅସଦାଚରଣ ଅଭିଯୋଗ ହେଲେ ଭାରତର ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ଅନୁସନ୍ଧାନ କରାଯାଇ ସତ୍ୟବୋଲି ପ୍ରମାଣିତ ହେଲେ ରାଷ୍ଟ୍ରପତିଙ୍କଦ୍ୱାରା ପଦଚ୍ୟୁତ ହୁଅନ୍ତି । ଏହା ଏକ ସ୍ୱାୟତ୍ତଶାସିତ ( Autonomous ) ସଂସ୍ଥା । କାର୍ଯ୍ୟ—

(୧) ବିଭିନ୍ନ ସରକାରୀ ଚାକିରୀପାଇଁ ପରୀକ୍ଷାକରି ମନୋନୀତ ପ୍ରାର୍ଥୀଙ୍କୁ ସରକାରଙ୍କୁ ସୁପାରିଶ କରିଥାନ୍ତି ।

(୨) ଯେ କୌଣସି ପଦସ୍ଥ ସରକାରୀ ଚାକିରୀରେ ଉନ୍ନତି ଶୃଙ୍ଖଳାଗତ କାର୍ଯ୍ୟପାଇଁ ସରକାର ଆୟୋଗଙ୍କ ପରାମର୍ଶ ନେଇଥାନ୍ତି ।

(୩) ସରକାର ଆୟୋଗଙ୍କ ସୁପାରିଶ ମାନିବାପାଇଁ ବାଧ୍ୟ ନୁହନ୍ତି କିନ୍ତୁ ସାଧାରଣତଃ ମାନିଥାନ୍ତି ।

(୪) ପ୍ରତିବର୍ଷ ଆୟୋଗ ଏକ ରିପୋର୍ଟ ପେସ କରିଥାଏ ଓ ମନୋନୀତ ପ୍ରାର୍ଥୀ ସରକାରଙ୍କ ଦ୍ୱାରା ବଗ୍ରୁହୋଇ ନଥିଲେ ଉଲ୍ଲେଖ କରାଯାଇଥାଏ ।

## ନିର୍ବାଚନ ଆୟୋଗ

**( Election Commission )**

କେନ୍ଦ୍ର ଓ ରାଜ୍ୟମାନଙ୍କରେ ନିର୍ବାଚନର ସୁପରିଚାଳନା ନିମନ୍ତେ ସମ୍ବିଧାନର ୩୨୪ ଧାରା ଅନୁଯାୟୀ ନିର୍ବାଚନ ଆୟୋଗ ଗଢ଼ାଯାଇଛି । ମୁଖ୍ୟ ନିର୍ବାଚନ ଆୟୁକ୍ତ ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ପାଇଥାନ୍ତି ଓ ତାଙ୍କୁ ସାହାଯ୍ୟ କରିବାପାଇଁ କେତେକ ସଦସ୍ୟ ଅଛନ୍ତି । ଏହା ଏକ ସ୍ୱାଧୀନ ଓ ନିରପେକ୍ଷ ସଂସ୍ଥା । ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କୁ ବହିଷ୍କାର କରିବା ଭେଠ କଷ୍ଟକର । ଉଚ୍ଚତମ ନ୍ୟାୟାଳୟର ବିଚାରପତିଙ୍କୁ ବହିଷ୍କାର କରିବା ପ୍ରଣାଳୀ ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କପାଇଁ ପ୍ରଯୁଜ୍ୟ । ଏହା ଏକ ସ୍ୱାଧୀନ ସଂସ୍ଥା ହୋଇଥିବାରୁ କୌଣସି ନିଷ୍ପତ୍ତି ନେଲବେଳେ ବାହ୍ୟ ବାଧା କିଛି ନଥାଏ । ଏହା ଏକ ଅର୍ଦ୍ଧ-ନ୍ୟାୟାଳୟ ସଂସ୍ଥା । ( Quasi-Judicial Body ) । ଏହାର କ୍ଷମତାକୁ ତିନିଭାଗରେ ବିଭକ୍ତ କରାଯାଇ-ପାରେ ।

(୧) ରାଷ୍ଟ୍ରପତି, ଉପ-ରାଷ୍ଟ୍ରପତି, ସଂସଦ ଓ ବିଧାନମଣ୍ଡଳ ଭଳି ଗୁରୁତ୍ୱପୂର୍ଣ୍ଣ ଅଫିସର ନିର୍ବାଚନପାଇଁ ତାଲିକା ପ୍ରସ୍ତୁତ କରେ ।

(୨) ପରିଚାଳନା ଓ ନିୟନ୍ତ୍ରଣ ଭାର ଏହା ଉପରେ ନ୍ୟସ୍ତ ।

(ଗ) ନିର୍ବାଚନ ସମ୍ବନ୍ଧୀୟ ସମସ୍ତ ବାଦ ବିସମ୍ବାଦ ଏହାଦ୍ୱାରା ନିଷ୍ପତ୍ତି ହୋଇଥାଏ ।

କୌଣସି ବ୍ୟକ୍ତି ଯଦି ଆୟୋଗଦ୍ୱାରା ନିର୍ଦ୍ଧାରିତ ଟଙ୍କା ଅପେକ୍ଷା ଅଧିକା ଖର୍ଚ୍ଚ କରେ ତେବେ ଦଣ୍ଡନୀୟ ଅପରାଧ ହିସାବରେ ଗଣ୍ୟ ହୁଏ ଓ ନିର୍ବାଚନ ଅସିଦ୍ଧ ଘୋଷଣା ହୋଇ-ପାରେ । ଭାରତରେ ସମଗ୍ର ଦେଶପାଇଁ ଗୋଟିଏ ନିର୍ବାଚନ ଆୟୋଗର ବ୍ୟବସ୍ଥା ରହିଛି । ପାଞ୍ଚବର୍ଷରେ ସାଧାରଣ ନିର୍ବାଚନ, ଦରକାର ପଡ଼ିଲେ ମଧ୍ୟବର୍ତ୍ତୀକାଳୀନ ଏବଂ ଉପନିର୍ବାଚନ-ମାନ ମଧ୍ୟ କରାଇଥାଏ । କୌଣସି ନାଗରିକଠାରୁ ନିର୍ବାଚନ ସଂକ୍ରାନ୍ତ ଅଭିଯୋଗର ଲକ୍ଷଣ ପାଇଲକ୍ଷଣି ତଦନ୍ତ କରି ଚୂଡ଼ାନ୍ତ ଫଳାଫଳ ଜଣାଇଦେଇଥାଏ ।

## ଅର୍ଥ ଆୟୋଗ

**( Finance Commission )**

ପ୍ରତି ପାଞ୍ଚବର୍ଷରେ ଥରେ ରାଷ୍ଟ୍ରପତି ଅର୍ଥ ଆୟୋଗ ନିଯୁକ୍ତ କରିଥାନ୍ତି । କେନ୍ଦ୍ର-ରାଜ୍ୟ ମଧ୍ୟରେ ଅର୍ଥର ସୁଷମ ବଣ୍ଟନ ବ୍ୟବସ୍ଥାରେ ସରକାରଙ୍କୁ ସୁପାରିଶ କରିବା ଏହି ଆୟୋଗର ମୂଳ ଲକ୍ଷ୍ୟ । ୧୯୭୭ରେ ସପ୍ତମ ଅର୍ଥ ଆୟୋଗ ନିଯୁକ୍ତ ହୋଇଥିଲା । ଏଥିରେ ଜଣେ ଅଧ୍ୟକ୍ଷ ଓ ଚାରିଜଣ ସଭ୍ୟ ଥାଆନ୍ତି । ଏଥିରେ ସଭ୍ୟ ହେବାପାଇଁ ଯୋଗ୍ୟତାର ମାପକାଠି ସଂସଦଦ୍ୱାରା ପ୍ରଣୀତ ଓ ମନ୍ତ୍ରିମଣ୍ଡଳ ଦ୍ୱାରା ଅନୁମୋଦିତ ହୋଇଥାଏ । ଆୟୋଗ ସୀମିତ ସମ୍ବଳ ମଧ୍ୟରେ ବଣ୍ଟନର ବ୍ୟବସ୍ଥା କରିଥାଏ ଏବଂ ଏହି ପରାମର୍ଶକୁ ସରକାର ମାନିବାପାଇଁ ବାଧ୍ୟ ନୁହନ୍ତି । ତେବେ ରିପୋର୍ଟକୁ ସରକାର ପୁରାପୁରି ପ୍ରତ୍ୟାଖ୍ୟାନ କରିପାରିବେ ନାହିଁ । ଏହାର କାରଣ ସଂସଦରେ ଝଡ଼ ବହିବାର ଆଶଙ୍କା ଅଛି । ଆୟୋଗର ପରାମର୍ଶକୁ ଉଭୟ ସଦନରେ ପେଶ୍ କରାଯାଇଥାଏ ।

ଆୟୋଗର ସୁପାରିଶ ମଧ୍ୟରେ

(କ) କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିଭିନ୍ନ କରରୁ ଆଦାୟ ହେଉଥିବା ଅର୍ଥ କେଉଁ ନୀତି ଅନୁସାରେ ବଣ୍ଟନ କରାଯିବ ।

(ଖ) କେନ୍ଦ୍ର ସରକାରଙ୍କ ସଂଚିତ ପାଣ୍ଠିରୁ କେଉଁ ହାରରେ କେତେ ରାଜ୍ୟକୁ ଅନୁଦାନ ଦିଆଯିବ, ଏଗୁଡ଼ିକ ଅନ୍ତର୍ଭୁକ୍ତ ।

ରାଷ୍ଟ୍ରପତି ଯେକୌଣସି ଆର୍ଥିକ ସମସ୍ୟା ଉପରେ ଅର୍ଥ ଆୟୋଗର ସୁପାରିଶ ମଗାଇ ପାରନ୍ତି । ଯେହେତୁ ରାଜ୍ୟଗୁଡ଼ିକର ନିଜ ସମ୍ବଳ ଅତି ଦୁର୍ବଳ, ସାଧାରଣତଃ ଅର୍ଥ ଆୟୋଗ ନିକଟରେ ନିଜ ନିଜର ଦୃଢ଼ଦାବୀ ଉପସ୍ଥାପନ କରିଥାନ୍ତି ଓ କେନ୍ଦ୍ର ଉପରେ ପୂରା ମାତ୍ରାରେ ନିର୍ଭରକରି ରହିଥାନ୍ତି ।

# ଏକାଦଶ ପରିଚ୍ଛେଦ

## ଐକିକ ବା ଅଖଣ୍ଡ ନ୍ୟାୟପାଳିକା

**( Integrated Judiciary )**

ଭାରତରେ ଆଇନ ଦୃଷ୍ଟିରୁ ସମସ୍ତେ ସମାନ । ସୁତରାଂ ପ୍ରତ୍ୟେକ ନାଗରିକପାଇଁ ଭାରତରେ ସମାନ ବିଚାର ବ୍ୟବସ୍ଥା ପ୍ରବର୍ତ୍ତିତ ହୋଇଛି । ଅବଶ୍ୟ ବିଶେଷ ଧରଣର ବିଚାର ପାଇଁ କେତେକ କ୍ଷେତ୍ରରେ ସ୍ୱତନ୍ତ୍ର ନ୍ୟାୟାଳୟ ରହିଛି, ଯଥା— ଶିଳ୍ପକ୍ଷେତ୍ରରେ ବିବାଦ ମୀମାଂସାପାଇଁ ସ୍ୱତନ୍ତ୍ର ଶିଳ୍ପ ନ୍ୟାୟାଳୟ (Industrial Courts & Tribunals) । ତଥାପି ଭାରତୀୟ ନ୍ୟାୟପାଳିକା ଏକ ଓ ଅଖଣ୍ଡ । ନ୍ୟାୟପାଳିକାର ଶୀର୍ଷ ସୋପାନରେ ଉଚ୍ଚତମ ନ୍ୟାୟାଳୟ ( Suprime Court ) ଅବସ୍ଥିତ ।

ଭାରତ ଏକ ରାଷ୍ଟ୍ରସଂଘ ହୋଇଥିବାରୁ ଏଠାରେ କେନ୍ଦ୍ରସରକାର ଓ ରାଜ୍ୟସରକାର-ମାନଙ୍କ ମଧ୍ୟରେ କ୍ଷମତା ବଣ୍ଟନ ହୋଇଅଛି । ତେଣୁ କେନ୍ଦ୍ର, ରାଜ୍ୟର କ୍ଷମତା ଉପରେ ବା ରାଜ୍ୟ, କେନ୍ଦ୍ରର କ୍ଷମତାରେ ବା ରାଜ୍ୟ ରାଜ୍ୟ ମଧ୍ୟରେ କ୍ଷମତା ନେଇ କନ୍ଦଳ ସୃଷ୍ଟିକୁ ଏଡ଼ାଇ ଦିଆଯାଇ ନପାରେ । ସେଥିପାଇଁ ସମ୍ବିଧାନ ପ୍ରଣେତାମାନେ ରାଷ୍ଟ୍ରସଂଘରେ ଉଚ୍ଚତମ ନ୍ୟାୟାଳୟର ଆବଶ୍ୟକତା ଉପଲବ୍ଧି କରିଥିଲେ । ତଦନୁସାରେ ୧୯୫୦ ଜାନୁୟାରୀ ୨୬ ତାରିଖରୁ ନୂତନ ସମ୍ବିଧାନ କାର୍ଯ୍ୟକାରୀ ହେବା ସଙ୍ଗେ ସଙ୍ଗେ ଏକ ନିରପେକ୍ଷ ଓ ସ୍ୱାଧୀନ ନ୍ୟାୟପାଳିକା ସଂସ୍ଥାର ବ୍ୟବସ୍ଥା କରାଯାଇଥିଲା । ଆରମ୍ଭରୁ ଶୀର୍ଷପର୍ଯ୍ୟନ୍ତ ଭାରତର ସମସ୍ତ ନ୍ୟାୟାଳୟ ଏକ ସୂତ୍ରରେ ବନ୍ଧା ।

### ଉଚ୍ଚତମ ନ୍ୟାୟାଳୟ

**( The Supreme Court )**

### ସଂଗଠନ

ସଂବିଧାନ ଅନୁସାରେ ଭାରତର ଉଚ୍ଚତମ ନ୍ୟାୟାଳୟ ଜଣେ ମୁଖ୍ୟ ନ୍ୟାୟାଧୀଶ ଏବଂ ଅନଧିକ ସାତଜଣ ନ୍ୟାୟାଧୀଶଙ୍କୁ ନେଇ ଗଠିତ । ସଂବିଧାନର ୧୨୪ ଧାରାରେ

ଏହି ବିଷୟ ଉଲ୍ଲିଖିତ ରହିଛି । ତେବେ, ଆଇନଦ୍ୱାରା ସଂସଦ ନ୍ୟାୟାଧୀଶମାନଙ୍କର ସଂଖ୍ୟା ବୃଦ୍ଧି କରିପାରେ । ୧୯୫୬ ମସିହାରେ ଉଚ୍ଚତମ ନ୍ୟାୟାଳୟ ଆଇନ [ The Supreme Court ( Number of Judges ) Act, 1956 ] ପ୍ରଣୟନ କରି ନ୍ୟାୟାଧୀଶଙ୍କ ସଂଖ୍ୟା ୮ରୁ ୧୧କୁ ବୃଦ୍ଧି କରିଥିଲ । ପୁଣି ୧୯୬୦ ମସିହାରେ ଏହି ଆଇନର ସଂଶୋଧନ [ Supreme Court ( Number of Judges ) Amendment Act, 1960 ] ଦ୍ୱାରା ଅନ୍ୟ ନ୍ୟାୟାଧୀଶଙ୍କ ସଂଖ୍ୟା ୧୩କୁ ବୃଦ୍ଧି ପାଇଲ । ୧୯୭୭ରେ ଏହା ୧୮କୁ ବୃଦ୍ଧି ପାଇଲ । ବର୍ତ୍ତମାନ ମୁଖ୍ୟ ନ୍ୟାୟାଧୀଶଙ୍କ ସମେତ ଉଚ୍ଚତମ ନ୍ୟାୟାଳୟରେ ୧୮ ଜଣ ନ୍ୟାୟାଧୀଶ ଅଛନ୍ତି । ଏହା ବ୍ୟତୀତ ସମ୍ବିଧାନର ୧୨୮ ଅନୁଚ୍ଛେଦ ଅନୁସାରେ ଅସ୍ଥାୟୀ ନ୍ୟାୟାଧୀଶ ( Acting Judges ) ନିଯୁକ୍ତ ହୋଇପାରନ୍ତି ।

ମୁଖ୍ୟ ନ୍ୟାୟାଧୀଶ ( Chief Justice ) ଏବଂ ଅନ୍ୟ ନ୍ୟାୟାଧୀଶଗଣ ( Other Judges ) ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି । ଅନ୍ୟ ନ୍ୟାୟାଧୀଶଙ୍କୁ ନିଯୁକ୍ତ କଲାବେଳେ ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶଙ୍କ ସଙ୍ଗେ ପରାମର୍ଶ କରିବା ପାଇଁ ବାଧ୍ୟ ଅଟନ୍ତି; କିନ୍ତୁ ମୁଖ୍ୟ ନ୍ୟାୟାଧୀଶ ନିଯୁକ୍ତ କଲାବେଳେ ସେ ଉଚ୍ଚତମ ନ୍ୟାୟାଳୟ ଓ ରାଜ୍ୟ ନ୍ୟାୟାଳୟର ଯେ କୌଣସି ନ୍ୟାୟାଧୀଶଙ୍କ ସହ ପରାମର୍ଶ କରିପାରନ୍ତି । ଭାରତରେ ନ୍ୟାୟାଧୀଶମାନଙ୍କର ନିଯୁକ୍ତି ପ୍ରଥା ଇଂଲଣ୍ଡ ଏବଂ ଯୁକ୍ତରାଷ୍ଟ୍ର ଆମେରିକାର ନିଯୁକ୍ତି ପ୍ରଥାଠାରୁ କେତେକ ପରିମାଣରେ ଭିନ୍ନ । ଆମେରିକାରେ ରାଷ୍ଟ୍ରପତି ସିନେଟର ପରାମର୍ଶ ଓ ସମ୍ମତି ନେଇ ଉଚ୍ଚତମ ନ୍ୟାୟାଳୟର ବିଚାରପତିଙ୍କୁ ନିଯୁକ୍ତ ଦିଅନ୍ତି । ଇଂଲଣ୍ଡରେ ହାଇକୋର୍ଟର ନ୍ୟାୟାଧୀଶଙ୍କ ନିଯୁକ୍ତିର ଭାର ଶାସନ ବିଭାଗ ହାତରେ ନ୍ୟସ୍ତ । ଭାରତରେ କିନ୍ତୁ ରାଷ୍ଟ୍ରପତି ନ୍ୟାୟପାଳିକା ସହିତ ପରାମର୍ଶ କରି ନ୍ୟାୟାଧୀଶଙ୍କୁ ନିଯୁକ୍ତ ଦିଅନ୍ତି । ତେଣୁ ଦଳୀୟ ସ୍ୱାର୍ଥ ଏବଂ ରାଜନୈତିକ ଚାପ ନିଯୁକ୍ତି ପଦ୍ଧତିକୁ ପ୍ରଭାବିତ କରିବାର ସଂଭାବନା କମ୍ ଥାଏ । ନ୍ୟାୟାଧୀଶମାନଙ୍କ ନିଯୁକ୍ତି ଶାସନ ବିଭାଗହାତରେ ସଂପୂର୍ଣ୍ଣଭାବେ ଛାଡ଼ି ଦିଆଯାଇନାହିଁ; କିନ୍ତୁ ଅନ୍ୟ ନ୍ୟାୟାଧୀଶଙ୍କ ପରାମର୍ଶ ମାନିବାକୁ ରାଷ୍ଟ୍ରପତି ବାଧ୍ୟ ନୁହନ୍ତି । ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କୁ ମନ୍ତ୍ରିପରିଷଦ, ବିଶେଷକରି ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବାକୁ ହୁଏ । ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶମାନଙ୍କୁ ଆଞ୍ଚଳିକ ଏବଂ ସାଂପ୍ରଦାୟିକ ସ୍ୱାର୍ଥଦ୍ୱାରା ନିଯୁକ୍ତ କରାଯାଉଛି ବୋଲି କେତେକ ମହଲରେ ଅଭିଯୋଗ ହେଉଛି । ନିଯୁକ୍ତି ପଛରେ ଶାସନ ବିଭାଗର ପରୋକ୍ଷ ହାତଥିବା ବିଷୟରେ ମଧ୍ୟ କେତେକ ସନ୍ଦେହ ପ୍ରକାଶ କରନ୍ତି । ଅବଶ୍ୟ କେତେକ କ୍ଷେତ୍ରରେ ଉଚ୍ଚନ୍ୟାୟାଳୟଗୁଡ଼ିକର ଉପଯୁକ୍ତ ନ୍ୟାୟାଧୀଶମାନେ ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶ ହେବାପାଇଁ ସୁଯୋଗ ପାଇ ନଥାନ୍ତି ।

ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶମାନେ ୬୫ ବର୍ଷ ପର୍ଯ୍ୟନ୍ତ ନିଜ ପଦରେ ଅଧିଷ୍ଠିତ ଥାଆନ୍ତି । ଇତି ମଧ୍ୟରେ ସେ ଇଚ୍ଛା କଲେ ପଦତ୍ୟାଗ କରିପାରନ୍ତି । ଏହି

କ୍ଷେତ୍ରରେ ସେ ନିଜ ହାତରେ ଇସ୍ତଫାପତ୍ର ଲେଖି ରାଷ୍ଟ୍ରପତିଙ୍କ ନିକଟକୁ ପଠାନ୍ତି । ସଂସଦର ପ୍ରତି ସଦନ ମୋଟ ସଦସ୍ୟ ସଂଖ୍ୟାର ଅଧିକାଂଶ ଏବଂ ଉପସ୍ଥିତ ଓ ଭୋଟଦାନକାରୀ ସଦସ୍ୟ ସଂଖ୍ୟାର ଦୁଇ-ତୃତୀୟାଂଶ ବିଚାରପତିଙ୍କ ବିରୁଦ୍ଧରେ ଆଗତ ଅସାମର୍ଥ୍ୟ ( incapacity ) ଓ ଅସଦାଚରଣ ( misbehaviour ) ର ଅଭିଯୋଗକୁ ସମର୍ଥନ ଜଣାଇଲେ ରାଷ୍ଟ୍ରପତି ଆଦେଶ ପ୍ରଦାନ କରି ନ୍ୟାୟାଧୀଶଙ୍କୁ ପଦଚ୍ୟୁତ କରିପାରନ୍ତି । ସଂସଦ ପ୍ରଣୀତ ଆଇନଦ୍ୱାରା ନିର୍ଦ୍ଧାରିତ ପଦ୍ଧତିରେ ନ୍ୟାୟାଧୀଶମାନଙ୍କର ବିଚାର ସ୍ଥିର କରାଯାଏ ।

## ଯୋଗ୍ୟତା

ନ୍ୟାୟାଧୀଶମାନଙ୍କର ଯୋଗ୍ୟତା ସମ୍ପର୍କରେ ସଂସଦର ନିର୍ଦ୍ଦେଶ ହେଲା ଯେ କୌଣସି ବ୍ୟକ୍ତି ଯଦି ଭାରତର ନାଗରିକ ହୋଇଥିବେ; ପାଞ୍ଚବର୍ଷ ପର୍ଯ୍ୟନ୍ତ ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶପଦରେ ଅଧିଷ୍ଠିତ ହୋଇଥିବେ ଅଥବା ଦଶ ବର୍ଷ କାଳ କୌଣସି ଉଚ୍ଚନ୍ୟାୟାଳୟରେ ଅଧିବକ୍ତା ( Advocate ) ରୂପେ କାର୍ଯ୍ୟ କରିଥିବେ କିମ୍ବା ରାଷ୍ଟ୍ରପତିଙ୍କ ମତରେ ଜଣେ ବିଶିଷ୍ଟ ଆଇନଜ୍ଞ ( Distinguished Jurist ) ହୋଇଥିବେ, ତେବେ ନ୍ୟାୟାଧୀଶ ପଦପାଇଁ ଯୋଗ୍ୟ ବିବେଚିତ ହେବେ । 'ବିଶିଷ୍ଟ ଆଇନଜ୍ଞ'ର ଯୋଗ୍ୟତା ନିର୍ଦ୍ଧାରିତ ହେବା ଫଳରେ ସାମାଜିକ ଧାରଣା ସମ୍ପର୍କରେ ଦୃଷ୍ଟିଭଙ୍ଗି ସମ୍ପନ୍ନ ବ୍ୟକ୍ତିମାନେ ନ୍ୟାୟାଳୟରେ ସ୍ଥାନ ପାଇବାର ଆଶା କରାଯାଏ । ଅବଶ୍ୟ ସବୁ କଥା କ୍ଷମତାସୀନ ଦଳର କ୍ଷମତା ପ୍ରୟୋଗର ମାତ୍ରା ଉପରେ ନିର୍ଭର କରେ ।

ନ୍ୟାୟାଧୀଶମାନଙ୍କର ବେତନ ସମ୍ବିଧାନର ଦ୍ୱିତୀୟ ଅନୁସୂଚୀରେ ଅସ୍ଥାୟୀଭାବେ ସ୍ଥିର କରାଯାଇଛି । ଏଗୁଡ଼ିକୁ ସ୍ଥାୟୀ ଭାବରେ ନିର୍ଦ୍ଧାରଣ କ୍ଷମତା ହେଲା ସଂସଦର । ନିଯୁକ୍ତି ପରେ କୌଣସି ନ୍ୟାୟାଧୀଶଙ୍କ ପ୍ରତିକୂଳରେ ଏହି ସବୁ ସୁବିଧା, ସୁଯୋଗ, ବେତନ ଭତ୍ତାର ପରିବର୍ତ୍ତନ କରାଯାଇପାରିବ ନାହିଁ । ଏହା ବ୍ୟତୀତ ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶମାନଙ୍କର ବେତନ ଭତ୍ତା, ପେନ୍‌ସନ ଇତ୍ୟାଦି କେନ୍ଦ୍ରର ସମୀଭୂତ ନିଧି ଉପରେ ଧାର୍ଯ୍ୟ କରାଯାଇଛି । ଅର୍ଥାତ୍ ଏହି ବ୍ୟୟ ସମ୍ପର୍କରେ ଲୋକସଭାର ବାର୍ଷିକ ଅନୁମୋଦନର ପ୍ରୟୋଜନ ହୁଏ ନାହିଁ । ସମ୍ବିଧାନର ୩୬୦ ଧାରା ଘୋଷିତ ହୋଇ ଦେଶରେ ଆର୍ଥିକ ଜରୁରୀ ପରିସ୍ଥିତି ଘୋଷିତ ହେଲେ ଏହି ଦରମା କମାଇ ଦିଆଯାଇପାରେ । ମୁଖ୍ୟ ନ୍ୟାୟାଧୀଶ ମାସକୁ ଦଶହଜାର ଟଙ୍କା ଦରମା ପାଆନ୍ତି । ସାଧାରଣ ସମୟରେ ସଂସଦରେ ନ୍ୟାୟାଧୀଶମାନଙ୍କ କାର୍ଯ୍ୟକଳାପ ବିଷୟକ ଆଲୋଚନା ନିଷିଦ୍ଧ କରାଯାଇଛି । କେବଳ ପଦଚ୍ୟୁତ ପ୍ରସ୍ତାବ କ୍ଷେତ୍ରରେ ଏହିପରି ଆଲୋଚନା ହୋଇଥାଏ ।

ସମ୍ବିଧାନ ଅନୁସାରେ ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶ ପଦରେ ଅଧିଷ୍ଠିତ ଥିବା କୌଣସି ବ୍ୟକ୍ତି ଭାରତ ଭିତରେ ଅନ୍ୟ କୌଣସି ନ୍ୟାୟାଳୟରେ ଅଧିବକ୍ତା ହୋଇପାରିବେ ନାହିଁ ବା କୌଣସି କର୍ତ୍ତୃପକ୍ଷଙ୍କ ନିକଟରେ କାର୍ଯ୍ୟ କରିପାରିବେ ନାହିଁ । କିନ୍ତୁ

ଭାରତର ମୁଖ୍ୟ ନ୍ୟାୟାଧୀଶ ରାଷ୍ଟ୍ରପତିଙ୍କ ସମ୍ମତିକ୍ରମେ ଉଚ୍ଚତମ ନ୍ୟାୟାଳୟ ବା ସଂଘୀୟ ନ୍ୟାୟାଳୟର ପ୍ରାକ୍ତନ କୌଣସି ନ୍ୟାୟାଧୀଶଙ୍କୁ ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶ ରୂପେ କାର୍ଯ୍ୟ ତୁଲାଇବାପାଇଁ ଅନୁରୋଧ କରାଇ ପାରନ୍ତି । ଏହି ସବୁ ନିବନ୍ଧନ (restriction) ଦ୍ୱାରା ନ୍ୟାୟାଧୀଶମାନଙ୍କର ନିରପେକ୍ଷତା ଓ ସ୍ୱାଧୀନତା ନିଶ୍ଚିତ କରାଯାଏ । କିନ୍ତୁ ଅବସର ଗ୍ରହଣ ପରେ ରାଜନୈତିକ ବା ଅନ୍ୟପଦରେ ସରକାର ଦ୍ୱାରା ନିଯୁକ୍ତି ନିଷିଦ୍ଧ କରାହୋଇନାହିଁ । ଅବସର ଗ୍ରହଣପରେ ସରକାର ଦ୍ୱାରା ନିଯୁକ୍ତିର ଆଶା ଥିଲେ ନ୍ୟାୟାଧୀଶମାନଙ୍କ ପକ୍ଷରେ ନିରପେକ୍ଷତା ଓ ସ୍ୱାଧୀନତା ବଜାୟ ରଖି ବିଚାର କରିବା ସମ୍ଭବ ନୁହେଁ । ସମ୍ବିଧାନ ପ୍ରଣୟନ ସମୟରେ ଏହିପରି ଏକ ଉତ୍ଥାପିତ ପ୍ରଶ୍ନର ଉତ୍ତରରେ ଡଃ ଆମ୍ବେଦକର କହିଲେ ଯେ, ମାମଲା ସହିତ ସରକାରଙ୍କ ସ୍ୱାର୍ଥ ବିଶେଷ ଜଡ଼ିତ ନଥାଏ । ନ୍ୟାୟାଳୟ ଅଧିକାଂଶ କ୍ଷେତ୍ରରେ ନାଗରିକମାନଙ୍କ ମଧ୍ୟରେ ବିବାଦର ବିଚାର ମୀମାଂସା କରିଥାଏ; ଏବଂ ଖୁବ୍ କମ୍ ସରକାର ଓ ନାଗରିକମାନଙ୍କର ବିବାଦର ମୀମାଂସା କରେ । (The Judiciary is engaged in deciding the issue between the citizen and very rarely between citizens and Government.) ଡଃ ଆମ୍ବେଦକରଙ୍କ ମନ୍ତବ୍ୟକୁ ସ୍ୱୀକାର କରିନେବା କଷ୍ଟସାଧ୍ୟ । ପ୍ରାକ୍ତନ ନ୍ୟାୟାଧୀଶ ଧାଵନ (S. S. Dhawan) କହନ୍ତି, 'ଆମ ଦେଶରେ ଅଧିକାଂଶ ମାମଲାରେ ରାଷ୍ଟ୍ର ସଂଶ୍ଳିଷ୍ଟ' (The State is the litigant in the Country.) ଅନେକ ସମୟରେ ନ୍ୟାୟାଧୀଶଙ୍କୁ ସରକାର ଓ ନାଗରିକମାନଙ୍କ ମଧ୍ୟରେ ବିବାଦର ମୀମାଂସା କରିବାକୁ ପଡ଼େ । ଅନେକ ସମୟରେ କ୍ଷମତାସୀନ ଦଳ ବା ସରକାର ଅନୁଗ୍ରହ ବଣ୍ଟନ କରି ନିଜ ସ୍ୱାର୍ଥର ଅନୁକୂଳରେ ନ୍ୟାୟାଧୀଶମାନଙ୍କୁ ପ୍ରଭାବିତ କରିପାରେ । ଭବିଷ୍ୟତରେ ସରକାରଙ୍କ ଅନୁଗ୍ରହ ଲିପ୍ସାରେ ଅଧିକାଂଶ ନ୍ୟାୟାଧୀଶ ନିରପେକ୍ଷ ଭାବରେ ବିଚାର କରିବାପାଇଁ ଇଚ୍ଛା ପ୍ରକାଶ କରି ନ ପାରନ୍ତି । ସୁତରାଂ ଅବସର ଗ୍ରହଣ ପରେ ନ୍ୟାୟାଧୀଶଙ୍କ ନିଯୁକ୍ତି ଉପରେ ନିବନ୍ଧନ ଆରୋପ କରିବା ଉଚିତ ଥିଲା; କିନ୍ତୁ ଦୁଃଖର କଥା ଯେ ସାଧାରଣ ସେବା ଆୟୋଗ (Public Service Commission) ର ସଦସ୍ୟମାନଙ୍କପାଇଁ ଏହି ନିବନ୍ଧନ ଆରୋପ କରାଯାଇ ଥିଲେ ମଧ୍ୟ ନ୍ୟାୟାଧୀଶମାନଙ୍କ କ୍ଷେତ୍ରରେ ତାହା କରାଯାଇ ନାହିଁ । ଗତ କେତେବର୍ଷର ଅଭିଜ୍ଞତାରୁ ଜଣାଯାଇଛି ଯେ ଏକାଧିକ କ୍ଷେତ୍ରରେ ନ୍ୟାୟାଧୀଶମାନଙ୍କ ମଧ୍ୟରେ ସରକାର ବିଭିନ୍ନ ପଦ ବଣ୍ଟନ କରିଛନ୍ତି । ପ୍ରାକ୍ତନ ନ୍ୟାୟାଧୀଶ ସଇଦ ଫଜଲ ଅଲ୍ଲୀଙ୍କୁ ୧୯୫୨ ମସିହାରେ ଓଡ଼ିଶାର ରାଜ୍ୟପାଳ ରୂପେ ନିଯୁକ୍ତ କରାଯାଇଥିଲା । ୧୯୫୮ ମସିହାରେ ବମ୍ବେ ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟ ନ୍ୟାୟାଧୀଶ ଚଗଲାଙ୍କୁ ଯୁକ୍ତରାଷ୍ଟ୍ର ଆମେରିକାରେ ରାଷ୍ଟ୍ରଦୂତ ରୂପେ ନିଯୁକ୍ତ କରାଯାଇଥିଲା । ଏହିପରି ଆହୁରି ଅନେକ ଦୃଷ୍ଟାନ୍ତ ରହିଛି ।

### କ୍ଷେତ୍ରାଧିକାର

ସମ୍ବିଧାନ ଅନୁସାରେ ଉଚ୍ଚତମ ନ୍ୟାୟାଳୟ ହେଲା ଏକ ଅଭିଲେଖ ଅଦାଲତ

( Court of Record ) ଅର୍ଥାତ୍, ଉକ୍ତ ନ୍ୟାୟାଳୟର ନଥିପତ୍ର ବା ରାୟ ସଂପର୍କିତ ବିଷୟରେ ପ୍ରମାଣରୂପେ ତଦନୁରୂପ ମୋକଦ୍ଦମାରେ ଉଲ୍ଲେଖ କରାଗଲେ ତାହା ପ୍ରମାଣରୂପେ ଗୃହୀତ ହୋଇଥାଏ । 'ଅଭିଲେଖ ଅଦାଲତ'ର ଧାରଣା ଇଂଲଣ୍ଡର ଆଇନରୁ ଗ୍ରହଣ କରାହୋଇଛି । ଇତିହାସ ଦୃଷ୍ଟିରୁ ଯେଉଁ ଅଦାଲତର ଅଭିଲେଖ ( Record ) ସମୂହ ସମ୍ପୃକ୍ତ ବିଷୟର ଚରମ ପ୍ରମାଣ ବା ସାକ୍ଷ୍ୟ ହିସାବରେ ସ୍ଥାୟୀ ଭାବରେ ସଂରକ୍ଷିତ ହେଉଥିଲା ସେଗୁଡ଼ିକୁ ଅଭିଲେଖ ଅଦାଲତ କୁହାଯାଉଥିଲା । ନିଜର ଅବମାନନାପାଇଁ ଦଣ୍ଡ ପ୍ରଦାନର କ୍ଷମତା ଅଭିଲେଖ ଅଦାଲତର ଥାଏ । ନ୍ୟାୟାଳୟର ଅବମାନନା ହେଲେ ବିଚାରକାର୍ଯ୍ୟ ସମାଲୋଚିତ ଓ ଘୃଣିତ ହୁଏ । ଫଳରେ ବିଚାର କାର୍ଯ୍ୟ ପରିଚାଳନାରେ ବିଶେଷ ବାଧାବିଘ୍ନ ଘଟେ ଏବଂ ନ୍ୟାୟବିଚାର ଅସମ୍ଭବ ହୋଇପଡ଼େ । ସୁତରାଂ ନିଜର ମର୍ଯ୍ୟାଦା ଓ କ୍ଷମତାକୁ ଅବ୍ୟାହତ ରଖିବାପାଇଁ ଉଚ୍ଚତମ ନ୍ୟାୟାଳୟକୁ ବିଶେଷ କ୍ଷମତା ଦିଆହୋଇଛି । ଉଚ୍ଚତମ ନ୍ୟାୟାଳୟ ନିଜର ଅବମାନନାପାଇଁ ଦଣ୍ଡପ୍ରଦାନର କ୍ଷମତା ଖୁବ୍ ସତର୍କତାର ସହିତ ବ୍ୟବହାର କରିଥାଏ । ଅବଶ୍ୟ ଜନସାଧାରଣଙ୍କ ସ୍ୱାର୍ଥଦୃଷ୍ଟିରୁ ବିଚାର କାର୍ଯ୍ୟର ନ୍ୟାୟସଙ୍ଗତ ସମାଲୋଚନା କରାଯାଇପାରେ । ତେଣୁ ନ୍ୟାୟାଧୀଶମାନେ ପୂରାପୂରି ଅସହିଷ୍ଣୁ ହେବା ଉଚିତ ନୁହେଁ ।

ଉଚ୍ଚତମ ନ୍ୟାୟାଳୟର ପ୍ରଧାନତଃ ୪ ପ୍ରକାର କ୍ଷେତ୍ରାଧିକାର ( Jurisdiction) ରହିଛି— ( ୧ ) ମୌଳିକ କ୍ଷେତ୍ରାଧିକାର ( Original Jurisdiction ), (୨) ଆବେଦନକାରୀ କ୍ଷେତ୍ରାଧିକାର (Appellate Jurisdiction ), (୩) ପରାମର୍ଶଦାୟୀ କ୍ଷେତ୍ରାଧିକାର ( Advisory Jurisdiction ), (୪) ନିର୍ଦ୍ଦେଶ ଆଦେଶ ବା ପରମାଦେଶ ଜାରିକରିବାର କ୍ଷେତ୍ରାଧିକାର ( Jurisdiction to issue directions, orders or writs ).

## ମୌଳିକ କ୍ଷେତ୍ରାଧିକାର

ଯେଉଁ କ୍ଷେତ୍ରରେ କେବଳ ଭାରତର ଉଚ୍ଚତମ ନ୍ୟାୟାଳୟ ବିଚାର କରିବାପାଇଁ ସକ୍ଷମ ସେହି କ୍ଷେତ୍ରକୁ ମୌଳିକ କ୍ଷେତ୍ରାଧିକାର କୁହାଯାଏ । (କ) କେନ୍ଦ୍ର ସରକାର ଏବଂ ଏକ ବା ଏକାଧିକ ରାଜ୍ୟ ମଧ୍ୟରେ ବିବାଦ ଉପୁଜିଲେ, (ଖ) ଏକ ପକ୍ଷରେ କେନ୍ଦ୍ର ଓ ଏକ ବା ଏକାଧିକ ରାଜ୍ୟ ଏବଂ ଅପର ପକ୍ଷରେ ଏକ ବା ଏକାଧିକ ରାଜ୍ୟ ମଧ୍ୟରେ ବିବାଦ ଜନ୍ମିଲେ, (ଗ) ଦୁଇ ବା ତତୋଽଧିକ ରାଜ୍ୟମାନଙ୍କମଧ୍ୟରେ ବିବାଦ ଦେଖାଦେଲେ ଏହାର ବିଚାର କେବଳ ଉଚ୍ଚତମ ନ୍ୟାୟାଳୟ କରିପାରେ; ଅନ୍ୟ କୌଣସି ନ୍ୟାୟାଳୟ କରିବାପାଇଁ ସମର୍ଥ ନୁହେଁ । ଭାରତ ଏକ ରାଷ୍ଟ୍ରସଂଘ ହୋଇଥିବା ଯୋଗୁଁ ଏଠାରେ ଉପର ଲିଖିତ ତିନି ଶ୍ରେଣୀର ବିବାଦର ସମ୍ଭାବନା ସବୁବେଳେ ପ୍ରାୟ ଥାଏ । ତେଣୁ ଏହିସମସ୍ତ ବିବାଦର ସମାଧାନର ଦାୟିତ୍ୱ ଉଚ୍ଚତମ ନ୍ୟାୟାଳୟକୁ ଦିଆଯାଇଛି । ସୁତରାଂ ଉଚ୍ଚତମ ନ୍ୟାୟାଳୟକୁ ସଂଘୀୟ ନ୍ୟାୟାଳୟ କୁହାଯାଏ ।

ଉଚ୍ଚତମ ନ୍ୟାୟାଳୟର ମୌଳିକ କ୍ଷେତ୍ରାଧିକାର ଉପରେ ଥିବା ନିବନ୍ଧନଗୁଡ଼ିକ ମଧ୍ୟରୁ ଦୁଇଟି ହିଁ ଉଲ୍ଲେଖ ଯୋଗ୍ୟ । ସମ୍ବିଧାନ ପ୍ରଚଳିତ ହେବା ପୂର୍ବରୁ ଯେଉଁ ସବୁ ସନ୍ଧି, ଚୁକ୍ତି, ଅଂଗୀକାର ପତ୍ର, ସନନ୍ଦ ଇତ୍ୟାଦି ସଂପାଦିତ ହୋଇଛି ଏବଂ ସଂବିଧାନ କାର୍ଯ୍ୟକାରୀ ହେବାପରେ ମଧ୍ୟ କାର୍ଯ୍ୟକାରୀ ହୋଇଛି ବା ବଳବତ୍ତର ରହିଛି, ସେସବୁ ଚୁକ୍ତି ଆଦି ଉପରେ ଉପରୋକ୍ତ ବିବାଦ ଉପୁଜିଲେ ଉଚ୍ଚତମ ନ୍ୟାୟାଳୟର ବିଚାର କରିବାର ଅଧିକାର ନାହିଁ । ପୁଣି ଯଦି କୌଣସି ସନ୍ଧି, ଚୁକ୍ତି ଆଦିରେ ପୂର୍ବରୁ ଉଚ୍ଚତମ ନ୍ୟାୟାଳୟର ଅଧିକାର ନିଷିଦ୍ଧ କରିଦିଆଯାଇଥାଏ ସେହି କ୍ଷେତ୍ରରେ ମଧ୍ୟ ଏହି ସନ୍ଧି, ଚୁକ୍ତି ଆଦିର ବିଚାର ଉଚ୍ଚତମ ନ୍ୟାୟାଳୟ କରିପାରିବନାହିଁ । ଅବଶ୍ୟ ସମ୍ବିଧାନର ୧୪୩ (୨) ଅନୁଚ୍ଛେଦ ଅନୁସାରେ ରାଷ୍ଟ୍ରପତି ଉଚ୍ଚତମ ନ୍ୟାୟାଳୟ ନିକଟକୁ ତାହାର ମତାମତପାଇଁ ଏହି ଧରଣର ବିବାଦ ପଠାଇ ପାରନ୍ତି ।

(୧) ବିଭିନ୍ନ ରାଜ୍ୟର ଅଧିବାସୀମାନଙ୍କ ମଧ୍ୟରେ, ବା (୨) ଏକ ରାଜ୍ୟର ଅଧିବାସୀଙ୍କ ସହିତ ଅନ୍ୟ ରାଜ୍ୟର ବିବାଦ ଉପୁଜିଲେ ତାହା ଉଚ୍ଚତମ ନ୍ୟାୟାଳୟର ମୌଳିକ ଅଧିକାରର ପରିସର ମଧ୍ୟରେ ପଡ଼େନାହିଁ । ଅଷ୍ଟ୍ରେଲିଆର ଉଚ୍ଚ ନ୍ୟାୟାଳୟ (High Court) ଏହି ଧରଣର ବିଷୟ ଉପରେ ବିଚାର କରିପାରେ । ପୁଣି ଉଚ୍ଚତମ ନ୍ୟାୟାଳୟର ମୌଳିକ କ୍ଷେତ୍ରାଧିକାରର ବିଚାର୍ଯ୍ୟ ବିଷୟ ହେବାକୁ ହେଲେ ବିବାଦ ସହିତ ବୈଧ ଅଧିକାର (legal rights)ର ପ୍ରଶ୍ନ ଜଡ଼ିତ ହେବା ପ୍ରୟୋଜନ । ଆଇନଦ୍ୱାରା ସ୍ୱୀକୃତ ଏବଂ ରାଷ୍ଟ୍ରଦ୍ୱାରା ବଳବତ୍ତ ଯୋଗ୍ୟ ଅଧିକାରକୁ ବୈଧ ଅଧିକାର କୁହାଯାଏ ।

ଉଚ୍ଚତମ ନ୍ୟାୟାଳୟଦ୍ୱାରା ସଂବିଧାନର ତର୍ଜମା କରାଯାଏ । ଏହା ସର୍ବୋଚ୍ଚ ନ୍ୟାୟାଳୟ ହୋଇଥିବା ହେତୁ ଏହି ତର୍ଜମାକୁ ଚୂଡ଼ାନ୍ତ ବୋଲି ଧରିନିଆଯାଏ । ବ୍ୟକ୍ତି-ବିଶେଷଙ୍କ ମୌଳିକ ଅଧିକାର ସଂରକ୍ଷଣ ସଂବିଧାନର ଅନ୍ୟ ଏକ ପ୍ରଧାନ କର୍ତ୍ତବ୍ୟ । ସଂବିଧାନର ୩୨, ୧୩୯, ଏବଂ ୨୨୬ ଅନୁଚ୍ଛେଦଗୁଡ଼ିକ ଅନୁସାରେ ଉଚ୍ଚତମ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟଗୁଡ଼ିକ ମୌଳିକ ଅଧିକାରଗୁଡ଼ିକୁ ସଂରକ୍ଷିତ କରନ୍ତି । କେନ୍ଦ୍ର ଏବଂ ରାଜ୍ୟସରକାରଗୁଡ଼ିକ କ୍ଷେତ୍ର ପରସ୍ପରର ପରିସର ମଧ୍ୟରେ ଅନଧିକାର ପ୍ରବେଶ କଲେ ଉଚ୍ଚତମ ନ୍ୟାୟାଳୟ ପରମାଦେଶ (Writ) ଦେଇପାରେ । ଏହିସବୁ ଦୃଷ୍ଟିରୁ ଭାରତର ଉଚ୍ଚତମ ନ୍ୟାୟାଳୟ ନ୍ୟାୟିକ ପୁନର୍ବିଲୋକନ (Judicial Review) କ୍ଷମତା ଉପଭୋଗ କରୁଛି ।

ରାଷ୍ଟ୍ରପତିଙ୍କ ନିର୍ବାଚନ ସଂକ୍ରାନ୍ତ ମାମଲା କେବଳ ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ହିଁ ବିଚାର କରାଯାଇ ପାରିବ । ଅନ୍ୟ କୌଣସି ଅଦାଲତରେ ଏ ସଂକ୍ରାନ୍ତରେ ମକଦ୍ଦମା ଆଗତ ହୋଇ ପାରିବ ନାହିଁ ।

## ଆବେଦନକାରୀ କ୍ଷେତ୍ରାଧିକାର

ଅନେକ ବିବାଦୀୟ ବିଷୟ ସିଧାସଳଖ ଉଚ୍ଚତମ ନ୍ୟାୟାଳୟରେ ଉପସ୍ଥାପିତ କରାନଯାଇ ରାଜ୍ୟସ୍ତରରେ ଥିବା ଉଚ୍ଚନ୍ୟାୟାଳୟ ନିକଟରେ ଉପସ୍ଥାପିତ କରାଯାଏ । ଉଚ୍ଚ ନ୍ୟାୟାଳୟର ରାୟ କୌଣସି ପକ୍ଷ (Party) ପାଇଁ ଅସନ୍ତୋଷଜନକ ହେଲେ ବିଷୟଟିର ପୁନର୍ବିଚାର ପାଇଁ ଉଚ୍ଚତମ ନ୍ୟାୟାଳୟ ନିକଟରେ ଆବେଦନ କରାଯାଏ ଏବଂ ଉଚ୍ଚତମ ନ୍ୟାୟାଳୟର ନିଷ୍ପତ୍ତି ଚୂଡ଼ାନ୍ତ ବୋଲି ବିବେଚିତ ହୁଏ ।

ଉଚ୍ଚତମ ନ୍ୟାୟାଳୟ ନିକଟରେ ତିନିପ୍ରକାରର ଆବେଦନ କରାଯାଏ—(୧) ଦେଓ୍ୱାନି ମୋକଦ୍ଦମା (Civil Case); (୨) ଫୌଜଦାରୀ ମୋକଦ୍ଦମା; (Criminal case ) (୩) ସଂବିଧାନ ସଂକ୍ରାନ୍ତ ମୋକଦ୍ଦମା ( Constitutional case ), ଏବଂ ପରିଶେଷରେ ଅନ୍ୟାନ୍ୟ ମୋକଦ୍ଦମା ( Other Appeals ) ବିରୋଧରେ ଆବେଦନ ମଧ୍ୟ କରାଯାଏ ।

## ଦେଓ୍ୱାନୀ ମୋକଦ୍ଦମା

ଯଦି ଦେଓ୍ୱାନି ମୋକଦ୍ଦମାରେ ଗୁରୁତର ବିଷୟ କିମ୍ବା ସାଂବିଧାନିକ ପ୍ରଶ୍ନ ଜଡ଼ିତ ଥାଏ ତେବେ ଉଚ୍ଚନ୍ୟାୟାଳର ରାୟ ବିରୁଦ୍ଧରେ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରାଯାଇପାରେ । ରାୟ, ଡିକ୍ରୀ ବା ଆଦେଶର ଅନୁରୂପ ମୂଲ୍ୟର ସଂପତ୍ତି ଦାବୀ ବା ପ୍ରଶ୍ନ ସହିତ ପ୍ରତ୍ୟକ୍ଷ ବା ପରୋକ୍ଷଭାବେ ଜଡ଼ିତ, ତେବେ ଉଚ୍ଚନ୍ୟାୟାଳୟରୁ ଉଚ୍ଚତମ ନ୍ୟାୟାଳୟକୁ ଆବେଦନ କରାଯାଏ । ଉଚ୍ଚନ୍ୟାୟାଳୟ ପ୍ରମାଣପତ୍ର ଦେଲେ ଯାଇ ଆବେଦନ ଦାଏର କରାଯାଇପାରେ । କିନ୍ତୁ ଯେଉଁ କ୍ଷେତ୍ରରେ ଉଚ୍ଚନ୍ୟାୟାଳୟ ନିମ୍ନ ନ୍ୟାୟାଳୟର ସିଦ୍ଧାନ୍ତରେ ଅବ୍ୟାହତ ରହି ତାକୁ ବଜାୟ ରଖେ ସେ କ୍ଷେତ୍ରରେ ଉଚ୍ଚତମ ନ୍ୟାୟାଳୟରେ ଆବେଦନ କରିବାପାଇଁ ଆବେଦନ ସହିତ ସଂବିଧାନର ତର୍ଜମାର ଗୁରୁତ୍ୱପୂର୍ଣ୍ଣ ଆଇନର ପ୍ରଶ୍ନ ଜଡ଼ିତ ହୋଇଛି ବୋଲି ଉଚ୍ଚନ୍ୟାୟାଳୟର ଏକ ପ୍ରମାଣ ପତ୍ର ପ୍ରୟୋଜନ ହୁଏ । ମୋକଦ୍ଦମାଟି ଉଚ୍ଚତମ ନ୍ୟାୟାଳୟରେ ଆବେଦନ ଯୋଗ୍ୟ ବୋଲି ଉଚ୍ଚ ନ୍ୟାୟାଳୟ ପ୍ରମାଣପତ୍ର ନଦେଲେ ମଧ୍ୟ ନିଜର ବିଶେଷ ଅନୁମତି (Special leave) କ୍ଷମତା ବଳରେ ଉଚ୍ଚତମ ନ୍ୟାୟାଳୟ ଦ୍ୱାରା ବିଚାର କରାଯାଇପାରିବ ।

## ଫୌଜଦାରୀ ମୋକଦ୍ଦମା

ଫୌଜଦାରୀ ମୋକଦ୍ଦମାର ନିମ୍ନଲିଖିତ ତିନିଗୋଟି କ୍ଷେତ୍ରରେ ଉଚ୍ଚନ୍ୟାୟାଳୟର ରାୟ, ଡିକ୍ରୀ ବା ଅନ୍ତିମ ଆଦେଶ ବିରୁଦ୍ଧରେ ଅବେଦନ ଉଚ୍ଚତମ ନ୍ୟାୟାଳୟ ନିକଟରେ କରାଯାଇପାରେ—(୧) ଯେଉଁ କ୍ଷେତ୍ରରେ ଉଚ୍ଚନ୍ୟାୟାଳୟ କୌଣସି ଅଭିଯୁକ୍ତ ବ୍ୟକ୍ତିର ମୁକ୍ତି ଆଦେଶ ଓଲଟାଇ ମୃତ୍ୟୁ ଦଣ୍ଡାଦେଶ ଦେଇଥାଏ; (୨) ଯେଉଁ କ୍ଷେତ୍ରରେ ଉଚ୍ଚ ନ୍ୟାୟାଳୟ କୌଣସି ମୋକଦ୍ଦମାକୁ ଅଧସ୍ତନ ନ୍ୟାୟାଳୟରୁ ନିଜ ହାତକୁ ନିଏ ଏବଂ

ବିଚାର କରି ଅଭିଯୁକ୍ତ ବ୍ୟକ୍ତିକୁ ମୃତ୍ୟୁ-ଦଣ୍ଡାଦେଶ ଦେଇଥାଏ; ( ୩ ) ଯେଉଁ କ୍ଷେତ୍ରରେ ମୋକଦ୍ଦମାଟି ଉଚ୍ଚତମ ନ୍ୟାୟାଳୟରେ ଆବେଦନଯୋଗ୍ୟ ବୋଲି ଉଚ୍ଚ ନ୍ୟାୟାଳୟ ପ୍ରମାଣପତ୍ର ଦିଏ । ଶେଷ କ୍ଷେତ୍ରରେ ଉଚ୍ଚତମ ନ୍ୟାୟାଳୟଦ୍ୱାରା ନିର୍ଦ୍ଧାରିତ ନିୟମ କାନୁନ ଏବଂ ଉଚ୍ଚ ନ୍ୟାୟାଳୟଦ୍ୱାରା ନିର୍ଦ୍ଧାରିତ ସର୍ତ୍ତଦ୍ୱାରା ଆବେଦନ ନିୟନ୍ତ୍ରିତ ହୁଏ । ସଂସଦ ଆଇନଦ୍ୱାରା ଉଚ୍ଚତମ ନ୍ୟାୟାଳୟକୁ ଫୌଜଦାରୀ ମୋକଦ୍ଦମାରେ ଉଚ୍ଚ ନ୍ୟାୟାଳୟରୁ ଆବେଦନ ଗ୍ରହଣ ଓ ଶୁଣିବାର ଅଧିକତର କ୍ଷମତା ପ୍ରଦାନ କରିପାରେ । ଏଠାରେ ମନେ ରଖିବା କଥା ଯେ ଅନ୍ତତଃ ଦୁଇଟି ନ୍ୟାୟାଳୟରେ ପ୍ରାଣ ଦଣ୍ଡାଦେଶ ଲାଗି ରାୟ ଦିଆଯାଇ ନ ଥିଲେ କୌଣସି ଦୋଷୀକୁ ପ୍ରାଣଦଣ୍ଡ ଦିଆଯାଇପାରିବ ନାହିଁ । ଫୌଜଦାରୀ ମୋକଦ୍ଦମାରେ ଅନ୍ୟ ଦଣ୍ଡ ବା ରାୟ ବିରୁଦ୍ଧରେ ଆବେଦନ କରାଯାଇପାରିବ ନାହିଁ ।

## ସମ୍ବିଧାନ ସଂକ୍ରାନ୍ତୀୟ ମୋକଦ୍ଦମା

ଦେଓ୍ୱାନୀ, ଫୌଜଦାରୀ ଅଥବା ଯେ କୌଣସି ମୋକଦ୍ଦମାରେ ଉଚ୍ଚନ୍ୟାୟାଳୟ, ମୋକଦ୍ଦମା ସହିତ ସମ୍ବିଧାନର ତର୍ଜମା ସଂକ୍ରାନ୍ତ ( Interpretation of the Constitution ) ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଜଡ଼ିତ ଅଛି ବୋଲି ପ୍ରମାଣପତ୍ର ଦେଲେ ଉଚ୍ଚ-ନ୍ୟାୟାଳୟରୁ ଉଚ୍ଚତମ ନ୍ୟାୟାଳୟକୁ ଆବେଦନ ଅଣାଯାଇପାରେ । ଉଚ୍ଚନ୍ୟାୟାଳୟ ଏହିପରି ପ୍ରମାଣପତ୍ର ଦେବାକୁ ଅସ୍ୱୀକାର କଲେ, ଉଚ୍ଚତମ ନ୍ୟାୟାଳୟ, ମୋକଦ୍ଦମାଟି ସହିତ ସମ୍ବିଧାନ ତର୍ଜମା ସଂକ୍ରାନ୍ତ କୌଣସି ଗୁରୁତ୍ୱପୂର୍ଣ୍ଣ ଆଇନର ପ୍ରଶ୍ନ ଜଡ଼ିତ ଅଛି ବୋଲି ନିଶ୍ଚିତ ହେଲେ, ଉଚ୍ଚତମ ନ୍ୟାୟାଳୟ ନିଜେ ହିଁ ଆବେଦନ କରିବାର ବିଶେଷ ଅନୁମତି ( Special leave ) ଦେଇପାରେ । ପୂର୍ବରୁ ୧୯୩୫ ଭାରତ ଶାସନ ଆଇନରେ ସଂଘୀୟ ନ୍ୟାୟାଳୟର ବିଶେଷ ଅନୁମତି ପ୍ରଦତ୍ତ କରିବାର କ୍ଷମତା ନ ଥିଲା । ସୁତରାଂ ଭାରତୀୟ ସମ୍ବିଧାନରେ ସମ୍ବିଧାନ ତର୍ଜମା ବ୍ୟାପାରରେ ଉଚ୍ଚତମ ନ୍ୟାୟାଳୟ ହିଁ ଚରମ ତର୍ଜମା କର୍ତ୍ତା ( Final interpreter of the Constitution ) । ସମ୍ବିଧାନର ରକ୍ଷକ ହିସାବରେ ଉଚ୍ଚତମ ନ୍ୟାୟାଳୟ ଏହି କ୍ଷମତା ପରିସର ଉପଭୋଗ କରନ୍ତି । କେବଳ ମୌଳିକ ଅଧିକାର ନୁହେଁ, ସମ୍ବିଧାନର କ୍ଷମତା ଲଙ୍ଘନ କରାଯାଇଥିବା ମୋକଦ୍ଦମାରେ ଉଚ୍ଚ ନ୍ୟାୟାଳୟ ଯେଉଁ ରାୟ ଦେଇଥାଏ ସେହି ରାୟ ବିରୁଦ୍ଧରେ ମଧ୍ୟ ଉଚ୍ଚତମ ନ୍ୟାୟାଳୟରେ ଅପିଲ ବିଚାର କରାଯାଇପାରିବ ।

## ଅନ୍ୟାନ୍ୟ ଆବେଦନ

ଉପରୋକ୍ତ ୩ ପ୍ରକାରର ଆବେଦନ ସଂକ୍ରାନ୍ତୀୟ କ୍ଷମତା ବ୍ୟତୀତ ଉଚ୍ଚତମ ନ୍ୟାୟାଳୟ ନିଜ ବିବେଚନା ଅନୁଯାୟୀ ଜାମ୍ମୁ ଓ କାଶ୍ମୀର ବ୍ୟତୀତ ଭାରତ ଭିତରେ ଥିବା ଅନ୍ୟାନ୍ୟ ସମସ୍ତ ନ୍ୟାୟାଳୟର ସମସ୍ତ ପ୍ରକାର ରାୟ ବିରୁଦ୍ଧରେ ଆବେଦନ କରିବାର ବିଶେଷ ଅନୁମତି ପ୍ରଦାନ କରିପାରେ, କିନ୍ତୁ ସାମରିକ ଅଦାଲତ ବା ଟ୍ରିବ୍ୟୁନାଲ୍ କ୍ଷେତ୍ରରେ

ଏହି କ୍ଷମତା ପ୍ରଯୁଜ୍ୟ ନୁହେଁ । ପୁଣି ବିଶେଷ ଅବସ୍ଥାରେ, ଯଥା : ସ୍ୱାଭାବିକ ନ୍ୟାୟର ନୀତି ଲଂଘନ କରାଗଲେ ଉଚ୍ଚତମ ନ୍ୟାୟାଳୟ ଆବେଦନ କରିବାର ବିଶେଷ ଅନୁମତି ପ୍ରଦାନ କରିପାରେ ।

## ପରାମର୍ଶଦାୟୀ କ୍ଷେତ୍ରାଧିକାର

ସମ୍ବିଧାନର ୧୪୩ ଧାରା ଅନୁସାରେ ଉଚ୍ଚତମ ନ୍ୟାୟାଳୟ ରାଷ୍ଟ୍ରପତିଙ୍କୁ ଆଇନ ବା ତଥ୍ୟ ସମ୍ବନ୍ଧରେ ପରାମର୍ଶ ଦେଇପାରନ୍ତି । ପ୍ରକୃତ ଏବଂ ସାର୍ବଜନୀନ ଗୁରୁତ୍ୱ ଥିବା ଆଇନ ବା ତଥ୍ୟ ସମ୍ବନ୍ଧୀୟ କୌଣସି ପ୍ରଶ୍ନ ଉଠିଲେ ରାଷ୍ଟ୍ରପତି ତାହା ଉଚ୍ଚତମ ନ୍ୟାୟାଳୟ ନିକଟକୁ ବିଚାର ଆଲୋଚନା ପାଇଁ ପ୍ରେରଣ କରିପାରନ୍ତି । ଉଚ୍ଚତମ ନ୍ୟାୟାଳୟ ଉପଯୁକ୍ତ ମନେକରୁଥିବା ପରାମର୍ଶ ଓ ମତାମତ ରାଷ୍ଟ୍ରପତିଙ୍କୁ ଜଣାଇପାରେ, କିନ୍ତୁ ଉଚ୍ଚତମ ନ୍ୟାୟାଳୟ ନିଜ ମତାମତ ଦେବାକୁ ବାଧ୍ୟ ନୁହେଁ । ପୁଣି ରାଷ୍ଟ୍ରପତି ମଧ୍ୟ ଉଚ୍ଚତମ ନ୍ୟାୟାଳୟର ପରାମର୍ଶ ଅନୁଯାୟୀ କାର୍ଯ୍ୟ କରିବାକୁ ବାଧ୍ୟ ନୁହଁନ୍ତି । ଅନ୍ୟ ଏକ ବିଷୟରେ ମଧ୍ୟ ଉଚ୍ଚତମ ନ୍ୟାୟାଳୟର ପରାମର୍ଶ ପାଇଁ ରାଷ୍ଟ୍ରପତି ପଠାଇପାରନ୍ତି । ସମ୍ବିଧାନ ପ୍ରବର୍ତ୍ତିତ ହେବା ପୂର୍ବରୁ ଯେଉଁ ସବୁ ସନ୍ଧି, ଚୁକ୍ତି, ସନନ୍ଦ, ଅଙ୍ଗୀକାର ପତ୍ର ଇତ୍ୟାଦି ସ୍ୱାକ୍ଷରିତ ହୋଇଛି ଏବଂ ସମ୍ବିଧାନ ପ୍ରବର୍ତ୍ତନ ହେବାପରେ ବି କାର୍ଯ୍ୟକାରୀ ରହିଛି ସେହିସବୁ ସନ୍ଧି, ଚୁକ୍ତି ଆଦି ସମ୍ବନ୍ଧୀୟ ବିବାଦର ବିଚାର ଉଚ୍ଚତମ ନ୍ୟାୟାଳୟ କରିପାରିବ ନାହିଁ ବୋଲି ପୂର୍ବରୁ ଉଲ୍ଲେଖ କରାଯାଇଛି । କାରଣ ଏଗୁଡ଼ିକୁ ମୌଳିକ କ୍ଷେତ୍ରାଧିକାରର ବହିର୍ଭୂତ କରାହୋଇଛି, କିନ୍ତୁ ରାଷ୍ଟ୍ରପତି ଇଚ୍ଛା କଲେ ଏହି ଧରଣର ବିବାଦ ମତାମତ ପାଇଁ ଉଚ୍ଚତମ ନ୍ୟାୟାଳୟକୁ ପଠାଇ ପାରନ୍ତି । ଏ କ୍ଷେତ୍ରରେ ଉଚ୍ଚତମ ନ୍ୟାୟାଳୟ ନିଜ ମତାମତ ଜଣାଇବାକୁ ବାଧ୍ୟ ।

ନ୍ୟାୟାଳୟର ପରାମର୍ଶଦାନ କ୍ଷେତ୍ରାଧିକାରର ସମୀଚୀନତା ସପକ୍ଷରେ ଓ ବିପକ୍ଷରେ ଯୁକ୍ତି ପ୍ରଦର୍ଶିତ ହୁଏ । ପ୍ରକୃତ ଘଟଣାର ତଦନ୍ତ ବ୍ୟତୀତ ତତ୍ତ୍ୱଗତ ବିଷୟ ଉପରେ ନ୍ୟାୟାଳୟର ମତାମତ ପ୍ରକାଶ କରିବା ଉଚିତ ନୁହେଁ । ଏପରି ହେଲେ ମୋକଦ୍ଦମାର ସ୍ୱାର୍ଥରେ ଆଞ୍ଚ ଆସିପାରେ । ଅନ୍ୟ ଦିଗରେ କୁହାଯାଏ, ଏହାଦ୍ୱାରା ଭବିଷ୍ୟତରେ ଅକାମ୍ୟ ବିବାଦ ହାତରୁ ମୁକ୍ତି ମିଳେ । ଯୁକ୍ତରାଷ୍ଟ୍ର ଆମେରିକାର ଉଚ୍ଚତମ ନ୍ୟାୟାଳୟ ବା ଅଷ୍ଟ୍ରେଲିଆର ଉଚ୍ଚ ନ୍ୟାୟାଳୟ ଏହି ପ୍ରକାରର ପରାମର୍ଶଦାନ କରନ୍ତି ନାହିଁ, କିନ୍ତୁ କାନାଡ଼ାର ବଡ଼ଲାଟ ଉଚ୍ଚତମ ନ୍ୟାୟାଳୟକୁ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ମତାମତ ପାଇଁ ପ୍ରେରଣ କରନ୍ତି । ଇଂଲଣ୍ଡରେ ମଧ୍ୟ ରଜା ବା ରାଣୀ କୌଣସି ବିଷୟ ଉପରେ ପ୍ରିଭି କାଉନ୍‌ସିଲ ( Privy Council )ର ବିଚାର କମିଟିର ମତାମତ ଗ୍ରହିପାରନ୍ତି, କିନ୍ତୁ ଲର୍ଡ଼ ସଭା, ଯାହାକୁ ଆବେଦନର ସର୍ବୋଚ୍ଚ ନ୍ୟାୟାଳୟ ( Highest Court of Appeal ) ବୋଲି କୁହାଯାଏ, ଏହିପରି ପରାମର୍ଶ ଦାନ କରିବାକୁ ଅସ୍ୱୀକାର କରିଛି ।

## ନିର୍ଦ୍ଦେଶ, ଆଦେଶ ଓ ପରମାଦେଶ ( ଲେଖ ) ଜାରି କରିବାର କ୍ଷେତ୍ରାଧିକାର

ସଂବିଧାନ ଦ୍ୱାରା ପ୍ରଦତ୍ତ ମୌଳିକ ଅଧିକାରଗୁଡ଼ିକୁ ବଳବତ୍ତର କରିବାର ଅଧିକାର ଉଚ୍ଚତମ ନ୍ୟାୟାଳୟକୁ ଦିଆଯାଇଛି । କାହାର ଅଧିକାର କ୍ଷୁଣ୍ଣ ବା ଭଙ୍ଗ ହେଲେ ସେ ଉଚ୍ଚତମ ନ୍ୟାୟାଳୟର ଶରଣାପନ୍ନ ହୁଏ । ଉଚ୍ଚତମ ନ୍ୟାୟାଳୟ ପ୍ରୟୋଜନ ଅନୁସାରେ ବନ୍ଦୀ-ପ୍ରତ୍ୟକ୍ଷୀକରଣ (Habeas Corpus), ପରମାଦେଶ (Mandamus), ପ୍ରତିଷେଧ (Prohibition), ଅଧିକାର-ପୃଚ୍ଛା ( Quo warranto ) ଏବଂ ଉତ୍ପ୍ରେଷଣ ( Certiorari ) ଧରଣର ଲେଖ ବା ପରମାଦେଶ ଜାରି କରି ମୌଳିକ ଅଧିକାରକୁ ସୁରକ୍ଷିତ କରିପାରେ । ଅଧିକାର ସୁରକ୍ଷିତ କରିବା ବ୍ୟତୀତ ଅନ୍ୟ ଉଦ୍ଦେଶ୍ୟରେ ମଧ୍ୟ ଜାମ୍ମୁ ଓ କାଶ୍ମୀର ବ୍ୟତୀତ ଭାରତରେ ଅନ୍ୟ ସବୁଠି ଏହି ନିର୍ଦ୍ଦେଶ, ଆଦେଶ ବା ଲେଖ ଜାରିକରିବାର କ୍ଷମତା ସଂସଦ ଆଇନଦ୍ୱାରା ଉଚ୍ଚତମ ନ୍ୟାୟାଳୟକୁ ପ୍ରଦତ୍ତ କରିପାରେ ।

ଉଚ୍ଚତମ ନ୍ୟାୟାଳୟ, ଉଚିତ ମନେକଲେ ନିଜ ପ୍ରଦତ୍ତ ରାୟର ପୁନଃ ନିରୀକ୍ଷଣ କରିପାରନ୍ତି । ଏହିପରି କ୍ଷମତାକୁ ଉଚ୍ଚତମ ନ୍ୟାୟାଳୟର ପୁନଃ ନିରୀକ୍ଷଣ କ୍ଷେତ୍ରାଧିକାର ( Revisory Jurisdiction ) ବୋଲି କୁହାଯାଏ । ଏହାବ୍ୟତୀତ ଉଚ୍ଚତମ ନ୍ୟାୟାଳୟର ତତ୍ତ୍ୱାବଧାରଣ କ୍ଷେତ୍ରାଧିକାର ( Supervisory Jurisdiction ) ମଧ୍ୟ ରହିଛି । ୧୪୧ ଅନୁଚ୍ଛେଦ ଅନୁସାରେ ଉଚ୍ଚତମ ନ୍ୟାୟାଳୟଦ୍ୱାରା ଘୋଷିତ ସିଦ୍ଧାନ୍ତ ଦେଶରେ ସମସ୍ତ ନ୍ୟାୟାଳୟ ଉପରେ ବଳବତ୍ତର ରହେ । ୧୪୪ ଅନୁଚ୍ଛେଦରେ କୁହାଯାଇଛି ଯେ ଭାରତରେ ଥିବା ଅନ୍ୟାନ୍ୟ ଦେଓ୍ୱାନୀ ଏବଂ ଅନ୍ୟାନ୍ୟ ସମସ୍ତ ନ୍ୟାୟାଳୟ ଉଚ୍ଚତମ ନ୍ୟାୟାଳୟର ନିର୍ଦ୍ଦେଶ ମାନି କାର୍ଯ୍ୟ କରିବେ । ଦେଶରେ ଅଖଣ୍ଡ ନ୍ୟାୟପାଳିକା ପ୍ରଚଳିତ ହୋଇଥିବାଯୋଗୁଁ ନ୍ୟାୟ ପରିଚାଳନା କ୍ଷେତ୍ରରେ ସାମ୍ୟ ପ୍ରତିଷ୍ଠାପାଇଁ ଏହିଭଳି ବ୍ୟବସ୍ଥା ଅନୁସୃତ ହୋଇଛି ।

ସଂସଦ ଆଇନଦ୍ୱାରା କେନ୍ଦ୍ର ତାଲିକାଭୁକ୍ତ ବିଷୟ ଉପରେ ଉଚ୍ଚତମ ନ୍ୟାୟାଳୟର କ୍ଷମତା ସଂପ୍ରସାରିତ କରିପାରେ । ସଂସଦପ୍ରଣୀତ ଆଇନ ଅଧୀନରେ ରହି ଉଚ୍ଚତମ ନ୍ୟାୟାଳୟ ତାହାର କାର୍ଯ୍ୟପଦ୍ଧତି ସଂପର୍କରେ ନିୟମକାନୁନ ରଚନା କରିପାରେ । ଭାରତ ଅନ୍ତର୍ଗତ ସମସ୍ତ ନ୍ୟାୟାଳୟକୁ ଉଚ୍ଚତମ ନ୍ୟାୟାଳୟଦ୍ୱାରା ନିର୍ଦ୍ଧାରିତ ଏହି ଆଇନକୁ ମାନି ଚଳିବାକୁ ପଡ଼େ ।

## ଉଚ୍ଚତମ ନ୍ୟାୟାଳୟର କ୍ଷମତା ଓ ମର୍ଯ୍ୟାଦାର ମୂଲ୍ୟାୟନ

**( Evalution of the Powers and status of Supreme Court )**

## ନ୍ୟାୟାଳୟର ସ୍ୱାଧୀନତା

ଭାରତରେ ଏକ ସୁଦୃଢ଼ ନିରପେକ୍ଷ ନ୍ୟାୟପାଳିକା ଗଢ଼ିବା ପାଇଁ ସଂବିଧାନରେ ବହୁବିଧ ପ୍ରତିକାର କରାଯାଇଛି । ନ୍ୟାୟାଧୀଶମାନେ ସଂବିଧାନପ୍ରତି ଆନୁଗତ୍ୟ ପ୍ରକାଶ

କଣ କାର୍ଯ୍ୟଭାର ତୁଲାଇଲେ ନ୍ୟାୟପାଳକାର ସ୍ୱାଧୀନତା ଏବଂ ନିରପେକ୍ଷତା ବଜାୟ ରହିବ । ନ୍ୟାୟାଧୀଶଗଣ, ସର୍ବୋଚ୍ଚ ନିରପେକ୍ଷ ବ୍ୟକ୍ତିରୂପେ ପ୍ରତିଗଣିତ ହେଉଥିବା ଭାରତୀୟ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୁଅନ୍ତି । ତେଣୁ ସେମାନେ ରାଜନୈତିକ, ଦଳଗତ ଏବଂ ଜନସାଧାରଣଙ୍କ ଦ୍ୱାରା ପ୍ରଭାବିତ ହେବାର କୌଣସି ସଂଭାବନା ନଥାଏ ଏବଂ ଆଇନ ବିଭାଗ ଓ ଶାସନ ବିଭାଗଦ୍ୱାରା ପ୍ରଭାବିତ ହେବାର ସଂଭାବନା ବି କମ୍ । ନ୍ୟାୟାଧୀଶମାନଙ୍କୁ ସନ୍ତୋଷଜନକ ଦରମା, ଭତ୍ତା, ବିନା ଭଡ଼ାରେ ବାସଗୃହ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି । ପୁଣି ସେମାନଙ୍କ ବେତନ ଓ ଭତ୍ତା ସମାଭୂତ ନିଧି ବା ସମ୍ମିଳିତ ପାଣ୍ଠି ( Consolidated Fund ) ଉପରେ ଭରିତ ବ୍ୟୟରୂପେ ଧାର୍ଯ୍ୟ କରାଯାଇ ଥାଏ । ତେଣୁ କେନ୍ଦ୍ରୀୟ ସଂସଦ ବା ରାଜ୍ୟ ବିଧାନମଣ୍ଡଳମାନଙ୍କର ନ୍ୟାୟାଧୀଙ୍କ ଦରମା ଆଦି ଉପରେ କୌଣସି କର୍ତ୍ତୃତ୍ୱ ନାହିଁ । ଉଚ୍ଚତମ ନ୍ୟାୟାଳୟ ଏବଂ ଉଚ୍ଚ ନ୍ୟାୟାଳୟ-ମାନଙ୍କର ନ୍ୟାୟାଧୀଶମାନଙ୍କୁ ସହଜରେ ପଦଚ୍ୟୁତ କରିହେବ ନାହିଁ ବୋଲି ଉକ୍ତ ବିଷୟ ଆଗରୁ ଉଲ୍ଲେଖ କରାଯାଇଛି । ଅବସରପର୍ଯ୍ୟନ୍ତ କୌଣସି ନ୍ୟାୟାଧୀଶଙ୍କୁ ବହିଷ୍କାର କରାଯାଇନାହିଁ । ଉଚ୍ଚତମ ନ୍ୟାୟାଳୟର ନ୍ୟାୟାଧୀଶମାନେ ୬୫ ବର୍ଷ ପର୍ଯ୍ୟନ୍ତ ଏବଂ ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶମାନେ ୬୨ ବର୍ଷ ପର୍ଯ୍ୟନ୍ତ ନିଜ ପଦରେ ରହନ୍ତି । ସୁତରାଂ ଭାରତରେ ଅନ୍ୟାନ୍ୟ ସରକାରୀ କର୍ମଚାରୀଙ୍କ ଅପେକ୍ଷା ନ୍ୟାୟାଧୀଶମାନଙ୍କ ଅବସର ବୟସର ସୀମା ବହୁତ ବେଶୀ । ଉଚ୍ଚତମ ନ୍ୟାୟାଳୟରୁ ଅବସର ଗ୍ରହଣ କରିଥିବା ନ୍ୟାୟାଧୀଶମାନେ ସମଗ୍ର ଭାରତରେ ଅନ୍ୟ କୌଣସି ନ୍ୟାୟାଳୟରେ ଅଧିବକ୍ତାରୂପେ କାର୍ଯ୍ୟ କରିପାରିବେ ନାହିଁ । ଉଚ୍ଚ ନ୍ୟାୟାଳୟରୁ ଅବସରପ୍ରାପ୍ତ ନ୍ୟାୟାଧୀଶମାନେ ମଧ୍ୟ ସଂପୃକ୍ତ ନ୍ୟାୟାଳୟମାନଙ୍କରେ ଅଧିବକ୍ତାରୂପେ କାର୍ଯ୍ୟ କରିପାରିବେ ନାହିଁ । ଏହିସବୁ ନିଷିଦ୍ଧ ବ୍ୟବସ୍ଥାଦ୍ୱାରା ନ୍ୟାୟାଳୟର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବା ସଂଗେ ସଂଗେ ତାହାର ସ୍ୱାଧୀନତା ଏବଂ ନିରପେକ୍ଷତାକୁ ସମ୍ମାନିତ କରାହୋଇଛି ।

ଭାରତର ଉଚ୍ଚତମ ନ୍ୟାୟାଳୟ ଏକାଧାରରେ ସଂଘୀୟ ନ୍ୟାୟାଳୟ, ଆବେଦନର ସର୍ବୋଚ୍ଚ ନ୍ୟାୟାଳୟ ( Highest Court of Appeal ), ଏବଂ ସଂବିଧାନର ସଂରକ୍ଷକ ଓ ଚରମ ବ୍ୟାଖ୍ୟାକାର ( Supreme interpreter ) ହିସାବରେ କାର୍ଯ୍ୟ କରେ । ଯୁକ୍ତରାଷ୍ଟ୍ରୀୟ ଶାସନ ବ୍ୟବସ୍ଥାର ଚିରାଚରିତ ଧାରଣା ଅନୁସାରେ ରାଷ୍ଟ୍ରସଂଘର ସ୍ୱରୂପ ବଜାୟ ରଖିବା ନିମନ୍ତେ ଏକ ସ୍ୱାଧୀନ ଓ ନିରପେକ୍ଷ ନ୍ୟାୟାଳୟ ରହିବା ପ୍ରୟୋଜନ, କାରଣ ରାଷ୍ଟ୍ରସଂଘରେ କେନ୍ଦ୍ର ଓ ଅଙ୍ଗରାଜ୍ୟ ମଧ୍ୟରେ ଯେଉଁ କ୍ଷମତା ବଣ୍ଟନ କରାଯାଇଥାଏ, ତାହାକୁ ନେଇ କେନ୍ଦ୍ର ଓ ଅଙ୍ଗରାଜ୍ୟମଧ୍ୟରେ କିମ୍ବା ଅଙ୍ଗରାଜ୍ୟ-ଗୁଡ଼ିକ ମଧ୍ୟରେ ବିବାଦ ଦେଖାଦେବା ସ୍ୱାଭାବିକ । ଏହି ବିବାଦର ସମାଧାନପାଇଁ ସଂଘୀୟ ନ୍ୟାୟାଳୟର ଆବଶ୍ୟକତା ହୁଏ । ଏକକେନ୍ଦ୍ରିକ ରାଷ୍ଟ୍ରଗୁଡ଼ିକରେ କେନ୍ଦ୍ର ଓ ଅଙ୍ଗରାଜ୍ୟ ମଧ୍ୟରେ ସାଂବିଧାନିକ କ୍ଷମତା ବଣ୍ଟନ ନ ହୋଇଥିବା ଯୋଗୁଁ, ସେହିରୁ ରାଷ୍ଟ୍ରରେ ଏହିପ୍ରକାରର ବିବାଦ ଦେଖାଯାଏ ନାହିଁ । ଭାରତ ଏକ ରାଷ୍ଟ୍ରସଂଘ ହୋଇଥିବା ଯୋଗୁଁ ଏହି

ପ୍ରକାରର ବିବାଦର ଅଶଙ୍କା ସଂବିଧାନ ପ୍ରଣେତାମାନେ କରିଥିଲେ । ଅତଏବ ସେମାନେ ସଂବିଧାନରେ ଏକ ସଂଘୀୟ ନ୍ୟାୟାଳୟର ବ୍ୟବସ୍ଥା ରଖିଛନ୍ତି ।

ଯୁକ୍ତରାଷ୍ଟ୍ର ଆମେରିକାର ସଂବିଧାନରେ ମଧ୍ୟ ଯୁକ୍ତରାଷ୍ଟ୍ର ଏବଂ ଅଂଗରାଜ୍ୟ ମଧ୍ୟରେ ଏବଂ ଅଂଗରାଜ୍ୟମାନଙ୍କ ମଧ୍ୟରେ ସଂଘର୍ଷ ଦେଖାଦେଲେ ବିଚାର କରିବାପାଇଁ ଉଚ୍ଚତମ ନ୍ୟାୟାଳୟ ରହିଛି । କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାରେ ବୈଦେଶିକ ରାଷ୍ଟ୍ରଦୂତ ପ୍ରଭୃତି ମୋକଦ୍ଦମାରେ ଉଚ୍ଚତମ ନ୍ୟାୟାଳୟ ତା'ର ମୌଳିକ କ୍ଷେତ୍ରାଧିକାର ମଧ୍ୟରେ ବିଚାର କରିବାପାଇଁ ସମର୍ଥ । ଭାରତୀୟ ଉଚ୍ଚତମ ନ୍ୟାୟାଳୟର ସେହିପରି ମୌଳିକ କ୍ଷେତ୍ରାଧିକାର ମଧ୍ୟରେ ବିଚାର କରିବାର କ୍ଷମତା ନାହିଁ । ଅଷ୍ଟ୍ରେଲିଆରେ ମଧ୍ୟ କେନ୍ଦ୍ରସରକାର ଅନ୍ୟତମ ପକ୍ଷ ହୋଇଥିବା ସନ୍ଧି, ରାଷ୍ଟ୍ରଦୂତ ସଂପର୍କିତ ପ୍ରଭୃତି ମୋକଦ୍ଦମାରେ, ଅଙ୍ଗରାଜ୍ୟଗୁଡ଼ିକ ମଧ୍ୟରେ ବିବାଦ ବା ଅଙ୍ଗରାଜ୍ୟର ଅଧିବାସୀମାନଙ୍କ ମଧ୍ୟରେ ବିବାଦ ପ୍ରଭୃତିର ବିଚାର ଉଚ୍ଚ ନ୍ୟାୟାଳୟର ମୌଳିକ କ୍ଷେତ୍ରାଧିକାର ମଧ୍ୟରେ ହୋଇଥାଏ । କିନ୍ତୁ ଭାରତର ବିଭିନ୍ନ ଅଙ୍ଗରାଜ୍ୟର ଅଧିବାସୀମାନଙ୍କ ମଧ୍ୟରେ ବିବାଦର ବିଚାର ଭାରତର ଉଚ୍ଚତମ ନ୍ୟାୟାଳୟର ମୌଳିକ କ୍ଷେତ୍ରାଧିକାର ମଧ୍ୟରେ ହୁଏନାହିଁ ।

ଆବେଦନର ସର୍ବୋଚ୍ଚ ନ୍ୟାୟାଳୟ ହିସାବରେ ଭାରତର ଉଚ୍ଚତମ ନ୍ୟାୟାଳୟର କ୍ଷମତା ବ୍ୟାପକ । ଦେଓ୍ୱାନୀ, ଫୌଜଦାରୀ ଏବଂ ସଂବିଧାନ ସଂକ୍ରାନ୍ତ ମୋକଦ୍ଦମାରେ ଉଚ୍ଚ ନ୍ୟାୟାଳୟରୁ ଉଚ୍ଚତମ ନ୍ୟାୟାଳୟକୁ ଆବେଦନ ଆନୟନ ହୁଏ । ଏହାବ୍ୟତୀତ ସାମରିକ ଅଦାଲତ ବା ଟ୍ରିବ୍ୟୁନାଲ୍‌କୁ ବାଦ୍‌ଦେଲେ ଅନ୍ୟାନ୍ୟ ବିଚାରାଳୟର ସବୁପ୍ରକାର ରାୟ ବିରୁଦ୍ଧରେ ଉଚ୍ଚତମ ନ୍ୟାୟାଳୟ ନିଜ ନିକଟକୁ ଆବେଦନ କରିବାପାଇଁ ବିଶେଷ ଅନୁମତି (Special leave) ପ୍ରଦାନ କରିପାରେ ।

ଏଠାରେ ଯୁକ୍ତରାଷ୍ଟ୍ର ଆମେରିକାର ଉଚ୍ଚତମ ନ୍ୟାୟାଳୟ ସହିତ ଭାରତର ଉଚ୍ଚତମ ନ୍ୟାୟାଳୟର ତୁଳନା କରାଯାଇପାରେ । ବିଷୟବସ୍ତୁ ଦୃଷ୍ଟିରୁ, ଭାରତୀୟ ଉଚ୍ଚତମ ନ୍ୟାୟାଳୟର ଆବେଦନ ଗ୍ରହଣ କ୍ଷମତା ଯୁକ୍ତରାଷ୍ଟ୍ର ଆମେରିକା ଉଚ୍ଚତମ ନ୍ୟାୟାଳୟର ଅନୁରୂପ କ୍ଷମତାଠାରୁ ବ୍ୟାପକ ବୋଲି ଜଣାପଡ଼େ । ଯୁକ୍ତରାଷ୍ଟ୍ର ଆମେରିକାର ଉଚ୍ଚତମ ନ୍ୟାୟାଳୟର ଆବେଦନକାରୀ କ୍ଷେତ୍ରାଧିକାର ମଧ୍ୟରେ ନିମ୍ନତର ରାଷ୍ଟ୍ରସଂଘୀୟ ନ୍ୟାୟାଳୟ (Lower Federal Courts) ଏବଂ ଅଂଗରାଜ୍ୟ ସମୂହର ନ୍ୟାୟାଳୟରୁ ପ୍ରଧାନତଃ ସଂଘୀୟ ପ୍ରଶ୍ନ ( Federal Question ) ସଂପର୍କିତ ମୋକଦ୍ଦମା ହିଁ ଆବେଦନ କରାଯାଏ ଏବଂ ବିଚାର କରାଯାଏ । ଅପର ପକ୍ଷରେ ଭାରତୀୟ ଉଚ୍ଚତମ ନ୍ୟାୟାଳୟ ସଂବିଧାନ ସଂକ୍ରାନ୍ତ ବିଚାର ଆଲୋଚନା କରିବା ସଙ୍ଗେ ସଙ୍ଗେ, ଦେଓ୍ୱାନୀ ଓ ଫୌଜଦାରୀ ମୋକଦ୍ଦମାରେ ମଧ୍ୟ ଆବେଦନର ସର୍ବୋଚ୍ଚ ନ୍ୟାୟାଳୟରୂପେ କାର୍ଯ୍ୟ କରେ । ସାମରିକ ଅଦାଲତ ବ୍ୟତୀତ ଅନ୍ୟାନ୍ୟ ସବୁ କ୍ଷେତ୍ରରେ ବି ଉଚ୍ଚତମ ନ୍ୟାୟାଳୟ ନିକଟରେ

ଆବେଦନ କରାଯାଇପାରେ । ଏହିପରି କ୍ଷମତା ଯୁକ୍ତରାଷ୍ଟ୍ର ଆମେରିକା ଉଚ୍ଚତମ ନ୍ୟାୟାଳୟର ନାହିଁ ।

## ସୀମିତ ନ୍ୟାୟିକ ପୁନରବଲୋକନ

**( Limited Judicial Review )**

ସଂବିଧାନ ସଂରକ୍ଷକ ଓ ଚରମ ବ୍ୟାଖ୍ୟାକାର ହିସାବରେ ଭାରତର ଉଚ୍ଚତମ ନ୍ୟାୟାଳୟର ପ୍ରଧାନ କର୍ତ୍ତବ୍ୟ ହେଲା ଶାସନ ବିଭାଗ ଓ ବ୍ୟବସ୍ଥା ବିଭାଗ, ସମ୍ବିଧାନର ସୀମାଲଂଘନ କରୁଛନ୍ତି କି ନାହିଁ ଦେଖିବା । ବିଶେଷକରି ମୌଳିକ ଅଧିକାରଗୁଡ଼ିକ ଯେପରି କ୍ଷୁଣ୍ଣ ନହୁଏ ଏବଂ ବଳବତ୍ତର ରହେ, ଏହା ଦେଖିବା ବି ଉଚ୍ଚତମ ନ୍ୟାୟାଳୟର କର୍ତ୍ତବ୍ୟ । ତୁଳନାତ୍ମକ ଭାବେ ବିଚାରକଲେ ଜଣାଯାଏ ଯେ ଏହି କ୍ଷେତ୍ରରେ ଭାରତୀୟ ଉଚ୍ଚତମ ନ୍ୟାୟାଳୟର କ୍ଷମତା ଇଂଲଣ୍ଡ ଓ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟାୟାଳୟର ମଧ୍ୟବର୍ତ୍ତୀ ସ୍ଥାନ ଅଧିକାର କରିଛି । ଇଂଲଣ୍ଡର ନ୍ୟାୟାଳୟ ସଂସଦର କୌଣସି ଆଇନକୁ ଅବୈଧ ବୋଲି ଘୋଷଣା କରିପାରେ ନାହିଁ । ଇଂଲଣ୍ଡର ସଂସଦର କ୍ଷମତା ଉପରେ କୌଣସି ସାଂବିଧାନିକ ବା ଶାସନତାନ୍ତ୍ରିକ ସୀମା ନିର୍ଦ୍ଧାରଣ କରାଯାଇନାହିଁ । ଅଯୌକ୍ତିକ ହେଲେ ମଧ୍ୟ ସେଠାରେ ସଂସଦ ପ୍ରଣୀତ ସମସ୍ତ ଆଇନ ବୈଧ ପରିଗଣିତ ହୁଏ । ଯଦି କୌଣସି ଆଇନର ତ୍ରୁଟି ଥାଏ ତେବେ ତାହାର ସଂଶୋଧନର ଦାୟିତ୍ୱ ହେଲା କେବଳ ସଂସଦର । ଅନ୍ୟପକ୍ଷରେ ଯୁକ୍ତରାଷ୍ଟ୍ର ଆମେରିକାର ଉଚ୍ଚତମ ନ୍ୟାୟାଳୟ ବିଧାନମଣ୍ଡଳ ପ୍ରଣୀତ ଯେ କୌଣସି ଆଇନର ବୈଧତା ସଂପର୍କରେ ପ୍ରଶ୍ନ ଉଠାଇପାରେ । ପ୍ରଧାନ ବିଚାରପତି ମାର୍ଶାଲ ( Chief Justice Marshall )ଙ୍କ ସମୟରୁ ଉଚ୍ଚତମ ନ୍ୟାୟାଳୟ ଏହି କ୍ଷମତା ଗ୍ରହଣ କରିଛି । କୌଣସି ଆଇନ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ପ୍ରଣୀତ ହୋଇଛି କି ନାହିଁ, ଉଚ୍ଚତମ ନ୍ୟାୟାଳୟ ତାହାର ବିଚାର କରିବା ସଙ୍ଗେ ସଙ୍ଗେ, ଆଇନଟି ନ୍ୟାୟସଙ୍ଗତ କି ନୁହେଁ ତାହାର ବିଚାର ମଧ୍ୟ କରେ । ଅର୍ଥାତ୍ ଆଇନର ଯୌକ୍ତିକତା ଓ ନୀତି ବିଚାର କରିବାର କ୍ଷମତା ମଧ୍ୟ ଉଚ୍ଚତମ ନ୍ୟାୟାଳୟର ରହିଛି । ଫଳରେ ସଂବିଧାନର ଅର୍ଥ କ'ଣ ତାହା ଉଚ୍ଚତମ ନ୍ୟାୟାଳୟର ମତାମତ ଉପରେ ନିର୍ଭର କରେ ବୋଲି ନ୍ୟାୟାଧୀଶ ସି.ଜେ. ହୁଏସ. ( C.J. Hughes ) ମତବ୍ୟକ୍ତ କରିଛନ୍ତି । ( We are under a Constitution; but the Constitution is what the Judges make of it. )

ଭାରତୀୟ ସଂସଦ ଏବଂ ରାଜ୍ୟର ବିଧାନମଣ୍ଡଳଗୁଡ଼ିକ ନିଜ ନିଜ ଆଇନ ପ୍ରଣୟନ କ୍ଷେତ୍ରରେ ପ୍ରାଧାନ୍ୟ ଭୋଗ କଲେ ମଧ୍ୟ ସଂବିଧାନ ସେମାନଙ୍କ କ୍ଷମତା ଉପରେ କେତେକ ବାଧାନିଷେଧ ଆରୋପ କରିଛି । ସଂସଦ ବା ରାଜ୍ୟ ବିଧାନମଣ୍ଡଳଗୁଡ଼ିକ ସମ୍ବିଧାନଦ୍ୱାରା ନିର୍ଦ୍ଧାରିତ ସୀମା ଲଂଘନ କରିଛନ୍ତି କି ନାହିଁ ତାହା ବିଚାର କରିବାର କ୍ଷମତା ଭାରତୀୟ ଉଚ୍ଚତମ ନ୍ୟାୟାଳୟର ରହିଛି; କିନ୍ତୁ ଭାରତୀୟ ଉଚ୍ଚତମ ନ୍ୟାୟାଳୟ ଯୁକ୍ତରାଷ୍ଟ୍ର ଆମେରିକାର

ଉଚ୍ଚତମ ନ୍ୟାୟାଳୟ ଏହି ଆଇନର ଯୌକ୍ତିକତା ବା ନୀତିର ବିଚାରକରି କୌଣସି ଆଇନକୁ ଅସିଦ୍ଧ କରିପାରିବ ନାହିଁ । ଅତଏବ ଯୌକ୍ତିକତା ବିଚାର କରିବାର କ୍ଷମତା ଭାରତୀୟ ଉଚ୍ଚତମ ନ୍ୟାୟାଳୟର ନାହିଁ । ଏହା ସମ୍ବିଧାନର ୧୯ ଅନୁଚ୍ଛେଦରେ ବର୍ଣ୍ଣିତ ସ୍ୱାଧୀନତାର ଅଧିକାର ( Right to Freedon ) ସଂପର୍କରେ ରାଷ୍ଟ୍ର ଯେଉଁ ବାଧାନିଷେଧ ଆରୋପ କରେ, ସେହିସବୁ ବାଧାନିଷେଧର ଯୌକ୍ତିକତା ବିଚାର କରିବାକୁ ସମର୍ଥ; କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାରେ ଆଇନର ନ୍ୟାୟୀୟ ପ୍ରଣାଳୀ ( Due Process of law ) ପଦ୍ଧତି ଉପରେ ଭିତ୍ତିକରି ଉଚ୍ଚତମ ନ୍ୟାୟାଳୟ ସମସ୍ତପ୍ରକାର ଆଇନର ଯୌକ୍ତିକତା ବିଚାର କରିପାରୁଥିବାବେଳେ ଭାରତୀୟ ଉଚ୍ଚତମ ନ୍ୟାୟାଳୟ ବିଧାନମଣ୍ଡଳ ପ୍ରଣୀତ ଆଇନର ଯୌକ୍ତିକତା ବିଚାର କରିପାରେ ନାହିଁ । ଅର୍ଥାତ୍ ଭାରତୀୟ ସଂବିଧାନରେ ବିଧାନମଣ୍ଡଳର କର୍ତ୍ତୃତ୍ୱ ଉପରେ ନ୍ୟାୟାଳୟର ଅବାଧ ପ୍ରାଧାନ୍ୟ ସ୍ୱୀକାର କରାଯାଇ ନାହିଁ । ଯେଉଁସବୁ ବିଷୟରେ ସଂସଦ ଓ ରାଜ୍ୟ ବିଧାନମଣ୍ଡଳ ଉପରେ ସୀମା ନିର୍ଦ୍ଧାରଣ କରିଦିଆଯାଇଛି, ସେସବୁକୁ ବାଦ୍‌ଦେଲେ, ଅନ୍ୟ ବିଷୟରେ ସେମାନେ ନିଜ ନିଜ ପରିସର ମଧ୍ୟରେ ପ୍ରାଧାନ୍ୟ ଭୋଗ କରନ୍ତି ଏବଂ ସେଥିରେ ନ୍ୟାୟାଳୟର କିଛି କହିବାର ନଥାଏ ।

ଯୁକ୍ତରାଷ୍ଟ୍ର ଆମେରିକାଭଳି ଭାରତ ଏକ ରାଷ୍ଟ୍ରସଂଘ ହୋଇଥିଲେ ମଧ୍ୟ ଏଠାରେ ସଂପୂର୍ଣ୍ଣ ନ୍ୟାୟିକ ପୁନରବଲୋକନ ବ୍ୟବସ୍ଥା ନାହିଁ । ଯଦି ସଂବିଧାନ ସଂଶୋଧନ କରାଯାଏ, ତେବେ ଭାରତର ଉଚ୍ଚତମ ନ୍ୟାୟାଳୟ ସଂବିଧାନ ସଂଶୋଧନକୁ ଅବୈଧ ଘୋଷଣା କରିପାରିବେ ନାହିଁ । ସଂବିଧାନର ୨୪ତମ ଓ ୪୨ ତମ ସଂଶୋଧନ ଫଳରେ ରାଷ୍ଟ୍ର-ନିର୍ଦ୍ଦେଶମୂଳକ ନୀତିର କାର୍ଯ୍ୟକାରିତା ପାଇଁ ସଂସଦ ଯଦି ଆଇନ ପ୍ରଣୟନ କରେ ତେବେ ତାହା ନ୍ୟାୟାଳୟର ବିଚାର ପରିସରଭୁକ୍ତ ହେବ ନାହିଁ ବୋଲି କୁହାଯାଇଛି । ସମ୍ବିଧାନର ୪୪ତମ ସଂଶୋଧନ ଆଇନ ଫଳରେ ସମ୍ପତ୍ତି ଅଧିକାରକୁ ମୌଳିକ ଅଧିକାରରୁ ବାଦ୍ ଦିଆଯାଇଛି । ଏହି ଦୃଷ୍ଟିରୁ ଦେଖିଲେ ଭାରତର ଉଚ୍ଚତମ ନ୍ୟାୟାଳୟ ଆମେରିକାର ସୁପ୍ରିମକୋର୍ଟ ପରି ଖୁବ୍ ପ୍ରଭାବଶାଳୀ ନୁହେଁ । ରଜାଙ୍କ ହାତପାଣ୍ଠି ଉଚ୍ଛେଦ, ବ୍ୟାଙ୍କ ଜାତୀୟକରଣ ପ୍ରଭୃତି କେତେକ ବିଶିଷ୍ଟ ଆଇନକୁ ନାକଚ କରି ସ୍ୱସୀମିତ ନ୍ୟାୟିକ ପୁନରବଲୋକନ କ୍ଷମତାର ଦୃଷ୍ଟାନ୍ତ ଦେଖାଇଅଛି ।

## କାର୍ଯ୍ୟକଳାପର ମୂଲ୍ୟାୟନ

## ( Evaluation of its Working )

ଅଳ୍ପ କେତେବର୍ଷର ଅଭିଜ୍ଞତା ଭିତରେ ଉଚ୍ଚତମ ନ୍ୟାୟାଳୟର କାର୍ଯ୍ୟର ମୂଲ୍ୟାୟନ କରିବା କଷ୍ଟସାଧ୍ୟ ବ୍ୟାପାର । ତଥାପି କାର୍ଯ୍ୟକଳାପର ଗତି ଓ ପ୍ରକୃତି ସଂପର୍କରେ ସାଧାରଣଭାବରେ ନିଶ୍ଚିତ ଇଙ୍ଗିତ ଦିଆଯାଇପାରେ । ଉଚ୍ଚତମ ନ୍ୟାୟାଳୟର କାର୍ଯ୍ୟ-କଳାପରେ ସନ୍ତୋଷ ପ୍ରକାଶ କରିଥିବା ସମାଲୋଚକମହଲ ଉଚ୍ଚତମ ନ୍ୟାୟାଳୟ ନିଜ

କାର୍ଯ୍ୟକଳାପରେ ନିର୍ଭୀକତା ଏବଂ ନିରପେକ୍ଷତାର ପରିଚୟ ଦେଇଛି ବୋଲି ମତବ୍ୟକ୍ତ କରନ୍ତି । ଶାସନ ବିଭାଗ ଅବୈଧଭାବରେ କ୍ଷମତା ପ୍ରୟୋଗ କରିବାକୁ ଚେଷ୍ଟାକରିବାବେଳେ ଉଚ୍ଚତମ ନ୍ୟାୟାଳୟ ତାକୁ ନିୟନ୍ତ୍ରିତ କରିବାକୁ ଚେଷ୍ଟା କରିଛି ଏବଂ ଅନେକ କ୍ଷେତ୍ରରେ ବେଆଇନଭାବେ ଅଟକ କରାଯାଇଥିବା ବ୍ୟକ୍ତିଙ୍କୁ ବିନା ସର୍ତ୍ତରେ ବା ବିନା ଭୟରେ ମୁକ୍ତି ଦେଇ ବ୍ୟକ୍ତି-ସ୍ୱାଧୀନତା ସଂରକ୍ଷଣରେ ସହାୟତା କରିଛି ।

ନାଗରିକମାନଙ୍କ ଅଧିକାରର ସଂରକ୍ଷକ ଓ ଅଭିଭାବକ ହିସାବରେ ଉଚ୍ଚତମ ନ୍ୟାୟାଳୟ ସାର୍ଥକଭାବେ କାର୍ଯ୍ୟ କରିଅଛି । ଉଚ୍ଚତମ ନ୍ୟାୟାଳୟକୁ ମୌଳିକ ଅଧିକାର ସଂପର୍କିତ ଗୁରୁତର ବହୁ ଆଇନର ବୈଧତା ବିଚାର କରିବାକୁ ପଡ଼ିଛି ଏବଂ ଅନେକ କ୍ଷେତ୍ରରେ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରିଥିବା ଆଇନକୁ ଉଚ୍ଚତମ ନ୍ୟାୟାଳୟ ଅବୈଧ ବୋଲି ଘୋଷଣା କରିଛି ।

ସଂସଦ ଓ ରାଜ୍ୟ ବିଧାନ ମଣ୍ଡଳଗୁଡ଼ିକ ସଂବିଧାନଦ୍ୱାରା ନିର୍ଦ୍ଧାରିତ ସୀମାଭିତରେ ରହି କାର୍ଯ୍ୟ ସଂପାଦନ କରୁଛନ୍ତି କି ନାହିଁ ଦେଖିବା ବି ଉଚ୍ଚତମ ନ୍ୟାୟାଳୟର କର୍ତ୍ତବ୍ୟ । ଏହି ଦିଗରେ ଉଚ୍ଚତମ ନ୍ୟାୟାଳୟ ନିଜ ଦାୟିତ୍ୱ ସଂପାଦନ କରିବାରେ ସଫଳ ହୋଇଛି । ବହୁ କ୍ଷେତ୍ରରେ କେନ୍ଦ୍ରୀୟ ଏବଂ ରାଜ୍ୟ ଆଇନକୁ ସଂବିଧାନ ବହିର୍ଭୂତ ବୋଲି ବାତିଲ କରି ଦିଆଯାଇଛି ।

ଅବଶ୍ୟ ଉଚ୍ଚତମ ନ୍ୟାୟାଳୟ ଏକ ସଂଘୀୟ ନ୍ୟାୟାଳୟ ହିସାବରେ ନିଜ ମୌଳିକ କ୍ଷେତ୍ରାଧିକାର ମଧ୍ୟରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ବିବାଦର ମୀମାଂସା କରିବାରେ ବିଶେଷ ସୁଯୋଗ ପାଇନାହିଁ । କାରଣ ଅନେକ ସମୟରେ ପରସ୍ପର ଆଲୋଚନା ଏହି ସବୁ ବିବାଦର ମୀମାଂସା ହୋଇଯାଉଛି । ଏକମାତ୍ର କ୍ଷେତ୍ରରେ ୧୯୬୧ ମସିହାରେ କେନ୍ଦ୍ରୀୟ କୋଇଲା ବହନକାରୀ ଅଞ୍ଚଳଗୁଡ଼ିକର ଅଧିକରଣ ଓ ଉନ୍ନୟନ ସଂକ୍ରାନ୍ତ ଏକ ଆଇନର ( The Coal Bearing Areas (acquisition and development) Act, 1961] ବୈଧତା ସଂପର୍କରେ ପଶ୍ଚିମବଙ୍ଗ ପ୍ରଶ୍ନ ଉତ୍ତୋଳନ କରିଥିଲା । ପଶ୍ଚିମବଙ୍ଗ ଅନ୍ତର୍ଗତ କୋଇଲାଖଣି ଓ କୋଇଲା ବହନକାରୀ ଅଞ୍ଚଳ ସବୁ ନିଜ ରାଜ୍ୟାଧୀନ ଏବଂ କେନ୍ଦ୍ରର ଏହା ଅଧିକାର କରିବାର କ୍ଷମତା ନାହିଁ ବୋଲି ପଶ୍ଚିମବଙ୍ଗ ଯୁକ୍ତି ଦେଖାଇଥିଲା । ଉଚ୍ଚତମ ନ୍ୟାୟାଳୟ କେନ୍ଦ୍ର ସପକ୍ଷରେ ରାୟ ଦେଇଥିଲେ ଏବଂ ମନ୍ତବ୍ୟ ଦେଲେ ଯେ ସଂସଦ ଯେତେବେଳେ ସୀମାଅଂଚଳ ଅଦଳବଦଳ କରିବାକୁ ସମର୍ଥ ସେତେବେଳେ କୌଣସି ରାଜ୍ୟ ଅନ୍ତର୍ଗତ ଜମିକୁ ମଧ୍ୟ ଅକ୍ତିଆର କରିପାରେ । ଏହିପରି ଯୁକ୍ତିଗୁଡ଼ିକ ଅନୁଧ୍ୟାନ କଲେ ଜଣାଯାଏ ଯେ ଉଚ୍ଚତମ ନ୍ୟାୟାଳୟ କେନ୍ଦ୍ରକୁ ଅଧିକ ଶକ୍ତିଶାଳୀ କରିବାର ପ୍ରୟାସ କରିଛି ।

ଉଚ୍ଚତମ ନ୍ୟାୟାଳୟ ମୋଟାମୋଟି ଭାବେ ସଫଳତାର ସହିତ କାର୍ଯ୍ୟ ସଂପାଦନ କରିଥିଲେ ସୁଦ୍ଧା କେତେକ ସମାଲୋଚକ ନ୍ୟାୟାଳୟ ବିରୁଦ୍ଧରେ ସମାଲୋଚନାର ସ୍ୱର ଉତ୍ତୋଳନ କରିଛନ୍ତି, ପ୍ରଥମତଃ ଏହା ଅନେକ କ୍ଷେତ୍ରରେ ଏହା ରାଷ୍ଟ୍ରର ସାମାଜିକ, ଅର୍ଥନୈତିକ ଓ ସଂସ୍କାର ମୂଳକ ଆଇନକୁ ଅବୈଧ ବୋଲି ଘୋଷଣା କରି ପ୍ରଗତି ପଥରେ ବାଧାସୃଷ୍ଟି କରିଛି । ଏବଂ ସେହିକାରଣରୁ ହିଁ ସଂବିଧାନ ଦତ୍ତ ବ୍ୟକ୍ତିଗତ ସଂପତ୍ତିର ଅଧିକାରକୁ ଏକାଧିକବାର ସଂସଦ ସଂଶୋଧନ କରିଛି । ଦ୍ୱିତୀୟତଃ ଶିଳ୍ପବିବାଦ ସଂକ୍ରାନ୍ତ ମୋକଦ୍ଦମାରୁ ଅନେକ କ୍ଷେତ୍ରରେ ଉଚ୍ଚତମ ନ୍ୟାୟାଳୟ ରକ୍ଷଣଶୀଳ ମନୋବୃତ୍ତି ପୋଷଣ-କରି ବ୍ୟକ୍ତି ସ୍ୱାତନ୍ତ୍ର୍ୟକୁ ସୁରକ୍ଷିତ କରିବାର ପ୍ରଚେଷ୍ଟା କରିଛି, ଅଥଚ ସାମାଜିକ ନ୍ୟାୟ ଓ ସାମାଜିକ ନ୍ୟାୟର ପ୍ରଶ୍ନକୁ ସେତେ ଜୋର ଦେଇନାହିଁ । ପରବର୍ତ୍ତୀ ସମୟରେ ଅବଶ୍ୟ ଉଚ୍ଚତମ ନ୍ୟାୟାଳୟର ଏହି ଦୃଷ୍ଟିଭଙ୍ଗିର ପରିବର୍ତ୍ତନ ହୋଇଛି ଏବଂ ନିର୍ଦ୍ଦେଶକ ନୀତି ସୂତ୍ରକୁ ଅଧିକ ପ୍ରୟୋଗ କରିବା ଦିଗରେ ପ୍ରୟାସ କରିଛି । ତୃତୀୟତଃ ବ୍ୟକ୍ତି ସ୍ୱାଧୀନତାର ସଂରକ୍ଷକ ଭାବେ ଉଚ୍ଚତମ ନ୍ୟାୟାଳୟ ନିଜଭୂମିକାକୁ ସଂକୁଚିତ କରି ରଖିଛି ବୋଲି ମନେହୁଏ । ସଂବିଧାନର ୨୧ ଅନୁଚ୍ଛେଦରେ କୁହାଯାଇଛି ଯେ 'ଆଇନ ନିହିତ ପଦ୍ଧତି' (Procedure established by law) ବ୍ୟତୀତ କୌଣସି ଜୀବନ ବା ବ୍ୟକ୍ତିଗତ ସ୍ୱାଧୀନତାରୁ ବଞ୍ଚିତ କରାଯିବ ନାହିଁ । ଏହି ଅନୁଚ୍ଛେଦକୁ ବ୍ୟାଖ୍ୟା କରିବାକୁ ଯାଇ 'ଆଇନ ବିହିତ ପଦ୍ଧତି' ନ୍ୟାୟସଂଗତ କି ନୁହେଁ ତାହା ଉଚ୍ଚତମ ନ୍ୟାୟାଳୟ ଦେଖିନାହିଁ ବୋଲି କେତେ ମତବ୍ୟକ୍ତ କରିଛନ୍ତି ।

ଭାରତୀୟ ସଂବିଧାନ ନ୍ୟାୟିକ ପୁନରାବଲୋକନର ପ୍ରଥା ଯୁକ୍ତରାଷ୍ଟ୍ର ଆମେରିକାରୁ ଅନୁକରଣ କରିଥିଲେ ସୁଦ୍ଧା ଭାରତର ଉଚ୍ଚତମ ନ୍ୟାୟାଳୟ ଯୁକ୍ତରାଷ୍ଟ୍ର ଆମେରିକାର ଉଚ୍ଚତମ ନ୍ୟାୟାଳୟ ଭଳି କ୍ଷମତାଶାଳୀ ହୋଇପାରିବ ନାହିଁ କାରଣ ଏହାର ଗତିପଥ ଅନେକ ଦିଗରୁ ସୀମିତ ହୋଇଛି ।

ପ୍ରଥମତଃ ଯୁକ୍ତରାଷ୍ଟ୍ର ଆମେରିକାରେ 'ଆଇନର ନ୍ୟାଯ୍ୟ ପ୍ରଣାଳୀ' ( Due Process of Law) ଭିତ୍ତିରେ ନ୍ୟାୟ ବିଚାର ହେଉଥିବା ସ୍ଥଳେ ଭାରତରେ 'ଆଇନ ବିହିତ ପଦ୍ଧତି' (Procedure established by law) ଭିତ୍ତିରେ ନ୍ୟାୟ ବିଚାର ହୁଏ । ଏହି ଦୁଇଟି ବାକ୍ୟାଂଶ ମଧ୍ୟରେ ବହୁତ ପ୍ରଭେଦ ରହିଛି । ଯୁକ୍ତରାଷ୍ଟ୍ର ଆମେରିକାରେ 'ଆଇନର ନ୍ୟାଯ୍ୟ ପ୍ରଣାଳୀ'କୁ ବ୍ୟାଖ୍ୟା କରିବାପାଇଁ ନ୍ୟାୟାଳୟର ବ୍ୟାପକ କ୍ଷମତା ରହିଛି । କିନ୍ତୁ ଭାରତରେ ସଂସଦ ଦ୍ୱାରା ପ୍ରଣୀତ ଆଇନଦ୍ୱାରା ବିହିତ ପଦ୍ଧତିକୁ ଉଚ୍ଚତମ ନ୍ୟାୟାଳୟ ମାନିବା ପାଇଁ ବାଧ୍ୟ । ଭାରତରେ ନ୍ୟାୟାଳୟ ଆଇନର ଯୌକ୍ତିକତା ଉପରେ ପ୍ରଶ୍ନ କରିପାରିବ ନାହିଁ, ଅଥଚ ଆଇନଦ୍ୱାରା ସୀମାବଦ୍ଧ ହୋଇ ରହିବ । ୧୯୫୨ ମସିହାରେ ଭି. ଜି. ରୋ ବନାମ ମାନ୍ଦ୍ରାଜ ରାଜ୍ୟ (V. G. Row V. The State of Madras) ମୋକଦ୍ଦମାରେ ମୁଖ୍ୟ ନ୍ୟାୟାଧୀଶ ପାତଞ୍ଜଳୀ ଶାସ୍ତ୍ରୀ ଏହି ମର୍ମରେ

ମନ୍ତବ୍ୟ ଦେଇଥିଲେ । କୌଣସି ଆଇନ ସଂବିଧାନର ବ୍ୟବସ୍ଥା ଅନୁସାରେ ପ୍ରଣୀତ ହୋଇଛି କି ନାହିଁ, ସେଥିଉପରେ ଆମ ସଂବିଧାନ ନ୍ୟାୟିକ ପୁନରାବଲୋକନ କରିପାରେ । କିନ୍ତୁ ଯୁକ୍ତରାଷ୍ଟ୍ର ଆମେରିକାର ଉଚ୍ଚତମ ନ୍ୟାୟାଳୟ ଆଇନର ନ୍ୟାଯ୍ୟ ପ୍ରଣାଳୀର ତର୍ଜମା ଉପରେ ଭିତ୍ତିକରି ଆଇନର ପୁନରାବଲୋକନ କଲାପରି ଏତେ ବ୍ୟାପକ କ୍ଷମତା ଉପଭୋଗ କରିପାରିବ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ । ( Our Constitution contains express provisions of Judicial Review of Legislation as to its confirmity with the Constitution, unlike as in America where the Supreme Court has assumed extensive power of reviewing legislative acts under the cover of widely interpreted 'due process clause'. )

ଦ୍ୱିତୀୟରେ ନ୍ୟାୟାଧୀଶମାନେ ପଦଗ୍ରହଣ କରିବା ପୂର୍ବରୁ ସଂବିଧାନ ଏବଂ ଆଇନ-( Constitution and the laws ) ଗୁଡ଼ିକର ସୁରକ୍ଷା କରିବାପାଇଁ ଶପଥ ନେଇଥାନ୍ତି; କିନ୍ତୁ ଭାରତବର୍ଷରେ ସମ୍ବିଧାନ କିମ୍ବା ଆଇନର ପ୍ରଣୟନ ଓ ତର୍ଜମା ନ୍ୟାୟପାଳିକାଦ୍ୱାରା ନହୋଇ ଜନସାଧାରଣଙ୍କ ପ୍ରତିନିଧିତ୍ୱ କରୁଥିବା ବିଧାନମଣ୍ଡଳଦ୍ୱାରା ହୋଇଥାଏ । ( The Constitution is not what the Judges say it is, but what the legislature—a body of the representatives of the people says it is ) । ଅତଏବ ଏହି କ୍ଷେତ୍ରରେ ମଧ୍ୟ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରଚଳିତ ନ୍ୟାୟିକ ପୁନରାବଲୋକନ ଏବଂ ଭାରତୀୟ ନ୍ୟାୟିକ ପୁନରାବଲୋକନ ମଧ୍ୟରେ ପାର୍ଥକ୍ୟ ରହିଛି । ସମ୍ବିଧାନ ଏବଂ ଆଇନ ଲୋକପ୍ରତିନିଧିମାନଙ୍କଦ୍ୱାରା ପ୍ରଣୀତ ହୋଇଥିବା ଯୋଗୁଁ ନ୍ୟାୟାଳୟର ନ୍ୟାୟିକ ପୁନରାବଲୋକନଦ୍ୱାରା ଜନସାଧାରଣଙ୍କର ସାର୍ବଭୌମ ସ୍ୱାର୍ଥ ( Sovereign Will ) ଉପରେ ପ୍ରାଧାନ୍ୟ ବିସ୍ତାର କରିବାର ଅଧିକାର ନାହିଁ ।

ତୃତୀୟତଃ ଭାରତୀୟ ସମ୍ବିଧାନରେ ରାଷ୍ଟ୍ରପତିଙ୍କଦ୍ୱାରା ନ୍ୟାୟାଧୀଶମାନଙ୍କ ନିଯୁକ୍ତି, ଯୁକ୍ତରାଷ୍ଟ୍ର ଆମେରିକାର ସିନେଟଭଳି କୌଣସି ସଂସ୍ଥାଦ୍ୱାରା ଅନୁମୋଦିତ ହୁଏ ନାହିଁ । ପୁଣି ଆମଦେଶରେ ନ୍ୟାୟାଧୀଶମାନେ ଏକ ନିର୍ଦ୍ଦିଷ୍ଟ ବୟସରେ ଅବସର ଗ୍ରହଣ କରନ୍ତି । ଯୁକ୍ତରାଷ୍ଟ୍ର ଆମେରିକାର ପ୍ରଥାଭଳି ସେମାନେ ଆଜୀବନ ନ୍ୟାୟାଧୀଶ ରହନ୍ତି ନାହିଁ । ଏହି ପରିପ୍ରେକ୍ଷୀରେ ମନ୍ତ୍ରିପରିଷଦ, ବିଶେଷକରି ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରାମର୍ଶ ପ୍ରାପ୍ତ ରାଷ୍ଟ୍ରପତି କୌଣସି ଆଇନ ବିଶାରଦଙ୍କୁ ନ୍ୟାୟାଧୀଶ ରୂପେ ନିଯୁକ୍ତ ନକରି କ୍ଷମତାସୀନ ଦଳର ନୀତି ସହିତ ଏକମତ ହେଉଥିବା ବ୍ୟକ୍ତିଙ୍କୁ ନିଯୁକ୍ତ କରିପାରନ୍ତି । ଫଳରେ ଆଇନର ଯଥାର୍ଥ ପୁନରାବଲୋକନ ହେବାର ସମ୍ଭାବନା କମିଆସେ ଏବଂ ନ୍ୟାୟାଧୀଶମାନେ କ୍ଷମତାସୀନ ଦଳଦ୍ୱାରା ପ୍ରଣୀତ ଯେ କୌଣସି ଆଇନକୁ ସମ୍ମତି ଦେଇପାରନ୍ତି ।

ସର୍ବୋପରି ବିଧାନମଣ୍ଡଳ ହାତରେ ସମ୍ବିଧାନ ସଂଶୋଧନ କ୍ଷମତା ଭାରତରେ ନ୍ୟାୟପାଳିକାର ପ୍ରାଧାନ୍ୟକୁ କୁଠାରାଘାତ କରିଛି । ସଂସଦର ଉଭୟ ସଦନରେ ନିର୍ଦ୍ଦିଷ୍ଟ ସଂଖ୍ୟାଧିକ ସଦସ୍ୟଙ୍କ ସମର୍ଥନ ଦ୍ୱାରା ମୌଳିକ ଅଧିକାରମୂଳକ ସମ୍ବଳିତ ସମ୍ବିଧାନର ତୃତୀୟ ପରିଚ୍ଛେଦ ସଂଶୋଧିତ ହୋଇପାରିବ । କୌଣସି ରାଜନୈତିକ ଦଳର ( ବର୍ତ୍ତମାନ ଯେମିତି କଂଗ୍ରେସର ) ଉଭୟ ସଦନରେ ଦୁଇ-ତୃତୀୟାଂଶ ସଂଖ୍ୟାଗରିଷ୍ଠତା ଥିଲେ ସମ୍ବିଧାନ ଆଂଶିକ ଭାବରେ ବା ସଂପୂର୍ଣ୍ଣ ଭାବରେ ସଂଶୋଧିତ ହୋଇପାରିବ ଏବଂ ନ୍ୟାୟାଳୟ ପକ୍ଷରେ ନୀରବ ଦ୍ରଷ୍ଟା ହେବା ଛଡ଼ା ଅନ୍ୟ ପନ୍ଥା ନାହିଁ । ସମ୍ବିଧାନର ୨୪ତମ, ୩୯ତମ ପ୍ରଭୃତି ସଂଶୋଧନ ଉଲ୍ଲେଖଯୋଗ୍ୟ ।

## ଉପସଂହାର—ଶାସନ ବିଭାଗ ବନାମ ବିଚାର ବିଭାଗ

ଭାରତୀୟ ସମ୍ବିଧାନରେ ବିଧାନମଣ୍ଡଳ ଉପରେ ନ୍ୟାୟପାଳିକାର ପ୍ରାଧାନ୍ୟ ସ୍ୱୀକାର କରାଯାଇନଥିବା ହେତୁ ଏବଂ ସଂସଦୀୟ ଶାସନ ବ୍ୟବସ୍ଥାରେ ବିଧାନମଣ୍ଡଳ ଶାସନ ବିଭାଗର ନିର୍ଦ୍ଦେଶରେ ପରିଚାଳିତ ହେଉଥିବା ହେତୁ, ଶାସନ ବିଭାଗ ନ୍ୟାୟପାଳିକାକୁ ଉପେକ୍ଷା କରିପାରେ । ଦରକାର ବେଳେ ଶାସନ ବିଭାଗ ବିଚାର ବିଭାଗକୁ ଉପେକ୍ଷା କରିବାକୁ ପଶ୍ଚାତ୍ପଦ ହୋଇନାହିଁ । ଉଚ୍ଚତମ ନ୍ୟାୟାଳୟର ରାୟଦ୍ୱାରା ଶାସନ ବିଭାଗ ଅସୁବିଧାର ସମ୍ମୁଖୀନ ହେଲେ, ବିଧାନମଣ୍ଡଳ ମାଧ୍ୟମରେ କୌଣସି ନୂତନ ଆଇନ ପ୍ରଣୟନ କରି ବା ସମ୍ବିଧାନ ସଂଶୋଧନଦ୍ୱାରା ଏହି ଅସୁବିଧା ଦୂର କରିବାକୁ ଚେଷ୍ଟା କରିଛି । ଏଠାରେ ୧୯୫୧ ମସିହାର ପ୍ରଥମ ସମ୍ବିଧାନ ସଂଶୋଧନ ଉଲ୍ଲେଖ କରାଯାଇପାରେ । ଗୋଲକନାଥ ମାମଲାରେ ମୁଖ୍ୟ ନ୍ୟାୟାଧୀଶ କେ. ସୁବ୍ବା ରାଓ ( K. Subba Rao )ଙ୍କ ସମ୍ପତ୍ତିର ଅଧିକାର ଉପରେ ଐତିହାସିକ ରାୟ ଫଳରେ ଶାସନ ବିଭାଗ ପକ୍ଷରେ ପ୍ରଗତିମୂଳକ ସାମାଜିକ ପଦକ୍ଷେପମାନଙ୍କ ଗ୍ରହଣ କରିବାରେ ଅସୁବିଧା ସୃଷ୍ଟି ହୋଇଥିଲା । ଫଳରେ ସମ୍ବିଧାନର ୨୪ତମ ସଂଶୋଧନ ଶାସନ ବିଭାଗର ପ୍ରବର୍ତ୍ତନ ଫଳରେ ସଂସଦରେ ଗୃହୀତ ହୋଇଥିଲା ।

ସଂସଦୀୟ ଶାସନ ବ୍ୟବସ୍ଥାରେ ସମ୍ବିଧାନର ଏକ ବୃହତ୍ ଅଂଶ ନମନୀୟ ( flexible ) ଥିବା ଅବସ୍ଥାରେ କାର୍ଯ୍ୟପାଳିକା ଓ ନ୍ୟାୟପାଳିକା ମଧ୍ୟରେ ସଂଘର୍ଷରେ ନ୍ୟାୟପାଳିକା ଉପରେ କାର୍ଯ୍ୟପାଳିକାର ଜୟଲାଭ କରିବା ଯଥେଷ୍ଟ ସମ୍ଭାବନା ରହିଛି । ୩୯ତମ ସମ୍ବିଧାନ ସଂଶୋଧନ ପରେ ଏହି ସମ୍ଭାବନା ବଳବତ୍ତର ହୋଇଛି । ବସ୍ତୁତଃ ଏପରି ଶାସନ ବ୍ୟବସ୍ଥାରେ ନ୍ୟାୟପାଳିକାର ସର୍ବୋଚ୍ଚ ପ୍ରାଧାନ୍ୟ ପ୍ରତିଷ୍ଠିତ ହୁଏ ଏବଂ ଭାରତରେ ମଧ୍ୟ ଠିକ୍ ତାହାହିଁ ହୋଇଛି, ଅବଶ୍ୟ କିଛି ଅଧିକ ମାତ୍ରାରେ । ତାହା ବ୍ୟତୀତ ସଂପ୍ରତି ନ୍ୟାୟାଧୀଶମାନଙ୍କୁ ସମାଜମଙ୍ଗଳ ରାଷ୍ଟ୍ରରେ କାର୍ଯ୍ୟପାଳିକାର ସମାଜ ସଂସ୍କାରମୂଳକ କାର୍ଯ୍ୟକ୍ରମକୁ ଆଖି ଆଗରେ ରଖି ଆଇନର ତର୍ଜମା ଏବଂ ନ୍ୟାୟ ବିଚାର କରିବାକୁ ପଡ଼ୁଛି ।

କାର୍ଯ୍ୟପାଳିକା ପକ୍ଷରେ ନ୍ୟାୟାଧୀଶମାନଙ୍କର ଏହି ନୂତନ ଗତି ( trend ) ସ୍ୱାଗତଯୋଗ୍ୟ । ଅତଏବ ନ୍ୟାୟାଧୀଶମାନଙ୍କ ପକ୍ଷରେ କାର୍ଯ୍ୟପାଳିକାର ମତାମତକୁ ମାନି ନେବାର ପ୍ରବଣତା ବୃଦ୍ଧି ପାଉଛି । ଯୁକ୍ତରାଷ୍ଟ୍ର ଆମେରିକାରେ ୧୯୩୦ ମସିହାରେ ଉଚ୍ଚତମ ନ୍ୟାୟାଳୟ ରାଷ୍ଟ୍ରପତି ରୁଜଭେଲ୍ଟଙ୍କ ( Roosewelt ) ଙ୍କ ସାମାଜିକ ନିଉଡ଼ିଲ୍ ( New-Deal ) ବ୍ୟବସ୍ଥାଗୁଡ଼ିକୁ ପ୍ରତ୍ୟାଖ୍ୟାନ କରିଥିଲା । ଫଳରେ ରାଷ୍ଟ୍ରପତି ବିରକ୍ତିର ଭାବ ପ୍ରକାଶ କରି 'ନ୍ୟାୟାଳୟକୁ ଗଣ୍ଡି ଭିତରେ ବାନ୍ଧି ଦିଅ' ( Pack up the Court ) ବୋଲି ମତପ୍ରକାଶ କରିଥିଲେ । ଆମେରିକାର ଉଚ୍ଚତମ ନ୍ୟାୟାଳୟ ନ୍ୟସ୍ତ ସ୍ୱାର୍ଥଥିବା ରକ୍ଷଣଶୀଳ ଗୋଷ୍ଠୀଙ୍କ ହାତରେ ଏକ ଖେଳନା ହୋଇଛି ବୋଲି ସେ ଅଭିଯୋଗ କରିଥିଲେ । ଅବଶ୍ୟ ଏହି ପ୍ରଶ୍ନ ଉପରେ ରାଷ୍ଟ୍ରପତି ରୁଜଭେଲ୍ଟଙ୍କ ପୁନଃ ନିର୍ବାଚିତ ହେବା ଫଳରେ ଉଚ୍ଚତମ ନ୍ୟାୟାଳୟ ନିଜ ସିଦ୍ଧାନ୍ତର ନିଜେ ପରିବର୍ତ୍ତନ କରିଥିଲା ଅର୍ଥାତ୍ କାର୍ଯ୍ୟପାଳିକାର ମତାମତକୁ ଗ୍ରହଣ କରିଥିଲା । ଉଚ୍ଚତମ ନ୍ୟାୟାଳୟ ନିକଟରେ ବ୍ୟାପକ ନ୍ୟାୟିକ ପୁନରାବଲୋକନ କ୍ଷମତା ଥିବା ସତ୍ତ୍ୱେ ଯୁକ୍ତରାଷ୍ଟ୍ର ଆମେରିକାରେ ପ୍ରୟୋଜନ ହେଲେ ନ୍ୟାୟପାଳିକା କାର୍ଯ୍ୟପାଳିକା ନିକଟରେ ହାର ମାନେ । ଅତଏବ ଭାରତରେ ଏହିପରି ଘଟଣା ଘଟିବା ନିତାନ୍ତ ସ୍ୱାଭାବିକ । ପୁନଶ୍ଚ ଶାସନ ବିଭାଗ ଅନେକ କ୍ଷେତ୍ରରେ ରାଷ୍ଟ୍ରପତିଙ୍କୁ ନ୍ୟାୟାଧୀଶ ନିଯୁକ୍ତି ବ୍ୟାପାରରେ ପରାମର୍ଶ ଦେଇ ନ୍ୟାୟପାଳିକାକୁ ନିୟନ୍ତ୍ରିତ କରିବାର ପ୍ରୟାସ କରିଅଛି । ସଂପ୍ରତି, ନ୍ୟାୟପାଳିକାକୁ କାର୍ଯ୍ୟପାଳିକାର ପଦକ୍ଷେପରେ ପ୍ରତିବନ୍ଧକ ସୃଷ୍ଟି ନ କରିବାପାଇଁ ନ୍ୟାୟପାଳିକାର ପରିସରକୁ ଯଥାସାଧ୍ୟ ସୀମିତ କରିବାପାଇଁ ଭାରତୀୟ ସଂସଦରେ ଆଇନମାନ ପ୍ରବର୍ତ୍ତନ ଏବଂ ସମ୍ବିଧାନ ସଂଶୋଧନ କରାଯାଇଛି । ୪୨ତମ ସମ୍ବିଧାନ ସଂଶୋଧନଦ୍ୱାରା ନ୍ୟାୟାଳୟଗୁଡ଼ିକଠାରୁ ଯେଉଁ କ୍ଷମତା କାଢ଼ି ନିଆଯାଇଥିଲା ତାହାପୁନର୍ବାର ୪୩ତମ ଓ ୪୪ତମ ସମ୍ବିଧାନ ସଂଶୋଧନ ଦ୍ୱାରା ଫେରାଇ ଦିଆଯାଇଛି । ନ୍ୟାୟାଳୟର କ୍ଷମତାକୁ ସଙ୍କୁଚିତ ନ କରି ଏହାକୁ ଉଚିତ ସମ୍ମାନ ଦେବା ଗଣତନ୍ତ୍ର ଶାସନର ମୂଳ ଲକ୍ଷ୍ୟ ଅଟେ ।

## ମହାନ୍ୟାୟବାଦୀ

**( Attorney General )**

ଆଇନ ସମ୍ପର୍କୀୟ ପରାମର୍ଶ ଦେବାପାଇଁ ରାଜ୍ୟରେ ଥିବା ବ୍ୟବସ୍ଥା ଭଳି ( Office of Advocate General ) କେନ୍ଦ୍ରରେ ମଧ୍ୟ ଭାରତ ସରକାରଙ୍କୁ ପରାମର୍ଶ ଦେବାପାଇଁ ମହାନ୍ୟାୟବାଦୀ ଉଦ୍ଦିଷ୍ଟ । ସେ ରାଷ୍ଟ୍ରପତିଙ୍କଦ୍ୱାରା ନିଯୁକ୍ତ ହୋଇଥାନ୍ତି ଓ ପରମ୍ପରା ଦୃଷ୍ଟିରୁ ମନ୍ତ୍ରିମଣ୍ଡଳର ପତନ ସଙ୍ଗେ ସଙ୍ଗେ କାର୍ଯ୍ୟରୁ ଅବ୍ୟାହତି ନେଇଥାନ୍ତି । ଅତଏବ ସରକାର ଗଠନ ସଙ୍ଗେ ସଙ୍ଗେ ମନ୍ତ୍ରିମଣ୍ଡଳ ଜଣେ ଉପଯୁକ୍ତ ବ୍ୟକ୍ତିଙ୍କୁ ମହାନ୍ୟାୟବାଦୀ ରୂପେ ନିଯୁକ୍ତ କରିବାପାଇଁ ରାଷ୍ଟ୍ରପତିଙ୍କୁ ସୁପାରିଶ କରିଥାନ୍ତି । ସେଇ

ସୁପାରିସ ଅନୁସାରେ ରାଷ୍ଟ୍ରପତି ନିଯୁକ୍ତି ଦେଇଥାନ୍ତି । ଉଚ୍ଚତମ ନ୍ୟାୟାଳୟର ବିଚାରପତିଙ୍କର ଯେଉଁ ଯୋଗ୍ୟତା ଆବଶ୍ୟକ ହୋଇଥାଏ, ମହାନ୍ୟାୟବାଦୀଙ୍କର ସେହି ଯୋଗ୍ୟତା ଥିବା ଦରକାର । ସେ ରାଷ୍ଟ୍ରପତିଙ୍କ ଦ୍ୱାରା ନିର୍ଦ୍ଧାରିତ ଦରମା ଓ ଭତ୍ତା ପାଇଥାନ୍ତି । ଆଇନ ଗତ ସମସ୍ୟା ସମ୍ବନ୍ଧରେ ସେ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଥାନ୍ତି ଓ ସରକାରଙ୍କ ତରଫରୁ ନ୍ୟାୟାଳୟରେ ରହି ମୋକଦ୍ଦମା ଚଳାଇଥାନ୍ତି ।

# ଦ୍ୱାଦଶ ପରିଚ୍ଛେଦ

## ରାଜ୍ୟ ସରକାର

### ( State Government )

ମାର୍କିନ ଯୁକ୍ତରାଷ୍ଟ୍ରର ସମ୍ବିଧାନ ଭଳି ଆମେ ଭାରତବର୍ଷରେ ରାଷ୍ଟ୍ରସଂଘ ଗଠନ କରିଥିବାରୁ ରାଜ୍ୟ ସରକାରଙ୍କ ସ୍ଥିତିକୁ ନଗଣ୍ୟ ମନେକରାଯାଇ ନପାରେ । ଏଠାରେ ରାଜ୍ୟ ସରକାରଗୁଡ଼ିକ ରାଷ୍ଟ୍ରସଂଘର ଅଂଶୀଦାର ଅବଶ୍ୟ ଏମାନଙ୍କର ଯୁକ୍ତରାଷ୍ଟ୍ର ଆମେରିକା ଭଳି ଅଲଗା ସମ୍ବିଧାନ ନାହିଁ । ସମସ୍ତ ଭାରତୀୟ ଏକ ସମ୍ବିଧାନଦ୍ୱାରା ପରିଚାଳିତ । ( ଜାମ୍ମୁ ଏବଂ କାଶ୍ମୀର ବ୍ୟତୀତ ) । ଏହିପରି ସମୁଦାୟ ୨୨ଟି ରାଜ୍ୟ ଓ ୯ଟି କେନ୍ଦ୍ରଶାସିତ ଅଞ୍ଚଳ ନେଇ ରାଷ୍ଟ୍ରସଂଘ ଗଠିତ । କେନ୍ଦ୍ରରେ ଯେପରି ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମନ୍ତ୍ରିପରିଷଦ ଓ ସଂସଦ ରହିଛି ରାଜ୍ୟରେ ମଧ୍ୟ ସେପରି ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ମନ୍ତ୍ରିପରିଷଦ ଓ ରାଜ୍ୟ ବିଧାନମଣ୍ଡଳ ରହିଛି । ନ୍ୟାୟାଳୟଗୁଡ଼ିକ ଏକ ସୂତ୍ରରେ ଗୁନ୍ଥାହୋଇ ରହିଛି । ନ୍ୟାୟାଳୟ ଉଚ୍ଚତମ ନ୍ୟାୟାଳୟଠାରୁ ଆରମ୍ଭକରି ମୁନସଫ କୋର୍ଟ ପର୍ଯ୍ୟନ୍ତ ବ୍ୟକ୍ତି ବା ଅନୁଷ୍ଠାନକୁ ନ୍ୟାୟ ବଣ୍ଟନ କରିଥାନ୍ତି । ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଲେଖାଏଁ ଉଚ୍ଚ ନ୍ୟାୟାଳୟ ରହିବା ବ୍ୟବସ୍ଥା ମଧ୍ୟ ରହିଛି । ରାଜ୍ୟର ଶାସନମୁଖ୍ୟ ହେଉଛନ୍ତି ରାଜ୍ୟପାଳ । ରାଜ୍ୟପାଳଙ୍କୁ ସାହାଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିପରିଷଦ ଅଛନ୍ତି । ଆଇନ ପ୍ରଣୟନ କରିବାପାଇଁ ରାଜ୍ୟ ବିଧାନମଣ୍ଡଳ ଉଦ୍ଦିଷ୍ଟ ଓ ଶାସନ ନିୟନ୍ତ୍ରଣ ମଧ୍ୟ କରିଥାଏ । ରାଜ୍ୟର ଶାସନ କର୍ତ୍ତୃପକ୍ଷ ନିଜର ପରିସର ମଧ୍ୟରେ ସାମ୍ବିଧାନିକ ବ୍ୟବସ୍ଥା ଅନୁସାରେ ରାଜ୍ୟ ଶାସନ ପରିଚାଳନା କରିଥାନ୍ତି । କେବଳ ରାଷ୍ଟ୍ରପତି ଶାସନ ଜାରି ସମୟରେ ସାମୟିକପାଇଁ ରାଜ୍ୟର ଶାସନଭାର କେନ୍ଦ୍ର ବହନ କରିଥାଏ ଓ ପ୍ରଭୁତ କ୍ଷମତା ବିସ୍ତାର କରିବାର ଅଧିକାର ପାଇଥାଏ । ଏହିପରି ବ୍ୟବସ୍ଥାର ଆବଶ୍ୟକତା ଭାରତରେ ରହିଛି କାରଣ ଭାରତ ବିଭିନ୍ନ ଭାଷାଭାଷୀ, ଧର୍ମ, ସଂପ୍ରଦାୟ ନେଇ ଗଠିତ । ସମସ୍ତଙ୍କୁ ସମାନ ଅଧିକାର ଦିଆଯାଇଛି । ଅତଏବ ଏହାର ସୁଯୋଗ ନେଇ ଯେ କୌଣସି ରାଜ୍ୟ ନିଜ ସ୍ୱାଧୀନତାର ବା କ୍ଷମତାର ଅସଦ୍‌ବିନିଯୋଗ କରିପାରେ ବା ରାଜ୍ୟରେ ଯେତେବେଳେ ଶାସନ ଖସଡ଼ା ଭୁଷ୍ଟୁଡ଼ି ପଡ଼େ ସେତେବେଳେ କେନ୍ଦ୍ର ସରକାର ଅରାଜକତାକୁ ପ୍ରଶ୍ରୟ ନ ଦେଇ ନିଜେ ଶାସନଭାର ଗ୍ରହଣ କରିଥାଏ ।

ଅବଶ୍ୟ ଏ ବ୍ୟବସ୍ଥା କ୍ଷଣସ୍ଥାୟୀ, ୬ ମାସ ପାଇଁ ଉଦ୍ଦିଷ୍ଟ ଏବଂ ସର୍ବୋଚ୍ଚ ୩ ବର୍ଷ ପର୍ଯ୍ୟନ୍ତ ବଢ଼ିପାରେ । ଏହାଠାରୁ ଏକ ଦିନ ମଧ୍ୟ ଅଧିକା ନୁହେଁ । କେତେକ ସମାଲୋଚକ ଏପରି ବ୍ୟବସ୍ଥାକୁ ସମାଲୋଚନା କରିଥିଲେ ହେଁ ଏପରି ବ୍ୟବସ୍ଥା ଯେ ନିତାନ୍ତ ଜରୁରୀ ଓ ଅପ-ପ୍ରୟୋଗ କଲେ କ୍ଷତିକାରକ (Necessary evil) ଏଥିରେ ସନ୍ଦେହ ନାହିଁ । ଏହି ଅଧ୍ୟାୟରେ ରାଜ୍ୟ ଶାସନ ସମ୍ବନ୍ଧରେ ଆଲୋଚନା କରାଯାଉଛି ।

## ରାଜ୍ୟପାଳ

## (Governor)

ସମ୍ବିଧାନର ୧୫୩ ଧାରା ଅନୁଯାୟୀ ପ୍ରତ୍ୟେକ ରାଜ୍ୟରେ ଜଣେ ରାଜ୍ୟପାଳ ରହିବା ବ୍ୟବସ୍ଥା ଅଛି । ସମୟେ ସମୟେ ଦୁଇ ବା ତତୋଽଧିକ ରାଜ୍ୟ ପାଇଁ ମଧ୍ୟ ଜଣେ ରାଜ୍ୟପାଳ ରହିପାରନ୍ତି । ସେ ଶାସନର ମୁଖ୍ୟ ଓ କେନ୍ଦ୍ର ସରକାରଙ୍କ ରାଜ୍ୟରେ ପ୍ରତିନିଧି । ଓଡ଼ିଶାର ରାଜ୍ୟପାଳଙ୍କ ହସ୍ତରେ ଶାସନଭାର ନ୍ୟସ୍ତ ଓ ଶାସନର ଦାୟିତ୍ୱ ନେଇଥାନ୍ତି । ପ୍ରକୃତରେ ସେ ନାମକୁ ମାତ୍ର ମୁଖ୍ୟ (Nominal Head) ସରକାରଙ୍କ ମୁଖ୍ୟ ହେଉଛନ୍ତି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରି ପରିଷଦ । ପ୍ରକୃତ କ୍ଷେତ୍ରରେ ଏମାନେ ହିଁ ଶାସନ ଚଳାନ୍ତି । ରାଜ୍ୟପାଳ ମନ୍ତ୍ରିପରିଷଦ ଦ୍ୱାରା ନିୟନ୍ତ୍ରିତ ହୋଇଥିଲେ ମଧ୍ୟ କେତେକ କ୍ଷେତ୍ରରେ ନିଜର ବିଦ୍ୟା, ବୁଦ୍ଧି ହେତୁ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥାନ୍ତି । ତାଙ୍କର ଦୁଇଟି ଦାୟିତ୍ୱ ରହିଛି । ପ୍ରଥମରେ ସେ କେନ୍ଦ୍ର ସରକାରଙ୍କ ଦୂତ ହୋଇଥିବାରୁ କେନ୍ଦ୍ରକୁ ଖୁସି ରଖିବା ବିନା ଉପାୟ ନାହିଁ । ତା' ନହେଲେ ସେ ରାଜ୍ୟରେ ସମ୍ଭବତଃ ରାଜ୍ୟ ମୁଖ୍ୟରୁ ବିତାଡ଼ିତ ହୋଇ ପାରନ୍ତି । ଦ୍ୱିତୀୟରେ ରାଜ୍ୟ ଶାସନ ମୁଖ୍ୟ ହିସାବରେ ମନ୍ତ୍ରିମଣ୍ଡଳର ଉପଦେଶ ନମାନିଲେ ହଇରାଣ ହରକତ ହେବାର ଯଥେଷ୍ଟ ସମ୍ଭାବନା ରହିଛି । ସେଥିପାଇଁ ସେ ରାଜ୍ୟ ଓ କେନ୍ଦ୍ର ମଧ୍ୟରେ ଭାରସାମ୍ୟ ରକ୍ଷା କରିଥାନ୍ତି ।

## ରାଜ୍ୟପାଳଙ୍କ ନିଯୁକ୍ତି, ଯୋଗ୍ୟତା ଓ କାର୍ଯ୍ୟକାଳ

ରାଜ୍ୟପାଳ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଥାନ୍ତି । ସମ୍ବିଧାନର ୧୫୫ ଧାରା ଅନୁଯାୟୀ ତାଙ୍କ ହସ୍ତାକ୍ଷରରେ ଲିଖିତ ବା ନିର୍ଦ୍ଦେଶରେ ଲିଖିତ ଆଦେଶନାମା ବଳରେ ରାଜ୍ୟପାଳ ନିଯୁକ୍ତ ହୋଇଥାନ୍ତି । ସେ ଏକାଧିକ ରାଜ୍ୟର ରାଜ୍ୟପାଳ ମଧ୍ୟ ହୋଇପାରନ୍ତି । ରାଜ୍ୟପାଳ ନିଯୁକ୍ତିରେ ମନ୍ତ୍ରିମଣ୍ଡଳର ସୁପାରିଶ ବ୍ୟକ୍ତିହିଁ ରାଜ୍ୟପାଳରେ ଅଲଂକୃତ ହୁଅନ୍ତି । ସଂକ୍ଷେପରେ କହିବାକୁ ଗଲେ ମନ୍ତ୍ରିମଣ୍ଡଳର ପ୍ରାଣକେନ୍ଦ୍ର ପ୍ରଧାନମନ୍ତ୍ରୀ ହିଁ ଏସବୁ ନିଯୁକ୍ତିର ମୂଳରେ ରହିଥାନ୍ତି । ଯୁକ୍ତରାଷ୍ଟ୍ର ଆମେରିକାରେ କେତେକ ରାଜ୍ୟପାଳ ନିର୍ବାଚିତ ହୋଇଥିଲେ ହେଁ ଏପ୍ରକାର ବ୍ୟବସ୍ଥା ଶାସନ ବିଧାୟକ ସଭା ପ୍ରତ୍ୟାଖ୍ୟାନ କରିଥିଲେ । ଏହାର କାରଣ ସ୍ୱରୂପ ମୁଖ୍ୟମନ୍ତ୍ରୀଙ୍କ ପ୍ରାଧାନ୍ୟକୁ କମାଇ ଦିଆଯାଇ ନପାରେ ଏବଂ ରାଜ୍ୟପାଳ ସିଧାସଳଖ ନିର୍ବାଚିତ ହେଲେ କ୍ଷମତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସଙ୍ଗେ କଳହ କରିପାରନ୍ତି । ଦ୍ୱିତୀୟରେ

ଜଣେ ନାମମାତ୍ରକୁ ମୁଖ୍ୟଙ୍କୁ ନିର୍ବାଚିତ କରିବାର ଯଥାର୍ଥତା ନାହିଁ । ଅତଏବ ଏ ପ୍ରକାର ଗୋଟାଏ ଆସନକୁ ସମ୍ପୂର୍ଣ୍ଣ ମର୍ଯ୍ୟାଦା ଦିଆଯାଇଛି ସତ କିନ୍ତୁ କ୍ଷମତା ମନ୍ତ୍ରିମଣ୍ଡଳ ବହନ କରିଥାନ୍ତି । ଏଥିପାଇଁ ଶାସନ ବିଧାୟକ ସଭା ରାଜ୍ୟପାଳଙ୍କୁ ରାଷ୍ଟ୍ରପତିଦ୍ୱାରା ମନୋନୀତ ହେବା ବ୍ୟବସ୍ଥା ରଖିଥିଲେ । ରାଜ୍ୟପାଳଙ୍କ ନିଯୁକ୍ତି ବେଳେ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ନେବା ପାରମ୍ପରିକ ବ୍ୟବସ୍ଥା ରହିଥିଲେ ମଧ୍ୟ ସବୁ କ୍ଷେତ୍ରରେ ଏହା କାର୍ଯ୍ୟକାରୀ ହେଉଛି ବୋଲି ମନେହୁଏ ନାହିଁ । ରାଜ୍ୟପାଳ ସକ୍ରିୟ ରାଜନୀତିରେ ଅଂଶ ଗ୍ରହଣ କରନ୍ତି ନାହିଁ, ଯଦି କରନ୍ତି ତେବେ ନିଜ ଆସନ ପ୍ରତି ବିପଦ ମଧ୍ୟ ଆସିପାରେ । ତେବେ ସଂକଟ ସମୟରେ ତାଙ୍କର ବିଚକ୍ଷଣତାର ପରିଚୟ ଦିଅନ୍ତି ଏବଂ କନ୍ଦଳକୁ ଏଡ଼ାଇ ଦେଇପାରନ୍ତି । ରାଜ୍ୟପାଳ ପଦ ପାଇଁ ନିମ୍ନଲିଖିତ ଯୋଗ୍ୟତା ଥିବା ଦରକାର—

କ) ସେ ଭାରତୀୟ ନାଗରିକ ହୋଇଥିବେ ।
ଖ) ଅନ୍ତତଃ ପକ୍ଷେ ୩୫ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବେ ।
ଗ) ସେ ସଂସଦ ବା ବିଧାନସଭାର ସଦସ୍ୟ ହୋଇ ନଥିବେ ।
ଘ) ସାଧାରଣତଃ ସେ ରାଜ୍ୟର ବାସିନ୍ଦା ହୋଇ ନଥିବେ ।
ଙ) ମନ୍ତ୍ରିମଣ୍ଡଳ ପକ୍ଷେ ଗ୍ରହଣୀୟ ବ୍ୟକ୍ତି ହୋଇଥିବେ ।

ସାଧାରଣତଃ ସେ ପାଞ୍ଚବର୍ଷ ପାଇଁ ନିଯୁକ୍ତ ହୋଇଥାନ୍ତି, ତା ପୂର୍ବରୁ ମଧ୍ୟ ଅବ୍ୟାହତି ନେବାରେ ସଂବିଧାନର କୌଣସି ବାରଣ ନାହିଁ । କାରଣ ତାଙ୍କର କାର୍ଯ୍ୟକାଳ ରାଷ୍ଟ୍ରପତିଙ୍କ ଖୁସି ଉପରେ (Pleasure) ନିର୍ଭର କରେ । ରାଷ୍ଟ୍ରପତି ଇଚ୍ଛାକଲେ ତାଙ୍କ କାର୍ଯ୍ୟକାଳ ବଢ଼ାଇ ଦେଇପାରନ୍ତି । ନିଯୁକ୍ତି ପରେ ସେହି ରାଜ୍ୟର ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ରାଜ୍ୟପାଳଙ୍କୁ ଶପଥ ପାଠ କରାଇଥାଆନ୍ତି ଓ ସେ ସମ୍ବିଧାନ ଏବଂ ଆଇନକୁ ସଂରକ୍ଷିତ, ପ୍ରତିରକ୍ଷଣ ଓ ପରିରକ୍ଷଣ କରିବା ସଙ୍ଗେ ସଙ୍ଗେ ଉକ୍ତ ରାଜ୍ୟର ଜନସାଧାରଣଙ୍କର ସେବା ଓ ମଙ୍ଗଳବିଧାନ ପାଇଁ ଚେଷ୍ଟା କରିବେ ବୋଲି ଶପଥ ନିଅନ୍ତି । ରାଜ୍ୟପାଳ ମାସକୁ ୫୫୦୦୦ଙ୍କା ବେତନ ଓ ଅନ୍ୟାନ୍ୟ ଭତ୍ତା ମଧ୍ୟ ପାଇଥାନ୍ତି । ବିନା ଭଡ଼ାରେ ସରକାରୀ ବାସଗୃହ "ରାଜ ଭବନ" ଯୋଗାଇ ଦିଆଯାଇଥାଏ । ରାଜ୍ୟପାଳ ପଦ ସାମୟିକ ଖାଲି ପଡ଼ିଲେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତପାଇ ଅସ୍ଥାୟୀ ରାଜ୍ୟପାଳ ଭାର ତୁଲାଇଥାନ୍ତି । ରାଜ୍ୟପାଳ ଇଚ୍ଛାକଲେ ପାଞ୍ଚ ବର୍ଷ ପୂର୍ବରୁ ରାଷ୍ଟ୍ରପତିଙ୍କ ନିକଟକୁ ଇସ୍ତଫା ପତ୍ର ଲେଖି ଇସ୍ତଫା ଗ୍ରହଣ ହୋଇଯାଇଲା ପରେ କାର୍ଯ୍ୟରୁ ଅବ୍ୟାହତି ନେଇପାରନ୍ତି ।

**କ୍ଷମତା**
**(Powers & Functions)**

ରାଜ୍ୟପାଳ ରାଜ୍ୟର ଶାସନମୁଖ୍ୟ ହୋଇଥିବାରୁ ସମ୍ବିଧାନର ଗଣ୍ଡି ଭିତରେ ବିଭିନ୍ନ କ୍ଷମତା ଉପଭୋଗ କରିଥାନ୍ତି । ସେଥିମଧ୍ୟରୁ କାର୍ଯ୍ୟପାଳିକ କ୍ଷମତା, ବିଧାୟକ କ୍ଷମତା

ଅର୍ଥ ସମ୍ବନ୍ଧୀୟ କ୍ଷମତା, ନ୍ୟାୟିକ କ୍ଷମତା ଓ ଅନ୍ୟାନ୍ୟ କ୍ଷମତା ଅନ୍ତର୍ଭୁକ୍ତ ।

## କ) କାର୍ଯ୍ୟପାଳିକା କ୍ଷମତା

ଯେହେତୁ ରାଜ୍ୟର ସମସ୍ତ ଶାସନ ସେ ପରିଚାଳିତ କରନ୍ତି, କାର୍ଯ୍ୟପାଳିକା କ୍ଷମତା ତାଙ୍କର ହାତରେ ନ୍ୟସ୍ତ ଥାଏ । ଶାସନରେ ସାହାଯ୍ୟ କରିବାପାଇଁ ସମ୍ବିଧାନର ୧୬୩ ଧାରାରେ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ତାଙ୍କୁ ପରାମର୍ଶ ଦେବେବୋଲି ଲିଖିତ ଅଛି । ୧୫୪ ଧାରାରେ ବର୍ଣ୍ଣିତ ଅଛି ଯେ ରାଜ୍ୟର ସୁପରିଚାଳନା ନିମିତ୍ତ ସେ ନିଜେ ବା ତାଙ୍କର ଅଧସ୍ତନ କର୍ମଚାରୀଙ୍କ ଦ୍ୱାରା ଶାସନ ଦାୟିତ୍ୱ ତୁଲାଇଥାନ୍ତି । ଅତଏବ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଥମେ ନିଯୁକ୍ତ କରିବା ତାଙ୍କର ସାମ୍ବିଧାନିକ କର୍ତ୍ତବ୍ୟ । ମୁଖ୍ୟମନ୍ତ୍ରୀଙ୍କୁ ବାଛିବା ବିଶେଷ କଷ୍ଟକର ବ୍ୟାପାର ନୁହେଁ । ପରଂପରା ଅନୁଯାୟୀ ସଂଖ୍ୟାଗରିଷ୍ଠ ଦଳର ନେତାଙ୍କୁ ମୁଖ୍ୟମନ୍ତ୍ରୀ ହେବା ପାଇଁ ସେ ନିମନ୍ତ୍ରଣ କରିଥାନ୍ତି । ଯେଉଁଠାରେ କୌଣସି ଦଳ ସଂଖ୍ୟାଗରିଷ୍ଠ ହାସଲ କରି ନଥାଏ ସେତେବେଳେ ମୁଖ୍ୟମନ୍ତ୍ରୀ ବାଛିବାରେ ସେ ନିଜର କ୍ଷମତା ପ୍ରୟୋଗ କରିଥାନ୍ତି । ମୁଖ୍ୟମନ୍ତ୍ରୀ ବାଛିସାରିଲି ପରେ ତାଙ୍କ କାମ ସରଳ ହୋଇଯାଏ । ଅନ୍ୟାନ୍ୟ ମନ୍ତ୍ରୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ କ୍ରମେ ନିଯୁକ୍ତ କରିଥାନ୍ତି ଓ ବିଭାଗ ବଣ୍ଟନ କରିଥାନ୍ତି । ରାଜ୍ୟର ସମସ୍ତ ଉଚ୍ଚପଦସ୍ଥ ସରକାରୀ କର୍ମଚାରୀ ଯଥା—ରାଜ୍ୟ ମହାଧିବକ୍ତା, ରାଜ୍ୟ ସାଧାରଣ ସେବା ଆୟୋଗର ଅଧ୍ୟକ୍ଷ ଓ ଅନ୍ୟ ସଦସ୍ୟ ପ୍ରଭୃତିଙ୍କୁ ରାଜ୍ୟପାଳ ନିଯୁକ୍ତି ଦେଇଥାନ୍ତି । ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ଓ ଅନ୍ୟାନ୍ୟ ବିଚାରପତିଙ୍କୁ ରାଷ୍ଟ୍ରପତି ନିଯୁକ୍ତି ଦେଲାବେଳେ ରାଜ୍ୟପାଳଙ୍କ ପରାମର୍ଶ ଲୋଡ଼ା ଯାଇଥାଏ । ଏ ସବୁର ପ୍ରଚ୍ଛଦପଟେ ମନ୍ତ୍ରିମଣ୍ଡଳର ହାତ ଥାଏ ଓ ମୁଖ୍ୟମନ୍ତ୍ରୀ ହିଁ ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା । ନିଜ ଇଚ୍ଛାନୁସାରେ ରାଜ୍ୟପାଳ କୌଣସି ନିଯୁକ୍ତି କରନ୍ତି ନାହିଁ କି ମନ୍ତ୍ରିମଣ୍ଡଳର ପରାମର୍ଶକୁ ଏଡ଼ାଇଦେଇ ପାରନ୍ତି ନାହିଁ । କିନ୍ତୁ ବିଶେଷ ପରିସ୍ଥିତିରେ ସେ ଏପରି କେତେକ କାର୍ଯ୍ୟ କରନ୍ତି ଯାହାକି ମନ୍ତ୍ରିମଣ୍ଡଳର ପରାମର୍ଶ ନ ନେଇ ସେ ଆଗେଇ ଯାଆନ୍ତି ଏବଂ ଏହା କେନ୍ଦ୍ର ସରକାରଙ୍କ ସ୍ୱାର୍ଥ ଜଡ଼ିତ । ପ୍ରଥମରୁ କୁହାଯାଇଛି ଯେ ସେ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଏବଂ କେନ୍ଦ୍ରକୁ ଅସନ୍ତୁଷ୍ଟକରି ରହିପାରିବେ ନାହିଁ । ଦରକାର ପଡ଼ିଲେ ସେ ମନ୍ତ୍ରିମଣ୍ଡଳକୁ ବରଖାସ୍ତ କରିଥାନ୍ତି ।

## (ଖ) ବିଧାୟକ କ୍ଷମତା

ରାଜ୍ୟପାଳଙ୍କ ସ୍ୱୀକୃତି ବିନା କୌଣସି ବିଲ୍ ଆଇନରେ ପରିଣତ ହୋଇପାରିବ ନାହିଁ । ରାଜ୍ୟପାଳ ରାଜ୍ୟ ବିଧାନମଣ୍ଡଳ ସହିତ ଓତଃପ୍ରୋତ ଭାବେ ଜଡ଼ିତ । ରାଜ୍ୟପାଳଙ୍କ ବିନା ରାଜ୍ୟ ବିଧାନମଣ୍ଡଳ ଚିନ୍ତା କରାଯାଇ ନ ପାରେ । ରାଜ୍ୟ ବିଧାନ ସଭାର ଅଧିବେଶନକୁ ସେ ଡକାଇଥାନ୍ତି, ସାମୟିକଭାବେ ଭାଙ୍ଗି ଦେଇଥାନ୍ତି ଓ ପୁରାପୁରି ଭାଙ୍ଗି ଦେଇଥାନ୍ତି ଓ ସାନ

ନିର୍ବାଚନ ଲାଗି ହୁକୁମ ଦେଇଥାନ୍ତି । ଯେ କୌଣସି ସମୟରେ ଯେ କୌଣସି ବିଷୟ ଉପରେ ସେ ବାର୍ତ୍ତା (message) ପଠାଇ ପାରନ୍ତି । ବିଧାନ ସଭାର ପ୍ରଥମ ଅଧିବେଶନ ଓ ବର୍ଷର ଆରମ୍ଭରେ ସେ ଅଭିଭାଷଣ ଦେଇ ଥାଆନ୍ତି ଓ ସରକାରଙ୍କ ଆଭିମୁଖ୍ୟ ବିଷୟରେ ଆଲୋକପାତ କରିଥାଆନ୍ତି । ବିଧାନପରିଷଦକୁ ପରିଷଦର ଏକ ଷଷ୍ଠାଂଶ ସଭ୍ୟ ଓ ବିଧାନସଭାକୁ ଆବଶ୍ୟକ ପଡ଼ିଲେ କିଛି ଆଙ୍ଗ୍ଲୋ ଇଣ୍ଡିଆନ ସଭ୍ୟ ମନୋନୀତ କରିବାର ଅଧିକାର ତାଙ୍କର ରହିଛି ।

ଅର୍ଥ ବିଲ୍ ତାଙ୍କର ସ୍ୱୀକୃତି ବିନା ବିଧାନସଭାରେ ଉପସ୍ଥାପିତ ହୋଇପାରିବ ନାହିଁ । ଅର୍ଥବିଧେୟକ ହୋଇ ନଥିଲେ ସେ ପୁଣି ଗୃହର ବିଚାରପାଇଁ ଫେରାଇ ଦେଇପାରନ୍ତି ବା ରାଷ୍ଟ୍ରପତିଙ୍କ ସ୍ୱୀକୃତିପାଇଁ ପଠାଇ ଦେଇପାରନ୍ତି । ଯଦି ବିଧେୟକଟି ବିଧାନସଭାରେ ପୁନର୍ବାର ଗୃହୀତ ହୋଇ ତାଙ୍କ ନିକଟରେ ଉପସ୍ଥାପିତ ହୁଏ ସେ ସ୍ୱୀକୃତି ଦେବାକୁ ବାଧ୍ୟ । ଅର୍ଥ ବିଧେୟକ ବିଧାନସଭାରେ ଗୃହୀତ ହୋଇସାରିଲା ପରେ ଆପେ ଆପେ ରାଜ୍ୟପାଳଙ୍କ ସ୍ୱୀକୃତି ପାଏ । ସେ ଏହାକୁ ଫେରାଇ ପାରିବେ ନାହିଁ ।

ଏହା ବ୍ୟତୀତ ରାଜ୍ୟପାଳଙ୍କ ଆଉ ଗୋଟିଏ କ୍ଷମତା ହେଉଛି ଅଧ୍ୟାଦେଶ ଜାରି । ବିଧାନସଭା ଯଦି ବସି ନ ଥାଏ ଏବଂ ଏପରି ପରିସ୍ଥିତି ଉପୁଜେ, ଯେତେବେଳେ ଗୋଟିଏ ଆଇନ ବା ପ୍ରଚଳିତ ଆଇନର ସଂଶୋଧନ ଆବଶ୍ୟକ ପଡ଼େ ସେ ଏପରି ଅଧ୍ୟାଦେଶ ମନ୍ତ୍ରିମଣ୍ଡଳର ସୁପାରିଶକ୍ରମେ ଜାରି କରିଥାନ୍ତି । ବିଧାନମଣ୍ଡଳର ପରବର୍ତ୍ତୀ ଅଧିବେଶନ ହେବା ପର୍ଯ୍ୟନ୍ତ ଏହା ବଳବତ୍ତର ରହେ । ବିଧାନମଣ୍ଡଳର ଅଧିବେଶନ ହେବା ଦିନଠାରୁ ଛଅ ସପ୍ତାହ ମଧ୍ୟରେ ଉକ୍ତ ଅଧ୍ୟାଦେଶ ଅନୁମୋଦିତ ନ ହେଲେ କିମ୍ବା ଏହା ଏକ ଆଇନରେ ପରିଣତ ନହେଲେ ଏହା ଆପେ ଆପେ ଲୋପ ପାଇଥାଏ । ବିଧାନସଭା ସଂକ୍ରାନ୍ତ ଯେ କୌଣସି ଆଦେଶ ମନ୍ତ୍ରିମଣ୍ଡଳର ପରାମର୍ଶ ନେଇ ହିଁ କରାଯାଇଥାଏ ।

## (ଗ) ଅର୍ଥ ସମ୍ବନ୍ଧୀୟ କ୍ଷମତା

ପ୍ରତ୍ୟେକ ବର୍ଷ ରାଜ୍ୟର ଆୟ ବ୍ୟୟ ଅଟକଳ ରାଜ୍ୟପାଳ ଅର୍ଥମନ୍ତ୍ରୀଙ୍କ ଜରିଆରେ ଗୃହରେ ଉପସ୍ଥାପିତ କରନ୍ତି । ରାଜ୍ୟପାଳଙ୍କ ଅନୁମତିବିନା କୌଣସି କର ବା ଟିକସ ବୃଦ୍ଧି ବା ବ୍ୟୟବୃଦ୍ଧି ପ୍ରସ୍ତାବ ଗୃହରେ ଆଗତ କରାଯାଇପାରିବ ନାହିଁ । ସାଧାରଣ ବଜେଟ ବ୍ୟତୀତ ଗୃହରେ ଅନୁପୂରକ ଆୟବ୍ୟୟ ଅଟକଳ ( Supplimentary Budget ) ମଧ୍ୟ ଉପସ୍ଥାପିତ କରାଯାଇଥାଏ । ଜରୁରୀ ଖର୍ଚ୍ଚ ପାଇଁ ରାଜ୍ୟପାଳ ତାଙ୍କ ଅଧୀନରେ ଥିବା ଜରୁରୀ ପାଣ୍ଠିରୁ ଟଙ୍କା ମଞ୍ଜୁର କରିଥାନ୍ତି । ରାଜ୍ୟର ଆର୍ଥିକ ଅବସ୍ଥାକୁ ଚାହିଁ ସେ ରାଜ୍ୟର ଋଣ ପରିଶୋଧ ଓ ସୁଧ ଆଦିର ଦେଣନେଣ ପ୍ରତି ସେ ଦୃଷ୍ଟି ରଖିଥାନ୍ତି ।

## (ଘ) ନ୍ୟାୟିକ କ୍ଷମତା

ଯଦିଓ ରାଜ୍ୟର ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶଗଣ ରାଷ୍ଟ୍ରପତିଙ୍କ ଦ୍ୱାରା ନିଯୁକ୍ତ ହୋଇଥାନ୍ତି, ରାଜ୍ୟପାଳଙ୍କ ସୁପାରିଶର ଆବଶ୍ୟକତା ରହିଛି । ଜିଲ୍ଲା ଜଜ୍‌ଙ୍କ ନିଯୁକ୍ତି ରାଜ୍ୟପାଳ

କରିଥିଲେ ହେଁ, ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ପରାମର୍ଶ ସେ ଗ୍ରହଣ କରିଥାନ୍ତି । ଅଧସ୍ତନ ନ୍ୟାୟାଳୟର ବିଚାରପତିଙ୍କ ନିଯୁକ୍ତି ଲାଗି ରାଜ୍ୟ ସାଧାରଣ ସେବା ଆୟୋଗ ଓ ଜିଲ୍ଲା ଜଜ୍‌ଙ୍କ ପରାମର୍ଶ ଦରକାର ହୋଇଥାଏ । ଆଇନ ବିଷୟରେ ପରାମର୍ଶ ଦେବା ପାଇଁ ରାଜ୍ୟ ଆଇନ ସେଲ୍ ଅଛି ଏବଂ ସେ କୌଣସି ଜଟିଳ ପରିସ୍ଥିତିରେ ଏହାର ପରାମର୍ଶ ନେଇଥାନ୍ତି । ଏହା ବ୍ୟତୀତ ରାଷ୍ଟ୍ରପତିଙ୍କ ଭଳି ଦୋଷୀକୁ କ୍ଷମାଦାନ, ଦଣ୍ଡ ଲଘୁକରଣ, ସ୍ଥଗିତ, ପରିହାର ତଥା ବିଲମ୍ବନ ଆଦି ନ୍ୟାୟିକ କ୍ଷମତା ରାଜ୍ୟପାଳଙ୍କର ରହିଛି । ବିଚାରାଳୟର ସ୍ୱାଧୀନତାରେ ସେ ହସ୍ତକ୍ଷେପ କରନ୍ତି ନାହିଁ କିନ୍ତୁ ବିଚାରଶେଷପରେ ସେ ଚାହିଁଲେ ଦୋଷୀକୁ ଦଣ୍ଡର ପରିମାଣ ପୂରାପୂରି ଛାଡ଼ ବା କମାଇ ଦେଇପାରନ୍ତି ।

## (ଡ) ଅନ୍ୟାନ୍ୟ କ୍ଷମତା

ଓଡ଼ିଶାରେ ସେ ସବୁଟି ବିଶ୍ୱବିଦ୍ୟାଳୟର କୁଳାଧିପତି ହୋଇଥିବାରୁ କୁଳପତି ନିଯୁକ୍ତ ମଧ୍ୟ କରିଥାନ୍ତି । ମନ୍ତ୍ରିମଣ୍ଡଳର ପରାମର୍ଶ ନେବାପାଇଁ ଏ ବିଷୟରେ ସେ ବାଧ୍ୟ ନୁହଁନ୍ତି । ଏହା ବ୍ୟତୀତ ବିଶ୍ୱବିଦ୍ୟାଳୟ ସଂକ୍ରାନ୍ତୀୟ ବହୁ ବିଷୟ ତାଙ୍କ ନିକଟକୁ ସ୍ୱୀକୃତି ପାଇଁ ଯାଇଥାଏ । ପ୍ରତ୍ୟେକ ପନ୍ଦର ଦିନରେ ରାଜ୍ୟପାଳ ଏକ ରିପୋର୍ଟ (Fortnightly report) ରାଷ୍ଟ୍ରପତିଙ୍କ ନିକଟକୁ ରାଜ୍ୟର ଅର୍ଥନୈତିକ, ରାଜନୈତିକ ଓ ସାମାଜିକ ପରିସ୍ଥିତି ନେଇ ଚିଠି ଲେଖନ୍ତି । ଏହି ଚିଠି ଅତ୍ୟନ୍ତ ଗୁପ୍ତ କିନ୍ତୁ ପ୍ରଧାନମନ୍ତ୍ରୀ ଚାହିଁଲେ ଦେଖିପାରନ୍ତି । ରାଜ୍ୟର କେତେକ ଉଚ୍ଚପଦସ୍ଥ ଅଫିସର ଓ ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ବିଷୟରେ ମଧ୍ୟ ଏ ଚିଠିରେ ସ୍ଥାନ ପାଇଥାଏ । ଏହା ବ୍ୟତୀତ ସେ ଜରୁରୀ ମନେକଲେ ଗୁପ୍ତ ଚିଠି ରାଷ୍ଟ୍ରପତିଙ୍କ ନିକଟକୁ ଲେଖିଥାନ୍ତି । ରାଜ୍ୟ ମନ୍ତ୍ରିମଣ୍ଡଳ, ବିଧାନସଭା ଭଙ୍ଗ ଭଳି ଓ ରାଷ୍ଟ୍ରପତି ଶାସନ ଜାରୀ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ କଥା ଏ ସବୁ ପତ୍ରରେ ଲେଖିଥାନ୍ତି । ରାଜ୍ୟପାଳଙ୍କ ରିପୋର୍ଟ ମନ୍ତ୍ରିମଣ୍ଡଳ ଗ୍ରହଣ କଲାପରେ ଯାଇ ରାଜ୍ୟରେ ରାଷ୍ଟ୍ରପତି ଶାସନଜାରୀ କରାଯାଇଥାଏ । ଅବଶ୍ୟ ରାଜ୍ୟପାଳଙ୍କ ରିପୋର୍ଟ ନପାଇ ମଧ୍ୟ ଅନ୍ୟ ଉପାୟରେ ରାଜ୍ୟରେ ରାଷ୍ଟ୍ରପତିଙ୍କ ହୃଦବୋଧ ହେଲେ ରାଷ୍ଟ୍ରପତି ଶାସନ ଜାରି କରାଯାଇପାରେ ।

ଯଦିଓ ରାଜ୍ୟପାଳଙ୍କ ସେପରି କିଛି ଇଚ୍ଛାଧୀନ କ୍ଷମତା ବୋଲି (Discretionary Powers) ସମ୍ବିଧାନରେ ନାହିଁ (ଆସାମ ବ୍ୟତୀତ) କେତେକ କ୍ଷେତ୍ରରେ ସେ ନିଜକୁ ବା କେନ୍ଦ୍ରକୁ ସନ୍ତୁଷ୍ଟ କରିବା ପାଇଁ ପରିସ୍ଥିତିକୁ ଚାହିଁ କାର୍ଯ୍ୟ କରନ୍ତି ।

(କ) ବିଧାନସଭାର କାର୍ଯ୍ୟକାଳ ନ ପୂରୁଣୁ ସେ ଉକ୍ତ ସଭାକୁ ଭାଙ୍ଗିଦେଇ ପାରନ୍ତି । ବିଧାନସଭା ଭଙ୍ଗପାଇଁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ ଗ୍ରହଣ ପାଇଁ ସେ ବାଧ୍ୟ ନୁହଁନ୍ତି ।

(ଖ) ମନ୍ତ୍ରିମଣ୍ଡଳର ପରମାୟୁ ରାଜ୍ୟପାଳଙ୍କ ହସ୍ତରେ ନ୍ୟସ୍ତ । ଗଣ୍ଡଗୋଳିଆ ପରିସ୍ଥିତିର ସୁଯୋଗ ନେଇ ଏହାକୁ ବରଖାସ୍ତ କରିପାରନ୍ତି । ରାଜ୍ୟପାଳ ଧର୍ମଘାର

ଏପରି ପଶ୍ଚିମବଙ୍ଗ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅଜୟ ମୁଖାର୍ଜୀ ମନ୍ତ୍ରିମଣ୍ଡଳକୁ ବରଖାସ୍ତ କରିଥିଲେ ।

ଗ) ରାଷ୍ଟ୍ରପତି ଶାସନରେ ରାଷ୍ଟ୍ରପତିଙ୍କ ନାମରେ ସେ ଶାସନ କରୁଥିବାରୁ ତାଙ୍କର ହୃଦ୍‌ବୋଧ ହେଲଭଳି ସେ କୌଣସି କାର୍ଯ୍ୟ କରିପାରନ୍ତି ।

ଘ) ମୁଖ୍ୟମନ୍ତ୍ରୀ ନିମନ୍ତ୍ରେ କୌଣସି ଦଳ ସଂଖ୍ୟାଗରିଷ୍ଠ ସ୍ଥାନ ପାଇନଥିଲେ ତାଙ୍କର ବିଚାର ବୁଦ୍ଧି ଖଟାଇ କାର୍ଯ୍ୟ କରିଥାଆନ୍ତି ଓ ନିଜର ପସନ୍ଦ ଅନୁଯାୟୀ ମୁଖ୍ୟମନ୍ତ୍ରୀ ବାଛନ୍ତି ।

ଙ) ରାଜ୍ୟ ଶାସନ ସମ୍ବନ୍ଧୀୟ ଯେ କୌଣସି ବିଷୟ ସରକାରଙ୍କଠାରୁ ଜାଣିବାପାଇଁ ସେ ହକଦାର । ଦରକାର ପଡ଼ିଲେ ସେ କେତେକ ବିଷୟରେ ସରକାରଙ୍କୁ ତାଗିଦ୍ କରିଥାନ୍ତି ।

ଚ) ସଂବିଧାନରେ ୧୬୩ ଧାରାନୁସାରେ ଯଦି ପ୍ରଶ୍ନ ଉଠେ ଯେ କୌଣସି ବିଷୟ ରାଜ୍ୟପାଳଙ୍କ ଇଚ୍ଛାଧୀନ କ୍ଷମତାଭୁକ୍ତ କି ନୁହେଁ ତେବେ ସେ ବିଷୟରେ ରାଜ୍ୟପାଳଙ୍କ ନିଷ୍ପତ୍ତିହିଁ ଚୂଡ଼ାନ୍ତ । ଏହି ବିଷୟରେ ବାଦାନୁବାଦ ଦେଖାଦେଲେ କୌଣସି ନ୍ୟାୟାଳୟର ଆଶ୍ରୟ ନିଆଯାଇପାରିବ, ନାହିଁ ।

## ରାଜ୍ୟପାଳଙ୍କ ଭୂମିକା

**( Position )**

ରାଜ୍ୟପାଳଙ୍କ ଭୂମିକା ବିଷୟରେ ଏତିକି କୁହାଯାଇପାରେ ଯେ ସେ ସାମ୍ବିଧାନିକ ମୁଖ୍ୟ । ରାଜ୍ୟର ମୁଖ୍ୟ; କିନ୍ତୁ ସରକାରଙ୍କ ନୁହେଁ । ସରକାରଙ୍କ ମୁଖ୍ୟ ହେଉଛନ୍ତି ମୁଖ୍ୟମନ୍ତ୍ରୀ । ସେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଯୋଗସୂତ୍ରକାରୀ । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉତ୍ତମ ସମ୍ପର୍କ ଓ ବୁଝାମଣାପାଇଁ ସେ ଦାୟୀ । ରାଜ୍ୟରେ ଦୃଢ଼ ମନ୍ତ୍ରିମଣ୍ଡଳ ଥିଲେ ରାଜ୍ୟପାଳଙ୍କ ଭୂମିକା ଏକ 'ରବର ଷ୍ଟାମ୍ପ' ଭଳି । ଯେହେତୁ ମନ୍ତ୍ରିମଣ୍ଡଳ ବିଧାନସଭା ନିକଟରେ ଦାୟୀ ସୁତରାଂ ମନ୍ତ୍ରିମଣ୍ଡଳଠାରେ ହିଁ ପ୍ରକୃତ କ୍ଷମତା ରହିଥାଏ; କିନ୍ତୁ ଅନୁଭୂତିରୁ ଦେଖାଯାଉଛି ଯେ ରାଜ୍ୟରେ ରାଜନୈତିକ ଅସ୍ଥିରତା ହେତୁ ରାଜ୍ୟପାଳ ଏହାର ସୁଯୋଗ ନେଇଥାନ୍ତି ରାଜ୍ୟର ସମ୍ବିଧାନର ରକ୍ଷକ ଆଳରେ । ସେ ରାଷ୍ଟ୍ରପତିଙ୍କ ଭଳି ନାମକୁ ମାତ୍ର ମୁଖ୍ୟ ହୋଇଥିଲେହେଁ 'ଏକ ସ୍ୱର୍ଣ୍ଣ ପିଞ୍ଜରାରେ ଆବଦ୍ଧ ସ୍ୱର୍ଣ୍ଣପକ୍ଷୀ ବୋଲି ସମାଲୋଚକମାନେ ମନ୍ତବ୍ୟକୁ କରିଥିଲେ ହେଁ' ପ୍ରକୃତ କ୍ଷେତ୍ରରେ ଗୋଳିଆ ପାଣିର ସୁଯୋଗ ନେଇ ନିଜର ଅଫିସର ଯଥାର୍ଥତା ପ୍ରତିପାଦନ କରିଥାନ୍ତି । ରାଜ୍ୟପାଳ ଧର୍ମବୀର ଅଜୟ ମୁଖାର୍ଜୀ ସରକାରଙ୍କୁ ଅସତ୍ ଉପାୟରେ ବରଖାସ୍ତ କରି ନିଜର ଯଥାର୍ଥତା ପ୍ରମାଣ କରିଥିଲେ । ତାଙ୍କୁ ସୁହାଇଲା ଭଳି କେନ୍ଦ୍ର ସରକାରଙ୍କ ଆଇନ ବିଭାଗଙ୍କ ମନ୍ତବ୍ୟ ମଧ୍ୟ ଆଶ୍ଚର୍ଯ୍ୟଜନକ । ରାଜ୍ୟପାଳଙ୍କ ମନ୍ତ୍ରିମଣ୍ଡଳ ଭାଙ୍ଗିବା ଅଧିକାର ରହିଛି କିନ୍ତୁ ରାଷ୍ଟ୍ରପତିଙ୍କ ନୁହେଁ । ଏଥିରୁ ପ୍ରମାଣିତ ହେଉଛି ଯେ କେନ୍ଦ୍ରକୁ ରାଜ୍ୟପାଳ କେବେ ଅସନ୍ତୁଷ୍ଟ କରିଖି ପାରନ୍ତି ।

ସମ୍ବିଧାନ ପ୍ରଣେତା ଡକ୍ଟର ଆମ୍ବେଦକରଙ୍କ ମତରେ ରାଜ୍ୟସରକାର କେନ୍ଦ୍ର ସରକାରଙ୍କ ସହଯୋଗୀ ହିସାବରେ କାମ କରିବା ଦରକାର; କିନ୍ତୁ କେତେକ ରାଜ୍ୟ ସରକାର ଆଞ୍ଚଳିକ ଭାବର ବଶବର୍ତ୍ତୀ ହୋଇ ସ୍ୱାତନ୍ତ୍ର୍ୟ ଦାବୀ କରୁଛନ୍ତି । ଆସାମ ଏହାର ଏକ ଉଜ୍ଜ୍ୱଳ ନିଦର୍ଶନ । ଏଠାରେ ରାଜ୍ୟପାଳଙ୍କ ଭୂମିକା ଅତି କଷ୍ଟକର । କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ମିଳାମିଶା ରାଜ୍ୟପାଳଙ୍କ ହସ୍ତରେ ନ୍ୟସ୍ତ । ରାଜ୍ୟପାଳ ଭାବେ ସୁଖ୍ୟାତି ଅର୍ଜନ କରିଥିବା ଶ୍ରୀ ପ୍ରକାଶଙ୍କ ମତ ହେଉଛି ଯେ "ରାଜ୍ୟପାଳଙ୍କ ମନେ ରଖିବା ଉଚିତ ଯେ ସେ କେନ୍ଦ୍ର ସରକାରଙ୍କ ପ୍ରତିନିଧି । ଯେତେବେଳେ ସେ ଭାବନ୍ତି ଯେ ରାଜ୍ୟର କାର୍ଯ୍ୟଦ୍ୱାରା ଦେଶର ସଂହତି ଓ ଐକ୍ୟ ବିପନ୍ନ ହେଉଛି ବା ହେବ, ସେତେବେଳେ ସେ କେନ୍ଦ୍ର ସରକାରଙ୍କୁ ଜଣାଇଦେବା ଉଚିତ । ଅନ୍ୟପକ୍ଷରେ ରାଜ୍ୟର ଦାବୀକୁ କେନ୍ଦ୍ର ନିକଟରେ ଉପସ୍ଥାପିତ କରାଇ ବା କରି ରାଜ୍ୟ ଓ କେନ୍ଦ୍ରମଧ୍ୟରେ ସମନ୍ୱୟ ସ୍ଥାପନ କରିବାପାଇଁ ତାଙ୍କର ଗୁରୁଦାୟିତ୍ୱ ରହିଛି ।" ଏହାହିଁ ବୋଧହୁଏ ଉଚିତ ପଥ ପ୍ରଦର୍ଶନ ।

ଅତିମାତ୍ରାରେ କେନ୍ଦ୍ରର ଗୋଡ଼ାଣିଆ ରାଜ୍ୟପାଳଙ୍କୁ ମଧ୍ୟ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ମିଳିତ ସାମୁଖ୍ୟ ସରକାରଙ୍କ ପଶ୍ଚିମବଙ୍ଗ ରାଜନୀତିରେ ପୁନଃପ୍ରବେଶ ପରେ ଧର୍ମବୀରଙ୍କୁ ଯେଉଁ ହଟହଟା ହେବାକୁ ପଡ଼ିଲା ଓ ଯେପରି ଭାବେ ତାଙ୍କୁ ପଶ୍ଚିମବଙ୍ଗ ଛାଡ଼ିବାକୁ ପଡ଼ିଲା ରାଜନୀତି ବିଜ୍ଞାନର ଛାତ୍ର କେବେ ଭୁଲିପାରିବ ନାହିଁ । ଅପର ପକ୍ଷରେ କେନ୍ଦ୍ରକୁ ଅସନ୍ତୁଷ୍ଟ କରିଥିବା ତାମିଲନାଡ଼ୁ ରାଜ୍ୟପାଳ ଶ୍ରୀ ପ୍ରଭୁଦାସ ପଟ୍ଟୱାରୀଙ୍କ ଦୟନୀୟ ଅବସ୍ଥା ପ୍ରତ୍ୟେକ ରାଜ୍ୟପାଳଙ୍କୁ ଏକ ତାଗିଦ୍ । ଏ ପରିପ୍ରେକ୍ଷୀରେ ରାଜ୍ୟପାଳ ଦାୟିତ୍ୱ ଯେ କଠିନ ବ୍ୟାପାର ଏହା ହୃଦୟଙ୍ଗମ କରାଯାଇପାରେ । ଡକ୍ଟର କୈଳାସ ନାଥ କାଟଜୁଙ୍କ ମତରେ କ୍ଷମତାସୀନ ଦଳ ଭିତରେ ଆପୋଷ ମିଳାମିଶା ଆଣିବାରେ ରାଜ୍ୟପାଳଙ୍କ ଭୂମିକା ବିଶିଷ୍ଟ ସ୍ଥାନ ଗ୍ରହଣ କରିପାରେ । ସେ ମନ୍ତ୍ରୀମାନଙ୍କ ବନ୍ଧୁ, ପଥପ୍ରଦର୍ଶକ ଓ ଦାର୍ଶନିକର ଭୂମିକା ଗ୍ରହଣ କରିବା ପ୍ରୟୋଜନ ।

ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ଦୃଷ୍ଟିରୁ ରାଜ୍ୟପାଳଙ୍କ ଅବଦାନ ରହିଛି । ଜଣେ ଖଳ ପ୍ରକୃତିର ରାଜ୍ୟପାଳ ବହୁ ଜଟିଳତା ସୃଷ୍ଟି କରିପାରେ । ଡକ୍ଟର ଅଯୋଧ୍ୟା ନାଥ ଖୋସଲାଙ୍କ ପରି ଜଣେ ନମ୍ର ରାଜ୍ୟପାଳ ରାଜ୍ୟର ଓ କେନ୍ଦ୍ରର ପ୍ରିୟଭାଜନ ହୋଇପାରନ୍ତି ଓ ସେ ଓଡ଼ିଶାରୁ ବିଦାୟ ନେଇଥିଲେ ମଧ୍ୟ ଓଡ଼ିଶାବାସୀ ତାଙ୍କୁ କେବେହେଲେ ଭୁଲି ପାରିବେ ନାହିଁ । ଏକ ପକ୍ଷେ କେନ୍ଦ୍ର ସ୍ୱାର୍ଥର ପ୍ରହରୀ ଓ ଅନ୍ୟପକ୍ଷେ କେନ୍ଦ୍ର ନେତାଙ୍କ ନିକଟରେ ରାଜ୍ୟର ଦାବୀ ଉପସ୍ଥାପନ କରିବାରେ ରାଜ୍ୟପାଳ ବିଶେଷ ସହାୟକ ହୋଇଥାନ୍ତି । ସେଥିପାଇଁ ନିଜର ବ୍ୟକ୍ତିତ୍ୱ ଉପରେ ରାଜ୍ୟପାଳ ପଦ ନିର୍ଭର କରେ । ଜଣେ ଯଦି ଦୁର୍ବଳ ବ୍ୟକ୍ତି ତେବେ ସେ ସମ୍ମାନାସ୍ପଦ ସ୍ଥାନକୁ ଠିକ୍ ପୂରଣ ନ କରିପାରେ, ଜଣେ ବ୍ୟକ୍ତିତ୍ୱସମ୍ପନ୍ନ ବ୍ୟକ୍ତି ଏ ପଦର ଠିକ୍ ବିନିଯୋଗ କରିପାରେ ।

# ତ୍ରୟୋଦଶ ପରିଚ୍ଛେଦ

## ରାଜ୍ୟ ମନ୍ତ୍ରିପରିଷଦ

**( Council of Ministers )**

ସମ୍ବିଧାନର ୧୬୩ ଧାରା ଅନୁଯାୟୀ ପ୍ରତି ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଗୋଟିଏ ଲେଖାଏଁ ମନ୍ତ୍ରିପରିଷଦ ରାଜ୍ୟପାଳଙ୍କୁ ଶାସନରେ ସାହାଯ୍ୟ ଓ ପରାମର୍ଶ ଦେବା-ପାଇଁ ରହିବା ବ୍ୟବସ୍ଥା ଅଛି । କେନ୍ଦ୍ରରେ ଯେପରି ରାଷ୍ଟ୍ରପତିଙ୍କୁ ପରାମର୍ଶ ଦେବାପାଇଁ ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିପରିଷଦ ରହିଛି, ରାଜ୍ୟରେ ମଧ୍ୟ ଅନୁରୂପ ବ୍ୟବସ୍ଥା ଅଛି । ଏଥିରୁ ସ୍ପଷ୍ଟ ପ୍ରମାଣିତ ଯେ ସଂସଦୀୟ ବ୍ୟବସ୍ଥା ଉଭୟ ରାଜ୍ୟ ଓ କେନ୍ଦ୍ରରେ ଅବସ୍ଥିତ । ସାଧାରଣତଃ ରାଜ୍ୟପାଳ ମନ୍ତ୍ରିପରିଷଦର ପରାମର୍ଶ ନେଇ ଚଳନ୍ତି ଓ ମନ୍ତ୍ରିପରିଷଦକୁ ସାଙ୍ଗରେ ନେଇ ଶାସନ ଚଳାନ୍ତି ।

### ମନ୍ତ୍ରିପରିଷଦର ନିଯୁକ୍ତି

ନିର୍ବାଚନ ପରେ ପରେ ରାଜ୍ୟରେ ଏକ ସୁଦୃଢ଼ ସରକାର ନିତାନ୍ତ ଜରୁରୀ । ପ୍ରଥମେ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟପାଳ ନିଯୁକ୍ତ କରନ୍ତି ଓ ତାଙ୍କ ସୁପାରିଶ କ୍ରମେ ଅନ୍ୟ ମନ୍ତ୍ରୀମାନଙ୍କୁ ନିଯୁକ୍ତି ଦେଇଥାନ୍ତି । ଏଥିରେ ରାଜ୍ୟପାଳଙ୍କ କ୍ଷମତା ସୀମିତ । ବିଭାଗ ବଣ୍ଟନ ମଧ୍ୟ ମୁଖ୍ୟ-ମନ୍ତ୍ରୀଙ୍କ ସୁପାରିଶ କ୍ରମେ ସଂପାଦିତ ହୋଇଥାଏ । ଯଦି କୌଣସି ଦଳ ନିଆ ବିଧାନସଭାରେ ସଂଖ୍ୟାଗରିଷ୍ଠ ସ୍ଥାନ ଅଧିକାର କରିନଥାଏ ତେବେ ଏକାଧିକ ଦଳ ମିଶି ମିଳିତ ମନ୍ତ୍ରି-ମଣ୍ଡଳ ( Co-alition Ministry ) ଗଠନ କରନ୍ତି । ଶାସନ ସଂସ୍କାର କମିଟି ( A. R. C. ) ବିଧାନ ସଭାର ଏକ-ଦଶମାଂଶ ସଭ୍ୟ ମନ୍ତ୍ରିମଣ୍ଡଳରେ ରହିବା ଉଚିତ ବୋଲି ସୁପାରିଶ କରିଛନ୍ତି, କିନ୍ତୁ ସ୍ଥଳ ବିଶେଷରେ ମନ୍ତ୍ରୀ ସଂଖ୍ୟା ଏହାଠାରୁ ଯଥେଷ୍ଟ-ବେଶୀ । ବିଭାଗ ବଣ୍ଟନ ପରେ ରାଜ୍ୟପାଳ ଏକ ଗାମ୍ଭୀର୍ଯ୍ୟପୂର୍ଣ୍ଣ ବାତାବରଣ ମଧ୍ୟରେ ଶପଥ ପାଠ କରାଇଥାନ୍ତି । କୌଣସି ମନ୍ତ୍ରୀ ବିଧାନ ସଭାର ସଭ୍ୟ ନ ଥାଇ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ କ୍ରମେ ମନ୍ତ୍ରୀ ନିଯୁକ୍ତି ପାଇଥାନ୍ତି, କିନ୍ତୁ ୬ ମାସ ମଧ୍ୟରେ ସେ ବିଧାନସଭାକୁ ନିର୍ବାଚିତ ହେବା ଦରକାର । ତା ନହେଲେ ସେ ମନ୍ତ୍ରୀ ହୋଇ ରହି ନ ପାରନ୍ତି । ଓଡ଼ିଶାରେ ଏକ

ସଭ୍ୟ ଥିବାରୁ ସେ ଏହି ଗୃହର ସଭ୍ୟ ହେବା ଦରକାର । ସାଧାରଣତଃ ତିନି ସ୍ତରର ମନ୍ତ୍ରୀ ମନ୍ତ୍ରିମଣ୍ଡଳରେ ରହିଥାନ୍ତି । (କ) କ୍ୟାବିନେଟ ମନ୍ତ୍ରୀ (ଖ) ରାଜ୍ୟ ମନ୍ତ୍ରୀ (ଗ) ଉପମନ୍ତ୍ରୀ । ମନ୍ତ୍ରୀମାନଙ୍କ ଦରମା ଓ ଭତ୍ତା ବିଧାନସଭା ସ୍ଥିର କରିଥାଏ । ଓଡ଼ିଶାରେ ମୁଖ୍ୟମନ୍ତ୍ରୀଙ୍କ ସହିତ ପ୍ରଥମ ଦୁଇ ପାହ୍ୟାର ମନ୍ତ୍ରୀ ୧୫୦୦ ଟଙ୍କା ଏବଂ ଉପମନ୍ତ୍ରୀ ୧୦୦୦ ଟଙ୍କା ଦରମା ପାଆନ୍ତି ।

ସମ୍ବିଧାନରେ ୧୬୪ ଧାରା ଅନୁଯାୟୀ ମନ୍ତ୍ରିପରିଷଦ ସାମୂହିକ ଭାବେ ବିଧାନସଭା ନିକଟରେ ଦାୟୀ । ଏମାନଙ୍କୁ କାର୍ଯ୍ୟରେ ସାହାଯ୍ୟ କରିବାପାଇଁ ଏକ ବା ଏକାଧିକ ସଚିବ (ଆଇ. ଏ. ଏସ. ରେଙ୍କ୍‌ର) ନିଯୁକ୍ତ ହୋଇଥାନ୍ତି । ବିଧାନ ସଭାରେ ମନ୍ତ୍ରୀମାନେ ସରକାରଙ୍କ ଆଭିମୁଖ୍ୟ ଓ ସଦସ୍ୟମାନଙ୍କ ବିଭିନ୍ନ ପ୍ରକାର ପ୍ରଶ୍ନାବଳୀର ଉଚିତ ଉତ୍ତର ଦେଇଥାନ୍ତି । ମନ୍ତ୍ରିମଣ୍ଡଳର ପରମାୟୁ ମୁଖ୍ୟମନ୍ତ୍ରୀଙ୍କ ଉପରେ ନିର୍ଭର କରେ । ମୁଖ୍ୟମନ୍ତ୍ରୀ ଏହାର ପ୍ରାଣବିନ୍ଦୁ । ମୁଖ୍ୟମନ୍ତ୍ରୀଙ୍କ ସୁପାରିଶ କ୍ରମେ ରାଜ୍ୟପାଳ ମନ୍ତ୍ରିମଣ୍ଡଳରୁ ବାଦ ଦେଇ-ଥାନ୍ତି ବା ବିଭାଗ ଅଦଳ ବଦଳ କରିଥାନ୍ତି । ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ପ୍ରଦାନରେ ମନ୍ତ୍ରି-ମଣ୍ଡଳର ଅବସାନ ଘଟିଥାଏ । କିମ୍ବା ରାଷ୍ଟ୍ରପତି ଶାସନରେ ମନ୍ତ୍ରିମଣ୍ଡଳର ପରମାୟୁ ଶେଷ ହୋଇଥାଏ ।

## ମନ୍ତ୍ରିପରିଷଦର କାର୍ଯ୍ୟାବଳୀ

ରାଜ୍ୟର ଶାସନ ପରିଚାଳନା ମନ୍ତ୍ରିପରିଷଦର ମୁଖ୍ୟ କାର୍ଯ୍ୟ ଅଟେ । ମନ୍ତ୍ରିପରିଷଦର ଏକ କ୍ଷୁଦ୍ର ପରିଷଦ (କ୍ୟାବିନେଟ ମନ୍ତ୍ରୀଙ୍କୁ ନେଇ) କ୍ୟାବିନେଟ ଗଠିତ ହୋଇଥାଏ ଓ କ୍ୟାବିନେଟ ଉଚିତ ସମସ୍ତରେ ମିଳିତ ହୋଇ ରାଜ୍ୟର ଶାସନ ଖସଡ଼ା ପ୍ରସ୍ତୁତ କରିଥାଏ । ଅନ୍ୟାନ୍ୟ ସ୍ତରର ମନ୍ତ୍ରୀମାନେ ଦରକାର ପଡ଼ିଲେ କ୍ୟାବିନେଟ ସଭାକୁ ନିମନ୍ତ୍ରିତ ହୋଇ-ଥାନ୍ତି । ରାଜ୍ୟର ନିମ୍ନଲିଖିତ କାର୍ଯ୍ୟ ମନ୍ତ୍ରିପରିଷଦଦ୍ୱାରା ସଂପାଦିତ ହୋଇଥାଏ ।

୧) ରାଜ୍ୟର ଆଇନ ଶୃଙ୍ଖଳା ରକ୍ଷା ମନ୍ତ୍ରିପରିଷଦର ମୁଖ୍ୟ କାର୍ଯ୍ୟ । ଯଦିଓ ଏ କାର୍ଯ୍ୟ ଜିଲ୍ଲାର ଜିଲ୍ଲାପାଳଙ୍କ ଦ୍ୱାରା ସଂପାଦନ ହୋଇଥାଏ ବିଧାନସଭାରେ ସଦସ୍ୟମାନେ ମୁଖ୍ୟମନ୍ତ୍ରୀ ଓ ଅନ୍ୟାନ୍ୟ ମନ୍ତ୍ରୀଙ୍କୁ ପ୍ରଶ୍ନ ବାଣରେ ଅସ୍ତବ୍ୟସ୍ତ କରିପକାନ୍ତି । ରାଜ୍ୟରେ ଶାନ୍ତିଶୃଙ୍ଖଳା ରକ୍ଷା ନ କରି ପାରିଲେ ରାଜ୍ୟପାଳ ଏହି ଆଳରେ ରାଷ୍ଟ୍ରପତି ଶାସନର ପ୍ରବର୍ତ୍ତନପାଇଁ ସୁପାରିଶ କରିଥାନ୍ତି ।

୨) ମନ୍ତ୍ରିମଣ୍ଡଳ ବୈଠକରେ ରାଜ୍ୟର ଆୟ, ବ୍ୟୟ ହିସାବ ବା ବଜେଟ ଆଲୋ-ଚିତ ହୋଇ ଅର୍ଥମନ୍ତ୍ରୀ ବିଧାନ ସଭାରେ ଆଗତ କରିଥାନ୍ତି । ଏହା ସରକାରଙ୍କ ବୁଦ୍ଧିମତାର ପରିଚୟ ଦେଇଥାଏ ।

୩) ବିଧାନସଭାରେ ସାଧାରଣତଃ ଯେ କୌଣସି ବିଷୟରେ ଆଇନ ପ୍ରଣୟନ ମନ୍ତ୍ରିପରିଷଦର ସମ୍ମତି ଲାଭ କରିଥାଏ । ଏମାନେ ଆଇନର ପୁଙ୍ଖାନୁପୁଙ୍ଖ ଆଲୋଚନା

କରି ବିଧାନସଭାରେ ସରକାରୀ ଦଳ ଦ୍ଵାରା ପେଶ କରିଥାନ୍ତି ।

(୪) ବିଧାନସଭା ଆହ୍ଵାନ କରିବା, ସ୍ଥଗିତ ରଖିବା ଓ ଭଙ୍ଗ କରିବା ମନ୍ତ୍ରିମଣ୍ଡଳର ନିଷ୍ପତ୍ତି ଉପରେ ନିର୍ଭର କରେ । ସାଧାରଣତଃ ଏହି ସୁପାରିଶକୁ ରାଜ୍ୟପାଳ ଗ୍ରହଣ କରିଥାନ୍ତି ।

(୫) ବିଭିନ୍ନ ବିଭାଗ ମଧ୍ୟରେ ସମନ୍ଵୟ ସ୍ଥାପନ ଓ କଳହ ଦୂରୀକରଣ ମନ୍ତ୍ରି-ପରିଷଦର କାର୍ଯ୍ୟ । ମୁଖ୍ୟମନ୍ତ୍ରୀ ଏଥିରେ ମଧ୍ୟସ୍ଥତା କରିଥାଆନ୍ତି ।

(୬) ଅଧ୍ୟାଦେଶଗୁଡ଼ିକ ମନ୍ତ୍ରିପରିଷଦର ଅନୁମୋଦନ ପରେ ରାଜ୍ୟପାଳ ଜାରି କରନ୍ତି ।

(୭) ରାଜ୍ୟର ଉଚ୍ଚ ପଦସ୍ଥ ବ୍ୟକ୍ତିଙ୍କ ନିଯୁକ୍ତି, ଆଚରଣ ସମ୍ବନ୍ଧରେ ମନ୍ତ୍ରିମଣ୍ଡଳରେ ବିଶଦ ଆଲୋଚନା ହୋଇଥାଏ ।

ମୋଟ ଉପରେ ମନ୍ତ୍ରିପରିଷଦ ଉପରେ ରାଜ୍ୟର ଶାସନଭାର ନ୍ୟସ୍ତ ଥାଏ ।

## ମୁଖ୍ୟମନ୍ତ୍ରୀ

**(Chief Minister)**

ଭାରତର ପ୍ରଧାନମନ୍ତ୍ରୀଙ୍କଭଳି ମୁଖ୍ୟମନ୍ତ୍ରୀ ରାଜ୍ୟର ମନ୍ତ୍ରିପରିଷଦର ପ୍ରାଣବିନ୍ଦୁ । ମନ୍ତ୍ରିମଣ୍ଡଳର ଗଠନ, ବିଭାଗ ବଣ୍ଟନ, ସମନ୍ଵୟ ସ୍ଥାପନ ଇତ୍ୟାଦି ତାଙ୍କ ଦ୍ଵାରା ହିଁ ସମ୍ପାଦିତ ହୋଇଥାଏ । ସେ ମନ୍ତ୍ରିମଣ୍ଡଳର ସମନ୍ଵୟ ରକ୍ଷାକାରୀଭାବେ ପରିଚିତ । କୌଣସି ଗୁରୁତ୍ଵପୂର୍ଣ୍ଣ ଦାୟିତ୍ଵ ସେ ନ ନେଇ ସବୁ ବିଭାଗ ଉପରେ ତଦାରଖ କରିଥାନ୍ତି । ସେ ରାଜ୍ୟପାଳଙ୍କ ମୁଖ୍ୟ ପରାମର୍ଶଦାତା । ସେ ମନ୍ତ୍ରିମଣ୍ଡଳର କେନ୍ଦ୍ରବିନ୍ଦୁ । ତାଙ୍କୁ ମନ୍ତ୍ରିମଣ୍ଡଳର ଜୀବନ ଓ ମୃତ୍ୟୁ ବୋଲି କୁହାଯାଇଥାଏ । ରାଜ୍ୟପାଳ ମୁଖ୍ୟମନ୍ତ୍ରୀଙ୍କୁ ନିଯୁକ୍ତ କରିସାରିଲା ପରେ ତାଙ୍କର ଗୁରୁଦାୟିତ୍ଵର ଅବସାନ ଘଟିଥାଏ । ଅନ୍ୟ ମନ୍ତ୍ରୀଙ୍କୁ ବାଛିବା ବେଳେ ତାଙ୍କୁ ବିଭିନ୍ନ ଦିଗରୁ ବିଚାର କରିବାକୁ ପଡ଼ିଥାଏ । ଯଥା ମୁଖ୍ୟ ସମ୍ପ୍ରଦାୟର ପ୍ରତିନିଧିତ୍ଵ, ପୂର୍ବତନ ରାଜନୀତିଜ୍ଞଙ୍କ ମନ୍ତ୍ରିମଣ୍ଡଳରେ ଯୋଗଦାନ, ହରିଜନ ଆଦିବାସୀଙ୍କ ପ୍ରତିନିଧିତ୍ଵ, ବିଭିନ୍ନ ଅଞ୍ଚଳର ପ୍ରତିନିଧିତ୍ଵ ଇତ୍ୟାଦି ଅନ୍ତର୍ଭୁକ୍ତ । ନିମ୍ନରେ ମୁଖ୍ୟମନ୍ତ୍ରୀଙ୍କ କେତେକ କାର୍ଯ୍ୟ ପ୍ରଦତ୍ତ ହେଲା—

(୧) ସେ ରାଜ୍ୟ ମନ୍ତ୍ରିପରିଷଦ ବୈଠକରେ ସଭାପତିତ୍ଵ କରନ୍ତି । ଏବଂ ତାଙ୍କର ନିର୍ଦ୍ଦେଶରେ ସଭା ବସେ । କେଉଁ ବିଷୟ ଆଲୋଚିତ ହେବ ବା ନାହିଁ ସେ ଠିକ୍ କରିଥାନ୍ତି (Preparation of Agenda) ।

(୨) ମୁଖ୍ୟମନ୍ତ୍ରୀ ରାଜ୍ୟପାଳ ଓ ମନ୍ତ୍ରିମଣ୍ଡଳ ମଧ୍ୟରେ ଯୋଗ ସୂତ୍ର ରକ୍ଷାକାରୀ । ମନ୍ତ୍ରିମଣ୍ଡଳର ନିଷ୍ପତ୍ତି, ସେ ରାଜ୍ୟପାଳଙ୍କୁ ଜଣାଇ ଥାଆନ୍ତି ଓ ରାଜ୍ୟପାଳଙ୍କ ବାର୍ତ୍ତା ମନ୍ତ୍ରିମଣ୍ଡଳକୁ ଦେଇଥାନ୍ତି ।

(୩) ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ବିଭାଗର କାର୍ଯ୍ୟ ତଦାରଖ କରିଥାନ୍ତି ଓ କୌଣସି ବେନିୟମ ଦେଖିଲେ ସଂପୃକ୍ତ ମନ୍ତ୍ରୀଙ୍କୁ ଉପଦେଶ ଦେଇଥାନ୍ତି । ବିଭିନ୍ନ ବିଭାଗ ମଧ୍ୟରେ ସେ ସମନ୍ୱୟ ରକ୍ଷା କରିଥାଆନ୍ତି ।

(୪) ସେ ରାଜ୍ୟସରକାରଙ୍କ ମୁଖପାତ୍ର । ବିଧାନସଭାରେ କୌଣସି ମନ୍ତ୍ରୀ ସନ୍ତୋଷଜନକ ଉତ୍ତର ଦେଇ ନପାରିଲେ ସେ ତାହାର ଉତ୍ତର ଦେଇଥାଆନ୍ତି ଓ ଗୁରୁତ୍ୱପୂର୍ଣ୍ଣ ବିଧେୟକ ଗୁଡ଼ିକ ସଭାଗୃହରେ ଉପସ୍ଥାପନ କରିଥାନ୍ତି ।

(୫) ସଂକଟ ସମୟରେ ବିରୋଧୀଦଳ ସହ ପରାମର୍ଶ କରି ନୀତି ନିର୍ଦ୍ଧାରଣ କରନ୍ତି ଓ ସେମାନଙ୍କ ସହଯୋଗ ନେଉଛନ୍ତି ।

(୬) ବିଭିନ୍ନ ଅଞ୍ଚଳ ଗସ୍ତକରି ଜନସାଧାରଣଙ୍କୁ ସରକାରଙ୍କ ଅଭିମୁଖ୍ୟ ସମ୍ପର୍କରେ ଅବହିତ କରାନ୍ତି ଓ ଲୋକଙ୍କ ପ୍ରତିକ୍ରିୟା ଅନୁଧ୍ୟାନ କରି ମନ୍ତ୍ରିପରିଷଦରେ ଆଲୋଚନା କରିଥାନ୍ତି ।

(୭) ସରକାରଙ୍କ କୌଣସି ତ୍ରୁଟିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଦାୟୀ କରାଯାଇଥାଏ । ଅତଏବ ସରକାରକୁ ଉଚିତ୍ ଦିଗ୍‌ଦର୍ଶନ ଦେବା ତାଙ୍କର ପ୍ରଧାନ କାର୍ଯ୍ୟ ।

ପ୍ରଧାନମନ୍ତ୍ରୀଙ୍କ ବିଷୟରେ ବିଶଦ୍ ଆଲୋଚନା ପରେ ମୁଖ୍ୟମନ୍ତ୍ରୀଙ୍କ ବିଷୟରେ ଆଲୋଚନାର ଆବଶ୍ୟକତା ନାହିଁ । ଦୁହିଁଙ୍କ କାମ ପ୍ରାୟ ଏକ ରକମର । ମୁଖ୍ୟମନ୍ତ୍ରୀଙ୍କୁ ମନ୍ତ୍ରିମଣ୍ଡଳର ଜନ୍ମକର୍ତ୍ତା, ଜୀବନଦାତା ଓ ସଂହାରକର୍ତ୍ତାରୂପେ ଅଭିହିତ କରାଯାଇଛି । ରାଜ୍ୟର ରାଜନୀତି ତାଙ୍କୁ କେନ୍ଦ୍ର କରି ଘୂରିଥାଏ । ସେ କେବଳ ମନ୍ତ୍ରିମଣ୍ଡଳର, ଦଳର, ବିଧାନମଣ୍ଡଳର ମୁଖ୍ୟ ନୁହଁନ୍ତି, ରାଜ୍ୟର ଜନସାଧାରଣଙ୍କ ଆଶା ଓ ଆକାଙ୍କ୍ଷାର ଉତ୍ସ ।

## ମନ୍ତ୍ରିମଣ୍ଡଳ ଓ ରାଜ୍ୟପାଳଙ୍କ ମଧ୍ୟରେ ସମ୍ପର୍କ

ରାଜ୍ୟପାଳ ଶାସନମୁଖ୍ୟ ଓ ସରକାର କହିଲେ ଆମେ ମନ୍ତ୍ରିମଣ୍ଡଳକୁ ବୁଝୁ । ଏ ଦୁହିଁଙ୍କ ମଧ୍ୟରେ ଭାରସାମ୍ୟ ରକ୍ଷା ନହୋଇ ପାରିଲେ ଗୁରୁତର ପରିସ୍ଥିତି ଉପୁଜେ । ମନ୍ତ୍ରିମଣ୍ଡଳ ରାଜ୍ୟପାଳଙ୍କ ଦ୍ୱାରା ନିଯୁକ୍ତ ହୋଇଥିଲେ ହେଁ ପ୍ରକୃତ ପକ୍ଷରେ ଏମାନେ ହିଁ ରାଜ୍ୟର ଶାସନଭାର ଗ୍ରହଣ କରିଥାନ୍ତି । ସେମାନେ ଲୋକଙ୍କ ପ୍ରତିନିଧି ଓ ବିଧାନସଭା

ହସ୍ତକ୍ଷେପରେ ଦାୟୀ । ଏମାନଙ୍କ ତ୍ରୁଟିପାଇଁ ସରକାରଙ୍କ ପତନ ଘଟିଥାଏ । ରାଜ୍ୟପାଳ କେବଳ ସାମ୍ବିଧାନିକ ମୁଖ୍ୟ ହିସାବରେ ପଥ ପ୍ରଦର୍ଶନ କରିଥାନ୍ତି । ମନ୍ତ୍ରିମଣ୍ଡଳର ଉପଦେଶ ରାଜ୍ୟପାଳ ସାଧାରଣତଃ ଗ୍ରହଣ କରିଥାନ୍ତି । କେତେକ କ୍ଷେତ୍ରରେ ସେ ଗ୍ରହଣ କରିବାକୁ ବାଧ୍ୟ ନୁହନ୍ତି ବୋଲି କେନ୍ଦ୍ର ସରକାରଙ୍କ ଆଇନ ବିଭାଗ ସ୍ପଷ୍ଟ ମତ ପୋଷଣ କରିଛନ୍ତି । ମନ୍ତ୍ରିମଣ୍ଡଳକୁ ଭାଙ୍ଗି ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରିପାଇଁ ରାଷ୍ଟ୍ରପତିଙ୍କୁ ସୁପାରିଶ ତାଙ୍କ ଇଚ୍ଛା ଉପରେ ନିର୍ଭର କରେ । ଏଥିରେ ସେ କାହାର ଉପଦେଶ ମାନିବାପାଇଁ ବାଧ୍ୟ ନୁହନ୍ତି । ସଂଖ୍ୟାନ୍ୟୂନ ମୁଖ୍ୟମନ୍ତ୍ରୀଙ୍କ ଉପଦେଶ ସେ ଗ୍ରହଣ ନ କରି ପାରନ୍ତି । ଏହା ବ୍ୟତୀତ ରାଜ୍ୟ ମନ୍ତ୍ରିମଣ୍ଡଳ କେନ୍ଦ୍ର ସରକାରଙ୍କ ସ୍ୱାର୍ଥ ବିରୁଦ୍ଧରେ କାର୍ଯ୍ୟ କଲେ ସେ ତାହାକୁ ମାନିବାକୁ ବାଧ୍ୟ ନୁହନ୍ତି । କେନ୍ଦ୍ର ସରକାରଙ୍କ ସମ୍ପତ୍ତି ରକ୍ଷା କରିବା ତାଙ୍କର ଏକ ଧର୍ମ । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିର ଅବସାନ ପରେ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଏ ବିଷୟରେ ତାଗିଦ୍ କରିସାରିଲା ପରେ ସେ ନୀରବ ଦ୍ରଷ୍ଟା ହୋଇ ରହି ନ ପାରନ୍ତି । ସମସ୍ତ ବିଧେୟକ ତାଙ୍କର ସ୍ୱୀକୃତି ନ ପାଇଲେ ଆଇନରେ ପରିଣତ ହୋଇପାରିବ ନାହିଁ । ଦୁହିଁଙ୍କ ସମ୍ପର୍କରେ ବ୍ୟାଘାତ ଘଟିଲେ ବିଧେୟକକୁ ଅଯଥା ବିଳମ୍ବ କରି ସରକାରଙ୍କୁ ଅସୁବିଧା ପରିସ୍ଥିତିରେ ପକାଇ ପାରନ୍ତି । ଅତଏବ ଏ ଦୁହିଁଙ୍କ ମଧ୍ୟରେ ମଧୁର ସମ୍ପର୍କ ସର୍ବଦା ବାଞ୍ଛନୀୟ ।

# ଚତୁର୍ଦ୍ଦଶ ପରିଚ୍ଛେଦ

## ରାଜ୍ୟ ବିଧାନମଣ୍ଡଳ

### ( State Legislature )

କେନ୍ଦ୍ରରେ ସଂସଦ ଭଳି ରାଜ୍ୟରେ ବିଧାନମଣ୍ଡଳ ବା ବ୍ୟବସ୍ଥାପକ ସଭା ରହିଥାଏ । କେତେକ ରାଜ୍ୟରେ ଦୁଇଟି ଗୃହ ଥିବା ସ୍ଥଳେ କେତେକ ରାଜ୍ୟରେ ଏକ ସଦନର ବ୍ୟବସ୍ଥା ରହିଛି । ଓଡ଼ିଶା ଭଳି ରାଜ୍ୟରେ ଗୋଟିଏ ସଦନ ରହିଛି । ଏହାକୁ ରାଜ୍ୟ ବିଧାନସଭା କୁହାଯାଏ । ଆଇନ ପ୍ରଣୟନ ଏହାର ମୁଖ୍ୟ କାର୍ଯ୍ୟ । ମହାରାଷ୍ଟ୍ର, ତାମିଲନାଡ଼ୁ, ଆନ୍ଧ୍ର-ପ୍ରଦେଶ, ବିହାର, କର୍ଣ୍ଣାଟକ, ଉତ୍ତର ପ୍ରଦେଶ, ଜାମ୍ମୁ ଏବଂ କାଶ୍ମୀର ଭଳି ରାଜ୍ୟରେ ବିଧାନ ପରିଷଦର ବ୍ୟବସ୍ଥା ରହିଛି । ଏହି ସଭ୍ୟମାନେ ପରୋକ୍ଷ ନିର୍ବାଚନରେ ନିର୍ବାଚିତ ହୋଇଥାଆନ୍ତି ଏବଂ ସେମାନଙ୍କ କାର୍ଯ୍ୟକାଳ ୬ ବର୍ଷ । ଦୁଇ ବର୍ଷରେ ଏକ-ତୃତୀୟାଂଶ ସଭ୍ୟ ଅବସର ନେଇଥାନ୍ତି । ଉକ୍ତ ପରିଷଦକୁ ରାଜ୍ୟପାଳ କେତେକ ସଭ୍ୟ ମନୋନୀତ କରିବା ବ୍ୟବସ୍ଥା ରହିଛି ଏବଂ ଏହା ବିଧାନମଣ୍ଡଳର ଉଚ୍ଚ ସଦନ ।

ବିଧାନସଭା ଯାହାକି ନିମ୍ନ ସଦନ ଏଥିର ସଭ୍ୟମାନେ ପ୍ରତ୍ୟକ୍ଷ ନିର୍ବାଚନରେ ଜନସାଧାରଣଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି । ବିଧାନସଭାର କାର୍ଯ୍ୟକାଳ ପାଞ୍ଚ ବର୍ଷ । ଆବଶ୍ୟକ ପଡ଼ିଲେ ରାଜ୍ୟପାଳ ପାଞ୍ଚବର୍ଷ ପୂର୍ବରୁ ରାଜ୍ୟ ବିଧାନସଭାକୁ ଭାଙ୍ଗି ଦେଇ ନୂଆ ନିର୍ବାଚନପାଇଁ ଆଦେଶ ଦେଇଥାନ୍ତି । ବିଧାନ ସଭାରେ ସମ୍ବିଧାନ ଅନୁଯାୟୀ କେତେକ ସ୍ଥାନ ଆଦିବାସୀ ଓ ହରିଜନପାଇଁ ସଂରକ୍ଷଣ ବ୍ୟବସ୍ଥା ରହିଛି । ଓଡ଼ିଶା ବିଧାନସଭାର ୧୪୭ଟି ଆସନ ମଧ୍ୟରୁ ୩୪ଟି ଆଦିବାସୀ ଓ ୨୨ଟି ହରିଜନ ସଂପ୍ରଦାୟପାଇଁ ସଂରକ୍ଷିତ । ବିଧାନସଭାକୁ ନିର୍ବାଚିତ ହେବାପାଇଁ କେତେଗୁଡ଼ିଏ ଯୋଗ୍ୟତା ପ୍ରାର୍ଥୀଙ୍କ ଆବଶ୍ୟକ ।

କ ) ସେ ଭାରତର ନାଗରିକ ହୋଇଥିବେ ।

ଖ ) ତାଙ୍କ ବୟସ ୨୫ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବ ।

ଗ ) ଲୋକ ପ୍ରତିନିଧି ଆଇନରେ ଲିପିବଦ୍ଧ ଥିବା ତାଙ୍କର ଅନ୍ୟାନ୍ୟ ଯୋଗ୍ୟତା ଥିବ ।

ଘ) ସେ ସରକାରୀ ଚୁକ୍ତି ବା ସରକାରଙ୍କ ସହ କୌଣସି ବ୍ୟବସାୟ ସୂତ୍ରରେ ଆବଦ୍ଧ ହୋଇନଥିବେ ।

ନିର୍ବାଚିତ ହେବାପରେ ବିଧାନସଭାରେ ଶପଥ ପାଠ କରିଥାନ୍ତି ଓ ବିଧାନସଭାର ନିୟମ ମାନି ଚଳିଥାନ୍ତି । ଅଧିବେଶନ ସମୟରେ ସାଧାରଣତଃ ସଦସ୍ୟମାନେ ବାଚସ୍ପତିଙ୍କ ସ୍ୱୀକୃତି ବିନା ଗିରଫ ହୋଇପାରିବେ ନାହିଁ ଏବଂ କେତେକ ସୁବିଧା ସୁଯୋଗ ଉପଭୋଗ କରିଥାନ୍ତି । ଲୋକସଭାରେ ଆଇନ ପ୍ରଣୟନପାଇଁ ଯେଉଁ ପଦ୍ଧତି ଅନୁସୃତ ହୋଇଥାଏ ବିଧାନସଭା ଏହାର ପଦାଙ୍କ ଅନୁସରଣ କରିଥାଏ । ବିଧାନସଭାରେ ଅଧ୍ୟକ୍ଷତା କରିଥାନ୍ତି ବାଚସ୍ପତି । ସେ ସଭ୍ୟମାନଙ୍କ ଦ୍ୱାରା ନିର୍ବାଚିତ ହୋଇଥାନ୍ତି ଓ ତାଙ୍କ ଅନୁପସ୍ଥିତିରେ ଉପ-ବାଚସ୍ପତି ଗୃହର ସଭାକାର୍ଯ୍ୟ ତୁଲାଇଥାନ୍ତି । ଗୃହର ମର୍ଯ୍ୟାଦା ରହିଛି ଓ କେହି ଭଙ୍ଗ କରିବାପାଇଁ ପ୍ରୟାସକଲେ ଗୃହଦ୍ୱାରା ଦଣ୍ଡିତ ହୋଇଥାନ୍ତି । ରାଜ୍ୟପାଳ ଗୃହରେ ପାସ୍ ହୋଇଥିବା ବିଲକୁ ସ୍ୱୀକୃତି ଦେଇଥାନ୍ତି ବା ପୁନର୍ବିଚାରପାଇଁ ଫେରାଇ ଦେଇପାରନ୍ତି (ଅର୍ଥବିଲ ବ୍ୟତୀତ) ବା ରାଷ୍ଟ୍ରପତିଙ୍କ ସ୍ୱୀକୃତିପାଇଁ ପଠାଇଦେଇ ପାରନ୍ତି ।

## କାର୍ଯ୍ୟାବଳୀ

**( Functions )**

ସଂସଦର କାର୍ଯ୍ୟାବଳୀ ଯାହା ବିଧାନମଣ୍ଡଳର କାର୍ଯ୍ୟାବଳୀ ମଧ୍ୟ ଠିକ୍ ଅନୁରୂପ । ନିମ୍ନରେ ବିଧାନମଣ୍ଡଳର କାର୍ଯ୍ୟାବଳୀ ବର୍ଣ୍ଣିତ—

### (୧) ବ୍ୟବସ୍ଥାପକ କ୍ଷମତା—

ଆଇନ ପ୍ରଣୟନ ହେଲା ଏହାର ମୁଖ୍ୟ କାର୍ଯ୍ୟ । ରାଜ୍ୟ ତାଲିକାଭୁକ୍ତ ସମସ୍ତ ବିଷୟରେ ଓ ଯୁଗ୍ମତାଲିକା ଭୁକ୍ତ ବିଷୟରେ ବିଧାନସଭା ଆଇନ ତିଆରି କରିପାରେ । ଯଦି ସଂସଦ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଯୁଗ୍ମ ତାଲିକାର ଅନ୍ତର୍ଭୁକ୍ତ କୌଣସି ବିଷୟରେ ଆଇନ ପ୍ରଣୟନ କରେ ଯାହାକି ବିଧାନସଭାରେ ଗୃହୀତ ବିଧେୟକର ବିରୁଦ୍ଧାଚରଣ କରେ ତେବେ ସଂସଦରେ ପ୍ରସ୍ତୁତ ଆଇନ ବଳବତ୍ତର ରହିବ । ଅତଏବ ଏ କ୍ଷେତ୍ରରେ ବିଧାନ ସଭାର କ୍ଷମତା ସୀମିତ । ରାଜ୍ୟସଭା ମଧ୍ୟ ଦୁଇ ତୃତୀୟାଂଶ ଭୋଟଦ୍ୱାରା ରାଜ୍ୟତାଲିକାର ଯେ କୌଣସି ବିଷୟ ଉପରେ ଲୋକସଭାକୁ ଆଇନ ପ୍ରଣୟନ କରିବାକୁ ଅନୁରୋଧ କରିପାରେ ।

### (୨) କାର୍ଯ୍ୟପାଳିକା କ୍ଷମତା

ସମ୍ବିଧାନର ୧୬୪ (୨) ଧାରା ଅନୁସାରେ ମନ୍ତ୍ରିମଣ୍ଡଳ ବିଧାନସଭା ସମ୍ମୁଖରେ ଦାୟୀ । ମନ୍ତ୍ରୀମାନଙ୍କୁ ବିଭିନ୍ନ ପ୍ରକାର ପ୍ରଶ୍ନ ମାଧ୍ୟମରେ ସେମାନଙ୍କୁ ନିୟନ୍ତ୍ରଣ କରାଯାଇଥାଏ । ବିଧାନ ସଭାର ବିଶ୍ୱାସଭାଜନ ନହୋଇ ପାରିଲେ ମନ୍ତ୍ରୀଙ୍କୁ ଇସ୍ତଫାଦେବାକୁ ବାଧ୍ୟ କରାଯାଇ-ପାରେ । ସରକାରଙ୍କ ଦୋଷ ଦୁର୍ବଳତାକୁ ପଦାରେ ପକାଇ ଗୃହରେ ଅନାସ୍ଥା ପ୍ରସ୍ତାବଠାରୁ

ଆରମ୍ଭ କରି ଯେ କୌଣସି ବିଷୟରେ ବିଶଦ୍ ଆଲୋଚନାପାଇଁ ସଭ୍ୟମାନେ ଦାବୀ କରି-ପାରନ୍ତି । ଏହିପରି ସରକାରଙ୍କୁ ନିୟନ୍ତ୍ରଣ କରାଯାଇଥାଏ ।

## (୩) ଆର୍ଥିକ କ୍ଷମତା

ଆର୍ଥିକ ବର୍ଷର ପ୍ରାରମ୍ଭରେ ଗୃହରେ ବଜେଟ ଉପସ୍ଥାପିତ ହୋଇଥାଏ । ସଭ୍ୟମାନେ ବଜେଟର ବିଭିନ୍ନ ଦିଗ ଆଲୋଚନା କରି ସରକାରଙ୍କୁ ସୁଚିନ୍ତିତ ପରାମର୍ଶ ଦେଇଥାନ୍ତି । ବିଧାନସଭାର ଅନୁମୋଦନ ବିନା ଗୋଟିଏ ପଇସା ମଧ୍ୟ ସରକାର ଖର୍ଚ୍ଚ କରିପାରିବେ ନାହିଁ । ଅର୍ଥ ବିଧେୟକ ରାଜ୍ୟପାଳଙ୍କ ସ୍ୱୀକୃତି ସାପେକ୍ଷ ଓ ଏହାକୁ ସ୍ୱୀକୃତି ପ୍ରତ୍ୟାହାର କରିପାରିବେ ନାହିଁ । ଏଥିରେ ସରକାର ପରାସ୍ତ ହେଲେ ଇସ୍ତଫା ପ୍ରଦାନ କରିଥାନ୍ତି ।

## (୪) ନିର୍ବାଚନ କାର୍ଯ୍ୟ

ରାଷ୍ଟ୍ରପତି ନିର୍ବାଚନରେ ସଭ୍ୟମାନେ ଅଂଶ ଗ୍ରହଣ କରିଥାନ୍ତି । ରାଜ୍ୟସଭାପାଇଁ ଦ୍ୱିବାର୍ଷିକ ନିର୍ବାଚନରେ ମଧ୍ୟ ଅଂଶ ଗ୍ରହଣ କରିଥାନ୍ତି । ବାଚସ୍ପତି ଉପବାଚସ୍ପତି ଓ ବିଭିନ୍ନ କମିଟି ପ୍ରଣସ୍ତନ ନିର୍ବାଚନରେ ଭାଗ ନେଇଥାନ୍ତି ।

## (୫) ସାମ୍ବିଧାନିକ କାର୍ଯ୍ୟ

ସମ୍ବିଧାନ ସଂଶୋଧନରେ କେତେକ କ୍ଷେତ୍ରରେ ବିଧାନସଭାର ସ୍ୱୀକୃତି ସାପେକ୍ଷ । ଅର୍ଦ୍ଧାଧିକ ରାଜ୍ୟ ଏହାକୁ ଅନୁମୋଦନ ନଦେଲେ ଆଇନରେ ପରିଣତ ହୋଇ ପାରିବ ନାହିଁ ।

## (୬) ବିବିଧ କ୍ଷମତା

ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ଓ ଦୁର୍ଦ୍ଦଶା ସଭ୍ୟମାନେ ଗୃହରେ ଉପସ୍ଥାପିତ କରି ମନ୍ତ୍ରୀଙ୍କଦ୍ୱାରା ପ୍ରତିଶ୍ରୁତି ଗ୍ରହିଥାନ୍ତି । ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଠିକ୍ କାର୍ଯ୍ୟକାରୀ ହୋଇଛି କି ନା ମନ୍ତ୍ରୀଙ୍କ ପ୍ରତିଶ୍ରୁତି କମିଟି (Minister's Assurance Committee) ବର୍ଷ ଶେଷରେ ଏକ ରିପୋର୍ଟ ଉପସ୍ଥାପନ କରେ । ଏଥିପାଇଁ ସମ୍ପୃକ୍ତ ମନ୍ତ୍ରୀଙ୍କୁ ଅପଦସ୍ତ ହେବାକୁ ପଡ଼ିଥାଏ ଓ ବାଚସ୍ପତି ତାଗିଦ୍ କରିଥାନ୍ତି । ବିଧାନସଭାରେ ରାଜ୍ୟର ଜନମତ ପ୍ରତିଫଳିତ ହୋଇଥାଏ । ଗୃହର ମର୍ଯ୍ୟାଦା ଦୃଷ୍ଟିରୁ ସଭ୍ୟମାନେ ଯେକୌଣସି ବିଷୟରେ ବିନା ଦ୍ୱିଧାରେ ଆଲୋଚନା କରିଥାଆନ୍ତି ଏବଂ ସଭ୍ୟଙ୍କ ସ୍ୱାଧିକାର ଭଙ୍ଗହେଲେ ସ୍ୱାଧିକାର କମିଟି ଏହାର ବିଚାରକରି ରିପୋର୍ଟ ଦେଇଥାନ୍ତି । ଗୃହରେ ଆଲୋଚନା ପରେ ଦୋଷୀଙ୍କୁ ଦଣ୍ଡ ଦିଆଯାଇଥାଏ । ବିଧାନସଭାରୁ ବିଶ୍ୱବିଦ୍ୟାଳୟ ସିନେଟକୁ କେତେଜଣ ପ୍ରତିନିଧି ନିର୍ବାଚିତ ହୋଇଥାନ୍ତି ।

ସଂସଦୀୟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ବ୍ୟବସ୍ଥାପିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ସଦସ୍ୟଙ୍କ ଦକ୍ଷତା ଉପରେ ବିଧାନସଭାର କାର୍ଯ୍ୟ ନିର୍ଭର କରେ । ମନ୍ତ୍ରିମଣ୍ଡଳ ଯଥାର୍ଥରେ କାର୍ଯ୍ୟକରିବାକୁ ହେଲେ ସୁଦକ୍ଷ ବ୍ୟବସ୍ଥାପକଙ୍କ ଆବଶ୍ୟକତା ରହିଛି ।

# ପଞ୍ଚଦଶ ପରିଚ୍ଛେଦ

## ଉଚ୍ଚନ୍ୟାୟାଳୟ

## ( High Courts )

ଭାରତୀୟ ସମ୍ବିଧାନ ଅନୁସାରେ ଭାରତରେ ଏକ ଐକିକ ନ୍ୟାୟପାଳିକା ( Integrated Judiciary ) ପ୍ରଚଳିତ ହୋଇଛି । ଆଞ୍ଚଳିକ ଅଧସ୍ତନ ନ୍ୟାୟାଳୟ ( Subordinate Courts ) ଗୁଡ଼ିକଠାରୁ ଭାରତର ଉଚ୍ଚତମ ନ୍ୟାୟାଳୟ ପର୍ଯ୍ୟନ୍ତ ସମଗ୍ର ନ୍ୟାୟପାଳିକା ଯଥାକ୍ରମରେ ଧାରାବାହିକ ଓ ନିବିଡ଼ଭାବେ ଗ୍ରଥିତ । ସୁତରାଂ ଉଚ୍ଚତମ ନ୍ୟାୟାଳୟ ବିଭିନ୍ନ ରାଜ୍ୟର ଉଚ୍ଚନ୍ୟାୟାଳୟଗୁଡ଼ିକୁ ନିୟନ୍ତ୍ରଣ ଏବଂ ତତ୍ତ୍ୱାବଧାରଣ କରିବା ବିଷୟ ପୂର୍ବରୁ ବର୍ଣ୍ଣନା କରାଯାଇଛି ।

### ଗଠନ

### ( Composition )

ସମ୍ବିଧାନର ୨୧୪ ଧାରା ଅନୁସାରେ ପ୍ରତ୍ୟେକ ରାଜ୍ୟପାଇଁ ଗୋଟିଏ ଲେଖାଏଁ ଉଚ୍ଚନ୍ୟାୟାଳୟର ବ୍ୟବସ୍ଥା କରାଯାଇଛି । ୧୯୫୬ ମସିହାରେ ଗୃହୀତ ସପ୍ତମ ସମ୍ବିଧାନ ସଂଶୋଧନ ଫଳରେ, ସଂସଦ ଇଚ୍ଛାକଲେ ଦୁଇ ବା ତତୋଧିକ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳପାଇଁ ଗୋଟିଏ ଉଚ୍ଚନ୍ୟାୟାଳୟର ବ୍ୟବସ୍ଥା କରିପାରିବ । ସମ୍ବିଧାନ ପ୍ରବର୍ତ୍ତନ ପୂର୍ବରୁ ବିଭିନ୍ନ ରାଜ୍ୟରେ ଥିବା ଉଚ୍ଚନ୍ୟାୟାଳୟଗୁଡ଼ିକ ସମ୍ବିଧାନ ପ୍ରବର୍ତ୍ତନ ପରେ ସଂଶ୍ଳିଷ୍ଟ ରାଜ୍ୟଗୁଡ଼ିକରେ ଉଚ୍ଚନ୍ୟାୟାଳୟ ରୂପେ କାର୍ଯ୍ୟ ତୁଲାଇ ପାରିବେ ବୋଲି ସମ୍ବିଧାନରେ ବ୍ୟବସ୍ଥା ଅଛି । ସଂସଦ ଇଚ୍ଛାକଲେ କୌଣସି କେନ୍ଦ୍ରଶାସିତ ଅଞ୍ଚଳକୁ କୌଣସି ଉଚ୍ଚନ୍ୟାୟାଳୟର କ୍ଷେତ୍ରାଧିକାର ମଧ୍ୟରେ ଅନ୍ତର୍ଭୁକ୍ତ କରିପାରେ ବା କ୍ଷେତ୍ରାଧିକାର ମଧ୍ୟରୁ ବହିର୍ଭୂତ କରିପାରେ । ପ୍ରତ୍ୟେକ ଉଚ୍ଚନ୍ୟାୟାଳୟ ପାଇଁ ଜଣେ ମୁଖ୍ୟ ନ୍ୟାୟାଧୀଶ ଏବଂ ଆଉ କେତେଜଣ ନ୍ୟାୟାଧୀଶଙ୍କୁ ରାଷ୍ଟ୍ରପତି ନିଯୁକ୍ତ ଦିଅନ୍ତି । ମଝିରେ ମଝିରେ ଇଚ୍ଛାକଲେ ରାଷ୍ଟ୍ରପତି ନ୍ୟାୟାଧୀଶଙ୍କ ସଂଖ୍ୟା ନିର୍ଦ୍ଧାରିତ କରନ୍ତି । କାର୍ଯ୍ୟକ୍ରମର ସାମୟିକ ବୃଦ୍ଧିଯୋଗୁଁ ବା ବାକିଆ ମାମଲାଗୁଡ଼ିକର ଆଶୁ ବିଚାର ନିମନ୍ତେ ରାଷ୍ଟ୍ରପତି ଉପଯୁକ୍ତ ବ୍ୟକ୍ତିଙ୍କୁ କେବଳ ଦୁଇବର୍ଷପାଇଁ

ଅତିରିକ୍ତ ନ୍ୟାୟାଧୀଶ ( Additional Judges ) ରୂପେ ନିଯୁକ୍ତ ହୋଇପାରନ୍ତି । କୌଣସି ନ୍ୟାୟାଧୀଶଙ୍କ ଅନୁପସ୍ଥିତି ଫଳରେ କିମ୍ବା ଅନ୍ୟକୌଣସି କାରଣ ଯୋଗୁଁ ଉପୁଜି-ଥିବା ଶୂନ୍ୟସ୍ଥାନ ପୂରଣ କରିବା ନିମନ୍ତେ ରାଷ୍ଟ୍ରପତି ଅସ୍ଥାୟୀ ନ୍ୟାୟାଧୀଶଙ୍କୁ ( Adhoc Judges ) ନିଯୁକ୍ତ କରନ୍ତି । ଓଡ଼ିଶା ଉଚ୍ଚନ୍ୟାୟାଳୟରେ ମୁଖ୍ୟ ନ୍ୟାୟାଧୀଶଙ୍କ ସହିତ ସର୍ବୋଚ୍ଚ ଆଠଜଣ ନ୍ୟାୟାଧୀଶ ରହିପାରିବେ ।

ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶମାନଙ୍କୁ ନିଯୁକ୍ତ କଲାବେଳେ ରାଷ୍ଟ୍ରପତି ସଂପୃକ୍ତ ଉଚ୍ଚନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ, ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ, ସଂଶ୍ଳିଷ୍ଟ ରାଜ୍ୟର ରାଜ୍ୟପାଳଙ୍କ ସହିତ ପରାମର୍ଶ କରନ୍ତି; କିନ୍ତୁ ମୁଖ୍ୟନ୍ୟାୟାଧୀଶଙ୍କୁ ନିଯୁକ୍ତି ଦେଲାବେଳେ ସେ ଉଚ୍ଚତମନ୍ୟାୟାଳୟର ମୁଖ୍ୟନ୍ୟାୟାଧୀଶ ଏବଂ ସଂଶ୍ଳିଷ୍ଟରାଜ୍ୟର ରାଜ୍ୟ-ପାଳଙ୍କ ମତାମତ ନେଇଥାନ୍ତି ।

**ଯୋଗ୍ୟତା**

ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶ ରୂପେ ନିଯୁକ୍ତ ହେବାପାଇଁ କୌଣସି ବ୍ୟକ୍ତିଙ୍କ ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ— (କ) ସେ ଭାରତର ନାଗରିକ ହୋଇଥିବେ, (ଖ) ଭାରତ ମଧ୍ୟରେ ଦଶବର୍ଷ ନ୍ୟାୟାଧୀଶ ରୂପେ କିମ୍ବା ଏକ ବା ଏକାଧିକ ଉଚ୍ଚନ୍ୟାୟା-ଳୟରେ ଏକାଧାରରେ ଅନ୍ୟୂନ ୧୦ ବର୍ଷ ଅଧିବକ୍ତା ରୂପେ ଆଇନ ବ୍ୟବସାୟ କରିଥିବା ଆବଶ୍ୟକ । ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶ ରୂପେ ନିଯୁକ୍ତ ହେବାପାଇଁ ସଂବିଧାନରେ କୌଣସି ଆଇନଗତ ଯୋଗ୍ୟତାର ଆବଶ୍ୟକତା ଥିବା ବିଷୟ ଲିପିବଦ୍ଧ ନ ହୋଇଥିବା ହେତୁ ଅନେକ ସମୟରେ ନ୍ୟାୟାଧୀଶମାନେ ରାଜନୈତିକ ଦୃଷ୍ଟିକୋଣରୁ ନିଯୁକ୍ତ ହେବାର ସମ୍ଭାବନା ଥାଏ । ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶ ନିଯୁକ୍ତିର ଆଡ଼ୁଆଳରେ ଏକ ପ୍ରକ୍ରିୟା ରହିଛି । ଉକ୍ତ ପ୍ରକ୍ରିୟା ଅନୁଯାୟୀ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ସଂଶ୍ଳିଷ୍ଟ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ନିକଟରେ ନ୍ୟାୟାଧୀଶ ନିଯୁକ୍ତି ପ୍ରସଙ୍ଗରେ ପ୍ରସ୍ତାବ ଆଗତ କରନ୍ତି ଯାହା ମୁଖ୍ୟମନ୍ତ୍ରୀଙ୍କ ହାତରେ ସ୍ୱତନ୍ତ୍ର ରୂପ ଧାରଣ କରେ । ତାପରେ ମୁଖ୍ୟମନ୍ତ୍ରୀ ରାଜ୍ୟପାଳଙ୍କ ସହିତ ପରାମର୍ଶ କରନ୍ତି ଏବଂ ରାଜ୍ୟପାଳ ପ୍ରସ୍ତାବଟି କେନ୍ଦ୍ର ସ୍ୱରାଷ୍ଟ୍ର ଏବଂ ଆଇନମନ୍ତ୍ରୀ ( Union Home & Law Minister )ଙ୍କ ନିକଟକୁ ପ୍ରେରଣ କରନ୍ତି । ଉକ୍ତ ମନ୍ତ୍ରୀମାନେ ପ୍ରଧାନମନ୍ତ୍ରୀଙ୍କ ବିଶ୍ୱସ୍ତ ସହକର୍ମୀ ହିସାବରେ ପ୍ରସ୍ତାବଟି ରାଷ୍ଟ୍ରପତିଙ୍କ ନିକଟକୁ ହସ୍ତାନ୍ତରିତ କରନ୍ତି । ଏହି ଅଦୃଶ୍ୟ ପ୍ରକ୍ରିୟାରୁ ଅନୁମାନ କରାଯାଏ ଯେ ନ୍ୟାୟାଧୀଶ ନିଯୁକ୍ତିରେ ପ୍ରଥମ ପ୍ରଭାବ ରାଜ୍ୟମୁଖ୍ୟମନ୍ତ୍ରୀଙ୍କ ହେଉଥିବା ସ୍ଥଳେ ଶେଷ ପ୍ରଭାବ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପଡ଼ିଥାଏ ।

**କାର୍ଯ୍ୟକାଳ ଓ ପଦଚ୍ୟୁତି**

ଉଚ୍ଚନ୍ୟାୟାଳୟର ଜଣେ ନ୍ୟାୟାଧୀଶ ୬୨ ବର୍ଷ ବୟସରେ ଅବସର ଗ୍ରହଣ କରନ୍ତି । ସେ ଇଚ୍ଛାପ୍ରକାଶ କଲେ ଯେକୌଣସି ମୁହୂର୍ତ୍ତରେ ନିଜ ହାତଲେଖା ଇସ୍ତଫା ପତ୍ର

ରାଷ୍ଟ୍ରପତିଙ୍କ ନିକଟକୁ ପଠାଇ କାର୍ଯ୍ୟରୁ ଅବ୍ୟାହତି ନେଇ ପାରନ୍ତି । ଉଚ୍ଚନ୍ୟାୟାଳୟର କୌଣସି ନ୍ୟାୟାଧୀଶ ଅନ୍ୟ ଏକ ଉଚ୍ଚନ୍ୟାୟାଳୟକୁ ବଦଳି ହେଲେ ବା ଉଚ୍ଚତମ ନ୍ୟାୟାଳୟକୁ ପଦୋନ୍ନତି ହେଲେ, ସଂଶ୍ଳିଷ୍ଟ ଉଚ୍ଚନ୍ୟାୟାଳୟରେ ତାଙ୍କର ସ୍ଥାନ ଖାଲିପଡ଼ିଛି ବୋଲି ଧରିନିଆଯାଏ । ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶଙ୍କ ଅସାମର୍ଥ୍ୟ ଏବଂ ଅସଦାଚାର ଯୋଗୁଁ ସଂସଦର ଦୁଇସଦନରେ ସମସ୍ତ ସଦସ୍ୟଙ୍କ ସଂଖ୍ୟାଧିକ ଏବଂ ଉପସ୍ଥିତ ଓ ଭୋଟାଧିକାରୀ ସଦସ୍ୟଙ୍କ ଦୁଇତୃତୀୟାଂଶ ସମର୍ଥନରେ ତାଙ୍କ ବିରୁଦ୍ଧରେ ପ୍ରସ୍ତାବ ଗ୍ରହଣ କରାଗଲେ ରାଷ୍ଟ୍ରପତି ତାଙ୍କୁ ପଦଚ୍ୟୁତ କରନ୍ତି ।

ଉଚ୍ଚନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ମାସକୁ ଟ ୪୦୦୦ଙ୍କା ଏବଂ ଅନ୍ୟ ନ୍ୟାୟାଧୀଶମାନେ ମାସକୁ ଟ ୩୫୦୦ଙ୍କା ପାଆନ୍ତି । ନ୍ୟାୟଧୀଶମାନଙ୍କ ଦରମା ଓ ଭତ୍ତା ଭାରତସରକାରଙ୍କ ସଞ୍ଚିତ ନିଧି ( Consolidated Fund ) ଉପରେ ଧାର୍ଯ୍ୟ ହୋଇଥାଏ । ନ୍ୟାୟାଧୀଶମାନେ ଯେତେଦିନଯାଏଁ ନିଜ ପଦରେ ରହନ୍ତି ଆନୁପାତିକ ଅବସର କାଳୀନ ଭତ୍ତା ( Proportionate Pension ) ଲାଭ କରନ୍ତି । ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶମାନେ ଅବସର ଗ୍ରହଣ କଲାପରେ ସଂପୃକ୍ତ ଉଚ୍ଚ ନ୍ୟାୟାଳୟରେ ଅଧିବକ୍ତା ହୋଇପାରିବେ ନାହିଁ; ଅନ୍ୟକୌଣସି ନ୍ୟାୟାଳୟର ଅଧିବକ୍ତା ହେବାରେ କୌଣସି ଆପତ୍ତି ନଥାଏ । ଅନେକ ସମୟରେ ଉଚ୍ଚନ୍ୟାୟାଳୟର ଅବସରପ୍ରାପ୍ତ ନ୍ୟାୟାଧୀଶମାନେ ରାଷ୍ଟ୍ରଦୂତ, ମନ୍ତ୍ରୀ, କୂଟନୀତିଜ୍ଞ, ରାଜ୍ୟପାଳ ପ୍ରଭୃତି ପଦରେ ଅଧିଷ୍ଠିତ ହୋଇଥାନ୍ତି । ଏହା ଫଳରେ ଭାରତରେ ନ୍ୟାୟପାଳିକାର ସ୍ୱାଧୀନତା ଏବଂ ନିରପେକ୍ଷତା ଉପରେ ଆଞ୍ଚ ଆସିପାରେ ବୋଲି ସନ୍ଦେହ କରାଯାଉଛି ।

**କ୍ଷେତ୍ରାଧିକାର**

**( Jurisdiction )**

**ମୌଳିକ କ୍ଷମତା**

ସମ୍ବିଧାନ ପ୍ରବର୍ତ୍ତନ ପୂର୍ବରୁ ଉଚ୍ଚ ନ୍ୟାୟାଳୟମାନଙ୍କର ଯେଉଁ କ୍ଷେତ୍ରାଧିକାର ଥିଲା ବର୍ତ୍ତମାନ ମଧ୍ୟ ଉଚ୍ଚ ନ୍ୟାୟାଳୟଗୁଡ଼ିକର ଅନୁରୂପ କ୍ଷେତ୍ରାଧିକାର ରହିଛି । ଉଚ୍ଚତମ ନ୍ୟାୟାଳୟର କ୍ଷେତ୍ରାଧିକାର ସଂବନ୍ଧରେ ସମ୍ବିଧାନ ପୁଙ୍ଖାନୁପୁଙ୍ଖ ଆଲୋଚନା କରିନାହିଁ । ସମ୍ବିଧାନର ୩୨ ଧାରା ଅନୁସାରେ ଉଚ୍ଚ ନ୍ୟାୟାଳୟ ଉଚ୍ଚତମ ନ୍ୟାୟାଳୟ ପରି ମୌଳିକ ଅଧିକାରର ବିଚାର କରିପାରେ । ମୌଳିକ ଅଧିକାରଗୁଡ଼ିକୁ ସୁରକ୍ଷିତ କରିବାପାଇଁ ୨୨୬ ଧାରା ଅନୁସାରେ ଉଚ୍ଚ ନ୍ୟାୟାଳୟ ଲେଖ ( writ ) ଜାରି କରିପାରିବ । ଉଚ୍ଚତମ ନ୍ୟାୟାଳୟ ସଂଶ୍ଳିଷ୍ଟ ପରିସର ମଧ୍ୟରେ ମୌଳିକ ଅଧିକାର ଭଙ୍ଗ ବା କ୍ଷୁଣ୍ଣ କରିଥିବା ଯେକୌଣସି ବ୍ୟକ୍ତି, ଅନୁଷ୍ଠାନ ଏବଂ ଉପଯୁକ୍ତ କ୍ଷେତ୍ରରେ ରାଜ୍ୟସରକାର ବା ଆଞ୍ଚଳିକ ସରକାରଙ୍କ ବିରୁଦ୍ଧରେ ବନ୍ଦୀ ପ୍ରତ୍ୟକ୍ଷୀକରଣ ( Habeas Corpus ), ପରମାଦେଶ

( Mandamus ), ପ୍ରତିଷେଧ ( Prohibition ), ଅଧିକାର ପୃଚ୍ଛା ( Quo warranto ) ଏବଂ ଉତ୍ପ୍ରେଷଣ ( Artiorari ) ଲେଖ ଦେଇପାରନ୍ତି । ଉଚ୍ଚ-ନ୍ୟାୟାଳୟର ସମସ୍ତ ନଥିପତ୍ର ସଂରକ୍ଷିତ ହୁଏ ଏବଂ ଅଧସ୍ତନ ନ୍ୟାୟାଳୟମାନଙ୍କ ଏହି ସମସ୍ତ ନଥିପତ୍ରକୁ ନ୍ୟାୟବିଚାରର ବେଳେ ସାକ୍ଷ୍ୟ ରୂପେ ବିନିଯୋଗ କରିଥାଏ । ଅତଏବ ଉଚ୍ଚ-ନ୍ୟାୟାଳୟକୁ ମଧ୍ୟ ଏକ ଅଭିଲେଖ ଅଦାଲତ ( Court of Record ) କୁହାଯାଏ । ତେଣୁ ଅଦାଲତ ଅବମାନନା ବିଚାର ମଧ୍ୟ ମୌଳିକ କ୍ଷେତ୍ରାଧିକାର ମଧ୍ୟରେ ଅନ୍ତର୍ଭୁକ୍ତ । ନୌକାଧିକରଣ ( Admirality ), ଉଇଲ ( Will ), ଛାଡ଼ପତ୍ର (Divorce ), ବିବାହ, କମ୍ପାନୀ ଆଇନ ପ୍ରଭୃତି କ୍ଷେତ୍ରରେ ଉଚ୍ଚନ୍ୟାୟାଳୟର ସୀମିତ ମୌଳିକ କ୍ଷେତ୍ରାଧି-କାର ରହିଛି । ଦୁଇଟି ମାର୍ଗରେ ସଂସଦ ଉଚ୍ଚନ୍ୟାୟାଳୟର ମୌଳିକ କ୍ଷେତ୍ରାଧିକାର ବୃଦ୍ଧି କରିଛି । ପ୍ରଥମରେ ରାଜସ୍ୱ ଏବଂ ରାଜସ୍ୱ ଆଦାୟ ଉପରେ ଉଚ୍ଚନ୍ୟାୟାଳୟର କ୍ଷମତା ଉପରେ ଧାର୍ଯ୍ୟ ହୋଇଥିବା ସୀମାକୁ ଉଠେଇ ନିଆଯାଇଛି । ଦ୍ୱିତୀୟରେ ଉଚ୍ଚତମ ନ୍ୟାୟାଳୟ ଭଳି ଉଚ୍ଚନ୍ୟାୟାଳୟ ମଧ୍ୟ ଉପର ବର୍ଣ୍ଣିତ ପାଞ୍ଚବିଧ ଲେଖ ଜାରିକରିପାରିବ ବୋଲି ବ୍ୟବସ୍ଥା କରାଯାଇଛି । ଏହା ଯେ କୌଣସି ବ୍ୟକ୍ତି ବା ସଂସ୍ଥା ବିରୁଦ୍ଧରେ ଅଦାଲତ ଅବମାନନା ଅଭିଯୋଗ ଆଣି ତାହାର ବିଚାର କରି ଦଣ୍ଡ ଦେଇପାରିବ ।

## ଅପିଲ କ୍ଷମତା

ଉଭୟ ଦେୱାନୀ ଓ ଫୌଜଦାରୀ ମାମଲାମାନଙ୍କରେ ଉଚ୍ଚନ୍ୟାୟାଳୟର ଆବେଦନ-କାରୀ କ୍ଷେତ୍ରାଧିକାର ରହିଛି । ଦେୱାନୀ ମୋକଦ୍ଦମାମାନଙ୍କରେ ମୁନସଫ ଏବଂ ଜିଲ୍ଲା ଜଜ ( District Judge ) ଙ୍କ ନିଷ୍ପତ୍ତି ବିରୁଦ୍ଧରେ ଉଚ୍ଚନ୍ୟାୟାଳୟରେ ଆବେଦନ କରାଯାଏ । ଫୌଜଦାରୀ ମୋକଦ୍ଦମାମାନଙ୍କରେ ଦୌରା ଜଜ ( Sessions Judge ) ଓ ଅତିରିକ୍ତ ଦୌରା ଜଜଙ୍କ ( Additional Sessions Judge ) ନିଷ୍ପତ୍ତି ବିରୁଦ୍ଧରେ ଉଚ୍ଚନ୍ୟାୟାଳୟରେ ଅଭିଯୋଗ କରାଯାଏ । ଅତଏବ ଉଚ୍ଚନ୍ୟାୟାଳୟର କ୍ଷେତ୍ରାଧିକାର ରାଜ୍ୟ ଆଇନ ଏବଂ ସଂଘୀୟ ଆଇନ ସମ୍ପୃକ୍ତ ସମସ୍ତ ବିଷୟ ପ୍ରତି ଲାଗୁ ହୁଏ । ସଂସଦ କିମ୍ବା ରାଜ୍ୟ ବିଧାନ ମଣ୍ଡଳ ଇଚ୍ଛା କଲେ ଉଚ୍ଚନ୍ୟାୟାଳୟର କ୍ଷେତ୍ରାଧିକାର ବର୍ଦ୍ଧିତ କରିପାରନ୍ତି ।

## ପରିଦର୍ଶନ କ୍ଷମତା

ସାମରିକ ଅଦାଲତମାନଙ୍କୁ ବାଦ ଦେଲେ, ଅନ୍ୟ ସମସ୍ତ ରାଜ୍ୟସ୍ତରୀୟ ନ୍ୟାୟାଳୟ ଏବଂ ଟ୍ରିବ୍ୟୁନାଲ ଉପରେ ଉଚ୍ଚନ୍ୟାୟାଳୟ ତତ୍ତ୍ୱାବଧାନ କରିପାରେ । ଉଚ୍ଚନ୍ୟାୟାଳୟ ଅଧସ୍ତନ ନ୍ୟାୟାଳୟମାନଙ୍କୁ ନିଜର ବିବୃତି ପତ୍ର ( Return )-ପଠାଇବା ନିମନ୍ତେ ନିର୍ଦ୍ଦେଶ ଦେଇପାରେ । ଅଧସ୍ତନ ନ୍ୟାୟାଳୟମାନଙ୍କର କାର୍ଯ୍ୟପନ୍ଥା ନିର୍ଦ୍ଧାରିତ କରିବାପାଇଁ ଉଚ୍ଚନ୍ୟାୟାଳୟମାନଙ୍କର ନଥିପତ୍ର ଏବଂ ହିସାବ ରଖିବାର ଢାଞ୍ଚା ମଧ୍ୟ ଉଚ୍ଚନ୍ୟାୟାଳୟ

ଯୋଗାଇ ଦିଅନ୍ତି । ସମୟରେ ସମୟରେ ଉଚ୍ଚନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ଅଧସ୍ତନ ନ୍ୟାୟାଳୟଗୁଡ଼ିକ ପରିଦର୍ଶନରେ ଯାଆନ୍ତି ଏବଂ ଆବଶ୍ୟକ କ୍ଷେତ୍ରରେ ସାଧାରଣ ପ୍ରଶାସନିକ ନିର୍ଦ୍ଦେଶ ଦିଅନ୍ତି ।

ସମ୍ବିଧାନର ତର୍ଜମା ସଂକ୍ରାନ୍ତୀୟ କୌଣସି ବାସ୍ତବ ଆଇନର ପ୍ରଶ୍ନ ( Substantial question of law ) ସହିତ ଜଡ଼ିତ କୌଣସି ମୋକଦ୍ଦମା ଅଧସ୍ତନ ନ୍ୟାୟାଳୟରେ ସ୍ଥଗିତ ଅବସ୍ଥାରେ ଥିଲେ, ଉକ୍ତ ମୋକଦ୍ଦମାର ଅଶୁ ବିଚାର ନିମନ୍ତେ ଉଚ୍ଚନ୍ୟାୟାଳୟ ମୋକଦ୍ଦମାଟିକୁ ଅଧସ୍ତନ ନ୍ୟାୟାଳୟରୁ ନିଜ ନିକଟକୁ ହସ୍ତାନ୍ତରିତ କରି ପାରନ୍ତି । ଉଚ୍ଚ ନ୍ୟାୟାଳୟ ଉକ୍ତ ଆଇନର ପ୍ରଶ୍ନ ନିର୍ଦ୍ଧାରିତ କରନ୍ତି ଏବଂ ବିଚାର କରି ସାରିବା ପରେ ସିଦ୍ଧାନ୍ତର ଏକ ନକଲ ସହିତ ମୋକଦ୍ଦମାଟିକୁ ସଂଶ୍ଳିଷ୍ଟ ଅଧସ୍ତନ ନ୍ୟାୟାଳୟ ନିକଟକୁ ପଠାଇ ଦିଅନ୍ତି । ଉଚ୍ଚନ୍ୟାୟାଳୟର ସିଦ୍ଧାନ୍ତ ଉପରେ ଭିତ୍ତି କରି ଉକ୍ତ ଅଧସ୍ତନ ନ୍ୟାୟାଳୟ ମୋକଦ୍ଦମାଟି ଉପରେ ନିଷ୍ପତ୍ତି ଦିଅନ୍ତି ।

## ପ୍ରଶାସନିକ କ୍ଷମତା

ଉଚ୍ଚନ୍ୟାୟାଳୟର କେତେକ ପ୍ରଶାସନିକ କ୍ଷମତା ମଧ୍ୟ ରହିଛି । ନିଜ ଅଧସ୍ତନ କର୍ମଚାରୀଙ୍କ ଉପରେ ଉଚ୍ଚନ୍ୟାୟାଳୟର ସଂପୂର୍ଣ୍ଣ ନିୟନ୍ତ୍ରଣ ଥାଏ । ଉଚ୍ଚନ୍ୟାୟାଳୟର ଅନ୍ୟାନ୍ୟ କର୍ମଚାରୀଙ୍କ ନିଯୁକ୍ତି ମୁଖ୍ୟ ନ୍ୟାୟାଧୀଶଙ୍କ ଦ୍ୱାରା କିମ୍ବା ତାଙ୍କ ନିର୍ଦ୍ଦେଶାନୁସାରେ ଅନ୍ୟ ନ୍ୟାୟାଧୀଶଙ୍କଦ୍ୱାରା ସମ୍ପାଦିତ ହୁଏ । ରାଜ୍ୟର ସାଧାରଣ ସେବା ଆୟୋଗ ( State Public Service Commission )ଙ୍କ ପରାମର୍ଶ ଅନୁଯାୟୀ ହିଁ ଉଚ୍ଚନ୍ୟାୟାଳୟର କର୍ମଚାରୀ ଅଧିକ ନିଯୁକ୍ତ ହେବେ ବୋଲି ସଂପୃକ୍ତ ରାଜ୍ୟର ରାଜ୍ୟପାଳ ନିୟମ କରିପାରନ୍ତି । ଉଚ୍ଚନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶ ବା ପ୍ରଶାସନିକ ନ୍ୟାୟାଧୀଶ ( Administrative Judge )ଙ୍କ ନିର୍ଦ୍ଦେଶରେ ଅଧସ୍ତନ ନ୍ୟାୟପାଳକ ଓ ବିଚାରପତିମାନଙ୍କର ବଦଳି ବା ପଦୋନ୍ନତି ହୋଇଥାଏ । ଉଚ୍ଚତମ ନ୍ୟାୟାଳୟର ଉପଦେଶାତ୍ମକ କ୍ଷେତ୍ରାଧିକାର ( Advisory Jurisdiction ) ପରି ଉଚ୍ଚନ୍ୟାୟାଳୟର କ୍ଷେତ୍ରାଧିକାର ନାହିଁ ।

## ଅଧସ୍ତନ ନ୍ୟାୟାଳୟ

### ( Sub-ordinate Courts )

ରାଜ୍ୟର ସମସ୍ତ ଅଧିବାସୀଙ୍କ ପକ୍ଷରେ, ଆବଶ୍ୟକ ହେଲେ ଉଚ୍ଚନ୍ୟାୟାଳୟରେ ପହଞ୍ଚିବା ସହଜ ନୁହେଁ । ପୁଣି ଉଚ୍ଚନ୍ୟାୟାଳୟର କାର୍ଯ୍ୟଭାର ବଢ଼ିଗଲେ ତ୍ୱରିତ ନ୍ୟାୟ ବିଚାର ହେବା କଷ୍ଟକର ହେବ । ଏହି ଉଭୟ କାରଣ ଯୋଗୁଁ ଉଚ୍ଚନ୍ୟାୟାଳୟର ନିମ୍ନ ସ୍ତରରେ ଅନେକ ଗୁଡ଼ିଏ ଅଧସ୍ତନ ନ୍ୟାୟାଳୟର ବ୍ୟବସ୍ଥା କରାଯାଇଛି । ଫଳରେ କୌଣସି ବ୍ୟକ୍ତି ପକ୍ଷରେ ନିଜ ଇଲାକା ମଧ୍ୟରେ ନ୍ୟାୟ ପାଇବା ସହଜ ହୁଏ । ଭାରତୀୟ ସମ୍ବିଧାନ

ଦୁଇ ପ୍ରକାର ଅଧସ୍ତନ ନ୍ୟାୟାଳୟର ବ୍ୟବସ୍ଥା କରଛି—(୧) ଦେଓ୍ୱାନୀ ଅଦାଲତ ( Civil Courts ) ଏବଂ (୨) ଫୌଜଦାରୀ ଅଦାଲତ ( Criminal Courts )

## ଦେଓ୍ୱାନୀ ଅଦାଲତ

ଦେଓ୍ୱାନୀ ଅଦାଲତର ଭିନ୍ନ ଭିନ୍ନ ସ୍ତର ରହିଛି । ପ୍ରତ୍ୟେକ ଜିଲ୍ଲାପାଇଁ ଗୋଟିଏ ଲେଖାଏଁ ଜିଲ୍ଲା ନ୍ୟାୟାଳୟ ( District Court ) ଅଛି । କୌଣସି ଜିଲାର ସର୍ବୋଚ୍ଚ ଦେଓ୍ୱାନୀ ନ୍ୟାୟିକ ସଂସ୍ଥା ହେଉଛନ୍ତି ଜିଲ୍ଲା ନ୍ୟାୟପାଳ ( District Judge ) । ଜିଲ୍ଲା ଜଜଙ୍କ ଅଧୀନରେ ଅଧସ୍ତନ ଜଜ ( Sub-ordinate Judge ) ଏବଂ ଅତିରିକ୍ତ ଅଧସ୍ତନ ଜଜ ( Additional Sub ordinate Judge ), ମୁନସଫ ( Munsif ) ଏବଂ ଅତିରିକ୍ତ ମୁନସଫ ( Additional Munsif ) ମାନେ କାର୍ଯ୍ୟ କରନ୍ତି । ଉଚ୍ଚନ୍ୟାୟାଳୟ ସହିତ ପରାମର୍ଶ କରି ସଂଶ୍ଳିଷ୍ଟ ରାଜ୍ୟର ରାଜ୍ୟପାଳ ଜିଲ୍ଲା ଜଜମାନଙ୍କୁ ନିଯୁକ୍ତ, ବଦଳି ଓ ପଦୋନ୍ନତି କରନ୍ତି । ତା ସହିତ ରାଜ୍ୟ ସାଧାରଣ ସେବା ଆୟୋଗଙ୍କ ସୁପାରିଶ କ୍ରମେ ରାଜ୍ୟପାଳ ରାଜ୍ୟର ବିଚାର ବିଭାଗୀୟ କର୍ମଚାରୀଙ୍କୁ ଅଧସ୍ତନ ନ୍ୟାୟାଳୟରେ ନିଯୁକ୍ତ ଦିଅନ୍ତି । 'ରାଜ୍ୟ ସାଧାରଣ ସେବା ଆୟୋଗ' ପ୍ରତିଯୋଗିତା ମୂଳକ ପରୀକ୍ଷାମାନ କରି ଉପଯୁକ୍ତ ବିଚାର ବିଭାଗୀୟ କର୍ମଚାରୀଙ୍କୁ ବାଛିଥାଏ । ସମସ୍ତେ ସମସ୍ତେ ଅଦାଲତି ଧାର୍ଯ୍ୟାନୁଗତଗୁଡ଼ିକ ମଧ୍ୟ ଗୋଟି ଗୋଟି ଦେଓ୍ୱାନୀ ମୋକଦ୍ଦମାର ବିଚାର କରନ୍ତି । ସାଧାରଣତଃ ଦୁଇ ହଜାର ଟଙ୍କା ମୂଲ୍ୟର ଦେଓ୍ୱାନୀ ମୋକଦ୍ଦମାଗୁଡ଼ିକ ମୁନସଫଙ୍କ ଅଦାଲତରେ ଦାଏର ହୋଇଥାଏ । ଏହାଠାରୁ ଅଧିକ ମୂଲ୍ୟର ମୋକଦ୍ଦମା ହେଲେ ଅଧସ୍ତନ ଜଜ ବା ଅତିରିକ୍ତ ଅଧସ୍ତନ ଜଜ ବିଚାର କରନ୍ତି । ମୁନସଫ ଅଦାଲତରୁ ଅଧସ୍ତନ ଜଜଙ୍କ ନିକଟକୁ ଏବଂ ଅଧସ୍ତନ ଜଜଙ୍କ ଅଦାଲତରୁ ଜିଲା ଜଜଙ୍କ ନିକଟକୁ କୌଣସି ନିଷ୍ପତ୍ତି ବିରୁଦ୍ଧରେ ପୁନରାବେଦନ କରାଯାଇପାରେ ।

## ଫୌଜଦାରୀ ଅଦାଲତ

କୌଣସି ରାଜ୍ୟର ସର୍ବୋଚ୍ଚ ଅଧସ୍ତନ ଫୌଜଦାରୀ ଅଦାଲତ ହେଉଛି ଦୌରାଜଜ ( Sessions Judge ) ଅଦାଲତ । ସେ ହେଉଛନ୍ତି ଜିଲ୍ଲାର ସର୍ବୋଚ୍ଚ ନ୍ୟାୟିକ ସଂସ୍ଥା । ତାଙ୍କ ଅଧୀନରେ ଅତିରିକ୍ତ ଦୌରାଜଜ ( Additional Sessions Judge ) ଏବଂ ସହକାରୀ ଦୌରାଜଜ ( Assistant Sesions Judge ) କାର୍ଯ୍ୟ କରନ୍ତି । ଏମାନଙ୍କ ନିମ୍ନରେ ପ୍ରଥମଶ୍ରେଣୀ, ଦ୍ୱିତୀୟ ଶ୍ରେଣୀ ଏବଂ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ( 1st-Class, 2nd Class and 3rd Class Magistrates ) କାର୍ଯ୍ୟ କରନ୍ତି । ମୋକଦ୍ଦମାର ଗୁରୁତ୍ୱ ଓ ଭିନ୍ନତା ଦୃଷ୍ଟିରୁ ମୋକଦ୍ଦମାଗୁଡ଼ିକୁ ବିଭିନ୍ନ ଶ୍ରେଣୀରେ ବିଭକ୍ତକରି ଭିନ୍ନ ଭିନ୍ନ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ନିକଟକୁ ବିଚାରପାଇଁ ପଠାଯାଇଥାଏ । ସାଧାରଣତଃ ଜିଲାଜଜ ଏବଂ ଦୌରାଜଜଙ୍କ କାର୍ଯ୍ୟଗୁଡ଼ିକ ମିଳିତ ଆକାରରେ ଜଣେ ବ୍ୟକ୍ତିଦ୍ୱାରା ସମ୍ପାଦିତ

ହୋଇଥାଏ । ଅତଏବ ସେହି ବ୍ୟକ୍ତିଙ୍କୁ 'ଜିଲ୍ଲା ଓ ଦୌରାଜଜ' ( District and Sessions Judge ) ବୋଲି କୁହାଯାଏ । କେତେକ ସମୟରେ କୌଣସି ଅଧସ୍ତନ ଜଜଙ୍କୁ ସହକାରୀ ଦୌରାଜଜଙ୍କ କ୍ଷମତା ମଧ୍ୟ ଅର୍ପଣ କରାଯାଇଥାଏ । ଠିକ୍ ସେହିପରି ପ୍ରଥମଶ୍ରେଣୀ, ଦ୍ୱିତୀୟଶ୍ରେଣୀ ବା ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟଙ୍କ କ୍ଷମତା ବେଳେ ବେଳେ ମୁନସଫଙ୍କୁ ଦିଆଯାଇଥାଏ । ପ୍ରତ୍ୟେକ ଜିଲ୍ଲାର ଶୀର୍ଷସ୍ଥାନରେ ଅବଶ୍ୟ ଜିଲ୍ଲାମାଜିଷ୍ଟ୍ରେଟ ଓ କଲେକ୍ଟର ( District Magistrate and Collector ) ସମସ୍ତ ଅଧସ୍ତନ ନ୍ୟାୟାଳୟକୁ ନିୟନ୍ତ୍ରଣ କରନ୍ତି ।

ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟ ଦୁଇବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ବା ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଏକ ସମୟରେ ଉଭୟ ପ୍ରକାରର ଦଣ୍ଡାଦେଶ ଦେଇପାରନ୍ତି । ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟ ଦୁଇବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଓ ଦୁଇଶହଟଙ୍କା ପର୍ଯ୍ୟନ୍ତ ଜୋରିମାନା କରିପାରନ୍ତି ଏବଂ ତୃତୀୟ ଶ୍ରେଣୀର ମାଜିଷ୍ଟ୍ରେଟ ଏକମାସ ପର୍ଯ୍ୟନ୍ତ କାରାଦଣ୍ଡ ଓ ପଚାଶ ଟଙ୍କା ପର୍ଯ୍ୟନ୍ତ ଜୋରିମାନା କରିପାରନ୍ତି । ପ୍ରତ୍ୟେକ ଅନୁବିଭାଗୀୟ ଦଣ୍ଡାଧିକାରୀ ( Sub-Divisional Magistrate ) ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟଙ୍କ କ୍ଷମତା ଭୋଗକରନ୍ତି । 'ଅଧସ୍ତନ ଜଜ ଓ ସହକାରୀ ଦୌରାଜଜ' ( Subordinate Judge and Assistant Sessions Judge )ଙ୍କ ନିକଟରେ କୌଣସି ଫୌଜଦାରୀ ମୋକଦମା ସିଧାସଳଖ ଦାଏର କରାନଯାଇ ପୁନରାବେଦନ ( Appeal ) ଆକାରରେ ଉପସ୍ଥାପିତ କରାଯାଏ । ସାଧାରଣତଃ ସେହି ସମସ୍ତ ପୁନରାବେଦନ ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟଙ୍କ ନିଷ୍ପତ୍ତି ବିରୁଦ୍ଧରେ ହୋଇଥାଏ । ଅଧସ୍ତନ ଜଜ ଓ ସହକାରୀ ଦୌରାଜଜ ଦଶବର୍ଷ ପର୍ଯ୍ୟନ୍ତ କାରାଦଣ୍ଡର ଦଣ୍ଡାଦେଶ ଦେଇପାରନ୍ତି । ତାଙ୍କ ନିଷ୍ପତ୍ତି ବିରୁଦ୍ଧରେ ଜିଲ୍ଲା ଏବଂ ଦୌରାଜଜ ( District and Sessions Judge )ଙ୍କ ନିକଟରେ ପୁନରାବେଦନ କରାଯାଏ । ସେ ନିଜ କ୍ଷମତା ଅନୁଯାୟୀ ଆଜୀବନ କାରାଦଣ୍ଡ ( ଯାହା ପ୍ରକୃତରେ ୨୦ ବର୍ଷପାଇଁ ) କିମ୍ବା ମୃତ୍ୟୁଦଣ୍ଡ ଦେଇପାରନ୍ତି । କିନ୍ତୁ ଏହି କଠିନ ଦଣ୍ଡ ଦେବା ପୂର୍ବରୁ ରାଜ୍ୟର ଉଚ୍ଚନ୍ୟାୟାଳୟର ଅନୁମତିର ଆବଶ୍ୟକତା ହୋଇଥାଏ ।

## ନ୍ୟାୟପାଳିକାର ମୂଲ୍ୟାୟନ

ନିର୍ଦ୍ଦେଶକ ନୀତିର ୫୦ ଧାରା ଅନୁସାରେ ଜନସାଧାରଣଙ୍କ ସେବା ନିମିତ୍ତ ନ୍ୟାୟପାଳିକାକୁ ଯଥା ସମ୍ଭବ କାର୍ଯ୍ୟପାଳିକାରୁ ପୃଥକ କରିବା ବିଷୟ ସମ୍ବିଧାନ ସୂଚନା ଦେଇଛି । ଅର୍ଥାତ୍ ଭାରତ ପରି ଏକ ଗଣତନ୍ତ୍ରରେ ବିଚାର ବିଭାଗୀୟ ନିରପେକ୍ଷତାକୁ ସୁଦୃଢ଼ କରିବା ସମ୍ବିଧାନର ଲକ୍ଷ୍ୟ । ଏଥିପାଇଁ ପ୍ରଥମ ପଦକ୍ଷେପ ହିସାବରେ ନ୍ୟାୟପାଳିକାକୁ ସରକାରୀ ବିଭାଗଗୁଡ଼ିକର ଅବୈଧ ହସ୍ତକ୍ଷେପରୁ ମୁକ୍ତ ରଖିବାକୁ ହୁଏ । ଦ୍ୱିତୀୟରେ

ନ୍ୟାୟପାଳିକାର ସିଦ୍ଧାନ୍ତଗୁଡ଼ିକୁ ଶାସନ ବିଭାଗ ଏବଂ ଆଇନବିଭାଗର ଅତିକ୍ରମଣରୁ ମୁକ୍ତ ରଖିବାକୁ ହୁଏ । ତତ୍ପାର୍ଶ୍ୱରେ ଭୟ ଏବଂ ପକ୍ଷପାତିତା ଦ୍ୱାରା ପରିଚାଳିତ ନହୋଇ ନ୍ୟାୟାଧୀଶମାନେ ନ୍ୟାୟବିଚାର କରିବା କଥା । ସଂସଦୀୟ ଗଣତନ୍ତ୍ରରେ ନ୍ୟାୟାଧୀଶମାନେ ଦଳୀୟ ରାଜନୀତିର ପ୍ରଭାବରୁ ଦୂରରେ ରହିବା ଉଚିତ । କୌଣସି ନ୍ୟାୟିକ ସିଦ୍ଧାନ୍ତ, କୌଣସି ଦଳର ନେତାମାନଙ୍କ ପକ୍ଷେ ଅସନ୍ତୋଷଜନକ ହେଲେ ନୂତନ କିମ୍ବା ଅତୀତକୁ ଆଇନ ଦ୍ୱାରା ତାର ପରିବର୍ତ୍ତନ କରାଗଲେ ବିଚାର ବିଭାଗୀୟ ସ୍ୱାଧୀନତା ନଷ୍ଟ ହୁଏ ବୋଲି ଏଲ. ଏସ. ଏମେରି (L, S. Amery) ମନ୍ତବ୍ୟ କରିଛନ୍ତି । (The independence of Judiciary loses all meaning if any judicial decision unpleasing to the party leaders can at once be reversed by fresh or even retrospectivee legislation ……L. S. Amery )

ଭାରତରେ ନ୍ୟାୟପାଳିକାର ସ୍ୱାଧୀନତା ଏବଂ ନିରପେକ୍ଷତା ବଜାୟ ରଖିବାପାଇଁ ସଂବିଧାନରେ ବିଭିନ୍ନ ବ୍ୟବସ୍ଥାମାନ କରାଯାଇଛି । ସେସବୁ ପୂର୍ବରୁ ବର୍ଣ୍ଣନା କରାଯାଇଛି । କିନ୍ତୁ ସେସବୁଗୁଡ଼ିକ ତାତ୍ତ୍ୱିକ; ବାସ୍ତବକ୍ଷେତ୍ରରେ ପ୍ରଯୁଜ୍ୟ ବୋଲି ମନେହୁଏନା । ସଂବିଧାନ ପ୍ରଦତ୍ତ ତତ୍ତ୍ୱକୁ କାର୍ଯ୍ୟ କ୍ଷେତ୍ରରେ ବିନିଯୋଗ କଲାବେଳେ ସମ୍ବିଧାନର ଅନେକ ଦୋଷଦୁର୍ବଳତା ପରିଲକ୍ଷିତ ହୁଏ । ବର୍ତ୍ତମାନ ପରିପ୍ରେକ୍ଷୀରେ, କ୍ଷମତାଧୀନ ରାଜନୈତିକ ଦଳର ସ୍ୱାର୍ଥ ସାଧନପାଇଁ ପରିଚାଳିତ ନ୍ୟାୟପାଳିକାକୁ ଲକ୍ଷ୍ୟ କରି ଅନେକ ସମାଲୋଚକ ଭାରତରେ ନିରପେକ୍ଷ ଓ ସ୍ୱାଧୀନ ନ୍ୟାୟପାଳିକା ପରିବର୍ତ୍ତେ ଅଙ୍ଗୀକୃତ ନ୍ୟାୟପାଳିକା (Committed Judiciary) ଦେଖାଦେଇଛି ବୋଲି ମନ୍ତବ୍ୟ ପ୍ରକାଶ କରନ୍ତି । ସେମାନଙ୍କ ଉକ୍ତିର ଯଥାର୍ଥତା ପାଇଁ ନିମ୍ନରେ କେତୋଟିମାତ୍ର ଉଦାହରଣ ଦିଆଗଲା ।

ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶମାନଙ୍କ ନିଯୁକ୍ତି ବେଳେ ରାଷ୍ଟ୍ରପତିଙ୍କୁ ମନ୍ତ୍ରିପରିଷଦ, ବିଶେଷକରି ପ୍ରଧାନମନ୍ତ୍ରୀ ପରାମର୍ଶ ଦିଅନ୍ତି, ଅର୍ଥାତ୍ ନିଯୁକ୍ତିକୁ ପରୋକ୍ଷଭାବରେ ପ୍ରଭାବିତ କରନ୍ତି । ସେହିପରି ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶମାନଙ୍କ ନିଯୁକ୍ତିବେଳେ ପ୍ରଧାନମନ୍ତ୍ରୀଙ୍କ ବିଶ୍ୱାସଭାଜନ ହୋଇଥିବା ମୁଖ୍ୟମନ୍ତ୍ରୀହିଁ ପ୍ରକୃତ ନାୟକ ହୋଇଥାନ୍ତି । ଭାରତସରକାରଙ୍କ ଆଇନ ଆୟୋଗ ( The Law Commission of Government of India ) ତାହାର ୧୯୫୮ ମସିହାର ଚତୁର୍ଦ୍ଦଶ ବିବରଣୀରେ କହିଛନ୍ତି ଯେ, ଉଚ୍ଚନ୍ୟାୟାଳୟଗୁଡ଼ିକର ନ୍ୟାୟାଧୀଶମାନଙ୍କ ନିଯୁକ୍ତି ସାଂପ୍ରଦାୟିକତା, ଆଂଚଳିକତା, ଏବଂ ରାଜନୈତିକ ପୃଷ୍ଠପୋଷକତା ( Communalism, regionalism and Political Patronage) ଦ୍ୱାରା ଅତିରିକ୍ତଭାବେ ପ୍ରଭାବିତ ।

୧୯୭୩ ମସିହାରେ ପ୍ରଥମଥରପାଇଁ ବୟୋଜ୍ୟେଷ୍ଠତା ପ୍ରଥା (Principle of Seniority) ପରିତ୍ୟାଗ କରି ତିନିଜଣ ବୟୋଜ୍ୟେଷ୍ଠ ନ୍ୟାୟାଧୀଶଙ୍କୁ ଅତିକ୍ରମ କରି

ଏ. ଏନ୍. ରାୟଙ୍କୁ ଉଚ୍ଚତମ ନ୍ୟାୟାଳୟର ମୁଖ୍ୟ ନ୍ୟାୟାଧୀଶରୂପେ ନିଯୁକ୍ତ କରାଗଲା । ଫଳରେ ଭବିଷ୍ୟତରେ ସରକାରଙ୍କ ନୀତି ଏବଂ ସ୍ୱାର୍ଥକୁ ସମର୍ଥନ ଜଣାଉଥିବା ଯେକୌଣସି କନିଷ୍ଠ ନ୍ୟାୟାଧୀଶଙ୍କର ପଦୋନ୍ନତି ହୋଇପାରେ ଏବଂ ବିଚାରବିଭାଗୀୟ ନିରପେକ୍ଷତା ନଷ୍ଟ ହୋଇପାରେ ।

ଶୂନ୍ୟସ୍ଥାନ ପୂରଣପାଇଁ ଉଚ୍ଚନ୍ୟାୟାଳୟର ନ୍ୟାୟାଧୀଶ ନିଯୁକ୍ତି ପ୍ରସଙ୍ଗରେ ମୁଖ୍ୟ ନ୍ୟାୟାଧୀଶଙ୍କ ଦ୍ୱାରା ପ୍ରସ୍ତାବିତ ନାମ ରାଷ୍ଟ୍ରପତିଙ୍କ ପାଖରେ ପହଞ୍ଚିବା ପୂର୍ବରୁ ମୁଖ୍ୟମନ୍ତ୍ରୀ ବା ରାଜ୍ୟପାଳଙ୍କ ଦ୍ୱାରା ପରିବର୍ତ୍ତିତ ହେଲେ, ମୁଖ୍ୟ ନ୍ୟାୟାଧୀଶ ଦୟନୀୟ ଅବସ୍ଥାର ସମ୍ମୁଖୀନ ହୁଅନ୍ତି । ପୁଣି ନିଯୁକ୍ତ ନ୍ୟାୟାଧୀଶ, ତାଙ୍କ ପଛରେ ମୁଖ୍ୟ ନ୍ୟାୟାଧୀଶଙ୍କ ସମ୍ମତି ନଥିଲା ଅଥଚ ସେ ଶାସନ ବିଭାଗର ସୁପାରିଶ ଦ୍ୱାରା ନିଯୁକ୍ତ ବୋଲି ଜାଣିଲେ ପରିସ୍ଥିତି ଗୁରୁତର ଆକାର ଧାରଣ କରିପାରେ ।

ଉଚ୍ଚତମ ନ୍ୟାୟାଳୟ ବା ଉଚ୍ଚନ୍ୟାୟାଳୟରେ ମୁଖ୍ୟନ୍ୟାୟାଧୀଶଙ୍କ ସ୍ଥାନ ଖାଲିପଡ଼ିଲେ ଅସ୍ଥାୟୀ ମୁଖ୍ୟ ନ୍ୟାୟାଧୀଶ (Acting Chief Justice) ନିଯୁକ୍ତିର ବ୍ୟବସ୍ଥା କରାଯାଏ । ଏହିପରି ବ୍ୟବସ୍ଥା ଦୋଷପୂର୍ଣ୍ଣ ଅଟେ । କୌଣସି ଲାଳାୟିତ ବ୍ୟକ୍ତି, ଶାସନବିଭାଗର ପୃଷ୍ଠପୋଷକତା ଲାଭକରିବା ଯାହାଙ୍କ ଉଦ୍ଦେଶ୍ୟ, ପ୍ରଥମେ ଏହିପରି ସୁବିଧା ଅଙ୍ଗୀକାର କରି ଅସ୍ଥାୟୀ ମୁଖ୍ୟ ନ୍ୟାୟାଧୀଶ ରୂପେ ନିଯୁକ୍ତ ହୋଇପାରିବେ । ଫଳରେ ସ୍ଥାୟୀ ମୁଖ୍ୟ ନ୍ୟାୟାଧୀଶ ନିଯୁକ୍ତିବେଳେ ନିଜର ଆସ୍ଥାନ ଦୃଢ଼ କରିପାରିବେ ।

ଉଚ୍ଚ ନ୍ୟାୟାଳୟର ନ୍ୟାୟାଧୀଶମାନେ ଅବସର ଗ୍ରହଣ ପରେ ସଂଶ୍ଳିଷ୍ଟ ନ୍ୟାୟାଳୟରେ ଅଧିବକ୍ତା ହୋଇପାରିବେ ନାହିଁ ବୋଲି ସଂବିଧାନରେ କୁହାଯାଇଛି । କିନ୍ତୁ ସେମାନେ, ରାଜ୍ୟପାଳ, ରାଷ୍ଟ୍ରଦୂତ, ମନ୍ତ୍ରୀ କିମ୍ବା କୌଣସି ଆୟୋଗର ଅଧ୍ୟକ୍ଷ ହିସାବରେ ନିଯୁକ୍ତ ହୋଇପାରନ୍ତି । ଶାସନବିଭାଗୀୟ ପୃଷ୍ଠପୋଷକତା ନଥିଲେ କୌଣସି ବ୍ୟକ୍ତି ଏହିସବୁ ପଦରେ ଅଧିଷ୍ଠିତ ହୋଇପାରିବେ ନାହିଁ । ଅତଏବ ଏହିସବୁ ପଦପାଇଁ ନିଯୁକ୍ତିରେ ବାଧାନିଷେଧ ନଥିବା ଯୋଗୁଁ ନ୍ୟାୟପାଳିକାରେ ଶାସନବିଭାଗର ହସ୍ତକ୍ଷେପର ଆଶଂକା କରାଯାଏ ।

ଶାସନ ବିଭାଗ ନିଜର ସ୍ୱେଚ୍ଛାଧୀନ କ୍ଷମତା (Discretionary) ବଳରେ କିମ୍ବା ବିଧାନମଣ୍ଡଳ ଜରିଆରେ କୌଣସି ସଂବିଧାନ ସଂଶୋଧନ ଦ୍ୱାରା ବାରମ୍ବାର ବିଚାରବିଭାଗୀୟ ସିଦ୍ଧାନ୍ତର ପ୍ରତିହତ କରିବାଦ୍ୱାରା ନ୍ୟାୟପାଳିକାର ସ୍ୱାଧୀନତା ଉପରେ ଆଞ୍ଚ ଆସିପାରେ । ୨୪ ତମ ଓ ୨୫ ତମ ସଂବିଧାନ ସଂଶୋଧନକୁ ଦୃଷ୍ଟାନ୍ତ ରୂପେ ନିଆଯାଇପାରେ । ଅନେକ ସମୟରେ ଦାୟିତ୍ୱଶୀଳ ରାଜନୈତିକ ନେତାମାନେ ନ୍ୟାୟପାଳିକାର ଖୋଲାଖୋଲି ସମାଲୋଚନା କରିଥାନ୍ତି । ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧୀଙ୍କ ମାମଲାରେ ଆଲ୍ଲାହାବାଦ ଉଚ୍ଚ-ନ୍ୟାୟାଳୟର ରାୟକୁ ବହୁ ମାନ୍ୟଗଣ୍ୟ ରାଜନୈତିକ ନେତା ମୁକ୍ତ ସମାଲୋଚନା କରିଥିଲେ ।

ଏହା ବ୍ୟତୀତ ପୂର୍ବରୁ ବର୍ଣ୍ଣିତ କରାଯାଇଥିବା ଶାସନବିଭାଗ ଏବଂ ବିଚାର ବିଭାଗ ମଧ୍ୟରେ ସଂଘର୍ଷ ନ୍ୟାୟପାଳିକାର ସ୍ୱାଧୀନତା ଏବଂ ନିରପେକ୍ଷତା ଉପରେ କୁଠାରାଘାତର ଅନ୍ୟ ଏକ କାରଣ ।

ନ୍ୟାୟପାଳିକାର ନିରପେକ୍ଷତା ଓ ସ୍ୱାଧୀନତା ବଜାୟ ରଖିବାପାଇଁ କେତେକ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରାଯାଇପାରେ—

(୧) ବିଶିଷ୍ଟ ଆଇନଜ୍ଞ ଏବଂ ଆଇନ ବିଶାରଦ ମାନଙ୍କଦ୍ୱାରା ପ୍ରସ୍ତୁତ ଏକ ନାମ-ତାଲିକା (Panel) ମଧ୍ୟରୁ ରାଷ୍ଟ୍ରପତି ନ୍ୟାୟାଧୀଶ ନିଯୁକ୍ତ କରିବେ ।

(୨) କୌଣସି ଅବସ୍ଥାପ୍ରାପ୍ତ ମୁଖ୍ୟ ନ୍ୟାୟାଧୀଶ ବା ଅସ୍ଥାୟୀ ନ୍ୟାୟାଧୀଶ ନିଯୁକ୍ତି ବ୍ୟବସ୍ଥାକୁ ଲୋପ କରିବାକୁ ହେବ ।

(୩) ଉଚ୍ଚତର ଅର୍ଥନୈତିକ ସୁରକ୍ଷାପାଇଁ ନ୍ୟାୟାଧୀଶମାନଙ୍କ ବେତନ ଓ ଭତ୍ତା ବୃଦ୍ଧିର ଆବଶ୍ୟକତା ପୂରଣ କରାଯାଇପାରେ ।

(୪) ଅନ୍ୟାନ୍ୟ ନ୍ୟାୟାଧୀଶଙ୍କ କାର୍ଯ୍ୟକଳାପର ପୁନରାବଲୋକନ କରିବାର କ୍ଷମତା ମୁଖ୍ୟ ନ୍ୟାୟାଧୀଶଙ୍କ ନିକଟରେ ରହିବା ଉଚିତ ।

(୫) ଯୋଗ୍ୟତା, ଦକ୍ଷତା ଏବଂ ବୟୋଜ୍ୟେଷ୍ଠତା ଉପରେ ଭିତ୍ତିକରି ନ୍ୟାୟାଧୀଶ-ମାନଙ୍କର ପଦୋନ୍ନତି ହେବା ଆବଶ୍ୟକ ।

(୬) ନ୍ୟାୟାଧୀଶମାନେ ସର୍ବସାଧାରଣଙ୍କଠାରୁ ଦୂରରେ ରହିବା ଉଚିତ ତେବେ ଯାଇ ସେମାନଙ୍କ ସାଧୁତା ବଜାୟ ରହିବ ।

(୭) ନ୍ୟାୟାଧୀଶମାନେ ସମ୍ବିଧାନ, ଆଇନ ଏବଂ ଜାତୀୟ ଆବଶ୍ୟକତାକୁ ଆଖିଆଗରେ ରଖି ନ୍ୟାୟ ବିଚାର କରିବା ବିଧେୟ । ତେବେ ଯାଇ ନ୍ୟାୟପାଳିକା ଗତିଶୀଳ ହୋଇପାରିବ । ନ୍ୟାୟ ସଂପୂର୍ଣ୍ଣ ସ୍ଥିତିଶୀଳ ହେଲେ, ନ୍ୟାୟପାଳିକା ବିରୁଦ୍ଧରେ ଜନ ଆନ୍ଦୋଳନ ଦେଖାଦେଇପାରେ ।

(୮) ଶାସନ ବିଭାଗ, ଆଇନବିଭାଗ ଓ ବିଚାର ବିଭାଗକୁ ନେଇ ଗଠିତ ସରକାର ଏକ ଜୈବିକ ( Organic ) ସଂସ୍ଥା । ତେଣୁ ବିଚାର ବିଭାଗ ଶାସନ ଏବଂ ଆଇନବିଭାଗଠାରୁ ସଂପୂର୍ଣ୍ଣ ଭିନ୍ନହୋଇ କୌଣସିମତେ ତିଷ୍ଠି ନପାରେ । ଅତଏବ ଶାସନ ଏବଂ ଆଇନ ବିଭାଗ ସହିତ ମୁକାବିଲାକୁ ବିଚାର ବିଭାଗ ସତର୍କତାର ସହିତ ଏଡ଼ାଇଲେ ତିନୋଟି ବିଭାଗ ମଧ୍ୟରେ ମିଳାମିଶା (Harmony) ଦେଖାଦେବ । ଶାସନ ଏବଂ ଆଇନ ବିଭାଗ ପରି ନ୍ୟାୟପାଳିକା ମଧ୍ୟ ସାମାଜିକ ଆନ୍ଦୋଳନ ଏବଂ ପରିବର୍ତ୍ତନର ଗୋଟିଏ ବାହନବୋଲି ମନେ ରଖିବା ଉଚିତ ।

●

# ଷୋଡ଼ଶ ପରିଚ୍ଛେଦ

## ଭାରତୀୟ ସଂବିଧାନ ସଂଶୋଧନର ତାଲିକା

ଗତିଶୀଳ ଦୁନିଆରେ ପ୍ରତ୍ୟେକ ଦେଶରେ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ରରେ ପରିବର୍ତ୍ତନ ଅବଶ୍ୟମ୍ଭାବୀ । କୌଣସି ଦେଶର ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ପରିସ୍ଥିତି ସଂବିଧାନର ବ୍ୟବସ୍ଥା ଅନୁଯାୟୀ ପରିଚାଳିତ ନ ହୋଇ ବିପଥଗାମୀ ହୋଇଗଲେ ଉକ୍ତ ପରିସ୍ଥିତି ସହିତ ତାଳ ଦେବାପାଇଁ ସଂବିଧାନକୁ ସଂଶୋଧନ କରାଯାଏ । ଯୁକ୍ତରାଷ୍ଟ୍ର ଆମେରିକାର ସଂବିଧାନ କ୍ଷୁଦ୍ରତମ ହୋଇଥିଲେ ହେଁ, ଉକ୍ତ ସଂବିଧାନରେ ୧୭୦ ବର୍ଷ ମଧ୍ୟରେ ମୋଟ ୨୬ଥର ସଂଶୋଧନ ହୋଇଥିବା ସ୍ଥଳେ ବୃହତ୍ତ ଭାରତ ସଂବିଧାନକୁ କେବଳ ୩୦ ବର୍ଷ ଭିତରେ ୪୫ଥର ସଂଶୋଧନ କରାଗଲାଣି । ବାରମ୍ବାର ସଂବିଧାନ ସଂଶୋଧନ ଫଳରେ ସଂବିଧାନର ମୌଳିକ ଢାଞ୍ଚା କ୍ଷୁଣ୍ଣ ହେବାର ସମ୍ଭାବନା ଥାଏ । ଅବଶ୍ୟ ସଂବିଧାନ ସମସ୍ୟାନୁବର୍ତ୍ତୀ ନହେଲେ ଅକାମୀ ହୋଇଯାଏ ଏବଂ ଏହାର ଆମୂଳଚୂଳ ପରିବର୍ତ୍ତନର ଆବଶ୍ୟକତା ଉପଲବ୍ଧି କରାଯାଏ ।

ସଂବିଧାନର ୩୬୮ ଧାରାରେ ସଂସଦକୁ ସଂଶୋଧନ କରିବାପାଇଁ କ୍ଷମତା ଦିଆଯାଇଛି । ସଂସଦର ଉଭୟ ସଦନର ଅନୁମୋଦନପାଇଁ କେତେକ କ୍ଷେତ୍ରରେ ସଂଖ୍ୟାଧିକ ଭୋଟ ଓ କେତେକ କ୍ଷେତ୍ରରେ ଦୁଇତୃତୀୟାଂଶ ଭୋଟ ଦରକାର ଓ ଆଉ କେତେକ କ୍ଷେତ୍ରରେ ଦୁଇତୃତୀୟାଂଶ ଏବଂ ଅର୍ଦ୍ଧାଧିକ ରାଜ୍ୟ ବିଧାନସଭାର ଅନୁମୋଦନ ଆବଶ୍ୟକ । ସଂବିଧାନ ସଂଶୋଧନକୁ ରାଷ୍ଟ୍ରପତି ସ୍ୱୀକୃତି ଦେବାକୁ ବାଧ୍ୟ । ୧୯୫୧ ମସିହାରେ ପ୍ରଥମ ସଂବିଧାନ ସଂଶୋଧନ ହୋଇଥିଲା ।

### ପ୍ରଥମ ସଂଶୋଧନ (୧୯୫୧)

ସଂବିଧାନର ୧୯ଶ ଧାରା ପ୍ରଦତ୍ତ ସ୍ୱାତନ୍ତ୍ର୍ୟ (Freedom)ର ଅଧିକାରକୁ ପ୍ରଥମ ସଂବିଧାନ ସଂଶୋଧନ ଦ୍ୱାରା ସୀମିତ କରାଯାଇଛି । ରାଷ୍ଟ୍ରର ନିରାପତ୍ତା, ବୈଦେଶିକ ରାଷ୍ଟ୍ରଗୁଡ଼ିକ ସହିତ ବନ୍ଧୁତ୍ୱ ରକ୍ଷା, ସାଧାରଣ ଶୃଙ୍ଖଳା, ଶିଷ୍ଟତା, ନୈତିକତା ପ୍ରଭୃତି ଦୃଷ୍ଟିରୁ ଇଚ୍ଛାକଲେ ରାଷ୍ଟ୍ର ସ୍ୱାତନ୍ତ୍ର୍ୟର ଅଧିକାର ଉପରେ ଯୁକ୍ତିସଂଗତ ବନ୍ଧନ ପକାଇ ପାରିବେ ।

ଉକ୍ତ ସଂବିଧାନ ସଂଶୋଧନ ଦ୍ୱାରା ୩୧ ଧାରାରେ ଉଲ୍ଲିଖିତ ସଂପତ୍ତିର ଅଧିକାରରେ ମଧ୍ୟ ଏକ ନୂତନ ଧାରା (Clause) ସଂଯୁକ୍ତ କରାଯାଇଛି । ଉକ୍ତ ଧାରା ଅନୁଯାୟୀ ଜମିଦାରୀ ଉଚ୍ଛେଦ ଆଇନ ସମ୍ବନ୍ଧରେ କୌଣସି ନ୍ୟାୟାଳୟରେ ଆପତ୍ତି ଉତ୍ଥାପନ କରାଯାଇପାରିବ ନାହିଁ । ସଂପତ୍ତିକୁ ଦଖଲ କରିବାପାଇଁ କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯାଇଥିଲା । ଶଙ୍କରୀ ପ୍ରସାଦ ବନାମ ବିହାର ମୋକଦ୍ଦମାରେ ଉଚ୍ଚତମ ନ୍ୟାୟାଳୟ ଏହା ବୈଧ ବୋଲି ରାୟ ଦେଇଥିଲେ ।

## ଦ୍ୱିତୀୟ ସଂଶୋଧନ (୧୯୫୨)

୧୯୫୨ ଜନଗଣନାପରେ ଦ୍ୱିତୀୟ ସଂବିଧାନ ସଂଶୋଧନର ଆବଶ୍ୟକତା ଉପଲବ୍ଧି କରାଗଲା । ତେଣୁ ସଂବିଧାନର ୮୧ ଧାରାକୁ ସଂଶୋଧିତ କରାଯାଇ ଲୋକସଭା ନିର୍ବାଚନରେ ପ୍ରତ୍ୟେକ ୭୫୦,୦୦୦ ବ୍ୟକ୍ତିପାଇଁ ଅନ୍ୟୁନ ଜଣେ ପ୍ରତିନିଧି ବ୍ୟବସ୍ଥାକୁ ରଦ୍ଦ କରାଗଲା । ପ୍ରତ୍ୟେକ ଲୋକସଭା ନିର୍ବାଚନ ମଣ୍ଡଳୀପାଇଁ ଜନସଂଖ୍ୟାର ଊର୍ଦ୍ଧ୍ୱସୀମାକୁ ଉଠାଇ ଦିଆଗଲା ଏବଂ ଲୋକସଭାର ସର୍ବାଧିକ ସଭ୍ୟସଂଖ୍ୟା ୫୦୦ରୁ ଅଧିକ ହେବ ନାହିଁ ବୋଲି ନିର୍ଦ୍ଧାରିତ କରାଗଲା ।

## ତୃତୀୟ ସଂଶୋଧନ (୧୯୫୪)

ତୃତୀୟ ସଂଶୋଧନରେ ସପ୍ତମ ଅନୁସୂଚୀକୁ ସଂଶୋଧିତ କରାଯାଇ ମିଳିତ ତାଲିକାର ୩୩ତମ ବିଷୟ (entry) ପରିବର୍ତ୍ତିତରେ ଏକ ନୂତନ ବିଷୟକୁ ସଂଯୋଗ କରାଗଲା । ଉକ୍ତ ବିଷୟରେ ଖାଦ୍ୟ ସାମଗ୍ରୀ, ଗୋଖାଦ୍ୟ, ତୁଳା, ଝୋଟ ପ୍ରଭୃତି ଅତିରିକ୍ତ ବିଷୟରୂପେ ସ୍ଥାନ ପାଇଲା । ଉକ୍ତ ଜିନିଷଗୁଡ଼ିକର ଆଦାୟ ଏବଂ ବଣ୍ଟନ ଆବଶ୍ୟକ ସ୍ଥଳେ କେନ୍ଦ୍ର ସରକାର ନିୟନ୍ତ୍ରଣ କରିବେ ବୋଲି ମଧ୍ୟ ବ୍ୟବସ୍ଥା ରହିଲା ।

## ଚତୁର୍ଥ ସଂଶୋଧନ (୧୯୫୫)

ଜମିଦାରୀ ଉଚ୍ଛେଦ ଏବଂ ଅନ୍ୟାନ୍ୟ କୃଷିସଂପର୍କୀୟ ଆଇନଗୁଡ଼ିକ ୧୮, ୧୯, ୩୧ ଧାରା ବହିର୍ଭୂକ୍ତ କରାଯାଇଛି । ଚତୁର୍ଥ ସଂବିଧାନ ସଂଶୋଧନ ଅନୁଯାୟୀ ସର୍ବସାଧାରଣଙ୍କ ସେବାରେ ବ୍ୟକ୍ତିଗତ ସଂପତ୍ତି ହସ୍ତଗତ କରାଗଲେ ପ୍ରଦତ୍ତ କ୍ଷତିପୂରଣ ଉପରେ କୌଣସି ନ୍ୟାୟାଳୟରେ ପ୍ରଶ୍ନ ଉଠାଯାଇପାରିବ ନାହିଁ । ରାଜ୍ୟ ସରକାରଙ୍କ ଏକଚାଟିଆ ବ୍ୟବସାୟ କରିବାର କ୍ଷମତା ଲାଭ କଲା ।

## ପଞ୍ଚମ ସଂଶୋଧନ (୧୯୫୫)

ପଞ୍ଚମ ସଂଶୋଧନ ଦ୍ୱାରା ସଂବିଧାନର ତୃତୀୟ ଧାରାକୁ ସଂଶୋଧନ କରାଗଲା । ରାଜ୍ୟଗୁଡ଼ିକର ନାମ, ଭୂଖଣ୍ଡ, ସୀମାରେଖା ଇତ୍ୟାଦି ବିଷୟ ନେଇ ପ୍ରସ୍ତାବିତ କେନ୍ଦ୍ର

ଆଇନ ଉପରେ ମତାମତ ପ୍ରକାଶ କରିବାପାଇଁ ସମସ୍ତ ସୀମାର ନିର୍ଦ୍ଧାରଣ ଲାଗି ରାଷ୍ଟ୍ରପତିଙ୍କୁ କ୍ଷମତା ଦିଆଗଲା । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସଂପୃକ୍ତ ରାଜ୍ୟ ନିଜର ମତାମତ ପ୍ରକାଶ ନକଲେ ଉକ୍ତ ବିଧେୟକକୁ ଆଲୋଚନା ପାଇଁ କେନ୍ଦ୍ର ସଂସଦ ମଧ୍ୟରେ ଉପସ୍ଥାପିତ କରାଯାଇପାରିବ ବୋଲି ସ୍ଥିର ହେଲା ।

## ଷଷ୍ଠ ସଂଶୋଧନ (୧୯୫୬)

ଷଷ୍ଠ ସଂଶୋଧନ ଜରିଆରେ କେନ୍ଦ୍ର ତାଲିକାର ୯୨ତମ ବିଷୟରେ ଏକ ନୂତନ ବିଷୟ ସଂଲଗ୍ନ କରାଗଲା । ଉକ୍ତ ବିଷୟରେ ଆନ୍ତଃରାଜ୍ୟ ବାଣିଜ୍ୟ କାରବାର ବେଳେ ସଂବାଦପତ୍ର ବ୍ୟତୀତ ଅନ୍ୟାନ୍ୟ ଜିନିଷର ବିକାକିଣା ଉପରେ କର ଧାର୍ଯ୍ୟ କରିବାର ବ୍ୟବସ୍ଥା କରାଗଲା । ଆନ୍ତଃରାଜ୍ୟ ବାଣିଜ୍ୟ ସମୟରେ କେତେବେଳେ ଜିନିଷଗୁଡ଼ିକର ବିକାକିଣା ହେବ ସେ ବିଷୟରେ କେନ୍ଦ୍ର ସଂସଦ ଆଇନ ଜରିଆରେ ନୀତି ନିର୍ଦ୍ଧାରଣ କରିବେ । ଷଷ୍ଠ ସଂଶୋଧନ ଜରିଆରେ ୨୬୯ ଏବଂ ୨୮୬ ଧାରାକୁ ମଧ୍ୟ ସଂପୃକ୍ତ କରାଗଲା ।

## ସପ୍ତମ ସଂଶୋଧନ (୧୯୫୬)

ସପ୍ତମ ସଂଶୋଧନ ଫଳରେ ରାଜ୍ୟ ପୁନର୍ଗଠନ ଆୟୋଗ (States reorganisation commission) ଦ୍ଵାରା ନିର୍ଦ୍ଧାରିତ ରାଜ୍ୟଗୁଡ଼ିକୁ ସ୍ଵୀକୃତି ପ୍ରଦାନ କରାଗଲା । ଉକ୍ତ ସଂଶୋଧନ ପ୍ରଥମ ଓ ଚତୁର୍ଥ ଅନୁସୂଚୀକୁ ପରିବର୍ତ୍ତିତ କରିବା ସଙ୍ଗେ ସଙ୍ଗେ ସଂବିଧାନର ତୃତୀୟ ଓ ଚତୁର୍ଥ ଭାଗକୁ ମଧ୍ୟ ଅଦଳ ବଦଳ କରିଛି । ରାଷ୍ଟ୍ରପତି ଯଥାର୍ଥ ମନେକଲେ ପ୍ରଶାସକ ନିଯୁକ୍ତ କରି କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ପ୍ରଶାସନର ଭାର ଗ୍ରହଣ କରିବାର ବ୍ୟବସ୍ଥା ଗ୍ରହଣ କରାଗଲା । ସଂଖ୍ୟାଲଘୁ ଭାଷାର ସଂରକ୍ଷଣ ପାଇଁ ବ୍ୟବସ୍ଥା କରାଗଲା ।

## ଅଷ୍ଟମ ସଂଶୋଧନ (୧୯୬୦)

ଦେଶରେ ବିଧାନମଣ୍ଡଳିଗୁଡ଼ିକର ହରିଜନ ଓ ଗିରିଜନମାନଙ୍କପାଇଁ ସ୍ଥାନ ସଂରକ୍ଷରେ ସୀମା ପୁନର୍ବାର ୧୦ବର୍ଷପାଇଁ ବର୍ଦ୍ଧିତ କରାଗଲା । ୩୩୪ ଧାରାକୁ ସଂଶୋଧିତ କରାଯାଇ ୧୦ବର୍ଷ ସ୍ଥାନରେ ୨୦ ବର୍ଷ ଯୋଗ କରାଗଲା ।

## ନବମ ସଂଶୋଧନ (୧୯୬୦)

ଭାରତ ଓ ପାକିସ୍ଥାନ ମଧ୍ୟରେ ସୀମା ବିବାଦର ଶାନ୍ତ ସମାଧାନ ସ୍ଵରୂପ ସଂବିଧାନର ନବମ ସଂଶୋଧନ ଅଣାଗଲା ଏବଂ ଉଭୟ ଦେଶ ମଧ୍ୟରେ ଏକ ଚୁକ୍ତି ଜରିଆରେ ଭାରତ

ଭୂଖଣ୍ଡର କେତେକ ଅଂଶ ପାକିସ୍ଥାନକୁ ହସ୍ତାନ୍ତର କରାଗଲା । ନବମ ସଂଶୋଧନ ଫଳରେ ପ୍ରଥମ ଅନୁସୂଚିକୁ ସଂଶୋଧିତ କରାଯାଇଛି ।

## ଦଶମ ସଂଶୋଧନ (୧୯୬୧)

ଦଶମ ସଂଶୋଧନ ଜରିଆରେ ସଂବିଧାନର ପ୍ରଥମ ଅନୁସୂଚି ଓ ୨୦୦ ଧାରାକୁ ସଂଶୋଧିତ କରାଯାଇଛି । ଏହା ଫଳରେ ଦାଦ୍ରା ଓ ନଗରହାବେଲି କେନ୍ଦ୍ରଶାସିତ ଅଞ୍ଚଳ ସୃଷ୍ଟି କରାଗଲା ଓ ତାହାର ପ୍ରଶାସନ ନିମନ୍ତେ ରାଷ୍ଟ୍ରପତିଙ୍କୁ କ୍ଷମତାଦାନ କରାଗଲା ।

## ଏକାଦଶ ସଂଶୋଧନ (୧୯୬୧)

ସଂବିଧାନର ୭୧ ଧାରାକୁ ସଂଶୋଧନ କରାଯାଇ, ନିର୍ବାଚକ ମଣ୍ଡଳ ( Electoral College )ରେ ଶୂନ୍ୟସ୍ଥାନ ଥିଲେ ରାଷ୍ଟ୍ରପତି କିମ୍ବା ଉପରାଷ୍ଟ୍ରପତି ନିର୍ବାଚନରେ ପ୍ରଶ୍ନ ଉଠାଯାଇପାରିବ ନାହିଁ ବୋଲି ବ୍ୟବସ୍ଥା କରାଗଲା । ୬୬ ଧାରାରେ ଉପରାଷ୍ଟ୍ରପତି ନିର୍ବାଚନ ବେଳେ ସଂସଦର ଉଭୟ ସଦନର ସଭ୍ୟ ଏକ ମିଳିତ ବୈଠକରେ ଏକତ୍ରିତ ହେବାର ବ୍ୟବସ୍ଥା ଥିଲା । କିନ୍ତୁ ଏକାଦଶ ସଂଶୋଧନରେ ମିଳିତ ବୈଠକ ବ୍ୟବସ୍ଥାକୁ ଉଠାଇଦିଆଗଲା । କେବଳ ସଂସଦର ଉଭୟ ସଦନର ସଭ୍ୟମାନଙ୍କୁ ନେଇ ସୃଷ୍ଟି କରାଯାଇଥିବା ନିର୍ବାଚକ ମଣ୍ଡଳ ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିବାର ବ୍ୟବସ୍ଥା କରାଗଲା ।

## ଦ୍ୱାଦଶ ସଂଶୋଧନ (୧୯୬୨)

ଗୋଆ, ଡାମନ ଓ ଡ୍ୟୁକୁ ଅଷ୍ଟମ କେନ୍ଦ୍ରଶାସିତ ଅଞ୍ଚଳ ହିସାବରେ ଅନ୍ତର୍ଭୁକ୍ତ କରିବାପାଇଁ ଦ୍ୱାଦଶ ସଂବିଧାନ ସଂଶୋଧନର ଆବଶ୍ୟକତା ପଡ଼ିଲା । ବମ୍ବେ ଉଚ୍ଚ ନ୍ୟାୟାଳୟର କ୍ଷେତ୍ରାଧିକାରକୁ ଉକ୍ତ ନୂତନ କେନ୍ଦ୍ରଶାସିତ ଅଞ୍ଚଳ ଉପରକୁ ବିସ୍ତାର କରାଗଲା ଓ ଉକ୍ତ ଅଞ୍ଚଳକୁ ପ୍ରତିନିଧିତ୍ୱ କରିବା ପାଇଁ ଲୋକସଭାରେ ଦୁଇଟି ଆସନର ବ୍ୟବସ୍ଥା ବି କରାଗଲା । ଉକ୍ତ ସଂଶୋଧନ ବଳରେ ପ୍ରଥମ ଅନୁସୂଚିକୁ ସଂଶୋଧିତ କରାଯାଇ ୨୪୦ ଧାରାରେ (ଘ) ଅଂଶକୁ ଯୁକ୍ତ କରାଗଲା ।

## ତ୍ରୟୋଦଶ ସଂଶୋଧନ (୧୯୬୨)

ନାଗା ରାଜ୍ୟକୁ ଭାରତର ସପ୍ତଦଶ ରାଜ୍ୟ ହିସାବରେ ସୃଷ୍ଟି କରାଯାଇ ଉଭୟ ଆସାମ ଓ ନାଗାରାଜ୍ୟ ପାଇଁ ଜଣେ ( common ) ରାଜ୍ୟପାଳଙ୍କ ବ୍ୟବସ୍ଥା ମଧ୍ୟ କରାଗଲା ।

## ଚତୁର୍ଦ୍ଦଶ ସଂଶୋଧନ ( ୧୯୬୨ )

ପଣ୍ଡିଚେରୀକୁ ନବମ କେନ୍ଦ୍ରଶାସିତ ଅଞ୍ଚଳ ହିସାବରେ ଗ୍ରହଣ କରାଗଲା । ଚତୁର୍ଦ୍ଦଶ ସଂଶୋଧନଦ୍ୱାରା ପ୍ରତି କେନ୍ଦ୍ରଶାସିତ ଅଞ୍ଚଳପାଇଁ ନିର୍ବାଚିତ ବିଧାନମଣ୍ଡଳ ଓ ମନ୍ତ୍ରିପରିଷଦର ବ୍ୟବସ୍ଥା କରାଗଲା । ପ୍ରଥମ ଓ ଚତୁର୍ଥ ଅନୁସୂଚୀକୁ ସଂଶୋଧିତ କରାଗଲା । ଏକ ନୂତନ ଧାରା ୨୩୯ (କ) କୁ ସନ୍ନିବିଷ୍ଟ କରାଗଲା ଏବଂ ୨୪୦ ଧାରାକୁ ସଂଶୋଧିତ କରାଗଲା ।

## ପଞ୍ଚଦଶ ସଂଶୋଧନ (୧୯୬୩ )

ପଞ୍ଚଦଶ ସଂବିଧାନ ସଂଶୋଧନରେ ୨୨୪ ଧାରାକୁ ସଂଶୋଧିତ କରାଯାଇ ଉଚ୍ଚ-ନ୍ୟାୟାଳୟଗୁଡ଼ିକର ନ୍ୟାୟାଧୀଶଙ୍କ ଅବସରପ୍ରାପ୍ତ ବୟସସୀମା ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି କରାଗଲା । ଉକ୍ତ ସଂଶୋଧନ ସାହାଯ୍ୟରେ ୩୧୧ ଧାରାକୁ ସଂଶୋଧିତ କରାଯାଇ ସରକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ନିୟମକୁ ସୀମିତ ରଖାଗଲା । ଏହା ବ୍ୟତୀତ ୨୨୬, ୨୯୭, ୩୧୬ ପ୍ରଭୃତି ଧାରା ମଧ୍ୟ ଉକ୍ତ ସଂଶୋଧନଦ୍ୱାରା ସଂଶୋଧିତ ହେଲା । ହାଇକୋର୍ଟ ବିଚାରପତିଙ୍କ ଜନ୍ମ ତାରିଖ ବିଷୟରେ ବିବାଦ ହେଲେ ରାଷ୍ଟ୍ରପତି ବିଚାର କରି ଚୂଡ଼ାନ୍ତ ନିଷ୍ପତ୍ତି ଦେବେ ।

## ଷଷ୍ଠଦଶ ସଂଶୋଧନ ( ୧୯୬୩ )

ସମ୍ବିଧାନର ୧୯ ଧାରାରେ ଥିବା ସ୍ୱାତନ୍ତ୍ର୍ୟର ଅଧିକାର ସହିତ ୮୪ ଓ ୧୭୩ ଧାରା-ଗୁଡ଼ିକ ମଧ୍ୟ ସଂଶୋଧିତ ହୋଇଛି । ଏହା ଦ୍ୱାରା ଦେଶର ସଂହତି ବ୍ୟାହତ ହେଲଭଳି ଯେକୌଣସି କାର୍ଯ୍ୟକଳାପକୁ ନିଷେଧ କରିବାର ଅଧିକାର ରାଜ୍ୟ ସରକାରମାନଙ୍କୁ ଦିଆ-ଯାଇଛି । ଦେଶର ବିଲଗ୍ନତାକୁ ନିର୍ବାଚନ ଇସ୍ତାହାରରେ ସ୍ଥାନ ଦେବାପାଇଁ ରାଜନୈତିକ ଦଳମାନଙ୍କୁ ବାରଣ କରାଯାଇଛି । ଏହି ସମସ୍ତ ପଦକ୍ଷେପ ଭାରତର ସଂହତି, ଅଖଣ୍ଡତା ଓ ସାର୍ବଭୌମତ୍ୱ ବଜାୟ ରଖିବାପାଇଁ କରାଯାଇଛି, ଏବଂ ନିର୍ବାଚନର ପ୍ରାର୍ଥୀ ଓ ବିଚାରପତି ଇତ୍ୟାଦିଙ୍କୁ ଏହି ମର୍ମରେ ଶପଥପାଠ କରିବା ଆବଶ୍ୟକ ହେଲା ।

## ସପ୍ତଦଶ ସଂଶୋଧନ ( ୧୯୬୪ )

ସମ୍ବିଧାନର ୩୧ (A) ଧାରାକୁ ସଂଶୋଧିତ କରାଯାଇ ଜମିଦାରୀ (Estate)ର ସଂଜ୍ଞାକୁ ବର୍ଦ୍ଧିତ କରାଯାଇଛି । ବ୍ୟକ୍ତିଗତ ଚାଷରେ ଥିବା ସିଲିଂ ଅନ୍ତର୍ଗତ କୌଣସି ଜମିକୁ କିମ୍ବା ତତ୍ସଂଲଗ୍ନ କୋଠାବାଡ଼ିକୁ ବଜାର ଦରରେ ଉପଯୁକ୍ତ କ୍ଷତିପୂରଣ ନଦେଇ ସରକାର ହସ୍ତଗତ କରିପାରିବେ ନାହିଁ । ଭୂସଂସ୍କାରକୁ ତ୍ୱରାନ୍ୱିତ କରିବାପାଇଁ ଉକ୍ତ ସଂଶୋଧନକୁ କାର୍ଯ୍ୟକାରୀ କରାଗଲା ।

## ଅଷ୍ଟାଦଶ ସଂଶୋଧନ ( ୧୯୬୬ )

ତୃତୀୟ ଧାରାକୁ ସଂଶୋଧିତ କରାଯାଇ ତାହାର ବ୍ୟାଖ୍ୟା କରାଯାଇଛି । କୌଣସି ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳର କିଛି ଅଂଶ ସହିତ ଅନ୍ୟ ଏକ ରାଜ୍ୟ ବା କେନ୍ଦ୍ର ଶାସିତ ଅଞ୍ଚଳର କିଛି ଅଂଶ ମିଳିକରି କେନ୍ଦ୍ର ସଂସଦ ଏକ ନୂତନ ରାଜ୍ୟ ବା କେନ୍ଦ୍ରଶାସିତ ଅଞ୍ଚଳ ଗଠନ କରିପାରିବେ ବୋଲି ଉକ୍ତ ବ୍ୟାଖ୍ୟାରେ କୁହାଯାଇଛି । ପଞ୍ଜାବ ଓ ହରିଆନା ଦୁଇଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଚଣ୍ଡିଗଡ଼ ଉକ୍ତ ସଂଶୋଧନ ଫଳରେ ସୃଷ୍ଟି ହୋଇଛି ।

## ଊନବିଂଶ ସଂଶୋଧନ ( ୧୯୬୬ )

ଊନବିଂଶ ସଂଶୋଧନରେ ୩୨୪ ଧାରାକୁ ସଂଶୋଧିତ କରାଯାଇଛି । ଲୋକସଭା ଓ ରାଜ୍ୟ ବିଧାନସଭାମାନଙ୍କର ନିର୍ବାଚନ ସଂକ୍ରାନ୍ତୀୟ ମାମଲାଗୁଡ଼ିକୁ ବିଚାର କରିବାପାଇଁ ସଂବିଧାନର ୩୨୪ ଧାରାରେ ଥିବା ନିର୍ବାଚନ ଅଧିକରଣ ( Election Tribunal ) ନିଯୁକ୍ତ ବ୍ୟବସ୍ଥାକୁ ଉଠାଇ ନିଆଗଲା । ଉକ୍ତ ସଂଶୋଧନ ବ୍ୟବସ୍ଥା ଅନୁଯାୟୀ ନିର୍ବାଚନ ଦରଖାସ୍ତଗୁଡ଼ିକର ଶୁଣାଣି ଉଚ୍ଚ ନ୍ୟାୟାଳୟଦ୍ୱାରା ହୋଇପାରିବ । ଅବଶ୍ୟ ଉଚ୍ଚନ୍ୟାୟାଳୟର ରାୟ ବିରୁଦ୍ଧରେ ଉଚ୍ଚତମ ନ୍ୟାୟାଳୟ ନିକଟରେ ଅପିଲ କରାଯାଇପାରିବ ।

## ବିଂଶ ସଂଶୋଧନ ( ୧୯୬୬ )

୨୩୩ ଧାରା ସହିତ ୨୩୩ (A) ଧାରାକୁ ସଂଯୋଗ କରାଗଲା । ପୂର୍ବରୁ ନିଯୁକ୍ତ କେତେକ ରାଜ୍ୟରେ ଜିଲ୍ଲା ନ୍ୟାୟାଧୀଶମାନଙ୍କ ନିଯୁକ୍ତିକୁ ବୈଧ ଘୋଷଣା କରାଗଲା । ଯେଉଁ ନ୍ୟାୟିକ ପଦାଧିକାରୀଙ୍କ ନିଯୁକ୍ତିକୁ ଉଚ୍ଚତମ ନ୍ୟାୟାଳୟ ଅବୈଧ ଘୋଷଣା କରିଥିଲେ, ସେମାନଙ୍କଦ୍ୱାରା ଦିଆଯାଇଥିବା ନିଯୁକ୍ତି, ବଦଳି, ରାୟ, ଡିକ୍ରୀ, ଦଣ୍ଡାଦେଶ ଓ ଅନ୍ୟ ଆଦେଶଗୁଡ଼ିକୁ ବୈଧ କରାଗଲା ।

## ଏକବିଂଶ ସଂଶୋଧନ ( ୧୯୬୭ )

ସମ୍ବିଧାନର ଅଷ୍ଟମ ଅନୁସୂଚୀରେ ଲିପିବଦ୍ଧ ଜାତୀୟ ଭାଷା ତାଲିକାରେ ସିନ୍ଧି ଭାଷାକୁ ଅନ୍ତର୍ଭୁକ୍ତ କରାଗଲା ।

## ଦ୍ୱାବିଂଶ ସଂଶୋଧନ (୧୯୬୯ )

ଏକ ନୂତନଧାରା ୨୪୪ (A) ସୃଷ୍ଟି କରାଗଲା । ଯାହାର ବ୍ୟବସ୍ଥା ଅନୁଯାୟୀ କେନ୍ଦ୍ର ସଂସଦ ଆଇନ ସାହାଯ୍ୟରେ ଆସାମ ରାଜ୍ୟ ମଧ୍ୟରେ ପାର୍ବତ୍ୟ ଅଞ୍ଚଳଗୁଡ଼ିକ ନେଇ ଏକ ସ୍ୱତନ୍ତ୍ର ରାଜ୍ୟ ଗଠନ କରିପାରିବେ । ଉକ୍ତ ରାଜ୍ୟପାଇଁ ଏକ ବିଧାନମଣ୍ଡଳ ଓ ମନ୍ତ୍ରିପରିଷଦର ମଧ୍ୟ ବ୍ୟବସ୍ଥା କରାଯାଇ ଆଇନ ସମ୍ମତ ଅଧିକାର ଦିଆଯିବ । ମେଘାଳୟ ଏକ ରାଜ୍ୟରେ ପରିଣତ ହେଲା ।

## ତ୍ରୟୋବିଂଶ ସଂଶୋଧନ (୧୯୬୯)

ସଂବିଧାନର ୩୩୦, ୩୩୨, ୩୩୩ ଓ ୩୩୪ ଧାରାକୁ ସଂଶୋଧିତ କରାଯାଇ ହରିଜନ ଓ ଗିରିଜନମାନଙ୍କ ପାଇଁ ସ୍ଥାନ ସଂରକ୍ଷଣର ସମସ୍ତ ସୀମାକୁ ପୁଣି ୧୦ ବର୍ଷ ପାଇଁ ଅର୍ଥାତ୍ ୨୬ ଜାନୁଆରୀ ୧୯୮୦ ପର୍ଯ୍ୟନ୍ତ ବର୍ଦ୍ଧିତ କରାଗଲା ।

## ଚତୁର୍ବିଂଶ ସଂଶୋଧନ (୧୯୭୧)

ଚତୁର୍ବିଂଶ ସଂଶୋଧନ ଏକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ । ସଂବିଧାନର ମୌଳିକ ଅଧିକାର ସହିତ ସମସ୍ତ ଭାଗର ସଂଶୋଧନ କରିବାର ଅଧିକାର କେନ୍ଦ୍ର ସଂସଦକୁ ପ୍ରଦତ୍ତ କରାଗଲା । ଫଳରେ ସଂସଦ ନିକଟରେ ସଂବିଧାନର ଯେ କୌଣସି ଅଂଶକୁ ବଦଳାଇବା ରଦ୍ଦକରିବା ବା ନୂତନ ଅଂଶ ଯୁକ୍ତ କରିପାରିବା କ୍ଷମତା ରହିଲା । ଗୋଲକନାଥ ମାମଲାରେ ସଂସଦ ମୌଳିକ ଅଧିକାରକୁ ସଂଶୋଧନ କରିପାରିବେ ନାହିଁ ବୋଲି ଉଚ୍ଚତମ ନ୍ୟାୟାଳୟ ଦେଇଥିବା ରାୟକୁ ଅକାମି କରିବା ଉଦ୍ଦେଶ୍ୟରେ ଚତୁର୍ବିଂଶ ସଂଶୋଧନ ପ୍ରଣୀତ କରାଗଲା ।

## ପଞ୍ଚବିଂଶ ସଂଶୋଧନ (୧୯୭୧)

୩୧ ଧାରାକୁ ସଂଶୋଧନ କରି ପଞ୍ଚବିଂଶ ସଂଶୋଧନଦ୍ୱାରା ଜନସ୍ୱାର୍ଥ ଦୃଷ୍ଟିରୁ କୌଣସି ବ୍ୟକ୍ତିଗତ ସମ୍ପତ୍ତିକୁ ହସ୍ତଗତ କରାଗଲେ କ୍ଷତିପୂରଣର ରାଶିକୁ ନିର୍ଦ୍ଧାରଣ କରିବା-ପାଇଁ ସଂସଦକୁ କ୍ଷମତାପ୍ରାପ୍ତ କରାଗଲା । ସଂବିଧାନର ୩୯ ଧାରାରେ ଥିବା ନିର୍ଦ୍ଦେଶକ ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବା ନିମନ୍ତେ ପ୍ରଣୀତ ଆଇନର ସୁରକ୍ଷିତ କରାଗଲା । ନିର୍ଦ୍ଦେଶକ ନୀତି ଉପରେ ଭିତ୍ତିକରି ପ୍ରଣୀତ ଆଇନଗୁଡ଼ିକୁ ମୌଳିକ ଅଧିକାରର ବିରୋଧାଚରଣ କରୁଥିବା ଅଳରେ ଆପତ୍ତି କରାଯାଇପାରିବ ନାହିଁ ।

## ଷଡ଼ବିଂଶ ସଂଶୋଧନ (୧୯୭୧)

ସଂବିଧାନର ୨୯୧ ଓ ୩୬୨ ଧାରାକୁ ଉଠାଇ ନିଆଯାଇ ୩୬୩ (A) ଧାରାକୁ ଅନ୍ତର୍ଭୁକ୍ତ କରାଗଲା । ଭାରତର ପୂର୍ବତନ ରାଜାମାନଙ୍କ ବିଶେଷାଧିକାର ଓ ହାତ ପାଣ୍ଠିକୁ ଉଚ୍ଛେଦ କରାଗଲା ।

## ସପ୍ତବିଂଶ ସଂଶୋଧନ (୧୯୭୨)

ଏହି ସଂଶୋଧନ ଫଳରେ ମିଜୋରାମ ଓ ଅରୁଣାଞ୍ଚଳ ନାମରେ ଏକ ନୂତନ କେନ୍ଦ୍ର ଶାସିତ ଅଞ୍ଚଳ ସୃଷ୍ଟିକରାଯାଇ ସେଠାରେ ଏକ ବିଧାନମଣ୍ଡଳ ଓ ମନ୍ତ୍ରୀପରିଷଦର ବ୍ୟବସ୍ଥା କରାଗଲା । ବିଧାନମଣ୍ଡଳର ଅଧିବେଶନ ନଥିବାବେଳେ ଅଧ୍ୟାଦେଶ ଜାରିକରିବା ପାଇଁ ମିଜୋରାମ ଓ ଅରୁଣାଞ୍ଚଳ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସକଙ୍କୁ ଅଧିକାର ଦିଆଗଲା ।

## ଅଷ୍ଟବିଂଶ ସଂଶୋଧନ ( ୧୯୭୨ )

ଆଇ. ସି. ଏସ୍. ଅଫିସରମାନଙ୍କ ଚାକିରୀର ସର୍ତ୍ତାବଳୀ ଓ ବିଶେଷାଧିକାରକୁ ସୁରକ୍ଷିତ କରୁଥିବା ୩୧୪ ଧାରାକୁ ସମ୍ବିଧାନରୁ ହଟେଇ ଦିଆଗଲା । ସେମାନଙ୍କ ପେନ୍‌ସନ୍ ଓ ଭତ୍ତା ଆଦି ବିଷୟ ସଂସଦ ନିର୍ଣ୍ଣୟ କଲା ।

## ଊନତ୍ରିଂଶ ସଂଶୋଧନ ( ୧୯୭୨ )

୧୯୬୯ ଓ ୧୯୭୧ ମସିହାରେ ପ୍ରଣୀତ କେରଳ ଭୂସଂସ୍କାର ଆଇନକୁ ସୁରକ୍ଷିତ କରାଗଲା । ପୂର୍ବରୁ ଉକ୍ତ ଆଇନ ଦ୍ୱୟର କିୟଦଂଶ କେରଳ ଉଚ୍ଚନ୍ୟାୟାଳୟ ଓ ଉଚ୍ଚତମ ନ୍ୟାୟାଳୟଦ୍ୱାରା ରଦ୍ଦ କରିଦିଅଯାଇଥିଲା । ଊନତ୍ରିଂଶ ସଂଶୋଧନ ଜରିଆରେ ଉକ୍ତ ଆଇନ ଦୁଇଟିକୁ ନବମ ଅନୁସୂଚୀରେ ଅନ୍ତର୍ଭୁକ୍ତ କରାଗଲା ।

## ତ୍ରିଂଶ ସଂଶୋଧନ ( ୧୯୭୨ )

ସଂବିଧାନର ମୌଳିକ ବ୍ୟବସ୍ଥା ଅନୁଯାୟୀ ସଂପତ୍ତିର ମୂଲ୍ୟ ଉପରେ ଭିତ୍ତିକରି ଉଚ୍ଚତମ ନ୍ୟାୟାଳୟରେ ଅପିଲ କରାଯାଉଥିଲା କିନ୍ତୁ ତ୍ରିଂଶ ସଂଶୋଧନ ଅନୁସାରେ ଆଇନ ସଂପୃକ୍ତ ମାମଲା ( Substantial question of law ) ଥିଲେ ଉଚ୍ଚତମ ନ୍ୟାୟାଳୟରେ ଅପିଲ କରାଯାଇପାରିବ । ପୂର୍ବରୁ କେବଳ ଧନଶାଳୀ ବ୍ୟକ୍ତିମାନେ ଅପିଲ କରିବାପାଇଁ ସୁଯୋଗ ପାଉଥିଲେ । ବର୍ତ୍ତମାନ କିନ୍ତୁ ଅପିଲ କରିବାପାଇଁ ଆଉ ସଂପତ୍ତିଗତ ଭେଦଭାବ ରଖାଯାଇନାହିଁ ।

## ଏକତ୍ରିଂଶ ସଂଶୋଧନ ( ୧୯୭୩ )

ଲୋକସଭାର ସଭ୍ୟସଂଖ୍ୟା ୫୨୫ରୁ ୫୪୫କୁ ବୃଦ୍ଧି କରାଗଲା । ଲୋକସଭାରେ ରାଜ୍ୟଗୁଡ଼ିକରୁ ପ୍ରତିନିଧିତ୍ୱ କରୁଥିବା ସଭ୍ୟ ସଂଖ୍ୟା ୫୦୦ରୁ ୫୨୫କୁ ବୃଦ୍ଧି ପାଇଲା ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରୁ ପ୍ରତିନିଧିତ୍ୱ କରୁଥିବା ସଭ୍ୟ ସଂଖ୍ୟା ୨୫ରୁ ୨୦କୁ କମାଇ ଦିଆଗଲା । ଏଙ୍ଗ୍ଲୋଭାରତୀୟ ସଂପ୍ରଦାୟରୁ କେହି ପ୍ରତିନିଧିତ୍ୱ କରୁନଥିଲେ । ରାଷ୍ଟ୍ରପତି ଉକ୍ତ ସଂପ୍ରଦାୟର ୨ ଜଣଙ୍କୁ ମନୋନୀତ କରିପାରିବେ । ଉକ୍ତ ଦୁଇଜଣ ଲୋକସଭାର ସର୍ବୋଚ୍ଚ ସଭ୍ୟସଂଖ୍ୟାର ବହିର୍ଭୁକ୍ତ ଅଟନ୍ତି । ଉକ୍ତ ସଂଶୋଧନ ଫଳରେ ସମ୍ବିଧାନର ୮୧ ଧାରା ସଂଶୋଧିତ ହୋଇଅଛି ।

## ୩୨ତମ ସଂଶୋଧନ ( ୧୯୭୪ )

ଅନ୍ୟାନ୍ୟ ବିଷୟ ସହିତ ଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଓ ଚାକିରୀ କ୍ଷେତ୍ରରେ ପ୍ରବେଶ କଲାବେଳେ ମଧ୍ୟ ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳର ଅଧିବାସୀମାନଙ୍କୁ ସମାନ ସୁବିଧା ଦିଆ-ଯିବାର ବ୍ୟବସ୍ଥା କରାଗଲା । ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶର ଅନ୍ୟାନ୍ୟ ଅଞ୍ଚଳର ଗଣ୍ଡଗୋଳ

ବନ୍ଦ କରିବା ସକାଶେ ଏହି ସଂଶୋଧନର ଆବଶ୍ୟକତା ପଡ଼ିଲା । ୩୭୧ ଧାରାକୁ ସଂଶୋଧିତ କରାଯାଇ ୩୭୧ (D) ଓ ୩୭୧ (E) ଧାରାକୁ ଅନ୍ତର୍ଗତ କରାଗଲା ।

## ୩୩ତମ ସଂଶୋଧନ ( ୧୯୭୪ )

କୌଣସି ବାହ୍ୟଚାପଦ୍ୱାରା ବିଧେୟକମାନଙ୍କ ବଳ ପୂର୍ବକ ପଦତ୍ୟାଗକୁ ନିଷେଧ କରାଯାଇଛି । ଯଦି କୌଣସି କ୍ଷେତ୍ରରେ ବିଧେୟକଙ୍କୁ ବାଧ୍ୟତାମୂଳକ ପଦତ୍ୟାଗ କରିବାକୁ କୁହାଯାଇଥାଏ ସଂପୃକ୍ତ ବିଧାନମଣ୍ଡଳର ବାଚସ୍ପତିଙ୍କୁ ଉକ୍ତ ବିଷୟରେ ଅନୁଧ୍ୟାନ କରିବାକୁ ଜଣାଇଦିଅ ଯାଏ । ପଦତ୍ୟାଗ ଦରଖାସ୍ତ ସ୍ୱତଃପ୍ରବୃତ୍ତଭାବେ ହୋଇନାହିଁ ବୋଲି ବାଚସ୍ପତିଙ୍କ ହୃଦବୋଧ ହେଲେ ସେ ପଦତ୍ୟାଗ ଦରଖାସ୍ତ ଗ୍ରହଣ କରିବେ ନାହିଁ । ଉକ୍ତ ସଂଶୋଧନ ଫଳରେ ୧୦୧ ଓ ୧୯୦ ଧାରାକୁ ସଂଶୋଧିତ କରାଯାଇଛି ।

## ୩୪ତମ ସଂଶୋଧନ ( ୧୯୭୪ )

୩୪ତମ ସମ୍ବିଧାନ ସଂଶୋଧନ କରିଆରେ ନବମ ଅନୁସୂଚୀରେ ୬୭ଠାରୁ ୮୬ ବିଷୟକୁ ଅନ୍ତର୍ଭୁକ୍ତ କରାଯାଇଛି । ଉକ୍ତ ବିଷୟଗୁଡ଼ିକ ମଧ୍ୟରେ ଆନ୍ଧ୍ରପ୍ରଦେଶ, ବିହାର, ଗୁଜୁରାଟ, ହରିଆନା, ହିମାଚଳ ପ୍ରଦେଶ, ମଧ୍ୟପ୍ରଦେଶ, କେରଳ, ମହୀଶୂର, ପଞ୍ଜାବ, ପଶ୍ଚିମ-ବଙ୍ଗ, ଓଡ଼ିଶା ପ୍ରଭୃତି ରାଜ୍ୟର ଭୂସଂସ୍କାର ଆଇନକୁ ଅନ୍ତର୍ଭୁକ୍ତ କରାଯାଇଛି ।

## ୩୫ତମ ସଂଶୋଧନ ( ୧୯୭୫ )

ସିକିମର ଜନସାଧାରଣଙ୍କ ଇଚ୍ଛା ଅନୁସାରେ ଭାରତ ସିକିମ ସହଯୋଗକୁ ଦୃଢ଼ୀଭୂତ କରିବାପାଇଁ ୩୫ ତମ ସଂଶୋଧନ କରିଆରେ ସିକିମକୁ ଭାରତର ସହଯୋଗୀ ରାଜ୍ୟରୂପେ ଗ୍ରହଣ କରାଗଲା । ଏହି ସଂଶୋଧନ ଫଳରେ ଦଶମ ଅନୁସୂଚୀକୁ ନୂତନ ଭାବେ ଯୁକ୍ତ କରାଯାଇ ୨ (A) ଧାରାକୁ ସୃଷ୍ଟି କରାଗଲା ।

## ୩୬ତମ ସଂଶୋଧନ ( ୧୯୭୫ )

ଗଣଭୋଟ କରିଆରେ ସିକିମର ଜନସାଧାରଣ ଭାରତ ସହିତ ମିଶିଯିବାପାଇଁ ମତ ଦେଲାଇବାପରେ ସମ୍ବିଧାନର ୩୬ ତମ ସଂଶୋଧନ ଦ୍ୱାରା ସିକିମକୁ ଭାରତର ୨୨ ତମ ରାଜ୍ୟ ରୂପେ ଗ୍ରହଣ କରାଗଲା । ସିକିମ ବିଧାନମଣ୍ଡଳ, ବିଧେୟକ, ରାଜ୍ୟପାଳ, ମନ୍ତ୍ରିପରିଷଦ, ନ୍ୟାୟାଳୟ ପ୍ରଭୃତି ବିଷୟରେ ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଗଲା । ଫଳରେ ୩୭୧ ( F ) ଧାରାକୁ ସୃଷ୍ଟି କରାଗଲା ।

## ୩୭ ତମ ସଂଶୋଧନ ( ୧୯୭୫ )

ସମ୍ବିଧାନର ୨୩୯ (A) ଓ ୨୪୦ ଧାରାକୁ ସଂଶୋଧିତ କରାଯାଇ ପଣ୍ଡିଚେରୀ ଓ ମିଜୋରାମ ସହିତ ଅରୁଣାଚଳ ପ୍ରଦେଶରେ ବିଧାନମଣ୍ଡଳ ଓ ବିଧାନସଭାପାଇଁ ବ୍ୟବସ୍ଥା କରାଗଲା ।

## ୩୮ତମ ସଂଶୋଧନ (୧୯୭୫)

ରାଷ୍ଟ୍ରପତିଙ୍କ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବା କ୍ଷମତା, ରାଷ୍ଟ୍ରପତି, ରାଜ୍ୟପାଳ ଓ କେନ୍ଦ୍ର ଶାସିତ ଅଞ୍ଚଳର ପ୍ରଶାସକମାନଙ୍କର ଅଧ୍ୟାଦେଶ ଜାରିକରିବା କ୍ଷମତାକୁ ନ୍ୟାୟିକ ସମୀକ୍ଷା (Judical scrutiny)ର ବହିର୍ଭୂତ କରାଗଲା । ୧୨୩, ୨୧୩, ୨୩୯ (B), ୩୫୨, ୩୫୬, ୩୫୯ ଓ ୩୬୦ ଧାରାଗୁଡ଼ିକୁ ସଂଶୋଧିତ କରାଗଲା ।

## ୩୯ତମ ସଂଶୋଧନ (୧୯୭୫)

ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ଲୋକସଭା ବାଚସ୍ପତିଙ୍କ ନିର୍ବାଚନ ସଂକ୍ରାନ୍ତୀୟ ସମସ୍ତ ମାମଲାକୁ ନ୍ୟାୟିକ ସମୀକ୍ଷାରେ ବହିର୍ଭୂତ କରାଗଲା । ଏହି ସଂଶୋଧନ ନିଜର କ୍ଷମତା ପ୍ରୟୋଗ କଲାବେଳେ ପ୍ରଧାନମନ୍ତ୍ରୀଙ୍କୁ ବୈଧିକ ଅବ୍ୟାହତି ପ୍ରଦାନ କରାଗଲା । ଏହା ଫଳରେ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଓ ରାଜ୍ୟପାଳମାନଙ୍କ ସହିତ ଅବ୍ୟାହତି ପାଇବା ଦିଗରେ ସମାନ ସ୍ତରରେ ଅବସ୍ଥାନ କରେ ।

## ୪୦ତମ ସଂଶୋଧନ (୧୯୭୬)

ବିଶେଷକରି ଜମିଜମା ସଂକ୍ରାନ୍ତୀୟ କେନ୍ଦ୍ର ଓ ରାଜ୍ୟ ଆଇନଗୁଡ଼ିକ ବିରୁଦ୍ଧରେ କୌଣସି ନ୍ୟାୟାଳୟରେ ପ୍ରଶ୍ନ ଉଠାଯାଇପାରିବ ନାହିଁ । ସେ ସମସ୍ତକୁ ସଂବିଧାନର ନବମ ଅନୁସୂଚୀରେ ସ୍ଥାନ ଦିଆଯିବ । କେନ୍ଦ୍ର ସଂସଦର ଆଇନ ପ୍ରଣୟନଦ୍ୱାରା ସମୟରେ ସମୟରେ ଭାରତର ସୀମାନ୍ତର୍ଗତ ଜଳକ୍ଷେତ୍ର (Territorial water), ମହାଦେଶୀୟ ତାକ (Continental Shelf), ବର୍ଜନଶୀଳ ଅର୍ଥନୈତିକ ଅଞ୍ଚଳ (Executive Econonic zone) ଓ ସମୁଦ୍ର ତଟବର୍ତ୍ତୀ ଅଞ୍ଚଳ (Martime zone)ଗୁଡ଼ିକର ସୀମା ନିର୍ଦ୍ଧାରଣ କରିବେ । ଆନ୍ତର୍ଜାତିକ ଆଇନରେ ରାଷ୍ଟ୍ରର ସାଗର ସୀମା ବଢ଼ାଇ ଅର୍ଥନୈତିକ ପରିସର ୨୦ କି: ମି: ପର୍ଯ୍ୟନ୍ତ ରଖାଗଲା ।

## ୪୧ତମ ସଂଶୋଧନ (୧୯୭୬)

ଲୋକସେବା ଆୟୋଗର ଅଧ୍ୟକ୍ଷ ଓ ସଭ୍ୟମାନଙ୍କ ଅବସର ପ୍ରାପ୍ତିର ବୟସ ୬୦ରୁ ୬୨ ବର୍ଷକୁ ବର୍ଦ୍ଧିତ କରାଗଲା ।

## ୪୨ତମ ସଂଶୋଧନ (୧୯୭୬)

ସ୍ୱରଣ ସିଂହ କମିଟିର ପରାମର୍ଶ ଅନୁଯାୟୀ ସଂସଦ ୧୯୭୬ ମସିହାରେ ୪୨ତମ ସଂବିଧାନ ସଂଶୋଧନ ଆଇନ ପ୍ରଣୟନ କରିଥିଲେ । ଏହା ଏକ ଗୁରୁତ୍ୱପୂର୍ଣ୍ଣ ଓ ବିବାଦ-ମୂଳକ ଆଇନ ଥିଲା । ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ

ଉକ୍ତ ସଂଶୋଧନ ଆଇନ ପ୍ରଣୀତ ହୋଇଥିଲା ଓ ୧୯୭୭ ମସିହାରେ ଜନତା ସରକାର କ୍ଷମତାକୁ ଆସିବା ପରେ ଅନେକ ବ୍ୟବସ୍ଥାକୁ ସଂଶୋଧନକରି ରଦ୍ଦ କରିଦେଇଥିଲେ ।

ଉକ୍ତ ସଂଶୋଧନଦ୍ୱାରା ସଂବିଧାନର ପ୍ରସ୍ତାବନାରେ ଥିବା ସାର୍ବଭୌମ ଗଣତାନ୍ତ୍ରିକ ସାଧାରଣତନ୍ତ୍ର (Sovereign Democratic Republic) ସ୍ଥାନରେ ସାର୍ବଭୌମ ସମାଜବାଦୀ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ, ସାଧାରଣତନ୍ତ୍ର ( Sovereign Democratic, socialist, secular, Republic) ଅନ୍ତର୍ଭୁକ୍ତ କରାଯାଇଛି । ଜାତୀୟ ଐକ୍ୟ (Unity of the Nation) ପରିବର୍ତ୍ତେ ଜାତୀୟ ଐକ୍ୟ ଓ ସଂହତି (Unity & Integrity of the nation) ଅନ୍ତର୍ଭୁକ୍ତ କରାଗଲା । "ସମାଜବାଦୀ" ଶବ୍ଦର ବ୍ୟବହାରରୁ ପ୍ରମାଣିତ ହୋଇଛି ଯେ ସରକାର ଗଣତନ୍ତ୍ର ଜରିଆରେ ସ୍ୱଚ୍ଛତରେ ସମାଜବାଦ ପ୍ରତିଷ୍ଠା ଦିଗରେ ଦୃଢ଼ଚେତ୍କର ।

ପ୍ରସ୍ତାବନାରେ ଧର୍ମନିରପେକ୍ଷ ଶବ୍ଦର ସଂଯୋଗ ଦ୍ୱାରା ପ୍ରମାଣିତ ହୋଇଛି ଯେ ରାଷ୍ଟ୍ର ଧର୍ମନିରପେକ୍ଷ ପଥରୁ ପଛକୁ ନହଟିବା ପାଇଁ ଦୃଢ଼ପ୍ରତିଜ୍ଞ । ସଂହତି ଶବ୍ଦ ଅନ୍ତର୍ଭୁକ୍ତ କରି ପ୍ରମାଣ କରିଦିଆଗଲା ଯେ ଭାରତୀୟ ରାଷ୍ଟ୍ରସଂଘ ଏକ ଦୃଢ଼ ଓ ଐକ୍ୟକ ଅନୁଷ୍ଠାନ । ଦେଶରେ କୌଣସି ବିଚ୍ଛିନ୍ନତାବାଦୀ-ମନୋବୃତ୍ତିକୁ ବରଦାସ୍ତ କରାଯାଇପାରିବ ନାହିଁ । ୪୨ତମ ସଂଶୋଧନଦ୍ୱାରା ଆହୁରି ପରିଲକ୍ଷିତ ହୋଇଛି ଯେ ପ୍ରସ୍ତାବନା ମଧ୍ୟ ସଂବିଧାନର ଏକ ଅଂଶ ଯାହା କେବଳ ସଂସଦଦ୍ୱାରା ସଂଶୋଧିତ ହୋଇପାରିବ । ଏହି ସଂଶୋଧନ ଫଳରେ ସଂସଦକୁ ସଂବିଧାନ ସଂଶୋଧନ କରିବାପାଇଁ ଅଖଣ୍ଡ କ୍ଷମତା ପ୍ରଦାନ କରାଗଲା । ସଂସଦର ସାଂବିଧାନିକ କ୍ଷମତା ଉପରେ କୌଣସି ସୀମା ନିର୍ଦ୍ଧାରଣ କରାଯିବ ନାହିଁବୋଲି ସ୍ଥିର ହେଲା । ପୁଣି ଏହି ସଂଶୋଧନ ଫଳରେ ୭୪ ଧାରାକୁ ସଂଶୋଧିତ କରାଯାଇ ରାଷ୍ଟ୍ରପତିଙ୍କ ଉପରେ ମନ୍ତ୍ରିମଣ୍ଡଳର ସହାୟତା ଓ ପରାମର୍ଶ (Aid & Advice)କୁ ବାଧ୍ୟତାମୂଳକ କରାଗଲା । '୩୧ (D) ଧାରାକୁ ସଂଶୋଧିତ କରାଯାଇ ଜାତୀୟତା ବିରୋଧୀଙ୍କ କାର୍ଯ୍ୟକଳାପ ଓ ଜାତୀୟତା ବିରୋଧୀ ସଂଗଠନ ଗଠନରେ ପ୍ରତିବନ୍ଧକ ଆରୋପ କରାଗଲା । ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକର ସମୟ ସୀମାକୁ ୫ ବର୍ଷରୁ ୬ ବର୍ଷକୁ ବୃଦ୍ଧି କରାଗଲା । ମୌଳିକ ଅଧିକାର ଅପେକ୍ଷା ନିର୍ଦ୍ଦେଶକ ନୀତିକୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ଧରିନିଆଗଲା । ଭାରତୀୟଙ୍କ ପାଇଁ ୫୧ ଧାରାରେ ୧୦ଟି ନିମ୍ନୋକ୍ତ ମୌଳିକ କର୍ତ୍ତବ୍ୟ ସନ୍ନିବେଶିତ କରାଗଲା ।

(କ) ସଂବିଧାନ, ଜାତୀୟ ପତାକା ଓ ଜାତୀୟ ସଙ୍ଗୀତକୁ ସମ୍ମାନ ପ୍ରଦର୍ଶନ କରିବା ।

(ଖ) ସ୍ୱାଧୀନତା ଆନ୍ଦୋଳନର ପବିତ୍ର ଭାବକୁ ପୋଷଣ ଓ ପାଳନ କରିବା ।

(ଗ) ଭାରତର ସାର୍ବଭୌମତ୍ୱ ଐକ୍ୟ ଓ ସଂହତିକୁ ସମର୍ଥନ ଓ ସୁରକ୍ଷିତ କରିବା ।

(ଘ) ଦେଶର ପ୍ରତିରକ୍ଷା କରିବା ଓ ଆବଶ୍ୟକ ବେଳେ ଜାତୀୟ ସେବାରେ ମନୋନିବେଶ କରିବା ।

(ଙ) ସମସ୍ତ ଭାରତୀୟଙ୍କ ମଧ୍ୟରେ ଏକତା ଓ ଭ୍ରାତୃଭାବକୁ ଅଗ୍ରସର କରାଇବା । ଧର୍ମ, ଭାଷା ଓ ଆଞ୍ଚଳିକ ବିଭିନ୍ନତାକୁ ଅତିକ୍ରମ କରିବା ଓ ମହିଳାମାନଙ୍କ ଇଜ୍ଜତକୁ ବିରୋଧାଚରଣ କରୁଥିବା କାର୍ଯ୍ୟକଳାପକୁ ବର୍ଜନ କରିବା ।

(ଚ) ଆମ ମିଶ୍ରିତ ସଂସ୍କୃତିର ପରମ୍ପରାକୁ ମୂଲ୍ୟାଙ୍କନ ଓ ସଂରକ୍ଷିତ କରିବା ।

(ଛ) ଜଙ୍ଗଲ, ହ୍ରଦ, ନଦୀ ଓ ବନ୍ୟଜନ୍ତୁ ସହିତ ଅନ୍ୟ ପ୍ରାକୃତିକ ପରିବେଶକୁ ସୁରକ୍ଷିତ ଓ ଉନ୍ନତ କରିବା ଓ ଜୀବ ଜଗତପ୍ରତି ଅନୁକମ୍ପା ପ୍ରଦର୍ଶନ କରିବା ।

(ଜ) ବୈଜ୍ଞାନିକ ମନୋବୃତ୍ତି, ମାନବିକତା, ଅନୁସଂଧିତ୍ସା ଓ ସଂସ୍କାର ଭାବକୁ ବିକଶିତ କରିବା ।

(ଝ) ସର୍ବସାଧାରଣଙ୍କ ସମ୍ପତ୍ତିକୁ ସୁରକ୍ଷିତ ରଖିବା ଓ ହିଂସାତ୍ମକ କାର୍ଯ୍ୟକଳାପରୁ ନିବୃତ୍ତ ରହିବା ।

ଏନ୍. ଏ. ପାଲକିଓ୍ବାଲାଙ୍କ ମତରେ "ଆମର ମୌଳିକ ସଂବିଧାନ ନିରପେକ୍ଷତାକୁ ଦୂରକରି ଦୃଢ଼ତାକୁ ଏବଂ ମାନବିକ ମୂଲ୍ୟବୋଧକୁ ନଷ୍ଟ ନକରି କ୍ରମବିକାଶକୁ ପ୍ରଶସ୍ତ ଦେଇଛୁ କିନ୍ତୁ ୪୨ତମ ସମ୍ବିଧାନ ସଂଶୋଧନ ଫଳରେ ଏହା ଦୃଢ଼ତା ସାଙ୍ଗରେ ନିରପେକ୍ଷତାକୁ ଗ୍ରହଣ କରିଛୁ ଏବଂ ମାନବିକ ମୂଲ୍ୟବୋଧକୁ ନଷ୍ଟକରି ବିକାଶ ଦିଗରେ ଅଗ୍ରଗତି କରିବାର ପ୍ରୟାସ କରିଛୁ ।"

କିନ୍ତୁ ଏହି ସଂଶୋଧନର ଚତୁର୍ଥ ଓ ୫୫ତମ ଧାରା ଉଚ୍ଚତମ ନ୍ୟାୟାଳୟ ୯. ୬. ୧୯୮୦ରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ନାକଚ କରିଦେଇଛନ୍ତି । ସଂପୃକ୍ତ ଧାରାରେ ଉଲ୍ଲେଖ ଥିଲା କି ସମ୍ବିଧାନର ନିର୍ଦ୍ଦେଶମୂଳକ ନୀତି ମୌଳିକ ଅଧିକାର ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ । ୫୫ତମ ଧାରାରେ ସଂସଦ ଯାହା ଚାହିଁବେ ତଦନୁଯାୟୀ ସମ୍ବିଧାନ ସଂଶୋଧନ କରି-ପାରିବେ ବୋଲି ମଧ୍ୟ ବ୍ୟବସ୍ଥା ଥିଲା । ଏହାଦ୍ୱାରା ସଂସଦ ଅସୀମ କ୍ଷମତାର ଅଧିକାରୀ ହୋଇଥିଲେ ।

## ୪୩ତମ ସଂଶୋଧନ (୧୯୭୭)

ଜନତା ସରକାରଙ୍କ ଦ୍ୱାରା ୪୪ତମ ସଂଶୋଧନ ଚଠା ପ୍ରସ୍ତାବଟି ସଂସଦରେ ୧୯୭୭ ସାଲରେ ୪୩ ତମ ସମ୍ବିଧାନ ସଂଶୋଧନ ଆଇନ ହିସାବରେ ଅନୁମୋଦିତ ହେଲା । ଏହି ସଂଶୋଧନ ଜରିଆରେ ୪୨ତମ ସଂଶୋଧନଦ୍ୱାରା ଭର୍ତ୍ତି କରାଯାଇଥିବା ୩୧ (D) ଧାରାକୁ ରଦ୍ଦ କରିଦିଆଗଲା । ପୁଣି ୪୨ତମ ସଂଶୋଧନଦ୍ୱାରା ସୃଷ୍ଟି କରାଯାଇଥିବା ୩୨ (A), ୧୩୧ (A), ୧୪୪ (A), ୨୨୬ (A) ଓ ୨୨୮ (A) ଧାରାଗୁଡ଼ିକୁ ଅକାମୀ କରିଦିଆଗଲା । ୪୩ତମ ସଂଶୋଧନ ଫଳରେ ନ୍ୟାୟପାଳିକା ୪୨ତମ ସଂଶୋଧନଦ୍ୱାରା ହରାଇଥିବା କ୍ଷମତାଗୁଡ଼ିକୁ ଫେରିପାଇଲା ।

୪୩ ତମ ସଂଶୋଧନ ଚଠା ପ୍ରସ୍ତାବରେ ଲୋକସଭା ଓ ରାଜ୍ୟ ବିଧାନସଭାଗୁଡ଼ିକର ସମୟ ସୀମାକୁ ୬ ବର୍ଷରୁ ୫ ବର୍ଷକୁ କମାଇ ଦେବାର ବ୍ୟବସ୍ଥା ଥିଲା; କିନ୍ତୁ ରାଜ୍ୟସଭାରେ କଂଗ୍ରେସ ଦଳର ସଂଖ୍ୟାଗରିଷ୍ଠ ସଭ୍ୟମାନେ ତାହାର ବିରୋଧ କରିବାଫଳରେ ଉକ୍ତ ଚଠି ପ୍ରସ୍ତାବକୁ ପରିତ୍ୟାଗ କରିବାକୁ ପଡ଼ିଲା ।

## ୪୫ତମ ସଂଶୋଧନ ( ୧୯୭୮ )

୧୯୭୮ ମସିହା ମଇ ମାସ ୧୬ ତାରିଖରେ ୪୫ ତମ ସମ୍ବିଧାନ ସଂଶୋଧନ ଚଠା ପ୍ରସ୍ତାବ ଆଗତ କରାଗଲା । ଉକ୍ତ ପ୍ରସ୍ତାବରେ ନିମ୍ନୋକ୍ତ ବ୍ୟବସ୍ଥାମାନ ରହିଛି ।

୧ । ସମ୍ବିଧାନର ମୌଳିକ ଲକ୍ଷଣଗୁଡ଼ିକ ଗଣଭୋଟ ଜରିଆରେ ହିଁ ସଂଶୋଧିତ କରାଯିବ । ମୌଳିକ ଲକ୍ଷଣଗୁଡ଼ିକ ହେଲା, ସମ୍ବିଧାନର ଧର୍ମନିରପେକ୍ଷ ଓ ଗଣତାନ୍ତ୍ରିକ ଲକ୍ଷଣ, ମୌଳିକ ଅଧିକାର, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ଓ ସ୍ୱାଧୀନ ନ୍ୟାୟପାଳିକା ।

୨ । ସଂପତ୍ତିର ଅଧିକାରଜନିତ ୩୧ ଧାରାକୁ ଅକାମୀ କରାଯିବ । ସଂପତ୍ତିର ଅଧିକାର ମୌଳିକ ଅଧିକାର ନ ହୋଇ ଏକ ବୈଧିକ ଅଧିକାର ହୋଇ ରହିବ ।

୩ । ଜରୁରୀକାଳୀନ ପରିସ୍ଥିତି ଘୋଷଣା ଉପରେ କେତେଗୁଡ଼ିଏ ପ୍ରତିବନ୍ଧକ ସୃଷ୍ଟି କରାଯିବ । ପ୍ରଧାନମନ୍ତ୍ରୀଙ୍କ ପରାମର୍ଶରେ ନକରି କେବଳ ମନ୍ତ୍ରିମଣ୍ଡଳର ଲିଖିତ ପରାମର୍ଶ ପରେହିଁ ରାଷ୍ଟ୍ରପତି ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିବେ । ଆଭ୍ୟନ୍ତରୀଣ ଜରୁରୀ ପରିସ୍ଥିତି ଘୋଷଣାକୁ କଷ୍ଟସାଧ୍ୟ କରିବାପାଇଁ ୩୫୧ ଧାରାକୁ ସୀମିତ କରିବାପାଇଁ ବ୍ୟବସ୍ଥା ରହିଛି ।

ଭାରତ ସମ୍ବିଧାନର ସଂଶୋଧନର ଧାରାକୁ ଅନୁଶୀଳନ କଲେ ଜଣାଯାଏ ଯେ ଆମ ସମ୍ବିଧାନ ସ୍ଥିତିଶୀଳ ନ ହୋଇ ଗତିଶୀଳ ହୋଇଛି । କେତେକ ସମାଲୋଚକ ବାରମ୍ବାର ସଂଶୋଧନ ଫଳରେ ମୌଳିକତା ନଷ୍ଟ ହେବାର ଆଶଙ୍କା ବ୍ୟକ୍ତ କରନ୍ତି । ଅବଶ୍ୟ ଗୋଟିଏ ଜୀବନ୍ତ ପ୍ରାଣୀପରି ସମୟର ସ୍ରୋତ ସହିତ ତାଳ ମିଶାଇବାପାଇଁ ସମ୍ବିଧାନକୁ ପରିବର୍ତ୍ତିତ ହେବାକୁ ପଡ଼ିବ କିନ୍ତୁ ଘନଘନ ପରିବର୍ତ୍ତନ ସାମ୍ବିଧାନିକ ଅସ୍ଥିରତା ମଧ୍ୟ ସୃଷ୍ଟି କରିପାରେ ।

# ସପ୍ତଦଶ ପରିଚ୍ଛେଦ

## ଭାରତର ରାଜନୈତିକ ଦଳ

**( Political Parties in India )**

ଗଣତନ୍ତ୍ରରେ ରାଜନୈତିକ ଦଳ ଏକ ଅପରିହାର୍ଯ୍ୟ ଅଂଶ ବୋଲି ପରିଗଣିତ ହୋଇଛି । ମାର୍କିନ ଯୁକ୍ତରାଷ୍ଟ୍ର, ଯାହାକୁ ଗଣତନ୍ତ୍ରର ପୀଠଭୂମି ବୋଲି କହନ୍ତି ଏଠାରେ ପ୍ରଥମେ ରାଜନୈତିକ ଦଳ ନଥିଲା କିନ୍ତୁ କିଛିବର୍ଷ ପରେ ଦୁଇଟି ରାଜନୈତିକ ଗୋଷ୍ଠୀ ମୁଣ୍ଡଟେକି ଉଠିଥିଲା ଓ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାର ଶାସନଭାର ଦୁଇଟି ଦଳ ଉପରେ ନିର୍ଭର କରୁଛି । ଗୋଟିଏ ଶାସକ ଓ ଅନ୍ୟଟି ବିରୋଧୀ ଦଳ । କେଉଁ ଦେଶରେ ଏକ ଦଳୀୟ, ଦ୍ୱିଦଳୀୟ ଓ କେଉଁ ଦେଶରେ ବହୁଦଳୀୟ ପ୍ରଥା ରହିଛି । ଏକ ନିର୍ବାଚନରେ ଅଂଶ ଗ୍ରହଣକରି ସରକାର ଗଠନକରିବା ରାଜନୈତିକ ଦଳର ମୁଖ୍ୟ ଉଦ୍ଦେଶ୍ୟ । ସମଭାବାପନ୍ନ କେତେକ ବ୍ୟକ୍ତି ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟସୂଚୀ ଗ୍ରହଣକରି, ଲୋକଙ୍କ ଆଗରେ ଉପସ୍ଥାପନ କରି ନିର୍ବାଚନରେ ବିଜୟୀ ହୋଇ ସରକାର ଗଠନପାଇଁ ଚେଷ୍ଟା କରିଥାନ୍ତି । ଅତଏବ ଏମାନେ ଯେ ପୁରାପୁରି ନିଃସ୍ୱାର୍ଥପର ଏକଥା କୁହାଯାଇ ନପାରେ । ନିଜର ବା ଦଳର ସ୍ୱାର୍ଥ ସିଦ୍ଧି ମଧ୍ୟ ଏହି ମାଧ୍ୟମରେ ଚରିତାର୍ଥ ହୋଇଥାଏ । ୧୯୧୯ରେ ପ୍ରବର୍ତ୍ତିତ ହୋଇଥିବା ଭାରତ ଶାସନ ଆଇନ ଅନୁଯାୟୀ ପ୍ରଦେଶଗୁଡ଼ିକରେ ଦ୍ୱୈତ ଶାସନ ଆରମ୍ଭ ହେଲା । ଏ ଶାସନର ରୂପରେଖ ଆଂଶିକଭାବେ ସଂସଦୀୟ ଗଣତନ୍ତ୍ରର ଅନୁରୂପ ହୋଇଥିଲା । ପ୍ରାଦେଶିକ ବିଧାନ ପରିଷଦର ସଭ୍ୟମାନେ ପ୍ରତ୍ୟକ୍ଷ ଭାବରେ ନିର୍ବାଚିତ ହେଉଥିଲେ ଏବଂ ସଂଖ୍ୟାଗରିଷ୍ଠ ସଭ୍ୟଙ୍କ ସମର୍ଥନ ପାଉଥିବା ବ୍ୟକ୍ତିବୃନ୍ଦ ମନ୍ତ୍ରୀରୂପେ ବଚ୍ଛା ହେଉଥିଲେ । ତେଣୁ ଭାରତରେ ରାଜନୈତିକ ଦଳ ଗଠନ ଲାଗି ମୂଳଦୁଆ ପଡ଼ିଥିଲା । ସେ ଯାହାହେଉ ଭାରତରେ ରାଜନୈତିକ ଦଳର ଅଭ୍ୟୁତ୍ଥାନ ଆଉ ଟିକିଏ ପଛକୁ ଫେରିଗଲେ, ୧୮୮୫ ମସିହାରେ ଏ. ଓ. ହ୍ୟୁମଙ୍କ ଦ୍ୱାରା ଭାରତୀୟ ଜାତୀୟ କଂଗ୍ରେସ ନାମରେ ଆରମ୍ଭ ହୋଇଥିଲା । ସେ ଜଣେ ଉଚ୍ଚ ବ୍ରିଟିଶ ସିଭିଲିଆନ୍ ଅଫିସର ଥିଲେ ଓ ଭାରତୀୟଙ୍କୁ ଏକଜୁଟ କରି ସେମାନଙ୍କ ଦାବୀ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରିବାପାଇଁ ଏକ ଦଳ ଗଠନପାଇଁ ଆହ୍ୱାନ ଦେଇଥିଲେ । ମୋଟ ଉପରେ ଭାରତୀୟ ସ୍ୱାଧୀନତାପାଇଁ

ଏହା ଏକ ମାଉଲିକ୍ଷୁଣ୍ଣ ଥିଲା । ୧୯୦୬ ମସିହାରେ ଭାରତୀୟ ମୁସଲିମ୍ ଲିଗ୍ ନାମରେ ଏକ ଦଳ ଗଠିତ ହେଲା ଇଂରାଜମାନଙ୍କ ପ୍ରରୋଚନାରେ । ଏହା ଏକ ସାଂପ୍ରଦାୟିକ ଦଳ ଏବଂ ଇଂରେଜମାନଙ୍କ ନୀତି ବିଭାଜନ ଓ ନିୟନ୍ତ୍ରଣ ଉପରେ କେନ୍ଦ୍ରିତ ( Divide and rule ) । ଏହାର ପ୍ରତିଦ୍ୱନ୍ଦ୍ୱୀ ସ୍ୱରୂପ ୧୯୧୬ରେ ହିନ୍ଦୁ ମହାସଭାର ଜନ୍ମ । ୧୯୨୪ରେ 'ଭାରତୀୟ କମ୍ୟୁନିଷ୍ଟ ଦଳ'ର ଅଭ୍ୟୁତ୍ଥାନ । ସ୍ୱାଧୀନତା ପୂର୍ବରୁ ଯେତେଗୁଡ଼ିଏ ଦଳ ଜନ୍ମ ହୋଇଥିଲା ତନ୍ମଧ୍ୟରେ ଭାରତୀୟ ଜାତୀୟ କଂଗ୍ରେସ ହିଁ ଥିଲା ଶ୍ରେଷ୍ଠ ଓ ସ୍ୱାଧୀନତା ଆଣିବାରେ ଏହାର ଅବଦାନ ଯଥେଷ୍ଟ ।

ସ୍ୱାଧୀନତା ପରକାଳରେ ଅନେକ ଦଳ ଲେକଲେଚନକୁ ଆସିଛି । ୧୯୫୯ରେ ଚକ୍ରବର୍ତ୍ତୀ ରାଜଗୋପାଲାଚାରୀ ସ୍ୱତନ୍ତ୍ରପାର୍ଟି ନାମରେ ଏକ ଦକ୍ଷିଣ ପନ୍ଥୀ ଦଳ ଗଠନ କରିଥିଲେ । ୧୯୬୯ ମସିହାରେ କଂଗ୍ରେସ ଦଳ ଶାସକ କଂଗ୍ରେସ ଓ ସଂଗଠନ କଂଗ୍ରେସ ନାମରେ ଦୁଇଭାଗ ହେଲା । ସ୍ୱାଧୀନ ଭାରତରେ ଅନେକ ଆଞ୍ଚଳିକ ଦଳ ମୁଣ୍ଡ ଟେକିଥିଲେ । ୧୯୭୭ରେ ସାଧାରଣ ନିର୍ବାଚନ ପୂର୍ବରୁ କଂଗ୍ରେସ (ଇ)କୁ ବିରୋଧ କରି ପାଞ୍ଚଟି ରାଜନୈତିକ ଦଳ ମିଶି ଜନତା ଦଳ ଗଠନ କରିଥିଲେ । ଏ ମଧ୍ୟ କ୍ଷଣସ୍ଥାୟୀ ହେଲା । ଏଥିରୁ ବାହାରିଥିବା ଜନତା (ଏସ୍) ଗୋଷ୍ଠୀ ଲୋକଦଳ ଗଠନ କରିଥିଲେ । ୧୯୮୦ ନିର୍ବାଚନରେ ଏସବୁ ଦଳର ଶୋଚନୀୟ ପରାଜୟ ହୋଇ ଅଧିକାଂଶ ରାଜ୍ୟରେ ଏବଂ କେନ୍ଦ୍ରରେ କଂଗ୍ରେସ (ଇ) ଦଳ ଶାସନଭାର ଗ୍ରହଣକଲେ । ଏହି ହେଉଛି ସଂକ୍ଷିପ୍ତରେ ଆଜିପର୍ଯ୍ୟନ୍ତ ଭାରତୀୟ ରାଜନୈତିକ ଦଳର ଉତ୍ଥାନ ପତନ ।

## କେତେକ ରାଜନୈତିକ ଦଳର କର୍ମସୂଚୀ—

### ଭାରତୀୟ ଜାତୀୟ କଂଗ୍ରେସ—

ପ୍ରଥମରୁ କୁହାଯାଇଛି ଯେ ଏହି ଦଳ ସ୍ୱାଧୀନତା ପ୍ରାପ୍ତି ପାଇଁ ଆପ୍ରାଣ ଚେଷ୍ଟା କରିଥିଲା ଓ ଏହା ଏକ ପ୍ରଭାବଶାଳୀ ଦଳ । ଇଂରେଜ ସାମ୍ରାଜ୍ୟବାଦ ବିରୁଦ୍ଧରେ ସ୍ୱର ଉତ୍ତୋଳନ, ଦେଶାତ୍ମବୋଧ ଓ ତ୍ୟାଗର ପରାକାଷ୍ଠା ପ୍ରଦର୍ଶନ କରିଛି ଓ ଗାନ୍ଧୀ, ପଟେଲ, ନେହେରୁଙ୍କ ଭଳି ଝାଣ୍ଡୁଆ ଲୋକେ ଏହାର ପୃଷ୍ଠପୋଷକ । ସ୍ୱାଧୀନତା ପରେ ଏହି ଦଳ ପ୍ରାୟ ସବୁ ରାଜ୍ୟରେ ଓ କେନ୍ଦ୍ରରେ ଶାସନ କରୁଥିଲା, କିନ୍ତୁ ପଣ୍ଡିତ ନେହେରୁଙ୍କ ମୃତ୍ୟୁପରେ ଆନ୍ତରିକବୋଧ ଓ ଝାଣ୍ଡୁଆ ଶକ୍ତିର ଅଭାବ ଯୋଗୁଁ କ୍ଷତବିକ୍ଷତ ହେଲା । ୧୯୬୭ ମସିହା ନିର୍ବାଚନରେ ରାଜ୍ୟସ୍ତରରେ ଏହାର ଶୋଚନୀୟ ପରାଜୟ ହୋଇଥିଲା । କେନ୍ଦ୍ରରେ ୧୯୭୭ ପର୍ଯ୍ୟନ୍ତ ଶାସନରେ ଥିଲା । ତିନି ବର୍ଷପାଇଁ ପରାଜୟ ସ୍ୱୀକାର କରି ବିରୋଧୀ ଦଳର ଭୂମିକା ନେଲା । ଏ ଭିତରେ ବିଭାଜନ ହୋଇ ଶ୍ରୀମତୀ ଇନ୍ଦିରାଗାନ୍ଧୀଙ୍କ ନେତୃତ୍ୱରେ ପୁଣି ୧୯୮୦ରେ ଶାସନ କ୍ଷମତା ଦଖଲ କଲା । କଂଗ୍ରେସ ଦଳର ସମ୍ବିଧାନ ଓ ନିର୍ବାଚନ ଇସ୍ତାହାର ଅନୁଯାୟୀ ଆମ ଦେଶରେ ସାମାଜିକ, ରାଜନୈତିକ ଓ ଅର୍ଥନୈତିକ ନ୍ୟାୟ ସ୍ଥାପନ କରିବା

ଏହି ଦଳର ମୂଳ ଲକ୍ଷ୍ୟ । ସମାଜବାଦ ମାଧ୍ୟମରେ ଅର୍ଥନୈତିକ ବୈଷମ୍ୟର ଦୂରୀକରଣ, ଅର୍ଥନୈତିକ ନିରାପତ୍ତା ପ୍ରବର୍ତ୍ତନ, ଗଣତାନ୍ତ୍ରିକ ସମାଜବାଦ, ଜନମଙ୍ଗଳ ରାଷ୍ଟ୍ର ଗଠନ, ଯୋଜନା ପ୍ରବର୍ତ୍ତନ, ଧର୍ମନିରପେକ୍ଷତା, ନିରପେକ୍ଷ ବୈଦେଶିକ ନୀତି ଏହାର ମୂଳ ଉଦ୍ଦେଶ୍ୟ ଅଟେ । ସଂଖ୍ୟାଲଘୁ ସମ୍ପ୍ରଦାୟଙ୍କ ସମୂହ ଉନ୍ନତିପାଇଁ ୧୯୮୦, ୪୫ତମ ସମ୍ବିଧାନ ସଂଶୋଧନରେ ତଫସିଲ ଭୁକ୍ତ ଜାତି ଓ ଉପଜାତିପାଇଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ୧୯୯୦ ପର୍ଯ୍ୟନ୍ତ ବଢ଼ାଇଦିଆଯାଇଛି ।

## ଜନତାଦଳ

୧୯୭୭ ମସିହା ଷଷ୍ଠ ଲୋକସଭା ନିର୍ବାଚନର ଅବ୍ୟବହିତ ପୂର୍ବରୁ ପାଞ୍ଚୋଟି ବିରୋଧୀଦଳର ସମ୍ମିଶ୍ରଣରେ ଏହିଦଳର ଉତ୍ପତ୍ତି । ୧୯୭୫ରେ ଆଭ୍ୟନ୍ତରୀଣ ଜାତୀୟ ଜରୁରୀ ପରିସ୍ଥିତି ପରେ ଶ୍ରୀମତୀ ଗାନ୍ଧୀଙ୍କ ନେତୃତ୍ୱରେ ପରିଚାଳିତ କଂଗ୍ରେସକୁ ବିରୋଧ କରିବାପାଇଁ ଏମାନେ ଏକମୁଟ ହୋଇଥିଲେ । ଏହି ଦଳର କାର୍ଯ୍ୟକ୍ରମରେ ଗାନ୍ଧୀନୀତି, କ୍ଷୁଦ୍ର ଓ କୁଟୀର ଶିଳ୍ପକୁ ଉତ୍ସାହ ପ୍ରଦାନ, ଯୋଜନାକୁ ଗ୍ରାମାଭିମୁଖୀକରଣ, ବେକାରି ଦୂରୀକରଣ, ନାଗରିକର ସ୍ୱାଧୀନତା ଓ ମୌଳିକ ଅଧିକାର ସୁରକ୍ଷା, ନ୍ୟାୟାଳୟର ସ୍ୱାଧୀନତା ଓ ନିରପେକ୍ଷତା ଅକ୍ଷୁର୍ଣ୍ଣ ଆଦି ଅନ୍ତର୍ଭୁକ୍ତ । ଦୁଇବର୍ଷ ଶାସନ ପରେ ଏ ଦଳ ଅନ୍ତର୍ବିବାଦର ସମ୍ମୁଖୀନ ହେଲା । ୧୯୭୯ ମସିହାରେ ଦଳର ବିଭାଜନ ଫଳରେ କେନ୍ଦ୍ର ଶାସନରୁ ଅପସରି ଯାଇଥିଲା । ଏଥିରୁ ଜନତା ( ଧର୍ମନିରପେକ୍ଷ ) ନାମରେ ଅନ୍ୟ ଏକ ଦଳ ହୋଇ ଶେଷରେ ଲୋକଦଳ ଗଠିତ ହେଲା । ଗତ ନିର୍ବାଚନରେ ଶୋଚନୀୟ ପରାଜୟର ସମ୍ମୁଖୀନ ହେଲା ।

## ଭାରତୀୟ କମ୍ୟୁନିଷ୍ଟ ଦଳ

୧୯୨୪ ମସିହାରେ ଏହି ଦଳ ଗଠିତ ହୋଇଥିଲେ ମଧ୍ୟ ବ୍ରିଟିଶ ସରକାରଙ୍କଦ୍ୱାରା ବେଆଇନ ଦଳରୂପେ ଘୋଷିତ ହୋଇଥିଲା । ଋଷିଆ ସମର୍ଥକ ହୋଇଥିବାରୁ ଏ ଅବସ୍ଥା ହୋଇଥିଲା ଓ ପରେ ବେଆଇନ ଘୋଷଣା ରଦ୍ଦ ହୋଇଥିଲା । ୧୯୬୪ରେ ଦଳର ବିଭାଜନ ପରେ ଚୀନ ସମର୍ଥିତ ଗୋଷ୍ଠୀ ଓ ଋଷ ସମର୍ଥିତ ଗୋଷ୍ଠୀ ନାମରେ ଉଦ୍ଭବ ହେଲା । ଚୀନର ସମର୍ଥିତ ବାମପନ୍ଥୀ ତଥା ମାର୍କସପନ୍ଥୀ ଦଳ ବୈପ୍ଳବିକ ପରିବର୍ତ୍ତନରେ ବିଶ୍ୱାସ କଲାବେଳେ ଋଷିଆ ସମର୍ଥିତ ଦକ୍ଷିଣପନ୍ଥୀ କମ୍ୟୁନିଷ୍ଟ ଦଳ ଏହି ପରିବର୍ତ୍ତନରେ ବିଶ୍ୱାସ କରନ୍ତି ନାହିଁ । ଉଭୟ କମ୍ୟୁନିଷ୍ଟ ଦଳ ଶ୍ରମିକ, କୃଷକ, ଖଟିଖିଆଙ୍କର ପ୍ରତିନିଧିତ୍ୱ କରନ୍ତି । ଶିଳ୍ପାନୁଷ୍ଠାନ, ବ୍ୟାଙ୍କ, ପୁଞ୍ଜି, ବୃହତ୍ ଶିଳ୍ପ ଓ ଏକଚାଟିଆ ସଂସ୍ଥାର ଜାତୀୟ କରଣ, ସମ୍ପଦର ସୁଷମ ବଣ୍ଟନ, ଭୂମିହୀନଙ୍କୁ ଜମି, ସାମାଜିକ ନିରାପତ୍ତା ଓ ଶ୍ରମିକ କଲ୍ୟାଣରେ ବିଶ୍ୱାସ କରନ୍ତି ।

## ଲୋକଦଳ

ଜନତା ଦଳରୁ ଏହାର ଜନ୍ମ । ଜନତା (ଧର୍ମନିରପେକ୍ଷ) ୧୯୮୦ ନିର୍ବାଚନରେ ଲୋକଦଳ ନାମରେ ନିର୍ବାଚନ ଲଢ଼ିଥିଲେ । ଚରଣସିଂହ, ରାଜନାରାୟଣ, ବିଜୁ ପଟ୍ଟନାୟକ

ପ୍ରକୃତ ନେତାମାନେ ଏହି ଦଳର ସମର୍ଥକ । ଏମାନେ ଗାନ୍ଧିଜୀଙ୍କ ଆଦର୍ଶ ଓ ଗଣତାନ୍ତ୍ରିକ ସମାଜବାଦରେ ବିଶ୍ୱାସ କରନ୍ତି । ଜାତୀୟତା, ସାମାଜିକ ନ୍ୟାୟ ପ୍ରତିଷ୍ଠା ଉପରେ ପୂର୍ଣ୍ଣ ଆସ୍ଥା ସ୍ଥାପନ କରିଛନ୍ତି । ହାଣ୍ଡିଆ ନେତାମାନେ ଏଥିରେ ଥିଲେ ମଧ୍ୟ ଭାରତୀୟ ରାଜନୀତିରେ ଏମାନଙ୍କ ଭବିଷ୍ୟତ କଣ ହେବ ଆଗାମୀ ବର୍ଷଗୁଡ଼ିକରେ ଦେଖିବା କଥା ।

ଏହା ବ୍ୟତୀତ ଡ଼: ଏମ୍. କେ. ଭଲ୍ଲ ଏକ ଆଞ୍ଚଳିକ ଦଳ ହେଲେ ମଧ୍ୟ ଏମାନଙ୍କ ବେଶ ଖ୍ୟାତି ଅଛି । ଆଜ୍ଣା ଡ଼୍, ଏମ୍ : କେ. ମଧ୍ୟ ଏହାର ସ୍ଥିତି ବଜାୟ ରଖିଛି । ୧୯୬୭ ନିର୍ବାଚନରେ ଏହି ଦଳର ପ୍ରଭାବ ଯୋଗୁଁ ତାମିଲନାଡ଼ୁରେ ମନ୍ତ୍ରିମଣ୍ଡଳ ଗଠନ ଓ ପ୍ରଭାବ ସୁଦୂର ପ୍ରସାରି ।

## ରାଜନୈତିକ ଦଳଗୁଡ଼ିକର ବିଶେଷତ୍ୱ

(କ) ଭାରତରେ ବହୁଦଳୀୟ ପ୍ରଥା ପ୍ରଚଳିତ ଥିବାରୁ ରାଜନୈତିକ ଅସ୍ଥିରତା ଦେଖା ଦେଇଥାଏ । ରାଜ୍ୟଗୁଡ଼ିକରେ ଏହାର ପ୍ରଭାବ ବେଶୀ ।

(ଖ) ବ୍ୟକ୍ତିଗତ ଦ୍ୱନ୍ଦ୍ୱ ଓ କଳହ ଯୋଗୁଁ ଦଳ ଭିତରେ କନ୍ଦଳ ସୃଷ୍ଟି ହୋଇ ବିରାଟ ଆକାର ଧାରଣ କରିଛି, ଯେଉଁଥିପାଇଁ ରାଜନୈତିକ ହତ୍ୟା ଓ କୁତ୍ସାରଟଣା ଅତ୍ୟଧିକ । କଂଗ୍ରେସର ପ୍ରଥମ ବିଭାଜନ କଂଗ୍ରେସ (ଆଇ), କଂଗ୍ରେସ (ଓ), ଏବଂ ଦ୍ୱିତୀୟ ବିଭାଜନ କଂଗ୍ରେସ (ଇ) ଓ କଂଗ୍ରେସ (ଅର୍ସ) । ଜନତା ଦଳରେ ଜନତା ଓ ପରେ ଜନତା (ଏସ୍) ପରେ ଏହା ଲୋକଦଳ । ଏପରି ବିଭାଜନ ହେତୁ ଜାତୀୟ ଏକତା ପରିହାର କରି ସ୍ୱାର୍ଥ ପନ୍ଥରେ ନେତାମାନେ ଚୋଟାଇଛନ୍ତି ।

(ଗ) ଦଳ ବଦଳ (Defection) ଭାରତୀୟ ରାଜନୀତିରେ ଏକ ବ୍ୟାଧି । ପାଞ୍ଚବର୍ଷ ଭିତରେ ଜଣେ ବିଧାୟକ ପାଞ୍ଚଥର ଦଳବଦଳାଇବାର ଉଦାହରଣ ଅଛି । ଦଳ ବଦଳ ବିରୋଧ ଆଇନ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନି । ଏହା ଗଣତନ୍ତ୍ର ପ୍ରତି ଏକ ବିପଦ ।

(ଘ) ଗଣତନ୍ତ୍ରରେ ସମାଲୋଚନା ଅବସମ୍ଭାବୀ କିନ୍ତୁ ବ୍ୟକ୍ତିଗତ ସମାଲୋଚନା ଏଠାରେ ବେଶୀ । ସରକାରଙ୍କୁ ଗଠନମୂଳକ କାର୍ଯ୍ୟରେ ସାହାଯ୍ୟ ନକରି ହଇରାଣ ହରକତ କରିବା ଏମାନଙ୍କ ଅଭିପ୍ରାୟ ।

(ଙ) ଭାରତୀୟ ରାଜନୀତିରେ ସାମ୍ପ୍ରଦାୟିକତା ମୁଖ୍ୟସ୍ଥାନ ଅଧିକାର କରିଛି । ଆଞ୍ଚଳିକତା କଥା ଆସାମ ଆନ୍ଦୋଳନରୁ ଦେଖିହେବ । ସଙ୍କୀର୍ଣ୍ଣ ମନୋଭାବ ଓ ରାଜନୈତିକ ଫାଇଦା ଉଠାଇବା ସମସ୍ତଙ୍କ ଅଭିପ୍ରାୟ ।

ଏସବୁ ଗଣତନ୍ତ୍ର ପ୍ରତି ଚରମ ବିପଦ ଦେଖା ଦେଇଛି ।

## ରାଜନୈତିକ ଆଚରଣ

**( Political behaviour )**

ପୂର୍ବ ଅଧ୍ୟାୟରେ ଭାରତରେ ରାଜନୈତିକ ଦଳ ଶୀର୍ଷକ ଆଲୋଚନାରେ ଦଳ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲେ ହେଁ ରାଜନୈତିକ ଆଚରଣ ଆଲୋଚନା କରିବା ନିତାନ୍ତ ଦରକାର । ଏଠାରେ ବିଭିନ୍ନ ଧର୍ମାବଲମ୍ବୀ, ଭାଷା ଭାଷୀ, ଦଳ-ମତ ନିର୍ବିଶେଷରେ ଲୋକ ବାସ କରୁଥିବାରୁ ପ୍ରତ୍ୟେକ ଦଳର ଭୋଟରମାନଙ୍କ ପ୍ରତି ଅଭିମୁଖ୍ୟ କଣ ନିର୍ବାଚନ ଦୃଷ୍ଟିରୁ ବିଚାର୍ଯ୍ୟର ବିଷୟ । ରାଜନୈତିକ ଦଳ ଭୋଟର ଅବ୍ୟବହିତ ପୂର୍ବରୁ ନତମସ୍ତକ ହୋଇ ଦ୍ୱାର ଦ୍ୱାର ଭୋଟ ଭିକ୍ଷାକରିବା କିଛି ନୂଆ କଥା ନୁହେଁ । ଭୋଟର କିଛିଦିନ ଆଗରୁ ବାୟୁମଣ୍ଡଳ ସରଗରମ ହୋଇଉଠେ ଏବଂ ଭୋଟ ତାଙ୍କଠାରୁ ପୂର୍ବଗ୍ରହ ଦଳର ଶକ୍ତି ଅନୁସାରେ ନିର୍ବାଚନରେ ଅମୋଘ ଅସ୍ତ୍ର ପ୍ରୟୋଗ କରାଯାଏ । ନିର୍ବାଚନରେ ହିଂସାର ସ୍ଥାନ ନଥିଲେ ମଧ୍ୟ କ୍ଷଣିକ ଉତ୍ତେଜନାରେ ମନୁଷ୍ୟ ଯେ ବ୍ୟାପକ ଭାବେ ହିଂସ୍ର ହୋଇ ପଡ଼େ ତାର ପ୍ରଭାବ ସୁଦୂର ପ୍ରସାରୀ । ଦଳ ଦଳ ଭିତରେ ଆହତ ଓ ନିହତଙ୍କ ସଂଖ୍ୟା କିଏ ବା ଗଣନା କରୁଛି ! ନିମ୍ନରେ କେତେକ ରାଜନୈତିକ ଦଳର ନିର୍ବାଚନ କୌଶଳ ଓ ଆଚରଣ ପ୍ରଦତ୍ତ ହେଲା—

## ଭାରତୀୟ ଜାତୀୟ କଂଗ୍ରେସ ( ଇ )

ଏହି ଦଳରେ ନେତାର ମୂଲ୍ୟବୋଧ ( Charisma ) ଯୋଗୁଁ ଦଳ ବଞ୍ଚିରହିଛି କହିଲେ ଭୁଲ ହେବ ନାହିଁ । ୧୯୮୦ରେ ଲୋକସଭା ନିର୍ବାଚନରେ ଓ ଆଠଟି ବିଧାନସଭା ନିର୍ବାଚନରେ କଂଗ୍ରେସ ( ଇ )ର ( ତାମିଲନାଡ଼ୁ ବ୍ୟତୀତ ) ବିଜୟର ମୂଳରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ଅବଦାନ ଅତୁଳନୀୟ । ଏହା ପ୍ରକୃତରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନିଜର ବିଜୟ । ଏହି ନିର୍ବାଚନରେ ସେହି ଦଳର ନେତାମାନେ ଅନ୍ୟ ବିଷୟଗୁଡ଼ିକୁ ଗୌଣସ୍ଥାନ ଦେଇ ମୁଖ୍ୟସ୍ଥାନ ଇନ୍ଦିରାଙ୍କୁ ଦେଇ କେବଳ ଶ୍ରୀମତୀ ଗାନ୍ଧୀଙ୍କ ଶାସନରେ ହିଁ କେନ୍ଦ୍ରରେ ଦୃଢ଼ ସରକାର ଗଠନ ହୋଇପାରିବ ଓ ରାଜ୍ୟମାନଙ୍କରେ ସମଦଳୀୟ ଶାସନ ବ୍ୟବସ୍ଥା ନ ରହିଲେ ରାଜ୍ୟପ୍ରତି କେନ୍ଦ୍ର ପକ୍ଷପାତ ନୀତି କରିପାରେ ଏବଂ ଉନ୍ନୟନମୂଳକ କାର୍ଯ୍ୟରେ ସହଯୋଗ ନ କରିପାରେ ଏହାହିଁ ନିର୍ବାଚନର ମୁଖ୍ୟ ବିଷୟବସ୍ତୁ ଥିଲା । ଅବଶ୍ୟ ବିରୋଧି ଗୋଷ୍ଠୀର ମୁକ୍ତିଥିଲା ଯେ ଏହା ଇନ୍ଦିରାଙ୍କ ସପକ୍ଷରେ ଭୋଟ ନୁହେଁ ବରଂ ଅପାରଗ ସରକାରୀ ଗୋଷ୍ଠୀ ବିରୁଦ୍ଧରେ ( Negative Vote ) । ଏଥିରେ ସତ୍ୟାସତ୍ୟ କିଛିଟା ରହିଛି କିନ୍ତୁ ଇନ୍ଦିରାଙ୍କ ପ୍ରତି ଯେ Charisma ରହିଥିଲା ଏଥିରେ ଦ୍ୱିମତ ନାହିଁ । ନିର୍ବାଚନରେ ପଇସାପତ୍ର ଯଥେଷ୍ଟ ଖର୍ଚ୍ଚହୁଏ ସବୁଦଳ କରନ୍ତି କିନ୍ତୁ ୧୯୭୭ରେ ଜନତାଦଳକୁ ଶାସନ ଭୂଷିତ କରିବାପାଇଁ ପଇସା ବିଲ୍‌କୁଲ୍ କାମ କରିନଥିଲା । ଭୋଟରଙ୍କ ବିତୃଷ୍ଣା ଓ କଂଗ୍ରେସଦ୍ୱାରା

ପ୍ରସ୍ତୁତ ଅଭ୍ୟନ୍ତରୀଣ ଜରୁରୀପରିସ୍ଥିତି, ମିସାଭଳି ଆଇନ ଓ ବ୍ୟକ୍ତି ସ୍ୱାଧୀନତା ବିପକ୍ଷରେ ଭୋଟ ଦେଇ ବିଶ୍ୱକୁ ଚମତ୍କୃତ କରିଦେଇଥିଲେ । ଠିକ୍ ସେହିପରି ୧୯୮୦ରେ ପୁଣି ଜନତା-ଲୋକଦଳ ସରକାରଙ୍କୁ ବିତାଡ଼ିତ କରି ପୁଣି କଂଗ୍ରେସ ( ଇ )କୁ ଶାସନସୁଯୋଗ ଦେଇ ଆଶ୍ଚର୍ଯ୍ୟ କରାଇଛନ୍ତି । ଏଥିପାଇଁ ବିଶ୍ୱର ସମ୍ବାଦପତ୍ର, ବି.ବି,ସି. ଓ ଭଏସ. ଅଫ ଅମେରିକା ଭଳି ଗଣମାଧ୍ୟମ ସଂସ୍ଥା ଭାରତର ଗଣତାନ୍ତ୍ରିକ ମୂଲ୍ୟବୋଧର ଉଚ୍ଚ ପ୍ରଶଂସା କରିଛନ୍ତି ।

## ଜନତା ଦଳ

ରାବଣକୁ ବଧକରିବା ପାଇଁ ମା' ଦୁର୍ଗାଙ୍କ ଅବିର୍ଭାବ ଭଳି ଏହି ଦଳ ପାଞ୍ଚଟି ଦଳର ସମ୍ମିଶ୍ରଣରେ ପ୍ରଥମକରି ୧୯୭୭ରେ ଗଠିତ ହୋଇଥିଲା କିନ୍ତୁ ଆଭ୍ୟନ୍ତରୀଣ କନ୍ଦଳ ଓ ନେତାଙ୍କ କ୍ଷମତାର ଲାଳସାରେ ଛାର ଖାର ହୋଇଗଲା ଓ ବିଚ୍ଛିନ୍ନବାଦୀ ନେତାଙ୍କ ଇଚ୍ଛା କିଛି ସମୟପାଇଁ ଚରିତାର୍ଥ ହେଲା ଅନ୍ୟକୁ ସାମ୍ପ୍ରଦାୟିକ ଗୋଷ୍ଠୀ କହି । ଏମାନେ ଗାନ୍ଧୀ-ନୀତି, କୁଟୀର ଶିଳ୍ପର ବିକାଶ, ମୌଳିକ ଅଧିକାର ସୁରକ୍ଷା, ବାକ୍ ସ୍ୱାଧୀନତା, ନ୍ୟାୟାଳୟର ସ୍ୱାଧୀନତା ଇତ୍ୟାଦିର ଦୁହାଇ ଦେଇ ଆସିଲେ ସତ କିନ୍ତୁ ଏଗୁଡ଼ିକ ଭୋକିଲା ପେଟପାଇଁ ଫମ୍ପା ଆବାଜ । କିଛି ଶିକ୍ଷିତ ଲୋକଙ୍କପାଇଁ ଏହା ବେଶ କାମ କରିଥିଲା, ହୁଏତ୍ ଏମାନଙ୍କ ସଂଖ୍ୟା ୨ରୁ ୩%ଲୋକ । ଅନ୍ୟମାନଙ୍କୁ ବାଧିଥିଲା ଆକାଶଛୁଆଁ ଦରଦାମ, ପିଆଜ, ଆଳୁ, ଚାଉଳ, କିରାସିନ ଭଳି ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଅଭାବ । ଅତଏବ ୧୯୮୦ ମସିହାରେ କଂଗ୍ରେସ (ଇ) ଯଦି ମୋଟ ପାଇଥିବା ଭୋଟର ୭୦% ( Negative Vote ) ତେବେ ୧୯୭୭ରେ ଜନତା ଦଳ ଭୋଟ ପାଇଥିବାର ୯୮% ( Negative Vote ) ଥିଲା । ଏଥିରୁ ଅନୁମେୟ ସେମାନଙ୍କ ରାଜନୈତିକ ସ୍ଥିତି ।

## ଭାରତୀୟ କମ୍ୟୁନିଷ୍ଟ ଦଳ

ଏହି ଦଳର ଉଜ୍ଜ୍ୱଳ ବର୍ତ୍ତମାନ ଭାରତରେ ନଥିଲେ ମଧ୍ୟ ଭବିଷ୍ୟତରେ ଯେ ନଆସିବ ଏ କଥା କିଏ କହିପାରିବ ? କେତେକ ସମାଲୋଚକ କହନ୍ତି ଦୁହିଁଙ୍କ କଳିଆ ହେଲେ ତୃତୀୟର ଲାଭ । ପ୍ରଥମେ ଏହା କେରଳରେ ଆଧିପତ୍ୟ ବିସ୍ତାର କଲା । ତାପରେ ପଶ୍ଚିମବଙ୍ଗ । ଏଠି ଦେଖିବା କଥା ଯେ ଦୁଇଟିଯାକ ଶିକ୍ଷିତ ରାଜ୍ୟରେ କମ୍ୟୁନିଷ୍ଟ ଶାସନ । ଏଠାରେ ଅନ୍ୟ ଦଳଗୁଡ଼ିକ ନଗଣ୍ୟ କହିଲେ ଭୁଲ ହେବ ନାହିଁ । ତେବେ ଏମାନଙ୍କ ଦଶା ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ନଗଣ୍ୟ । ଏହି ଦଳର ନିର୍ବାଚନ ଇସ୍ତାହାର ଓ ଭୋଟରଙ୍କ ନିକଟରେ ଆଚରଣ ଅନ୍ୟାନ୍ୟ ଦଳ ଅପେକ୍ଷା ଭିନ୍ନ ରକମର । ମୂଲିଆ, ମଜୁରିଆ, ଚାଷୀ ସର୍ବ-ସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ । ଏଥିରେ ଜମିର ସମବଣ୍ଟନ, ଶ୍ରମିକଙ୍କ ଅଧିକାରର ସୁରକ୍ଷା ଓ ସର୍ବସାଧାରଣଙ୍କ ସ୍ୱାର୍ଥଜନିତ ବିଷୟ ନେଇ ଭୋଟରଙ୍କ ପାଖେ ହାଜର । ଏ ଦଳର ସବୁ-ଠାରୁ ବଡ଼ ବିଶେଷତ୍ୱ ହେଉଛି ସେମାନଙ୍କର ଏକତାବୋଧ ( Unity ) ଓ sincerity of Purpose ବା କର୍ମରେ ମନଯୋଗ । ଭାରତରେ ବାମପନ୍ଥୀ ଓ ଦକ୍ଷିଣପନ୍ଥୀ

ଉଭୟେ ଅଛନ୍ତି ଏବଂ ଏମାନଙ୍କ ମଧ୍ୟରେ ବନ୍ଧୁତା ମଧ୍ୟ ରହିଛି । ଏମାନଙ୍କ ପ୍ରତି କେନ୍ଦ୍ର ତରଫରୁ ଆକ୍ରମଣରେ ଯେମାନେ ବ୍ୟତିବ୍ୟସ୍ତ ନୁହନ୍ତି କାରଣ ସେମାନଙ୍କ ରାଜ୍ୟରେ ଭୋଟରଙ୍କ ସମର୍ଥନ ରହିଛି ଏବଂ ଦରକାର ପଡ଼ିଲେ ହିଂସାକାଣ୍ଡର ଆଶ୍ରୟ ମଧ୍ୟ ନେଇ ପାରିବେ ।

## ଲୋକଦଳ

ଏହି ଦଳ ଥରେ କେନ୍ଦ୍ରରେ ଚୌଧୁରୀ ଚରଣ ସିଂହଙ୍କ ପ୍ରଧାନ ମନ୍ତ୍ରୀତ୍ୱରେ ଶାସନ ଭାର ନେଇଥିଲା; କିନ୍ତୁ ନିର୍ବାଚନରେ ଭୋଟରମାନେ ପ୍ରତ୍ୟାଖ୍ୟାନ କଲେ । ଏହାର କାରଣ ସ୍ୱରୂପ ବିଶ୍ୱାସଭଙ୍ଗ ଓ ପ୍ରତିଶ୍ରୁତିଭଙ୍ଗ ବୋଲି କୁହାଯାଉଛି । ଏହି ଦଳ ଗାନ୍ଧୀଙ୍କ ବାଣୀ ପ୍ରବର୍ତ୍ତନ, ଗଣତାନ୍ତ୍ରିକ ସମାଜବାଦ ପ୍ରବର୍ତ୍ତନ ଇତ୍ୟାଦିର ବିଶ୍ୱାସୀ ହେଲେ ମଧ୍ୟ ଯେଉଁମାନେ ଭୋଟର ସେମାନଙ୍କ ଆସ୍ଥାଭାଜନ ହୋଇପାରିନାହାନ୍ତି । ତେବେ ଏମାନଙ୍କ ଭବିଷ୍ୟତ. ଭବିଷ୍ୟତହିଁ କହିବ ।

ଅନ୍ୟାନ୍ୟ ଆଞ୍ଚଳିକ ଦଳ କେବଳ ଅଞ୍ଚଳର ସମସ୍ୟା ଭୋଟରଙ୍କ ସମ୍ମୁଖକୁ ନେଇ ତାମିଲନାଡ଼ୁ ଭଳି ରାଜ୍ୟରେ ଜୟଯୁକ୍ତ ହୋଇଛନ୍ତି କିନ୍ତୁ ଅନ୍ୟ ରାଜ୍ୟରେ ପ୍ରତ୍ୟାଖ୍ୟାନ ହୋଇଛନ୍ତି । ଏହାର କାରଣସ୍ୱରୂପ କୌଣସି ରାଜ୍ୟ ନିଜ ସମ୍ବଳରେ ସ୍ୱାବଲମ୍ବୀ ନୁହେଁ । ଯେ ଯାହା କହୁନା କାହିଁକି କେନ୍ଦ୍ର ନିକଟରେ ଅର୍ଥପାଇଁ ହାତ ପତାଇବା ନିହାତି ଦରକାର । ତା ନହେଲେ ଉନ୍ନତିମୂଳକ କାର୍ଯ୍ୟ ତ ପ୍ରଶ୍ନ ଉଠୁନି ନିଜର ଭରଣ ପୋଷଣ ମଧ୍ୟ କଷ୍ଟକର ହୋଇପଡ଼ିବ ।

## ନିର୍ବାଚନ ଓ ନିର୍ବାଚନଜନିତ ଆଚରଣ

ବିଂଶ ଶତାବ୍ଦୀର ଶେଷ ଭାଗରେ ନିର୍ବାଚନ ଏକ ପ୍ରହସନରେ ପରିଣତ ହୋଇଛି, ଏହା ଯେ କୌଣସି ବ୍ୟକ୍ତି ସ୍ୱୀକାର କରିବ । ଲୋକପ୍ରତିନିଧି ବାଛି, ସେମାନଙ୍କୁ ଆସନର ସୁଯୋଗ ଦେବା ଓ ଦରକାର ପଡ଼ିଲେ ପ୍ରତ୍ୟାହାର କରିନେବା ଅଧିକାର ଗ୍ରୀସ୍‌ସିଟି ଷ୍ଟେଟରେ ଥିଲା ବୋଲି ଇତିହାସ କହେ । କିନ୍ତୁ ଇଂଲଣ୍ଡ ଭଳି ଗଣତନ୍ତ୍ରପ୍ରେମୀ ଦେଶରେ ବା ଆମେରିକା ଭଳି ଧନାଢ୍ୟ ଦେଶରେ ମଧ୍ୟ ଯେ ନିର୍ବାଚନ ଏକ ପ୍ରହସନ ହୋଇ ପଡ଼ିଛି ଏହା ଚିନ୍ତାଶୀଳ ବ୍ୟକ୍ତିଙ୍କ ଗବେଷଣାର ବିଷୟ । ଭାରତବର୍ଷରେ ନିର୍ବାଚନ ବିଷୟରେ ଆମର ବିଶେଷ ଅନୁଭୂତି ନଥିଲେ ମଧ୍ୟ ବର୍ତ୍ତମାନ ଆମେ ସମସ୍ତଙ୍କୁ ଟପିଗଲିଣି ଓ ନିର୍ବାଚନଜନିତ ଆଚରଣରେ କେତେଗୁଡ଼ିଏ ଦିଗ ଆଲୋଚନା ସାପେକ୍ଷ । ଆମେରିକା ଏକ ଦେଶ ଯାହାକୁ କି ଅସଂଖ୍ୟ ନିର୍ବାଚନର ଦେଶ ବୋଲି କୁହାଯାଏ (A Country of endless elections) । ଭାରତବର୍ଷ ମଧ୍ୟ ଊଣା ଅଧିକେ ସେ ପଥ ଅନୁସରଣ କରିଛି । ଗ୍ରାମପଞ୍ଚାୟତ ନିର୍ବାଚନଠାରୁ ଆରମ୍ଭକରି ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ବର୍ଷସାରା ନିର୍ବାଚନ ଚାଲିଛି । ଅତଏବ ଭୋଟରଙ୍କ ଆଚରଣ ଓ ବ୍ୟକ୍ତିବିଶେଷଙ୍କ ଆଚରଣ ବିଷୟରେ ଆଲୋକପାତ ନିତାନ୍ତ ଦରକାର ।

## ନିର୍ବାଚନଜନିତ ଆଚରଣ

**( Electoral behaviour )**

ଭାରତବର୍ଷରେ ଭୋଟରର ଆଚରଣ ଜାତି, ଧର୍ମ, ବର୍ଣ୍ଣ, ଭାଷା, ପଇସା, ଆଞ୍ଚଳିକ ମନୋଭାବ, ଗୋଷ୍ଠୀ ଏସବୁ ଦ୍ୱାରା ପ୍ରଭାବିତ ହୋଇଥାଏ । ଅତଏବ ରାଜନୀତିଜ୍ଞମାନେ ଏ ସବୁର ସୁଯୋଗ ନେଇ ଭୋଟରଙ୍କ ପାଖେ ପହଞ୍ଚିଥାନ୍ତି ଏବଂ ସେମାନଙ୍କୁ ପ୍ରଭାବିତ କରିଥାନ୍ତି ।

୧ । ନିର୍ବାଚନରେ ଯେଉଁ ବିଷୟଗୁଡ଼ିକ ( Factors ) କାମକରେ ସେଗୁଡ଼ିକ ମଧ୍ୟରେ ରହିଛି ନେତାଙ୍କ ଧ୍ୱନି । ଗରିବୀ ହଟାଅ, ଇନ୍ଦିରା ବଞ୍ଚାଓ, ଏପ୍ରକାର ଧ୍ୱନି ଭୋଟରଙ୍କ ମନକୁ ଯଥେଷ୍ଟ ଭାବେ ପ୍ରଭାବିତ କରିଥାଏ । ଗତ ଲୋକସଭା ନିର୍ବାଚନରେ ଇନ୍ଦିରାଙ୍କ ବିଜୟ ଏବଂ ଏସବୁ କେତେକ ପରିମାଣରେ ଦାୟୀ, ଗତ ତିନିବର୍ଷ ( ୧୯୭୭ରୁ ୧୯୭୯ ) ଯେପରି ଭାବେ ତାଙ୍କୁ ଏବଂ ତାଙ୍କ ପରିବାରକୁ ହଇରାଣ କରାଯାଇଛି ସେ କଥା ଭୋଟରଙ୍କ ନିକଟରେ ନେତାମାନେ ପହଞ୍ଚାଇ ଭୋଟ ଆଦାୟପାଇଁ ସମର୍ଥ ହୋଇଥିଲେ । ଅବଶ୍ୟ ଅନ୍ୟାନ୍ୟ କାରଣ ମଧ୍ୟରୁ ଏ ଗୋଟିଏ ।

୨ । ସହରାନୁପାତରେ ଭାରତବର୍ଷରେ ଗାଁ ସଂଖ୍ୟା ବେଶୀ, ଅତଏବ ଗାଁ ଗହଳିର ଭୋଟରଙ୍କୁ ପ୍ରଭାବିତ କରିବା ସହଜ । ଅଧିକାଂଶ ଅଶିକ୍ଷିତ, କୃଷୀ ଓ ମୂଲିଆମାନଙ୍କୁ ଦରଦାମର ଦ୍ୱାହିଦେଇ ଭୋଟ ପ୍ରଭାବିତ କରାଯାଇପାରେ । ଅବଶ୍ୟ ଗ୍ରାମାଞ୍ଚଳରେ ମଧ୍ୟ ଚାଲାକ ଭୋଟର ରହିଛନ୍ତି ତେବେ ସେମାନଙ୍କ ସଂଖ୍ୟା ବେଶୀ ସହରରେ । ଆମ ରାଜନୀତିର ମୋଡ଼ ବେଶୀ ଗ୍ରାମାଭିମୁଖୀ ।

୩ । ଅନ୍ୟ ଗୋଟିଏ କାରଣସ୍ୱରୂପ ଜାତି ଓ ଧର୍ମ ଭୋଟରଙ୍କୁ ବେଶି ପ୍ରଭାବିତ କରିଥାଏ । ଆମର ଧର୍ମନିରପେକ୍ଷ ରାଷ୍ଟ୍ର ହେଲେମଧ୍ୟ ଧର୍ମନାମରେ ରାଜନୀତି ବେଶି ଚାଲିଛି । ମୁସଲମାନମାନେ ସଂଖ୍ୟାଲଘୁ ହୋଇଥିବାରୁ ଅଧିକାଂଶ ସମୟରେ କଂଗ୍ରେସ ସପକ୍ଷରେ ରହି ଆସିଛନ୍ତି । ଏହାର କାରଣସ୍ୱରୂପ ସେମାନେ ନିଜକୁ କଂଗ୍ରେସ ଅମଳରେ ନିରାପଦ ମନେକରନ୍ତି । ସେମାନଙ୍କୁ ବୁଝାଇବାପାଇଁ ସାହିଇମାମ ଭଳି ଧର୍ମଗୁରୁଙ୍କୁ ବ୍ୟବହାର କରାଯାଉଛି । ଜାତି ବିଷୟରେ ରାଜନୀତି ( Caste Politics ) ଆମ ପଡ଼ୋଶୀ ବିହାର ରାଜ୍ୟ ହେଉଛି ଜ୍ୱଳନ୍ତ ଉଦାହରଣ । ବ୍ରାହ୍ମଣ ବନାମ ଅବ୍ରାହ୍ମଣ ।

୪ । ତଫସିଲ ଜାତି ଓ ଉପଜାତି, ହରିଜନ ଏମାନଙ୍କୁ ତାଡ଼ନା ରାଜନୀତିର ଏକ ଅଂଗ ହୋଇଯାଇଛି । ବିରୋଧୀ ଦଳ, ସରକାରୀ ଦଳକୁ ଓ ସରକାରୀ ଦଳ ବିରୋଧୀକୁ ଦୋଷ ଦେଇ ସବୁ ସମୟରେ ଭୋଟରଙ୍କୁ ପ୍ରଭାବିତ କରନ୍ତି । ଏହାର ନମୁନା ବେଶି ରହିଛି ।

୫ । ଟଙ୍କା ପଇସାର ଅବାଧ ବିତରଣ ମଧ୍ୟ ଭୋଟରଙ୍କୁ କେତେକାଂଶରେ ପ୍ରଲୋଭିତ କରିଥାଏ । ନିର୍ବାଚନ କମିଶନ ନିର୍ବାଚନରେ ଟଙ୍କାଖର୍ଚ୍ଚର ସୀମା ନିର୍ଦ୍ଧାରଣ କରିଥିଲେ ମଧ୍ୟ ତାକୁ କେହି ମାନିବାକୁ ପ୍ରସ୍ତୁତ ନୁହେଁ ଓ ପ୍ରମାଣ ସାପେକ୍ଷ । ଅତଏବ ଏ ଟଙ୍କା ଧନୀ ଭୋଟରମାନଙ୍କଠାରୁ ଅଣାଯାଇ ବଣ୍ଟାଯାଏ କିନ୍ତୁ ୫୦% ଟାଉଟରମାନଙ୍କ ପକେଟ ଖର୍ଚ୍ଚ । ଅତଏବ ନିର୍ବାଚନ ପରେ ଦରଦାମ ବଢ଼ିବା ଓ ଯେଉଁ ଗୋଷ୍ଠୀ ପଇସା ଦେଇଥିଲେ ସେମାନେ ତାଙ୍କର ଫାଇଦା ଉଠାଇଥାନ୍ତି ।

୬ । ଆଞ୍ଚଳିକ ମନୋଭାବାପନ୍ନ ଦଳ ମଧ୍ୟ ଭୋଟରଙ୍କୁ ବେଶ୍ ପ୍ରଭାବିତ କରିଥାଏ । ତାମିଲନାଡ଼ୁରେ ଆନ୍ନା ଡ଼.ଏମ.କେ, ପଞ୍ଜାବରେ ଅକାଲୀ ଦଳ, ଜାମ୍ମୁ ଏବଂ କାଶ୍ମୀରରେ ଫରଓ୍ୱାଡ ବ୍ଲକ୍ ବେଶ୍ ସୁନାମ ଅର୍ଜିଛି ।

୭ । ଏସବୁ ବ୍ୟତୀତ ନେତାର ମୂଲ୍ୟ (Charisma) ଭୋଟରଙ୍କୁ ବେଶ୍ ପ୍ରଭାବିତ କରିଥାଏ । ଓଡ଼ିଶାରେ ବିଜୁ ପଟ୍ଟନାୟକ ଭଳି ଦାମ୍ଭିକ ବ୍ୟକ୍ତି ବା କେନ୍ଦ୍ରରେ ଇନ୍ଦିରାଙ୍କଭଳି ଶକ୍ତିଶାଳୀ ନେତ୍ରୀଙ୍କୁ ଭୋଟର କେବେ ଭୁଲିପାରନ୍ତି ନାହିଁ । ଅତଏବ ଭୋଟରଙ୍କ ଆଚରଣ-ବିଧି ଏସବୁ ଦ୍ୱାରା ପରିଚାଳିତ ହେବା ସ୍ୱାଭାବିକ । ଭାରତବର୍ଷରେ ବୁଦ୍ଧିଜୀବୀ ତ ଭୋଟ ଦିଅନ୍ତି ନାହିଁ ଯେଉଁ କେତେକ ବୁଦ୍ଧିଜୀବୀ ଭୋଟ ଦିଅନ୍ତି ଯେଉଁମାନେ କି ପ୍ରଲୋଭନର ବଶବର୍ତ୍ତୀ ନହୋଇ ଭୋଟ ଦିଅନ୍ତି ସେମାନଙ୍କ ସଂଖ୍ୟା ୨%ରୁ କମ୍ ।

## ଚାପଗୋଷ୍ଠୀ

### ( Pressure Groups )

ରାଜନୈତିକ ଦଳଗୁଡ଼ିକ ଉପରେ ସବିଶେଷ ଆଲୋଚନା ପରେ ଭାରତୀୟ ରାଜନୀତିରେ ଚାପଗୋଷ୍ଠୀର ସ୍ଥାନ ନିର୍ଣ୍ଣୟ ସମ୍ବିଧାନର ଛାତ୍ରମାନଙ୍କ ମନରେ କୌତୁହଳ ସୃଷ୍ଟି କରିବ । ଏଠାରେ ଏହା ଯେ ନୂଆକଥା ତା'ନୁହେଁ । ଦ୍ୱିଦଳୀୟ ରାଷ୍ଟ୍ରରେ ଯଥା ଆମେରିକା ଓ ଇଂଲଣ୍ଡ ଭଳି ରାଜ୍ୟରେ ମଧ୍ୟ ଏପ୍ରକାର ଗୋଷ୍ଠୀ ରହିଛି ଓ ରାଜନୈତିକ ମଞ୍ଚକୁ ପରିଚାଳିତ କରୁଛି । ଭାରତବର୍ଷରେ ବହୁଦଳୀୟ ବ୍ୟବସ୍ଥାଥିବା ହେତୁରୁ ଏବଂ ଦଳ ଭିତରେ ବହୁରକମର ସଙ୍ଗଠିତ କ୍ଷୁଦ୍ର ଗୋଷ୍ଠୀ ଥିବାରୁ କେତେ ସମୟରେ ଗୋଷ୍ଠୀର ସ୍ୱାର୍ଥପାଇଁ ଆଉ କେତେବେଳେ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏମାନେ ସରକାରୀ କଳ ଉପରେ ଚାପ ପକାଇଥାନ୍ତି । ଗଣତନ୍ତ୍ରରେ ଏମାନଙ୍କ ସ୍ଥିତିକୁ ଏଡ଼ାଇ ଦିଆଯାଇ ନପାରେ । ଡକ୍ଟର ବି.ବି. ଜେନା ତାଙ୍କ "ସ୍ପେକଟ୍ରମ୍ ଅଫ୍ ପଲିଟିକସ୍" ବହିରେ ପ୍ରାଞ୍ଜଳଭାବେ ବୁଝାଇଛନ୍ତି ।

**ସଂଜ୍ଞା :—**

ଚାପଗୋଷ୍ଠୀଗୁଡ଼ିକ ସୁସଙ୍ଗଠିତ ସ୍ୱାର୍ଥଜଡ଼ିତ କ୍ଷୁଦ୍ରଗୋଷ୍ଠୀ । ଏଗୁଡ଼ିକ ସାଧାରଣତଃ ଅଣରାଜନୈତିକ ଅଟେ ଏବଂ ଏମାନଙ୍କ ମୂଳ ଉଦ୍ଦେଶ୍ୟ ହେଲା ସରକାରୀ କଳ ଉପରେ

ବା ରାଜନୈତିକ ନେତା ଉପରେ ଚାପ ପକାଇ ସେମାନଙ୍କ ଦଳୀୟ ଲୋକଙ୍କ ଫାଇଦା ଉଠାଇବା ।

କ୍ଷମତା ହାତକୁ ନେବା ଏମାନଙ୍କ ଇଚ୍ଛା ନହେଲେ ମଧ୍ୟ କାମଟି ହାସଲ କରିବା ହେଉଛି ଲକ୍ଷ୍ୟ । ଦୁଇ ରକମର ଚାପ ଗୋଷ୍ଠୀ ରହିଛି ଗୋଟାଏ ହେଲା ପରିପୂର୍ଣ୍ଣ ବା ସଂପୂର୍ଣ୍ଣ ଅନ୍ୟଟି ହେଲା ଆଂଶିକ । ଯଦି ଗୋଟିଏ ଗୋଷ୍ଠୀ ରାଜନୈତିକ କ୍ଷେତ୍ରରେ ପ୍ରଭାବ ପକାଇ ସରକାରୀ କଳକୁ ନିଜ ଅକ୍ତିଆରକୁ ଆଣିଥାଏ ତାକୁ ସଂପୂର୍ଣ୍ଣ ଚାପଗୋଷ୍ଠୀ ଓ ଆଂଶିକ ଚାପଗୋଷ୍ଠୀ ବୃହତ୍ତର ସ୍ୱାର୍ଥକୁ ଆଗରେ ରଖି କହନ୍ତି। ରାଜନୈତିକ ଚାପ ପକାଏ ଓ ଏମାନଙ୍କର କାମ ହାସଲ କରିବାର ଅନ୍ୟଉପାୟ ମଧ୍ୟ ଥାଏ । ଓ୍ୱାଶିଙ୍ଗଟନ ପ୍ରଭାବିତ ଗୋଷ୍ଠୀ ସଂପୂର୍ଣ୍ଣ ଚାପଗୋଷ୍ଠୀର ଅନ୍ତର୍ଭୁକ୍ତ । ଏମାନେ ବିଧାନସଭା ସଦସ୍ୟଙ୍କ ଉପରେ ଚାପପକାଇ ଯେଣ ତେଣ ପ୍ରକାରେଣ କାମ ହାସଲ କରିଥାନ୍ତି । ଅନ୍ୟଟି ଆଂଶିକ, ଉଦାହରଣ ସ୍ୱରୂପ— ଶ୍ରମିକ ସଙ୍ଗଠନ । ଏମାନେ ସରକାରଙ୍କ କାମ ହାସଲପାଇଁ ଦାବୀ କରିଥାନ୍ତି କିନ୍ତୁ ବୃହତ୍ତର ଉଦ୍ଦେଶ୍ୟ ରହିଛି ।

## ଚାପ ଗୋଷ୍ଠୀଙ୍କ କାର୍ଯ୍ୟ

୧ । ଚାପଗୋଷ୍ଠୀ ସେମାନଙ୍କ କାର୍ଯ୍ୟ ହାସଲପାଇଁ ବିଧାନସଭା ସରକାର, ସରକାରୀ କର୍ମଚାରୀ, ସଦସ୍ୟମାନଙ୍କୁ ଏବଂ ସମୟେ ସମୟେ ଲୋକଙ୍କ ଉପରେ ଚାପ ପକାଇଥାନ୍ତି । ଏମାନଙ୍କ ଉଦ୍ଦେଶ୍ୟ ଚରିତାର୍ଥପାଇଁ ସମ୍ବାଦପତ୍ର ଉପରେ ଚାପ, ବିକ୍ଷୋଭ, ଧର୍ମଘଟ,ହରତାଳ, ରାସ୍ତା ଅବରୋଧର ପନ୍ଥା ଅନୁସରଣ କରିଥାନ୍ତି ।

୨ । କେତେବେଳେ ସେମାନେ ବିଧାନସଭା, ଚକ୍ରାନ୍ତ ଯୋଜନା ପ୍ରସ୍ତୁତ କରନ୍ତି ଓ କେତେବେଳେ ଲୁଚି ଛପି କାର୍ଯ୍ୟ ହାସଲ କରିଥାନ୍ତି ।

୩ । ଆଇନକୁ ଆଖି ଆଗରେ ରଖି ସମୟେ ସମୟେ କାମ କରନ୍ତି ଓ କେତେବେଳେ ଦୁର୍ନୀତି ଓ ଆଇନ ହାତକୁ ନିଅନ୍ତି ।

୪ । ଜନସାଧାରଣଙ୍କ ନିକଟରେ କେତେବେଳେ ମୂକଗୋଷ୍ଠୀ ମାଧ୍ୟମରେ, କେତେବେଳେ ସ୍ୱେଚ୍ଛାସେବକ ବାହିନୀ ରୂପରେ ପହଞ୍ଚିଥାନ୍ତି । କାହିଁକି ନା ସେମାନେ ଜାଣନ୍ତି ବିଧାସଭା ଲୋକଙ୍କ ପାଖେ ପହଞ୍ଚିଲେ ଲୋକେ ପସନ୍ଦ ନକରି ପାରନ୍ତି ।

ଏହିଭଳି କେତେକ କାର୍ଯ୍ୟ ନିଜ ସ୍ୱାର୍ଥ ଚରିତାର୍ଥପାଇଁ କରିଥାନ୍ତି । ଆଜିକାଲି ସ୍ୱାର୍ଥପାଇଁ ଯେ କୌଣସି ପ୍ରକାର ପନ୍ଥା ଅନୁସରଣ କରିବା ନଜର ଅଛି ।

## ରାଜନୈତିକ ଦଳବଦଳ

**( Political Defections )**

ଦଳବଦଳର ସଂଜ୍ଞା ଅନେକେ ଦେଇଛନ୍ତି । କେତେକ କହନ୍ତି ରାଜନୈତିକ ଫାଇଦା ଉଠାଇବାପାଇଁ ଗୋଟିଏ ଦଳରୁ ଅନ୍ୟ ଦଳକୁ ପଳାୟନ ଓ ଅନ୍ୟ କେତେକ ଦଳ ଭିତରର ମାତ୍ର ନିୟମ ସଦସ୍ୟଙ୍କୁ ନ ବୁଝାଇଲେ ତାର ପକ୍ଷ ପରିବର୍ତ୍ତନ ଇତ୍ୟାଦି ଇତ୍ୟାଦି । ତେବେ ଡକ୍ଟର କଶ୍ୟପ ( Dr. Kashyap ) ଙ୍କ ମତ ଠିକ୍ ଭଳି ମନେ ହୁଏ । ସେ କହନ୍ତି ( ୧ ) ଗୋଟିଏ ଦଳ ଟିକେଟରେ ନିର୍ବାଚିତ ହୋଇ ଅନ୍ୟ ଦଳକୁ ପଳାୟନ ( ୨ ) ଦଳରୁ ଇସ୍ତଫା ଦେଇ ସ୍ୱାଧୀନ ସଭ୍ୟ ଭାବେ ରହିବା ( ୩ ) ସ୍ୱାଧୀନ ଭାବେ ନିର୍ବାଚିତ ହୋଇ ଅନ୍ୟ ଦଳରେ ଯୋଗଦେବା ( ୪ ) ସଦସ୍ୟ ଗୋଟିଏ ଦଳ ଟିକେଟରେ ନିର୍ବାଚିତ ହୋଇ ଭୋଟ ବେଳେ ଅନ୍ୟକୁ ଭୋଟ ଦେବା ମଧ୍ୟ ରାଜନୈତିକ ଦଳବଦଳ ବୋଲି ଧରାଯିବ । ଏସବୁ ବିଶ୍ଳେଷଣରୁ ଜଣାଯାଉଛି ଯେ ଗୋଟିଏ ଦଳକୁ ପରିତ୍ୟାଗ କରି ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରି ରାଜନୈତିକ ଦଳବଦଳ କରାଯାଇଥାଏ । ଗୋଟାଏ ପ୍ରଶ୍ନ ମନରେ ଉଠେ ଏସବୁ କାହିଁକି ହୁଏ ? ଉତ୍ତରଟି ଭାରି ସହଜ । ସେ ହେଉଛି ପ୍ରଲୋଭନର ବଶବର୍ତ୍ତୀ ହୋଇ ରାଜନୈତିକ ଲାଭ ଉଠାଇବାପାଇଁ । ୮ ଜୟପ୍ରକାଶ ନାରାୟଣ ଦଳବଦଳର ସଂଜ୍ଞା ନିରୂପଣ କରିବାକୁ ଯାଇ କହିଛନ୍ତି ଜଣେ ନିର୍ବାଚିତ ସଭ୍ୟ ଯେ କି ଗୋଟିଏ ଦଳୀୟ ଟିକେଟରେ ବିଧାନସଭା ବା ସଂସଦ ବା ଅନୁରୂପ ଗୃହକୁ ନିର୍ବାଚିତ ହୋଇଥାନ୍ତି ଏବଂ ତାକୁ ଛାଡ଼ି ପକ୍ଷ ପରିବର୍ତ୍ତନ କରନ୍ତି କିନ୍ତୁ ଦଳଦ୍ୱାରା ବିତାଡ଼ନ ବା ଶୃଙ୍ଖଳାଗତ ଶାସ୍ତି ଦିଆଯାଇ ନ ଥାଏ, ଏପରି ବ୍ୟକ୍ତିକୁ ରାଜନୈତିକ ଦଳବଦଳକାରୀ ବୋଲି କୁହାଯାଏ ।

ଦଳବଦଳ ବିଷୟରେ ଅନେକ ଥର ଆଲୋଚନା ପର୍ଯ୍ୟାଲୋଚନା, ସମାଲୋଚନା ହୋଇଥିଲେ ମଧ୍ୟ କାର୍ଯ୍ୟକାରିତାର ଅଭାବ ଦେଖା ଦେଇଛି । ୧୯୬୭ ମସିହାର ହ୍ୱିପ୍ ସମ୍ମେଳନ, ସିମଳାରେ ବସିଥିଲା ଏବଂ କେତେଗୁଡ଼ିଏ ପ୍ରସ୍ତାବ ନେଇଥିଲା । ୧୯୬୭ ଡ଼ିସେମ୍ବର ୮ ତାରିଖରେ ଲୋକସଭା ଗୋଟିଏ ଉଚ୍ଚ ଶକ୍ତି ସମ୍ପନ୍ନ କମିଟି ଗଠନ କରିଥିଲା ଦଳବଦଳର ଗୁରୁତ୍ୱ ଉପଲବ୍ଧି ଓ ବିଚାରପାଇଁ । ୧୯୭୩ ମସିହାରେ ଚୌହାନ କମିଟିଙ୍କ ସୁପାରିଶ କ୍ରମେ ସଂସଦ ଦଳବଦଳ ନିରୋଧ ବିଲ୍ ଗ୍ରହଣ କରିଥିଲା । ( ୩୨ତମ ସମ୍ବିଧାନ ସଂଶୋଧନ ) କିନ୍ତୁ କାର୍ଯ୍ୟକାରିତା ସନ୍ଦେହଜନକ ହୋଇପଡ଼ିଲା ଏବଂ ମୁଖ୍ୟମନ୍ତ୍ରୀମାନେ ସଦସ୍ୟଙ୍କୁ ସନ୍ତୁଷ୍ଟ କରିବାପାଇଁ ଓ ରାଜନୈତିକ ସ୍ଥିରତାପାଇଁ ଦଳବଦଳକୁ ପ୍ରୋତ୍ସାହିତ କଲେ । ଯଦିଓ ସଦସ୍ୟଙ୍କୁ ଗୃହରୁ ବିତାଡ଼ନ ଭଳି ପଦକ୍ଷେପ ନିଆଗଲା ତାର କାର୍ଯ୍ୟକାରିତାର ଅଭାବ ଯୋଗୁଁ କିଛି ହୋଇପାରିଲା ନାହିଁ । ଏ ଭିତରେ ଦଳବଦଳ ଏତେ ହେଲା ଯେ ତାର ସଂଖ୍ୟା ନିରୂପଣ କଷ୍ଟକର । କ୍ଷମତାସୀନ ଦଳ ଏହାର ପରିସ୍ଥିତିକୁ ବୃଦ୍ଧି ଲାଭ କଲା ।

୧) ଏ ପରିସ୍ଥିତିପାଇଁ ଅନେକ କାରଣ ଦାୟୀ । ଇତିହାସ ଦେଖିଲେ ଜଣାପଡ଼ିବ ଯେ ଅଧିକାଂଶ ରାଜନୈତିକ ଦଳ କଂଗ୍ରେସରୁ ହିଁ ଜନ୍ମ । ଅତୀତରେ କଂଗ୍ରେସ ପ୍ରୋତ୍ସାହିତ କରିଛି ।

୨) ଦଳ ଟିକେଟ ନ ମିଳିଲେ ସଦସ୍ୟ ଦଳ ଛାଡ଼ିବା ଘଟଣା କିଛି କମ୍ ନୁହେଁ ।

୩) କ୍ଷମତା, ପଇସା ପାଇଁ କଳହ ଓ ଆକାଂକ୍ଷା ଏହାର ଆଉ ଗୋଟିଏ କାରଣ ।

୪) ୧୯୬୭ ପରେ ରାଜ୍ୟମାନଙ୍କରେ ରାଜନୈତିକ ଅସ୍ଥିରତା ଏଥିପାଇଁ ଦାୟୀ ।

୫) ରାଜନୈତିକ ଦଳ ଭିତରେ ସମନ୍ୱୟ ସ୍ଥାପନର ଅଭାବ ।

୬) ଲୋକଙ୍କ ରାଜନୈତିକ ଚେତନାର ଅଭାବ ।

ଯେ ଯାହାହେଉ ଏହା ଗୋଟିଏ ରାଜନୈତିକ ବ୍ୟାଧି । ଏହାକୁ ବନ୍ଦ ନ କଲେ ଦେଶର ଭବିଷ୍ୟତ ଓ ଶାସନ ବ୍ୟବସ୍ଥା ପ୍ରତି ବିପଦ ରହିଛି ଏଥିରେ ଆମେ ନିଃସନ୍ଦେହ ।

# ଅଷ୍ଟାଦଶ ପରିଚ୍ଛେଦ

## ଭାରତୀୟ ଗଣତନ୍ତ୍ରର କାର୍ଯ୍ୟକାରୀତା ଓ ସମସ୍ୟା ଏକ ସିଂହାବଲୋକନ

୧୯୫୦ ମସିହା ଜାନୁୟାରୀ ମାସ ୨୬ ତାରିଖ ଯେ କୌଣସି ଭାରତୀୟର ସ୍ମରଣୀୟ ଦିବସ । ଏହି ଦିନଠାରୁ ଆମ ସମ୍ବିଧାନ ଯେଉଁଟିକୁ ଆମ ସମ୍ବିଧାନ ପ୍ରଣେତାମାନେ ରଚନା କରିଥିଲେ କାର୍ଯ୍ୟକାରୀ ହେଲା । ଦୀର୍ଘ ୩୦ ବର୍ଷର ଅନୁଭୂତିରୁ ପ୍ରମାଣିତ ହୋଇଛି ଯେ ଭାରତ ସବୁ ଦିଗରେ କିଛି ନା କିଛି ଆଗେଇଛି । କିନ୍ତୁ ଏତିକି ଦିନ ମଧ୍ୟରେ ଆମ ଅପେକ୍ଷା ଯଥେଷ୍ଟ କ୍ଷୁଦ୍ରରାଜ୍ୟ ଜର୍ମାନୀ ବା ଜାପାନ ଯେଉଁ ଅନୁପାତରେ ଆଗେଇଛି ସେ ତୁଳନାରେ ଆମେ ଯଥେଷ୍ଟ ପଛରେ ପଡ଼ିଛୁ । ଏହାର କାରଣ ହେଲା କହିବା ଓ କାର୍ଯ୍ୟ କରିବା ମଧ୍ୟରେ ପାର୍ଥକ୍ୟ ।

ପ୍ରଥମ ସାଧାରଣ ନିର୍ବାଚନଠାରୁ ଦ୍ୱିତୀୟ, ତୃତୀୟ, ଚତୁର୍ଥ, ପଞ୍ଚମ ଓ ଷଷ୍ଠରେ ଯଥେଷ୍ଟ ଉନ୍ନତି ଦେଖାଦେଇଛି । ଲୋକେ ସଚେତନ ଓ ସରକାର ଗଠନ ପାଇଁ ଆଗ୍ରହୀ । କିନ୍ତୁ ୧୯୬୭ ପରେ ପରେ ରାଜ୍ୟଗୁଡ଼ିକରେ ରାଜନୈତିକ ଅସ୍ଥିରତା, ଦଳବଦଳ ଆମ ରାଜନୀତିକୁ ନିମ୍ନ ସ୍ତରକୁ ନେଇଯାଇଛି, ଯେଉଁଥିପାଇଁ ରାଜ୍ୟଗୁଡ଼ିକରେ ଉନ୍ନୟନମୂଳକ କାର୍ଯ୍ୟକଳାପ ଅତି ମନ୍ଥରଗତିରେ ଚାଲିଛି । ପଞ୍ଚବାର୍ଷିକ ଯୋଜନା ମାଧ୍ୟମରେ ଶିଳ୍ପ, କୃଷି, ସମବାୟ ମାଧ୍ୟମରେ ବେଶ୍ ଉନ୍ନତି ଘଟିଥିଲେ ମଧ୍ୟ ଆନୁସଙ୍ଗିକ କଞ୍ଚାମାଲର ଅଭାବ ବା ଘନ ଘନ ଧର୍ମଘଟ ଫଳରେ ଉତ୍ପାଦନ ବ୍ୟାହତ ହେଉଛି ।

ଭାରତୀୟ ରାଜନୀତିରେ ସାଂପ୍ରଦାୟିକତା ମୁଖ୍ୟସ୍ଥାନ ଅଧିକାର କରିଛି । ଏହା ମୂଳରେ ଇଂରେଜମାନଙ୍କ ପ୍ରରୋଚନା ଥିଲବୋଲି ଦୋଷାରୋପ କରାଯାଏ । ସେଇଥିପାଇଁ ଧର୍ମ ଭିତ୍ତିରେ ଏକ ଇସଲାମିକ ରାଷ୍ଟ୍ର ଗଠିତ ହେଲା—ସେ ହେଲା ପାକିସ୍ଥାନ । କିନ୍ତୁ ଆମେ ଟିକିଏ ଉଚ୍ଚମନା ହୋଇ ଧର୍ମ ନିରପେକ୍ଷ ରାଷ୍ଟ୍ର ଗଠନ କଲୁ । ସମସ୍ତଙ୍କୁ ସମାନ ଅଧିକାର ଦେଲୁ । କିନ୍ତୁ ୩୦ ବର୍ଷର ସ୍ୱାଧୀନତା ମଧ୍ୟରେ କୌଣସି ଗୋଟିଏ ବର୍ଷ ନାହିଁ ଯେଉଁ ବର୍ଷରେ କି ସାମ୍ପ୍ରଦାୟିକ ଦଙ୍ଗାହାଙ୍ଗାମା ହୋଇନାହିଁ, ଧନଜୀବନ ଓ ସମ୍ପତ୍ତିର କ୍ଷୟକ୍ଷତି ଘଟିନାହିଁ । ୧୯୮୦ରେ ମୋରଦାବାଦ ଘଟଣା ସବୁଠାରୁ ଦୁଃଖଦାୟକ । କାଶ୍ମୀରଭଳି

ପ୍ରଶ୍ନକୁ ଏଡ଼ାଇ ଦିଆଯାଇ ନପାରେ । ଅତଏବ ଏପରି ପରିସ୍ଥିତିରେ ଦେଶର ଅଗ୍ରଗତି ଯେ ପ୍ରତିହତ ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।

ଆଉ ଗୋଟିଏ ସମସ୍ୟା ହେଉଛି ଦେଶରେ ଜନବିସ୍ଫୋରଣ । ୧୯୫୦ରୁ ୮୦ ମଧ୍ୟରେ ଯେଉଁ ଗତିରେ ଆମେ ଆଗେଇ ଚାଲିଛୁ ଭାରତର ଜନ ସଂଖ୍ୟା ଯାହାଥିଲା ୧୯୫୦ରେ, ୧୯୮୦ରେ ତାର ପ୍ରାୟ ୬୫%ରୁ ଅଧିକା ଯୋଗ ହୋଇଛି । ଅର୍ଥନୀତି ବିଶାରଦମାନେ କହନ୍ତି ୨୦୦୦ ମସିହା ବେଳକୁ ଏପ୍ରକାର ଗତିରେ ଆଗେଇଲେ ଅର୍ଥନୀତି ପୁରାପୁରି ଭାଙ୍ଗି ପଡ଼ିଥିବ । ବର୍ତ୍ତମାନ ସରକାର କେତେଗୁଡ଼ିଏ ପଦକ୍ଷେପ ନେଇଛନ୍ତି ସତ; କିନ୍ତୁ ଆଇନ-ଦ୍ୱାରା ଏହା ବନ୍ଦ କରାଯାଇପାରିବ ନାହିଁ । ଲୋକେ ସ୍ୱତଃପ୍ରବୃତ୍ତ ହୋଇ ସରକାରଙ୍କ ସଙ୍ଗେ ହାତ ନ ମିଳାଇଲେ ପରିବାର ନିୟନ୍ତ୍ରଣ ଯୋଜନା ଯୋଜନାରେ ହିଁ ରହିଯିବ । ଆମେ ଜନସଂଖ୍ୟାରେ କେବଳ ଦ୍ୱିତୀୟ ବୃହତ୍ତମ ରାଜ୍ୟ ବୋଲି ଗର୍ବ କରୁଥିବା !

ଭୋଟ ଦେବା ଅଧିକାର ଆମର ଏଠାରେ ୨୧ ବର୍ଷ ଅଛି । ଅନ୍ୟାନ୍ୟ ଦେଶରେ ଏହା ୧୮ ବର୍ଷକୁ ଖସାଇ ଦେଲେଣି । ଏହା ଖୁବ୍ ଆନନ୍ଦର କଥା କିନ୍ତୁ ଆମକୁ ଏ ବୟସ ସୀମାକୁ ଆହୁରି ଖସାଇଦେବା ଉଚିତ କି ନାହିଁ ତାହା ତର୍କର ବିଷୟ । ଏ ଦେଶରେ ଦାରିଦ୍ର୍ୟ ସୀମା ଏତେ ତଳେ ଯେ ତାହାପ୍ରତି ଦୃଷ୍ଟି ନ ଦେଇ ଖାଲି ବୟସ ସୀମା ଖସେଇ ଦେବାଟା କେତେଦୂର ଯୁକ୍ତିଯୁକ୍ତ ତାହା ଚିନ୍ତାର ବିଷୟ । ଗଣତନ୍ତ୍ରରେ ବିରୋଧୀଦଳର ଭୂମିକା ରହିଛି । ସେମାନେହିଁ ସରକାରଙ୍କୁ ଠିକ୍ ବାଟକୁ ଆଣିଥାନ୍ତି; କିନ୍ତୁ ଏଠି ତାର ଓଲଟା । ଆସାମ ସମସ୍ୟା ସମାଧାନପାଇଁ ବିରୋଧୀ ଦଳର ଆନ୍ତରିକତା ଥିଲା ଭଳି ମନେ ହେଉ ନାହିଁ । ଯେତେବେଳେ ବା ସର୍ବଦଳୀୟ ସମ୍ମେଳନ ହେଉଛି ସେଠି କେତେକ ଦଳ ମଧ୍ୟ ଅନୁପସ୍ଥିତ ରହୁଛନ୍ତି । ନିଜର ବା ନିଜ ଦଳର ମନ୍ତବ୍ୟ ପ୍ରକାଶ ନକରି ଏମିତି ପଛରେ କହିବାର କିଛି ମାନେ ହୁଏନା । ଅପର ପକ୍ଷରେ ସରକାରଙ୍କ ସବୁବେଳେ ବିରୋଧୀ ଦଳକୁ ଦୋଷାରୋପ କରିବା ମଧ୍ୟ ବୁଦ୍ଧିମତାର ପରିଚୟ ଦିଏନା । (A good Government is one who carries opposition with him) ଗୋଟାଏ ଭଲ ସରକାର ବିରୋଧୀଦଳକୁ ସଙ୍ଗରେ ନେଇଥାଏ । ଅତଏବ ବ୍ରିଟିଶ ସରକାରର ସବୁ ନୀତିକୁ ଆମେ ଗ୍ରହଣ କରିପାରିନାହୁଁ ।

ଆମ ସମ୍ବିଧାନ ନିଶ୍ଚୟ ଭାବେ ଭଲ କିନ୍ତୁ ସମ୍ବିଧାନକୁ ଠିକ୍ ଭାବେ ଚଳାଇପାରିବାର ଶକ୍ତି ଅଭାବ (A bad workman quarrels with his tools) ନାଚି ନ ଜାଣି ଭୂଇଁର ଦୋଷଭଳି ସମ୍ବିଧାନକୁ ବା ସରକାରଙ୍କୁ ଦୋଷ ଦେଇ କିଛି ଲାଭନାହିଁ । ଆମର ପ୍ରଶାସନ ବ୍ୟବସ୍ଥା ଏପରି ସ୍ତରରେ ପହଞ୍ଚିଛି ଯେ ଜାତିଆଣ ଭାବଠାରୁ ଆରମ୍ଭ କରି ଦୁର୍ନୀତି ପର୍ଯ୍ୟନ୍ତ ସବୁ ସ୍ତରରେ ସେ କିଛି ନା କିଛି ରହିଛି । ଭାରତୀୟ ସମ୍ବିଧାନ ସ୍ଥାଣୁ ନୁହେଁ । ଏହା ଗତିଶୀଳ । ପ୍ରାୟ ୪୫ ଥର ଆମେ ସଂଶୋଧନ କଲୁଣି ଏବଂ ସମୟ ଦେଖି ଆହୁରି

ନିଶ୍ଚୟ ସଂଶୋଧନ ହେବ । ସେ ଯାହାହେଲେ ମଧ୍ୟ ଏହା ଏକ ଶିଶୁ ସମ୍ବିଧାନ । ଏକ ଜାତି ପକ୍ଷରେ ୩୦ ବର୍ଷ ବେଶୀ କିଛି ବର୍ଷ ନୁହେଁ । ଦୀର୍ଘ ୩୦୦ ବର୍ଷର ଦାସତ୍ୱର ମନୋଭାବ ଏତେ ଶୀଘ୍ର କିପରି ଛାଡ଼ିଯିବ ? ପରିଶେଷରେ ଏତିକି କୁହାଯାଇପାରେ ଯେ ଭାରତର ଐତିହ୍ୟ, ଗୌରବମୟ ପରମ୍ପରା ରହିଛି । ଏହାକୁ ଆମକୁ ହିଁ ପୁନରୁଦ୍ଧାର କରିବାକୁ ପଡ଼ିବ । ଅତଏବ ଲୋକଙ୍କ ଦ୍ୱାରା ହିଁ ଏ ସବୁର ସମାଧାନ ହୋଇପାରିବ । ଦେଶକୁ ଉନ୍ନତି ପଥରେ ଆଗେଇ ନେବାକୁ ହେଲେ ରାଜନୈତିକ ଦଳ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନକଲେ ଆମଦେଶ ଅଚିରେ ତାର ପୂର୍ବ ଗୌରବ ଫେରାଇ ଆଣିପାରିବ ।

# ସଂସ୍ଥା ଦ୍ୱାରା ପ୍ରକାଶିତ ରାଜନୀତି ବିଜ୍ଞାନ ବିଷୟକ ଅନ୍ୟାନ୍ୟ ପୁସ୍ତକ

ଇଣ୍ଟର ମିଡ଼ିଏଟ୍

| | | |
|---|---|---|
| ୧. ରାଜନୀତି ବିଜ୍ଞାନ | ଶ୍ରୀ· ବି. ସି. ରାଉତ୍ | ୭=୦୦. |
| ୨. ଭାରତ ଶାସନ | ଡ଼. ବି. ସି. ଦାଶ | ୯=୦୦. |
| ବି· ଏ | | |
| ୩. ସୋଭିଏଟ୍ ୟୁନିୟନ ଓ ସୁଇଜରଲଣ୍ଡର ସଂବିଧାନ. | ଶ୍ରୀ. ପି. ବେହେରା | ୩=୦୦ |
| ୪. ଆନ୍ତର୍ଜାତିକ ଆଇନ୍ | ଶ୍ରୀ. ବି. ଏମ୍. ମିଶ୍ର | ୧୧=୦୦ |
| ୫. ଯୁକ୍ତରାଷ୍ଟ୍ର ଆମେରିକାର ସଂବିଧାନ. | ଡ. ଶ୍ରୀମତୀ ଏଚ୍. ରଥ | ୬=୦୦ |
| ୬. ରାଣୀଙ୍କ ଶାସନ | ଅନୁବାଦ— ଶ୍ରୀ· ବି. ସି. ରାଉତ୍ | ୧୧=୫୦ |
| ୭. ନରପତି | ଡ଼. ଏସ୍. ସି· ଦାଶ | ୪=୫୦ |
| ୮. ଆନ୍ତର୍ଜାତିକ ସଂଗଠନ | ଶ୍ରୀ ବି. ମିଶ୍ର<br>ଶ୍ରୀମତୀ ଏଚ୍. ପି. ଆଚାର୍ଯ୍ୟ | ୧୫=୭୫ |
| ୯. ଇଂଲଣ୍ଡ ସଂବିଧାନ | ଡ଼. ବି. ସି. ଦାଶ | ୮=୦୦ |